ବସନ୍ତ ଶତପଥୀଙ୍କ

# ଗଳ୍ପ ସମଗ୍ର

## (ପ୍ରଥମ ଭାଗ)

ଅଗ୍ରଦୂତ

କଟକ

Digitized by srujanika@gmail.com

ବସନ୍ତ ଶତପଥୀଙ୍କ

# ଗଳ୍ପ ସମଗ୍ର

(ପ୍ରଥମ ଭାଗ)

ଅଗ୍ରଦୂତ
କଟକ-୨

Digitized by srujanika@gmail.com

ଗଳ୍ପ ସମଗ୍ର (ପ୍ରଥମ ଭାଗ)

ଲେଖକ: **ବସନ୍ତ କୁମାର ଶତପଥୀ** ।। ପ୍ରକାଶକ: **ଅଗ୍ରଦୂତ,**
ବାଙ୍କାବଜାର, କଟକ-୭୫୩୦୦୨ ।। ପ୍ରଥମ ପ୍ରକାଶ: ୨୦୧୩ ।।
ମୁଦ୍ରଣ: ଆନ୍‌ଭି ପ୍ରିଣ୍ଟର୍ସ, ନୂଆଦିଲ୍ଲୀ ।

ମୂଲ୍ୟ: ଟ.୩୫୦/-

© ସୁମନ୍ୟୁ ଶତପଥୀ

---

**Galpa Samagra** (Part - I)

Author: **Basanta Kumar Satpathy** || Publisher: **AGRADUTA,**
Banka Bazar, Cuttack-753002 || 1st Edition: 2013 ||
Printed at: **Anvi Printers**, New Delhi.

**Rs. 350/-**

**© Sumanyu Satpathy**

*Digitized by srujanika@gmail.com*

# କୃତଜ୍ଞତା

ବସନ୍ତ କୁମାର ଶତପଥୀଙ୍କ ଗଳ୍ପଗୁଡ଼ିକ ସହଜରେ ଉପଲବ୍ଧ ହେଉ ନ ଥିବାରୁ ସେଗୁଡ଼ିକୁ ପୁନଃମୁଦ୍ରିତ କରି ଓଡ଼ିଆ ପାଠକଙ୍କ ନିକଟରେ ପୁନଃଉପସ୍ଥାପନା ଉଦ୍ଦେଶ୍ୟରେ ସଂକଳନଟି ପ୍ରସ୍ତୁତ । ଗଳ୍ପଗୁଡ଼ିକର ସଂଖ୍ୟା ବହୁଳତା ଦୃଷ୍ଟିରୁ ସଂକଳନଟିକୁ ଦୁଇଟି ଭାଗରେ ପ୍ରକାଶ କରିବାକୁ ବାଧ ହେଲୁଁ ।

ଜ୍ଞାନପୀଠ ପୁରସ୍କାର ବିଜୟିନୀ ଡ. ପ୍ରତିଭା ରାୟ ଏହାର ପୂର୍ବାଭାଷ ଲେଖିବାକୁ ରାଜି ହୋଇଥିବାରୁ ମୁଁ ତାଙ୍କୁ ବିଶେଷ କୃତଜ୍ଞତା ଜ୍ଞାପନ କରୁଛି ।

ଏହି କାର୍ଯ୍ୟରେ ଅନେକ ବନ୍ଧୁ ସାହାଯ୍ୟ କରିଥିବାରୁ ମୁଁ ତାଙ୍କ ନିକଟରେ ଋଣୀ । ବିଶେଷ ଭାବରେ କୃତଜ୍ଞତା ଜଣାଉଛି ଦିଲ୍ଲୀସ୍ଥିତ ସଚିନ ରସ୍ତୋଗୀଙ୍କୁ ଯାହାଙ୍କର ତତ୍ତ୍ୱାବଧାନରେ ଏହା ମୁଦ୍ରିତ ହୋଇପାରିଛି ।

ମୋର ବନ୍ଧୁ ଅନିମେଷ, ଯାସିର ଏବଂ ବିଜ୍ଞାନଙ୍କ ନିରବଚ୍ଛିନ୍ନ ନିଷ୍ଠାପର ଉଦ୍ୟମ ହେତୁ ସଂକଳନଟି ସୂଚାରୁ ରୂପେ ପ୍ରସ୍ତୁତ ହୋଇପାରିଛି । ଶ୍ରୀ ଶତପଥୀଙ୍କ ଗଳ୍ପଗୁଡ଼ିକର ପ୍ରକାଶନ ଦିନାଙ୍କ କିଛିମାତ୍ରାରେ ରାଜ୍ୟ ଅଭିଲେଖାଗାର, କେଦାରନାଥ ପାଠାଗାର, ବ୍ରଜନାଥ ରଥଙ୍କ ପାଠାଗାର ଆଦିରୁ ସଂଗ୍ରହ କରି ବିଜ୍ଞାନ ସଂକଳନଟିରେ ସ୍ଥାପନ କରିଥିବାରୁ ମୁଁ ତାଙ୍କ ନିକଟରେ ବିଶେଷ କୃତଜ୍ଞ । ଏ ଦିଗରେ ତାଙ୍କୁ ସାହାଯ୍ୟ କରିଥିବାରୁ ରାଜ୍ୟ ଅଭିଲେଖାଗାର, କେଦାରନାଥ ପାଠାଗାର ଏବଂ ଅନ୍ୟାନ୍ୟ ପାଠାଗାରମାନଙ୍କର କର୍ମଚାରୀବୃନ୍ଦଙ୍କୁ ମୋର ଆନ୍ତରିକ ଧନ୍ୟବାଦ । ଏମାନଙ୍କ ସାହଯ୍ୟ ବିନା ସଂକଳନଟି ହୁଏତ ଅସମ୍ପୂର୍ଣ୍ଣ ରହିଯାଇଥାନ୍ତା । ସୁନନ୍ଦା ପ୍ରଧାନ ଓ ତାଙ୍କର ସାଥୀ ନିବେଦିତା ଶ୍ରୀ ଶତପଥୀ ଗଳ୍ପଗୁଡ଼ିକୁ ନିର୍ଭୁଲ ଡିଟିପି କରାଇବାରେ ସାହାଯ୍ୟ କରିବାରେ ସାହାଯ୍ୟ କରିଥିବାରୁ ତାଙ୍କୁ ମୁଁ କୃତଜ୍ଞତା ନ ଜଣାଇ ରହିପାରୁନାହିଁ ।

ସଂକଳନଟିକୁ ପ୍ରକାଶ କରିବା ଦିଗରେ ଅସୀମ ଉତ୍ସାହ ଏବଂ ପ୍ରେରଣା ଯୋଗାଇଥିବାରୁ ସର୍ବଶ୍ରୀ ଅନନ୍ତ ମହାପାତ୍ର, ବିଭୂତି ପଟ୍ଟନାୟକ, ବ୍ରଜନାଥ ରଥ, ଯତୀନ୍ଦ୍ର କୁମାର ନାୟକ, ଜଗନ୍ନାଥ ପ୍ରସାଦ ଦାସ, ପ୍ରଦୋଷ ମହାନ୍ତି ଏବଂ ମୋର ଅନ୍ୟ ଶୁଭେଚ୍ଛୁ ବନ୍ଧୁମାନଙ୍କୁ ମୋର ଆନ୍ତରିକ ଧନ୍ୟବାଦ । ଏଥିସହିତ, ବସନ୍ତ ଶତପଥୀଙ୍କ ପରିବାରର ସମସ୍ତ ସଦସ୍ୟଙ୍କୁ ମୋର କୃତଜ୍ଞତା, ଯାହାଙ୍କ ପ୍ରେରଣା ଏବଂ ସହଯୋଗ ବିନା ସଂକଳନଟି ପ୍ରସ୍ତୁତ ହୋଇପାରି ନ ଥାନ୍ତା । ପରିଶେଷରେ, ଶତପଥୀଙ୍କ ଅଗଣିତ ପାଠକ, ପ୍ରଶଂସକ ଏବଂ ପ୍ରିୟ ବନ୍ଧୁଗଣଙ୍କୁ ମୋର ବିନମ୍ର କୃତଜ୍ଞତା ।

ଆଶା କରେ, ସଂକଳନଟି ସମସ୍ତଙ୍କ ଦ୍ୱାରା ଆଦୃତ ହେବ ।

**ପ୍ରକାଶକ**

Digitized by srujanika@gmail.com

# ବସନ୍ତ ଚେତନା

**ପ୍ରତିଭା ରାୟ**

ନିଜକୁ ଅଭିବ୍ୟକ୍ତ କରିବାର ଅଦମ୍ୟ ପ୍ରବୃତ୍ତିରୁ 'ଅଭିବ୍ୟକ୍ତି'ର ଜନ୍ମ । ଅଭିବ୍ୟକ୍ତିର ଏହି ପ୍ରବୃତ୍ତି ପ୍ରାଚୀନ ଲୌହ, ତାମ୍ର, ପ୍ରସ୍ତର ଯୁଗରେ ବଣଜଙ୍ଗଲରେ ବାସ କରୁଥିବା ଆଦିମ ମଣିଷର ମଧ ଥିଲା । ଲିପି ସୃଷ୍ଟି ହେବା ପୂର୍ବରୁ ଭାଷା ସୃଷ୍ଟି ହେବା ପୂର୍ବରୁ ଆଦିମ ମଣିଷର ଏହି ଅଦମ୍ୟ କାମନା ଇଙ୍ଗିତ, ଅଙ୍ଗ ଭଙ୍ଗୀ ଓ ପ୍ରସ୍ତର ଗାତ୍ରରେ ରେଖାଚିତ୍ରକୁ ମାଧମ କରି ବ୍ୟକ୍ତ ହୋଇଥିଲା । ସାହିତ୍ୟରେ ଏହି ପ୍ରାଥମିକ ସ୍ତର ଏକାନ୍ତ ବାସ୍ତବଧର୍ମୀ ଏବଂ ସାର୍ବଜନୀନ ଥିଲା । କାରଣ ସେତେବେଳେ ଭାଷାଗତ ଲିପିଗତ ସମସ୍ୟା ନ ଥିଲା । ରେଖାଚିତ୍ର ଦ୍ୱାରା ଭାବ ବ୍ୟକ୍ତି କରିବାର ବହୁବର୍ଷ ପରେ ଲିପି ସୃଷ୍ଟି ହୁଏ ଏବଂ ଆରମ୍ଭ ହୁଏ ଗଳ୍ପର ଅନନ୍ତ ଯାତ୍ରା । ଆଜି ସମାଜୀବନ ଜଟିଳ ଓ କର୍ମମୟ ହୋଇଉଠିଛି । ତେଣୁ ମଧ୍ୟଯୁଗୀୟ ସ୍ୱପ୍ନବିଳାସୀ ଭାବନା ସାହିତ୍ୟରେ ଯଥାର୍ଥ ଜୀବନଚିତ୍ର ପ୍ରଦାନ କରିପାରିବ ନାହିଁ । ବାସ୍ତବତାର ଦର୍ପଣରେ କ୍ଷୁଦ୍ରଗଳ୍ପ ପାଠକକୁ ତା'ର ନିଜ ଜୀବନର ପ୍ରତିବିମ୍ବ ନ ଦେଖାଇଲେ କ୍ଷୁଦ୍ରଗଳ୍ପ ହୃଦ୍ୟ ହେବନାହିଁ ଓ ସମାଜ ଉପରେ କୌଣସି ପ୍ରଭାବ ପକାଇବ ନାହିଁ । ମଣିଷ ଜୀବନକୁ ନେଇ ଗାଳ୍ପିକ ଜୀବନବ୍ୟାପୀ ସାରସ୍ୱତ ସାଧନା କରେ । ସାହିତ୍ୟ ପ୍ରତି ଓ ଜୀବନ ପ୍ରତି ବିଶ୍ୱସ୍ତପଣିଆ ନ ଥିଲେ ସାହିତ୍ୟର କୌଣସି ବିଭାବରେ ଜଣେ ଲେଖକ ସାର୍ଥକତା ପ୍ରତିପାଦନ କରିପାରେ ନାହିଁ ।

ସେମିତି ଜଣେ ବିଶ୍ୱସ୍ତ ସ୍ରଷ୍ଟା ଥିଲେ ବସନ୍ତ କୁମାର ଶତପଥୀ । ମୟୁରଭଞ୍ଜର ପାଣ୍ଡବା ଗ୍ରାମରେ ସେ ଜନ୍ମଗ୍ରହଣ କରିଥିଲେ । ଇଂରାଜୀ ସାହିତ୍ୟରେ ଅଧାପନା ଥିଲା ତାଙ୍କର ବୃତ୍ତି । ମାତ୍ର ଓଡ଼ିଆ ଭାଷାରେ ସାହିତ୍ୟ ସୃଷ୍ଟି କରିବା ଥିଲା ତାଙ୍କର ପ୍ରବୃତ୍ତି । ବସନ୍ତ ଶତପଥୀଙ୍କର ଇଂରାଜୀ ଅଧୟନ ଓ ଅଧାପନାର ଦକ୍ଷତା ତାଙ୍କର ଓଡ଼ିଆ ସାହିତ୍ୟ ସୃଷ୍ଟି ପଥରେ ଆଦୌ ଅନ୍ତରାୟ ସୃଷ୍ଟି କରୁନଥିଲା । ସେ କିଛିକାଳ 'ଭଞ୍ଜପ୍ରଦୀପ' ପତ୍ରିକାର ସମ୍ପାଦନା କାର୍ଯ୍ୟ ମଧ କରିଥିଲେ ଓ ସେଥିରେ ତାଙ୍କର ଦକ୍ଷତା ପ୍ରଦର୍ଶନ କରିଥିଲେ । ବସନ୍ତ ଶତପଥୀ ଥିଲେ ଏକ ଅନନ୍ୟ ସାରସ୍ୱତ ସାଧକ ଯିଏ ନାଟକ, ଅନୁବାଦକର୍ମ, ସୃଷ୍ଟିଶୀଳ ଗଠନମୂଳକ ସାହିତ୍ୟ ସମାଲୋଚନା ଓ ଚିନ୍ତା ଚେତନା ଉଦ୍ରେକକାରୀ ମୌଳିକ ନିବନ୍ଧ ଆଦି ସାହିତ୍ୟର ସବୁ ବିଭାଗରେ ତାଙ୍କର ଉଜ୍ଜ୍ୱଳ ସ୍ୱାକ୍ଷର ରଖିଥିଲେ । କିନ୍ତୁ ତାଙ୍କ ଲେଖନୀର ଅମୃତ ସ୍ପର୍ଶରେ ସେ କ୍ଷୁଦ୍ରଗଳ୍ପ ଓ ରମ୍ୟରଚନାଗୁଡ଼ିକୁ ଉତ୍କଳ ଭାରତୀଙ୍କ ଗନ୍ତାଘରକୁ ଉପହାର ଦେଇ ସମୃଦ୍ଧ କରିଥିଲେ । ପ୍ରତ୍ୟେକ ବିଭାଗର ରଚନା ତାଙ୍କର ଶକ୍ତିଶାଳୀ ଲେଖନୀରେ ରୂପାୟିତ ହୋଇ ପାଠକକୁ ପ୍ରଭାବିତ କରିଥିଲେ ବି ତାଙ୍କର ବାସ୍ତବଧର୍ମୀ, ଜୀବନଧର୍ମୀ ଅମୃତମୟ ରମ୍ୟରଚନାଗୁଡ଼ିକ ତାଙ୍କୁ ପ୍ରଥମେ ରମ୍ୟରଚନା ଲେଖକ ଭାବରେ ଓଡ଼ିଆ ପାଠକମାନଙ୍କର ନିକଟତମ କରିଥିଲା ଏବଂ ପରବର୍ତ୍ତୀ କାଳରେ କ୍ଷୁଦ୍ରଗଳ୍ପର ସଫଳ ସ୍ରଷ୍ଟା ଭାବେ ତାଙ୍କୁ ବିପୁଳ

Digitized by srujanika@gmail.com

ଶ୍ରଦ୍ଧା ଓ ସମ୍ମାନର ଅଧିକାରୀ କରିଥିଲା । ରମ୍ୟରଚନା ପାଇଁ ସେ ପ୍ରଥମେ ପ୍ରଜାତନ୍ତ୍ର ପ୍ରଚାର ସମିତି ଦ୍ୱାରା ପୁରସ୍କୃତ ହୋଇଥିଲେ । ତାଙ୍କର ରମ୍ୟରଚନା *ବୁଢ଼ାବାବୁ, ପାନ, ଗାନ୍ଧୀ ଦର୍ଶନ* ଆଦି ବିଶେଷ ପାଠକୀୟ ଶ୍ରଦ୍ଧା ଓ ସ୍ୱୀକୃତି ଆଣି ଦେଇଥିଲା ।

ତାଙ୍କର କ୍ଷୁଦ୍ରଗଳ୍ପଗୁଡ଼ିକ ପରବର୍ତ୍ତୀ କାଳରେ ତାଙ୍କୁ ଜଣେ ଉଚ୍ଚମାନର ଗାଳ୍ପିକ ଭାବରେ ପ୍ରତିଷ୍ଠା ଦେଇଥିଲା । ତାଙ୍କ କ୍ଷୁଦ୍ରଗଳ୍ପଗୁଡ଼ିକ ଥିଲା ରମ୍ୟରଚନା ଓ ଗଳ୍ପର ଏକ ରମଣୀୟ ଯୁଗଳବନ୍ଦୀ । ତାଙ୍କ ସମୟରେ କେତେକ ଗାଳ୍ପିକ ଗଳ୍ପରେ ରହସ୍ୟମୟତା ଭାବପ୍ରବଣତା ବା ଚମତ୍କାରିତା ପ୍ରଦର୍ଶନ କରି ପାଠକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ ବସନ୍ତ କୁମାର ଶତପଥୀଙ୍କ ଗଳ୍ପରେ ଚମତ୍କାରିତା ଅପେକ୍ଷା ମନନଶୀଳତା ଅଧିକ ପରିଲକ୍ଷିତ ହୁଏ । ପାଠକକୁ ଚମକାଇ ଦେବା ଅପେକ୍ଷା ଚିନ୍ତନଶୀଳ କରିବା ତାଙ୍କ ଗଳ୍ପ ରଚନାର ସ୍ୱାତନ୍ତ୍ର୍ୟ । ତାଙ୍କ କାହାଣୀରେ ସାମାଜିକ ବିଡ଼ମ୍ବନା ପ୍ରତି ରହିଛି ତୀର୍ଯ୍ୟକ୍ କଟାକ୍ଷ । ସମାଜର ମୁହଁରୁ ଛଳନା, କପଟତା ଓ ମିଛ ଈଶ୍ୱରର ମୁଖା ହଟାଇଦେବା ପାଇଁ ତାଙ୍କ କାହାଣୀଗୁଡ଼ିକ ବଳିଷ୍ଠ 'ସାଟାୟର'ରେ ରସାଣିତ । ସେ ନିଜକୁ ମଧ କାହାଣୀ ଛଳରେ ସମାଲୋଚନାରୁ ବାଦ୍ ଦେଇନାହାନ୍ତି । କରୁଣତା ଭିତରେ ବି ଆମୋଦ ସୃଷ୍ଟି କରିବା ଥିଲା ବସନ୍ତ ଶତପଥୀଙ୍କର ଫକୀର ମୋହନୀୟ ଉତ୍ତରାଧିକାର ସୂତ୍ରେ ବର୍ଣ୍ଣନାର ଶୈଳୀ । ମଣିଷ ମନର ଗଭୀରତାକୁ ଯାଇ ଅଲୋଡ଼ିତ କରି, ସାତତାଳ ପଙ୍କକୁ ବ୍ୟବଚ୍ଛେଦ କରି ସେ ମଣିଷର ସ୍ୱରୂପକୁ ସକାରାତ୍ମକ ଢଙ୍ଗରେ ପାଠକ ସମ୍ମୁଖରେ ଉନ୍ମୁକ୍ତ କରିଦେଇଛନ୍ତି । ତାଙ୍କ ଶୈଳୀ ଓ ଭାବରେ ଥାଏ ବିନମ୍ର ଆନ୍ତରିକତାର ସ୍ପର୍ଶ ଯାହା ପାଠକ ମନରେ ଅଲିଭା ଚିତ୍ରଟିଏ ଆଙ୍କିଦିଏ । ଅବଶ୍ୟ ସେ ସ୍ପଷ୍ଟ ଭାବେ କହିଛନ୍ତି ଯେ ନୀତିଶିକ୍ଷା ବା ସାମାଜିକ ସଂସ୍କାରର ବାଣୀ ସେ ଗଳ୍ପ ମାଧ୍ୟମରେ ଦେବାକୁ ଚାହିଁ ନାହାନ୍ତି ।

ତାଙ୍କର ପ୍ରତିନିଧି ସ୍ଥାନୀୟ ଗଳ୍ପଗୁଡ଼ିକ ହେଲା "ଏଣ୍ଟି ରୋମାଣ୍ଟିକ, ଗୋଟାଏ ଆଳୁ, ଗଙ୍ଗା ଓ ଗାଙ୍ଗୀ, ହାଇଦ୍ରାବାଦ ଅଙ୍ଗୁର, ମାଂସାଶୀମାନଙ୍କ ଉଦ୍ଦେଶ୍ୟରେ, ନୀଡ଼ାଶ୍ରୟୀ ଏବଂ କାଠ ଇତ୍ୟାଦି । 'ନୀଡ଼ାଶ୍ରୟୀ' ଗଳ୍ପଟି ଗୋଟିଏ ମା' ଏବଂ ଗୋଟିଏ ମା' ଘରଚଟିଆ ଭିତରେ ସଖ୍ୟର ମାର୍ମିକ ଚିତ୍ର । ଏକ ଦମ୍ପତିଙ୍କର ଘର ଭିତରେ ଦୁଇଟି ଶାବକକୁ ନେଇ ମା' ଘରଚଟିଆଟିଏ ବସା ବାନ୍ଧିଥାଏ । ମଣିଷର ନିର୍ଭୟ ଛାତତଳେ ଘରଚଟିଆର ଶାବକ ଦୁଇଟି ସୁରକ୍ଷିତ ବୋଲି ମା' ଘରଚଟିଆଟି ଭାବିଥିବାବେଳେ ନିଜ ରୋଗୀଣା ଛୁଆକୁ ନେଇ ମଣିଷ ମା'ଟିର ଅନ୍ତରରେ ଥିବା ଉଦ୍‌ବେଗ ଓ ଆଶଙ୍କାର ଏକ ମାର୍ମିକ ଚିତ୍ର ଅନ୍ତର୍ସଂଳାପ ମାଧ୍ୟମରେ ଗଳ୍ପଟିରେ ଉପସ୍ଥାପନା କରାଯାଇଛି । ଗୋଟିଏ ମା' ହେଉଛି ସନ୍ତାନ ପାଇଁ ଦେବକୀ ନହେଲେ ଯଶୋଦା । ମମତାର ଗୋଟାଏ ଅସରା ପୃଥିବୀ ହେଉଛି ମା' । ସେ କୋଠାଘରେ ରହୁଥିବା ମାନବୀ ମା'ଟିଏ ହେଉ ବା ଗଛଡାଳରେ ନୀଡ଼ ବାନ୍ଧିଥିବା ପକ୍ଷୀ ମାଆଟିଏ ହେଉ । ଦୁହିଁଙ୍କର ମାତୃରୂପ ଏକ । ଦୁହେଁ ଅନ୍ତରଙ୍ଗ ବାନ୍ଧବୀ କିମ୍ବା ଅନ୍ତରଙ୍ଗ ଭଉଣୀ ହୋଇପାରନ୍ତି । ନିଜ ପିଲାମାନଙ୍କୁ ନେଇ ସ୍ୱପ୍ନ ଦେଖୁଥିବାବେଳେ ବା ଦୁଃସ୍ୱପ୍ନରେ ଘାରି ହେଉଥିବା ବେଳେ ଦୁହେଁ

Digitized by srujanika@gmail.com

ସହାନୁଭବୀ । ଏଭଳି ଏକ ବିଶ୍ୱସ୍ତରୀୟ ସାର୍ବଜନୀନ ଚେତନାର ଗଳ୍ପ ଓଡ଼ିଆ ସାହିତ୍ୟରେ ବିରଳ କହିଲେ ଅତ୍ୟୁକ୍ତି ହେବନାହିଁ ।

ବସନ୍ତ ଶତପଥୀଙ୍କର ଦଶଗୋଟି ଗଳ୍ପ ସଂକଳନ ପ୍ରକାଶିତ ହୋଇଅଛି । ଏହା କିଛି କମ୍ କଥା ନୁହେଁ । ସେ ଗଳ୍ପ ପାଇଁ ଓଡ଼ିଶା ସାହିତ୍ୟ ଏକାଡେମୀ ଦ୍ୱାରା ସମ୍ମାନିତ ହୋଇଥିଲେ (୧୯୭୦) । ବସନ୍ତ ଶତପଥୀଙ୍କ ଭଳି ଏକ ନିରଳସ ସାଧକଙ୍କ ପାଇଁ ପୁରସ୍କାର, ମାନପତ୍ର, ଉପଢୌକନର ବିଶେଷ ଅର୍ଥ ବା ଭୂମିକା ନ ଥିଲା । ଲେଖି ଚାଲିବା ହିଁ ଥିଲା ତାଙ୍କର ସର୍ବଶ୍ରେଷ୍ଠ ପୁରସ୍କାର ଓ ଅବିସ୍ମରଣୀୟ ଗଳ୍ପଗୁଡ଼ିକ ପାଇଁ ପାଠକୀୟ ସ୍ୱୀକୃତି ହିଁ ଥିଲା ତାଙ୍କର ଶ୍ରେଷ୍ଠ ମାନପତ୍ର । ଜୀବନକାଳ ଭିତରେ ତାଙ୍କ ରଚନାର ପ୍ରକୃତ ମୂଲ୍ୟାୟନ ହୋଇନାହିଁ । ଓଡ଼ିଆ ସାହିତ୍ୟରେ ସମାଲୋଚନନା ଦିଗଟି ଏତେ ପ୍ରାଞ୍ଜଳ ବା ଶକ୍ତିଶାଳୀ ନୁହେଁ । ତେଣୁ କେବଳ ବସନ୍ତ ଶତପଥୀ ନୁହଁନ୍ତି ପ୍ରାୟ ସବୁ ଲେଖକ ସମାଲୋଚକଙ୍କ ପାଖରେ ଅଳ୍ପବହୁତ ଅଲୋଡ଼ା ହୋଇ ରହିଥା'ନ୍ତି । ଏହି ଲେଖିକା ଯେତେବେଳେ କେନ୍ଦ୍ର ସାହିତ୍ୟ ଏକାଡେମୀର ଓଡ଼ିଆ ଭାଷା ପାଇଁ ଆବାହିକା ଥିଲା (୨୦୦୩-୨୦୦୭) ସେତେବେଳେ 'ଓଡ଼ିଆ କଥାଧାରା' ନାମକ ଏକ ଗଳ୍ପ ସଂକଳନରେ ତାଙ୍କର ଗଳ୍ପ 'କାଠ'କୁ ଅନ୍ତର୍ଭୁକ୍ତ କରିବାର ସୁଯୋଗ ପାଇଥିଲା । ଏହି ଗଳ୍ପଟିର ଆବେଦନ ଲେଖିକାକୁ ଆକର୍ଷିତ କରିଥିଲା । ଏଥିରେ ଲେଖକ ନିଜକୁ ସନାକ୍ତ କରିବାକୁ ପଛାଇ ନାହାନ୍ତି । ଆମେ ସାନ ବୋଲି ଭାବୁଥିବା ମଣିଷଟି ଭିତରେ ଯେ ଗୋଟାଏ ବଡ଼ ସ୍ୱାଭିମାନ ଅଛି ତାହା ଦେଖାଇ ଦେଇଛନ୍ତି ଲେଖକ । ଲେଖକ ତା'ର ଜୀବନକାଳ ଭିତରେ ସମ୍ମାନ ପାଉ ବା ନ ପାଉ ତା' ଅନ୍ତେ ତା' ରଚନାଗୁଡ଼ିକ ବଞ୍ଚିରହୁ, ଚର୍ଚ୍ଚିତ ହେଉ ଏବଂ ସମାଜର କଲ୍ୟାଣ କରୁ ଏହାହିଁ କାମନା କରେ । ବସନ୍ତ ଶତପଥୀ ତାହାହିଁ କାମନା କରିଥିବେ ।

ଆଜି ସେହି ମହାନ ଲେଖକ ବସନ୍ତ ଶତପଥୀଙ୍କର ଶତବାର୍ଷିକୀ ଅବସରରେ ତାଙ୍କର ସୁପୁତ୍ର ପ୍ରଫେସର ସୁମନ୍ୟୁ ଶତପଥୀଙ୍କର ପିତାଙ୍କ ସୃଷ୍ଟି ଓ ସର୍ଜନା ପ୍ରତି ଶ୍ରଦ୍ଧା, ଆବେଗ ଓ ସମ୍ମାନ ଦେଖି ଏହି ଲେଖିକା ମୁଗ୍ଧ ହୋଇଛି । ଆମ ପିଲାମାନେ ଅଛନ୍ତି, ଆମର ପାଠକ ଅଛନ୍ତି, ଆମର ଲେଖା ବଞ୍ଚିରହିବ । ଆମେ ଦେଖୁ ବା ନ ଦେଖୁ, ସମୟ ତା'ର ସାକ୍ଷୀ । ସୁମନ୍ୟୁଙ୍କ ମାଧମରେ ପାଠକେ ପୁନଃ ପୁନଃ ବସନ୍ତ ଚେତନାରେ ଉଦ୍‌ବୁଦ୍ଧ ହୁଅନ୍ତୁ, ବିଦଗ୍ଧ ହୁଅନ୍ତୁ, ଏତିକି କାମନା ।

ମହାନ ସ୍ରଷ୍ଟାଙ୍କୁ ପ୍ରଣାମ ଜଣାଉଛି । ସୁମନ୍ୟୁଙ୍କୁ ଅଶେଷ ଶୁଭେଚ୍ଛା ।

---

"ଆଖ୍ୟାୟିକା"
୨୭, ଗଜପତି ନଗର
ଭୁବନେଶ୍ୱର - ୭୫୧୦୦୫
ଓଡ଼ିଶା ।

Digitized by srujanika@gmail.com

# ସୂଚୀପତ୍ର


| | |
|---|---|
| କାଣୀଚିଆଁ | ୯ |
| ଗୋଟାଏ ଆଳୁ | ୧୮ |
| ଶିଲଡ୍ ଫାଇନାଲ | ୨୪ |
| ହୀରାକୁଦ କରେଣ୍ଟ୍ | ୩୩ |
| ଅଶ୍ୱତ୍‌ଥାମା ହତ ? | ୪୩ |
| ଏଣ୍ଟି ରୋମାଣ୍ଟିକ୍ | ୫୨ |
| ଭଡ଼ାଟିଆ | ୬୩ |
| ବାଲିଡ଼ିହା ବାଘ | ୭୪ |
| ପାତାଳ ପ୍ରବେଶ | ୮୨ |
| ସ୍ପ୍ରେ ପେଇଟିଂ | ୮୮ |
| ନିଦ୍ରାଶ୍ରୟୀ | ୯୬ |
| ନଙ୍ଗୁଳି | ୧୦୫ |
| ରୋମାଣ୍ଟିକ୍ ବା ଅବଗୁଣ୍ଠନବତୀ | ୧୧୫ |
| ବାଉଁଶ ଗଳି | ୧୩୨ |
| ସଲାମ୍ ବାବୁ ! | ୧୪୪ |
| ଡାନ୍‌ଲପ୍ ଏଜେଣ୍ଟ | ୧୫୨ |
| ସେଇ ଝିଅଟି | ୧୭୪ |
| ରୋଲ୍ ନମ୍ବର | ୧୮୩ |
| ରିଡ଼ର | ୧୯୫ |
| ଅଲୌକିକ | ୨୦୬ |
| ଛେଳି | ୨୧୧ |
| ସାନ୍ଧ୍ୟ ଭାଷା | ୨୧୬ |
| ଅପୂଜିତା | ୨୨୩ |
| କବିତା କର୍ମଶାଳା | ୨୩୧ |
| ଉତ୍ତର ଚରିତ - ସରସ୍ୱତୀ କୁଣ୍ଡୁର | ୨୪୧ |
| ବହି, ବୋତଲ ଆଉ ତୁମେ | ୨୪୮ |
| ପାନିଆ | ୨୫୮ |
| କଟାମୁଣ୍ଡ | ୨୬୬ |
| ଅଜାଗା ଘାଆ | ୨୭୬ |
| ରୋମାଣ୍ଟିକ୍ କମେଡ଼ି | ୨୮୩ |
| ଗୁଟିବାଲୀ | ୨୯୪ |
| କ୍ଲାସିକାଲ କମେଡ଼ି | ୩୦୪ |
| ମୁରୁଜି ହସ | ୩୧୨ |
| ଅବାଞ୍ଛିତ | ୩୧୯ |
| ହାଇଦ୍ରାବାଦ ଅଙ୍ଗୁର | ୩୨୭ |
| ସାମାନ୍ୟ ଅଶ୍ଳୀଳ | ୩୩୨ |
| ଧର୍ମରେ ସତ କହିବି | ୩୪୨ |
| ଅଭିନୟ | ୩୫୧ |
| ଚାରିଚକ୍ଷୁ | ୩୬୦ |
| ବାପା | ୩୭୦ |
| ପ୍ରଥମ ବାର୍ଷିକ କଳା | ୩୭୬ |
| ଅସମ୍ପୂର୍ଣ୍ଣ କାବ୍ୟ | ୩୮୩ |
| କାଠ | ୩୯୧ |
| ଗରିବୀ ହଟାଅ | ୩୯୭ |
| ଓଇ ଛେଲେଟା | ୪୦୯ |
| ଗଙ୍ଗା ଓ ଗାଙ୍ଗୀ | ୪୨୦ |
| ଅନପଢ଼୍ | ୪୩୦ |
| ଚା | ୪୩୯ |
| ଭଡ଼ା | ୪୪୭ |
| ବେଲା | ୪୫୪ |
| କୁଳି ଗାଁର ଶ୍ରୀମତୀ ସରୋଜିନୀ ମାହାନ୍ତି | ୪୬୨ |
| ଅବଶୋଷ | ୪୭୨ |
| ପୁଅ ହେଉ ବା ଝିଅ ହେଉ | ୪୮୨ |
| ସେବା ଓ ସାଥୀ | ୪୯୧ |
| ସୋଽହମ୍ | ୪୯୮ |


Digitized by srujanika@gmail.com

# କାଣୀଚିଆଁ

କବାଟରେ ଜଞ୍ଜିରର ଖଡ଼ଖଡ଼ ଶବ୍ଦ ଶୁଣିଛି କି ନାହିଁ, ଟୁନୁ ଘର ଭିତରୁ ଧଇଁସଇଁ ହୋଇ ଦଉଡ଼ିଆସି ଛିଟିକିଣିଟା ଫିଟାଉ ଫିଟାଉ କାନ୍ଦ କାନ୍ଦ ହୋଇ କହିଲା, "ଶୀଘ୍ର ଆସ ବାପା, କାଣୀ ଆଉ ନାହିଁ ।"

"ମରିଗଲା ?" ଆମର ଖବରକାଗଜଗୁଡ଼ିକର ଭାଷା ଅନୁସାରେ 'ଆଉନାହିଁ, 'ଆଉ ନାହାନ୍ତି' ର ଅର୍ଥ ଏହା ହିଁ ।

"ନା, ନା, ବାପା, ଚିଲ ନେଇଗଲା ।" ଆଖିରୁ ଲୁହଧାର ଝରାଇ ପୁଣି କହିଲା, "ଚାଉଳ ଦି'ଟା ବୁଣି ଦେଇଥିଲି ଅଗଣାରେ, ତାକୁ ଖାଉଥିଲା ।"

ବହିପତ୍ରଗୁଡ଼ାକ ଫୋପାଡ଼ିଦେଇ ଦଉଡ଼ିଗଲି ଅଗଣାକୁ, ଉପରକୁ ଅନାଇ ଦେଖିଲି - ପ୍ରାୟ ତାଳେ ଉଚ୍ଚରେ ଚିଲଟା ପୂର୍ବମୁହାଁ ହୋଇ ଉଡ଼ିଯାଉଛି । ପେଟ ତଳେ କଳା କଳା ଗୋଡ଼ି ଭିତରେ ଛୋଟ ଟେନିସ୍ ବଲ୍ ପରି ଧଳା ଚିଜଟିଏ ଦିଶୁଛି । ଜେଟ୍ ପ୍ଲେନ୍‌ରେ ବହୁତ ପଛରୁ ଯେମିତି ଶବ୍ଦ ଆସେ ଚିଁ ଚିଁ ଶବ୍ଦଟା ଚିଲର ଅନେକ ପଛରୁ ଆସୁଛି । ବିକଳ ହୋଇ ଚିଆଁଟା ଯେମିତି ଡ଼ାକୁଛି, "ମା, ବାପା, ରଖ," "ହରି, ପ୍ରଭୁ, ରଖ," "କୁନୁ, ଟୁନୁ ରଖ ।" ଦୂରରୁ ଏତିକିବେଳେ ଆଉ ଗୋଟାଏ ଚିଲର ଲମ୍ବା ଚିତ୍କାର ଶୁଭିଲା, ଯେମିତି ସିଏ କହୁଛି, ନା, ନା, ଛାଡ଼ିବୁ ନାହିଁ, ଲୋକକ୍ଷୟକୃତ୍ ପ୍ରବୃଦ୍ଧଃ ।" ଚିଆଁର କରୁଣ ଆର୍ତ୍ତନାଦ ଚିଲଟାର ବି ଛାତି ତରଳାଇ ଦେବାକୁ ଯାଉଥିଲା । ବୋଧହୁଏ ସେଥିପାଇଁ ସେଇ କରୁଣ ଡ଼ାକ ବନ୍ଦ କରିଦେବା ଉଦ୍ଦେଶ୍ୟରେ ଚିଲଟା ତା ମୁହଁକୁ ତଳ ଆଡ଼କୁ ବଙ୍କାଇ ଆଣି ଧଳା ଜୀବଟା ଆଡ଼କୁ ବଢ଼ାଇଦେଲା । କ୍ଷୀଣରୁ କ୍ଷୀଣତର ହୋଇ ଶବ୍ଦ କ୍ରମେ ବନ୍ଦ ହୋଇଗଲା ।

ମହାକାଶ ଶୂନ୍‌ଶାନ୍ ହୋଇଗଲା । ଖୁବ୍ ଉଚ୍ଚ ଶିମୁଳି ଗଛର ଅଗରେ ଥିବା ଫଟା ଶିମୁଳି ଫଳରୁ ଦମକା ପବନରେ ଯେମିତି ଗୋଛାଏ ତୁଳା ଉଡ଼ିଯାଏ ସେମିତି ଛୋଟ ଛୋଟ ପରର ରୋଷଣି ଆକାଶରେ ଖେଳିଗଲା । ଚିଲର ପିଠି ଉପରେ ବସିବାର ଚେଷ୍ଟାକରି କୁଆଟିଏ ଚିଲକୁ ହଇରାଣ ହରକତ କଲା ସିନା, ଫଳ କିଛି ପାଇଲାନାହିଁ । ଦେଖୁ ଦେଖୁ ଚିଲ ଅଦୂରର ବିଶାଳ ଶାଳ୍ମଳୀ ତରୁ ନିକଟରେ ପହଞ୍ଚିଗଲା । ବୀରାଙ୍ଗନା ଓ ବୀର ସନ୍ତାନଗଣ କୋଳାହଳ କରି ଜଣାଇଲେ ବିଜୟୀ ବୀରକୁ ସମ୍ବର୍ଦ୍ଧନା । କୁଆଟି ନିରାଶ ହୋଇ ଫେରିଆସିଲା । କେବଳ ଧଳାପରଟିଏ ଧୀରେ ଧୀରେ ପବନରେ ଭାସିଆସି ଲାଗିଲା ଅଗଣାରେ ସପେଟା ଗଛର ଅଗ ଡ଼ାଳରେ ।

ଆଲେକ୍‌ଜାଣ୍ଡାର ମରିଯିବା ପରେ କୁକୁଡ଼ା ରଖିବା ସଉକ ମୋର ଚାଲିଯାଇଥିଲା । ଏକ ପାଖରେ ରତ୍ନାଭ ହେଲେନ୍ ଅନ୍ୟ ପାଖରେ ପଦ୍ମିନୀ ମନ୍ଦୋଦରୀକୁ ଧରି ଗର୍ବରେ

---

ଝଙ୍କାର, ୧୫ଶ ବର୍ଷ, ୨ୟ ସଂଖ୍ୟା, ବୃଷ ୧୩୭୦, ମେ ୧୯୬୩

Digitized by srujanika@gmail.com

ସ୍ଫୀତ ହୋଇ ବେକକୁ ଲମ୍ବାଇ ଆଲେକ୍‌ଜାଣ୍ଡାର ଯେତେବେଳେ କେକେରେକେ ଡ଼ାକ ଛାଡୁଥିଲା ସେତେବେଳେ ପୁରୀର ହେରାଗୋହିରୀ ସାହିର ଶିବମନ୍ଦିର ହର ଗୌରୀଙ୍କୁ କହୁଥିଲେ, "ଗୌରି, ମନ୍ଦିରଟା ଫାଟିଗଲା ନା କ'ଣ ? ଏଠି ଆଉ ରହିହବ ନାହିଁ ।" ମହାଦେବ କ୍ରୋଧରେ ତ୍ରିଶୂଳ ଫିଙ୍ଗି ଛାତିରେ ତା'ର ବିଦ୍ଧ କରିଦେଲେ ବୋଧହୁଏ । ଡ଼େଣା ତଳର ଘାଆ କ୍ରମେ ମାରାତ୍ମକ ହେଲା ଓ ମାସକ ଭିତରେ ଆଲେକ୍‌ଜାଣ୍ଡାର ସ୍ୱର୍ଗଦ୍ୱାରରେ ବିଶ୍ରାମ ନେଲା । ସଦ୍ୟବିଧବା ହେଲେନ୍ ଓ ମନ୍ଦୋଦରୀ ଉଭୟଙ୍କୁ ନୋଳିଆ ସାହିର ଜନୈକ ଦେଶୀ ସାହେବ ସହିତ ବିନା ଯୌତୁକରେ ବିଭା କରିଦେଲି ।

ତା'ପରେ ଆସିଲା ବଦଳି ହୁକୁମ । ଜ୍ଞାତି, କୁଟୁମ୍ବ ତଥା ଜନ୍ମସ୍ଥାନରୁ ଦୂରେଇ ଆସି ପାରଳାର ନୂଆ ପରିସ୍ଥିତି ଓ ପରିବେଶ ସହିତ ମେଳ ରଖି ଚଳିବାର ଚେଷ୍ଟା କରୁଥାଏ ।

ଦିନେ ଏକ ଶନିବାର ସନ୍ଧ୍ୟାରେ ବନ୍ଧୁ କୁଳମଣି ଆସି ପହଞ୍ଚିଲେ ଆମ ବସାରେ । ବେତଝୁଡ଼ି ଭିତରୁ ପାଞ୍ଚଟି ଲେଗ୍‌ହର୍ଣ୍ଣ ଚିଆଁ ବାହାର କରଲେ, "ଏଇ ନିଅନ୍ତୁ, ଆପଣଙ୍କ ପାଞ୍ଚ ମୋର ପାଞ୍ଚ, ପଶୁଡ଼ାକ୍ତରଖାନାରୁ ଆଣିଛି । ଏଠି କାଳ କାଟିବାକୁ ଚାହିଁଲେ ବଗିଚା କରନ୍ତୁ, କୁକୁଡ଼ା, ପାଳନ୍ତୁ, ନହେଲେ ସମୟର ବୋଝ ସମ୍ଭାଳି ପାରିବେନାହିଁ ।" କୁନୁ, ଟୁନୁ, ମୁନୁ ସମସ୍ତେ ଡ଼େଇଁ ଉଠିଲେ । କହିଲେ, ହଁ, ହଁ ବାପା, କୁକୁଡ଼ା ପାଳିବା । ଜୀଅନ୍ତା ଖେଳନା ହିସାବରେ କୁକୁଡ଼ା ଚିଆଁଗୁଡ଼ାକ ଦାମିକା ଖେଳନା ମଟର, ରେଲ ଜାହାଜ ଠାରୁ ଭଲ ଭାବି ହଁ ଭରିଲି । ସେଦିନ ରାତି ବହୁତ ଡ଼େରିରେ ପିଲାମାନେ ଶୋଇଲେ ।

ତହିଁ ଆରଦିନ ଆସିଲା ବାଉଁଶ ଝୁଡ଼ି, ମାଣିଆ, ବାଜରା, ଗହମ, ଶୁଖୁଆ ଆହୁରି କେତେ କ'ଣ । ଅଗଣାର ଗୋଟିଏ କଣରେ ଲଗାହେଲା ଦୁବଘାସ । ବଡ଼ ହେଲେ କୁକୁଡ଼ାଗୁଡ଼ାକ ସବୁଜ କିଛି ଖାଇବାକୁ ପାଇବେ । ପିଲାମାନଙ୍କର ଭୋକଶୋଷ ନାହିଁ । ସବୁବେଳେ ଚିଆଁଗୁଡ଼ାକୁ ଘେରି ରହିଛନ୍ତି, କିଏ ଚାଉଳଗୁଣ୍ଡ ବୁଣୁଚି, ଆଉ କିଏ ପାଣି ଆଣି ମାଟିସରାରେ ପୁରାଉଛି । ପାଞ୍ଚ ଛଅ ଦିନର ଚିଆଁଗୁଡ଼ାକ ତଥାପି କେଡ଼େ ସାଧୀନ, ଖେଳୁଆଡ଼ ଓ ଜୀବନ୍ତ । ଚିଆଁଟାଏ ବା ବାଛୁରୀଟିଏ ପାଞ୍ଚ ଦିନରେ ଯେଉଁ ଅବସ୍ଥାକୁ ଆସନ୍ତି ମଣିଷ ଛୁଆ ପାଞ୍ଚ ବର୍ଷରେ ସେ ଅବସ୍ଥାକୁ ଆସନ୍ତି ନାହିଁ । କେଡ଼େ ଅସହାୟ ଦୁର୍ବଳ ମଣିଷଛୁଆଗୁଡ଼ାକ ! ସେଥିପାଇଁ ଏତେ ବାରବ୍ରତ, ପୂଜା, ଉପାସନା ।

ଦିନେ ଦି'ଦିନ ଗଲା । ସ୍କୁଲ ଫିଟିଲା । ପିଲାଙ୍କ ଆଗ୍ରହ ଉତ୍ସାହ କ୍ରମେ ମଉଳିଗଲା । ଟୁନୁ ସ୍କୁଲ ଯାଏନାହିଁ, ତେଣୁ ସେ ଜୀବଗୁଡ଼ିକ କଥା ବୁଝେ । କେତେବେଳେ କିମିତି ଢ଼ାଙ୍କୁଣି ଖୋଲିଦିଏ ଓ ବାଡ଼ିଟିଏ ଧରି ଜଗିବସେ । ଦିନେ ଖୋଲୁ ଖୋଲୁ ଢ଼ାଙ୍କୁଣିଟା ଗୋଟିକ ଉପରେ ମାଡ଼ି ହୋଇଗଲା । ତହିଁ ଆରଦିନ ଗୋଟାକୁ ଚିଲ ନେଇଗଲା । ପରଦିନ ଆଉ ଗୋଟାଏ । ମୁଁ ଫେରିଲେ ଆଖି ଛଳଛଳ କରି ଟୁନୁ ତା ଦୁନିଆର ଶୋକସମ୍ବାଦ ଦିଏ । କ୍ରମେ ସଂଖ୍ୟା କମି କମି ରହିଲା ଏକରେ, ସେ ସେଇ ଏକ

Digitized by srujanika@gmail.com

ହେଲା ଛୋଟା । ହୀନକର୍ମାଟାକୁ ଦିନେ କୁଆ ଆକ୍ରମଣ କଲା । ନେଇପାରିଲାନି ଟୁନୁ ପାଖରୁ, କିନ୍ତୁ ଆଖି ଗୋଟିଏ ଖୁମ୍ପି ଫୁଟାଇଦେଲା । ଛୋଟାର ନା ହେଲା କାଣୀ । କାଣୀକୁ ଟୁନୁ ଝୁଡ଼ି ଭିତରୁ ପଦାକୁ ଆସିବାକୁ ଦିଏନି, କିନ୍ତୁ ଆଜି ପୁଣି ଭୁଲ୍ କରି ବସିଲା ଓ ଭାଇଭଉଣୀଙ୍କ ପଥ ଅନୁସରଣ କରି ସ୍ୱର୍ଗମାର୍ଗରେ ଏକମାତ୍ର କାଣୀ ମହାପ୍ରୟାଣ କଲା । ଛୋଟା ଓ କଣା ହେଲେ ବି ସମସ୍ତଙ୍କ ବିଶେଷତଃ ଟୁନୁର ଆଦରଯତ୍ନ ପାଇ ଭାରି ସୁନ୍ଦର ଦିଶୁଥିଲା ।

ଅଗଣାର ଗୋଟିଏ କଣକୁ ଯାଇ ଟୁନୁ କହିଲା, "ବାପା, ଏଇଠି ଆଗ ଝାମ୍ପ ମାରିଲା ଚିଲଟା, କାଣୀ କାନ୍ଥ ଧାରରେ ରହିଗଲା, ନେଇପାରିଲା ନାହିଁ," ପିଣ୍ଡାର ଠିକ୍ ତଳକୁ ଝୁଡ଼ି ପାଖ ସ୍ଥାନଠାରୁ ଦେଖାଇ କହିଲା, "ଏଇଠୁ ନେଇଗଲା । ମୁଁ ହାତ୍ ହାତ୍ କଲି, ଶୁଣିଲା ନାହିଁ।" ଏତକ କହି ଭୋ କରି କାନ୍ଦି ଉଠିଲା । କେମିତି ବୋଧଦେବ ଭାବି ନପାରି ଖାଲି ଏତିକି କହିଲି, "ଆଉ ଆଣିବା, କାନ୍ଦନା" ତା'ପରେ ଚାଲିଗଲି ଛାତ ଉପରକୁ ।

ଚେୟାରଟାଏ ଟାଣିଆଣି ବସିଲି ବାରଣ୍ଡାରେ ଗୋଟିଏ କଣକୁ । ଆଖି ଦି'ଟା ଓଦାଳିଆ ଲାଗୁଥାଏ । ତଳେ ମଶିଣାରେ ବସିଥାଏ ଟୁନୁ ଚୁପ୍‌ଚାପ୍ ହୋଇ । ମୁଁ ଭାବୁଥାଏ, ମୋ ପିଲାପିଲି ଯେଉଁ କାଣୀକୁ ଘେନି ଖେଳୁଥିଲେ ସେଇ କାଣୀ ଇଲାଗେ ଆହାର, ଜୀବନ ଦେଉଥିବ ଚିଲ ଛୁଆଙ୍କୁ । ହଠାତ୍ ଟୁନୁ ଆଙ୍ଗୁଳି ବଢ଼ାଇ ଚିତ୍କାର କଲା, "ବାପା, ସେଇ ଗଛର ଅଗରେ ଯେଉଁ ବସା ସେଇଠି ଚିଲମାନେ ଆମ କାଣୀକୁ ରଖିଛନ୍ତି । ଯାଅ, ଚିଲକୁ ମାରି କାଣୀକୁ ନେଇ ଆସ ।"

ଚାହିଁଲି ଦୁଇଶ' ଗଜ ଦୂରର ଶିମୁଳି ଗଛଟାକୁ । ମାତ୍ର କେତେଦିନ ଆଗରୁ ଏଇଠି ବସି ଦେଖୁଥିଲି ଚିଲ ଦି'ଟା ଖଣ୍ଡି ଖଣ୍ଡି କାଠି ଆଣି କିମିତି ବିଚିତ୍ର ନିର୍ମାଣ-କୌଶଳ ଦେଖାଉଥିଲେ । ମହାରାଜଙ୍କ ପ୍ରାସାଦରୁ ଦଶବାର ଫୁଟ ବେଶୀ ଉଚ୍ଚରେ ସେମାନଙ୍କର ଆକାଶୀ ପ୍ରାସାଦ । କେତେ ନିରାପଦ ଭାବିଛନ୍ତି ସେ ସ୍ଥାନଟିକୁ ସେମାନେ । ବନ୍ଧୁକଟାଏ ମିଳନ୍ତା କି ଦେଖାଇ ଦିଅନ୍ତି । କେତେ ଅହେତୁକୀ ସେମାନଙ୍କ ଆତ୍ମତୁଷ୍ଟି ଓ ନିରାପତ୍ତା । ଗୁଳି ମାରି ଗୋଟା ଗୋଟା ଖସାଇ ଦିଅନ୍ତି ଚିଲବଂଶଯାକ । ନ ହେଲେ ବାଜୀକର ଗୁଣକୁ ଲଗେଇ ବାଦୁଡ଼ିଧରା ଲମ୍ବା ଲମ୍ବା ବାଉଁଶନଳ ଯୋଡ଼ି ଖୁଞ୍ଚାଖୁଞ୍ଚି କରି ତାଙ୍କ ବସା ଭାଙ୍ଗିଦିଅନ୍ତି, କିନ୍ତୁ ବନ୍ଧୁକ ବା କାହିଁ! ବାଜୀକର ବଂଶ ବା କାହାନ୍ତି ? ବନ୍ଧୁକ ଥିଲେ ବି ଲାଭ କ'ଣ? କାଳୀ ପୂଜାରେ ତ ବାଣଟାଏ ବି ଫୁଟାଇ ନାହିଁ କେବେ ଭୟରେ । ଯେତିକି ଭାବୁଛି ମୋର ନପୁଂସକ କ୍ରୋଧ ସେତିକି ବଢ଼ି ଚାଲିଛି । ଟୁନୁର ଅସ୍ୱାଭାବିକ ଗାମ୍ଭୀର୍ଯ୍ୟ ସେତିକି ଇନ୍ଧନ ଯୋଗାଉଛି ସେ ବହ୍ନିକୁ । ଛାତି କ୍ରମେ ବେଶୀ ବେଶୀ ଧଡ଼ଧଡ଼ ହେଲାଣି । କ'ଣ କରିବି, କ'ଣ କରନ୍ତି- କ'ଣ କଲେ ମନଟା ଟିକିଏ ଶାନ୍ତ ହୁଅନ୍ତା ଏଇ କଥା ଭାବୁଛି, ହଠାତ୍ ମନେପଡ଼ିଲା ଗାଁର ଶିନି ମଣ୍ଡଳ କଥା ।

Digitized by srujanika@gmail.com

ଶିନି ମଣ୍ଡଳ ? ହଁ, ହଁ, ଶ୍ରୀନିବାସ ମଣ୍ଡଳ । କେଡ଼େ ବୀର, କେଡ଼େ ସାହସୀ, କେଡ଼େ କୌଶଳୀ ସେ ଟୋକାଟା, କେଡ଼େ ସୁନ୍ଦର ତାର ପ୍ରତିଶୋଧ, କେଡ଼େ ଚମତ୍କାର ତା'ର ପ୍ରତିହିଂସା ।

ଚଉଦ ପନ୍ଦର ବର୍ଷର ତାଗଡ଼ା ଟୋକାଖଣ୍ଡକ । ବାପ ତାକୁ ଘରୁ ବାହାର କରିଦେଇଛି । କେତେ ଦିନ ଆଗରୁ ଲଙ୍କା, ଲୁଣ, ଧୂଆଁପତ୍ର, ଜୀରା ପିଆଜର ଭାଣ୍ଡୋଇ ଦୋକାନଟାଏ କାନ୍ଧରେ ବୋହି ଗାଁ ଗାଁ ବୁଲି ବିକି ଶିନି କେତେ ପଇସା ରୋଜଗାର କରିଥିଲା । ସେଇ ପଇସାରେ ଗୁରୁବାରକୁ ଗୁରୁବାର ବାରିପଦାକୁ ପାନ ବୋଝଟିଏ ଆଣି ଗାଁ ଗାଁ ପାନ ଯୋଗାଉଥିଲା । ଲାଭକ ଦେଖାଇ ପାରିଲାନାହିଁ ବୋଲି ତା' ବାପ କୁଆଡ଼େ ତାକୁ ଘରୁ ବାହାର କରିଦେଇଛି । ବାପ ପୁଅର ମୋଟେ ପଟେ ନାହିଁ, ମୁହଁ ଚାହାଁଚାହିଁ ବି ନାହିଁ ।

ଏମିତି ସେଦିନଟା, ନୁହେଁ ଶୀତ ନୁହେଁ, ଖରା । ଶିମୁଳୀ ଗଛରେ କଢ଼ ଆସିନଥାଏ । ପୋଖରୀହୁଡ଼ାର ଲଙ୍ଗଳା ଗଛଗୁଡ଼ାକ ଲମ୍ବା ଲମ୍ବା ଅସୁର ପରି ହାତ ଗୋଡ଼ ମେଲାଇ ଛିଡ଼ା ହୋଇଥାନ୍ତି । ଉଦୁଉଦିଆ ଦି'ପହର, ପୁରୁଣା ପୋଖରୀରେ ଜାଲ ପଡ଼ିଛି । ଯଦୁ ମିଶ୍ର, ହରି ନନ୍ଦ, କୈଳାସ ଷଡ଼ଙ୍ଗୀ, ପୃଥି ଶତପଥୀ ଆଦି ଲାଖରାଜଦାରମାନେ ଆଉ ଗାଁର ଅନ୍ୟାନ୍ୟ ଲୋକ ପୋଖରୀହୁଡ଼ାରେ ଗୁଣ୍ଡ ହୋଇଛନ୍ତି । ପୋଖରୀ ଭିତରେ ମାଛ ଯେତେ ଲୋକ ତ'ଠାରୁ ବେଶୀ, କାଦୁଅ ପାଣି ଏକାକାର । ଛୋଟଛୋଟ ମାଛଗୁଡ଼ାକ ଭାସି ଉଠିଲେଣି । ଚିଲ କୁଆ କେତେବେଳେ କିମିତି ଗୋଟାଏ ଅଧେ ଉଠାଇବାକୁ ଆରମ୍ଭ କଲେ ।

"ଦେଖ, ଦେଖ, ଶିନିର କାରସାଦି"- ପୁରିଆ ବଗାଳ ଚିତ୍କାର କରି ଉଠିଲା ।

ସମସ୍ତେ ଚାହିଁଲେ ହୁଡ଼ାର ବଡ଼ ଶିମୁଳି ଗଛ ଆଡକୁ । ଶିନି ଆଉ ତା' ସାନଭାଇ କୀର୍ତ୍ତି (କୃତ୍ତିବାସ) ପଶ୍ଚିମକୁ ଗଛର ଯେଉଁ ବଡ଼ ଡ଼ାଳଟା ପ୍ରାୟ ଦଶ ହାତ ଉଚ୍ଚରେ ପ୍ରଥମ ହୋଇ ଗଣ୍ଡିରୁ ବାହାରିଛି ସେଥିରେ ଯୋଡ଼ାଏ ବଡ଼ ବାଉଁଶ ଲଗାଇଛନ୍ତି ଓ ଉପରକୁ ଚଢ଼ିବା ଚେଷ୍ଟାରେ ଅଛନ୍ତି । ଗଛର ଗଣ୍ଡିଟା ଏତେ ମୋଟ ଯେ, କୁଣ୍ଢେଇ ଉଠିବା ମୋଟେ ସମ୍ଭବ ନୁହେଁ ।

ରାମ ଗଉଡ଼ କହିଲା, "ଆଜି ଚିଲ ବଂଶର ଆଉ ରକ୍ଷା ନାହିଁ । ଗୋଟାଏ ଅଧେ ହୋଇଛି ? ଦଶ ଏଗାରଟା ଚିଆଁ - ଫେର ବିଲାତୀ ।"

"କାଲି ଏଗାରଟା ହୋଇଥିଲା, ଆଜି ଡ଼ଜନ ପୂରିଥିବ" କ୍ଷେତ୍ରା ତୁମ କହିଲା ।

"ଗୋଟାକ ଆଠଣା ଦାମ୍ । ଜେଲଖାନାରୁ ଆଣିଥିଲା ।"

"ନା, ନା, ବ୍ଲକ୍‌ରୁ । ବାରଟାରୁ ଛୁଆ ଫୁଟିଲେ । ଦୁଇଟା ଅକାମି ହୋଇଗଲା ।"

ଛୋଟା ଧୋବା ଥାଇ କହିଲା, "ମୁଁ ସବୁଦିନ ଲୁଗା କାଚିଲାବେଳେ ଦେଖେଁ, ଚିଲ ଦୁଇଟା ସେଇ ଶିନି ଘରଆଡ଼ ଭୂମିଜ ସାହିରୁ ଗୋଟାକୁ ଗୋଟା ଚିଆଁ ଆଣୁଛନ୍ତି ।"

Digitized by srujanika@gmail.com

"ବସାରେ ଚିଲ ଛୁଆ ହୋଇଥିବେ ।" ପୂରିଆ କହିଲା ।

ଖଣ୍ଡେଦୂରରୁ ଶିନି ମଣ୍ଡଳର ଚେହେରାଟା ଖୁବ୍ ସ୍ପଷ୍ଟ ହେଲାନି, ତେବେ ଏତିକି ଦେଖିଲି ଯେ, ଯେଉଁ କେତେ କେରା ଚୂଳ କପାଳକୁ ଝୁଲି ଆସି ସିନେମା ଅଭିନେତ୍ରୀଙ୍କୁ ପରୀ କରିଦିଏ ସେମିତି କେତେ କେରା ନୁଖୁରା ଟାଆଁଶିଆ ବାଳ କପାଳରେ ପଡ଼ି ଶିନିକୁ ଗୋଟାଏ ଆତତାୟୀର ରୂପ ଦେଇଛି ।

"ଟୋକାଟା ବାୟା ହେଲା ନା କ'ଣ ? ଏଡ଼େ ଦୁରନ୍ତ ଶିମୁଳି ଗଛ, ଉଦୁଉଦିଆ ଦି'ପହର ବେଳରେ ..." ମୁଁ କହିଲି ।

"ତୁମେ ତାଠୁଁ ବେଶୀ ବାୟା ହୁଅନ୍ତ । ବିଚାରା ପାନ ବେପାର ଛାଡ଼ି ମୂଳପଇସାରେ କୁକୁଡ଼ାଚାଷ କରିବ ଭାବିଥିଲା ପରା" ରାମ ଗଉଡ଼ ସହାନୁଭୂତି ସହିତ କହିଲା ।

ଶିନି କଛାଟା ଭିଡ଼ିଦେଇ ଜଙ୍ଘ ଉପରକୁ ଲୁଗାଟା ଟାଣିଆଣିଲା । ପୂର୍ବ ପଶ୍ଚିମର ଠାକୁର ଠାକୁରାଣୀଙ୍କୁ ଜୁହାର କରି ଆରମ୍ଭ କଲା ସ୍ୱର୍ଗାରୋହଣ ପର୍ବ । ଦେଖୁଁ ଦେଖୁଁ ଗଛର ଦଶ ବାର ହାତ ଉଚ୍ଚରୁ ଯେଉଁ ପ୍ରଥମ ଡ଼ାଳଟା ପଶ୍ଚିମକୁ ଲମ୍ବି ଆମ୍ବଗଛ ଗୋଟାକର ଅଗ ଡ଼ାଳକୁ ଛୁଇଁଥିଲା ସେଇଠି ପହୁଞ୍ଚିଗଲା । ଯାପରେ ପୁଣି ସିଧାସିଧି ଲମ୍ବ ରାସ୍ତା ।

ପାନବଟୁଆର ସୂତାଟା ଟାଣି ମୁହଁଟା ବନ୍ଦ କରୁ କରୁ ଗଦାଧର ଷଡ଼ଙ୍ଗୀ ଗପମୁଣି ଖୋଲିଲେ । ଶିନିକୁ ପଚାରିଲେ "ସେଦିନ ଶିନିକୁ ପାନ ଦୋକାନ ଛାଡ଼ିଲୁ କାହିଁକି ?" ସେ କହିଲା, "ନନା, ମୋତେ ଏ ସରକାରୀ ବସ୍‌ଟା ମାରିଦେଲା । ଦାସ କମ୍ପାନୀ ବିନା ପଇସାରେ ପାନ ବୋଝଟା ଆଣୁଥିଲା । ନୂଆ ସରକାରୀ ବସ୍‌ର କଣ୍ଡକ୍ଟରଟା ଚାଖଣ୍ଡେ ଲମ୍ବ ଗୋଟାଏ କଳ ଆଣିଛି, ଝୁଡ଼ିରେ କଳର ଅଗଟାକୁ ଗଳାଇଦେଇ ଟେକି ଓଜନ କରିଦିଏ । ପାଞ୍ଚ ମହଣ କି ପାଞ୍ଚ ସେର ଜାଣିବ କେମିତି ? ପଥର ଫଥର କିଛି ନାହିଁ, ପଚାରିଲେ କହେ, ଚାଳିଶ କିଲୋ । ଲାଭ-ଗୁଡ଼ ପିମ୍ପୁଡ଼ିରେ ଯିବ ଭାବି ଦୋକାନ ଛାଡ଼ିଦେଲି ।"

" ଚାଲ ଯିବା ତାକୁ ମନା କରିବା, ଓହ୍ଲାଇ ଆସୁ" ମୁଁ କହିଲି ।

ଦୁଇ ଚାରିଜଣ ଗାଁ ବାଲା ଏକାସ୍ୱରରେ କହିଲେ, "ମରୁ ସେଇଟା, ମଲେ ଗାଁରୁ ଚୋରି ବଟପାରି ବନ୍ଦ ହୋଇଯିବ ।"

ଦେଖିଲି ଶିନି ଉଠି ଚାଲିଛି । ଏକଲକ୍ଷ ଏକଧ୍ୟାନରେ । ଛୋଟ କୁରାଢ଼ି ଖଣ୍ଡିକରେ ଗଛର ଗଣ୍ଡିରେ ପାହାଚଟିଏ କାଟୁଛି - ସେଇଠି ଗୋଡ଼ର ବୁଢ଼ା ଆଙ୍ଗୁଳି ପୁରାଇ ଏଠିସେଠି ଗଣ୍ଡିର ଆବୁଗୁଡ଼ାକୁ ଧରି ଉଠିଚାଲିଛି କ୍ଷିପ୍ର ଗତିରେ । ଦେଖିଲି, ଗଛର ଅଧାଅଧି ଉଚ୍ଚତାର ଟିକିଏ ଉପରୁ ଦୁଇଟା ବଡ଼ବଡ଼ ଡ଼ାଳ ସିଧାସିଧି ହୋଇ ଯେଉଁଠି ଆକାଶ ଆଡ଼କୁ ଯାଇଛି ସେଇଠି ଶିନି ପହୁଞ୍ଚି ଗଲାଣି । ମୂଳରୁ ଶେଷ ପର୍ଯ୍ୟନ୍ତ ଗଛଟାକୁ ଥରେ ଚାହିଁଦେଲି ।

Digitized by srujanika@gmail.com

ଏଇ ଗଛଟା ଇମିତି ସିମିତି ଗଛ ନୁହେଁ । ଏହାର ମହିମା ଆଖପାଖ ଦଶ କୋଶର ଲୋକେ ଜାଣନ୍ତି ଓ ସଡ଼କରେ ଗଲାବେଳେ ଦିନବେଳେ ଗଛ ଆଡ଼କୁ ଚାହାନ୍ତି ସିନା ରାତିରେ କେହି ଚାହାନ୍ତିନାହିଁ । ଏ ଗଛର ମହିମା ବର୍ଣ୍ଣନା କରି "ଗୋଟିଏ ଶିମୁଳି ଗଛର କାହାଣୀ" ବୋଲି ଯେଉଁ ପ୍ରବନ୍ଧ "ଆସନ୍ତା କାଲି" ପତ୍ରିକାରେ ବାହାରିଥିଲା ତାକୁ ନ ପଢ଼ିଛି କିଏ ? ଓଲୁ ମହାକୁଢ଼ ବୈଶାଖ ମାସ ଦି'ପହରରେ ଗୋବର ଗୋଟେଇ ଏଇ ଗଛମୂଳକୁ ଆସିଥିଲା ବୋଲି ସେଇ ଦିନ ସଞ୍ଜରେ ରକ୍ତବାନ୍ତି କରି ପରା ମରିଗଲା । ଗହ୍ମାପୂର୍ଣ୍ଣିମା ରାତିରେ ଧଳା ଫରଫର ଲୁଗା ପିନ୍ଧି ବ୍ରହ୍ମରାକ୍ଷସଟା ଗୋଟାଏ ଗୋଡ଼ ମଶାଣିର ମହୁଲ ଗଛ ଓ ଆର ଗୋଡ଼ଟା ଏଇ ଶିମୁଳି ଗଛରେ ରଖି ଛିଡ଼ାହୋଇଥିବାର ଖୋଦ୍ କୃଷ୍ଣ ମିଶ୍ରେ ଦେଖିଛନ୍ତି । ଦିଆସିଲି କମ୍ପାନୀର ଲୋକଗୁଡ଼ାକ ଏ ଗଛକୁ କାଟିବାକୁ ସାହସ ନକରି ଛାଡ଼ି ଚାଲିଗଲେ ପରା ।

କିନ୍ତୁ ଶିନି ମଣ୍ଡଳର ମରଣକୁ ଭୟ ନାହିଁ । ଯାଆଁଳା ଡ଼ାଳରୁ ଗୋଟାକର ଶେଷଆଡ଼କୁ ଡ଼ାଳଟାଏ ଭୂଇଁ ସହିତ ସମାନ୍ତରାଳ ହୋଇ ଲମ୍ବିଯାଇଛି । ଡ଼ାଳଟାକୁ ଦୁଇ ହାତରେ କୁଣ୍ଢାଇ ଧରି ଝିଟିପିଟି କୁମ୍ଭୀର ପରି ପେଟେଇ ଶିନି ଗୁରୁଣ୍ଡି ଗୁରୁଣ୍ଡି ଚାଲିଛି । ଏଇ ଡ଼ାଳର ଶେଷକୁ ଉଠିଛି ଗଛଟାର ଶେଷ ଡ଼ାଳ, ଯାହାର ଗୋଟାଏ କ୍ରଶୁଳୀ ଅଗରେ ରହିଛି ଶ୍ୟେନ-ଦମ୍ପତିଙ୍କ ସ୍କାଇସ୍କ୍ରେପର ।

"ଦେଖ, ଦେଖ, ଏଥର ଶିନି ମଲା । ଆଉ ରକ୍ଷାନାହିଁ ।" କିଏ ଜଣେ କହିଲା ।

କେରାଣ୍ଡି ଗଡ଼ିଶାର ଯେଉଁ ବୟାଳିଶ ଭାଗ ସଜାସଜି ଚାଲିଥିଲା ତା' ଉପରୁ ଶ୍ୟେନଦୃଷ୍ଟି ଫେରାଇ ନେଇ ସମସ୍ତେ ଶ୍ୟେନ-ଶିନୀ ଯୁଦ୍ଧ ଦେଖିଲେ ।

"ଦେଖ ହୋ ଶାନ୍ତନୁ ବାବୁ!" ଗାଁର ପାଣିଗିରି ଆରମ୍ଭ କଲେ । "ଦେଖ, ଦେଖ, ତୁମେ ଇଂରାଜୀ ପାଠଶାଠ ପଢ଼ି ଆମର ରାମାୟଣ ମହାଭାରତକୁ ମିଛ ବୋଲି କହୁଥାଅ ପରା, ରାବଣଜଟାୟୁ ଯୁଦ୍ଧ ଦେଖ ଆଖି ଆଗରେ ।"

ଶିମୁଳି ଗଛକୁ ଚାହିଁଦେଇ ଯାହା ଦେଖିଲି ତାହା ପ୍ରକୃତରେ କେବେ କେହି ଦେଖିନଥିବ, କାରଣ ପୃଥିବୀର କେଉଁ ଲୋକ କେବେ ଚିଲଶାଗୁଣା ମାରିବା ପାଇଁ ଶହେ ହାତ ଉଚ୍ଚ ଶିମୁଳି ଗଛ ଉପରେ ଚଢ଼ି ଏ ଆକାଶୀ ସଂଗ୍ରାମ କରିବାର ମୂଢ଼ ପ୍ରୟାସ କରିବ ?

ଚାହିଁ ଦେଖିଲି ଚିଲଟାଏ ତୁହାକୁ ତୁହା କର୍କଶ ରବ କରି ବୋମ୍ବାର ଡ଼ାଇଭ୍ ମାଇଲା ପରି ଶିନିର ମୁଣ୍ଡ ମୁହଁ ହାତକୁ ଲକ୍ଷ୍ୟକରି ଝାମ୍ପ ମାରୁଛି । ଶିନି ଅଦୂରରୁ ଡ଼ାଳଟାର ଆଶ୍ରୟ ନେବାପାଇଁ ଯେତେଶୀଘ୍ର ଗୁରୁଣ୍ଡି ଗୁରୁଣ୍ଡି ଯାଉଛି ଚିଲଟା ସେତେ ବେଶୀ ଶୀଘ୍ର ଶୀଘ୍ର ଆକ୍ରମଣ କରୁଛି । ସେ ଚିଲଟା ବସାକୁ ଗଲେ ଅନ୍ୟଟି ବସା ଛାଡ଼ି ସେଇ ଆକ୍ରମଣ ଅପ୍ରତିହତ ରଖୁଛି । ଶିନିର ଅବସ୍ଥା କ୍ରମେ ଅତିଷ୍ଠ ଓ ବିପନ୍ନ ହେଉଛି ।

ମାଛଧରା ଶେଷ । ଯେଝା ଭାଗ ନେଇ ଲାଖରାଜଦାରଗଣ, ଜାଲୁଆ ଓ ଅନ୍ୟ ଧରାଳିମାନେ ଦଣ୍ଡକ ମଧରେ କିଏ କୁଆଡ଼େ ଚାଲିଗଲେ ।

Digitized by srujanika@gmail.com

"ଶିନି ତଳେପଡ଼ି ମରିଗଲେ ପୋଲିସ୍ କଣ ଛାଡ଼ିଦେବ ? ଗାଁବାଲା ସମସ୍ତଙ୍କୁ ଫେର ହଇରାଣ ହରକତ କରିବ ।"

"ମିଶ୍ରଙ୍କ ଜଳଡୁବି ଆଉ ହରିଣ ଚୋରି ମୋକଦ୍ଦମା ଦୁଇଟାରେ ପୋଲିସ୍ ଫରେଷ୍ଟର ମିଶି ଆମକୁ କମ୍ ଧାଁଧପଡ଼ କରେଇଛନ୍ତି ?"

ଏତିକିବେଳେ ଆକାଶରୁ ଦୈତ୍ୟବାଣୀ ଶୁଭିଲା, "କୀର୍ତ୍ତି ! ଦଉଡ଼ି-ଯା, ଚାଳରେ ଯେଉଁ ଲମ୍ବା ପାହାଡ଼ିଆ ବାଉଁଶଟା ଅଛି ସେଇଟା ଟାଣି ଆଣିବୁ ।

ଆଉ କନାରେ ଟିକେ କିରାସିନି ନହେଲେ ଜଡ଼ାତେଲ ଲଗାଇ ଆଣିବୁ ।"

କୃତ୍ତିବାସ ଦଶ ବାର ବର୍ଷର ପିଲା । ବାପା ସାଥିରେ ରହେ, ଖାଏ, ପିଏ, ଶୁଏ, କିନ୍ତୁ ସୁନାର ହରିଣ ଶିକାର ବେଳ ଆସିଲେ ସେ ବଡ଼ଭାଇର ପାଖେ ପାଖେ ଥାଏ, କୁଡ଼ିଆରେ ସୀତାଙ୍କୁ ଜଗି ବସେନାହିଁ ।

ଶିନି ଆଉ ଅଗ୍ରସର ହୋଇପାରିଲା ନାହିଁ । ତାର ଅନାସ୍ଥାଭାବ ଦେଖି ଚିଲ ଦୁଇଟା ଷଣ୍ଢୁଆସି ଆକ୍ରମଣ ଆରମ୍ଭ କରିଦେଲେ । ଶିନି ପେଟେଇପଡ଼ି ଡ଼ାଳଟାକୁ ଗୋଟାଏ ହାତରେ ଜାବୁଡ଼ି ଧରିଥାଏ । "ହାତ୍ ଧେତ୍" ଶବ୍ଦକରି ଅନ୍ୟ ହାତରେ ନିଜ ମୁହଁ ମୁଣ୍ଡକୁ ଯଥା ସମ୍ଭବ ନଖ, ଚଞ୍ଚୁରୁ ବଞ୍ଚାଇବାର ଚେଷ୍ଟା କରୁଥାଏ । ଥରେ ଅଧେ ଚିଲର ଡ଼େଣାକୁ ସେ ପିଟିଲାଣି, ଚିଲ ଦୁହେଁ ବି ତା ଗାଲ ହାତ ରାମ୍ପୁଡ଼ିଲେଣି, କାରଣ ଶିନି ମଝିରେ ମଝିରେ ମୁହଁଟାକୁ ଆଉଁସା ଆଉଁସୀ କରୁଥାଏ ।

ସାଙ୍ଗରେ ଆଉ ଏକ ଛୋଟ ଦୈତ୍ୟ ଘେନି ମଶାଲଟିଏ ଧରି ଦୌଡ଼ି ଦୌଡ଼ି ଆସିଗଲା କୀର୍ତ୍ତି । ବାଉଁଶ ଦୁଇଟା ଜାବୁଡ଼ି ଧଇଲା, ଛୋଟ ଦୈତ୍ୟଟି । ଅଗ୍ରଜଙ୍କ ମାର୍ଗ ଅନୁସରଣ କରି ଆରୋହଣ କଲା କୃତ୍ତିବାସ ସେଇ ବିଶାଳ ତରୁକୁ । ପୂର୍ବପୁରୁଷଙ୍କ ସୁଯୋଗ୍ୟ ଦାୟାଦ ବୋଲି ପରିଚୟ ଦେଇ ଚାହୁଁ ଚାହୁଁ ପହୁଞ୍ଚିଗଲା ଗଛଟାର ଯାଆଁଳା ଡ଼ାଳ ପାଖରେ ଏବଂ ଚିଲ ବଂଶର ପ୍ରେତ ପୁରୁଷଙ୍କ ଲାଗି ଆକାଶଦୀପ ଜାଳିବା ଉଦ୍ଦେଶ୍ୟରେ ଦିଆସିଲି ସହିତ ଲମ୍ବା ମଶାଲଟା ଭାଇ ହାତକୁ ବଢ଼ାଇଦେଲା ।

"ମରିବା ତ ଭାଇ ଦିନେ ମରିବା, ଛାଡ଼ିବୁନାହିଁ," ଦେଖ, ଏତିକି ଉତ୍ସାହ ଦେଇ କୀର୍ତ୍ତି ତଳକୁ ଓହ୍ଲାଇବାରେ ଲାଗିଲା ।

ତେଣେ ଉପରେ ହୁତ୍ ହୁତ୍ ହୋଇ ଜଳି ଉଠିଲା ଶିନି ମଣ୍ଡଳ ହାତରେ ଅଗ୍ନିଶିଖା । ନିଆଳିଆ ଖରାରେ ମଶାଲର ନିଆଁଟା ତଳକୁ ଦିଶୁନଥାଏ । କିନ୍ତୁ ଧୂଆଁର ରେଖା ସ୍ପଷ୍ଟ ଦିଶୁଥାଏ । ଏଥର ଶିନି ମଣ୍ଡଳ ଛିଡ଼ାହେଲା ଡ଼ାହାଣ ହାତରେ ପ୍ରଜ୍ୱଳିତ ମଶାଲଟାକୁ ଧରି, ଯେମିତି କୈଳାସରେ ଶିବ ତ୍ରିଶୂଳଟା ଧରି ରୁଦ୍ର-ତାଣ୍ଡବ ନାଚିବାକୁ ପ୍ରସ୍ତୁତ ହେଉଛନ୍ତି । ଆଉ କେତୋଟି ପାହୁଚ, ତା'ପରେ ଲକ୍ଷ୍ୟସ୍ଥଳ ଅତି ପାଖ ହୋଇଯିବ । ଶିନି ଉଠି ଚାଲିଛି । ନାଲି ନେତ ଧରି ଜଗନ୍ନାଥ ମନ୍ଦିରକୁ ଉଠୁଥିବା ଲୋକଟା ଯେମିତି

Digitized by srujanika@gmail.com

ଛୋଟ ଦିଶେ ଶିନି ତାଠୁଁ ଛୋଟ ଦିଶିଲାଣି । ବର୍ତ୍ତମାନ ଦେଖିଲେ କେତେବେଳେ ଜଣାପଡୁଛି ସେ ଯେପରି ଏକ କୁଶଘାସ, ମାରଣରତ, ମୁକ୍ତକେଶ, କୃଷ୍ଣକାୟ କ୍ରୁଦ୍ଧ ଚାଣକ୍ୟ ଶର୍ମା ନ ହେଲେ ଧୂଆଁ ଭିତର ଦେଇ ଦିଶୁଛି ଏଭେରେଷ୍ଟ ଶୃଙ୍ଗ ଉପରେ ସୂର୍ଯ୍ୟକିରଣସ୍ନାତ ତେନସିଂ ପରି ! ଏ ସ୍ଥାନରୁ ହୁଏତ ଦଶ ମାଇଲ ଦୂରର ସୁବର୍ଣ୍ଣରେଖା ନଦୀର ନୀଳବେଣୀ ବା ଶିମୁଳିପାଳ ତଳ ରାସ୍ତାରେ ସଁବାଳୁଆ ପରି ଧୀରେ ଧୀରେ ଯାଉଥିବା ସରକାରୀ ବସକୁ ସେ ଦେଖିପାରୁଥିବ ।

ନିଆଁହୁଳା ଭୟରେ ଶ୍ୟେନଦମ୍ପତି ଆକ୍ରମଣ ଛାଡ଼ି ପ୍ରତିରକ୍ଷା ବ୍ୟବସ୍ଥା ଅବଲମ୍ବନ କଲେ ଓ ନୀଡ଼ର ଅନୁର୍ଦ୍ଧ୍ୱରେ ବୃତ୍ତାକାରରେ ଘୂରିବାକୁ ଲାଗିଲେ । ପିତାମାତା ପରିତ୍ୟକ୍ତ ଶାବକମାନଙ୍କର କରୁଣ ଆର୍ତ୍ତନାଦ ବା କର୍କଶ ଚେଁ ଚାଁ ରବ ଶିନି ମଣ୍ଡଳକୁ ମିଠା ଗଜଲ ବା ଚମ୍ପୁ ପରି ଜଣାଯାଉଥାଏ ।

ହଠାତ୍ ଶିନି ମଶାଲଟାକୁ ତଳମୁହାଁ କରିଦେଲା ଯିମିତି ତେଲ ସବୁ ତଳକୁ ନିଗିଡ଼ି ଶିଖାଟାକୁ ଆହୁରି ପ୍ରଦୀପ୍ତ କରିବ । କଣ ଗୁଡ଼ାଏ ମୁରୁମୁରୁ ହୋଇ ଗୋଡ଼ରୁ ମୁଣ୍ଡଟାକୁ ବେଶ୍ ଟାଣକରି ଦେଇ ଜ୍ୱଳନ୍ତ ହୁଳାଟା ବସାର ତଳପଟୁ ଖୁବ୍ ଜୋର୍‌ରେ ଭୁଷି ଦେଲା । ଝଡ଼ଝଡ଼ ହୋଇ କାଠକାଠି ଧରି ବାଲି ସହିତ ତଳକୁ ଖସିପଡ଼ିଲା ଗୋଟାଏ ଲାଲ ମାଂସ ପିଣ୍ଡୁଳା । ଶିନି ଉନ୍ମତ ହୋଇ ବିକଟ ଚିତ୍କାର କରି ଉଠିଲା - ଗଗନ ପବନ ପ୍ରକମ୍ପିତ କରି "ହରି ନାମ ସତ୍ୟ ହେ" ଯେପରି ସ୍ୱର୍ଗ-ରାଜ୍ୟରେ ଜଣେ ବାସିନ୍ଦାକୁ ମଶାଣିକୁ ନିଆଯାଉଛି ।

ଭୁ - ଉ - ଟ୍ ।

"ଭାଇ, ଗୋଟେ ପଡ଼ିଛି" କୀର୍ତ୍ତି ତଳୁ ପ୍ରତିଗୀରଦଲୋ । ଯେମିତି ସ୍ୱର୍ଗରେ ମଧ ତା ଭାଇ ଶୁଣିପାରିବ ।

"ପୁଣି ଭୁ-ଉ-ଟ୍ ।"

"ଆଉ ଗୋଟେ ଭାଇ ଦେଖ, ଆହୁରି ଥିବେ ।" ପୁଣି କୃତ୍ତିବାସର ଭାଇ ଉଦ୍ଦେଶ୍ୟରେ ବାଣୀ ।

"ବସା ବି ରଖିଦେବିନି" କହି ଆହୁରି ଜୋର୍‌ରେ ଖୁଞ୍ଚାଖୁଞ୍ଚି କରିବାରେ ଲାଗିଲା ଶିନି ମଣ୍ଡଳ । ସଡ଼ ସାଡ଼ କଡ଼ କାଡ଼ ଶବ୍ଦରେ ପ୍ରାୟ ଶଗଡ଼େହେବ ଡ଼ାଳ କାଠି ତଳେ ପଡ଼ିଲା ।

ମୂଳଦୁଆ କାଠ ଦିଖଣ୍ଡ ଖସାଇ ଦେଇ ସାରି ବିକଟ ଅଟ୍ଟହାସ୍ୟଟାଏ ହସି ଶିନି ତଳକୁ ଓହ୍ଲାଇଲା । ଆଶ୍ଚର୍ଯ୍ୟ କଥା ଚିଲ ଦି'ଟା ଆଉ ଆକ୍ରମଣ କଲେନାହିଁ ।

ଭୂଇଁରେ ଗୋଡ଼ ଦେଲାମାତ୍ରେ ଆଶ୍ୱସ୍ତିର ଶ୍ୱାସଟାଏ ଛାଡ଼ିଲା ଶିନି । ତା'ର ଚୂଳଗୁଡ଼ାକ ଆହୁରି ଝାଙ୍କଡ଼ା ଦିଶୁଥାଏ । ଦେହରୁ ଧାର ଧାର ହୋଇ ଝାଳ ଝରୁଥାଏ ।

Digitized by srujanika@gmail.com

ଅଣ୍ଟାରେ ହାତ ଦି'ଟା ରଖି ବିରିଆ ଦାନ୍ତଗୁଡ଼ାକ ଅଳ୍ପ ଦେଖାଇ ମୁହୂର୍ତ୍ତେ ଛିଡ଼ାହୋଇ ସେ ଦେଖିଲା, ଦି'ଟା ମୋଟା ମୋଟା ନାଲି ଚିଲ ଛୁଆଁଙ୍କୁ । ଅନ୍ତବୁଜୁଳା ବାହାରିପଡ଼ି ଦି'ଟା ବିକଟାଳ ଦିଶୁଛନ୍ତି ।

"ଅନ୍ତବୁଜୁଳା ବାହାରିଲେ ବି ଚିଆଁଟା ମରିନଥିବ ନାଇଁରେ କୀର୍ତ୍ତି !" ଭାଇକୁ କହିଲା ଶିନି, "ଦେ ଏଥର କାଠ କାଠି ଗୋଟାଏ ଜାଗାକୁ ଆଣ ।"

ଦୁଇଭାଇ ଲାଗିପଡ଼ି ମୁହୂର୍ତ୍ତକେ ଯୁଇଗାତ ଖୋଳି ଚିତା ପ୍ରସ୍ତୁତ କରିଦେଲେ । ଦି'ଭାଇ ଦି'ଟାର ଗୋଡ଼କୁ ଧରି ଝୁଲାଇ ଝୁଲାଇ ଆଣି ରଖିଲେ ଚିତା ଉପରେ ଓ ନିଆଁ ଲଗାଇଦେଲେ ।

ନିଆଁ ଯେତେବେଳେ ଛାତିଏ ଉଞ୍ଚ ହୋଇ ଜଳିଲା ଓ ସଁ ସେଁ ହୋଇ ଚିଆଁ ଦି'ଟା ମୋଡ଼ିମାଡ଼ି ହେଲେ ଓ କାଠଗୁଡ଼ାକ ଚିଡ଼୍‌ଚାଡ଼୍ ଠୋ ଠୋ ହେଲା ସେତିକିବେଳେ ତିନିହେଁ "ହରିବୋଲ୍ ଭାଇ ଗୋବିନ୍ଦ ବୋଲ" କହି ଚିତା ଚାରିପାଖରେ ସାତଥର ନାଚି ନାଚି ବୁଲିଲେ ଏବଂ ଶବ ସଂସ୍କାର ପରେ ନୈଷ୍ଠିକ ବ୍ରାହ୍ମଣ ଗଙ୍ଗାସ୍ନାନକୁ ବାହାରିଗଲା ପରି ତିନିହେଁ ଚୁପ୍‌ଚାପ୍ ରହି କିଆ ପୋଖରୀ ଆଡ଼କୁ ବାହାରିଗଲେ ।

ସେଦିନ ବେଳବୁଡ଼କୁ ସଡ଼କରେ ବୁଲୁ ବୁଲୁ ଚାହିଁଦେଲି ସେଇ ଅଦୂର ଶିମୁଳି ଗଛଟାକୁ । ଦେଖିଲି, ଦୁଇ ପ୍ରାଣୀ ବସିଛନ୍ତି ମୁହାଁମୁହିଁ ହୋଇ, ଯେପରି ଏକ ପାଖରେ ସାକ୍ଷାତ୍ କାଳ ଅନ୍ୟ ପାଖରେ କାଳୀ । ଚଷମାଟା ଖୋଲି ଆଖି ପୋଛି ପୋଛି ପୁଣି ଚାହିଁଲି ଦେଖିଲି, ଦିଶୁଛନ୍ତି ସେମାନେ ଯେପରି ଏକ ପାକିସ୍ଥାନୀ ବାସ୍ତୁହରା ଦମ୍ପତି ଯାହାଙ୍କର ନିରାପତ୍ତା ଓ ଆତ୍ମପ୍ରସାଦ ମୁହୂର୍ତ୍ତକେ ଅପ୍ରତ୍ୟାଶିତ ରୂପେ ଧ୍ୱସ୍ତ ବିଧ୍ୱସ୍ତ ହୋଇଯାଇଛି ।

ପାରଳାର ଦୋତାଲା କୋଠାର ବାରଣ୍ଡାରେ ବସି ଦେଖିଲି ଯାଆଁଳ । ମହୋନ୍ଦ୍ର ପାହାଡ଼ର ଦୁଇମୁଣ୍ଡ ଉପରୁ ବଡ଼ ବଡ଼ ଦୁଇଟା କଳା ଚିଲର ଡ଼େଣା ପରି ଜୀଅନ୍ତା ଅନ୍ଧାର ମାଡ଼ିଆସି ନଅର ପାଖରେ ସେଇ ଶିମୁଳି ଗଛର ଚିଲବସା ଦେଇ ଦୂର ଶବରପଲ୍ଲୀ ଆଡ଼େ କ୍ଷଣେ ପ୍ରସାରିତ ହୋଇଗଲା । ପାଖଦେଇ ଗଲାବେଳେ ମୋତେ ଯେପରି କହିଗଲା, "କ୍ରୋଧଂ ପ୍ରଭୋ ! ସମ୍ବର ସମ୍ବର ।"

Digitized by srujanika@gmail.com

# ଗୋଟାଏ ଆଳୁ

ଗୋଟାଏ କାହିଁକି ଦୁଇ ତିନିଟା ଲେଖାଏଁ ଆଳୁ ଚାରି ପାଞ୍ଚଟା ଖାତା ଉପରେ ବସାଇଦେଇ ଦୁଃଖି ଓ ବିରକ୍ତିରେ ଯିମିତି ଉଠି ବସିଛି ଦଶଟଙ୍କିଆ ନୋଟ୍‌ଟିଏ ପକେଟ୍‌ରେ ଗୁଞ୍ଜିଦେଇ ବଡ଼ ଝିଅ କହିଲା, "ସେତକ ଥିଲା ।" ଖାତା ଉପରେ ଆଖି ପକାଇ ହଠାତ୍ ଭାଇ ଉଭଣୀଙ୍କି ସମ୍ବୋଧନ କରି କହିଲା, "ଆସ, ଆସ, ଦେଖିବ ବାପା କେତେଗୁଡ଼ାଏ ନଇନିତାଲ ଆଳୁ ପିଲାଙ୍କୁ ଦେଇଛନ୍ତି ।" (ମୁଁ ବା ଆଉ କ'ଣ କରନ୍ତି ପ୍ରଶ୍ନଗୁଡ଼ାକ ସିଲାବସ୍ ବାହାରୁ ପଡ଼ିଥିଲା ଯେ ।)

ଶାର୍ଟର ବୋତାମ ଲଗାଉଛି ଆଉ ଶୁଣୁଛି ପିଲାପିଲିଙ୍କ ବରାଦ୍ ।

"ମୋର ତିନି ନମ୍ବର ଖାତା ଦୁଇଟା, ରବର, ପେନ୍‌ସିଲ୍"- କୁନୁର ଗଳାସ୍ୱର ।

"ମୋର ଯୋତା" - ଟୁନୁର ସ୍ୱର ।

"ମୋର ବିସିକୁଟ" - ମୁନୁର ଦରୋଟି ।

ମନେ ମନେ ଭାବୁଥାଏ, ଦରମା ନ ମିଳିନ୍ତା କି! ତରକାରି ପତ୍ର ଶାଗମୁଗ ବା ଅନ୍ୟ ସଉଦା ଶାଗମୁଗ ବା ଅନ୍ୟ ସଉଦା ବଜାରରୁ କାହିଁରୁ କେତେ ଆସିବ ସେ କଥା ବରାଦ କରିବା ଲୋକ ମୁହଁରୁ ବାହାରୁ ନ ବାହାରୁଣୁ ବଡ଼ପୁଅ ଶ୍ଳେଷ ରଖି କହିଲା, "ସିମେଣ୍ଟ ବୋରାଟା ସାଇକେଲ ପଛରେ ଦେଇଛି । ଆଳୁ ବେଶୀ କରି ଆଣିବ, ଦର ସୁବିଧା ଅଛି । ମୋରାର୍‌ଜୀ ନୂଆ ନୂଆ ଟେକ୍‌ସ ବସାଉଛନ୍ତି । ଆଳୁ ଦର ବଢ଼ିଯିବ ।" ବଡ଼ପୁଅର ଆଳୁଦମ୍ ଅତି ପ୍ରିୟ ଖାଦ୍ୟ ।

ନିତି ବଜାର ସଉଦା ବୋହିବା ମୋର ଚବିଶ ପଚିଶ ବର୍ଷର ଅଭ୍ୟାସ, ଗୋଟାଏ ରୋଗ କହିଲେ ଚଳେ । ଖରା, ବର୍ଷା, ତ୍ରିକାଳସନ୍ଧ୍ୟାରେ ଅନ୍ତତଃ ଥରେ ଦିନରେ ବଜାରକୁ ନଗଲେ ଭାତ ଘରେ ନାହିଁ । ଆଜି ଟିକିଏ ସହଳ ଯିବାକୁ ପଡୁଛି । ଇମର୍ଜେନ୍‌ସି ପାଇଁ ଅଧିକା କ୍ଲାସ ନେବାକୁ ପଡୁଛି । ବ୍ଲକ୍‌ଆଉଟ ପାଇଁ ସହଳ କ୍ଲାସ୍‌କୁ ଯିବାକୁ ପଡୁଛି ମଧ୍ୟ । ଆଜି କ୍ଲାସ୍ ନଅଟାରେ । ମନଟା ବି ଭଲ ନାହିଁ । ହପ୍ତାଏ ପୁରୁ ନ ପୁରୁଣୁ ଦରମା ଶେଷ । ବରାଦ୍ ଉପରେ ବରାଦ୍ । ଇଆଡ଼େ ଖାତା ଦେଖି ବସିଲେ ବି ଗୁଡ଼ାଏ ଫେଲ୍ ହେଉଛନ୍ତି । ବଜାରରୁ ବୁଲି ଆସିଲେ ଅବା ମନଟା ଟିକିଏ ଭଲ ହୋଇପାରେ ।

"ପୁରୁଣା ହେଲେ ବି ବିଦେଶୀ ରାଲେ ସାଇକେଲଟା କେତେ ବିଶ୍ୱସ୍ତ ଏବଂ କେତେ ବଢ଼ିଆ ଚାଲେ । ପଚାଶ ପାଖାପାଖି ହେଲେ ବି ମୁଁ କେଡ଼େ ବେପରୁଆ ସାଇକେଲଟା ଚଳାଇ ପାରୁଛି ।" - ଏମିତି ଗୁଡ଼ାଏ ଆତ୍ମଶ୍ଳାଘା, ଆତ୍ମପ୍ରତ୍ୟୟର ଚିନ୍ତା କରୁଥାଏ । ମଝିରେ ମନେ ପକାଉଥାଏ, ଖବର କାଗଜରେ ସେଇ ହରିବଲ୍ଲଭ ସହାୟ ବୋଲି

ଝଙ୍କାର, ୨୫ଶ ବର୍ଷ, ୪ର୍ଥ ସଂଖ୍ୟା, କର୍କଟ ୧୩୭୦, ଜୁଲାଇ ୧୯୬୩ ।

Digitized by srujanika@gmail.com

ଦଶମ ଶ୍ରେଣୀର ପିଲାଟି କଥା, ଯେ ସାଙ୍ଗ ପିଲା ସହିତ ବାଜିମାରି ଗୋଟା ଗୁଆଟିଏ ଖାଇ କଲିକତା ହାସ୍‌ପାତାଳରେ ମରିଗଲା ।

ବଜାରରେ ପହଞ୍ଚି ପ୍ରଥମ କାମ ହେଲା ନୋଟ ଭଙ୍ଗାଇବା । ସେଥିପାଇଁ ଆଳୁବଜାର ଛଡ଼ା ଗତି କାହିଁ ? ଭିତରକୁ ପଶି ଦେଖେ ତ ଚାରିଆଡ଼େ ଶୂନ୍‌ଶାନ୍‌ । ଦୋକାନଗୁଡ଼ାକରେ ଗରାଖ ନାହାଁନ୍ତି, ଦୋକାନୀଗୁଡ଼ାକ ବି ନାହାଁନ୍ତି, କୁଢ଼କୁଢ଼ ହୋଇ ପନିପରିବା ପଡ଼ିଛି । ତାଜା ପନିପରିବା ଗୁଡ଼ାକର ଜୀବନୀଶକ୍ତି ସକାଳେ ଖାଲି ଆଖିରେ ବି ଦେଖିହୁଏ । ଆଛା ରୋଟି ଦୋକାନୀଟି ତାବା ଉପରେ ରୋଟି ପକାଇ ଦେଇ କୁଆଡ଼େ ଗଲା ? ରୋଟିଟା ଜଳି ପୋଡ଼ି ଗଲାଣି ଯେ । ତାଜା ଆଳୁ ଦମ୍‌, ଆଳୁ ଚପ୍‌ର ମହକ ଦୋକାନ ପାଖରେ ଘୁରି ବୁଲୁଛି ।

ଆଳୁ ଦୋକାନୀ କୃଷ୍ଣ ବି ଗଲା କୁଆଡ଼େ ? ପାଟନାଇ, କଟକୀ, ନଇନୀତାଲୀ, ମାନ୍ଦ୍ରାଜୀ, ଦେଶୀ ନାନା କିସମର ଆଳୁ ଆଣ୍ଠୁଏ ଆଣ୍ଠୁଏ ଉଚ୍ଚ ଗଦାରେ ପଡ଼ିଛି । ସବୁ ଆଳୁ ଭିତରେ କିନ୍ତୁ ନଇନିତାଳ ରଜା ।

କେଡ଼େ ଚିକ୍‌କଣ, ସଫା, ଅଣ୍ଡାଳିଆ ଯେମିତି ଧଳା ଶାଳଗ୍ରାମ, ନିଜେ ଧୂଳିମାଟି, ପଚା କମ୍ପୋଷ୍ଟରେ ବଢ଼ି ସୁଦ୍ଧା ତା ମାଆ ଗ୍ଳୁକୋସ୍ ଦେଇ ଛୁଆମାନଙ୍କୁ କେଡ଼େ ହୃଷ୍ଟପୁଷ୍ଟ ନ କରିଛି । ଆଉ ଟେରିଲିନ୍‌ ପିନ୍ଧାଇ ସଫାସୁତୁରା କରି ସୂର୍ଯ୍ୟକିରଣରେ ବୁଲିବାକୁ ଛାଡ଼ିଦେଇଛି । ଦେଖିଦେଲେ ପକ୍‌କା ସାଧୁ ବି ପିଲାଚୋର ପାଲଟିଯିବ । ଦେଖିଲି ନଇନିତାଳ ଗଦାଟା ଫାଳେ ଭାଙ୍ଗିଯାଇଛି ଏବଂ ଆଳୁଗୁଡ଼ାକ ଇତସ୍ତତଃ ଭିଣିହୋଇ ପଡ଼ିଛି ।

କୃଷ୍ଣ କାହିଁ ? ଦୋକାନୀସବୁ ଗଲେ କୁଆଡ଼େ ? କେଉଁଠି ପାଖରେ ନିଆଁ ଲାଗିଥିବ ବା ଆଉକିଛି ଦୁର୍ଘଟଣା ଘଟିଥିବ ଅନୁମାନ କରି ଉତ୍ତର ପୂର୍ବ ଦୁଆର ଦେଇ ଦେବୀମେଣ୍ଟ ଥିବା ମେଳାଆଡ଼କୁ ବାହାରିଗଲି । ଦେଖିଲି ଗୁଡ଼ାଏ ଲୋକ ସେଇଠି ଜମା ହୋଇଛନ୍ତି ଓ ହଟ୍ଟଗୋଳ ଭେଦି ଶବ୍ଦ ଶୁଭୁଛି, "ବାଡ଼ା, ଆହୁରି ଜୋର ବାଡ଼ା," "ମାର ଦୋ ଇସ୍‌କୋ, "ମେରେ ଫେଲୋ" । କିଏ କହୁଛି," ମୋର ଚାଉଳ ଖାଇଛି, ଆଉ କିଏ କହୁଛି, 'ମୋର ଝଙ୍କାଏ ଶାଗ ଖାଇଗଲା' ଆଉ କିଏ ବା କହୁଛି, "ଯାହାବୁଡ଼ରୁ ବାଇଗଣ ବି ରକ୍ଷାପାଇବ ନାହିଁ ।" "ଗୋଡ଼ସବୁ ବାନ୍ଧି ସେଇଠି ପକାଇ ଦିଅ ।" "ବେଶୀ ବୁଲିଖିଆ ହୋଇଛି ।" "ଦିହ କିମିତି ଗୋଲଗାଲ ହୋଇଛି ଦେଖୁନ ।" ଏଇ ସବୁ କଥା ଭିତରୁ ଶୁଭିଲା, "ମାଲିକଟା ଖୁବ୍‌ ହୁସିଆର ଅଛି, ଚଲାକ ଅଛି ।" ଟିକିଏ ଆଗେଇ ଯାଇ ଦେଖିଲି ସବୁ ଦୋକାନୀ ସେଠି ।

ଠେଲି ଠେଲି ଭିତରକୁ ପଶିଯାଇ ଯାହା ଦେଖିଲି ତାହା ଏକ ବିଚିତ୍ର ଅଦ୍ଭୁତ ଦୃଶ୍ୟ । ମୋ ଆଳୁ ଦୋକାନୀ କୃଷ୍ଣ ଏ ଦୃଶ୍ୟର ନାୟକ ଏବଂ ତାକୁ ଏ ରୂପ ଦେଇଛି ବର୍ଷିକିଆ ଛୁଆ ଷଣ୍ଢଟାଏ । କୃଷ୍ଣର ଆଜି ବୃଷାସୁର ଦଳନ ବେଶ । ତା'ର କସରା ଟାଉଁଶିଆ ଚୂଳଗୁଡ଼ାକ ଠିଆ ହୋଇଛି । ଆଖିରୁ ତାର ଯେମିତି ନିଆଁ ବାହାରୁଛି । ବାଛୁରିଟାର ଗାଁ

Digitized by srujanika@gmail.com

ଗାଁ ଶବ୍ଦ ସହିତ ତାର ହୁଂକାର ମିଶିଯାଉଛି । ବାଁ ହାତରେ ଷଣ୍ଢଛୁଆଟାର ଗୋଟାଏ ପଛଗୋଡ଼ କୃଷ୍ଣ ଧରିରଖି ଡ଼ାକ ଛାଡୁଛି, "ଶନିଆ, ଦଉଡ଼ିଟାଏ ଆଣ, ଶୀଘ୍ର, ଥଣ୍ଡାକରି ଦେଉଛି ଆଜି ।" ଡ଼ାହାଣ ହାତରେ ତେଣେ ଉପୁରା ଉପୁରି ବିଧା ଚାପୁଡ଼ା ପ୍ରଚଣ୍ଡ ଜୋର୍‌ରେ ଚଢ଼ାଇ ନେଉଛି । ମାତ୍ର ଜୋର୍‌ରେ ବାଛୁରିଟା ଆଗକୁ ଯାଉଛି ସିନା କିନ୍ତୁ ପଛ ଗୋଡ଼ଟା କୃଷ୍ଣର ଟାଣ ମୁଠାରୁ ବାହାର କରି ନ ପାରି ଓଲଟି ପଛ ଆଡ଼କୁ ଘୋଷାରି ହୋଇଯାଉଛି । ଓ ଗାଁ ଗାଁ ଶବ୍ଦଟାଏ ସବୁବେଳେ ତା' ପାଟିରୁ ଫେଣ ଫୋଟକା ସହିତ ବାହାରୁଛି । କେତେବେଳେ ବେକଟା ହାତେ ଖଣ୍ଡେ ଲମ୍ବି ଯାଉଛି ଓ ଆଉ କେତେବେଳେ ଜିଭଟା ପାଟିର ଗୋଟାଏ କଳକୁ ଚାଖଣ୍ଡେ ଯାଏଁ ବାହାରି ପଡୁଛି । କୃଷ୍ଣର ରୁଦ୍ରମୂର୍ତ୍ତି ତେଣେ ଦେଖେ କିଏ ? ବର୍ଷ ବର୍ଷ ଧରି ମହଣ ମହଣ କ୍ୱିଣ୍ଟାଲ୍ କ୍ୱିଣ୍ଟାଲ୍ ଆଳୁ ଓଜନ କରି ବାହୁ ଓ ହାତ ମୁଠାରେ ଯେତେ ବଳ ସଂଗ୍ରହ କରିଛି ତା'ର ସବୁ ପରାକ୍ରମ ପ୍ରୟୋଗ କରୁଛି ଯିମିତି ଶତ୍ରୁ ବର୍ଷିକିଆ ବାଛୁରୀ ନୁହେଁ ସ୍ୱେନ୍ ଦେଶର ଗୋଟାଏ ଦୁର୍ଦ୍ଦାର ଲଢୁଆଷଣ୍ଢ ଓ ସେ ନିଜେ ଜଣେ ବୀର ମେଟାଡ଼ୋର୍ ।

କୃଷ୍ଣର ଖଣ୍ଡିଆ ଖଣ୍ଡିଆ କଥାରୁ ଓ ଅନ୍ୟଜଣଙ୍କୁ ପୁଛି ପଚାରି ଜାଣିଲି ଯେ, ପ୍ରାୟ ଅଧ କିଲୋ ଓଜନର ନଇନିତାଲ ଆଳୁଟାଏ ବାଛୁରୀଟା କୃଷ୍ଣର ଦୋକାନରୁ ଖାଇଛି, ପୁଣି ଠିକ୍ ବଇନି ବେଳରେ ଧୂପଦୀପ ଦେଲାବେଳେ । ସତକୁ ସତ ପସନ୍ଦ ଅନୁମାନ କରି ଜାଣିଲି ଯେ, ଗୋଟାଏ କଅଣ ବାଛୁରୀଟାର ତଣ୍ଟିରେ ଲାଗିଯାଇଛି, ଆଉ ଭିଡ଼ା ଓଟରାରେ ସେ ତାକୁ ପେଟ ଭିତରକୁ ନେଇ ପାରୁନି, ପାଟିଆଡ଼େ ବାହାର କରିପାରୁନି । ଫଳରେ ଅସ୍ୱାଭାବିକ ଗାଁ ଗାଁ ଶବ୍ଦଟାଏ ବାହାରୁଛି ।

ଏଣେ ଦୋକାନୀଗୁଡ଼ାକ ବି ବର୍ଷ ବର୍ଷ ଧରି ସମଗ୍ର ବୁଲାଷଣ୍ଢ ଜାତି ପ୍ରତି ଯେଉଁ ଅସୀୟା କ୍ରୋଧ ସଞ୍ଚୟ କରିଥିଲେ ତାହା କୃଷ୍ଣ ଜରିଆରେ ଏକ ଷଣ୍ଢଛୁଆ ଉପରେ ଝାଡ଼ିବାକୁ ମତଲବ୍ କରିଛନ୍ତି । ଗୁଡ଼ାଏ ଛୋଟ ଛୋଟ ପିଲା ବି ଜମି ମଜା ଦେଖିବାକୁ ନାଗିଲେଣି ।

ଅମାନୁଷିକ ହତ୍ୟାକାଣ୍ଡଟିଏ ଯେମିତି ସଂଘଟିତ ନ ହୁଏ ସେଥିପାଇଁ ସାହସ ବାନ୍ଧି ବଡ଼ ପାଟିଟାଏ କରି ଡ଼ାକିଲି, "କୃଷ୍ଣ ! କୃଷ୍ଣ ! ଥାଉ, ଥାଉ, ଢ଼େର ହେଲା ।" କୃଷ୍ଣର କିନ୍ତୁ ଚେତା ନାହିଁ, ମଣିଷ ଚିହ୍ନିବା ଅବସ୍ଥା ବି ତା'ର ନାହିଁ । ତା ଚେହେରା ଭାବଭଙ୍ଗୀରୁ ବେଶ ଜଣାଯାଉଛି ଯିମିତି ଛୁଆଷଣ୍ଢ କାହିଁକି, ତା'ର ମାଲିକ ସହିତ ଦୈବକୁ ଯେବେ ଦେଖା ହୁଅନ୍ତା ତା'ର ମଧ୍ୟ ମୁଣ୍ଡ ଫଟାଇ ନିପାତ କରିଦିଅନ୍ତା ।

ଆଉ ପାଦେ ଆଗେଇବାକୁ ବାଛୁରୀଟାକୁ ସ୍ପଷ୍ଟ ଦେଖି ପାରିଲା । "ଏ ମୋ ବାଛୁରୀ ନୁହେଁ ତ ? ଚଷମାଟା କାଢ଼ି ଆଖି ଦି'ଟା ଭଲକରି ପୋଛିପାଛି ପୁଣି ଚାହିଁଲି । ଲାଲ ରଙ୍ଗ, ମୁଣ୍ଡରେ ଚାନ୍ଦ, ଆଖିରେ କଜଳ, ଲାଞ୍ଜ ଅଗ ବଙ୍କା, କାଳିଆ କ'ଣ ବାଛୁରୀଟାକୁ ବୁଲିଖିଆ ବଜାରିଆ କରି ଦେଇଛି ?

Digitized by srujanika@gmail.com

ଛଅମାସ ତଳର କଥା । କାଳିଆ ଆମ ଘରକୁ ଆସିଥାଏ ଲେଖା ଯୋଖା ଭାଇ ନବା ସାଙ୍ଗରେ, ସବୁଦିନ ପରି ପିଲାପିଲି ତା' ଚାରିପାଖରେ ଘେରି ତାକୁ ନାନା ପ୍ରଶ୍ନ ପଚାରି ଥଟ୍ଟା ତାମସା କରୁଥାନ୍ତି । ତା'ର ଆଲକାତରା ରଙ୍ଗ, ବିରିଆ ଛୋଟ ଛୋଟ ଦାନ୍ତ, ଢ଼ିମା ଢ଼ିମା ଆଖୀ, ମାଓସେତୁଙ୍ଗ୍ ଭୁଲତା ପିଲାମାନଙ୍କୁ ଅସରନ୍ତି କୌତୁହଳ ଓ ହାସ୍ୟରସ ଯୋଗାଉଥାଏ ।

"ବୀରୁ! କାଳିଆ ଭାଇ ବାହା ହେଲାଣି" ମୋତେ ଦେଖି ନବା କହିଲା । ଏକଥା ଶୁଣି ପିଲାମାନେ ଆହୁରି ଆଗ୍ରହୀ ହୋଇ କାଳିଆକୁ ଭଲକରି ଚାହିଁଲେ । ତାକୁ ବୋଧହୁଏ ଜଣାଗଲା, କାଳିଆ ଚିଡ଼ିଆଖାନାର ଜୀବ ନୁହେଁ, ଫିଲମର ରାଜ କାପୁର ବା ଜନିୱାକର କହିଲେ, "କାଳିଆ ! ତୋ ବୋହୂକୁ ଦିନେ ସାଙ୍ଗରେ ଆଣିବୁ ଦେଖିବ," (କଣେଇ ଖେଳ ?)

ନବା କହିଲା, "ବୋହୂ ଆସିନି ।"

ପାନଖିଲଟା କଳରେ ଜାକି ଦେଉଁ ଦେଉଁ ଫାଳେ ଦାନ୍ତ ପାଟି ଦେଖାଇ ନବବିବାହିତର ଗର୍ବ ସୂଚନା କରି କାଳିଆ ଯୋଡ଼ିଲା, ଛୋଟ କନିଆଁ, "ଛୋଟ କନିଆଁ, ଏତିକି ଉଚ୍ଚ ।"- ହାତକୁ ନିଜ ପେଟ ସାମ୍ନାରେ ରଖି କେଉଁ ଦୂର ମଫସଲ ଗାଁର ବଧୂଟିର ଉଚ୍ଚତା ଦେଖାଇ ଦେଲା ଯିମିତି ଦୁହିଁଙ୍କ ଠିକ୍ ବେଳ ହୋଇଛି ।

"ହଁ, ଦଶ ଏଗାର ବର୍ଷ ହେବ, ନୁହେଁ ?" ମୁଁ ପଚାରିଲି ।

"ହଁ, ସେତିକି ନ ହେଲେ ଦୁଇ ଚାରି ବର୍ଷ ବେଶୀ" - କାଳିଆ କହିଲା, ।

"ତୋର ବୟସ କେତେ, କାଳିଆ ?" - ମୁଁ ପଚାରିଲି ।

ବୟସ ? ମୁଁ କେମିତି କହିବି, ତୁମେ ବାବୁ ଏତେ ପାଠ ପଢ଼ିଛ ହିସାବ କର ।" ପାନଛେପ ପକାଇବା ପାଇଁ ଦାଣ୍ଡଆଡ଼କୁ ଚାଲିଗଲା, ଫେରିଆସି ଗଳାକୁ ଦିଥର୍ ଖିଙ୍କାର୍ ଖଙ୍କାରି ସଫାକରି ଆରମ୍ଭ କଲା ଜୀବନ ପଞ୍ଜିକା, ଏଠାକୁ ଆସିଲି ଦଶ ବର୍ଷ ବେଳେ, ଉପେନ୍ଦ୍ର ବାବୁ ଘରେ ଗୋରୁ ମୁହିଁଲି ସାତ ବରଷ, ହୋଟେଲ୍‌ରେ ରହିଲି ନଅ ବରଷ, ମେସରେ ରହିଲାଣି ଆଠ ବରଷ । କେତେ ହେଲା, ହିସାବ ଯୋଡ଼, ଚଳିଶ ହେଲା ନା ?"

କୌଣସି ପ୍ରକାରେ ହସ ଚାପିରଖି ମୁଁ କହିଲି, "ହଁ, ସେତିକି ହେବ, ନହେଲେ ଦୁଇ ଚାରିବର୍ଷ ବେଶୀ ।"

ଏତିକିବେଳେ ନିମ୍ନ ପ୍ରାଥମିକ ପରୀକ୍ଷା ପାଇଁ ପ୍ରସ୍ତୁତ ହେଉଥିବା ଝିଅଟି କହିଲା, "ଚଉତିରିଶ, ଚଉତିରିଶ" । ମୁଁ ତାକୁ କଟମଟ କରି ଚାହିଁଲି । କାଳିଆ ବି ଗୁଣୁଗୁଣୁ ହୋଇ କହିଲା, "ପିଲାଗୁଡ଼ାଙ୍କୁ ହିସାବ ଆସେନି, ଚାଳିଶ ପଚାଶ କହିଯିବେ ।"

ମୋର ଭଲଗୁଣ, ମୋ ଭାଇର ପାରିବାର ପଣିଆଁ, ଛୁଆଗୁଡ଼ାକର ମିଠା ସଭାବ ବିଷୟରେ ଦୀର୍ଘ ବକ୍ତୃତାଟାଏ ଦେଇ କାଳିଆ ଅତି ନମ୍ର ସ୍ୱରରେ ନିବେଦନ କଲା,

Digitized by srujanika@gmail.com

ବାବୁ, କଥାଏ କହିବି କହିବି ବୋଲି ଭାବୁଛି । କହି ପାରୁନି, ନ କହି ରହିପାରୁନି, ବାବୁ, ଏ ଛେଉଣ୍ଡ ବାଛୁରୀଟାକୁ ମତେ ଦିଅ । ଯାହାହେବ ପଛେ ଦେବି । ଶାଶୁବୁଢ଼ୀ ଝିଅ ସାଙ୍ଗକୁ ବାଛୁରୀଟାଏ ବି ଦେଇଛି । ଯୋଡ଼ କରନ୍ତି ତା ସାଙ୍ଗକୁ ମାଣେ ଅଧେ ସଞ୍ଜାବଖରା ନେଇ ଚାଷ କରିବି ଭାବୁଛି । ଆଉ କେତେ ଦିନ ହୀନସେବା କରିବି ?

ଛଅମାସ ଧରି କାଳିଆ ମୋ ଗାଈର ସେବା କରିଛି, ଦୁଧ ଦୁହିଁଛି, ଗାଈର ମୂର୍ଚ୍ଛାଗର ବି ସଢ଼ାର କରିଛି । ତା'ଛଡ଼ା ତା'ର ମିଠା ବୋକାମୀ, ଗୋବିଚାରି ଗୁଣ ମୋତେ ଓ ମୋ ପିଲାଝିଲାଙ୍କୁ କେତେ ଆନନ୍ଦ ନ ଦେଇଛି ।

ହଠାତ୍ କହିଲି, "କାଳିଆ ! ତୁ ମୋତେ ଆଉ ପଇସା ଲୋଭ ଦେଖାନା । ଏମିତି ବାଛୁରୀଟାକୁ ନେଇ ଯା । ଭଲକରି ଖୁଆଇ ପିଆଇ ଯତନରେ ପାଳିବୁ ଏକା ।"

ଏତିକିବେଳେ ବାଛୁରୀଟା ଖୁବ୍ ଜୋର୍‌ରେ ଗାଁ ଗାଁ ଶବ୍ଦକରି ହାମୁଡ଼ି ପଡ଼ିଲା । ଜଣାଗଲା ଯିମିତି ଆଉ ଦଣ୍ଡ ଅଧକେ ବାଛୁରୀର ଅବସ୍ଥା ସାଂଘାତିକ ହେବ । ଭାବିଲି ବାହାରି ପଡ଼ି କହେଁ, "ଛାଡ଼, ଛାଡ଼, ଏ ମୋ ବାଛୁରୀ ।" ତେବେ ଏ ପଶୁଗୁଡ଼ାକର ସବୁ କ୍ରୋଧ ମୋ ଉପରେ ପଡ଼ିବ ଏବଂ କବି ଶିନ୍ନାକୁ ଉନ୍ମତ୍ତ ରୋମୀୟ ଜନତା ଯିମିତି ଟୁକୁରା ଟୁକୁରା କରି ଦେଇଥିଲେ ସିମିତି ଆଖି ବୁଜି ମୋତେ ବାଡ଼େଇ ଚାଲିଯିବେ । ପୁଣି ଭାବିଲି, ଆଇନତଃ ନ୍ୟାଯ୍ୟତଃ ଏ ବାଛୁରୀ କାଳିଆର, ମୋର ନୁହେଁ । କାରଣ ମୁଁ ତାକୁ ଦାନ କରିଦେଇଛି । ସେ ମାସ ମାସ ଧରି ତାକୁ ପାଳି ବଡ଼କରିଛି ।

ତଥାପି ସନ୍ତର୍ପଣରେ ଖୁବ୍ ନରମ ଗଳାରେ କହିଲି, "ଥାଉ, ଥାଉ, କୃଷ୍ଣ ଢ଼େର ହେଲା । ବିଚାରା ମରିଯିବ ଯେ," କୃଷ୍ଣ ମୋ କଥା ଭଲକରି ଶୁଣିଛି କି ନାହିଁ ଲାଲ ଲାଲ ଆଖି ଦୁଇଟା କୁରାଳଚକ୍ର ପରି ବୁଲାଇ ମୋ ଆଡ଼କୁ ଚାହିଁଲା ଓ ଗର୍ଜି ଉଠି କହିଲା, " ଯେ, କ'ଣ ତମ ବାଛୁରୀ କି, ଭାରି ଭଦ୍ରଲୋକ ତ ।" ମୁଁ ପାଦେ ଘୁଞ୍ଚିଯାଇ ମନେ ମନେ 'ନା' କହିଲି ।

ଷଣ୍ଢଛୁଆଟା ବୋଧହୁଏ ତା' ପୁରୁଣା ମାଲିକର ବାସନା ବାରିପାରିଲା, ଗଳାସ୍ୱର ଶୁଣିପାରିଲା । ହଠାତ୍ କାନ ଠିଆକରି ନୀଳ ଆଖି ଦୁଇଟା ବୁଲାଇ ଅତି କରୁଣ ଚାହାଁଣିଟାଏ ମୋ ଆଡ଼କୁ ଦେଲାପରି ଜଣାଗଲା ।

କାପୁରୁଷ ନପୁଂସକ ପରି କେତେ କାଳ ଛିଡ଼ାହୋଇ ଆଖି ଆଗରେ ଧୀରେ ଧୀରେ ବାଛୁରୀଟା ମରିବାର ଦେଖିବି ? ଗୋ-ବଧ ପ୍ରାୟଶ୍ଚିତ କରିବ କିଏ କୃଷ୍ଣ ନା କାଳିଆ ନା ମୁଁ ?

ହଠାତ୍ ବୁଦ୍ଧିଟାଏ ମନକୁ ଆସିଗଲା, ବଡ଼ ପାଟିଟାଏ କରି ଡ଼ାକିଲି, "ଆସ, ଆସ, କୃଷ୍ଣ ! ମୋତେ କୋଡ଼ିଏ କିଲୋ ଆଳୁ ଦିଅ । ତା'ପରେ ଯାହା କରିବ ।" "କୋଡ଼ିଏ କିଲୋ" ଶବ୍ଦ ଦୁଇଟା ଉପରେ ଟିକିଏ ବେଶୀ ଜୋର ଦେଇ କଥାଗୁଡ଼ାକ କହିଗଲି ।

ଛୋଟ ଚାଳିଆର ନିଆଁ କଲକତା ବଡ଼ ଦମକଳରେ ଟପ୍‌କରି ଯିମିତି ଲିଭିଯାଏ ବା ଖରାପ ଥାରମୋମିଟରରୁ ୧୧୦ ଡ଼ିଗ୍ରୀକୁ ଉତ୍ତାପ ଖସିଆସେ କୃଷ୍ଣର ମୁଣ୍ଡର

Digitized by srujanika@gmail.com

ଉତ୍ତାପଟା "କୋଡ଼ିଏ କିଲୋ" ଶବ୍ଦରେ ହଠାତ୍ ତଳକୁ ଖସିଆସିଲା । କିନ୍ତୁ ଥଣ୍ଡା ହେବା ପୂର୍ବରୁ ଦୀପର ଶେଷ ଦପ୍ କରି ଜଳିଉଠିଲା ଏମିତି ଗୋଟାଏ ଜୋର୍ ଗୋଇଁଠା ବାଛୁରୀ ଉପରେ ଦେଇ ଦୋକାନକୁ ଫେରିଲା ।

ଯାହା ତାର ଶେଷ ନିଶ୍ୱାସକୁ ବାହାର କରିଦେବା ପାଇଁ ଯଥେଷ୍ଟ । ମୁଁ ସିଆଡ଼କୁ ଚାହିଁପାରିଲିନାହିଁ । ବାଛୁରୀଟାର ଗଁ ଗଁ ଶବ୍ଦ ବନ୍ଦ ହେଲାପରି ମୋତେ ଜଣାଗଲା ।

ବଡ଼ପୁଅ ଦେଇଥିବା ସିମେଣ୍ଟ ବୋରାରେ କୋଡ଼ିଏ କିଲୋ ଆଳୁ ପୁରାଇ ହୀରାଲାଲ ଦୋକାନରେ ରଖିଦେଲି । ଚିନି, ଲୁଣ ଆଦି ଦି'ଚାରିଟା ସଉଦା କରି ମନଟା ଆକୁଳ ହେଲାରୁ ପୁଣି ଘଟଣାସ୍ଥଳକୁ ଗଲି ଦେଖିବା ପାଇଁ ବାଛୁରୀର ଅବସ୍ଥା । ଦେଖିଲି କେହି ସେଠି ନାହାଁନ୍ତି । ଯେଝା ଦୋକାନକୁ ଫେରି ସମସ୍ତେ କାରବାରରେ ଲାଗିପଡ଼ିଲେଣି । ଦେଖଣାହାରୀମାନେ ବି କୁଆଡ଼େ ଅନ୍ତର୍ଦ୍ଧାନ ହୋଇଗଲେଣି । ଷଣ୍ଢଟା ଉପରକୁ ପେଟ ଦେଖେଇ ପଡ଼ିଛି ଓ ଅଣନିଶ୍ୱାସୀ ହେଉଛି । ପାଣି ମୁନ୍ଦିଏ ଦେବି ଭାବିଲି । ଆଣିବି କେଉଁଠୁ, କିମିତି, କାହିଁରେ ? ପାଖ କଳରୁ ଆଣିଲେ ପିଆଇବି କିମିତି ଏକୁଟିଆ, ଏଠି ଶତ୍ରୁଙ୍କ ଭିତରେ ମିତ୍ର ସାଜି ଚିହ୍ନାପଡ଼ି, ଲଣ୍ଡଭଣ୍ଡ ହାସ୍ୟାସ୍ପଦ ହେବା ସାରହେବ ସିନା ! ଏଇ ବଜାରକୁ ସଞ୍ଜବେଳକୁ ତ ପୁଣି ଆସିବି ଫେର ସଉଦା ପନିପରିବା ପାଇଁ ।

ତଥାପି ଜଣେ ଦୋକାନିକୁ ଡ଼ାକିଲି । ସେ କହିଲା, "ବାୟା ହେଲେ ନା କ'ଣ ? ଜାଣି ଜାଣି ଗୋ-ବଧ ପ୍ରାୟଶ୍ଚିତରେ ନହେଲେ ପୋଲିସ୍ କେସ୍‌ରେ ହାତ ପୁରାଉଛନ୍ତି କାହିଁକି ?" ମୁଁ ନିରସ୍ତ ହେଲି ଏବଂ ଜୀବନଟାକୁ ତା ଭାଗ୍ୟ ଉପରେ ଛାଡ଼ିଦେଇ ଘରକୁ ଆସିଲି ।

ସଞ୍ଜବେଳେ କାଳିଆ ଆସିଲା ନବା ସାଙ୍ଗରେ । କହିଲା, "ବାବୁ ! ଯେଉଁ ବାଛୁରୀଟା ମତେ ଦେଇଥିଲେ ସେଇଟା ରୋଗରେ ବଜାର ଭିତରେ ପଡ଼ି ମରିଗଲା । କ'ଣ ଗୋଟାଏ ନୂଆ ରୋଗ ଆସିଛି, ଡ଼ାକ୍ତର ବି ଚିହ୍ନି ପାରୁନାହାନ୍ତି । କେତେ କେତେ ଗୋରୁ ବାଛୁରୀ ମରିଯାଉଛନ୍ତି ଆଖି ପିଛୁଳାକେ ।"

"କିଏ ମାରିଦେଲାକିରେ ବାଛୁରୀଟାକୁ ?" ମୋ ପାଟିରୁ ବାହାରି ପଡ଼ିଲା ।

" ନା ବାବୁ ! ମୋ ବାଛୁରୀକୁ ମାରିବ କିଏ ? ସଦାବେଳେ ଘର ଭିତରେ ବନ୍ଧାଥାଏ ଯେ ।"

ତହିଁ ଆରଦିନ ବଜାରରେ ପାନବାଲାକୁ ପଚାରିଲି, "ବାଛୁରୀଟା କାହାର ଜଣାପଡ଼ିଲା ?"

"ହଁ ବାବୁ ! ବାଛୁରୀଟା କାଳିଆ ବୋଲି ନେଶନାଲ ମେସ୍ ଚାକରର ତାକୁ କୁଆଡ଼େ ଜଣେ ବାବୁ ବାଛୁରୀଟାକୁ ଏମିତି ଦେଇ ଦେଇଥିଲେ । ଧରି ବସିଥିଲେ କାଳିଆ କୃଷ୍ଣଠୁ ଅତିକମ୍ ସମୟରେ ପଚାଶଟା ଟଙ୍କା ଆଦାୟ କରି ନଥାନ୍ତା ! ତାଠୁଁ ବୋକା ସାଧାସିଧା ଲୋକ ଦୁନିଆରେ ଆଉ ଅଛନ୍ତି ! କୋଡ଼ିଏ କିଲୋ ଆଳୁର ଦାମ୍ ନେଇ ଚୁପ୍ ରହିଲା । ଫେର ନିଜେ ରାତିରେ ନବା ସାଙ୍ଗରେ ବୋହି ମଡ଼ାଟାକୁ ମଶାଣୀରେ ଫୋପାଡ଼ି

Digitized by srujanika@gmail.com

ଦେଇ ଆସିଲା । ନହେଲେ କୃଷ୍ଣ ପୋଲିସ୍ କେସ୍‌ରେ ପଡ଼ିଥାନ୍ତା ଆମେ ବି ତାକୁ ଗୋ-ବଧରେ ପକାଇ ପ୍ରାୟଶ୍ଚିତ କରାଇଥାନ୍ତୁ ।

ବାଛୁରୀ ତ ଗଲା କାଳିଆ ବି ଛଅମାସର ଗୋରୁମୁହାଁ ମଜୁରୀ ବାବଦ କୋଡ଼ିଏ କିଲୋ ଆଳୁର ଦାମ୍ ପାଇଗଲା । ମୋ ଘର କଣରେ ସେଇ କୋଡ଼ିଏ କିଲୋ ଆଳୁ ପଡ଼ିଛି । ସେଗୁଡ଼ାକ ଖାଇବି କିମିତି ? ତଷ୍ଟିରେ ଲାଖିଯିବ ନାହିଁ ତ ?

# ଶିଲଡ୍ ଫାଇନାଲ

"ମୁଁ କହୁଛି, ବାଲେଶ୍ୱର ଜିତିବ ।"

"ମୁଁ କହୁଛି, ବାରିପଦା ଜିତିବ ।"

"ମୁଁ କହୁଛି, ବାଲେଶ୍ୱର ।"

"ମୁଁ କହୁଛି, ବାରିପଦା ।"

"ବାଲେଶ୍ୱର ।"

"ବାରିପଦା ।"

"ମାର ବାଜି ।"

"ଦଶ ପଇସାର ଚେନାଚର ।"

"ମୋର ରହିଲା ଏଇ ନଟୁଟା ।"

"ଚାଲ ତେବେ ବାପା ପାଖକୁ । ଦଣ୍ଡେ ରହ; ମୁଁ ଆଣେ ଦଶପଇସି ।

ପଢ଼ାଘର ଭିତରକୁ ପଶିଯାଇ ଜ୍ୟାମିତି ବାକ୍ସ ଭିତରୁ ବୁଲୁ (ସପ୍ତମ ଶ୍ରେଣୀ) ଚକଚକିଆ ଦଶ ପଇସିଟିଏ ନେଇ ଆସିଲା, ବାବଲା (କ୍ଲାସ୍‌ଫୋର୍) ପକେଟ୍‌ରୁ ଅଧା ନାଲି ଅଧା ନୀଳ ରଙ୍ଗର ନୂଆ ନଟୁଟି ବାହାରକଲା, ଦୁହେଁ ଦଉଡ଼ିରେ ବାପାଙ୍କ ପାଖକୁ ।

ବାପା ସେତେବେଳେ ଅଫିସ୍ ଘରେ ବସି ସଞ୍ଜୟକୁ "Uncle Podger Hangs a Picture" ଗଳ୍ପଟି ବୁଝାଇ ଦେଉଥାନ୍ତି ।

ବାପାଙ୍କ କାନ୍ଧରେ ହାତ ଦେଇ ବାବ୍‌ଲା କହିଲା, "ବାପା, ବୁଲୁ ଭାଇ ସାଙ୍ଗରେ ବାଜି ମରାମରି ହୋଇଛୁଁ । ତା'ର ଏଇ ଦଶପଇସି, ମୋର ନୂଆନଟୁ, ତୁମେ ରଖ, କାହାକୁ ଦେବନାହିଁ । ଖେଳ ସରିଲେ ଆମେ ଆସିବା । ହାରଜିତ୍ ଦେଖି ବାଣ୍ଟିଦେବ ।" ଟିକିଏ ଦମ୍ ଦେଇ ପୁଣି କହିଲା- "ବାପା, ବାଲେଶ୍ୱର ଜିତିବ ନା ?"

Digitized by srujanika@gmail.com

ପିଲା ଦିହିଁଙ୍କ ଖେଳ ପ୍ରତି ଝୁଙ୍କ୍ ଦେଖି ବାପା ଖୁସିହେଲେ । କାରଣ ଦୁହିଁଙ୍କ ମନରେ ଆଗ୍ରହ ଓ ଅନୁରାଗ ସେ ନିଜେ ସୃଷ୍ଟି କରିଛନ୍ତି । ଚେୟାରରୁ ଉଠିପଡ଼ି ସେ ଥାକ ଉପରେ ନଟୁ ଓ ଦଶପଇସି ରଖିଦେଇ କହିଲେ – "ଏଇଠି ରହିଲା, ଖେଳ ସରିଲେ ମୋତେ ଡ଼ାକିବ । ମୁଁ ବି ପଢ଼ିଆରେ ଥିବି ଯେ ।"

Uncle Podger ବୁଝେଇବାକୁ ବାପା ପୁଣି ଆରମ୍ଭ କରିଛନ୍ତି କି ନାହିଁ କଥାର ଖିଅଧରି ବାବ୍‌ଲା ଆରମ୍ଭ କଲା, "ବାପା ! ବୁଲୁଭାଇ କହୁଛି, ବାରିପଦା କୁଆଡ଼େ ଜିତିବ । ମୁଁ କହୁଛି, ବାଲେଶ୍ୱର ଅଲବତ୍ ଜିତିବ । ତୁମେ କ'ଣ କହୁଛ, ବାପା ?"

ସଞ୍ଜୟ ଆଖି କଟମଟ କରି ବୁଲୁ ବାବ୍‌ଲା ଦୁହିଁଙ୍କୁ ଚାହିଁ କହିଲା, "ବାପା ! ଏ ଦିହିଁଙ୍କି ଟିକିଏ ତାଗିଦ୍‌କର । ତୁମେ କଚେରୀ ଯାଇଛ, ଦେଖୁନ ଏମାନେ କ'ଣ କରୁଛନ୍ତି, ଫୁଟବଲ ଏମାନଙ୍କୁ ପାଗଳ କଲାଣି । ଭୋକ ଶୋଷ କିଛି ନାହିଁ, ଦିନଯାକ ଷ୍ଟେଡ଼ିୟମ୍‌ରେ କଟାଉଛନ୍ତି । ତୁମେ ଫେର ଟିକିଏ ଟେକାଟେକି କରିଦେଲାରୁ ତାଙ୍କ ମନ ଆହୁରି ମୋଟା ହୋଇଯାଇଛି ।

ସତ କଥା । ଗଲା କେତେଦିନ ଧରି ରାତିସାରା ବାବ୍‌ଲା ଗୋଡ଼ହାତ ଛଟପଟ କରେ । ଦୁଇ ତିନିଥର ଖଟରୁ ତଳକୁ ପଡ଼ିଲାଣି, ବୋଧହୁଏ ଖେଳ ସ୍ୱପ୍ନ ଦେଖି ।

ବାପା ଜୀବନରେ କେବେ କୌଣସି ଖେଳ ଖେଳି ନାହାଁନ୍ତି । ପଢ଼ୁଆ ପିଲା ବୋଲି ତାଙ୍କର ବଦ୍‌ନାମ ଥିଲା । ଛୁଆପିଲାଙ୍କ ଉପରେ ଯେପରି ସେ ଦୁର୍ନାମ ନ ପଡ଼େ ସେଥିପାଇଁ ସେ ଏବେ ଗୋଟାଏ ନୂଆ ଫରମୁଲା ବାହାର କରିଛନ୍ତି । ଯଥା: ପାଠ+ଖେଳ+ସିନେମା = ଆଦର୍ଶଛାତ୍ର । ସମୀକରଣର ସମାଧାନ କରିବାକୁ କହିଲେ ସେ କୁହନ୍ତି, ଭାଗେ ପାଠ (ସେକେଣ୍ଡ ଡ଼ିଭିଜନ ଯଥେଷ୍ଟ) ଭାଗେ ଖେଳ (ହକି, ଫୁଟବଲ୍, କ୍ରିକେଟ୍, ଭଲି, ବେଡ଼ମିଣ୍ଟନ ନୁହେଁ) ଆଉ ଭାଗେ ସିନେମା ଅର୍ଥାତ୍ ନୃତ୍ୟଗୀତ, କଳା ସ୍ଥାପତ୍ୟ, ସଂସ୍କୃତି) ମିଶିଲେ ପୂର୍ଣ୍ଣାଙ୍ଗ ଆଧୁନିକ ସୁଖୀ ମଣିଷ ସୃଷ୍ଟି ହେବେ । ଖୋଜି ବସିଲେ ତାଙ୍କ ଘରେ ନୂଆ ପୁରୁଣା କ୍ରିକେଟ୍ ବଲ୍, ଫୁଟବଲ୍, ନାନା ଖେଳ ସରଞ୍ଜାମ ଓ ଥାକ ଥାକ ଇଲାଷ୍ଟେଟେଡ୍ ଉଇକ୍‌ଲି ଓ ସ୍ପୋର୍ଟସ୍ ଏଣ୍ଡ ପାସ୍‌ଟାଇମ୍ ମିଳିବ ।

ବାପା କିଛି ଉତ୍ତର ନଦେଇ ବହି ଆଡ଼କୁ ଚାହିଁବାରୁ ବାବ୍‌ଲା ଅଧୀର ହୋଇ ଗେହ୍ଲାଇ ପୁଣି ପଚାରିଲା, "କୁହ ବାପା ! ବାଲେଶ୍ୱର ଜିତିବ ନା ?"

ଅଷ୍ଟ୍ରେଲିଆ-ଇଂଲଣ୍ଡ କ୍ରିକେଟ୍ ଟେଷ୍ଟରେ କିଏ ଜିତିବ, ବାପା ହୁଏତ କହିପାରିବେ, ତରଫ ବି ନେବେ ମାତ୍ର ବାଲେଶ୍ୱର-ବାରିପଦା ଫୁଟବଲ୍ ମେଚ୍ କଥା ପଡ଼ିଲେ ସେ ଚୁପ୍‌ଚାପ୍ ନୀରବ । କାରଣ ତାଙ୍କ ଘର ଭିତରେ ଦୁଇଟି ଦଳ । ପୁଅ ଝିଅ ମିଶି ସାତ ଜଣ ମଧ୍ୟରୁ ଛଅଜଣ ବାରିପଦା ପଟେ, ସେ ନିଜେବି । କାରଣ ସେମାନେ ସମସ୍ତେ ବାରିପଦାରେ ଜନ୍ମିଛନ୍ତି, ବଢ଼ିଛନ୍ତି । କେବଳ ଏଇ ବାବ୍‌ଲାଟା ଯାହାକୁ ସେ ସବୁଠୁଁ ବେଶୀ ଭଲ ପା'ନ୍ତି – ଜନ୍ମିଛି ବାଲେଶ୍ୱରରେ, ବଢ଼ିଛି ଏଇଠି, ପୁଣି ପଢୁଛି ମିଶିନ୍ ସ୍କୁଲର

Digitized by srujanika@gmail.com

ଦିଦିମାନଙ୍କ ପାଖରେ । ବାଲେଶ୍ୱର ବିପକ୍ଷରେ, ବିରୁଦ୍ଧରେ ସେ କୌଣସି କଥା ସହିପାରେ ନାହିଁ । ଭାଇଭଉଣୀମାନେ ତାକୁ ଅନେକ ସମୟରେ ଚିଡ଼ାନ୍ତି ବିଶେଷତଃ ସେତେବେଳେ ସେ ବାପାଙ୍କଠାରୁ ପଇସା ନେଇ ଚେନାଚୁର ବାଦାମ ଏକୁଟିଆ ଖାଉଥାଏ ଏବଂ ମାଗିଲେ ମୋଟେ ଦିଏନାହିଁ ।

ସବୁଆଡ଼କୁ ନଜର ରଖି ବାପା କହିଲେ, "ଏତେ ବ୍ୟସ୍ତ କାହିଁକି ?" ଖେଳ ଆରମ୍ଭ ହେଉ, ଦେଖିବା କିଏ ଜିତୁଛି, କିଏ ହାରୁଛି, ତା'ଛଡ଼ା ବାରିପଦା ଟିମ୍ ଯେ ଆସିବ ତା'ର କ'ଣ କିଛି ବିଶ୍ୱାସ ଅଛି । ନଈନାଳ ବଢ଼ିଥିବ, ବାଟରେ ମୋଟର ଖରାପ ବି ତ ହୋଇପାରେ । କଥା ବୁଲାଇ ପୁଣି କହିଲେ, "ବାବ୍‌ଲାରେ ! ତୁ କ'ଣ ଫୁଟବଲ୍ ଖେଳ କିଛି ବୁଝୁ ? ନା ଖାଲି ଖାଲି ଚେନାଚୁର ଖାଇବା ଆଶାରେ ପଡ଼ିଆକୁ ଧାଉଁ ? କହ ଦେଖି "କଣାର" କାହାକୁ କହନ୍ତି ?"

"ଏଇକଥା ! କୋଣରେ ବଲ୍ ରଖି ଗୋଲକୁ ମାଇଲେ, କଣାର ।" ପ୍ରଶାନ୍ତର "କଣାର" କିକ୍ ଦେଖିଛ ନା ? ଏକାବେଳକେ ନେଟ୍ ଭିତରକୁ ପଶିଯାଏ ।

"ବେଶ୍ ! ସାବାସ୍ ! ଆଛା ବୁଲୁ, ତୁ କହ ତ, ଫାଉଲ କାହାକୁ କହନ୍ତି ?"

"ପ୍ଲେୟାରକୁ ମାଇଲେ, ଚାର୍ଜ କଲେ ଛକିଲେ ଆଗକୁ କୁଦି ପଡ଼ିଲେ ଫାଉଲ ହୁଏ । ଥରେ ଜଗା ଫାଉଲ କିକ୍ ମାରି ସେଣ୍ଟାରରୁ ଏକାବେଳେ ଗୋଲ କରିଦେଲା ।"

ସଞ୍ଜୟ ବହିଧରି ଛିଡ଼ା ହୋଇଥାଏ । ମୁହଁରେ ବିରକ୍ତି ଭାବ । ଏ ଦୁହିଁଙ୍କ ପାଇଁ Uncle Podger ପଢ଼ାପଢ଼ି ହୋଇପାରିଲା ନାହିଁ । ହେଡ୍‌ମାଷ୍ଟର ଆଜି ଜରୁର୍ ତାକୁ ବେଞ୍ଚ ଉପରେ ଠିଆକରାଇ ଦେବେ । ଫୁଟବଲ୍ ଆଲୋଚନାରେ ଯୋଗଦେଇ ସେ କହିଲା, "ବାପା ! ଉପର ଠାଉରିଆ ଅନ୍ଦାଜ କରି କହିଦେଲେ ସିନା ସେମାନଙ୍କୁ ଖେଳ କଥା ମୋଟେ ଆସେନି । ଉଚ୍ଚାରଣ ବି ଜାଣନ୍ତି ନାହିଁ । ପଚାର କହିବେ, "ପେଲାଣ୍ଟି", "ଅଫ୍‌ସାଇଡ୍ ।"

ବାବ୍‌ଲା ସାଂଗେ ସାଂଗେ କହିଲା, "ପେଲାଣ୍ଟିକ୍" "ଆପ୍‌ସାଇଟ୍" । ବୁଲୁ ପଟାପଟ୍ ତାକୁ ସଂଶୋଧନ କରି କହିଲା, ଭୁଲ୍, ଭୁଲ୍, "ପେଲାଣ୍ଟି", "ଆଫ୍‌ସାଇଟ୍ ।"

ବାପା ବଡ଼ ପାଟିରେ କହିଲେ, ଭୁଲ୍ ଭୁଲ୍ ଦୁହେଁଯାକ ଭୁଲ୍ କହିଲ । ଯେଝା କାନ ଧର । ଦଶଥର ଉଠ ବସ ହୁଅ । ପାଟିକରି କହୁଥାଅ, "ପେନାଲଟି," "ଅଫ୍‌ସାଇଡ୍" ।

ଦୁହେଁ "ପେନାଲ୍‌ଟି," "ଅଫ୍‌ସାଇଡ୍" କହି କହି ଦଶଥର ଉଠବସ ହେଲେ ।

"ଯାଅ ଏଥର, ହାତମୁହଁ ଧୋଇ ପୋଛି ନୂଆ ପେଣ୍ଟଜାମା ପିନ୍ଧି ବାହାରି ଯାଅ ପୋଲିସ୍ ଲାଇନ୍ ପଡ଼ିଆକୁ । ପେରେଡ୍ ଦେଖିବ । ମନ୍ତ୍ରୀ କ'ଣ କହିବେ ମନଦେଇ ଶୁଣିବ । ଆସିଲେ ଜଣ ଜଣ କରି ପଚାରିବି । ମୁଁ ବି ତୁମ ପଛେ ପଛେ ଯାଉଛି ।"

ବୁଲୁ ସଜବାଜ ହୋଇ ବାହାରିଗଲା ସଞ୍ଜୟର ସାଇକେଲ ପଛରେ ବସି । ବାବ୍‌ଲାକୁ ବାପା ନେଇଥାନ୍ତେ କିନ୍ତୁ ସେ ନୂଆ ସାର୍ଟ ପେଣ୍ଟ ପିନ୍ଧିଲା ନାହିଁ କି ପଢ଼ାକୁ ଗଲାନାହିଁ । ସିଧା ଚାଲିଲା ଷ୍ଟେଡ଼ିୟମ୍ ଭିତରକୁ ।

Digitized by srujanika@gmail.com

ପୋଲିସ୍ ଲାଇନ୍ ପଡ଼ିଆରେ ମିଲିଟାରୀ, ପୋଲିସ୍, ହୋମଗାର୍ଡ଼, ସ୍କୁଲ କଲେଜର ଝିଅପୁଅଙ୍କ ମିଶାମିଶି ପେରେଡ୍ ଚାଲିଲା । ମନ୍ତ୍ରୀ ବକ୍ତୃତା ମଧ ଅନର୍ଗଳ ଓଜସ୍ୱିନୀ ଭାଷାରେ ଚାଲିଥାଏ । ବୁଲୁ କାନ ଡ଼େରି ପିଇଯାଉଥାଏ ଶବ୍ଦ ଗୁଡ଼ାକ । "ଶତ୍ରୁ ଶକ୍ତିଶାଳୀ, ଅଚାନକ ଆକ୍ରମଣ, ବର୍ବର, ପ୍ରତିଶୋଧ, ପଛଘୁଞ୍ଚା ମିଳିମିଶି, ସମସ୍ତେ ସମସ୍ତେ ସୈନ୍ୟପଣ କରି ଜିତିବା ।" ବୁଲୁକୁ ଜଣାଗଲା ଯିମିତି ମନ୍ତ୍ରୀ କହିଲେ ବାରିପଦା ଜିତିବ । ଖାଲି "ବାଜିମାର" କଥାଟା ଛାଡ଼ି ଯାଇଛନ୍ତି ।

ଏଣେ ବାବ୍‌ଲା ଷ୍ଟେଡ଼ିୟମ୍ ପଡ଼ିଆ ଭିତରେ ମାଇକ୍ ଖଞ୍ଜା ହୋଇଥିବା ରିକ୍‌ସାର ଦୁଇପାଖରେ ପ୍ଲାକାର୍ଡ଼ରୁ ଅକ୍ଷରଗୁଡ଼ାକ ଗୋଟି ଗୋଟି କରି ପାଟିକରି ପଢୁଥାଏ, ବି-ଏ-ଏଲ୍-ଏ-ଏସ୍-ଓ-ଆର-ଇ ବାଲେଶୋର -ଭି-ଆର, ଏସ୍- । ଆଉ ପଢ଼ିଲା ନାହିଁ କାଳେ ବାରିପଦା ନାମଟା ପଢ଼ିବାକୁ ପଡ଼ିବ ।

ପଡ଼ିଆର ରଙ୍ଗ ବଦଳି ଯାଇଛି । ନୂଆ ପୋଷ୍ଟ, ନୂଆ ନେଟ୍ ।

"ହେଲୋ", "ହେଲୋ କହି ମାଇକ୍ ପରୀକ୍ଷା କରି କିଏ ଜଣେ ରେକର୍ଡ଼ଟିଏ ବସାଇ ଦେଲା, ବାଜିଉଠିଲା, "ନାମାନୁ, ନାମାନୁ, ନାମାନୁରେ, ଦଗାବାଜ୍ ତେରା ବାତିୟା," ସଡ଼କ ଉପରକୁ ରିକ୍‌ସା ଉଠିଯିବା ମାତ୍ରେ ଆରମ୍ଭ ହେଲା, ଆଜି ଚାରିଟା ବେଳେ ଷ୍ଟେଡ଼ିୟମ୍ ପଡ଼ିଆରେ ରାଜେନ୍ଦ୍ର ସିଲ୍ଡ଼ ଫାଇନାଲ ବାଲେଶ୍ୱର ଏକାଦଶ ବନାମ –।

ବାରିପଦା ନାମଟା କାଳେ ଶୁଭିବ ସେଥିପାଇଁ କାନରେ ଆଙ୍ଗୁଳି ପୁରାଇ ବାବ୍‌ଲା ପଶିଗଲା ଷ୍ଟେଡ଼ିୟମ୍ ଅଫିସ୍ ଭିତରକୁ । ଦେଖିଲା ବ୍ରାସୋ ଲଗାଇ ସିଲ୍ଡ଼ଟାକୁ ସଫା କରାଯାଉଛି । ନଇଁପଡ଼ି ରୁପା ଟିକିଲି ଗୁଡ଼ାକୁ ଦେଖିଗଲା ଗୋଟାକୁ ଗୋଟା, ଖୋଜିଲା ବାଲେଶ୍ୱର କେତେଥର ପାଇଛି ।

ପିଅନକୁ ପଚାରୁଥାଏ, "ରୁପାରେ ତିଆରି, ନୁହେଁ? ହଜାର ଟଙ୍କା ହେବ? ଆଜି କିଏ ରେଫ୍‌ରି, ଚକ୍ରବର୍ତ୍ତୀ ନା ମଜୁମଦାର? ପିଅନଟା ତା'କାମ କରୁଥାଏ, ପ୍ରତି ପ୍ରଶ୍ନର ଜବାବ୍‌ରେ ହୁଁ ହୁଁ କରୁଥାଏ ।

କିରାଣୀ ବାବୁଙ୍କ ପାଖକୁ ଗଲା । ସେ ରବରଷ୍ଟାମ୍ପ ମାରି ଚାଲିଥାନ୍ତି ଟିକଟଗୁଡ଼ିକ ଉପରେ । "ଆଜି ଟିକଟର ଡ଼ବଲ୍ ଦାମ୍ ନା? ଟଙ୍କାଏ ଲେଖାଏଁ?" ବାବ୍‌ଲା ପଚାରିଲା ।

"ଟଙ୍କାଏ ଜାଗାରେ ଦଶଟଙ୍କା ସରିଲେ ବୁଲୁଭାଇଠୁ ଦଶପଇସିଟିଏ ମିଳିଯିବ ।" ତା'ସାଙ୍ଗରେ ବାଜି ମରାମରି ହୋଇଛୁ । ମୋର ନଟୁ, ତା'ର ଦଶପଇସି, ବାଲେଶ୍ୱର ଜିତିବ ନା?

"ଅଲବତ୍" । କିରାଣୀବାବୁ ଷ୍ଟାମ୍ପ ମାରି ଚାଲିଥାନ୍ତି ।

"ଆଜି ପାତ୍ରବାବୁ ଖେଳିବେ ନା? ଅବନୀବାବୁ? ଆଲିବାବା? ପ୍ରଶାନ୍ତ? ସିଂଦେଓ ? ଜାନି?

"ପିଲାଟା କେତେ ଖେଳୁଆଡ଼ଙ୍କ ନାମ ମନେ ରଖିଛି ଜାଣି କିରାଣୀବାବୁ ଆଶ୍ଚର୍ଯ୍ୟ ହେଲେ – କିନ୍ତୁ ତା' କଥାକୁ ମନଦେଲେ ଦୁଇ ତିନିଟା ଟିକଟ ଏକାଠି ଲାଗିଯାଇ

Digitized by srujanika@gmail.com

ବେନମ୍ବରି ହୋଇଯିବ ବୋଲି ତାକୁ ଚୁପ୍ କରିବା ପାଇଁ ବିରକ୍ତଭାଗବ ଦେଖାଇ କହିଲେ, "ସମସ୍ତେ ଖେଳିବେ । ପାଖରେ ବସି ବକ୍‌ବକ୍ ହ'ନା ।"

ବାବ୍‌ଲା ବନ୍ଦହେବା ପିଲା ନୁହେଁ । ସେ ପଚାରି ଚାଲିଥାଏ, "ଟେକ୍‌ନିକାଲର ମାଇକେଲ ? ଆଇ.ଟି.ଆଇ. ର ସୁଭାଷ ? ଆଚ୍ଛା, ଆଜି ଗୋଲି କିଏ ଖେଳିବ ହାଫିଜ ନା ଉସ୍‌ମାନ ?"

କିରାଣୀବାବୁଙ୍କ ଜବାବ୍ ନାହିଁ ।

"ଆଜି ଏଇ ନୂଆ ବଲଟାରେ ଖେଳ ହେବ ?" "ହାତରେ ଚିପି କହିଲା," ବାପ୍‌ରେ କେଡ଼େ ଟାଣ ?" କାଠ ପରି," କାନ୍ଥରେ ଝୁଲୁଥିବା ହୁଇସିଲକୁ ଦେଖି ପଚାରିଲା "ଥାଣ୍ଡାର ହୁଇସିଲ ନା ?" "ଆଚ୍ଛା ଆଜି ଲେମ୍ବୁ ଲେମିଲେଡ୍ ।"

କିରାଣୀବାବୁ ଖୁବ୍ ଚିଡ଼ିଗଲେ, କହିଲେ, "ଯାଯା ! ବେଳ ହେଲାଣି ଭାତ ଖାଇବୁ । ଫାଟକ ବନ୍ଦ ହେବ, ଆମେ ବି ସମସ୍ତେ ଯିବୁ ।"

ବାବ୍‌ଲା ବାହାରକୁ ଆସି ଦେଖିଲା ରେଙ୍ଗଟା ମାଝୀ ଫାଟକ ଆଗରେ ବଡ଼ ବଡ଼ ବାଉଁଶ ଦିଟା ପୋତି ଦୁଇଟା ବଡ଼ ବଡ଼ ପତାକା ଉଠାଇ ଦେଲାଣି ତିନି ରଙ୍ଗର ଗୋଟାକରେ ଲେଖାଅଛି ବି.ଡ଼ି.ଏ.ଏ. ।

ଏଣେ ଘରେ ଭାତ ବଢ଼ାହେଲାଣି, ଥରେ ଦୁଇଥର ଝୋଳଟା ଚାଖି ନେଇ ବୁଲୁ କହୁଛି, ମୋତେ ବେଶୀକରି କଲିଜା ଦେଇଛ ? ଆଜି ଭାରି ଭୋକ ।" ଦଣ୍ଡେ ପରେ ପୁଣି କହିଲା, "ଆଚ୍ଛା ! ବାବ୍‌ଲା ଖାଇଲାଣି ?"

"ଷ୍ଟେଡ଼ିୟମ ଭିତରେ ଥିବ । ଏ ଟାଣ ଖରାରେ ବୁଲି ବୁଲି ପୁଣି ସେ ଜରରେ ନିଶ୍ଚୟ ପଡ଼ିବ ।"

"ନିଶ୍ଚୟ ସେଇଠି ଥିବ । ପୋଲିସ୍ ଲାଇନ୍ ପେରେଡ଼୍‌କୁ ଯାଇନାହିଁ ।"

ଘରୁ ବାହାରି ବାପା ବଡ଼ ପାଟିରେ ଡ଼ାକିଲେ ବାବ୍‌ଲାକୁ, ବାବ୍‌ଲା ହାଜର ହେଲା, ମୁହଁ ଲାଲ, ଥମଥମ୍, ବାପା ଦିହରେ ହାତଦେଇ ଦେଖିଲେ ଉଷୁମ ଲାଗୁଛି, ପଚାରିଲେ, "ଜ୍ୱର ଅଛି କିରେ ?"

"ନା ନା ଜ୍ୱର ନାହିଁ । ବାପା, ଆଜି ନିଶ୍ଚୟ ବାଲେଶ୍ୱର ଜିତିବ । ସବୁ ବଡ଼ ବଡ଼ ପ୍ଲେୟାର ଖେଳୁଛନ୍ତି । ପ୍ରଶାନ୍ତର 'କଣାର' କିକ୍ ଦେଖିଛ ନା ବାପା ?"

ବାପା ବୁଲୁକୁ ଚାହିଁ ପଚାରିଲେ, "ମନ୍ତ୍ରୀ କ'ଣ କହିଲେ ରେ ବୁଲୁ ?"

"ଚୀନ ଭାରତ ଯୁଦ୍ଧ କଥା ।"

"ବୁଲୁଭାଇ ! ବାରିପଦାର ଆଜି ରକ୍ଷା ନାହିଁ ।"

"ବାଲେଶ୍ୱର ଆଜି ଡ଼ର୍ଜନେ ଖାଇବ, ବାରିପଦା ଟାଟାରୁ ପ୍ଲେୟାର ଆଣୁଛି ?"

"ତୁମ ଦିହିଁଙ୍କ ଭିତରୁ ଚୀନ କିଏ, ଭାରତ କିଏ ? ଯିଏ ହାରିବ ସେଇ ଚୀନ ।"

Digitized by srujanika@gmail.com

ସଞ୍ଜୟ ପଢ଼ାଘର ଭିତରୁ କହିଲା । ଭାତ ଥାଳୀରେ ବସିଛି କି ନାହିଁ ବାବ୍‌ଲା ଉଠିବସିଲା । କହିଲା, "ଆଜି ଭୋକ ନାହିଁ ।"

"ଆ ଦଣ୍ଡେ ଶୋଇପଡ଼େ । ଖରାରେ ଆଉ ବୁଲାବୁଲି କରିବୁ ନାହିଁ ।" ବାପା କହିଲେ, ବାପାଙ୍କୁ ନିଦ ଘାରିଗଲା ।

ବେପାରୀଙ୍କୁ ଭୋଦୁଆ ଖରା ବି ଚନ୍ଦନ । ଷ୍ଟେଡ଼ିୟମ୍ କାନ୍ଥକୁ ଲଗାଇ ସାଇକେଲ ଷ୍ଟାଣ୍ଡଟିଏ ବନ୍ଧାବନ୍ଧି କଲାଣି ଭାସ୍କର । ପ୍ରତିଦିନ ସେ ସଜାଡ଼େ, ପ୍ରତିଦିନ ଟିଫିନ୍ ଛୁଟିରେ ସ୍କୁଲ ପିଲାଏ ଭାଙ୍ଗିଦିଅନ୍ତି । ଯୋଡ଼ାଏ ପାନ ଦୋକାନୀ ଫାଟକର ଦୁଇ ପାଖରେ ବସି କାଠ ବାକ୍‌ସ ଉପରେ ଫାଳ ଫାଳ ପାନରେ ଚୂନ ଲଗାଇଲେଣି । କୁଣ୍ଡିଆର ଚା କେଟିଲିରେ ଟକ୍ ଟକ୍ କରି ପାଣି ବି ଫୁଟିଲାଣି । କେବଳ ଗରାଖ ଆସିଲେ ବେପାର ଚାଲିଲା ।

ବାପାଙ୍କୁ ଛାଇ ନିଦ ଆସିଯିବା ମାତ୍ରେ ଧୀରେ କବାଟ ମେଲା କରି ବାବ୍‌ଲା ବାହାରି ଆସିଛି । ନୂଆ ଶାର୍ଟ ପେଣ୍ଟ ପିନ୍ଧି ବେଲ୍‌ଟକୁ ଭିଡ଼ିଦେଇ ଛୋଟିଆ ନେପୋଲିଅନ ପରି ବୁଲି ବୁଲି ଦେଖୁଛି କେଉଁଠି କ'ଣ ହେଉଛି । ସାରା ପଡ଼ିଆ ଆଜି ତା'ର, ତାରି ଇଙ୍ଗିତରେ, ତାରି ତତ୍ତ୍ୱାବଧାନରେ ସବୁ କାମ ଯିମିତି ଚାଲିଛି ।

ଚେନାଚୁର ବାଲା ଆସିଗଲା । ବେତ ଷ୍ଟାଣ୍ଡଟା କାନ୍ଧରୁ ଓହ୍ଲାଇ ତଳେ ମେଲାକରି ଥୋଇଦେଇ ମୁଣ୍ଡ ଉପରେ ଭାରି ଡ଼ାଲାଟା ତା'ରି ଉପରେ ରଖିଲା । ମୁଣ୍ଡର ପଗଡ଼ିଟାକୁ ଫିଟାଇ ଝାଡ଼ିଝୁଡ଼ି ଦିହ ମୁହଁ ମୁଣ୍ଡରୁ ଝାଳସବୁ ପୋଛିଲା ।

ବାବ୍‌ଲା ଦେଖିଲା ଚେନାଚୁର ଗଦାଟା ଆଜି ଦେଉଳ ପରି ଖୁବ୍ ଉଚ୍ଚ ହୋଇଛି । ସିଲ୍‌ଡ଼ ଫାଇନେଲ୍ ଖେଳ କି ନା ! ବାଦାମ ଭାଗ ବି ଆଜି ବେଶୀ ସେଥିରେ ପଡ଼ିଛି । ବରା, ଗୁଲୁଗୁଲା, ପାମ୍ପଡ଼, ସୋନପାମ୍ପୁଡ଼ି, ଆଳୁଦମ୍, ଚପ୍ କେହି ଚେନାଚୁର୍‌ର ସରି ନୁହଁନ୍ତି ।

ନାକକୁ ମହକ ଆସିବା ଭଳି ଜାଗାରେ ଠିଆହୋଇ ବାବ୍‌ଲା ପଚାରିଲା, "ଦଶପଇସାକୁ ଆଜି ଗୋଟାଏ ପୁଟୁଳା ନା ଦୁଇଟା ?" ପିଲାଟିର ମୁହଁ ଦେଖି ଚେନାଚୁରବାଲା ଜାଣିପାରିଲା ଯେ, ତା' ପାଖରେ ପଇସା ନାହିଁ ।

ମନେ ମନେ ସେ କହିଲା, "ପଇସା ନାହିଁ ମୁଲଉ ଥାଏ, ଦେଖିବାହିଁ ପେଟ ପୁରାଉଥାଏ" ଏବଂ ଓଲି ପିଆଜ ଓ କଲିକତି ବଡ଼ ଅଦା କର୍ କର୍ କରି କାଟିବାରେ ଲାଗିଗଲା ।

ସମସ୍ତଙ୍କ ମୁହଁରେ ସେଇ ଏକା କଥା । ଏତେ ଲୋକ କେବେ କେଉଁ ମେଚ୍‌ରେ ଆସିନଥିଲେ । ଆମ୍ବ ତେନ୍ତୁଳି ଗଛ ଗୁଡ଼ାକରେ ଲୋକ ବାଦୁଡ଼ି ପରି ଝୁଲିଗଲେଣି । ଫାଟକର ଟିଣ କବାଟ ଭାଙ୍ଗିବା ଉପରେ । ପଡ଼ିଆର ଜାଲି ତାର ବାଡ଼ ଓ ଖୁଣ୍ଟ ଉପୁଡ଼ିଗଲାଣି ।

Digitized by srujanika@gmail.com

ଯେତେ ବେଶୀ ସେତେ ଭଲ ବାବ୍‌ଲାକୁ । ସ୍କୁଲ ପିଲାସବୁ ବାଲେଶ୍ୱର ତରଫରୁ ହୁରି କରି ବାରିପଦାକୁ ଇମିତି ନରଭସ୍ କରିଦେବେ ଯେ ମୂଷା ଆଉ କେବେ ଗାତରୁ ବାହାରିବ ନାହିଁ ।

ବାବ୍‌ଲା ଭିତରକୁ ଗଲା । ପ୍ଳେୟାରମାନେ ଜର୍‌ସି ପିନ୍ଧି ପଡ଼ିଆରେ ବସି ପଡ଼ି ବୁଟ୍‌ଲେଶ୍ ଲଗାଉଛନ୍ତି । କେତେଜଣ ମୋଡ଼ିଭାଙ୍ଗି ହୋଇ ଦିହଟାକୁ ମୁଲାଏମ କରୁଛନ୍ତି ।

"ପାତ୍ର ବାବୁର ଗୋଡ଼ କେଡ଼େ ଲମ୍ବା, ମୋଟା, ଟାଣୁଆ । ଗୋଟାଏ କିକ୍‌ରେ ବଲ୍ ଆରପାଖ ପୋଷ୍ଟରେ ପଡ଼ିବ । ଆଲି ବାବାର ମୁଣ୍ଡଟା ହେଡ୍‌କରି ଚନ୍ଦା ହୋଇଗଲାଣି । ପ୍ରଶାନ୍ତର ବାଆଁ ଗୋଡ଼ କେଡ଼େ ଚିକ୍କଣ, ବଳୁଆ, କଣାର କିକ୍ ସିଧା ଗୋଲ ଭିତରକୁ ପଶିଯାଏ । ବଗଗୋଡ଼ ଦୁଇଟାରେ ଅବନୀଶ କେତେ ସୁନ୍ଦର କଇଁଚିମାଡ଼ମାରେ ।"

ବାବ୍‌ଲା ବୁଲି ବୁଲି ଦେଖୁଥାଏ ଖେଳାଳୀଙ୍କୁ, ଭାବୁଥାଏ ଏଇପରି ।

ବୁଲୁ ତେଣେ ବାହାରେ ଅପେକ୍ଷା କରିଛି ବାରିପଦା ଟିମ୍‌କୁ । ଆସିବେ କି ନା ସନ୍ଦେହ । ଆସିଲେ ବି ସେମାନେ ଡ଼େରିକରି ଆସନ୍ତି, ଭଲ ଖେଳିପାରନ୍ତି ନାହିଁ ।

ବିଜୁଳି ଗଛ ଉପରର ଲୋକଗୁଡ଼ାକ ପାଟିକରି ଉଠିଲେ, "ହେଇ ବାରିପଦା ଆସିଗଲା ।"

ସଂଗେ ସଂଗେ ବାଜିଲା ପ୍ରଥମ ହୁଇସିଲ୍ । ରେଫରୀ ଚକ୍ରବର୍ତ୍ତୀ, ଖଡ଼ଗପୁରର । ପଡ଼ିଆ ମାଟି ଜନ୍ମମାଟି ମୁଣ୍ଡରେ ଛୁଇଁ ପଶିଲେ ବାଲେଶ୍ୱର ଏକାଦଶ । ତାଳିରେ ପଡ଼ିଆ ଉଛୁଳି ଉଠିଲା । ବାବଲା ଘାସ ପଡ଼ିଆଟାରେ ଏ ମୁଣ୍ଡରୁ ସେ ମୁଣ୍ଡ ଗଡ଼ିଯିବାକୁ ମନ କଲା ।

ବୁଲୁ ଦେଖିଲା, ଭଙ୍ଗା ମଟର ଭିତରୁ ବାହାରିଲେ, କାନି, ଗଣି, ଜଗା, ଗଦା, ପତି ସବୁ ପୁରୁଣା ପ୍ଳେୟାର । ଅଚିହ୍ନା ବି କେତେଜଣ ଆସିଛନ୍ତି ବୋଧହୁଏ ଟାଟାନଗର, ରାଇରଙ୍ଗପୁରର । ଠିକ୍ ଡ଼ର୍ଜନେ ପୂରାଇ ଦେବେ ବୁଲୁ ଭାବୁଥାଏ ।

ବାବଲାର କେବଳ ସେଇ ଜାଗାକୁ ଡ଼ର । ହେଲେ ପାତ୍ରବାବୁ ତାକୁ ଗୋଟାଏ କିକ୍‌ରେ ବସାଇଦେବେ ଯେ ।

ନୂଆ ବଲ୍‌ଟା । ସେଣ୍ଟାରରେ ଚକ୍ ଚକ୍ କରୁଥାଏ । ମନ୍ତ୍ରୀ ଆସିଲେ ବେଣ୍ଡ ବାଜି ଉଠିଲା । ସେକ୍ ହେଣ୍ଡ ସରିଲା ।

ବାଲେଶ୍ୱର ଟସ୍ ଜିଣି ଖରାପାଖ ବାରିପଦାକୁ ଦେଇଥାନ୍ତି । ବାଲେଶ୍ୱର ଗୋଲପୋଷ୍ଟ ପଛରେ ବାବ୍‌ଲା ଏବଂ ବାରିପଦା ନେଟ୍ ପଛକୁ ଲାଗି ବୁଲୁ ଠିଆ ହୋଇଥାନ୍ତି ଯିମିତି ଦୁହେଁ ଠିଆ ହେଲେ ତାଙ୍କ ସାଇଡ଼ରେ ଗୋଲ ପଶିପାରିବ ନାହିଁ ।

ଫ୍ରି ପାସ୍ ସିଟ୍‌ରୁ ଫୁଟବଲ୍ ରସିକ ବୁଢ଼ା ଜଣେ କହିଲେ, "ପଡ଼ିଆ ଓଦା ଅଛି । ବାରିପଦା ଖେଳି ପାରିବନାହିଁ ।" ବାବ୍‌ଲା ଏ ପଦକ କଥା ତାଙ୍କ ପାଖକୁ ଯାଇ

Digitized by srujanika@gmail.com

ପଚାରିଲା, "ବାଲେଶ୍ୱର ଜିତିବ ନା ?" ବୁଢ଼ା ହଠାତ୍ କହିଲେ, "ଯା, ଯା, ଆଗରୁ ଘୁଞ୍ଚିଯା, ଖେଳ ଆରମ୍ଭ ହେଲା ।"

ସତକଥା, ଚକ୍ରବର୍ତ୍ତୀ ଥଣ୍ଡାର ହୁଇସିଲ୍ ବାଜି ଉଠିଲା । "କେଡ଼େ ଆୱାଜ୍ । ରେଲର ହୁଇସିଲ୍ ପରି –" ବାବ୍ଲା ଭାବିଲା ।

ବୁଢ଼ାବାବୁ ସତ କହୁଥିଲେ । ପ୍ରଥମ ମିନିଟ୍‌ରେ କଣାର କିକ୍ ବାରିପଦା ବିରୁଦ୍ଧରେ । ପ୍ରଶାନ୍ତ କିକ୍ ମାରିବେ ।

ଆଶା ଓ ଉତ୍କଣ୍ଠାରେ ବାବ୍ଲାର ଛାତି ଯେତିକି ସ୍ପନ୍ଦନହୀନ, ଭୟ ଓ ଆଶଙ୍କାରେ ବୁଲୁର ଦୁକୁଦୁକି ସେତିକି ଧଡ଼ପଡ଼, ତେବେ ବାରିପଦାର ପୁରୁଣା ଗୋଲି ପତି ଅଛି ।

'ଢୋ' କରି ଶବ୍ଦ ହେଲା କିକ୍‌ଟାର, ଚାନ୍ଦିପୁରରେ ଯିମିତି ବୋମାଟାଏ ଫୁଟି ଉଠିଲା । ନୂଆ ବଲଟା ସ୍ପୁଟନିକ ବେଗରେ ସିଧା ଯାଉଁ ଯାଉଁ ହଠାତ୍ ହଳଦୀଆ ଚଢ଼େଇ ପରି ରଙ୍ଗ ଗୋଲ ଘର ଭିତରକୁ ଯେମିତି ମୁହାଁଇଲା । ଅଳ୍ପକେ ପତିର ମୁଥ ଖସି ଯାଇ ହାୱାରେ ବାଜିଲା ।

"ଗୋଲ୍" ଶବ୍ଦରେ ପୃଥିବୀ କମ୍ପିଗଲା, ଛତା ଯୋତାରେ ଆକାଶ ଭରପୁର। ଆମ୍ବଡ଼ାଳଟାଏ କଡ଼ କଡ଼ ଶବ୍ଦହେଲା ।

ବୁଲୁର ଛାତି ଫାଟି ଗଲାପରି ଲାଗିଲା । ଖଣ୍ଡେ ଦୂରରେ ନେଟ୍ ଭିତରେ ଘୁରି ଘୁରି ମଲା ନଟୁପରି ବଲ୍‌ଟା ପଡ଼ିଛି । ନୂଆ ଦଶପଇସିର ଚକଚକିଆ ରଙ୍ଗ ମଧ ବଲ୍‌ରୁ ଉଭାଇ ଯାଇଛି ।

ପଡ଼ିଆ ଭିତରକୁ ପଶିଯାଇ ବାବ୍ଲା ନାରଗିସ୍ ଚପଲ ପଟକ ନେଇ ଆସିଲା । ଚେନାଚୁରବାଲା ପାଖଦେଇ ଯାଉଁ ଯାଉଁ ସେତିକିବେଳେ ପାଟିକରି ଗାଇଲା, "ଚେନାଚୁରରେ ଗରମ ମୋ ଲାଯ୍ଯା ମଜାଦାର ।" ଅନ୍ୟପଟର ଗୋଲ ପାଖରେ ଠିଆ ହୋଇଥିବା ବୁଲୁକୁ ଠାରି ଚେନାଚୁରବାଲାକୁ ଦେଖାଇ ଦେଲା ଯେମିତି ସେ ଜାଣିପାରିବ ତାରି ଦଶପଇସିଟି ଖେଳ ସରିଲେ ସେହି ଲୋକ ପାଖକୁ ଯିବ। ତା'ପରେ ସେ ଚାଲିଗଲା ମନ୍ତ୍ରୀଙ୍କ ପାଖକୁ । ସେ ପରା ସିଲ୍‌ଡ଼ ଦେବେ । ଦେଖିଲା ତାଙ୍କ ମୁହଁକୁ । ଇସ୍, ସିଲ୍‌ଡ଼ ପରି ଚକ୍‌ଚକ୍ ଚିକ୍କଣ ସେ ମୁହଁ ।

ବୁଲୁ ଭାବିଲା, "ଟାଇମ୍ ଯଥେଷ୍ଟ ଅଛି । ଆସିଲାବେଳେ ସେ କାଳୀମନ୍ଦିରକୁ ଯାଇଛି । ଜଗା, ପତି, ଅମ୍ବିକେଇଙ୍କ ସିନ୍ଦୁର ମାରିଛନ୍ତି । ଏତେ ସହଜରେ ଦଶପଇସାର ଚେନାଚୁର ବାବଲା ପାଇଯିବ ।"

ହାଫ୍ ଟାଇମ୍ । ବାଲେଶ୍ୱର ଏକ ଗୋଲରେ ଆଗେଇଛି । ବାବ୍ଲା ପ୍ରଶାନ୍ତର ବାଁ ଗୋଡ଼ଟା ଦେଖିବ ବୋଲି ପଡ଼ିଆ ଭିତରକୁ ଯାଇଥିଲା । ଜଣେ କର୍ମକର୍ତ୍ତା କହିଲେ, 'ଏ ପିଲା ! ବାହାରି ଯା ।'

ବୁଲୁ ଚାହୁଁଥାଏ ପତି ଜଗା ଆଡ଼କୁ । କାହିଁ ସେମାନଙ୍କ ମୁହଁରେ ତ ଦୁଃଖ ନାହିଁ ?

Digitized by srujanika@gmail.com

ଆଶା ଅଛି ନିଶ୍ଚୟ ଗୋଲ ଶୁଝାଇ ଦେବେ । ନଟୁ ନ ମିଳିଲାନାହିଁ ଦଶପଇସି ତ ଫେରିଆସିବ । ତୃ ହେଲେ ଯେଝା ଜିନିଷ ଫେରସ୍ତ ପାଇବେ ତ ?

ଏଥର ଜଗା ରାଗିଯାଇଛି । ଆଉ ରକ୍ଷାନାହିଁ, ଗଣେଶ ପାଖରୁ ପାଶ୍ ପାଇ ଜଗା ଚାଲିଛି ବଲ୍ କଟାଇ କଟାଇ । ଗୋଲ ମୁହଁରେ କୋଡ଼ିଏ ହାତ ଦୂରରୁ ମାରିବାକୁ ଯାଇଛି ତୀବ୍ର ସଟ୍ । ଆଖି ପିଛୁଳାକେ ପାତ୍ର ବାବୁ କୁଆଡୁ ଆସି – । ବାଜିଛି ଲମ୍ବା ହୁଇସିଲ୍ । ଜଗା ପଡ଼ିଯାଇଛି । ଫାଉଲ୍ । ପେନାଲଟି । କାନ ଧରି ଉଠବସ ହୋଇ ଏଇ ଶବ୍ଦଟାକୁ ବାବ୍ଲା ଶିଖିଥିଲା ।

ଖଣ୍ଡିଆ ଭୂତ ପରି ଉଠିବସିଲା ଜଗା, ନିଜେ କିକ୍ କରିବ । ଚୁପ୍‌ଚାପ୍ । ବାବ୍ଲାର ପାଳି ଏଥର ଛାତିର ଦୁକୁଦୁକୁ ଗଣିବାର । ଆଖି ବନ୍ଦ କରିଦେଲା । ଜଣାଗଲା ଜୋର୍ ପବନଟାଏ ବଲ୍‌ଟାରୁ ଆସି ଦଶପଇସାର ଚେନାଚୁର ପୁଟୁଳା ନେଇଗଲା ଶୂନ୍ୟକୁ । ବାକୀ ନଟୁଟା ଫେରସ୍ତ ମିଳିବ ନା ଯିବ ? ମୁଣ୍ଡ ବଥାଇଲାଣି ତା'ର, ଆଖିଦିଟା ପୋଡୁଛି ।

କିନ୍ତୁ ଗଣେଶ ଜଗା ଦୁହେଁ ବଲ୍ ଟାଣି ଆଣିଲେଣି । ପାଶ୍‌ଟା ଖୁଣ୍ଟ ପାଖଦେଇ ଆଉଟ୍ ହୋଇଯାଉଥିଲା ବିଜୁଳି ବେଗରେ ଦୌଡ଼ି ଆସି ଜଗା ବୁଢ଼ା ଆଙ୍ଗୁଳିଟାରେ ଛୁଇଁଦେଲା ପରା, ପୁଣି ଆଉ ଗୋଟାଏ ।

ଚାରିଆଡ଼େ ଚୁପ୍‌ଚାପ୍ । ଛତାଯୋତା ଆଉ ଉଠିଲାନାହିଁ। ଆଉ ମିନିଟ୍ଏ ବାକୀ, ବୁଲୁର ମୁଣ୍ଡ ଭିତରେ ଆନନ୍ଦର ନଟୁଟା ଚକ୍ର ପରି ବୁଲିଲା । ବାବ୍ଲା ନେଟ୍ ଭିତରେ ବଲ୍‌ଟାକୁ ଗୋଇଠାଟାଏ ଦେଇ ପଡ଼ିଆ ଭିତରୁ ବାହାରିଯାଉଥିଲା ମୁଣ୍ଡ ତଳକୁ କରି, ହଠାତ୍ "ଗୋଲ୍" ଶବ୍ଦ ଶୁଣି ବୁଲିପଡ଼ିଲା । ବାଲେଶ୍ୱର ଶୁଝିଦେଲା ପରା ! କାହିଁ ବଲ୍ ତ ସେଣ୍ଟରକୁ ଆସିଲାନାହିଁ ? ଚକ୍ରବର୍ତ୍ତୀ "ଅଫ୍‌ସାଇଡ଼୍" ଦେଲା ବୋଧହୁଏ । "ଅଫ୍‌ସାଇଡ଼୍" ଶବ୍ଦଟା ସେଇ କାନ ଧରି ଉଠବସ ହୋଇ ଶିଖିଥିବା ଶବ୍ଦ ।

"ରେଫେରୀ ! ଆଖିରେ ଚଷମା ଲଗାଅ ।" ସମସ୍ତେ ଚିତ୍କାର କଲେ । ଆଉ ଟାଇମ୍ ନାହିଁ । ମେଘ ଖଣ୍ଡେ ବି ଉଠାଇ ଆସିଲାଣି । ପଡ଼ିଆ ପ୍ରାୟ ଅନ୍ଧାର ।

ହିପ୍ ହିପ୍ ହୁର୍‌ରେ । ଭଙ୍ଗା ମଟରରେ ଶିଲ୍ଡ଼ ଚାଲିଗଲା ବାରିପଦା । ବାପା ଆରମ୍ଭ କଲେ, କାହିଁ ! ବାବ୍ଲାକୁ ମୁଁ ତ ପଡ଼ିଆରେ ଦେଖିଲିନାହିଁ । ବାଜିମରା ଜିନିଷଗୁଡ଼ାକ ମୋ ପାଖରେ ରହିଲା ଯେ ।" ଥାକରୁ ଆଣିବାକୁ ଯାଇ ଦେଖିଲେ ଜିନିଷ ନାହିଁ, ନଟୁ ନାହିଁ କି ଦଶପଇସି ନାହିଁ ।

ମୁହଁକୁ ଲାଲ ଥମ୍ ଥମ୍ କରି ବାବ୍ଲା ପଶିଆସିଲା । ଧୀରେ ଧୀରେ ଆଡ଼ଗୁଷା ହୋଇ ବୁଲୁ ପାଖକୁ ଗଲା, କ୍ଷୀଣ ସ୍ୱରରେ କହିଲା, "ବୁଲୁ ଭାଇ ! ନେ ତୋର ଦଶପଇସି, ନେ ମୋର ଏ ନଟୁ । ଦୁଇଟିଯାକ ଜିନିଷ ବଢ଼ାଇ ଦେଇ ଚାଲିଯାଉଥିଲା ପୁଣି ଫେରିଆସି ଦୟନୀୟ କଣ୍ଠରେ କହିଲା, "ବୁଲୁଭାଇ ! ଆଜି ରାତିକ ନଟୁଟା ରଖ, ଯେତେ

Digitized by srujanika@gmail.com

ଖେଳିବୁ ଖେଳ, କାଲି ସକାଳେ ମୋତେ ଦେବୁ । ନୂଆ କିଣିଛି, ମୋତେ ଖେଳିନାହିଁ । ମୋର ମୁଣ୍ଡ ଭାରି ଜୋର୍ ବଥାଉଛି ।

ଏତିକିବେଳେ ବଡ଼ଭାଇ ସଞ୍ଜୟ ତାକୁ ଶୁଣାଇ କହିଲା, "ହାୟ! ହାୟ! ବିଚାର ବାବ୍‌ଲାର ବାଲେଶ୍ୱର ଆଜି ହାରିଗଲା ।"

ଯେତେ କୋହ, ଦୁଃଖ ସଞ୍ଚିହୋଇ ବାବ୍‌ଲାର ଛାତିରେ ଜମାଟ ବାନ୍ଧିଥିଲା ସବୁ ଯେମିତି ଏହି କଥା ପଦକରେ ତରଳି ବାହାରି ଆସିଲା । ଭୋ କରି ସେ କାନ୍ଦି ପକାଇଲା । କାନ୍ଦ ବୋଲି କାନ୍ଦ, ଏମିତି କାନ୍ଦ! ତା' ମାଆ ମଲାବେଳେ ବି ଏମିତି କାନ୍ଦ ସେ କାନ୍ଦିନଥିବ ।

ରାତିଯାକ ତାକୁ ଭୀଷଣ ଜ୍ୱର । ସକ ସକ ହୋଇ ତନ୍ଦ୍ରାରେ ସେ କାନ୍ଦୁଥାଏ, ବିଳିବିଳାଉଥାଏ, କର୍ଣ୍ଣାର, ଚେନାଚୁର, ଫାଉଲ, ପେନାଲ୍‌ଟି, ନଟ୍ଟୁ, ଅଫସାଇଡ୍ ।

# ହୀରାକୁଦ କରେଣ୍ଟ୍

ଯେଉଁ ସମୟରେ ସରୋଜ ବାବୁ ହୀରାକୁଦ କରେଣ୍ଟ୍‌କୁ ଡ଼ରୁଥିଲେ, ନିନ୍ଦା କରୁଥିଲେ, ସେହି ସମୟର ଗୋଟିଏ ଦିନର କଥା ।

ସବୁଦିନ ପରି ସେଦିନ ସକାଳେ ମଧ ସରୋଜ ବାବୁ ଖବରକାଗଜର ସିନେମା ପୃଷ୍ଠାଟି ପଢ଼ିସାରି ଆଖି ପକେଇଲେ ପାଣିପାଗ ବିବରଣୀ ଉପରେ ।

"ଘଡ଼ଘଡ଼ି ଚଡ଼ଚଡ଼ି ସହ ବିକ୍ଷିପ୍ତ ଭାବରେ ଉପକୂଳବର୍ତ୍ତୀ ଅଞ୍ଚଳରେ ବର୍ଷର ସମ୍ଭାବନା ।"

ଘଡ଼ଘଡ଼ି ଚଡ଼ଚଡ଼ିକୁ ପିଲାଙ୍କୁ ସିନା ଡ଼ର, ଚାଳିଶ ପାଖପାଖି ସରୋଜବାବୁ ଡ଼ରିବେ କାହିଁକି ?

ପ୍ରକୃତ କଥା କହିଲେ ସରୋଜବାବୁ ଘଡ଼ଘଡ଼ି ଶବ୍ଦକୁ ଡ଼ରନ୍ତି ନାହିଁ, ଭୟ କରନ୍ତି ବଜ୍ରଟାକୁ । ମାତ୍ର କେତେଦିନ ତଳେ ତାଙ୍କର ଗାଁର ଦୁର୍ଗା ଚରଣର ସ୍ତ୍ରୀ ତାଳପୋଖରୀ ଗାଧୁଆ ତୁଠରେ ବାସନ ମାଜୁ ମାଜୁ ସେଇ ବଜ୍ରରେ ଢଳିଛି । ବିଚାରୀର ପିଲା ଯୋଡ଼ାକ ଘରେ ଚାହିଁ ବସିଥିଲେ ମାଆ ଫେରିବାକୁ, ମାଆ ଆସିଲେ ଶାଗ ପଖାଳ ବାଢ଼ି ଦେଇଥାଆନ୍ତା ।

---

ଝଙ୍କାର ୧୫ଶ ବର୍ଷ ୧୦ମ ସଂଖ୍ୟା, ମକର ୧୩୭୧, ଜାନୁଆରୀ ୧୯୬୪ ।

Digitized by srujanika@gmail.com

ସେହି ତାଙ୍କରି ଗାଁରେ (ତାଙ୍କ ଗାଁକୁ କୁଆଡ଼େ ବଜ୍ରର ଭାରି ବାଦ) ସାତ ଆଠ ବର୍ଷ ତଳେ ବନ୍ଧୁ ହରିଶଙ୍କର ଭୋର ସକାଳଟାରେ ସେହି ତାଳ ପୋଖରୀ-ହୁଡ଼ାରେ ମରି ପଡ଼ିଥିବାର ସେ ନିଜ ଆଖିରେ ଦେଖିଛନ୍ତି । ଯାହାକୁ କହନ୍ତି ଅକାଳ ବଜ୍ର । ସରୋଜବାବୁ ଥିଲେ ବୋଲି କୁହାବୋଲା କରି ଗାଁରେ ଶବ ସଂସ୍କାର କରାଯାଇପାରିଲା, ନହେଲେ ପୋଲିସ୍ ଲାସଟା ଚାଲାଣ କରିଥାନ୍ତା । ତାଙ୍କରି କଥାରେ ପରା କମଳିନୀକୁ ଲାସ୍‌ଟା ଦେଖିବାକୁ ଦିଆଗଲାନାହିଁ । ମୁହଁଟା ପୋଡ଼ି ଜଳି ବଡ଼ କଦର୍ଯ୍ୟ ଦିଶୁଥିଲା । ପୁଣି ସରୋଜବାବୁ ନଥିଲେ କମଳିନୀକୁ ସମ୍ଭାଳି ଥାଆନ୍ତା କିଏ ? ବର୍ଷେକାଳ ବାୟାଣୀ ପରି ସେ ହେଲା । ଏବେ ବି କୁଆଡ଼େ ମେଘ ଦେଖିଲେ ଡ଼ରେ, ଆଉ ବିଜୁଳି ମାରିଛି ତ, ଗଛ, କାଠ, ଖୁଣ୍ଟ ପାଖରେ ଯାହା ପାଏ କୁଣ୍ଢାଇ ପକାଏ । ବିଧବା ହୋଇ କମଳିନୀ ବାପଘରକୁ ଯାଇଛି ଯେ, ଆଉ ଫେରିନି । ଶଶୁର ଘର ବି ପୁଅଖାଇଟାକୁ ଆଣିବାର ନାଆଁ ପକାନ୍ତିନି ।

ସତ କହିଲେ ବଜ୍ର ନ ଡ଼ରେ କିଏ ? ପର୍ବତର ବି ଭୟ ବଜ୍ରକୁ । କମଳିନୀର ବି ଭୟ । ସରୋଜ ବାବୁଙ୍କର କି ଭୟ ।

କିନ୍ତୁ ଗଲା ଦୁଇବର୍ଷ ହେଲା ସରୋଜବାବୁଙ୍କର ବଜ୍ରଠୁଁ ବେଶୀ ଭୟ ବିଜୁଳିକୁ । ତାଙ୍କ ମତରେ ଏଇ ବିଜୁଳି ହେଲା ଅରଜିନାଲ୍ କରେଣ୍ଟ୍ । ସୃଷ୍ଟିର ପ୍ରାକ୍ କାଳରେ ଭଗବାନ ଯେତେବେଳେ ଗୁରୁଗମ୍ଭୀର ସ୍ୱରରେ କହିଲେ, "ଲେଟ୍ ଦେୟାର୍ ବି ଲାଇଟ୍," ସେତିକିବେଳେ ମହାଶୂନ୍ୟର ଜମାଟବନ୍ଧା ଅନ୍ଧାକରର ବକ୍ଷ ଚିରି ବାହାରିଥିଲା ଏଇ ବିଜୁଳି ଆଲୋକ ରୂପେ । ହୀରାକୁଦ କରେଣ୍ଟ୍ ହେଲା ବିଶ୍ୱାମିସ୍ତ୍ରୀ ସୃଷ୍ଟି । ସୃଷ୍ଟିକର୍ତ୍ତାର କରେଣ୍ଟ୍, ମାତ୍ର କେତେ ହଜାରର ।

ପୁଣି ସେଇ ଟିକକ କରେଣ୍ଟ୍ ଆସିଛି ପୃଥିବୀର ସେପାରିରୁ ଏପାରିକୁ, କେତେ ବଣଜଙ୍ଗଲର ମହାଦାରୁକୁ ଏପାଖ ସେପାଖ ରଖି । ଖରାଦିନ । ଜୋର୍ ପବନ ହେଲା ତ ଦପ୍ ଦପ୍; ବିଜୁଳି ମାଇଲା ତ ଏକାବେଳକେ ଦମ୍ ।

ସବୁଶେଷ । ସରୋଜବାବୁଙ୍କ ସିନେମା ଦେଖା ଇତି । ହୁରି, ପାଟି, ଗଣ୍ଡଗୋଳ, ଚର୍ଚ୍ଚପକା, ହୁଇସିଲ୍ । ଅପରେଟର୍‌ର ତିନିପୁରୁଷ, ମେନେଜରର ଚଉଦ ପୁରୁଷ ଶ୍ରାଦ୍ଧ । ଶେଷରେ "ଟିକଟ ଫେରାଅ" ଚିତ୍କାର । ପିଲାପିଲି ନେଇଛ ତ ମଲ । ହୀରାକୁଦ କରେଣ୍ଟ୍‌କୁ ଡ଼ରନ୍ତି, ଘୃଣା କରନ୍ତି ସରୋଜବାବୁ ଏଇଥିପାଇଁ ।

ସରୋଜବାବୁ ଏବେ ପାଣିପାଗ ଜାଣିବାରେ ଏକ୍‌ସପାର୍ଟ । ଦିନସାରା ଝାଞ୍ଜି ପବନଟା ବହୁଛି । ମେଘ କାହିଁ ? ବିନା ମେଘରେ ବି କ'ଣ ଚଡ଼ଚଡ଼ି ଘଡ଼ଘଡ଼ି ହେବ ? ଆଲିପୁରର ପାଣିପାଗ ମାପିବାର ଯନ୍ତ୍ରଗୁଡ଼ା ବୋଧହୁଏ ବିଗିଡ଼ି ଗଲାଣି । କେତେଥର ସେମିତି ଝଡ଼ବର୍ଷାର ସୂଚନା ଥାଇ ବିନ୍ଦୁପାତ ମଧ ହୋଇନାହିଁ ।

Digitized by srujanika@gmail.com

ସରୋଜବାବୁଙ୍କ ଦୁଃଖ ଯେ, ସେ ଯେବେ ଭଲ କାମଟିଏ କରିବସନ୍ତି ନାନା ବିଘ୍ନ ଆସି ପହୁଞ୍ଚେ । ସେ ଯେବେ ସିନେମାକୁ ବାହାରନ୍ତି ପିଲାଗୁଡ଼ାକର ମୁହଁ ହାଣ୍ଡି ହୁଏ । ସେଇ ଏକଖିଆ ଏକ ରାହାରେ ସେମାନଙ୍କର କଥାବାର୍ତ୍ତା ଚାଲେ ।

"ମାଆ ମରିଯିବା ପରେ ବାପା ଆଉ କେଉଁ ଛବି ବାଦ୍ ଦେଉ ନାହାନ୍ତି । ବାପା ବଦଳି ଗଲେଣି ।"

"ମାଆ ଥିଲାବେଳେ ବାପା ନିଜେ ତ ଯାଉନଥିଲେ, ଆମକୁ ବି ଯିବାକୁ ଦେଉନଥିଲେ ।"

ସରୋଜବାବୁ ଭାବନ୍ତି, ପିଲାଗୁଡ଼ାକୁ କହିଦେବେ "ଆରେ ପିଲେ ! ତୁମ ମାଆ ତ ଗଲା, ତାହାରି କଥା ଭାବି ଭାବି ମୁଁ ଯଦି ମରେଁ, ତୁମେ ବି ମରିଯିବ ଯେ ।"

କିନ୍ତୁ କିଛି କହନ୍ତିନାହିଁ । ପିଲାଗୁଡ଼ାକ ଅବା ବାପାଙ୍କ ମନକଥା କ'ଣ ବୁଝିବେ ?

ସାଙ୍ଗସାଥୀ, ବନ୍ଧୁବାନ୍ଧବ ସରୋଜବାବୁଙ୍କ ସହିତ ଦେଖାହେଲେ ବ୍ୟଙ୍ଗ ଶ୍ଳେଷ ରଖି ପ୍ରଶ୍ନ ପଚାରନ୍ତି, "କାଲିକା ଛବି କିମିତି ଲାଗିଲା ?" "ଆଜି କଅଣ ଅଛି ?" "କାଲି କ'ଣ ନୂଆ ଛବି ପଡ଼ିବ ? "ସରୋଜ" ବାବୁ ଯେମିତି ଏକାଧାରରେ ପ୍ରଡ୍ୟୁସର, ଡ଼ିଷ୍ଟ୍ରିବ୍ୟୁଟର୍, ସେନ୍‌ସର, ଫିଲ୍ମକ୍ରିଟିକ୍, ଏଡ଼ିଟର ଅଥବା ରିକ୍‌ସାବାଲା ।

ସରୋଜବାବୁ ଭାବନ୍ତି ସେମାନଙ୍କୁ କହିଦେବେ, "ବନ୍ଧୁଗଣ ! କରୋନେରୀ ଥ୍ରମ୍ବୋସିସ ବୋଲି ଏକ ରୋଗ ଆସିଛି, ଯାହା ଚିନ୍ତାଗ୍ରସ୍ତକୁ ଅତର୍କିତରେ ଆକ୍ରମଣ କରେ ଓ ନିଶ୍ଚିତ ରୂପେ ଠାଏଁ ମାରେ ।"

କିନ୍ତୁ କିଛି କହନ୍ତିନାହିଁ । ବନ୍ଧୁବାନ୍ଧବ ତାଙ୍କ କଥା ଅବା କଅଣ ବୁଝିବେ ?

ଥରେ ସେ କେବଳ ତାଙ୍କ ଭାଇକୁ କହିଥିଲେ "ନାଚଗୀତ ହୁରିପାଟିରେ ମୋ ମୁଣ୍ଡର କଳକବ୍‌ଜାଗୁଡ଼ିକୁ ମୁଁ ମାଡ଼ିମକଚି ଦେବାକୁ ଚାହୁଁଛି, ମୋର ତ ଫେର୍ ବଞ୍ଚିବା ଦରକାର ।"

ପିଲାପିଲିଙ୍କୁ ସମ୍ବୋଧନ କରି ସରୋଜବାବୁ କହିଲେ - "ଟାର୍ଜନ ଛବି ରବିବାର ମେଟିନ ସୋ ଅଛି, ସେଦିନ ଯିବ ବୁଝିବ ?" କହି ବଡ଼ଝିଅକୁ ଶେଷ ମିନିଟ୍ ଉପଦେଶ ଦେଲେ, "ଟୁନୁ ମୁନୁକୁ ମୋରି ଶେଯରେ ଶୁଆଇ ପକାଇ ପଙ୍ଖାଟା ଛାଡ଼ିଦେବୁ । କବାଟ ଝିଡ଼ିକିସବୁ ବନ୍ଦ କରିଦେବୁ, କାଳେ ଝଡ଼ ହେବ । ଦେଖିବୁ ସେ ଦି'ଟା ଯେମିତି ଓପାସେ ନ ଶୁଅନ୍ତି । ଦିଆସିଲି, ମହମବତୀ ଟେବୁଲ୍ ଉପରେ ।" - ଘଡ଼ି ଦେଖିଲେ । ପାଞ୍ଚଟା ପଇଁଚାଳିଶ । ଛଅ ପନ୍ଦରରେ ସୋ, ପାଣିପାଗ ବିବରଣୀ ମନେପକାଇ ଚାହିଁଦେଲେ ଆକାଶକୁ ।

ସ୍ୱର୍ଣ୍ଣଚୂଡ଼ ପାହାଡ଼ର ଆରପାଖରୁ ଶେଷଥର ପାଇଁ ପୃଥିବୀରାଣୀର ଲାଲ ମୁହଁଟାକୁ ଚାହିଁଦେଇ ସୂର୍ଯ୍ୟଦେବ କହୁଛନ୍ତି, "ଆଜି ଏତିକି, ପୁଣି କାଲି ସକାଳେ, ଗୁଡ଼ନାଇଟ୍ ଡ଼ିଅର୍ ।"

Digitized by srujanika@gmail.com

ଈର୍ଷାରେ କଳା ପଡ଼ି ମାନଗଡ଼ିଆଁ ଛୋଟ ମେଘଟାଏ ସିମୁଳିପାଳ ପାହାଡ଼ର କେଉଁ ଅନ୍ଧାରିଆ ଗୁମ୍ଫାରୁ ମୁଣ୍ଡକାଢ଼ି କହିଲା, "ଏ ! ଏଠି କ'ଣ କରୁଛ ?"

ତାରାଟିଏ ଚନ୍ଦ୍ରକୁ ଚାହିଁ କହୁଛି, "ତୁମେ ଯେବେ କଅଁଳ ଟୋକା ବେଶରେ ମଲ୍ଲୀମାଳଟି ପକାଇ ମୋ ସାଙ୍ଗରେ ଟିକିଏ ଖେଳିବାକୁ, ମଉଜ କରିବାକୁ ଆସ, ଏ କଳା ସଇତାନ୍‌ଟା ସହିପାରେନି । ଆମ ଦିହିଙ୍କି ଚିପି ମାରିଦେବା ପାଇଁ ଖୁସିଲାଗେ ଏଇ ଦୁଶମନ୍‌ଟାକୁ ।"

ଟିକଟ୍ କରି ବୁଲିପଡ଼ିଛନ୍ତି ସରୋଜ ବାବୁ । ଦେଖିଲେ ଜୀପ୍‌ରୁ ଜଣେ ସ୍ତ୍ରୀ ଲୋକ ଓହ୍ଲାଉଛନ୍ତି । ଚିହ୍ନା ଚିହ୍ନା ପରି ଜଣାଗଲା । କେଉଁଠି ଦେଖିଛନ୍ତି ବୋଧହୁଏ । ଧଳାପାଇପିଙ୍ଗ୍ କାଲିକୋ ଶାଢ଼ୀ, ସବୁଜରଙ୍ଗର ବ୍ଲାଉଜ୍, କପାଳରେ ସିନ୍ଦୂର ନାହିଁ, ତାଙ୍କ ଗାଁର କମଳିନୀ ନୁହେଁ ତ ? ଏତେ ସଫା ରଙ୍ଗ, ଗୋଲଗାଲ ଦେହ ବିଚାରୀର ଆସିବ କାହୁଁ ? କମଳିନୀ କେଉଁଠି, ସେ କେଉଁଠି ? ମାଉସୀ ହେଲେ ବି ମର୍ମବାଣୀ ଶୁଣିବା ପାଇଁ ଏଠାକୁ ଆସିବ କିପରି ? କେଉଁ ମଫସଲ ଗାଁର ନିଃସଙ୍ଗ ସନ୍ଧ୍ୟାରେ ତୁଳସୀ ମୂଳରେ ନିଷ୍ପଳା ଦୀପ ବା ନିର୍ଜନ ଦିବସରେ ଅର୍ଥହୀନ ଅର୍ଘ୍ୟ କେଉଁ ଏକ ମୂଳବଧୀର କୁର ଅଦୃଶ୍ୟ ଶକ୍ତି ଆଗରେ ଥୋଇ ହୁଏତ ସେ କହୁଥିବ, "ବଜ୍ରଟାଏ ତିଆରି କରିବାପାଇଁ ଆହୁରି କେତେଦିନ ଲାଗୁଛି ତୁମକୁ ?"

ଏ ଭିତରେ ତାଙ୍କ ନିଜ ଅବସ୍ଥା କେଉଁ ଅବା ଭଲ ଅଛି ? କୁନ୍ତଳିନି ଦୁଇବର୍ଷରୁ ବେଶୀ ହବ ତାଙ୍କର ସୁନାର ସଂସାର ଭାଙ୍ଗିଦେଇ ଚାଲିଗଲାଣି । ମୁନୁ ଚାରିବର୍ଷର ହୋଇଗଲାଣି ଯେ । ସରୋଜବାବୁ ବି ଚାହାନ୍ତି ଗୋଟିଏ ଟାଣୁଆ ବଜ୍ର ଯେମିତି ତାଙ୍କୁ ଏକାଥରକେ ମାରିଦିଅନ୍ତା, କିନ୍ତୁ ଛୋଟ ଛୋଟ ପିଲାଗୁଡ଼ାକ ?

ତାଙ୍କୁ ଦେଖିଲାମାତ୍ରେ ସ୍ତ୍ରୀଲୋକଟିର ମୁହଁରେ  ସଲ୍ଲଜ ସ୍ମିତଟିଏ ଫୁଟିଲାପରି ସରୋଜବାବୁଙ୍କୁ ଜଣାଗଲା । କିନ୍ତୁ ସେହି ସ୍ମିତଟିକଟ ତାଙ୍କରି ଉଦ୍ଦେଶ୍ୟରେ ବି ତାଙ୍କ ପାଖି ଟିକଟ ଘରେ ଝିଡ଼ିକି ଆଡ଼କୁ ଜିପ୍‌ର ଯେଉଁ ଡ୍ରାଇଭର ଗଲା ତା'ରି ପ୍ରତି ସେ ଜାଣିବେ କିମିତି ?

ଡ୍ରାଇଭର ଟିକଟଟି ମହିଳା ଜଣକ ହାତକୁ ବଢ଼ାଇଦେଲା । ଗୋଲ ଗୋଲ ହାତରେ ପଟେ ସୁନାଚୁଡ଼ି ହୀରାକୁଦ କରେଣ୍ଟ୍‌ର ଆଲୋକରେ ଜଳି ଉଠୁଥାଏ । ସିଡ଼ି ଦେଇ ମହିଳା ଜଣକ ଉପରକୁ ଉଠି ଚାଲିଗଲେ । ଡ୍ରାଇଭର ଗାଡ଼ି ନେଇ ଚାଲିଗଲା ।

ସେକେଣ୍ଡ୍ ବେଲ୍ ହୋଇଗଲାଣି । ଭିତରପଟର ସିଡ଼ିଦେଇ ଉପରକୁ ପୁରୁଷଙ୍କ ରାସ୍ତା । ସରୋଜବାବୁଙ୍କୁ କାହିଁକି ଟିକିଏ ବେଶୀ ଗରମ ଲାଗିଲା । ଭିତରକୁ ଯିବାପୂର୍ବରୁ ଉପର ଆଡ଼କୁ  ଥରେ ଚାହିଁଦେଲେ । ତାଙ୍କୁ ଜଣାଗଲା ଆକାଶରେ ଗୁପ୍ତରେ କ'ଣ ମନ୍ତ୍ରଣା, ମସୁଧା ଓ ପ୍ରସ୍ତୁତି ଚାଲିଛି ଗୋଟାଏ ଅଚାନକ ଅଭିଯାନ ଆକ୍ରମଣ ପାଇଁ । ଏଣେ ପୃଥିବୀରେ ପବନ ଦେବତାଟା କେଉଁଠି ମରି ପଡ଼ିଗଲାଣି । ମୋଟେ ତାହାର

Digitized by srujanika@gmail.com

ଆଉ ନିଶ୍ୱାସ ବହୁନି । ବେଡ୍‌ରୁମ୍‌ରେ ଚନ୍ଦ୍ର ଓ ତାରା ଝିଲିମିଲି ଗୋଟାଏ ପରଦା ଅନ୍ତରାଳରେ ଥାଇ ଥରିବାକୁ ଲାଗିଲେଣି । ବିରାଟ ସିନେମା ଘରର ଠିକ୍ ପଛରେ ପର୍ବତ ପରି ମେଘଟାକୁ ସରୋଜବାବୁ ଦେଖିପାରିଲେନି ସତ, କିନ୍ତୁ ତାର ଉପସ୍ଥିତି ସେ ଅନ୍ଦାଜ କରି ଜାଣିପାରିଲେ ।

ଥାର୍ଡ଼ ବେଲ୍ । ଚକୋଲେଟ୍ ରଙ୍ଗର ପରଦା ଧୀରେ ଧୀରେ ଅପସରି ଗଲା । ରୂପେଲି ପରଦାର ପ୍ରଥମ ଅବଦାନ ହେଲା ହାତଲେଖା ଅକ୍ଷରରେ "ବିଜୁଳିବତୀ ଗଣ୍ଡଗୋଳ ପାଇଁ କର୍ତ୍ତୃପକ୍ଷ ଦାୟୀ ନୁହନ୍ତି" ପରେ ପରେ ଆଉ ଏକ ନୋଟିସ୍, 'ଅଧାଟିକଟ ପାଖରେ ରଖିବାକୁ ଅନୁରୋଧ ।'

ଏ ଦୁଇଟିଯାକ ନୋଟିସ୍ ମାମୁଲି । ହୀରାକୁଦରୁ କରେଣ୍ଟ୍ ଆସିବା ପୂର୍ବରୁ ବି ଦିଆହଉଛି, କିନ୍ତୁ ଚାରି ଛଅ ଦିନ ହେଲା ମୂଲ୍ୟ ବଢ଼ିଛି, ଖବରକାଗଜରେ ମଧ୍ୟ ତ 'ବିଜୁଳି ବିଭ୍ରାଟ' ବାହାରିଲାଣି । ମାତ୍ର ଗଲାରାତି କରେଣ୍ଟ୍ ଅଭାବରେ ଶୋ ବନ୍ଦ ଥିଲା । ଆଜି ସେଥିପାଇଁ ମାଟିନି ଶୋ'ର ବ୍ୟବସ୍ଥା । ଲୋକେ ସତର୍କ ହୋଇ ଅଧା ଟିକଟ ପାଖରେ ରଖିଛନ୍ତି । କେତେବେଳେ କେଉଁକଥା । ହୀରାକୁଦ କରେଣ୍ଟ୍ ତ !!

ବିଜ୍ଞାପନ ଓ ସମ୍ବାଦ ଚିତ୍ରଗୁଡ଼ାକ ସରୋଜବାବୁଙ୍କୁ ମୂଳଛବିଠୁଁ ଭଲଲାଗେ । ସେଥିପାଇଁ ଠକ୍ ଟାଇମ୍ ରଖି ସେ ଜାଗାରେ ବସିଥାଆନ୍ତି । ସେଗୁଡ଼ିକ ଛୋଟ ଛୋଟ, ମାତ୍ର କେତେଫୁଟ ଲମ୍ବ, ରଙ୍ଗୀନ୍, ହରେକ୍ ରକମର ମଜା ସେଥିରେ ଥାଏ । ସରୋଜବାବୁ ଫିଲମ୍ ଦେଖୁଛନ୍ତି, ଅନୁଭବ କରୁଛନ୍ତି ପାଖଲୋକଙ୍କ ଉପସ୍ଥିତି । ବାଦାମ ଚୋପାର ଶବ୍ଦ, ଚେନାଚୁରର ହିଙ୍ଗୁ ଓ ମସଲାର ଗନ୍ଧ, ତା ସାଙ୍ଗକୁ ଗଭାର ମଲ୍ଲୀ, ଆଉ ପାଉଡ଼ରର କଡ଼ା ମହକ ।

ସବୁଦିନ ଦେଖିଲେ ବି ଆଜି ବିନା ବିରକ୍ତିରେ ଦେଖୁଛନ୍ତି କିପରି ରୂପେଲୀ ନାୟିକା, "ହମେସା" ଲକ୍ସ ଟଏଲେଟ୍ ସାବୁନ୍ ବ୍ୟବହାର କରି ରୂପଲାବଣ୍ୟ ବଢ଼ାଉଛନ୍ତି । ସ୍ନେହମୟୀ ମା "ହମେସା" ସ୍ନେହଜାତ "ଡ଼ାଲଡ଼ା" ବ୍ୟବହାର କରି ଛୁଆପିଲାଙ୍କ ସୁଖ ସ୍ୱାସ୍ଥ୍ୟ ବଢ଼ାଉଛନ୍ତି । କିପରି "ଏନାସିନ୍" ର "ଚାରଦବା" ଲକ୍ଷ ଲକ୍ଷ ଲୋକଙ୍କ ତାଜା ଓ ତନ୍ଦୁରସ୍ତ ରଖୁଛି ଏବଂ କିପରି "ଏଷ୍ଟ୍ରେଲା" ବେଟାରୀର ଜ୍ୟୋତି ଦେଖି ରାମଚନ୍ଦ୍ର ଓ ବଶିଷ୍ଠଙ୍କ ମଧ୍ୟ ଆଖିଡ଼ିମା ଓଲଟି ଯାଇଛି ।

ରବିବାର ଦୋକାନ ବନ୍ଦ । ସରୋଜବାବୁଙ୍କ ଡ଼ାହାଣ ପାଖକୁ ଯେଉଁ ଦୋକାନୀଟା ବସିଥିଲା । ସେ ଛବି ଦେଖି ହଠାତ୍ ବିଳିବିଳେଇ ଉଠିଲା ।

"ଏ ଚାରୋଁ ଚିଜେଁ ହମାରି ଦୁକାନମେ ମୌଜୁଦ ହେଁ ।" ତା'ପରେ ପ୍ରାମାଣିକ ଡ଼କ୍ୟୁମେଣ୍ଟାରୀ ଛବି । ତାଞ୍ଜୋର ବା କୋଣାର୍କର ଅପୂର୍ବ ସ୍ଥାପତ୍ୟ ଶିଳ୍ପକଳା । ସରୋଜବାବୁଙ୍କ ବା ପାଖରେ 'ନ୍ୟାସନାଲ୍ ହାଇୱେ' କଣ୍ଟ୍ରାକ୍ଟର ଜଣେ ବସିଥିଲା ସସ୍ତ୍ରୀକ । ଯିମିତି ସେ ମନ୍ଦିରର ଏକ କୋଣରେ ଅଶ୍ଳୀଳ ଭଙ୍ଗୀରେ ଯୁଗଳମୂର୍ତ୍ତି ଛିଡ଼ା

Digitized by srujanika@gmail.com

ହୋଇଥିବାର ଦେଖିପାରିଛି, ନିଜ ସ୍ୱୀଙ୍କ ଦୃଷ୍ଟି ସେଥିପ୍ରତି ଆକର୍ଷଣ କରିବାପାଇଁ ଏତେ ଜୋର୍‌ରେ ଦେହରେ ଆଙ୍ଗୁଳି ଦେଇ ଚିପିଦେଲା ଯେ, କୁତୁରୁ କୁତୁରୁ ହୋଇ ମହିଳା ପ୍ରାୟ ଚେୟାରରୁ ତଳେପଡ଼ି ଯାଉଥିଲେ ।

ପରଦାରେ ଓ ନିଜ ପାଖରେ ନାନା ମଜା ଦେଖୁ ଦେଖୁ ସରୋଜ ବାବୁ ପାଖରେ "ସ୍ୱାଇଲାଇଟ୍" ଦେଇ ଦେଖିପାରିଲେ ଅରଜିନାଲ୍ କରେଣ୍ଟ୍‌ର ଏକ ଜ୍ୟୋତି । ତା'ପରେ ଦେଖିଲେ ହୀରାକୁଦ କରେଣ୍ଟ୍‌ର ଗୋଟିଏ ବତୀ ଦୂର ନଡ଼ିଆଗଛର ଡ଼ାଳ ପଛରେ ଖୁବ୍ ଦୋହଲିବାକୁ ଲାଗିଲାଣି ।

'ୟୁ' କ୍ଲାସ୍ ଫିଲ୍ମ "ଯବ ପ୍ୟାର୍ କିସିସେ ହୋତା ହୈ" ସର୍ବତ୍ର ପ୍ରଦର୍ଶିତ ହେବାପାଇଁ ସେନ୍‌ସର ବୋର୍ଡ଼ ଅନୁମତି ଦେଇ ସାରିଛନ୍ତି କି ନାହିଁ ପୁଣି ଝିଲ୍ -ଦପ୍ ।

ଘର ଭିତରୁ ଏତେ ଜୋର୍ ଗଣ୍ଡୋଗଳ ଉଠିଲା ଯେ, ବଜ୍ରର ଶବ୍ଦଟା ବି ଶୁଭିଲା ନାହିଁ । କେତେ ସେକେଣ୍ଡ ଗଡ଼ିଗଲା, ଆଉ ଶବ୍ଦ ନାହିଁ । ହୀରାକୁଦ କରେଣ୍ଟ୍ ଅଫ୍ ଅରଜିନାଲ୍ କରେଣ୍ଟ୍ ବି ଅଫ୍ । ଦୁଇ କରେଣ୍ଟ୍‌ର "ପ୍ୟାର୍" ଚାଲିଲା । ପୁଣି ସେଇ ପ୍ରାକ୍ କାଳର ଅନ୍ଧକାର "ଲେଟ୍ ଦେୟା ବି ଲାଇଟ୍" ଚିତ୍କାର କରି ଆକାଶ ପାତାଳ ଫଟାଇ ଦେଲେ ବି ଲାଇଟ୍ କାହିଁ ?

ଏଇଥିପାଇଁ ତ଼ରନ୍ତି ହୀରାକୁଦ କରେଣ୍ଟ୍‌କୁ ସରୋଜବାବୁ, ଥରେ ବନ୍ଦହେଲା ତ ଆଉ କେହି ଆଣିପାରିବନାହିଁ । ତା'ର ଯେତେବେଳେ ଇଚ୍ଛା ସେତେବେଳେ ଆସିବ, ତୁମେ ଚାହଁ ବା ନ ଚାହଁ ।

ଏଥର କରିବେ କ'ଣ ? ପକେଟରେ ହାତମାରି ଦେଖିଲେ ଅଧାଟିକଟ ଅଛି । ଧୀରେ ଧୀରେ ପାହୁଚ ଅଣ୍ଡାଳି ପାଦପକାଇ ଆସିଲେ ତଳକୁ । ଅଗଣାରେ ଗୋଡ଼ ପକାଇଛନ୍ତି କି ନାହିଁ ଜୋର ପବନରେ ହୋଟେଲର ସିଙ୍ଗଡ଼ା ପରସା ହୋଇଥିବା ଶାଳ ଠୁଙ୍ଗାଟା ଉଡ଼ିଆସି ତାଙ୍କ ଗୋଡ଼ରେ ବାଡ଼େଇ ହୋଇଗଲା । ତରବରରେ ଦଶ କୋଡ଼ିଏ ହାତ ଯାଇ ଫାଟକ ପାଖରେ ଦେଖିଲେ ରିକ୍ସା ଅଛି କି ନାହିଁ, କିନ୍ତୁ ଆଲୁଅର ବା ମଣିଷର କାହିଁ କିଛି ସନ୍ଧାନ ନାହିଁ ।

ଝଡ଼୍ ଝଡ଼୍-ଝଡ଼୍, ବଡ଼ ଟୋପାରେ ହଠାତ୍ ପ୍ରଚଣ୍ଡ ଅସରା । ସାଇରେନ୍ ବାଜିଉଠିଲେ "ଏୟାରରେଡ୍"ରୁ ରକ୍ଷାପାଇଁ ଲୋକେ ଯିମିତି ବ୍ୟସ୍ତ ବିକଳ ହୋଇ ଟ୍ରେଞ୍ଚ ଖୋଜି ବୁଲନ୍ତି ସରୋଜବାବୁ ବି ସିମିତି ଇଆଡ଼େ ସିଆଡ଼େ ଧାଁ ଦୌଡ଼ କରିଦେଲେ, କିନ୍ତୁ ଆଶ୍ରୟସ୍ଥଳ କାହିଁ ? ଖାଲି ଲମ୍ବା ଲମ୍ବା କାନ୍ଥଗୁଡ଼ା । ସିନେମାଘର ଭିତରକୁ ପଶିବାକୁ ବେଳ କାହିଁ ? ବୋମା ସେତେବେଳକୁ ପଡ଼ିସାରିଥିବ । କିଟିମିଟିଆ ଅନ୍ଧାରରେ ଅକସ୍ମାତ୍ ମୁଣ୍ଡ ଗୁଞ୍ଜିବାକୁ ସ୍ଥାନଟିଏ ପାଇଲେ ଟିକଟ ଘରର ଝରକା ପାଖରେ, ଯେଉଁଠି ବୃଷ୍ଟି ନିବାରଣ ପାଇଁ ତିନିଫୁଟ୍, ତିନିଫୁଟ୍ ସିମେଟ୍ ପଟା ଖଣ୍ଡିକ ଥିଲା ତାହାରି ତଳେ ।

Digitized by srujanika@gmail.com

ଛାତିର ଦୁକୁ ଦୁକୁ ବନ୍ଦ ହେଲା । ଅନ୍ଧାର ଭିତରଦେଇ ଚାହିଁଲେ ଆକାଶକୁ । ସର୍ବବ୍ୟାପି ଅସରନ୍ତି କଳା ରୂପ । ଯେତେ ବେଶୀ କଳା ସେତେ ବେଶୀ ଆଲୁଅ, ସେତେ ବେଶୀ ପ୍ରଳୟଙ୍କରି ଶକ୍ତି । ସେଇଥିପାଇଁ ଲୋକେ କାଳୀପୂଜା କରନ୍ତି - ଶକ୍ତି ଓ ଆଲୋକର ଏ ମହାନ୍ ଉତ୍ସ ଏଇ କାଳୀ । ଏଇ ରଙ୍ଗର ଗୋଟାଏ ମେଘର ବଜ୍ର କମଳିନୀକୁ ବିଧବା କରିଥିଲା । ଏଇ କଳାରଙ୍ଗର କାଳୀ ସରୋଜବାବୁଙ୍କ ସ୍ତ୍ରୀଙ୍କୁ ତ ପାଗଳୀ କରିଥିଲା । ତାଙ୍କ ସ୍ତ୍ରୀ କଳାମେଘ ଦେଖିଲେ ଚୂଳ ଛାଡ଼ି ନାଚୁଥିଲେ ପରା ।

ଝଲ୍ ! ଇସ୍ ! "ଜଳିଗଲା କିବା ଅନମ୍ବର ସତ ହାବେଳୀ ବାଣେ ," ଅନ୍ଧାର ଆରପାରିର ସର୍ଗଟା ଖୋଲିଗଲା ବୋଧହୁଏ । ସର୍ଗ-ରାଜ୍ୟଟା ତେବେ କ'ଣ ବ୍ଲେଙ୍କ !

ଆଖିରୁ ବିଜୁଳୀର କଳାଛାପଟା ଲିଭିଛି କି ନାହିଁ ସରୋଜବାବୁ ଚମକି ହାଉଳି ଖାଇଗଲେ । କିଏ ଯେପରି ତାଙ୍କୁ ଜୋରରେ କୁଣ୍ଢାଇ ଧଇଲା ।

"କ୍ଷମା କରିବେ," "ଝିଲ୍‌କିକୁ ମୁଁ ଖୁବ୍ ଡ଼ରେ ।" - କ୍ଷୀଣସ୍ୱର, "ମୁଁ ବି ବଡ଼ ଡ଼ରେ ।" ସରୋଜବାବୁଙ୍କ ପାଟିରୁ ଆପେ ଆପେ ବାହାରିଲା । "କିଏ ଆପଣ ? ସେଇ କୁଣ୍ଢାଇ ଧରିବା ପୁରୁଣା ରୋଗଟା ମୋର ରହିଯାଇଛି ସେହି ଦିନରୁ । ମୋତେ ଆପଣ ଚିହ୍ନନ୍ତି ।" ଦଣ୍ଡେ ରହିଯାଇ "ମୁଁ କମଳିନୀ ।"

"କମଳିନୀ ... ? ଆଶ୍ଚର୍ଯ୍ୟ ! ତୁମେ ଏଠି ... ?"

"ଆଜି ଆସିଛି । ଇଣ୍ଟରଭ୍ୟୁ ଥିଲା ।"

"ଇଣ୍ଟରଭ୍ୟୁ ? ତୁମର ... ?"

"ଗ୍ରାମସେବିକା ପୋଷ୍ଟ ।"

"ମୋ ଛୁଆପିଲାଙ୍କ ସେବିକା ପୋଷ୍ଟ ଏଯାକେ ଖାଲିପଡ଼ିଛି । ଘରର ସେବା ଛାଡ଼ି ଗ୍ରାମର ସେବାକୁ ବାହାରିପଡ଼ିଲ କେମିତି ?"

"ଘରେ ବସି ବସି କଅଣ କରିବି ? ବାପା ମାଆ କହିଲେ, ଗାଁ ଲୋକେ ବି କହିଲେ ।"

"ତେବେ ତୁମେ ଜିପ୍‌ରୁ ଓହ୍ଲାଇଲ ? ମୁଁ ଠିକ୍ ଅନୁମାନ କରିଥିଲି ଟିକିଏ ମୋଟା ହୋଇଯାଇଛି । ରଙ୍ଗ ବି ବଦଳି ଯାଇଛି । ଭାରି ସୁନ୍ଦର ଦିଶୁଛ । ଆଚ୍ଛା ସେ ଡ୍ରାଇଭରଟା କିଏ ?"

"ସେ ଡ୍ରାଇଭର ନୁହନ୍ତି । ବ୍ଲକ୍‌ର ଜଣେ ଚିହ୍ନା ଲୋକ । ଆଉ କେଉଁଠି ତାଙ୍କର ମିଟିଙ୍ଗ୍ ଅଛି । ଫେରିଲାବେଳେ ମୋତେ ନେଇଯିବେ ।"

"ତୁମେ ତ ନୂଆ ଚାକିରୀ ଖୋଜୁଛ, ବ୍ଲକ୍ ଲୋକଙ୍କ ସହିତ ଚିହ୍ନା ହେଲା କିପରି ?"

"ମୁଁ ଗାଁର ମହିଳା ସମିତିର ସେକ୍ରେଟାରୀ ।"

"ସେ ଡ୍ରାଇଭରଟା କଣ ବି.ଡ଼ି.ଓ., ସରପଞ୍ଚ, ଚେୟାରମାନ ନା ଡ଼ି.ପି.ଆ.ର୍.ଓ. ?"

Digitized by srujanika@gmail.com

"ସେ କଥା ଜାଣି ଲାଭ କିଛିନାହିଁ, ସରୋଜବାବୁ ! ଯେ ଘର ଛାଡ଼ି ଚାକିରୀ କରିବାକୁ ଥରେ ପଦାକୁ ବାହାରିବ ତାର ବିଚାର କ'ଣ ? ମାନ ସମ୍ମାନ କଣ ? ଆପଣ ମୋତେ ଭୁଲ୍ ବୁଝନ୍ତୁ ନାହିଁ । ଆପଣଙ୍କୁ ଓହ୍ଲାଇ ଆସିବାର ମୁଁ ଦେଖିଛି, ପଛେ ପଛେ ଆସିଛି କେବଳ ପଦେ କଥା କହିବା ପାଇଁ ।"

"ପଦେ ! ଶହେ ପଦେ ଶୁଣିବାପାଇଁ ରାଜି । ଛଅ ମାସ ହେଲା ତୁମର ହଁ ପଦକ ପାଇଁ ଅପେକ୍ଷା କରିଛି । ମୋର ପ୍ରସ୍ତାବଟା ତୁମ ବାପା ଶୁଣିଛନ୍ତି ?"

"ହଁ ବାପା ମା'"ଉଭୟେ ଶୁଣିଛନ୍ତି । ମୋ କଥା ତ ମୁଁ କହିଦେଇଛି ଆପଣଙ୍କୁ । ଆପଣ ମୋର ବିପଦରେ ପାଖରେ ଠିଆ ହୋଇଛନ୍ତି । ମୁଁ ଆପଣଙ୍କୁ କେବେ 'ନା' କହିନାହିଁ, କହିବିନାହିଁ ମଧ । ଜାତକଟା ମେଳ ହୋଇଥିଲେ ଆମେ ଦିହେଁ ସାରା ଜୀବନ କଟାଇଥାନ୍ତୁ ଏକା ସାଙ୍ଗରେ । ଏବେ ବି ମୋର ସେଇ ଇଛା । ତେବେ –"

ଏତେ ଜୋର୍‌ରେ ବଜ୍ରଟାଏ ମାଇଲା ଯେ, ସରୋଜବାବୁ ଚମକି ଖୁବ୍ ଜୋରରେ କମଳିନୀକୁ କୁଣାଇ ପକାଇଲେ । ପୁରୁଣା ରୋଗର ବିକାର ସମ୍ଭାଳିବା ପାଇଁ ଆଉ କମଳିନୀକୁ କୌଣସି କାଠ ଖୁଣ୍ଟ ବା ଗଛର ଆଶ୍ରୟ ନେବା ଦରକାର ହେଲାନାହିଁ । କଥାର ଖିଅ ଦୁହେଁଯାକ ଭୁଲିଗଲେ । ଟିକ୍ ଟିକ୍ ହୋଇ କେତେ ସେକେଣ୍ଡ କଟିଗଲା । ବାହୁଫାଶ କୋହଳ ହେଲା । ଅବିରାମ ବର୍ଷା । ମୁହୂର୍ତ୍ତକେ ଖଣ୍ଡପ୍ରଳୟ ।

ପ୍ରଳୟ ହେବନା କ'ଣ ? ଏ ଆଡ଼କୁ ଟିକିଏ ଘୁଞ୍ଚିଆସ, ଲୁଗାଟାକୁ ଟିକେ ଟେକି ଧର । ଭିଜି ଯାଉଥିବ । "ସତରେ କମଳିନୀ, ତୁମେ କେଡ଼େ ବଜ୍ରଟାଏ ସମ୍ଭାଳି ପାରିଲ ?"

ଆପଣ କିମିତି ଯୋଡ଼ାଏ ବଜ୍ର ସମ୍ଭାଳିଛନ୍ତି ? ଆପଣଙ୍କ ଦୁଃଖ ମୁଁ କଳ୍ପନା କରିପାରେ ନାହିଁ । କୁନ୍ତଳିନୀ ଆପଣଙ୍କୁ ରଜା କରିଦେଇଥିଲା ଯେ ! ଆଚ୍ଛା ! ଘର କିମିତି ଚଳୁଛି ? "ପିଲାପିଲି ?"

"ସେ କଥା ପଚାରି କି ଲାଭ ? ଅଚଳ ହୋଇ ଦୁନିଆରେ କିଛି ରହେ ? ତୁମର ଯିମିତି କେହି ନାହାନ୍ତି ମୋର ବି ସିମିତି କେହିନାହିଁ । ଆମେ ଦି'ଟା ତେବେ ବଞ୍ଚିଛୁ କିପରି ?"

"ଆପଣଙ୍କ ପିଲାଝିଲା ଅଛନ୍ତି । ମୋର ବାପା ମାଆ ଅଛନ୍ତି, କେହିନାହାନ୍ତି କିପରି ?"

"ବାଜେ କଥା । ମିଛ କଥା । ନିପଟ ଭାଣ୍ଡାମି । ସ୍ୱାମୀର ସ୍ତ୍ରୀ ନାହିଁ ତ ତା'ର ଦୁନିଆରେ କେହି ନାହିଁ । ସ୍ତ୍ରୀର ସ୍ୱାମୀ ନାହିଁ ତ ତା'ର ଆଉ ଦୁନିଆରେ କେହିନାହିଁ । ଯେଉଁଗୁଡ଼ାକ ସ୍ୱାମୀ-ସ୍ତ୍ରୀ ସମ୍ପର୍କ ଜାଣନ୍ତି ନାହିଁ ସେଇମାନେ ତୁମପରି କହନ୍ତି ବାପା, ମା, ପିଲାଝିଲା କଥା ।"

Digitized by srujanika@gmail.com

"ଲୋକେ ଅଛନ୍ତି, ସମାଜ ତ ପୁଣି ଅଛି ।" "କମଳିନୀ! ଏଗୁଡ଼ାକ ତୁମର ଶିଖା କଥା, ମନର ନୁହେଁ । ତୁମେ ଯାହା ହରାଇଛ ପାଇବ ନାହିଁ, ମୁଁ ଯାହା ହରାଇଛି ପାଇବି ନାହିଁ । ତଥାପି ନୂଆକରି ଦୁନିଆଟା ପୁଣି ଗଢ଼ି ବସିବାକୁ ଚେଷ୍ଟାକଲେ କ୍ଷତି କ'ଣ ?"

"କିନ୍ତୁ -"

"ଏ ଯେଉଁ ପ୍ରକୃତିର ଅନନ୍ତ ତାଣ୍ଡବ ଚାଲିଛି ଓ ଦେବତାର ବିକଟ ଅଟ୍ଟହାସ୍ୟ ଶୁଭୁଛି ତା'ରି ଭିତରେ ଯଦି କିଛି ସତ୍ୟ ଥାଏ ତେବେ ଏଇ ମୁହୂର୍ତ୍ତଟା - ଏବଂ ତୁମେ ଆଉ ମୁଁ, ଭାବି ପାରୁଛ କମଳିନୀ, ଏ ମୁହୂର୍ତ୍ତଟାର ମୂଲ୍ୟ ।"

"ଆପଣ ଟିକିଏ ଭାବ ପ୍ର......."

"ଏ ଯେଉଁ ମେଘଟା ପୃଥିବୀ ଓ ସୂର୍ଯ୍ୟର, ତାରା ଓ ଚନ୍ଦ୍ରର ଖେଳ ଶେଷକରି ଦେଇଛି, ସେଇ ମେଘ ବଜ୍ରଟାଏ ପେଶି ତୁମର ଓ ହରିଶଙ୍କରର ଲୀଳାର ଅନ୍ତ କରିଛି । ପୁଣି ସେଇ ମେଘ ପରି କଳାରଙ୍ଗର କାଳୀ ଭେଳିକି ଲଗାଇ ମୋର କୁନ୍ତଳିନୀକୁ ବାୟାଣୀ କରି ସର୍ବଶେଷରେ ଖାଇଦେଇଛି, ଗୋଟାଏ କଳା ଇଞ୍ଜିନ ତଳେ । ଆସ, ଏଇ ମୁହୂର୍ତ୍ତରେ ସେ ମେଘଟା ପାଖରେ ଦୁହେଁ ଆଣ୍ଠୁମାଡ଼ି ପ୍ରାର୍ଥନା କରିବା ଯିମିତି ସେ ଆମ ଦିହିଁଙ୍କ ଏକାବେଳକେ ଖାଇଦିଏ, ନହେଲେ ଦୟାକରି ଦଣ୍ଡେ ଖେଳିବାକୁ ଦିଏ ଏକା ସାଙ୍ଗରେ ଜୀବନର ବାକୀ କେତୋଟି ମୁହୂର୍ତ୍ତ ।"

ବର୍ଷାର ଜୋର ଟିକିଏ କମିଗଲା ପରି ଲାଗିଲା । କମଳିନୀର ଓଦାଳିଆ ଚୂଳରୁ କେତୋଟି କୁଞ୍ଚୁକୁଞ୍ଚୁଆ କେରା ପବନରେ ଉଡ଼ି ସରୋଜ ବାବୁଙ୍କ ବେକରେ ବାଜୁଥାଏ । ଦୁହେଁ ଜାଣନ୍ତିନାହିଁ କେତେବେଳେ ଦୁହିଁଙ୍କ ହାତ ଛନ୍ଦି ହୋଇଯାଇଛି । କମଳିନୀ ଟିକିଏ ଚମକିଲା ପରି ହୋଇ ନୀରବତା ଭଙ୍ଗ କଲା ।

"ସରୋଜବାବୁ ଆପଣଙ୍କୁ ବୋଧହୁଏ ଜ୍ୱର ଆସିଲାଣି । ଦେହ ତାତିଲା ତାତିଲା ଲାଗୁଛି ।"

ମୁଁ ବି ତ ସେ କଥା ତୁମକୁ ପଚାରିବାକୁ ଯାଉଥିଲି । ତୁମ ଦେହ ମୋ ଦେହଠାରୁ ବେଶୀ ତାତିଲା ପରି ଲାଗୁଛି ମୋତେ । ସତ କହିଲେ ମୁଁ କ'ଣ ଭାବୁଛି ଜାଣ କମଳିନୀ, "ତୁମର ଆଉ ମୋର କେରାଏ ଚୂଳ ପଜିଟିଭ ଓ ନେଗେଟିଭର ତାର କରି ଯଦି ବର୍ତ୍ତମାନ କରେଣ୍ଟ୍ ଶକ୍ତି ପରୀକ୍ଷା କରାଯାଆନ୍ତା ତେବେ ଯେତେ ହଜାର କିଲୋୱାଟ୍ ବାଲବ୍ ହେଲେ ବି ଫିଉଜ୍ ହୋଇଯାଆନ୍ତା ।"

କମଳିନୀ କିଛି କହିଲା ନାହିଁ । ତା'ର ନିଶ୍ୱାସ ଜୋରରେ ବହୁଥାଏ । ନାଡ଼ିଟାର ଗତି ବି ଖୁବ୍ ଜୋର । ଏକଥା ସରୋଜବାବୁ ସ୍ପଷ୍ଟ ଅନୁଭବ କରିପାରୁଥାଆନ୍ତି । ସେଇ ମେଣ୍ଢାଛୁଆ ବା ହରିଣୀ ଖୁବ୍ ଧାଁ ଧଉଡ଼ କଲେ ଯିମିତି ଧଇଁ ସଇଁ ହୋଇଯାଆନ୍ତି, ତାଙ୍କ ଛାତି ଧଡ଼୍ ଧଡ଼୍ ଦେଖିହୁଏ, କମଳିନୀର ବୋଧହୁଏ ସେମିତି ହେଉଥିଲା ।

Digitized by srujanika@gmail.com

ଦୁହେଁ ନୀରବ । ଘନ ଅନ୍ଧକାରରେ ପରସ୍ପରର ଅନ୍ତରାତ୍ମା ଦୁଇଟା ଯେମିତି ପ୍ରାଣ ଗୁଡ଼ାଏ ପିଇଯାଉଛନ୍ତି ପାନ ପତ୍ରର ଶେଷପର୍ଯ୍ୟନ୍ତ ଆଗାମୀ ଜୀବନ ଉପରେ ଲକ୍ଷ୍ୟ ରଖି ।

କେତେ ସମୟ ପରେ ଭଙ୍ଗାଭଙ୍ଗା ଗଳାରେ କମଳିନୀ ନୀରବତା ଭଙ୍ଗ କରି ପୁଣି ପଚାରିଲା, 'ସରୋଜବାବୁ, ଯଦି ଆଲୁଅ ଏଇଲାଗେ ଜଳିଉଠିବ ଏବଂ ଜଣେ କେହି ଯଦି ପଚାରନ୍ତି ମୁଁ ଆପଣଙ୍କର କିଏ ? ଆପଣ କ'ଣ ଜବାବ୍ ଦେବେ ?" ମୁଁ ଆଦୌ ଦ୍ୱିଧା ନରଖି ସିଧାସଳଖ କହିବି, ଏ ମୋର ବିବାହିତା ସ୍ତ୍ରୀ କମଳିନୀ । ଯଦି ଆଲୁଅ ଜଳିଉଠେ ଏବଂ ଯଦି କେହି ଠିକ୍ ସେମିତି ପ୍ରଶ୍ନ ତୁମକୁ ପଚାରେ, ମୁଁ ତୁମ୍ଭର କିଏ, ତୁମର କ'ଣ ସତ୍‌ସାହସ୍ ଅଛି କହିବାର, "ଏ ମୋର ସ୍ୱାମୀ ବୋଲି କୁହ ?"

"ମୁଁ ଏହାର ଜବାବ୍ ଦେବି ..........."

ଦପ୍ କରି ହୀରାକୁଦ କରେଣ୍ଟ୍ ଜଳିଉଠିଲା, ସରୋଜବାବୁ ହୀରାକୁଦ କରେଣ୍ଟ୍‌କୁ ଡ଼ରନ୍ତି ଏଇଥିପାଇଁ - ଯେତେବେଳେ 'ଅଫ୍' ହେବା କଥା 'ଅନ୍' ହୁଏ ।

କମଳିନୀର ଜବାବ ଅକୁହା ରହିଗଲା । ଦି'ଜଣ ଦୋଷୀ ପରି ପରସ୍ପରଠୁଁ ନିରାପଦ ଦୂରତାକୁ ଘୁଞ୍ଚିଯାଇ ଛିଡ଼ାହେଲେ । ଆକାଶରେ ପୁଣି ତାରା । କପାଳର କେତେକେରା ଚୂଳକୁ ଯଥାସ୍ଥାନରେ ସଜାଡୁ ସଜାଡୁ ସିଡ଼ି ଉପରକୁ ଉଠିଗଲା କମଳିନୀ ଓ ଗମ୍ଭୀର ହୋଇ ଅସମାପ୍ତ ବାକ୍ୟକୁ ପୂରଣ କଲା, "ସିନେମା ପରେ" ପଦଟିକୁ ଯୋଡ଼ି ।

ଏଥର ଘର ଭିତରେ ହୀରାକୁଦ କରେଣ୍ଟ୍‌ର ଚାଲିଲା ଛବି, "ଯବ୍ ପ୍ୟାର କିସିସେ ହୋତହେ" । କିନ୍ତୁ ତୋଫାନବିକ୍ଷୋଭିତ ପ୍ରକୃତିକୁ ପୃଷ୍ଠପଟ କରି ଛୋଟ ଝରକାଟି ତଳେ ଦଶମିନିଟ୍ ଧରି ଯେଉଁ "ପ୍ୟାର" ଚାଲିଥିଲା ତାକୁଇ ଭାବି ଭାବି ସରୋଜବାବୁ ଦୁଇଘଣ୍ଟା କଟାଇଦେଲେ । ପଙ୍ଖା ତଳଟାରେ ବି ଦେହର ଝାଳ ଶୁଖିଲା ନାହିଁ ।

ଚକୋଲେଟ୍ ରଙ୍ଗର ପରଦାଟା ଧୀରେ ଧୀରେ ପୁଣି ସାଧା ପରଦାର "The End" ଉପରେ ଢ଼ାଙ୍କିଗଲା । ସରୋଜବାବୁ ବାହାରକୁ ଆସିଲେ, ଅପେକ୍ଷା କଲେ, ଖୋଜିଲେ, କିନ୍ତୁ କମଳିନୀକୁ ପାଇଲେନାହିଁ । ମନେ ମନେ ଭାବିଲେ କମଳିନୀ ବୋଧହୁଏ ତାଙ୍କୁ ଅପେକ୍ଷା କରିଥିବ, ଖୋଜିଥିବ, ପାଇନଥିବ ।

ଦୀର୍ଘଶ୍ୱାସ ଛାଡ଼ି ଘରମୁହାଁ ହେଲାବେଳେ ଦେଖିଲେ ପୃଥିବୀର ନରମ ଛାତଟାକୁ ଯେପରି ଫାଳ ଫାଳ କରି ଚିରି ଜିପ୍ ଗାଡ଼ିଟା ଚାଲିଯାଇଛି କେଉଁ ଏକ ଲକ୍ଷ୍ୟହୀନ ପଥରେ ଗୋଟାଏ କକ୍ଷଚ୍ୟୁତ ତାରକାକୁ ଘେନି ।

ପୁଣି ସେଇ ମେଘ । ଏଥର ଏଇ ଡ୍ରାଇଭରଟା ସେଇ ମେଘର ପାର୍ଟ-ଦୁଶମନ୍‌ର ପାର୍ଟ କଲା । କମଳିନୀ ହରିଶଙ୍କର, କୁନ୍ତଳିନୀ ସରୋଜ ବର୍ତ୍ତମାନ କମଳିନୀ, ସରୋଜବାବୁ "ପ୍ୟାର" ରେ ସେହି ମେଘ । ସରୋଜବାବୁଙ୍କୁ ଜଣାଗଲା ସେ ଯେପରି

Digitized by srujanika@gmail.com

ଆଉଥରେ ବିପତ୍ନୀକ ହେଲେ, ସେ ଜାଣିବାକୁ ଚାହାଁନ୍ତି କମଳିନୀ କଣ ଆଉଥରେ ବିଧବା ହେଲା ବୋଲି ଭାବିଥିବ ?

ଏବେ ସରୋଜବାବୁ ହୀରାକୁଦ କରେଣ୍ଟ୍‌କୁ ଭଲ ପାଉଛନ୍ତି । ସବୁ ସିନେମା ଦେଖନ୍ତି । କାଳେ ହୀରାକୁଦ କରେଣ୍ଟ୍ ଅଫ୍ ହୋଇଯିବ - କାଳେ କମଳିନୀ ଆସିଥିବ ।

# ଅଶ୍ୱତ୍‌ଥାମା ହତ ?

"ଶୁଆ ମାର୍କା ଗୁଣ୍ଡ ଚା - ଏକ ପେକେଟ୍ ।" ଛୋଟ ତାଲିକାଟିଏ ପକେଟ୍‌ରୁ ବାହାର କରି ଅଧାପକ ଜୀବାନନ୍ଦ ଡ଼ାକିବାକୁ ଆରମ୍ଭ କଲେ । ଟିପା ଖାତାରେ ଲେଖୁ ଲେଖୁ ହୀରାଲାଲ କହିଲା, "ଟଙ୍କାଏ ସାତ ପଇସା, ଅଉର୍ ?"

ଅଧାପକ ପୁଣି ଡ଼ାକିଲେ, "ଚିନି ପାଞ୍ଚଶ ।" ହୀରାଲାଲ ହକିଲା, "ତେସ୍ତରି, ଅଉର୍ ?"

ଅଧାପକଙ୍କ ଛୋଟ ତାଲିକାଟିଏ ବୋଧୁହଏ ଏହି ଦୁଇଟା ଜିନିଷରେ ସରିଗଲା । ହୀରାଲାଲର "ଅଉର"ର ସଉଦା ବରାଦ କରି ନପାରି ଜୀବାନନ୍ଦ ଟିକିଏ ଲଜ୍ଜିତ ଓ ଅପ୍ରତିଭ ହେଲେ ।

"ଆଉ ..." ଦମ୍ଭ ବାନ୍ଧି ପୁଣି କ'ଣ ଗୋଟାଏ ଜିନିଷ ବରାଦ କରିବାକୁ ଯାଉଥିଲେ । ଯିମିତି ସାହସ ପାଇଲାନି, ହଠାତ୍ ଅଟକିଗଲେ । କାନମୁଣ୍ଡ ଆଉଁସି କୁଣ୍ଡାଇ, ଦୋକାନ ବାହାର ଭିତର ଚାରିଆଡ଼େ ଆଖି ବୁଲାଇଲେ । ଥାକ ଥାକ ହୋଇ ସାଇତା ହୋଇଥିବା ହମାମ ଓ ସନ୍‌ଲାଇଟ ସାବୁନ ପଛକୁ ଯେଉଁ ଖାକି ରଙ୍ଗର ଚାରି ପହଲିଆ ଲମ୍ବା ମୋଟ କାଗଜର ଖୋଳଟା ଥିଲା ତାରି ଉପରେ ତାଙ୍କର ଦୃଷ୍ଟି ପଡ଼ିଲା । ବଡ଼ ବଡ଼ ଛପା ଅକ୍ଷରରେ ଲେଖା ଅଛି, "Donated by the people of the United States of America - not to be sold or exchanged" ଆମେରିକା ଯୁକ୍ତରାଷ୍ଟ୍ର ଜନସାଧାରଣଙ୍କ ଦାନ-ବିକ୍ରି ବା ବଦଳ ପାଇଁ ନୁହେଁ ।

ଗୋଟିଏ ସମୃଦ୍ଧ ମହାଜାତିର ଏକ ଦରିଦ୍ର ବୁଭୁକ୍ଷୁ ମହାଜାତି ପ୍ରତି କି ଅନବଦ୍ୟ ଅକୁଣ୍ଠ (ଅବାଞ୍ଛିତ) ଅବଦାନ ଓ ବାଦାନ୍ୟତା ! ଶ୍ରଦ୍ଧା, ସହାନୁଭୂତି ଓ ମାନବିକତାର କି ଦିବ୍ୟ ବହିଃପ୍ରକାଶ ! ସେଇ ଜିନିଷଟି ତାଲିକାରୁ ଅଧାପକ ଡ଼ାକିବାକୁ ସାହସ କଲେନି । ଟୁକୁରା ଟୁକୁରା କରି କାଗଜକୁ ଚିରି ନର୍ଦ୍ଦମାକୁ ଫୋପାଡ଼ି ଦେଲେ ।

ଥଳିଟିଏ ଦୋକାନୀ ହାତକୁ ଦେଇ କହିଲେ, ନିଅ ଦୁଇଟା ସଉଦା ଏଥିରେ

Digitized by srujanika@gmail.com

ପୁରାଇବ । ପାଞ୍ଚଟଙ୍କିଆ ନୋଟ୍‌ଟିଏ ହାତକୁ ଦେଉଁ ଦେଉଁ କହିଲେ, "ଟିକିଏ ଶୀଘ୍ର ଦେଇଦବ । କାମ ଅଛି, ବଜାରରୁ ଏଇ ଫେରିଆସୁଛି ।"

ଦୋକାନରୁ ଓହ୍ଲାଇ ଯାଉ ଯାଉ ହଠାତ୍ କଣ ମନେପଡ଼ିଲା ପରି ଭାବ ଦେଖାଇ ବୁଲିପଡ଼ିଲେ ଏବଂ ନରମ ଅସ୍ପଷ୍ଟ ଗଳାରେ କହିଲେ, "ହୀରାଲାଲ, ଗୁଣ୍ଡଦୁଧ ପଚାଶ ଶହେ ଗ୍ରାମ ଦେଇପାରିବ ?"

ହୀରାଲାଲ ଠୋ ଠୋ କରି ହସି ଉଠିଲା । କହିଲା, "ଓହୋ ! ଆମ୍ ଦୁକାନର୍ ଖୋଲ୍ ଅର୍ ଡ଼ବ୍‌ବାକୁ ଦେଖି ଭାବିଲା, ଦୁକାନରେ ପାଉଡ଼ର ଦୁଧ ବିକ୍ରି ହଉଛି ?" ବିକାଳି ଆଡ଼କୁ ଚାହିଁ ହୀରାଲାଲ କହିଲା, "ଡ଼ବାକୁ ଡ୍ରେନ୍‌ମେ ଫେକ୍ ଦୋ ।"

ନିରାଶକୁ ଆଶ୍ୱାସ ଦେବା ଭଙ୍ଗିରେ ଦଣ୍ଡେ ରହିଯାଇ ଦୋକାନୀ ପୁଣି କହିଲା, "ଆପ୍ ଆସି ଯାଆନ୍ତୁ, ଦେଖିବା ଯବ୍ ଆଉ କିସିକା ଦୁକାନ୍‌ରେ ମିଳିଯିବ । ଆଜ୍‌କାଲ୍ ମୁସ୍କିଲ୍ ଏ ସବ୍ ଚିଜ ପାଇବା ।"

ବାଁ ହାତଟା ବାକ୍ସ ଉପରେ । ଆଖି ଦି'ଟା "ଧର୍ମଯୁଗ" ବା 'ସତ୍-ସଙ୍ଗ୍" କାଗଜ ଉପରେ । ପଢ଼ିଲା ବଜାର । ସୁନା ଫ୍ରେମର ଚଷମା ଭିତରୁ ସୁରମାଲଗା ଆଖିର ଜ୍ୟୋତି ଉହୁଙ୍କି ଆସୁଛି । ହୀରାଲାଲ ଆଜି ଭାରି ଖୁସି, ବଉନି ବେଳରେ ଅଧ୍ୟାପକ ଆସିଛନ୍ତି ବୋଲି । କାରଣ ଯେଉଁଦିନ ସେ ବଉନି କରନ୍ତି ସେଦିନଟି ହୀରାଲାଲର ଝାଳ ପୋଛିବାକୁ ତର ହୁଏନି । ବାକ୍ସରେ ଜାକିଜାକି, ନୋଟ୍‌ଗୁଡ଼ାକ ରଖିବାକୁ ପଡ଼େ ।

ହୀରାଲାଲର ଦୋକାନଟି ବଜାରର କେନ୍ଦ୍ରସ୍ଥାନରେ । ଯିଏ ଯୁଆଡ଼ୁ ଆସିଲେ ବି ଏଇଠି ପ୍ରଥମେ ହାବୁଡ଼ ଖାଆନ୍ତି । ତା'ଛଡ଼ା ଗରାଖଙ୍କ ସୁବିଧା ଅସୁବିଧାରେ ମିଳିବା ନ ମିଳିବା ଚିଜର ଧାର ନଗଦ କରାବାର (ଦୋକାନରେ "ଆଜି ନଗଦ କାଲି ଧାର" ଲେଖା ଥିଲେ ବି) ଚାଲେ ବୋଲି ଦୋକାନରେ ଖୁବ୍ ଭିଡ଼ହୁଏ । ବାବୁଭାୟାଙ୍କ ଚାକର ଚପରାସି ଏଠାରୁ ସଉଦାପତ୍ର ନିଅନ୍ତି । ମାପ ଓଜନ, ବିକ୍ରିକର, ଆୟକର ଅଫିସର ବଡ଼ ସାନ କର୍ମଚାରୀମାନେ କେତେବେଳେ କେମିତି ଏଇଠି ବସନ୍ତି ଓ ଅନ୍ନପୂର୍ଣ୍ଣା ମିଷ୍ଟାନ୍ନ ଭଣ୍ଡାର ବା ଜୟଦୁର୍ଗା କେଣ୍ଟିନରୁ (ଲୋକେ କହନ୍ତି, ଜିଲ୍ଲାର ଯେତେ ଗୁଣ୍ଡଦୁଧ ପଞ୍ଚାୟତକୁ ଯାଏ ତହିଁରୁ ବେଶୀ ଭାଗ ଏଇ ଦୁଇ ଦୋକାନକୁ ଛେନା ହୋଇ ଫେରିଆସେ) ଛେନାଗଜା ବା ଛେନାପୋଡ଼ପିଠା ଖାଇ ଧ୍ୱଂସ କରନ୍ତି ।

ଦୋକାନ ବାହାର ଓ ଭିତର ସବୁବେଳେ ସଫା ସୁତୁରା ନ ରଖିଲେ ବଡ଼ବଡ଼ ଅଫିସରମାନେ କ'ଣ ଭାବିବେ ? କିନ୍ତୁ ମ୍ୟୁନିସିପାଲିଟିର ଦାରୋଗା ମେହେନ୍ତର ପରି ଛୋଟଲୋକଗୁଡ଼ାକ ସାଙ୍ଗରେ ପ୍ରତିଦିନ କଳି କରିବ କିଏ ? ଯେତେ କହିଲେ ବି ତା'ରି ଦୋକାନ ସାମ୍‌ନାରେ ଅଳିଆଗୁଡ଼ିକ ଜମା କରିଦେଉଛନ୍ତି । ଅଳିଆ ଗାଡ଼ି ଆସୁ ଆସୁ କେଉଁ ଦିନ ଏଗାର ବାରଟା ବାଜି ଯାଉଛି ।

ହୀରାଲାଲ ସବୁ ଗରାଖ ମଧ୍ୟରେ ପ୍ରଫେସର ବାବୁଙ୍କୁ ବେଶୀ ପସନ୍ଦ କରେ,

Digitized by srujanika@gmail.com

ଭଲପାଏ । ସମସ୍ତଙ୍କ ଆଗରେ କୁହେ, "କିତନା ସଚ୍ଚା ଆଦିମି ଏଇ ପ୍ରଫେସର ଲୋକ । କେହି ଗରାଖ ନଥିଲେ ଅଧ୍ୟାପକ ସହିତ ନାନା ଖୁସିଗପ କରେ । ପଚାରେ, "ପ୍ରଫେସର ବାବୁ, ଆପ୍‌କା ନଉକର୍ ଚପରାସି କୋଇ ନେହିଁ ?" ଅଧ୍ୟାପକ ତାକୁ ବକ୍ତୃତା ଦେଇ ବସନ୍ତି ନୀତିବାଦ, ଜୀବନ ଦର୍ଶନ, ସ୍ୱାର୍ଥତ୍ୟାଗ ଓ ସ୍ୱାବଲମ୍ବନଶୀଳତା ବିଷୟରେ । କିନ୍ତୁ ପୁଣି ଗରାଖ ଭିଡ଼ହୁଏ । ବିଚାରା ହୀରାଲାଲ ଏସବୁ ମହତ୍ ଉପଦେଶ ଶୁଣିବାକୁ ବେଳ ପାଏନାହିଁ, କେବଳ ସମସ୍ତଙ୍କୁ ଶୁଣାଇ ସେ କୁହେ, "ଜ୍ଞାନୀଲୋକ, ପଣ୍ଡିତ ଲୋକ ।"

ଅଧ୍ୟାପକ ଜୀବାନନ୍ଦ ମାଛ ବଜାର ଆଡ଼କୁ ଯାଉଥିଲେ, ଶୁଣିଲେ ଦୂରରୁ ଚାରିଟଙ୍କା, ସାଢ଼େ ଚାରିଟଙ୍କା ପାଞ୍ଚଟଙ୍କା । ହଠାତ୍ ରାଇଟ୍ ଏବାଉଟ୍ ଟର୍ଣ୍ଣ କରି ଚାଲିଲେ ପନିପରିବା ବଜାରକୁ । ଡ଼ାକ୍ତରଗୁଡ଼ାକ ସବୁବେଳେ ତାଙ୍କୁ ଉପଦେଶ ଦେଉଛନ୍ତି ପ୍ରୋଟିନ୍ ଖାଇବାକୁ । କିନ୍ତୁ ସେମାନେ ମୋଟେ ବୁଝନ୍ତି ନାହିଁ ଯେ, ସେମାନଙ୍କର ଏଇ ପ୍ରୋଟିନ ନିଦାନ ପାଶ୍ଚାତ୍ୟ ଚିକିତ୍ସା ବିଜ୍ଞାନର ଅନ୍ଧ ଅନୁସରଣ । ଆମ ଦେଶ ଗରମ ଦେଶ । ଏଠି କେବଳ ଶ୍ୱେତସାର, କାର୍ବୋହାଇଡ୍ରେଟ୍ ଓ ଚର୍ବିହୀନ ଖାଦ୍ୟ ମଣିଷ ପକ୍ଷରେ ଉପାଦେୟ । ତେଣୁ ବୃକ୍ଷଲତାର ସମସ୍ତ ଅଙ୍ଗପତ୍ରତ୍ୟଙ୍ଗ ମିଳାଇ ବିଭିନ୍ନ ରଙ୍ଗର ପନିପରିବା କିଣିବାକୁ ସେ ସର୍ବଦା ଚେଷ୍ଟାକରନ୍ତି । ଶାଗୁଆ ପତ୍ର ମଧ୍ୟରେ ପୋଇ ଓ ଧନିଆଁ, ହଳଦିଆ ଫୁଲ ମଧ୍ୟରେ ବୋଇତ କଖାରୁ ଫୁଲ, ଧଳା ଫଳ କହିଲେ ଲାଉ ବା କଖାରୁ । ରଙ୍ଗ ବିଚିତ୍ର ମୂଳ ମଧ୍ୟରେ ଖମ୍ବଆଳୁ, କନ୍ଦମୂଳ ବା ଘୋର ପ୍ରକାଣ୍ଡ ଲାଲ ମୂଳା ପ୍ରସିଦ୍ଧ । ଏଗୁଡ଼ାକରେ ଖାଦ୍ୟପ୍ରାଣ ପ୍ରଚୁର ଅଛି, ସହଜଲାଭ୍ୟ ଓ ସୁଲଭ ମଧ୍ୟ । ବହୁ କୁଟୁମ୍ବୀମାନଙ୍କୁ ଏହା ଭଗବାନଙ୍କ ସ୍ୱତନ୍ତ୍ର ଦାନ ।

ପନିପରିବା ଏଇ ନୀତିରେ କିଣି ଯୋଡ଼ିଏ ଥଳିରେ ପୁରାଇ ପତ୍ରପୁଷ୍ପ ଫଳମୂଳ ଶୋଭିତ ଚଳନ୍ତି ବୃକ୍ଷଟିଏ ଭଳି ଅଧ୍ୟାପକ ଆସି ଛଡ଼ାହେଲେ ହୀରାଲାଲ ଦୋକାନ ଆଗ ସଡ଼କରେ ଗୋଟାଏ କଡ଼କୁ ।

ମାତ୍ର ଏଇ କେତେ ମିନିଟ୍ ମଧ୍ୟରେ ଦୋକାନ ସାମ୍‌ନା ଲୋକରଣ୍ୟ ହୋଇଗଲାଣି । ହୀରାଲାଲର ଦୋକାନ ଭିତରେ ଓ ବାହାରେ ଉତ୍ତେଜନା ଭରପୂର । ଭାରି ହୁରିହାଟ, ହଟ୍ଟଗୋଳ । ଖଣ୍ଡଯୁଦ୍ଧ ଲାଗିଯିବା ଦରକାର ।

ହୀରାଲାଲ ଦୋକାନ ଆଗ ନର୍ଦ୍ଦମା ସଫା ହେଉଛି । ଦାରୋଗା ନିଜେ ଛିଡ଼ା ରହି କାମ ତଦାରଖ କରୁଛନ୍ତି । ଚାରି ପାଞ୍ଚଜଣ କଳା କଳା ଭେଣ୍ଡିଆ ନର୍ଦ୍ଦମାରୁ ଅଳିଆ ମଇଳା ସବୁ ବାହାର କରୁଛନ୍ତି ପଙ୍କ କାଦୁଅରେ ଜଡ଼ସଡ଼ ହୋଇ । ଦୋକାନର ପାହାଚ କଡ଼କୁ ସଡ଼କ ପାଖରେ ମଇଳା ଜୁଢ଼ ହୋଇଗଲାଣି, କଳାପାଣିର ଝରଣାଟିଏ ସଡ଼କ ଆଡ଼କୁ ସିରି ସିରି ହୋଇ ବହିଯାଉଛି, ଭାରି ଦୁର୍ଗନ୍ଧ । ଲୋକେ ନାକ ବନ୍ଦ କରୁଛନ୍ତି ।

ହୀରାଲାଲ୍ କାଠଖଟ ଉପରେ ଛିଡ଼ାହୋଇ ବଡ଼ ପାଟିରେ କହୁଥାଏ, "କେତେ ବାର

Digitized by srujanika@gmail.com

ହାମ୍ ତୁମକୁ କହିଲା ଦୁକାନ ସାମନାରେ ଏ ସବ୍ ଜମା ନା କରିତେ ? ଜବ୍ ଭିଡ଼ ହେଉଛି ଜବ୍ ସାଫ୍ କରିବା ବେଳେ ହଉଛି । ଆଦିମି ଯେ କିତ୍‌ନା ହଇରାନ୍ ହଉଛି ତୁମ୍ ଲୋକକୁ କ୍ୟା ମାଲୁମ୍ ପଡୁଛି ? କେତେ ବାର କେତେ ଲୋକ ମୋର ପାଶରେ କ୍ରୁମ୍ପ୍‌ଲେନ୍ କରିଲା, ଜାନତା ?"

ଦାରୋଗା ଜବାବ୍ ଦେଲା, "ଇଃ ! କମ୍ପ୍ଲେନ୍ ! ଲୋକେ ଯାଙ୍କ ପାଖରେ ନ କରିବେ ତ ଆଉ କେଉଁଠି କରିବେ ? ଲୋକମାନଙ୍କ ପାଇଁ ଯାର ଆତ୍ମା ବହୁତ କାନ୍ଦୁଛି ନା ।"

"ନା ନା ! ତୋର ଆତ୍ମାଟା କାନ୍ଦୁଛି । ସେଦିନ ଯବ୍ ପୋଲିସ୍ ସାଥରେ ମିଲକର ଦୋକାନରୁ ବୋରା ବୋରା ସୁଜି, ମଇଦା ଅଉର୍ ବେସନ ଟିଣ ଟିଣ ସରଷାର ତେଲ ବାହାର କରିଲୁ ତୋର ପ୍ରାଣଟା କେତେ କାନ୍ଦିଲା ?"

"ତୁ ତା ବେ ବା ଛାଡ଼, ଭଦ୍ରଲୋକ ପରି କଥା କୁହ, ହୀରାଲାଲ ବାବୁ ! ମୋ ଉପରେ ଦୋଷ ଲଦୁଛ କାହିଁକି ? ସେ ତ ପୋଲିସ୍‌ବାଲାଙ୍କ କଥା ।"

"ସଇତାନ୍ ! ଆଦିମିକୁ କୋନ୍ ଖବରଟା ଦେଲା ? ଚୋଖି ବନ୍ଦକର କିତିନା ଦିନ ତୁ ବିଡ଼ାଲକା ମାଫିକ୍ ଦୁଧ ପିଇବୁ ?"

ଦାରୋଗା ଚୁପ୍ ରହିଲା ନିଜକୁ ସମ୍ଭାଳି ନେଇ । ହୀରାଲାଲ ବସିପଡ଼ିଲା ଓ ବାକ୍ସଟା ଖୋଲି ପୁଣି ଧଡ଼କରି ବନ୍ଦ କରିଦେଲା । ସେ ଆଜି ସୁଯୋଗଟିଏ ପାଇଛି । ଭେଜାଲ ମୋକଦ୍ଦମାଟା ଭିଆଇ ଦାରୋଗାଟା ତାକୁ ସେଦିନ ଯେଉଁ ହଇରାଣ ହରକତରେ ପକାଇଛି ଜେଠମଲ ହୀରାଲାଲର ପୁଅ ସେକଥା କଣ ଏତେ ଶୀଘ୍ର ଭୁଲିଯିବ ?

ଦାରୋଗା ବି ନ ଛୋଡ଼ବନ୍ଦା, ଏକେତ ମଇଳା ଘାଣ୍ଟିବା ହେଲା ଚାକିରି, ତା ଉପରେ ପୁଣି ପବ୍ଲିକ୍ କର୍ମଚାରୀ ହୋଇ ଏତେ ଲୋକଙ୍କ ଆଗରେ ବିଚ୍ ବଜାର ଉପରେ ଅପମାନ ସେ ସହିଯିବ କିମିତି ? ଖାଲି ଟଙ୍କା ବଳରେ କେଡ଼େ ସହଜରେ ପ୍ରମାଣ ଅଭାବରୁ ମକଦ୍ଦମାରୁ ଗଲାବର୍ଷ ଖସିଯାଇଛି ଏଇ ହୀରାଲାଲଟା ।

ଅଧାପକ ଜୀବାନନ୍ଦ ସବୁ ଦେଖୁଥାନ୍ତି ଓ ଠିଆହୋଇ ଭାବୁଥାନ୍ତି ବହିରେ କେଉଁଠି କିମିତି ଝିମିଟି ଖେଳରୁ ମହାଭାରତ ହୋଇଛି । ତାଙ୍କର ମନେପଡ଼ିଲା ଡ଼ନ୍ କୁଇକ୍‌ସୋଟ୍ କଥା । ଦୁନିଆଁରେ ଯେଉଁଠି ଅତ୍ୟାଚାର, ନାରୀଧର୍ଷଣ, ଉତ୍ପୀଡ଼ନ, ରାକ୍ଷସଙ୍କ ଉତ୍ପାତ ସେଇଠି କୁଇକ୍‌ସୋଟ୍ ପରି ବୀରମାନେ ଅବତୀର୍ଣ୍ଣ ହୋଇଛନ୍ତି । ତାଙ୍କପରି ଅଧାପକମାନେ ଯଦି ଏ ଯୁଗରେ ନାଇଟ୍ ହୋଇ ନ ବାହାରନ୍ତି ତେବେ ଦେଶର ଦୁର୍ନୀତି ଦୂର ହେବ କିପରି ?

ପୁଣି ବଚସା ଜୋର୍ ହେଲା, ବେଶୀ ବେଶୀ ଲୋକ ଜମା ହେଲେ । ହୀରାଲାଲ ଦାରୋଗା ଉପରେ ଗାଳି ବର୍ଷଣ କରୁ କରୁ କହିଦେଲା "ମ୍ୟୁନିସିପାଲିଟିକା କୁତ୍ତା !" ଦାରୋଗା ଆଉ ସମ୍ଭାଳି ନପାରି ଫାଇଲ ରେଜଷ୍ଟ୍ରି କାଖତଳେ ଯାକି ହୀରାଲାଲ ଆଡ଼କୁ

Digitized by srujanika@gmail.com

ଭିଡ଼ିଗଲା । ଅଧ୍ୟାପକ ଦେଖିଲେ ମଧ୍ୟସ୍ଥତା ପାଇଁ ଉପଯୁକ୍ତ ବେଳ ଆସିଲା । ସେ ଲୋକଙ୍କୁ ଠେଲି ପେଲି ଉଠିଗଲେ ଓ ଦୋକାନର ଏମିତି ଗୋଟାଏ ଜାଗାରେ ଛିଡ଼ାହେଲେ ଯେଉଁଠି ଉଭୟ ଦାରୋଗାବାବୁ ଓ ହୀରାଲାଲର ଦୃଷ୍ଟି ରେଖା ମିଶୁଛି ।

"ଆଚ୍ଛା, ସେତିକି ହେଉ, ଆଉ .." ବଡ଼ ପାଟିରେ ଅଧ୍ୟାପକ ମଧ୍ୟସ୍ଥତା ଆରମ୍ଭ କଲେ, ଦାରୋଗାଙ୍କୁ ଚାହିଁ ।

ଦାରୋଗାଙ୍କୁ ମନେହେଲା ସେ ଯେମିତି ଭଦ୍ରଲୋକଙ୍କୁ କେଉଁଠି ଦେଖିଛି । ହୁଏତ ଫୁଟବଲ୍ ଖେଳରେ ଚେୟାରମେନ୍ ସାଙ୍ଗରେ ବରାବର ବସି ଚେନାଚୁର ବାଦାମ ଚୋବାନ୍ତି । ଯାଙ୍କୁ କଚେରୀରେ ତ କାମ କରିବାର ଦେଖିନି । ତଥାପି ସେ ନିଶ୍ଚୟ ଭଦ୍ରଲୋକ ହୋଇଥିବେ ।

"ବେଶ୍ ! ଆପଣ ଦୟାକରି କଥାଟା ବୁଝନ୍ତୁ । କୁହନ୍ତୁ, ଦୋଷ କାହାର । ଲୋକଟା ତୁଚ୍ଛାଟାରେ କଳି କରୁଛି ।"

ପ୍ରଫେସର ବାବୁଙ୍କୁ ଦେଖିଦେଲାମାତ୍ରେ ହୀରାଲାଲ ମୁଣ୍ଡ ଭିତରେ ନୂଆ ଭାବର ଗୋଟାଏ ଢେଉ ଖେଳିଗଲା । ଭାବିଲା, ଏଇ ପ୍ରଫେସର, ସ୍କୁଲ୍‌ମାଷ୍ଟର ଗୁଡ଼ାକ ସବୁ ଅନର୍ଥର ମୂଳ । "କଳାବଜାର", "ମୁନାଫାଖୋର୍", "ଭେଜାଲ" "ଅଖାଦ୍ୟ" ଏମିତି ଗୁଡ଼ାଏ ଶବ୍ଦ ତିଆରି କଲା କିଏ ? ତା' ବାପା ଅମଳରେ ତ ଏସବୁ ଶବ୍ଦ ନଥିଲା । ଯେଉଁ କେତେଦିନ ସେ ସ୍କୁଲରେ ପଢ଼ିଥିଲା ସେତେବେଳେ ବି ତ ଏ ଶବ୍ଦ ବହିରେ ନଥିଲା । ଯେତେ ଯେତେ ନୂଆ ସ୍କୁଲ ଓ କଲେଜ ବଢ଼ୁଛି ସେତେ ସେତେ ନୂଆ ଶବ୍ଦ, ଟେକସ୍, ଆଇନ ମାପ ଓଜନ ଓ ପଇସା ବାହାରୁଛି । ଦାରୋଗା, ପୋଲିସ୍ ପ୍ରଭୃତି ବଦମାସ୍‌ଙ୍କୁ ଏ ଶବ୍ଦସବୁ ଶିଖାଉଛି କିଏ ? ଏଇ ପ୍ରଫେସର ମାଷ୍ଟରଗୁଡ଼ାକ ସିନା । ବେଶ୍, ବୁଦ୍ଧି ଶିଖାଇ ଦେଉଛି ।

କିଛି ଗୁଣ୍ଡଦୁଧ କାଗଜରେ ରଖି ପୁଟୁଳା ମୋଡ଼ିବା ପୂର୍ବରୁ କାଗଜଟାରକୁ ଅଙ୍ଗୁଳିରେ ଜୋର ଫଡ଼ ଫଡ଼ ଶବ୍ଦକରି ହୀରାଲାଲ ପିଟିଦେଲା ଯେମିତି ଅଧ୍ୟାପକଙ୍କ ଦୃଷ୍ଟି ସିଆଡ଼େ ପଡ଼େ ।

"ପାଉଡ଼ର୍ ମିଲ୍‌କ ତୁମ ଦୋକାନରେ ମିଳୁଛି ?" ଜଣେ ଗରାଖ ହଠାତ୍ ପଚାରିଲା ।

ହୀରାଲାଲ ସଂଗେ ସଂଗେ ଜବାବ ଦେଲା, "ନା ବାବା ! ସେ ସବ୍ ଚିଜର କାରବାର ଏ ଦୁକାନ ପର ନେଇଁ, କିତ୍‌ନା ବାଲକ୍ ବଚ୍ଚା ଗୁଣ୍ଡଦୁଣ୍ଡ ଖାଇ ମରିଛି ମାଲୁମ୍ ଅଛି ତୁମ୍ ଲୋକକୁ ? ରାମ, ରାମ, ସେ କାରବାର୍‌କୁ ଜୁହାର ।"

"ହାତରେ ଧରିଛ କ'ଣ ?"

"ସେଟା ବାର୍ଲିଗୁଣ୍ଡ ଅଛି, ପ୍ରଫେସର ବାବୁର ।" ହୀରାଲାଲ ହାତରେ ଥିବା

Digitized by srujanika@gmail.com

ଗୁଣ୍ଡଦୁଧକୁ ଅଧ୍ୟାପକ ଚାହିଁଲେ ।

ହୀରାଲାଲ ଏତିକିବେଳେ କ'ଣ ଗୋଟାଏ ବଡ଼ ଆବିଷ୍କାର କଲାପରି ହଠାତ୍ ପାଟିକରି କହିଉଠିଲା, "କଥା ସମଜିବା ଦରକାର ଥିଲା, ଦେଖ୍ ଚୋଖ୍ ଫିଟାଇ ଦେଖ୍, ଚୋଖ ପିଟାଇ ଦେଖ, ପ୍ରଫେସର ବାବୁକା କପଡ଼ା କେଇସା ଡ୍ରେନ୍ ପାନିରେ ଖରାପ ହୋଇଯାଇଛି ।?

ଚମକି ପଡ଼ି ଅଧ୍ୟାପକ ନିଜ ଲୁଗାପଟା ଆଡ଼କୁ ଚାହିଁଲେ । ମଇଳା ଦିଶୁଛି ସତ, କିନ୍ତୁ ନର୍ଦ୍ଦମା ପାଣିରେ ଦାଗ କାହିଁ ଲାଗିନାହିଁ। ପୋଷାକ ବିଷୟରେ ସେ ଭାରି ସାବଧାନ୍ । ଏଇଟି ତାଙ୍କର ଏକମାତ୍ର ସଫା ପେଣ୍ଟ ଅନ୍ୟଟି ଧୋବା ଘରେ ।

ସନ୍ଦିଗ୍ଧ ହୋଇ ଚାହିଁଲେ ହୀରାଲାଲକୁ । ଲୋକଟାର ମତଲବ କ'ଣ ? ମିଛ ତ କହିସାରିଲାଣି, ପାଉଡ଼ର ଦୁଧକୁ ବାର୍ଲି କଲାଣି । ଇଏ ଫେର୍ କି ଦୁରଭିସନ୍ଧି ଫିକ୍ରର ? ଦେଖିଲେ, ହୀରାଲାଲର ବାଁ ଆଖିଟା ଅନେକ ଇଙ୍ଗିତ ନେଇ ଡ଼ାହାଣ ଆଖିଠୁଁ ଛୋଟ ଦିଶୁଛି ।

ଟିକିଏ ମନ୍ଦହସି ହୀରାଲାଲର ଚତୁରତାର ତାରିଫ୍ କରିବାକୁ ଯାଇଥିଲେ ଅଧ୍ୟାପକ । କିନ୍ତୁ ତାଙ୍କ ମନରେ ଆଶଙ୍କା ଉପୁଜିଲା ହୀରାଲାଲ ହୁଏତ ତାଙ୍କୁଇ ହାତବାରିସି କରି ଦାରୋଗା ସହିତ ଯୁଦ୍ଧ କରିବାକୁ ଯାଉଛି । ସେ ଦରଫୁଟା ସ୍ମିତଟିକକ ଫେରାଇ ନେଲେ ଓ ମୁହଁରେ ତାହା ସଞ୍ଚରି ପାରିଲାନାହିଁ ।

ଦାରୋଗା ବିଚରା ବଡ଼ ଆଶା କରିଥିଲା ଭଦ୍ରଲୋକ କହିବେ "କାହିଁ ଦାଗ ଫାଗ ତ କେଉଁଠି କିଛିନାହିଁ ।" କିନ୍ତୁ ସେ ନୀରବ ରହିବାରୁ ଦାରୋଗା ବୁଝିଲା କଥାଟା ବୋଧହୁଏ ସତ । ହୀରାଲାଲର ଏ ଅଭିଯୋଗ ହୁଏତ ସେ ଖଣ୍ଡନ କରି ଦେଇଥାନ୍ତା ଯଦି ଅଧ୍ୟାପକ ତା ଆଡ଼କୁ ମୁହଁକରି ଛିଡ଼ା ହୋଇଥାନ୍ତେ ଓ ସେ ଭିଡ଼ ଭିତର ଦେଇ ତାଙ୍କ ଲୁଗାପଟା ଦେଖି ପାରୁଥାନ୍ତା । ସେ ଧରିନେଲା ଯେ, ଭଦ୍ରଲୋକଙ୍କ ପୋଷାକପତ୍ର ନଷ୍ଟକରିବାରେ ସେ ପରୋକ୍ଷରେ ଦାୟୀ, ଦାରୋଗାର ଭଙ୍ଗୀ ଓ ଆଚରଣରେ ବିନୟ ପ୍ରକଟିତ ହେଲା ଓ ତାର ଚକ୍ଷୁ ଯୋଡ଼ିକ କ୍ଷମାପ୍ରାର୍ଥୀ ହେଲେ ।

ପ୍ରଥମ ରାଉଣ୍ଡ ଯୁଦ୍ଧ ଶେଷ, ଅଧ୍ୟାପକଙ୍କ ଅହେତୁକୀ ନୀରବତା ଓ ରହସ୍ୟମୟ ଗାମ୍ଭୀର୍ଯ୍ୟ ହୀରାଲାଲର ସ୍ପଷ୍ଟ ବିଜୟ ଘୋଷଣା କଲା । କୌଶଳୀ ପହିଲିମାନର ନୀତି ହେଲା ହୀରାଲାଲର, ଶତ୍ରୁ ଯେତେବେଳେ ପଡ଼ିଛି ସେତିକି ବେଳେ ଆଉ ମୁଥେ ଦୁଇମୁଥ ବଜାଇଦେଲେ ସେ ଆଉ ଉଠିପାରିବ ନାହିଁ । ଏତେଦିନ ପ୍ରଫେସର୍‌ଙ୍କୁ ଧାର ଉଧାର ଦେଇଛି, ତାଙ୍କ ସାଂଗରେ ଖୁସି ଗପ କରିଛି, କାହିଁ କିଣିବାକୁ ମିଳୁନଥିବା ଗୁଣ୍ଡଦୁଧ ବର୍ତ୍ତମାନ ଦେବାକୁ ଯାଉଛି । ଜ୍ଞାନୀ ଲୋକଟା କ'ଣ ଏତେ ଉପକାର ମନେ ପକାଇବ ନାହିଁ ।

Digitized by srujanika@gmail.com

କାନ୍ଥରେ ଟଙ୍ଗାହୋଇଥିବା କେଲେଣ୍ଡରରେ ପେଟାଗଣେଶ ମୂର୍ତ୍ତିକୁ ଚାହିଁ ତେଜି ଉଠିଲା ହୀରାଲାଲ ।

ଆରମ୍ଭ କରିଦେଲା ଦ୍ୱିତୀୟ ରାଉଣ୍ଡ । ପୁଟୁଳାଟା ଅଳ୍ପ ଫିଟାଇ ଆଉ ଅଧ ଚାମୁଚେ ଦୁଧଗୁଣ୍ଡ ରବିନସନ୍ ବାର୍ଲି ଟିଣରୁ କାଢ଼ି ପକାଇଦେଇ ଏବଂ ପୁଟୁଳାରେ ସୂତା ଗୁଡ଼ାଉ ଗୁଡ଼ାଉ ଖୁବ୍ ଆତ୍ମପ୍ରତ୍ୟୟ ରଖି କହିଲା, "ଆଚ୍ଛା, ପ୍ରଫେସର ବାବୁ, ଆଜ୍ କୁଛ୍ ସେମିତି ଲୋକସାନ ନ ହୋଇଛି, ଲେକିନ୍ କାଲ୍ ଇସି ଜାଗାମେ ଆପ୍ ଢ଼େରେନରେ ପଡ଼ିଯାଇଥିଲେ ନା ଏଇ ସବ୍ ମଇଲାରେ ହାବୁଡ଼ ଖାଇ ? ବତ୍‌ଲାଇଏ ।"

ଇସ୍! କେଡ଼େ ନିର୍ମମ, ସଇତାନ୍ ଏ ହୀରାଲାଲଟା । ଲୋକଟାକୁ ଆଙ୍ଗୁଳି ଦେଖାଇଦେଲେ ସେ ବାହୁ ଗ୍ରାସିଯିବ । ଅଧ୍ୟାପକ ଭାବିଲେ କହିଦେବେ, "ନା ନା ! ମିଛ କଥା, କଞ୍ଚା ମିଛ ! ଡ଼ାହାମିଛ ।" ଏ କଥା କିନ୍ତୁ କହିବେ କେମିତି ? ପରିସ୍ଥିତି ଯେମିତି ଜଟିଳ ସେମିତି ଅପ୍ରତ୍ୟାଶିତ । ହୀରାଲାଲ ଦୁଧକୁ ବାର୍ଲି କହିବା ବେଳେ ଓ ଲୁଗାପଟା ମଇଳା ସମ୍ପର୍କିତ କଥାରେ ସେ ଚୁପ୍ ରହିଛନ୍ତି ଓ ହୀରାଲାଲଙ୍କୁ ତଦ୍ୱାରା କେବଳ ପ୍ରଶୟ ଦେଇଛନ୍ତି ତା ନୁହେଁ, ଉତ୍ସାହିତ ମଧ କରିଛନ୍ତି ।

ତାଙ୍କୁ ଜଣାଗଲା, ସେ ଜୀବନର ମହାସଂକଟ କ୍ଷଣରେ ପହଞ୍ଚିଛନ୍ତି । ମହାଭାରତ ଯୁଦ୍ଧରେ ଏମିତି ଏକ ମହା ସନ୍ଧିକ୍ଷଣରେ ଯୁଧିଷ୍ଠିରଙ୍କୁ ପଚାରା ଯାଇଥିଲା ଏମିତି ଗୋଟିଏ ପ୍ରଶ୍ନ "କୁହନ୍ତୁ ମହାଭାଗ, ଅଶ୍ୱତ୍‌ଥାମା ହତ ନା ଜୀବିତ ?" ଧର୍ମରାଜ ମଧ ଥମ୍ ବନିଯାଇଥିଲେ । ଏକପାଖରେ ସତ୍ୟ ଅନ୍ୟପାଖରେ ସ୍ୱାର୍ଥ କେଉଁଟି ସେ ବାଛିବେ, କେଉଁଟି ସେ ବଞ୍ଚାଇବେ ? ଉଭୟଙ୍କୁ ବଞ୍ଚାଇବା ପାଇଁ "ନରୋ ବା କୁଞ୍ଜରେବା" ପଦକ "ଅଶ୍ୱତ୍‌ଥାମା ହତ" ସହିତ ଯୋଡ଼ି ସତ୍ୟସନ୍ଧ ଧର୍ମ ଓ ବଂଶ ରକ୍ଷା କରିଥିଲେ । ଧର୍ମ ଓ ସ୍ୱାର୍ଥ ଉଭୟ ବଞ୍ଚିଲେ ସିନା, କିନ୍ତୁ ଯୁଧିଷ୍ଠିରଙ୍କ ଆଧାତ୍ମିକ ମୃତ୍ୟୁ ହେଲା !

ଅଧ୍ୟାପକ ସେମିତି ଦ୍ୱୈର୍ଥବୋଧକ କଥା ପଦେ ଖୋଜୁଛନ୍ତି । ରଘୁବଂଶ, ମହାଭାରତ ଓ ଅନ୍ୟାନ୍ୟ ଶାସ୍ତ୍ର-ସମୁଦ୍ର ମନ୍ଥନ କରିବାରେ ସେ ବ୍ୟସ୍ତ । ଏଣେ ଦାରୋଗା, ମେହେନ୍ତର, ଜନତା ସମସ୍ତେ ଚାହିଁଛନ୍ତି ନିର୍ନିମେଷ ନେତ୍ରରେ ଯୁଧିଷ୍ଠିରଙ୍କୁ, କାରଣ ତାଙ୍କର ଅସ୍ତି ନାସ୍ତି କଥା ପଦକ ମହାଭାରତ ଯୁଦ୍ଧର ଭବିଷ୍ୟତ ଗତି ଘୋଷଣା କରିବ । ଜୀବନରେ ଏମିତି ଉତ୍ତେଜକ ଓ ଉନ୍ମୁଖ ମୁହୂର୍ତ୍ତ ବି ଆସେ !

ଅଧ୍ୟାପକ ଭାବିଲେ, ଏଠି ବା ତାଙ୍କର ସ୍ୱାର୍ଥ କ'ଣ ? ଗହେ ଗ୍ରାମ ଗୁଣ୍ଡଦୁଧ ତ ? ଛାର ଏତିକି ପାଇଁ ଯଦି ସେ ନିଜର ମର୍ଯ୍ୟାଦା, ସତ୍ୟ ଓ ଆଦର୍ଶ ଛାଡୁଛନ୍ତି ତେବେ ପଶୁଟାଏ ମଧ କହିବ, "ଅଳ୍ପସ୍ୟ ହେତୋବହୁହାତୁମିଚ୍ଛନ୍ ବିଚାର ମୂଢ଼ ପ୍ରତିଭାସି ମେତ୍ୱମ୍ ।" କପେ ଚା ପାଇଁ ତ ।

ମାତ୍ର ଏଇ ଚା' କପଟି ଯେ ତାଙ୍କର ଜୀବନ । ଆଜି ସକାଳେ ମ୍ୟୁନିସିପାଲଟି

Digitized by srujanika@gmail.com

ଚେୟାରମେନଙ୍କ ଦୁଧବାଲାକୁ ସେ ମନା କରିଦେଇଛନ୍ତି । ଗୁଣ୍ଡଦୁଧର ମିକସ୍‌ଚାରକୁ କିଲୋ ଟଙ୍କାଏ ଖାଇବାଠୁଁ ଗୁଣ୍ଡଦୁଧ ଖାଇବା ଭଲ । କ'ଣ ପଦେ କହିବା ପାଇଁ ଅଧ୍ୟାପକ ଜୀବାନନ୍ଦଙ୍କ ଅଧର ସ୍ଫୁରିତ ହେଉଥିଲା, କିନ୍ତୁ ସେ ଦାରୋଗା ଆଡ଼କୁ ଚାହିଁଦେଲା ମାତ୍ର ସେ ସ୍ଫୁରଣ ବନ୍ଦ ହୋଇଗଲା । ତାଙ୍କୁ ଜଣାଗଲା, ଦାରୋଗା ଆଉ ଚେୟାରମେନ୍ ଏକା ଲୋକ । ପରସ୍ପର ସାହାଯ୍ୟକୃତ ସନ୍ଧିରେ ଦୁଧ ତିଆରି ବ୍ୟବସାୟ ଚଳାଇଛନ୍ତି ।

ସୂତାରେ ଗଣ୍ଠିଟା ଜୋର ଟାଣିଦେଇ ହୀରାଲାଲ ପୁଟୁଳାଟା ହାତରେ ନଚାଇବାକୁ ଲାଗିଲା ଏବଂ କହିଲା, "ବତ୍‌ଲାଇଏ ପ୍ରଫେସର ବାବୁ! ଏଥିରେ ଭାବିବାର କି ଅଛି ? ଆପ୍ ତ ଆପ୍‌ନା ଦୋଷରେ ପଡ଼ିଯାଇ ନ ଥିଲା !"

ଜୀବାନନ୍ଦ ଭାବିଲେ ପୁଟୁଳାଟା ତା ହାତରୁ ଛଡ଼ାଇ ଆଣି ତା ମୁହଁକୁ ଜୋରରେ ଫିଙ୍ଗିଦେବେ ଯେମିତି ଚଷମାଟା ଭାଙ୍ଗି ଚୁରମାର୍ ହୋଇଯିବ । କିନ୍ତୁ ଏତେ ଲୋକଙ୍କ ଆଗରେ –

ମୁହଁ ଲାଲ ପଡ଼ିଗଲାଣି ତାଙ୍କର । ଯେମିତି ସେ ବାହାରର ମାମୁଲି ଦ୍ୱନ୍ଦ୍ୱକୁ ଭାଙ୍ଗିବାକୁ ଯାଇ ଭିତରକୁ ଟାଣି ଆଣିଛନ୍ତି ଏକ ବିରାଟ ଅନ୍ତର୍ଦ୍ୱନ୍ଦ୍ୱ । ଯାହା ସେ ବାଡ଼େଇ ଭାଙ୍ଗିବାକୁ ଚେଷ୍ଟା କରୁଛନ୍ତି, କିନ୍ତୁ ଶତ ଚେଷ୍ଟା ବିଫଳ ହେଉଛି । ସର୍ବଗ୍ରାସୀ ଅଜଗରକୁ ଏଡ଼ିବା ପାଇଁ କୁଟାରି ହରିଣ ଯେତିକି ଚେଷ୍ଟା କରୁଛି, ସେତିକି ସେ ବୁଭୁକ୍ଷିତ ଶତ୍ରୁ ପାଖକୁ ଆପେ ଆପେ ଟାଣିହୋଇ ଯାଉଛି ।

ସତ୍‌ସାହସ ଟିକକ ଆଣିପାରିଲେନାହିଁ, ଯେମିତି ହୀରାଲାଲ "ଆଉର" ପାଇଁ ଚିଠାରେ ସର୍ବଦା ନଥିଲା, ସିମିତି "ବତ୍‌ଲାଇଏ" ପ୍ରଶ୍ନର ଜବାବ ତାଙ୍କ ମୁହଁରେ ନଥିଲା । ନୀରବତା କଥା ପଦକ ଅପେକ୍ଷା ଅଧିକ ବାଙ୍ମୟ ଓ ଫଳପ୍ରଦ ହେଲା । ଦାରୋଗା ଓ ଜନତା ବୁଝିଲେ ଯେ, ଅଧ୍ୟାପକ ପ୍ରକୃତରେ ପୂର୍ବଦିନ ନର୍ଦ୍ଦମାରେ ପଡ଼ିଥିଲେ, ହୀରାଲାଲ ପରୋପକାରୀ ଲୋକ ଓ ମ୍ୟୁନିସିପାଲଟି ଲୋକଗୁଡ଼ାକ ନିମକ ହାରାମ । ମନେ ମନେ ସମସ୍ତେ ଅଧ୍ୟାପକଙ୍କର ନର୍ଦ୍ଦମାରେ ପଡ଼ିଥିବା ସମୟର ବିକଳ ଓ କୁତ୍ସିତ ରୂପ ଅନୁଧ୍ୟାନ କରି ତାଙ୍କପ୍ରତି ଦୟାର୍ଦ୍ର ହେଲେ ।

ମ୍ୟୁନିସିପାଲଟି ଗାଡ଼ି ଆସିଲା । ଦାରୋଗା ଚାହିଁଲେ ଅଧ୍ୟାପକଙ୍କୁ ମେହେନ୍ତରମାନେ ଚାହିଁ ଦାରୋଗା କହିଲ, "ଏଠି କାଲି ପାଖରୁ ଆଉ ନର୍ଦ୍ଦମାର ମଇଳା ଜମା କରିବ ନାହିଁ , ଭଦ୍ରଲୋକଙ୍କୁ ଅସୁବିଧା ହେଉଛି ।"

ଦ୍ୱିତୀୟ ରାଉଣ୍ଡ ଯୁଦ୍ଧ ଶେଷ । ହୀରାଲାଲ ବିଶ୍ୱବିଜୟୀ ।

"ଦେଖ ପ୍ରଫେସର ବାବୁ, କେଇସା କୁତ୍ତା ଭାଗ୍‌ଗିୟା, ଆପ୍‌କା ବୋଲନା ବାତ୍‌କା ଯେଇସା ଦାମ୍ ନ ବୋଲନାକା ବି ଓଇ ହେ,"– ଦାରୋଗା ଚାଲିଯିବା ପରେ ହୀରାଲାଲ କହିଲା ।

Digitized by srujanika@gmail.com

ଯନ୍ତ୍ରଚାଳିତ ପରି ସେ ହୀରାଲାଲ ହାତରୁ କିଛି ଖୁଚୁରା ଓ ଦୁଧ ପେକେଟ୍ ଆଣି ପକେଟରେ ପୂରାଇଲେ ଓ ଥଳିସବୁ ସାଇକେଲରେ ଝୁଲାଇ ରଖି ବାହାରିଗଲେ ।

ଅନ୍ନପୂର୍ଣ୍ଣା ମିଷ୍ଟାନ୍ନ ଭଣ୍ଡାର ଓ ଜୟଦୁର୍ଗା କେଣ୍ଟିନ୍‌ର ପାଖ ମୋଡ଼ରେ ଅଳିଆ ଗାଡ଼ିଟା ଛିଡ଼ା ହୋଇଥାଏ । ଅଧ୍ୟାପକ ଗୁଣ୍ଡଦୁଧର ଛେନାଗଜା ଓ ଛେନା ପୋଡ଼ପିଠା କଥା ମନେ କରୁ କରୁ ମ୍ୟୁନିସିପାଲଟିର ସେଇ ମଇଳା ଗାଡ଼ିରେ ବାଡ଼େଇ ହୋଇଗଲେ । ଥଳୀ ଗୁଡ଼ାକରୁ ଜିନିଷପତ୍ର, ପନିପରିବା ରାସ୍ତା ଉପରେ ଅଜାଡ଼ି ହୋଇପଡ଼ିଲା । ସାଇକେଲ୍‌କୁ ଷ୍ଟେଣ୍ଡ ଉପରେ ଛିଡ଼ାକରାଇ ସେ ସବୁ ଗୋଟାଉ ଗୋଟାଉ ଅଧ୍ୟାପକ ଶୁଣିଲେ ଦାରୋଗା ଓ ମେହେନ୍ତରଙ୍କ କଥାବାର୍ତ୍ତା ।

"ଏଇ ବାବୁ, ସେଇ କଜଳପାତିଆ ଭଲ୍ଲୋକ ନା ? କାହିଁ ତା'ର ଲୁଗାପଟାରେ ମଇଳା ପାଣି ଛିଟିକା ତ ଲାଗିନି ?" ଦାରୋଗା ବାବୁ ଭଲକରି ଅଧ୍ୟାପକଙ୍କ ପୋଷାକପତ୍ର ଦେଖିଲେ । କହିଲେ, "ଚୁପ୍ ।"

"ଲୋକଟା ବେଶ୍ ଭଦ୍ର ଦିଶୁଛି । ପାଟିରେ ତାର ବିଣ୍ଡା ମାରିଛି ନା କ'ଣ ? କଥା ପଦେ ପାଟିରୁ ବାହାରିଲାନାହିଁ ?"

ଦାରୋଗା ବାବୁ ପୁଣି ଆଖି ତରାଟି କହିଲେ, "ଚୁପ୍ ।"

"ବାବୁ, ତୁମେ ଏ ବାୟାଟାକୁ ନେଇ ହୀରାଲାଲ ସାଂଗରେ ଯୁଦ୍ଧ କରୁଥିଲ ? ସିଏ ୟା ରକମ ତିନି ତିନିଟାଙ୍କୁ ରେମୁଣା ହାଟରୁ କିଣି ବାରିକପୁରରେ ବିକିଦେବ । ଦାରୋଗା ବାବୁ ବିରକ୍ତ ହେଲାପରି ହୋଇ କହିଲେ, "ତୁମ କାମ ତୁମେ କର ।" ଅଧ୍ୟାପକ ଜୀବନାନନ୍ଦଙ୍କୁ ଜଣାଗଲା, ସେ ଯେମିତି ନରକ ରାଜ୍ୟରେ ପହୁଞ୍ଚିଛନ୍ତି । ଏଇ ଦାରୋଗାଟା ତାଙ୍କ ଯମ, ଆଉ ମେହେନ୍ତରଗୁଡ଼ାକ ଯମଦୂତ । ବଡ଼ ନିର୍ଦ୍ଦୟ ସେମାନେ । ତାଙ୍କୁ ଶିମୂଳି କଣ୍ଟାରେ, ତପ୍ତ ତେଲ ଭାଣ୍ଡରେ କଷଣ ଦେଇ ବି ତାଙ୍କ ମନ ମାନି ନାହିଁ, ଭିଡ଼ିଓଟାରି ଜୋର୍‌ଜବରଦସ୍ତ ସେମାନେ ତାଙ୍କ ହାତଟାକୁ ପକେଟ୍ ଭିତରୁ ବାହାର କରୁଛନ୍ତି ନରକ କୁଣ୍ଡରେ ବୁଡ଼ାଇବେ ବୋଲି । ଯୁଧିଷ୍ଠିରଙ୍କ ଆଙ୍ଗୁଳିଟାକୁ ଏଇମାନେ ନରକରେ ବୁଡ଼ାଇ ପାଷାଣ କରିଥିଲେ ।

ସବୁ ଜିନିଷ ଥଳିରେ ଭର୍ତ୍ତିକରି ହୀରାଲାଲ ଦେଇଥିବା ଦୁଧଗୁଣ୍ଡ ପେକେଟକୁ ଅଧ୍ୟାପକ ହାତ ମାରି ପକେଟରେ ଅଣ୍ଡାଳିଲେ । ମୁହୂର୍ତ୍ତକ ପରେ ଚମକି ପଡ଼ି ହାତଟାକୁ ବାହାର କରି ଆଣି ଆଙ୍ଗୁଳିଗୁଡ଼ାକୁ ଏପାଖ ସେପାଖ ଉପର ତଳକରି ଦେଖିଲେ । ପାଷାଣ ନହେଲେ ବି ଅନେକ ଗୁଣ୍ଡ ବିବର୍ଣ୍ଣ ହୋଇଗଲା ପରି ତାଙ୍କୁ ଜଣାଗଲା ।

ତୃତୀୟ ରାଉଣ୍ଡ ଯୁଦ୍ଧ ଶେଷ ।

ହତ କିଏ ?

Digitized by srujanika@gmail.com

# ଏଣ୍ଟି ରୋମାଣ୍ଟିକ୍

ପ୍ରତିଦିନ ସେ ସେଇଠି ବସେ । ଏକା ଜାଗାରେ । କଚେରୀ ଘଣ୍ଟାରେ ଢ଼ଂ ଢ଼ଂ କରି ନଅଟା ବାଜିଲେ ସେ ଆସିଯାଏ । ଛିଣ୍ଡା ଅଖାପଟକୁ ଢ଼ିପ ଜାଗାରେ ପାରିଦେଇ ବସିପଡ଼େ । ପଖାଳଖିଆ ଏଲୁମିନିୟମ ବାଟିଟି ଆଗରେ ଥୁଏ । ଲୁଗାକାନିକୁ କେତୋଟି ନୂଆ ପୁରୁଣା ପଇସା ଓ ଅଚଳ ଅଣି ବାହାରକରି ଠଣ୍ ଠଣ୍ କରି ତହିଁରେ ପକାଇଦିଏ । ଛୋଟ ବାଉଁଶ ବାଡ଼ିଖଣ୍ଡି ଧରି ଓଡ଼ିଆ ତେଲୁଗୁମିଶା ଗଳାରେ ଆରମ୍ଭ କରିଦିଏ, "ଆନ୍ଧପ୍ରାଣୀକୁ ପଇସା ଗୋଟିଏ ଦିଅ ମା !" କେହି ଶିଖେଇ ଦେଇଥିବା ଏଇ କେତୋଟି ଶବ୍ଦ ଦିନସାରା ସାରୀ ମୁହଁରୁ "ଦିଅ ମା ଭାତ" ବାହାରିଲା ପରି ତା' ମୁହଁରୁ ବାହାରୁଥାଏ ।

ଅନ୍ଧପ୍ରାଣୀକୁ ତାର ଏଇ ଆସ୍ଥାନକୁ ଆଣେ ପାଞ୍ଚଛଅ ବର୍ଷର କାଳୀ ଲଙ୍ଗୁଳୀ ଝିଅଟିଏ । ତୋରାଣୀ ପେଟେ ପିଇ ପେଟକୁ ଛୋଟ ହାଣ୍ଡି ପରି ଫୁଲେଇ ଟିକି ପାଦ ଦୁଇଟା ବଙ୍କେଇ ବଙ୍କେଇ ଝିଅଟି ଯେତେବେଳେ ହାତଧରି ତାକୁ ବାଟ କଢ଼ାଇ ଘେନିଆସେ, ତା' ଛାତି ମୁହଁ ଫୁଟାଣିରେ ଫୁଲି ଫାଟି ପଡୁଥାଏ । କଖାରୁଆ ଦେହରେ ଓଠରୁ ତୋରାଣି ଧାରଟିଏ ଝରି ଛାତି ପେଟକୁ ସମାନ ଦୁଇଫାଳ କରିଦେଇଥାଏ ।

ଅନ୍ଧପ୍ରାଣୀ ତା'କାମ ଆରମ୍ଭ କଲେ ଝିଅଟି ବି ନିଜ କାମ ଧରେ । ଧୂଳି ବାଲି ଜମାକରି କୋଠରୀ କୋଠରୀ କରି ଘର କରେ । ଚୁଲ୍ଲୀ କରି ଭାତ ତରକାରୀ ରାନ୍ଧେ । ବରପତ୍ରରେ ସେ ସବୁ ବାଢ଼ି ଚୁକ୍ ଚୁକ୍ କରି ଖାଏ । ମନେପଡ଼ିଯାଏ ପାଖ ଚା ଦୋକାନଟା, ବୁଲାବୁଲି କରି ଖୋଜେ ପତରଠୁଙ୍ଗା ଗୁଡ଼ାକ କାଳେ କେଉଁଠି କିଛି ଖାଇବାର ଲାଗିଥିବ । ଦୋକାନୀ ପାଖକୁ ଯାଇ ଗେହ୍ଲାଇ ହୋଇ ଅନାରକଲି ବିସ୍କୁଟ ମାଗେ । ଦୋକାନୀ କେବେ କିମିତି ପଚା ଶୁଖିଲା ପାଉଁରୋଟି ଟୁକୁରାଏ ଫୋପାଡ଼ିଦିଏ । ନହେଲେ କହେ, "ଯା, ବାଟିରୁ ପଇସା ଆଣିବୁ ।" ଚୁପ୍‌ଚାପ୍ ଯାଇ ଅନ୍ଧୁଣୀର ବାଟିରୁ ଚଳ ଅଚଳ ପଇସା ନେଇ ସେ ଦୋକାନୀକୁ ଦିଏ । କେବେ କିମିତି କଉତୁକରେ ଲଙ୍ଗୁଳୀ ଧୀରେ ଧୀରେ ଯାଇ ବାଟିରେ ଗୋଟାଏ ଦୁଇଟା ଛୋଟ ଗୋଡ଼ି ପକାଇଦିଏ । ପଇସା ପଡ଼ିଲା ଭାବି ଅନ୍ଧପ୍ରାଣୀ ହାତରେ ଅଣ୍ଡାଳେ ଓ ଯେତେବେଳେ ଜାଣିପାରେ ଯେ ଗୋଡ଼ି ପଡ଼ିଛି, ସେ ସାଙ୍ଗେ ସାଙ୍ଗେ ବୁଝିପାରେ ଏ କାହା କାମ! ମୁରୁକି ହସି ହାତ ବଢ଼ାଇ ଧରିନିଏ ଝିଅଟିକୁ । ଦୁହେଁ କୁଣାକୁଣି ହସାହସି ହୋଇ ଗଡ଼ିଯାଆନ୍ତି ।

ଖେଳି ବୁଲି ଥକିଗଲେ, ଖରାରେ ଝାଉଁଳି ପଡ଼ିଲେ ଝିଅଟି ଅନ୍ଧୁଣୀର କୋଳରେ ଆଶ୍ରାନିଏ । ବାଆଁ ଥନଟାକୁ ଗେରୁଆ ଧୂଳିଆ ଲୁଗାଭିତରୁ କାଢ଼ି ବେଣ୍ଟଟି ଝିଅ ମୁହଁରେ

---

ଝଙ୍କାର ୧୬ଶ ବର୍ଷ ୨ୟ ସଂଖ୍ୟା, ମେଷ ୧୩୭୧ ।

Digitized by srujanika@gmail.com

ମା' ପୁରାଇଦିଏ । ଶୁଖିଲା ବେଙ୍କଟିକୁ ଥରେ ଦି ଥର ଟାଣୁ ନଟାଣୁ ଝିଅଟି ଶୋଇଯାଏ । ଦେହ, ମୁହଁ, ଆଖି, କାନ, କାନଚୂଳରେ ହାତ ବୁଲାଇ ବୁଲାଇ କୁନିର ଚେହେରାର ଗୋଟାଏ ମୋଟାମୋଟି ଧାରଣା କରିନିଏ ଏତିକିବେଳେ ଅନ୍ଧପ୍ରାଣୀଟି । ନିଘୋଡ଼ ନିଦରେ ଝିଅ ଶୋଇପଡ଼ିଲେ ବାଟିରୁ କଣାପଇସାଟି ନେଇ ଡ଼ାହାଣ ପାଖ ଥନର ଯାଦୁଗୁଡ଼ାକ ଜୋରରେ କୁଣ୍ଡାଇବାକୁ ଲାଗିଯାଏ । ଏଇ ଥନଟା କେବେ ସେ କୁନି ମୁହଁରେ ପୂରାଏ ନାହିଁ । ତା'ଉପରେ କନ୍ଥାପରି ଯାଦୁ ଏମିତି ଜଡ଼ିଯାଇଛି ଯେ, ଦୂରରୁ ଦେଖିଲେ ଜଣାପଡ଼େ ଯିମିତି ଧଳା ଫୁଟି ଫୁଟିକା କନାର ବ୍ଲାଉସ୍ ତା' ଉପରେ ଢ଼ଙ୍କା ହୋଇଛି ।

ହାତ ଏ କାମରେ ଥିଲାବେଳେ ଆଖି ଥାଏ ପଞ୍ଚତପୀ ପାର୍ବତୀଙ୍କ ଆଖିପରି ଲାଲଟତପ୍ତ ସୂର୍ଯ୍ୟଙ୍କ ଉପରେ । ଯେଉଁ ଆଖି ଦି'ଟା ପାଇଁ ପ୍ରଥମ ପ୍ରେମର ସମ୍ଭବ ହୁଏ, ଯେଉଁ ଆଖି ପାଇଁ ଦୁନିଆର କାବ୍ୟ କବିତା ଭାରାକ୍ରାନ୍ତ, ସେ ଦୁଇଟି ଆଖି ବିଧାତା ଏଡ଼େ କଦର୍ଯ୍ୟ କରି ଗଢ଼ିପାରେ ? ଅନ୍ଧୁଣୀର ଗୋଟାଏ ଆଖିରେ ଡ଼ୋଳାଟା ଭିତରକୁ ଚାଲିଯାଇଛି । କେବଳ ଦୁଇଫାଳ ପରଦା ଯେଉଁ ଗାତକୁ ଢ଼ାଙ୍କିଛି ତାହା ବାଆଁ ଆଖି, କିନ୍ତୁ ଡ଼ାହାଣ ଆଖିର ଡ଼ୋଳାଟି ଉପରକୁ ବାହାରିପଡ଼ି ଏମିତି ଓଲଟି ଯାଇଛି ଯେ, କେବଳ ଧଳା ଡ଼ୋଳାଟା ଫୁଟି ଦିଶୁଛି ଚୋପାଛଡ଼ା ଲିଚୁଫଳ ପରି । ଏଇ ଡ଼ାହାଣ ଆଖିଟି ଗଲା ପଚିଶ ବର୍ଷ ଚାହିଁଲାଣି ସୂର୍ଯ୍ୟ ଆଡ଼କୁ, କାଳେ ସ୍ୱର୍ଗରୁ "ଲେସାରଟୀର" ଟିଏ ଆସି ଅନ୍ଧୁଣୀକୁ କେବେ ଚକ୍ଷୁଷ୍ମତୀ କରିବ ।

ସକାଳ ନଅଟା । ଏକ ସନ୍ଧିବେଳା, ସ୍କୁଲ କଲେଜ ପିଲା, କଚେରିଆ ମାମଲତକାର, ରୋଗୀ ଭକ୍ତ ସମସ୍ତଙ୍କ ଅନୁକୂଳ ବେଳ, ବହିନି ବେଳ । ଅନ୍ଧୁଣୀ ବି ଏହି ସନ୍ଧି ବେଳରେ ବାହାରେ । ବସେ ବି ଏହି ସନ୍ଧି ସ୍ଥଳରେ ।

କଚେରୀରେ ବିଶ୍ୱେଶ୍ୱର ମନ୍ଦିରକୁ ଏଇ ରାସ୍ତା । ମସଜିଦ୍ ଦେଇ ଡ଼ାକ୍ତରଖାନାକୁ ଏଇ ରାସ୍ତା । ଗୀର୍ଜାଦେଇ ଷ୍ଟେସନକୁ ଏଇ ରାସ୍ତା । ସ୍କୁଲ କଲେଜ ଦେଇ ନୂଆବଜାରକୁ ଏଇ ରାସ୍ତା । ଏଇସବୁ ରାସ୍ତା କବରଖାନା ପାଖରେ ଏକାଠି ହୋଇ ଗୋଟିଏ ରାସ୍ତା ଚାଲିଯାଇଛି ସ୍ୱର୍ଗଦ୍ୱାର ବା ରାଜଘାଟ ବା ନିମତଳାକୁ ।

ଗ୍ରେଣ୍ଡ୍ ଟ୍ରାଙ୍କ ରୋଡ଼ର ଏଇ ଚୌରଙ୍ଗୀ ଦେଇ ଫଳ, ପନିପରିବା, ଗାଡ଼ି ଯାଏ । ଗୋଟାକୁ ଗୋଟା ଏମ୍ବୁଲେନ୍ସ, ସିନେମା ପ୍ରଷ୍କାପନୀ, ରିକ୍ସା, ଭୋଟପ୍ରଚାରି ଜିପ୍, ଦୁର୍ଗା ସରସ୍ୱତୀ ମେଢ଼, ଏପରିକି ବିଶ୍ୱସ୍ୱାସ୍ଥ୍ୟ ଦିବସ ପଟୁଆର ବି ଯିବା ଆସିବା କରେ ।

ହେଲେ ଏଡ଼େ ଛକ ଜାଗାରେ ନାନା କିସମର ଏତେ ଲୋକ ଅହରହ ଯିବା ଆସିବା କଲେ ବି କେହି କ'ଣ ତାକୁ ଚାହାଁନ୍ତି ନା, ତା' କଥାପଦକ ଶୁଣନ୍ତି ? ବାଆଁ ଥନଟା ଛଡ଼ା ତା' ଦେହରେ ଦେଖିବାର କ'ଣ ବା ଅଛି ? କିନ୍ତୁ ଛିଣ୍ଡା ଲୁଗା ଭିତରୁ କେତେବେଳେ କିମିତି ବାହାରି ଦିଶୁଥିବା ଥନ ଅପେକ୍ଷା ପାଖ ଗଛର ପତରଲୁଚା ଆମ୍ବଗୁଡ଼ା ଲୋକଙ୍କୁ

Digitized by srujanika@gmail.com

ଭଲ ଦିଶେ, ତାର କର୍କଶ ଗଳାର ଚିତ୍କାର ଅପେକ୍ଷା ନିକଟର ଖଲିଫା ଦୋକାନ ରେଡ଼ିଓରୁ ଭାସି ଆସୁଥିବା ଲତା ମଙ୍ଗେସକର୍‌ଙ୍କ ବୀଣାସ୍ୱର ଭଲ ଶୁଭେ ।

ପୁରୁଷଙ୍କ ଭିତରେ ଯେଉଁମାନେ ଧର୍ମାତ୍ମା, ନାରୀମାନଙ୍କ ଭିତରେ ଯେଉଁମାନେ ସତୀ ସାଧ୍ୱୀ ସେଇମାନେ କେବଳ ଅନ୍ଧୁଣୀର ସର୍ବୋଦୟ ପାତ୍ରଟିରେ ନୂଆ ପଇସାଟିଏ ଦେଇ ପୁଣ୍ୟ ଅର୍ଜନ କରନ୍ତି ଯେମିତି କି ପରଜନ୍ମରେ ସେମାନଙ୍କୁ ହାତ ପତାଇବାକୁ ପଡ଼ିବନାହିଁ କି ଅନ୍ଧତ୍ୱ ଭୋଗିବାକୁ ହେବନାହିଁ ।

ମନ୍ଦିରରୁ ଫେରିବା ବାଟରେ ସ୍ତ୍ରୀ ଲୋକଙ୍କ ଭିତରେ ଆଲୋଚନା ଚାଲେ, "ଏ ଅଲୋଡ଼ା ଜୀବନକୁ ଫେର୍ କିଏ ରସିଲା ? ଯାର ପୁଣି ଛୁଆ । ବାଞ୍ଝ ବା ପିଲାପିଲି ନଥିବା ସ୍ତ୍ରୀ ଲୋକଟିଏ କହେ, "ଯାକୁ ଭଗବାନ୍ ଦଉଛି । ମୁଁ ବର୍ଷ ବର୍ଷ ଧରି ବେଲପତ୍ର ଦେଲି, ସୁନାଚମ୍ପା ଦେଲି, ମୋ' ପାଇଁ କଣା କୁଜାଟିଏ ବି ରଖିଲା ନାହିଁ ?"

"ଇଏ କାହା ସ୍ତ୍ରୀ ? ଇଏ କାହା ଛୁଆ ?" ଏଇ ଦୁଇ ପ୍ରଶ୍ନ ମନ୍ଦିରଫେରନ୍ତା ସ୍ତ୍ରୀଲୋକ ଯେମିତି ଆଲୋଚନା କରନ୍ତି କଚେରୀ ଫେରନ୍ତା ମାମଲତ୍‌କାର ଟାଉଟର ରାସ୍ତା କଡ଼ର ଫଳନ୍ତି ଆମ୍ବଗଛଟାକୁ ଦେଖି ଜାଣିବାକୁ ଚାହାଁନ୍ତି "ଏ କାହା ଗଛ ? ଏ କାହା ଫଳ ?" ପଧାନେ କହନ୍ତି, "ଆମ ତୋଟାରେ ଫଳଟାଏ ନାହିଁ, ଏ ଥୁଣ୍ଟା ଗଛଟାରେ ଏତେ ଫଳ ?"

ଅନ୍ଧୁଣୀ ବସିଥିବା ସ୍ଥାନର ପ୍ରାୟ ଶହେ ହାତ ଦୂରରେ ଆମ୍ବଗଛ ମୂଳରୁ ଚିତ୍କାର ଶୁଭେ, "ପଦୁଆଁ ! ହେଇ ରିକ୍ସା ଆସିଲା ।" "ପଛରୁ ମଟର ଆସୁଛି, ଘୁଞ୍ଚିଯା ମାଆ ପାଖକୁ ।" ଝିଅଟି ଟରକି ମରକି ଚାହିଁ ଚାଲିଯାଏ ଅନ୍ଧୁଣୀ ପାଖକୁ । ଗଛମୂଳର ଲୋକଟା ଓ ଏଇ ଅନ୍ଧୁଣୀ ଭିତରେ ପଦୁଆଁ ଯିମିତି ମହାଶୂନ୍ୟରେ ଏକ ସେତୁ ।

ଆମ୍ବଗଛଟା ଏବର୍ଷ ଦୁନିଆର ଏକ ବିଶେଷ ଆକର୍ଷଣ ହୋଇଉଠିଛି । ସେ'ଟି ଆଉ ଗଛ ନୁହେଁ । ଅନୁଷ୍ଠାନ ବା ବ୍ୟକ୍ତିସ୍ତରକୁ ଉଠିଯାଇଛି । କାହିଁ କେଉଁଠି ଆମ୍ବ ନାହିଁ ଅଥଚ ଏହି ବୁଢ଼ା ଗଛଟାରେ ଏତେ ଆମ୍ବ ! ଗଛଟା କିନ୍ତୁ କେତେ ଫଳୁନଥିଲା, ଥୁଣ୍ଟା ବି ନଥିଲା ।

ଶୀତ ଯାଇଛି କି ନାହିଁ ଝଙ୍କା ଝଙ୍କା ବଉଳ, ମାଇଲ୍ ମାଇଲ୍ ମଦୁଆ ମହକ, ଓ ଆକାଶେ ଗୁଣୁଗୁଣିଆ ମହୁମାଛି ଗଛଟାରେ ଅଜାଡ଼ି ପଡ଼ିଲେ । ଅହଲ୍ୟାବାଈ ଅମଳର ଗଛଟାରେ ସତରେ ଏତେ ପ୍ରାଣ ଥିଲା । ବୋଧହୁଏ ଗୁଡ଼ାଏ ଥୁଣ୍ଟା ଲୋକ ଗଛମୂଳରେ ଆଶ୍ରା ନେଲେ ବୋଲି ଛାଇ ସହିତ ଫଳ ଦେବାପାଇଁ ଗଛଟା ଜୀବନର ବାକିଥିବା ସବୁ ଶକ୍ତି ନେଇ ବଉଳି ଉଠିଲା ।

ଫେବୃଆରୀ ମାର୍ଚ୍ଚ ମାସ । ସାଲତମାମି ପାଖ । ମଞ୍ଜୁରି ବାତିଲ ହେବା ଭୟରେ ହଠାତ୍ ଡ଼ିପାର୍ଟମେଣ୍ଟମାନେ ତତ୍ପର ହୋଇଉଠିଲେ । ପାଣିକଳବାଲା ପାଇପ୍ ନେବେ ବୋଲି ଆମ୍ବଗଛ ମୂଳେ ତଡ଼ା ତଡ଼ି ଆରମ୍ଭ କଲେ । ଅଣ୍ଡରଗ୍ରାଉଣ୍ଡ୍ କେବୁଲ ଯିବ ବୋଲି ଟେଲିଗ୍ରାଫ୍ ବିଭାଗ ଆରପଟେ ତାଡ଼ିଲେ । ସାନବଡ଼ ଚେରଗୁଡ଼ାଏ କଟିଗଲା । ତାରରେ ଡ଼ାଳ ବାଜିଲା ବୋଲି ଇଲେକ୍ଟ୍ରିକ୍‌ବାଲାଏ ପୂର୍ବପଟ ଡ଼ାଳ ଛାଣ୍ଟିଦେଲେ ।

Digitized by srujanika@gmail.com

ପଶ୍ଚିମପଟର ଡ଼ାଳକୁ ତାର ବିଭାଗ ଛେଦିଦେଲେ । ବାକିରହିଲା ସରଗ ଆଡ଼କୁ ଲମ୍ବିଥିବା ଗଛର ମୋଟା ଡ଼ାଳ ଯେଉଁଟା ଛାପଛାପକିଆ ଜହ୍ନ ଆଲୁଅରେ ଦୂରରୁ ଭୂତ ବା ବ୍ରହ୍ମରାକ୍ଷସ ପରି ଦିଶେ । ବାପ୍‌ଟିଷ୍ଟ ମିସନର ଗୀର୍ଜାଟା ପାଖରେ ଅଛି ବୋଲି ଗଛଟା ବୋଧହୁଏ "ଶତ୍ରୁକୁ ପ୍ରେମକରେ" ନୀତିରେ ଏ ବର୍ଷ ବାଦାନ୍ୟ ହୋଇଉଠିଛି ।

ଏଇ ଆମ୍ବଗଛକୁ କେନ୍ଦ୍ରକରି ଗଢ଼ିଉଠିଛି ଏଇ କେତେଦିନ ଭିତରେ ଏକ ବିଚିତ୍ର ସାମ୍ୟବାଦୀ ରାଷ୍ଟ୍ର । ଏଠି ସମସ୍ତେ ସମାନ, ସମସ୍ତେ ରୋଗୀ ଓ ଖଣ୍ଡିଆ । ସମସ୍ତେ ଯଥାଶକ୍ତି କାମ କରନ୍ତି, ପ୍ରାପ୍ତିମତେ ସମାନ ଖାଆନ୍ତି । ହାତଥିଲା ବାଲା କାଠ ଆଣେ, ନିଆଁ ଜାଳେ, ରୋଷେଇ କରେ, ଗୋଡ଼ଥିଲାବାଲା ପାଣି ଆଣେ । ରାଜ୍ୟର ସମସ୍ତେ ଶୂନ୍ୟଚାରୀ, ଜୀବନଯାକ ସେମାନଙ୍କର ମହାଶୂନ୍ୟରେ କଟେ । ହାତ ବା ଗୋଡ଼ର ଅଙ୍ଗୁଳି ସେମାନେ ବାନ୍ଧି ରଖନ୍ତି କାଳେ ମହାଶୂନ୍ୟର ଓଜନ ହୀନତାରେ ସେଗୁଡ଼ାକ ଉଡ଼ିଯିବ । ରାଷ୍ଟ୍ରାୟତ୍ତ ରୋଷେଇଶାଳାରେ ସକାଳେ ପାଣି ତୋରାଣି ପିଇଲା ପରେ ସେମାନଙ୍କୁ ଏଇ ଲାଞ୍ଚିଂବେସ୍‌ରୁ ପୂର୍ବକଳ୍ପିତ ସ୍ଥାନମାନଙ୍କୁ ନିକ୍ଷେପ କରାଯାଏ । କକ୍ଷରେ ପରିକ୍ରମା କାଳରେ ସେମାନେ ଗୀତ ଗାଆନ୍ତି, "ସବୁଥିରୁ ବଞ୍ଚିତ କରି," ନହେଲେ "କୃପାସିନ୍ଧୁ ବଦନା ।" ପରିକ୍ରମା କାଳରେ ସେମାନେ ଅନେକ ଥର ସୂର୍ଯ୍ୟାସ୍ତ ଦେଖନ୍ତି । ପୃଥିବୀ ପର୍ଯ୍ୟଟନ କରି ଫେରିଲେ ଭେଲେଣ୍ଟିନା ମୂଳା ଓ ଗାଜର ଖାଇଲାପରି ସେମାନେ ମଧ ଗୁଡ଼ାଏ ପର୍ଥିବ ଖାଦ୍ୟ (ଯଥା - ମୂଳା, ଶାଗ ବା ସଜନାଶାଗ) ଖାଇଯାଆନ୍ତି କଚ୍ କଚ୍ କରି ।

ଏ ରାଷ୍ଟ୍ରର ସର୍ବମୟ କର୍ତ୍ତାଙ୍କ ଉଭୟ ହାତ ଓ ଗୋଡ଼ ନାହିଁ । କେବଳ ବଡ଼ ବଡ଼ ଆଖି ଦି'ଟା ତାଙ୍କର ବିଶେଷତ୍ୱ । ଗୋଟାଏ କିରାସିନୀ ବାକ୍ସକୁ ସିଂହାସନ କରି ଆମ୍ବଗଛର ବକଳରଙ୍ଗ ସହିତ ଦେହରଙ୍ଗ ମିଶାଇ ଗଛ ଗଣ୍ଡିକୁ ଆଉଜି ସେ ବସିଥାନ୍ତି । ସୃଷ୍ଟି, ସ୍ଥିତି, ଲୟ ଏଇ ତିନି ରୂପରେ ତାଙ୍କରି ଇଙ୍ଗିତରେ ଦୁନିଆଁ ଚାଲିଛି । ୟାଙ୍କର ଛେରାପହରା, ପହୁଣ୍ଡି ବିଜେ, ମଣୋହି ସବୁଭାର ସେହି ଦେବଦାସୀ ଅନ୍ଧୁଣୀ ଉପରେ । ଅନ୍ଧୁଣୀ ଓ ତା'ର ଝିଅଟିର ରାଜ୍ୟର ବାସିନ୍ଦା ହେବାର ଯୋଗ୍ୟତା ନାହିଁ, କାରଣ ସେମାନେ ଏ ପର୍ଯ୍ୟନ୍ତ ରୋଗୀ ବା ଥୁଣ୍ଟା ହୋଇନାହାନ୍ତି । ରାଷ୍ଟ୍ରପତିଙ୍କ ସ୍ୱତନ୍ତ୍ର ଫରମାନ୍ ବଳରେ ସେମାନେ ବାସିନ୍ଦା ବୋଲି ଗଣ୍ୟ ହୁଅନ୍ତି ଓ ସମସ୍ତ ଅଧିକାର ଓ ସୁବିଧା ପାଆନ୍ତି । ପ୍ରକୃତରେ ଏଇ ଅନ୍ଧୁଣୀ ହେଉଛନ୍ତି ଏ ରାଜ୍ୟର "ଫାଷ୍ଟ ଲେଡ଼ି ।"

ରାଷ୍ଟ୍ର ପରିଚାଳନା ଏକ ଗୁରୁଦାୟିତ୍ୱ । ବିଷ୍ଣୁ ଶର୍ମାଙ୍କ ଗୋଦାବରୀ ନଦୀ କୂଳର ବିଶାଳ ଶାଳ୍ମଳୀ ତରୁରେ ଯେଉଁ ପକ୍ଷୀ ରାଜ୍ୟଟି ଗଢ଼ି ଉଠିଥିଲା ତହିଁର ରକ୍ଷଣଭାର ଥିଲା ଜରଦ୍‌ଗବ ନାମକ ଏ ବୁଢ଼ା ଶାଗୁଣା ଉପରେ । ଏ ରାଷ୍ଟ୍ରର ଜରଦ୍‌ଗବଙ୍କ କିନ୍ତୁ ସନ୍ତାନ ରକ୍ଷଣ ଛଡ଼ା ହରରଙ୍ଗୀ ଦାୟିତ୍ୱ ରହିଛି । ନିଜ ଦେହକୁ ମାଛିମଶା କବଳରୁ, ଥୁଣ୍ଟା ଡ଼ାଳରେ ଝୁଲୁଥିବା କଳାକଳା ହାଣ୍ଡିଡ଼େକ୍‌ଚି ଗୁଡ଼ାକୁ କୁଆ ଓ ମୂଷା ଦାଉରୁ,

Digitized by srujanika@gmail.com

ଆସ୍ଥାନଟିକୁ ବୁଲାଷଣ୍ଢ, ଘୁଷୁରି ଓ କୁକୁରଙ୍କ ଦୌରାତ୍ମ୍ୟରୁ ରକ୍ଷାକରିବା ତାଙ୍କର ମାମୁଲି କର୍ତ୍ତବ୍ୟ । ଏବେ ପଦୁଆଁ ଚଲାବୁଲା ଧାଁ ଦଉଡ଼ କରିବା ଦିନଠୁଁ ତାଉପରେ ଆଖି ରଖିବା ଓ ଥରକୁ ଥର ସତର୍କବାଣୀ ଶୁଣାଇବା ଅଧିକା କାମ ହେଲାଣି, କିନ୍ତୁ ସବୁଠୁଁ ବେଶୀ ଦାୟିତ୍ୱ ଓ କଷ୍ଟସାଧ ବ୍ୟାପାର ହୋଇଛି ଥୁଣ୍ଟା ଗଛର ଫଳ ତାକୁ ସମ୍ଭାଳି ବଡ଼ କରିବା । କାରଣ ଆମ୍ବ ଯେତିକି ଯେତିକି ବଢ଼ି ଚାଲିଛି ସେତିକି ସେତିକି ମସୁଧା ମନ୍ତ୍ରଣା, ମେଣ୍ଟ, ଚକ୍ରାନ୍ତ ଗୁପ୍ତ ଆଲୋଚନା ଚାରିଆଡ଼େ ଚାଲିବାର ସେ ଦେଖିଲେଣି, ଶୁଣିଲେଣି, ଜାଣିଲେଣି । ସର୍ବଜ୍ଞ ଓ ସର୍ବଦ୍ରଷ୍ଟା ହେବା ବି ଏକ ଅଭିଶାପ । ଚର୍ଚ୍ଚଗେଟ୍ ସ୍କୁଲକୁ ଗଲାବେଳେ ଦୁଇଭାଇ କଥାବାର୍ତ୍ତା କରନ୍ତି ଏଇ ଆମ୍ବ ବିଷୟରେ ।

"ବାପାଙ୍କୁ କହିବା ଛୁରୀଟାଏ ଆଣିଦେବେ ।"

"କାହିଁକି, ମୁଁ କଣ ଥାକରୁ ପୁରୁଣା ବ୍ଲେଡ଼୍ ଆଣିପାରିବି ନାହିଁ ? ବାକ୍ସରେ ଠିଆହେଲେ ହାତ ଉପରକୁ ପାଇଯିବ ।"

"ଭାଇ, ଲୁଣ ଲଙ୍କାମରିଚ ଗୁଣ୍ଡ ଆଣିବା । କଞ୍ଚାସୁଆଦୀ ଆମ୍ବ ଖଟା ନା ମିଠା ?"

"ବୋକା, କାକୁଡ଼ି ପରି, ଦାନ୍ତ ମୋଟେ ସିରିସିରି ହେବନି । ତେବେ ଗଛମୂଳରେ ସେ ଲୋକଟାକୁ ଦେଖିଛୁ ନା ? ତା ମୁହଁ ଦେଖିଲେ ମୋତେ ଭାରି ଡ଼ରମାଡ଼େ ।"

"ସେ ଦଉଡ଼ିପାରିବ ନାହିଁ । ତୁ ଗୋଟାଏ ପଥର ମାରିଦେଲେ ପେନ୍ଥାରୁ ତିନି ଚାରିଟା ଏକା ଥରକେ ଖସିଯିବ । ମୁଁ ଧରି ଦଉଡ଼ି ପଳାଇବି । ଭାଇ, ସୁନ୍ଦରୀ ଆମ୍ବ ଜଷ୍ଠି ବେଳୁ ଲାଲ, ନୁହେ ?"

ପାଖ କୋଠାରେ ଯାହା ଉପର ତିନିରଙ୍ଗ ପତାକା ଉଡ଼େ ତାରି ବରଣ୍ଡାରେ ଛିଡ଼ାହୋଇ ହାତ ବଢ଼ାଇ ଥଇଥାନ ଅଫିସର ପଚାରନ୍ତି –

"ନାଜର ବାବୁ ! ଆଚର ହେବ ନା ସେ ଆମ୍ବରେ ? ଟାକୁଆ ହେଲାଣି ?"

"ହଁ ସାର୍ ! ବନି ଗଲାଣି । ଘରେ ରଖିଦେଲେ କୁଟା ଉପରେ ପାଚିଯିବ ଚାରି ପାଞ୍ଚ ଦିନରେ ।"

"ଜ'ଣ କରିବା ଘରେ କହୁଥିଲେ –। ଏଇଟା ପାଞ୍ଚମାସ ଚାଲିଛି, ବଜାରକୁ ବି ମୋଟେ କଞ୍ଚା ଆମ୍ବ ଆସୁନି ।"

"ଦେଖିବା ସାର୍ ! ସେଇ ବୁଢ଼ାଟା କେତେବେଳେ ହେଲେ ଛାଡ଼ିଯାଉନି ପରା !"

ପ୍ରାତଃ ଭ୍ରମଣରେ ଯାଉଁ ଯାଉଁ ଚେୟାରମେନ୍ ସାହେବ ଏକ୍‌ଜିଉକିଟିଭ୍ ଅଫିସରଙ୍କୁ ଗଛମୂଳର ରୋଗୀଗୁଡ଼ାକ ଦେଖାଇ କହନ୍ତି –

"ଜୁଲାଇ ମାସ ପ୍ରଥମ ସପ୍ତାହରେ ଲାଟ ସାହେବ ଆସୁଛନ୍ତି, ସେତେବେଳକୁ ଏଗୁଡ଼ାକୁ ଘଉଡ଼ାଇବାକୁ ପଡ଼ିବ ରାସ୍ତା କଡ଼ଟାରୁ ।"

Digitized by srujanika@gmail.com

ମହିମାଗାଦୀରୁ ଯେଉଁ ଦୁଇଟା ନୂଆ ରୋଗୀ ଦଳରେ ଯୋଗ ଦେଇଛନ୍ତି ସେମାନେ ବି ଅନ୍ତର୍ଘାତୀ କାମରେ ବ୍ୟସ୍ତ । ଟିକି ଝିଅଟି ବିଷୟରେ ସେମାନେ ଭାରି ଆଗ୍ରହୀ ।

"ବିସ୍କୁଟ୍ ଦେଲେ ନେଉଛି । ଡ଼ାକିଲେ କିନ୍ତୁ ପାଖକୁ ଆସୁନି । କାନ୍ଦି ଉଠୁଛି ଦେହରେ ହାତ ଦେଲେ ।"

"କଦଳୀ ଦେଲି, ଖାଇଲା । 'ଆ କାଖ ହବୁ' କହିବାରୁ ମା' ପାଖକୁ ପଳାଇଲା ।"

"ଏ ଦିନବେଳେ କାମ ନୁହେଁ । ଅନ୍ଧୁଣୀଟା ସାଙ୍ଗରେ ଆସୁ ନ ଆସୁ । ବୁଢ଼ାଟା ଦିନ ନାହିଁ ରାତି ନାହିଁ ଜଗିବସିଛି ଦୁହିଁଙ୍କି ।"

ଯେତିକି ଯେତିକି ଆମ୍ବ ପାଚିଲାବେଳ ହେଲା, ସେତିକି ସେତିକି ପଦୁଅାଁ କଦଳୀ ବିସ୍କୁଟ୍ ନେବାପାଇଁ ଆଗ୍ରହୀ ହେଲା' ଜରଦ୍‌ଗବ ସେତେ ବେଶୀ ଚିନ୍ତିତ ହେଲେ ଓ ଦିନ ରାତି ତାଙ୍କୁ ସଜାଗ ସତର୍କ ରହିବାକୁ ପଡ଼ିଲା । "ଯା ନିଶା ସର୍ବଭୂତାନାଂ ତସ୍ୟାଂ ଜାଗର୍ତ୍ତି ସଂଯମୀ ।"

ଥଇଥାନ ଅଫିସରଙ୍କ ଘରଣୀଙ୍କର ବୋଧହୁଏ ଛଅମାସ ଗଡ଼ିଗଲାଣି । ଏଣେ ଆମ୍ବଗୁଡ଼ାକ ଏମିତି ଲାଲି ଟହଟହ ଦିଶିଲାଣି ଯେମିତି ମୂଳରେ କିଏ ବିନ୍ଦୁ ବିନ୍ଦୁ ରକ୍ତ ଢ଼ାଳି ଫଳଗୁଡ଼ାକ ବଢ଼ାଉଛି । କୁନିଝିଅ ପଦୁଅାଁ ବି ଖେଳିବୁଲି ସୁଆଗ ଶରଧା ପାଇ ଚିକିଣିଆ ଦିଶିଲାଣି ।

ଆଜି ଗୁଣ୍ଡିଚା । ମହାପୁଣ୍ୟ ଦିବସ । ଆଜି ବ୍ରହ୍ମାଣ୍ଡକର୍ତ୍ତା ଜଗନ୍ନାଥ ରଥରେ ଚଢ଼ି ମାଉସୀ ଘରକୁ ଯିବେ । ସ୍କୁଲପିଲା, କଚେରିଆ ସମସ୍ତଙ୍କ ଛୁଟିଦିନ, ଆନନ୍ଦ ଉତ୍ସବ ଦିନ ।

ଆମ୍ବମୂଳିଆଙ୍କର ବି ଆଜି ଉତ୍ସବ । ପୁଣ୍ୟାତ୍ମା ଗୋପବନ୍ଧୁଙ୍କ ଉଦ୍ଦେଶ୍ୟରେ ସହରର କିଏ ଜଣେ ମିଲ୍ ମାଲିକ କାଙ୍ଗାଳ ଭୋଜନର ଡ଼େଙ୍ଗୁରା ଦେଇଛନ୍ତି । ଅନ୍ତେବାସୀମାନେ ପ୍ରଶେସନରେ ବାହାରିବାକୁ ବ୍ୟସ୍ତ । ହାଣ୍ଡିକୁଣ୍ଡି, କନାକନ୍ଥା, ଆମ୍ବଗଛର ଝୁଣ୍ଟା ଡ଼ାଳରେ ଟଙ୍ଗାହୋଇ ସାଇତା ହେଲାଣି ।

ଦୁନିଆଁରେ ଆଜି ସବୁଠୁଁ ବେଶୀ ଖୁସି ଅନ୍ଧୁଣୀ ଓ ତା' କୁନିଝିଅ ପଦୁଅାଁ । ଚାରିପାଞ୍ଚ ବର୍ଷ ପରେ ଅନ୍ଧୁଣୀ ଆଜି ଫେର ବଜାରକୁ ଯିବ । ପୁଣି ପଦୁଅାଁ ତାକୁ ବାଟ କଢ଼ାଇବ । ଦିନ ଥିଲା ଖୋଦ୍ ବିଷ୍ଣୁ ତାକୁ ହାତଧରି ସାଂଗରେ ନେଉଥିଲେ; କିନ୍ତୁ ସେ ଅଚଳନ୍ତି ହେବା ଦିନଠୁଁ ଅନ୍ଧୁଣୀକୁ ଢ଼ିପ ଜାଗା ଉପରେ ବସି ଦିନଯାକ ଚିତ୍କାର କରିବାକୁ ପଡୁଥିଲା । ଏତେଦିନ ଯାହାକୁ ଦେହରକ୍ତ ଦେଇ, ଉଷୁମ ଦେଇ ବଢ଼ାଇଛି ସେ ଆଜି ତାକୁ ଭୋଜିକୁ ନେବ ଶୁଭ ଦିନରେ ।

ପଦୁଅାଁ ଫ୍ରକ୍ ପିନ୍ଧିଛି । ଚକଚକିଆ ନାଲି ଛିଟର ଫ୍ରକ୍ । ଅନ୍ଧୁଣୀର ସର୍ବୋଦୟ ପାତ୍ରରୁ ସଞ୍ଚିତ ଛଅମାସର ଅର୍ଥରେ ଏଇ ଜାମାଟି ତିଆରି । ପୁଣି ଖଲିଫା ସିଲାଇ ପଇସା

Digitized by srujanika@gmail.com

ଛାଡ଼ି ଦେଇଛି । ନୂଆ ଜାମାଟି ପିନ୍ଧି ପଦୁଆଁ ଖିଲି ଖିଲି ହସି ଗଡ଼ିଯାଉଛି । କାଠ ପଥର ପାଲଟି ଥିବା ପ୍ରତିମାଙ୍କ ଆଖିରୁ ବି ଝର ଆସିଛି ଆନନ୍ଦରେ ।

ଶୋଭାଯାତ୍ରା ବାହାରି ପଡ଼ିଲା । ଦଳର ସବା ଆଗରେ "ଲେଡ଼ିସ୍ ଫାଷ୍ଟ" ନୀତିରେ ପଦୁଆଁ ପଛକୁ ରାଷ୍ଟ୍ରର "ଫାଷ୍ଟ ଲେଡ଼ି" । ଧୂଳି ଉଡ଼ାଇ ଉଡ଼ାଇ ଚାଲିଛି କୁନିବାଡ଼ିର ମୁଣ୍ଡଧରି । ଆର ମୁଣ୍ଡଟି ଧରିଛି ଅନ୍ଧୁଣୀ । ଦୁହିଁଙ୍କର ଆଜି ସମାବର୍ତ୍ତନ ଉତ୍ସବ ।

ବିଷ୍ଣୁ ପ୍ରତିମା ଚାହିଁଥାନ୍ତି । ସେ ଦୁହେଁ ଯେତିକି ଦୂରକୁ ଦୂରକୁ ଯାଉଥାନ୍ତି ତାଙ୍କର ହୃଦତନ୍ତ୍ରୀ ସେତିକି ଲମ୍ବି ଲମ୍ବି ଯାଉଥାଏ । କିନ୍ତୁ ବାଉଁଶ ବଣରେ ସେମାନେ ଯେତେବେଳେ ଲୁଚିଗଲେ ସେତେବେଳେ ସେ ବୁଝିଲେ ବିକଳାଙ୍ଗ ଓ ଅକର୍ମଣ୍ୟ ହେଲେ ବି ପ୍ରିୟଜନର ସାନ୍ନିଧ କେତେ ମୂଲ୍ୟବାନ, କେତେ ସନ୍ତାପହାରୀ ।

ସେ ଆଜି ନିଶ୍ଚିନ୍ତ । କାରଣ ସନ୍ଧ୍ୟାରେ ରାଷ୍ଟ୍ରୀୟ ପାକଶାଳା ବନ୍ଦ । ତେଣୁ କିଛିକାଳ ପାଇଁ ତନ୍ଦ୍ରାନ୍ୱିତ ବା ଯୋଗାରୂଢ଼ ହେଲେ । ଯେତିକି ଆମ୍ବ ଗୁଡ଼ାକ ଲାଲ ହୋଇଛି ସେତିକି ପରିମାଣରେ ସେ ଫିକା ହଳଦିଆ ହୋଇଛନ୍ତି । ଆଖି ଦୁଇଟା ମେଲାରଖିବା କ୍ରମେ ତାଙ୍କୁ କଷ୍ଟ ହେଉଛି । ଗଲା ଦୁଇ ତିନିମାସ "ଆଶଙ୍କା ଭୟ ବିପଦ ନିରନ୍ତର ରାଜମନ" ଅସ୍ଥିର କରିଛି । ସକାଳଯାକ ଗୁଳଗୁଳି । ତା'ଛଡ଼ା ଦୂର ସମୁଦ୍ର ବା ମେଘ ବା ପାହାଡ଼ର ଗର୍ଜନ ସେ ଥରେ ଦି'ଥର ସକାଳେ ଶୁଣିଛନ୍ତି । ସମସ୍ତେ ସୁଖରେ ସଞ୍ଜକୁ ଫେରିବେ ତ ?

କଚେରୀ ଘଣ୍ଟାରେ ଦୁଇଟା ବାଜିଲା । ଏଡ଼େ ନିର୍ଜନ ଅପରାହ୍ଣ ଯେ ଘଣ୍ଟାର ଶେଷ ସ୍ପନ୍ଦନ ଦି'ଥର ବାୟୁମଣ୍ଡଳକୁ ଆଲୋଡ଼ିତ କରି ଆମ୍ବ ଗଛର ପତ୍ରରେ ବି କମ୍ପନ ଆଣିଦେଲା ।

ଘିର୍‌ର ଘିର୍‌ର । ଢ଼ପ୍ ଢ଼ପ୍ ।

ଧ୍ୟାନଭଙ୍ଗରେ ପ୍ରତିମା ଦେଖିଲେ ପିଚୁ ସଡ଼କରେ ନାଲି ଆମ୍ବଟାଏ ଗଡ଼ି ଗଡ଼ିଯାଉଛି, ପିଲାଟାଏ ତାକୁଧରିବାକୁ ଯାଉଛି । ଆଉଗୋଟାଏ ଆମ୍ବ ନର୍ଦ୍ଦମାରେ ପଡ଼ିଛି ଏବଂ ଆଉ ଗୋଟାଏ ପିଲା ତାକୁ ଗୋଟାଇବାକୁ ଯାଉଛି । ଛୁଟି ଦିନରେ ବାପ ମାଆ ଶୋଇପଡ଼ିବା ପରେ ଲବ କୁଶ ବୋଧହୁଏ ବାହାରିଛନ୍ତି ଗୋଲେଇ, ଭଙ୍ଗାଇଟା, ବ୍ଲେଡ୍, ଲୁଣ, ଲଙ୍କାମରିଚ ନେଇ ଦିଗ୍‌ବିଜୟରେ ।

"ବେଶ୍ ବେଶ୍, ସେଇ ଗୋଟାକ ନେଇ ଚାଲିଯାଅ । ଖରାରେ ବୁଲନାହିଁ, ବାପା ରାଗିବେ । ଘରକୁ ଯାଅ ।" ଖଣ୍ଡିଆ ହାତଟା ସଡ଼କ ଉପର ଆମ୍ବଟା ଆଡ଼କୁ ବଢ଼ାଇ ବିଷ୍ଣୁ ପ୍ରତିମା ଏଇ କଥାଗୁଡ଼ାକ କହିଲେ । ତ୍ରେନର କୁଶ ସାଉଁଟିଲା ବେଳକୁ ସେ ଏମିତି ଗୋଟାଏ କଦର୍ଯ୍ୟ ଗଳା ଶବ୍ଦ ବାହାର କଲେ ସେ ପିଲାଟି ଚମକି ପଡ଼ିଲା ଓ ଆମ୍ବଟି ତାଙ୍କରି ଆଡ଼କୁ ଫୋପାଡ଼ି ଦେଇ ଦଉଡ଼ି ପଳାଇଲା । ଭାଇକୁ ଖଣ୍ଡେ ଦୂରକୁ ଯାଇ କହିଲା, "ବାବା ! ଦେଖିଲୁ ନା ଭାଇ, କେଡ଼େ କଦର୍ଯ୍ୟ ଚେହେରା ସେ ଲୋକଟାର ।"

Digitized by srujanika@gmail.com

ଦଣ୍ଡେ ପରେ । ପୁଣି ଶୁନ୍‌ଶାନ୍ । ଖଲିଫା ଦୋକାନର କାଠ କବାଟର କେଁକଟର ସ୍ୱରଟା ପ୍ରସାରିତ ହେଉଁ ହେଉଁ କଚେରୀ ଘଣ୍ଟା ବାଜିଲା ଦୁଇଥର । ପ୍ରଥମରେ ଧୀରେ ପରେ ଖୁବ୍ ଜୋରରେ ଦୋକାନ ଭିତରେ ରେଡ଼ିଓରୁ ତୁରୀ ତୁରୀ ଶବ୍ଦ କଟକ ଷ୍ଟେସନରୁ ଆସି ଆସ୍ଥାନଟିକୁ ଥରାଇଦେଲା । ପ୍ରତ୍ୟକ୍ଷଦର୍ଶୀଙ୍କ ବିବରଣୀ ଦୁନିଆଁକୁ ଜଣାଇଦେଲା, "ଜଗନ୍ନାଥ ରଥକୁ ବିଜେ କଲେ । ଏଥର ଯାତ୍ରାରମ୍ଭ ।" "ଜୟ ଜଗନ୍ନାଥଙ୍କ ଜୟ ।"

ଆଖି ଫିଟାଇ ଜରଦ୍‌ଗବ ଦେଖିଲେ ନାଜର ବାବୁ ଦୁଇଜଣ ପିଅନ ସହିତ ଉପସ୍ଥିତ । ହାତରେ ଏ.ସି.ସି. ଛାପା ଦିଆ ଯୋଡ଼ିଏ ସିମେଣ୍ଟ ବୋରା । ଚାହୁଁ ଚାହୁଁ ମଧୁ କୈଟର ସିଂହାସନ ଉପରେ ଗୋଡ଼ ରଖି ରାମ ଭକ୍ତଙ୍କ ପରି ଗଛକୁ ଉଠିଗଲେ । ନାଜର ବାବୁ ଅଗଡ଼ାଳର ଲାଲି ଫଳଗୁଡ଼ାକୁ ଦେଖି ଭାବୁଥାନ୍ତି ଏଥର ଥଇଥାନ ହାକିମଙ୍କ ଘରଣୀ ଅଲବତ୍ ପୁଅ ଜନ୍ମ କରିବେ ଏ ସିନ୍ଦୁରୀ ଆମ୍ବର ଆଚାର ଖାଇଲେ ।

ପ୍ରତିମା ଭାବୁଥିଲେ କହିବେ, "ବାବୁ! ଆମେ କୁଡ଼ିଆଗୁଡ଼ାକ ଅଟକ କରି ରଖିଛୁଁ । ଚିରୁଳେ ଚିରୁଳେ –" ।

କିନ୍ତୁ ନାଜର ବାବୁ ଯଦି ଓଲଟି କହନ୍ତି, "ଚୁପ୍ ରହ! ଝଡ଼ ତୋଫାନରେ କଚେରୀ ପିଣ୍ଡାକୁ ଆଶା ରଖିବୁନାହିଁ । କୁତ୍ତା ଲଗାଇ ଘଉଡ଼ାଇ ଦେବି, କେଉଁ ବାପ ରଖିବ ସେତେବେଳେ ତୋତେ ଦେଖିବି ।"

ନୀରବ ରହିଲେ ସେ । ତାଙ୍କର ବା ଶକ୍ତି ସାମର୍ଥ୍ୟ କଣ ଅଛି ? ଲୋକେ ମାନନ୍ତି, ବିଶ୍ୱାସ କରନ୍ତି ବୋଲି ଠାକୁର । ନ ମାନିଲେ ? ତାଙ୍କର କଦର୍ଯ୍ୟ ଚେହେରାକୁ, ଭୀଷଣ ଡ଼ିଆଁ ରୋଗକୁ ଯଦି କେହି ନ ଡ଼ରିବେ, ଖାତିର ନକରିବେ ତେବେ ସେମାନଙ୍କୁ ତଡ଼ିବାର ପରାକ୍ରମ ତାଙ୍କର କାହିଁ ? ସେ ମକାବାଡ଼ିର ଛାର ହୁରୁଡ଼ାଟାଏ ସିନା !

ଆମ୍ବ ଗୋଟାଏ ଡ଼େମ୍ଫରୁ ତୋଳାହେଲେ ପ୍ରତିମା ଶିର ଗୋଟିଏ ଛିଡ଼ି ଯାଉଥାଏ । ଦଶ ମିନିଟ୍ ଭିତରେ ବୋରା ଦୁଇଟି ଭର୍ତ୍ତି ।

ମଢ଼ ପଡ଼ିଲେ ଶାଗୁଣାର ଅଭାବ ନାହିଁ । କିମିତି ଖବର ପାଇଲେ ଦାରୋଗା ବାବୁ, ଆସିଲେ ତିନି ଚାରିଜଣ ମେହେନ୍ତର ଟୋକା ନେଇ ବିଷ୍ଣୁ ପ୍ରତିମା ଭାବିଲେ, କୁକୁରଗୁଡ଼ାକୁ ଯିଏ ବିଷଦେଇ ମାରେ ସେମାନଙ୍କର ବା ତାଙ୍କ ପ୍ରତି ମମତା କେଉଁଠୁ ଆସିବ ? ସେ ନୀରବ ରହିଲେ ବି ଦାରୋଗା ହସି କହିଲେ, "ଏ ପାଟି ଫିଟାଇବୁ ତ ମଲେ ଏଇଠି ପଡ଼ିଥିବୁ । ଏମାନେ ମୋଟେ ଛୁଇଁବେ ନାହିଁ ତୋତେ । କାଉ କୁକୁର ବି ଖାଇବେ ନାହିଁ ।

ତା'ପରେ ଗଛଟା ସର୍ବସାଧାରଣ ହୋଇଗଲା । ରିକ୍ସାବାଲାଏ ରିକ୍ସା ଛିଡ଼ାକରି ବାଡ଼ି, ଇଟା, ପଥର ସାହାଯ୍ୟରେ ଯାହା ବାକି ଥିଲା ସବୁ ନେଇଗଲେ । କେବଳ ପତରଲୁଚା ଆମ୍ବଟିଏ କେମିତି ଗଣ୍ଡିରେ ଲାଖିହୋଇ ରହିଗଲା, କେହି ଦେଖିପାରିଲେନାହିଁ ।

Digitized by srujanika@gmail.com

ମଣିଷର (ପୁରୁଷର ?) ମଣିଷ ପ୍ରତି ଏ ବ୍ୟବହାର ଦେଖି ପ୍ରକୃତି ମଧ୍ୟ ନଖ ମୁହଁ ଲାଲ କରି ଡ୍ରେଗନ ପରି ମାଡ଼ିଆସିଲା । ଯେମିତି କହୁଥାଏ, "ଏଗୁଡ଼ାଙ୍କୁ ଆଉ ଦୟା ନାହିଁ । ଦୁନିଆଁରେ ୟାଙ୍କ ଚିହ୍ନ ରଖିଦେବି ନାହିଁ ।" ବର୍ଷା, ବିଜୁଳି, ବଜ୍ର, କୁଆପଥର, ଅଣଚାଶ ସମସ୍ତେ ଯିମିତି ଛୋଟିଆ ମେଘ ଖଣ୍ଡିକରେ ଜାକିଜୁକି ରହିଥିଲେ ଏକାବେଳେକେ ମୁକ୍ତି ପାଇଁ ଧାଇଁଲେ ଆମ୍ବ ଗଛର ଲୁଟ୍‌ତରାଜରେ ଯୋଗଦେବେ ବୋଲି ।

ଜଗନ୍ନାଥ ରଥକୁ ବିଜେ କଲେ । ବର୍ଷା ନହୋଇଯିବ କୁଆଡ଼େ ? ଖଲିଫାଟି କବାଟ ଅଳ୍ପ ମେଲାକରି ପ୍ରକୃତିର ତାଣ୍ଡବରେ ପଡ଼ୋଶୀ ରାଷ୍ଟ୍ର ଓ ରାଷ୍ଟ୍ରପତିଙ୍କ ଅବସ୍ଥା ଦେଖିବାକୁ ଚେଷ୍ଟା କରିଥିଲା, କିନ୍ତୁ ବିଜୁଳି ଝଲକରେ ଆଖି ତାର ଝାପ୍‌ସା ହୋଇଗଲା ।

ସବୁ ସିନ୍ଦୂରୀ ଆମ୍ବର ରଙ୍ଗନେଇ ସୂର୍ଯ୍ୟଦେବ ଲୁଚିଗଲେ । ଶୂନ୍ୟଚାରୀଦଳ ବି ଫେରିଲେ ପରିକ୍ରମାରୁ । ଦେଖିଲେ ଡ୍ରେଗନର ଅତର୍କିତ ଆକ୍ରମଣରେ ପଞ୍ଚବାର୍ଷିକ ଯୋଜନାର ଗୋଟାଏ ପର୍ଯ୍ୟାୟ ବିପର୍ଯ୍ୟସ୍ତ ଓ ଧ୍ୱସ୍ତବିଧ୍ୱସ୍ତ ହୋଇଯାଇଛି । ରାଷ୍ଟ୍ରର ଭଗ୍ନସ୍ତୂପ ଉପରେ ବସିଛନ୍ତି ରାଷ୍ଟ୍ରପତି । ଅନାଇଛନ୍ତି ନିର୍ନିମେଷ ନେତ୍ରରେ ଗୀର୍ଜା ଉପର କ୍ରୁଶକୁ – ଯେଉଁ ପ୍ରଭୁ କେତେ ହସ୍ତପଦହୀନ ଲାଜାରସ୍‌ଙ୍କୁ ସ୍ପର୍ଶ ମାତ୍ରେ ସୁସ୍ଥ ସବଳ କରିଛନ୍ତି, ତାଙ୍କରି ଚିହ୍ନକୁ ।

ପ୍ରାକ୍ ସୃଷ୍ଟି କାଳର ଅନ୍ଧକାର । ଇଲେକ୍‌ଟ୍ରିକ୍ ବତୀ ନାହିଁ । ତଳ ଓଦା, ଉପର ଓଦା, ଦେହ ଭିଜିତିନ୍ତି ଥଣ୍ଡା । ଚରବର ହୋଇ କଚେରୀ ବରଣ୍ଡାକୁ ଚାଲିଲେ ସମସ୍ତେ ।

ପ୍ରତିମା ନିର୍ବାକ ନିସ୍ପନ୍ଦ । କିଏ ବା ତାଙ୍କ କଥା ବୁଝୁଛି ? ନିଜେ ନିଜେ ବଞ୍ଚିଯାଇଛନ୍ତି ଖଣ୍ଡ ପ୍ରଳୟରୁ ୟା ପିଣ୍ଡା ତା ଓଳି ତଳେ ରହି । ଆମ୍ବ ଅଛି କି ନାହିଁ ସେ କାଲିକା କଥା । ପେଟେ ପେଟେ ଖାଇଛନ୍ତି । କଚେରୀ ପିଣ୍ଡାର ମାଙ୍କଡ଼ା ପଥର ଚଟାଣରେ ଦଣ୍ଡକେ ନିଘୋଡ଼ ନିଦରେ ସମସ୍ତେ ଶୋଇଗଲେ । ବଜାରଟା ମୁହଁ ସଞ୍ଜରେ ଶୁନ୍‌ଶନାନ୍ ହୋଇଗଲା ।

ଦରାଣ୍ଡି ଦରାଣ୍ଡି ଅନ୍ଧପ୍ରାଣୀ ଓ କୁନିଝିଅ ପହୁଞ୍ଚିଲେ ସିଂହାସନ ପାଖରେ । ଛିଣ୍ଡା କନାରୁ ଭାତ ପୁଟୁଳାଟି ବାହାର କରି ପ୍ରତିମା ଆଗରେ ନୈବେଦ୍ୟ ଥୋଇଦେଲେ । ପ୍ରତିମା ଚଳ୍ପ କରୁନାହାନ୍ତି କାହିଁକି ? କୁନିଝିଅ ପିଣ୍ଡଟିଏ ମୁହଁ ପାଖରେ ଧରିଦେଲା, ତଥାପି ପାଟି ମେଲା କରୁନାହାନ୍ତି କାହିଁକି ? ଶୋଇଥିବେ ? ହାତ ଦେଇ ଝିଅଟି ହଲାଇଦେଲା । ଦେହ ଏକାବେଳକେ ହୁଳ ପରି ଥଣ୍ଡା ।

ଅନ୍ଧପ୍ରାଣୀ ହାତ ବୁଲାଇ ଜାଣିପାରିଲା । ପ୍ରତିମାଙ୍କ ରଥ ମାଉସୀ ବାଡ଼ିରେ ଲାଗିଗଲା । ଶୁଖିଲା କିରାସିନୀ ପଟା ଦି'ଖଣ୍ଡରେ ଲୁଗାକାନି ପାରି କୁନିକୁ ଶୁଆଇଦେଲା । ବିଷ୍ଣୁଙ୍କ ଗୋଡ଼ ପାଖରେ ଯେଉଁ ଆମ୍ବଟା ପଡ଼ିଥିଲା ତାକୁ ହାତରେ ଧରି ଶୋଇପଡ଼ିଲା ପଦୁଆଁ ।

Digitized by srujanika@gmail.com

ଅନ୍ଧୁଣୀ କାହାକୁ ଡ଼ାକିଲା ନାହିଁ । କାନ୍ଦିଲା ନାହିଁ । ପ୍ରତିମା ବସିଥିବା ବାକ୍ସରେ ଯେଉଁ ଟିକକ ଜାଗା ଥିଲା ସେଇଠି ବସିପଡ଼ି ମୁର୍ଦ୍ଧାରକୁ କୁଣ୍ଢାଇ ଧରିଲା ଯେମିତି ତା ଦେହର ଉଷୁମ ଯଣଇ ଥଣ୍ଡା ଦେହଟାକୁ ପୁଣି ଗରମ କରିଦେବ । ପାଞ୍ଚ ଛଅବର୍ଷ ପୂର୍ବରୁ ଏଇ ବୁଢ଼ାଟା ଦେହରେ କେତେ ପ୍ରାଣ, କେତେ ଉଷୁମ ଥିଲା ଅଥଚ ଆଜି - । ନିଦ ଆସିଲାନି ଅନ୍ଧ ଆଖି ଦି'ଟାରେ । ତୁହାକୁ ତୁହା କୋହ ଆସିଲା ।

ବସି ବସି ଭାବୁଥାଏ ଆଜି ରାତିପରି ପାଞ୍ଚବର୍ଷ ତଳର ଗୋଟାଏ ଅନ୍ଧାର ରାତିର କାହାଣୀ ।

ବର୍ଦ୍ଧମାନ-କୋଠି । ଷ୍ଟେସନ୍ ପାଖରେ - ସେହି ବୁଢ଼ା ବରଗଛଟା ଯାହା ଆଗରେ ଜ୍ଞାନକୋଷ ସଂକଳନ ଚାଲିଛି । ବିରାଟ ଗଛ, ପ୍ରଚୁର ଛାଇ, ପ୍ରଚୁର ଅନ୍ଧାର, ପ୍ରଚୁର ଫଳ । ଚାରି ପାଞ୍ଚ ଦିନ ହବ ସେ ଆନ୍ଧ୍ରପ୍ରଦେଶରୁ ଆସି ଶୂନ୍ୟଚାରୀଙ୍କ ଦଳରେ ମିଶିଥାଏ ।

ରଜସଂକ୍ରାନ୍ତି । ଆଷାଢ଼ର ପ୍ରଥମ ଦିବସ । ମନ୍ଦାକ୍ରାନ୍ତା ଛନ୍ଦର ସେହିଦିନ ପରିପୂର୍ଣ୍ଣତା ଲଭିଥିବା ମେଘଦୂତର ଦିନ! ରଜସ୍ୱଳା ପୃଥିବୀରୁ କିମିତି ଗୋଟାଏ ମଦ ଗନ୍ଧ ବାହାରୁଥାଏ । କର୍ଷଣଟାଏ ଲୋଡୁଥାଏ ଧରିତ୍ରୀ ମାତା । ବସୁଧା ଏତେ ଉର୍ବର ଯେ ବୀଜଟାଏ ପଡ଼ିଲା ମାତ୍ରେ ଯେମିତି ଅଙ୍କୁରିତ ହେଇ ଉଠିବ । ନରାଜ ପାହାଡ଼କୁ ଜାବୁଡ଼ି ଧରିଥାଏ ମେଘଟା, ଦେବଦାରୁ ଗଛର ଲମ୍ବା ଡ଼ାଳଗୁଡ଼ାକ ଥରକୁ ଥର ଝଙ୍କା ବରଗଛର ଓସାରିଆ ମେଲା ପତ୍ରଗୁଡ଼ାକୁ ଆଲିଙ୍ଗନ କରୁଥାନ୍ତି ଭ୍ରମର ଶୁଣ୍ଢଦେଇ ଫୁଲକୁ ଛୁଇଁଲାପରି ।

ଅନ୍ଧପ୍ରାଣୀ ଏସବୁ କିଛି ଦେଖିପାରେନି, କିନ୍ତୁ କଦମ୍ବଫୁଲ ପୁଲକ ସେ ଦେହରେ ବେଶ୍ ଅନୁଭବ କରୁଥାଏ କିମିତି ଏକ ଅନାଗତ ଆଶାରେ । କୋଟରଗତ ବାଆଁ ଆଖିର ପତାଟା ବି ହଠାତ୍ ଡ଼େଇଁଉଠିଲା । ଡ଼ାକବଙ୍ଗଳା ପାଚେରୀ କାନ୍ଥ ପାଖର ବିଜୁଳିବତୀଟା ବୋଧହୁଏ ସେତେବେଳେ ଲିଭିଯାଇଥାଏ । ଗଛପତ୍ରର ଅନ୍ଧାର ସାଂଗକୁ ପୃଥିବୀଯାକର କିଟିମିଟିଆ ଅନ୍ଧାର ଭିତରେ ତା'ର ଅନ୍ଧାରୁଆ ଦେହଟା ଆଡ଼କୁ ଆଉ ଗୋଟାଏ ବହଳିଆ ଅନ୍ଧାରଖଣ୍ଡ ଯେମିତି ଘୁଞ୍ଚି ଘୁଞ୍ଚି ଆସି ଜାବୁଡ଼ି ଧରିଲା । ଅନ୍ଧାରଟା ବି ଏତେ ଉଷୁମ, ଏତେ ଆରାମଦାୟକ । ସେହି ଅନ୍ଧାର ପାଖରେ ନିଜକୁ ସମର୍ପଣ କରିଦେଲା, ମିଶାଇ ଦେଲା ଅନ୍ଧୁଣୀ । ସେଇ ଗୋଟିକ ଦିନ ସେ ଜୀବନର ଆଲୋକ ଦେଖିଥିଲା ଅନ୍ଧାର ଭିତରେ । ଆଲୋକ ଅନ୍ଧାରର ଏଇ ଯୁଗପତ୍ ଉପଲବ୍ଧି ଭିତରେ ସେ କେତେ ସମୟ ବୁଡ଼ିରହିଲା ଜାଣେନି । ଦେବଦାରୁ ଗଛଟାରୁ ଗୁଡ଼ାଏ ଫଳ ଓ ଝଙ୍କା ବରଗଛରୁ ଗୁଡ଼ାଏ ପାଣିଟୋପା ଝଡ଼ଝଡ଼ ହୋଇ ପଡିଗଲାରୁ ତା'ର ଚେତା ଆସିଲା ।

ସେଇ ଜୀଅନ୍ତା ଉଷୁମ ଅନ୍ଧାରଟା ଆଜି ଏମିତି ପ୍ରାଣହୀନ ଓ ଥଣ୍ଡା । ଆଜିର ଏହି ଭାବନା ଯେଉଁଦିନ ବାସ୍ତବ ଥିଲା ତା'ର ଦୁଇତିନି ମାସ ପରେ ସେଇ ବରଗଛଟା

Digitized by srujanika@gmail.com

କଟାଗଲା ରେଳବାଇ କଲୋନୀର ସମ୍ପ୍ରସାରଣ ପାଇଁ । ଆଜିର ଏଇ ଧ୍ୱଂସସ୍ତୁପରେ ପରିଣତ ରାଷ୍ଟ୍ରର ମୂଳଦୂଆ ତା' ପରଦିନ ଦିଆଯାଇଥିଲା ଏଇ ଆମ୍ବଗଛ ମୂଳରେ । ଗୋଟାଏ ନିଦାରୁଣ ବୈଶାଖ ରାତିରେ କୁମାରୀ ସମ୍ଭବ ହୋଇଥିଲା ଏଇଠି ବିଟ୍ ଦାଣ୍ଡରେ ।

ଅନ୍ଧୁଣୀର ଛାଇନିଦ ଚାଉଁକିନା ଭାଙ୍ଗିଗଲା । ହାତ ଅଣ୍ଡାଳି ସେ ଦେଖିଲା, କୁନି ନାହିଁ, ଝିଅ ନାହିଁ । ଥରକୁ ଥର ଡ଼ାକିଲା, "ପଦୁଆଁ"- "ପଦୁଆଁ" ବୋଲି । ଜବାବ୍ ନାହିଁ । ଆଶଙ୍କାରେ ବିହ୍ୱଳ ହୋଇ ପ୍ରତିମାକୁ ହଲାଇ ଦେଲା ଜୋର୍‌ରେ । ପ୍ରତିମା ସିଂହାସନରୁ ତଳକୁ ଢ଼ଳିପଡ଼ିଲା ।

ସକାଳ ହେଲା । ଓଦା ଲୁଗାପଟା, ଟିଣଡ଼ବା ହାଣ୍ଡିକୁଣ୍ଡି, ଲୋଟା କମ୍ବଳ ଧରି ପୁଣି ପଟୁଆର ଚାଲିଲା ଷ୍ଟେସନ୍ ଆଡ଼କୁ । କିନ୍ତୁ ପଟୁଆରରେ ସେଇ ଦି'ଜଣ ଢେଙ୍କାନାଳୀ ମହିମାଗାଦୀବାଲା ନଥିଲେ । ବୁଢ଼ାଗଛର ଆମ୍ବ ସଂଗେ ସଂଗେ ପଦୁଆଁକୁ ବି ସେମାନେ କ'ଣ - ?

ଲାଟ୍ ସାହେବ ଆସିବେ ବୋଲି ସହର ସଫେଇ କାମ ଜୋରସୋର୍ ଚାଲିଛି । ମ୍ୟୁନିସିପାଲଟି ଟ୍ରକରେ ଦଳ ଦଳ ହୋଇ ଆସିଗଲେ ଦାରୋଗା । ଚାହୁଁ ଚାହୁଁ ଆମ୍ବଗଛ ମୂଳଟା ସଫା ହୋଇଗଲା । ଚୁଲ୍ଲୀଗୁଡ଼ାକ ଗୋଇଠା ମାରି ସେମାନେ ଭାଙ୍ଗିଦେଲେ ।

ବିଷ୍ଣୁପ୍ରତିମାଙ୍କ ଅଣ୍ଟାରେ ଜାଣିଶୁଣି ବନ୍ଧାଥିଲା ସେଥିରେ ଶହେ ଆଗ ନୂଆ ପଇସା ଥିଲା । କପେ କପେ ଚା' ଓ ପାନ ଖଣ୍ଡିଏ ଖଣ୍ଡିଏ ଖାଇ ପାଟି ଲାଲ କରି ନୂଆ ଉତ୍ସାହ ନେଇ ଆସିଲେ ଦାରୋଗାଙ୍କ ଦଳବଳ । ଦଉଡ଼ିରେ ବାନ୍ଧି ଘୋଷାଡ଼ି ଆଖି ପିଛୁଳାକେ ଉଠାଇନେଲେ ପ୍ରିମାକୁ ରଥ ଉପରକୁ । ନରମ ପଲ୍ଲବ ଶଯ୍ୟାରେ ଶୋଇ ଶୟନ-ପୂର୍ଣ୍ଣିମା ଆସୁ ନ ଆସୁଣୁ ପ୍ରତିମା ଚାଲିଗଲେ କମୋଷ୍ଟ ପଡ଼ିଆକୁ ।

ଅନ୍ଧପ୍ରାଣୀଟି କିଛି ଦେଖିପାରିଲାନାହିଁ, କେବଳ ଶୁଣିଲା ଗୋଟାଏ ବିରାଟ ଅଟ୍ଟହାସ୍ୟ ପରେ ବୁକୁଫଟା ଚିତ୍କାର "ହରି ନାମ ସତ୍ୟ ହେ", ଆଉ ଟ୍ରକ୍‌ର ଘର୍ ଘର୍ ଶବ୍ଦ ।

Digitized by srujanika@gmail.com

# ଭଡ଼ାଟିଆ

"ସବା ଶେଷରେ ତେବେ ମିଳିଲା, ତୋ ଚିଠି ପଢ଼ି ମୁଁ ମୋଟେ ବିଶ୍ୱାସ କରିପାରିଲି ନାହିଁ ଯେ ଘରଟାଏ ମିଳିବ ।"

"ତା କିମିତି କରନ୍ତୁ । ମହାନ୍ତିଙ୍କ 'ଘର' ଗଳ୍ପଟା କଣ ପଢ଼ିନଥିଲୁ ?"

"ସେଇ ଶାର୍ଦ୍ଦୁଳ ବିକ୍ରୀଡ଼ିତ, ଅନୁଷ୍ଟୁପ୍ ମନ୍ଦାକ୍ରାନ୍ତାଙ୍କ କଥା ତ ? ଆଚ୍ଛା, ଘର କିମିତି ?"

"ତୋର ଭାଗ୍ୟ ଭଲ । ଘର ଏକଦମ ବଢ଼ିଆ । ଦୋତାଲା, ଉପରତାଲା ଆମର । ଖୋଲାଜାଗା, ପ୍ରଚୁର କାଠଯୋଡ଼ି ହାଓ୍ୱା, ଇଲେକ୍‌ଟ୍ରିଫାଏଡ଼୍, ସ୍କୁଲ, ସିନେମା, ଡ଼ାକ୍ତରଖାନା ସବୁ ପାଖରେ ।"

"ପାଣି ?"

"ଅଗଣାରେ କୂଅ । ଅସୁବିଧା ସେତିକି । କୂଅ, ବାଥ୍ ତଳେ ।"

"ତଳେ କିଏ ରହେ ?"

"ଖୋଦ୍ ଘରବାଲା ।"

"ଭଡ଼ା ?"

"ଦେଢ଼ଶ' । ଏଡ଼ଭାନ୍ସ ପଚାଶ ଟଙ୍କା ।"

"ଏତେ ଭଲ ଘରଟାଏ ଖାଲି ପଡ଼ିଥିଲା କିମିତି ?"

"ଘରର ସେତିକି ବଦନାମ୍ । ସେଠି କେହି ବେଶୀଦିନ ଟିକ୍ଷିପାରନ୍ତି ନାହିଁ । ଅନେକ ସମୟରେ ମଝିରେ ମଝିରେ ସେଥିପାଇଁ ଘର ଖାଲିଥାଏ ।"

"ବୁଝିଲି । ଜୀବନର ଅଭିଜ୍ଞତାରୁ ମୁଁ ବୁଝିଛି ଘର ପାଇବା ଯେତେ କଷ୍ଟ ନୁହେଁ, ପରଘରେ ରହିବା ତାଠୁ ବଳି କଷ୍ଟ । ପରଘରକୁ ଆମେ ନିଜ ଘର ପରି ବ୍ୟବହାର କରୁନା । ପିଲାଝିଲାଙ୍କୁ ଭଲ ପାଉନା । ଘରବାଲା ଶାଇଲକ୍ ହେଲେ ବି ମୋର କେବେ କୌଣସି ଘରବାଲା ସଂଗେ ଝଗଡ଼ା ହୋଇନି । ଏ ବିଷୟରେ ମୋର ଦେଢ଼ଶୀଳ ନୀତି ।"

"ଦେଢ଼ଶୀଳ" ବୋଲି କିମ୍ଭୁତକିମାକାର ଶବ୍ଦ ଶୁଣି ବନ୍ଧୁଜଣକ ସାଇକେଲ୍‌ଟାକୁ ମହେଶବାବୁଙ୍କ ରିକ୍ସା ପାଖେ ପାଖେ ଚଲାଇଲେ । କଥାଗୁଡ଼ାକ ଯେମିତି ଭଲଭାବରେ ଶୁଣିପାରିବେ ।

ମହେଶବାବୁ ଅନର୍ଗଳ କହୁଥାନ୍ତି, "ପାରିବାରିକ କ୍ଷେତ୍ରରେ ଦେଢ଼ଶୀଳ, ଜାତୀୟ ସ୍ତରରେ ପଞ୍ଚଶୀଳ, ଏଫ୍ରୋ-ଏସୀୟ କ୍ଷେତ୍ରରେ ବାନ୍ଦୁଙ୍ଗର ଦଶଶୀଳ ।"

ବାଧାଦେଇ ବନ୍ଧୁଜଣଙ୍କ ମନ୍ତବ୍ୟ କଲେ, "ତୋର ଏ ବିଚିତ୍ର ରାଜନୀତି ବା ଜୀବନଦର୍ଶନ ମୋର ଅବୋଧ । ଅଧ୍ୟାପକ ହେଲେ କ'ଣ ଏମିତି ବକ୍ ବକ୍ ହେବା,

Digitized by srujanika@gmail.com

ଆଦର୍ଶ ନେଇ କଥାବାର୍ତ୍ତା କରିବା ଅଭ୍ୟାସଗତ ହୋଇଯାଏ ? ଆଚ୍ଛା ଦେଢ଼ଶୀଳଟା କ'ଣ ବୁଝାଇ ଦେ ତ ।"

"ପୃଥିବୀର ଅଭଲ ନମ୍ବର ରାଜନୀତିଜ୍ଞଙ୍କର 'Love thy neighbour' ଅର୍ଥାତ୍ ପଡ଼ୋଶୀଙ୍କୁ ଭଲପାଅ ମୋର ଦେଢ଼ଶୀଳର ପୂରା ଅର୍ଥାତ୍ full ନୀତି । ମଣିଷକୁ ଜାନୁଆର ସ୍ତରରୁ ସାମାଜିକ ସ୍ତରକୁ ଆଣିଲା ଏଇ ନୀତିଟି । 'ବସୁଧୈବ କୁଟୁମ୍ବକମ୍', 'ସର୍ବେ ସୁଖୀନୋ ଭବନ୍ତୁ' 'ମିଛ କୁହନାହିଁ' ଇତ୍ୟାଦି ଉପଦେଶାବଳି ଏଇ ଶୀଳଟିର ଜ୍ୟାମିତିକ ଅନୁଶୀଳନୀ ବୋଲି ଧରାଯାଇପାରେ । ଏଇ ମୋର ଏକଶୀଳ ବାକି ଅଧକ -"

"ସେ ଅଧକ ପରେ ଶୁଣିବି । ଆଗେ ଘରେ ପଶିଯାଅ । ଏଇ ତ ସାମନା ମୋଡ଼ ଉପରେ ଘରଟା ।"

କିଛି ନ ଶୁଣିଲା ପରି ମହେଶବାବୁ ବ୍ୟାଖ୍ୟା କରିବାକୁ ଲାଗିଲେ । ଛୋଟ ଛୋଟ ପିଲାମାନଙ୍କୁ ଆମ ନିକଟକୁ ଆସିବାକୁ ଦିଅ । 'ଛୋଟ ପିଲାଙ୍କ ଅଧା ଟିକେଟ୍ । ମୋ ଦେଢ଼ଶୀଳର ବାକି ଅଧକ ଏଇଟି । ନିଜ ପିଲାଙ୍କୁ ସମସ୍ତେ ଭଲପାଆନ୍ତି, ପରପିଲାଟିକୁ ଶରଧା କରିବା ଦୂରର କଥା, ଅନେକେ ପାଖ ପୂରାଇ ଦିଅନ୍ତି ନାହିଁ।"

ଚିକ୍କାଗୁଡ଼ାକ ଛିଡ଼ାହେଲା । ଜିନିଷପତ୍ର ଉପରକୁ ଉଠିଲା । ଅଧାପକ ମହେଶଚନ୍ଦ୍ର ମହାପାତ୍ର ନୂଆକରି ପ୍ରବେଶ କଲେ ଜୀବନର ଊନପଞ୍ଚାଶତମ ଭଡ଼ାଘରେ ।

ବନ୍ଧୁ ବିଦାୟ ନେଲେ । କହିଲେ, 'Good Luck to your ଦେଢ଼ଶୀଳ ।'

ଉପର ମହଲାରେ ନୂଆହୋଇ ଯେଉଁ ରାଜ୍ୟଟି ପ୍ରତିଷ୍ଠିତ ହେଲା, ତହିଁରେ ସ୍ୱୀକୃତି ଓ ନିଜର ପରିଚୟ ପତ୍ର ନେଇ ପଡ଼ୋଶୀ ରାଜ୍ୟର ରାଷ୍ଟ୍ରଦୂତ ଭାବରେ ଆସିଲା ଛୋଟ ଝିଅଟିଏ । ତାର ପରିଚୟ କ୍ଷୀଣ ଘରବାଲୀର ମୀନା । ନୂତନ ରାଷ୍ଟ୍ରର ଶାନ୍ତିଦୂତ ହେଲା ମହେଶବାବୁଙ୍କ କନିଷ୍ଠ ପୁତ୍ର ମୁନୁ । ଦେଢ଼ଶୀଳ ନୀତି ପ୍ରୟୋଗର ଏହା ଅୟମାରମ୍ଭ ।

ସକାଳ ହେଲେ କାଇଞ୍ଚ ଡ଼ାଲାଟି ଧରି ଏଣେତେଣେ ଚରକିମରକି ଚାହିଁ କୁନି ଝିଅଟି ଉପର ତାଲାରେ ପହଞ୍ଚିଯାଏ । ଡ଼ାଲାର ଖେଳନା ସବୁ ଗୋଟି ଗୋଟି କରି ବାହାର କରି ମେଲାଇ ବସିଥାଏ । ମୁନୁ ତା' ମୁହଁକୁ ଚାହିଁ ଖେଳନାଗୁଡ଼ିକୁ ନଜର କରେ ।

ଘରବାଲାର ମୀନା ଆରମ୍ଭ କରେ, 'ମୋର ଘଲ (ର) ।' ମହେଶ ବାବୁଙ୍କ ମୁନୁ ଏଇ 'ଅଛି' ପ୍ରତିଯୋଗିତାରେ ଯୋଗଦେଇ ତା' ଖେଳନା ବାକ୍ସରୁ ମଧ ଗୋଟିଏ ଗୋଟିଏ ଜିନିଷ ବାହାର କରୁଥାଏ ଏବଂ ତଳେ ରଖୁଥାଏ ।

ମୀନା ପୁଣି କହେ, 'ମୋ ଘଲ ।'

ମୁନୁ କହେ 'ମୋ ମଟର ।'

ପ୍ରତିଯୋଗିତା ବଢ଼ିଚାଲେ । ମୀନା କହେ, 'ମୋ ପୁତୁଲି ।'

Digitized by srujanika@gmail.com

ମୁନୁ କହେ, 'ମୋ ବଲ ।'

ମୀନା କହେ, 'ମୋ ଅଜୁ ବାଇ ।'

ମୁନୁ କହେ 'ମୋ ଟୁନୁ ଭାଇ ।'

ଏଥର ମୀନା ହାତରୁ ଟେକ୍‌କୋ ବାହାରକରି କହେ, 'ମୋ ମାଆ । ମୁନୁର ମାଆ ନାହିଁ । ଦେଖେ ହାତରେ ସାହେବଟା ଅଛି । ହାରିଗଲା ଗଳାରେ କୁହେ 'ମୋ ବାପା ।'

ପ୍ରତିଯୋଗିତା ଶେଷ । ହାରଜିତ ସମାନ । ଏଥର ଖେଳ ଆରମ୍ଭ ହୁଏ । ମୀନା ବାହାର କରେ କଣ୍ଢେଇ, କନା, ଖଟୁଲି, ଟିକି ଟିକି ବାଲ୍ଟି, କରେଇ, ରୋଷାଇ ସରଞ୍ଜାମ । ମୁନୁ ଯୋତା ଖୋଳରୁ ବାହାର କରେ କାଚ ଆଲି, ଚକ୍‌ଖଡ଼ି, ଦିଆସିଲି ବାକ୍ସ ।

କଣ୍ଢେଇଟିଏ ଧରି ମୀନା ପୁଣି ଆରମ୍ଭ କରେ 'ମୁଁ ବଲ (ର)'- 'ନା, ନା, ତୁ କନିଆଁ - କହିନପାରି ମୁନୁ କହେ 'ମୁଁ ବର', ମୀନା କହେ, ନା, ନା ତୁ କନିଆଁ ପରା । ତାରି କଥା ତାକୁ ଫେରାଇ ମୁନୁ କହେ, 'ନା, ନା, ତୁ କନିଆଁ ପରା ।

ବର କନିଆଁ ମେଳ ହୁଏ । ବାହାଘର ହୁଏ । ଶଙ୍ଖ ହୁଳହୁଳି ବାଜେ । କ୍ଷୀରିପିଠା ବି ହୁଏ । ଭାରି ମିଠା । ଜିଭର ଟକ୍‌ଟାକ୍ ଶବ୍ଦରୁ ତା ଜଣାପଡ଼େ ।

ମହେଶବାବୁ ଖଟରେ ଶୋଇ ଦୁହିଁଙ୍କ ଖେଳ ଦେଖୁଥାନ୍ତି ଏବଂ ଆତ୍ମପ୍ରସାଦ ଅନୁଭବ କରୁଥାନ୍ତି । କାରଣ ଦେଢ଼ଶୀଳ ନୀତିର ଅଧାଭାଗକ ତାଙ୍କ ମନଲାଖି କାମ ହେଉଛି । ରାଷ୍ଟ୍ରଦୂତ ପର୍ଯ୍ୟାୟରେ ଯେଉଁ ସୌହାର୍ଦ୍ଦ ପ୍ରତିଷ୍ଠିତ ହେଲା, ରାଷ୍ଟ୍ରନାୟକ ପର୍ଯ୍ୟାୟରେ ସହାବସ୍ଥାନ ପାଇଁ ଅବଶ୍ୟ ଅନୁକୂଳ ପରିବେଶ ଓ ବାତାବରଣ ସୃଷ୍ଟି କରିବ । ଭାବାବେଶରେ ଭାବନ୍ତି ଯେପରି ଘରବାଲୀର ମୀନା ସହିତ ତାଙ୍କ ମୁନୁର ବିବାହ ହୋଇଯାଇଛି । ଘରବାଲୀ ତାଙ୍କ ସମୁଦୁଣୀ ହେବ ।

ବାକ୍ସ ଭିତରୁ ଗ୍ଲାକ୍‌ସୋ ବିସ୍କୁଟ୍ ପେକେଟ ବାହାର କରି ଟିକି ବୋହୂକୁ ଦି'ଟା ଯାଚନ୍ତି । ନୂଆବୋହୂ ଲାଜ କରେ, ମାନ କରେ, ମୁହଁ ଆଡ଼ କରିନିଏ । କିନ୍ତୁ ମୁନୁ ଯେତେବେଳେ କୁହେ, 'ନେ, ଖା, ବାପା ଦଉଛନ୍ତି ।'

କନିଆଁ ଟିକି ହାତପାତି ନିଏ । ବର ପାଖରେ କନିଆଁର ଲାଜ କେତେ ସମୟ ରହେ କି ?

ଏତିକିବେଳେ ରାଜ୍ୟରକ୍ଷା ବିଭାଗର ଦାୟିତ୍ୱ ନେଇଥିବା ବୁଢ଼ା 'ଜେକ୍'ର ଗହମ ପହଡ଼ ଭାଙ୍ଗେ । ନାଲି ଆଖିରେ ଦେଖେ କେଉଁଠି କଅଣ ଅବା ଟୁକୁରାଏ ପଡ଼ିଥିବ । ଟୁକୁରା ଚାଟିସାରିଲେ ମୁନୁ ମୀନାର ମୁହଁରେ ଲାଗିଥିବା ଗୁଣ୍ଡକୁ ମଧ ଲମ୍ବା ଜିଭଟା ବାହାର କରି ଚାଟି ସଫା କରିଦିଏ ।

ଖୁବ୍ ମିଠାଗଲାରେ ଘରବାଲି ତଳୁ ଡ଼ାକଛାଡ଼େ' "ମୀନା ଲୋ ! ଭୋଗ ଖାଇବୁ ଆ ।" ତରବରରେ ଖେଳନାଯାକ ଗୋଟାଇ ଥଡ଼ବଡ଼ ହୋଇ ମୀନା ଉଠେ । ମୁନୁକୁ

Digitized by srujanika@gmail.com

ଡ଼ାକେ, "ଆ ଭୋଗ ଖାଇବା ।"

"ଜେକ୍" ଯାଏ ଉପରତାଲା ରୋଷେଇଘର ଜଗିବାକୁ । ତଳକୁ ସେ ମୋଟେ ଯାଏନାହିଁ, ସେଇଟା ଜଲିର ରାଜ୍ୟ, ସହାବସ୍ଥାନ ନୀତି ସେମାନେ ବି ମାନି ଚଳନ୍ତି । ଘରବାଲା ଗର୍ବକରେ ଦୁହିଁଙ୍କ ବୋଲକରା ଗୁଣ ଦେଖି । ସେ କହେ, ଦୁହିଁଙ୍କ ଦିହରେ ଆଲ୍‌ସେଶିୟାନ୍ ଛିଟା । ଅଛି । ମହେଶବାବୁ କିନ୍ତୁ କୁକୁରଙ୍କ ଜନ୍ମବୃତ୍ତାନ୍ତ ବା ବଂଶାନୁବୃତ୍ତି ଜାଣନ୍ତି ନାହିଁ । ତାଙ୍କ ଆଖିରେ ଦି'ଟା ଯାକ ବୁଲାକୁତ୍ତା, ଖାଣ୍ଟିଦେଶୀ, ଛିଟାଫଟା କଥା ମିଛ । ଘରବାଲୀ ଜେକ୍‌କୁ ଭଲପାଏ । ତାକୁ ବୋଧହୁଏ ସେ ଉପଦେଶ ଦେଇଛି, ବେଶ୍ ଜେକ୍, ଯାହା ଦେବେ ଖାଇବୁ, ଯାହା ପାଇବୁ ଖାଇବୁ, ଭିତରକୁ ଯାଇପାରେ ବି ଭଲ କଥା । କିନ୍ତୁ ତଳକୁ ଆସିବୁ ନାହିଁ କି ତଳକୁ ଆଶା ରଖିବୁ ନାହିଁ ।'

ତଳେ 'ଜଲି' ବୋଲି ଯେଉଁ କୁତୀଟା ଅଛି, ସେ ବି ଚରି ବୁଲି ଖାଏ । 'ଜଲି' ଘରବାଲାର ପ୍ରିୟ, ତାର ଆଦେଶରେ ସେ ସାଇଯାକର କୁକୁଡ଼ା ମଲା ଛେଳିର ଚମ, ଗୋରୁହାଡ଼ ଘରକୁ ଆଣେ, ବାରଣ୍ଡାରେ କେତେବେଳେ ବା ରୋଷେଇ ଘରେ ରଖି ସେ ସବୁ ଖାଏ । ସେଥିରେ ଘର 'ମାରା' ହୁଏନାହିଁ । ଘରବାଲା ଜଲିକୁ ଯେମିତି କହିଛି, 'ଦେଖ ଜଲି! ଉପରବାଲା ତଳ ଗାଧୁଆ ଘରେ ସାବୁନ୍, ତେଲ, ତଉଲିଆ ଛାଡ଼ିଯିବେ, ତୁ ସେ ସବୁ ଛୁଇଁବୁନାହିଁ, ନହେଲେ ସେମାନେ ଆମକୁ ଚୋର ବୋଲି ଭାବିବେଟି ।'

ଜେକ୍ ଓ ଜଲିର ପୃଥକ ଦାୟିତ୍ୱ ଥିଲେ ମଧ ଭାଟଭିଖାରୀ ରିକ୍ସାବାଲା ରୂପରେ ଯେତେବେଳେ ବହିଃଶତ୍ରୁ ସୀମାନ୍ତରେ ଦେଖାଦିଅନ୍ତି, ସେତେବେଳେ ସେମାନଙ୍କୁ ବିତାଡ଼ିତ କରିବାକୁ ମିଳିତ କର୍ତ୍ତବ୍ୟ ବୋଲି ଧରିନିଅନ୍ତି । ଘରବାଲା ଅକ୍ଳେଶରେ ଶତ୍ରୁପୀଡ଼ାରୁ ଅବ୍ୟାହତି ପାଏ ।

ତଳେ ଭୋଗ ବଣ୍ଟାଯାଉଛି । ମୀନା ଗୋଟିଏ ହାତ ପାତିଲେ ଘରବାଲୀ କୁହେ, 'ଆଞ୍ଜୁଳା କର' । ମୀନାର ଅଞ୍ଜଳି ଭରିଯାଏ କଦଳୀ, ରସଗୋଲା, ନଡ଼ିଆ ଚିରୁଳାରେ । ତଳେ ଯାହା ପଡ଼େ ତାହା ଜଲିର ଭାଗ । ମୁନୁ ବି ଡ଼ରିମରି ହାତପାତେ । ଚିରୁଳାଏ ପିଜୁଳି ଆଉ କେତୋଟି ଉଖୁଡ଼ା ଖଇ ତା ହାତରେ ପଡ଼େ । ଏକାଥରକେ ସବୁଶେଷ । ଜଲି ବିଚାରି ଚାହିଁ ରହେ । ମୁନୁ ପୁଣି ହାତପାତେ । ଘରବାଲୀ ସମ୍ବେଦନାରେ କହେ, 'ହାୟ ହାୟ! ମା' ନଥିଲେ ପିଲାଗୁଡ଼ାକ ଏମିତି ବିକଳିଆ, ମାଗିଖିଆ ହୋଇଯାନ୍ତି ।

ନୀତି ଦୃଷ୍ଟିରୁ ଘରବାଲୀ ଉପରବାଲାର ପିଲାଝିଲାଙ୍କୁ ସ୍ନେହସୋହାଗ ଦେଖାଏନାହିଁ । ସେମାନେ ଭଡ଼ା ଦେବେ, ରହିବେ, ଆଜି ଅଛନ୍ତି, କାଲିକି ଚାଲିଯିବେ, କେତେ ଗଲେଣି, କେତେ ଯିବେ । ମାୟାମମତା ଥରେ ଆସିଗଲେ ସେମାନଙ୍କୁ କ'ଣ ତଡ଼ିହେବ ?

Digitized by srujanika@gmail.com

ମୁନୁ ମୀନାର ଭୋଗିଖିଆ ଶେଷହେଲା ବେଳକୁ ମୀନାର ଅଜୁଭାଇ ଓ ମୁନୁର ଟୁନୁଭାଇ ସକାଳ ସ୍କୁଲରୁ ଫେରନ୍ତି । ତଳେ ଭୋଗ, ଉପରେ ମୁଢ଼ି ମୁଠାଏ ନହେଲେ ଦି'ଟା ବିସ୍କୁଟ୍ । ତା'ପରେ ଖେଳ ଚାରି ଜଣଙ୍କ । ଅଜୁ ପଛକୁ ଟୁନୁ, ତା' ପଛକୁ ମୀନା । ଲମ୍ବା ରେଳ କ୍ୟୁଉ-ହୁଇସ୍ଲି । ହପ୍ ହପ୍ ଛଅ ଛଅ ପଇସା । ତା'ପରେ ଫୁଟବଲ, ତା'ପରେ ଏରୋପ୍ଲେନ୍ ଉଡ଼େଇବା ଖେଳ ।

ଆସେ ଘରବାଲା ଗଳଦ୍‌ଘର୍ମ ହୋଇ । ବିଲରୁ ନା ବଗିଚାରୁ ନା ବଜାରରୁ କିଏ ଜାଣେ ? ସାଇକେଲ କେରିଆରରୁ ତଳକୁ ଆସେ ପଣସ, ପୋଟଳ, ମାଛ ଏମିତିକି ଘାସ ବୋଝେ । ତା'ପରେ ଗାଧୁଆପାଧୁଆ ଖିଆପିଆ ଚାଲେ, ଉପରେ ତଳେ । ଖାଇସାରି ଘରବାଲା ଘରବାଲୀ ଘଣ୍ଟାଏ ଅଧେ ବିଶ୍ରାମ ନିଅନ୍ତି କବାଟ ବନ୍ଦକରି । ମୀନା ଉପରକୁ ଆସିପାରେନାହିଁ । ମୁନୁର ନିଦ ହୁଏନାହିଁ, କିଏ ବା ତାକୁ କୋଡ଼ରେ ଧରି ଶୋଇବ ? ଦି'ପହରଯାକ ଏଠିସେଠି, ଠକ୍‌ଠାକ୍ ଖଡ଼୍‌ଖାଡ଼୍ କରି ସେ ସମୟ କଟାଏ । କେତେବେଳେ ତଳକୁ ବି ଚାଲିଯାଇ କବାଟରେ ହାତ ମାରି ଧୀର ଗଳାରେ ଡ଼ାକେ, 'ମୀନା' ଆ ଖେଳିବା ! ଭିତରୁ ବାଘୁଣୀର ନା' ନା, ଗର୍ଜନ ଶୁଣି ବିଚାରା ଚମକି ପଡ଼େ । ମୀନା କହେ 'ମାଆ ! କବାଟ ଖୋଲିଦେ, ମୁନୁ ଭିତରକୁ ଆସୁ ।' ଘରବାଲୀ ଦାନ୍ତ କଡ଼ମଡ଼ କରି ଝିଅ ମୁହଁକୁ ଚାପିଧରେ । ଘରବାଲାର ଭାତକଡ଼ ନିଦ ଭାଙ୍ଗିଯାଏ । ବିରକ୍ତ ହୋଇ କୁହେ, 'ପିଲାଟାର ବାପା ବି କ'ଣ ମଲାଣି ।'

ବେଳପଡ଼ିଲେ ଘରବାଲୀ ପିଲାଝିଲାଙ୍କୁ ଦହିପଖାଳ, ମାଛଭଜା ନହେଲେ ବିରିଚକୁଳି କରି ଖୁଆଏ । ଉପରେ ସୁଜିଘଣ୍ଟା । ମୀନା ଚକୁଳିଟିଏ ଧରି ଉପରକୁ ଆସେ, କୁହେ 'ନେ ମୁନୁ, ଖାଆ ! ତା'ପରେ ଦୁହେଁ ସାଙ୍ଗହୋଇ ପଡ଼ିଆକୁ ଯା'ନ୍ତି ଅଜୁଭାଇ ଟୁନୁଭାଇର ରବର ବଲ୍ ଖେଳ ଦେଖିବା ପାଇଁ ।

ଘରବାଲା ପୁଣି କୁଆଡ଼େ ଯାଇଥାଏ । ଫେରେ ସଞ୍ଜବେଳକୁ ସହଳ ସହଳ ଖାଇଦେଇ ଉପରକୁ ଯାଏ । ସିଗାରେଟ୍ ପଠାଅଁ ବୋଲି ଚିତ୍କାର କରେ । ତଳୁ କିନ୍ତୁ ସିଗାରେଟ୍ ଆସେନାହିଁ । ମହେଶବାବୁ ଗୋଟାଏ ଯାଚିଲେ ନିଏ, ପୁଣି ଗୋଟାଏ ମାଗିକରି ଖାଏ । ବର୍ଣ୍ଣନା କରେ ଆତ୍ମଚରିତ । କିମିତି ନିଜ ଗୋଡ଼ରେ ଠିଆହୋଇଛି । ପରିଶ୍ରମର ମର୍ଯ୍ୟାଦା, ଭାଇ କିମିତି ଭଗାରୀ, ମାଟି କିମିତି ମାଆ - ଏଇସବୁ କଥା । ଗଲାବେଳେ କହିଯାଏ, ଜଳନ୍ତା କାଠି ବା ସିଗାରେଟ୍ ଖଣ୍ଡିଆ ଚଟାଣରେ ଫୋପାଡ଼ିବେ ନାହିଁ, ଦାଗ ବସିଯିବ ।' ରୋଷେଇ ଘରଟାରେ ଜଞ୍ଜିର ନାହିଁ, ପୂରା ବନ୍ଦହେଉନାହିଁ ବୋଲି ଆପତ୍ତି କଲେ ସେ ଶୁଣେନାହିଁ । କେବଳ ବୁଢ଼ା 'ଜେକ'କୁ ଶରଧା ଡ଼ାକଟିଏ ଦେଇ ତା' ମୁହଁକୁ ଟିକିଏ ଆଉଁଷିଦିଏ ।

ତେଣେ ତଳେ ଘରବାଲୀ ବୁଲିବାକୁ ଆସିଥିବା ସାଇପଡ଼ିଶା ମାଇକିନିଆଙ୍କ ଆଗରେ ବଖାଣୁଥାଏ, 'ୟା'ଙ୍କର କ'ଣ କିଛି ଥା'ନ୍ତା ? ବାପଘର ଟଙ୍କା ଲଗାଇ ଏ ଘରତୋଳା

Digitized by srujanika@gmail.com

କରାଇଛି । ମୋ ନାଆଁରେ ଘର ରଖିଛି ବୋଲି, ନହେଲେ ଭାଇମାନେ ଯାଙ୍କୁ ଦାଣରେ ଭିକାରୀ କରିଦେଇଥାନ୍ତେ, ଆଜିକୁ ଜେକ୍ ପରି କାହାଘରେ ଅଇଁଠା ଚାଟୁଥାନ୍ତେ । ମୁଁ ବି ଏଇ ଜଲିଟା ପରି –।' ଦଣ୍ଡେ ରହି ପୁଣି କହେ, 'ହାଡ଼ଭଙ୍ଗା ପରିଶ୍ରମରେ ମୋ ସୁନା ଦେହ ଚୂନା । ତାଙ୍କ ଗୋରାଦିହ କେନ୍ଦୁକାଠ ହୋଇଯାଇଛି ।'

ସତରେ ମହେଶବାବୁ ଦେଖନ୍ତି ଭୋରବେଳୁଁ ଉଠି ଘରବାଲା କାମ ଆରମ୍ଭ କରିଦିଏ । ନର୍ଦ୍ଦମା ପାଣିର ଉର୍ବରାଶକ୍ତି ବେଶି ବୋଲି ତାକୁ ବାଲ୍‌ଟି ବାଲ୍‌ଟି କାଢ଼ି ଗଛପତରେ ଦିଏ । ରାତିରେ କାମ ଅଭାବରୁ ତାକୁ ବୋଧହୁଏ ନିଦ ହୁଏନାହିଁ । ଘର କାନ୍ଥକୁ ଲାଗି ଯେଉଁ ନେଉଟିଆ ଶାଗପଟାଳି କରିଛି, ତାକୁ ଦେଖିଲେ ସରକାରୀ କୃଷି ଗବେଷଣା କେନ୍ଦ୍ରର ଲୋକେ ବି ତଥ୍ୟ ସଂଗ୍ରହ ଓ ଗବେଷଣା କାର୍ଯ୍ୟରେ ଲାଗିଯିବେ । ଦୁଧିଆଳୀ କଳା ଗାଈଟିଏ ଗୁହାଳରେ ଅଛି । ହାତ ମାରିଦେଲେ ପିଠିରେ ଦାଗ ବସିଯିବ । ପାଞ୍ଚସୁକା କିଲୋରେ ଉପରବାଲାଙ୍କୁ ଦୁଧ ବିକେ, କୁହେ – ବିଦେଶୀ ଲୋକ ଦୁଧଟୋପାଏ ପାଇଁ ଦୂରକୁ କାହିଁକି ଯିବେ ? ଗାଈ ମାହାତ୍ମ୍ୟ ବର୍ଣ୍ଣନା କରି କୁହେ, 'ଇମିତି ମାପରେ ମୁଁ ଗାଈକୁ ଖାଇବାକୁ ଦିଏଁ ଯେ ଶାଗପଟାଳିରେ ଛାଡ଼ିଦେଲେ କେରାଏ ବି ମୁହଁକୁ ନେବନାହିଁ ।'

ତିନି ଚାରିଦିନ ଭିତରେ ମହେଶବାବୁଙ୍କୁ ହୃଦ୍‌ବୋଧ ହେଲା ଯେ, ତାଙ୍କ ଦେଢ଼ଶୀଳ ନୀତିର ପ୍ରୟୋଗ ପଞ୍ଚଶୀଳକୁ ଟପିବାକୁ ଯାଉଛି । ପରଦିନ ବାତାବରଣ ସହାବସ୍ଥାନରେ ଆହୁରି ଅନୁକୂଳ ହେଲା ।

ପରଦିନ ସକାଳେ ମୀନା ମୁନୁଙ୍କର ପୁଣି ସେଇ ଖେଳ । ଆରମ୍ଭ 'ମୋ ଘଲ, ମୋ ମଟଲ; ଶେଷ, 'ମୋ ମାଆ, ମୋ ବାପା'ରେ । ମହେଶବାବୁ କ'ଣ ଲେଖାଲେଖି କରୁଥିଲେ । ପ୍ଲେଟ୍‌ରେ ଖାଇବାରେ ଅଳ୍ପ ଡ଼େରି ହେବାର ଦେଖି ମୀନା ମହେଶବାବୁଙ୍କ ହାତକୁ ଧରି ହଲାଇ ଦେଇ କହିଲା, ବାପା, ଖାଅ' 'ବାପା' । ନୂଆ ଲାଗିଲା ମୀନାର ଏଇ ବାପା ଡ଼ାକ ଝିଅଟିଏ ନଥିଲା; ଆଜି ଯିମିତି ଝିଅଟିଏ ପାଇଲେ । ସେଦିନ ତାକୁ ବୋହୂ କରିପାରିଥିଲେ । ଆଜି ଝିଅ କଲେ । ଦିହିଁଙ୍କି ଜଳଖିଆ ବାଣ୍ଟିଦେଲେ ।

ଦୁହେଁ ତାଙ୍କ ଚେୟାର କଡ଼ଦେଇ ବୁଲି ବୁଲୁ ଖାଉଥାନ୍ତେ, ଓ ନାଗି ନାଗି କହୁଥାନ୍ତି 'ମୋ ବାପା, ମୋ ବାପା ।'

ମୀନାର ଯେମିତି ବାପା ନଥିଲା, ଏବେ ମିଳିଲା, ସେଇ ଭାବ ଦେଖାଇ ମୀନା ବରଣ୍ଡାକୁ ଯାଇ ତଳକୁ ଚାହିଁ କହିଲା, 'ମାଆ ! ବାପା ମୋତେ ପିଠା ଦେଲା ।' ଘରବାଲୀ ଏକଦମ୍ ଅବାକ୍ । ଉପରେ କୁଆଡ଼େ ବାପାଟାଏ ଅଛି । ଦାନ୍ତ କଡ଼ମଡ଼ କରି ନିଜ ଗାଲରେ ଚାପୁଡ଼ା ମାରିହୋଇ ମୀନାକୁ ଠାରି ବୁଝାଇ ଦେଲା, 'ଆ, ତଳକୁ, ଦୁଇଗାଲରେ ଦୁଇଟା ଚାପଡ଼ ବସେଇଦେବି ଯେ !'

Digitized by srujanika@gmail.com

ଭୋଗବଣ୍ଟା ବେଳ ଆସିଲା । ମୀନା ଯେମିତି କହିଛି, 'ମାଆ ଭୋଗ ଦେ ।' ମୁନୁ ବି ତା ସାଙ୍ଗରେ ପାଳିଦେଇ କହିଲା, 'ମାଆ ଭୋଗ ଦେ ।' ଘରବାଲୀ ରାଗରେ ଥମ୍‌ଥମ୍ ହୋଇ କହିଲା, 'ମୁଁ ଫେର୍ ତୋର ମାଆ କେବେ ହେଲି ?' ପୁଣି କ'ଣ ଭାବିଲା ଚୁପ୍‌ଚୁପ୍ କାନରେ କହିଲା, 'ମାନୁହେଁ ମାଉସୀ । ଏଥର ମାଉସୀ ଡ଼ାକିବୁ, ବୁଝିଲୁ ।' ମୁନୁ ମାଆ ମାଉସୀର ପାର୍ଥକ୍ୟ ବା କ'ଣ ବୁଝିବ ? ମୀନା ତା ବାପା ଓ ମୁନୁବାପା ଭିତରେ ତଫାତ୍ କ'ଣ କିମିତି ଜାଣିବ ?

ଶୁଣି ଶୁଣି ମହେଶବାବୁ ଭାବନ୍ତି । ଏ ପିଲାଦି'ଟା ମଣିଷକୁ ଅପଦସ୍ଥ କରିଦେବେ କେତେବେଳେ । ଘରବାଲୀ ତାଙ୍କଠୁଁ ଏ ବିଷୟରେ ବେଶୀ ଭାବେ । ଗୋଟିଏ ଅଶୁଭ ସକାଳରେ ମହେଶବାବୁ ରୋଷେଇ ଘରକୁ ଯାଇ ଦେଖନ୍ତି ଏକ ଭୀଷଣ ଧ୍ୱଂସଲୀଳା, ରୁଟି, ଦୁଧ, ସୁଜି, ମୁଢ଼ି, ଯାହା ଥିଲା ସବୁ ଉଭେଇ ଯାଇଛି । ଚିନି, ଲୁଣ ଡ଼ାଲିର ଠୁଙ୍ଗାସବୁ ଟୁକୁରା ଟୁକୁରା ହୋଇ ଜିନିଷସବୁ ଏକାକାର ଛିନ୍ନଛତ୍ର ହୋଇଛି । ଲଣ୍ଠନ ଦି'ଟାର କାଚ ଭାଙ୍ଗିଯାଇଛି । ଗୋଟାଏ କୋଣକୁ ଗୁଡ଼ାଏ ବାନ୍ତି ।

ତେବେ କ'ଣ ଏଇ ଜେକ୍‌ଟା ଦୁଷ୍ମନ୍ ? କୁକୁର ନା ଡ୍ରେଗନ୍ ? ଏତେ କାଣ୍ଡ ଘଟାଇ ଜେକ୍ ନିର୍ବିକାର । ଦେବ୍ହଶୀଳ ନୀତିର ବିପର୍ଯ୍ୟୟ ଆଶଙ୍କାରେ ମହେଶବାବୁ ମଧ ନୀରବ, ଅବିଚଳିତ । କିନ୍ତୁ ପିଲାପିଲି ପାଟିତୁଣ୍ଡ ଆରମ୍ଭକଲେ, ଜେକ୍ ଇମିତି କଲା, ସେମିତି କଲା । ଡଲୁ ସବୁ ଶୁଣିପାରି ଘରବାଲା ଶୁଣାଇ ଶୁଣାଇ କହିଲା, 'ଗୁଡ଼ାଏ ଖାଇବାକୁ ଦଉଛନ୍ତି, ଜେକ୍ କଣ ଦେଶୀ କୁତ୍ତା ହୋଇଛି ଯେ, ଗୁଡ଼ାଏ ଖାଇପାରିବ ? ଘରଦ୍ୱାର ବନ୍ଦ ନକରି ଲୋକେ ଯଦି ଶୋଇବେ, ତେବେ ତା'ଛଡ଼ା କୁକୁର ବା କଣ ବୁଝେ ? ଦଣ୍ଡକ ପରେ ସେ ଆସିଲା ସଂଗରେ 'ଜଲି'କୁ ନେଇ ଜେକ୍ ଯାହା ଉଦ୍‌ଗାରି ଥିଲା, ଜଲି ତାକୁ ଦଣ୍ଡକେ ଗର୍ଭସ୍ଥ କରିଦେଲା । ଡଲକୁ ଫେରିଯିବା ଅର୍ଡ଼ରୁ ଘରବାଲା କ୍ରୋଧର ଛଳକରି 'ଜେକ୍'କୁ ମୃଦୁ ଗୋଇଠାଟାଏ ଦେଲା, ଯେମିତି ସେ ବୁଝିବ ସେ, ମାଲିକ ତା' ଗୁଣର ତାରିଫ୍ କରୁଛନ୍ତି ।

ଦଣ୍ଡକ ପରେ ଡଲୁ ପାଟି ଶୁଭିଲା ଘରବାଲୀର । ମୁନୁ କୁଆଡ଼େ ତା ଲକ୍ଷ୍ମୀପାଦର ଝୋଟିରେ ମୁତିଦେଲା । ହୁରିପାଟିରେ ଘର କମ୍ପିଲା । ବାଲ୍‌ଟି ଗୋବର ପାଣି ଘରେ ସେ ଢ଼ାଳୁଥାଏ । କହୁଥାଏ, 'ଧର୍ମ କର୍ମ ସବୁ ଗଲା । ମୁଁ କେତେଥର କହିଲିଣି, ଘର ଖାଲିପଡୁ ପଛେ ପିଲାଝିଲା ଥିବା ଲୋକଙ୍କୁ ଘରଭଡ଼ା କେବେ ନ ଦେବାପାଇଁ । ମୁନୁ ଉପରକୁ ଆସିଲାରୁ ମହେଶବାବୁ ତାକୁ କହିଲେ, 'ବାପା, ଆଉ ସେ କାମ କରିବୁ ନାହିଁ ।'

ପ୍ରଥମେ ଲଦାଖ, ତା'ପରେ ନେଫା, ସୀମାନ୍ତ ସଂଘର୍ଷ, ନା ଖୋଲା ଯୁଦ୍ଧ, ନା ଶୀତଳ ଯୁଦ୍ଧ ? ଦେବ୍ହଶୀଳର ଅକାଳ ଏବଂ କରୁଣ ପରିସମାପ୍ତି ନୁହେଁ ତ ?

ଆଉ ମୁହୂର୍ତ୍ତକ ପରେ ଦାଣ୍ଡରେ ପ୍ରକାଶ୍ୟ ଯୁଦ୍ଧ ଟୁନୁ ଓ ଅଜୁ ଭିତରେ । ଘରବାଲୀ ନିଜ କାନରେ ଶୁଣିଛି । ସେମାନେ ଅକଥା, କୁକଥା କୁହାକୁହି ହେଉଥିଲେ । ଦଉଡ଼ିଯାଇ

Digitized by srujanika@gmail.com

ଅଜୁର କାନଧରି ଦି'ଚାପୁଡ଼ା ବସାଇ ଫଁ ଫଁ ହୋଇ କହୁଥାଏ, 'ଆଉ ଯଦି ତା' ସାଙ୍ଗରେ ଖେଳିବୁ ତ ଦେଖିବୁ । ବଜାରୀ ଛତରା ଟୋକା କେଉଁଠୁ ଆସି ଜୁଟିଲା ସାଇଯାକ ପିଲାଙ୍କୁ ନଷ୍ଟ କରିଦେବ ।' ଘରବାଲୀର ଏ ବିଚାର ଦେଖି ମହେଶବାବୁ ମଧ ପିଲାଙ୍କୁ ଦୁଇଚାପଡ଼ ଦେଇ କହିଲେ, 'ଆଉ ସିମିତି ଗାଳିଦେବୁ ତ ତୋର ମୋର - ।'

କିନ୍ତୁ କି ଆଶ୍ଚର୍ଯ୍ୟ! ସିଗାରେଟ୍‌ଟାଏ ଲଗାଇ ବାହାରକୁ ବାହାରି ମହେଶବାବୁ ଦେଖିଲେ ଅଜୁ ଓ ଟୁନୁ ବାଲି ଖେଳୁଛନ୍ତି । ତେବେ କଣ ରାଜ୍ୟର ଲୋକେ ଯୁଦ୍ଧ ଚାହାଁନ୍ତି ନାହିଁ, ଚାହାଁନ୍ତି ଏହି ରାଷ୍ଟ୍ର ମାଲିକମାନେ !

ଦୁଇରାଷ୍ଟ୍ର ମଧ୍ୟରେ ସମ୍ପର୍କ ତିକ୍ତହେଲେ ବଡ଼ ଦ୍ରୁତ ଗତିରେ ତାହା ଖରାପ ଆଡ଼କୁ ଯାଏ । ତହିଁ ଆରଦିନ ବାଥ୍‌ରୁମ୍‌ରୁ ମହେଶବାବୁଙ୍କ ତଉଲିଆ, ସାବୁନ୍, ଅନ୍ତର୍ଦ୍ଧାନ ହେଲା, ତେଲଶିଶି ଭାଙ୍ଗି ଚୁରମାର୍ । ପୁଣି ଉପରେ ହରିପାଟି । କାଇଞ୍ଚ ଡ଼ାଲାରେ ତଉଲିଆ, ସାବୁନ୍ ଦେଖିନେଇ ଘରବାଲୀ ଅପ୍ରତିଭ ହୋଇଗଲା । ମୀନାକୁ 'ଚୋରଣୀ', କହି ଚାପୁଡ଼ାଏ ପକାଇଲା । କିନ୍ତୁ ଦୋଷୀ ପ୍ରକୃତରେ ଜଲି । ଗାଧୁଆଘରୁ ସେ ଏସବୁ ନେଇ ଖେଳ ଖେଳୁଥିଲା ବେଳେ ମୀନା ତାଠୁ ନେଇ ଡ଼ାଲାରେ ରଖିଥିଲା । ଉପରେ ଜେକ ଘରବାଲାର ଉପଦେଶ ମାନିଲା ପରି ତଳେ ଜଲି ଘରବାଲୀର ବୋଲି ମାନୁଛି ।

ସେଇଦିନ ସଞ୍ଜବେଳେ ଘରବାଲୀର ବଂଶଯାକ ବାହାରକୁ ଯାଇଥାନ୍ତି ନିମନ୍ତ୍ରଣ ଖାଇବାକୁ । କୁକୁର ଭୁକିଲା ଓ ବାଡ଼ଭଙ୍ଗା ଶବ୍ଦ ଶୁଣି ଟର୍ଚ୍ଚ ପକାଇ ମହେଶବାବୁ ଦେଖିଲେ କଳା ଗାରଟାଏ ଶାଗପଟାଳିରେ ପଶି ରଚ୍ ରଚ୍ ଖାଇଯାଉଛି । ତଳକୁ ଯାଇ ଦେଖନ୍ତି ଘରବାଲାର ଦୁଧିଆଳୀ ଗାଈ 'ଚାନ୍ଦ', ଘରବାଲାର କଥା ଅନୁସାରେ କେରାଏ ଶାଗ ଯେ, ଖାଇବା ଜୀବ ନୁହେଁ । ଗାଈକୁ ଟାଣି ଘୋଷାରି ଦେଇ ଗୁହାଳରେ ଯଥାସ୍ଥାନରେ ବାନ୍ଧିଦେଇ ମହେଶବାବୁ ଶୋଇଲେ । ତା'ପରେ ଆସିଲା ପ୍ରବଳ ବର୍ଷା । ସକାଳେ ଉଭୟ ଘରବାଲା ଓ ଘରବାଲୀ ସରଜମିନ ତଦନ୍ତ କରି ଏଇ ରାୟ ଦେଲେ ଯେ, ବାଡ଼ଭଙ୍ଗା ଚିହ୍ନ ଅଛି । ଗାଈ ଖୁରାଚିହ୍ନ ବା ଦେଖୁଛି କିଏ ? ପୁଣି 'ଚାନ୍ଦ' କ'ଣ ଶାଗ କେରାଏ ହେଲେ ଖାଇବ । ଘରବାଲା କହିଲା, 'ରାତିରେ ଫେରିବ ମୁଁ ଦେଖିଛି ଗାଈ ଯେଉଁଠି ବାନ୍ଧିଥିଲି ସେଇଠି ନିଶ୍ୱାସ ମାରୁଛି ।'

ପରଦିନ ଘରବାଲା ସବୁବେଳେ ତାଙ୍କ ପିଲାପିଲିଙ୍କୁ ବୁଝାଇବାକୁ ଲାଗିଲେ କିମିତି ଉପରବାଲା ଚୋରୀ କରନ୍ତି, କୁକୁରକୁ ବିଷ ଖୁଆନ୍ତି ବାନ୍ତି କରି ମରିବ ବୋଲି, ଟୁନୁ ମୁନୁଙ୍କୁ ଖରାପ କଥା ଶିଖାନ୍ତି । ତାକିଦ୍ ଧମକ ଦେଇ କିହଲେ, 'ଉପରକୁ ଯିବନି, ସେଗୁଡ଼ାକ ସାଙ୍ଗରେ ଖେଳିବନି । ତୁମେ ବି ଚୋର ହୋଇଯିବ, ବଜାରୀ ହୋଇଯିବ ।"

'ଲଭ୍ ଦାଇ ନେବୋର' 'ପଡ଼ୋଶୀକୁ ଭଲପାଅ ।' କି ବିରାଟ ବିଦ୍ରୂପ ଜୀବନ ପ୍ରତି !

Digitized by srujanika@gmail.com

ମହେଶବାବୁ ଦେଖିଲେ ଦେବ୍ଦଶୀଳର ମେରୁସ୍ତମ୍ଭର ପତନ । ଶତ୍ରୁକୁ ଶ୍ରଦ୍ଧାକରିବା ସହଜ କିନ୍ତୁ ପଡ଼ୋଶୀକୁ ... ?

ମୁନ୍ନୁ, ମୀନା ପୁଣି ଏକାଠି ନାଚ ଆରମ୍ଭ କରି ଦେଇଥାନ୍ତି । ମାଆ' ଆସିବ । ଭୋଗ ଖାଇବା ।' 'ମାଆ' ଆସିବ ଭୋଗ ଦେବ ।' ହଠାତ୍ କିମିତି ମୀନାର ଗୋଡ଼ ପଡ଼ିଲା ଜଲିର ଘାଆ ଗୋଡ଼ ଉପରେ । ବୁଢ଼ୀଟା ଜୋର୍‌ରେ ଭୋ ଭୋ କରି ଉଠିଲା, ସାମ୍‌ନାରେ ମୁନ୍ନୁକୁ ପାଇ ତା' ବାହୁରେ ଦାନ୍ତ ଦି'ଟା ପୂରାଇ ଦେଲା । ଝରଝର ହୋଇ ରକ୍ତ ବୋହୁଥାଏ, ମୁନ୍ନୁ କାନ୍ଦୁଥାଏ, ଡ଼ିଆଁ ମାରୁଥାଏ । ଘରବାଲୀ ଆସିବାମାତ୍ରେ କହିଲା, 'ମା, ଜଲି ମୋତେ କାମୁଡ଼ିଦେଲା ।'

ଘଟଣା କେତେଦୂର କେଉଁଆଡ଼େ ଯାଉଛି ଭାବିବାର ଅବସର ନପାଇ, ମହେଶବାବୁ ମୁନ୍ନୁକୁ ସାଇକେଲରେ ଧରି ସିଧା ଡ଼ାକ୍ତରଖାନା ଚାଲିଲେ । କୁକୁର ଦେହରେ ଆଲସେଶିଆନ୍ ଛିଟା ଅଛି ବୋଲି କ'ଣ ସେଟା ପାଗଳ ହେବ ନାହିଁ ?

ମୀନା ଦୋଷୀଟି ପରି ଛିଡ଼ାହୋଇ ଘରବାଲୀକୁ କହିଲା, 'ମା' ମୁନ୍ନୁକୁ ଜଲି କାମୁଡ଼ିଲା, ବାପା ନେଇଗଲେ ବଜାରକୁ, 'କାହା ବାପା ବୋଲି ପ୍ରଶ୍ନ ନପଚାରି ଭୋଗଥାଳୀ ହାତରେ ଧରିଥାଏ ଏବଂ କହୁଥାଏ, 'ଜଲି ପାଞ୍ଚବର୍ଷ ରହିଲାଣି, କିଏ କହିବ ଦିନେ ସେ କାହାକୁ କାମୁଡ଼ିଛି ବୋଲି ମୁନ୍ନୁ ଭାରି ଖଚଡ଼ା ଟୋକା, ତା' ମୁହଁରେ ନିଶ୍ଚୟ ହାତ ପୂରାଇଥିବ, ନହେଲେ ତା' ବଥରେ କାଠି ଗୁଞ୍ଜି ଦେଇଥିବ ।'

ମୁନ୍ନୁ ଡ଼ାକ୍ତରଖାନାରୁ ଆସିଲା । ହାତରେ ପଟି । ଖଟରେ ଶୋଇଥାଏ । ମୀନା ଭାତ ଖାଇସାରି ହାଜର । ସକାଳୁ ଖେଳ ହୋଇ ପାରିନାହିଁ । ମୀନା ଖଟ ଉପରକୁ ଉଠିବାକୁ ଚେଷ୍ଟାକଲା, ପାଲିଲାନାହିଁ, ଇଟା ଦେଇ ଖଟଟାକୁ ଉଚ୍ଚ କରାଯାଇଛି । ପାଖରେ କୋଣକୁ ଯେଉଁ ଭଙ୍ଗା ପେକିଂ ବାକ୍‌ସଟାଏ ଥିଲା ତାକୁ ଘୋଷାଡି ଆଣି ତା' ଉପରେ ଭରା ଦେଇ ଉଠିବାକୁ ଯାଇଛି ଅକସ୍ମାତ୍ ଗୋଡ଼ ଖସିଗଲା, ପାଦଟା ପଡ଼ିଲା ଗୋଟାଏ ମୁନିଆ କିରାସିନୀ କଣ୍ଟା ଉପରେ । ପାଦ ଫୁଟି କଣ୍ଟାଟା ତଳିପା ଉପରକୁ ବାହାରି ପଡ଼ିଲା, ଚିତ୍କାର କରି ସେ କାନ୍ଦି ପକାଇଲା । ମୁନ୍ନୁ ଧଡ଼ପଡ଼ ହୋଇ ଉଠିବସି ପାଟିକଲା, 'ମାଆ ! ମୀନା ପଡ଼ିଗଲା ।'

ମହେଶବାବୁ ଧାଇଁଯାଇ ମୀନାକୁ କୋଳକୁ ନେଲେ । କଣ୍ଟାଟିକୁ ସାବଧାନରେ ଗୋଡ଼ରୁ ବାହାର କଲେ । ହାଣ୍ଡିଶାଳରୁ ଦଉଡ଼ିଯାଇ ଉପରେ ଘରବାଲୀ ଉପସ୍ଥିତ । ଦେଖିଲା ମୀନାର ପାଦ ରକ୍ତରେ ବୁଡ଼ିଯାଇଛି । ପାଟିକରି ଘରବାଲୀ ଡ଼ାକିଲା, 'ଦଉଡ଼ି ଆସ, ମାରିଦେଲା ମୀନାକୁ ।'

ଘରବାଲା ସେଇକ୍ଷଣୀ ଆସି ପହଞ୍ଚିଥାଏ । ଝାଳ ପୋଛି ସାରିଛି କି ନାହିଁ ଆସି ଘଟଣାସ୍ଥଳରେ ଛିଡ଼ାହେଲା, ପଚାରିଲା, କ'ଣ ହେଲା ?'

Digitized by srujanika@gmail.com

'ଖଟରୁ ପେଲିଦେଲା, ଆଉ କଅଣ ହେବ ?'

'ଏଇ ଭଡ଼ାଟିଆ ?'- ତର୍ଜନୀ ମୁନୁ ଆଡ଼କୁ ।

ଏତକ କହି ଘରବାଲୀ ମୀନାକୁ ଭିଡ଼ିନେଲା ମହେଶବାବୁଙ୍କ ପାଖରୁ । ସ୍ୱାମୀ ସ୍ତ୍ରୀ ଦୁହେଁ ଧାଁ ଧଡ଼ପଡ଼ ହୋଇ ତଳକୁ ଆସିଲେ ।

ଦଣ୍ଡେଯାକ କିଛି ବୁଝିନପାରି ମହେଶବାବୁ ହାଉଳି ଖାଇ ପଡ଼ିଥିବା ମୁନୁକୁ ପଚାରିଲେ, 'ପେଲିଦେଲୁ କିରେ ବାପା, ମୀନାକୁ ଖଟତଳକୁ ?' କରୁଣ ଦୟନୀୟ ସ୍ୱରରେ ମୁନୁ କହିଲା, 'ନାହିଁ, ବାପା ମୁଁ ପେଲିନି, ସେ ଖଟ ଉପରକୁ ଉଠୁଥିଲା ପଡ଼ିଗଲା, ବାକ୍ସ ଉପରେ ।

ମୁନୁ ନିର୍ଦ୍ଦୋଷ ଏଥିରେ ମହେଶବାବୁ ଆଶ୍ୱସ୍ତ ହେଲେସିନା କିନ୍ତୁ ଘରବାଲୀର ସେଇ ଶବ୍ଦଟା କଅଣ କହିଲା, 'ଭଡ଼ାଟିଆ ?' ଇଃ ! କିଏ ଭଡ଼ାଟିଆ ସେ ନିଜେ ନା ମୁନୁ ? କେତେ କଦର୍ଯ୍ୟ ସେ ଶବ୍ଦଟା । ସେଦିନ ଫୁଟବଲ ପଡ଼ିଆରେ ଗୋଟାଏ ଦଳକୁ 'ଭଡ଼ାଟିଆ' ବୋଲି କହିବାରୁ ସେମାନଙ୍କୁ ଏତେ ବାଧିଲା ଯେ, ହାଫ୍ ଟାଇମ୍ ପରେ ଆଉ ନ ଖେଳି ଖେଳପଡ଼ିଆ ଛାଡ଼ି ଚାଲିଯାଇଥିଲା ।

ମହେଶବାବୁ ଗାଧୋଇଲେ ନାହିଁ, ଖାଇଲେ ନାହିଁ । ସିଧା ବଜାର ଆଡ଼େ ବାହାରିଗଲେ । ଦେଖିଲେ ତାଙ୍କରି ଆଗେ ଆଗେ ଘରବାଲା ମୀନାକୁ ଧରିଯାଉଛି ଡ଼ାକ୍ତରଖାନାକୁ, ଠିକ୍ ଯେମିତି ଦଣ୍ଡେ ପୂର୍ବରୁ ସେ ମୁନୁକୁ ନେଇ ଯାଉଥିଲେ ।

ଫେରିଲେ ପ୍ରାୟ ପାଞ୍ଚଟା ବେଳକୁ ମହେଶବାବୁ । ସେତେବେଳକୁ ତଳ ଉପର ସବୁ ଶୂନ୍‌ଶାନ୍ । ସାଇକେଲଟାକୁ ଷ୍ଟାଣ୍ଡ ଉପରେ ରଖି ଭିତରକୁ ପଶିଯାଇଛନ୍ତି ଚାହିଁଦେଲେ ଶିଡ଼ି ତଳର ଗୋଟାଏ କୋଣକୁ ଯେଉଁଠି ସାଇକେଲ ଗୁଡ଼ାକ ରଖାଯାଏ, ଦେଖିଲେ ଏକ ବିଚିତ୍ର ଅପୂର୍ବ ଦୃଶ୍ୟ । ଚଟାଣଟାରେ ଶୋଇଛନ୍ତି, ମୁନୁ ମୀନା । ପଟି ବନ୍ଧାହୋଇଛି ଜଣକର ବାହୁରେ, ଅନ୍ୟ ଜଣକର ଗୋଡ଼ରେ । ମୁନୁ ବୋଧହୁଏ କେତେବେଳେ ତଳକୁ ଓହ୍ଲାଇଛି ମୀନାକୁ ଦେଖିବ ବୋଲି । ମୀନା ବି ସେମିତି ବୋଧହୁଏ ଭାତକଡ଼ ନିଦ ମା'କୁ ଘାରିଗଲାରୁ ଶୋଇବାଘରୁ ବାହାରି ଆସିଛି । ଖେଳୁ ଖେଳୁ ଥକି ଶୋଇପଡ଼ିଛନ୍ତି ସିମେଣ୍ଟ ଚଟାଣରେ । ମୀନା ଚିତ୍ ହୋଇ ଶୋଇଛି ତା'ର ପଟିବନ୍ଧା ବାଁ ଗୋଡ଼ଟା ମୁନୁ ଉପରେ, ମୁନୁ ପଟିବନ୍ଧା ହାତଟା ମୀନାର ଛାତି ଉପରେ । ଦୁହିଁଙ୍କ ଦୁଇପାଖରେ ଜଗି ଲମ୍ବା ଚୌଡ଼ା ଶୋଇଛନ୍ତି ଜେକ୍ ଓ ଜଲି । ହାତଦେଇ ମହେଶବାବୁ ଜାଣିଲେ ଦୁହିଁଙ୍କୁ ଭୀଷଣ ଜ୍ୱର, ତାତିରେ ଦିହରେ ଖଇ ଫୁଟିଯିବ ।

ପାଞ୍ଚଟା ବାଜିଲା, ତିନି ଚାରିଟା ରିକ୍ସା ଆସିଲା । ପ୍ରଥମେ କୁକୁର ଦୁଇଟା ଭୋ ଭୋ କରି ଭୁକିଉଠିଲେ । ଘରବାଲା ଘରବାଲୀର ନିଦ ଭାଙ୍ଗିଗଲା ।

ଠିକ୍ ହପ୍ତାଏ ଆଗରୁ ଯେଉଁ ଜିନିଷପତ୍ର ତଳୁ ଉପରକୁ ଉଠିଥିଲା, ପୁଣି ବୁହା ହୋଇ ତଳକୁ ଆସିଲା । ମହେଶବାବୁଙ୍କ ଟୁନୁ ମୁନୁ ବାପାଙ୍କ ଆଗେ ଆଗେ ଆସିଲେ ।

Digitized by srujanika@gmail.com

ଘରବାଲା, ଘରବାଲୀ, ଅଜୁ ଓ ମୀନା ଗୋଟାଏ କୋଣରେ ଛିଡ଼ାହୋଇ ପ୍ରସ୍ଥାନ ପର୍ବ ଦେଖୁଥାନ୍ତି, ଯିମିତି ପ୍ରବେଶ ଦୃଶ୍ୟ ସାତଦିନ ପୂର୍ବେ ଦେଖୁଥିଲେ । ଏକସପ୍ତାହ ଭିତରେ ମୁନୁ, ମୀନା, ଅଜୁ, ଟୁନୁ କେତେ ନିକଟରେ କେତେ ପରସ୍ପର ଆପଣାର, ଅଥଚ ଘରବାଲା, ଘରବାଲୀ ଏବଂ ମହେଶବାବୁ ମଧ୍ୟରେ ବ୍ୟବଧାନ କେତେ ସୁଦୂର !

ମୁନୁକୁ କାଖରେ ଧରି ମହେଶବାବୁ ସିଧା ଚାଲିଗଲେ ଘରବାଲା ପାଖକୁ । ଆଖି ଛଳ ଛଳ କରି କହିଲେ, 'ଆଉ ପାରିଲିନାହିଁ । ମୁନୁ ମୀନା ଜେକ୍, ଜେଲି ଯାହା ଶିଖାଇଲେ ଆମେ ସେତିକି ଶିଖିପାରିଲୁନାହିଁ । ତେବେ ଏତିକି ମନେରଖିବେ, ମୁଁ ଓ ମୋ ଛୁଆପିଲା ଅସଭ୍ୟ ହୋଇପାରୁ, ଚୋର ହୋଇପାରୁ ଆମ ନିଜ ନିଜର ଇଚ୍ଛାରେ, ମାତ୍ର ଆମେ ସବୁ ନିଜ ଇଚ୍ଛାରେ ଭଡ଼ାଟିଆ ନୋହୁଁ । ଆମର ବି ଆପଣଙ୍କ ଘରଠାରୁ ବଡ଼ଘର ଅଛି, ଭଡ଼ା ଦେଇଛୁଁ । ଆମକୁ ଯେ, ଚାକର କରି ରଖିଛି, ସେ ଆମକୁ ଘର ଦେଇପାରିନାହିଁ ବୋଲି ସିନା ଆମେ ଭଡ଼ାଟିଆ ।'

ଅଜୁର ହାତ ଧରି ଟୁନୁ କହିଲା, 'ଆସିବୁ ଅଜୁ ଆମର ନୂଆ ଘରକୁ, ବଲ୍ ଖେଳିବା ।' ଅଜୁ ସକ୍ ସକ୍ ହେଲା ।

ସମସ୍ତେ ରିକ୍‌ସାରେ ବସିଲାରୁ ମୁନୁ କାନ୍ଦିଲା । କହିଲା, 'ମୀନା ଆ' । ମହେଶବାବୁଙ୍କୁ ଚାହିଁ ଆପତ୍ତି କଲା, 'ବାପା, ମୀନା ଆସୁନି ।' ଘରବାଲୀକୁ ଚାହିଁ କହିଲା, 'ମାଆ ! ମୀନା ଆସୁନି ।'

ମୀନା ମା' କାଖରେ ଥାଇ କାନ୍ଦୁଥାଏ, କହୁଥାଏ, 'ଛାଡ଼ ମା । ମୁଁ ଯିବି ମୁନୁ ସାଙ୍ଗରେ ।' ରିକ୍ସା ଚାଲିବାକୁ ଆରମ୍ଭ କରନ୍ତେ ଆପତ୍ତି କଲା 'ମାଆ, ରିକ୍ସା ପଳିଲା, ମୁନୁ ପଳିଲା ।' ପୁଣି କହିଲା, 'ମାଆ ! ବାପା ପଳିଲା ।' ପାଟିକରି ପଛରୁ ଡ଼ାକଦେଲା, ବାପା ! ମୁନୁକୁ ଛାଡ଼ିଦିଅ ।'

ଜେକ୍ ଓ ଜଲି ଦୁହେଁ ଉପରକୁ ମୁହଁକରି ଲମ୍ବା କରୁଣ ସ୍ୱର ଛାଡ଼ିବାକୁ ଆରମ୍ଭ କଲେ । ପାଖେ ପଡ଼ିଶାରୁ ପିଲାଏ ଖେଳ ବନ୍ଦକରି ଚାହିଁ ରହିଲେ ଘଟଣା କ'ଣ ଜାଣିବା ପାଇଁ ।

ଆଗ ମୋଡ଼ ପରେ ରିକ୍‌ସା ଅଦୃଶ୍ୟ ହୋଇଗଲା । ଘରବାଲୀ ପଚାରିଲା ଘରବାଲାକୁ, 'ଏଡ଼ଭାନ୍‌ସ ଟଙ୍କା କ'ଣ ଫେରାଇଦେଲ ।

'ମୋଟେ ନା, ଏଡ଼ଭାନ୍ସ ଟଙ୍କା କେଉଁଠି କିଏ' ଫେରସ୍ତ ଦିଏ ? ଦିନେ ରହୁ, ପାଞ୍ଚଦିନ ରହୁ, ୱାପସ ନାହିଁ । ଘର ତ ଫେର୍ କେତେଦିନ ଖାଲିପଡ଼ିବ, ସେ ସବୁଦିନର ଭଡ଼ାଦେବ କିଏ ? ସେଇଥିପାଇଁ ତ ଏଡ଼ଭାନ୍‌ସ ନିଆଯାଇଥାଏ ।'

ଘରବାଲୀ ପଚାରିଲା ଘରବାଲୀକୁ, 'ଆଚ୍ଛା, ତୁମକୁ ମୁନୁ କିମିତି 'ମାଆ' ବୋଲି ଡ଼ାକୁଛି, ଆଉ ଆମର ମୀନା ସେ ଲୋକଟାକୁ କିମିତି 'ବାପା' ବୋଲି ଡ଼ାକୁଥିଲା ।

Digitized by srujanika@gmail.com

ଘରବାଲୀ ଜବାବ୍ ଦେଲା, 'ଏଥର ବୁଝିଲ ତ କିମିତି ଲୋକଙ୍କୁ ଆଣି ଘରେ ପୂରାଉଛ । ମୋର ଧର୍ମକର୍ମ ସବୁ ଗଲା । ଲୋକଟା ଭାରି ଚଲାକ୍ । ଚକୋଲେଟ୍ ବିସ୍କୁଟୁ ଲାଞ୍ଚଦେଇ ମୁନୁ ମୀନାକୁ ସେମିତି ଡ଼ାକିବାକୁ ଶିଖାଇଥିଲା । ଆଉ କେତେଦିନ ଥିଲେ କ'ଣ କରିଥାନ୍ତା କେଜାଣି ! ଲୋକଟାର ଆଖି ଦି'ଟାକୁ ନଜର କରିଛ ନା ? ଠିକ୍ ସେମିତି ଭୋଖା କୁକୁର ଆଖି । ବୁଝିଲ, ଯିଏ ଭଡ଼ାଟିଆ ସିଏ ଭଡ଼ାଟିଆ ।'

# ବାଲିଡ଼ିହା ବାଘ

ପ୍ରଥମେ ସେ ଥିଲା ବାଙ୍ଗିରିପୋଷି ଘାଟିରେ । ସେତେବେଳେ ସେ କେବେ କାହାରି କିଛି ଅନିଷ୍ଟ କରିବାର ଶୁଣାନଥିଲା । ଗାଡ଼ିବାଲା, ମଟରବାଲା ଓ ବାକ୍ସବାଲା ତା' ସମ୍ବନ୍ଧରେ ନାନା କଥା କ୍ଲବ୍, କେଣ୍ଟିନ୍ ଓ ହୋଟେଲରେ ଖୁସିଗପ ଛଳରେ ପକାଉଥିଲେ । ସେ କ୍ରମେ ଏକ କିମ୍ବଦନ୍ତୀର ବାଘ ହୋଇଗଲା । କିଏ କହେ ସେ ବାଘ ଠାକୁରାଣୀଙ୍କର, ଆଉ କିଏ କହେ ଘାଟୀ ଭିତରେ ମଠ କରି ଯେଉଁ ବାବାଜୀ ରହିଛି ତା'ରି ପୋଷା ବୋଲି । କିଏ କହେ ତା' ମୁଣ୍ଡରେ ସିନ୍ଦୁର ଲାଗିଛି, ଆଉ କିଏ କହେ ସେ ଚୂଡ଼ା, ମୁଢ଼ି ଭାତ ଖାଏ, ମାଂସ ଛୁଏଁ ନାହିଁ, ରାତିରୁ ତା ଆଖିରୁ ନିଆଁ ବାହାରେ - ଏମିତି କେତେ କଥା ।

ସମସ୍ତେ ତା'ର ରୂପଗୁଣ ଓ ବ୍ୟବହାର ଦେଖି ତାକୁ ଏକ ବିରାଟ ଭଦ୍ରଲୋକ ବୋଲି ଚିତ୍ରିତ କରିଥାନ୍ତି । ଖରାଦିନିଆଁ ଜହ୍ନରାତ୍ରରେ ସେ ସଡ଼କ ଉପରେ ଲମ୍ବା ଚୌଡ଼ା ପେଟେଇ ପଡ଼ିଥାଏ, ବସ୍ ଆସି ଅତି ପାଖରେ ପହୁଞ୍ଚିଲେ ଅଳସଭଙ୍ଗୀରେ ଆଡ଼ ହୋଇଯାଏ । କେବେ ବା ଶଗଡ଼ିଆଙ୍କ ପାଖେ ପାଖେ ରାସ୍ତା କଡ଼ରେ ଚାଲେ, ପୋଷା କୁକୁର ପରି । ଆଉ କେବେ ଲାଞ୍ଜ ପିଟି ପିଟି ଗାଡ଼ି ଆଲୁଅକୁ ଚାହିଁ ହାଇ ମାରେ । ଦେଖଣାହାରୀମାନେ ତା' ଲାଞ୍ଜକୁ ରଣାସାପ ମୁଣ୍ଡ ଏବଂ ତା' ଦେହର କଳାଦାଗକୁ ଖଣ୍ଡା ସହିତ ତୁଳନା କରନ୍ତି । ରାତିର ବସ୍‌ଯାତ୍ରୀଙ୍କ ଭିତରୁ ଯେଉଁମାନେ ସାହସୀ ସେମାନେ ଘାଟୀ ଭିତରେ ଉଦ୍‌ଗ୍ରୀବ ହୋଇ ବାଘକୁ ଦେଖିବାର ଆଶା ରଖନ୍ତି, କିନ୍ତୁ ମହିଳା ଓ ବାଳକ ଆଖି ମୁଦି ରହନ୍ତି କାଳେ ବାଘ ଦିଶିଯିବ ବୋଲି ।

କେତେବର୍ଷ ପରେ ଘାଟୀରୁ ବାଘ ଚାଲିଗଲା । କିଏ କହିଲା ବାବାଜୀ ତାକୁ ସାଙ୍ଗରେ ନେଇଗଲେ । ଆଉ କିଏ କହିଲା ଠାକୁରାଣୀ ତାକୁ ରାଗରେ ମାରିଦେଲେ ।

---

ଝଙ୍କାର ୧୩ଶ ବର୍ଷ, ୭ମ ସଂଖ୍ୟା, ତୁଳ ୧୩୭୩, (୧୯୬୫-୬୬) ।

Digitized by srujanika@gmail.com

ଏତିକିବେଳେ ବାଲିଡ଼ିହାରେ ତା'ର ଆର୍ବିଭାବ ଏବଂ ସେହି ବାଲିଡ଼ିହାରେ ତା'ର ସୁନାମର ସମାଧି ।

ଯେଉଁଦିନ ରେଙ୍ଗଟା ମାଝୀର ବଦଳଟାକୁ ବାଘ ମାରିଦେଲା ସେଇଦିନ ଟାମୁଟୁ, ସୁଲେଇ, ଅଇବନ୍, ମାଲଦାସ କଥାବାର୍ତ୍ତା ଆଲୋଚନା କରି ଠିକ୍ କଲେ ଯେ, ବଜାରିଆ ସବୁ ବାଘକୁ ତାଙ୍କରି ଗାଁକୁ ପଠେଇଛନ୍ତି । ଜମିଜାଗା ତାଙ୍କର ଯାହା ଥିଲା ସବୁ ସେମାନେ ଠକିଭଣ୍ଡି ନେଲେ । ସହରତଳି ବଣ ଜଙ୍ଗଲର ହରିଣ, କୁଟୁରା, ବାର୍ହା ସବୁ ମାରି ଖାଇଗଲେ । ବାଘ ଏଥର କ'ଣ ଖାଇ ବଞ୍ଚିବ ? ତାଙ୍କରି ଗୋରୁଗାଈ, ନ ହେଲେ ଶେଷରେ ତାଙ୍କୁ । ଖାଦ୍ୟ ଖୋଜି ଖୋଜି କେବେ ଥରେ ବାଙ୍ଗିରିପୋଷି ଘାଟର ବାଘ ବାଲିଡ଼ିହାକୁ ଆସିଥିଲା, ଆଉ ଫେରିଲାନାହିଁ ।

ଅହିଂସା, ପଞ୍ଚଶୀଳ ସବୁ ଭୁଲି ବାଙ୍ଗିରିପୋଷିର ଦେବତ୍ୱ ହରାଇଲା ସେ ଦିନକୁ ଦିନ ତା'ର ଦୌରାତ୍ମ୍ୟ ବଢ଼ିଚାଲିଲା । ଲୋକେ ବ୍ୟତିବ୍ୟସ୍ତ ହୋଇ ଥାନାକୁ ଦଉଡ଼ିଲେ । କ୍ରମେ ମଣିଷ ରକ୍ତର ସ୍ୱାଦ ସେ ପାଇଲା । ଦଳ ଦଳ ହୋଇ ଲୋକ ରାଜବାଟୀରେ ପହଞ୍ଚିଲେ । ମହାରାଜାଙ୍କଠାରେ ଗୁହାରି କଲେ ଶିକାର କରିବା ପାଇଁ, କିନ୍ତୁ ପ୍ରଜାମଣ୍ଡଳଦଳ ଏ ଶିକାର କରାଇ ଦେଲେ ନାହିଁ । ମହାରାଜା ବି ଜିଦ୍ ଧରି ବସିଲେ ଶିକାର କରିବେନାହିଁ, ଯେତେ ଲୋକ ମରିବେ ପଛେ ମରନ୍ତୁ । ନିଜ ନିଜର ଧନ ଜୀବନ ରକ୍ଷା ପାଇଁ ଶିକାରରେ ଦିନେ ଦୁଇଦିନ ଖଟିବାକୁ କଣ ବେଠି କୁହାଯିବ ? ରାଜନୀତିବାଲାଙ୍କ ଜିଦ୍‌କୁ ମହାରାଜାଙ୍କ ଏକଜିଦିଆ ଗୁଣ । ମଝିରେ ସେଙ୍ଗେଲ, ଟୁଇଲୁଙ୍କ ମୃତ୍ୟୁ ।

ମୋତେ ବଡ଼ ବଡ଼ ଜନ୍ତୁ ଜାନୁଆର ଶିକାର ଭଲ ଲାଗେନାହିଁ । 'ଜୀବେ ଦୟା' ନୀତି ମୁଁ ଅନୁସରଣ କରେନାହିଁ ବା ଜୀବଙ୍କ ପ୍ରତି ଅତ୍ୟାଚାର ବିରୋଧୀ କମିଟିର ସଦସ୍ୟ ନୁହେଁ । ବାଘଭାଲୁଙ୍କୁ ମୋର ଭାରି ଡ଼ର । ବନ୍ଧୁକ ବା ମାରଣାସ୍ତ୍ର ଦେଖିଲେ ମୋ ଛାତି ଧଡ଼ପଡ଼ କରେ, ଦେହରୁ ଝାଳ ବହିଯାଏ, କିନ୍ତୁ ମାଛ ଶିକାର କହିଲେ ମୁଁ ଭୋକଶୋଷ ଦିନରାତି ଭୁଲିଯାଏଁ, ଯେବେ ଲଣ୍ଠନଟାଏ, ବନସୀଖଡ଼ା, ଚା' ଓ କିଛି ପାନ ବିଡ଼ି ଦେଇ କେହି ମୋତେ ରାତିଯାକ ଗୋଟାଏ ପୋଖରୀରେ ବସାଇଦିଏ ମୁଁ ସେଇଠି ଧ୍ୟାନରତ ତପସ୍ୱୀପରି ବସିଯିବି - ଅବଶ୍ୟ ଭୂତପ୍ରେତର ଭୟ ଦୂର କରିବା ବ୍ୟବସ୍ଥା ଯଦି ଥାଏ ।

ସେଦିନ ରବିବାର । ବନଶୀ ପକାଇବା ସଉଡ଼ ମେଣ୍ଟାଇବା ପାଇଁ ଗୋଟାଏ କ'ଣ ବ୍ୟବସ୍ଥା କରିବାକୁ ବାହାରିପଡ଼ିଲି । ଖବର ପାଇ ମଝିଆଁ ବାବୁ ଓ ଆଉ କେତେଜଣ ଗୋଟାଏ କାର୍‌ରେ କୁଆଡ଼େ ଯାଇଛନ୍ତି । ସତକୁ ସତ ଯାଇ ଦେଖିଲା ମଝିଆଁ ବାବୁ ହୁଇଲି କଟ୍‌କଟ୍ କରି ସୂତା ଗୁଡ଼ାଇବାରେ ଲାଗିଛନ୍ତି । ଦି'ଚାରିଟା ଖଡ଼ା ଫୋଲ୍‌ଡ଼ିଂ ଖଟ ଉପରେ ଥୁଆ ହୋଇଛି । ପାଖରେ ଚା' କେଟିଲିର ଢ଼ାଙ୍କୁଣୀ ଖଡ଼୍ ଖଡ଼୍ ହେଉଛି,

Digitized by srujanika@gmail.com

ମୋତେ ଦେଖିଲେ ଯେମିତି ଆପେ ଆପେ ତାଙ୍କ ମୁହଁରେ ସ୍ୱାଗତ ହସଟି ଫୁଟେ ଆଜି ତା ହେଲାନି । ବୋଧହୁଏ ପାଖରେ ବସିଥିବା ଲୋକଟା ମୁହଁରୁ କ'ଣ କଥା ଶୁଣି ଟିକିଏ ଉଦ୍‌ବିଗ୍ନ ଓ ନିରୁତ୍ସାହିତ ହୋଇଛନ୍ତି । ଟହଲିଆକୁ ଚା' କରିବାକୁ ଆଦେଶ ଦେଇ କହିଲେ, 'ବୋଧହୁଏ ଆଜି ପ୍ରୋଗ୍ରାମ୍ ବନ୍ଦ ହେବ । ମୁଁ ଟିକିଏ ମହାରାଜାଙ୍କ ପାଖକୁ ଯାଉଛି । ଆପଣ ଟୁଇଲୁ ମାଝୀ ପାଖରୁ ସବୁକଥା ଶୁଣନ୍ତୁ । ମୁଁ ଏଇକ୍ଷଣୀ ଫେରିଆସୁଛି ।

ମଝିଆଁ ବାବୁ ମୟୁରଭଞ୍ଜର ଅଉଲ ନମ୍ବର ଶିକାରୀ, 'ଦୃଷ୍ଟିଭେଦୀ ଯାର ବଜ୍ରନାଦୀନଳୀ,' ଅଦ୍ଭୁତ କୌଶଳୀ, ଅପୂର୍ବ ସାହସ ଓ ଅବ୍ୟର୍ଥ ସନ୍ଧାନ, ପୁଣି ଅତୀବ କଷ୍ଟସହିଷ୍ଣୁ । ଅସମୟରେ ସ୍ନାନ, ଆହାର, ବିନିଦ୍ର ରଜନୀ ଫଳରେ ଅକାଳରେ ଉଦର ବ୍ୟାଧିରେ ତାଙ୍କର ପରଲୋକ ହୋଇଗଲା । ପୋଲିସ୍ ସାହେବ କ୍ଷେତ୍ରମୋହନବାବୁ ତାଙ୍କ ସମକକ୍ଷ ଶିକାରୀ ଥିଲେ । ସେମାନେ ବି ଗଲେଣି । କେବଳ ଲାଲୁବାବୁ ଅଛନ୍ତି ଯାହାଙ୍କୁ ଓଡ଼ିଶାର ଜିମ୍ କରବେଟ୍ କୁହାଯାଇପାରେ ।

ଟୁଇଲୁ ଆଡ଼କୁ ଚାହିଁଲି । ଚେହେରାରୁ ଜଣାଗଲା ଯିମିତି ଗୋଟାଏ ବଡ଼ ଧକ୍କାରେ ସେ ମୂକ ବଧିର ହୋଇଯାଇଛି । ଆଖିର ଲୁହଗୁଡ଼ାକ ଆଖିରେ ଶୁଖି ତାକୁ ଗୋଟାଏ ଭୋଳା ଆଦିମ ଜୀବ କରିଦେଇଛି । ମୁଁ ପଚାରିଲି 'କିରେ ଟୁଇଲୁ ? କି ହେଲା କହ ତ ମୁଁ ଶୁଣେ ।'

ଗଳା ସଫାକରି ଟୁଇଲୁ 'କି ହବ ଆର୍ ଭାଇଟାକେ ନେଇଗଲା । ତାର ଡିର୍‌ଲାକେ ବି ନେଇଗଲା ଗାଁର ଅଧେ ନେଇଗଲାନି । ଜେନାବାବୁ ରଜାଟାକେ କହ, ମାରିଦଉ, ଅର ଗୋଟେହେଲେ ଗୋଡ଼ିଏ ପୂରେଇଁ ଦବ ।' ତାକୁ ପୁଛି ପଚାରି ଓ ପରେ ମଝିଆଁ ବାବୁଠୁ ଶୁଣି ଯାହା ବୁଝିଲି ତାର ସାରକଥା ଏହି- ବାଲିଡ଼ିହା ପାଖ ପାହାଡ଼ତଳି ଗାଁ । ମାଝୀ ସାହିଟିଏ, ଶହେ ଦେଢ଼ଶ ଲୋକଙ୍କ ବସତି । ଯେଉଁଠୁ ଗାଁ ସରିଛି ଜଙ୍ଗଲ ଆରମ୍ଭ ସେଇଠୁଁ ଅଳ୍ପକିଛି ଦୂରରେ ମହାରାଜା ଶ୍ରୀ ରାମଚନ୍ଦ୍ରଙ୍କ ଅମଳର ବନ୍ଧ । ଦୁଇଟାଛୋଟ ଡୁଙ୍ଗୁରିକୁ ବନ୍ଧଦେଇ ନାଳିଟିକୁ ଗୋଟିଏ ଛୋଟ ହୀରାକୁଦ କରାଯାଇଛି । ଏଇଠି ଖରାଦିନରେ ଜନ୍ତୁଜାନୁଆର ପାଣି ପିଅନ୍ତି । ବେଳବୁଡ଼କୁ ପଲପଲ ହରିଣ, ଶିଆଳ, ଭାଲୁ ଆସିବାର ଦୃଶ୍ୟ ଡ଼ାକବଙ୍ଗଳା ଝରକାରୁ ଦେଖିହୁଏ । ଗାଁର ଲୋକଙ୍କୁ ଦେଖିଲେ ଜଣାଯିବ ସୃଷ୍ଟିର ପ୍ରାକ୍‌କାଳରୁ ସେମାନେ ସେଇଠି ଅଛନ୍ତି, ସମୟ ଓ ସଭ୍ୟତା ତାଙ୍କ ଜୀବନରେ କିଛି ପରିବର୍ତ୍ତନ ଆଣିପାରିନାହିଁ । ଚନ୍ଦ୍ର, ସୂର୍ଯ୍ୟ ଖରାବର୍ଷାରୁ ସେମାନେ ବେଳକାଳ ଜାଣନ୍ତି । ଆବଶ୍ୟକତା କମ, ତେଣୁ ଅଭାବ କମ୍ । ପ୍ରକୃତି ସହିତ ଯୁଝି ମୁଠେ ଖାଇବାକୁ ଆଦାୟ କରନ୍ତି । ଯୁଝୁଁ ଯୁଝୁଁ ମରଣ ବି ଆସିଯାଏ । କୁକୁରଗୁଡ଼ାଙ୍କୁ ଆଖି ଆଗରେ କଲରାପତରିଆ ଉଠାଇନିଏ, ମକାଧାନ ହାତୀ ଦିନ ଦିପହରେ ମାଡ଼ି ଦଳିଦିଏ । ତଥାପି ଧୂମୁଷାଦଳ ହାଣ୍ଡିଆରେ ଦୁଃଖ ଶେଷ ।

Digitized by srujanika@gmail.com

କିନ୍ତୁ ବାଘ ମାତିଲାରୁ ସେମାନଙ୍କ ଭାଗ୍ୟରେ ଏକ ନୂଆ ଦୁର୍ବିପାକ ଯେପରି ପଡ଼ିଲା । ବାଘ ସାକ୍ଷାତ୍ କାଳ 'ଲୋକାନ୍ ସମାହର୍ତ୍ତୁଂ ଇହ ପ୍ରବୃତ୍ତଃ ।' ଯେତେ ସାବଧାନ୍ ହେଲେ ବି କାଳ ହାବୁଡ଼ରୁ ବର୍ତ୍ତିବ କିଏ ? ଅଠର ଜଣ ଚାଲିଗଲେଣି, ଗୁଣିଗାରେଡ଼ି ଢେର କରାଗଲା, ତଥାପି ବାଘ ଗାଁ ଛାଡ଼ି ଗଲାନାହିଁ । ଚାରିଦିନ ହେଲା ଟୁଇଲୁର ଭାଇକୁ ସେ ଜଙ୍ଗଲକୁ ନେଇଗଲା । ତାର ଛଅଦିନ ଆଗରୁ ତାର ଭାଉଜକୁ ବାଡ଼ି ପଛରୁ ଉଠାଇ ନେଇଗଲା । ଏତେ ଚାଲାକ୍ ବାଘଟା, କେତେବେଳେ କେଉଁଠୁ କାହାକୁ କାହାକୁ ନେଇଯିବ କେହି ଜାଣିପାରିବେ ନାହିଁ ।

ଟୁଇଲୁର ଭାଇ ସେଙ୍ଗେଲକୁ ଠିକ୍ ସେମିତି ନେଇଗଲା । ସ୍ତ୍ରୀ ମରିବାର ସେଦିନ ଛଅଦିନ । ଏଇ କେତେଦିନ ଯାକ ଓପାସ । ତେୟାଳିଶ ସାଲ । ସହର ବଜାରରେ ଚାଉଳ ଅମିଳ । ଟାଣଟୁଣ ଦିନ, ନୂଆଁ ସୁଆଁ ବିଲରେ ଉଠିନି । ଯାହା ଘରେ କେନ୍ଦୁ କୁଣ୍ଡା, ମହୁଲନେଠା ଥିଲା ସେସବୁ ସଇଲାଣି । ମକାବାଡ଼ି କୁଆ ଶିଆଳ ମୁହଁରେ ଗଲା । ବଣରେ ଛତୁ ଫୁଟୁଥିବ, ପିତାଆଳୁ ମିଳିବ ସିଝାସିଝି କରି ଖାଇବା ପାଇଁ । ବାଘ ଡ଼ରରେ ଯିବ କିଏ ?

ସେଙ୍ଗେଲଟା ଟିକିଏ ହୁଣ୍ଡା । ବଲୁଆ, ସାହସୀ ଲୋକଟା । ସ୍ତ୍ରୀ ମରିବା ପରେ ଟିକିଏ ବେଶୀ ଦୁର୍ମୁହଁ ହୋଇଯାଇଛି । 'ଇମିତି ମରିବି ସେମିତି ମରିବି ତିରଲାକୁ ନେଲା, ମୋତେ ବି ନବ ତ ନେଉ । ଝିଅଟା ତିନିଦିନ ହେଲା ଖାଇନି'- ଏମିତି କଣ ଗୁଡ଼ାଏ ମୁରୁମୁର କହି ବାହାରିପଡ଼ିଲା, ସେଙ୍ଗେଲ ବଡ଼ ବାଉଁଶ ଝଙ୍କାଟାଏ, ଟାଙ୍ଗୀ ଆଉ ଗଇଁତିଟାଏ ଧରି । ସକାଳ ପ୍ରାୟ ନଅଟା ସମୟ ।

ଖଣ୍ଡେ ଦୂର ସେଙ୍ଗେଲ୍ ଯାଇଛି କି ନାହିଁ ପଛରୁ 'ବାପା, ବାପା' ଡ଼ାକ ଶୁଭିଲା । ବୁଲିପଡ଼ି ଦେଖିଲା ଆଠ ନଅ ବର୍ଷର ଝିଅ ଗୃପେଇ ଦଉଡ଼ି ଦଉଡ଼ି ଆସୁଅଛି । ସେ ବି ବାପା ସାଙ୍ଗରେ ବଣକୁ ଯିବ । ଏକା ଜିଦ୍, ଯେତେ ବୁଝେଇଲେ ବି ବୁଝିଲାନାହିଁ । ଦୁହେଁ ଆଗପଛ ହୋଇ ଚାଲିଲେ ।

ଗାଁମୁଣ୍ଡରେ ଛୋଟ ଗୋରୁଗୋଠ । ଦି' ତିନିଜଣ ଗୋରୁ ଜଗା ଟୋକା ସେଙ୍ଗେଲ୍ ଗୃପେଇ ବଣଆଡ଼କୁ ଯିବାର ଦେଖି ଆଶ୍ଚର୍ଯ୍ୟ ହୋଇ ପଚାରିଲେ ଠାରରେ 'ବଣକୁ ଯାଉଚ ? ଏଇଲାଗେ ବାଘଟା ଗରଜୁଥିଲା । ଯାଅନା ଆଜି ଶୁଣିଲା ନ ଶୁଣିଲାପରି ହୋଇ ସେଙ୍ଗେଲ୍ ଚାଲିଗଲା ବଣ ଭିତରକୁ ଝିଅକୁ ସାଙ୍ଗରେ ଧରି । କ୍ରମେ ଅଦୃଶ୍ୟ ହୋଇଗଲା ବଣ ଭିତରକୁ ସାଙ୍ଗରେ ଧରି । କ୍ରମେ ଅଦୃଶ୍ୟ ହୋଇଗଲା ଜଙ୍ଗଲ ଭିତରେ ।

ଏତେ ଆଳୁ, ଏତେ ଛତୁ । ଅଧଘଣ୍ଟାଏ ଭିତରେ ଝଙ୍କା ଉଚିତ୍ ହୋଇଗଲା । କେତେଦିନ ଧରି କେହି ଜଙ୍ଗଲକୁ ଆସିନାହାନ୍ତି ସେଇଥିପାଇଁ ବୋଧହୁଏ । କେତେଖଣ୍ଡ

Digitized by srujanika@gmail.com

କାଠି ଝଙ୍କାର ଚାରିକଡ଼େ ଖଞ୍ଜିଦେଇ ଆଉ ଗୁଡ଼ାଏ ଆଳୁ ଭରତି କଲା । ଭୂଇଁରୁ ପ୍ରାୟ ଅଢ଼େଇ ଫୁଟ ଉଚ୍ଚ ହେଲା ଝଙ୍କାଟା ।

ଗୃପେଇ ଧରିଛି ଟାଙ୍ଗିଟା । ସେଙ୍ଗେଲ କାନ୍ଧରେ ବୋହିଛି ଝଙ୍କାଟାକୁ ଡ଼ାହାଣ ହାତରେ ଗଇଁତି, ଆଗରେ ଝିଅ, ପଛରେ ବାପା ମଣିଷ ଗଲା ବାଟରେ ଚାଲିଛନ୍ତି । ଜଙ୍ଗଲ ସରିବାକୁ ଫର୍ଲଂ ବାଟ ଅଛି । ଗୋଠର ଗୋରୁ ବେକର ଟିପା ଶବ୍ଦ ଶୁଭୁଛି । ଗୋଟାଏ ଗୋଲେଇ ସଫା ଜାଗାପଡ଼ିଲା । ଚାରିପଟେ ଶାଳ ଗଜାର ଜଂଗଲ, ମଝିରେ ବାଲି ଘାସ ମିଶା ଖୋଲା ଜାଗାଟି ।

ସେଙ୍ଗେଲର ନଜରରେ ପଡ଼ିଗଲା ବାଁ ପାଖ ଶାଳଗଛ ମୂଳର ଗୋଟାଏ ଆଳୁଲତା । ଝଙ୍କାଟାକୁ ମାଂସଳ କାନ୍ଧରୁ ଓହ୍ଲାଇ ଠିକ୍ ରାସ୍ତା ଉପରେ ରଖିଦେଇ ଗଇଁତି ନେଇ ଚାଲିଲା । ଝିଅକୁ କହିଲା, 'ଏଇଠି ଟିକେ ଛିଡ଼ା ହୋଇଥାଏ, ବଡ଼ଆଳୁଟା ଥିବ, ଆଣେ ।' ଯାଇ ତାଡ଼ିବାକୁ ଲାଗିଗଲା ।

ଗୃପେଇ ଏକାଧ୍ୟାନରେ ବାପା ଆଡ଼କୁ ଚାହିଁ ରହିଛି, ଝଙ୍କା ଆଡ଼କୁ ପଛକରି । ତାକୁ ମୋଟେ ମାଲୁମ ନାହିଁ ସପ୍‌ସପ୍ କରି ପ୍ରାୟ ନିଶବ୍ଦରେ ମୟୁରଭଞ୍ଜ ଜଙ୍ଗଲର ସବୁଠୁ ବଡ଼ ବାଘ କେତେବେଳେ ଆସି ଝଙ୍କର ଆରପଟେ ପେଟେଇ ପଡ଼ିଯାଇଛି ଏବଂ ଅପେକ୍ଷା କରିଛି କେତେବେଳେ ଆଳୁନେଇ ଫେରିବ ଝଙ୍କା ଆଡ଼କୁ । ଖଣଟିରେ ମାଟିତଡ଼ାର ଶବ୍ଦ ସହିତ ମେଳରଖି ବୋଧହୁଏ ବାଘଟା ଆସିବାରୁ ପଦଶବ୍ଦ ଏତେ ପାଖରେ ରହି ଗୃପେଇ ଜାଣିପାରିଲାନାହିଁ ।

ଲତା ସହିତ ବଡ଼ଆଳୁଟା ବାଁ ହାତରେ ଓ ଗଇଁତିରୁ ଡ଼ାହାଣ କାନ୍ଧରେ ଧରି ଝଙ୍କା ପାଖରେ ପହଞ୍ଚିବାକୁ ପ୍ରାୟ ସାତ ଆଠ ହାତ ଅଛି, ଏତିକିବେଳେ ମହାଶୂନ୍ୟରୁ ଛିଡ଼ିଲାପରି ମହାବଳ ସେଙ୍ଗେଲ୍ ଉପରକୁ ହାଉଁ ଗର୍ଜନ ସହିତ କୁଦିପଡ଼ିଲା ଆଳୁବାଉଁଶିଆ ଓ ଗୃପେଇ ମୁଣ୍ଡଉପର ଦେଇ । ମହୁମାଛି ମୁହଁ କାନରେ ବସିଲେ ହାତଟା ଯିମିତି ଆପେ ଆପେ ସେ ଆଡ଼କୁ ଚାଲିଯାଏ ସେଙ୍ଗେଲ୍ ସେଇ ସହଜାତ ସ୍ୱାଭାବ ବୁଦ୍ଧିରେ ଗଇଁତିଟାକୁ ମାଡ଼ି ଆସୁଥିବା ମୁଣ୍ଡକୁ ଲକ୍ଷ୍ୟକରି ମାରିଲା । ଅଳ୍ପକେ ମୁଣ୍ଡରେ ବାଜିଲାନାହିଁ । କେବଳ ବେକର କେତେପୁଞ୍ଜା ହଳଦିଆ ଚୂଳ ତଳେ ପଡ଼ିଲା । ବାଘଟା ଆଘାତ ପାଇ କ୍ରୋଧରେ ପୁଣି ଗର୍ଜିଉଠି ମୂଷାକୁ ବିରାଡ଼ି ଛିଞ୍ଚାଡ଼ିଲା ପରି ଏତେ ଜୋରରେ ଉଇଁରେ ସିଙ୍ଗେଲର ମୁଣ୍ଡଟାକୁ ବାଡ଼େଇଦେଲା ଯେ, ମୁଣ୍ଡ ଭିତର ଗେରୁସବୁ ଛିଟିକି ବାହାରି ଆସିଲା । ତା'ପରେ ... ତା'ପରେ ତା ବେକ କାମୁଡ଼ିଧରି କଣ ଭିତରକୁ ନେଇଗଲା । ଗୋଡ଼ ଦୁଇଟା ଭୂଇଁରେ ଘୋଷାରିହୋଇ ଯାଉଥାଏ ବାଲିଭୂଇଁର ଦାଗ ରଖି ।

ଗୃପେଇ ଅବାକ୍ ହୋଇ ଠିଆହୋଇଥାଏ । କାନ୍ଦ ବା ଚିତ୍କାର ସୁଦ୍ଧା ତା ପାଟିରୁ ବାହାରିଲା ନାହିଁ । ଗୋରୁଜଗା ଲୋକଗୁଡ଼ାକ ସଂଗେ ସଂଗେ ଜାଣିପାରିଲେ ବାଘ

Digitized by srujanika@gmail.com

କାହାକୁ ନେଇଗଲା ବୋଲି । ତ୍ରକାତ୍ରକି ହୋଇ ଆଠ ଦଶଜଣ ଖଣ୍ଡେ ଦୂର ଜଙ୍ଗଲକୁ ପଶିଆସି ଦେଖନ୍ତି, ରୂପେଇ 'ଥ'ବନି ଛିଡ଼ାହୋଇଛି ଆଳୁ ଝଙ୍କା ପାଖରେ । ଖଣ୍ଡେ ଦୂରରେ ସେଙ୍ଗେଲ୍‌ର ଗଇତି ଓ ଗୋଜିଆ ମୁନରେ କେତେଗୁଡ଼ାଏ ବାଘ ଦେହର ଛୋଟ ଛୋଟ ଲୋମ । ଆଳୁଲତାଟା ବି ସେଙ୍ଗେଲ୍‌ର ବାଁ ହାତ ମୁଠା ଭିତରେ ରହିଗଲା ।

ଇଲୁ ଖବର ପାଇ ଆସିଲା । ଝିଆରୀକୁ ଗାଁ ଲୋକଙ୍କ ସହିତ ପଠାଇଦେଇ ଘଟଣାସ୍ଥଳରୁ ସିଧାସିଧି ଆସି ପହଞ୍ଚିଛି ମଝିଆଁବାବୁ ପାଖରେ, ସିମିତି ମହାରାଜା ନିଜେ ଆସି ମାରିଦିଅନ୍ତୁ ବା କେହି ଶିକାରୀ ପଠାନ୍ତୁ । ମଝିଆଁବାବୁ ସେଦିନ ତାକୁ ବୁଝାଇଦେଇଥିଲେ ସେ ଲାସ୍ ନଥିଲେ ବାଘ ମାରି ହେବନାହିଁ । ପନ୍ତା ଶିକାର ଦେଶରୁ ଉଠିଯାଇଛି । ଆଉ ଦିନେ ଯେବେ ମଢ଼ ବା ଲାସ୍ ଥିବ ସେହିଦିନ ଆସିଲେ ସେ ଯାହାହେଉ ବ୍ୟବସ୍ଥା କରିବେ । ଟଇଲୁ ସେହି କଥା ଅନୁସାରେ ଆଜି ଆସିଛି । ବାଘ ଗୋରୁଟାଏ ମାରିଛି, ନେଇପାରିନି, ଲୋକେ ଜଗିଛନ୍ତି ମଢ଼ଟାକୁ ।

ମଝିଆଁବାବୁ ମହାରାଜାଙ୍କ ପାଖକୁ ଫେରିଲେ । ଟୁଇଲୁକୁ ତାହିଁ କହିଲେ 'ଟୁଇଲ୍, ଯା ସିଧା ମଧୁବନ ବଗିଚାକୁ, ସେଇଠୁ ହାତୀ ଉପରେ ତୁ ଚାଲି ଯା, ମୁଁ ପଛରେ ଗାଡ଼ିରେ ଯାଉଛି । ଫୋନ୍ କରିଦେଇଛି, ହାତୀ ବାହାରିବଣି, ତୁ ଦଉଡ଼ି ଦଉଡ଼ି ଚାଲିଯା ।' ମୋ ଆଡ଼କୁ ଚାହିଁ କହିଲେ, 'ଆସନ୍ତୁ ଯିବା ବାଘ ଶିକାରକୁ । ମହାରାଜା ଯିବେନି, ତାଙ୍କୁ ଜ୍ୱର ।' ମୋ କଥା ଶୁଣି ତାଙ୍କ ଆଖି ଛଳଛଳ ହୋଇଗଲା କହିଲେ, "ଯାଅ, ଯିମିତି ହେଲେ ତାକୁ ଶେଷକର, ଅନେକ କ୍ଷତି କଲାଣି ।" ବାଘ ଶିକାର ଶୁଣି ମୋ ଛାତି ଧଡ଼ପଡ଼ ହେଲା । କହିଲି, "ବାଘ ମାରି ଆଣନ୍ତୁ, ଦେଖିବା ।"

ତହିଁ ପରଦିନ ସକାଳେ ଜିପ୍‌ଟାଏ ଆସି ମୋ କ୍ୱାଟର୍ସ ଆଗରେ ଛିଡ଼ାହେଲା । ଡ୍ରାଇଭର କହିଲ, "ମଝିଆଁବାବୁ ଡ଼ାକୁଛନ୍ତି । ଆସନ୍ତୁ, ପୁଅ ଝିଅଙ୍କୁ ବି ସାଙ୍ଗରେ ନେଇ ଆସନ୍ତୁ ।" ମୁଁ ବୁଝିପାରିଲି ସବୁ କଥା ।

ଉପୁରାଉପୁରି ଦୁଇକପ୍ ଚା' ପିଇଦେଇ ମଝିଆଁବାବୁ ଆରମ୍ଭକଲେ ଶିକାର ଗପ । ଯୁଦ୍ଧ ଜୟର ଉଲ୍ଲାସ ବା ଉତ୍‌ଫୁଲ୍ଲତା ତାଙ୍କ ମୁହଁରେ ଆଦୌ ପ୍ରକଟ ହେଉନଥାଏ ।

କହିଲେ, "ବାଲିଡ଼ିହା ପହୁଞ୍ଚିଲା ବେଳକୁ ସମୟ ଦୁଇଟା । ବଙ୍ଗଳାରେ ଗାଡ଼ିରଖି ସିଧା ଚାଲିଲି ଘଟଣାସ୍ଥଳକୁ । ଜଙ୍ଗଲର ଅଳ୍ପ ଭିତରକୁ ଗୋଟାଏ ଫାଙ୍କା ଗୋଲେଇ, ଚାରିପଟେ ମଣିଷଉଚ୍ଚ ଶାଳଗଜା । ସେଇଠୁ ସେଙ୍ଗେଲକୁ ବାଘ ନେଇଥିଲା । ମାତ୍ର ଗୋଟାଏ ଛୋଟ ଗଛ ପାଖରେ ଯାହା ଉପରେ ମଞ୍ଚା ବାନ୍ଧି ହେବ । ହେଲେ, ଇଚ୍ଛାକଲେ ବାଘ ଡ଼ିଆଁମାରି ମଣିଷକୁ ଧରିପାରିବ । ଅଗତ୍ୟା ସେଇଠି ମଞ୍ଚା ବାନ୍ଧିବାକୁ ଲୋକଙ୍କୁ କହିଲି ଏବଂ ଗୋରୁର ଗୋଡ଼ଦିଟା ଖୁବ୍ ଶକତ ଖୁଣ୍ଟ ଗୋଟାକରେ ବନ୍ଧା କରାଇଲି ।

ଗୋଡ଼ ଦୁଇଟା ଖୁଣ୍ଟରେ ବାନ୍ଧିବାର ଉଦ୍ଦେଶ୍ୟ ?" - ମୁଁ ପଚାରିଲି ।

Digitized by srujanika@gmail.com

"ବାଘ ଯଦି ଟାଣିନେଇ ଆଉ ଗୋଟାଏ ଜାଗାକୁ ପଳାଏ ?"- ସେ କହିଲେ ।

ଗୋଟାଏ ଛୋଟ ବାଗିପଦିଆ ବିଡ଼ି ଲଗାଇ ପୁଣି ଆରମ୍ଭ କଲେ, "ବେଳ ପ୍ରାୟ ତିନିଟା ବେଳକୁ ଲୋକଙ୍କୁ ପଠାଇଦେଇ ମୁଁ ଉଠିଗଲି ମଞ୍ଚା ଉପରକୁ । ସୁଲୁସୁଲିଆ ପବନ ବନ୍ଧଆଡୁ ବହୁଥାଏ । ତେଣୁ ଖରା ବେଶୀ ବାଧୁଲାନାହିଁ । ଚାରିଆଡ଼େ ପ୍ରାୟ ଶୁନ୍‌ଶାନ୍ ହୋଇଗଲା, ହଠାତ୍ ପବନ ବନ୍ଦ ହେବାରେ। ପ୍ରାୟ ପାଞ୍ଚ ବାଜିଲା । ପଶ୍ଚିମ ଦିଗର ପାହାଡ଼ ମଥାନରୁ ସୂର୍ଯ୍ୟ ତଳକୁ ଖସିଛନ୍ତି କି ନାହିଁ ଛୋଟ ମେଘଟାଏ ତାଙ୍କୁ ଘୋଡ଼ାଇପକାଇଲା । ପାଞ୍ଚ ଦଶ ମିନିଟ୍‌ରେ ଅନ୍ଧାରିଆ ହୋଇ ଆସିଲା ଜାଗାଟା । ଟୁପୁରୁ ଟୁପୁରୁ ବର୍ଷା ବି ପଡ଼ିଲା । ଥରେ ଥରେ ଏମିତି ସମୟରେ ଏଇ ପାଖରେ ବେଳ ବୁଡୁ ନ ବୁଡୁଣୁ ବାଘ ଆସିବାର ମୁଁ ଜାଣେ । ପୁଣି ସକାଳ ଯାକ ପାଖରେ ଗର୍ଜନ ଲୋକେ ଶୁଣୁଛନ୍ତି । ମୁଁ ସତର୍କ ହୋଇଗଲି ।"

ପୁଅ ଝିଅ ତିନିଜଣ ମୋ ପାଖକୁ ଟିକିଏ ଭିଡ଼ି ଆସିଲେ । ଏତେ କାଳ ସେମାନେ ଗପ ଶୁଣନ୍ତୁ ବା ନଶୁଣନ୍ତୁ କୋଠରୀ ଭିତର ଭାଲୁ ହରିଣ ବାଘ ଚମଡ଼ା ଓ ଶିଙ୍ଘସବୁ ଦେଖୁଥାନ୍ତି । ଆଗ୍ରହ ଓ ଉତ୍କଣ୍ଠା ସେମାନଙ୍କ ଆଖିରେ ସୁସ୍ପଷ୍ଟ ହେଲା ।

"ପଛପଟେ ଖଡ଼ଖଡ଼ ଶବ୍ଦ । ଚାହିଁ ଦେଖିଲି କୋକିଶିଆଳଟାଏ ମଢ଼ ଆଡ଼କୁ ନ ମୁହାଁଇ ପ୍ରାଣ ବିକଳରେ ଗାଁ ଆଡ଼କୁ ଧାଉଁଛି। ବୋଧହୁଏ ପାଖରେ ବାଘର ସନ୍ଧାନ ପାଇଥିବ । ସିଧା ଚାହିଁଦେଲି । ଆରପାଖ ବଣବୁଦା ଭିତରୁ ଧୀରେ ଧୀରେ ନିଃଶବ୍ଦରେ ମୋ ଆଡ଼କୁ ମୁହଁକରି ଚାଲିଆସିଲା ବାଘ, କିନ୍ତୁ ହଠାତ୍ ଅଟକିଗଲା । ବସିପଡ଼ିଲା, ମୁଁ ଟିକିଏ ଅସାବଧାନ, ଅପ୍ରସ୍ତୁତ ଥିଲି । ବନ୍ଧୁକ ଧୀରେ ଧୀରେ ଉଠାଇ ଲକ୍ଷ୍ୟ କରିବାକୁ ଲାଗିଲି ବାଘର କ୍ରିୟାକଳାପ । ବାଘଟା ଏଣେତେଣେ ସନ୍ଦିଗ୍ଧହୋଇ ଚାହିଁଲା । ମଞ୍ଚା ବାନ୍ଧିବାବେଳେ ତାଳପତ୍ର ଖଣ୍ଡେ ଅଧେ ଏଠି ସେଠି ପଡ଼ିଥିଲା । ସେଥିରୁ ସେ ବୋଧହୁଏ ବେଶ୍ ବୁଝିଲା ଯେ, ସ୍ଥାନ ସେତେ ନିରାପଦ ନୁହେଁ ।

"ଇତି ମଧ୍ୟରେ ମୁଁ ବାଘର ଆକୃତି ରୂପ ଦେଖିନେଲି । ଏତେ ବଡ଼ ଓ ଏତେ ସୁନ୍ଦର ବଳିଷ୍ଠ ଜୱାନ୍ ମୁଁ କେବେ ଜୀବନରେ ଦେଖିନାହିଁ । ଭାବିଲି ବନ୍ଧୁକରେ ନ ମାରି କେମେରାରେ ଫଟୋ ଉଠାଇଥିଲେ ଗୋଟାଏ ସ୍ମୃତିହୋଇ ରହନ୍ତା; କିନ୍ତୁ ସେଙ୍ଗେଲ୍ କଥା ମନେପଡ଼ିଲା ।"

ପିଲାମାନେ ଖୁବ୍ ପାଖକୁ ଆସି ମୋ ଦେହରେ ପ୍ରାୟ ଲାଗିଗଲେ ।

କପ୍‌ରେ ପୁଣି ଚା' ଆସିଲାରୁ ମଝିଆଁବାବୁ ଥରେ ଚୁମୁକ୍ ଦେଇ ପୁଣି ଖିଅ ଧଇଲେ, "ମୋର ଏତିକି ଭୟ ହେଲା ଯେବେ ଠିକ୍ ଜାଗାରେ ଗୁଳି ନ ବସେ ତେବେ ମୋତେ ବି ଟାଣି ନେଇଯିବ ମଞ୍ଚା ଉପରୁ ତଳକୁ । ସେଥିପାଇଁ ମୁଁ ଅପେକ୍ଷାକଲି ଗୋଟିଏ ମୁହୂର୍ତ୍ତକୁ ଯିମିତି ଗୋଟିଏ ଗୁଳି ଚୋଟରେ ଠିକ୍ ବାଘର କାନମୂଳକୁ ଭେଦ କରିବି ଓ

Digitized by srujanika@gmail.com

ଠାଏଁ ପକାଇଦେବି ଜାନୁଆରଟାକୁ । ରାଇଫଲ୍ ବନ୍ଧୁକ ଉପରେ ଏତିକି ଆସ୍ଥା ରଖାଯାଇପାରେ ।

ଢକ୍ ଢକ୍ ବାକି ଚା' ପିଇଦେଇ କହିଲେ, "ବାଘ ଚାଲିଆସିଲା ମଢ଼ ପାଖକୁ । ଏପାଖ ସେପାଖ ଥରେ ଚାହିଁଦେଇ ଦାନ୍ତଗୁଡ଼ାକ ଗଳାଇଦେଲା ମଢ଼ ଦିହରେ ଏବଂ ଜୋର୍ ଲମ୍ଫଟାଏ ମାଇଲା ଯିମିତି ତାକୁ ନେଇ ବଣ ଭିତରକୁ ଚାଲିଯିବ । କଡ଼କଡ଼ ଶବ୍ଦକରି ଗୋରୁଟାର ହାଡ଼ର ଗଣ୍ଠିସବୁ ଯିମିତି ଢିଲା ହୋଇଗଲା, କିନ୍ତୁ ଓଟାରି ନେଇପାରିଲାନାହିଁ । କାରଣ ଖୁଣ୍ଟରେ ବନ୍ଧାଥିଲା ମଢ଼ଟା । ହଠାତ୍ ଖଣ୍ଡେଦୂର ପଛକୁ ହଟିଯାଇ ପୁଣି ବସିଗଲା । ଏତେ ତେଣେ ଚାହିଁ ଲମ୍ବ ଜିଭଟା ବାହାରକରି ମୁହଁଟା ଚାଟିନେଲା । ପୁଣି ଧୀରେ ଧୀରେ ଆସି ମଢ଼ଠାରୁ ଦୂରରେ ଥାଇ ପୂଳାଏ ମାଉଁସ ବେକ ପାଖରୁ ଟାଣିନେଲା ଓ ସନ୍ତର୍ପଣରେ ଚୋବାଇବାକୁ ଲାଗିଲା । କଳା ମେଘଟା ଯୋଗୁ ମାଝିଅନ୍ଧାରିଆ ହେଲା ଏବଂ ବଡ଼ ବଡ଼ ଟୋପା ମଧ ପଡ଼ିଲା । ମୁଁ ଭାବିଲି, ହେଲେ ଏଇ ମୁହୂର୍ତ୍ତରେ ନହେଲେ କେବେ ନୁହେଁ । ମୋର ସବୁ ଦମ୍ଭ ସାହସ ଏକାଠି କଲି । ବାଘ ମାଂସପୂଳାକ ଖାଇସାରି ପୁଣି ଯେମିତି ବେକ ଲମ୍ବେଇଛି ମଢ଼ ଆଡ଼କୁ ଆଉ ପୂଳେ ମାଂସ ନବ ବୋଲି, ସିମିତି ବନ୍ଧୁକର ଘୋଡ଼ା ଟାଣିଛି । ତିନିଥର ଡ଼ିଗବାଜି ମାରି ଭୂଇଁରେ ଯିମିତି ପଡ଼ିଛି ପୁଣି ଆଉ ଗୋଟାଏ ଗୁଳି ଚଢ଼େଇଦେଲି, କିନ୍ତୁ ବାଘ କାହିଁ ? ବାଘ ଅନ୍ତର୍ଦ୍ଧାନ, ଜୋର ବର୍ଷା, ବଜ୍ର ବିଜୁଳି ।"

"ବାଘ ପଳାଇଲା, ମଲାନି" ? ବଡ଼ପୁଅ ପଚାରିଲା ସାହସକରି । ତାର ଛାତିର ଦୁକଦୁକି ଜୋର୍ ଧଡ଼ପଡ଼ କରୁଥିବାର ମୁଁ ବେଶ୍ ଅନୁଭବ କରୁଥାଏ ।

ପୁଣି ବିଡ଼ିଟାଏ ଲଗାଇ ଶିକାରୀ କହିଲେ, "ତା'ପରେ ହାତୀ, ଆଲୁଅ ନେଇ ଲୋକେ ଆସିଲେ । ମଞ୍ଚାରୁ ଓହ୍ଲାଇ ବଙ୍ଗଳାକୁ ଗଲି । ରାତିଯାକ ନିଦ ହେଲାନାହିଁ । ଏତେ ପାଖରୁ ମାରିପାରିଲି ନାହିଁ ବୋଲି ନାହିଁ ନିଜକୁ ଧିକ୍କାର କଲି । ଆଜି ବେଳ ହେଲାରୁ ଚା' ଖାଇ ଲୋକବାକ ଧରି ପୁଣି ବାହାରିଲି । ପହୁଞ୍ଚି ଦେଖିଲି ରକ୍ତ ପଡ଼ିଛି । ରକ୍ତର ଧାର ଅନୁସରଣକରି ତିରିଶ ଚାଳିଶହାତ ବଢ଼ିଛି ଦେଖିବାକୁ ଯାଇ ଦେଖିଲି ଛୋଟ ନାଳଟିର ପାଣିକୁ ମୁହଁ ଲଗାଇ ନୁଆଣିଆଁ ହୋଇ ଶୋଇରହିଛି ବାଲିଡ଼ିହା ବାଘ । ଏଗାର ଫୁଟ ଚାରିଇଞ୍ଚ । ଆସନ୍ତୁ ଦେଖିବେ ।"

ଆଶସ୍ତିର ନିଶ୍ୱାସ ପକେଇ ପିଲେ ଓ ମୁଁ ଚାଲିଲୁଁ ମଝିଆଁବାବୁଙ୍କ ପଛେ ପଛେ । ଭିତର ଅଗଣାରେ ପଡ଼ିଛି ବିରାଟ ଜାନୁଆର । ଗୋଟିଏ ଗୁଳି ବାଜିଛି କାନମୂଳରେ, ଅନ୍ୟଟି ଛାତିରେ, ଠିକ୍ କଳିଜା ଉପରେ ।

ପିଲେ ଦେଖିଦେଲା ମାତ୍ରେ କହି ଉଠିଲେ, "ବା - ବା ।"

Digitized by srujanika@gmail.com

# ପାତାଳ ପ୍ରବେଶ

ଉଠାଇବି ନା ନାହିଁ - ଏଇ ହେଲା ମୋ ପକ୍ଷରେ ଏକ ବିଷମ ସମସ୍ୟା । କିମିତି ନ ଉଠାଇବି ? ଏତେ ସୁନ୍ଦର ଟିକି ଚିଜଟି । ଶରଧାରେ କିଏ ତାକୁ କୁନିପଇସା, କିଏ ନିନି ପଇସା, କିଏ କଟି ପଇସା, ଆଉ କିଏ ବା ଟିକି ପଇସା କହୁଛନ୍ତି । ମୁଁ କଣ ଏତେ ନିଷ୍ଠୁର ! ମୋର କ'ଣ ତା ପ୍ରତି ମୋଟେ ଦରଦ ନାହିଁ ।

କଳରୁ ଝିରିଝିରି ହୋଇ ଯେଉଁ ପାଣି ସୁଅଟି ବହି ଆସୁଥିଲା, ତାରି ଉପରେ ଭାସୁଥିବା ସରୁବାଲିର ଚକଚକିଆ ଝିଲିମିଲି ପରଦାଟିଏ ଢ଼ାଙ୍କିହୋଇ ଯାଇଛି, "ହାଫ୍ ହିଡ୍‌ନ୍ ଫ୍ରମ୍ ଦି ଆଏ !" ଯିମିତି, ଧନୀ ଘରର ଆଦରର ଟିକି ଝିଅଟି, ନାଇଲନ୍ ଫ୍ରକ୍‌ଟି ପିନ୍ଧି ଯାଉଥିଲା, ଦୈବାତ୍ ଖସଡ଼ି ପଡ଼ିଛି, ଉଠିପାରୁନି ବିକଳହୋଇ ବାଟଗଲା ସମସ୍ତଙ୍କୁ ଡ଼ାକି କହୁଛି - "ମୋତେ ଉଠାଅ ।"

କିନ୍ତୁ କେହି ଉଠାଉ ନାହାନ୍ତି । ମୁଁ ଉଠାଇବି କାହିଁକି ? ସକାଳୁ ସଞ୍ଜ, ଏଇ ରାସ୍ତାରେ ପୂଜାଡ଼ାଲା ଧରି ପିମ୍ପୁଡ଼ି ଧାଡ଼ିପରି ଭକ୍ତ ଚାଲିଛନ୍ତି । ମାରବାଡ଼ି ଦୋକାନକୁ ଗରାଖ, ସ୍କୁଲ କଲେଜକୁ ଛାତ୍ରଛାତ୍ରୀ, ଡ଼ାକ୍ତରଖାନାକୁ ରୋଗୀ, କେତେ ସଂଖ୍ୟାରେ ଯେ ଏଇବାଟ ଦେଇ ଗଲେଣି ତାର ହିସାବ ନାହିଁ । କେହି ତ ତାକୁ ଉଠାଇ ନାହାଁନ୍ତି । ମେହେନ୍ତରଟା ଖରକାରେ ଦାଗ ଥାଏ ତା' ଗାଲରେ ବସାଇ ଦେଇଛି । ସେ ବି ତାକୁ ଦାୟ ଦେଖାଇ ନାହିଁ ! ମୁଁ ଫୁଟାଣିଆ, ବାହାଦୁରିଆ ହେବି କାହିଁକି ?

କେହି କ'ଣ ତାକୁ ଦେଖୁନାହାନ୍ତି ? ମୁଁ ତେବେ କାହିଁକି ଚାହିଁବି ? ମୋର କଣ ଟିକି ପଇସାରେ ଅଭାବ ଅଛି, ନା ଗରଜ ଅଛି ? ଶୋଇ ରହିଲେ ତ ଦୈନିକ ଏମିତି ଦୁଇହଜାରରୁ ବେଶୀ ବିଭିନ୍ନ ରୂପରଙ୍ଗ ନେଇ ମୋ ଘର ଭିତରେ ଯା ଆସ କରୁଛନ୍ତି ।

ତଥାପି ଏଇଟି ପ୍ରତି ମୋର ଏତେ ମମତା କାହିଁକି ଆସୁଛି ? ଅନେକ ଦିନହେଲା ଦେଖି ନାହିଁ ବୋଲି ? ଜଣାପଡୁଛି, ଝିଅଟି ଲୁଚିଛପି ଏଇମାତ୍ର ପଳାଇଆସିଛି ମା' ପାଖରୁ । ଘଷମଜା ଟିକି ମୁହଁଟି ବଡ଼ ପାଲିସ୍, ଗୋରା ଦିଶୁଛି । କେଡ଼େ କରୁଣ ଆଖିରେ ଚାହୁଁଛି ମୋ ଆଡ଼କୁ, ଯିମିତି ସେ ମୋର କେବେ ଥିଲା ଅତି ଆପଣାର ।

ଉଠାଇବି ତେବେ ? ଲୋକେ କହିବେ ନାହିଁ ତ ମୁଁ କିଡ୍‌ନେପ୍ କଲି ବୋଲି ? ରେପ୍ କଲି ବୋଲି ?

ଥାଉ, ପଡ଼ିଥାଉ, ଅନିବିଦ୍ଧ ରତ୍ନ, ଅନାଘ୍ରାତ ପୁଷ୍ପଟିଏ ହୋଇ । ଯାଏଁ, ପଳାଇଯାଏଁ ନହେଲେ ତା' ଆଡ଼କୁ ଟାଣି ହୋଇଯିବି ।

କିନ୍ତୁ ସାଇକେଲ ଚାବିଟା ଫିଟାଇ ନାହିଁ ଯେ ! ହେଇ ମୋ ଆଡ଼କୁ ସେ ପୁଣି ଆଖି

Digitized by srujanika@gmail.com

ଠାଉଛି ।

ଆଚ୍ଛା, ଲୋକଗୁଡ଼ାକ ମୋ ଆଡ଼କୁ ଚାହୁଁ ନାହାନ୍ତି କାହିଁକି ? ତାହେଲେ ତାଙ୍କ ଡ଼ଗରେ ଯ୍ୟାକୁ ଆଉ ନଜର ନଦେଇ ଚାଲିଯାଆନ୍ତି ସିଧା ଘରକୁ ।

ଚାହିଁଲି ଚାରିଆଡ଼କୁ । ପାଖ ଘରର ଝିଅଟିଏ ସୁରେଇ ମୁହଁରେ ଖେଳିଖେଳି କଳପାଣି କିମିତି ପୁରାଉଛି, ସେଇ ଭଙ୍ଗୀକୁ ଚାହିଁ ରହିଛି ପାନବାଲା, ଚାଉଳବାଲା ଓଜନଥାକ ପାଖରେ ଧୂପଦେଇ ହାତ ଯୋଡ଼ି ଆଖିବୁଜି ଧ୍ୟାନ କରୁଛି । ପରିବାବାଲା ପୁରୁଣା ଦୁଇପଇସା ଦାମର ବିଡ଼ାକୁ ବିଡ଼ା କୋଶଳାଶାଗ ବାନ୍ଧି ଯାଉଛି । ଉଠାଇବି ? ଉଠାଇବାର ଲୋଭ ସମ୍ବରଣ କରିନେଲି । କିନ୍ତୁ ଭାବିଲି, ଯଦି ଯ୍ୟାକୁ କେହି ନ ଉଠାଇବେ । ତେବେ ଏଇଠି ସିନା ପଡ଼ି ପୋତି ହଜିଯିବ । ଦୁନିଆକୁ ତେବେ ସେ ଆସିଲା କାହିଁକି ? ଏଠୁ ଗଲା କାହିଁକି ? ଏତେ ଅର୍ଥହୀନ, ମୂଲ୍ୟହୀନ, ଉଦ୍ଦେଶ୍ୟହୀନ କ'ଣ ତାର ଟିକି ଜୀବନଟି ?

ଫାଉଣ୍ଟେନ୍ ପେନ୍ ଅଥବା ଟଙ୍କାଟିଆ ନୋଟଟାଏ ଛାତି ପକେଟ୍‌ରୁ ପଡ଼ିଗଲା ବୋଧହୁଏ । ନଇଁପଡ଼ିଲି, ଆଖି ପିଛୁଳାକେ ଉଠାଇଆଣିଲି । କ'ଣ ଟା ?

ଟିକି ପଇସାକୁ ଉଠାଇ ନାହିଁ ତ ? ଆଙ୍ଗୁଳିରେ ଧୂଳିମଳି ଆସିଲା କୁଆଡୁ ? ତଳକୁ ଚାହିଁ ଦେଖିଲି, ଟିକି ପଇସାଟି ନାହିଁ ? କିଏ ଉଠାଇନେଇଛି ।

କିନ୍ତୁ କଲି କ'ଣ ? ଭୁଲ୍ ହେଲା, ମସ୍ତବଡ଼ ଭୁଲ୍ । ଚୋରି, ଚୋରି ବଡ଼ଧରଣର । ଏ ମୋ ନିଜ ଚିଜ ନୁହେଁ । ପାଇଲି ବୋଲି କ'ଣ ମୋର ହୋଇଗଲା ?

କାଲି ହୁଏ ତ ମୋର ଥିଲା । ସଞ୍ଜବେଳେ ଏଇଠି ତ ସେ ଦାନ୍ତକାଠି ବାଲି ବୁଢ଼ୀଟା ବସିଥିଲା ତା ନାତୁଣୀ ସାଙ୍ଗରେ । ବାପରେ ବାପ୍ ! ନାତୁଣୀ ଖଣ୍ଡେ ତ ! କୋଣାର୍କର ମୁଗୁନି ପଥରର ମୂର୍ତ୍ତି ପରି ତାର ରଙ୍ଗ, ଗଢ଼ଣ । ମୁହଁଟି ଟିକି ପଇସାପରି ଗୋଲ, ଆଖି ଦିଟା ହାଣ୍ଡିଆ ନିଶାରେ ସେଇ ଟିକି ପଇସାର ରଙ୍ଗ ପରି ତମ୍ବାଳିଆ ।

ଚାରିବିଡ଼ା ଶାଳ କାଠି କଣ ବୁଢ଼ୀକୁ ଦୁଇଟା ଦୋ ପଇସି ଦୁଇଟା ଓ ଦୁଇଟି କଟି ପଇସା ଦେଇନଥିଲି ? ବୁଢ଼ୀ ଆଗରୁ ଚାଉଳ ମୁଠାକୁ କାଠି ବିଡ଼ାଏ ବିକୁଥିଲା । ଏବେ ଚାଉଳ ମହର୍ଗରୁ ସେ ସାନ ସାନ ବିଡ଼ା ବାନ୍ଧି ପଇସେ ପଇସେ ଦାମ୍ କରିଛି । ପୁରୁଣା ପଇସା । ମୋ ଦୁନିଆ ସିନା ମିନିଟ୍‌କୁ ହଜାର ହଜାର ମିଟର ଗତିରେ ଚାଲିଛି । ମୋ ପାଇଁ ହୀରାକୁଦ ପାଣି ମିନିଟ୍‌କୁ ଲକ୍ଷ ଲକ୍ଷ କ୍ୟୁସେକ୍‌ରେ ବହି ଚାଲିଛି, କିନ୍ତୁ ବୁଢ଼ୀର ରାଜମୁଣ୍ଡ ଟଙ୍କା ବା ହନୁମାନୀ ପଇସାର ଯୁଗ କଣ ଗଲାଣି ? ବଜାର ଘଡ଼ିକୁ ଘଡ଼ି ବଦଳୁଛି, ହାଟୁଆ ବଜାରିଆ ସବୁ କଣ କମ୍ ଠକ ? ନାତୁଣୀ ଗୋଟାଏ ନୂଆ ଦୋପଇସିକୁ କଟି ପଇସାଟିଏ ନେଇ ଦୁଇଥାକ କରି ଚାରିପଇସା କରିବାରୁ ଯାଇ ବୁଢ଼ୀ ହିସାବ ବୁଝିଲା ।

Digitized by srujanika@gmail.com

ନାତୁଣୀ ହାତରୁ ପଇସା ନେଲାବେଳେ ଏଇ ଟିକିପଇସାଟି ବୁଢ଼ୀର ଶୁଖିଲା ଅଙ୍ଗୁଳି ସନ୍ଧିଦେଇ ହୁଏତ ଖସିପଡ଼ିଥିବ । ନହେଲେ ଆଉ ଥରେ ଭଲକରି ଦେଖୁ ଦେଖୁ ତା ହାତରୁ ଅଜାଣତରେ ପଡ଼ିଯାଇଥିବ । ମାଛି ଅନ୍ଧାରରେ ହୁଏତ ଅନ୍ଧାରକାଣୀକୁ ଚିହ୍ନିନଥିବ ।

ଆଜି ସକାଳେ ଗାଁରେ ଯେତେବେଳେ ହିସାବ ଯୋଡ଼ିଥିବେ ହୁଏତ ପଇସାଟିଏ ଊଣା ପଡ଼ିଥିବ । ବୁଢ଼ୀ ଓ ନାତୁଣୀ କଳି ଲାଗିଥିବେ, ନହେଲେ ପୁଅ ବା ନାତି ବୁଢ଼ୀକୁ ଖୁବ୍ ଗାଳିଗୁଲଜ କରିଥିବେ । ଅନ୍ଧାରୁଆ ଶାଳଜଙ୍ଗଲରୁ ବାଘ, ଭାଲୁ ମୁହଁରୁ ଯେଉଁ କାଠି ପତ୍ର ଆସେ ତାର ଦାମ୍‌ରୁ ପଇସାଟିଏ କମ୍ ହେଲେ କାହାକୁ ବା ନ ବାଧିବ ?

ସେଇ ଟିକିପଇସାଟି ବର୍ତ୍ତମାନ ମୋ ହାତରେ । ଫିଙ୍ଗିଦେବି ? ପାଇବାର ପାପ ଯେ କଟି ନାହିଁ । ପିଲାଦିନେ ମା କହିଥିଲା, "ଲୁହା ପାଇଲେ ଭାରି ଦୋଷ, ଦାନ ଧ୍ୟାନ କରିବା ଦରକାର । କିନ୍ତୁ ତମ୍ବା, ରୁପା ବା ସୁନା ପାଇଲେ ଦୁଇଗୁଣକରି କାହାକୁ ଦେଇଦେଲେ ପାପ କ୍ଷୟ ହୋଇଯାଏ ।"

ବେଶ୍ କଥା । ଟିକିପଇସା ବୋଧହୁଏ ନୁହେଁ, ତମ୍ବା ପରି ତ ଦିଶୁଛି, ଦୋ ପଇସିଟିଏ ୟା ସଙ୍ଗରେ ମିଶାଇ କାହାକୁ ଦେଇଦେଲେ ତ ସଇଲା ।

ପକେଟ୍‌ରେ ହାତ ମାରିଲି । କ୍ଲିପ୍, ରୁମାଲ୍, ଦିଆସିଲି, ଲବଙ୍ଗ, ଶୁଖିଲା ପାନଖିଲର ଗୁଆଟୁକୁରା - ଦୋ ପଇସି କାହିଁ ? ଇଏ ବି ଏକରକମ ଭଲ । ଦୋ ପଇସି ମିଳିଥିଲେ ଟିକିପଇସା ସହିତ କୋଶଳାଶାଗ ବିଡ଼ାଏ କିଣିବାକୁ ମନ ବଳିଥାନ୍ତା । ଭାବୀ ଲୋଭର ହାତରୁ ରକ୍ଷା ମିଳିଲା । ଗୋଟିଏ ପାପ ଉପରେ ଆଉ ଏକ ପାପର ବୋଝ ସମ୍ଭାଳିବାକୁ ପଡ଼ିଲା ନାହିଁ ।

ତେବେ ଯାହାକୁ ଇଚ୍ଛା ତାକୁ କେବଳ ଏଇ ଟିକିପଇସାଟି ଦେଇ ଚାଲିଯାଏ । ବହୁତ ଡ଼େରିହେଲାଣି । ପିଲାଙ୍କ ସ୍କୁଲବେଳ ହୋଇଯିବ ।

କିନ୍ତୁ କାହାକୁ ଦେବି ? ସମସ୍ତେ ତ ଥଳୀ ଭରପୂରକରି ଚାଲିଛନ୍ତି । ଟିକି ପଇସା ନେବାଭଳି କାହାରି ଚେହେରା ତ ଦିଶୁନାହିଁ ?

"ଦେବକୀ ରଖିଲ ନାମ...." ନାମାବଳି ପକାଇ ପଞ୍ଚକରେ ବାହାରିଛନ୍ତି ପରମ ବୈଷ୍ଣବ ଜଣେ । ଏଇତ ଉପଯୁକ୍ତ ପାତ୍ର ମିଳିଗଲେ । ୟାଙ୍କରି ହାତରେ ନ୍ୟସ୍ତକରି ସୁଖୀହେବି ।

'ନିଅ ଧର' । ଟିକି ପଇସାଟି ହାତରେ ଏତିକି ଟେକି ଧରିଲି ଯେମିତି ପଛପାଖରେ ଥିବା ଇଂରାଜୀ ଏକ ସଂଖ୍ୟାଟି ମହମବତୀ ପରି ଦାଉ ଦାଉ ଜଳି ଉଠିଲା ।

"ବଇନି କରୁଛି ବାବୁ ତୁମଠୁ । ମହାପୁଣ୍ୟ ମାସ, ଅଭାବେ ଦୋପଇସିଟିଏ ଦାନକର ବୈଷ୍ଣବକୁ ।"

Digitized by srujanika@gmail.com

"ମୁଁ ତ ସେଇ ଦୋପଇସିଟିଏ ଖୋଜି ବୁଲୁଛି, ପାଇଲେ ଦାୟମୁକ୍ତ ହୁଅନ୍ତି । ପାଉନାହିଁ ବୋଲି ତ ତୁମକୁ ଏଇଟି ଦେଉଛି ।" ସିଧା ସତ କଥାଟି କହିଦେଲି, ମିଛ କହି ଫେର୍ ନୂଆ ପାପ ଅର୍ଜିବି କାହିଁକି ?

ବିଷ୍ଣୁଭକ୍ତ ହାତ ଫେରାଇନେଲା । ମୁଁ ବି ହାତ ଓ ଟିକିପଇସା ଫେରାଇଆଣିଲି ।

"ଦିଗଣ୍ଡା ଚାଉଳରୁ ଆରମ୍ଭ କରିବି... ବରଂ" ମୁହଁଟାକୁ ବିକଟାଳ କରି ଚାଉଳ ଦୋକାନୀ ଆଗରେ ଆରମ୍ଭ କଲ, "ଯଶୋଦା ରାଖେନ୍ ନାମ ... ।"

କିନ୍ତୁ ଏଥର ଯେଉଁ ଲୋକଟି ପାଇଲି, ସେ ମନାକରିବା ଲୋକ ନୁହେଁ । ସେ ଜାଣେ ପେଶାଦାର୍ ବେପାରୀ, ଏଇ ଜିନିଷରେ ତାର କାରବାର ସାଧାରଣତଃ ରାଜଦ୍ୱାର ବା ସ୍ୱର୍ଗଦ୍ୱାରରେ ରାସ୍ତା କଡ଼ରେ ଏଲୁମିନିୟମ୍ ପାତ୍ରଟିଏ ଆଗରେ ରଖି ଅଥବା ଛିଣ୍ଡା କନାଟିଏ ପାରି ଅଚଳନ୍ତି ପ୍ରତିମା ପରି ବସିଥାଏ ଇଏ ସାଙ୍ଗସାଥୀ ନେଇ ।

"ନେ, ଧର ।"

କିନ୍ତୁ ସେ ଧରିବ କାହିଁରେ ? କନା ନାହିଁ ବା ପାତ୍ର ନାହିଁ । ଡ଼ାହାଣ ହାତଟିରେ ପାପୁଲି ନାହିଁ, ବା ହାତରେ ଆଙ୍ଗୁଳି ଯାହା ଗୋଟାଏ ଦୁଇଟା ଅଛି, ସେ ଗୁଡ଼ିକ ବଙ୍କା ନହେଲେ ଥୁଣ୍ଟା । ତଥାପି ସେ ଥୁଣ୍ଟା ହାତ ଓ ଥୁଣ୍ଟା ଆଙ୍ଗୁଳି ମିଳାଇ ଗୋଟିଏ ବିଚିତ୍ର ଆଧାର ତିଆରି କଲା । ସେଇ ସର୍ବୋଦୟ ପାତ୍ରରେ ପକାଇଦେଲି ଟିକିପଇସା । କିନ୍ତୁ ପାତ୍ର ପର୍ଯ୍ୟାପ୍ତ ନଥିବାରୁ ଦାତାଙ୍କ ଉଦ୍ଦେଶ୍ୟ ବ୍ୟର୍ଥହେଲା ।

ବିଚରା ବହୁତ ଚେଷ୍ଟାକଲା ଭୂଇଁରୁ ଉଠାଇବାକୁ । ପାରିଲାନାହିଁ, କରୁଣ ଅସହାୟ ଦୃଷ୍ଟି ପ୍ରତିଦାନକରି ବାଡ଼ିଖଣ୍ଡିକ ଧରି ଚାଲିଲା ଆଶ୍ରମ ଆଡ଼କୁ ।

ବଡ଼ ମୁସ୍କିଲ କଥା ! ଭାଟ କି ଭିକାରୀ କେହି ପଇସାଟି ନେଲେନାହିଁ, କେତେ ଜଣ ସେଇଠି ପଡ଼ିଥିବ, ଆଉ ଉଠାଇବି ନାହିଁ ? ନା, ନା, ରୋଗୀ ଦେହର ଜୀବାଣୁ ତା ଦେହରେ ଲାଗିଛି । ଯଦି ପିଲାଟିଏ ତାକୁ ଉଠାଇନିଏ ? କିଏ ଦୋଷୀ ହେବ ପିଲାର ଯଦି ସେଇ ରୋଗ ହୁଏ ?

ଯୋତାରୁ ଗୋଡ଼ କାଢ଼ି ପଇସାଟିକୁ ଓଲଟପାଲଟକରି ଗୋଳିରେ ଜୋର୍ ଘଷିଦେଇ ଚେପଟା କାଠି ଖଣ୍ଡିରେ ଧରି କଳପାଖକୁ ନେଇଗଲି ଓ ଏତେ ବେଶୀ ସଫାକରି ଧୋଇଦେଲି ଯେ, ତା ପୂର୍ବ ରଙ୍ଗ ବି ରହିଲାନାହିଁ ।

ଯୋତା ଗୋଡ଼ରେ ଦେଉ ଦେଉ ବୁଲିପଡ଼ି ଦେଖିଲି, ପାଖଦେଇ ଥୁରୁଥୁରିଆ ବୁଢ଼ୀଟିଏ ଯାଉଛି । ଅଣ୍ଟିରେ କଣ ଦିଟା ଧରିଛି, ଜଣାଯାଉଛି ଭିକ ଚାଉଳ ପରି । ଛଅ ସାତବର୍ଷର ପିଲାଟିଏ ତା ହାତ ଧରି ବାଟ କଢ଼ାଉଛି ।

'ନୋ ଧର'- ବୁଢ଼ୀ ଆଡ଼କୁ ହାତ ଟେକି କହିଲି । ଦୃଢ଼ ଧାରଣା ଏଥର ଦାୟମୁକ୍ତ ହେବି ।

Digitized by srujanika@gmail.com

କିନ୍ତୁ ବୁଢ଼ୀ ଏମିତି ଚାହାଣୀଟାଏ ଦେଲା ଯାହାର ସ୍ପଷ୍ଟ ଅର୍ଥ 'ମୋତେ କଣ ଭାଟ ଭିକାରୀ ପାଇଲୁ କି ?'

ଦୈବ ଯୋଗକୁ ଛୋଟପିଲାଟି ତା ଟିକିହାତଟି ପାତିଦେଲା । ମୋତେ ହାତ ଫେରାଇବାକୁ ପଡ଼ିଲାନାହିଁ । କଣ ନେଲା ବୁଝିଲା କି ନାହିଁ ପିଲାଟି ହାତମୁଠା ବନ୍ଦ କରିଦେଲା । ଦିହେଁ ଚାଲିଗଲେ । କନ୍ୟାଦାୟଗ୍ରସ୍ତ ପିତା କନ୍ୟାଦାନ ପରେ ଯେମିତି ଆଶ୍ୱସ୍ତ ଓ ଋଣମୁକ୍ତ ହୁଏ, ମୋର ଛାତି ମୁଣ୍ଡ ସିମିତି ହାଲୁକା ଲାଗିଲା ।

ସାଇକଲ୍ ଚାବିଟା ଖଡ଼କରି ଫିଟାଇଲି । କିନ୍ତୁ ଏ କ'ଣ ? ପିଲାଟି ଯେ, ଫେରିଆସୁଛି । ଥରି ଥରି କାନ୍ଦ କାନ୍ଦହୋଇ, କହୁଚି, 'ବାବୁ ଆଈ ରାଗିଲା, ଗାଳିଦେଲା, ମାରିବ କହୁଚି, ନିଅ ବାବୁ'

ଶାଗବିଡ଼ାଟିଏ ହାତରେ ଧରି ବୁଢ଼ୀ ମୋତେ ଶୁଣାଇ ଶୁଣାଇ କହୁଛି, "ନାଁ ବୁଡ଼ାଇବ ଏ ପିଲା, ବାପ କାହା ଆଗରେ ହାତ ପାତିନି, ମରିଗଲା, ଧାର ଉଧାର କରିନି । ଆଉ ଏ ଛତରା ରହ ତୋତେ ଦଉଛି । ଲାଜ ମାଡ଼ିଲାନି, ଗୋଟେ କଟିପଇସା ପାଇଁ ଜୀବନ ଛାଡ଼ିଯାଉଛି । ଚାଲ୍ ଘରକୁ ଚାଲ୍, ଭାରି ପଇସାବାଲା ଦେଖେଇ ହେଉଛି ।" ଶେଷ ପଦକ ମୋ ପାଇଁ । ବୁଢ଼ୀର କଥା ସରିବା ପୂର୍ବରୁ ମୁଁ ପଇସାଟି ପିଲାଟି ହାତରୁ ଆଣି ସାରିଥାଏ । ଏଇ ପଇସା ପାଇଁ ସେ ଗାଳି ଶୁଣିଲାଣି, ମାଡ଼ ବି ଖାଇପାରେ ।

ପଇସାଟି ଯେତେବେଳେ ପକେଟରେ ପୁରାଇଲି, କାହିଁକି କେଜାଣି ମନରେ ଭୟ ସଞ୍ଚାର ହେଲା । ପାଖ ଛକର ଟ୍ରାଫିକ୍ ପୋଲିସ୍‌ଟା ବୋଧହୁଏ ମୋତେ ସନ୍ଦେହ କଲାଣି । ନହେଲେ ମୋ ଆଡ଼କୁ ଏମିତି କଟକଟ କରି ଚାହିଁ ରହିଛି କାହିଁକି ? ଦୁନିଆସାରା ସମସ୍ତେ ଯେମିତି ଚାହିଁଛନ୍ତି ସନ୍ଦେହରେ ମୋ ସେହି ପକେଟ୍ ଆଡ଼କୁ, ହାତ ଆଡ଼କୁ, ମୁହଁକୁ ।

ଫୋପାଡ଼ିଦେଲେ ହୁଏତ ରକ୍ଷା ପାଆନ୍ତି । କିନ୍ତୁ ସମସ୍ତେ ଚାହିଁ ରହିଛନ୍ତି ଯେ ! ପକେଟରେ କାହିଁ କଣାଟାଏ ଥାଆନ୍ତା ଭଲା !

ସାଇକେଲ୍‌ରେ ଚଢ଼ିବାର ସାହସ ହେଲାନାହିଁ ପଡ଼ିଯିବା ଭଳି ଲାଗୁଥାଏ । ଗଡ଼ାଇ ଗଡ଼ାଇ ଖଣ୍ଡେଦୂର ଗଲାପରେ ଭାବିଲି, ଏ ପଇସାଟିକୁ ଧରି ଦୁନିଆ ବୁଲିଲେ ବି କାହାକୁ ଦେଇପାରିବ ନାହିଁ ।

ତେବେ ଏ ବୁଢ଼ାଟା ଏମିତି ଟିକି ପଇସାଗୁଡ଼ିକ ଆଦର କରୁଥିଲା କାହିଁକି ? ଷ୍ଟେସନ୍‌ରେ ଗାଡ଼ି ପହୁଞ୍ଚିଲା ଝରକାପାଖରେ ଛିଡ଼ାହୋଇ ମୁଣ୍ଡଟା ବାହାର କରେ । ଚଷମା ଭିତରୁ ଜୁଲୁଜୁଲୁ ଆଖିଦିଟା ଦେଖାଇ ହାତପାତି ମାଗେ । କୁହେ, "ମୋର ଟଙ୍କା ଅଧୁଲି ଦରକାର ନାହିଁ, ମୋତେ ଅଧଲା ପାହୁଲା, ଉଦାମ ଦିଅ ।" କଟକ ଷ୍ଟେସନ୍‌ରେ ତିରିଶବର୍ଷ ତଳେ ତା ହାତରେ ଦି'ତିନୋଟି ଅଧଲା ପାହୁଲା ଦେଇଥିଲି ଯେ, ସେ ତା ଲମ୍ବା ହାତଟା ଶରଧାରେ ମୋ ଆଡ଼କୁ ବଢ଼େଇଦେଇଥିଲା । ମୁଁ କେତେ

Digitized by srujanika@gmail.com

ସମୟଧରି କାନ୍ଦରୁ ପାପୁଲିଯାଏ ନ ଆଉଁସିଛି । ସେ କେତେ ଖୁସିହୋଇ ନ ଥିଲା ସେଦିନ । ମୁଁ କେତେ ଧନ୍ୟ ନ ହୋଇଥିଲି ? ଆଜିକାଲି ସେମିତି କେହି ଏ ସାନ ସାନ ଚିଜର ଆଦର କରୁନାହାନ୍ତି କାହିଁକି ?

ଢ଼ଂ ଢ଼ଂ କରି ବିଶ୍ୱେଶ୍ୱର ମନ୍ଦିରରେ ଘଣ୍ଟା ବାଜି ଉଠିଲା । ଇଏ ତ ଆଉ ଜଣେ ଚିହ୍ନରା ଗରାଖ । ସିଏ ଯେମିତି ମଣିଷ ଭିତରେ ବଡ଼, ଇଏ ତ ସେମିତି ଦେବତା ଉପରେ ଦେବତା । ସିଏ ଯେମିତି କାଙ୍ଗାଳଙ୍କ କାଙ୍ଗାଳ, ଇଏ ସେମିତି ଲଙ୍ଗୁଳୀଙ୍କ ଲଙ୍ଗୁଳୀ ! ୟାଠୁ ବଡ଼ କିଏ ? ଘର ନାହିଁ, ଦ୍ୱାର ନାହିଁ, ମଶାଣିରେ ରହେ, ଦେହଟାଯାକ ପାଉଁଶ ବୋଳିହୁଏ, ଧୁତୁରା ଚାକୁଣ୍ଡା ଫୁଲ ଭଲପାଏ, ବିଷ ବି ପିଏ ଦରକାର ପଡ଼ିଲେ । କେହି ନ ନେବା ଚିଜ ବି ନିଏ । ପଶିଗଲି ଏକା ନିଃଶ୍ୱାସରେ ମନ୍ଦିର ଭିତରେ । ମୋତେ ଜଣାଯାଉଥାଏ ଗୁଡ଼ାଏ ଲୋକ ମୋ ପଛରେ ଧାଇଁଛନ୍ତି ଚୋର ପଛରେ ଗୋଡ଼ାଇଲା ପରି । ମୋର ଆଶ୍ରୟ ଲୋଡ଼ା ।

ମନ୍ଦିରର ମାର୍ବଲ ଚଟାଣରେ ଲମ୍ବତମ୍ବ ହୋଇ ପଡ଼ିଗଲି ।

ନିଃଶ୍ୱାସ ଫେରିଲା, ବିଶ୍ୱାସ ଓ ଭରସା ବି ଆସିଲା । ଭିତରକୁ ଗଲି, କରପତ୍ର ଯୋଡ଼ି ବିଶ୍ୱେଶ୍ୱରଙ୍କୁ ଜଣାଇଲି, - "ପ୍ରଭୋ ! ମର୍ତ୍ତ୍ୟରେ ବା ସ୍ୱର୍ଗରେ ମଣିଷ ବା ଦେବତା ଯାହା ଚାହାଁନ୍ତି ନାହିଁ ସେମିତି ଅକିଞ୍ଚନ ଚିଜ ତୁମେ ଆଦରକରି ମୋ ହାତରୁ ଏ ଟିକି ପଇସାଟି ନେଇ ମୋତେ ବିଷମ ସଂକଟରୁ ଉଦ୍ଧାରକର, ପରିତ୍ରାଣକର ପ୍ରଭୋ ! ୟାକୁ ଦୁନିଆରେ କେହି ନେଉ ନାହାନ୍ତି ।"

ଏତିକିବେଳେ ପୂଜାରୀ ମେଘଚନ୍ଦ୍ର ସ୍ୱରରେ "ଓଁ ନମଃ ଶିବାୟ" କହି ଆରମ୍ଭ କଲା ମହିମ୍ନସ୍ତବ "ମହିମ୍ନ ପାରଂତ୍ତେ ।"

ମନ୍ଦିର ଦେହରେ ସେ ଶବ୍ଦ ଝଙ୍କାର ପ୍ରତିଧ୍ୱନିତ ହୋଇ ଯେମିତି ମୋର ପ୍ରାର୍ଥନାର ଜବାବ୍ ଦେଲା "ଭଣ୍ଡ ମାନବ ! ଔଦ୍ଧତ୍ୟର ଗୋଟାଏ ସୀମା ଅଛି । ତ୍ୟାଗ ଓ ସେବାର ଆଦର୍ଶ ଦେଖାଇବା ପାଇଁ ବିଳାସବାସନ, ଭୋଗ ସମ୍ଭୋଗ ସବୁ ଛାଡ଼ି ହୀନ, ତୁଚ୍ଛ ପଦାର୍ଥକୁ ବରି ନେଇଛି ବୋଲି ଧାଇଁ ଆସିଛୁ ମୋ ପାଖକୁ ? କଳିଯୁଗରେ ତୋର ଆର୍ଥିକ ଦୁରବସ୍ଥା ଆମେ ତ୍ରିନାଥ ତିନି ପୁରୁଣା ପଇସାରେ ପୂଜାର ବ୍ୟବସ୍ଥା ଦେଇଥିଲୁ । ସେତେବେଳେ ପଇସାଟିକର ଗଞ୍ଜାରେ ଆମ ତିନିଙ୍କୁ ନିଶା ଲାଗୁଥିଲା । ତେବେ ବି ତୁ କଣାପଇସା ଦେଇଥିଲୁ, ସହିଥିଲି । ପୁଣି ଆସିଛୁ ଟିକିପଇସା ଦେଇ ଭୁଲାଇବାକୁ ? ଯା ଯା, ଦୂର ହ ।"

ମନ୍ଦିରଟା କମ୍ପିଲା ଯେମିତି ବିଶ୍ୱେଶ୍ୱରଙ୍କ କ୍ରୋଧରେ । ମୁଁ ଥରିଲି, ମୋର ହାତ ଭୀଷଣ ଥରିଲା । ଟିକିପଇସା ବି ଥରିଥରି ହଠାତ୍ ହାତରୁ ତଳକୁ ଡ଼େଇଁପଡ଼ିଲା ।

ଟିଂ ଟିଂ । ଭୃଇଁଟା କେଉଁଠି ଚିଡ଼ ଚିଡ଼୍‌ହୋଇ ଫାଟିବାର ଶବ୍ଦପରି ମୋତେ

Digitized by srujanika@gmail.com

ଜଣାଗଲା ।

ଟିକି ସୀତା କଣ କହିଲେ, "ମୋ ବସୁଧା, ମୋତେ ଜନତା ଚାହିଁଲେ ନାହିଁ, ସ୍ୱାମୀ ବି ଚାହିଁଲେ ନାହିଁ, ତୁ ମୋତେ କୋଳରେ ସ୍ଥାନ ଦେ ।" ବସୁଧା କଣ ସତରେ ଏ ଯୁଗରେ ବି ବିଦୀର୍ଣ୍ଣ ହେଲା ?

ପୂଜାରୀ ଫୁଲ ବେଲପତ୍ର ଆଡ଼େଇ ବହୁତ ଖୋଜାଖୋଜି କଲା, ଟିକି ପଇସାଟିକୁ ପାଇଲାନାହିଁ । କହିଲା, "ବାବୁ, ଆପଣ କଣ ସୁସ୍ଥ ମନରେ ବାବାଙ୍କୁ ପଇସାଟିଏ ଦେଇ ନଥିଲେ ? ଯେଉଁଠି ଶିବଲିଙ୍ଗ ଶକ୍ତି ଭେଦକରି ଉଠିଛନ୍ତି ସେଇଠି ନୂଆ ଫାଟଟିଏ ଦିଶୁଛି, ବୋଧହୁଏ ତାରି ଭିତରେ ଆପଣଙ୍କ ଟିକିପଇସାଟି ଅନ୍ତର୍ଦ୍ଧାନ ହୋଇଗଲା । ବିଶ୍ୱେଶ୍ୱର ପ୍ରତ୍ୟକ୍ଷ ଦେବାତ, ପାତାଳରୁ ବାହାରିଛନ୍ତି ପରା ।"

# ସ୍ପ୍ରେ ପେଇଣ୍ଟିଂ

'ପଦେ କଥା କହିବି, ରଖିବ ? ତରଙ୍ଗିଣୀର କଥାରେ କୋମଳତା, ଆଖିରେ ଆଗ୍ରହ, ମୁହଁରେ ସ୍ମିତ ।'

ହାତରେ ବାପାଙ୍କର ପୁରୁଣା ଘଡ଼ିଟା ବାନ୍ଧୁ ବାନ୍ଧୁ ଗୋପୀନାଥ ଶୁଣି ନଶୁଣିଲା ପରି ତେ[illegible]ରହି ସୁଖଦୁଃଖର ସାଥୀ ଏଇ ମଣିଷଟାକୁ ଟପ୍‌କରି ସିଧା ଚାହିଁଦେଲା । ମୁହଁରେ [illegible]ର ପାଣ୍ଡୁରତା, କୁଚଯୁଗ୍ମରେ ଭ୍ରମରାଭିଲୀନ ପଙ୍କଜ କୋଷର ଶିରୀ । ଅତର୍କିତରେ ମାତୃତ୍ୱ ଆସିଯାଇଛି ବୋଲି ଷୋଳବର୍ଷର ଝିଅଟା ଯେପରି କ୍ରୀଡ଼ାନତ ।

ପୂରା ବର୍ଷେହେଲା ଆସିଲାଣି । କେବେ ଦିନେ ହେଲେ ମୁହଁ ଫିଟାଇ କିଛି ମାଗିନାହିଁ । ଆଜି ଆସନ୍ନ ମାତୃତ୍ୱ ନେଇ କ'ଣ ଅବା ପ୍ରାର୍ଥନା କରୁଛି ? ଶାଢ଼ୀ, ବ୍ଲାଉସ୍, ହାତ ନା ସିନେମା ? ଦୋହଦ ପୂରଣ କରିବାର ଅଭିଳାଷ ବା ଗର୍ବ କେଉଁ ସ୍ୱାମୀର ନଥାଏ ?

"କଅଣ କୁହ । ଶୀଘ୍ର ବେଳହୋଇ ଯାଉଛି । ନିଶ୍ଚୟ ରଖିବ ।"

"ରାଣ ପକାଅ ।"

"ରାଣ ପକାନ୍ତି ନାହିଁ । କଥାଟା କହିଦିଅ, ମୁଁ ରଖୁଛି କି ନାହିଁ ଦେଖିବ ।"

ଗଳାକୁ ଖୁବ୍ ନରମକରି ବଡ଼ ବରଟିଏ ଦିଅଁଙ୍କୁ ମାଗିବା ଭଙ୍ଗୀରେ ଲାଜ ଲାଜ ହୋଇ ତରଙ୍ଗିଣୀ କହିଲା 'ଆଜି ରାତିରେ ଆମ ଘରେ ଖାଇବ ।'

Digitized by srujanika@gmail.com

ଠୋ ଠୋ କରି ହସି ଉଠିଲା ଗୋପୀ । କହିଲା ଏଇ କଥା ପଦକ ? ମୁଁ ଡ଼ରି ଯାଇଥିଲି କ'ଣ ନା କ'ଣ ମାଗି ବସିବ ବୋଲି । ଦରମା ମିଳିବାକୁ ଡ଼େରି ଅଛି ତ ! ହେଲା, ନିର୍ଭର ଜବାବ୍‌ଦେଲି ଅଲବତ ଆଜି ରାତି ତୁମ ଘରେ ଖାଇବି । କୁକୁଡ଼ା ପାରା କଣ ଗୋଟାଏ ରଖିଛି ନା କ'ଣ ?'

'ନା, ନା, ପାରା କୁକୁଡ଼ା କେଉଁଠୁ ପାଇବି ? ଆମ ବାଡ଼ି ଗାଡ଼ିଆରୁ ବାପା କେତୁଟା ମାଗୁରମାଛ ପଠାଇଥିଲେ କଳସୀରେ ଜୀଆଁଇ ରଖିଛି । କହୁଚ ସିନା ଖାଇବ ବୋଲି ଜବାବ୍ ରଖିପାରିବ ନାହିଁ । ମାସେ ହେଲା ସରକାରୀ ଚାକିରୀ କଲାଣି । କେତେଦିନ ରାତିରେ ଫେରିଛ, ଖାଇଛ ତାର ହିସାବ କାନ୍ଥରେ ଗାରଦେଇ ରଖିଛି । କୁହ ତୁମର ପଞ୍ଜାବ ମୋଟର ଚାକିରୀଟା ଭଲ ଥିଲା ।'

ଏତେଗୁଡ଼ାଏ କଥା ଏକା ନିଃଶ୍ୱାସରେ କହିଦେଇ ତରଙ୍ଗିଣୀ ଧଇଁସଇଁ ହୋଇଗଲା । ନାକରେ ମୁକ୍ତାପରି ଛୋଟ ଛୋଟ ଝାଳବିନ୍ଦୁ ଝଟକି ଉଠିଲା । ଗୋପୀ ଟିକିଏ ଅପ୍ରତିଭ ହେଲା ନିଜକୁ ଅପରାଧୀ ମନେକରି । ଗୋଟା ଡ଼ରକୁଳୀ ହେଣ୍ଡି ଭଉଣୀ ସାଂଗରେ ବେପରୁଆ ଛାଡ଼ିଦେଇ ଦିନରାତି ଚାକିରୀରେ କଟାଉଛି । କେତେବେଳେ କେଉଁକଥା । ସାଇଟା ଜୁଆଡ଼ୀଙ୍କ ଆଡ଼୍‌ଡ଼ା, ଚୋର ଡ଼କାୟତ କଥା ଛାଡ଼, ବତୀ କେତେବେଳେ ଜଳୁଛି ତ କେତେବେଳେ ନାହିଁ । କିଛି ନହେଲେ ବି ଚମକି ପଡ଼ିଲେ ତ ସର୍ବନାଶ ।

'ଜବାବ୍ ଦେଲି, ରାଣ ପକାଇବି ନାହିଁ, ଚାକିରୀ ପାଇବା ଆଉ ଆଜି ରାତିରେ ନିଶ୍ଚୟ ତୁମ ଘରେ ଖାଇବି, ଖାଇବି, ଖାଇବି ।'

କୃତଜ୍ଞତା ପ୍ରକାଶ ଛଳରେ ବିଡ଼ି ଦିଆସିଲି ପାନଡ଼ବା ଗୋପୀ ହାତକୁ ବଢ଼ାଇଦେଇ ତରଙ୍ଗିଣୀ ଚାହିଁଲା ତାର ଜୀବନ ସର୍ବସ୍ୱ ଲୋକଟାକୁ । ପଞ୍ଝୁହଟା ମରଦ, ଦେଖୁଆ କେଡ଼େ ସୁନ୍ଦର ଚେହେରା ! ଛାର ମୋଟର ଡ୍ରାଇଭର, ମେକାନିକ; ହେଲେ ସୁପୁରୁଷ !

ବାପାଙ୍କ ପୁରୁଣା ହାରକ୍ୟୁଲିସ ଧତଡ଼ା ସାଇକେଲଟାକୁ ବାହାର କରୁକରୁ ଗୋପୀ ନିଜ ଆଚରଣର ଶେଷ ସଫେଇଦେଇ କହିଲା 'ମୋର କଣ ଘରକୁ ଆସିବାର ଇଛା ନାହିଁ ? ଅଫିସରଟା ଏକ ପାଜି, କିଛି ଜାଣେନି ମନ୍ତ୍ରୀଙ୍କ ଖୋସାମତକରି ଚାକିରୀ ରଖିଛି । ହେଁ, ହେଁ, ଫେଁ, ଫେଁ ଆଡ଼୍ୱା । ପ୍ରଦର୍ଶନୀ, ସିନେମା, ମହିଳା ସମିତି ନାଆଁରେ ଗାଁ ଗାଁ ବୁଲୁଛି ପର ପିଠିରେ ଖାଏ ଶୁଏ । ଯଦି କହିଲି ସାର ଘରେ କାମ ଅଛି । କଡ଼ା ଗଳାରେ କୁହେଁ 'ଚାକିରୀ ଛାଡ଼ିଦିଅ ।' ଆଉ ଏଇ ଯେଉଁ ପଞ୍ଜାବ ମୋଟର କଥା କହୁଛ ସେଇଟା ରଖିପାରିଲି କାହିଁ ? ହଁ, ଶୁଣ ତୁମେ ସେ ମାଛ ମାରିବ ନାହିଁ, କୁନିକୁ କହିବ ସେ ମାରିଦେବ ।'

ପଞ୍ଜାବ ମୋଟର ଓ୍ୱାର୍କସ୍ ଗୋପୀବଂଶର ଜନ୍ମସ୍ଥାନ ଓ ସମାଧି । ଅଫିସ୍ ରାସ୍ତାରେ ଗ୍ରେଣ୍ଡ୍‌ଟ୍ରାଙ୍କ ଉପରେ । କାମକୁ ଯିବାବେଳେ ଗୋପୀ ସେ ଆଡ଼କୁ ଚାହେଁନାହିଁ । କାଳେ

Digitized by srujanika@gmail.com

ପୁରୁଣା ସ୍ମୃତି ତା ମନକୁ ଘାଣ୍ଟିଚକଟି ପକାଇବ । ତା ବାପ ହାତରେ ଗଢ଼ା ଏ ୱାର୍କସ୍ । ତା' ବାପ ସାଙ୍ଗ ଦେଇନଥିଲେ, ସାହାଯ୍ୟ କରିନଥିଲେ ପଞ୍ଜାବରୁ ଆସିଥିବା ଶରଣାର୍ଥୀ ଡ୍ରାଇଭର ଗୋଟାଏ ଓଡ଼ିଶାର ଛାତି ଉପରେ ଏତେବଡ଼ କାରଖାନା ଖୋଲିପାରିଥାନ୍ତା ? ପଞ୍ଜାବୀ ବୁଢ଼ାଟା ଗୋପୀର ବାପାକୁ ବିଶ୍ୱାସ କରୁଥିଲା, ସୋଦର ବୋଲି ଭାବୁଥିଲା ।

ଗୋପୀ ଯେତେବେଳେ ଆଠ ଦଶବର୍ଷ ସେତେବେଳେ ସେ ମା' ଛେଉଣ୍ଡକୁ ସାଇକେଲରେ ବସାଇ ୱାର୍କସ୍‌କୁ ନେଇଯାଇଥିଲା । ଆଠ ଦଶ ବର୍ଷର ପିଲା ପାଠ ନପଢ଼ି କୁଳବେଉସା ଶିଖିଲା । ଗେରେଜ ପିଲାଙ୍କୁ ପାଣି ଯୋଗାଇବା, ବିଡ଼ି, ପାନ ଦୋକାନରୁ ଆଣିଦେବା, ଗାଡ଼ିର ପାର୍ଟ ସବୁ ସଫା କରିବାକୁ ଆରମ୍ଭ କରିଛି କାମ । ଏବାବଦ ଯୋଡ଼ାଏ ଟଙ୍କା ମାସକୁ ପାଉଥିଲା ମାଲିକଠୁ । ବିଶ୍ୱକର୍ମା ପୂଜାଦିନ ପେଣ୍ଟଜାମା ଦିଏ ପିଲାଟାକୁ । ଏଇ ଗେରେଜ ବୟ କାମରୁ ବଢ଼ି ବଢ଼ି ଚିଫ୍ ମେକାନିକ୍ ହିସାବରେ ତିରିଶ ଟଙ୍କା ପାଇଥିଲା ଗୋପୀ ।

କିନ୍ତୁ ପୁଅର ଚାକିରୀ ପାଇଁ ବାପାକୁ ଜୀବନ ଦେବାକୁ ପଡ଼ିଛି । ବାପା ଓ.ଆର୍.ସି. ୯୯୯ ଗାଡ଼ିଟାକୁ ଟ୍ରାଏଲରେ ନେଇଥାଏ ଗ୍ରେଣ୍ଡ ଟ୍ରାଙ୍କ ରୋଡ଼ରେ । ଗାଡ଼ି ସ୍ପିଡ୍ ଉପରେ ଥାଏ, ଲେଭେଲକ୍ରସିଂ ପାଖରେ ସାମନା ବାଛୁରୀଟାକୁ ବଞ୍ଚାଇବା ପାଇଁ ଯିମିତି ଜୋରେ ବ୍ରେକ୍ ମାରିଛି ସିମିତି ଗାଡ଼ିଟା କଣ୍ଢେଇପରି ସାଏଁକରି ବୁଲି ଗଛରେ ବାଡ଼େଇହୋଇ ଓଲଟିପଡ଼ିଲା ଏବଂ ଚକଟାଏ ତା ମୁଣ୍ଡ ଉପରେ ମାଡ଼ିଗଲା ! ପଇଁତିରିଶ ବର୍ଷର ଅଭିଜ୍ଞତା ଓ କୌଶଳର ଏଇ ପରିଣତି ।

ଏ ଦୁର୍ଘଟଣା ବୁଢ଼ା ପଞ୍ଜାବୀ ମନରେ ଗୋଟାଏ ବଡ଼ ଚମକ ଦେଲା । ଦୁଇଦିନ ଧରି ଖିଆପିଆ ଛାଡ଼ି ଗୁମ୍‌ମାରି ବସିଲା । ମୋର ସାନଭାଇ ମରିଗଲା କହି ବାହୁନି ବାହୁନି ସାନ ପିଲାପରି ଭେଁ ଭେଁ ହୋ କାନ୍ଦିଲା । ଶୁଦ୍ଧିକ୍ରିୟା ଖର୍ଚ୍ଚ ସବୁ ତୁଲାଇଲା, ତନ୍ନ ତନ୍ନ କରି ଶୁଦ୍ଧିକର୍ମ ତଦାରଖ କଲା ମଧ ।

ତରଙ୍ଗିଣୀ ଦିନେ ଗୋପୀକୁ କହିଲା 'ସାଇ ଲୋକେ ମତେ କଞ୍ଚାଖାଇ ଡ଼ାହାଣୀ କହୁଛନ୍ତି, ମୁଁ ତୁମ ଘରକୁ ଆସିବାର ବର୍ଷକ ଭିତରେ ଶଶୁରଙ୍କୁ ଖାଇଛି ।'

ଆଶ୍ୱାସନା ଦେଇ ଗୋପୀ କହିଲା 'ଡ଼ାହାଣୀ କି ଠାକୁରାଣୀ ଆଉ କେଇଟା ଦିନରେ ଜଣାପଡ଼ିବନି । ଦେଖ, ବାବା ନିଷ୍ଚେ ଆସିଯିବେ ଆମ ଘରକୁ ।'

ମିଛ କୋପରେ ତରଙ୍ଗିଣୀ କହିଲା 'ତୁମେ ତ ଦିଆସି, ଜୋତିଷୀ ହେଇଛ । ବାପା କି ମାଆ କିଏ କହିବ । କଞ୍ଚାଫଳର ଆଗତ ଭବିଷ୍ୟତ ଭଗବାନଙ୍କ ହାତରେ ।'

ଶ୍ରାଦ୍ଧର କେତେଦିନ ପରେ ଦିନେ ବୁଢ଼ା ପଞ୍ଜାବୀ କହିଲା 'ଗୋପୀ । ତୁ ଏଥର କାରଖାନା କାମ ବୁଝାବୁଝି କର । ବାପ କାମ ପୁଅ ନ କରିବ ତ ଆଉ କିଏ କରିବ ?'

ସତକଥା, କିନ୍ତୁ ବୁଝାମଣା କରିବା ପାଇଁ ରଖିଯାଇଛି କଣ ଜଳନ୍ଧର ସିଟିର ପୁରୁଣା

Digitized by srujanika@gmail.com

 

ଘଡ଼ି, ତିରିଶ ବର୍ଷର ପୁରୁଣା ହର୍‌କ୍ୟୁଲେସ ସାଇକେଲ, ଯା'ଛଡ଼ା ଜମିଜମା ବିଷୟ ସମ୍ପତ୍ତି ବା କ'ଣ ରଖିଯାଇଛନ୍ତି । ଅଭିଆଡ଼ୀ ଭଉଣୀ ଆଉ ଆସନ୍ନପ୍ରସବା ସ୍ତ୍ରୀ ବଞ୍ଚିବେ କିମିତି ? ତା'ଛଡ଼ା ପଞ୍ଜାବ ମୋଟର ଓ୍ୱାର୍କସ୍‌ର କାମ ତ ମାମୁଲି ନୁହେଁ ।

ଗୋପୀର ଏ ପ୍ରମୋଶନ ପସନ୍ଦ କଲେ ନାହିଁ ଦି'ଜଣ । ଜଣେ ହେଲା ଗେରେଜର ଅନ୍ୟତମ ମେକାନିକ ସାଧୁ, ଅନ୍ୟଜଣକ ସାନବାବୁ । ସାଧୁକୁ ବଳି ଠକ, ଭଣ୍ଡ, ଚୋର, ପେଞ୍ଚୁଆ, ମେଲିଆ କେହିନାହିଁ । ଗୋପୀର ବାପା ଓ ବୁଢ଼ା ପଞ୍ଜାବୀ ତାକୁ କଡ଼ା ନଜର ଦେଇଥିବାରୁ ତାର ଦୁର୍ଗୁଣ ଚପି ରହିଥିଲା । ସାନବାବୁ ବୁଢ଼ା ପଞ୍ଜାବୀର ଏକମାତ୍ର ପୁଅ । ପଞ୍ଜାବରେ କଣ ପଢ଼ିଥିଲା କେଜାଣି ଏଠି ତିନି ଥରରେ ବି.ଏ ପାସ୍ କରିନପାରି କଲିକତା ଗଲା । ସେଠୁ ଏବେ ଫେରିଛନ୍ତି । ଅଧିକାଂଶ ସମୟ ତାଙ୍କର କଟେ କ୍ଲବ୍‌ରେ, ନୂଆ ଓ.ଏ.ଏସ୍.ଙ୍କ ସାଙ୍ଗରେ ବ୍ରିଜ ଖେଳି, ମଦ ପିଇ । ଗେରେଜକୁ ଯାଆନ୍ତି ନାହିଁ, ଲୁଗାପଟାରେ ମୋବିଲ, ଗ୍ରୀଜ୍, ଆଲକାତରା ଲାଗିଯିବ । ତା'ଛଡ଼ା ପେଁ ପାଁ, ଢ଼ଣ ଢ଼ାଣ୍, ଖଟ୍ ଖାଟ୍ ଶବ୍ଦରେ ତାଙ୍କ ମୁଣ୍ଡ ବିଗିଡ଼ିଯାଏ, ପେଟ୍ରୋଲ ଗନ୍ଧରେ ମୁଣ୍ଡ ବୁଲାଏ । ତାଙ୍କର ଇଛା ଗେରେଜ ବନ୍ଦ କରିଦେଇ ସେଇ ଜାଗାରେ ଗୋଟାଏ ଏୟାର କଣ୍ଡିସନ୍‌ଡ଼ ସିନେମା ଖୋଲିବେ । ସେ ପ୍ରତିଦିନ ସାନବାବୁଙ୍କୁ ପ୍ରତି ସଞ୍ଜରେ କ୍ଲବ୍ ଯିବା ପୂର୍ବରୁ ମଲ୍ଲୀ ମାଳଟିଏ ଦିଏ ।

କିଏ କ'ଣ ଭାବୁଛି, କିଏ କଣ କହୁଛି, ସେଥିପାଇଁ ଗୋପୀର ଖାତିର ନାହିଁ । ବାପା ରକ୍ତ ଦେଇଛି, ଜୀବନ ଦେଇଛି, ଗୋପୀ ତାର ଆତ୍ମା ଲଗାଇଛି, କାରଖାନାର ଉନ୍ନତିରେ । ହିପ୍ ହିପ୍ ହୁର୍‌ରେ ଚିତ୍କାର କରି ଗୋଟାକୁ ଗୋଟା ଗାଡ଼ି ଗେରେଜ ପିଲାଏ ବାହାରକୁ ନେଉଥାନ୍ତି । ବୁଢ଼ା ଚଉକିରେ ବସି ଦେଖୁଥାଏ ।

ଦିନେ ଖୁବ୍ ମନଖୁସିରେ ବୁଢ଼ା ଗୋପୀକୁ ଡ଼ାକି କହିଲା, 'ମୁଁ ଫ୍ରେଞ୍ଚ୍ ମୋଟର କମ୍ପାନୀକି ଲେଖିଛି । ସବୁ ଠିକ୍‌ଠାକ୍ । ତୁ କଲିକତା ଗଲେ ହେଲା । ଏଇ ରବିବାରେ ଚାଲିଯା । ସ୍ପ୍ରେ ପେଇଣ୍ଟିଂ, ଭାଲକାନାଇଜିଂ, ସବୁ ଶିଖିକରି ଆସିବି । ତୁ ନଥିଲାବେଳେ କାରଖାନା କଥା କିଏ ବୁଝିବ ?'

ଗୋପୀ କହିଲା, ସାଧୁ ବୁଝିଦେବ । ମୁଁ ଅନେକ ଦିନ ହେଲା ସ୍ପ୍ରେ ପେଇଣ୍ଟିଂ କଥା ଭାବୁଥିଲି, କହିପାରୁନଥିଲି ।

ଗୋପୀ ରବିବାରେ କଲିକତା ଗଲା । ସାଧୁ ରହିଲା ଓ୍ୱାର୍କସପ୍ ଚାର୍ଜରେ । ଗୋପୀ ଚାଲିଯିବାର ଆଠଦିନ ପରେ ବୁଢ଼ା ହଠାତ୍ ଗୁରୁଦ୍ୱାର, ଅମୃତସର ବାହାରିଗଲା । ତାକୁ ହୁଏତ ନିଛାଟିଆ ଲାଗିଲା ଗୋପୀର ଅନୁପସ୍ଥିତିରେ ଅଥବା ହତ୍ୟା ଦୋଷରୁ ପରିତ୍ରାଣ ପାଇବ ବୋଲି ତୀର୍ଥ ଚାଲିଗଲା ।

କେତେ ମାସ ପରେ ଗୋପୀ ଫେରିଲା ଟ୍ରେନିଂ ସହିତ ନୂଆ ଉତ୍ସାହ ପ୍ରେରଣା ନେଇ । ମାତ୍ର ପଞ୍ଜାବ ଓ୍ୱାର୍କସପ୍‌ର ଏ କି ଅବସ୍ଥା ! କାଁ ଭାଁ ଗାଡ଼ିଟାଏ ଆସୁଛି । ଜୀବନ୍ତ

Digitized by srujanika@gmail.com

କର୍ମମୁଖର କାରଖାନାଟା ଶ୍ରୀହୀନ ମୃତ ପରିତ୍ୟକ୍ତ ଯିମିତି ।

ତଥାପି ହତୋତ୍ସାହ ନ ହୋଇ ଗୋପୀ କାମରେ ଲାଗିପଡ଼ିଲା ଏବଂ କେତୋଟି ଦିନ ଭିତରେ କାରଖାନାର ରୂପ ବଦଳିଗଲା । କେତେବର୍ଷ ପୂର୍ବେ ବାପା ଯେଉଁ ପଟା ଖଣ୍ଡିକରେ ପଞ୍ଜାବ ମୋଟର ୱାର୍କସ୍ ଲେଖି ଝୁଲାଇଥିଲେ ତାରି ତଳେ 'ଏଠାରେ ସ୍ପ୍ରେ ପେଇଣ୍ଟିଂ ହୁଏ' ପଟାଟି ଚକ୍ ଚକ୍ ଦିଶିଲା । ଦିନେ ଗୋପୀ ଗୋଟାଏ ଆମ୍ବାସାଡ଼ର ଗାଡ଼ିର ରିପେୟାର କରି ସାରି ବସି ନିଜ କାମର ତାରିଫ କହୁଥାଏ, ଟ୍ରକ୍‌ରେ ବୋଝେଇହୋଇ ଆସିଲା ଓ.ଆର୍.ସି. ୯୯୯ ଯେଉଁ ଗାଡ଼ି ତା ବାପାକୁ ଖାଇଥିଲା । ଟ୍ରକ୍‌ରୁ ଗାଡ଼ି ଓହ୍ଲାଇଲାମାତ୍ରେ ଗୁଡ଼ାଏ ଛୁଆ ଏକସିଡ଼େଣ୍ଟ ଜିପ୍ ଏକ୍‌ସିଡ଼େଣ୍ଟ ଜିପ୍ ଚିତ୍କାରକରି ଆସି ଘେରିଗଲେ । କିଏ କହିଲା ଏଇଠି ଚୂନ ଲାଗିଛି । ଏଇଠି ରକ୍ତ ଲାଗିଥିଲା । ଏଇଠି ଶାର୍ଟ ଟୁକୁରା ଲାଗିଛି । ଏସବୁ ଶୁଣି ଗୋପୀ ମରୁ ମରୁ କହିଲା ମୁଁ ଏ ଗାଡ଼ିର ରିପେୟାର କରିପାରିବି ନାହିଁ, ଯିଏ କରିବ କରୁ । ମୋ ବାପାକୁ ଖାଇଛି ଏ ଗାଡ଼ି ।

ଗୁପ୍ତଚର ସାଧୁ ସଂଗେ ସଂଗେ ଯାଇ ସାନବାବୁଙ୍କୁ ଜଣାଇଲା । ତାରି ହାତରେ ସାନବାବୁ ଖବର ଦେଲେ ଯେ, ସେ ଅଲବତ୍ ରିପେୟର କରିବ । ତାର ବାପ ସେ ଗାଡ଼ି ଭାଙ୍ଗିଛି । ପଚିଶ ତିରିଶ ହଜାର ଟଙ୍କାର ଗାଡ଼ି, ଖେଳ କଉତୁକ ଲାଗିଛି ? ପନ୍ଦରଦିନ ଭିତରେ ଗାଡ଼ି ନୂଆ ହବ । ଏ ଆଉ ବୁଢ଼ା ଅମଳ ନୁହେଁ । ଗୋପୀ ସାନବାବୁଙ୍କ ହୁକୁମ ଶୁଣିଲା । ସେ ଏତେ ଦିନ ଭାବିଥିଲା ଗାଡ଼ି ତା ବାପାକୁ ଖାଇଛି, ବର୍ତ୍ତମାନ ବୁଝିଲା ତା ବାପ ଗାଡ଼ିକି ଖାଇଛି ।

ସାନବାବୁ ଭାରି ଦୟାଳୁ, ମାତ୍ର ପନ୍ଦର ଦିନର ପରିଶ୍ରମରେ ମୋତେ ପିତୃଋଣରୁ ମୁକ୍ତି ଦେଉଛନ୍ତି ।

ଦୁଇଦିନ ଭିତରେ କଲିକତାରୁ ସବୁ ଦରକାରୀ ପାର୍ଟସ୍ ଆସିଗଲା । ଗେରେଜ ଅଗଣାଟାରେ ଓ.ଆର୍.ସି. ୯୯୯ର ସବୁ ପାର୍ଟ ଭିଣିହୋଇ ପଡ଼ିଥାଏ ଏବଂ ଦିନରାତି ଢ଼ଣଢ଼ଣ, ଠୁକ୍‌ଠାକ୍ ଶବ୍ଦରେ ଗେରେଜ ପ୍ରତିଧ୍ୱନିତ ହେଉଥାଏ । ମନ୍ଦିରର ପୁନରୁଦ୍ଧାର କାର୍ଯ୍ୟ କେଉଁ ରୀତିରେ ହୁଏ ତଦନୁଯାୟୀ ଦକ୍ଷ ଶିଳ୍ପୀ ପରି ଗୋପୀ ଏପାଖ ସେପାଖ ହୋଇ ବରାଦ କରୁଥାଏ ଏବଂ ଯେଉଁଠି ସମସ୍ତେ ଅକୃତକାର୍ଯ୍ୟ ହୁଅନ୍ତି, ସେ ସମ୍ଭାଳି ନିଏ । ଦିନେ ରାତିରେ ବୁଲୁ ବୁଲୁ ରାସ୍ତାକଡ଼ ଆମ୍ବଗଛରେ ପାଚେରୀକୁ ଲାଗି ଯେଉଁ ଜିପ୍‌ଟା ଥିଲା ତା ତଳେ କିଏ ଜଣେ ବସିଥିବାର ଦେଖି ଗୋପୀ ପଚାରିଲା କିଏ ? ମୁଁ ସାଧୁ । ସେଠି କଣ କରୁଛ ? ତେଲ କାଢୁଛି । ଗୋପୀ ବୁଝିଗଲା କାରଖାନାର ଦୈନ୍ୟର କାରଣ । ତେଲ ପାର୍ଟ ଚୋରି ହେଲେ ସରକାରୀ ଗାଡ଼ି ଛଡ଼ା ଆଉ କେଉଁ ଗାଡ଼ି ଆସିବନି ।

Digitized by srujanika@gmail.com

ଦଶଦିନ ଭିତରେ ଗୋପୀ ଯାହା ଯାହା ଶିଖିଥିଲା ତାହା ପ୍ରୟୋଗ କରି ଓ.ଆର୍.ସି. ୯୯୯କୁ ଛିଡ଼ା କରିଦେଲା । ସାନବାବୁ ଫିଲ୍ମ ଇଣ୍ଡିଆ ସ୍କ୍ରିନ୍ ଆଦି ଧରି ବୁଲୁଛନ୍ତି, ହୁକୁମ କଲେ ଗାଡ଼ିର ସ୍ପ୍ରେ ପେଇଣ୍ଟିଂ କାମ ବି ଦୁଇଦିନ ଭିତରେ ଶେଷ ହେବା ଦରକାର ।

ଗୋପୀ କହିଲା ଆପଣଙ୍କ ପାଇଁ ସବୁ ହୁକୁମ ତାଲିମ କରିବି, ଆପଣ କାରଖାନାରୁ ଚୋରିବଟପାରି ରୋକନ୍ତୁ ।

ବାସ୍ ବାସ୍ । ତୋ କାମ ତୁ କର । କାରଖାନା କଥା ମୁଁ ବୁଝିବି, ସାଧୁ ବୁଝିବ । ତୋର ମୁଣ୍ଡ ଖେଳାଇବା ଦରକାର ନାହିଁ । ବୁଢ଼ାଟା ତୋତେ ବହୁତ ମୁହଁ ଦେଇଥିଲା, ସେଥିପାଇଁ ବାରମ୍ବାର ତୁ ତୋ ସ୍ଥାନ ଭୁଲିଯାଉଛୁ । ତୁ କଣ ଗେରେଜ ମାଲିକ ? ଗାଡ଼ିର ପେଇଣ୍ଟିଂ କାମ ସାରି ଅନ୍ୟତ୍ର କାମ ଦେଖ, ଅନେକ ସିନିୟର ଲୋକ ଅଛନ୍ତି ।

ଘାତକ ଆଗରେ କ୍ଷମାଭିକ୍ଷା ଯେପରି ଯଥେଷ୍ଟ ନୁହେଁ, ଆତ୍ମତ୍ୟାଗ ଆତ୍ମସମର୍ପଣ ମଧ କରିବା ଦରକାର । ଧର୍ମର କି କଠୋର ଅନୁଶାସନ ! ପିତହନ୍ତାର ସ୍ୱରୂପ ବଦଳ କରିବାକୁ ହେବ । ବୁଢ଼ାବାବୁ କଣ ତାକୁ ଏଇଥି ପାଇଁ କଲିକତା ପଠାଇଥିଲେ ? ତେବେ କଣ ଏଇ ତାର ପ୍ରଥମ ଓ ଶେଷ ସ୍ପ୍ରେ ପେଇଣ୍ଟିଂ କାମ ?

ଶିଳ୍ପୀର ନିଷ୍ଠା ଓ ଏକାଗ୍ରତା ନେଇ ଗୋପୀ ଲାଗିପଡ଼ିଲା ଗାଡ଼ିକୁ ଜୀବନ୍ତ କରିବା ପାଇଁ । ଦୁଇଦିନ ଭିତରେ ଉନ୍ନତ କଳାକାର ପରି ଗାଡ଼ିକୁ ଅପାର୍ଥିବ ରୂପ ଦେଲା । ଭୋକ ନାହିଁ ଶୋଷ ନାହିଁ, ଖାଲି ଅଛି ଶ୍ରମ ଓ ସାଧନା । ଯିମିତି ବୁଢ଼ା ପଞ୍ଜାବୀ ଓ ତା ବାପ ତାକୁ ପିତୃଋଣ ଶୁଝିବାକୁ ପ୍ରେରଣା ଦେଉଛନ୍ତି ।

ଦିନେ ଓପରବେଳା ପାଞ୍ଚଟାବେଳେ ଓ.ଆର୍.ସି. ୯୯୯ ନୂତନ ରୂପ ନୂତନ ଜୀବନ ନେଇ ଗେରେଜରୁ ବାହାରିଲା ଟ୍ରାଏଲ ରନ ପାଇଁ । ଗୋପୀ ଷ୍ଟିଅରିଂ ଧରି ଷ୍ଟାର୍ଟ ଦେଲା । ଚାହୁଁ ଚାହୁଁ ଇଞ୍ଜିନଟା ବିଶ୍ୱକର୍ମାଙ୍କ ହୃଦୟ ପରି ସ୍ପନ୍ଦନ ଦେଲା ନିୟମିତ ଓ ସୁସ୍ଥ ରୀତିରେ । ଏଇ ଶବ୍ଦ ଭିତରେ ଗୋପୀ ଶୁଣିପାରିଲା ବୁଢ଼ା ପଞ୍ଜାବୀ ଓ ତା ବାପର ସମ୍ମତ ଚିତ୍କାର ବାଃ ବା ! ବାଃ ।

ବାପା ଦିନେ ଏ ଗାଡ଼ି ଆଣିଥିଲା, ଆଉ ଫେରିଲା ନାହିଁ । ଗୋପୀ ଏକାସାଙ୍ଗରେ କାହାକୁ ଆଣିନାହିଁ । ଗାଡ଼ି ଚାଲିଛି ତିରିଶ, ଚାଳିଶ, ପଚାଶ, ଷାଠିଏ, ସତୁରୀ, ଅଶୀ ଆହୁରି ଟପୁଛି । ଗାଡ଼ିର ପରଫେକ୍ଟ ରେଗୁଲାର ଶବ୍ଦ ଭିତରେ ଗୋପୀ ଶୁଣିଛି ଯୁଗପତ୍ ମୃତ୍ୟୁ ସଂଗୀତ ଓ ଧ୍ୱଂସତାଣ୍ଡବ ତା ପକ୍ଷରେ ଏକ ପରମ ମୁହୂର୍ତ୍ତ ସୃଷ୍ଟି ସ୍ଥିତି ଲୟର ଏକ ମିଳିତ ଆନନ୍ଦର ମୁହୂର୍ତ୍ତ । ଯେବେ ଡ୍ରାଇଭର ମରିବା କଥା ତେବେ ଏହା ହିଁ ଉପଯୁକ୍ତ ସମୟ । ବାପା ମଲା, ପଞ୍ଜାବ ମୋଟରସ୍ ଯିବାକୁ ବସିଛି । ଛୋଟବାବୁ ସିନେମା କରିବେ ? ଆଉ ଟିକେ ଜୋର୍‌ରେ ଚଳାଇ ତା ବାପା ପରି ବ୍ରେକ୍ ମାରିବ ? ନା ତରଙ୍ଗିଣୀ ଅଛି, ତା ପେଟରେ ବିନ୍ଦୁଏ ନୂଆ ଜୀବନ ଅଛି । ଏତିକିବେଳେ ଦେଖିଲା ଆଗରେ ଗୋଟିଏ ଗାଡ଼ି ।

Digitized by srujanika@gmail.com

ସାମନା ଗାଡ଼ିରୁ ତିନିଜଣ ଓହ୍ଲାଇଲେ ଡ଼ି.ଏମ୍, ଏସ୍.ପି. ଆଉ ଡ଼ି.ପି.ଆର୍.ଓ. । ଏସ୍‌ପି କଲେକ୍ଟରଙ୍କୁ ଆଙ୍ଗୁଳି ଦେଖାଇ କହିଲେ ଏଇଟା ସେଇ ଏକ୍‌ସିଡ଼େଣ୍ଟ ଗାଡ଼ି । କଲେକ୍ଟର କହିଲେ ଚମତ୍କାର ! ଆମର ଏଠି ବି ସ୍ପ୍ରେ ପେଇଣ୍ଟିଂ କରୁଛି କିଏ ?

ଗୋପୀ କହିଲା ବିନମ୍ର ହୋଇ, ଆଜ୍ଞା ମୁଁ । କଲିକତାରୁ ଏବେ ଶିଖି ଆସିଛି ।

ଆମର ସରକାରୀ ଗାଡ଼ିଗୁଡ଼ାକ ରଙ୍ଗ କରିଦିଅ ତେବେ ?

ଆଜ୍ଞା ଆଜିଠୁ ମୁଁ ପଞ୍ଜାବ ମୋଟର୍ସର କାମ ଛାଡ଼ି ଦେଉଛି । ତେବେ ସାଧୁ ବୋଲି ଜଣେ ମୀସ୍ତ୍ରୀ ଅଛି ସେ କାମ କରିପାରିବ । ମୁଁ ତାକୁ ଶିଖାଇ ଦେଇଛି ।

ଡ଼ି.ପି.ଆର୍.ଓ. କହିଲେ ତୁମେ ମୋ ପାଖରେ ରୁହ । ଆମ ଗାଡ଼ିର ଡ୍ରାଇଭର ନାହିଁ । ଗୋପୀ ହିଁ କହିଲା ।

ଘରକୁ ଫେରି ତରଙ୍ଗିଣୀକୁ କହିଲା, 'କାଲିଠୁ ନୂଆ ଚାକିରୀ । ସରକାରୀ ଚାକିରୀ । ସାନବାବୁ ସାଙ୍ଗରେ ପଟିଲା ନାହିଁ । ପଞ୍ଜାବ ମୋଟରର୍ସ ଛାଡ଼ିଦେଲି ।'

ତରଙ୍ଗିଣୀ ମନ୍ତବ୍ୟ କଲା ହଁ ମ, ଯେଉଁଠି ହେଲେ ଖଟିବ ଦରମା ପାଇବ । ସୁଆଙ୍ଗ ଅଛି ତ ମରଦ ମଣିଷକୁ କାମର ଅଭାବ ଅଛି ?

ମାସକ ପରେ । ମିଶ୍ରବାବୁ ଡ଼ି.ପି.ଆର୍.ଓ.ଙ୍କ କ୍ୱାର୍ଟର୍ସକୁ ଯିବା ବାଟରେ ଗୋପୀ ଚାହିଁଲା ପଞ୍ଜାବ ମୋଟର୍ସକୁ । କି ଥିଲା କି ହୋଇଛି ! ଗୋଟାଏ ଦୁଇଟା ଭାଗ୍ୟହୀନ ମଲା ଜିପ୍ ମୁହଁ ଆଁ କରି ଶୂନ୍ୟକୁ ଚାହିଁଛନ୍ତି ।

ଗୋପୀର ଚିନ୍ତା କିମିତି ସଞ୍ଜବେଳକୁ ଘରକୁ ଫେରିବ । ତରଙ୍ଗିଣୀକୁ ଜବାବ୍ ଦେଇଛି ଘରେ ଖାଇବ । ଭାଗ୍ୟ ଭଲ, ମନ୍ତ୍ରୀ ଆସିଲେନାହିଁ । ଜୁନାଗଡ଼କୁ ଯିବା ଦରକାର ପଡ଼ିଲାନାହିଁ । କେତେବେଳେ ଢୁଳାଇ, କେତେବେଳେ ଘରକଥା, ଆଉ କେତେବେଳେ ପଞ୍ଜାବ ମାଟର୍ସ କଥା । ଆଉ କେତେବେଳେ ଦୁଇ ଦୋସ୍ତ ପଞ୍ଜାବୀ ବୁଢ଼ା ଓ ବାପାଙ୍କ କଥା ଭାବି କଟାଇ ଦେଲା । କିନ୍ତୁ ମିଶ୍ରବାବୁଙ୍କର କଣ ବରାଦର ଶେଷ ଥାଏ ? ଜିପ୍‌ଟା ଗେରେଜରେ ରଖି ଚାବିଦେବାକୁ, ଖୋଲୁଛି ଘର ଭିତରୁ ପାଟି ଶୁଭିଲା ଗୋପୀ ଗାଡ଼ିଟା ପଞ୍ଜାବ ମୋର୍ଟସକୁ ଯିବ, ଓଭାର ହଲିଂ ସ୍ପ୍ରେ ପେଇଣ୍ଟିଂ ହେବ । ପାଞ୍ଚ ହଜାର ଟଙ୍କାର ବଜେଟ୍ ।

ଗୋପୀ ଟିକିଏ ଆଶ୍ଚର୍ଯ୍ୟ ହେଲା ! ଗାଡ଼ି ତ ପୁରାପୁରି ଠିକ୍ ଅଛି । ଏତେ ଟଙ୍କାର କାମ କଣ ହେବ ? କିନ୍ତୁ ଚାକିରୀ କରିଛି, ଅଫିସର୍‌ଙ୍କୁ ଅବହେଳା କରିବ କିମିତି ? ମହରଗରୁ କାନ୍ତାରକୁ ଆସିଲା ପରି ଲାଗିଲା ତାକୁ ।

ଗାଡ଼ି ନେଇ ଚାଲିଗଲା । ଭାବିଥିଲା ଗାଡ଼ିଟା ପଞ୍ଜାବ ମୋଟର୍ସରେ ଫୋପାଡ଼ିଦେଇ ଫେରି ସାଇକେଲ ଧରି ହୁଏତ ଦଶ ମିନିଟ୍‌ରେ ଘରେ ପହଞ୍ଚି ଯିବ ଓ ଜବାବ୍ ରଖିବ ।

ନା, ଗୋପୀ ଗାଡ଼ିନେଇ ଫେରିଆସି ରାଗରେ ଥମ ଥମ ହୋଇ କହିଲା, 'ସାର୍' !

Digitized by srujanika@gmail.com

ସାନବାବୁ କଣ ଆପଣଙ୍କୁ କହିଛନ୍ତି ପୂରା ଟାଙ୍କି ପେଟ୍ରୋଲ ଯିବ? ସାଧୁ ମୋତେ କହିଲା ।

ସ୍ୱୀଙ୍କ ହାତରୁ ଚା' କପ୍ ନେଇ ଚୁମୁକ୍‌ଟାଏ ଦେଉ ଦେଉ ମିଶ୍ରବାବୁ କହିଲେ, ହଁ, ହଁ, ଭୁଲିଯାଇଥିଲି । ଇଣ୍ଡିଆନ୍ ଅଏଲରୁ ତିରିଶ ଲିଟର ତେଲ ନେଇଯିବୁ ।

ଗାଡ଼ି ତ ବନ୍ଦ ରହିବ, ଏକାଉଣ୍ଟ କିମିତି ଦେଖାଇବ? 'ସେ ମୋ କାମ' ଆଜି ଗାଡ଼ି ପାଞ୍ଚ ଥର ଜୁନାଗଡ଼କୁ ଯିବା ଆସିବା କରିବ ମନ୍ତ୍ରୀଙ୍କ କାମରେ, ଖିଆଲ ନାହିଁ? ବୋକା, ତୁ ଜୀବନରେ କେବେ ସରକାରୀ ଚାକିରୀ କରିଥିଲୁ?'

ଗୋପୀ କାବ୍‌ବା! ଏଇ ପେଟ୍ରୋଲ ଚୋରୀ ବନ୍ଦ କରିବାକୁ ଯାଇ ପଞ୍ଜାବ ମୋଟର୍ସ ଛାଡ଼ିଲା । ସରକାରୀ ଚାକିରୀରେ ବି ସେୟା?

ସାର୍ ଅନ୍ୟ ଲୋକ ଦେଖନ୍ତୁ । ମୁଁ କାଲିଠୁ ଆସିବିନାହିଁ । କହି ଦେଇ ଘର ମୁହଁ ଧାଇଁଲା ଗୋପୀ । ତୁଳସୀ ମୂଳରେ ଦୀପ ଦେଇ ତରଙ୍ଗିଣୀ ଉଠିଲାବେଳକୁ ଗୋପୀ ତା' ଆଗରେ?

ଜୁଆଳିଆ ନିଶ ତଳେ ହସ ଟିକିଏ ଖେଳାଇ ଗୋପୀ କହିଲା କହିଥିଲି ପରା ଫେରିବି, ଖାଇବି ଶୋଇବି, ତୁମଘରେ ଚାକିରୀ ଯାଉ ବା ଥାଉ, ମୋ କଥା ରଖିଛି ।

ତରଙ୍ଗିଣୀ ମନରେ ପାପ ଛୁଇଁଲା, ଗୋପୀର ମୁହଁ ଦେଖି କଥାର ବାଗ ଶୁଣି କହିଲା, 'ସତରେ ତୁମ ଚାକିରୀ କିଏ ନେଇଗଲା ନା କଣ? ଗୋପୀ ଠାଆରେ ବସିଲା, କିନ୍ତୁ ଖାଇଲା ନ ଖାଇଲା ପରି ।

କାମଦାମ ସାରି ତରଙ୍ଗିଣୀ ଶୋଇବାକୁ ଯାଇ ଦେଖିଲା ଯେ, ଗୋପୀ ଶୋଇଯାଇଛି । 'ଦିନଯାକ ଖଟି ଖଟି ଥକି ଶୋଇ ପଡ଼ିଥିବେ' ମନେ ମନେ ଭାବି ସବାଇ ଦଉଡ଼ି ଖଟରେ ଗୋପୀ ପାଖକୁ ଲାଗି ଚୁପ୍‌କରି ଶୋଇଲା ।

ଗୋପୀ କିନ୍ତୁ ଶୋଇଲା ନାହିଁ । ବାଁ କଡ଼ ମାଡ଼ି ଶୋଇଲେ ଛାତିଟା ଢ଼ପ ଢ଼ପ ଶୁଭୁଛି ଯିମିତି ଘଡ଼ି ପରି ପ୍ରଶ୍ନଟି ପଚାରି ଚାଲିଛି 'କାଲିକି ...... କାଲିକି ........?' ଡ଼ାହାଣକୁ କଡ଼ ଲେଉଟାଇଲେ ବି ସେଇ ପ୍ରଶ୍ନ ଛାତି ଭିତରୁ ଆସୁଛି 'କାଲିକି, କାଲିକି?' ଚିତ ହୋଇ ଶୋଇଲେ ବି ସେଇ ପ୍ରଶ୍ନ । ତରଙ୍ଗିଣୀର ଛାତି ଭିତରୁ ବି ସେଇ ପ୍ରଶ୍ନ ।

ଦୈବାତ୍ ତରଙ୍ଗିଣୀର ପେଟ ଉପରେ ତା' ହାତ ପଡ଼ିଗଲା । କି ଆଶ୍ଚର୍ଯ୍ୟ! ସେଠୁ ବି ଗୋଟାଏ ଛୋଟ ଦୁକ୍‌ଦୁକି ପଚାରି ଚାଲିଛି କାଲିକି ..... କାଲିକି .......?

Digitized by srujanika@gmail.com

# ନୀଡ଼ାଶ୍ରୟୀ

"ଶୁଣୁଛ ?"

"ହଁ, କୁହ ।"

"ଏ କୋଠରୀକୁ ଆସି ଟିକେ ଦେଖିଯାଅ ।"

"ଦଣ୍ଡେ ରୁହ । ବୁଲ୍‌ବୁଲ୍‌ର ପାଟିରେ ଥର୍‌ମୋମିଟର ଦେଇଚି ।"

"ତାର ନାଇଁ । ବୁଲବୁଲର ବୋଧହୁଏ ଟୁନୁଟୁନିର କେତେ ଜର ଅଛି ?" ନଥିବ । ଦିହ ତ ବେଶ୍ ଥଣ୍ଡା ଜଣାପଡୁଚି ।"

"ରାତି ତିନିଟାରେ ଔଷଧ ଦେଇଥିଲ ?"

"ମଲା, ମଲା ! ତୁମେ ପରା ମତେ ଡ଼ାକିବା କଥା । ଘଡ଼ିରେ ଏଲାରାମ୍ ଦେଇଥିଲ ପରା ?"

"ଦେଇଥିଲି ସିନା । କିନ୍ତୁ ଶୋଇପଡ଼ିଲି ଯେ । ଦିନଯାକ ଧାଁଧପଡ଼ କରି ହାଲିଆ ହୋଇଯାଇଥିଲି । ଡ଼ାକ୍ତରଖାନାକୁ ଅତି କମ୍‌ରେ ଦଶଥର ଯାଇ ନଥିବି ! ତିନି ତିନି ରାତି ଧରି ଉଜାଗର । ତୁମେ ଏଲାରାମ ଶୁଣି ଉଠିଲ ନା କ'ଣ ?"

"କାନ ପାଖରେ ଘଡ଼ି ଥୋଇ ତୁମେ ଶୁଣିପାରିଲନି । ମୁଁ ସେ ଘରେ ଥାଇ କିମିତି ବା ଶୁଣନ୍ତି, ପୁଣି ରାତି ତିନିଟାବେଳେ ?"

"ବଡ଼ ମୁସ୍‌କିଲ ହେଲା ତେବେ । ଡ଼ାକ୍ତର ବାରମ୍ବାର ତାକିଦ୍ କରି କହିଥିଲେ ଯିମିତି ଠିକ୍ ସମୟ ଜଗି ଔଷଧ ଦିଆଯାଏ । ନହେଲେ ଔଷଧର ଗୁଣ କୁଆଡ଼େ ରହିବ ନାଇଁ ?"

"ତେବେ ତୁମେ ଏତେ ନିଦକ ହୋଇ ଶୋଉଥିଲ କାହିଁକି ? ଛାଡ଼ ସେ କଥା । ଦିହିଙ୍କ ଜର ତ ଛାଡ଼ିଗଲାଣି । ବୁଲବୁଲର ବି ଜିଭ ତଳେ ସତାନବେ। ଡ଼ାକୁଥିଲ କାହିଁକି ? କ'ଣ ଏତେ ଜରୁରୀ କାମ ଅଛି ? ଦଣ୍ଡେ ସବୁର ସହିବ ତ ? ହରଲିକ୍‌ସ କପେ କପେ ଦିହିଙ୍କି ଦେଇ ଯାଉଚି ।"

"ସିମିତି କିଛି ଜରୁରୀ ନାହିଁ । ଏ ଘରଚଟିଆ ବସାଟା ଭାଙ୍ଗି ଦେଉଚି । ଏ ବରଷ ଫେର୍ ଆସିଲେଣି ବୋଧହୁଏ । ଘର ଚଟାଣଯାକ ଫୁଟିଫୁଟିକା ମଇଳାର ଝୋଟି ପଡ଼ିଚି । କେରା କେରା ଘାସକୁଟା । ଏଃ ! ରେଡ଼ିଓ ଉପରେ ବି ଗୁଡ଼ାଏ ପଡ଼ିଚି ।"

"ଖବରଦାର ! ଚଟିଆ ବସା ଛୁଇଁବ ନାଇଟି । ମୁଁ ଯାଏଁ ।"

"କି ଅପରାଧ କଥା ! ଗଲା ବରଷର ମଲା ବସାଟା । ନଭେମ୍ବର ମାସରେ କଣ ଚଟିଆ ତା ଭିତରେ ଶୋଇଥିବେ ? ଗୁଡ଼ାଏ କୁଟାଘାସ ଝୁରାଝୁରା ହୋଇ ଝୁଲୁଚି ।

Digitized by srujanika@gmail.com

ଗଲା ବରଷ ଦେଖିଲା ତ ଏହାଙ୍କ ଯୋଗୁଁ କେତେ ହଇରାଣ ହରକତ ହେଲୁ । ଡ଼ିମ୍ବ ଭାଙ୍ଗିଲା, ଛୁଆ ଦି'ଦିଟା ତଳେ ପଡ଼ି ମଲେ । କେତେ ରାଗରୁଷା, ମନ ଫଟାଫଟି । ଏ ବରଷ ବେଳହୁଁ - ।"

"ମୋ ରାଣ ! ଚଟିଆ ବସାରେ ମୋଟେ ହାତ ଦବନି, ମୁଁ ଯାଏଁ ବୁଲ୍‌ବୁଲ୍ ! ବାପାଟି ମୋର ! ମାଆ ଟୁନି ! ଟିକିଏ ଭଲ ଲାଗୁଚି ନା ? ହର୍ଲିକସ୍ ମିଠା ଲାଗିଲା ନା ? ଦିଅ, ଏଥର ସୁନାପିଲା ପରି ଅଣେଇ ହୋଇ ଦିହେଁ ଘୋଡ଼ିଘାଡ଼ି ହୋଇ ଦଣ୍ଡେ ଶୋଇଯାଅ । ଥଣ୍ଡା ଲାଗିଯିବଟି । ଆମର ବୁଲବୁଲ ଟୁନ୍‌ଟୁନି ପରି ସୁନାପିଲା କାହିଁନଥିବେ । ଦିଅ, ଶୋଇପଡ଼ । ଉଠିଲେ ଫଳରସ ଦେବି । ହୁଁ, ସିମିତି । ମୁଁ ଆସୁଚିଁ, ସେଘରୁ ବାପା ଡ଼ାକୁଛନ୍ତି ପରା ।"

"ଶୋଇଗଲ ? ଦେଖ ଏ ବସାଟାକୁ । ଚାହିଁ ସେ କଣକୁ, ଘର ମଝି ଚଟାଣକୁ, ରେଡ଼ିଓ ଟେବୁଲ ପାଖ କାନ୍ଥକୁ । ସତରେ ଏଗୁଡ଼ାକ ପୁଣି ଆସିବାକୁ ଆରମ୍ଭ କଲେଣି ଦେଖୁଚି । ପୁଣି ବସା ବାନ୍ଧିବେ । ଚେୟାରଟା ଦିଅତ ମୋ ଆଡ଼କୁ । ଭାଙ୍ଗିଦିଏ ବସାଟା । ଛାଞ୍ଚୁଣୀ ମୁଠାଏ ଆଣ । ଖରକି ଦେବା ଘରଟା । ଲୋକେ ଆମକୁ ଜଙ୍ଗଲୀ କହିବେ ଯେ । ଏତେ ଅପରିଷ୍କାର ।"

"ସକାଳେ ତୁମର କ'ଣ ଆଉ କିଛି କାମ ଧନ୍ଦା ନାହିଁ ? ନିରୀହ ଚଢ଼େଇଗୁଡ଼ାକ ପଛେ ଲାଗିଚ ? ଘରେ କୁକୁର, ବିରାଡ଼ି, ଚୁଚୁନ୍ଦରା, ଛାରପୋକ, ମଶା ମାଛି, ମୂଷା, ଝିଟିପିଟି, ଅସ୍ୱରପା କେତେ କ'ଣ ନାହାନ୍ତି ! ଦାଣ୍ଡ ବାଟରେ ପୁଣି ଧୂଳି କେତେ ନ ପଡ଼ୁଚି ? ସେ ସବୁର ଉତ୍ପାତ ଅତ୍ୟାଚାର ରୋକିପାରୁଚ ଭଲା ?"

"ନା, ନା । ସେ ଭୟ କାହିଁକି କରୁଚ ? ଗୀତା ଭାଗବତ କଥା ମୁଁ କହୁନାହିଁ। କପୋତକୁ ଗୁରୁ କରି ଅବଧୂତ ସାଜିବାର ଇଚ୍ଛା ବି ନାହିଁ । ତେବେ ବେଳକାଳକୁ ଏଇ ଛୋଟ ଛୋଟ ଜୀବଗୁଡ଼ାକ ଆମର କେତେ ଆପଣାର ହୁଅନ୍ତି ସେ କଥା କେବେ ଭାବିଚ ?"

"ଏଇ ବାଇଚଟିଆ, ଘରଚଟିଆଗୁଡ଼ାକ ?

"ପକ୍ଷୀଟିଟ୍‌ଟିଭମାତ୍‌ରେଣ ସମୁଦ୍ରଃ ବ୍ୟାକୁଳୀକୃତଃ ।"

"ହଁ ! ଛାର ଟେଣ୍ଟେଇ ଚେଢ଼ଇଟା ସମୁଦ୍ରକୁ ବ୍ୟାକୁଳ କରି ଦେଇଥିଲା । କାହିଁକି ? ସମୁଦ୍ର କୁଆଡ଼େ ତା' ଡ଼ିମ୍ବ ଓ ବସାକୁ ଭସାଇ ନେଇଥିଲା ପରା । ତୁମେ ତେବେ କାହିଁକି ? ତୁମେ ସବୁ ହେଲ ଆଉ ଏକ କିସମର ଚଢ଼େଇ । 'ବାୟାର କି ଯାଏ, ବାଆ କଲେ ବସା ଦୋହଲୁଥାଏ'ଶ୍ରେଣୀର । ଦି' ଦିଟା ଜଗୁଆ ପିଲାଙ୍କୁ ମୋ ଜିମା ଦେଇ ନିଜେ ଆରାମରେ ଶୋଇଗଲ । ରାତିଯାକ ମୋତେ, ଆମ ପିଲାପିଲିକି ସାଂଗ ଦେଲା କିଏ, ଜଗିଲା କିଏ, ଦମ୍ଭ ଦେଲା କିଏ ?"

Digitized by srujanika@gmail.com

"କ'ଣ ସେଇ ଚଢ଼େଇଗୁଡ଼ା ଦେଲେ ? ମୁଁ ତ ସେ ଘରେ ଶୋଇଥିଲି । କାନ୍ଥ ଗୋଟାକର ତଫାତ୍ । ଏତେ ଡ଼ରଭୟ କାହାକୁ ?"

"ତୁମପରି ଲୋକଙ୍କୁ ଦମ୍ଭ କରିବା ଯାହା ନ କରିବା ସେଇଆ । ଗଲାରାତିର କାଳରାତି ମୁଁ ଜୀବନରେ କେବେ କଟାଇ ନାହିଁ । ଉଆଁସ, ସୂର୍ଯ୍ୟଗ୍ରହଣ, ଲଞ୍ଜା ତାରା ସବୁ ଏକାଠି । ତ'। ଉପରକୁ ପାଞ୍ଚଦିନ ହେଲା ତାଙ୍କ ଘରୁ ଗଲା ଦଉଡ଼ିଆ ମଡ଼ାଟାଏ ଉଠିଚି । ଦି'ଦିଟା ଛୁଆଙ୍କୁ ନାହିଁ ନଥିବା ଜର, ଦିହରେ ଖଇ ଫୁଟିବା ତାତି । ହୋସ୍ କେତେବେଳେ ରହୁଚି, କେତେବେଳେ ନାହିଁ । ଯେତେ ଦମ୍ଭବାଲୀ ମାଇକିନା ହେଲେ ବି ତାର କଲିଜା ପାଣି ଫାଟିଯିବନି । ପୁରୁଷମାନେ କେବେ କଣ ସ୍ତିରୀଙ୍କ ଦୁଃଖ ବୁଝନ୍ତି ? କେବଳ ସେମାନଙ୍କୁ ଟେକ ଟେକି କରି ଫୁସୁଲାଇ ନିଶ୍ଚିନ୍ତ ହୋଇ ଅଣ୍ଡିରା ମହୁମାଛିଙ୍କ ପରି ଜୀବନ କଟାନ୍ତି ସିନା !"

"ଜୟ ମା କାଳୀ ! ସକାଳଟାରେ କାହିଁକି ଆରମ୍ଭ କଲ କଳି ଭାଗବତ ? ଯେବେ ନିଦ ମାଡ଼ିଲା ମୋତେ ଉଠାଇଲ ନାହିଁ କାହିଁକି ? ପାଳି କରି ଚେଇଁଥିଲେ ତ ଏତେ ବାଧିନଥାନ୍ତା, ମୋ ଉପରେ ଏତେ ଚିଡ଼ୁନଥାନ୍ତ ।"

"ତୁମେ ଚେଇଁଥାନ୍ତ। ତୁମେ ଯେ ଜଣେ କୁମ୍ଭକର୍ଣ୍ଣ । ମନେକର ଶୋଇଲ କେତେବେଳେ । ଏଗାରଟା ବେଳେ ତ ? ଏଗାର ବାଜି ଦୁଇ ମିନିଟ୍ ବେଳକୁ ତୁମର ନାକ ଡ଼ାକିଲା । କେଡ଼େ ଜୋର ଘୁଙ୍ଗୁଡ଼ି ମାର ତୁମେ! ଘର ଉଠୁଚି ପଡୁଚି । ସେତେବେଳେ କିଏ ଏଡ଼େ ନିର୍ଦ୍ଦୟ ଯେ, ତୁମ ନିଦ ଭାଙ୍ଗିବ ।"

"ଯାହା ତ ହେବାର ହେଲା । ପିଲାଙ୍କ ଉତ୍ପାତ କମିଲା କେତେବେଳେ ? ପଟିଦେବାକୁ ପଡ଼ିଥିବ ନିଶ୍ଚୟ । ସାଢ଼େ ଦଶଟାରେ ଦିହିଁଙ୍କ କାଖତଳେ ଶହେ ତିନି ଥିଲା ଦେଖିଥିଲି ।"

"ମୋ ଉପରେ ବି କାଳ ନିଦ ମାଡ଼ି ଆସିଲା । ହସ ମାଡୁଚି ଭାବିଲେ ସେ କଥା । ଘର ବୁଡ଼ିଲା ବେଳେ ମଣିଷକୁ ନିଦ ମାଡ଼େ କିମିତି ।

ଏତେବେଳକୁ ଆମର କଣ ଯେ ଅବସ୍ଥା ହୋଇଥାନ୍ତା ସେ କଥା କିଏ କହିବ । ମୋତେ ସେ ସପ୍ନ ପରି ଲାଗୁଚି । ଆରାମ ଚେୟାରଟାରେ ଆଉଜି ବସୁ ବସୁ କେତେବେଳେ ଯେ ଆଖି ବୁଜିଗଲା ମୁଁ ମୋଟେ ଜାଣିପାରିଲିନି ।"

"ସର୍ବନାଶ ! ଔଷଧ ତେବେ ଦେଇନ ? କି ବିପଦ !"

"ଇମିତି ଅଥୟ ହେଉଚ କାହିଁକି ? ହଠାତ୍ ନିଦଟା ଭାଜିଗଲା ଯିମିତି କାହା ଡ଼ାକରେ, ମୋତେ ଜଣାଗଲା ବୁଲବୁଲ ଟୁନ୍‌ଟୁନି ଦୁହେଁ ଯିମିତି ଏକା ସୁରରେ 'ମା' 'ମା' ବୋଲି ମୋତେ ଡ଼ାକୁଛନ୍ତି । ଚମକି ଧଡ଼୍‌ପଡ଼୍ ହୋଇ ଉଠି ବସିଲି । ଦିହିଁଙ୍କ ହାତରେ ହାତ ଦେଇ ଦେଖିଲି ଯିମିତି ନିଆଁ । ଦୁହେଁଯାକ ଅଚେତ୍, ଡ଼ାକିଲେ ହାକିଲେ ହଲାଇଲେ ବି

Digitized by srujanika@gmail.com

ଗଁ ଟୁଁ ନାହିଁ । ଛାତିରେ ମୋର ଛନକା ପଶିଲା । କିଏ ଡ଼ାକିଲା ମୋତେ ? ତୁମ କୋଠରୀକି ଗଲି । ଘଡ଼ିରେ ସାଢ଼େ ବାର । ଦି'ଥର ତୁମକୁ ଡ଼ାକିଲି । ତୁମେ ଶୁଣିଲ ନାହିଁ । ବାଉଳା ହୋଇ ପିଲାଙ୍କ ପାଖକୁ ଫେରି ଆସିଲି । ମନେ ମନେ ଦିଅଁଙ୍କୁ ଡ଼ାକି ଜଣକ ପରେ ଜଣକ କପାଳରେ ପଟି ଦେଉଥାଏଁ। ନିଜ ଆଖିରେ ବି ପାଣି ହାତଟା ବୁଲାଇ ନେଲି କାଳେ ନିଉଛୁଣାଗୁଡ଼ାକ ପୁଣି ଶୋଇଯିବେ । ବାବା ! ଏକେଲାକୁ ରାତିଟା କେଡ଼େ ଭୟଙ୍କର, କେଡ଼େ ଅସରନ୍ତି । ବିଶେଷକରି ରୋଗୀ ଶେଯ ପାଖରେ । ଏକା ଧ୍ୟାନରେ ଅଧଘଣ୍ଟାଏ ବସି ରହିଲି । ହାତଟା କଳପରି ପଟି ଭିଜାଉଥାଏ । ଜର ଟିକିଏ କମିଲା ପରି ଲାଗିଲା, ନିଃଶ୍ୱାସ ମାଇଲି । ବଡ଼ ଆଲୁଅଟା ନିଭାଇଦେଲି । ବେଡ୍ ଲେମ୍ପଟା ଜଳୁଥାଏ । ସେ କେତେ ସମୟ ଭୟ, ଆଶଙ୍କାରେ ମୋ ନାଡ଼ୀରେ ଜୀବନ ନ ଥିଲା ।"

"ଏତେ ଡ଼ରିଗଲ କାହିଁକି ? ଡ଼ାକ୍ତରଙ୍କ କଥା ବିଶ୍ୱାସ ହେଲାନି, ତା'ଛଡ଼ା ଘର ଭିତରେ ଆଲୁଅ ଥିଲା । ଝରକା କବାଟ ସବୁ ବନ୍ଦ । ପାଖଘରେ ମୁଁ -"

"ସକାଳ ହେଲା ବୋଲି ସିନା ଏତେ କଥା କହିଯାଉଚ । ତୁମେ ମୋ ଅବସ୍ଥାରେ ଥିଲେ ନିଜେ ହାଉଳି ଖାଇଥାନ୍ତ । ନିଶାଭୋର ରାତିର ଗର୍ଜନ ଶୁଣିଛ ? ରାତିର ବି ଗୋଟାଏ ଭାଷା ଅଛି । "ନିଶା ଗରଜୁଚି" ବୋଲି ଆଇବୁଢ଼ୀମାନେ ଯାହା କହନ୍ତି ତାହା ମୁଁ ନିଜେ ଶୁଣିଲି କାଲି ରାତିରେ ଏତେ ବୟସରେ । ନିଶା ଗରଜନ, ତା' ଉପରେ ଛୁଆ ଦିହିଁଙ୍କ ନାକର ସଁ ସଁ, ବାହାରେ ଝିଙ୍କାରୀର ଝିଁ ଝିଁ, ମଶାଙ୍କ ଗୁଣୁଗୁଣୁ, ଇଲେକ୍ଟ୍ରି ମିଟରର ଗେଁ ଗେଁ । ଏତେ ଶବ୍ଦ ଭିତରେ ବି ମୁଁ ନିଜ ନିଶ୍ୱାସ ଶୁଣିପାରୁଥାଏ । ପିଲାଙ୍କ ଛାତିର ଦୁକ୍‌ଦୁକି, ମୋ' ନିଜ ଛାତିର ଢ଼ପ୍ ଢ଼ପ୍, ତୁମର ଘୁଙ୍ଗୁଡ଼ି, ଘଡ଼ିର ଟିକ୍ ଟିକ୍ କୌଣସି ଶବ୍ଦ ମୋ' କାନକୁ ବାଦ୍ ଯାଉନଥାଏ । ଥରେ ଥରେ ଇମିତି ଜଣାଯାଉଥାଏ ବାହାରର ବହଳି ଅନ୍ଧାରଟା ବି ଯିମିତି କଟ୍ କଟ୍ କରି ଝରକାରେ ବାଡ଼େଇ ହୋଇ ମୋତେ ସଂକେତ ଦେଉଥାଏ କବାଟ ଖୋଲିବାକୁ । ଭିତରେ ସେ ଯେମିତି ଟିକିଏ ଆଶ୍ରା ନବ । ଭ୍ରମରେ ଥରେ ଝରକା ଫିଟାଇ ବାହାରକୁ ଅନାଇଲି । କି କିଟିକିଟିଆ ଅନ୍ଧାର ! ଆଉ ଦଣ୍ଡେ ଚାହିଁଥିଲେ ହୁଏତ ମୋ' ଆଖି ଦି'ଟା ଫୁଟି ଯାଇଥାନ୍ତା । ମନେପଡ଼ିଲେ ବର୍ତ୍ତମାନ ବି ଦିହ ଥରିଉଠୁଚି, ଛାତିର ଶବ୍ଦ ବଢ଼ିଯାଉଚି ।"

"ତୁମର ବର୍ଣ୍ଣନା ଶୁଣି ଭୋର ସକାଳଟାରେ ବି ମୋତେ ଡ଼ର ମାଡ଼ିଲାଣି ।"

"ତୁମେ ମୋତେ ଅନୁମାନ ବି କରିପାରିବ ନାହିଁ ସେତେବେଳର ମୋ ମନର ଅବସ୍ଥା, ଅଜଣା ଭୟ ଆଶଙ୍କାରେ ବଡ଼ ଯନ୍ତ୍ରଣା ପାଇଲି । ସେତେବେଳେ ଯେବେ ପେଚାଟାଏ ବା ଭେରଣ୍ଡାଟାଏ ଡ଼ାକିଥାନ୍ତା ବା ଚେମିଣିଆଁଟାଏ ଫଡ଼୍ ଫଡ଼୍ କରିଥାନ୍ତା ତେବେ ଏତେବେଳକୁ ମୋ ପାଇଁ କୋକେଇ ସଜ ହେଉଥାନ୍ତା ।"

Digitized by srujanika@gmail.com

"କଣ ଯେ, ତୁମେ ଗୁଡ଼ାଏ କହିଯାଉଚ । ଜୀବନଟା କଣ ଏଡ଼େ ସହଜରେ ଚାଲିଯାଏ ? କଣ କଲ ତା'ପରେ ? ବଡ଼ ଆଲୁଅଟା ଜାଳି ଦେଲନି ?"

"ଜାଳିଲି ତ । ତା' ଛଡ଼ା ଆଉ ଉପାୟ ନଥିଲା ଯେ, ମୋର । କିନ୍ତୁ ଇଏ ଫେର କ'ଣ ? ପୁଣି ସେଇ ଚିଁ ଚିଁ ଶବ୍ଦ । ଠିକ୍ ସେଇ ସ୍ୱର ଯାହାକୁ ମୁଁ ତନ୍ଦ୍ରାରେ ବା ସ୍ୱପ୍ନରେ ବୁଲବୁଲ ଟୁନଟୁନିର 'ମାଆ' 'ମାଆ' ଡ଼ାକ ଭାବି ଉଠି ବସିଥିଲି ଦଣ୍ଡକ ଆଗେ । ଅବିକଳ ସେଇ ସ୍ୱର ।"

"ଚୁଚୁନ୍ଦ୍ରାଟା, ନୁହେଁ ?"

"ମୁଁ ବି ପ୍ରଥମେ ସେଇଆ ଭାବିଥିଲି । ବହି ସେଲ୍‌ଫ ତଳ, ଝରକା କବାଟ ସନ୍ଧି, ମଶିଣା ଜୋତା ଥୁଆ ହୋଇଥିବା କଣ ସବୁଆଡ଼ ନଜର ପକାଇଲି । କିନ୍ତୁ କାହିଁ ? କୁଆଡ଼େ କିଛି ନାଇଁ । ଭାବିଲି, ପିଲାଙ୍କ ଛାତିରେ କଫ ଜମିଚି । ଜଣ ଜଣ କରି ଦୁହିଁଙ୍କ ଛାତିରେ କାନ ଦେଇ ଶୁଣିଲି । ଗଳାର ସେଁ ପେଁ ଶବ୍ଦ ଘଡ଼ ଘଡ଼ି କିଛି ନାଇଁ । ନିଃଶ୍ୱାସ ଜୋର ଚାଲିଥିଲେ ବି କାହିଁ କେଉଁଠି ଅଟକି ଯାଉ ନାଇଁତ । ପୁଣି ଡ଼ର ମାଡ଼ିଲା ।"

"ମୋତେ ଡ଼ାକିଲ ନାଇଁ ତଥାପି ?"

"ପାଖ ଡ଼ାକ ଶୁଣିଲ ନାଇଁ । ଏଘର ଡ଼ାକ ସେ ଘରକୁ କ'ଣ ଶୁଭିଥାନ୍ତା ?"

"ଚାଲିଗଲ ନି ?"

"ସାହସ କୁଳାଇଲେ ତ । ଗଳି, ବରଣ୍ଡା ସବୁ ଅନ୍ଧାରୁଆ । ପାଟିକରି ଡ଼ାକିବି ଭାବିଲି । ଗଳା ଫିଟିଲାନି ମୋଟେ । ଏତିକିବେଳେ ପୁଣି ସେଇ ଚିଁ ଚିଁ ଶବ୍ଦ ଶୁଭିଲା । ଦୈବକୁ ବଡ଼ ଆଲୁଅଟା ଜାଳିଥିଲି । ନହେଲେ ଏଥର ମୁର୍ଚ୍ଛା ହୋଇ ଯାଇଥାନ୍ତି । ହଠାତ୍ ଉପରକୁ ଚାହିଁଦେଲି । ଏଇ ଯେଉଁ ଇଲେକ୍ଟ୍ରି ତାର ଚାଖଣ୍ଡକ କାନ୍ଥକୁ ଲାଗି ଝୁଲିଚି ତାରି ଉପରେ -"

"ସେଇ ପୁରୁଣା ପଟା ଖଣ୍ଡକରୁ ଯେଉଁ ତାର ତଳକୁ ଓହଳିଚି ଚାରିକୋଣିଆ ପଟା ଦେଖିଚ ।"

"ହଁ, ହଁ, ସେଇଠି । ଦେଖିଲି ମଳିଛିଆ ତୂଳା ପରି ଦିଟା ଗୋଲ ଚିଜ କଣ ଦେଖାଯାଉଚି । ଭାବିଲି, ଶେଯ ସିଲାଇ ବେଳର ତୂଳାବଲ ଦି'ଟା ପବନରେ ଉଠି ସେଇଠି ଲାଖିଚି, ପୁଣି ଭାବିଲି ବୁଲ୍‌ବୁଲ୍ ଟୁନଟୁନି ପାଇଁ ଉଲ୍‌ର ଯେଉଁ ବେଡ଼ମିଣ୍ଟନ ବଲ୍ ଆଣିଥିଲ ଧୂଳି ଧୂସରିଆ ଦିଟା ସେଠି ଲାଖିଯାଇଚି । କିନ୍ତୁ ସେଥିରୁ ଶବ୍ଦ କିମିତି ଆସିବ ଭାବୁଚ ଦେଖିଲ ତାର ଖଣ୍ଡିକ ଅଳ୍ପ ହଲିଲା, ତା' ସାଂଗକୁ ସେ ଦି'ଟା ମଧ୍ୟ ହଲଚଲ ହେଲେ । ଚାହୁଁ ଚାହୁଁ କଳା କଳା ଗୋଲ ଗୋଲ ଦି' ଦି'ଟା ଆଖି ସାଂଗକୁ ବାହାରିଲା ନାଲି ଗହମ ପରି ଚିକି ଚିକି ଦି'ଥଣ୍ଟ ।"

"ଜୟ ପ୍ରଭୁ ! ସେ ଦିଟାକୁ ବାଡ଼ି ଖଣ୍ଡକରେ ଶେଷକରି ଦେଲନି ।"

Digitized by srujanika@gmail.com

"ଦେଖିଥିଲେ ତୁମେ ଏକଥା ମୁହଁକୁ ଆଣନ୍ତି ନାହିଁ । ଦି'ଟା ଛୋଟ ଛୋଟ ଜୀବ, ପାଖକୁ ପାଖ ଲଗାଲଗି ହୋଇ ବସିଛନ୍ତି କାଠି ଖଣ୍ଡିକରେ, ଯିମିତି, ମୃତ ଶିଳ୍ପୀଟିଏ କଣ୍ଢେଇ ପ୍ରଦର୍ଶନୀରେ ଥୋଇ ଦେଇଚି । ଆଲୁଅରେ ଜଳକା ହୋଇ ଦିହେଁ ବୋକା ପାଲଟି ବସିଛନ୍ତି । ହେଲେ ମୋତେ ଜଣାଗଲା ଶୂନ୍ୟରୁ ଛାତ ଭିତର ଦେଇ କିଏ ଯିମିତି ମୋତେ, ଆଉ ମୋ ପିଲାପିଲିଙ୍କି ଜଗିବା ପାଇଁ, ସାଂଗ ଦବା ପାଇଁ, ଅଭୟ ଦବା ପାଇଁ ଗଳାଇ ଦେଇଚି । ସତକୁ ସତ, ମୁଁ ଆଉ ନିଜକୁ ନିରାଶ୍ରୟ ବୋଲି ଭାବିଲି ନାଇଁ । ଏଥର ଆମେ ପାଞ୍ଚଜଣ ହେଲୁଁ ଯେ ।"

"ସଞ୍ଜବେଳୁ ଚୋରଙ୍କ ପରି ସେଇଠି ଲୁଚିଛପି ବସିଥିଲେ । ଆଲୁଅ ଜାଳିବାରୁ ଗହମ ନିଦ ଭାଜିଗଲା ତାଙ୍କର ।"

"ହୋଇଥିବ । କିନ୍ତୁ ମୁଣ୍ଡ ଉପର ଦୋଳିରେ ଟିକି ଚଢ଼େଇ ଦିହିଁଙ୍କ ନିଦ ଭାଜିବାର ଦେଖି ମୁଁ ଜାଣିଲି ମୋ ପିଲାଙ୍କ ଆଖିକି ବି ଆଲୁଅ ପୀଡ଼ା ଦଉଥିବ । ବୁଲ୍‌ବୁଲ ଟୁନ୍‌ଟୁନି ଉଁ ଆଁ କରି କର ଲେଉଟାଇଲେ ମଧ୍ୟ । ଏଥର ସାହସ ଆସିଲା । ତୁମ କୋଠରୀକି ଯାଇ ଘଡ଼ି ଦେଖିଲି କାଳେ ତିନି ବାଜିଥିବ । ଦେଖିଲି ମାତ୍ର ଗୋଟାଏ ବାଜି ଦଶ ମିନିଟ୍ । ଏତେବେଳେ ଦଶ ମିନିଟ୍ । ଏତେବେଳେ ଦଶ ମିନିଟ୍ ମୋତେ ଦଶ ଘଣ୍ଟା, ଦଶ ଦିନ । ଫେରି ଆସି ବଡ଼ ଆଲୁଅଟା ଲିଭାଇ ଦେଲି । ପିଲାଙ୍କ ଜର ବଢ଼ିଲା କି କମିଲା ଦେଖିଲି ନାଇଁ । କାରଣ ଦେଖିବାରେ କିଛି ଲାଭ ନଥିଲା ସେତେବେଳେ ।"

"ଏ ଦି'ଟା ଗଲା ବର୍ଷର । ଯେଉଁ ଦି'ଟା ଆମକୁ ଏତେ ହଇରାଣ ହରକତ କରିଥିଲେ । ଏବର୍ଷ ଆଗରୁ ଆସିଲେଣି । ଭାରି ଚଲାକ ଦେଖୁଛି । ପୁରୁଣା ବସାଟାକୁ ଭୁଲି ନାହାନ୍ତି ବୋଧହୁଏ ।"

"ଏ ଗୁଡ଼ାକ ଡ଼ିମ୍ବଫୁଟା ଛୁଆ । ଆମେ ଅଣ୍ଡା ଭାଙ୍ଗିଦେଲୁ, ଘଡ଼ଦାଣ୍ଡ ଦେଲୁ ସେଇଥିପାଇଁ, ଆଉ କେଉଁଠି ଆଉ ଥାକେ ଛୁଆ ଫୁଟାଇ ପୁରୁଣା ଦେଖାକୁ ଫେରିଛନ୍ତି । ଚଢ଼େଇ ହେଲେ ବୋଲି ମାତୃଭୂମି ପ୍ରତି ତାଙ୍କର ମାୟା ମମତା କଣ କମ୍ ଭାବିଛ ? ଏଇଠି ଛୁଆପିଲାଙ୍କୁ ଥଇଥାନ କରିବା ମତଲବରେ ଅଛନ୍ତି ବୋଧହୁଏ ।"

"ନଭେମ୍ବରରେ ଘରଚଟିଆ ଛୁଆ ? ଅସମୟରେ ?"

"ମଣିଷଙ୍କ ଘରେ ରହି ମଣିଷଠୁଁ ସବୁ ଶିଖୁଛନ୍ତି । ଶୁଣନା ଆହୁରି ମଜା କଥା । ବେଡ଼ ଲେମ୍ପ୍ ଆଲୁଅରେ ବସିଥାଏ । ହାତ ସିମିତି କଳ ପରି ପଟି ଭିଜାଉଥାଏ, କପାଳରେ ବସାଉଥାଏ । ଏମିତି ପ୍ରାୟ କୋଡ଼ିଏ ପଚିଶ୍ ମିନିଟ୍ ବସିଲି । ଏଥର ଭୟ ସେତେ ଲାଗୁନଥାଏ । କାରଣ 'ଆମେ ପାଞ୍ଚଜଣ' ବୋଲି ଭାବନା ମନକୁ ଦମ୍ଭ ଦେଉଥାଏ । ଶବ୍ଦ କହିଲେ ତୁମ ଘଡ଼ିର ଟିକ୍ ଟିକ୍ ଶବ୍ଦ ସହିତ ମୋ' ଛାତିର ଧପ୍ ଧପ୍ ଶବ୍ଦର ତାଳ । ଏଇ ତାଳ ଶୁଣି ଶୁଣି ପୁଣି ଘୁମ ଆସିଲା ମୋତେ । ସସ୍ତି ମଣିଷକୁ ନିଦ ଦିଏ ।"

Digitized by srujanika@gmail.com

"ସକାଳଯାଏଁ ସେଇ ସପ୍ତି ଭାବ ରହିଲା ତେବେ ? ଔଷଧ ?"

"ଗୁହ ନା' । କାହିଁକି ମିଛରେ ଔଷଧ ଔଷଧ ହେଉଚ ? ପୁରୁଷମାନଙ୍କ ମୋଟେ ଧୈର୍ଯ୍ୟ ନାହିଁ ଦେଖୁଚି । ତା'ପରେ ବାବା ! କି ଦୁଃସ୍ୱପ୍ନ । ମୋତେ ବର୍ତ୍ତମାନ କି ସତ ପରି ଲାଗୁଚି । ମୋତେ ଜଣାଗଲା ଯିମିତି ବୁଢ଼ୀ ଡ଼ାହାଣୀଟାଏ ମୋ ଛୁଆ ଦିହିଁଙ୍କତ ହାତମୁଠାରେ ଗପ୍ କରି ଧରି ନେଇଯାଉଚି । ଡ଼ାଙ୍ଗରପୋଡ଼ା କରିବ । ହାଉଳି ଖାଇ ତୁମକୁ ଡ଼ାକିଲି, "ଦଉଡ଼ି ଆସ, ଦଉଡ଼ି ଆସ", କହିଲି, "ଆମ ଛୁଆଙ୍କୁ କିଏ ନେଇଗଲା, ମାରିଦେଲା ।" ମୋ' କଥା ପାଟିରୁ ବାହାରିଲା କି ନାଇଁ "ଚେଚେର, ଚେଚେର" ଶବ୍ଦରେ ଘର ଭରପୂର ହୋଇଗଲା, କାନ ଅତଡ଼ା ପଡ଼ିଲା । ଦରଚେତା ଅବସ୍ଥାରେ ବି ମୁଁ ବୁଝିପାରିଲି ପୂର୍ବର ଚେଁ ଚେଁ ଶବ୍ଦରୁ ଏହା ଫରକ୍ । ଭାବିଲି ଏ ଫେର୍ କିଏ ଆସିଲା । ରାତିଯାକ ଏମିତି ଅତିଥି ଅଭ୍ୟାଗତ ଆସୁଥିବେ । ମୁଁ ଉଠୁଥିବି ଆଲୁଅ ଜାଳୁଥିବି । ବାଧହୋଇ ବଡ଼ ଆଲୁଅ ଜାଳି ଉପରକୁ ଚାହିଁ ଦେଖିଲି ଆଲକାତରା ଦିଆ କଡ଼ି ଓ ଧଳା ଛାତ ମଝିରେ ବଡ଼ ଚଟିଆଟିଏ ।"

"ବିଲ ବାଡ଼ିର ଦଳଟାଯାକ ଚଟିଆ ପଲ ପଲ ହୋଇ ଘର ଭିତରକୁ ଆସିବା ମତଲବ୍‌ରେ ଥିଲେ ନା କ'ଣ ?"

"ତୁମେ କିଛି ବୁଝୁନ, ବୁଝିବାର ବି ଚେଷ୍ଟା କରୁନ । ଦେଖୁନ, ସେ ବି ମୋରି ପରି ରାତିଯାକ ଉଜାଗର ହୋଇ ତା' ଦୁଇଛୁଆଙ୍କୁ ଜଗି ବସିଚି । ଏ ନୂଆ କାକରରେ ବୁଲି ବୁଲି ତା' ଦି ଛୁଆଙ୍କୁ ବି ଜର । ନହେଲେ ପାଖକୁ ପାଖ ଲଗାଲଗି ହୋଇ ଭାଇଭଉଣୀ ପରି ତା' ଛୁଆଦିହେଁ ଆଖି ବୁଜି ବସିଥାନ୍ତେ କାହିଁକି ? ଶୀତ ଲାଗୁଥିବ ତାଙ୍କୁ । ମୋ' ମୁଣ୍ଡକୁ ଖିଆଲ ପଶିଲା ଯିମିତି ସେ ବି ମୋରି ପରି ଦୁଃସ୍ୱପ୍ନ ଦେଖି ଚମକି ଚିତ୍କାର କରି କାହାକୁ ଡ଼ାକୁଚି, "ଧାଇଁ ଆସ, ଡ଼ାଆଣୀ ବୁଢ଼ୀ ଆମ ପିଲାଙ୍କୁ ନେଇଯାଉଚି, ପୋଡ଼ିପାଡ଼ି ପଖାଳ ଖାଇବ ବୋଲି ।" ମୋର ବୁଝିବାକୁ ବାକୀ ରହିଲା ନାଇଁ ସେ ବି ମୋରି ପରି ଅଭାଗିନୀ ମାଆ । ପିଲାଙ୍କ ଲାଗି ବ୍ୟତିବ୍ୟସ୍ତ ହୋଇପଡ଼ିଚି । ଦୂର ପୋଖରୀ ହୁଡ଼ାର ଝଙ୍କା ବରଗଛର ପେଚାର ଡ଼ାକ ସେ ବି ଶୁଣିଥିବ ନିଶ୍ଚୟ । ମୋର ଭୟ ହେଲା ହେଲା ମୁଁ ମୋ' ପିଲାଙ୍କ ଜୀବନ ଡ଼ାହାଣୀ ବୁଢ଼ୀ ହାବୁଡ଼ରୁ ଫେରାଇ ଆଣିପାରିବି ତ ।"

"ଏତେ କଥା ହେଲା, ଏତେ ଅବସ୍ଥା ଭୋଗିଲ, ତଥାପି ମୋତେ ଡ଼ାକିଲ ନାଇଁ ତୁମେ ସବୁ ଦେଖିଲ, ଶୁଣିଲ, ସହିଲ ଜାଣିଲ; ମତେ ସାଙ୍ଗ କଲନି, କାହିଁକି ?"

"ଖାଲି କ'ଣ ଏତିକି ? କାଲି ରାତିରେ ମୋର ବେଶ୍ ଜ୍ଞାନ ହେଲା ଆମେ ଯେତେବେଳେ ମୂର୍ଚ୍ଛାର ହୋଇ ଶୋଇଯାଉ ଦୁନିଆଁର କେତେ କେତେ ଆଶ୍ଚର୍ଯ୍ୟ ଦୃଶ୍ୟ, ରହସ୍ୟମୟ ଶବ୍ଦ ଓ ଘଟଣା ଆମର ଅଦେଖା, ଅଶୁଣା, ଅଜଣା ରହିଯାଏ । କଷ୍ଟକରି କୃଚ୍ଛ୍ର ସାଧନା କରି ଯେ ସଂଯମୀ ନିଶା ଜଗିରହେ ସେ ସିନା ସବୁ ଦେଖିପାରେ,

Digitized by srujanika@gmail.com

ଜାଣିପାରେ । କାଠ ମୁଣ୍ଡାଟାଏ ହୋଇ ଶୋଇରହିଲେ ଅଜବ୍ ଦୁନିଆଁ ଅନ୍ଧାର ଦୁନିଆଁ ପରି ଜଣାଯିବ ।"

"ମୋତେ ଉପଲକ୍ଷ୍ୟ କରି କାହିଁକି ଆଉ ଗାଳିଗୁଲଜ କରୁଚ ? ଯାହା ତ ହେବାର ହେଲା । ଔଷଧ ଦେଲ ନା ନାହିଁ ।"

"ତୁମେ କ'ଣ ଭାବିଛ ପାନେ ଔଷଧରେ ରୋଗ, ଭଲ ହୋଇଯାଏ ? ବିନା ଔଷଧରେ ମୋର ଦୁର୍ବଳତା କିମିତି ଉଭେଇଗଲା ? ପ୍ରକୃତରେ ଏଥର ମୋର ସାହସ ବଢ଼ିଲା । ଦୁଇ ମାଆ ଚାରିଛୁଆଙ୍କୁ ଧରି ଏକାପରି ଏକାଠି ଜାଗର ଜାଳିଲୁଁ 'ଏକା' ମନ୍ଦିରରେ ତା' ଏକା ଉଦ୍ଦେଶ୍ୟ ରଖି । ମୋର ଆଉ ସନ୍ଦେହ ରହିଲା ନାହିଁ ତା' ପିଲାଙ୍କ ଅସୁଖ ବିଷୟରେ । ନହେଲେ ତାଙ୍କ ମାଆ ଉଜାଗର ରହନ୍ତା କାହିଁକି, ଏତେ କାନ ପତଳା ହୁଅନ୍ତା କାହିଁକି ? କ୍ରମେ କଡ଼ି ବରଗାର ସେଇ ଚଢ଼େଇଟିକୁ ମୋ' ନିଜ ମା'ପେଟର ଭଉଣୀ ପରି ଲାଗିଲା । ଯେମିତି ଦି'ଭଉଣୀ ନିଜ ପିଲାପିଲି ନେଇ ବାପ ଘରକୁ ଆସିଛୁଁ, ଏଠି କେତେ ଦିନ ସୁଖ ଦୁଃଖରେ କଟାଇ ପୁଣି ନିଜ ନିଜ ଘରକୁ ଫେରିଯିବୁ ।"

"ଏବଂ ଔଷଧ ତା' ଜାଗାରେ ପଡ଼ିଥିବ, ଏବଂ ଡ଼ାକ୍ତର ସକାଳୁ ମୋତେ ଗାଳିଗୁଲଜ କରୁଥିବେ ।"

"ନା, ସେ ଭୟ କର ନି । ତେବେ ଆରାମ ପ୍ରକୃତରେ ହାରାମ । ନିରାପତ୍ତା ମଣିଷକୁ ଦାୟିତ୍ୱହୀନ କରେ । ପୁଣି ଆଲୁଅ ଲିଭାଇ ମୁଁ ଶୋଇଗଲି । ଭାବିଲି ମୁଁ ଶୋଇଲାବେଳେ ଭଉଣୀ ଜଗିଦବ ମୋ' ପିଲାପିଲିଙ୍କୁ । ମୁଁ ଦଣ୍ଡେ ଶୋଇଯାଏ, ଆଖିପତା ପୋଡ଼ିଲାଣି ।"

"ମାଉସୀ ଜଗିଦବ, ଔଷଧ ଖୁଆଇ ଦବ, ଜଳପଟି ଦବ, ଜର ଦେଖିବ, ତୁମକୁ ତିନିଟାବେଳେ ଡ଼ାକିଦବ । କ'ଣ ଯେ କୁହ ।"

"ଏଥିରେ ଆଶ୍ଚର୍ଯ୍ୟ କ'ଣ ? ବିଶ୍ୱାସ କଲେ ହେଲା । ତୁମେ କ'ଣ ଭାବିଛ ଏଲାରାମ ଘଡ଼ି ଛଡ଼ା ଆଉ କେହି ମଣିଷକୁ ଠିକ୍ ସମୟରେ ଚେତାକରାଏ ନାହିଁ ? ଏ ଯନ୍ତ୍ର ତିଆରି ପୂର୍ବରୁ ଲୋକେ ତ ପୁଣି ଠିକ୍ ସମୟରେ ଉଠୁଥିଲେ, ଛୁଆପିଲାଙ୍କ ନାଡ଼ୀ ଦେଖୁଥିଲେ, ଅନୁପାନ ବାଟି ଘୋରି ଔଷଧ ପିଆଉଥିଲେ ।"

"ଔଷଧ ସବୁ ଶେଷରେ ଦେଲ ତେବେ ?"

"ତୁମ ଘଣ୍ଟାର ଏଲାରାମ ବାଜିଲା କି ନାହିଁ ମୁଁ କହିପାରିବି ନାହିଁ । କେତେ ସମୟ ଶୋଇଲି ବି କହିପାରିବି ନାହିଁ । ପୁଣି ଚେରେ, ଚେର୍‌ରେ ଚେଚେର, ଚେର୍‌ରେ, ଶବ୍ଦରେ ନିଦ ଭାଜିଗଲା । ଏ ଶବ୍ଦଟା ବଡ଼ ରୁକ୍ଷ, କର୍କଶ, ମିଠା ମୋଟେ ନୁହେଁ । ହେଲେ ହୁକୁମ ଦେବା ଗଳା, ମାଲିକାନା ସ୍ୱର । ଏ ସ୍ୱର ଶବ୍ଦ ଯିମିତି ବନ୍ଦ ହେବାର ନୁହେଁ । ତୁହାକୁ ତୁହା ଆସୁଥାଏ । ଏଇ ଶବ୍ଦ ସାଂଗକୁ କାନକୁ ଅତଡ଼ା କରି ବାଜି

Digitized by srujanika@gmail.com

ଉଠିଲା ଜେଲଖାନା ଘଣ୍ଟା, କଚେରୀ ଘଣ୍ଟା, ପାୱାର ହାଉସ୍ । ଘଣ୍ଟା, କରତକଳ ଘଣ୍ଟା, ଆହୁରି କେତେ ଅଜ୍ଞାତ ସ୍ଥାନର ଘଣ୍ଟା । 0° 0° 0° – ତିନିଟା ଯିମିତି ଦୁନିଆଁର ସବୁ ଘଣ୍ଟା ଏଇ ଆଦେଶ ଅପେକ୍ଷାରେ ରହିଥିଲେ । ନିଥର ବାୟୁ ତରଙ୍ଗରେ ଘଣ୍ଟାଗୁଡ଼ାକର ଶବ୍ଦ ମିଳାଇ ଯାଇଚି କି ନାଇଁ ଚେର୍‌ରେ, ଚେର୍‌ରେ, ଚିଁ ଚିଁ, ଚେଚେର୍ ଚେଚେର୍, ଚେଁ ଚେଁ ରାବରେ କୋଠରୀଟା ଭରପୂର ହୋଇଗଲା । ବୁଲ୍‌ବୁଲ୍ ଟୁନ୍‌ଟୁନି ବି ଚେତା ହୋଇ 'ମାଆ' 'ମାଆ' ଡ଼ାକିଲେ । ମୋତେ ସତକୁ ସତ ଜଣାଗଲା ଘରଚଟିଆ ବଂଶ ଆମ କୋଠରୀଟାକୁ ଦଖଲ କରିଗଲେ ।"

"ମୁଁ ହୋଇଥିଲେ ଭାବିଥାନ୍ତି ଗୋଟାଏ ଭୌତିକ କାଣ୍ଡ ବୋଲି, ଯିମିତି ଗଳା ଦଉଡ଼ିଆଟା ଆଶ୍ରା କରିଗଲା ଆମ ଘରେ ।"

"ଯେ କେହି ଅଜାଣୁଆ ସେମିତି ଭାବନ୍ତା । ପୁଣି ଆଲୁଅ ଜାଳିଲି । ପୁଣି ଉପରକୁ ଚାହିଁ ଦେଖେଁ ତ ଏଇ ପୁରୁଣା ବସା ଭିତରେ ଥାଇ ମୁଣ୍ଡ କାଢ଼ି ଅନାଉଚି ଘରର ମାଲିକ । ଚଢ଼େଇ ପିଲାଙ୍କ ବାପା । ବେକତଳେ ତା'ର କଳା ଦାଗ । ଝାଡ଼ିଝୁଡ଼ି ହୋଇ ଏପାଖ ସେପାଖ ଡେ଼ଣା ମେଲାଇ ଅଳସ ଭାଙ୍ଗିନେଉଚି । ଆଲୁଅଟା ଆଖିରେ ଅଭ୍ୟାସ ହେଲାପରେ ସେ ଚାହିଁଲା କଡ଼ି ବରଗା ଉପରର ତା ମେମ୍‌ସାହେବକୁ ଓ ପରେ ଦୋଳିରେ ଝୁଲନ୍ତ ଅବସ୍ଥାରେ ଥିବା ତା'ର ବୁଲ୍‌ବୁଲ ଟୁନ୍‌ଟୁନିକୁ । ଗୁଡ୍ ମର୍ଣ୍ଣିଂ ଶବ୍ଦରେ ଘରଟା ଆନନ୍ଦମୁଖର ହେଲା ।"

"ଯା ପରେ ଘଡ଼ି ଦେଖି ଔଷଧ ଦେଲ ତ ?"

"ମଲା ! ଦୁନିଆଯାକର ଘଡ଼ି ଘଣ୍ଟାରେ ତିନି ବାଜିଲା, ତୁମ ଘଡ଼ି ଦେଖିଲେ କ'ଣ ବାରଟା ବାଜିଥାନ୍ତା । କାହାକୁ ଡ଼ାକିବାକୁ ପଡ଼ିଲା ନାହିଁ । ଔଷଧ ଦେଇଦେଲି । ହାତ ଦେଉ ଦେଖେଁ ଦୁହିଁଙ୍କ ଦିହରେ ତାତି ନାଇଁ । ଦୁହେଁ ଖାଇବାକୁ ମାଗିଲେ । ଉପର ତା'ପର ଖଣ୍ଡିକରେ ଟିକି ଚଢ଼େଇ ଦି'ଟା ଅଲଗା ଅଲଗା ହୋଇ ପରସ୍ପର ଥଣ୍ଟକୁ ଖୁମ୍ପିବାକୁ ଲାଗିଲେ । ତାଙ୍କୁ ବି ବୋଧହୁଏ ଭୋକ ଲାଗିଲା । ଦଣ୍ଡେ ପରେ ଦୁହେଁ ପାଖକୁ ପାଖ ଘୁଞ୍ଚିଆସି ଥଣ୍ଟ, ଆଖି, ମୁଣ୍ଡ ପର ଭିତରକୁ ଟାଣିନେଲେ । ଆଉ ଚଢ଼େଇ ପରି ଦିଶିଲେ ନାହିଁ । ମୋତେ ଜଣାଗଲା ସେମାନେ ସବୁ ପରୀରାଜ୍ୟର ଜୀବ । ସକାଳେ ଉଠି ଦେଖେଁ କେହି ନାହାନ୍ତି, ଯେଉଁ ଶୂନ୍ୟରୁ ଆସିଥିଲେ ସେଇ ଶୂନ୍ୟରେ ଉଭାଇଗଲେ ।"

"ସ୍କାଇଲାଇଟ୍ ଦେଇ ଉଡ଼ିଯାଇଥିବେ । ମୋତେ ଟିକେ ଡ଼ାକଲ ନାଇଁ । ଆଚ୍ଛା ! ନ ଡ଼ାକିଲି ନାଇଁ, ସେ ନେକ୍‌ଟାଇବନ୍ଧା ଅଣିରା ଚଢ଼େଇଟାକୁ ପଚାରିଲ ନାଇଁ କାହିଁକି ସେ ସ୍ତ୍ରୀ ପିଲାପିଲିଙ୍କି ବାହାରେ ରଖି ନିଜେ ଆରାମରେ ନିଦକ ହୋଇ ବସା ଭିତରେ ଶୋଇଥିଲା ?"

"ତା ହେଲେ ତ ମୋତେ ତୁମକୁ ଉଠାଇବାକୁ ପଡ଼ିଥାନ୍ତା । ତୁମେ ସବୁ କଣ ଘର

Digitized by srujanika@gmail.com

ଚଳାଅ ନା ଘରକଥା ବୁଝ ? ଆମେ ସବୁ ଦେଖୁଁ ବୁଝୁଁ, ତୁମେ ସବୁ ଗୋଟାଏ ଗୋଟାଏ ଦମ୍ଭ ଖୁଣ୍ଟ ମାତ୍ର ।"

"ଆଉ ଯେତେବେଳେ ସେ ଆସିବ ମୋତେ ଟିକେ ତାକୁ ଦେଖାଇବେ ତ ।"

"ମଲା, ଏଇଲାଗେ କହୁଥିଲ ପରା ତା' ବସାଟାକୁ ଭାଙ୍ଗିଦବ ବୋଲି ।"

"ମୁଁ କ'ଣ ତାକୁ ଚିହ୍ନିଥିଲି, ନା ସ୍ୱରୂପ ଜାଣିଥିଲି ?"

"ତେବେ ଏବର୍ଷ ବି ଆମ ଘରେ ସେମାନେ ରହିବେ ?"

"ରୁହ, ମୁଁ ଆଗ ଠିକ୍ କରେଁ, ଏଘର ତାଙ୍କର ନା ଆମର ।"

# ନଙ୍ଗୁଳି

"ଆଉ କେତେଦିନ ଯାଏଁ ପିଲାଟା ଲଙ୍ଗଳା ହୋଇ ବୁଲୁଥିବ ? ଘରେ କଣ ଜାମାପଟା କିଛି ନାହିଁ ?"- ଲିଙ୍ଗରାଜ ବାବୁ ପଚାରିଲେ ।

ଆଦ୍ୟାଶକ୍ତି ଦେବୀ ପଟାପଟ ଉତ୍ତର ଦେଲେ "ବୁଲୁଥାଉ ଆଉ କେତେବର୍ଷ ଖୋଲା ହାଓ୍ୱାରେ, ବଢୁଥାଉ ଉନ୍ମୁକ୍ତ ପ୍ରକୃତି କୋଳରେ । ଅନ୍ତତଃ ବଡ଼ଭାଇମାନଙ୍କ ପରି ନଳୀ ପେଣ୍ଟ ଚୁଚୁନ୍ଦ୍ରା ଜୋତା ପିନ୍ଧିବା ଯାକେ । ବଡ଼ହେଲେ ଆଉ କ'ଣ ସେ ଲଙ୍ଗଳା ହୋଇପାରିବ ? ମୋତେ ବଡ଼ ଆଶ୍ଚର୍ଯ୍ୟ ଲାଗୁଛି ତମେ ସବୁବେଳେ 'ଲଙ୍ଗଳା' 'ଲଙ୍ଗଳା' କଥାଟାକୁ ଖୁବ୍ ଜୋର ଦେଉଛ । କାହିଁକି ?"

"ତୁମେ କାରଣ ଜାଣିପାରୁନ । ପିଲାଟା ଅସଭ୍ୟଙ୍କ ପରି ସବୁବେଳେ ଲଙ୍ଗଳା ହୋଇ ବୁଲୁଛି । ଦୋ-ଅକ୍ଷରି ବି ଆରମ୍ଭ କରିଦେଲାଣି । ତୁମକୁ ସବୁ ଦିଶୁଛି, ଶୁଭୁଛି । କିନ୍ତୁ ତମେ ଆଖିକାନ ବନ୍ଦକରି ଦଉଛ । ତିନିତିନିଟାରେ ସର୍ବନାଶ ହେଲା । ଏଇଟାକୁ ବି ସାରିବ, ଦେଖୁଛି ।"

"କି ଆଶ୍ଚର୍ଯ୍ୟ କଥା । ପିଲା ଦିହରେ ମୋଟେ ଲୁଗାଜାମା ରଖୁନି । ମୋ ଦୋଷ ? ତୁମେ ନିଜେ ଯେଉଁ ଚାକର ରଖିଥିଲ ସେ ତାକୁ ଦୋ-ଅକ୍ଷରି ଶିଖାଇଲା, ମୋର ଦୋଷ ? ତୁମେ ନିଜେ ତ ସକାଳ ସଞ୍ଜରେ ହରି, ରାମ, କୃଷ୍ଣ ଆଦି ଦୋ-ଅକ୍ଷରି ଜପୁଛ । ତୁମେ ତ ଅସଭ୍ୟ ନୁହ, ତମ ତୁଣ୍ଡ ଖରାପ ହଉନି । ବଡ଼ପିଲାଙ୍କୁ ତ ତୁମେ ଶିକ୍ଷାଦିକ୍ଷା ଦେଇଛ । ବୁଢ଼ାକାଳରେ ତୁମେ ପ୍ରକୃତିଛଡ଼ା ହେଲଣି ଦେଖୁଛି ।"

"ତୁମକୁ ସେ ବୁଢ଼ା ହନୁମାନ ଖାଇଲାଣି । ଜାଣିଥାଅ ତାଙ୍କ ଫ୍ରଏଡ୍ ଏକ ବିରାଟ

Digitized by srujanika@gmail.com

ଫ୍ରଡ୍, ଭଣ୍ଡାମି । ସେ ଲୋକଟା ସବୁବେଳେ ଅଶ୍ଳୀଳ ଭିତରେ ବୁଡ଼ି ରହିଥାଏ । ତା' ମୁହଁରେ ବାତ୍‌ବଟା ନଥାଏ । ଉଦ୍ଭଟ ତା'ର ଚିନ୍ତାଧାରା । ଫ୍ରୟେଡ୍ ସାଙ୍ଗକୁ ଚାର୍ବାକ, ଓମର ତା'ର ଆଦର୍ଶବାଦ ଗଢୁଛନ୍ତି । ତୁମେ ପୁଣି ତାରି ଦର୍ଶନ ସାଂଗକୁ ପଇସା ଲୋଭରେ ପରିବାର ନିୟନ୍ତ୍ରଣରେ ପଶିଲଣି । ତୁମର ଲଜ୍ଜା ସରମ ସବୁ ଗଲାଣି ।"

"ତମଠୁ ବଡ଼ ଦୁର୍ବୃତ୍ତ ଯୌବନରେ ଆଉ କିଏ ଥିଲା ? ମୁଁ ତୁମ ଇତିହାସ ଭୂଗୋଳ ସବୁ ଜାଣେ । ଚୌରାଙ୍ଗୀ ବିଶ୍ୱବିଦ୍ୟାଳୟର ଛାତ୍ର ତମେ । କାଳିଦାସ, କୀଟାସ, ବାଇରନ, ଜଏସ୍, ଲରେନ୍ସ ତୁମ ଜିହ୍ୱାଗ୍ରେ । କାମଶାସ୍ତ୍ର ତୁମର କଣ୍ଠସ୍ଥ । ରୁଚିଗର୍ହିତ ଛବିସବୁ କାନ୍ଥରେ ଝୁଲାଇ, ତକିଆ ତଳେ ରଖି ଜୀବନ କଟାଇଛ । ଏବେ ପଣ୍ଡିଚେରୀ ଯାଇ ଓଁକାର ପତ୍ରିକା ଜରିଆରେ ଧର୍ମ ପ୍ରଚାର ଆରମ୍ଭ କରିଦେଇଛ । କିନ୍ତୁ ମନେରଖ ପରିବାର ନିୟନ୍ତ୍ରଣ ବିଜ୍ଞାପନ ନ ପାଇଲେ ତମ କାଗଜ ବୁଡ଼ିଯାଆନ୍ତା ।"

"ଥାଉ ଥାଉ ତୁମର ବକ୍ତୃତା । ବେଥୁନ ବା ବେବୁନ କଲେଜର ପାଠଗୁଡ଼ାକ ମୋତେ ପଢ଼ାଅ ନାହିଁ । ତମେ ତ ନିଜେ ଅଧଲଙ୍ଗଳା ପୋଷାକ ପିନ୍ଧି ବୁଲୁଛ, ସ୍ୱାମୀ ହୋଇ ବି ମୋର ଲଜ୍ଜା ହୁଏ ତୁମ ପୋଷାକ ପରିପାଟୀରେ । ଆମର ସଂସ୍କୃତି, ସଭ୍ୟତା, ପରମ୍ପରା ଆଚର ବ୍ୟବହାର ସବୁ ବୁଡ଼ିଛି ତୁମପରି ସ୍ତ୍ରୀଙ୍କ ଯୋଗୁଁ । ମାଆ ନିଜେ ଲଙ୍ଗଳା ହେଲେ ପିଲାଏ ଲୁଗା ପିନ୍ଧିବେ କାହିଁକି ? ସେମାନେ ଅବଶ୍ୟ ଅସଭ୍ୟ ହେବେ ।"

"ଦେଖ, ସବୁ ଲଙ୍ଗଳା ଅସଭ୍ୟ ନୁହନ୍ତି । ସଭ୍ୟ ଦେଶରେ ଅନେକ ଲଙ୍ଗଳା ଉପନିବେଶ ଅଛି । ସବୁ ଲଙ୍ଗଳା ଅସଭ୍ୟ ହେଲେ ଲୋକେ କୋଣାର୍କ, ଖଜୁରାହୋ, ଅଜନ୍ତା, ଗ୍ରୀସ୍ ଓ ରୋମକୁ ଯାଆନ୍ତେ କାହିଁକି ?"

"ମୁଁ ଗ୍ରୀସ୍, ରୋମ କଥା ବୁଝେନାହିଁ । ନିଜଘର ସଜାଡ଼ିବା ଏଥର ।"

"ଆଉ ସଜାଡ଼ିବାକୁ ଅଛି ? ବଡ଼ପୁଅ ତ କଳା ନାଆଁରେ ଲଙ୍ଗଳା ଛବି ଆଙ୍କୁଛି, ସେଥିପାଇଁ ସେ ନାମଜାଦା କଳାକାର । ମଝିଆଁ ପୁଅ ଗାଇନୋ, ଏନାଟମି ଓ ଜୁରିସ୍ ପଢ଼ି ଡ଼ାକ୍ତର ହବାକୁ ଯାଉଛି । ଝିଅ ତ 'କ୍ଷମାନୁକମ୍ପାଧର' 'ଖେଳାଖଞ୍ଜାଗିଟ' ଓଡ଼ିଶୀ ନାଚ ଦେଖାଇବାକୁ ଦେଶ ଦେଶ ବୁଲିଲାଣି । ସେମାନଙ୍କୁ ନେଇ ତୁମେ ଗର୍ବ କରନା, ତାଙ୍କୁ ଅଶ୍ଳୀଳ ଅପଦାର୍ଥ, ଅସଭ୍ୟ ବୋଲି ଭାବ ?"

"ତୁମ ସାଂଗରେ ଯୁକ୍ତିତର୍କ କରି ଲାଭ ନାହିଁ । ତୁମେ ଟିକିଏ ଅତି ବେଶୀ ଆଧୁନିକା, ପ୍ରଗତିଶୀଳା, ପାଶ୍ଚାତ୍ୟପ୍ରେମୀ ହୋଇଯାଇଛ । ତା'ଛଡ଼ା ପଇସା ଲୋଭରେ ନାନା ଲୋକଙ୍କ ସଂଶ୍ରବରେ ଆସି ଦ୍ୱାର ଦ୍ୱାର ବୁଲି ପରିବାର ନିୟନ୍ତ୍ରଣ ପ୍ରଥା ବୁଝାଇ କଳକବ୍ଜା ଯନ୍ତ୍ରପାତି ଔଷଧ ବଡ଼ିବଟିକା ବାଣ୍ଟି ନାରୀତ୍ୱ ହରାଇଲଣି । ଯାହାହେଲା ତ ହେଲା । ଏଥର ଆସ ସାନ ପିଲାଟାକୁ ନୂଆକରି ଗଢ଼ିବା । ତାକୁ ଲଙ୍ଗଳା ପାଠ ପଢ଼ାଅ ନାହିଁ ।"

ଓଁକାର ପତ୍ରିକା ସମ୍ପାଦକ ଲିଙ୍ଗରାଜ ବାବୁ ଏବଂ ପରିବାର ନିୟନ୍ତ୍ରଣ ଉପଦେଶିକା ତଦୀୟ ପତ୍ନୀ ଆଦ୍ୟାଶକ୍ତି ଦେବୀ ଏବେ ଏବେ ଦାମ୍ପତ୍ୟ ପ୍ରେମ ଅପେକ୍ଷା ସଂଘର୍ଷ ଓ

Digitized by srujanika@gmail.com

ବାଦବିସମ୍ବାଦକୁ ପସନ୍ଦ କରନ୍ତି । ବୌଦ୍ଧିକ ସ୍ତରରେ ସେମାନଙ୍କ କଥାବାର୍ତ୍ତା, କଳିତକରାଳ । ଉଭୟେ ଉଚ୍ଚଶିକ୍ଷିତ, ତୀକ୍ଷ୍ଣ ବୁଦ୍ଧିସମ୍ପନ୍ନ । ଅନ୍ୟଥା ଏକ ଦେହ, ଓ ମନ ହେଲେ ହେଁ ଦୁହିଁଙ୍କର ଆଦର୍ଶଗତ ବ୍ୟବଧାନ ଅପରଣୀୟ । ଦେଖା ସାକ୍ଷାତ ମାତ୍ରେ ସଂସ୍କୃତି ଓ ସଭ୍ୟତା ସମ୍ପର୍କରେ ଉଗ୍ର ଆଲୋଚନା ଆରମ୍ଭ ହୁଏ ।

ଲିଙ୍ଗରାଜ ବାବୁଙ୍କ ଆନ୍ତରିକ ଇଛା ଯେ, ଶେଷ ସନ୍ତାନ ପଦ୍ମଯୋନିକୁ ଆର୍ଯ୍ୟ ସଂସ୍କୃତି, ପରମ୍ପରା ଓ କୌଳିକ ପନ୍ଥାରେ ଚଳାଇବେ । ସେଥିପାଇଁ ପାଶ୍ଚାତ୍ୟ ତଥା ପାରିପାର୍ଶ୍ୱିକରେ ସମସ୍ତ କୁ-ପ୍ରଭାବରୁ ପିଲାକୁ ବଞ୍ଚାଇ ତାକୁ ସୁସ୍ଥ ଓ ସଂଯତ ମଣିଷ କରିବେ । ତାଙ୍କ ଧାରଣା ତାଙ୍କ ସର୍ବମୟ ପ୍ରଚେଷ୍ଟାର ଅନ୍ତରାୟ ସ୍ୱୀୟ ପତ୍ନୀ ଆଦ୍ୟାଶକ୍ତି ଦେବୀ ଯେ କି ପ୍ରତିବେଶୀ ଡ଼କ୍ଟର ହନୁମନ୍ତ ମିଶ୍ରଙ୍କ ପରାମର୍ଶରେ ପରିଚାଳନା ଓ ଆଦର୍ଶରେ ଅନୁପ୍ରାଣିତା । ଡ଼କ୍ଟର ମିଶ୍ର ଫ୍ରୟେଡ଼ବାଦୀ, ବସ୍ତୁବାଦୀ ବା ସିମିତି କିଛି । ପଦ୍ମଯୋନି (ଲିଙ୍ଗରାଜ ବାବୁଙ୍କୁ ଚିଡ଼ାଇବା ପାଇଁ ଆଦ୍ୟାଶକ୍ତି ଦେବୀ ତାକୁ ନଙ୍ଗୁଳି ବୋଲି ଡ଼ାକନ୍ତି) ଘର ଭିତରେ ଆବଦ୍ଧ ଥାଏ । ବାହାରକୁ ତାକୁ ଯିବାକୁ ଦିଆହୁଏ ନାହିଁ । ଚାକରବାକର ପିଲାଙ୍କ ଯୌନ ଶିକ୍ଷାର ଆଦିଗୁରୁ । ତେଣୁ ଘରେ ଚାକର ନାହାନ୍ତି । ସ୍କୁଲରେ ପିଲାଏ ଅଶ୍ଳୀଳତା ଶିଖନ୍ତି । ଅତଏବ ପଦ୍ମଯୋନି ସ୍କୁଲକୁ ଯାଏନାହିଁ । ଘରପାଖରୁ କୁକୁର, ଷଣ୍ଢ, ଛେଳି, ଗଧ, ପାରା, ଘରଚଟିଆ ଆଦି ପଶୁପକ୍ଷୀଙ୍କି ତଡ଼ି ଦିଆଯାଏ । ସେଗୁଡ଼ାଙ୍କ ମଧ୍ୟରୁ ଅଧିକାଂଶ ଲୁଗା ପିନ୍ଧନ୍ତି ନାହିଁ, ଉଭା ଲଙ୍ଗଳା । ତା'ଛଡ଼ା ସେଗୁଡ଼ାଙ୍କର ଅଶ୍ଳୀଳ ବ୍ୟବହାର । ଲାଇବ୍ରେରୀରୁ ବଛାବଛି କରି ଖରାପ ବହି ଅନ୍ତର କରି ଦିଆଯାଇଛି କାଳେ ପିଲା ଛବି ଦେଖି ନାନା କଥା ଜାଣିଯିବ ।

ବାପମାଆ ଥାଇ ମଧ୍ୟ ପଦ୍ମଯୋନି ଛେଉଣ୍ଡ । ଦୁଇଭାଇ ଓ ଭଉଣୀ ଘର ବାହାରେ ଦେଶ ବିଦେଶରେ ଥାଆନ୍ତି । ବାପମାଆ ଅଧିକାଂଶ ସମୟ ପତ୍ରିକା ସମ୍ପାଦନା ଓ ପରିବାର ନିୟନ୍ତ୍ରଣ ଯୋଜନା ପ୍ରଚାରରେ ନହେଲେ ଯୁକ୍ତିତର୍କରେ ବ୍ୟସ୍ତ । କେବଳ ପଡ଼ୋଶୀ ହନୁମନ୍ତ ମଉସା ଆସିଲେ ପିଲାଟି ସାମାନ୍ୟ ଆନନ୍ଦ ପାଏ । ମଉସା ତାକୁ ସିଂହମୂଷା, କୁଆଶିଆଳ ଗପ କହନ୍ତି, ରଜାରାଣୀ ଗପ କହିବାକୁ ତାଙ୍କୁ ମନା ।

ସେଦିନ କଳିଗୋଳ ରୁଷାରୁଷି ପରେ ଲିଙ୍ଗରାଜ ବାବୁ ଓ ଆଦ୍ୟାଶକ୍ତି ଦେବୀ ପଛକୁ ପଛକରି ଦୂରେଇ ହୋଇ ବସିଥାଆନ୍ତି ଶୋଇବାଘରେ । ପଦ୍ମଯୋନି ଦାଣ୍ଡଘରେ ବସି ସିଦ୍ଧିରସ୍ତୁ ଅକ୍ଷର ଚାରିଟା ମଡ଼ାଉଥାଏ ବାପାଙ୍କ ଦିଆ ଏକ ମସ୍ତବଡ଼ ପଥର ଖଡ଼ିରେ । ଏତିକିବେଳେ ଦାଣ୍ଡରେ ଡ଼ିବି ଡ଼ିବି ଡ଼ମ୍ବରୁ ଶୁଭିଲା । ଧଡ଼ପଡ଼ ହୋଇ ନଙ୍ଗୁଳି ଖଡ଼ି ଫୋପାଡ଼ି ଦେଇ ଝରକାକୁ ଉଠିଗଲା । ଦେଖିଲା ପଗଡ଼ିବାଲା ଲୋକଟାଏ ଗୁଡ଼ାଏ ରଙ୍ଗବେରଙ୍ଗ ବେଲୁନ ଉଡ଼ାଇ ଉଡ଼ାଇ କହୁଛି "ଦଶ ଦଶ ପଇସା ବେଲୁନ । ନାଲିରଙ୍ଗର ଠିଆ ଠିଆ ଲମ୍ବ ସାପଭଳି ବେଲୁନଗୁଡ଼ାକୁ ହାତମୁଠା ଭିତରେ ରଖି କଅଁର କଅଁର କଡ଼ା ଶବ୍ଦ ବାହାର କରୁଛି ଗରାଖ ଡ଼ାକିବା ପାଇଁ । ମାଆ ଥନ ପରି ଫିଙ୍କା

Digitized by srujanika@gmail.com

ହଳଦିଆ ରଙ୍ଗର ବେଲୁନ ଦୁଇଟା ଦେଖିଦେଲା ମାତ୍ରେ ଲୋଭ ସମ୍ଭାଳି ନପାରି ଘର ଭିତରକୁ ଯାଇ ବଡ଼ପାଟିରେ ଆଗ୍ରହରେ କହିଲା, 'ମାଆ, ମାଆ ! ପଇସା ଦିଅ, ବେଲୁନ କିଣିବି ।" ଆଦ୍ୟାଶକ୍ତି ଦେବୀ ଯିମିତି ତକିଆ ତଳୁ ଦଶପଇସିଟିଏ କାଢ଼ି ପୁଅ ହାତକୁ ଦେଇଛନ୍ତି ସିମିତି ଲିଙ୍ଗରାଜ ବାବୁ ଗର୍ଜି ଉଠିଲେ "ପଦ୍ମା ! ମୁଁ କହୁଛି ବେଲୁନ କିଣା ହବନି । ସେଗୁଡ଼ାକ ଅଳ୍ପକେ ନରମିଯାଏ, ବେଶୀଦିନ ରହେନା, ବାଜେ ଜିନିଷ ।"

ପିଲାଟି ମୁହଁ ଶୁଖାଇ ଫେରିଗଲା । ଦଶ ପଇସାଟିଏ ଧରିଥାଏ ଆଉ ଚାହିଁଥାଏ ପଡ଼ିଶା ବାଡ଼ିର ପିଜୁଳି ଗଛକୁ । ଦେଖିଲା ମାଙ୍କଡ଼ଟାଏ କଚକଚ କରି କଷି ପିଜୁଳିକୁ ଚୋବାଇ ଖାଇଯାଇଛି, ତା' ଆଡ଼କୁ ଦାନ୍ତ ନିକୁଟିଛି । ଏକା କୁଦାକେ ଗଛକୁ ଝରକା ଦେଇ ଡ଼େଇଁଯିବ ଭାବିଲା । ହେଲେ ବାପା ଅଛନ୍ତି ମାଙ୍କଡ଼ ପରି ଡ଼େଇଁବାକୁ ମନାକରିବେ ।

ପୁଣି ଡ଼ିବି ଡ଼ିବି ଡ଼ବି !

ସାପୁଆ କେଳାଟାଏ ଭାରେ ସାପପେଡ଼ି ନେଇ ଚାଲିଛି । ଗୁଡ଼ାଏ ପିଲା ପଛେ ପଛେ ଚାଲିଛନ୍ତି ।

"ବାପା ! ବାପା ! ସାପ ଖେଳ ଦେଖିବି । ଡ଼ାକିବି ତାକୁ ?"

ଲିଙ୍ଗରାଜ ବାବୁଙ୍କ ହଠାତ୍ ମନେପଡ଼ିଲା ସାମ୍ପ୍ରତିକ ସାହିତ୍ୟର ସାପୁଆ କେଳା ବୋଲି କବିତାଟି, ଯହିଁରେ ଅତିମାତ୍ରାରେ ଯୌନ ସଂକେତ ଓ ରୂପକଳ୍ପ ଥିଲା । କହିଲେ, "ନା, ନା, ସାପଖେଳା ହୋଇପାରିବ ନାହିଁ ଆମ ଘରେ । ବଡ଼ ବିଷ ସାପଗୁଡ଼ାକର । କାଳନାଗ ଗୁଡ଼ାକ ବିଶେଷ କରି । ପିଲାଝିଲାଙ୍କୁ ଗୋଡ଼ାଇ କାମୁଡ଼ନ୍ତି ।" ଯା, ଯା, ଖଡ଼ି ଧରି ଅକ୍ଷର ମଡ଼ା ।

ନଙ୍ଗୁଳି ନିରାଶ ହୋଇ ପୁଣି ସ୍ୱ-ସ୍ଥାନକୁ ଗଲା । ଝରକା ଦେଇ ଦେଖିଲା ତାରି ଭଳି କେତେ ପିଲା ନାଚି ନାଚି କୋଳାହଳ କରି କେଳା ପଛରେ ଚାଲିଛନ୍ତି, କେଉଁଠି କାହାଘରେ ଖେଳ ହେଲେ ଦେଖିବେ ବୋଲି ।

ପ୍ରଧାନ ରାସ୍ତା ଉପରେ ଘରଟା । ସହରର ଯାନିଯାତ, ନାଚ ତାମସା, ପଟୁଆର, ଶୋଭାଯାତ୍ରା ସବୁ ସେଇ ରାସ୍ତା ଦେଇ ଜାଣିହୁଏ । ପୁଣି ଡ଼ିବି ଡ଼ିବି ଡ଼ିବି । ଏଥର ଶୁଭିଲା "ଯାଦୁ, ମେଜିକ ଖେଳ ।" ମାଆ ବୋଧହୁଏ ହିଁ ଭରିଥାନ୍ତେ ନଙ୍ଗୁଳିର ଅନୁରୋଧରେ । ମାତ୍ର ଲିଙ୍ଗରାଜ ବାବୁ କହି ଉଠିଲେ "ଛିଃ ଛିଃ, ଭଦ୍ରଲୋକ ସେ ଖେଳ ଦେଖନ୍ତି ନାହିଁ । ଝିଅଟି ଲଙ୍ଗଳା ହୋଇ ଖେଳ ଦେଖାଏ ପେଟତଳେ ବାଉଁଶ ଦେଇ । ଛୁଆଙ୍କୁ ସେମାନେ ଥଳିରେ ପୁରାଇ ନେଇଯାଆନ୍ତି ।"

ଯାଦୁଖେଳ ପ୍ରତି ନଙ୍ଗୁଳିର ସେତେ ଆଗ୍ରହ ନଥିଲା । ପିଲା ତ । ଯାହା ହେଲେ ପରିବର୍ତ୍ତନ ଚାହେଁ ତା ମନ । ବୁଢ଼ାବୁଢ଼ୀ ଦି'ଟା ସାଂଗରେ କେତେ କାଳ ରହିବ ସେ ରଙ୍ଗବେରଙ୍ଗ ଜୀବନ୍ତ ଦୁନିଆଁ ଠାରୁ ଦୂରେଇ ହୋଇ ।

Digitized by srujanika@gmail.com

ପୁଣି ଡ଼ିବି ଡ଼ିବି ଡ଼ିବି, କୋଳାହଳ ସାଂଗକୁ କୁକୁରଗୁଡ଼ାକର ଭୋ ଭୋ ।

ଅତିଷ୍ଠ ହୋଇ ନଙ୍ଗୁଳି ପୁଣି ଚାହିଁଲା ବାହାରକୁ । ବାବା ! କେଡ଼େ ବଡ଼ ଭାଲୁଟାଏ । କେତେ ପିଲା । ପୁଣି ବାପାଙ୍କ ପାଖକୁ ଯାଇ କହିଲା 'ବାପା ! ଭାଲୁ ନାଚ ଦେଖିବି ।'

ଲିଙ୍ଗରାଜ ବାବୁଙ୍କ ମୁଣ୍ଡରେ ଶିର ଗୋଟାଏ ଦି'ଟା ଛିଡ଼ିଗଲା ବୋଧହୁଏ। ପିଲାଟା ବି ମାଆ ସାଂଗରେ ଯୋଡ଼ି ବାନ୍ଧି ଆଜି ତାଙ୍କ ମୁଣ୍ଡଟାକୁ ପୁରାପୁରି ବିଗିଡ଼େଇ ଦବ ପରା । ତାଙ୍କର ହଠାତ୍ ମନେପଡ଼ିଲା ବୀର ପଣ୍ଡାଙ୍କ 'ଭାଲୁ ନାଚ' ବୋଲି ଆଧୁନିକ କବିତାଟି, ଭୀଷଣ ଅଶ୍ଳୀଳ ! କି କଦର୍ଯ୍ୟ ସଂକେତ ! ଏତେ ଜୋରରେ 'ନା' ବୋଲି ଚିତ୍କାର କଲେ ଯେ, ନଙ୍ଗୁଳି ନାଁ ନଙ୍ଗୁଳି ତା' ମାଆ ବି ଧଡ଼୍କିନା ଚମକି ପଡ଼ିଲେ । ମାଆ ଦଦ୍ଦଣ୍ଡେ ନିଜ ଛାତିରେ ଓ ନଙ୍ଗୁଳି ଦିହରେ ମେଞ୍ଚାଏ ଛେପ ଥୁକିଦେଲେ । ଭାଲୁଟା ଆଗରେ ପଡ଼ିଥିଲେ ବି ପିଲାଟା ଏତେ ଜୋର ଚମକି ନଥାନ୍ତା ।

ଦୈବକୁ ମଉସା ଡ଼କ୍ଟର ହନୁମନ୍ତ ମିଶ୍ର ସେତିକିବେଳେ ପ୍ରବେଶ କଲେ ବୋଲି ନଙ୍ଗୁଳି କାନ୍ଦ ସମ୍ଭାଳି ନେଲା । ସମସ୍ତେ ଚୁପ୍‌ଚାପ୍, ଘର ଶୂନଶାନ ଦେଖି ମଉସା ଆରମ୍ଭ କଲେ, "ଭାତ ଖାଇବା ବେଳଟାରେ ଦି'ଜଣ ଏତେ ବ୍ୟତିବ୍ୟସ୍ତ ହେଲା ପରି ଜଣାଯାଉଛ । କଥା କ'ଣ ?"

ଲିଙ୍ଗରାଜ ବାବୁ ଦଣ୍ଡେ ଗୁମ୍ ମାରି କହିଲେ, "ଆମର ପଦ୍ମଯୋନି ପିଲାଟା କିମିତି ମଣିଷ ହବ ସେଇ ଚିନ୍ତା ଆମକୁ ଖାଉଛି । ବଡ଼ କଷ୍ଟ । ସର୍ବତ୍ର ଅଶ୍ଳୀଳତା ।"

"ଗୋଟାଏ ଦୁଃସମ୍ବାଦ ନେଇ ଆସିଛି, ଲିଙ୍ଗରାଜ ବାବୁ !"

"ଦୁଃସମ୍ବାଦ ! କିଏ ମଲେ ?"

"ଆପଣଙ୍କ ସଂସ୍କୃତି, ପରମ୍ପରା, ସଂଯମ, ସଭ୍ୟତା ସମସ୍ତେ । ଖୋସଲା କମିଶନ୍ ସୁପାରିଶ୍ କରିଛନ୍ତି ଏଣିକି ଚଳଚ୍ଚିତ୍ରରେ ନଗ୍ନତା ଓ ଚୁମ୍ବନ ଦେଖାଯାଇପାରିବ, ଅବଶ୍ୟ ଯଥାସ୍ଥାନରେ ।"

"ଅର୍ଥାତ୍ ଗଳ୍ପ ଉପନ୍ୟାସ ରାଜ୍ୟରେ, ଦାଣରେ ଘାଟରେ ସର୍ବତ୍ର ସବୁ ସମୟରେ ସବୁ ଦେଖିହବ ? ଏଇୟା ତ ଦାଣଘାଟର ଅଶ୍ଳୀଳତା ତ ମୋତେ ଏଇ ମୁହୂର୍ତ୍ତରେ ଅବ୍ୟବସ୍ଥିତ କରିଛି । ମୋର ବିଶ୍ୱାସ ଆତ୍ମହତ୍ୟାର ଦିନ ଆସିଗଲା ବିବେକୀ ପକ୍ଷରେ, ଜାତି ପକ୍ଷରେ, ଦେଶ ପକ୍ଷରେ ।"

"ପ୍ରକୃତିସ୍ଥ ହୋଇ କଥାଗୁଡ଼ାକ ଭାବନ୍ତୁ । ଏମିତି ଛାନିଆଁ ହେଲେ ଚଳିବ ? ଏଥିରେ ନୂଆ କଥା କ'ଣ ଅଛି ? ଜୀବନ ଓ କଳାର ସମ୍ପର୍କ ସ୍ୱୀକାର କଲେ ଆପଣଙ୍କୁ ଅନେକ କଥା ଗ୍ରହଣ କରିବାକୁ ପଡ଼ିବ । ଜ୍ଞାନର ପରିସର ସଂକୁଚିତ କଲେ ମଣିଷ ଖର୍ବ ହୋଇଯିବ ଯେ ।"

'କି ଜ୍ଞାନ ! ସାହିତ୍ୟରେ, କଳାରେ ସମାଜରେ ଘୋର ଅଶ୍ଳୀଳତା ତ ଅଛି, ତାକୁ

Digitized by srujanika@gmail.com

ଆଇନସମ୍ମତ କରି ଲାଭ କ'ଣ ? ନଗ୍ନତା ଏଥର ଆଇନର ସାକ୍ଷର ପାଇବ ତେବେ ? ବିବେକ ତ ଫେର ଅଛି ।'

'କିନ୍ତୁ ସବୁ ନଗ୍ନତା ଅଶ୍ଳୀଳତା ନୁହେଁ ଏକଥା ଭୁଲି ଯାଉଛନ୍ତି କାହିଁକି ? ବିବେକ ଆମକୁ ଡ଼ରୁଆ କରିଦିଏ ।'

'ଖରାପ କଥା ଜାଣିବା ପାଇଁ ଦୁନିଆଁ ବିଶେଷତଃ ଅପ୍ରାପ୍ତ ବୟସ୍କମାନେ ବଡ଼ ଆଗ୍ରହୀ । ଗୋଟିଏ ହେଲେ ପିଲାକୁ ରକ୍ଷା କରିବ ଭାବିଥିଲି ।'

'ଜାଣନ୍ତୁ କ୍ଷତି କ'ଣ ? ଆମେରିକା ପରି ଦେଶରେ ଛୋଟ ଛୋଟ ପିଲାଙ୍କୁ ଯୌନତଥ୍ୟ ଶିକ୍ଷା ଦିଆଯାଉଛି । ଡ଼େନ୍‌ମାର୍କ, ଫ୍ରାନ୍ସ, ଇଂଲଣ୍ଡରେ ଯୌନ ସାହିତ୍ୟ ପ୍ରଚାର ଓ ପରିପ୍ରସାର ଆଇନତଃ ସମ୍ମତି ପାଇଛି । ତା' ସତ୍ତ୍ୱେ ଉଦ୍ଭଟ ଯୌନ-ସାହିତ୍ୟ ଓ ସିନେମାର ଆଦର ନାହିଁ ।'

'ସେଇଥିପାଇଁ ସେ ଦେଶମାନଙ୍କରେ ଏତେ ବ୍ୟଭିଚାର । ଅସଭ୍ୟତା ।'

'ଆମର ଅର୍ଦ୍ଧମତ ସଭ୍ୟତା, ଅସ୍ୱାଭାବିକ ରୀତିନୀତି ଅପେକ୍ଷା ସେମାନଙ୍କ ଅସଭ୍ୟତା ଦିବ୍ୟ ଜୀବନର ପରିପୋଷକ, ପରପନ୍ଥୀ ନୁହେଁ । ତା'ଛଡ଼ା ଶ୍ଳୀଳ ଅଶ୍ଳୀଳ ଧାରଣା ମନ ଉପରେ ନିର୍ଭର କରେ । ତାହା ଆପେକ୍ଷିକ । ଆପଣଙ୍କୁ ଯାହା ଅଶ୍ଳୀଳ ନଙ୍ଗୁଳିକୁ ତାହା ସ୍ୱାଭାବିକ, ଶ୍ଳୀଳ । ମନେକରନ୍ତୁ, କଳାକାହ୍ନୁ, କୁହୁକଜାଣେ, ଯେଣିକି ଚାହିଁଲେ ଦିଶଇ ତେଣେ ।'

ଆଦ୍ୟାଶକ୍ତି ଦେବୀ ଡ଼କ୍ଟର ହନୁମନ୍ତଙ୍କୁ ସମର୍ଥନ କରି କହିଲେ, 'ଡ଼କ୍ଟର, ଆମର ଇଏ ତ କଥାରେ କଥାରେ 'ଲଙ୍ଗଳା'କୁ ଜଗୁଛନ୍ତି । ମୁଁ କ'ଣ କରିବି ?

"ଦେଖନ୍ତୁ, ସେମିତି ଖୋଜି ବସିଲେ ପୃଥିବୀର ସର୍ବତ୍ର ଯୌନ ସଂକେତ ମିଳିବ । ବିକାରଗ୍ରସ୍ତ ମନ ସବୁବେଳେ ଶ୍ଳୀଳରେ ଅଶ୍ଳୀଳତା ପାଇଯିବ । ଯାହା ସହଜ, ସୁନ୍ଦର, ସ୍ୱାଭାବିକ୍ ତାହା ମଧ୍ୟ ଆମକୁ ଭୟର କାରଣ ଯୋଗାଏ । ଆମର ଦଣ୍ଡବିଧି ଆଇନ ଏତେ କଠୋର ହେଲେ ମଧ୍ୟ ଅଶ୍ଳୀଳତା କ'ଣ କମିଛି ? ଲେଡ଼ି ଚେଟାର୍ଲି ଅଶ୍ଳୀଳ ବୋଲି କହି ହଜାର ହଜାର ସଂଖ୍ୟାରେ କୁରୁଚିପୂର୍ଣ୍ଣ ବୀଭତ୍ସ ଯୌନ ପୁସ୍ତକ ଓ ପତ୍ର ପତ୍ରିକାରେ ପ୍ରଚାର କ'ଣ ରୋକିପାରିଛୁ ?"

"ସତ କଥା । ପାଣି ପବନକୁ କିଏ କେତେଦିନ ବାଧା ଦବ ।" - ଆଦ୍ୟାଶକ୍ତି ଦେବୀ ମନ୍ତବ୍ୟ କଲେ । "ନା, ନା, ଏଥର ପିଲାଝିଲାଙ୍କୁ ଧରି ସିନେମାରେ ଚୁମ୍ବନ ଓ କୁଣ୍ଢାକୁଣ୍ଢି ଦେଖିବ, ନାଲି ତ୍ରିଭୁଜ ବିଜ୍ଞାପନ କାନ୍ଥବାଡ଼ରେ ମାରିବ । ତୁମେ ଯେଉଁ ଦୂଷିତ ବାଷ୍ପ ଓ ବିଷାକ୍ତ ବାୟୁମଣ୍ଡଳ ସୃଷ୍ଟି କରୁଛ ତାରି ବିରୁଦ୍ଧରେ ମୋର ଅଭିଯାନ । ପ୍ରାଚ୍ୟ ପାଶ୍ଚାତ୍ୟ ନୁହେଁ ।"

"ଡ଼କ୍ଟର କହିଲେ, ପୂର୍ବ ପଶ୍ଚିମର ପ୍ରଭେଦ କାଳ୍ପନିକ । ସେମାନେ ଓ ଆମେ ଏକ ଥିଲୁଁ, ଅଛୁଁ ମଧ୍ୟ । 'ସ୍ନାତ ସ୍ୱାଦୁଃ ବିବୃତ ଜଘନାଂ...' ବା କୀଟସ୍‌ଙ୍କ ଶେଷ ସନେଟ୍‌ର

Digitized by srujanika@gmail.com

ଧାଡ଼ିଗୁଡ଼ାକ କୌଣସି ଦେଶ କାଳରେ ଅଶ୍ଳୀଳ ନୁହେଁ । ସେଗୁଡ଼ାକ ପଢ଼ାଇଲା ବେଳେ ଉତ୍ତେଜନା, ଶିହରଣ ଅନୁଭବ କରି କେହି ଛାତ୍ରଛାତ୍ରୀ ପୂର୍ବପଣ୍ଡିମରେ ଅଧୈର୍ଯ୍ୟ ହୋଇ କୁହନ୍ତି ନାହିଁ 'ସାର୍, ଆଉ ପଢ଼ାନ୍ତୁ ନାହିଁ ମୋତେ ଖରାପ ଲାଗୁଛି ।' ଯାହା ଗୁଚିବିଗର୍ହିତ ତାହା ଆପେ ଆପେ ମରିଯିବ ।"

"ଡ଼କ୍ଟର !"-

"ହଁ ହଁ ଠିକ୍ କଥା । ସୁସ୍ଥ ସବଳ ମନ କଦାପି ଗୋଟାଏ ଜିନିଷ ଉପରେ ସବୁବେଳେ ଅତି ମାତ୍ରାରେ ବ୍ୟସ୍ତ ରହେନାହିଁ । ସେମିତି ମନଥିବା ଲୋକଙ୍କୁ ମୋନୋମେନିଆକ୍ କହନ୍ତି । ମାନସିକ ଧୈର୍ଯ୍ୟ ହରାଇ ସହଜରେ ସେମାନେ ପାଗଳ ହୁଅନ୍ତି । ତା ଛଡ଼ା ଯିଏ ଯାହା କହୁନା କାହିଁକି ଭାବି ବସିଲେ ଆମେ ସମସ୍ତେ ଲଙ୍ଗଳା, ଯିଏ ଯେତେ ପରସ୍ତ ଲୁଗା ପିନ୍ଧୁନା କାହିଁକି ଅଶ୍ଳୀଳତାରେ ଆମର ଜନ୍ମ ।"

ଲିଙ୍ଗରାଜ ବାବୁ ମୁଣ୍ଡଟାକୁ ଚାପିଧରି ଘରର ଏପଟ ସେପଟ ହେବାକୁ ଲାଗିଲେ । ଆଦ୍ୟାଶକ୍ତି ଦେବୀ ଏତିକିବେଳେ ଅର୍ଥପୂର୍ଣ୍ଣ ମୋନାଲିସା ହସ ଅଧରରେ ଫୁଟାଇ ଡ଼କ୍ଟର ହନୁମନ୍ତଙ୍କୁ ଚାହିଁ ରୋଷେଇଘର ଆଡ଼କୁ ଚାଲିଗଲେ ।

ନିଷ୍ପତ୍ତିମୂଳକ ଯୁକ୍ତି ଛଳରେ ଡ଼କ୍ଟର କହିଲେ, "ଦେଖନ୍ତୁ ଲିଙ୍ଗରାଜବାବୁ, ଆତ୍ମପ୍ରବଞ୍ଚନା ଆତ୍ମ-ଗାରିମାରେ କିଛି ଲାଭ ନାହିଁ ।" ଆପଣଙ୍କ ସ୍ତ୍ରୀ ଠିକ୍ କହିଛନ୍ତି । ଆମେ ସମସ୍ତେ ଲଙ୍ଗଳା ଆବରଣ ତଳେ । ଆପଣ ଲିଙ୍ଗରାଜ, ଆପଣଙ୍କ ସ୍ତ୍ରୀ ଆଦ୍ୟାଶକ୍ତି, ମୁଁ ହନୁମାନ୍ । ଆମର ଠାକୁର ଲିଙ୍ଗ, ସେ ଆମର ଦେବାଦିଦେବ । ଉପାସ୍ୟ, ଆରାଧ । ଧର୍ମ ନାଁରେ ତାଙ୍କୁ ସହିଛୁଁ, କଳା ସାହିତ୍ୟ ଓ ଜୀବନରେ ସେ ଅଶ୍ଳୀଳ ହେବେ କାହିଁକି ? ତାଙ୍କୁ ତ ଆମେ ଲଙ୍ଗଳା ରଖି ପୂଜାକରୁଁ । ଲଙ୍ଗଳାକୁ ଏତେ ଭୟ କାହିଁକି ? ସେ ତ ଶିବ, ମଙ୍ଗଳମୟ । ସୃଷ୍ଟିର ମୂଳ ପ୍ରକ୍ରିୟାକୁ ଆଖି ବୁଜିଲେ ଚଳିବ କିପରି ? ସମସ୍ତ କଳା ବିଜ୍ଞାନର ମୂଳ ସେଇ, ଫ୍ରୟେଡ଼୍ଙ୍କ ମଧ ସେଇ ଯୁକ୍ତି ।

"ବାଜେ ଏକତରଫା ଯୁକ୍ତି । ଫ୍ରୟେଡ଼୍ଙ୍କୁ ନେଇ ଆପଣ ଏଥର ଘରକୁ ଯାଆନ୍ତୁ । ମୋ ମୁଣ୍ଡ ଆପଣମାନେ ଖରାପ କରି ଦେବେ ।"

ଡ଼ିବି ଡ଼ିବି ଡ଼ିବି ।

ନଙ୍ଗୁଳି ଝରକା ବାଟେ ପୁଣି ବାହାର ଦୁନିଆଁକୁ ଦେଖି ଦେଇ ଦଉଡ଼ି ଦଉଡ଼ି ଘର ଭିତରକୁ ଆସି କହିଲା- "ବାପା ! ମାଙ୍କଡ଼ ନଚାଇବା ଆମର ।" ମଉସାଙ୍କ ଉପସ୍ଥିତି ଓ ସାନ୍ନିଧରେ ଆଶାନ୍ୱିତ ଓ ଉତ୍ସାହିତ ହୋଇ ପୁଣି କହିଲା "ରାମଦାସ ଆଉ ଫୁସ୍‌ଫୁସି ବୁଢ଼ୀ କେତେ ଖେଳ ଦେଖାଇବେ । ଅବିକଳ ମଣିଷ ପରି । ଆମର ବି ନଚାଇବା ବାପା !"

ଲିଙ୍ଗରାଜ ବାବୁ ଜଳି ଯାଉଥିଲେ କ୍ରୋଧରେ । ଡ଼କ୍ଟର ମିଶ୍ର ନଥିଲେ ଏଥର ପିଲାଟିର ଗାଲରେ ଥାପଡ଼ଟାଏ ବସାଇଥାନ୍ତେ । ସମ୍ଭାଳିନେଲେ ନିଜକୁ, କିନ୍ତୁ ଆଖି କୁରାଳ ଚକ୍ର

Digitized by srujanika@gmail.com

ପରି ଘୂରୁଥାଏ । କହିଲେ, "ମାଙ୍କଡ଼ଗୁଡ଼ାକ ତୋରି ପରି ଲଙ୍ଗଳା ଓ ସେଇଥିପାଇଁ ତାଙ୍କ ନାଚ ଦେଖିବା ପାଇଁ ତୋ ମନ ଧାଇଁଛି । ଆମେ କ'ଣ ଜଙ୍ଗଲୀ ହେଇଛୁଁ ଯେ, ଦାଣ୍ଡରେ ମାଙ୍କଡ଼ ନାଚ କରିବୁ ଦେଖିବୁ । ଯାଆ ମାଙ୍କଡ଼ିଆକୁ କହିବୁ ମାଙ୍କଡ଼ଙ୍କୁ ଲୁଗାପିନ୍ଧାଇ ଆଣିବ, ତେବେ ଯାଇ ନାଚ ହେବ ।"

"ଲିଙ୍ଗରାଜ ବାବୁ ! ମୋର ମନେ ହେଉଛି ବାହାର ଦୁନିଆଁର ଘାତ ସହିତ ଆପଣଙ୍କ ପ୍ରତିଘାତର ସମନ୍ୱୟ ଓ ସାମଞ୍ଜସ୍ୟ ରହୁନାହିଁ । ଗାଣିତିକ ନହୋଇ ଜ୍ୟାମିତିକ ହୋଇଯାଉଛି । କଳାପାହାଡ଼ ଏମିତି ମାନସିକ ଅବସ୍ଥା ନେଇ ମନ୍ଦିରର କଳା ଧ୍ୱଂସ କରିବାର ଚେଷ୍ଟା କରିଥିଲେ ।"

"ହନୁମାନଜୀ, ବନ୍ଧୁତ୍ୱର ସୁବିଧା ନେଇ ଆପଣ ମୋ' ସ୍ତ୍ରୀ, ପୁଅକୁ ମୋ ବିରୁଦ୍ଧରେ ଲଗାଇ କଉତୁକ ଦେଖୁଛନ୍ତି । ଯାଆନ୍ତୁ ଏଥର ଦୟାକରି । ମୋ' ମୁଣ୍ଡ ବୁଲେଇଲାଣି ।"

ଡ଼କ୍ଟର ହନୁମନ୍ତ ଚାଲିଗଲେ । ଯିବା ପୂର୍ବରୁ ପିଲାଟିକି ଆଶ୍ୱାସନା ଦେଇ କହିଗଲେ, "ନଙ୍ଗୁଳି, ତୋ ବାପା ନ ନଚାଇଲେ ଆମଘରେ ନଚାଇବା । ତୁ ଦେଖିବୁ । ମାଙ୍କଡ଼ିଆ ବୁଢ଼ା ତ ନିତିପ୍ରତି ଏ ବାଟଦେଇ ଆସୁଛି ।"

ଉଦୁଉଦିଆ ଦିପହର, ହଠାତ୍ ଲିଙ୍ଗରାଜ ବାବୁଙ୍କ ଘୁମ ଭାଜିଗଲା । ଯୁକ୍ତିତର୍କରେ ମୁଣ୍ଡ ଗରମ ହୋଇ ଯାଇଥିଲା, ନିଦ ଭଲ ହେଲାନାହିଁ । ଉତ୍ତପ୍ତ ମସ୍ତିଷ୍କରେ ନିଦ କୁଆଡ଼େ ହବ ? ଉଠି ଦେଖନ୍ତି ଦାଣ୍ଡ କବାଟ ମେଲା । ନଙ୍ଗୁଳି ନାହିଁ । ପିଣ୍ଡାରେ ବୁଲା କୁତାଟାଏ ସିମେଣ୍ଟ ଚଟାଣରେ ଲମ୍ବତମ୍ବ ଅଲାଜୁକ ପରି ଶୋଇଯାଇଛି । ଲିଙ୍ଗରାଜ ବାବୁ ଜୋର ନାତଟାଏ ପକାଇ ଲଙ୍ଗୁଳିକୁ ଖୋଜି ବାହାରିଲେ ।

ପାନଦୋକାନୀକି ପଚାରିଲେ "ପଦ୍ମ ଇଆଡ଼େ ଆସିଥିଲା ?" ଦୋକାନୀ କହିଲା, "କିଏ ? ନଙ୍ଗୁଳି ? ହଁ, ଅବି ଆସିଥିଲା । ମିଶ୍ରବାବୁଙ୍କ ଘରଆଡ଼େ ଗଲା । ମାଙ୍କଡ଼ିଆ ବୁଢ଼ା ପଛେ ପଛେ ।"

ଥମ୍ ଥମ୍ ହୋଇ ପାଦର ଗତି ଜୋର କରି ଲିଙ୍ଗରାଜ ବାବୁ ଚାଲିଲେ । ତେଣେ ମାଙ୍କଡ଼ିଆ ବୁଢ଼ାକୁ ଡ଼ାକିନେଇ ନଙ୍ଗୁଳି ଡ଼କ୍ଟର ମିଶ୍ରଙ୍କ ଘରେ ହାଜର । କବାଟରେ ଖିଡ଼୍‌ଖିଡ଼୍ ଶବ୍ଦ ଶୁଣି ହନୁମନ୍ତ ବାବୁ ଉଠି ଆସି ଦେଖନ୍ତି ସଦଳବଳେ ବାନରସେନା ସହିତ ନଙ୍ଗୁଳି ।

"ମଉସା, ମାଙ୍କଡ଼ ନଚାଇବେ ପରା !" ମଉସାଙ୍କ ହଁକୁ ଅପେକ୍ଷା ନ କରି ନଙ୍ଗୁଳି ହୁକୁମ ଦେଲା, "ଏ ବୁଢ଼ା ! ଏଥର ମାଙ୍କଡ଼ ନଚା ।" ମଉସା ଚେୟାରଟିଏ ଆଣି ପିଣ୍ଡାରେ ବସିଲେ । ବାହାର ଅଗଣାରେ ଖରାରେ ନାଚ ।

ରାମଦାସ ବୁଢ଼ା ଢେଙ୍କିକୁଟେ, ବାଡ଼ି ଧରି ଚାଲେ, ଭାର ସହେ, ଜୁହାର କରେ, ହାତକଡ଼ିରେ ଚୋର ପରି ଚାଲେ, ଫୁସ୍‌ଫୁସି ବୁଢ଼ୀ କାନରେ ଚୁପ୍‌ଚାପ୍ କ'ଣ କହେ, ବୁଢ଼ୀ କାନ୍ଦେ, ଦୁହିଙ୍କ ବାହାଘର ହୁଏ । ସବୁକଥା ମଣିଷପରି । ନଙ୍ଗୁଳି ନିରିଖି ସବୁ

Digitized by srujanika@gmail.com

ଦେଖେ । ଆଖିରେ ପଲକ ପଡ଼େନାହିଁ । ବିଭୋର । ଯିମିତି ରାମଦାସ ଓ ଫୁସ୍‌ଫୁସି ବୁଢ଼ୀ ଟୁଇଷ୍ଟ ବା ଅଷ୍ଟାଭଙ୍ଗୀ ନାଚ ଆରମ୍ଭ କରିଦେଇଛନ୍ତି, ନଙ୍ଗୁଳି ଉଠି ବସିଲା । ତାକୁ ଦେଖି ଆଉ ଯେତେ ନଙ୍ଗୁଳି ଉଠିଲେ । ମାଙ୍କଡ଼କୁ ଅନୁକରଣ କରି ମଣିଷପିଲା ନାଚିଲେ । ଚିହ୍ନି ହେଲାନାହିଁ କିଏ ମାଙ୍କଡ଼ କିଏ ମଣିଷ, ସବୁ ସମାନ, ଏକ ଭଙ୍ଗୀ, ଏକ ନାଚ, ଏକାକାର । ଡ଼କ୍ଟର ହନୁମନ୍ତ ଯିମିତି ମାଙ୍କଡ଼ିଆ ବୁଢ଼ା ।

ସର୍ବବ୍ୟାପୀ ଆନନ୍ଦ ଉଲ୍ଲାସର ଚରମ ମୁହୂର୍ତ୍ତରେ ଘୂର୍ଣ୍ଣିବାୟୁ ପରି ଆସି ଲିଙ୍ଗରାଜ ବାବୁ ପହଞ୍ଚିଗଲେ । ଦୃଶ୍ୟର ଗୋଟାଏ ସମ୍ୟକ୍ ଧାରଣା ମୁହୂର୍ତ୍ତକେ କରିନେଇ ଯିମିତି ନଙ୍ଗୁଳି ମାଙ୍କଡ଼ ନାଚ ଏବଂ ଡ଼କ୍ଟର ହନୁମନ୍ତ ପ୍ରଶଂସମାନ ଚକ୍ଷୁ ଦେଖିଦେଇଛନ୍ତି ସିମିତି ସେ ଉଦ୍ଦାମ ଅଟ୍ଟହାସ୍ୟଟାଏ ଦେଲେ ପ୍ରଳୟକାଳର ତୂରୀ ଶବ୍ଦ ପରି । ଯିମିତି ତାଙ୍କୁ ଜଣାପଡ଼ିଲା ସାରା ଦୁନିଆ ଲଙ୍ଗଳା, ପିଲାମାନେ ନଙ୍ଗୁଳି, ଡ଼କ୍ଟର ହନୁମନ୍ତ । ତାଙ୍କୁ ନିଜକୁ ବି ଲଙ୍ଗଳା ପରି ଲାଗିଲା । ଯୁଆଡ଼େ ଚାହିଁଲେ ତ୍ରିଭୁଜ, ରେଖା, କାଠି, ବେଙ୍ଗ, ଫଳ ନାନା ରୂପ ନେଇ ଯୌନ ସଂକେତ । ଲୁଗା ପିନ୍ଧିଥିଲେ ମଧ୍ୟ ସେ ପୁଣି ନିଜକୁ ଲୁଗାରେ ଢ଼ଙ୍କାଇବାକୁ ଉଦ୍ୟମ କଲେ । ଡ଼କ୍ଟର ହନୁମନ୍ତଙ୍କୁ କହିଲେ, "ଲୁଗା ପିନ୍ଧନ୍ତୁ, ଲଙ୍ଗଳା, ହୋଇ ବସିଛନ୍ତି କାହିଁକି ? ଥାଉ, ଥାଉ, ଆମେ ତ ସମସ୍ତେ ଲଙ୍ଗଳା । ଆମର ଦେବାଦିଦେବ ସେ ତ ଶିବ । ହାଃ-ହାଃ-ହାଃ । ଆପଣ ହସୁନାହାନ୍ତି କାହିଁକି ?"

ଲଙ୍ଗୁଳିକି ଧରି ଘରମୁହାଁ । ଚାଲିଲେ, ମାଙ୍କଡ଼ ନାଚ ଶେଷ, ସାମାନ୍ୟ ପ୍ରକୃତିସ୍ଥ ହେଲେ । ପୁଣି ମନେପଡ଼ିଲା କିପରି ଲଙ୍ଗୁଳିକି ସଭ୍ୟ କରିବା ପ୍ରୟାସ ବ୍ୟର୍ଥ ହୋଇଗଲା, ସକେଇ ସକେଇ କାନ୍ଦିଲେ ମଧ୍ୟ ଟିକେ ।

ଘର ଦୁଆର ମୁହଁ ପହଞ୍ଚୁ ନ ପହଞ୍ଚୁଣୁ ଯିମିତି ସଂକ୍ରସ୍ତା ଆଲୁଳାୟିତକେଶା ଆଦ୍ୟାଶକ୍ତି ଦେବୀଙ୍କି ଦେଖିଲେ ସେ ତାଙ୍କ ଆଡ଼କୁ ଆଙ୍ଗୁଳି ଦେଖାଇ କହିଲେ, "ବେଶ ଭଲ କରିଛ, ଆମର ମା' କାଳୀ ତ ଲଙ୍ଗଳା । ମୁଁ ତ ଦେଖିଆସିଲି, ଦେଖୁଛି ମଧ୍ୟ ଦୁନିଆଁ ସାରା ଲଙ୍ଗଳା । କି ସୁନ୍ଦର ! କି ମଜା !"

ଆଦ୍ୟାଶକ୍ତି ଦେବୀଙ୍କ ମନରେ ଛନକା ପଶିଲା । ନିଜକୁ ଦୋଷୀ ଭାବିଲେ । ଭାବିଲେ, ନଙ୍ଗୁଳିକି ଲଙ୍ଗଳା ଦେଖି ସ୍ୱାମୀଙ୍କ ଏମିତି ମସ୍ତିଷ୍କ ବିକୃତି ଘଟିଛି । ଖଣ୍ଡିଏ ପେଣ୍ଟ ଆଣି ତାକୁ ଯିମିତି ପିନ୍ଧାଇଛନ୍ତି, ସିମିତି ଲିଙ୍ଗରାଜ ବାବୁ କହିଲେ, ଆରେ ଆଉ କାହିଁକି ତାକୁ ସେମିତି ହଇରାଣ କରୁଛ । ତୁମେ ଆଗେ ଲୁଗା ପିନ୍ଧି ଆସ । ତୁମର ଅଙ୍ଗପ୍ରତ୍ୟଙ୍ଗ ମୁଁ ସବୁ ଦେଖିପାରୁଛି ।"

ଆଦ୍ୟାଶକ୍ତି ଦେବୀ କିଂକର୍ତ୍ତବ୍ୟବିମୂଢ଼ ହୋଇ ବାପ ପୁଅଙ୍କୁ ଧରାଧରି କରି ଘର ଭିତରକୁ ନେଲେ । ଟଣାଟଣିରେ ନଙ୍ଗୁଳି ହାତରୁ ଖଣ୍ଡେ ଦିଖଣ୍ଡ ଛବିକାଗଜ ଖସିପଡ଼ିଲା । ଲିଙ୍ଗରାଜ ବାବୁ ଦେଖିଲେ ସେଗୁଡ଼ାକ ନାଲି ତ୍ରିଭୁଜ ବିଜ୍ଞାପନ । ନଙ୍ଗୁଳି କେଉଁ କାନ୍ଥରୁ ଉଠାଇ ଆଣିଛି । ତରବର ହୋଇ ଆଦ୍ୟାଶକ୍ତି ଦେବୀ ସେଗୁଡ଼ାକ

Digitized by srujanika@gmail.com

ମୋଡ଼ାମୋଡ଼ି କରି ଝରକା ଦେଇ ଫୋପାଡ଼ି ଦେଲେ ଏବଂ ତରବର ହୋଇ ଢ଼ାଳେ ପାଣି ଆଣିବାକୁ ଘର ଭିତରକୁ ଗଲେ ।

ନଙ୍ଗୁଳି ଭାରି ଖୁସି । ମାଙ୍କଡ଼ ନାଚରେ ସେ ଯାଦୁ ମେଜିକ୍, ଭାଲୁନାଚ ସବୁ ପାଇଁ ମନର ଓରମାନ ମେଣ୍ଟାଇଛି । ପାନଦୋକାନୀ ପାଖରୁ ଦଶ ପଇସା ଦେଇ ଯେଉଁ ଦୁଇଟା ରବର ବେଲୁନ କିଣିଥିଲା ତାହା ମୁଠାରୁ ବାହାର କରି ଯିମିତି ଫୁଙ୍କିବାକୁ ଆରମ୍ଭ କରିଛି, ଲିଙ୍ଗରାଜ ବାବୁ ଦେଖିଲେ ତାହା ପରିବାର ନିୟନ୍ତ୍ରଣ ରବର ଚିଜ । ଜିଦିଧରି ବସିବାରୁ ଦଶପଇସି ନେଇ ନଙ୍ଗୁଳିକି ଦେଇଛି ।

'ବେଲୁନ୍! ବେଲୁନ୍! ବେଲୁନ୍ ନବ ଆସ । ଏଣେ ଦେଇଥିଲେ ତେଣୁ ପାଇବ ।' ଯାହା ଲୋକଙ୍କୁ ଦେଇଥିଲା ତାହା ଘରକୁ ଆସିଲା । 'ନଙ୍ଗୁଳି, ତୁ ଡ଼ିବି ଡ଼ିବି ଡ଼ିବି ଡ଼ମ୍ବରୁ ବଜା । ମୁଁ ନାଚେ । ତାଣ୍ଡବ ନାଚିବି ।'

ଆଦ୍ୟାଶକ୍ତି ଦେବୀ କ୍ଷଣକେ ଘଟଣା ବୁଝିଗଲେ । ବେଲୁନ୍ ଛଡ଼ାଇ ନେଇ ଫୋପାଡ଼ି ଦେଲେ । ଯିମିତି ପାଣି ଢ଼ାଳକ ଲିଙ୍ଗରାଜ ବାବୁଙ୍କ ମୁଣ୍ଡରେ ଢ଼ାଳି ଦେଇଛନ୍ତି ସିମିତି ସ୍ୱାମୀ ନାଚି ନାଚି ଚିତ୍କାର କଲେ, "ମୁଁ ତାଣ୍ଡବ ନାଚିବି ସୋଃହମ୍ । ଦୁନିଆଯାକ ଲିଙ୍ଗମୟ । ମୁଁ ଲିଙ୍ଗରାଜ, ଆଉ ଲିଙ୍ଗରାଜ କାହିଁକି ମନ୍ଦିରରେ ରହିବେ ?" ତାଙ୍କୁ ମୁଁ ଶେଷ କରିବି । କୁରାଢ଼ିଟାଏ ଧରିପକାଇ ଲଙ୍ଗଳା ବାତୁଳା ହୋଇ ଦଉଡ଼ିଲେ ମନ୍ଦିର ଆଡ଼କୁ ।

"ନଙ୍ଗୁଳି ! ତୁ ଧାଇଁଯା ମଉସାକୁ ଡ଼ାକିଦବୁ । ମୁଁ ଯାଉଛି ତୋ' ବାପା ପଛେ ପଛେ ।

ଡ଼କ୍ଟର ମିଶ୍ର ଆସି ଦେଖନ୍ତି ଘର ଶୂନଶାନ୍ । ରାସ୍ତାରେ ଗୁଡ଼ାଏ ଲୋକ ଦଳକୁ ଦଳ ଧାଇଁଛନ୍ତି । କହୁଛନ୍ତି ବାୟା ଲିଙ୍ଗା ମନ୍ଦିରରେ ମହାଦେବଙ୍କ ମୁଣ୍ଡ ଚୂନା କରିଦେଇଛି । ଆମେ ତା' ମୁଣ୍ଡ ଫଟାଇ ଦେବୁ । ଶୁଣୁଛୁ ଦୁର୍ଗା ମୂର୍ତ୍ତିର ମୁଣ୍ଡ ବି କାଟି ପକାଇଛି । ତା' ବାୟା ପଣିଆ ଛଡ଼ାଇଦେବୁ । ତା' ଘରେ ସେ ବାୟା । ବେଶୀ ପାଠ ପଢ଼ିଲା ତ ତା' ତିରିଲା ବି କୁଆଡ଼େ ବାୟାଣୀ ହୋଇଯାଇଛି । ଭଗବାନ ନାଇଁ କ'ଣ ଦୁନିଆରେ !

ମାସକ ପରେ । ଲିଙ୍ଗରାଜ ବାବୁଙ୍କ ଦୁଇପୁଅ ଓ ଝିଅ କାଙ୍କେରୁ ଫେରିଛନ୍ତି । ମଉସା ପଚାରିଲେ, 'କେମିତି ଦେଖିଲ ?'

ଡ଼ାକ୍ତରୀ ପଢୁଥିବା ପୁଅଟି କହିଲା, 'ବାପାଙ୍କ ଅପେକ୍ଷା ମାଆଙ୍କ ଅବସ୍ଥା ବେଶୀ ଖରାପ ହୋଇଥିଲା । ପ୍ରଥମେ ଡ଼ାକ୍ତରମାନେ ଆଶା ଛାଡ଼ି ଦେଇଥିଲେ । ପରେ ଘଟଣା ସବୁ ବୁଝି ଭଲଆଡ଼କୁ ଆଣିଲେ । ଦି'ଜଣଙ୍କୁ ଅଲଗା ରଖିହେଲା ନାହିଁ । ଏକାଠି ରଖିଲେ, ଦୁହେଁ ଦୁହିଁଙ୍କି ଲଙ୍ଗଳା କରିବାରେ ଲାଗିଲେ । ବର୍ତ୍ତମାନ ଭଲ । ଆଠ ଦଶଦିନ ପରେ ସେମାନେ ଫେରିବେ ।

Digitized by srujanika@gmail.com

'କ'ଣ କହୁଥିଲେ ବାପା ?'

'ଆପଣଙ୍କ ପାଇଁ ଏଇ ଧାଡ଼ିଟି ଲେଖି ଦେଇଛନ୍ତି ବାପା ।'

ଡ଼କ୍ଟର ହନୁମନ୍ତ ଟୁକୁରା କାଗଜଖଣ୍ଡିକ ଆଣି ପଢ଼ିଲେ, ଲେଖାଥିଲା, 'ଯାହା ଲଙ୍ଗଳା, ଅଶ୍ଳୀଳ, ତାକୁ ଭଲଭାବରେ ଢ଼ଙ୍କାଇ ପାରିଲେ ତାକୁ ଧର୍ମ, ସାହିତ୍ୟ, କଳା ବୋଲାଯାଏ ।'

ଦାଣ୍ଡରେ ଖେଳାଖେଳି ସାରି ଧାଇଁ ଧାଇଁ ଆସି ଭାଇ ଓ ଭଉଣୀଙ୍କୁ ଦେଖି ନଙ୍ଗୁଳି କହିଲା "ବଡ଼ ନନା, ସାନ ନନା, ନାନୀ, ବାପା ଗଲାଦିନ କ'ଣ କହୁଥିଲେ ଶୁଣିଲୁଣି ? ମୁଁ ଲୁଗା ପିନ୍ଧିଲେ କହୁଥିଲେ ଲଙ୍ଗଳା, ଲୁଗା ନ ପିନ୍ଧିଲେ କହୁଥିଲେ ତୁ ଅସଭ୍ୟ, ଜଙ୍ଗଲୀ । ମୁଁ ଏଥର ସବୁବେଳେ ପେଣ୍ଟ ପିନ୍ଧେ, ଆଉ ଲଙ୍ଗଳା ମୋତେ ହୁଏନାହିଁ ।"

# ରୋମାଣ୍ଟିକ୍ ବା ଅବଗୁଣ୍ଠନବତୀ

## (କେବଳ ବିବାହିତ ଓ ପ୍ରାପ୍ତ ବୟସ୍କଙ୍କ ପାଇଁ)

ପରସ୍ପରକୁ ଟେକାଟେକି, ଠକାଠକି, ଭଣ୍ଡାଭଣ୍ଡି କରି (ଏପରି କି ସନ୍ଦେହ କରି) ତାକ୍‌ତୁରୁକରେ ଥାଇ ବର୍ଷେ ନୁହେଁ, ଅଧେ ନୁହେଁ ଦୀର୍ଘ ସାତ ବରଷ (ପଚିଶ ପଚାଶ ବରଷ ବି ସିମିତି କଟି ଯାଇଥାନ୍ତା) କିପରି ସେମାନେ ଦୁହେଁ ତାଙ୍କ ସମାଜରେ ଆଦର୍ଶ ଦମ୍ପତି ବୋଲି ଖ୍ୟାତି ଲଭିଥିଲେ, ତାହା ଅନ୍ୟମାନେ କାହିଁକି, ସେମାନେ ନିଜେ ମଧ ବିଶ୍ୱାସ କରିପାରୁନଥିଲେ । ବିବାହର ଲାଇସେନ୍ସ ନେଇ ରୋମାଣ୍ଟିକ୍ ଗଡ୍‌ଲସ ଓ ଅବଗୁଣ୍ଠନ ତଳେ ଏତେପ୍ରକାର ମେଜିକ୍ ଖେଳ ସେମାନେ ଯେ ଖେଳିପାରୁଥିଲେ ତାହା କୌଣସି ସେଣ୍ଟିମେଣ୍ଟାଲ ତରୁଣ ମଧ କଳ୍ପନା କରିପାରିବ ନାହିଁ । କିନ୍ତୁ ଖେଳ ଖେଳୁ ଖେଳୁ ଦିନେ ସେମାନଙ୍କର ମୁଖା ଖସିପଡ଼ିଲା ।

ଡ଼କ୍ଟର ରାୟ ଉଠିବସିଲା ମାତ୍ରେ ଟୁକ୍ କରି ରେଡ଼ିଓଟା ଖୋଲିଦେଇ ବାହାରକୁ ଗଲେ । ଫେରିଆସି ପୂର୍ବପଟ ଝରକାଟି ଯିମିତି ଖୋଲିଛନ୍ତି ସିମିତି ହେମନ୍ତ ସକାଳର ହାବୁକାଏ ସୁନେଲି କିରଣ ଅବାଞ୍ଛିତ ଅତିଥି ପରି ଘର ଭିତରକୁ ପଶି ଆସିଲା । ଏଣେ କଣ୍ଟା ଷ୍ଟେସନ୍‌ଚ୍ୟୁତ ହୋଇଥିବାରୁ ରେଡ଼ିଓରୁ ଘର୍ ଘର୍ ଫଡ଼୍ ଫଡ଼୍ ଶ୍ରୁତିକଟୁ ଶବ୍ଦ ବାହାରୁଥାଏ, ତେଣେ କିରଣଗୁଡ଼ାକ ନିଦ୍ରାଳୁ ଆଖିକୁ ବଡ଼ ଅପ୍ରୀତିକର ହେଉଥାଏ ।

ଝଙ୍କାର, ୧୭ଶ ବର୍ଷ, ୯ମ ସଂଖ୍ୟା, ଧନୁ ୧୩୭୩, ୧୯୬୫-୬୬ ।

Digitized by srujanika@gmail.com

ଶ୍ରୀମତୀ ତେଣୁ ଅତ୍ୟନ୍ତ ଅସନ୍ତିସୂଚକ 'ଓଃ', 'ଆଃ', 'ଉଃ' ଶବ୍ଦ ଉଚ୍ଚାରଣ କରୁଥାନ୍ତି ଏବଂ ନାନା ଲୀଳାଭଙ୍ଗୀରେ ଏପଟ ସେପଟ ହୋଇ ତକିଆଟାକୁ ଜାବୁଡ଼ି ଧରୁଥାନ୍ତି, କହୁଥାନ୍ତି ଯିମିତି -

"ମୋ ନିଦ କିମ୍ପା ଦେଲ ଭାଙ୍ଗି ହେ,

ଦେଖୁଥିଲି ମୁଁ ମୋ ପ୍ରିୟସଙ୍ଗୀ ।"

ହଳଦିଆ ନାଲି ରଙ୍ଗମିଶା ଚିକ୍କଣ, ମସୃଣ, ସୁଗୋଲ ଗୋଡ଼ ଦୁଇଟିର ସୌଷ୍ଠବ ଏବଂ ଅଳତାଦିଆ ପାଦ ଦୁଇଟିର ଲକ୍ଷ୍ମୀ ଦେଖି ମୁଗ୍ଧହୋଇ ଜୟଦେବ ରୀତିରେ ଡ଼କ୍ଟର ରାୟ ଆରମ୍ଭ କଲେ ସୁର ଧରି "ଦେହି ପଦପଲ୍ଲବ ମୁଦରମ୍ ।" ପରେ ପରେ ତାଙ୍କ ରସିକତାଭରା କାବ୍ୟପ୍ରାଣରେ ଜୁଆର ଢେଉ ମାଡ଼ି ଆସିଲା । 'ଲେଡ଼ି ଗେଟାର୍ଲି,' 'କେକ୍‌ସ ଏଣ୍ଡ୍ ଏଲ୍' ଏବଂ 'ଡ଼ନ୍ ଜୁଆନ୍' ଜାତୀୟ ବିବିଧ ଉପନ୍ୟାସ ଓ କାବ୍ୟର ନାୟକ ନାୟିକାଙ୍କ ରୂପ ଯୌବନ ଓ କ୍ରିଡ଼ା ବର୍ଣ୍ଣନା ଓ ବଛା ବଛା ସିନ୍ ସବୁ ସେ ଲେଉଟାଇଲେ ମନେ ମନେ । ଏପରିକି କୀଟ୍‌ସଙ୍କ ପ୍ରଖ୍ୟାତ ପଂକ୍ତିନିଚୟ "Pillowed upon my love's ripening breast, to feel for ever its soft fall and swell." ଏବଂ କାଳିଦାସଙ୍କ "ଜ୍ଞାତସ୍ୱାଦୁଃ ବିବୃତଜଘନାଂ କୋ ବିହାତୁଂ ସମର୍ଥଃ ?" ଉତ୍ଫୁଲ୍ଲିତ ହୋଇ ସେ ପାଟିକରି ଗାଇଗଲେ ।

"ଓଁଃ ! ବନ୍ଦକର, ସକାଳଟାରେ ବାୟାଙ୍କ ପରି ଏମିତି କାହିଁକି ହେଉଛ ? ଝରକା କାହିଁକି ଖୋଲିଲ ? ଏତେ ସକାଳୁ ମଣିଷ ? କାଲି ରାତି କେତେବେଳେ ଶୋଇଲୁ ମନେ ନାହିଁ ନା କ'ଣ ?"

ଏତକ କହି ଶ୍ରୀମତୀ ଯିମିତି କଡ଼ ଲେଉଟାଇ ପଛକରି ଶୋଇଛନ୍ତି, ଡ଼କ୍ଟର ରାୟ ସୁର ଧରି ପୁଣି ଆରମ୍ଭ କଲେ । ଏଥର ଚୋଖି ରାଗରେ ଲାବଣ୍ୟବତୀରୁ ଗାଇଲେ - "ଅଣିମାଦି ସୁଖଦାୟୀ

ଶୋଇଅଛି ଅଣି ହୋଇ

ପଲ୍ୟଙ୍କ ଅଙ୍କରେ ଅବା କି ଦିଶେ ଶୋଭା !"

ଏବଂ

"ଜାନୁ ଧରି ଦେଲା ହଲାଇ"

ପଦକ ଗାଇଲା ସଂଗେ ସଂଗେ କୁତୁରୁ କୁତୁରୁ କରି ତାଙ୍କ ଜାନୁ ଏତେ ଜୋର୍‌ରେ ହଲାଇ ଦେଲେ ଯେ, ଶ୍ରୀମତୀ ପ୍ରାୟ ବିବସ୍ତ୍ରା ହୋଇଗଲେ । ଡ଼କ୍ଟର ରାୟ ପିଲାଙ୍କୁ ବର୍ଣ୍ଣବୋଧ ପଢ଼ାଇବା ରୀତିରେ କହିଲେ, "ସକାଳ ହେଲାଣି, କାଉ ରାବିଲେଣି । ଉଠ ଉଠ ମଠ ନ କର ଆଉ । ଚା' କର । ଆଠ ବାଜିବ ଯେ ।"

"ସକାଳୁ ମନଟା ଏତେ ଉଲୁସି ଉଠୁଛି କାହିଁକି ? ଲୋଟୋସ ଇଟରଙ୍କ ଡ୍ରିମ୍‌ଲେଣ୍ଡ୍

Digitized by srujanika@gmail.com

ବୁଲି ଫେରିଛ କି ?" ଅନିଚ୍ଛାସତ୍ତ୍ୱେ ଅରୁଣ ଆଖି ମଳି ଦଳି ଶ୍ରୀମତୀ ଉଠିଲେ, ଭୁଜ ଟେକି ଅଳସ ଭାଙ୍ଗି ପାଖଦେଇ ଯାଉଛନ୍ତି । ଚଣ୍ଡୀଦାସ ରୀତିରେ ଡ଼କ୍ଟର ରାୟ ଆରମ୍ଭ କଲେ, "ଛୋଁଯନା ଛୋଁଯନା ବନ୍ଧୁ, 'ମୁକୁର ଲଇୟା ଚାନ୍ଦ ମୁଖଖାନି ଦେଖ।' ଶେଷରେ ପଂକ୍ତି ବଦଳ କରି ଗାଇଲେ "ହରିଦ୍ରାରେ ଦାଗ ଆଛେ ସର୍ବଗାୟ ମରାହଲ ବନ୍ଧୁ ଲାଜେ ।" ଗାଲ ଚିପି ଦେଇ କହିଲେ, "ଏଥର ଏମିତିଗୁଡ଼ାଏ ହଳଦୀ ଲେପି ହେଉଛ କାହିଁକି ?"

ଶ୍ରୀମତୀ ଦେଖିଲେ ଡ଼କ୍ଟର ରାୟଙ୍କ ବାହୁ ଓ ଛାତିରେ ହଳଦୀ ଲାଗିଛି । ଲାଜ ଲାଜ ହୋଇ କହିଲେ, "ମୁଁ କଣ ଜାଣିଥିଲି ତୁମେ କାଲି ରାତିରେ ଫେରିବ ବୋଲି ?" ବ୍ଲାଉସ ବୋତାମ ଟପ୍ ଟାପ୍ ଟିପି, ଖସି ଯାଇଥିବା କୁନ୍ତଳ ସାଜି ସେ ଘରୁ ବାହାରିଗଲେ । ଡ଼କ୍ଟର ରାୟ ସିଲୋନ ଷ୍ଟେସନ୍ ଖୋଜି ଖୋଜି ରେଡ଼ିଓ କଣ୍ଟା ଚଳାଇବାରେ ଲାଗିଥାନ୍ତି ।

ଶ୍ରୀମତୀ (ବିବାହ ବେଳେ ତାଙ୍କ ନାମ ଥିଲା ପଦ୍ମାବତୀ, ଡ଼କ୍ଟର ରାୟଙ୍କୁ କିନ୍ତୁ ଏ ନାମଟି ମରହଟ୍ଟୀ ଜଣାଯିବାରୁ ସେ ଶରଧା ନାମ ଶ୍ରୀମତୀ ଦେଇଛନ୍ତି) ଫେରିଆସି ଡ୍ରେସିଂ ଟେବୁଲ୍ ପାଖରେ ଟର୍କିସ୍ ତଉଲିଆରେ ମୁହଁ ପୋଛୁଛନ୍ତି, ରେଡ଼ିଓରୁ ଶୁଭିଲା, "ଭେକ୍ୟୁଲେକ୍ସ ଦୋ'ଗୋଲିକା ଟିକିୟା ପିଲେ ଅର ନୀଲେ-ପେଟକୋ ଆରାମ ପୌଞ୍ଚାଥା ହେ ।"

"ବୁଝିଲ ନା, ରେଡ଼ିଓ ବିଜ୍ଞାପନରୁ ଇଙ୍ଗିତ ବା ସୂଚନା ଡ଼କ୍ଟର ରାୟ ଆରମ୍ଭ କଲେ, ବରପାଲି ନହେଲେ ସେଫ୍‌ଟିକ୍-ଦୁଇରୁ ଯାହା ହେଉ ଗୋଟାଏ ଏ ମଧ୍ୟରେ କରିବାକୁ ପଡ଼ିବ ।" ଡ଼କ୍ଟର ରାୟ କବିତାରୁ ଗବିତାକୁ ଖସି ଆସିଲେ ।

"ମଲା, ମଲା ! ବିଜ୍ଞାପନଟା ଶୁଣିବା ମାତ୍ରେ ପାଇଖାନା କଥା ! ବୁଢ଼ାଙ୍କ ପେଟ ଚିନ୍ତା ନହେଲେ ପାଇଖାନା ଚିନ୍ତା ଛଡ଼ା ଆଉ କଣ କିଛି [illegible] ମେଞ୍ଚା ଆକବରୀ, କାପ୍‌କୁ କାପ୍ ବୁକ୍‌ବଣ୍ଡ୍, ପୁଞ୍ଜାକୁ ପୁଞ୍ଜା ଟାର୍ମିନାଲ ଏଥିରୁ [illegible] କାମ ନ ଦେଲା ତେବେ ଦୋ' ଗୋଲିକା ଟିକିୟା । ଆଚ୍ଛା, ସକାଳଟାରେ ତୁମ ମୁଣ୍ଡକୁ ଏ ପବିତ୍ର ପାଇଖାନା ଚିନ୍ତାଟା କିମିତି ପଶିଲା ?"

"ଥୁରୁଥୁରିଆ ବୁଢ଼ୀଟା ସକାଳଟାରେ ଟିଣଟାଏ କାଖେଇ ଏଇ ଝରକା ବାଟଦେଇ ନିତି ପ୍ରତି ଯାଉଥିବାର ମୁଁ ଆଉ ଦେଖି ସହିପାରିବି ନାହିଁ । ମ୍ୟୁନିସିପାଲିଟି କିଛି ନ କଲା ବୋଲି ଆମର କ'ଣ କିଛି ?"

"ଥାଉ ଥାଉ । ବୁଢ଼ୀ ମେହେନ୍ତରାଣୀଟା ପ୍ରତି ଏତେ ଦୟା ! ତୁମର ନିଜ ମଣିଷଟା ଯେ ଚାକର ଅଭାବରୁ କିମିତି ହଇରାଣ ହରକତ ହେଉଛି ସେ କଥା ଦିଶୁନି, କି ମନେପଡୁନି । ହଜାରେ ଥର ପଟ୍ଟନାୟକ ବାବୁଙ୍କ ଘରକୁ ଦଉଡ଼ି ଦଉଡ଼ି ଚାକର ଟୋକାଟା ଯୋଗାଡ଼ କରିଥିଲି । କେତେ କାମିକା ବୋଲକରା ଟୋକାଟା ।

Digitized by srujanika@gmail.com

ପଟ୍ଟନାୟକ ବାବୁ ଆମ ପାଖ ପଡ଼ିଶା ନ ହୋଇଥିଲେ ମୋର ଯେ କି ଦଶା ହୁଅନ୍ତା, କେତେ ଅସୁବିଧା ହୁଅନ୍ତା"

"ସ୍ତ୍ରୀ ଲୋକ ସ୍ତ୍ରୀଲୋକର ଶିରୀ ଦେଖି ସହିପାରେ ନାହିଁ, ଦେଖୁଛି । ବୁଢ଼ୀଟା କଥା କହିଲାବେଳକୁ ବି ଡ଼େଇଁ ପଡୁଛ ମୋ ଉପରକୁ । ଆଚ୍ଛା କୁହ ତ, ମୋତେ ଚାରି ପାଞ୍ଚଶହ ଟଙ୍କା ଦେଇପାରିବ କି ନା ?"

"ତୁମେ ସେ ପାଇଖାନା କଥା ଆଉ ଉଠାଅ ନାହିଁ । ପଇସା କେଉଁଠୁ ଆସିବ ? ଘର ଲୋନ୍ ଶୁଝାରେ ତ ଦରମା ଅଧେ ଗଲା । ଗଲା ବର୍ଷ ଏଠି ସେଠି ବକ୍ତୃତା ଦେଇ ଉପୁରି ଯେଉଁ ପାଞ୍ଚ ଛଅଶହ ଆଣିଥିଲ ସେ ସବୁ ତ କୂଅରେ ଗଲା । ଯେବେ ଜିଦ୍ ଧରିବ, ତେବେ ପଟ୍ଟନାୟକଙ୍କ ପାଖରୁ ହାତ ଉଧାର କରି ଆଣିବି ସିନା । ତାଙ୍କ ଛଡ଼ା ଏଠି ଆମର ଚିହ୍ନା ପରିଚୟ, ଆତ୍ମୀୟ କିଏ ଅଛି ଯେ ? ଦେଖୁଛି, ତୁମେ ବଡ଼ ଜିଦ୍‌ଖୋର ।"

"କ୍ରୋଧ ସଖି ! ସମ୍ବର, ସମ୍ବର । ପଇସା ପତ୍ର ହିସାବକିତାବ ଦେଇ ମୋତେ ଦୁଃଖ ଦିଅନା । ପାଇଖାନା କଥା ଏତିକିରେ ଥାଉ । ଏଥର ମୋତେ ଟିକିଏ ତୁମ ପଟ୍ଟନାୟକ ବାବୁଙ୍କ କଥା କହ । ଏ ବାବୁଟି କିଏ ? ତାଙ୍କ ସହିତ ତୁମର ଭାବ ବଡ଼ ବେଶୀ ଜମି ଉଠୁଛି ।"

"ସେ ପରା ଆମ ଗାଁ ଲୋକ । ଲେଖାଯୋଖା ଭାଇ, ଆଉ ଗୋଟାଏ ଦୂର ସମ୍ପର୍କରେ ଶଳା, ଭାଇ ନହେଲେ ଦିଅର । ଭୀମା ବି ଦୂର ସମ୍ପର୍କୀୟ ଭାଇ । ନହେଲେ ଏତେ କମ ଦରମାରେ ତୁମ ଘରେ ଖଟୁଥାନ୍ତା । ତୁମର ପେଣ୍ଟ, ଜାମା, ଲୁଗାପଟା ଦେଇ ଆଦର ଶରଧାରେ ତାକୁ ରଖିଛି ବୋଲି ସିନା ରହିଛି । ତୁମେ ତ ତାକୁ ସବୁବେଳେ ଚିଡ଼ିଲ । ପଟ୍ଟନାୟକ ବାବୁଙ୍କ ଘରକୁ ପିଠାପଣା, ତିଅଣ ତରକାରୀ ଦେଲି ବୋଲି ମୋ ଉପରେ ଚିଡ଼ିଲ । ବିଚରା ନୂଆ ବାହା ହୋଇଛନ୍ତି । ବୁଢ଼ା ବାପା-ମା'ଙ୍କୁ ଯୋଗୁଁ ବୋହୂକୁ ଆଣିପାରୁ ନାହାନ୍ତି । ନିଜେ ଷ୍ଟୋଭରେ ରୋଷେଇ କରନ୍ତି, ଜାଣ । ପୁରୁଷ କେବେ ପୁରୁଷଙ୍କ ସୁଖ ଶିରୀ ସହିପାରନ୍ତି ନାହିଁ । ଯେବେ ସେ ଚାକର ଟୋକାଟା ନ ଆସେ ତୁମେ ଏଥର ନିଜେ ରୋଷେଇ କରିବ ଯେ ।"

"ଆରେ ! ଚାକର ରଖ । କିଏ ମନା କରୁଛି । ଦି'ଜଣଙ୍କ ପାଇଁ ଏଡ଼େ ଭେଣ୍ଡିଆଟାଏ କାହିଁକି ପୋଷିବ । ଦେଖିଛ ନା ତା ଭୋଜନ ? ତିନିଜଣଙ୍କର ଖାଦ୍ୟ ଏକା ସେ ଜଣେ ଖାଏ, ପୁଣି ଫେସନ, ବଜାରିଟାଏ, ସିନେମା ଗୀତ"

"କି ଆଶ୍ଚର୍ଯ୍ୟ ! ଚାକର ହେଲା ବୋଲି ଖାଇବ ନାହିଁ, ପିନ୍ଧିବ ନାହିଁ, ଘିନିବ ନାହିଁ, ଗୀତ ଗାଇବ ନାହିଁ, ଖାଲି ତୁମର ବାଡ଼ି ବଗିଚାରେ ଖଟୁଥିବ, ଚୋର ଚାମୁଣ୍ଡା ଘଉଡ଼ାଥିବ । ଦେଖୁନ, କେଡ଼େ ସୁନ୍ଦର ବଗିଚାଟାଏ କରିଦେଇଛି ଅଗଣାରେ ।

Digitized by srujanika@gmail.com

ଡ଼ିମ୍ବଫୁଟା ଛୁଆଟାଏ ରଖି କ'ଣ ମୁଁ ତାକୁ ଦୁଧ ପିଆଉଥିବି । ନିଜର ତ ନାହିଁ । ତୁମେ ଫେର୍ ଘରେ ଅଧେ ଦିନ ରାତିରେ ରହୁନ । ଏକେଲା ମୋତେ ଡ଼ର ମାଡ଼ିବନି ?"

ଇତିମଧ୍ୟରେ ଶ୍ରୀମତୀ ରାୟ ଷ୍ଟୋଭରୁ ଚା' କେଟିଲି ଓହ୍ଲାଇ ଚା ପତର ପକାଇଲେଣି । ଚା ରଙ୍ଗ ହେବାକୁ ଅପେକ୍ଷା କରି ଗୁଣୁ ଗୁଣୁ ହୋଇ "ଗୁଣିଆ ଝାଡ଼େ ଲୋ ଡ଼ାହାଣୀ" ଗୀତଟି ଗାଇ ସକାଳର ପ୍ରସାଧନୀ ସାରି ଆଖିରେ ଲଞ୍ଜାଟାଏ ଟାଣୁଥାନ୍ତି । ଏଣେ ଡ଼ାକ୍ତର ରାୟ "ଆପ୍ ହି କା ଗୀତ" ଶୁଣୁଥାନ୍ତି ଓ ଗୀତ ସହିତ ତାଳ ରଖି ଖୁଅର ହେଉଥାନ୍ତି, ଟୁଇଷ୍ଟ ବି ମଝିରେ ମଝିରେ କରୁଥାନ୍ତି ।

ଚା-ଖୋର ଯିମିତି ସାଗ୍ରହରେ ଚା ଆସିବାକୁ ଅପେକ୍ଷା କରିବା ବେଳେ ମେଜାଜରେ ଥାଏ, ଡ଼କ୍ଟର ରାୟ ସିମିତି ମେଜାଜରେ ଥାନ୍ତି । ମୁହଁରେ ପାଉଡ଼ର ଲଗାଇ ଅପେକ୍ଷା କରୁଥାନ୍ତି କେତେବେଳେ ସୁନା ଚୁଡ଼ିପିନ୍ଧା ଗୋରା ହାତଟି ଧଳା କପ୍‌ରେ ସୁନେଲି ଚା ନେଇ ଆସିବ । ସିଗାରେଟ୍ ପେକେଟ୍ ଉପରେ ସିଗାରେଟ୍‌ଟିଏ ପାଞ୍ଚ ମିନିଟ୍ ହେଲା ଭସ୍ମୀଭୂତ ହେବାକୁ ଅପେକ୍ଷା କଲାଣି ।

ଶ୍ରୀମତୀ ଚା-କପ୍‌ଟି ବଢ଼ାଇଦେଇ କହିଲେ, "ଦେଖିଛ ନା ଚନ୍ଦ୍ରମଲ୍ଲିକା ବା ଫୁଲଟି କେତେ ଆଗତୁରା ଫୁଟିଛି ଆମ ଅଗଣା ବଗିଚାରେ । କିଏ ଗଛ ଲଗାଇଥିଲା ମନେପଡ଼ୁଛି ? (ଚାକର ଟୋକା ଭୀମା ନୁହେଁ ତ ? ଡ଼କ୍ଟର ରାୟ ଭାବିଲେ) ମୁଁ ନିଶ୍ଚୟ ଆଜି ପିନ୍ଧିବି ରିଙ୍ଗ୍ ଜୁଡ଼ାରେ ପ୍ରଥମ ଫୁଲଟି ।"

"ନା, ନା, ନା" ରେଡ଼ିଓ ବନ୍ଦକରି ଉଠିବସିଲେ ଡ଼କ୍ଟର ରାୟ । "ସେ କଥା କୁହ ନାହିଁ । ତୁମର ଗଞ୍ଜାମୀ ଅଭ୍ୟାସ ଛାଡ଼ିନାହିଁ ଦେଖୁଛି । ସେଠି ଫୁଲକୁ ଫୁଲ ବୋଲି ବିଚାରନ୍ତି ନାହିଁ ସ୍ତ୍ରୀ-ପୁରୁଷ । ଫୁଲ ବିକା-କିଣା ହୁଏ । ଶ୍ରୀମତୀ ରାୟ କାହିଁକି, ମିସ୍ ଇଣ୍ଡିଆ ବା ମିସ୍ ଇଉନିଭର୍ସ ଆସିଲେ ବି ସେ ଫୁଲ ପାଇବେ ନାହିଁ ।"

ଇଲାଷ୍ଟ୍ରେଟେଡ୍ ଉଇକ୍ଲିରୁ ଛବି ଲେଉଟାଉଥାନ୍ତି ଶ୍ରୀମତୀ ଏବଂ ପ୍ରଶଂସମାନ ଚକ୍ଷୁରେ ଚାହୁଁଥାନ୍ତି ଡ଼କ୍ଟର ରାୟଙ୍କୁ । ପ୍ରଥମ ଚୁମ୍ବକରେ ପୁଣି ମୁଡ଼୍ ଆସିଗଲା ଡ଼କ୍ଟରଙ୍କର, ସେ ଗାଇଲେ, 'ଆଖି ମାରୋ ଚିର ପରିଚିତ କାରୁକାନ୍ତ କମନୀୟ କରେ ଆସିବାର ସ୍ୱର୍ଣ୍ଣ-ବର୍ଣ୍ଣ ଚା ।' ତା ବୋଲି ତୁମେ କ'ଣ ଭାବୁଛ ଚା-କପ୍ ବିନିମୟରେ ଚନ୍ଦ୍ରମଲ୍ଲିକା ପାଇବ ? ଦେଖୁଛି ସଖି ! ତୁମେ ବି କ୍ରମେ ରସିକା ସାଜୁଛ । ଆଖିରେ ଲାଞ୍ଜିକଜଳ, ବାଣୀବିହାର ଢାଞ୍ଚାରେ କାନ ଉପରେ ଚୂଳ, ସ୍ଲିଭ୍‌ଲେଶ୍ ବ୍ଲାଉଜ୍, ପୁଣି ଗଭାରେ ଚନ୍ଦ୍ରମଲ୍ଲିକା ଖୋଜିଲାଣି ।"

"ରସିକତାରେ ତୁମର କେଉଁ ଊଣା ହେଉଛି କି ? କବିତା, ଗପ, ଫୁଲ, ମିସ୍, ମିସେସ୍ ଭିତରେ ମଜି ତୁମର କାନମୂଳ ଚୂଳ ବି କଳା ହେଲାଣି, କଲର ଲଗେଇବା ଦରକାର ପଡ଼ୁନି । ପଟ୍ଟନାୟକ ବାବୁଙ୍କୁ ପରି ବାଟଲ ଚୂଳ ତୁମକୁ ବେଶ୍ ମାନନ୍ତା ।"

Digitized by srujanika@gmail.com

"ତୁମକୁ ପଟ୍ଟନାୟକ ଭୂତ ଲାଗିଛି ଦେଖୁଛି । କଥା କଥାକେ ପଟ୍ଟନାୟକ ବାବୁ । ରାଧାଙ୍କ ପରି ତୁମେ ତାଙ୍କର ଅଷ୍ଟୋତ୍ତରଶତ ନାମ ଜପିବାକୁ ଆରମ୍ଭ କଲଣି । ଆଚ୍ଛା, ସତରେ କ'ଣ ମୋଠି ରସିକତା ଦେଖୁଛ! କାଲି ସଭାରେ ଜଣେ ମୋତେ ରସିକ ଗାଳ୍ପିକ ବୋଲି କହିଲା । ତା ଛଡ଼ା ଯେଉଁ କାଣ୍ଡ ହେଲା ସେଇ ସଭାରେ ତାହା ରସିକତାର ଚୂଡ଼ାନ୍ତ ।"

"ଆମେ କ'ଣ ସେ କଥା ଶୁଣିବା ପାଇଁ ଯୋଗ୍ୟ ? ସଭାକୁ ତ ଯିବାର ସୌଭାଗ୍ୟ ଘଟିନାହିଁ, ଶୁଣିଥାଏ ଭଲା ।"

"ତୁମେ ଓଢ଼ଣାଟାଏ ଏଥର ଟାଣ । ଏଇ ଓଢ଼ଣା ନେଇ ଏତେ କଥା । ଆଉ ବିଚାରୀ ସେ ସ୍ତ୍ରୀ ଲୋକଟିର ଅବସ୍ଥା-"

"କିଏ ସେ ଭାଗ୍ୟବତୀ ?"

"ଭାଗ୍ୟବତୀ କି ନା କହିପାରିବି ନାହିଁ, ଅବଗୁଣ୍ଠନବତୀ ଅବଶ୍ୟ ବୋଇତ-ବନ୍ଦାଣ ସମ୍ପର୍କରେ ମୋର କିଛି କହିବାର ଥିଲା, କିନ୍ତୁ ଉତ୍ସବର ଇତିହାସ ମୋତେ କିଛି ଜଣାନଥିଲା । ଅନ୍ଦାଜରେ ପଦେ ଅଧେ କହି 'ବୋଇତ ଲାଗିଲା ଯାଇ ସିଂହଳଦ୍ୱୀପରେ ସ୍ୱର ଧରି ଗାଇଲି । ଦୈବକୁ ସେତିକିବେଳେ ମୋତେ ଜଣେ ଶ୍ରୋତା ଅନୁରୋଧ କଲେ, ମୁଁ କିପରି ଗଳ୍ପ ଲେଖେ, ସେଇ କଥା କହିବା ପାଇଁ ।"

"ତୁମକୁ ପଇସା ଦେଇ ଲୋକେ ଏଇଥିପାଇଁ ଡ଼ାକନ୍ତି । ମୋତେ ଡ଼ାକିଲେ ବିନା ପଇସାରେ ଦୁଇ ମିନିଟ୍ ଭିତରେ କହିଦିଅନ୍ତି, ତୁମେ କିମିତି ଗପ ଲେଖ ।"

"ମୋ କଥା ଆଗ ଶୁଣି ସାର । ଗପ ପଛେ କହିବ । ସଭାରେ ଜଣେ ଅବଗୁଣ୍ଠନବତୀ ଥିଲେ । ମୁଁ ତାଙ୍କୁ ଚାହିଁ ଉଦାହରଣ ଛଳରେ କହିଲି, "ଧରନ୍ତୁ, ମୁଁ ଜଣେ ପୀତବସନା ଅବଗୁଣ୍ଠନବତୀଙ୍କୁ ଦେଖିଲି । ସେ କିନ୍ତୁ ମୋତେ ଚାହିଁଲେ ନାହିଁ ! ସ୍କୁଲ କଲେଜର ଛାତ୍ରୀ, ଶିକ୍ଷୟିତ୍ରୀ ଅଧ୍ୟାପିକା ସମସ୍ତେ ମୋତେ ଦେଖିବାକୁ ମୋ ବକ୍ତୃତା ଶୁଣିବାକୁ ପାଗଳୀ । ଅଥଚ ସେ କାହିଁକି ମୋତେ ଚାହିଁଲେ ନାହିଁ । ଏଇ ଅଭିମାନ, ଅପମାନର ନିଦର୍ଶନ ମୁଁ ମୋ ମସ୍ତିଷ୍କ-ଗହ୍ୱରରେ ରଖିଲି ଯିମିତି ପାତିମାଙ୍କଡ଼ ଗାଲମୁଣାରେ ଖାଦ୍ୟ ସାଇତି ଥାଏ ।" ଦଣ୍ଡେ ରହି ଡ଼କ୍ଟର ରାୟ କହିଲେ, "ଏତକ କହିସାରି ମୁଁ ରହିଗଲି ଏବଂ ସିଧା ସେଇ ଅବଗୁଣ୍ଠନବତୀଙ୍କୁ ଚାହିଁ ରହିଲି, ଯିମିତି ଯାତ୍ରା ପାର୍ଟିର ଓସ୍ତାଦ୍ ଗୀତ ଗାଉଁ ଗାଉଁ ହାରମୋନିୟମରୁ ଆଙ୍ଗୁଳି ଉଠାଇ ହାତ ଛାଡ଼ିଦେଇ ଦର୍ଶକଙ୍କୁ ଚାହିଁ ରହେ । "Wonderful" "Wonderful" "Hear" "Hear", ଶବ୍ଦରେ ସଭା କମ୍ପି ଉଠିଲା । ମହିଳାଟି ଅପ୍ରସ୍ତୁତ ହେଲାପରି ଭାବ ଦେଖାଇଲେ, କିନ୍ତୁ ମୁହଁ ତଳକୁ ପୋତିଲାବେଳେ କଣେଇ ମୋ ଆଡ଼କୁ ଓଢ଼ଣାତଳୁ ଏମିତି ଚାହିଁଲେ ଯେ ସେ ସ୍ମିତ ଜୀବନରେ ମୁଁ ସୁନନ୍ଦା, ସୁଷମା, ସାବିତ୍ରୀ, ଝରଣା, ନନ୍ଦିତା ବା ଭଟ୍ଟାଚାର୍ଯ୍ୟ ବାବୁଙ୍କ

Digitized by srujanika@gmail.com

ସ୍ତ୍ରୀ କାହା ପାଖରେ ଦେଖିନାହିଁ । ସଭା ଶେଷରେ ସ୍ୱାମୀ ସ୍ତ୍ରୀ ମୋତେ ଅଭିନନ୍ଦନ ଜଣାଇ ତାଙ୍କ ଘରକୁ ନିମନ୍ତ୍ରଣ କଲେ ।"

"ଯାଃ, ଯାଃ ! ତୁମର ନାବାଳକି କଟି ନାହିଁ, ମଥା ପାଗଳ ବି ହେଲାଣି ଦେଖୁଛି । ନିଜ ସ୍ତ୍ରୀ ଆଗରେ ଶହ ଶହ ସ୍ତ୍ରୀଙ୍କ ନାମ କହିଯାଉଛ, ଲଜ୍ଜା ନାହିଁ । ରସିକତାରୁ ଡ଼ିଗ୍ରୀଏ ଉପରକୁ ଯାଇ ଅଉଲ ନମ୍ବର ବେହିଆ ହେଲଣି । ଏଥିରେ ଡ଼କ୍ଟରେଟ୍, କଣ ନୋବେଲ୍ ପ୍ରାଇଜ୍ ପାଇବ । ବେଶ୍, ଆସ, ମୋତେ ବି ବେହିଆ ଅଲାଜୁକ ସାଜି ଆସେ । ଆସ, ଆଇନା ପାଖକୁ ପାଖକୁ ପାଖ ଲାଗି ଛିଡ଼ା ହୁଅ । ଦେଖ, ଉଇକି ର 'ନିଉ ଉଏଜ୍‌ସ' ପୃଷ୍ଠାକୁ । ଆମେ ସୁନ୍ଦର ନା ସେମାନେ ? ଆମେ ଠିକ୍ ମେଚ୍ କରିଛୁଁ ନା ସେମାନେ ?"

"ସାତ ବର୍ଷ ଭିତରେ ଯୋଡ଼ି ପଟୁଥିବା ଗୋଟାଏ ସୁଦ୍ଧା ପେୟାର ଦେଖିନାହିଁ । ଏବେ ବି ଆମେ ଆମ ଛବି ଯେବେ ପଠାଉ ତେବେ ପୃଷ୍ଠା ଝୁଲି ଉଠିବ ।"

ମୁଁ ତ ସେଇ କଥା କହୁଛି ! ତୁମେ ଯେଉଁ କର୍ପୁର ମାଳ ଆଣିଛ ତାକୁ ଗଳାରେ ପକାଅ । ମୁଁ ଫୁଲ ମାଳଟାଏ ନାଇବି । ଫଟୋ ପଠାଇବା । ପାଞ୍ଚଟଙ୍କା ଦେବାକୁ ପଡ଼େ କୁଆଡ଼େ । କେହି ଜାଣିବେ ନାହିଁ, ଆମେ ଏବେ ବାହା ହୋଇଛୁ କି ସାତବର୍ଷ ପୂର୍ବେ ।"

"ବେଶ୍, ରାଜି । ତୁମେ ଓଢ଼ଣା ଟାଣିବ ତ ? ଅବଗୁଣ୍ଠନବତୀ ପ୍ରତି ମୋର ଟିକିଏ ଦୁର୍ବଳତା ଅଛି, ସେ କଥା ତୁମେ ତ ଜାଣ ।"

"ହେଲା । ତୁମେ କିନ୍ତୁ ବୀଟ୍‌ନିକ୍ ସାଜିବ ପଟ୍ଟନାୟକ ବାବୁଙ୍କ ପରି ।"

ପ୍ରେମାତିଶଯ୍ୟରେ ଦୁହେଁ ଲଗାଲଗି ହୋଇ ଛିଡ଼ା ହେଉ ହେଉ ଗୋଟାଏ କ୍ଲାଇମେକ୍ସ ବା ଫିନିସିଂ ଟାଚ୍ ଆଡ଼କୁ ଯାଉଥାନ୍ତି, ଏତିକିବେଳେ ବାଡ଼ି ଦୁଆରପଟୁ ଡ଼ାକ ଶୁଭିଲା, "ମାଆ ! କବାଟ ଫିଟାଅ ।"

ସ୍ୱାମୀ-ସ୍ତ୍ରୀ ଅଲଗା ଅଲଗା ହୋଇଗଲେ । ଶ୍ରୀମତୀ ରାୟ ନୂଆ ଗଳାସର ବାଗିନପାରି ସବୁଦିନ ପରି ବାଡ଼ି ଦୁଆର ଫିଟାଇ ଦେଲେ । ଡ଼କ୍ଟର ରାୟ କିନ୍ତୁ ନିଜ ରୂପ ଅନୁଧ୍ୟାନ କରିବାରେ ଲାଗିଥାନ୍ତି ଏବଂ କେଉଁଠି ବ୍ରଣ ଦାଗ ବା ଅର୍ଦ୍ଧପକ୍ୱ ଚୁଳ ଅଛି ତାକୁ ଖୋଜିବାରେ ବ୍ୟସ୍ତ ଥାଆନ୍ତି । ହଠାତ୍ ବାୟୁତରଙ୍ଗରେ ଭାସି ଆସି ଅନ୍ୟ ଏକ ପୀତବସନ ଅବଗୁଣ୍ଠନବତୀର ଛବି ଠିକ୍ ଯେମିତି ଶ୍ରୀମତୀ ଛିଡ଼ା ହୋଇଥିଲେ ସେଇଠି ଆଇନାରେ ତାଙ୍କ ସାଂଗକୁ ଯୋଡ଼ିହୋଇ ଛିଡ଼ା ହୋଇଗଲା । ଆନନ୍ଦ ଓ ଆଶ୍ଚର୍ଯ୍ୟରେ ଅଭିଭୂତ ହୋଇ ଡ଼କ୍ଟର ରାୟ ଦଣ୍ଡେ ନିଶ୍ଚଳ ହୋଇ ରହିଲେ । ତା'ପରେ ଅନାଇଲେ ପଛକୁ, ମୂଳ ପ୍ରତିମାଟିକୁ ଦେଖିବା ଉଦ୍ଦେଶ୍ୟରେ । ବିସ୍ମୟର ସୀମା ରହିଲା ନାହିଁ ତାଙ୍କର ଆଗନ୍ତୁକାକୁ ଦେଖି ।

କିଏ ଏ ଅବଗୁଣ୍ଠନବତୀ ? ସ୍ୱାଭାବିକ ସହଜାତ ଦୁର୍ବଳତାକୁ ଏଡ଼ି ନପାରି ଡ଼କ୍ଟର ରାୟ ଅଗଣାକୁ ବାହାରିଯାଉଥିଲେ ନିକଟରେ ଥାଇ ତା'ର ରୂପ ବ୍ୟବଚ୍ଛେଦ କରିବାକୁ, କିନ୍ତୁ ପରକ୍ଷଣରେ ଭାବିଲେ ଯେ, ଶ୍ରୀମତୀଙ୍କ ତୀକ୍ଷ୍ଣ ତୀବ୍ର ଦୃଷ୍ଟିର ଅନ୍ତରାଳରେ ଥାଇ

Digitized by srujanika@gmail.com

ଆଗନ୍ତୁକାର ରୂପ ଗୁଣ ଲକ୍ଷ୍ୟ କରିବା ଶ୍ରେୟସ୍କର ହେବ । ତେଣୁ ତନ୍ମୟ ହୋଇ ଚକ୍ଷୁ କର୍ଣ୍ଣ ଏକାବେଳେ ସଜାଗ ରଖି ଆଳରେ ଆଇନା ଦେଖୁଥାନ୍ତି ।

"ତୁମେ ତୁ କିଏ ?" - ଶ୍ରୀମତୀ ପ୍ରଶ୍ନୋତ୍ତର ଆରମ୍ଭ କଲେ ।

"ମୁଁ ବେହେରାଣୀ । ଶାଶୁକୁ ଜର, ତା' ବଦଳ ମୁଁ କାମ କରୁଛି ।"

"ଏବେ ବାହା ହେଇଛୁ ? ଗେରସ୍ତ କ'ଣ କରେ ?"

"ଦୁଇମାସ ହେଲା । ଗେରସ୍ତ ମୁନିସିପାଲିଟି ଗାଡ଼ି ଡ୍ରାଇଭର । ଭୀମ ତାଙ୍କ ନାଆଁ ।"

"ଗେରସ୍ତ ନାଆଁ ଧେଇଲୁ ?"

"ଆମର ଧରନ୍ତି ।"

"ତୋ ନାଆଁ ?"

"ପଦୁଆଁ ।"

ଡ଼କ୍ଟର ରାୟ ଇତିହାସର ଏକ ରୋମାଞ୍ଚକର ଅଧ୍ୟାୟ ମନେ ପକାଇଲେ କେଉଁଠି ଆଲ୍ଲାଉଦ୍ଦିନ୍ ଖିଲ୍‌ଜି ଦର୍ପଣରେ ଭୀମ ସିଂହଙ୍କ ପତ୍ନୀ ପଦ୍ମିନୀଙ୍କ ଅପରୂପ ଲାବଣ୍ୟ ଦେଖୁଥିଲେ । (ଯାଦୁ ଦର୍ପଣରେ ବାହାର ଦୁନିଆଁ ଦେଖୁ ଦେଖୁ ଲାନସ୍‌ଲଟ୍ ନାମକ ଯୁବାଙ୍କୁ ଦେଖି ଲେଡ଼ି ଅଫ୍ ଶେଲ୍‌ଟର କି ଟ୍ରେଜେଡ଼ି ହେଲା ତାହା ସୁବିଧା ମୁତାବକ ଡ଼କ୍ଟର ରାୟ ମନେ ପକାଇଲେ ନାହିଁ ।)

"ନୂଆ ବାହା ଶାଢ଼ୀଟା ପିନ୍ଧି ମଇଳା ସଫା କରୁଛୁ ?" ଶ୍ରୀମତୀ ରାୟ ପଚାରି ଚାଲିଥାନ୍ତି । ପଦୁଆଁକୁ ସେ ଦେଖାଇବାକୁ ଚାହାନ୍ତି ଯେ ବଡ଼ ଘରର ସ୍ତ୍ରୀ ମଧ୍ୟ ଗରିବ ଅଧମର ସ୍ତ୍ରୀ ବିଷୟରେ ଆଗ୍ରହୀ ସହାନୁଭୂତିସମ୍ପନ୍ନା ।

"କ'ଣ କରିବି ମାଆ ! ମୋର ଏଇ ଖଣ୍ଡିକ ଶାଢ଼ୀ । ବାପା ଦେଇଥିଲେ ।" ଡ଼କ୍ଟର ରାୟ ଆଇନାରେ ଦେଖିଲେ ପଦୁଆଁର ଆଖି ଅଶ୍ରୁ ଛଳଛଳ ଯିମିତି ।

"ବାପଘର କେଉଁଠି ? ଆମ ଗଞ୍ଜାମ ଆଡ଼େ ? କଥାର ଟାଣ ବରହମପୁରୀ ଜଣାପଡୁଛି । ପୁଣି ଫୁଲ ନାଇଛୁ ଜୁଡ଼ାରେ ।"

"ନା, ମା ! ମୋ ଘର ଏଇଠି । ମୋ ମାଆ ଥିଲା ଦକ୍ଷିଣୀ ତେଲେଙ୍ଗାଣୀ । ହେଲେ ବାପା କଟକ ଆଡ଼ର ଲୋକ ।"

"ତୋ ବାପା କ'ଣ କରେ ?"

"ଏତେ କଥା କାହିଁକି ପଚାରୁଛ ମାଆ ! ମୁଁ ବଡ଼ ଦୁଃଖୀ ପିଲାଦିନରୁ ମାଆ ବାପା ନାହାନ୍ତି । ମାଆ ଥିଲା ଅନ୍ଧୁଣୀ, ବାପା ବଡ଼ରୋଗୀ । ବାପା ଚଲାବୁଲା ବି କରିପାରୁନଥିଲା । ଏଇ କଚେରୀ ଆଗରେ ଆମ୍ବଗଛ ମୂଳେ ତା' ଜୀବନ ଗଲା । ପୋଡ଼ା ପୋତା କରିବା ପାଇଁ କେହିନଥିଲେ । ମାଆ ଶୋଇଥିଲା ବେଳେ ଦୁଇଟା ବାବାଜି

Digitized by srujanika@gmail.com

ମୋତେ ଚୋରିକରି କଲିକତା ନେବାକୁ ବସିଥିଲେ । ଟେସନର ମେହେନ୍ତର ବୁଢ଼ା ମୋତେ ଉଦ୍ଧାର କରି ପାଳିଥିଲା । ସେ ବି ମଲାଣି ମାସେ ହେଲା ।"

ଦୟାରୁ ସହାନୁଭୂତି, ସହାନୁଭୂତିରୁ ପ୍ରେମ କବିମାନେ କହନ୍ତି । ଗାଳ୍ପିକ ଡ଼କ୍ଟର ରାୟଙ୍କ ରୋମାଣ୍ଟିକ୍ ସରସ ହୃଦୟ ପଦୁଅାଁର କରୁଣ ଜୀବନ ଗୀତିକାରୁ ଗୋଟିଏ ସୁନ୍ଦର ମିଳନାତ୍ତକ ଗଳ୍ପ ହେବ ବୋଲି ସ୍ଥିର କରିସାରିଲେଣି । ଭୀମସିଂର ସ୍ତ୍ରୀ ପଦୁଅାଁର ଯେତିକି ରୂପ ଆଇନାରେ ସେ ଦେଖିଲେ ତାହା ନାୟିକା ପାଇଁ ଯଥେଷ୍ଟ । କେବଳ ଉପମା ଖୋଜିଲେ ହେଲା । ଶ୍ରୀମତୀ ରାୟଙ୍କ ହଳଦୀମଖା ଦେହ ଅପେକ୍ଷା ପଦୁଅାଁର ଦେହକାନ୍ତି ଉଜ୍ଜ୍ୱଳତର । 'ବିଭୂଷଣପୁଷ୍ପେ ଯା' କାନ୍ତି ଜାଣ', ଏଥିରେ ସନ୍ଦେହ ନାହିଁ । ଖାଲି ବି-ଭୂଷଣ କଲେ ହେଲା ।

"ଟିକିଏ ସାଉଁଟି ସମ୍ଭାଳି ଲୁଗାଟା ପିନ୍ଧ, ପିଠି ବୋଇଲେ ପେଟ ଗୋଡ଼ ବୋଇଲେ ମୁଣ୍ଡ ଦିଶିଯାଉଛି ଯେ । ଫଟା ତୁଟା ସାଇୟା ବ୍ଲାଉସ୍ ବି ଖଣ୍ଡେ କାହିଁ ପାଇଲୁ ନାହିଁ । ଘରେ ବାବୁ ଅଛନ୍ତି ଯେ"- ଶ୍ରୀମତୀ ରାୟ ନିଜ ସାନ ଭଉଣୀକୁ ବେଶବୟନରେ ଟ୍ରେନିଂ ଦେବାକୁ ଆରମ୍ଭ କଲେ । ତାଙ୍କୁ ଜଣାନାହିଁ ଯେ ବାବୁ ନିର୍ନିମେଷ ନୟନରେ ଅନେକ ସମୟ ଧରି ଚାହିଁ ସବୁ ଦେଖି ସାରିଲେଣି । ପଦୁଅାଁ ବି ଥରେ ଅଧେ ଦେଖିନେଇ ବାବୁଙ୍କ ରୋମାଣ୍ଟିକ୍ ବୋହିମିଆନ୍ ସ୍ୱଭାବ ବୁଝିସାରିଲାଣି ।

ସ୍ତ୍ରୀଲୋକମାନେ ପଟ୍‌କରି ପୁରୁଷଙ୍କ ସ୍ୱରୂପ ଓ ପ୍ରକୃତି ବୁଝିପାରନ୍ତି ।

ସଲ୍ଲଜ ସ୍ମିତ ଓ ଭଙ୍ଗୀରେ ପଦୁଅାଁ ଶ୍ରୀମତୀ ରାୟଙ୍କ ହିତୋପଦେଶ ମାନି ଛିଣ୍ଡା ଡ଼ୋରିଆ ଗାମୁଛାଟାରେ ନିଜର ଅସଂବୃତ ଉଦ୍ଧତ ଯୌବନକୁ ଏମିତି ବାଗରେ ସଂନିବଦ୍ଧ କରିନେଲା ଯେ ଟେଡ଼ିଡ୍ରେସ୍ ପେଟାର୍ଣ୍ଣରେ ତା' ଦେହର ପ୍ରଫାଇଲ୍, କଣ୍ଟୁର୍, ଆଉଟ୍ ଲାଇନ୍ ସବୁ ଆହୁରି ସୁନ୍ଦର ଭାବରେ ପ୍ରକଟିତ ଓ ପରିସ୍ଫୁଟ ହେଲା ।

ଡ଼କ୍ଟର ରାୟ ପଦୁଅାଁ ମୁହଁରେ ଯେଉଁ ସ୍ମିତ ଦେଖିଲେ ତାହା ପୂର୍ବ ରାତିର ଅବଗୁଣ୍ଠନବତୀର ସ୍ମିତକୁ ବଳିଗଲା । ତାଙ୍କୁ ଜଣାଗଲା ସହର-ବଜାର, ସ୍କୁଲ କଲେଜର ସହ ସହ ସୁନନ୍ଦା, ନନ୍ଦିତା, ସାବିତ୍ରୀ, ସୁନୀତା, ସୁଷମା, ଝରଣା, ପ୍ରେମଲତା ବା ଭଟ୍ଟାଚାର୍ଯ୍ୟ ବାବୁଙ୍କ ସ୍ତ୍ରୀ, ଏପରି କି ମୋନାଲିସାର ସ୍ମିତ ଠାରୁ ମଧ ତାହା ମାଧୁରୀପୂର୍ଣ୍ଣ । କାରଣ ତାଙ୍କପରି କଳ୍ପନାବିଳାସୀର ଦୃଷ୍ଟିରେ ସେ ସ୍ମିତରେ କୈତବ, ଛଳନା ନଥିଲା, ଥିଲା ଖାଲି ସରଳ ନିଷ୍ପାପର ମୋହିନୀ ମାୟା । ସେ ଭାବିବାକୁ ଆରମ୍ଭ କଲେ, ଭୀମସିଂହ ଓ ପଦ୍ମିନୀ ମଝିରେ ଆଲ୍ଲାଉଦ୍ଦିନ୍ ଛିଡ଼ାହେବା ଏବଂ ଭୀମ ସିଂ ଓ ପଦୁଅାଁ ମଝିରେ ଡ଼କ୍ଟର ରାୟ ଛିଡ଼ାହେବା ହଠାତ୍ ରୋମାଣ୍ଟିସିଜମ୍‌ରୁ ସୁରରିଆଲିଜମ୍‌କୁ ଖସି ଆସିବାପରି ହାସ୍ୟକର ହେବ ନାହିଁ ତ ?

ପଦୁଅାଁ କିନ୍ତୁ ରୋମାନ୍ସ ବା କୌଣସି ଇଜମ୍ ବୁଝେ ନା । ଦୟା, ଅନୁକମ୍ପା, କରୁଣା, ସହାନୁଭୂତି, ପ୍ରେମ ବୋଲି ଗୁଡ଼ାଏ କିଛି ଅଛି ଏ କଥା ବି ସେ ସ୍ୱୀକାର କରିବାକୁ ନାରାଜ ।

Digitized by srujanika@gmail.com

ସେ ଏତିକି ଜାଣେ ତାର ସ୍ୱଚ୍ଛ ମୂଳଧନକୁ କେଉଁଠି କେତେ ଚଢ଼ା ସୁଧରେ ଖଟାଇପାରିବ । ସେଇଥିରୁ ହୁଏତ କିଞ୍ଚିତ୍ କେଉଁ ମ୍ୟୁନିସିପାଲିଟି କର୍ମଚାରୀ ବା କମିଶନାରଙ୍କୁ ଦେଇ ଗେରସ୍ତଙ୍କୁ ଡ୍ରାଇଭର କରିପାରିଛି । ସମାଜର ତୀବ୍ର ଘୃଣା, ହତାଦର ଓ ଅବିଚାରର ଶିକାର ହୋଇଛନ୍ତି ତାର ଚିର ରୋଗୀ ବାପା ଓ ଜନ୍ମାନ୍ଧ ମାଆ । ସେମାନେ ଯେଉଁ ନିର୍ଯ୍ୟାତନା ଭୋଗିଛନ୍ତି ତା'ର ପ୍ରତିଶୋଧ ନେବାପାଇଁ ପଦ୍ମଅାଁର ରକ୍ତ ଟକ୍ ଟକ୍ ହୋଇ ଫୁଟି ତା'ର ଓଠ ଗାଲକୁ ରଞ୍ଜିତ କରିଛି ଯିମିତି । ଐତିହ୍ୟ, ପରମ୍ପରା ବୋଲି  ତା'ର କିଛି ନାହିଁ । ଯେଉଁ ଉତ୍ସରୁ ତାର ଜୀବନ ସ୍ରୋତ ପ୍ରବାହିତ ତାହା କର୍ଦ୍ଦମାକ୍ତ, ଦୂଷିତ ଏପରି କି ବିଷାକ୍ତ । ଭାଙ୍ଗୀ କଲୋନୀର ଯେଉଁ ପରିବେଶ ଓ ବାତାବରଣ ତାହା ତାକୁ ରକ୍ତ-ମାଂସ-ମଦ ଓ ଜୁଆର ପୂଜାରିଣୀ କରିଛି ଏବଂ ଜଙ୍ଗଲୀ ଜୀବନାଦର୍ଶରେ ବ୍ରତୀ କରିଛି । ଆଜି ସେ ଅଷ୍ଟପଦୀ ରୂପରେ ଜୀବନର ଅନ୍ୟତମ ବଡ଼ ଶିକାର କରଗତ କରିବା ଉପରେ । ଡ଼କ୍ଟର ରାୟଙ୍କ ଆଖି ଭାବଭଙ୍ଗୀରୁ ରୋମାଣ୍ଟିକ୍ ଥୋପ ଗିଳିବାର ତାଙ୍କର ଆଗ୍ରହ ସେ ବେଶ୍ ନଜର କରି ସାରିଲାଣି ।

ଶ୍ରୀମତୀ ରାୟଙ୍କ ଏତେ ଗଭୀରକୁ ଚାଷ ନାହିଁ । ସ୍ୱାମୀଙ୍କର ରୋମାଣ୍ଟିକ୍ ପ୍ରକୃତି ତାଙ୍କୁ ମଧ ମୋହାବିଷ୍ଟ କରିଛି । ସେ ଭାବୁଛନ୍ତି ସମାଜରେ କେତେ ଉଚ୍ଚରେ ତାଙ୍କର ସ୍ଥାନ ଏବଂ କେତେ଼ ଭାଗ୍ୟବତୀ ମଧ, ଏହି ପରିଚୟ ହତଭାଗିନୀ ଭଉଣୀକୁ ଦେଇ ଆତ୍ମଶ୍ଲାଘା ଅନୁଭବ କରିବା ଉଦ୍ଦେଶ୍ୟ ତାଙ୍କର । ପୁଣି  ସ୍ୱାମୀଙ୍କ ଆଗରେ ଠାଏ ପ୍ରମାଣ ଦେବାକୁ ଚାହାନ୍ତି ସେ ନାରୀ ଈର୍ଷାପରାୟଣା ନୁହେଁ, ନାରୀ ନାରୀର ଶତ୍ରୁ ନୁହେଁ, ବରଞ୍ଚ, ସେ ସର୍ବତ୍ର ଦୟାର ପ୍ରତିମୂର୍ତ୍ତି ।

"ଫିନାଇଲ୍ ଦେଇ ନର୍ଦ୍ଦମା, ପାଇଖାନା ଭଲକରି ଧୋଇଦେବୁ । ବୋତଲ ବାଥରୁମ୍ ଥାକରେ ।" ଦଣ୍ଡ ପରେ ପୁଣି କହିଲେ, "ତିନିଟାବେଳକୁ ଆସିପାରିବୁ ? ହାଣ୍ଡିଏ ପଖାଳ ଅଛି । ତିଅଣ ତରକାରୀ ସବୁ ରଖିଥିବି, ଆସିବୁ ? ପୁନେଇଁ ବକ୍ସିସ୍ ବି ଦେବି ।"

ଶ୍ରୀମତୀ ବର୍ତ୍ତମାନ ଆତ୍ମୋତ୍ସର୍ଗ, ଏପରିକି ଆତ୍ମବଳି ଦେବା ମେଜାଜ୍‌ରେ । ବୁଢ଼ା ଚୁଙ୍ଗୁଡ଼ି କାହାଣୀରେ ପ୍ରାୟଶ୍ଚିତ୍ତ କରିବାକୁ ଯାଏ ଯିମିତି ବୁଢ଼ାଟା ବୁଢ଼ୀକୁ 'ହଳଦୀ କାଠୁଆ ନବୁ', 'ସିନ୍ଦୁର ଫଗୁଆ ନବୁ' ଏବଂ ଶେଷରେ 'ମତେ ନବୁ' କହି ନିଧନ ଟାଣିଆଣିଲା ଶ୍ରୀମତୀ ବୋଧହୁଏ ସେଇଆ କରିବାକୁ ଯାଉଛନ୍ତି । ଅନ୍ୟ କେହି ଏ କ୍ଷେତ୍ରରେ ହୁଏତ ପଦ୍ମଅାଁକୁ ଘଉଡ଼ାଇ ଦେଇଥାନ୍ତା, ବିଶେଷ କରି ସ୍ୱାମୀକୁ ଯେଉଁ ସଂଶୟ-ନେତ୍ରରେ ଦେଖେ, କିନ୍ତୁ ଏଠି ସନ୍ଦେହର ଅବକାଶ ନାହିଁ, ମେହେନ୍ତରାଣୀ କୁଷ୍ଠରୋଗୀର ଝିଅଟା ପ୍ରତି ତାଙ୍କ ସ୍ୱାମୀ ଆକୃଷ୍ଟ ହେବେ ? ସେ ନିଜେ ତା' ସାଙ୍ଗରେ ପ୍ରତିଦ୍ୱନ୍ଦ୍ୱିତା କରିବେ ? ଛିଃ !

Digitized by srujanika@gmail.com

ଶ୍ରୀମତୀଙ୍କ ସମସ୍ତ ଚିଜ ଲୁଟ୍‌ତରାଜ କରିବାର ଛିଦ୍ର ପାଇ ପଦୁଆଁ କହିଲା, "ଆସିବି ମା'! ନିଶ୍ଚେ, ରଖିଥିବ । ଘରେ ଦି'ଦିନ ହେଲା ହାଣ୍ଡି ଚୂଲୀକୁ ଯାଇନି । ପୁରୁଣା କନାକପଟା, ଜାମା ଖଣ୍ଡେଅଧେ ଦବ ମା' ?"

ଆଗ୍ରହାତିଶଯ୍ୟରେ ଶ୍ରୀମତୀ ଘର ଭିତରକୁ ତରବରରେ ପଶିଯାଇ ବାକ୍ସଟା ଧଡ଼୍‌କରି ଫିଟାଇ ଶାଢ଼ୀଟାଏ ବାହାର କରି ଆଣିଲେ । ଡ଼କ୍ଟର ରାୟଙ୍କ ଆଗରେ ପରସ୍ତ ପରସ୍ତ କରି ଫିଟାଇ ଦେଖାଉଥାନ୍ତି ଓ କହୁଥାନ୍ତି, "ଦେଖିଲ ! ଦେଖିଲ ! କେଡ଼େ ଭଲ ଶାଢ଼ୀଟା କିମିତି ହୋଇଗଲା । ନାଗପୁର ସିଭିଲ୍ ଡ଼ିଫେନ୍ସ ଟ୍ରେନିଂରୁ ଫେରିଲାବେଳେ ଆଣିଥିଲ, ମନେଅଛି ? ହଳଦିଆ ରଙ୍ଗଟା ଫିକ୍କା ପଡ଼ି ମଝିରେ ଛେବଲା ହୋଇଯାଇଛି । ଆଞ୍ଚଳଟା ପୋକ କାଟି ଦେଇଛି । ଦେଇଦିଏଁ ବିଚାରୀକୁ । ଦେଖୁଛ ତା'ର ଲୁଗାପଟା ।"

ସେତେବେଳକୁ ଡ଼କ୍ଟର ରାୟଙ୍କ ରସିକତା କୁଆଡ଼େ ହଜିଯାଇଥିଲା ଓ ସେ ମନେ ମନେ ଭାବୁଥିଲେ ରିଆଲିଜମ୍‌ର ତୀବ୍ର ଉତ୍ତାପରେ ରୋମାଣ୍ଟିସିଜମ୍ କେତେ ଶୀଘ୍ର ତରଳିଯାଏ । ପଦୁଆଁକୁ ତାଙ୍କର ଅଦେୟ ବୋଲି କିଛି ଚିଜ ନାହିଁ, ଏ ଭାବ ଲୁଚାଇ ରଖି ଯିମିତି ତାକୁ ସେ କିଛିଦେବାକୁ ଚାହାନ୍ତି ନାହିଁ ସେଇ ଭଙ୍ଗୀ ପ୍ରକାଶ କରି ଡ଼କ୍ଟର ରାୟ କହିଲେ "ଦବ ତ ଦିଅ । ବଡ଼ ଦାମିକା ଶାଢ଼ୀଟା, ଖାଣ୍ଟି ସିଲ୍‌କ । ତୁମେ ଆଉ ସେଇଟା ପିନ୍ଧିବ ନାହିଁ ନା କ'ଣ ? ତୁମକୁ ହଳଦିଆ ଶାଢ଼ୀ ଭାରି ଭଲ ମାନେ ।"

ପଦୁଆଁ ଆଡ଼କୁ ଲକ୍ଷ୍ୟ କରି ଅତି ତୁଚ୍ଛ ଜିନିଷଟାଏ ଫୋପାଡ଼ିଲା ପରି ଶ୍ରୀମତୀ ରାୟ ଅତି ଆଦରର ଶାଢ଼ୀଟାକୁ ଦେଇଦେଲେ ଏବଂ ନିଜକୁ କୃତାର୍ଥ ମଣିଲେ । ପଦୁଆଁ କୃତଜ୍ଞତାର ମୁଣ୍ଡ ନୁଆଁଇ ଦିହିଁଙ୍କି ଜୁହାର ଦେଲା । "ଦୀନହୀନ ଅବସ୍ଥାରେ ମଧ ନାରୀର କେତେ ସହଜାତ ଛଟକ ଥାଏ"- ମନ୍ତବ୍ୟ କରି ଶ୍ରୀମତୀ ପଦୁଆଁକୁ କହିଲେ, "ପଦୁଆଁ! ତୁ ବରାବର ଆସିପାରିବୁ ନି ? ଥରୁଥରିଆ ବୁଢ଼ୀଟା ଶୀତ-କାକରରେ ଥରି ଥରି ଆସିବାକୁ ବାବୁ ପସନ୍ଦ କରୁନାହାନ୍ତି । କାମ ବି ସେ ଭଲ କରିପାରୁନି । ତୁ ଏଥର ଆ । ବେଳ ହେଲେ ଖୋଜାଖୋଜି କରି ସାଇଆ ଜାମା ଦେବି ଆଉ ଦିନେ ।"

"ମୁଁ ସବୁଦିନ କେଉଁଠି ଆସିପାରିବି ମା' । ବୁଢ଼ୀ ମୋତେ କ'ଣ କାମ କରାଇଦବ । ହପ୍ତାଏ ଅଧେ ଆସି ପାରିବି, ବୁଢ଼ୀ ଫେର୍ କାମ ଧରିଲାଯାକେ ।"

ଚାନ୍ସ, ଏକ୍ସିଡ଼େଣ୍ଟ, ଲକ୍, ଫେଟ୍, କଏନ୍‌ସାଇଡ଼େନ୍‌ସ, ଆଇରନି ଆଦି ଯେଉଁ ଉପାଦାନରେ ଟ୍ରେଜେଡ଼ି ଗଢ଼ିଉଠେ ସେଇସବୁ ଉପାଦାନରେ କମେଡ଼ି ମଧ ତିଆରି ହେବାର ସମ୍ଭାବ୍ୟତା ଗବେଷଣା କରୁ କରୁ ଡ଼କ୍ଟର ରାୟ ଅଗଣା ଧୁଆଧୋଇ କରୁଥିଲା ବେଳେ ପଦୁଆଁର ଅଙ୍ଗସୌଷ୍ଠବ ଆଉଥରେ ତନ୍ନ ତନ୍ନ କରି ଦେଖିନେଲେ ।

"ନିଶ୍ଚେ ଆସିବି ମା' ତିନିଟାକୁ ।" କାମଦାମ ସାରି ଏଇ ପଦକ କହି ପଦୁଆଁ ଚାଲି ଯାଉଥିଲା, ଦେଖିଲା ଚନ୍ଦ୍ରମଲ୍ଲିକା ଫୁଲଟାକୁ । ବୁଲିପଡ଼ି କହିଲା, "ମାଆ ! ଏ ଫୁଲଟା ଦବ, ଭାରି ଲୋଭ ହଉଛି ନାଇବାକୁ ।"

Digitized by srujanika@gmail.com

ଶ୍ରୀମତୀ ରାୟ କହିଲେ, "ମୋତେ ଯାହା ମିଳିନି, ତୋତେ ମିଳିବ ? ଯା, ଯା, ପଳା, ବାବୁ ଶୁଣିଲେ ବିରକ୍ତ ହେବେ ।"

ପଦୁଆଁ ଚାଲିଗଲା । ତା'ର ଦୁଃଖ ନାହିଁ, ଯାହା ମିଳିଲା ସେଇ ଢେର୍ । ମୁରୁମୁରୁ ହୋଇ ଶ୍ରୀମତୀ କହିଲେ, "ଆଜି ଗୋଟାଏ ବାଜିବ ଖାଇଲା ବେଳକୁ । ଭାଗ୍ୟକୁ ଆଜି ରବିବାର । ଚାକରବାକର ନଥିଲେ କଥାବାର୍ତ୍ତା କାହା ସାଂଗରେ ଦଣ୍ଡେ ହେବାକୁ ବି ଫୁରୁସତ୍ ମିଳିବ ନାହିଁ । କେତେ ଇଣ୍ଟାରେଷ୍ଟିଂ ଚମତ୍କାର ପଦୁଆଁର ଜୀବନ ।"

ଯନ୍ତ୍ରଚାଳିତ ପରି ଡ଼ାକ୍ତର 'ହୁଁ' କଲେ ।

ପ୍ରାୟ ଅଢ଼େଇଟା ବେଳକୁ ଡ଼କ୍ଟର ରାୟଙ୍କ ନିଦ ଭାଙ୍ଗିଲା କ'ଣ ଗୋଟାଏ ଶବ୍ଦରେ । ବିରାଡ଼ି ଲହୁଣୀ ଡ଼ବାଟା ଟେବୁଲ୍ ଉପରୁ ପକାଇଲା ଭାବି ଆଖି ମେଲାଇଲା । ଝରକା କବାଟ ସବୁ ବନ୍ଦ ଥିବାରୁ ପ୍ରଥମେ ରାତି କି ଦିନ ଜାଣିପାରିଲେ ନାହିଁ । ଅନ୍ଧାର ସହିତ ଆଖିର ପରିଚୟ ହେବାରୁ ଦେଖିଲେ ମୁଣ୍ଡ ଉପରେ ଶ୍ରୀମତୀ ପ୍ରସାଧନରତା । ଭିଜା ଚୁଳ ଓ ଜବାକୁସୁମର ମିଠା କଡ଼ା ଗନ୍ଧ ଘର ଭିତରେ । ପଣ୍ଡସ୍‌କ୍ରୀମ୍ ମୁହଁରେ ଘଷିସାରି ସେ କଜଳଲାଞ୍ଜି ଟାଣୁଛନ୍ତି । ଡ଼କ୍ଟର ରାୟ ମୋଟା ଗଳାରେ ପଚାରିଲେ, "ଅଭିସାରରେ ବାହାରିଲ ନା କ'ଣ ?"

"ତୁମକୁ ଖେଳ କଉତୁକ ଲାଗିଛି । ତତଲା ପେଜ ପଡ଼ି ଗୋଡ଼ ଦି'ଟା ପୋଡ଼ି ଯାଇଥାନ୍ତା । ମୁଁ ଯାଉଛି ପଟ୍ଟନାୟକବାବୁଙ୍କ ଘରକୁ । ଦେଖେ ଭୀମାକୁ ଅଣାଇବାର କ'ଣ ବ୍ୟବସ୍ଥା କଲେ ।" ଯୋତା ଗୋଡ଼ରେ ଲଗାଉ ଲଗାଉ କହିଲେ, "ହଁ, ସେ ମେହେନ୍ତରାଣୀଟା । ଆସିବ ତିନିଟା ବେଳକୁ । ପଖାଳ ତିଅଣ ତରକାରୀ ଚୁଲ୍ଲୀ ମୁଣ୍ଡରେ କିଛି କରିବାକୁ ହେବନାହିଁ । ବଢ଼ାଇ ଦେଲେ ହେଲା । ଘର ଛାଡ଼ି କୁଆଡ଼େ ଯିବ ନାହିଁ । ଦିନ ଦ୍ୱିପହରେ ବଜାରରେ ଚୋରୀ ହେଉଛି ।"

ଶ୍ରୀମତୀ ଚାଲିଗଲେ । କବାଟରେ ବୋଲ୍‌ଟ ଲଗାଇ ଫେରିଆସି ପୁଣି ଶୋଇଲେ । ଗୋଟାଏ କାନରେ 'ବିବିଧ ଭାରତୀ'ର ମନୋରଞ୍ଜନ କାର୍ଯ୍ୟକ୍ରମ ଶୁଣୁଥାନ୍ତି, ଅନ୍ୟ କାନଟି ବାଡ଼ି କବାଟରେ ଜଞ୍ଜିର ଖଡ଼୍ ଖଡ଼୍ ଶବ୍ଦକୁ ଡ଼େରିଥାନ୍ତି । ମନେ ମନେ ଭାବୁଥାନ୍ତି ଶ୍ରୀମତୀ ଯେବେ ଖିଆଲିରେ ପଟ୍ଟନାୟକ ବାବୁଙ୍କୁ ଧରି ଭୀମାକୁ ଖୋଜିବାକୁ ହପ୍ତାଏ ଅଧେ ଗାଁକୁ ଚାଲିଯାନ୍ତେ ତେବେ ମନ୍ଦ ହୁଅନ୍ତା ନି । ହୋଟେଲରେ ଖାଇ ଚଳାଇ ନିଅନ୍ତେ ବରଂ କେଇଟା ଦିନ ।

କାନ୍ଥ ଘଡ଼ିରେ ଠଂ ଠଂ କରି ତିନି ବାଜିଲା । ଜଞ୍ଜିର ବି ଖଡ଼୍ ଖଡ଼୍ ହେଲା ।

ଡ଼କ୍ଟର ରାୟ ଲମ୍ଫଦେଇ ଉଠିପଡ଼ିଲେ ଏବଂ ସିଧା ଯାଇ ବାଡ଼ି ଦୁଆର ଫିଟାଇ ଦେଖିଲେ ପଦୁଆଁକୁ । ସକାଳର ପଦୁଆଁ ଏ ପଦୁଆଁ ନୁହେଁ, ସାକ୍ଷାତ ପଦ୍ମିନୀ । ବର୍ଷା-ଝଡ଼-ତୋଫାନରେ ମାଡ଼ ଖାଇଥିବା ଚଢ଼େଇଟିଏ ଥିଲା ପଦୁଆଁ ସକାଳେ । ବର୍ତ୍ତମାନ ସଯତ୍ନ ଲାଳିତପାଳିତ ଖେଳୁଆଡ଼ ଶିକାରୀ ଚଢ଼େଇ ପରି ସେ । କି ପରିବର୍ତ୍ତନ ! ଡ଼କ୍ଟର

Digitized by srujanika@gmail.com

ରାୟ ଅତି ଉଦ୍ଭଟ କଳ୍ପନାରେ ମଧ୍ୟ ଏ ରୂପର ଛବି ମନରେ ଆଙ୍କିନଥିବେ । ହଳଦିଆ ରଙ୍ଗର ନୂଆ ସିଲ୍କ ଶାଢ଼ୀରେ ଅବଗୁଣ୍ଠିତା ଶ୍ରୀମତୀ ରାୟ ବି କେବେ ଏମିତି ଦିଶୁନଥିଲେ । ପଦୁଅାଁ ବର୍ତ୍ତମାନ ଯିମିତି ଦିଶୁଛି, ତାଙ୍କର ସେଇ ଫିକା, ତାଳିପକା ବେରଙ୍ଗ ଶାଢ଼ୀଟିରେ । ଡ଼କ୍ଟର ରାୟ ଭାବିଲେ ଯେମିତି ବର୍ଷ ବର୍ଷଧରି ନିଜ ଆତ୍ମାକୁ ସୟତାନ ପାଖରେ ବିକି ଦେଇଥିଲେ ଏଇ ମୁହଁଟି ଲୋଭରେ ଏବଂ ସତଃସ୍ଫୁର୍ତ୍ତ କଣ୍ଠରେ ବାହାରି ପଡୁଥିଲା "Is this the face... make me immortal with a kiss"-

କିନ୍ତୁ ରହିଗଲେ ।

"ତୁ ଦଣ୍ଡେ ବସ । ମୁଁ ଆସୁଛି ମିନିଟକ ଭିତରେ" ... କହି ଡ଼କ୍ଟର ରାୟ ତରବର ହୋଇ ଶାର୍ଟଟାଏ ଗଳାଇ ବାହାରିଗଲେ ଦାଣ୍ଡକବାଟ ଖୋଲି ।

ଘର ଶୁନ୍‌ଶାନ୍ । ପଦୁଅାଁ ଏକୁଟିଆ । ପଖାଳଭାତ କାହିଁକି ସୁନାମୁଣ୍ଡାର ପ୍ରଲୋଭନ ମଧ୍ୟ ଏଡ଼ିଦେଇ ଅନ୍ୟ କେହି ସ୍ତ୍ରୀ ଏ ଅବସରରେ ପଳାଇଯାନ୍ତା, କିନ୍ତୁ ପଦୁଅାଁ ଯିମିତି ପଣ କରିଛି ଆଭିଜାତ୍ୟ, ରୋମାଣ୍ଟିସିଜମ୍‌ର ବିର୍ଜୁୟା ମୁଖାକୁ ଚିରି ଟୁକୁରା ଟୁକୁରା କରିବାର ଆନନ୍ଦ ସେ ପାଇବ । ଅବସ୍ଥାଚକ୍ରରେ ସେ ଅପରୁଚ୍ୟୁନିଷ୍ଟ ସାଜିଛି ଏବଂ ସୁବିଧାର ଗୋଲ୍‌ପୋଷ୍ଟ ସର୍ବତ୍ର, ଯେଉଁଆଡ଼େ ମାଇଲେ ଗୋଲ୍ । ଉଇକ୍ଲିର ଯେତେ ଯେତେ ନିଉ ୱେଡ଼୍‌ସ ସମସ୍ତଙ୍କ ମଝିରେ (ଇନ୍ଦ୍ରଜାଲରେ ପି.ସି. ସରକାର କରତ ଚଳାଇ ଝିଅଟିକୁ ଦୁଇଖଣ୍ଡ କରି ଗଣ୍ଡି ମୁଣ୍ଡ ଅଲଗା ଅଲଗା କରିଦେଲା ପରି) ସେ ବ୍ୟବଧାନ ସୃଷ୍ଟି କରିବା ପାଇଁ ଜିଦ୍ ଧରିଛି । ସୁନ୍ଦରୀ ବାଘୁଣୀ ଲାଞ୍ଜ ପିଟି ପିଟି ଶିକାରର ନିଶ୍ଚିତ ପ୍ରତ୍ୟାଗମନକୁ ଅପେକ୍ଷା କରୁଛି ।

ଡ଼କ୍ଟର ରାୟ ପଟ୍ଟନାୟକ ବାବୁଙ୍କ ଘରକୁ ଯାଇ ଦେଖନ୍ତି କବାଟ ଭିତରପଟୁ ବନ୍ଦ ! "ପୁରୁଷ ପୁରୁଷଙ୍କ ସୁଖ-ଶିରା ସହିପାରନ୍ତି ନାହିଁ"- ଶ୍ରୀମତୀଙ୍କ ସକାଳର ଉକ୍ତି ମନେପଡ଼ିଲା । ତା'ଛଡ଼ା ଛୁଟୀ ବିଶ୍ରାମ ଅବସର ବିହୀନ ଷ୍ଟେନୋ ଜୀବନରେ ଗୋଟାଏ ଯୁଗ ପରେ ରବିବାର ଅପରାହ୍ନ ଆସେ ସପ୍ତାହର ଶ୍ରାନ୍ତି, କାନ୍ତି ଅପନୋଦନ କରିବା ପାଇଁ । ଶ୍ରୀମତୀ ଗଲେ କୁଆଡ଼େ ? କ'ଣ ମାଟିନି ସୋ'ରେ ? କବାଟ ଫାଙ୍କରେ ଉଙ୍କି ମାରିବେ ? ଛିଅନ୍-ରୋମାଣ୍ଟିକ୍, ଏଣ୍ଟି-ରୋମାଣ୍ଟିକ୍ ? ଖଟ୍ ଖଟ୍ କରିବେ କି ନାହିଁ ଭାବୁଛନ୍ତି ବୁଲା କୁତାଟାଏ ଭୋ ଭୋ କରି ମାଡ଼ି ଆସିଲା । ବିବେକର ଦଂଶନରୁ ରକ୍ଷା ପାଇଲେ ।

ଡ଼କ୍ଟର ରାୟ ଫେରିଆସିଲେ ତରବର ହୋଇ । ଆସିଲାବେଳେ ମୁଣ୍ଡକୁ ଆଉଁସିଲେ ଥରେ ଅଧେ । ଚନ୍ଦ୍ରସେଣୀମାନଙ୍କର କୁଆଡ଼େ ମୁଣ୍ଡରେ ଶିଙ୍ଗ ବାହାରେ । ଅନୁଭବ କଲେ ତାଙ୍କ ମୁଣ୍ଡଟା ଆବୁଡ଼ାବୁ ଲାଗୁଛି ।

ଶ୍ରୀମତୀ ରାୟଙ୍କ ଆଦେଶ ପାଳନ କରି ଡ଼କ୍ଟର ରାୟ ଯାହା ଦବାର କଥା ସବୁ ଦେଲେ ଏବଂ ଅତ୍ୟନ୍ତ କର୍ମଠ କର୍ମଚାରୀପରି ନିଜ ମାଲିକାଣୀଙ୍କ ପ୍ରଶଂସା ଲାଭ ଆଶାରେ

Digitized by srujanika@gmail.com

ଅଧିକ କିଛି ଦେଲେ ମଧ୍ୟ । ପଦୁଆଁ ଚାଲିଗଲା ଭାରସମ୍ଭାର ନେଇ, ପ୍ରତ୍ୟାଖ୍ୟାତାରୂପେ ନୁହେଁ ବହୁ ପ୍ରତୀକ୍ଷିତର ଛାପ ନେଇ ।

ଡ଼କ୍ଟର ରାୟ ଶୋଇ ଶୋଇ ଆଶ୍ଚର୍ଯ୍ୟ ହୋଇ ଭାବୁଥାନ୍ତି କିପରି ଡ଼କ୍ଟର ଜେକିଲ୍ ଖୋଳ ଭିତରୁ ମିଷ୍ଟର ହାଇଡ଼୍ ପ୍ରଜାପତିଟି ଏବଂ କାବ୍ୟପ୍ରାଣରୁ ପଶୁପ୍ରାଣଟି ଏତେଶୀଘ୍ର ବାହାରିପଡ଼ି ସ୍ୱଚ୍ଛନ୍ଦରେ ଖେଳିପାରିଲା । ଫେର୍ ମନେ ପଡ଼ିଗଲା ସକାଳବେଳା ଶ୍ରୀମତୀ ଉଠିବା ବେଳ ଦୃଶ୍ୟ, "ଚଟାଳ ବାଳା ସ୍ତନଭିନ୍ନବଲ୍‌କଳା... ସରୂପ.... ମାସ୍ଥାୟ...ସମାଲଲମ୍ବେ ବୃଷରାଜଃ... ଅଦ୍ୟ ପ୍ରଭୃତ୍ୟବନତାଙ୍ଗି ତବାସ୍ମି ଦାସଃ" । ଥଣ୍ଡା ପଡ଼ିଯାଇ ଭାବିଲେ, ଅବଗୁଣ୍ଠନତଳେ ସୁନନ୍ଦା, ନନ୍ଦିତା, ଝରଣା, ସୁଷମା, ସାବିତ୍ରୀ, ଭଟ୍ଟାଚାର୍ଯ୍ୟ ବାବୁଙ୍କ ସ୍ତ୍ରୀ ଏପରି କି ଭୀମ ସିଂହର ସ୍ତ୍ରୀ ପଦୁଆଁ କ'ଣ ସମାନ ନୁହନ୍ତି ? ପଦୁଆଁ ତେବେ କଣ ମୋହମୁଦ୍‌ଗର ?

"ଫିଟାଅ"- ଦାଣ୍ଡରେ ଶ୍ରୀମତୀ । ରେବୋଟ୍‌ପରି ସ୍ୱୟଂଚାଳିତ ହୋଇ ଡ଼କ୍ଟର କବାଟ ଫିଟାଇଲେ ।

"ଲଭ୍ ଏଟ୍ ଫାଷ୍ଟ୍ ସାଇଟ୍" ପରି 'ହେଟ୍ ଏଟ୍ ଫାଷ୍ଟ ସାଇଟ୍' ଅଛି । ଏ କଥା ଦୁହେଁ ଦୁହିଁକୁ ଦେଖି ଜାଣିପାରିଲେ । ଦଣ୍ଡକ ଆଗରୁ ଦୁହେଁ ଥିଲେ କେତେ ଆପଣାର, ଦଣ୍ଡକ ପରେ କେତେ ପର । ଅଧଘଣ୍ଟାଏ ଆଗରୁ ଦୁହେଁ ଥିଲେ ଏକ ବୃନ୍ତର ଦୁଇ ଫୁଲ, ଅଧଘଣ୍ଟାଏ ପରେ ଏକୋଦର ପୃଥକ୍‌ଗ୍ରୀବ ଭାରଣ୍ଡ ପକ୍ଷୀ । ବାଘ-ବାଘୁଣୀ ଏକତ୍ର ଭୋଜନ ନ କରି ପୃଥକ୍ ଶିକାରରୁ ଆଜି ଫେରିଛନ୍ତି । ସ୍ୱାମୀ ସ୍ତ୍ରୀ ଉଭୟେ ଅନ୍ୟର ସ୍ତ୍ରୀ ଓ ଅନ୍ୟର ସ୍ୱାମୀରୂପେ ବିଭିନ୍ନ ରଙ୍ଗମଞ୍ଚରେ ଅଭିନୟର କଣ୍ଟ୍ରାକ୍ଟ ସାରି ଏକ ଗ୍ରୀନ୍‌ରୁମ୍‌କୁ ଫେରିଛନ୍ତି । "ମରା ହଲ ବନ୍ଧୁ ଲଜେ ।"

ତେଣୁ ଉଭୟେ ମୁତୁରୀ, ତେଣୁ ହେଁସ ଧୁଆଧୋଇ ପ୍ରଶ୍ନ ଉଠିଲା ନାହିଁ ।

"ଗାବଃ ଗନ୍ଧେନ ପଶ୍ୟନ୍ତ ।" ସ୍ୱାମୀମାନେ ମଧ୍ୟ । ଶ୍ରୀମତୀ ରାୟ ଘର ଭିତରକୁ ପଶି ଆସିଲାମାତ୍ରେ ବାରିପାରିଲେ ଏକ ବିଦେଶୀ ଭାରି ଗନ୍ଧର ଲହରୀ । ତାଙ୍କୁ ଜଣାଗଲା ପ୍ରତିଘରର ଅନ୍ଧାରୁଆ କୋଣରେ ଯିମିତି କିଏ ଲୁଚିଛି । ଯିମିତି ଏଇ ଥିଲା, ଚାଲିଗଲା । ଯିମିତି ତାଙ୍କରି ଆଗେ ଆଗେ ସପ୍ ସପ୍ କରି କିଏ ଚାଲିଯାଉଛି, ମୁରୁକି ମୁରୁକି ହସୁଛି, ମୁହଁ ମୋଡୁଛି । ଯିମିତି ଖଟରେ କିଏ ଶୋଇଥିଲା ସେ ପଶି ଆସିବା ପୂର୍ବରୁ । ତରବରରେ ଚାଦରଟା ଝାଡ଼ିଝୁଡ଼ି ବିଛାଇ ଦେଇ ପଳାଇ ଯାଇଛି ।

ଯେଉଁଆଡ଼କୁ ଚାହିଁଲେ ସେହି ମୂର୍ତ୍ତି, ସେହି ସ୍ମିତ, କ୍ୟାଲଣ୍ଡର ଛବିରେ, ରେଡ଼ିଓରେ, ଆଇନାରେ । ଜୀବନଯାକ ଯେତେ ଯେତେ ସ୍ମିତ ସେ ପଟ୍ଟନାୟକ ବାବୁ ବା ଭୀମାକୁ ଦେଇଥିଲେ ସବୁଠୁଁ ବଳି ଶକ୍ତିଶାଳୀ ପଦୁଆଁର ଏ ସ୍ମିତ । ସାତ ବରଷରେ ସେ ଯାହା କରିପାରିନାହାନ୍ତି ଦଶ ମିନିଟ୍‌ରେ ସେଇ ମେଜିକ୍ ମେହେନ୍ତରାଣୀଟାଏ ଦେଖାଇ ଦେଲା । ଡ଼କ୍ଟର ରାୟଙ୍କ ଜ୍ଞାନଗରିମା, ରୋମାଣ୍ଟିସିଜମ୍ ଆଭିଜାତ୍ୟର ବଡ଼ିମା

Digitized by srujanika@gmail.com

ଅକ୍ଲେଶରେ ଚୂରମାର କରିଦେଲା ସାମାନ୍ୟ ଅବଗୁଣ୍ଠନରେ । ସେ ଧିକ୍କାର କଲେ ନିଜକୁ, ବିହ୍ୱଳ ମଧ ହେଲେ ।

ରୋଷେଇ ଘରକୁ ଯାଇ ଦେଖିଲେ ପଦୁଆଁ ସବୁ ପାଇଛି, କିଛି ଅଧିକ ମଧ । ବଡ଼ି ଡ଼ବା ଖୋଲା, ଆଚାର ବୋତଲ ନିଃଶେଷ ଖସାଲଡ୍ଡୁ ଅଦୃଶ୍ୟ, ପନିପରିବା ଝୁଡ଼ି ଖାଲି, ଭୀଷଣ ଜୋରରେ ଛାତି ଧଡ଼ପଡ଼ ହେବାକୁ ଆରମ୍ଭ କଲା ତାଙ୍କର । ତଳିଆତଲୁ ଚାବିପେନ୍ଥା ଖୋଜିବାକୁ ଆସି ଦେଖନ୍ତି କେତୁଟା ନୋଟ୍ ଥିଲା ତାହା ମଧ ନାହିଁ । ନିଃଶ୍ୱାସର ଗତି ପ୍ରଖର ହେଲା । ଖୋଲା ଅଗଣାରୁ ତାଜା ହାଓ୍ୱା କିଛି ନେବାପାଇଁ ଯାଇ ଦେଖନ୍ତି ଚନ୍ଦ୍ରମଲ୍ଲିକା ଫୁଲଟି ନଖରେ ଲୁନ୍ ହୋଇଛି । ଛୋଟ ବୁନ୍ଦାଏ ରସ ବୃନ୍ତରେ ଲାଗିଛି ଯିମିତି, ଲତାଟି କାନ୍ଦୁଛି ତାର ସର୍ବସ୍ୱ ଅପହରଣରେ ।

ଝାଳ ବହି ଯାଉଥାଏ ଦେହରୁ, ମୂର୍ଚ୍ଛିତା ହେଲାପରି ଲାଗିଲା ତାଙ୍କୁ । ସମ୍ଭାଳିନପାରି ବାଷ୍ପରୁଦ୍ଧ ଦରସ୍ଫୁଟ ଗଳାରେ ପଚାରିଲେ, "ଫୁଲଟା କିଏ ଛିଣ୍ଡାଇଲା ?"

ଗୋଟାଏ ପକ୍‌କା ବୁଢ଼ା ଚୋର ମାଡ଼ ଦାଉରେ, ବିବେକର ଦଂଶନରେ ବା ଭୁଲ୍‌ରେ ଖନି ମାରିବା ଗଳାରେ ସତ କଥାକୁ ବଙ୍କେଇ ଟଙ୍କେଇ କହିଦିଏ, ଡ଼କ୍ଟର ରାୟ ସିମିତି ଅବସ୍ଥାରେ ଉତ୍ତର ଦେଲେ, "ନା, ନା, ମୁଁ ? ମୁଁ ତୋଳିଲି କେତେବେଳେ, ମନେପଡୁନାହିଁ ତ ।"

ଆବିଷ୍କାରର ମାରାତ୍ମକ ଗୁରୁତ୍ୱ ଉଭୟଙ୍କ ମନରେ ଭିନ୍ନ ଭିନ୍ନ ପ୍ରତିକ୍ରିୟା ସୃଷ୍ଟିକଲା । ସ୍ୱଭାବତଃ ଦୁର୍ବଳତା ଯୋଗୁଁ ନାରୀମାନେ ଅନ୍ୟ ଉପରେ ଅନିଷ୍ଟ କରିବା ପୂର୍ବରୁ ନିଜର କ୍ଷୟକ୍ଷତି କରିବସନ୍ତି । ଶ୍ରୀମତୀ ରାୟଙ୍କ ଆଗରେ ଦୁର୍ବଳମନାର ସେଇ ସମସ୍ୟା "To be or not to be", ବଞ୍ଚିବେ କି ମରିବେ । ପୁରୁଷର ପଶୁବଳ ବେଶୀ ଥିବାରୁ (ଆଦିବାସୀମାନେ ଏପରିସ୍ଥିତିରେ କାଳ ବିଳମ୍ବ ନକରି ସ୍ତ୍ରୀକୁ ହତ୍ୟା କରନ୍ତି) ଡ଼କ୍ଟର ରାୟଙ୍କ ଆଗରେ ଏକମାତ୍ର ସମାଧାନ ପନ୍ଥା ହେଲା "put out the light and then put out the life" ପ୍ରଥମେ ଆଲୁଅ ଲିଭାଇ ଦେବି ତା'ପରେ ତାର ଜୀବନ ଦୀପ ଫୁଙ୍କିଦେବି ।

ସନ୍ଧ୍ୟାଟି ବାହାରେ ଯେତିକି ଅଶାନ୍ତ, ଘରଭିତରେ ରହସ୍ୟମୟ ଶାନ୍ତ ବାତାବରଣରେ ସମଧିକ ପୀଡ଼ାଦାୟକ । ଡ଼କ୍ଟର ରାୟ ବାହାରର ତୋଫାନକୁ ମାନସିକ ଦ୍ୱନ୍ଦ୍ୱ ଅପେକ୍ଷା ସହନୀୟ ଓ ଶ୍ରେୟ ମଣି ବାହାରିଗଲେ । ଗଲାବେଳେ କାନ୍ଥ ବାଡ଼କୁ ଶୁଣାଇ କହିଲେ, "ରାତି ଖାଇବି ନାହିଁ ନିମନ୍ତ୍ରଣ ଅଛି ।"

ନାନା ଦୁଶ୍ଚିନ୍ତା, ଅନୁଶୋଚନା, ଆକୁଳତା ଓ ବ୍ୟଥା ଭିତରେ ସେ କାଳ ସନ୍ଧ୍ୟାରେ ଶ୍ରୀମତୀ ଏତିକି ତଥ୍ୟ ଆବିଷ୍କାର କଲେ ଯେ ସ୍ୱାମୀ-ସ୍ତ୍ରୀ ପରସ୍ପରକୁ ସନ୍ଦେହ କରି ସାରାଜୀବନ ସୁଖରେ କଟାଇପାରନ୍ତି । କିନ୍ତୁ ବର୍ତ୍ତମାନ ପରି ସନ୍ଦେହ ବିମୁକ୍ତ ଜୀବନର ପ୍ରତ୍ୟେକ ମୁହୂର୍ତ୍ତ ଯେପରି ଅସ୍ୱାଭାବିକ ସେମିତି ଅସହ୍ୟ ଓ ଯନ୍ତ୍ରଣାଦାୟକ । ପ୍ରତ୍ୟେକ

Digitized by srujanika@gmail.com

କଥାର, ବିଶେଷ କରି ଧର୍ମ ଓ ପ୍ରେମ-କ୍ଷେତ୍ରରେ, ପୁରୁଷ ପ୍ରମାଣ ଖୋଜିବାର ଏଇ ଟ୍ରେଜିକ୍ ପରିଣତି ।

ଦଶ ବାଜିଲା । ଡ଼କ୍ଟର ରାୟ ଲୁଗା ବଦଳାଇ ସିଧା ଶୋଇଗଲେ ଖଟରେ ।

ଭାଙ୍ଗୀ କଲୋନିରେ ସେତେବେଳକୁ ମଝି ରାତି । ପତଳା ନିଦରେ ପଦୁଆଁ ହୁଏତ ତା'ର ବିଜୟର ସ୍ୱପ୍ନ ଦେଖୁଥିବ କିମିତି ପକ୍କା ଘରେ ନାଲି ଚାଦରବିଛା ଶେଯରେ ସେ ଶୋଇଛି ଜଣେ ରଜା ସାଂଗରେ, ଯାହାର କୁକୁର ସାଂଗରେ ମଧ ତା'ର ଭୀମ ସିଂ ସରିତୁଲ ହେବ ନାହିଁ । ସ୍ୱପ୍ନରେ ମଧ ଉଲ୍ଲାସରେ ସେ କିରିକିରି ହସିଥିବ, ମାତ୍ର ବୁଢ୍ରୀ କାଳେ ଶୀଘ୍ର ଭଲ ହୋଇଯିବ ଭାବି ଦୁଃଖ କରିଥିବ, କାରଣ ତେବେ ସେ ଆଉ ବାବୁଘରକୁ ଯାଇପାରିବ ନାହିଁ ।

ପ୍ରତି ମୁହୂର୍ତ୍ତରେ ଡ଼ବଲ ଟ୍ରେଜେଡ଼ି ଅଭିନୀତ ହେବାର ଭୟ ଓ ଆଶଙ୍କାରେ ଡ଼କ୍ଟର ରାୟ ଅତି ମାତ୍ରାରେ ଅଧୀର ହେଉଥାନ୍ତି । ବଡ଼ ମର୍ମନ୍ତୁଦ ଓ ଯନ୍ତ୍ରଣାଦାୟକ ଏ ପ୍ରତୀକ୍ଷା । ଡ଼କ୍ଟରେଟ୍ ଉପାଧି ପାଇବା କେଡ଼େ ସହଜ ! ଚିନ୍ତା ନାହିଁ, ଭାବନା ନାହିଁ, ପରିଶ୍ରମ ନାହିଁ, ପୃଷ୍ଠାକୁ ପୃଷ୍ଠା କାଗଜ ଓଲଟାଇ ଥୋଇ କାହାକୁ ଧରାଧରି କଲେ ହେଲା । କେତେବେଳେ ସେ ଭାଗ୍ୟକୁ ନିନ୍ଦୁଥାନ୍ତି, ଆଉ କେତେବେଳେ 'ଯାହା ହେବାର ହେଉ' ବା ଡ୍ରିଫ୍ଟ ନୀତିର ଆଶ୍ରା ନେଉଥାନ୍ତି । ତେବେ 'ମାରିବି ଏବଂ ମରିବି' ସିଦ୍ଧାନ୍ତ କାର୍ଯ୍ୟରେ ପରିଣତ କରିବା ପୂର୍ବରୁ ସେ ଶ୍ରୀମତୀଙ୍କ ପରବର୍ତ୍ତୀ କର୍ମପନ୍ଥା ଓ ନିର୍ଦ୍ଧାରଣ ଅନୁସରଣ କରିବା ଉଚିତ୍ ମନେକଲେ ।

ଅବହିତ ହୋଇ ଶୁଣୁଥାନ୍ତି ବାକ୍ସ ଖୋଲାଖୋଲି ଗହଣାଗାଣ୍ଠି ଗୁଣୁଝୁଣୁ ଓ କବାଟ ଝଡକା ବନ୍ଦ ଶବ୍ଦ । ଶ୍ରୀମତୀ କ'ଣ ରାତାରାତି ଘର ଛାଡ଼ି କୁଆଡ଼େ ଚାଲିଯିବେ ? ଯେବେ ବିଷ, ଅଫିମ, ସ୍ଲିପିଙ୍ଗ୍ ପିଲ୍, ବା ଆଉକିଛି ଖାଇ ଆତ୍ମହତ୍ୟା କରନ୍ତି ତେବେ ମାଦକ ଦ୍ରବ୍ୟର ଅବଶିଷ୍ଟାଂଶ ଖାଇଦେଇ ସେ ଶ୍ରୀମତୀଙ୍କ ମୁର୍ଦ୍ଧାର ଉପରେ ପଡ଼ିଯାଇ ରୋମାଣ୍ଟିକ୍ ଏଣ୍ଡିଂ କରିପାରିବେ ତ ?

ଆର୍ତ୍ତ ଛାୟାମୂର୍ତ୍ତି ପରି ଶ୍ରୀମତୀ ଅବଶେଷରେ ପ୍ରବେଶ କଲେ । ସାତବର୍ଷ ପୂର୍ବେ ମଧୁଶଯ୍ୟା ରାତିରେ ବସନଭୂଷଣ ଅଳଙ୍କାର ପିନ୍ଧି ଅବଗୁଣ୍ଠିତା ହୋଇ ସନ୍ତର୍ପଣରେ ଯେଉଁ ଭଙ୍ଗୀରେ ପ୍ରବେଶ କରିଥିଲେ ଠିକ୍ ସେହିପରି ସେ ପଶିଲେ ଧୀରେ ପଦଚାଳନା କରି ।

ଡ଼କ୍ଟର ରାୟଙ୍କ ମୁହଁରୁ ଆପେ ଆପେ ହଠାତ୍ ବାହାରି ପଡ଼ିଲା "ଏ ବେଶ୍ ?"

"ତୁମରି ପାଇଁ, ଅବଗୁଣ୍ଠନବତୀ ପ୍ରତି ତୁମର ପରା ଦୁର୍ବଳତା ଅଛି ।"

"ରହସ୍ୟ ବୁଝିପାରୁନି । ହାତରେ କ'ଣ ?"

"ଚୁଡ଼ି ଚାରିପଟ । ବରପାଲି ନହେଲେ ସେପ୍ଟିକ୍ କଣ କରିବ ପରା । ଏ ହାତରେ କ'ଣ ଅଛି ଦେଖ ।"

Digitized by srujanika@gmail.com

ଏତକ କହି ଶିଶିରୁ କିଛି ପିଇ ଛାତିରେ ହାତଦେଇ "ଓଃ ମରିଗଲି ।" "ଆଃ, ଭାରି କଷ୍ଟ ।" ଛାତି ଫାଟିଗଲା !" ମୋତେ ଧର ।" କହି ଡ଼କ୍ଟର ରାୟଙ୍କ ଉପରକୁ ପଡ଼ିଯିବା ଭଙ୍ଗୀ କଲେ ।

"କ'ଣ ହେଲା ? କଣ ହେଲା ?" ଡ଼କ୍ଟର ରାୟ କହିଲା ମାତ୍ରେ ଦେଖିଦେଲେ, ଶ୍ରୀମତୀଙ୍କ ବାଁ ହାତରେ ଟିକ୍-ଟୁଏଣ୍ଟି ଶିଶି । କରୁଣ ଚିତ୍କାର କରି କହିଲେ 'ଏ କ'ଣ କଲ ?'

"ପିଇ ଦେଇଛି । ଜୀବନରେ ବଡ଼ ଭୁଲ୍ କରିଛି । ତୁମରି ନିଷ୍ଫଳା ରୋମାଣ୍ଟିସିଜମ୍‌ରେ ଅନୁପ୍ରାଣିତ ଏବଂ ପ୍ରଲୁବ୍ଧ ହୋଇ ମୁଁ ବଡ଼ ଭୁଲ୍ ବାଟରେ ଯାଇଛି । ପାପ କରିଛି । ବଡ଼ ଡ଼ିଆଁରୋଗ ତମର । ସନ୍ଦେହ କରି ବଞ୍ଚିପାରୁଥିଲି, ସନ୍ଦେହମୋଚନ ପରେ ବଞ୍ଚିବା ସ୍ତ୍ରୀ ପକ୍ଷରେ ସମ୍ଭବ ନୁହେଁ । ଧର, ମୋତେ ଧର । ଆଗ କ୍ଷମା ଦିଅ । ଓଃ ।"

ସ୍ୱଭାବତଃ ଭାବପ୍ରବଣ ଡ଼କ୍ଟର ରାୟ ବିହ୍ୱଳ ହୋଇପଡ଼ିଲେ । ଅତି ମାରାତ୍ମକ ବିଷର ପ୍ରକ୍ରିୟା ଓ ପରିଣତି ବିଷୟରେ ଅବହିତ ଥାଇ ହଠାତ୍ ଶ୍ରୀମତୀଙ୍କ ବାଆଁ ହାତରୁ ଶିଶିଟା ଛଡ଼ାଇନେଇ ଯାହା ଥିଲା ସବୁତକ ଏକାଥରକେ ପିଇଦେଇ ଶୀଘ୍ର ମରିଯିବା ଭୟରେ ଶେଷ ବାଣୀ ଶୁଣାଇ କହିଲେ, "ଦେଖ, ତୁମେ ଥିଲ ବୋଲି ସିନା ମୋର ରୋମାଣ୍ଟିସିଜମ୍, ରସିକତା ବଞ୍ଚିଥିଲା, ତୁମେ ଚାଲିଗଲେ ପଦୁଆଁ କାହିଁ ଅବଗୁଣ୍ଠନବତୀମାନେ ବା କାହାନ୍ତି ? ଧର, ଏଥର ମୋତେ ଜାବୁଡ଼ିଧର, ତୁମରି କୋଳରେ ମୁଁ ମରିବାକୁ ଚାହେଁ To die upon a kiss.

ଦୁହେଁ କୁଣ୍ଢାକୁଣ୍ଢି ହୋଇ ଦଣ୍ଡେ ରହି ମୃତ୍ୟୁକୁ ଅପେକ୍ଷା କଲେ । ମୃତ୍ୟୁ ଆସିଲା ନାହିଁ । ବରଂ ଅଙ୍ଗାଙ୍ଗୀ ସମ୍ପର୍କରେ ଦୁହେଁ କ୍ରମେ ପୁଲକ ଅନୁଭବ କଲେ । ପରସ୍ପର କ୍ରୋଡ଼ରେ ସ୍ୱାମୀ-ସ୍ତ୍ରୀ ଆଶ୍ରାକରି ରହିଥାନ୍ତି ସବୁଜ ରଙ୍ଗର ନେଟ୍ ମଶାରୀ ଦୁହିଁଙ୍କୁ ଅବଗୁଣ୍ଠନ ଯୋଗାଇଲା । ମିଳନାତ୍ମକ !

ବହୁତ ରାତିରେ ଆଜି ମଧ ସେମାନେ ଶୋଇଲେ । ଶ୍ରୀମତୀ ହସି ହସି ପଚାରିଲେ, "ସିଂହଳ ଦ୍ୱୀପରେ ବୋଇତ ଲଗାଇ ଲାବଣ୍ୟବତୀକୁ ଖୋଜୁଥିଲ, କେତେଦୂର ସଫଳ ହେଲ ସେ ଚେଷ୍ଟାରେ ? ବୋଇତ ଲାଗିଲା ?"

ଡ଼କ୍ଟର ରାୟ କରୁଣ ହସଟିଏ ଦେଇ ଉତ୍ତର ଦେଲେ, "ବୋଇତ ପାଲସବୁ କାଟି ନିଆଁ ଧରାଇଦେଇଛି ପଦୁଆଁ । ସିଂହଳର ଲଳିତ ଲବଙ୍ଗଲତା ଓ ତମାଳତାଳୀ ବନରାଜିରେ ଲବଣ ଢେଉ ଲାଗି ପୋଡ଼ିଯାଇଛି । ଆମର ନିଜ ଦେଶ ବି ଉଏଷ୍ଟ ଲେଣ୍ଡ୍‌ରେ ପରିଣତ ହୋଇଛି, ଖାଲି ବାଲି, ସିଜୁ ଓ କଣ୍ଟା । ଏଥର ତାକୁଇ ଉର୍ବର ଫଳପ୍ରସୂ କରିବାର ଚେଷ୍ଟା କରିବା ଆସ । ବୁଝିପାରୁନ ଆମର ଉନବିଂଶ ଶତାବ୍ଦୀର ବା ତା' ପୂର୍ବର ରୋମାଣ୍ଟିକ୍ ଆତ୍ମା ମରିଗଲାଣି ।"

Digitized by srujanika@gmail.com

"ବରପାଲି ନହେଲେ ସେପ୍ଟିକ୍ ?"

"ଆମେ କ'ଣ ଆହୁରି ନର୍ଦ୍ଦମାରେ ଘାଣ୍ଟିଚକଟି ହେବା ? ମ୍ୟୁନିସିପାଲିଟି ଅଛି ସେ କାମ ପାଇଁ ।"

"ଅବଗୁଣ୍ଠନ ?"

"ସେଇ ଅବଗୁଣ୍ଠନ ଲାଗି ତ ଏତେ କଥା । ରୋମାଣ୍ଟିକ୍ କବିତାର ଭାଷା ଯେପରି ଅନେକ ଅପରିପକ୍ୱ ଓ ଦରିଦ୍ର ଭାବନାକୁ ଘୋଡ଼ାଇ ରଖେ ଏଇ ଅବଗୁଣ୍ଠନ ବା ଗଗ୍‌ଲସ୍ ବା ବୀଟନିକ୍ ଚୂଳ ଅନେକ ବ୍ୟାଧି ଓ କୁତ୍ସିତତାକୁ ଢାଙ୍କୁଣି ଯୋଗାଏ । ପଟ୍ଟନାୟକବାବୁଙ୍କ ବିଟଲ ଚୂଳ ଓ ସଭାର ସେଇ ସ୍ତ୍ରୀଙ୍କ ଅବଗୁଣ୍ଠନରୁ କ'ଣ ଏତିକି ଶିଖିଲ ନାହିଁ ? ସେମାନଙ୍କ ମୋହିନୀ ଶକ୍ତିରେ ମୁଗ୍ଧ ଅନ୍ଧହୋଇ ବିଶ୍ଳେଷଣର ଅବକାଶ ମଧ୍ୟ ଆମେ ପାଇଲୁନାହିଁ ପରା ।"

"ପୃଷ୍ଠା ଲେଉଟାଇବା ?"

"ଏକାବେଳେ କ୍ରସ୍‌ୱାର୍ଡ୍ ପାଝଲ ପୃଷ୍ଠାକୁ ।"

"କିଏ ଜିତିଲା, ତୁମେ ନା ମୁଁ ?"

"ସେ ତ ଆଉ ଗୋଟାଏ ଗପ ।"

# ବାଉଁଶ ଗଳି

କି ଭୀଷଣ ଦୁଃସ୍ୱପ୍ନ ! ଗାଁ ଗାଁ ଶବ୍ଦକରି ଧଡ଼ପଡ଼ ହୋଇ ଉଠିବସିଲି । ଏତେ ଜୋର୍ ରେ ଚିତ୍କାର ଯେ ପିଲାଝିଲାଏ ଉଠିବସିଲେ । ମୋତେ ନିଜକୁ ବି ଲାଜମାଡ଼ିଲା । ଛିଃ ଛିଃ ପିଲାଙ୍କଭଳିଆ : ସମସ୍ତେ ପରସ୍ତେ ହୋ ହୋ ହୋଇ ପୁଣି ଶୋଇଗଲେ । ହାତ ମାରି ଦେଖିଲି ଗାଲ ଆଖିପତା ଲୁହରେ ଓଦା । ସତରେ ସପ୍ନରେ ମୁଁ କାନ୍ଦୁଥିଲି ।

ଆଶ୍ଚର୍ଯ୍ୟ ! ଏତେକାଳ ପରେ ସେମାନେ କିପରି କାହିଁକି ମୋ ପାଖକୁ ଆସିଲେ, ବିଶେଷକରି ଆଜି ରାତିରେ ? ବାରବର୍ଷ ହେଲା ତ ଦୁହେଁ ମୋ ଦୁନିଆଁରୁ ବିଦାୟ ନେଲେଣି ।

ସେମାନଙ୍କ ଚେହେରା, କଥା, କାମ ଗୋଟି ଗୋଟି ହୋଇ ମନରୁ ପୋଛି ହୋଇଗଲାଣି । ରାତି ଅଧରେ ତେବେ ମୋତେ ଏମିତି ଡ଼ହକବିକଳ କରୁଛନ୍ତି

---

ଝଙ୍କାର, ୨୧ଶ ବର୍ଷ, ବିଷୁବ ସଂଖ୍ୟା, ମେଷ ୧୩୭୬, ଅପ୍ରେଲ ୧୯୬୯ ।

Digitized by srujanika@gmail.com

କାହିଁକି ? ଉଲ୍ଲାସଉତ୍ସବମୟ କର୍ମତତ୍ପର ଦିନର ରାତିଟା ସ୍ୱଭାବତଃ ପ୍ରଶାନ୍ତିପୂର୍ଣ୍ଣ ଓ ସୁସୁପ୍ତିମୟ ନହୋଇ ବିକ୍ଷୁବ୍ଧ ଓ ଦୁଃସ୍ୱପ୍ନଭରା ହେଲା କିପରି ?

ଭାବିବାକୁ ଲାଗିଲି, ଅଚେତନ ଓ ଅବଚେତନକୁ ମନ୍ଥି ଚକଟି ସେମାନଙ୍କୁ ଚେତନକୁ ଆଣିଲା କିଏ ?

ଜାଗ୍ରତରେ ମଧ୍ୟ ମୁଁ ସ୍ପଷ୍ଟ ଦେଖିପାରୁଛି ଦୁହିଁଙ୍କ ବିଷର୍ଣ୍ଣ ମୁଖମଣ୍ଡଳ । ଉଭୟଙ୍କ ଚକ୍ଷୁରେ ଜମାଟବନ୍ଧା ଅଧୀରତା, କାତରତା ଓ ଅଜଣା ଆଶଙ୍କା । ଫିକା ଜହ୍ନ ଆଲୁଅରେ ସେମାନେ କେଉଁ ଦୁରାତ୍ମା ବା ଅଶରୀରୀ ପ୍ରେତାତ୍ମାଟାଏ ଦେଖିପାରିଛନ୍ତି ବୋଧହୁଏ । ସତରେ ସେ ଅଜଗର ସାପଟା କେତେ ବଡ଼ ! କେଉଁ ପିଲା ଦେଖିଲେ ଡ଼ରିମରି ମୂର୍ଚ୍ଛା ନ ଯିବ ? ଆଉ ସେ ବିକଟ ଲାଲମୁଣ୍ଡିଆ ଶାଗୁଣାଟା ! ଝିଅଟାକୁ ଅକ୍ଳେଶରେ ଝାମ୍ପିନେଇ ଶୂନ୍ୟକୁ ଉଡ଼ିଯିବ । କେତେ ଭୟାର୍ତ୍ତ ଅସହାୟ ସେମାନେ ! ସେମାନଙ୍କ ଦଶା ଦେଖି ସ୍ୱପ୍ନରେ ବି ମୁଁ ନିଜେ ଭୀତତ୍ରସ୍ତ ହୋଇ ଚିତ୍କାର କରି କାହାର ସାହାଯ୍ୟ ଲୋଡୁଥିଲି । ମୁଁ ଯେ ନିଜେ ନିରାଶ୍ରୟ, ନିଃସହାୟ, ସେମାନଙ୍କୁ ଆଶ୍ରା ଦେବାର ମୋର ଶକ୍ତି କାହିଁ ? ସେମାନେ ମୋତେ 'ସାର୍' 'ସାର୍' ବୋଲି ବାରମ୍ବାର ଡ଼ାକୁଥିଲେ କାହିଁକି ? ମୁଁ ତ ସେମାନଙ୍କର 'ସାର୍' ନୁହେଁ, ଜଣକର ବାପା ଆଉ ଜଣକର ଅଜା । ଏତେ ଆନନ୍ଦ ଦିନର କି କରୁଣ ତଥା ବିପରୀତ ପରିସମାପ୍ତି !

ମାତ୍ର ଦୁଇଘଣ୍ଟା ତଳର କଥା । ରାତି ଦଶଟା । ଶେଷ ବାସ୍ ଆସିଯାଇଛି । ପୁଣି ସେଇ କୋଳାହଳ, ହୁରିହାଟ, ଧାଁଧପଡ଼, ମଡ଼ାଦଳା, ଧସ୍ତାଧସ୍ତି । ଯିମିତି ହେଉ ଘରକୁ ଫେରିବାକୁ ହେବ । ଘରକୁ ଫେରିବାକୁ ନ ଚାହେଁ କିଏ ? ତା' ଛଡ଼ା ଏ ନିର୍ଜନ ବେଳାଭୂମିରେ ଅନ୍ଧାର ରାତିରେ ଆଶ୍ରୟସ୍ଥଳ ବା ବିଶ୍ରାମ ସ୍ଥାନ କାହିଁ ? ନେହେରୁ ବଙ୍ଗଳା ତ ବନ୍ଦ ହେବା ଉପରେ । କର୍ମଚାରୀଗଣ ଭିତରପଟୁ ଲୁହାଶିକୁଳି ଲଗାଇ ଶୋଇଯିବେ ଆରାମରେ ଡ଼ନ୍‌ଲପ ପିଲୋଶଯ୍ୟାରେ। ଯିମିତି ହେଉ ସମସ୍ତଙ୍କୁ ଘରକୁ ଫେରିବାକୁ ପଡ଼ିବ । ଚାଲିକରି ଏତେ ରାତିରେ ଆଠଦଶ ମାଇଲ ବାଟ ଫେରିବାର ଶକ୍ତିସାମର୍ଥ୍ୟ ବା କାହାର ଅଛି ? ଦିନଯାକର କ୍ଳାନ୍ତି ବୁଭୁକ୍ଷା ଉପରକୁ ଆନନ୍ଦ ଉଲ୍ଲାସର ଭାରି ପ୍ରତିକ୍ରିୟା ସମସ୍ତଙ୍କୁ ପ୍ରାୟ ନିର୍ଜୀବ ଓ ଚଳତ୍‌ଶକ୍ତିହୀନ କରିଦେଇଛି । ସମସ୍ତେ ଚାହୁଁଛନ୍ତି ଗୃହ, ଖାଦ୍ୟ, ଆଶ୍ରା ଓ ବିଶ୍ରାନ୍ତି ।

ଶେଷ ବାସ୍ ଆସିଛି । ଅବସ୍ଥା ସମ୍ଭାଳେ କିଏ ? ଥରକୁ ଥର ଚାରିଥର ବାସ୍ ଆସି ଫେରିଗଲାଣି । ପ୍ରତିଥର ବାସ୍ ଆସିଗଲେ ସେଇ ଏକ ଦୃଶ୍ୟ, ଏକ ଅଭିନୟ । ସେମାନେ କ'ଣ ଦଶ ପଚିଶ ? ଶହ ଶହ କରି ସାତଶହରୁ ଊର୍ଦ୍ଧ୍ୱ ସେମାନେ । ଆଗାମୀ ବସ୍‌ର ଆଲୁଅ ଯିମିତି ଝାଉଁବଣର ସବୁଆ ଅଗକୁ ଛୁଇଁଦିଏ ସିମିତି ସର୍ବତ୍ର ଗୋଟାଏ ଶିହରଣ ଜାଗେ ଓ ବେଳାଭୂମି ମୁଖରିତ ହୋଇଉଠେ ହୋ ହୋ ଶବ୍ଦରେ ଶହ ଶହ ଘେରିଯାନ୍ତି ବାସ୍‌ଟାକୁ, ପିମ୍ପୁଡ଼ି ଗୁଡ଼ ମାଠିଆକୁ ଘେରିଲା ପରି । ପାହାଡ଼ ପରି ବାସ୍‌ଗୁଡ଼ାକର ଦିହରେ କେତେ କମ୍ ସ୍ଥାନ । ଖୁନ୍ଦିଖାନ୍ଦି ଅଣନିଃଶ୍ୱାସୀ ହୋଇ, ବସି

Digitized by srujanika@gmail.com

ଠିଆହୋଇ, ହାମୁଡ଼ାଇ ସତୁରି ଅଶୀଙ୍କ ସ୍ଥାନରେ ଶହେ ଦେଢ଼ଶ' ବସି ବସ୍‌ଟାକୁ ଥରାଇ ଦିଅନ୍ତି ବୋଝରେ । ଡ୍ରାଇଭର, କଣ୍ଡକ୍ଟର, କ୍ଲିନର୍ କିଛି କହିପାରନ୍ତି ନାହିଁ । ଛାତ୍ରସମାଜ ବା ଯୁବଶକ୍ତି ଆଗରେ ଡ଼ିକ୍‌ଟେଟର ବି ନତମସ୍ତକ । ଯେତେବେଳେ ଆଉ ତିଳାର୍ଦ୍ଧେ ସ୍ଥାନ ମିଳିବାର ମଧ ଆଶା ଚାଲିଯାଏ ସେତେବେଳେ ଅନେକେ ତାଙ୍କ ହାରକ୍ୟୁଲସ୍ ପ୍ରଚେଷ୍ଟାରୁ ନିବୃତ୍ତ ହୁଅନ୍ତି । କ୍ଲିନର୍ ଗାଡ଼ି ଦେହରେ ଢ଼ପ୍ ଢ଼ପ୍ କରି ବାଡ଼ାଏ, କାରଣ ଘଣ୍ଟିର ଦଉଡ଼ିକୁ ଯେତେ ଝିଙ୍କାଟଣା କଲେ ବି ସେପଟୁ ଠଂ ଠଂ ଶବ୍ଦ ଆସେନାହିଁ । ଗାଡ଼ି ଚାଲିବାକୁ ଆରମ୍ଭ କରେ ଘରମୁହାଁ ହୋଇ । ଆହୁରି କେତେଜଣ ଗାଡ଼ି ପଛପଟ ଶିଡ଼ିରେ ଚଢ଼ିଥାନ୍ତି । ହିପ୍-ହିପ୍-ହୁର୍‌ରେ ।

ଚିତ୍କାରରେ ଝାଉଁବଣ ଥରି ଉଠେ । ପୁଣି ଦମ୍ ନେଇ ଦ୍ୱିଗୁଣ ଉତ୍ସାହରେ ଗାଇ ଚାଲେ ସାଇଁ ସାଇଁ କରି ତା'ର ଆଜନ୍ମ କରୁଣ ଜୀବନ ସଂଗୀତ । ଦୂରବର୍ତ୍ତୀ ସମୁଦ୍ରର ବିବର୍ଦ୍ଧମାନ ଉଚ୍ଛୃଙ୍ଖଳ ଢ଼େଉଗୁଡ଼ାକ ବାଧା ନିଷେଧ ନ ମାନି ଡ଼େଇଁ ଡ଼େଇଁ ସେ ସଂଗୀତର ତାଳେ ତାଳେ ନାଚିବାକୁ ଧାଇଁ ଆସନ୍ତି କୂଳକୁ, ଯେଉଁଠି ଦିନଯାକ ଶହ ଶହ ତରୁଣ ତରୁଣୀ ଲୀଳାଖେଳରେ ଉନ୍ମତ୍ତ ଥିଲେ । ପ୍ରସ୍ଥିତ ବାସ୍‌ର ହୁର ହୁର ଶବ୍ଦ ଦମକା ପବନରେ ଥରେ ଥରେ ଘରର ସୁଖସ୍ୱାଚ୍ଛନ୍ଦ୍ୟର ସନ୍ଦେଶ ପରଶି ଦେଇଥାଏ ।

ଚାନ୍ଦିପୁର । ଚାନ୍ଦିପୁର-ଅନ୍-ସି । ପୁରୀର ସମୁଦ୍ର କୂଳ ପରି ଜନାକୀର୍ଣ୍ଣ ବା ଚପଳବିହ୍ୱଳ ନୁହେଁ । ମଣିଷ ଏଠି ଏକାନ୍ତ ଏକାକୀ । ଏଠି ଥାଏ ନୀରବତାର ମାଦକତା ଓ ନିର୍ଜନତାର ନିଶାମ ଧୂରୀ । ଅତୀତର କେଉଁ ଏକ ଶାଳବନର ରାଜା ଝାଉଁବଣ ଡ଼ାକରେ ଭୁଲି ବିହାର ପ୍ରାସାଦଟିଏ ତିଆରି କରିଥିଲା । ପତନୋନ୍ମୁଖ ଜରାଜୀର୍ଣ୍ଣ ସେ ପ୍ରାସାଦ ତା'ର ଧକ୍କାରେ । କବାଟ ଝରକା ନଥିବା ତା' ରୂପଟା ଦଶମୁଣ୍ଡିଆ ରାକ୍ଷସର କରୋଟି ପରି ଭୀତିପ୍ରଦ । ପାଖ ବାଲି ପିରାମିଡ଼ ଭିତରେ କେଉଁ ଅତ୍ୟାଚାରିତା ଓ ଧର୍ଷିତା କୁମାରୀର ପ୍ରେତାତ୍ମାର ଚିତ୍କାର ଶୁଭେ । କେତେ କେତେ ଟୁରିଷ୍ଟଙ୍କ ଅଭୀପ୍ସା, ଜିଗୀଷା ଓ ଜୁଗୁପ୍ସା ଉଦରସ୍ଥ କରି ନେହେରୁ ବଙ୍ଗଳାଟା କୁମ୍ଭୀର ଅଜଗର ପରି ନିର୍ଦ୍ଦୟ ଓ ନିର୍ବିକାର ବଙ୍ଗଳା ସାମନା ଝାଉଁବଣଟା ବି ରାତିରେ ହିଂସ୍ର ହୋଇ ଜହ୍ନଟାକୁ ଗିଳିଦେଇ କଳାମେଘର ରୂପ ପରିଗ୍ରହ ଧରେ ।

ଏଇ ଶେଷ ବାସ୍ । ଦୈବାତ୍ ଯାଇ ନପାରିଲେ... । ଯେଉଁ ସ୍ଥାନ ଦିନବେଳର ଆହାର ବିହାର ଆମୋଦପ୍ରମୋଦ ସ୍ଥଳୀ ଥିଲା ସେଇଠି ଛାୟାକବଳିତ ଝାଉଁବଣରେ ଇଂରାଜୀ, ଫରାସୀ, ପର୍ତ୍ତୁଗୀଜ, ଓଲନ୍ଦାଜ, ଦିନାମାରଙ୍କର ଲମ୍ବା ଲମ୍ବା ପ୍ରେତଗୁଡ଼ାକ ପବନ ହିଲ୍ଲୋଳରେ ଲୀଳା ଆରମ୍ଭ କରିବେ, ବାଲିକୁଦ ଉପରୁ ତାଙ୍କର ବିକଟ ହସ ଶୁଭିବ । କାହାର ଛାତିରେ ଏତେ ଦମ୍ଭ ଓ ସାହସ ସେସବୁ ଦେଖିବାକୁ ଶୁଣିବାକୁ ? ତେଣୁ ଆସିବା ବେଳର ସଂହତି ଓ ନିବିଡ଼ ବନ୍ଧୁତା ଘରକୁ ଫେରିବା ବେଳକୁ ଭାଜି ପଡ଼େ । ସମସ୍ତେ ସ୍ୱାର୍ଥପର ହୁଅନ୍ତି ଏକେଲା ଚଲୋରେ ।

Digitized by srujanika@gmail.com

ବାସ୍‌ରେ ଯେଉଁମାନେ ଯାଇନପାରନ୍ତି ସେମାନେ ଧାଇଁଯାଇ ପୁଣି ସିନେମା ଦେଖିବାକୁ ବାଲିରେ ବସି ଯାଆନ୍ତି । ବଙ୍ଗଳା ପଛରେ ଚାଲିଯାଏ 'ପ୍ୟାର କା ସାଗର' । ହେଲେ, ଯେଉଁ ଛବିପାଇଁ ଦିନେ ସେମାନେ ଜାମାପଟା ଛିଣ୍ଡାଇଥିଲେ, ଗୋଡ଼ ଆଙ୍ଗୁଠି ମାଡ଼ିମକଚି ହୋଇଯାଇଥିଲା, ସେ ଛବି ବି ତାଙ୍କୁ ଆନନ୍ଦ ଦିଏନାହିଁ । ବେଳାଭୂମିର ଆସନ୍ନ ଟ୍ରେଜେଡ଼ିର ବାସ୍ତବ ବ୍ୟଥା ରୂପେଲୀ ପରଦାର କଳ୍ପିତ ମଧୁର ଯନ୍ତ୍ରଣାକୁ ବଳି ପଡ଼େ । ସତରେ ସମୟ କଟାଇବା ପାଇଁ ସିନେମାଟା, ଗୋଟାଏ ଫନ୍ଦି ନୁହେଁ ତ ଆଉ କ'ଣ ? ଘରର ମୋହ, ମନୋରଞ୍ଜନ ଓ ଆସକ୍ତି ତୁଳନାରେ ଚଳଚ୍ଚିତ୍ରର ମୋହିନୀ ଶକ୍ତି କିଛି ନୁହେଁ ।

ଗୋଟାଏ ବାସ୍ ଚାଲିଗଲେ ଭିଡ଼ କିଛି କମିଯାଏ, ଗୋଳମାଳ ବି ଊଣା ପଡ଼େ । ଚାରି ଚାରିଟା ବାସ୍ ଚାଲିଯିବା ପରେ ସଂଖ୍ୟା ଅପେକ୍ଷାକୃତ କମିଛି । ହେଲେ ନାନା ଜିନିଷ ଆସବାବପତ୍ର ତ ଅଛି । ଯିମିତି ବଙ୍ଗଳା ଘଡ଼ିରେ ଠଂ ଠଂ କରି ଦଶ ବାଜିଛି ସିମିତି ଶେଷ ବାସ୍ ଆସିଗଲା । ଆଲୁଅଟା ଝାଉଁବଣ ଭିତର ଦେଇ ଲୁଚିଛପି ଆସି ଅଣେଇ ହୋଇ ଶୋଇଥିବା ଘୁମନ୍ତ ବଙ୍ଗଳାକୁ ଯିମିତି ହଲାଇଦେଇଛି ସିମିତି ଚିହ୍ନାର ଶିହରଣ । ସଂଗେ ସଂଗେ 'ପ୍ୟାର କା ସାଗର'ର ଅକାଳ ପରିସମାପ୍ତି । ମେସିନ୍ ବନ୍ଦ । ଲାଇଟ୍ ଅଫ୍ । ବଙ୍ଗଳା ପଛପଟ ଶୂନଶାନ୍, ସୃଷ୍ଟି ପ୍ରାକ୍‌କାଳର ଅନ୍ଧକାର ।

ଏଇ ଶେଷ ବାସ୍‌ଟା କିନ୍ତୁ ବଙ୍ଗଳା ସାମନା ଗୋଲେଇଯାକେ ଆସିଛି ବରାଦ ମୁତାବକ । ଚାହୁଁ ଚାହୁଁ ଛିଡ଼ା ହେଉ ନହେଉଣୁ ବାସ୍ ଭରପୂର । ସଡ଼କ କଡ଼ରେ ଜମା ହୋଇଥିବା ହଣ୍ଡା, ଡେକ୍‌ଚି, ଭଙ୍ଗା କାଠ ବାକ୍ସ, ଖାଲି ଝୁଡ଼ି, ଅଖା ଓ ସତରଞ୍ଜି (ଦିନଯାକ ଆନନ୍ଦର ମୁର୍ଦ୍ଦାର ଗୁଡ଼ାକ!) ଉଠାଉଠି ଚାଲିଲା ବାସ୍ (ଶବାଧାର ?) ଉପରକୁ । ହରରଙ୍ଗୀ ଚୁଡ଼ି, ରିବନ୍, ବେଲୁନ୍ ବା ପ୍ରଜାପତି ପରି ସାତଶହ ତରୁଣ ତରୁଣୀଙ୍କ ଲୀଳାସ୍ଥଳୀ ସମୁଦ୍ରସୈକତ ଓ ଝାଉଁବଣଟା ପ୍ରାୟ ଶୂନ୍‌ଶାନ ହୋଇଗଲା । ଦିନଯାକ କେତେ ଫଟୋ ତୋଳା, କେତେ ଟୁଇଷ୍ଟ ନାଚ, ରଙ୍ଗରସ, ଗୀତ, କବିତା ପାଠ, ବକ୍ତୃତା, ହସ କଉତୁକ ସାଂଗକୁ ତରୁଣ ଓ ତରୁଣୀଙ୍କ କେତେ କୁହା ଅକୁହା କଥା, କେତେ କେତେ ହରରଙ୍ଗୀ ଶାମୁକା ଓ ଉପଳ ସଂଗ୍ରହ, ବିନିମୟ, କେତେ କେତେ ଲାଲି କଙ୍କଡ଼ା ଓ ରୂପା ପାତିଆ ମାଛଧରାର ବାହାଦୁରୀ ଓ ଗୌରବ ।

ଆନନ୍ଦାତ୍‌ହିଁ ଖଳୁ ଇମାନି ଭୂତାନି । ଗୋଟିଏ ଅପରାହ୍ନରୁ ତିନିଶ' ପଅଁଷଠୀ ଦିନର ଖାଦ୍ୟ ସଂଗ୍ରହ, ବଞ୍ଚିବା ପ୍ରୟାସ । ସେ ସ୍ମୃତି କେତେ ମଧୁର; କିନ୍ତୁ ଘରେ ପହୁଞ୍ଚିବା ପରେ ଯାଇ ସେ ମଧୁରତା ।

ତତ୍ତ୍ୱାବଧାରକ ତଥା ଦଳପତି ପ୍ରୌଢ଼ ଅଧ୍ୟାପକଟି ଇତସ୍ତତଃ ହେଉଛନ୍ତି । ଉତ୍ସବର ପରିସମାପ୍ତି ତାଙ୍କ ପ୍ରାଣରେ ଆଶ୍ୱସ୍ତି ପରିବର୍ତ୍ତେ ଆଣିଛି ବ୍ୟସ୍ତତା ଓ କାତରତା, ଡ୍ରାଇଭର, କଣ୍ଡକ୍ଟର ଓ କ୍ଲିନର ପରି ସେ ବି ଅସହାୟ । ଏଇଟି ଶେଷ ବାସ୍ । ଯେତେ ଯେତେ

Digitized by srujanika@gmail.com

ଜିନିଷପତ୍ର ଆସିଥିଲା ସେସବୁ ମନେପକାଇ ଖୋଜାଖୋଜି କରି ଫେରାଇବାକୁ ହେବ । ଯେଉଁମାନେ ଆଣିଥିଲେ ସେମାନେ ହୁଏତ ଆଗ ବସ୍‌ରେ ଚାଲି ଗଲେଣି । ବଣଭୋଜିଟି ଯେ ସର୍ବାଙ୍ଗସୁନ୍ଦର ହେଲା ତା ନୁହେଁ, ତ୍ରୁଟି ଅବ୍ୟବସ୍ଥା ଓ ବିଶୃଙ୍ଖଳା ରହିଯାଇଛି । ଗୋଳମାଳିଆ ଅବସ୍ଥା ପୂରାପୁରି ଦୂର ଏ ପର୍ଯ୍ୟନ୍ତ ହୋଇନାହିଁ । ଏଇ ବାସ୍‌ରେ ଚଢ଼ିବ ସିନେମା ପ୍ରୋଜେକ୍ଟର ଗିଲ୍, ସ୍କ୍ରିନ୍ । ଦୁଜଣେ ଖଣ୍ଡେ ସାଇକେଲ ତ ଅଛି । 'ପ୍ୟାରକା ସାଗର' ଦେଖିବା ପାଇଁ ଜଣେକ ଅଧାପକ ସସ୍ତ୍ରୀକ ରହିଯାଇଛନ୍ତି ସେମାନେ ଯିବେ । ନିଜ ପାଇଁ ସ୍ଥାନ ହେଲେ ନ ହେଲେ ଚଳେ । ନିର୍ବିଘ୍ନରେ ନିରାପଦରେ କୌଣସିମତେ ବସ୍‌ଟାକୁ ସହରରେ ପହୁଞ୍ଚାଇ ପାରିଲେ ମୁଣ୍ଡର ବୋଝ ଖସିବ । ଏତେ ଲୋକଙ୍କ ଦାୟିତ୍ୱ ନେବା ଉଚିତ୍ ନଥିଲା । ବଙ୍ଗଳା ଆଗ ପତାକା-ବେଦୀରେ ଛିଡ଼ା ହୋଇ ବୋଝେଇ ତନଖି ତଦାରଖ କରୁଛନ୍ତି । ତିନି ଗୋଡ଼ିଆ କୁଣ୍ଡାଟାଏ ତାଙ୍କ ପାଖେ ପାଖେ ଘୂରି ବୁଲୁଛି । ସେ ବି ଯିବ । ରାଓ ବାବୁ ପ୍ରଫେସରଙ୍କ 'ଅହଲ୍ୟା' । ତାକୁ କିଏ ନେଇ ଆସିଛି ଖେଳରେ ।

"ସାର୍!" ବାଆଁ ପଟୁ ଅସ୍ପଷ୍ଟ ଗଳାସ୍ୱର । ଦିନଯାଇ କେତେ କେତେ ପିଲାଙ୍କ 'ସାର୍' 'ସାର୍' ଡ଼ାକ ଶୁଣି ତାଙ୍କ କାନ ବଧିର ହୋଇଯାଇଛି । ଏ କ୍ଷୀଣ ଡ଼ାକ ପ୍ରତି ସେ ଆଦୌ ଅବହିତ ହେଲେ ନାହିଁ ତାଙ୍କର ଏକାଗ୍ର ଦୃଷ୍ଟି ରହିଛି କେତେ ଗଲେ କେତେ ରହିଲେ କେତେ ଉଠିଲା ବାକୀତକ ଯାଇପାରିବ କି ନାହିଁ ।

"ସାର୍!" ପୁଣି ସେଇ ଡ଼ାକ, ସେଇ କରୁଣ ସମ୍ବୋଧନ ଏଥରର ଡ଼ାକ ସ୍ପଷ୍ଟତର ଏବଂ ସଂକଳ୍ପବଦ୍ଧ । କାରୁଣ୍ୟ ଓ କାତରତାର ମାତ୍ରା ଅଧିକତର ।

"ଓହୋ! କାହିଁକି ଏମିତି 'ସାର୍' 'ସାର୍' ହେଉଛ । କେଉଁଠି ଜାଗା ପାଇଛ ତ ବସିଯାଅ । ମୋତେ ଡ଼ାକିଲେ ମୁଁ କ'ଣ କରିବି ?" ବିରକ୍ତିର ରୁକ୍ଷ ସ୍ୱରରେ ଜବାବ ଦେଇ ବାଆଁପଟକୁ ବୁଲି ଦେଖିଦେଲେ ଅସ୍ପଷ୍ଟ ଆଲୋକରେ ଛିଡ଼ା ନାରୀ ମୂର୍ତ୍ତିକୁ । ତାଙ୍କର କ୍ରୋଧାଗ୍ନି ଦ୍ୱିଗୁଣିତ ହେଲା । ସମସ୍ତ ଧୈର୍ଯ୍ୟ ହରାଇ ସେ ଭର୍ତ୍ସନା ଆରମ୍ଭ କରିଦେଲା ।

"ତୁମେ ଫେର୍ ରହିଯାଇଛ ନା ? ସମସ୍ତଙ୍କ ପିକ୍‌ନିକ୍ ସରିଲା, ତୁମର ସରି ନାହିଁ! ସିନେମା ଦେଖୁଥିଲ ନା କଣ ? କେଉଁଠି ଥିଲ ଏଯାକେ ? ତୁମ ସାଂଗ ତ ସବୁ ପ୍ରଥମ ବସ୍‌ରେ ଚାଲିଗଲେ । ତୁମର ମଉଜ ଏଯାକେ ସରି ନାହିଁ? କି ଆଶ୍ଚର୍ଯ୍ୟ! କେଉଁ ଇଅରରେ ପଢ଼ ?"

ସମ୍ଭାଳି ନେଲେ ନିଜକୁ । ନହେଲେ ବୋଧହୁଏ କହିଥାଆନ୍ତେ, "ଏଇ ଝିଅଗୁଡ଼ାକ ସବୁ ଅନର୍ଥର ମୂଳ । ସମାଜରେ ଯେତିକି ସଂହତି ଓ ଶୃଙ୍ଖଳା ଆଣନ୍ତି ତାଠୁଁ ବେଶୀ ବିଭେଦ ଓ ବିଶୃଙ୍ଖଳା ଓ ମୁଣ୍ଡବ୍ୟଥା ସୃଷ୍ଟି କରନ୍ତି ଏଇମାନେ । ନିଜକୁ ରକ୍ଷା କରିବା

Digitized by srujanika@gmail.com

ପାଇଁ ଯିଏ ପ୍ରସ୍ତୁତ ବା ଆଗ୍ରହୀ ନୁହେଁ ତାକୁ ରକ୍ଷା କରିବ କିଏ ? ମର ଯାଅ, ଯାହା କରିବ କର । ତୁମକୁ କେଉଁଠି ସ୍ଥାନ ଦେବି ?"

ସତକଥା । କିଏ ବିରକ୍ତି ନ ହେବ ? ପ୍ରଥମ ବାସ୍‌ଟି ଉଦ୍ଦିଷ୍ଟ ଥିଲା କେବଳ ଝିଅଙ୍କ ପାଇଁ । ଅଧ୍ୟକ୍ଷ, ଅଧ୍ୟାପକଗଣ ଓ ତଦୀୟ ପତ୍ନୀମାନଙ୍କ ପାଇଁ । ଜଣ ଜଣ କରି ସମସ୍ତଙ୍କୁ ତାଲିକା ମୁତାବକ ଗଣାଗୁନ୍ଥା କରି, ଅଧଘଣ୍ଟାଏ କାଳ ମାଇକ ସାହାଯ୍ୟରେ ଡ଼କାହକା କରି ସମସ୍ତଙ୍କୁ ପଠାଇ ଅସଲ ଚିନ୍ତାରୁ ମୁକ୍ତି ପାଇଛନ୍ତି । ଏ ଝିଅଟି କାହିଁକି କିମିତି ରହିଗଲା ?

ବୁଢ଼ା କେଉଟର ଛିଣ୍ଡା ଜାଲ ଓ ଘେର ଭିତରୁ ପଲକୁ ପଲ ଝିଲିମିଲିଆ ଟିକିଟିକି କୋକୋଲି ଡ଼େଇଁ ବାହାରି ପଳାଇଲା ପରି ସେତେବେଳକୁ ଫଟା ଫଟା ମେଘ ଭିତରୁ ଜହ୍ନ ଆଲୁଅଗୁଡ଼ାକ ବାହାରୁଥାନ୍ତି । ଅଧ୍ୟାପକଙ୍କ ଭର୍ତ୍ସନା ସତ୍ତ୍ୱେ 'ସାର୍ ସାର୍' ଡ଼ାକୁଥିବା ପିଲାଟି ନୀରବରେ ଛିଡ଼ା ହୋଇଥାଏ । ଝିଅଟି ବି ସିମିତି ମୁଣ୍ଡପାତି ଛିଡ଼ା ହୋଇଥାଏ । ସେତେବେଳକୁ ଅନେକଙ୍କ ଦୃଷ୍ଟି ସେମାନଙ୍କ ଉପରେ ପଡ଼ିଲାଣି ।

ଅଧ୍ୟାପକ ସେ ପିଲାଟି ଓ ଝିଅଟିକି ଦେଖି ଚିହ୍ନିପାରିଲେ ନାହିଁ ବା ତାଙ୍କ ପରିଚୟ ଜାଣିପାରିଲେ ନାହିଁ । ସବୁ ପିଲାଙ୍କୁ ତ ସେ ପଢ଼ାନ୍ତି ନାହିଁ ବା ପଲ ପଲ ଝିଅଙ୍କ ଭିତରୁ କେଉଁଟି କିଏ ତାଙ୍କ ଜାଣିବାରେ କି ଲାଭ ? ମୋଟାମୋଟି ସେ ଭାବିନେଲେ ଯେ, ଏ ଦୁହିଁଙ୍କ ଉଦ୍ଦେଶ୍ୟ ଓ ପ୍ରକୃତି ମୋଟେ ଭଲ ନୁହେଁ । ଚୋର, ଚୋରଣୀଙ୍କ ପରି ଦିଶୁଛନ୍ତି । ଅନ୍ଧକାର ବେଳାଭୂମି, ନିର୍ଜନ ଦିଗନ୍ତବିସ୍ତାରୀ ଝାଉଁବଣ, ଅନ୍ୟମାନଙ୍କର କର୍ମତତ୍ପରତା ଏମାନଙ୍କୁ ରୋମାନ୍ସ ପାଇଁ ଅନୁକୂଳ ସୁବିଧା ସୁଯୋଗ ଓ ପରିବେଶ ଯୋଗାଇଛି । ପୂର୍ବ ବାସ୍‌ରେ ସ୍ଥାନ ନ ମିଳିବାରୁ ନିଶ୍ଚୟ ଗୋଟେ ଆଳ କରି ବସିବେ । ହଅ, ମରନ୍ତୁ ଯିଏ ମରିବେ, ବୁଲାଇବାକୁ ଆଣିଛି ବୋଲି ସବୁବେଳେ ତାଙ୍କ ପାଖେ ପାଖେ ଜଗି ରହିଥିବି ? ରାଗରେ ଥମ ଥମ ହୋଇ କିଛି ନ କହି ପୁଣି ବସ୍ ଆଡ଼କୁ ଚାହିଁଲେ ।

ସେତେବେଳକୁ କେତେଜଣ ପିଲା ନିଜ ନିଜ ସାଇକେଲ୍ ବାସ୍ ଉପରକୁ ଉଠାଇବା ଚେଷ୍ଟାରେ ଥାଆନ୍ତି । ଆସିବା ବେଳର ଦମ୍ ଉତ୍ସାହ ତାଙ୍କର ଶୀତଳ ହୋଇଯାଇଛି । ପଥଶ୍ରମ ନକରି କିପରି ସାଇକେଲ ଓ ନିଜେ ବାସ୍‌ରେ ଯିବେ ସେ ଚେଷ୍ଟାରେ ଅଛନ୍ତି । 'ପ୍ୟାର୍‌କା ସାଗର'ର ଅଧ୍ୟାପକଟି ଚଞ୍ଚଳ ବ୍ୟତିବ୍ୟସ୍ତ ହେଲେଣି, ଯଦିଓ ତାଙ୍କ ସ୍ଥାନ ସଂରକ୍ଷିତ । ଅପରିହାର୍ଯ୍ୟ ବିଳମ୍ବକୁ ସହିବା ଅବସ୍ଥାରେ ସେମାନେ ନାହାନ୍ତି, ଘର ତାଙ୍କୁ ଡ଼ାକିଲାଣି । ପିଲାପିଲି ଘରେ ଛାଡ଼ି ଆସିଥିବା ଅବା । କ୍ରମେ ସବୁ ଜିନିଷପତ୍ର ଉଠିବା ଉପରେ ।

'ସାର୍' । ପୁଣି ସେଇ ଡ଼ାକ ।

"ଯାକୁଇ କହନ୍ତି ମାଡ଼ଖିଆ କଥା ।" କହିଲେ ନାହିଁ, କିନ୍ତୁ ପିଲାଟି ଆଡ଼କୁ ଚାହିଁଲେ କଡ଼ା ଚାହାଣୀରେ ।

Digitized by srujanika@gmail.com

ଝିଅଟି ଆଡ଼କୁ ହାତ ଦେଖାଇ ଯୁବକଟି କହିଲା "ସାର୍ ଇଏ କଲେଜରେ ପଢ଼ନ୍ତି ନାହିଁ । ସେ କଲେଜ ଛାତ୍ରୀ ନୁହନ୍ତି ।"

ଅପ୍ରତ୍ୟାଶିତ ଏ ସମ୍ବାଦ । ଏ ନୂତନ ଜ୍ଞାନୋଦୟ ପାଇଁ ଅଧ୍ୟାପକଟି ମାନସପଟ ପ୍ରସ୍ତୁତ ନଥିଲା ଯିମିତି । ଯନ୍ତ୍ରଚାଳିତର ପ୍ରତିକ୍ରିୟାରେ ଗର୍ଜି ଉଠିଲେ, "ତୁମେ ତେବେ କିଏ ? ତାଙ୍କପାଇଁ ତୁମେ ଏତେ ବ୍ୟସ୍ତ କାହିଁକି ? ତାଙ୍କପାଇଁ ତୁମର ଏତେ ଦରଦ ବଳି ପଡୁଛି କାହିଁକି ? ଟିକିଏ ସୀମା ଟପିଯାଇ ଅଧ୍ୟାପକ ଏ କଥାଗୁଡ଼ାକ କହିଲେ । ତାଙ୍କ ପ୍ରାଣର ବଦ୍ଧମୂଳ ଧାରଣା ଥିଲା ଯେ, ଝିଅଟି କଲେଜ ଛାତ୍ରୀ ଓ ତା' ପାଇଁ ନିବେଦନ କରୁଥିଲା ପିଲାଟି ତା'ର ସଙ୍ଗୀ ସହପାଠୀ, ହୁଏତ ପ୍ରେମିକ ।

"ମୁଁ ବି କଲେଜ ଛାତ୍ର ନୁହେଁ, ସାର୍ ।"

ଅଧ୍ୟାପକ ସେଇ ମୁହୂର୍ତ୍ତରେ ଆଶ୍ୱସ୍ତିର ନିଃଶ୍ୱାସ ଛାଡ଼ିଲେ । ରକ୍ଷା, ଦୁହିଁଙ୍କଯାକର କଲେଜ ସହିତ କୌଣସି ସମ୍ପର୍କ ନାହିଁ । ବଦନାମରୁ ରକ୍ଷା ମିଳିଗଲା ।

ପଚାରିଗଲେ ପ୍ରଶ୍ନ ପରେ ପରେ ଉଶ୍ୱାସ ହୃଦୟରେ । "କାହିଁକି ଆସିଥିଲ ? କିମିତି ଆସିଥିଲ ? ଫେରିବାର ମନେ ମନେ କ'ଣ ବନ୍ଦୋବସ୍ତ କରିଥିଲ ? ଆମେ ଆସିବୁ ବୋଲି ତୁମକୁ କ'ଣ ନୋଟିସ୍ ଦେଇଥିଲୁ ? କି ମୁସ୍କିଲ୍ ! ଦୁନିଆଁ ଯାକର ଯେତେ ଲୋକ ଚାନ୍ଦିପୁର ଆସିବେ ସମସ୍ତଙ୍କୁ ଫେରାଇ ନେବା ଦାୟିତ୍ୱ କ'ଣ ମୋର ?"

ଯୁବକଟି ଦମ୍ଭ ବାନ୍ଧି ଉତ୍ତର ଦେଲା, "ସାର୍ ! ଆମେ ଦୁହେଁଯାକ ଦିନବେଳେ ଏଠାକୁ ଆସିଥିଲୁ । ବୁଲିବାକୁ । ରିକ୍ସାରେ । ରିକ୍ସାବାଲା, ଏଇଠି ପାଖରେ ଘର, ସଞ୍ଜବେଳକୁ ଆସିବ କହି ଆସିଲାନି । ଆମଠୁ ଫେରିବାର ବି ଭଡ଼ା ନେଇଛି । ଅଜଣା ଜାଗା ଅଜଣା ଲୋକ, କ'ଣ କରିବୁ ? ଦୟା କରି .... ।

"ବଙ୍ଗଳାରେ ରାତି କଟାଇ ଦିଅ, ସକାଳୁ ଗୋଟାଏ ବାସ୍ ଅଛି ସେଥିରେ ଚାଲିଯିବ ।"

"ସାର୍ ?"

"ଆଉ 'ସାର୍' 'ସାର୍' ଭଜ ନାହିଁ । ଆମ ବାସ୍‌ରେ ଜଣକ ପାଇଁ ବି ଜାଗା ହବନି । ନିଜ ଆଖିରେ ତ ଅବସ୍ଥା ଦେଖୁଛ । ଯେଉଁମାନେ ପଇସା ଖରଚ କରି ଆସିଛନ୍ତି ସେମାନେ ଯିବେ ନାହିଁ, ତୁମେ ଯିବ ! ବଙ୍ଗଳାକୁ ଯାଅ ।"

"ବଙ୍ଗଳାରେ ରହିବା ପାଇଁ ଆମେ ପାଖରେ ପଇସାପତ୍ର କିଛି ନାହିଁ । ଆମେ ସାଙ୍ଗେ ସାଙ୍ଗେ ଫେରିଯିବୁ ବୋଲି ଭାବିଥିଲୁ । ଯାହା କିଛି ଥିଲା ବଙ୍ଗଳାରେ ଟା' ଜଳଖିଆରେ ସରିଗଲା । ମୋଟେ କିଛି ନାହିଁ ଆମ ପାଖରେ ।"

କିଛି କହିଲେ ନାହିଁ ଅଧ୍ୟାପକ । ଯେଝା ଜାଗା ଧରି ବସିବାରୁ ହେଉ ବା ସଳଖି ବସିବାରୁ ହେଉ ହଠାତ୍ ବସ୍‌ର ଝରକା ଦେଇ ହାବୁକାଏ ଆଲୋକ ଏକାବେଳେ ଯାଇ

Digitized by srujanika@gmail.com

ଅଜାଡ଼ି ପଡ଼ିଗଲା ସେଇ ଝିଅଟି ଉପରେ । ଅନନ୍ୟ ସାଧାରଣ ସୁନ୍ଦରୀଟିଏ, କେରାଏ ଦି'କେରା ଚୂଳ ଅସ୍ତବ୍ୟସ୍ତ ହୋଇ ଗାଲର ଏପାଖ ସେପାଖ ହେଉଚି । ମୁହଁଟି ବହୁଦିନ ଧରି ବୁରୁଖା ଭିତରେ ଲୁଚିଥିଲା ଯିମିତି । ସୂର୍ଯ୍ୟକିରଣ ଯିମିତି ମୁହଁଟି ପାଇଯାଇଛି ସିମିତି ବହୁଦିନର ଅଚୁମ୍ବିତ ଗାଲଗୁଡ଼ାକୁ ଦିନଯାକ ଏତେ ଚୁମି ଯାଇଛି ଯେ ଚୁମ୍ବନର ଆର୍ଦ୍ରତା ଓ ଚିହ୍ନ ଏ ପର୍ଯ୍ୟନ୍ତ ରହିଯାଇଛି । ଆଲୁଅକୁ ଅନଭ୍ୟସ୍ତ ଆଖି ମାଈ ହରିଣର ଆଖି ପରି ଡ଼ରକୁଳା, ତରକମରକ, ଢ଼ଳଢ଼ଳ । ଚୁମ୍ବକ ଶାଣିତ ପରି ଅନ୍ୟର ଆଖିକୁ ଓଟାରି ରଖେ । କିନ୍ତୁ ବିପରୀତ ରୂପ ତା' ପାଖରେ ଛିଡ଼ା ହୋଇଥିବା ପିଲାଟାର । ସିନେମା ଛକ ପାନ ଦୋକାନ ଆଗରେ ଟିକଟର କଳାବଜାର କରୁଥିବା ନଳୀପେଣ୍ଟ ପିନ୍ଧା ଗାରେ ନିଶ ରଖିଥିବା ଛତରା ଅନ୍ଧାରୁଆ ଚରିତ୍ରର ଚେହେରା ତା'ର ।

ଠିକ୍ ଶାସ୍ତି ହୋଇଛି । ଚେହେରାରୁ ଜଣାପଡ଼ିଛି, ଏ ଦୁହିଁଙ୍କ "ମତଲବ ଆଦୌ ଭଲ ନୁହେଁ ।"

ମନେ ମନେ ଅଧାପକଟି ଏଇକଥା ଭାବୁଥିଲାବେଳେ ଯୁବକଟି ତାଙ୍କ ନୀରବତାରେ ଆଶାର ସୂଚନା ପାଇ ପୁଣି କହିଲା, "ସାର୍, ଏଇ ସାନ ଝିଅଟିକୁ ବି ଆମେ ଆଣିଥିଲୁ, ବଙ୍ଗଳା ପିଣ୍ଡାରେ ଶୋଇପଡ଼ିଥିଲା, ଏବେ ଉଠି ବହୁତ କାନ୍ଦୁଛି, ତାକୁ ଭୋକ କରୁଛି । ଯୋଡ଼ାଏ ନହେଲେ ଗୋଟାଏ ସିଟ୍ ଦେଲେ ଆମେ ଜାକିଜୁକି ହୋଇ ଯିମିତି ହେଉ ଚାଲିଯିବୁ ।"

ସମସ୍ୟା ଓ ରହସ୍ୟ ଜଟିଳତର ହେଲା ଏତିକିରେ । ତରୁଣ ତରୁଣୀଙ୍କ ସମ୍ପର୍କ କ'ଣ ? ଯେବେ ସେମାନେ ସ୍ୱାମୀ ସ୍ତ୍ରୀ ତେବେ ଦୁହିଁଙ୍କ ବୟସ ଓ ଚେହେରା ଦୃଷ୍ଟିରୁ ପାଞ୍ଚ ଛଅ ବର୍ଷର ଝିଅ ଏମାନଙ୍କର ଥାଇ ନପାରେ । ତା'ଛଡ଼ା ଝିଅଟି ପାଖରେ ସେ ଦୁହିଁଙ୍କ ଚେହେରାର କିଛି ସାମଞ୍ଜସ୍ୟ ନାହିଁ । ପୁଣି ଝିଅ ହୋଇଥିଲେ ତ ମାଆ ପାଖରେ ରାତିରେ ସବୁବେଳେ ଲାଗି ରହୁଥାନ୍ତା । ଅନେକ ସମୟରେ ସଚରାଚର ଦେଖାଯାଏ ପିଲାଟାଏ ସାଂଗରେ ଧରି ଚଲାବୁଲା କରିବା ଦୁଷ୍ଟ ପ୍ରେମିକ ପ୍ରେମିକାଙ୍କ ରୀତି, ଫିକ୍‌କର । ଅପରିଚିତ ସଂଖ୍ୟାଗରିଷ୍ଠ ଦୁନିଆଁର ଅନୁକମ୍ପା ଓ ବିବେଚନା ଉପରେ ସନ୍ଦିହାନ ହୋଇ ଚୋକାଟି ଯିମିତି ବ୍ୟବହାର ଦେଖାଇଥାଏ ସେଥିରେ ତା' ଭାବଭଙ୍ଗୀ ସନ୍ଦେହଜନକ ହେଉଥାଏ ।

ଅଧାପକଟି ଦୁର୍ଭେଦ୍ୟ ଗୋଲକଧନ୍ଦାରେ ପଡ଼ି ରାଖାଲ ଉପରେ ମନର ସମସ୍ତ ବିରକ୍ତି ଓ ଅପାରଗତା ଅଜାଡ଼ିଦେଲେ କ୍ରୋଧରେ । ତରୁଣୀଟିର ଅପାର୍ଥିବ ସୌନ୍ଦର୍ଯ୍ୟ ସମସ୍ତଙ୍କୁ ଜାବୁଡ଼ି ଧରିଥାଏ । ରାଖାଲ ପିଲାଟି କିନ୍ତୁ ଝାଉଁବଣର କେଉଁ ନିଭୃତ କୋଣରେ ବସି ମାଇକ୍‌ରେ ଗୀତ ପରେ ଗୀତ ଗାଇ ଚାଲିଥିଲା । ତନ୍ମୟ ସେ । ଜୀବନର ଶେଷ ସଂଗୀତ ସେ ଗାଇଦେବ ଏଇଠି ଯେମିତି ! ସେ ନିଜେ ଗାୟକ, ଶ୍ରୋତା, ଅନ୍ୟ କାହା ରୁଚିର ଅପେକ୍ଷା କରେ ନାହିଁ । ଯିମିତି ସେ 'ସାର୍'ଙ୍କ ଚିତ୍କାର ଶୁଣିଛି ସିମିତି ସେ

Digitized by srujanika@gmail.com

ମାଇକ୍ ଓ ବେଟାରି ସେଟ୍ ଧରି ପହୁଞ୍ଚିଗଲା ଏବଂ ଭିତରେ କେଉଁଠି ଛିଡ଼ା ହୋଇଗଲା । ମାଲମତା ସବୁ ବୋଝେଇ ସରିଛି । ବାକୀ କେତେଜଣ ଯାତ୍ରୀ ଚଢ଼ିଲେ ବାସ୍ ଚାଲିବ ।

"ଆମେ ଏମିତି ବୋଝେଇ ଗାଡ଼ି ନେଇପାରିବୁ ନାହିଁ । ଆମର ତ ଫେର୍ ରେସ୍‌ପନ୍‌ସିବିଲିଟି ଦାୟିତ୍ୱ ଅଛି ।" କଣ୍ଡକ୍ଟର କହିଲା ।

"ପୋଲିସ୍ ଦୁଇଥର ଏସୋସିଏସନକୁ ଫୋନ୍ କରିଥିଲା ବୋଲି ଶୁଣିଲି । ଓଭରଲୋଡ଼ିଂ କେସ୍ କରିଦେବ ।" କ୍ଲିନର ଇନ୍ଧନ ଦେଲା ।

ଡ୍ରାଇଭର ନିଷ୍ପତ୍ତିମୂଳକ ଗଳାରେ କହିଲା "ମୁଁ ଗାଡ଼ି ନେବି ନାହିଁ । ଏକ୍ସିଡ଼େଣ୍ଟ କଣ କମ୍ ହଉଛି ? ଏତେ ରିସ୍କ ନବ କିଏ ? ଆଜି ସକାଳ କାଗଜରେ ବାହାରିଛି, ରେଳଛାତ ଉପରେ ବସି ଯାଇଥିଲେ, ପୋଲ ଭିତରେ ଗାଡ଼ି ଗଲାବେଳେ ୪୪ଜଣ ଠାଏଁ ମରିଗଲେ । ବେଶୀ ଲୋଡ଼ିଂ ହେଲେ ଟାୟାର ଜଳିଯିବ । ଗୋଟେ ଗୋଟେ ଟାୟାର ଦାମ୍ ସାତଶ' ଟଙ୍କା ।"

ତ୍ରିମୂର୍ତ୍ତି ବିଡ଼ି ସିଗାରେଟ ଲଗାଇ ଗୋଡ଼କୁ ଗୋଡ଼ ଛନ୍ଦି ତ୍ରିଭଙ୍ଗୀ ଠାଣିରେ ଛିଡ଼ା ହୋଇ ରହିଲେ ।

ଡେମୁହାଣିର ସମୁଦ୍ର ଗର୍ଜନ ଭିତରେ ଛୋଟ ନଈଟିଏ କୁଳୁକୁଳୁ ନିନାଦରେ ପଶିଲାପରି ନାରୀ ସୃଷ୍ଟିର ସମସ୍ତ ନୈସର୍ଗିକତା, ବୈଚିତ୍ର୍ୟ ଓ ଲାବଣ୍ୟ ନେଇ ସେମାନଙ୍କର ରୁକ୍ଷ ଆସ୍ଫାଳନ ଭିତରକୁ ପ୍ରବେଶ କଲା ତରୁଣୀଟିର ବିନମ୍ର କରୁଣ କଣ୍ଠସ୍ୱର । ପାଦେ ଦୁଇପାଦ ଅଧ୍ୟାପକଙ୍କ ଆଡ଼କୁ ଆଗେଇ ସେ କହିଲା "ସାର୍ ! ଆମକୁ ସାଂଗରେ ନେଇ ଯାଆନ୍ତୁ । ଆପଣଙ୍କ ଦୟାମାୟା ଅଛି । ନିଜର ଛୁଆପିଲା ନାତି ନାତୁଣୀ ଥିବେ । ଆମକୁ ଆପଣଙ୍କ ନିଜର ପୁଅ ଝିଅ ଭାବି ନେଇଯାଆନ୍ତୁ । ଏଠାକୁ ଆସି ଆମେ ଭୁଲ୍ କରିଛୁ । ରିକ୍ସାବାଲା ଆମକୁ ତଣ୍ଡରେ ପକାଇଦେଲା । ଆମର ସିଟ୍ ଦରକାର ନାହିଁ, ସମସ୍ତଙ୍କ ସାଂଗରେ ଜାକିଭିଡ଼ି ହୋଇ ଚାଲିଯିବୁ । ଝିଅଟା ଅଛି, ନହେଲେ ଏଇଠି ପଦରେ ପଡ଼ି ରାତି କଟାଇ ଦିଅନ୍ତି । ଅଜଣା ଜାଗା । ତା'ଛଡ଼ା ୟା'ଙ୍କର ଆଜି ଗାଡ଼ିରେ ପୁରୀ ଯିବାର ଅଛି ।"

ଏତେଗୁଡ଼ାଏ କଥା ଝିଅଟି ଜୀବନରେ ବୋଧହୁଏ କହି ନଥିବ । ଅଜଣା ଅପରିଚିତଙ୍କ ସହିତ କଥାବାର୍ତ୍ତା କରିବା ଯିମିତି ତା'ର ନୀତି ଓ ପ୍ରକୃତି ବିରୁଦ୍ଧ । ଆପଦ ବିପଦରେ ପଡ଼ି ଲଜ୍ଜା ସଂକୋଚ ଫୋପାଡ଼ି ଦେଇ ଖଣି ପଥର ତରଳାଇବାକୁ ସେ ବାହାରିଛି । ପରୀକ୍ଷା ଦେଇସାରି ଉତ୍କଣ୍ଠାରେ ଅଧ୍ୟାପକଙ୍କ ମୁହଁର ନୋଟିସ୍ ବୋର୍ଡ଼ରେ ଫଳାଫଳ ଖୋଜିବାରେ ଲାଗିଛି !

'ଛୁଆପିଲା' 'ପୁଅଝିଅ' 'ନାତିନାତୁଣୀ' ଗୋଟାଏ ଗୋଟାଏ ଚାବିକାଠି ପରି ଅଧ୍ୟାପକଙ୍କ ଆଇରନଚେଷ୍ଟର ଗୋଟି ଗୋଟି ଦୁଆର ଫିଟାଇ ଦେଲା ଯିମିତି । ତରଳିଯିବା ଗଳାରେ ସେ କହିଲେ, "ଆଚ୍ଛା, ଆଚ୍ଛା, ବ୍ୟସ୍ତ ହୁଅନାହିଁ, ଦେଖେ କ'ଣ

Digitized by srujanika@gmail.com

କରାଯାଇପାରେ । ଯେଉଁମାନେ ଆସିଛନ୍ତି ତାଙ୍କୁ ବାଦ ଦେଇ ତୁମକୁ ନେବା କ'ଣ ଉଚିତ୍ ହେବ ? ତୁମ ଘର କେଉଁଠି ?"

ଶେଷ ପ୍ରଶ୍ନଟା ପଛରେ ଆନ୍ତରିକତା ନାହିଁ । ମାମୁଲି ଖାମଖିଆଲି ପ୍ରଶ୍ନ ବରଂ ତାଙ୍କ ହୃଦୟ ପରିବର୍ତ୍ତନର ଇଙ୍ଗିତ ବା ସୂଚନା ସେଥିରୁ ମିଳିପାରେ । ସେ ପ୍ରଶ୍ନର ଉତ୍ତର ସେ ଦରକାର କରୁନଥିଲେ । ଦୟା ଦେଖାଇବାକୁ ଯାଇ ଘରଦ୍ୱାର, ପିତାଙ୍କ ନାମ, ବାସସ୍ଥାନ, ଜାତି ବିଷୟରେ ପଚରାଉଚରାରେ ଲାଭ କ'ଣ ? ନେବାକୁ ତ ସେ ପ୍ରାୟ ନିଷ୍ପତ୍ତି କରିସାରିଲେଣି ।

ଗାର ଥରେ ଡେଇଁସାରି ଆଉ ପଛଘୁଞ୍ଚା କାହିଁକି ? ତା' ଛଡ଼ା ଅଧ୍ୟାପକଙ୍କ ମନୋଭାବର ପରିବର୍ତ୍ତନରେ ଉତ୍ସାହିତ ହୋଇ ତରୁଣୀଟି କହିଲା, ମୋ ଘର ଏଇ ବାଲେଶ୍ୱରରେ, ଟାଉନ୍‌ରେ ମୋ ଘର । ଡ୍ରାଇଭର ତ ଆମ ସାହିର । ମୁଁ ତାଙ୍କୁ ଚିହ୍ନେ ।

ଗୋଟାଏ ସୁଇଚ୍ ଟିପିଲେ ବିବାହ ଭୋଜୀ ଉତ୍ସବରେ ଯିମିତି ଗୁଡ଼ାଏ ଫ୍ଲୋରୋସେଣ୍ଟ ବତୀ ଏକାବେଳେ ଜଳିଉଠେ ସିମିତି ତା'ର ଏଇ ଶେଷ ପଦକ କଥା ଡ୍ରାଇଭର, କ୍ଲିନର୍, ସାଇକେଲଚଢ଼ାଳୀ ପିଲା, ଏପରିକି ସପତ୍ନୀକ ଅଧ୍ୟାପକ ସମସ୍ତଙ୍କ ରୋମାଣ୍ଟିକ ବତୀକୁ ଜଳାଇ ଦେଲା । ଘଟଣାଚକ୍ରରେ ସମସ୍ତେ ଆଗ୍ରହୀ ହୋଇଉଠିଲେ ।

ଗାଡ଼ି ଭିତରେ ଥିବା ପିଲାଏ କହିଲେ, "ହଁ ମ, ଯିମିତି ହେଉ ଗୁଞ୍ଜାଗୁଞ୍ଜି ହୋଇ ଚାଲିଯିବା । ସେମାନେ ଆସନ୍ତୁ । ସାର୍ ବି ତ ମନାକରୁ ନାହାନ୍ତି ।"

ସାଇକେଲ ପିଲାଏ କହିଲେ, "ନ ହେଲେ ଆମେ ସାଇକେଲ୍‌ରେ ଚାଲିଯିବା । ଜହ୍ନ ତ ଆସିଲାଣି । କେତେ ମାଇଲ ବାଟ ଯେ । ସେମାନେ ଯାଆନ୍ତୁ । ଆମଠୁ ତାଙ୍କର ଦରକାର ବେଶୀ ।"

ସସ୍ତ୍ରୀକ ଅଧ୍ୟାପକଟି କହିଲେ "ହୁଁ, ହଁ ଆସନ୍ତୁ, ଏକାଠି ଆମ ୟାଙ୍କ ସହିତ ବସି ଚାଲିଯିବେ ।"

ଅଧ୍ୟାପକ ପତ୍ନୀଟି ଅନେକବେଳୁ କଣେଇ କଣେଇ ସ୍ୱାମୀଙ୍କ ମୁଖମଣ୍ଡଳରେ ରକ୍ତବାହୀ ଶିରା-ପ୍ରଶିରାର ଗତିବିଧି ନିରୀକ୍ଷଣ କରୁଥିଲେ ବିଶେଷକରି ସେ ଯେତେବେଳେ ତରୁଣୀଟି ଆଡ଼କୁ ଲୁଚାଚୋରାରେ ଚାହୁଁଥିଲେ । ସ୍ୱାମୀଙ୍କ ଶୁଣିବା ଭଳି ସ୍ୱରରେ ଦାନ୍ତ ଚିପି କହିଲେ, "ହଁ, ହଁ, କାହିଁକି ଚାଲି ନ ଯିବେ ? କୋଡ଼ରେ ବସାଇ ତାଙ୍କୁ ନେଇଯିବା । ବୁଢ଼ା ହେଲଣି । ତଥାପି ଲଜ୍ଜା ନାହିଁ, ଯାହାକୁ ଇଚ୍ଛା ତାହାକୁ ପାଖରେ, ବସାଇ ପିଲାଗୁଡ଼ାକ ସେଥିରେ... କ'ଣ କହନ୍ତି ତୁମକୁ ।"

ବିଚାରା ଅଧ୍ୟାପକଟି । କାବ୍‌ବୁ ହୋଇଗଲେ ଏଇଥିରେ । ପତ୍ନୀ ଯେ ସାକ୍ଷାତ ଆଦ୍ୟାଶକ୍ତି ।

ତରୁଣୀଟି କଲେଜ ଝିଅ ନୁହେଁ, ଏହା ଜଣାପଡ଼ିବା ସାଂଗେ ସାଂଗେ ବେଓ୍ୱାରସି ମାଲ୍ ଉପରେ ନାନାଲୋକେ ଦାବୀପତ୍ର ପେଶ୍ କଲାପରି ଅନେକେ ନାନାଭାବରେ

Digitized by srujanika@gmail.com

ତରୁଣୀକି ନିଜସ୍ୱ କରିବା ପ୍ରୟାସରେ ଥିଲେ । ଝିଅଟି ଯିମିତି କହିଛି "ଡ୍ରାଇଭର ତ ଆମ ସାହୀର, ମୁଁ ତାଙ୍କୁ ଜାଣେ" ସିମିତି ଡ୍ରାଇଭର, କଣ୍ଡକ୍ଟର, କ୍ଲିନର୍ ସମସ୍ତେ ସମଧିକ ଆଗ୍ରହୀ ହୋଇ ରିକ୍ସା, ରେସ୍ପନସିବିଲିଟି ଭୁଲିଗଲେ । ଡ୍ରାଇଭର ଭାବିଲା ତା'ର ଦାବୀ ସେ ଝିଅ ନିଜେ ନିଜେ ସାବ୍ୟସ୍ତ କରିଛି ନିଜ ମୁହଁରେ ।

ଅଷ୍ଟିନ୍‌ଟେକା ବାହୁକୁ ପ୍ରଦର୍ଶନ କରି ଡ୍ରାଇଭର ସଦର୍ପେ ଅଗ୍ରସର ହୋଇ ଝିଅଟିକି ପଚାରିଲା, "ଟାଉନରେ ? ମୋତିଗଞ୍ଜ, ଷ୍ଟେସନ ବଜାର, ଅରଡ଼ବଜାର, ଗୋପାଳଗାଁ ? ଟାଉନର ମୁଁ ଗଳି ଅନ୍ଦିସନ୍ଦି ସବୁ ଜାଣେ । ସମସ୍ତଙ୍କୁ ଚିହ୍ନେ, କାହା ଘରେ ?"

"ନୂଆ ବଜାର, ଆବିଦ୍ ଆଲିଙ୍କ ଘର" ତରୁଣୀଟି ନିଃସଂକୋଚରେ ଉତ୍ତର ଦେଲା ।

"ତାଙ୍କ ଝିଅ ? ନାଆଁ ?"

"ଓ୍ୱାହିଦା ।"

"ହୋଇଥିବ । ମୁଁ ସାନବେଳେ ତୁମକୁ ଦେଖିଥିବି । ଚେହେରା ବହୁତ ବଦଳ ହୋଇଯାଇଛି ତ । ତୁମ ଡ଼ାକ ନାଁ ନୁରଜାହାନ୍ ଥିଲା ନା ?"

"ମୁଁ ଜାଣେ ନାହିଁ ।" ରୋକ୍‌ଠୋକ୍ ଉତ୍ତର ।

"ହଉ ଯିବା ଏଥର । ଗାଡ଼ି ତ ନୂଆ ବଜାର ଦେଇ ଯିବ । ସେଇଠି ତୁମକୁ ଓହ୍ଲାଇ ଦେବା । ଆଗରୁ ପରିଚୟଟା ଦେଉନଥିଲ, ସେଥିପାଇଁ ତ ଏତେ କଥା । ଆସନ୍ତୁ ଆଜ୍ଞା, ଏଥର ଯିବା । ଏଗାର ବାଜିବା ଉପରେ ।"

ସବୁ ଠିକ୍ ଠାକ୍ । ନିଷ୍ପତ୍ତି ହେଲା ସେମାନେ ତିନିହେଁ ଯିବେ । ସତକୁ ସତ ସାଇକେଲବାଲାଏ କିଛି କନ୍ଦଳ ନକରି ଭଲ ପିଲାପରି ଓହ୍ଲାଇଗଲେ ଏବଂ ଘଣ୍ଟି ଟିଂ ଟିଂ କରି ଗଲେ । ସାନଝିଅଟି ଠିଆହୋଇ ଡୁଳାଉଥିଲା, ତରୁଣୀଟି 'ଆ' ବୋଲି ଡ଼ାକନ୍ତେ ଚମକି ପଡ଼ି ଗାଡ଼ି ଆଡ଼କୁ ଗଲା । ଡ୍ରାଇଭର, କଣ୍ଡକ୍ଟର ଓ କ୍ଲିନର୍ ବିଡ଼ି ସିଗାରେଟ୍ ଶେଷଥର ପାଇଁ ଧୂଆଁ ଟାଣିନେଇ ଖଣ୍ଡିଆ ଫୋପାଡ଼ି ଦେଇ ଚଢ଼ିଗଲେ । କେବଳ ତିନିଗୋଡ଼ିଆ 'ଅହଲ୍ୟା' କଇଁ କଇଁ ହୋଇ ଗାଡ଼ିରେ ପ୍ରବେଶ ପଥ ଲୋଡୁଥାଏ । ତା କଥା କାହାରି ମନେଥିଲାପରି ଜଣାଯାଉନଥାଏ ।

ଆଗନ୍ତୁକା ତରୁଣୀଟି ସାନଝିଅଟି ସହିତ ବସିଲେ ଅଧ୍ୟାପକ ପତ୍ନୀଙ୍କ ପାଖରେ । ତାଙ୍କ ଆଗକୁ ଅଧ୍ୟାପକ ସ୍ୱାମୀ । ଡ୍ରାଇଭରର ବାଁ ପାଖରେ ଦଳପତି ଅଧ୍ୟାପକଟି । ତାଙ୍କ ପଛରେ ଆଗନ୍ତୁକ ଯୁବକଟି ଗୁଞ୍ଜାଗୁଞ୍ଜି ହୋଇ ଛିଡ଼ା ହୋଇଥାଏ ।

ହର୍ଣ୍ଣ ବାଜିଲା । ଗାଡ଼ି ଷ୍ଟାର୍ଟ ନେଉଛି ।

ଆଗନ୍ତୁକାଙ୍କ ସାନ୍ନିଧ୍ୟ ଅଧ୍ୟାପକ ପତ୍ନୀଙ୍କୁ ବିବ୍ରତ ଓ ଅତିଷ୍ଠ କରିଛି । ଘୃଣା ଓ ଈର୍ଷାରେ ଜର୍ଜରିତା ସେ । ରୂପରାଜ୍ୟରେ ମାଆ ଝିଅ ଭିତରେ ତ ଦ୍ୱନ୍ଦ୍ୱ ପ୍ରତିଯୋଗିତା ଚାଲେ, ଅପରିଚିତା ଆଗନ୍ତୁକାଙ୍କ ମଧ୍ୟରେ ତୀବ୍ରତର ସେ ହିଂସା । ସର୍ବସାଧାରଣ ଆଗରେ

Digitized by srujanika@gmail.com

ଅପମାନିତ ଯଦି କରିପାରନ୍ତି ସେଇ ଲକ୍ଷ୍ୟ ରଖି ସେ ପଚାରିଲେ, "ତୁମ ସାଙ୍ଗରେ ଏଇ ଯେଉଁ ଟୋକାଟା ଆସିଛନ୍ତି ସେ ତୁମରି କ'ଣ ହୁଅନ୍ତ ? ଏ ଝିଅଟି ବା ତୁମର କ'ଣ ହୁଏ ? ତୁମ ସାଙ୍ଗ ଲୋକଙ୍କ ଘର ବି କ'ଣ ବାଲେଶ୍ୱରରେ ?"

କେଉଁ ଉଦ୍ଦେଶ୍ୟ ରଖି ଏ ସବୁ ପ୍ରଶ୍ନ ପଚରାଯାଇଛି ସେଥିପ୍ରତି ଖାତିର ନକରି ତରୁଣୀଟି କହିଗଲା, "ସେ ଆମ ଲୋକ, ଏ ଝିଅ ବି ଆମର । ତାଙ୍କ ଘର କଟକରେ, ଆଜି ରାତିଗାଡ଼ିରେ ସେ ଫେରିଯିବେ । ପୁରୀରେ ଜରୁରୀ କାମ ଅଛି । ସେଇଥିପାଇଁ ତ ଏତେ କଥା । ଆଜି ସକାଳେ ଆସିଥିଲେ ।"

ସବୁ ପ୍ରଶ୍ନର ଉତ୍ତର ଯିମିତି ଅଧ୍ୟାପକ ପତ୍ନୀଟି ପାଇଗଲେ । ସେ ରହି ରହି ଧୀରେ କହିଗଲେ, "ଘର କଟକ, ଆଜି ସକାଳେ ଆସିଥିଲେ, ପୁଣି ରାତିରେ ଫେରିଯିବେ, ପୁରୀକୁ..."

ଠିକ୍ ସେତିକି ବେଳେ ଡ୍ରାଇଭର ପଛକୁ ଚାହିଁ ଯୁବକଟିକୁ ହାକିମାତି ଗଳାରେ ପଚାରିଲା "ବାବୁ ଆପଣଙ୍କ ନାଆଁ ?"

ଯୁବକଟି ଉତ୍ତର ଦେଲା 'ଶ୍ୟାମସୁଦ୍ଦିନ ଅହମ୍ମଦ' ।

ବାସ୍‌ର କେଉଁ ଏକ କୋଣରୁ ପାପ-ସୂଚନା ନେଇ ପରିହାସ ଛଳରେ ବା ଅଭିପ୍ରାୟ-ହୀନ ମାରାତ୍ମକ ବିଦ୍ୱେଷର ବଶବର୍ତ୍ତୀ ହୋଇ ମୁହଁକୁ ଲୁଚାଇ ଚାପା ଗଳାରେ ସଇତାନ୍ ମନ୍ତବ୍ୟ କଲା "ଏମାନେ ବାଉଁଶଗଳିର ନୁହନ୍ତି ତ ?"

ସଦ୍‌ଭାବ ସ ସଂପ୍ରୀତି ଉପରେ ନାଆଁକୁ ସୁପ୍ରତିଷ୍ଠିତ ବହୁ ଧର୍ମାବଲମ୍ବୀ ଏକ ଧର୍ମ-ନିରପେକ୍ଷ ରାଷ୍ଟ୍ରରେ ଅଚାନକ ଭାବରେ ସାଂପ୍ରଦାୟିକ ବୋମା ଫୁଟିଲେ ଯେପରି ଦେଶର ମୂଳଭିତ୍ତି ଦୋହଲିଯାଏ ସିମିତି ଏଇ ପଦକ କଥାରେ ବାସ୍‌ରେ ଭୂମିକମ୍ପ ହୋଇଗଲା ଏବଂ ଅଜଣା ଭୟ ଆଶଙ୍କା, ଘୃଣା ଓ ସନ୍ଦେହର ଧୂଆଁରେ ବାୟୁମଣ୍ଡଳ ଦୂଷିତ ହୋଇଗଲା ।

ତତ୍ତ୍ୱାବଧାରକ ଅଧ୍ୟାପକଟି ଚମକି ପଡ଼ିଲେ । ତାଙ୍କୁ ଜଣାପଡ଼ିଲା ବାସ୍‌ର ସମସ୍ତେ ଯେପରି କହୁଛନ୍ତି ଏ ତିନିହେଁ ଅବାଞ୍ଛିତ ବ୍ୟକ୍ତି । ଏମାନଙ୍କୁ ନେବା ଅର୍ଥ ବିପଦ ବରଣ କରିବା ।

ଅଧ୍ୟାପକ ତୁରନ୍ତ ଗାଡ଼ିର ଷ୍ଟାର୍ଟ ବନ୍ଦ କରିବା ପାଇଁ କହିଲେ ଏବଂ ତଳକୁ ଓହ୍ଲାଇ ଆସି କହିଲେ, "ସେ ଭଦ୍ରଲୋକ ଓ ତାଙ୍କ ସଙ୍ଗୀମାନଙ୍କୁ ଓହ୍ଲାଇ ଆସିବାକୁ କୁହ । ସେମାନଙ୍କୁ ସାଙ୍ଗରେ ନେଇ ହବନି । ଶୀଘ୍ର ଶୀଘ୍ର ଓହ୍ଲାଇ ପଡ଼ନ୍ତୁ । ଡେ଼ରି ହେଉଛି ।"

ଡ୍ରାଇଭର ମଧ୍ୟ କହିଲା, ଆଜିକାଲି କେତେ କେତେ ଅଜଣା ଲୋକ ଗୋଇନ୍ଦାଗିରି କରି ବୁଲୁଛନ୍ତି । ଏଇ ପାଖ ପ୍ରୁଫ୍ ଅଫିସ୍‌ରୁ ସେଦିନ ଜଣେ ଧରାପଡ଼ିଛି । ବାବା କି ଷଡ଼ଯନ୍ତ୍ର! କଟକ ସହରଟା ଉଡ଼ି ଯାଇଥାନ୍ତା । କି ବିଶ୍ୱାସ! ଏମାନେ କଟକ କି କଲିକତା କି ବମ୍ବେଇର ହୋଇଥିବେ ।

Digitized by srujanika@gmail.com

ସଂପୃକ୍ତ ତିନିଜଣ ନୀରବରେ ଓହ୍ଲାଇଲେ । ସେମାନଙ୍କ ସ୍ଥାନରେ କଇଁ କଇଁ ହୋଇ କାନ୍ଦୁଥିବା ତିନିଗୋଡ଼ିଆ କୁତ୍ତାଟାକୁ ନିଆଗଲା ।

ଏଥର ନିର୍ବିବାଦରେ, ନିର୍ବିଘ୍ନରେ ଶେଷ ବାସ୍ ଚାଲିଲା ସହର ଅଭିମୁଖରେ । ହିପ୍ ହିପ୍ ହୁରରେ ।

ବାସ୍‌ଟା ଗୋଲେଇ ବୁଲିବାରୁ ଅସ୍ପଷ୍ଟ ଆଲୋକରେ ଦେଖିଲି ରାସ୍ତା କଡ଼ରେ ସେମାନେ ଚାଲିବାକୁ ଆରମ୍ଭ କରିଛନ୍ତି । ତରୁଣୀଟି ନିଦ୍ରିତା ଝିଅଟିକି କାଖେଇଛି, ପ୍ଲାଷ୍ଟିକ୍ ବେଗଟିକୁ ଯୁବକଟି ବାଁ ହାତରେ ଧରିଛି । ସେମାନଙ୍କ ଆଗରେ ଅନନ୍ତ ପଥ, ଅମାଅନ୍ଧାର ରାତି, ଅଜଣା ବାଟ । ନିରାଶ୍ରୟ ତିନିପ୍ରାଣୀ । ଅଜଗର ଦୁର୍ବୃତ୍ତ ଅଛନ୍ତି । ସ୍ୱପ୍ନରେ ଯେଉଁ ଦୁହିଁଙ୍କୁ ଦେଖିଥିଲି ସେମାନଙ୍କ ପରି ତରୁଣୀଟି ଆଉ କାନ୍ଧରେ ମୁଣ୍ଡ ଆଉଜାଇ ଶୋଇଥିବ ସେ ଝିଅଟି । ସ୍ୱପ୍ନରେ କାତର ଚାହାଣୀ ସେ ଝିଅଟିର ଆଖିରେ । ହେଇ ତ ସେମାନେ ମୋତେ 'ବାପା' 'ଅଜା' ବୋଲି ଡ଼ାକିବାକୁ ଆରମ୍ଭ କଲେଣି । ମୁଁ ଚେଇଁଛି ନା ଶୋଇଛି ?

# ସଲାମ୍ ବାବୁ !

ଝୁଣ୍ଟି ପଡ଼ିଲି ! ଜୋର୍‌ରେ ।

ପ୍ରତିବର୍ତ୍ତୀ ପ୍ରକ୍ରିୟାରେ ଆପେ ଆପେ ନଇଁପଡ଼ିଲି ଏବଂ ଡ଼ାହାଣ ହାତ ବୁଢ଼ା ଆଙ୍ଗୁଠିଟା ବାଆଁ ଗୋଡ଼ର ବୁଢ଼ା ଆଙ୍ଗୁଳିଟାକୁ ଜୋର୍‌ରେ ଚାପି ଧରିଲା ।

ଶୀତଦିନ । ଉତ୍ତରା ପିଟୁଥାଏ । ଟାଣୁଆ ଖରା ସତ୍ତ୍ୱେ ଆଙ୍ଗୁଠିଗୁଡ଼ାକ ବଧିରା ପଡ଼ିଯାଇଥାଏ । ଏକେ ତ ବୁଢ଼ା ଆଙ୍ଗୁଠିର ବହଳ ଚମ, ଦୁଜେ ବୁଢ଼ା ଚମ । ଆଘାତ କେତେ ଜୋର ଦଣ୍ଡେ ଯାଏ ଜଣାପଡ଼ିଲାନି । ଫିତାଟା ଛିଡ଼ି ଚପଲଟା ଖଣ୍ଡେଦୂରରେ ଛିଟିକି ପଡ଼ିଲା । କାଳେ ରକ୍ତ ଜୋରରେ ବାହାରିବ, ସେଇ ଭୟରେ ଆଙ୍ଗୁଠିକୁ ଚାପିଧରି କାଳେ କିଏ ମୋର ଏଇ ଲଜ୍ଜାକର ଦୁର୍ଗତି ଲକ୍ଷ୍ୟ କରୁଥିବ ତାହା ଜାଣିବାପାଇଁ ମୁଣ୍ଡ ଟେକିଛି କି ନାହିଁ ଝିଅଟିଏ ଧାଇଁ ଆସି ମୋ କାନ ପାଖରେ ପରିଚିତ ଅମୃତ କଣ୍ଠରେ ହସି ହସି କହିଲା "ସଲାମ୍ ବାବୁ!"

ଏଇ ଝିଅଟିକି ସେଇ ରାସ୍ତାରେ କେତେଦିନ ହେଲା ପ୍ରତ୍ୟହ ଦେଖୁଛି । ଚିହ୍ନା ଚିହ୍ନା ଲାଗେ ତା' ମୁହଁଟି । କେଉଁଠି କେବେ ଦେଖିଥିବି ମନେ ପକାଇବାର ଚେଷ୍ଟା ଓ କଷ୍ଟ କରିନି । ପରିଚୟ ବି ଲୋଡ଼ିନି । ଅଟକିବାକୁ ହୁଏତ ବେଳ ନଥାଏ । ସେ କିନ୍ତୁ

ଝଙ୍କାର, ୨୩ଶ ବର୍ଷ, ବିଷୁବ ସଂଖ୍ୟା, ମେଷ ୧୩୭୮, ଅପ୍ରେଲ ୧୯୭୧ ।

Digitized by srujanika@gmail.com

ମୋତେ ଦେଖିଦେଲା ମାତ୍ରେ ଆତ୍ମୀୟ ସ୍ୱଜନଙ୍କୁ ସ୍ୱାଗତ କଲା ପରି ଗଳାରେ ସାମାନ୍ୟ ଟିକିଏ ହସ ଓଠରେ ଫୁଟାଇ ସେଇ ପଦକ କଥା କହେ 'ସଲାମ୍ ବାବୁ!' ଏବଂ ଚାହୁଁ ଚାହୁଁ ସାଙ୍ଗସାଥିଙ୍କ ଭିତରେ ମିଶିଯାଏ । ଦିନେ ଦିନେ ଅତି ବେଶୀ ହେଲେ ପଚାରେ, "କେତେଟା ବାଜିଲା ବାବୁ ?" ସାଙ୍ଗମାନଙ୍କ ତା'ର ଏ ପ୍ରଶ୍ନ ବା ଅଯାଚିତ ସମ୍ଭାଷଣକୁ 'ଫୁଟାଣି' ବା 'ଫାଜିଲାମି' ବା ବାହାଦୁରିଆପଣ ବୋଲି ଭାବନ୍ତି । ମୁହଁ ମୋଡ଼ନ୍ତି ବା ଖିଲିଖିଲି ହସନ୍ତି ।

ଆଜି କିନ୍ତୁ ଝିଅଟି ସାଙ୍ଗସାଥୀମେଳକୁ ଗଲା ନାହିଁ । ଯିମିତି ମୋର ଅବସ୍ଥା ଦେଖିଛି ସିମିତି ତା'ର ମୁହଁର ହସ ମଉଳିଗଲା । ଅଟକି ଆହତ ଆଙ୍ଗୁଠିଟା ଆଡ଼କୁ ଚାହିଁ ରହିଲା ।

ଏ ରାସ୍ତାରେ ଆସିବା ଆଦୌ ଉଚିତ୍ ନଥିଲା । ଏ ରାସ୍ତା ଦେଇ ଆମ ଲୋକେ କେହି ଯାଆନ୍ତି ନାହିଁ । ଯଦିଓ ଷ୍ଟେସନକୁ ଏଇଟା ସିଧାସଳଖ ରାସ୍ତା, ଯାହାକୁ କହନ୍ତି ସର୍ଟକଟ୍ । ବସ୍ତି ଭିତର ଅସନା ଗଳି ରାସ୍ତା ବୋଲି କେହି କେବେ ଆସି ଦୂରତ୍ୱ ପରୀକ୍ଷା ଓ ତୁଳନା ମଧ କରିବାକୁ ସାହସ କରନ୍ତି ନାହିଁ । ଗୋଡ଼ିପଥର ବିଛା ରୋଲାରଦିଆ ପିଚୁ ରାସ୍ତା ଏ ନୁହେଁ । ମଣିଷ ପାଦ ଯାହା ଯେତିକି କରିପାରିଛି ଆବାହମାନ କାଳରୁ ଚାଲିଚାଲି । ଜାତୀୟ ରାଜପଥରେ ଅଭ୍ୟସ୍ତ ପାଦକୁ ବା ତୋରଣ ସଜା ନାଲି କାର୍ପେଟଦିଆ ରାସ୍ତାରେ ବିଜେ କରୁଥିବା ଲୋକଙ୍କୁ ଏ ରାସ୍ତା ଆଦୌ ପସନ୍ଦ ହେବ ନାହିଁ । ସୁହାଇବ ନାହିଁ । ମୋ'ଭଳି କେହି ମୂର୍ଖ ଯେବେ ଏ ରାସ୍ତାକୁ ସର୍ଟକଟ୍ ଭାବି ନର୍ଗିସ ଚପଲ ପିନ୍ଧି ଷ୍ଟେସନ୍ ଧରିବାକୁ ଚାହିବ ସେ ନିଶ୍ଚୟ ଝୁଣ୍ଟିବ ଏବଂ ମୋ ଦଶା ଭୋଗିବ । ଏ ରାସ୍ତାରେ ମୋର ଆସିବା ଉଚିତ୍ ନ ଥିଲା ।

ପୁଣି ଏ ବସ୍ତିଟା ! ଆମ ପରିଚିତ ଦୁନିଆଁର ଅନ୍ତରାଳରେ ଏହାର ଅବସ୍ଥିତି । ଆମ ରୁଚି ସଂସ୍କାର ଓ ସଭ୍ୟତାର ବାହାରେ, ବିପରୀତ ମଧ । ଏଠି ମଣିଷ, ଜୀବଜନ୍ତୁ, ଗଛବୁରୁଛ ସବୁ କିମିତି କିମିତି । ଏଇ ସାଇଭିତରେ ଯାଇଁ ଯାଇଁ ଏଇ କେତେଟା ଦିନରେ ମୁଁ ନାନା କଥା ଲକ୍ଷ୍ୟ କରିଛି ଓ ନାନା କଥା ଭାବିଛି ପଚା ଶୁଖୁଆର କଞ୍ଚାପୋଡ଼ା ମହକ ଭିତରେ ।

ଏଠିକା ପିଲାଗୁଡ଼ାକ ନଣ୍ଡା, ଯିମିତି ତାଙ୍କ ବାପାମାଆ ନାହାନ୍ତି, ଛେଉଣ୍ଡ । ସ୍ତ୍ରୀଲୋକଗୁଡ଼ାକ ହୁଏତ ଅବିବାହିତା, ନହେଲେ ବିଧବା କାହାରି କପାଳରେ, ମୁଣ୍ଡରେ ସିନ୍ଦୁର ନାହିଁ । ପୁରୁଷଗୁଡ଼ାକ ଯିମିତି ବସ୍ତିରୁ ନିର୍ବାସିତ । କିଏ କେଉଁଠି ରିକ୍ସା ଚଳାନ୍ତି, ଯୋତା ମରାମତି କରନ୍ତି, ବିଡ଼ି ମୋଡ଼ନ୍ତି, ନହେଲେ ତୁଳାଭିଣା ଯନ୍ତ୍ରଟାଏ ଟୁଂ ଟୁଂ କରି ରାସ୍ତାରେ ବଜାଇ ଶେଯ ସିଲାଇକୁ ଆହ୍ୱାନ ଦିଅନ୍ତି । ଗୋରୁଗାଈ, ଛେଳି ଏପରିକି କୁକୁର ଆଦି ଜୀବଜନ୍ତୁ ଏ ସାଇକୁ ଆସନ୍ତି ନାହିଁ । ଏଇଟା ତାଙ୍କର ମଧଭୂମି ବୋଲି ପ୍ରକୃତି ତାଙ୍କୁ ଯିମିତି ବତାଇ ଦେଇଛି । ସାଇର ମଇଳାରେ ବଞ୍ଚୁଥିବା ପରହୀନ ବେରଙ୍ଗ ମୁରୁଗୀ ମଣିଷ ବସତିର ସୂଚନା ଦିଅନ୍ତି ମାତ୍ର । ବୁଢ଼ା କେତୁଟା ବୁଢ଼ୀଛେଳିଙ୍କ ପରି

Digitized by srujanika@gmail.com

ଚେହେରା କରି ଦାଣ୍ଡଦୁଆରେ ବସି ପାକୁଳି କରୁଥାନ୍ତି । ସାଇ ମଝିର ଡ଼େଙ୍ଗା ତାଳଗଛଟାରେ ଲାଲମୁଣ୍ଡିଆ ଶାଗୁଣାଟା ପଞ୍ଚାଏ ବଂଶପ୍ରାଣୀ ନେଇ ବସତି କରିଥାଏ । ଖାଦ୍ୟ ପାଇଁ ବାହାରକୁ ଯିବାପାଇଁ ପଡ଼େନାହିଁ, ବୁଢ଼ାହଡ଼ାଙ୍କ ହାଡ଼ତଳର କଂସେଇଖାନାରୁ ମିଳେ । ଦାଢ଼ିବାଲା ବରଗଛ ଆଉ ଧୂଳିଧୂସରିଆ ବାଉଁଶବୁଦା ସାଇ ରଙ୍ଗ ସହିତ ନିଜକୁ ମିଶାଇ ଗୋଟାଏ ଧୂସରିଆ ଦିଗ୍‌ବଳୟ ସୃଷ୍ଟି କରିଥାଏ । ଏ ରାସ୍ତାରେ ଆସିବା ଉଚିତ୍ ନଥିଲା ସତରେ ।

ଏଥର ଆହତ ସ୍ଥାନରୁ ତୀବ୍ର ଯନ୍ତ୍ରଣା ସହିତ ରକ୍ତସ୍ରାବ ଅନୁଭବ କଲି । ଧୀରେ ଧୀରେ ଶଙ୍କାକୁଳ ମନରେ ଚିପ କୋହଳ କରି ଯିମିତି ଆଙ୍ଗୁଳି ଉଠାଇଛି ସିମିତି ପିଚ୍ ପିଚ୍ କରି ବହଳ ରକ୍ତ ବାହାରି ଆସିଲା । ଇସ୍! ବୁଢ଼ା ଧମନୀ ଶିରା ପ୍ରଶିରାରେ ଏତେ ରକ୍ତ ଥିଲା! ଆଙ୍ଗୁଠିଟା ବେଶ୍ ଜୋର ପଥରଟାରେ ଛେଚି ହୋଇଯାଇଛି ନିଶ୍ଚୟ । ନଖଟା ହୁଏତ, ଚମଡ଼ା ଭିତରକୁ ପଶିଯାଇଛି । ନହେଲେ ଏତେ ଯନ୍ତ୍ରଣା, ଏତେ ରକ୍ତସ୍ରାବ ବୁଢ଼ା ଚମଡ଼ାରୁ କାଲୁଆ ଶୀତରେ ସମ୍ଭବ ହୁଅନ୍ତା କିପରି! ହଠାତ୍ ରକ୍ତ ବନ୍ଦହେବାର କୌଣସି ଲକ୍ଷଣ ନାହିଁ, ଉପାୟ ବି ନାହିଁ । ଏ ଈଶ୍ୱର, ପରିତ୍ୟକ୍ତ ସାଇଟାରେ ବା ଔଷଧ, ଡ଼ାକ୍ତରଖାନା ବା ପଟି କେଉଁଠି ମିଳିବ? ମରୁପ୍ରଦେଶରେ ଜଳ ଆସିବ କୁଆଡୁ? ପକେଟ୍‌ରେ ରୁମାଲଟାକୁ ଅଣ୍ଡାଳିଲି, ପାଇଲି ନାହିଁ, ଅନ୍ୟ ପେଣ୍ଟ୍ ପକେଟରେ ରହିଯାଇଛି ବୋଧହୁଏ । ଷାଠିଏ ଟଙ୍କା ଦାମ୍‌ର ଟେରେଲିନ୍ ସାର୍ଟ ବା ରେମଣ୍ଡ କୋଟକନା ଚିରି ପଟି କରିବି? ଆଙ୍ଗୁଳିଟା ଯାଉ ପଛକେ ।

ମୋର ଅସହାୟ କରୁଣ ଅବସ୍ଥାରେ ମୂକ ସାକ୍ଷୀ ସେଇ ଝିଅଟି । ରକ୍ତ ବହି ଚାଲିଥାଏ । ଆଙ୍ଗୁଳିର ଚାପ ଆଉ ପ୍ରବାହ ବନ୍ଦ କରିବାକୁ ସମର୍ଥ ନୁହେଁ । ସେତେବେଳେ ଦୁନିଆଁରେ ମୋର ଆଉ କୌଣସି ପଦାର୍ଥର ଲୋଡ଼ା ନଥାଏ । ଏକାଗ୍ର ଚିତ୍ତରେ ଖୋଜୁଥାଏ ଖାଲି ଚାଖଣ୍ଡେ ଅଧେ ସଫା କନା । ଏପିରିକି ସେ ଝିଅଟାର ଜାମା ଆଡ଼କୁ ଥରେ ଅଧେ ବି ଲୁବ୍ଧକ ଦୃଷ୍ଟିରେ ଚାହିଁଛି, କିନ୍ତୁ କନାଟା ଅତି ମସିଆ, ଅପରିଷ୍କୃତ, ଧୂଳିମୟ, ଜୀବାଣୁପୂର୍ଣ୍ଣ ।

ଝିଅଟି ବୋଧହୁଏ ପ୍ରଥମେ ତା ଘରକୁ ଦଉଡ଼ିଯିବ ବୋଲି ଭାବିଥିଲା । ପୁଣି କ'ଣ ଭାବିଲା, କହିଲା, "ବାବୁ! ଆମ ଘରକୁ ଆସ । ଏଇପାଖରେ, ଦିଶୁଛି । ନାନୀ ଘରେ ଅଛି, ପଟି ବାନ୍ଧିଦବ ।" କଣ କରିବି ମୁହୂର୍ତ୍ତେ ଭାବିଛି କି ନାହିଁ ଝିଅଟି ସାହସ କରି ମୋ ବାଆଁ ହାତ କାଣି ଆଙ୍ଗୁଳିଟା ଧରି ଟାଣିଲା, କହୁଥାଏ 'ଏଇ ଯେ ଆମଘର ଦିଶୁଛି ।' ପ୍ରାୟ ପଚାଶ ହାତ ଦୂରରେ ଭଙ୍ଗା କୁଡ଼ିଆଟାଏ ଦେଖିଲି ।

ବିପଦବେଳେ ମଣିଷର ଗମ୍ୟାଗମ୍ୟର ବାଛବିଚାର ନଥାଏ, ଅଗନ୍ତବ୍ୟ ବି ଗନ୍ତବ୍ୟ ହୁଏ । ମୁଁ କେତେ ଦରର ଲୋକ, ଏମାନେ ପୁଣି କେଉଁ ସ୍ତରର! ସାମାନ୍ୟ ଚାଖଣ୍ଡେ ଅଧେ ସଫାକନା ପାଇଁ (ଘରେ ଔଷଧ ବାକ୍ସରେ ବଣ୍ଡିଲ୍ ବଣ୍ଡିଲ୍ ତୁଳା ଓ ବେଣ୍ଡେଜ୍

Digitized by srujanika@gmail.com

କନା ଥାଉ ଥାଉ) ଜୀବନରେ ଏତେ ଦର ଦେବାକୁ ପଡ଼ିବ । ଚାଲିଲି ଝିଅଟିର ପଛେ ପଛେ ବାଁ ଗୋଇଠି ଉପରେ ଭରାଦେଇ ଦେଇ । ଖଣ୍ଡେ ଦୂରରେ ପଡ଼ିଥିବା ଛିଣ୍ଡା ଚପଲଟାକୁ ଝିଅଟି ଗୋଟାଇ ନେଲା ।

ଚାଳ ଘରଟା ନିହାତି ଛୋଟ, ଛିଡ଼ାହେଲେ ମୁଣ୍ଡ ପ୍ରାୟ ବାଜିବ । ସର୍ବତ୍ର ଦୈନ୍ୟର ମୁଦ୍ରାଙ୍କନ । କୁଟା ଓ ବାଉଁଶ ପରସ୍ପର ରାଜିନାମାରେ ଅଲଗା ହୋଇ ଯାଇଛନ୍ତି ଅନେକ ଦିନରୁ । ସାମନାର ବେଗୁନ୍‌ଭିଲା ଲତାଟା ଆଖପାଖର ପିରବେଶରୁ ନିଜକୁ ଅଲଗା ରଖି ଗୋଟାଏ ନିଷ୍ଫଳ ସୌନ୍ଦର୍ଯ୍ୟର ସ୍ଥିତି ଅନୁଭବ କରୁଥିଲା । ଯେତେ ଯେତେ ଛେଳି କୁକୁଡ଼ା ତାରି ମୂଳରେ ଜଡ଼େ ହୋଇଛନ୍ତି ତାଙ୍କରି ରକ୍ତରେ ଫୁଲଗୁଡ଼ାକର ରକ୍ତିମା । ସେତେବେଳେ ମୋତେ ସର୍ବତ୍ର ରକ୍ତ ଦିଶୁଥାଏ । ପଛକୁ ଅନାଇ ଦେଖିଲି ଟୋପା ଟୋପା ହୋଇ ବହଳିଆ କାଳିଚିଆ ରକ୍ତ ବାଟଯାକ ପଡ଼ି ପଡ଼ି ଯାଇଛି । ଆଖି ଖୋଜି ଚାଲିଥାଏ ଚାଖଣ୍ଡେ ଅଧେ ସଫେଦ କନା ସାଂଗକୁ କିଛି ଏଣ୍ଟିସେପ୍ଟିକ୍ ।

ଚାଳ ବାଡ଼ରେ କେତୋଟି କନ୍ଥା ଶୁଖୁଥିଲା । ଯେତେ ଯେତେ ରଙ୍ଗର ଧୋତି, ଶାଢ଼ୀ ଓ କନା ମିଲ୍‌ରେ ପ୍ରସ୍ତୁତ ହୋଇପାରେ ସେ ସବୁର ପୁରୁଣା ପଚା ଟୁକୁରା ଏକାଠି କରି ଏ କନ୍ଥା ସବୁ ସିଲାଇ । ସେଥିରୁ ବି ଝୁରିଝୁମ୍ପା ପରି କନା ଓହଳିଛି । କୁଡ଼ିଆର ପିଣ୍ଡା ନାହିଁ, ଖଣ୍ଡିଏ ଚଟାଣ ପଥର ଉପରେ ଗୋଡ଼ଦେଇ ମୁଣ୍ଡ ନୁଆଁଇ ଘର ଭିତରକୁ ଯିବାକୁ ପଡ଼ିଲା । ଆଗରେ ଯାଇ ଝିଅଟି ଘର ଭିତରେ ସମ୍ବାଦ ଦେଇ ପୁଣି ବାହାରକୁ ଆସୁ ଆସୁ ମୋତେ ଡ଼ାକିଲା, "ଭିତରକୁ ଆସ ବାବୁ! ନାନୀ ଅଛି ।"

ଭିତରକୁ ଯାଉଛି, ଜଣାଗଲା ଛାୟାମୂର୍ତ୍ତି ଅଶରୀରୀ ପରି ନାରୀଟିଏ କୋତରା ଘୋଡ଼ି ହୋଇ ଖଟରୁ ତଳକୁ ଅପସରି ଗଲା । ଚାରି ପାଞ୍ଚ ହାତ ଦୂରରେ ପଛକରି ଛିଡ଼ାହୋଇ ଅସ୍ପଷ୍ଟ ଗଳାରେ କହିଲା, 'ଅମିନା ! ଖଟରେ ବସିବାକୁ କହ ।' ବସିବାକୁ ଦୋଦୋମନା ହେବାର ଜାଣିପାରି ପାପୁଲି ଆଡ଼କୁ ଝରି ପଡୁଥିବା ନାଲି କାଚ ପିନ୍ଧା ପତଳା ଦୁର୍ବଳ ହାତରେ ପିଢ଼ାଟାଏ ମୋ ଆଡ଼କୁ ବଢ଼ାଇଦେଇ ଦରଦଭରା କଣ୍ଠରେ କହିଲା 'ବସନ୍ତୁ' । ବସିଲି ଏବଂ ରକ୍ତରେ ବୁଡ଼ି ଯାଇଥିବା ଆଙ୍ଗୁଳିକି ପୁଣି ଚିପି ଧରିଲି । ଏଯାକେ ରକ୍ତ ବନ୍ଦ ହେବାକୁ ନାହିଁ, ରାସ୍ତାରେ କିଛି ଧୂଳି ଆଙ୍ଗୁଳି ତଳେ ଲାଖିଯାଇଛି । ଚାଳର ଫାଙ୍କଦେଇ ଯେତିକି ସୂର୍ଯ୍ୟକିରଣ ଆସୁଥିଲା ତାହା ଉଭୟ ଘର ଭିତର ଓ ଘରଣୀର ଫଟୋ ତୋଳିବା ପାଇଁ ମୋ ଆଖିର କେମେରା ପକ୍ଷରେ ଯଥେଷ୍ଟ ପରି ମନେହେଲା । ଉଭୟତଃ ଦାରିଦ୍ର୍ୟର ଛବି, ଭଙ୍ଗା କୁଲା, ପାଛିଆ, ଛିଣ୍ଡା ଛାମ୍ପୁଣୀ, ଦୁଇଟା ଛୋଟ କଳାହାଣ୍ଡି, କଲେଇକରା କେତୁଟା ଟୀନା ବାସନ ଘରର ସର୍ବମୋଟ ସମ୍ପଦ । ଗୋଟାଏ କଣରେ ଭଙ୍ଗା ଟିଣ ବାକ୍ସଟାଏ । ଖଟ ଉପରେ ଯେବେ କେହି ଜଣେ ଘୋଡ଼ାଘୋଡ଼ି ହୋଇ ଚୁପ୍‌କରି ପଡ଼ିରହେ ତେବେ ମଶାଣିର ଭ୍ରମ ହେବ ଘର ଭିତରର ଆସବାବ୍‌ପତ୍ରରୁ ।

Digitized by srujanika@gmail.com

ପରଦା ଉଠାଇ ମୁହଁ ଖୋଲି କଣେଇ ଯେମିତି ନାରୀ ମୂର୍ତ୍ତିଟି ମୋ ଆଡ଼କୁ ଚାହିଁଛି, ସିମିତି ଗଳାରେ ଚିତ୍କାର କରି ଉଠିଲା "ମା'! କେତେ ଖୁନ୍!" ଏବଂ ତତ୍‌କ୍ଷଣାତ୍ ବଡ଼ ଚଞ୍ଚଳ ଅସ୍ତବ୍ୟସ୍ତ ହୋଇପଡ଼ିଲା ।

ମୁଁ ଏଥର ତା ମୁହଁଟି ସ୍ପଷ୍ଟ ଦେଖିପାରିଲି । ସୂର୍ଯ୍ୟକିରଣରୁ କ୍ଲୋରୋଫିଲ ସଂଗ୍ରହ କରିନପାରି ଲତାପତ୍ରର ରଙ୍ଗ ଯିମିତି ହୁଏ, ବୋରଖା ଘୁଘଟ ଭିତରେ ଥାଇ ମୁହଁଟା ସିମିତି ଫିକ୍କା ହଳଦିଆ । ଆଖି ଦୁଇଟା ଆକାଶୀ ରଙ୍ଗର, ଢ଼ଳଢ଼ଳ । ଦୟାରେ ଏତେ ଛଳଛଳ ଯେ ସାମାନ୍ୟ ସ୍ପର୍ଶରେ ଧାର ଧାର ହୋଇ ନିମିଷକେ କରୁଣାର ଝର ଝରିଯିବ । ଦୁଇ ତିନିଥର ଘର ଭିତରେ ଅନ୍ଧାର ଆଲୁଅ ମିଶା ପରିବେଶ ମଧ୍ୟରେ ଦେଖିବା ପରେ ଅବଚେତନରୁ ସୂଚନା ଓ ସଂକେତ ମିଳିଲା କେଉଁଠି କେବେ ଅସ୍ପଷ୍ଟ ଆଲୁଅରେ ଏଇ ମୁହଁଟିକି ଦେଖିଥିବି ଅବା ।

ଅମିନା ଥରେ ମୋ ଆଡ଼କୁ ଥରେ ତା ନାନୀ ଆଡ଼କୁ ଚାହୁଁଥାଏ ଏବଂ କ'ଣ କରିବାକୁ ହେବ ସେଇ ଆଜ୍ଞାକୁ ଅବଧାନ ଥାଏ । ହୁଏତ ସେ ମନେ ମନେ ଇଚ୍ଛା କରୁଥାଏ କଥାବାର୍ତ୍ତା ଜରିଆରେ ଆମେ ଦୁହେଁ ପରସ୍ପର ନିକଟତର ହେଉ ।

ମାତ୍ର ଦୁଇତିନି ମିନିଟ୍ ହେଲା ଦୁର୍ଘଟଣା ଘଟିଛି, ହେଲେ ଯନ୍ତ୍ରଣାଦାୟକ ମୁହୂର୍ତ୍ତଗୁଡ଼ାକ ବହୁତ ଲମ୍ବା ଜଣାପଡୁଥାଏ । ଏ କୁଡ଼ିଆ ଭିତରକୁ ଆସିବାରେ ଅନ୍ତତଃ ଏତିକି ଲାଭ ହୋଇଛି ଯେ, ମୁଁ ନିଃସହାୟ ନୁହେଁ, ମଲମ ବା ପ୍ରଲେପ ବା ପଟି ନମିଳିଲେ ମଧ୍ୟ ଅମିନା ଓ ତା 'ନାନୀ'ର ଉପସ୍ଥିତି ଓ ସେବା କରିବାର ଆଗ୍ରହ ଯନ୍ତ୍ରଣାକୁ କଥଞ୍ଚିତ୍ ଉପଶମ କରିଛି । ଆଉଥରେ 'ନାନୀ' ଯିମିତି ମୋର ଦୟନୀୟ ଅବସ୍ଥା ଦେଖିଛି, ସିମିତି ସେ ଅମିନାକୁ ଠାରି ପାଖକୁ ଡ଼ାକିଲା ଓ କାନ ପାଖରେ ଫିସ୍‌ଫିସ୍ କରି କ'ଣ କହିଲା । ଅମିନା ତଦ୍ଦଣ୍ଡେ ଘରୁ ବାହାରି ଡ଼େଇଁ ଡ଼େଇଁ କୁଆଡ଼େ ଅନ୍ତର୍ହିତ ହୋଇଗଲା ।

ଯନ୍ତ୍ରଣା ସାଂଗକୁ ଅସ୍ୱସ୍ତିର ଅନୁଭବ ମୋତେ କିମିତି କିମିତି ଲାଗିଲା । ଅସ୍ୱସ୍ତିର କାରଣ ବିଚିତ୍ର ପରିବେଶ ମଧ୍ୟରେ 'ନାନୀ' ସହିତ ମୋର ସହାବସ୍ଥାନ । ଆଶ୍ଚର୍ଯ୍ୟ କଥା 'ନାନୀ'କୁ ଏ ଅସ୍ୱସ୍ତିଭାବ ସ୍ପର୍ଶ କଲାନାହିଁ । ସେ ଏଣେତେଣେ ଘର ଭିତରେ ଦୁର୍ବଳ ପଦକ୍ଷେପରେ ଘୁରାଫେରା କରି କଣ, ସିନ୍ଧି, ଠଣା, କାନ୍ଥକୁରା, ବାକ୍ସ, ଡ଼ବା ଅଣ୍ଡାଳିବାରେ ଲାଗିଥାଏ । ସ୍ପଷ୍ଟ ଜଣାପଡୁଥାଏ ଯେମିତି ସେ ଟୁକୁରାଏ କନା ସାଂଗକୁ ପଞ୍ଚଗୁଣା, ପଚାଶଗୁଣା ବା ସହସ୍ରଗୁଣା ମଲମ ବା ପ୍ରଲେପର ସନ୍ଧାନରେ ଅଛି, ଯାହା ନିମିଷକ ଅତିଥିର ଯନ୍ତ୍ରଣା ହରଣ କରିନେବ, କିନ୍ତୁ କାହିଁ କିଛି ବୋଧହୁଏ ନପାଇ ନୈରାଶ୍ୟମୟ ଯନ୍ତ୍ରଣାର ଦୀର୍ଘଶ୍ୱାସଟାଏ ଛାଡ଼ି ଖୋଦାଙ୍କ ପାଖରେ ଯିମିତି ଅଭିଯୋଗ କଲା, କାହିଁକି ଦୟାମୟ ସେମାନଙ୍କୁ ଏମିତି ଅବସ୍ଥାରେ ରଖିଛନ୍ତି । ଧୈର୍ଯ୍ୟଚ୍ୟୁତିସୂଚକ ମୋ' ପାଟିରୁ ଆପେ ଆପେ ପଦେ କଥା ବାହାରି ପଡ଼ିଲା, 'କ'ଣ କରିବା ?'

Digitized by srujanika@gmail.com

ମୋ ଆଡ଼କୁ ସିଧାସଳଖ ଅନାଇ ବିକଳ କଣ୍ଠରେ ସେ ପଚାରିଲା "ରୁମାଲ ଅଛି ?"

ପକେଟ୍‌ରେ ହାତ ମାରିବା ସଂଗେ ସଂଗେ ମୁଣ୍ଡ ନାଡ଼ି ଦେଇ 'ନା' ଜଣାଇଲି ।

'ନାନୀ' ଆହୁରି ହତବୁଦ୍ଧି ହୋଇଗଲା । ନିଜର ଶାଢ଼ୀ ଆଡ଼କୁ ଚାହିଁଲା । ମୁଁ ତା ମତଲବ ଜଣାପାରିଲି ଏବଂ ଦାଗ ଦାଗ ମସିହା ଲୁଗାଟାକୁ କାମ ପାଇଁ ନାପସନ୍ଦ କରୁଥିବା ଭାବ ଦେଖାଇଲି । ତା' ମୁହଁରେ ବି ନାପସନ୍ଦ ଲକ୍ଷଣ ପ୍ରକାଶ ପାଇଲା ।

କିନ୍ତୁ ଠିକ୍ ପର ମୁହୂର୍ତ୍ତରେ ତା' ଆଖି ଦୁଇଟାରେ ସାମାନ୍ୟ ଜ୍ୟୋତିର ସଞ୍ଚାର ହେଲା । ଯେମିତି ନୂଆ ଭାବଟାଏ ଉଦିତ ହେଲା ତା ମନରେ । ଲିଭି ଲିଭି ଯାଉଥିବା ବିଜୁଳିବତୀର ଭୋଲ୍‌ଟେଜ ବଢ଼ିଗଲା ପରି ତା'ର ନିଷ୍ପ୍ରଭ ଆଖିର ଜ୍ୟୋତି ହଠାତ୍ ବଢ଼ିଗଲା ।

ସିଧାଯାଇ ଭଙ୍ଗା ବାକ୍ସଟା ଖୋଲିଦେଲା । ଢାଙ୍କୁଣିଟା ଢଣଢାଣ କରି ତଳେ ପଡ଼ିଗଲା । ବାହାର କଲା ପତଳା ଝିଲିମିଲି ଗୋଲାପୀ କନାଟାଏ । ଗୋଟାଏ ପାଖକୁ ଦୁଇ ହାତ ଆଙ୍ଗୁଳିରେ ଧରି ସେ ଯାହା କରିବାକୁ ଯାଉଛି ମୋତେ ବୁଝିବାକୁ ଡେରିହେଲା ନାହିଁ । ମାତ୍ର ମୁଁ "ହାଁ ହାଁ ଏ କ'ଣ କରୁଛ" କହି ତାକୁ ବାରଣ କରୁ କରୁ ସେ ଚର୍ ଚର୍ କରି ଟୁକୁରାଏ ଚିରିଦେଲା । ପର ମୁହୂର୍ତ୍ତରେ ପ୍ରଖର ଅଙ୍ଗୁଳିରେ ଦିଆସିଲି କାଠିଟାଏ ଜାଳି ଆଉ ଖଣ୍ଡିଏ କନା ଟୁକୁରାକୁ ନିଆଁ ଲଗାଇ ପାଉଁଶ କରିଦେଲା ।

"ଏ କ'ଣ କଲ ? ପାଟିରୁ ବାହାରି ପଡ଼ିଲା "ଏତେ ସୁନ୍ଦର ନୂଆ ଶାଢ଼ୀଟାକୁ ଚରିଦେଲେ ?"

"ଏଇଟା ଶାଢ଼ୀ ନୁହେଁ। ସାଦି ବେଳର ଓଢ଼ଣୀ । ବାକ୍ସରେ ପଡ଼ିଥିଲା । ତା'ର ତ କାମ ସରିଯାଇଛି । ସଫାକନା ସବୁ କନ୍ଥାରେ ବସାଇ ଦେଇଥିଲି । କନ୍ଥା ଆଉ ଗଣ୍ଠିଲି ପୁଟୁଳିରେ ଯେଉଁ କନା ଥିଲା ସେସବୁ ପୋଲିସ୍ ଫୋପଡ଼ାଫୋପଡ଼ି, ଜଳାପୋଡ଼ାରେ ଯାଇଛି ।" 'ପୋଲିସ୍' ଶବ୍ଦ ଉପରେ ମୁଁ ବିଶ୍ଳେଷଣ ଲୋଡ଼ିଥାନ୍ତି । ସେ ବି ଆଉ କ'ଣ ବର୍ଣ୍ଣନା ଦେଇଥାନ୍ତା ପୋଲିସ୍ ଅତ୍ୟାଚାରର, କିନ୍ତୁ ମୁହଁ ବଦଳାଇ କହିଲା, "ଘରେ ଯେତେ ଦବେଇ ଡ଼ବା ଥିଲା ଗୋଟାଏ ବୋଲି ଖୋଜିପାଉ ନାହିଁ । ପାଖ ପଡ଼ିଶା ଘରକୁ ଅମିନାକୁ ପଠାଇଛି । ସେ ବହୁତ ଡେ଼ରି କରୁଛି, କ'ଣ ଯେ କରିବି ?"

"ସେ ଆସୁ ଆସୁ ଗରମ ପାଣି କରି ଘାଆଟା ଧୋଇଦେଲେ ତ ହୁଅନ୍ତା ?"

"ନା, ନା, ପାଣି ଦେଲେ ପାଚିବ, ଶୀଘ୍ର ଶୁଖିବ ନାହିଁ । ଦେଶୀ ଘରୁଆ ଦବେଇ ଗୋଟାଏ ଦେଇଦେବି ।" ଦଣ୍ଡେ ରହି ପୁଣି କହିଲା "ଶିଳପୁଆରେ ମୋ' ହାତ ଆଙ୍ଗୁଠିଟା ଛେଚି ହୋଇଯାଇଥିଲା ଯେ, ମା' ମୋର ପିଲାଦିନେ ଏଇ ଔଷଧ ଦେଇଥିଲା । ମୁଁ କଷ୍ଟ ଜାଣିଲି ନାହିଁ, ଧକ୍ ଧକ୍ ଫଜ୍ ଫଜ୍ କିଛି ନାହିଁ ।"

ଏ କଥାଗୁଡ଼ାକ କହୁ କହୁ ସେ ଚୂନ ଦାନିରୁ ମୋଞ୍ଚାଏ ଚୂନ ଆଣି ଖଇର ଟୁକୁରାଏ ଗୁଣ୍ଡକରି ପୋଡ଼ା କନା ସଂଗେ ମିଶାଇ ମୋ ପାଖକୁ ଆସିଲା ଏବଂ ବିନାଦ୍ୱିଧା ବା ସଂକୋଚରେ ଆହତ ଆଙ୍ଗୁଳିକୁ ଧରି ପ୍ରଲେପକୁ ବେଶ୍ ସତର୍କତାରେ ଥାପି ଚାଖଣ୍ଡିଆ

Digitized by srujanika@gmail.com

କନା ଖଣ୍ଡିକ ଗୁଡ଼ାଇ ବେଶ୍ କରି ପଟି ବାନ୍ଧିଦେଲା । ଡ଼ାକ୍ତରଖାନାର କେହି ନର୍ସ ଏତେ ଦରଦମିଶା ପ୍ରଲେପ ଓ କନା କାହା କ୍ଷତରେ କେବେ ଦେଇନଥିବ । କହିଲା, "ଆଠଦିନ ପରେ ଫିଟାଇବେ, ପାଣିରେ ଗୋଡ଼ ଦେବେ ନାହିଁ । ଖଟା ଜିନିଷ ଖାଇବେ ନାହିଁ ।"

ରକ୍ତ ବନ୍ଦ ହେବା ନ ହେବାକୁ ମୋର ଆଉ ନଜର ରହିଲା ନାହିଁ । ଅଯାଚିତ ଅକୁଣ୍ଠ ଆତିଥେୟତା ଓ ସେବାରେ ଯନ୍ତ୍ରଣା କାହିଁକି, ମୁଁ ନିଜକୁ ସୁଦ୍ଧା ଭୁଲି ଯାଇଥିଲି ।

ମୋର ବିମୁଗ୍ଧତାର ସୁଯୋଗ ନେଇ କେତେବେଳେ ସେ ଖଣ୍ଡେଦୂରରେ ପଡ଼ିଥିବା ମୋ ଚପଲକୁ ହାତରୁ ସେଫ୍‌ଟି-ପିନ୍ କାଢ଼ି ଫିତାକୁ ଲଗାଇ ଦେଇଛି ଏବଂ ସାବଧାନତା ସହ ଆହତ ପାଦରେ ଲଗାଇ ଦେଇଛି ।

ବିଦାୟ ଦେବା ପୂର୍ବରୁ ମୋତେ ସରବତ୍ ଗ୍ଲାସେ ଦେବାକୁ ସେ ପ୍ରସ୍ତୁତ ହେଉଥିଲା, ମାତ୍ର କଲେଇକରା ପୁରୁଣା ଗ୍ଲାସ୍, କଳଙ୍କିତ ପନଖି ଆଉ ଦୁଇଦିନ ପୂର୍ବର କଟା ଲେମ୍ବୁ ଫାଳକ ଦେଖି ମୁଁ କହିଲି, "ଥାଉ ଥାଉ, ଥଣ୍ଡାରେ ଶୋଷ ଲାଗୁନି ।" କ୍ଷତସ୍ଥାନର ବଥା ପ୍ରକୃତରେ କମିଗଲା ପରି ମୋତେ ଏଥର ଲାଗିଲା ।

ଏଇ ସ୍ତ୍ରୀଲୋକଟିକୁ ଦିବାଲୋକରେ ଏତେ ପାଖରେ ବାରମ୍ବାର ଦେଖି ଏବଂ ଏତେ ଉପକାର ପାଇ ମଧ୍ୟ ଯେତେବେଳେ ମୋ ମୁହଁରୁ "ତୁମକୁ କେଉଁଠି ଦେଖିଥିଲା ପରି ମନେ ହେଉଛି" ପଦକ ନ ବାହାରିଲା 'ନାନୀ' ମୋ ଆଡ଼କୁ ସିଧାସଳଖ ଚାହିଁ ପଚାରିଲା, "ଆପଣ ମୋତେ ଚିହ୍ନିପାରୁଛନ୍ତି ? ଅମିନାକୁ ଚିହ୍ନିପାରିଲେ ?"

ମୁଁ ବୋକାଙ୍କ ଭଳି ଚାହିଁ ଭ୍ରୂଲତା ଉପରକୁ ଟେକି ମନେ ପକାଇବାର ଚେଷ୍ଟା ଓ ଅଭିନୟ କଲି ଏବଂ ଚଷମା ଓ ଆଖି ଦି'ଟାକୁ ଥରେ ଅଧେ ପୋଛିପାଛି ପୁଣି ନୂଆ କରି ତାକୁ ଦେଖି କହିଲି, "କେଉଁଠି ଦେଖିଲା ପରି ମନେ ହେଉଛି ।" ଯଦିଓ ମୋର ଆଦୌ ମନେ ହେଉନଥିଲା ।

"ଚାନ୍ଦିପୁରରେ । ସେଦିନ ରାତିରେ, ମନେପଡ଼ିଲା ? ମୁଁ ଆଉ ଅମିନା ଆଉ ସେଇ ପିଲାଟି ବାସ୍‌ରେ ଆସିବା ପାଇଁ ଆପଣଙ୍କୁ ଗୁହାରି କରିଥିଲୁ ।"

ନିମିଷକେ ମୋର ମନେ ପଡ଼ିଗଲା ସେ କାଳରାତିର କଥା, ମୋର ମାନସିକ ଦ୍ୱନ୍ଦ୍ୱ ଓ ଶେଷ ନିଷ୍ପତ୍ତି, ଯାହା ଫଳରେ ଏଇ ନାନୀ, ଓ ଅମୀନାକୁ ବସ୍‌ରୁ ଓହ୍ଲାଇ ଦିଆଗଲା ମଧ୍ୟରାତ୍ରିର ନିର୍ଜନତାରେ ଖାଲି ବାଉଁଶଗଳି ନାଆଁ ଶୁଣି, ଗୋଟାଏ କୁକୁରକୁ ସ୍ଥାନ ଦିଆଗଲା ଅଥଚ ଏଇ ଦୁଇଜଣଙ୍କ ପାଇଁ ସ୍ଥାନ କରିପାରିଲି ନାହିଁ । ମୋର ସ୍ପଷ୍ଟ ମନେପଡ଼ିଲା କିମିତି ଏଇ ନିରାଶ୍ରୟ ଜୀବଗୁଡ଼ାକୁ ବିପନ୍ନ କରି ଶେଷ ବାସ୍ କିମିତି ଚାଲି ଆସିଥିଲା ଝାଉଁବଣ ଭିତରୁ ଏମାନଙ୍କ କାକୁତିପୂର୍ଣ୍ଣ ଆଖିର କାତର ପ୍ରାର୍ଥନାକୁ ଏଡ଼ିଦେଇ । ଲଜ୍ଜା ଓ ଆତ୍ମଗ୍ଲାନି ସହିତ ଭୟ ବି ଆସିଲା । ମୁଁ ତେବେ କ'ଣ ବାଉଁଶଗଳି,

Digitized by srujanika@gmail.com

ଦେଇ ଯାଇଥିଲି ? କଥା ଟିକିଏ ଆଡ଼େଇ ନେବା ପାଇଁ ପଚାରିଲି, "ଆଚ୍ଛା ! ସେ ପିଲାଟା କ'ଣ ତମର ?"

"ହଁ ସେ ଫେରାର୍, ପୋଲିସ୍ ତାଙ୍କୁ ଖୋଜୁଛି । ଚାନ୍ଦିପୁରର ସେଇ ରାତିର ଦୁର୍ଦ୍ଦଶା ପରେ ମୋର ଦେହ ଖରାପ, ତା' ଉପରେ ପୁଣି ପୋଲିସ୍‌ର ଜୁଲୁମ ଆଉ ଅତ୍ୟାଚାର । ମୋର ନିଜର ଏ ଘରର ଅବସ୍ଥା ଦେଖୁଛନ୍ତି ତ ?"

ମୁଣ୍ଡ ପୋତି ଚୋରଙ୍କ ପରି ଯାଡ଼େ ସିଆଡ଼େ ଅନାଇବା ଛଡ଼ା ଅନ୍ୟ ଉପାୟରେ ସହାନୁଭୂତି ଦେଖାଇ ପାରିଲିନାହିଁ । ଖୁନ୍ ଅପରାଧୀ ପରି ମୁଁ ନିଜକୁ ଭାବୁଥାଏ । ସମସ୍ତ ପ୍ରକାର ଦଣ୍ଡ ସହି ପ୍ରାୟଶ୍ଚିତ୍ତ କରିବାପାଇଁ ନିଜକୁ ପ୍ରସ୍ତୁତ କରୁଥାଏ, ପୁଣି କିମିତି ଖସି ଚାଲିଯିବି ଏକଥା ବି ଭାବୁଥାଏ ।

ଏତିକିବେଳେ 'ନାନୀ' ଅନୁନୟଭରା କଣ୍ଠରେ କହିଲା, "ଆଚ୍ଛା, ଆପଣ ଟିକିଏ ଦୟାକରି ଆମର ଉପକାର କରିପାରିବେ ? ଆପଣଙ୍କ ହାତରେ ଆମର ମୁକ୍ତି ରହିଛି । ଆପଣଙ୍କ ମୁହଁରେ ପଦେ କଥାରେ ସେ ରକ୍ଷା ପାଇଯିବେ, ଘରକୁ ଫେରି ଆସିବେ, ଆମେ ବଞ୍ଚିଯିବୁ ।"

"କ'ଣ କହନ୍ତୁ । ପଦେ କଥାରେ ଯଦି ...."

"ଦୁଇଦିନ ପରେ ତାରିଖ, ଆପଣ ହାକିମ ପାଖରେ ଯଦି ଖାଲି ପଦେ କଥା କହିପାରନ୍ତେ..."

"କ'ଣ ?"

ସତର ତାରିଖ ରାତି ଯେଉଁ ରାତିରେ ବୋମା ଫୁଟିଲା, ସେ ରାତିରେ ଆପଣ ମୋତେ, ଅମିନାକୁ ଆଉ ତାଙ୍କୁ ଚାନ୍ଦିପୁରରେ ଦେଖିଥିଲେ ବୋଲି ।"

ଏକାବେଳକେ ଘାବରେଇ ଗଲି । ମୁଣ୍ଡ ଭିତରେ କୁରାଳଚକ୍ର ବୁଲିଲା ପରି ଲାଗିଲା । ବାକ୍‌ସ୍ଫୁର୍ତ୍ତି ହେଲାନାହିଁ । ସାମାନ୍ୟ ହଁ କରିବା କଷ୍ଟ ଝୁଣ୍ଟିହେବା କଷ୍ଟକୁ ବଳିଗଲା ।

ଥତମତ ହୋଇ କହିଲି, "ଟିକିଏ ଭାବେ । ଜଣେ ଓକିଲଙ୍କୁ ପଚାରେ । କାଲି ଏବାଟେ ଗଲାବେଳେ କହିବି ।"

ଦୈବାତ୍ ସେତିକିବେଳେ ଧଡ଼ ଧଡ଼ ଝଣ ଝଣ ଶବ୍ଦକରି ଦରଭଙ୍ଗା ରିକ୍‌ସାଟାକୁ ଚଳାଇ ଚଳାଇ ରିକ୍ସାବାଲାଟାଏ ସାମନା ବାଟଦେଇ ଯାଉଥାଏ । ଡ଼ାକିଦେଲି, ଭାଗ୍ୟକୁ ସେ ଛିଡ଼ାହେଲା । ଅମିନାର 'ନାନୀ' ବି ମୋତେ ବିଦାୟ ଦେବାକୁ ପ୍ରସ୍ତୁତ ହେଲା ।

ମୁଁ ଉଠିବାକୁ ଉପକ୍ରମ କରୁଛି, ଅଣନିଃଶ୍ୱାସୀ ହୋଇ ଧାଇଁ ଧାଇଁ ଆସି ଅମିନା ପହୁଞ୍ଚିଗଲା । ହାତରେ ତା'ର ଗଜେ ଲମ୍ବ ସଫା କନା ଆଉ କ'ଣ ଗୋଟାଏ ମଲମ ଡ଼ବା । ନାନୀ ହାତକୁ ସେ ସବୁ ବଢ଼ାଇ ଦେଇ କିମିତି କେତେ ପରିଶ୍ରମ କରି ସେ

Digitized by srujanika@gmail.com

ସବୁ ଯୋଗାଡ଼ କରିଛି ବର୍ଣ୍ଣନା କରିଗଲା । ଯିମିତି ମୋ ପଟିବନ୍ଧା ଆଙ୍ଗୁଠିଟା ଦେଖି ଦେଇଛି ତା' ମୁହଁରେ ଗୋଟାଏ ନୈରାଶ୍ୟର ଛାୟା ଖେଳିଗଲା । ସବୁ ପରିଶ୍ରମ ପଣ୍ଡସୂଚକ ଭଙ୍ଗୀ ମଧ ଦେଖାଗଲା । 'ନାନୀ' ପ୍ରତି ସାମାନ୍ୟ ବିରକ୍ତି ଭାବ ମଧ ଦେଖାଇଲା ।

ରିକ୍ସାଟା ଦୁଆରମୁହଁ ପର୍ଯ୍ୟନ୍ତ ଆସିଗଲା । ବହୁତ ପରିଶ୍ରମ କରି 'ଧନ୍ୟବାଦ' ବା ସିମିତି କୃତଜ୍ଞତାସୂଚକ ଶବ୍ଦଟାଏ କହିବି ବୋଲି ଚେଷ୍ଟାକଲି । ମୁହଁରେ ରହିଗଲା, ବାହାରକୁ ଶବ୍ଦଟା ଫୁଟିଲା ନାହିଁ ।

ରିକ୍ସାରେ ବୀରପରି ଚଢ଼ିଗଲି । ଗାଡ଼ି ଚାଲିବାକୁ ଆରମ୍ଭ କରିଛି କି ନାହିଁ ବେଶ୍ ସଫା ଗଳାରେ ଅମିନା କହିଲା, 'ସଲାମ୍ ବାବୁ ।' ତା' ପଛେ ପଛେ 'ନାନୀ' ବି କ୍ଷୀଣ ସ୍ୱରରେ ବିଦାୟ ଦେଇ କହିଲା, 'ସଲାମ ବାବୁ ।'

ଆଙ୍ଗୁଠିର ପଟିଟା ଛିଡ଼ିଯାଇ ମଲମ ଭେଦ କରି ପୁଣି ପିଚ୍ ପିଚ୍ କରି ରକ୍ତର ସୁଅ ବାହାରିଲା ପରି ମୋତେ ଲାଗିଲା । ମୁଁ ଏତେ ଜୋରରେ 'ଓଃ' କରି ଉଠିଲି ଯେ ରିକ୍ସାବାଲାଟା ବି ଚମକି ପଡ଼ିଲା ।

ମୁଁ କୁଆଡ଼େ ଯାଉଛି ଠିକଣା କରିପାରିଲି ନାହିଁ । ରାସ୍ତାଟା ଖୁବ୍ ଦୂର ଲାଗିଲା । ଷ୍ଟେସନଟା ମଧ । ଟ୍ରେନ୍‌ଟା ସେତେବେଳକୁ ଚାଲି ଯାଇଥିଲା । ବାସ୍ ବି ନଥିଲା । ମନ୍ଦିର ଓ ମସଜିଦ୍‌ଗୁଡ଼ାକ ପରସ୍ପର ଠାରୁ ଦୂରେଇ ଯାଉଥିଲେ ।

# ଡ଼ାନ୍‌ଲପ୍ ଏଜେଣ୍ଟ

"ନମସ୍କାର ସାର୍" !

ଖବରକାଗଜରୁ ଯୁବଜଗତ ପୃଷ୍ଠାଗୁଡ଼ା ଲେଉଟାଉଥାଏ ଏବଂ ଭାବୁଥାଏ ଆମେ ସବୁ ବୃଦ୍ଧ, ଯୁବକମାନଙ୍କ ମନକୁ କିମିତି ଆଦୌ ବୁଝିବାକୁ ଚେଷ୍ଟାକରୁ ନାହୁଁ ଏବଂ କିମିତି ସମ୍ବେଦନଶୀଳତା ସହିଷ୍ଣୁତା ବା ସହାନୁଭୂତି ନଦେଇ ସେମାନଙ୍କଠାରୁ ପ୍ରତି ବଦଳରେ ଭଲ ଚରିତ୍ର, ବ୍ୟବହାର ଏବଂ ଆଚରଣ ଦାବୀ କରି ବସିଛୁଁ ।

ପରିଚିତ ସ୍ୱର ଶୁଣି ମୁଣ୍ଡ ଉଠାଇ ଚାହିଁଦେଲା ମାତ୍ରେ ଦେଖିଲି କାଲି ସନ୍ଧ୍ୟାର ସେଇ ଯୁବକ ବନ୍ଧୁଟି । ତାଜା ଚେହେରା, ହସ ହସ ବଦନ । ସକାଳର ସମସ୍ତ ଜୀବନ, ଆନନ୍ଦ ଓ ପ୍ରଫୁଲ୍ଲତା ଯିମିତି ତାଙ୍କଠି ବିଗ୍ରହ ନେଇଛି ।

Digitized by srujanika@gmail.com

ଉଲ୍ଲସିତ ହୋଇ କହିଲି, "ଆସିଗଲା ! ଗୁଡ୍ ମର୍ଣ୍ଣିଂ" ! ସୋଫା ଗଦିରେ ହାତ ବାଡ଼େଇ ନିମନ୍ତ୍ରଣ କଲି "ବସ୍, ବସ ।" ଟିକିଏ ଭାବାତୁର ଓ ପ୍ରଗଲ୍ଭ ହୋଇ ପ୍ରତିଷ୍ଠିତ ପ୍ରତ୍ୟୟ ଓ ଆତ୍ମୀୟତାରେ କହିଗଲି "ଦେଖ ! କଲେଜପଢ଼ୁଆ ପୁଅଗୁଡ଼ାଙ୍କୁ ଆମେ ଚୋର, ଡ଼କାୟତ, ଅଶ୍ଳୀଳ, କପିବାଜ, ବଜାରୀ, ଭାଗା, ଫାଡ଼ା ଆଦି ନାନା ବିଶେଷଣ ଦେଇଥାଉ । ହୁଏତ ସେ ସବୁ ଯଥାର୍ଥ । ମାତ୍ର ସେହି ଅପଦାର୍ଥ ଗୁଡ଼ାକୁ ଥରେ ରେସ୍‌ପନ୍‌ସିବିଲିଟି (ଦାୟିତ୍ୱ) ଦେଇଦେଲେ ସେମାନେ ଯେ କେଡ଼େ ଦାୟିତ୍ୱସମ୍ପନ୍ନ ସୁନାଗରିକ ହୋଇପାରନ୍ତି ତୁମେ ହିଁ ତା'ର ଉଦାହରଣ । ଠିକ୍ ସାଢ଼େ ସାତଟା ବେଳକୁ ଆସିବ କହିଥିଲି, ଆସିଗଲା ଚା' କପେ ଖାଇବ ?"

ପ୍ରଶଂସା ଭାରରେ ଯୁବକ ବନ୍ଧୁଙ୍କ ମୁଣ୍ଡ ଯିମିତି ନଇଁଗଲା । ସୌଜନ୍ୟର ଅବତାର ସାଜି ଯଥାଯୋଗ୍ୟ ଚକ୍ଷୁ ମୁଖଭଙ୍ଗୀ ସହିତ ଖୁବ୍ ମିଠା ଗଳାରେ ସେ କହିଲେ, "ନା' ସାର୍ ! ମୁଁ ଅବି ନାନୀ ଘରେ ଚା' ଖାଇ ଆସିଛି । ମୁଁ ଯାଏଁ, ଡ଼େରି ହୋଇଯିବ । ଅଫିସ୍ ଖୋଲିଯାଏ ଆଠଟାବେଳକୁ । ସେଠୁ ଫେରି ବାରିପଦା ବସ୍ ଧରିବାର ଅଛି ।"

ସମୟର ମୂଲ୍ୟବୋଧ ଥିବା କାର୍ଯ୍ୟବ୍ୟସ୍ତ ପିଲାଟିକୁ ଅଟକାଇବା ଏକ ପ୍ରକାର ଅପରାଧ ହେବ ଭାବି ତୁରନ୍ତ ତାଙ୍କ ସହିତ ଗଦ୍ୟମୟ ଦେଣା ପାଉଣା ଚୁକ୍ତି କରିଦେଇ ଚୈତନ (ମୋ' ଚାକର)କୁ ଡ଼ାକି ତାଙ୍କ ସଙ୍ଗରେ ଯିବାକୁ କହିଲି । ଚୈତନକୁ ଦେଖିଦେଲା ମାତ୍ରେ ସେ କହିଲେ, "ଓ ! ଏଇ ଚୈତନ ! ବାଃ ! ଆପଣଙ୍କ ପୁଅ ପରି ଦିଶୁଛି ।" ସେ ରିକ୍ସାରେ ବସିଲେ । ମୁଁ ପୁଅକୁ ତାଙ୍କ ସଂଗରେ ପଠାଇଥିଲି, ସେ ନା' କଲେ । ଏକା ରିକ୍ସାରେ ଚୈତନ ଯିବା ଉଚିତ୍ ହେବ ନାହିଁ ଭାବି ତାକୁ ସାଇକେଲରେ ଯିବାକୁ କହିଲେ । କାହିଁକି କୁଆଡ଼େ ଯାଉଛି ସେ କଥା ନ ବୁଝି ବୋକାଙ୍କ ପରି ଚୈତନ ଠିଆ ହେଲାରୁ ତାକୁ ଡ଼ାକି ତା' କାନ ପାଖରେ କହିଲି "ସେ ଯାହା ଦେବ ଆଣିବୁ ।" ଯୁବଜଗତର ଅପର ପୃଷ୍ଠାଗୁଡ଼ାକୁ ତା'ପରେ ଲେଉଟାଇବାକୁ ଆରମ୍ଭ କଲି ।

ରଙ୍ଗମଞ୍ଚ ଏପରିକି ସିନେମାର ହିରୋ ହେଲାଭଳି ଚେହେରାବନ୍ତ ଯୁବକଟିର ଆକସ୍ମିକ ଆବିର୍ଭାବ ଓ ଅକସ୍ମାତ ତିରୋଧାନ ଘରର ଅନ୍ୟାନ୍ୟ ସଭ୍ୟମାନଙ୍କ ମନରେ କୌତୁହଳ ଓ ଆଗ୍ରହ ସୃଷ୍ଟି କଲା । କାଲି ରାତି ନଅଟାରେ ତାଙ୍କ ସହିତ ଏକତ୍ର ଆସି ଘରେ ପହଞ୍ଚିବା ଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ତାଙ୍କ ବିଷୟରେ ବା ତାଙ୍କ ସହିତ ମୋର କଥାବାର୍ତ୍ତା ସମ୍ପର୍କରେ ମୁଁ ପୁରାପୁରି ନୀରବତା ପାଳନ କରିଥିବାରୁ ସେମାନଙ୍କ ମନ ଟାଉ ଟାଉ ହେଉଥିଲା । ମୁଁ ଇଚ୍ଛା କରି ସେମାନଙ୍କୁ କୌତୁହଳ କରି ଐନ୍ଦ୍ରଜାଲିକ ଘଟଣା ଦ୍ୱାରା ଉତ୍କଣ୍ଠା ଦୂର କରିବାର ଫିକ୍‌କରଟାଏ ପାଞ୍ଚୁଥିଲି ।

କିଏ ସେ ? କାହିଁକି ଆସିଥିଲେ ? ଏତେ ସକାଳୁ ? ଟଙ୍କା ପଇସା ଦେଲ ନା କ'ଣ ? ସେ କ'ଣ ତୁମ କଲେଜ ପିଲା ? ନା ଲେକ୍‌ଚରାର ? - ଏମିତି ନାନା ପ୍ରଶ୍ନ । ଏକାନିଃଶ୍ୱାସକେ ଗୋଟିଏ ମୁହଁରେ ଉତ୍ତର ଦେବା ଅସମ୍ଭବ ।

Digitized by srujanika@gmail.com

ସେମାନଙ୍କର ଅଧୀର ଆକୁଳତା ଓ ଜିଜ୍ଞାସୁ ଚାହାଣୀ ମୋତେ ଯେତେ ବିରକ୍ତ କରୁନଥାଏ ସେତିକି ଉତ୍ସାହ ଦେଉଥାଏ । ପୁରାପୁରି ଗପଟା କହି ଗୋଟାଏ ନାଟକୀୟ ପରିସମାପ୍ତି ଘଟାଇବା ପାଇଁ ସେମାନଙ୍କୁ ଯୁଗପତ୍ ଆନନ୍ଦ ଓ ଆଶ୍ଚର୍ଯ୍ୟ ଅଭିଭୂତ କରି ।

ତା' କପ୍‌ଟା ଶେଷକରି ଆରମ୍ଭ କରିଦେଲି ବିନା ଉପକ୍ରମରେ । କାଲି (ତା୨ ୨ରିଖ ଜୁନ୍) ଏକାଡ଼େମିକ୍ କାଉନ୍‌ସିଲ ମିଟିଂ ସାରି ଭୁବନେଶ୍ୱର-ବାଲେଶ୍ୱର ବାସ୍‌ରେ ଫେରୁଥାଏ, ଦିନଯାକ ପ୍ରବଳ ବର୍ଷା । ଏତେ ବର୍ଷା ଯେ, କାଉନସିଲ୍ ମିଟିଂ କୋରମ ଅଭାବରେ ବନ୍ଦ ହେଲା । ଯୁବକ ବନ୍ଧୁଟି ରେଭେନ୍ସା କଲେଜ ଛକରେ ଚଢ଼ିଲେ । ପ୍ରଥମେ ଉଠିଲେ ଫକୀର ମୋହନ କଲେଜର ରାଜନୀତି ବିଜ୍ଞାନର ଜନୈକ ଯୁବ-ଅଧ୍ୟାପକ (ଯେ କି ଭାରତୀୟ ପୋଲିସ୍ ସରଭିସ୍ ପାଇଁ ସଦ୍ୟ ମନୋନୀତ ହୋଇଥାନ୍ତି), "ନମସ୍କାର, ସାର୍ !" କହି ସେ ସିଧା ଚାଲିଗଲେ ଆଗ ସିଟ୍‌କୁ, ଠିକ୍ ତାଙ୍କ ପଛେ ପଛେ ଉଠିଲେ ଏଇ ଯୁବକ ଦୁଇଟି । ଈଷତ୍ ହସି (ଭଗବାନ ତାଙ୍କ ମୁହଁଟିକୁ ଇମିତି ଗଢ଼ିଛନ୍ତି ଯେ ତାହା ସବୁବେଳେ ହସିଲା ପ୍ରାୟ ଦିଶେ) ଆଇ.ପି.ଏସ୍. ବନ୍ଧୁଙ୍କ ପାଖରେ ବସିବାକୁ ଯାଉଛନ୍ତି ଭାବିଲି, ମାତ୍ର ମୋତେ ହଠାତ୍ ଅଟକିଯାଇ ଖୁବ୍ ବିନମ୍ର ଭଙ୍ଗୀ ଓ କଣ୍ଠରେ କହିଲେ "ଓ, ନମସ୍କାର ସାର୍ !"

ଚିହ୍ନା ଚିହ୍ନା ଲାଗିଲା । ବାଇଶ ବର୍ଷ ଧରି କେତେ ଛାତ୍ରଙ୍କୁ ଗ୍ରାଜୁଏଟ୍ ନ କରିଛି । ୟାଙ୍କୁ ବି ହୁଏତ କେଉଁଠି ପଢ଼ାଇଥିବି । ଅତି ପରିଚିତ ଭଳି ଜଣା ଯାଉଥିବା ଲୋକଙ୍କୁ ଯଥା ସମୟରେ ଯଥୋଚିତ ଶ୍ରଦ୍ଧା ବା ସମ୍ମାନ ଦେଇନପାରିଲେ ପଛକୁ ବହୁତ ଭାବିବାକୁ ପଡ଼େ । ପଶ୍ଚାତ୍ତାପ ଏଡ଼ିବାକୁ ଯାଇ ଟିକିଏ ଘୁଞ୍ଚି (ଯଦିଓ ତିନି ସିଟିଆ ଆସନରେ ମୋ ଛଡ଼ା ଅନ୍ୟ କେହି ଯାତ୍ରୀ ନଥିଲେ) ଗୁରୁ-ସୁଲଭ ଛାତ୍ର-ବାତ୍ସଲ୍ୟ ଦେଖାଇ କହିଲି "ଆସ ! ଏଇଠି ବସ । ଯଦି କେଉଁ ଗାଉଁଲି ମଫସଲି ଝାଳନାଳ ହୋଇ ଏଇଠି ବସିବାକୁ ଆସେ ତେବେ ତୁମେ ବାଫର ବା ମଧ୍ୟମ ହେବ ଏବଂ ଆଶ୍ରୟ ଓ ଅପ୍ରିୟ ବ୍ୟକ୍ତି ସହିତ ବସିବାକୁ ପଡ଼ିବ ନାହିଁ ।

ଯୁବକଟି ବୋଧହୁଏ ଦୋ-ଦୋ ପାଞ୍ଚ ହେଉଥିଲେ । କିନ୍ତୁ ମୁଁ ତାଙ୍କ ହାତକୁ ଧରି ଟାଣି ଓଟାରି ମୋ ପାଖରେ ବସାଇଲି । କହିଲି, "ଆସ, କଥାବାର୍ତ୍ତା ହୋଇଯିବା, ଶହେ ମାଇଲ ଉର୍ଦ୍ଧ୍ୱ ରାସ୍ତା । ଜଣା ପଡ଼ିବନି ବାଟ" । ମୁଁ ଧରିନେଲି ସେ ମୋ ସଂଗରେ ବାଲେଶ୍ୱର ଯିବେ ।

ବାସ୍ ଛାଡ଼ିଲା । ସେ ଆରମ୍ଭ କଲେ, "ସୁଧାର ବାହାଘର ହୋଇଗଲା, ସାର୍ ।"

ତାଙ୍କ ମୁହଁରୁ କଥାଟା ଛଡ଼ାଇନେଇ କହିଲି, "ସାତ ତାରିଖ ଡ଼ିସେମ୍ବର ।" ଏଇ ତାରିଖଟି ଜୀବନର ଗୋଟାଏ ସ୍ମରଣୀୟ ଦିବସ ମୋ ପାଖରେ । ପରକୀୟା କନ୍ୟାକୁ ଯଥାଯୋଗ୍ୟ ପାତ୍ର ପାଖରେ ସମର୍ପଣ କରିପାରିଲେ ପ୍ରତ୍ୟେକ ପିତା ଉତ୍‌ଫୁଲ୍ଲ ହୁଏ ।

Digitized by srujanika@gmail.com

ପଚାରିଲି "ସୁଧାକୁ ଚିହ୍ନିଲ କିପରି ? କ୍ଲାସ୍ ଫ୍ରେଣ୍ଡ୍ ?"

"ସାର୍ ! ସେ ରେଭେନ୍ସା ଲେଡ଼ିସ୍ ହଷ୍ଟେଲରେ ଥିଲାବେଳେ ଦିନେ ସେ ଆଉ ଆପଣ ରିକ୍ସାରେ ବସି ହଜାରିଗଳି ସମଧି ଘରକୁ ଯାଇଥିଲେ, ଦେଖିଛି । ଏଫ୍.ଏମ୍. କଲେଜରୁ ସେ ଅନର୍ସ ପାଇ ପାଶ୍ କରିଛି, ମୁଁ ଜାଣେ ।"

ମୁଁ ବଡ଼ ଖୁସି ହେଲି । ଯୁବ ବନ୍ଧୁଟି ମୋ ବଂଶ ପ୍ରାଣୀ ସହିତ ଏତେ ଘନିଷ୍ଠ ସଂପର୍କ ରଖି ଖବର ଅନ୍ତର ଜାଣିଛି । ଦଣ୍ଡେ ରହି ସେ କହିଲେ, "ତୁଷାର ମୋର ସାଙ୍ଗ । ସୃଜନୀ ଅଭିନୟ ଦିନରୁ ମୁଁ ତାକୁ ଜାଣେ । ଆଜି ସକାଳେ ତାଙ୍କ ଘରକୁ ଯାଇଥିଲି । ବିଭାଘର ନିମନ୍ତ୍ରଣ ଥିଲା । ଆଜି ବାଲେଶ୍ୱର ଆସିପାରିଲି ନାହିଁ, କାମ ପଡ଼ିଲା । ଶୁଣିଲି ବାହାଘରଟା ଖୁବ୍ ବଢ଼ିଆ ହେଲା । ଇଲିଶ୍ ପ୍ରିପେଆରେସନଟା ଖୁବ୍ ଭଲ ହୋଇଥିଲା କୁଆଡ଼େ । ଅବଶୋଷ ରହିଗଲା ସାର୍ ।"

ପ୍ରାରମ୍ଭିକ ଆଳାପ ମେଳାପ ପରେ ପିଲାଟିର ଚେହେରା, ବେଶବସନ ଲକ୍ଷ୍ୟ କରିବାର ବେଳ ମିଳିଲା । ଘୋର ନାଲି କନାରେ ମୋଟା କଳା ଗାରର ଚେକ୍ । ସାମାନ୍ୟ ଥୁକୁଲୁ ଥୁକୁଲୁ ଦେହକୁ ଚିପା ଆକାଶୀ ରଙ୍ଗର ପେଣ୍ଟଟା ବେଶ୍ ମାନୁଥାଏ । ଦେହଟା ନବଘନ କଳା ହେଲେ ବି ଚିକ୍କଣିଆ । ମୋଟା ଫ୍ରେମର ଚଷମା । ମୋଟା ଲେନ୍ସ ଭିତର ଆଖି ଦୁଇଟାକୁ ପ୍ରେମ ଆଭିଜାତ୍ୟ ଓ ନିରୀହତାର ଆଭା ସୁସ୍ପଷ୍ଟ ଫୁଟି ଦିଶୁଥାଏ । ଯେବେ ସୁଧା ତଳକୁ ମୋର ଆଉ ଗୋଟିଏ ଝିଅ ଥାଆନ୍ତା ତେବେ ଜାତି କୁଳ ନ ବିଚାରି ତାକୁଇ ସମର୍ପି ଦେବା କଥା ଭାବନ୍ତି ।

ପଚାରିଲି, "ତୁଷାର ବାବୁଙ୍କ ଆଖି କିମିତି ଅଛି ? କଲିକତାରୁ ଫେରିବା ପରେ, 'ଜୟ ବାଙ୍ଗଲା' ଏଟ୍ କଟା ଭାରି ଜୋର ହେଉଥିଲା ।" "ପୂରା ଭଲ । ଆଖିରେ ଲାଲି ଫାଲି କିଛିନାହିଁ ।"

ସ୍ନାତକୋତ୍ତର ଛାତ୍ରାବାସ ସାମନାରୁ (ଓ.ଏମ୍.ପି. ଛକ ଅଦୂରରେ) ବାସ୍ ଚାଲିବାକୁ ଆରମ୍ଭ କଲାରୁ ଆଶ୍ୱସ୍ତି ଅନୁଭବ କରି ପଚାରିଲି, "ଏବେ କେଉଁଠି ? କଣ କରୁଛ ? ପଢ଼ାପଢ଼ି ସରିବଣି ବୋଧହୁଏ ।" ମୋର ଧାରଣା ସେ ଏମ୍.ଏ. ବା ଲ ପଢୁଥିବେ ବା କେଉଁ କଲେଜରେ ଅଧ୍ୟାପକ ଭାବରେ ନୂଆ ଯୋଗ ଦେଇଥିବେ । ଜଣେ ଅଧ୍ୟାପକ ସଂଗରେ ଉଠିବାରୁ ଶେଷୋକ୍ତ ଧାରଣା ପାଇଁ ଅବକାଶ ଥିଲା ।

"ସାର୍ ! ଚାକିରୀ କରିଛି ।"

"କି ଚାକିରୀ ?" ବେକାର ଯୁଗରେ ଚାକିରୀ ପାଇଥିବା ପ୍ରତ୍ୟେକ ଲୋକ ଅଭିନନ୍ଦନୀୟ ।

ଯୁବ ବନ୍ଧୁ କହିଲେ, "ଏଜେଣ୍ଟ, ଡ଼ାନଲପ ଏଜେଣ୍ଟ ।"

"ବଡ଼ ଭାଗ୍ୟବାନ ତୁମେ" ଏବେ ବି.ଏସ୍.ସି., ବି.ଏ ପାସ୍ କରିଥିବା କେତେ

Digitized by srujanika@gmail.com

କେତେ ମେଡ଼ିକାଲ ଏଜେଣ୍ଟଙ୍କ ଚାଲି ଚଳନ ଚେହେରା ଦେଖି ମୋର ଧାରଣା ଯେ କୌଣସି ଏଜେଣ୍ଟ ଚାକିରୀ (ମଦ କମ୍ପାନୀ ବା ରଙ୍ଗ କମ୍ପାନୀ ହେଲେ ବି) ଲୋକାଚାରର ଚାକିରୀଠୁ ଭଲ । ମୋଟା ଦରମା ଉପରକୁ କୁଆଡ଼େ ଫାଷ୍ଟକ୍ଲାସ୍ ଟି.ଏ ଡ଼ି.ଏ. ଦିନକୁ କମରେ କୋଡ଼ିଏ । ଡ଼ାନ୍‌ଲପ ଏଜେଣ୍ଟଙ୍କ କଥା ତ ଛାଡ଼ ।"

"କେମିତି ସେ ଚାକିରୀ ମିଳିଲା ?"

"ମାମୁଁ କରାଇଦେଲେ ।"

"କିଏ ମାମୁଁ ?"

ସେ ଜଣେ ଗଭର୍ଣ୍ଣରଙ୍କ ନାଆଁ କହିଲେ ।

"ବାର ବାର ବୁଝିଲି । ଆଉ କିଛି କହିବାର ଦରକାର ନାହିଁ । ବି.ଏସ୍‌ସି., ଫିଜିକ୍‌ସ ଅନର୍ସ ପାସ୍ କରିବାକୁ ଯାଉଥିବା ତିନି ନମ୍ବର ପୁଅ ପାଇଁ ମନେ ମନେ ଚାକିରୀଟି ଯୋଗାଡ଼ କରିବାକୁ ଯାଇଥିଲି । କିନ୍ତୁ କେହି ଗଭର୍ଣ୍ଣର ତାର ମାମୁଁ ନ ଥିବାରୁ ଟିକିଏ ନିଷ୍ପ୍ରଭ ହେଲି ।"

ନିର୍ଗୁଣ୍ଡି ଷ୍ଟେସନ୍ । ଗୁଡ଼ାଏ ଲୁହାପଥର ବହୁଥିବା ନାଲି ଟ୍ରାକର ଆଡ୍ଡା । ଡ଼ାହାଣ ପାଖ ବିଲ ହୁଡ଼ାରେ ପୋତା ହୋଇଥିବା ଦୁଇଟା ବଡ଼ ବଡ଼ ବିଜ୍ଞାପନ ପଟା ଦେଖିଲି । ଗୋଟାକରେ CEAT ହୁଏତ INCHEK ବା SELVEL ଭଳି ଆଉକିଛି ଅବୋଧ) ଲେଖାଥିଲା । ଅନ୍ୟଟିରେ ନୂଆ ଡ଼ାନ୍‌ଲପ ଟାୟାରର ଆଠ କୋଟି କିଲୋମିଟର ଯାତ୍ରାକ୍ଷମ ଶକ୍ତିର ପ୍ରଜ୍ଞାପନୀ । ଏହି ବିଜ୍ଞାପନଟା ପଢ଼ି ଆଶ୍ଚର୍ଯ୍ୟ ହୋଇ ବନ୍ଧୁଙ୍କୁ କହିଲି "ତୁମ ଟାୟାରର ଏତେ ଡ଼ିଉରେବିଲିଟି (ଆୟୁଷ) ?

ତତକ୍ଷଣେ ସେ ଉତ୍ତର ଦେଲେ "ୟାଠୁ ବେଶୀ ଶକ୍ତିଶାଳୀ ଜିନିଷ ବାହାରିଲାଣି । ବଜାରକୁ ଆସି ନାହିଁ । ସେ ଆଠ କୋଟି କିଲୋ ମିଟରକୁ ମାଇଲରେ ପରିଣତ କଲେ । ମୋର ଯେତିକି ଅଙ୍କ ଜ୍ଞାନ ସେଥିରୁ ଜାଣିଲି ଯେ ତାଙ୍କ ହିସାବ ଭୁଲ୍ ହେଲା । ପଚାରିଲେ, "ସାର୍, କୁହନ୍ତୁ ଦେଖି ସେଇ ବିଜ୍ଞାପନ ଦୁଇଟା ଯେଉଁ ଜାଗା ଟିକକ ଉପରେ ଅଛି ସେଥିପାଇଁ ଜମିର ମାଲିକ କେତେ ପାଇଥିବ ?"

ମୁଁ ଭାବିଲି ମାଲିକ ଖାଲି ଦେଇଥିବ । କିନ୍ତୁ ଖୁବ୍ ବଢ଼ାଇ କହିଲି "ହୁଏତ କୋଡ଼ିଏ ଟଙ୍କା ।"

ରୋକ୍‌ଠୋକ୍ ଏଜେଣ୍ଟ କହିଲେ, "ଆମେ ତାକୁ ବର୍ଷକୁ ଦୁଇ ହଜାର ଦେଉ ।"

ଅର୍ଥଲୋଭ ସମ୍ଭାଳି ନପାରି ମୁଁ କହିଲି, "ଆଚ୍ଛା ! ତୁମେ ମୋ ସଂଗରେ ଆମ ଗାଁକୁ ଆସ । ଆମ ବିଲଗୁଡ଼ାକରେ ଏମିତି ହଜାର ହଜାର ଖୁଣ୍ଟ ପୋତି କମ୍ପାନୀର ବିଜ୍ଞାପନ ଯେତେ ଇଚ୍ଛା ସେତେ ମାର । ଅନୁମତି ଦେଲି, ମାସକୁ ତିନି ଶହ ନହେଲେ ଦୁଇଶହ ଦିଅ । ଅଧକ୍ଷ ଚାକିରୀ ଛାଡ଼ି ଗାଁରେ ଆରାମରେ ଦିନକରେ ବସିଯିବି । ନହେଲେ

Digitized by srujanika@gmail.com

ମୋ ଦିହଯାକ ବିଜ୍ଞାପନ ମାରିଦିଅ ମୁଁ ସହର ବଜାରରେ ବୁଲିବି ମାସକୁ ପାଞ୍ଚଶହ, କେଭେଣ୍ଡର୍ସ କମ୍ପାନୀ ଲୋକେ ତ ସେ କଥା କରୁଛନ୍ତି ।" ମନେ ମନେ ହାସ୍ୟରସର ଅବତାରଣା କରୁଥିଲି, କଥାଟା ଟିକିଏ ଲଘୁ ହେଲା ଜାଣିପାରି ଯୁବବନ୍ଧୁ ମୋତେ ପ୍ରକୃତିସ୍ଥ କରିବା ପାଇଁ ପଚାରିଲେ, "ଆପଣଙ୍କ ସେଇ ସାନ ପୁଅ କେତେ ବଡ଼ ହେଲାଣି, କେଉଁ କ୍ଲାସ୍‌ରେ ପଢୁଛି ?"

ଜୀବନର ନିଦାରୁଣ ଟ୍ରେଜେଡ଼ି ଓ ଭାଗ୍ୟର ବିଡ଼ମ୍ବନା ଓ ଅଟ୍ଟହାସ୍ୟ ମନେପଡ଼ିଲାରୁ ଆନନ୍ଦର ବେରୋମିଟର ଫ୍ରିଜିଂ ପଏଣ୍ଟକୁ ଆସିଗଲା । କରୁଣ କଣ୍ଠରେ କହିଲି, "ସେ ଚାରିବର୍ଷ ହେଲା ପାଣିରେ ବୁଡ଼ି ମରିଗଲାଣି ?"

"ଚ ଚ ! ଆପଣ କେତେ ମାଡ଼ ସହିପାରନ୍ତି ସାର୍ !" ପୁଣି କଥା ବୁଲାଇବାକୁ ଯାଇ ସେ କହିଲେ, ଆପଣଙ୍କ ବଡ଼ ପୁଅ ? ଡାକ୍ତର ପଢୁଥିବା ପୁଅ ?"

ମୋ ପତ୍ନୀ ବିୟୋଗ କଥା ସେ ଜାଣନ୍ତି ତା'ହେଲେ । ବଡ଼ ଦରଦୀ ପିଲାଟି । ଦୁଇପୁଅଙ୍କ ଭାଇଜାଗ ଓ ରାଉରକେଲା ପୋଷ୍ଟିଂ ଓ ରହଣି କଥା ଚୁମ୍ବକରେ କହିଗଲି ।

"ରୋଷେଇବାସ ପାଇଁ ଘରେ କ'ଣ ଚାକର ରଖିଛନ୍ତି ?" ହଁ, ଚାକରଟାଏ ଅଛି । ମୋ ଭାଗ୍ୟ ଭଲ, ଭାରୀ ବିଶ୍ୱାସୀ, ସରଳ ବିଶ୍ୱାସୀ ଜୀବଟି । ସାନଭାଇ ଟିରିଂରେ ବି.ଡ଼ି.ଓ. ଅଛି । ମୟୁରଭଞ୍ଜର ଡ଼ାଳିମା ଅଞ୍ଚଳରେ ପିଲାଟି । ଭାଇ ମୋ ପାଇଁ ତାକୁ ଯୋଗାଡ଼ କରିଦେଇଥିଲା । ତୁମେ ମୋ ସ୍ତ୍ରୀଙ୍କ କଥା କେମିତି ଜାଣିଲ ?"

"ତୁଷାର, ସୁଧା ମୋତେ ସବୁକଥା କହନ୍ତି । ତା'ଛଡ଼ା ଆପଣଙ୍କ କଥା କେତେଥର, କେତେ ଜାଗରେ ନପଡ଼େ ।"

ବାସ୍ ଛତିଆ ପହଞ୍ଚିଲା ବେଳକୁ ଝିପିରି ଝିପିରି ବର୍ଷା ଛାଡ଼ି ଯାଇଥାଏ । ଏଇ ଛତିଆର ଯାତ୍ରୀମାନେ ଓହ୍ଲାଇ ଛେନା ପୋଡ଼ପିଠା ଖାନ୍ତି । ଶସ୍ତା ବୋଲି କିଲେ କିଲେ ପିଲାମାନଙ୍କ ପାଇଁ ପଦ୍ମପତରରେ ବାନ୍ଧି ଘରକୁ ନିଅନ୍ତି । ଜିନିଷ ଯା'ହେଉ ପଛେ ।

ଅନ୍ୟମାନଙ୍କ ପରି ଓହ୍ଲାଇ ମୁଁ ଆଠଅଣିଆ ଖଣ୍ଡିଏ ସେଥିରୁ ଅର୍ଡ଼ର ଦେଲି । ଖାଇବାକୁ ଯାଇଛି, ଦେଖିଲି ଅଦୂରରେ ଯୁବବନ୍ଧୁଟି (ନାମ ପଚାରିବାକୁ ଆଉ ଏତେବେଳେ ସାହସ କଲି ନାହିଁ) ଘୂରା ଫେରା କରୁଥାନ୍ତି । "ଆସ ଆସ" ବୋଲି ଯିମିତି ଡ଼ାକିଛି ସେ ଆସିଲେ । ତାଙ୍କପାଇଁ ଆଉଖଣ୍ଡିଏ ଅର୍ଡ଼ର ଦେଲି । କିମିତି କିମିତି ଅନାଗ୍ରହ ଅନାସକ୍ତ ଭାବ ଦେଖାଇ ସେ ମୁହଁକୁ ନେଲେ ଏବଂ ଶୀଘ୍ରକାମ ସାରି ଯୋଡ଼ାଏ ସ୍ପେଶିଏଲ ଚା' ବରାଦ ଦେଲେ । ଚା' ଖାଇସାରି ମୁଁ ପଇସା ଦେବାକୁ ଯାଇଛି ସେ ପକେଟ୍‌ରୁ ବେଗ ବା ଆଉ କ'ଣ ବାହାର କରିବାର ଅଭିନୟ କଲେ । ତାଙ୍କୁ ବୁଦ୍ଧି ବା ଅକଲ ଶିଖାଇବା ପାଇଁ ମାଷ୍ଟରିଆ ଗଳାରେ (ଯେ ମାଷ୍ଟର ସେ ମାଷ୍ଟର । କେତେବର୍ଷ ମାଷ୍ଟରି କଲେ କୁଆଡ଼େ କେଉଁ ଦେଶର ସାକ୍ଷୀ ଆକାରରେ ସେମାନଙ୍କୁ ଗ୍ରହଣ କରାଯାଏ ନାହିଁ)

Digitized by srujanika@gmail.com

କହିଲି, "ଏ! ଏ କ'ଣ କରୁଛ ? ମୁଁ ଅର୍ଡ଼ର ଦେବି ତୁମେ ପେମେଣ୍ଟ କରିବ ? ଏଇ ତୁମର ଏଟିକେ, କର୍ଟସି ଜ୍ଞାନ ?"

ଭୁଲ ହୋଇଯାଇଛି, ମାଫ୍ କରିବେ କହି କ୍ଷମା ପ୍ରାର୍ଥନା କଲେ ସେ ସେଇକ୍ଷଣି ।

ବାସ୍‌କୁ ଚଢ଼ିବାକୁ ଯାଇଛି ଜଣେ ସଂପୂର୍ଣ୍ଣ ଅପରିଚିତ ପ୍ରୌଢ଼ଙ୍କୁ ମୋ ଆଗରେ ହାଜର କରାଇ ବନ୍ଧୁ କହିଲେ, "ସାରେ, ୟାଙ୍କୁ ଚିହ୍ନୁଛନ୍ତି କି ? ଆପଣଙ୍କ ଘର ପାଖ ଲୋକ, ବର୍ତ୍ତମାନ ବେତନଟିରେ ।"

ଏଇ ଚିହ୍ନା ଚିହ୍ନା ସମସ୍ୟା ମୋ ପକ୍ଷରେ କ୍ରମେ ଜଟିଳରୁ ଜଟିଳତର ହେବା କଥା । କିନ୍ତୁ ଘରପାଖ ଲୋକକୁ ଅଚିହ୍ନା ଅପରିଚିତ କହି ନିଜର ସ୍ମରଣ ଶକ୍ତିର ଅଭାବ ଜଣାଇବାକୁ ପସନ୍ଦ ନକରି କହିଲି, "ହଁ, ହଁ ଦେଖିଲା ପରି ମନେହେଉଛି, ଦୋ ଦୋ ଚିହ୍ନା କରୁଛି । ମୟୁରଭଞ୍ଜ ଛାଡ଼ିବାର ବାଇଶ ବର୍ଷ ହେଲା । କିଏ କୁଆଡ଼େ ଗଲେଣି । କ'ଣ କରୁଛନ୍ତି ?"

"ପୋଲିସ୍ ଇନ୍ସପେକ୍ଟର ଅଛି ବେତନଟିରେ । ମୁଁ ତ ଆପଣଙ୍କ ସୋରରେ ଥିଲି । ସେଇଠୁ ପ୍ରମୋଶନରେ ଆସିଛି । କଲେଜରେ ଆହୁରି କଣ ଗଣ୍ଡଗୋଳ ଚାଲିଛି ? ମୁଁ ଆସିଲି ଆପଣ ଗଲେ ?" ମଟର ହର୍ଣ୍ଣ ପେଁ ପେଁ କଲାରୁ ସେ କହିଲେ, ଆସନ୍ତୁ କଥାବାର୍ତ୍ତା ହୋଇଯିବ । ବସ୍ ଛାଡୁଛି ।" ସେ ମୋ ଠାରୁ ଏତେ ଦୂରରେ ବସିଲେ ଯେ, ବାସ୍‌ରେ ତାଙ୍କ ସହିତ ଆଉ ଅଧିକ କଥାବାର୍ତ୍ତା କରିପାରିଲି ନାହିଁ । ଭଦ୍ରକ ପହଞ୍ଚିବାକୁ ଥୋକେ ବାଟ ଅଛି, ବନ୍ଧୁ ଢୁଳାଇବାକୁ ଆରମ୍ଭ କଲେ ଏବଂ ତନ୍ଦ୍ରିତ ଅବସ୍ଥାରେ ଥାଇ ପଚାରିଲେ "ସାର୍! ଆପଣଙ୍କର ଟାୟାର ଦରକାର ? ମୋଟର ଟାୟାର, ସାଇକେଲ ଟାୟାର ?" ମୋଟର ଆମର ଆସିବ କୁଆଡୁ ? ଏବେ ଦୁଇ ପୁଅ ଦୁଇଟି ସ୍କୁଟର ଧାର ଉଧାର କରି କିଣିଛନ୍ତି ! ମୋର ଦୁଇଟା ସାଇକେଲ ଅଛି । ସେଦିନ ଅଧିକା ଦାମ ଦେଇ ଦି'ଟା ଟାୟାର କିଣି ଲଗାଇଛି ।"

"କେତେ ବେଳେ କେଉଁ କଥା । ଘରେ ଗୋଟିଏ ଦୁଇଟା ସ୍ପେୟାର ଥିବା ଭଲ । ଦି'ଟା ରଖିଥାନ୍ତୁ ।"

ଦଣ୍ଡେ ଢୁଳାଇ ଫେର ପଚାରିଲେ, "ସାର୍, ଡ଼ାନ୍‌ଲପ ପିଲୋ, ନେବେ । ଶାନ୍ତିଲାଲ ଜଟାଣିଆ ଆମର ଏଜେଣ୍ଟ ।"

ମୁଁ 'ନା' କହିଲି । ପ୍ରକୃତରେ ମୋର ଦରକାର ନଥିଲା । ଟାଣୁଆ ତକିଆରେ ବରାବର ମୁଣ୍ଡ ଦେବାରେ ମୁଣ୍ଡ ବୁଲାଇଲା, ମୁଣ୍ଡ ବେମାର ଧରି ସବୁବେଳେ ମୁଣ୍ଡ ବୁଲାଇଲା ପରି ଲାଗିଲାରୁ ଦ୍ୱିତୀୟ ପୁତ୍ର ଗୋଟାଏ ଇଉଫୋମ୍ ତକିଆ ଏବେ ଦେଇଥାଏ ।

"ଗୋଟିଏ ମଶାରି ନିଅନ୍ତୁ । ପ୍ଲାଷ୍ଟିକ୍‌ର ।"

Digitized by srujanika@gmail.com

ଲୋଭ ବସିଲା, ସମୁଦି ଘରେ ସେମିତି ମଶାରି ତଳେ ଶୋଇଥିଲି, ପସନ୍ଦ କରିଥିଲି ମଧ୍ୟ । ସୂତା ମଶାରି ଭିତରେ ସିନା ବାଲେଶ୍ୱରୀ ମଶା ପଶିଯାଇଥିଲେ । ପ୍ଲାଷ୍ଟିକ୍ ମଶାରି ଭିତରକୁ ମଶା କ'ଣ ମୂଷା ବି ପଶିପାରିବେ ନାହିଁ । ଇଉସନଫିଲ ବଢ଼ିବ ନାହିଁ । ଆରାମରେ ନିଦ ହେବ । ହାଇପାରଟେନେସନ୍ କମିଯିବ । କହିଲି, "ଦେବ ତ ଗୋଟିଏ ଗୋଟିଏ ଦିଅ, ସିଙ୍ଗଲ୍, ଜଣକିଆ । ବେଶୀ ଦାମ୍ ଦେଇପାରିବି ନାହିଁ, କିନ୍ତୁ ।" ମୋ କଥା ସରିଛି କି ନାହିଁ ସେ ନ ଶୁଣିଲା ପରି ଶୋଇଗଲେ ।

ଭଦ୍ରକରୁ ବାସ୍ ଛାଡ଼ିଲା । ଅଧିକାଂଶ ଯାତ୍ରୀ ଓହ୍ଲାଇଯିବାରୁ ବାସ୍‌ଟା ଖାଁ ଖାଁ ହାଲୁକା ଲାଗିଲା । ଆଗରେ ମହିଳାଙ୍କ ଆସନ ପୁରାପୁରି ଖାଲି ହେବାରୁ ବନ୍ଧୁ ଦଖଲ କରି ଲମ୍ବ ତମ୍ବ ହୋଇ ମାଂସଳ ବାହୁକୁ ତକିଆ କରି ଶୋଇଗଲେ । ଘୁଙ୍ଗୁଡ଼ି ମାଇଲେ ମଧ୍ୟ । କାର୍ଯ୍ୟ ବ୍ୟସ୍ତ ପିଲାଟି କେଡ଼େ ହାର୍ଡ୍ ୱାର୍କ, ପରିଶ୍ରମୀ ଥକିଯାଇଛି । ଭାବିଲି, ଦୟାହେଲା ।

ବାଲେଶ୍ୱର ଷ୍ଟେସନ୍ ଛକ, ଧଡ଼୍ ପଡ଼ ହୋଇ ଉଠି ବସି ବନ୍ଧୁଟି ମୋ ଆଗରେ ବାସ୍‌ରୁ ଓହ୍ଲାଇ ରିକ୍ସାଟିଏ ଡ଼ାକିଲେ, ବସି ପଡ଼ି ଡ଼ାକିଲେ, "ସାର୍, ଆସନ୍ତୁ । ଆପଣଙ୍କୁ ଘରେ ଛାଡ଼ିଦେଇ ଯିବି । ଆପଣ ସେହି ଘରେ ଅଛନ୍ତି ତ ?"

"ତୁମେ ମୋତିଗଞ୍ଜ ଆଡ଼େ ଯିବ ?"

"ବାରବାଟୀ ଯିବ । ବାଳିକା ସ୍କୁଲ ସାମନାରେ ମୋ ନାନୀ ଘର ।" ଜିଲ୍ଲାସ୍କୁଲ ସାମନାରେ ଓହ୍ଲାଇ ପଡ଼ି ଚାଲି କରି ଘରକୁ ଯିବି ଭାବି ଯେମିତି ବେଗ୍‌ଟା ଧରିଛି ସେ କହିଲେ, "ଚାଲନ୍ତୁ, ଘର ପର୍ଯ୍ୟନ୍ତ । ଆପଣଙ୍କ ଘର ଦେଇ ବୁଲି କାଳି ମନ୍ଦିର ରାସ୍ତାରେ ବାହାରି ଯିବି ।"

ଷ୍ଟେଡ଼ିୟମ୍ ଆଗ ଘର ପହଞ୍ଚୁ ପହଞ୍ଚୁ ପଚାରିଲି, "ତୁମର ତ ଲୁଗାପଟା କିଛିନାହିଁ । ଗାଧୁଆ ପାଧୁଆ କରିବ କିମିତି ?"

ସେ ଉତ୍ତର ଦେଲେ "ଭଉଣୀ ଘରେ ମୋର ଗୋଟିଏ ସେଟ୍ ପୋଷାକ ବରାବର ଥାଏ । ସେଇଠି ଚେଞ୍ଜ କରେ । ମୟୁରଭଞ୍ଜ ବାରିପଦା ମୋରି ଏରିଆ ଭିତରେ ତ ।"

ରିକ୍ସା ଠିଆ ହେଲା । ଓହ୍ଲାଇଲି ।

"ଏଇ ଆପଣଙ୍କର ଘର ? ଏଇଠି ତ ଆପଣ ବୋଧହୁଏ ଅନେକ ଦିନ ରହିଗଲେଣି । ଆମେ ପଢ଼ିଲା ବେଳେ ବି ତ ଆପଣ ଏଇଠି ଥିଲେ । ନମସ୍କାର ସାର୍ ! କାଲି ସକାଳେ ସାଢ଼େ ସାତୁଟାରେ ଆସିବି । ଆପଣ ଉଠିଥିବେ ତ ?"

"ଅନ୍ତତଃ ତୁମପାଇଁ କାଲି ଦିନକ ସାଢ଼େ ସାତୁଟାରେ ଉଠିବି । ଗୁଡ୍ ନାଇଟ୍", କହି ଘରକୁ ପଶିଲି ।

ଭ୍ରମଣ କାହାଣୀ କହୁଥିବା ବେଳେ ମୁଁ ଥରକୁ ଥର ଝରକା ଦେଇ କଣେଇ କଣେଇ

Digitized by srujanika@gmail.com

ଚାହୁଁଥାଏ, କେତେବେଳେ ଚୈତନ ଫେରିବ ଏବଂ ଶ୍ରୋତାମାନଙ୍କୁ ଚମତ୍କୃତ କରିଦେବି ଚିତ୍କାର କରି "ଦେଖ! ଦେଖ! ଚୈତନ କ'ଣ ଆଣିଛି ।"

କିନ୍ତୁ ଏ କି! ଚୈତନ ବିମର୍ଷ ବଦନରେ ଖାଲି ସାଇକେଲ ନେଇ ଫେରିଆସିଲା ତ । ହେଣ୍ଡଲରେ ରୋଡ଼୍‌ଷ୍ଟାର ଡ଼ାନ୍‌ଲପ ଟାୟାର ଝୁଲୁନାହିଁ ବା କେରିୟରରେ ନୀଳ ରଙ୍ଗର ପ୍ଲାଷ୍ଟିକ୍ ମଶାରି ବନ୍ଧା ନାହିଁ ।

ଘର ଭିତରୁ ବଡ଼ପାଟିରେ ପଚାରିଲି "କିରେ! କେତେ ଦେବ କହିଲା ?"

ଅପରାଧୀ ଭଳି ସେ ଉତ୍ତର ଦେଲା "ମୋଟର ମାର୍ଟ ଆଗରେ ମୋତେ ବସିବାକୁ କହି କୁଆଡ଼େ ଗଲେ ଯେ, ଫେରିଲେ ନାହିଁ । ବାପା! (ଚୈତନ ମୋତେ ବାପା ବୋଲି ଡ଼ାକେ) ଏତେ ସମୟ ଅପେକ୍ଷା କଲି । ତାଙ୍କର ଦେଖା ନାହିଁ ।"

ଖୁବ୍ ଚିଡ଼ିଯାଇ କହିଲେ, "ବୋକା! ତୁ ଆଉ ଦଣ୍ଡେ ଅପେକ୍ଷା କରିପାରିଲୁ ନାହିଁ । ହୁଏତ ସେ ମାଲ ଖଲାସ କରିବାକୁ ଯାଇଥିବ ବା କୋ ଅପରେଟିଭ ଷ୍ଟୋର୍ସ ଖୋଲିନଥିବ । ତୁ'ଟା ତ ଗୋଟିଏ ପେଟ କାଙ୍ଗଳିଆ, ଭୋକରେ ମରିଯାଉଛୁ ।" ଭର୍ତ୍ସନା କରିସାରି ପୁଣି ପଚାରିଲି, "ସେ କୁଆଡ଼େ ଗଲେ ନଜର ରଖିଛୁ ?"

ବସ୍‌ଷ୍ଟାଣ୍ଡ ଆଡ଼କୁ।"

ବି.ଏସ୍.ସି. ଫିଜିକ୍‌ସ ଅନର୍ସ ପାଉଥିବା ପୁଅ ଯାହା ପାଇଁ ଏଜେଣ୍ଟ ଚାକିରୀ ଖୋଜାଖୋଜି କରୁଥିଲି ଚିତ୍କାର କଲା "ମୁଁ ବାଜିମାରୁଛି ବାପା! ତୁମେ ଠକିଗଲ । ଡ଼ାହା ଠକିଗଲ । ଅଲବତ ଠକି ଗଲ ।"

ଏଜେଣ୍ଟ ଉପରେ ମୋର ଏତେ ଆସ୍ଥା ଓ ପ୍ରତ୍ୟୟ ଯେ ମୁଁ ତା' ଉପରେ ଚିଡ଼ିଯାଇ କହିଲି, "ତୁମ ପରି ପୁଅ ତା ବାପାକୁ ଠକି ଦେଇପାରେ ସିନା କିନ୍ତୁ ଏତେ ଉଚ୍ଚ ସମ୍ପର୍କିତ - ଜାଣୁ ତ, ମାମୁଁ ଜଣେ ଗଭର୍ଣ୍ଣର-ଶିଷ୍ଟାଚାରୀ ପିଲାଟା ଜୀବନରେ କେବେ କାହାରିକୁ ଠକିବ ନାହିଁ । ମୁଁ ସାଇକୋଲଜି, ଫିଜିଓନେମି ଉଭୟ ଜାଣେ । ଲୋକର ମୁହଁ ଦେଖି ଚରିତ୍ର କହିଦେବି ।" କିନ୍ତୁ ଯୁବକୁ ଯୁବ ବୋଧହୁଏ ବେଶୀ ବୁଝେ, ଚିହ୍ନେ । ସେ ପଚାରିଲେ, "କେତେ ଟଙ୍କା ଦେଇଥିଲ ?"

"ଦୁଇଟା ଟାୟାର ପାଇଁ ସାତ ସାତ ଟଙ୍କା ଲେଖାଏଁ ଚଉଦ, ଆଉ ମଶାରି ପାଇଁ ପନ୍ଦର, ତାଙ୍କୁ ତିନିଟା ଦଶ ଟଙ୍କିଆ ନୋଟ୍ ଦେଇଛି । ଚୈତନ ହାତରେ ସେ ଟଙ୍କାଏ ଫେରାଇ ଦେବା କଥା ।"

ପୁଅ ବ୍ୟଙ୍ଗ ମିଶା କଣ୍ଠରେ ଯୋଡ଼ିଲା "ଚା ଜଳଖିଆ ବାବଦ ବାରଅଣା" ସର୍ବମୋଟ ବାର ଅଣା ।" ତା'ପରେ ଖୁବ୍ ବିରକ୍ତ ହୋଇ କହିଲି, "ତୁମ ଭଳି ପୁଅ ଥିଲେ ତିରିଶ କ'ଣ ତିନିଶ, ତିନିହଜାର ବି ବୁଡ଼ିଯିବ । ତୁ ଯା' ଥରେ ଦେଖିଆ ଭଦ୍ରଲୋକ କୁଆଡ଼େ ଗଲେ । ଆଇ.ପି.ଏସ୍. ପାଇଥିବା ଅଧ୍ୟାପକଙ୍କୁ ମଧ୍ୟ ତାଙ୍କ ନାଆଁ ଗାଁ ପଚାରିବୁ । "ଆଉ ଥିବେ ।" ମନ୍ତବ୍ୟ ଦେଇ ସାଇକେଲ ନେଇ ବାହାରିଗଲା ।

Digitized by srujanika@gmail.com

ମୋ ମନରେ ପାପ ସନ୍ଦେହ ଆଦୌ ଛୁଇଁ ନଥାଏ । ସବୁକଥା ଓ ଘଟଣା ସାଙ୍ଗକୁ ପିଲାଟିର ଚେହେରା ଓ ଆଚରଣ ଯୋଡ଼ାଯୋଡ଼ି କରି ଯେତେବେଳେ ଯୁବବନ୍ଧୁଙ୍କ ଚରିତ୍ର ବିଶ୍ଳେଷଣ, ଅନୁଶୀଳନ, ଅନୁଧ୍ୟାନ କଲି କାହିଁ ତାଙ୍କ ଠକେଇ ମନୋବୃତ୍ତିର ସାମାନ୍ୟତମ ସୂଚନା ପାଇଲି ନାହିଁ । ଜାମା ପେଣ୍ଟ ପିନ୍ଧିବାକୁ ଆରମ୍ଭ କରିଦେଲି । ଫେରିବାକୁ ଡ଼େରି ହୋଇପାରେ ଭାବି କଫି କପେ ପିଇଦେଲ ।

ସାଇକେଲ୍ ବାହାର କରୁଛି ପୁଅ ଫେରିଲା । କହିଲା ଲୋକବାକ କେହି କେଉଁଠି ନାହାନ୍ତି, ଯାହାକୁ ପଚାରିଲି କେହି ସେମିତି ଲୋକକୁ ଦେଖିଥିବାର ଖବର କହିପାରିଲେ ନାହିଁ । ଇଉନିୟନ କେଣ୍ଟିନରେ ଆଇ.ପି.ଏସ୍. ସାର୍‌ଙ୍କୁ ପଚାରିବାକୁ ସେ କହିଲେ, "ଏମିତି ଗୋଟାଏ ସମ୍ବାଦ ମୁଁ ପାଇବି ବୋଲି ଭାବିଥିଲି । ସାର୍ ଯିମିତି ଭାବିଲେ ସେ ଲୋକକୁ ମୁଁ ଚିହ୍ନେ, ମୁଁ ସେମିତି ଭାବିଥିଲି ସାର୍ ତାକୁ ଚିହ୍ନନ୍ତି । ତାଙ୍କ ଜଣାଶୁଣା ଆତ୍ମୀୟ ।" ପୁଅ ମନରେ ଗର୍ବ ଅନୁଭବ କରୁଥାଏ । ଏସବୁ କଥା କହିଲାବେଳେ କାରଣ ତା'ର ଅନୁମାନ ଯେ ଠିକ୍ ତାହା ପ୍ରମାଣିତ ହୋଇଗଲା । ତା' ସାଙ୍ଗକୁ ଯୁବ ପ୍ରମାଣ କରିଦେଲା ଯେ ବୃଦ୍ଧଗୁଡ଼ାକ ଏତେ ସରଳ ଯେ, ତାଙ୍କୁ ବୋକା ମଧ କୁହାଯାଇପାରେ ।

ଗତ ବାରଘଣ୍ଟା ଧରି ମୁଁ ପ୍ରାୟ ଟାୟାର ଓ ପ୍ଲାଷ୍ଟିକ୍ ମଶାରିର ଦୁନିଆରେ ଥିଲି । ଅକସ୍ମାତ୍ ନୂଆ ଟାୟାର ଫାଟିଲେ ବା ଘୋର ନିଦ ମାଡ଼ିଆସିଲା ବେଳେ ଦୈବାତ୍ ଗୁଡ଼ାଏ ସାତକାମୁଡ଼ା ମଶା ମଶାରି ଭିତରେ ପଶିଗଲେ ଯେମିତି ହଠାତ୍ ବାସ୍ତବତା ବିଶ୍ୱାସ କରିହୁଏ ନାହିଁ ମୋ  ଦଶା ସେମିତି ହେଲା ।

ଟଙ୍କା ତିରିଶ ବତିଶଟା ହରାଇବା ବଡ଼ କଥା ନୁହେଁ । ମଣିଷ ଚରିତ୍ର ବିଶେଷକରି ଯୁବ-ଚରିତ୍ର ପଢ଼ିପାରିଲି ନାହିଁ । ବାଇଶ ବର୍ଷ ଧରି ହଜାର ହଜାର ଯୁବକଙ୍କ ସଂସ୍ପର୍ଶରେ ଆସି ତାଙ୍କୁ ପାଠ ପଢ଼ାଇ ମଣିଷ (ଅମଣିଷ!) କରି ମଧ । ଆତ୍ମଗ୍ଲାନି ଆତ୍ମଧିକ୍କାର ଆସିଲା । ଶାସ୍ତ୍ରରେ ମନା ଅଛି ବଞ୍ଚନା ଆଉ ଅପମାନ, ଅର୍ଥାତ୍ କାହା ପାଖରୁ ଠକିଗଲ ବା କାହା ପାଖରୁ ଅପମାନ ପାଇଲ ସେକଥା ମତିତିମାନ ଲୋକ ଅନ୍ୟମାନଙ୍କ ଠାରେ ପ୍ରକାଶ କରିବା ଅନୁଚିତ୍ । ତଥାପି ବାହାରିପଡ଼ିଲି ଏଜେଣ୍ଟ ଅନୁସନ୍ଧାନରେ । କିଛି ଲାଭ ନହେଲେ ଡ଼ିଟେକ୍ଟିଭର ଆନନ୍ଦ ପାଇବା ପାଇଁ ।

ଜୀବନରେ ଖୁବ୍ ବେଶୀ ଥର ଠକିଛି ବୋଲି କହିବି ନାହିଁ । ଖୁବ୍ ବେଶୀ ଗୁଡ଼ିଏ ଜିନିଷ ବା ସମ୍ପତ୍ତି ହଜାଇଛି ତା' ବି ନୁହେଁ । ସ୍କୁଲରେ ପଢୁଥିବା ବେଳେ ସାନ ଭଉଣୀକୁ ନେଇ ବାରିପଦାରେ ରଥଯାତ୍ରା ଦେଖୁଥିବା ବେଳେ ଦୁଇଟଙ୍କା ଛଅ ଅଣା (ସେତେବେଳେ ସେଇ ପଇସାରେ ଦୁଇ ମହଣ ଚାଉଳ ମିଳିଥାନ୍ତା) ରୁମାଲ ସହିତ ପକେଟ୍‌ମାର ହୋଇଗଲା । ଘରର ତାବତୀୟ ବାସନକୁସନ ଦୁଇଥର, ଯୋଡ଼ାଏ ସାଇକେଲ୍, ବହି ଭିତରେ ଥିବା ଖଣ୍ଡିଏ ଦଶ ଟଙ୍କିଆ ନୋଟ୍, ଆଉ ରାତି ପାସେଞ୍ଜରରେ

Digitized by srujanika@gmail.com

ଯୋଟା ହଲକ ଓ ତା ଭିତରେ ରଖିଥିବା ଚଷମାଟି ହରାଇଛି, ଛତା ଯେତୁଟା ହଜାଇଛି ସେତୁଟା ଅକସ୍ମାତ୍ ପାଇ ନିଜସ୍ୱ କରିନେଇଛି । ପଞ୍ଚାବନ ଛପନ ବର୍ଷର ଲୋକ ପକ୍ଷରେ ଏ ହଜା-ତାଲିକା ଖୁବ୍ ଲମ୍ବା ବା ମୂଲ୍ୟବାନ୍ କୁହାଯିବ ନାହିଁ ।

ଅଭିଜ୍ଞତାରୁ ଜାଣିଛି ଜିନିଷଟା ହଜିଯିବାରେ ଯେତେ ଦୁଃଖନାହିଁ ତାଠୁ ବେଶୀ ଯନ୍ତ୍ରଣା ଠକିଯିବାରେ । ବିଶେଷତଃ ଆପଣଙ୍କ ସରଳ ବିଶ୍ୱାସର ସୁଯୋଗ ନେଇ ଅଚାନକ ହତ୍ୟା କରିବାରେ । ସ୍ୱଭାବ ପ୍ରତିପନ୍ନ ଲୋକଙ୍କୁ ଠକିବାର ପରିଣତି ସଂସ୍କୃତ ସାହିତ୍ୟର ସେଇ ଅପୂର୍ବ ଗଳ୍ପ ସସେମିରା ଉପାଖ୍ୟାନରେ । ମନଟା କ୍ରମେ ମୋର ବିଦ୍ରୋହୀ ହୋଇ ଉଠିଲା ଯୁବ-ସମାଜ ବିରୁଦ୍ଧରେ । ପ୍ରତିଶୋଧ ନେବା ପାଇଁ ବଦ୍ଧପରିକର ହେଲେ ବି ମନର କେଉଁ ଏକ ନିଭୃତ କୋଣରେ ବିଶ୍ୱାସ ଥାଏ ଯୁବକ ବନ୍ଧୁଟି ଅନ୍ତତଃ ମୋତେ ଠକାଇବେ ନାହିଁ । ମୁଁ ତାଙ୍କୁ ତାଙ୍କ ପାଖରେ ବସାଇଛି, ଚା'ଜଳଖିଆ ଛତିଆରେ ଖୁଆଇଛି । ସେ କୁଆଡ଼େ ମୋର ଛାତ୍ର ଏବଂ ଲାଟ୍‌ସାହେବଙ୍କ ଭଣଜା, ନିଶ୍ଚୟ ଏଇଠି କେଉଁଠି ପାଇଯିବି ।

ବାରବାଟୀ ବାଳିକା ହାଇସ୍କୁଲ ସାମନା ଘରଟାରେ ଛିଡ଼ାହୋଇ ବାରଣ୍ଡା ଖରକୁଥିବା ଜଣେ ମହିଳାଙ୍କୁ ସାହସ କରି ପଚାରିଲି 'ଡ଼ାନ୍‌ଲପ କମ୍ପାନୀର ଏଜେଣ୍ଟ ଏଠାକୁ ଆସିଥିଲେ ? ସେ ଏଇଠି ରହନ୍ତି ବୋଲି ମୋତେ କହିଥିଲେ । ତାଙ୍କ ନାନୀ ଘର ଏଇଟା ?' ସ୍ତ୍ରୀ ଲୋକ ବି ଏତେ ଖରାପ ଭାବରେ ଚାହାନ୍ତି ଜାଣିନଥିଲି, ଜାଣିଲି ତାଙ୍କ ଚାହାଣୀରୁ ।

ମୁହୂର୍ତ୍ତକେ ସାଇକେଲ ବୁଲାଇ ଜଟାଣିଆ ଦୋକାନକୁ ଆସିଲି, ଶାନ୍ତିଲାଲ ନଥିଲେ । ତାଙ୍କ ଭାଇ କାନ୍ତିଲାଲ ଥିଲେ । ପଚାରିଲି, "ଡ଼ାନ୍‌ଲପ ଏଜେଣ୍ଟ ଆସିଥିଲେ ? ସେ ମୋତେ ପ୍ଲାଷ୍ଟିକ୍ ମଶାରି ଦେବେ ବୋଲି କହିଥିଲେ । ଆପଣ କୁଆଡ଼େ ତାଙ୍କ କମ୍ପାନୀର ଏଜେଣ୍ଟ ?"

ବଡ ବଡ଼ ଆଖି ଦୁଇଟାକୁ ଆଉ ଟିକିଏ ବଡ଼କରି ମୋ ଆଡ଼କୁ ସେ ଦଣ୍ଡେ ଯାଏ ଚାହିଁ ରହିଲେ । ଯାହାକୁ ବୁଦ୍ଧିମାନ୍ ଭାବିଥିବ ସେ ଯଦି ବୋକାଙ୍କ ପରି ଆଚରଣ ଦେଖାଏ ତାକୁ ଲୋକେ ଏମିତି ଆଖିରେ ଦେଖନ୍ତି ।

ପ୍ରକୃତିସ୍ଥ ହୋଇ ଦୋକାନୀ, କହିଲା, 'ପ୍ଲାଷ୍ଟିକ୍ କ'ଣ କୌଣସି ପ୍ରକାର ମଶାରି ଆମ ଦୋକାନରେ ନାହିଁ । ଆମେ କେଉଁ କମ୍ପାନୀର ଏଜେଣ୍ଟ ନୋହୁଁ? ସାମାନ୍ୟ ଜ୍ଞାନୋଦୟ ହେଲା । ଆଉ ଖଣ୍ଡେ ଦୂର ଯାଇ ଯେଉଁ ଦୋକାନରେ ରବରର ଗଦି ଓ ତକିଆ ମିଳେ ସେଇଠି ପଚାରିଲି 'ଡ଼ାନ୍‌ଲପ ପିଲୋ ମିଳେ ମୋର ଧାରଣା ଡ଼ାନଲପ୍ ଏଜେଣ୍ଟଙ୍କୁ ସେମାନେ ଜାଣିଥିବେ । ଦୋକାନୀ କହିଲା, 'ଆମର ଇଉଫୋମ ଜିନିଷର କାରବାର, ଡ଼ାନ୍‌ଲପ ପିଲୋ ଜିନିଷ ଏଠି ସହରରେ କାହାଠି ନାହିଁ ।' 'ଆଚ୍ଛା, ଦୟାକରି କହିପାରିବେ ଡ଼ାନ୍‌ଲପ କମ୍ପାନୀର ଏଜେଣ୍ଟ ଆଜି ସକାଳେ ଆପଣଙ୍କ ଦୋକାନକୁ

Digitized by srujanika@gmail.com

ଆସିଥିଲେ ? ସାଇକେଲ ଟିଉବ ଟାୟାର ମୋତେ ଦେବେ ବୋଲି ସେ କହିଥିଲେ ।'

ଯେଉଁ ଲୋକପ୍ରିୟ ମଣିଷ ବା ପ୍ରିୟ ପଦାର୍ଥକୁ ହଜାଇଥାଏ ସେ ଯେପରି ସ୍ଥାନ-ଅନୁସ୍ଥାନ ଚେତନ-ଅଚେତନ ନ ମାନି ପଚାରି ବୁଲେ 'ଦେଖିଛ ? ଦେଖିଛ କି ?' (ରାମଚନ୍ଦ୍ର ସୀତାଙ୍କୁ ହରାଇ ଗଛ ବୁରୁଛ ଯାହା ଦେଖିଲେ ତାକୁ ପଚାରିଥିଲେ ଏପରିକି ସମସ୍ତେ ସୀତାଙ୍କୁ ଲୁଚାଇଛନ୍ତି ଭାବିଲେ) ମୋର ପ୍ରାୟ ସେଇ ଅବସ୍ଥା ହେଲା ଏବଂ ଏଜେଣ୍ଟକୁ ପାଇବା ଆଶା କ୍ଷୀଣ ହୋଇଆସିଲା ।

'ଆପଣ ବାର୍ଜୋଜ ଦୋକାନକୁ ଫୋନ୍ କରି ବୁଝନ୍ତୁ, ସେ ଟାୟାର ଟିଉବର ଏଜେଣ୍ଟ । ସେ ଯଦି କିଛି କହିପାରନ୍ତି ।' ଏତେକ କହି ସେ ମୋତେ ଫୋନ୍‌ଟା ଧରାଇଦେଲେ । ତାଙ୍କ ମତଲବ ଏ ଲୋକଟା ଶୀଘ୍ର ଯିମିତି ତାଙ୍କ ଦୋକାନରୁ ବିଦା ହେଉ ।

ଫୋନ୍‌ରେ ପଚାରିଲି, 'ଦେଖନ୍ତୁ, ଡ଼ାନ୍‌ଲପ କମ୍ପାନୀର ଏଜେଣ୍ଟ କ'ଣ ଆପଣଙ୍କ ଦୋକାନକୁ ଆଜି ସକାଳେ ଯାଇଥିଲେ ? ସେ ଟାୟାର ଟିଉବ ଦେବେ ବୋଲି ମୋ ଠାରୁ ତିରିଶ ଟଙ୍କା ନେଇଛନ୍ତି ।'

ଅପର ପାର୍ଶ୍ୱରୁ ହିନ୍ଦୀମିଶା ଓଡ଼ିଆରେ ଭର୍ତ୍ସନା ଆସିଲା, 'ହାମର କୋନ ଏଜେଣ୍ଟ ନାହିଁ, ହାମେ ନିଜେ ଏଜେଣ୍ଟ । ଲୋକ ନ ଜାନି ରୁପେୟା ଦେଲା କାହିଁକି ?' ଫୋନ୍‌ଟା ହାତରୁ ପଡ଼ିଗଲା । ଦୋକାନୀ ଚିତ୍କାର କଲା, 'ସାବଧାନ ! ଭଲକରି ଉଠାଇ 'ଡ଼ବଲ୍ ଟୁ'କୁ ଫୋନ୍ କରନ୍ତୁ । କୋ-ଅପରେଟିଭ ଷ୍ଟୋର୍ସ ।' ତା କଲି, ଜବାବ ଆସିଲା 'କିଏ ଏଜେଣ୍ଟ ? କାହାକୁ ଖୋଜୁଛନ୍ତି ? ନାମ କ'ଣ ? କହିଲି, 'ସେ ମୋ ଠାରୁ ତିରିଶ ଟଙ୍କା ନେଇଛନ୍ତି ?' 'ବୋକା' ! କହି ଫୋନ୍ କାଟିଦେଲେ ସେ ।

ଥାନାକୁ ଯିବି ? ଯଦି ଯୁବବନ୍ଧୁ ତେଣେ ରୋଡ଼ଷ୍ଟାର ଟାୟାର ଓ ପ୍ଲାଷ୍ଟିକ୍ ମଶାରି ନେଇ ମୋ ଘରେ ପହୁଞ୍ଚିଥିବେ । ଚୈତନର ହୁଏତ ଗଫିଲତି ଥିବ । ଯୁବବନ୍ଧୁଙ୍କର ମୋ ପ୍ରତି କେଡ଼େ କଦର୍ଯ୍ୟ ଧାରଣା ନ ହେବ ।

ପୁଅ ଏତିକିବେଳେ ଆସି ନିଷତ୍ତିମୂଳକ ସମ୍ବାଦ ଦେଲା ଯେ, ଖୋଜାଖୋଜି କରି ସେମାନେ ମୋ ବର୍ଣ୍ଣିତ ଯୁବକର କୌଣସି ସନ୍ଧାନ ପାଇପାରିଲେ ନାହିଁ ।

କାଳେ ଥାନାବାଲା ଏ ଯୁବକ ବନ୍ଧୁଙ୍କୁ ପଗଡ଼େଇ ମୋ ଆଗରେ ହାଜର କରିବେ ଏବଂ ଏକ ଅଡୁଆ ଅବସ୍ଥାରେ ପଡ଼ିବି ସେଥିପ୍ରତି ମୋର ଭୟ ଥାଏ, ତା'ଛଡ଼ା ଥରେ ଥାନାକୁ ଗଲେ ହଇରାଣ ହରକତ ଏତେ ମାତ୍ରାରେ ଭୋଗିବାକୁ ପଡ଼େ ଯେ, କ୍ଷତିର ପରିମାଣ ଠୁଁ ତାହା ବହୁତ ବେଶୀ ହୋଇଥାଏ । ଏ ଅନୁଭୂତି ମୋର ଅଛି ସାଇକେଲ ହଜିଲା ଦିନଠାରୁ । ତଥାପି ସାଇକେଲଟା ଆପେ ଆପେ ଯାଇ ଥାନା ଆଗରେ ପହଁଚିଗଲା ସ୍ଥିରକଲି ଥାନାରେ ଖବର ଦେବି ଏବଂ ଥାନାବାଲାଙ୍କୁ ଅନୁରୋଧ କରିବି ସତର୍କତା ଓ ଚତୁରତା ସହିତ ତାଙ୍କୁ ଅନ୍ୱେଷଣ କରିବେ ଏବଂ ମୋତେ

Digitized by srujanika@gmail.com

ମାଲିମକଦ୍ଦମାରେ ଜଡ଼ିତ କରିବେ ନାହିଁ । ଗଭର୍ଣ୍ଣର ଜଣେ ତାଙ୍କ ମାମୁଁ, ସେ କଥା ମୁଁ ଭୁଲିନଥାଏ । ଦାରୋଗା ବାବୁ ନଥିଲେ । ମହାନ୍ତି କି ପଟ୍ଟନାୟକ ବାବୁ ଥିଲେ ଦୁଇ ନମ୍ବର ଅଫିସର । ଚିହ୍ନା ପରିଚୟର ଅବକାଶ କେବେ ନଥିଲେ ବି ସେ ମୋ ଆତୁର ଚେହେରା ଦେଖି ବସିବାକୁ କହିଲେ । ନିଶ୍ୱାସ ପ୍ରଶ୍ୱାସ ସାଧାରଣ ହେଲା ପରେ, ଘଟଣା ଆମୂଳଚୂଳ ବିସ୍ତାରିତ ଭାବରେ କହିଗଲି । ଶେଷରେ କହିଲି "ଥାନାରେ ଚୋର, ଠକ, ଡ଼କାଏତଙ୍କ ତାଲିକା ଆପଣ ରଖନ୍ତି, ସେ ତାଲିକାରେ ମୋର ଏଇ ବନ୍ଧୁଙ୍କୁ ରଖନ୍ତୁ । ବୋକାଙ୍କ ତାଲିକା ରଖନ୍ତି ନାହିଁ । ବି.କେ. ଶତପଥୀଙ୍କ ନାମ ନୂଆ ତାଲିକାଟିଏ କରି ପ୍ରଥମରେ ଲେଖନ୍ତୁ ।"

ବିବରଣୀ ଦେଲାବେଳେ ଲକ୍ଷ୍ୟକରି ଯୋଡ଼ାଏ କନେଷ୍ଟବଳ ମୁରୁକି ମୁରୁକି ହସୁଥାନ୍ତି ଯିମିତି କି ସେମାନେ ବନ୍ଧୁଙ୍କୁ ଚିହ୍ନନ୍ତି ବା ଗଳ୍ପର ପରିଣତି କଣହେବ ସେମାନଙ୍କୁ ତାହା ଜଣା । ଘଟଣା ଶୁଣିସାରି ମହାନ୍ତି କି ପଟ୍ଟନାୟକ ବାବୁ ପଚାରିଲେ, 'ଆପଣ ସେ ଲୋକର ନାଁ ଜାଣନ୍ତି ? ତାଙ୍କ ଘର ଠିକଣା କହିପାରିବେ ?' ମୋତେ ଏତେ ବିରକ୍ତ ଲାଗିଲା ଯେ, ମୁଁ ସେଇ ମୁହୂର୍ତ୍ତରେ ଚାଲି ଆସିବି ଭାବୁଥିଲି । ନାଆଁ ଗାଁ ଜଣାଥିଲେ ମୁଁ ତ ସିଧା ତାଙ୍କ ଘରକୁ ଚାଲି ଯାଇଥାନ୍ତି, ଥାନାକୁ ଆସି ସେମାନଙ୍କୁ ଏତେ ହଇରାଣ କରନ୍ତି କାହିଁକି ? ମୁଁ ନୀରବ ରହିବାରୁ ସେ କହିଲେ, 'ଆପଣ ସବୁକଥା ଲେଖିକରି ଦିଅନ୍ତୁ ।' କାଗଜ ଖଣ୍ଡିଏ ମୋ ଆଡ଼କୁ ବଢ଼ାଇ ଦେଲେ । ଦୟା ବହି ମୋ ପାଇଁ ଚା' କପେ ମଧ୍ୟ ଅର୍ଡ଼ର କଲେ । ବେଳ ପ୍ରାୟ ଏଗାରଟା ହେବ । ବସ୍‌ଷ୍ଟାଣ୍ଡ ପାଖ ନୂଆ ବଜାର ଫାଣ୍ଡିକି ଫୋନ୍‌ରେ ଡ଼ାକି ବନ୍ଧୁଙ୍କୁ ଚେହେରା ପୋଷାକର ବର୍ଣ୍ଣନା କରି କହିଲେ, ଯାଅ, 'ଦେଖ, ଯଦି ସେମିତି କେହି ବସ୍‌ଷ୍ଟାଣ୍ଡରେ ଘୁରାଫେରା କରୁଥିବ, ବାରିପଦା ଥାନାକୁ ବି ଡ଼ାକି ଅନୁରୂପ ଉପଦେଶ ଦେଲେ ।' ଶେଷରେ କହିଲେ, 'ଆପଣଙ୍କ ସବୁକଥା ସତ ହୋଇପାରେ କିନ୍ତୁ ବେତନଟିରେ ଆପଣଙ୍କ ଚିହ୍ନା ଲୋକ କେହି ଇନ୍ସପେକ୍ଟର ନାହାନ୍ତି । ନୂଆ ଇନ୍ସପେକ୍ଟର ହେଉଛନ୍ତି ସେଖ୍ ସେମ୍, ଲଲିମା ଦାଢ଼ିବାଲା । ଛତିଆର ଯାହାଙ୍କୁ ଦେଖିଥିଲେ ସେ ଆପଣଙ୍କ ବନ୍ଧୁ ହୋଇପାରନ୍ତି, ଇନ୍ସପେକ୍ଟର ନୁହନ୍ତି ବେତନଟି ଥାନାରେ ।'

କ୍ରମେ କ୍ରମେ ମୁଁ ନିଜକୁ ଅବସ୍ଥା ଓ ପରିସ୍ଥିତି ସହିତ ମିଶାଇ ନେଇଥିଲି ଇତ୍ୟବସରରେ । ଟଙ୍କା ମିଳିବ ନାହିଁ, ଠକ ଧରା ପଡ଼ିବ ନାହିଁ । ପୋଲିସ୍ ନିଷ୍ଠାହୀନ-ନିଷ୍କ୍ରିୟ । ଘରକୁ ଫେରି ଚୁପ୍‌ଚାପ ବସିବା ଭଲ କର୍ମକୁ ଆଦରି, ଅଖିଆ, ଅଗାଧୁଆ ଆଉ ଘଣ୍ଟାଏ ଅଧେ ରହିଲେ ଅଳ୍ପ ପାଇଁ ବହୁତ ହରାଇବାକୁ ପଡ଼ିବ । ଆଗରେ ଚା'କପ ଆଉ ବିମଳିନ କାଗଜ ଖଣ୍ଡିକ । ହଠାତ୍ ମେଜାଜ ଓ ମନ ପରିବର୍ତ୍ତନ କରି ଥାନାବାଲାଙ୍କୁ କହିଲି, "ଶୁଣନ୍ତୁ ଆଜ୍ଞା, ଆପଣମାନେ ଆଉ ମୋ ପାଇଁ ବ୍ୟସ୍ତ ହେବେନି । ମୋ ମନକୁ ଗୋଟିଏ ବୁଦ୍ଧି ବା ଖିଆଲ ପଶିଛି । ମୁଁ ଗପ ଲେଖେଁ । ଏ କାଗଜରେ ଏତଲା ଲେଖିବା

Digitized by srujanika@gmail.com

ଅପେକ୍ଷା ଗପଟାକୁ ଲେଖି ପକାଇବା ବା କେଉଁଠି ବସି କହିବାକୁ ମୋତେ ଭଲ ଲାଗିବ । ଆପଣଙ୍କ ଆଗରେ କଥାଟା କହିଦେଲାରୁ ମୋତେ ହାଲୁକା ଲାଗୁଛି । ତା'ଛଡ଼ା ଆପଣଙ୍କ ଏହି ଚା କପ୍ ମୋତେ ଗୋଟିଏ ନୂଆ ବୁଦ୍ଧି ଦେଲା । ମୋର ଅନେକ ବନ୍ଧୁ ଅଛନ୍ତି । ମୁଁ ଯଦି ପ୍ରତ୍ୟେକଙ୍କ ଆଗରେ ଏ ଗପଟା କହେ ତେବେ ସେ ମୋତେ ନିଶ୍ଚୟ ଚା' କପେ ଦେବେ । ତିରିଶ ଟଙ୍କା ବାବଦକୁ ମୋର ଶହେ କୋଡ଼ିଏ କପ୍ ସ୍ପେଶିଏଲ୍ ଚା' ଦରକାର । ଚାନ୍ଦା କରି ସେତକ କୁଆଡ଼ୁ ପିଇ ଦେଲେ ତ ପଇସା ଉଠିଗଲା । ମୁଁ କାହିଁକି ହଇରାଣ ହେବି, ବନ୍ଧୁଙ୍କୁ କାହିଁକି ଜେଲ ଦେବି । ଯାଉଛି, ନମସ୍କାର! ମୁଁ ଉଠିଲି ।"

ଥାନାବାଲା ନିଶଟାରେ ହାତଟା ବୁଲାଇ ନେଇ କହିଲେ, "ସବୁ କରିବେ, କହିବେ ଯେମିତି ପୋଲିସ୍‌ଙ୍କ ପାଖରେ ଗପଟାକୁ ଶେଷ ନ କରନ୍ତି ।"

ଫେରୁଛୁ ଦେଖିଲି କବି ବ୍ରଜନାଥ ରଥ ତାଙ୍କ ପ୍ରେସ୍‌ରେ ବସିଛନ୍ତି । ସିଧା ପଶିଯାଇ ବସି ପଡ଼ିଲି । "ବ୍ରଜ ବାବୁ ଗପ ଶୁଣିବେ" କହି ଆରମ୍ଭ କରିଦେଲି ଡ଼ାନ୍‌ଲପ ଏଜେଣ୍ଟ ଗପ । ସେ ଚା' କପେ ବରାଦ କଲେ । ପନ୍ଦର ମିନିଟ୍‌ରେ ଆଠଅଣା ଫେରି ପାଇଲି । ବୃତ୍ତାନ୍ତରେ ଯିମିତି ଡ଼ାନ୍‌ଲପ ଡ଼ାନ୍‌ଲପ ଏଜେଣ୍ଟ ଉଚ୍ଚାରଣ କରି ପାଖରେ ବସିଥିବା ସେନାପତି ବାବୁ କହିଲେ, "ବୁଝିଲୁ ନା ବ୍ରଜ! ଏ ସେଇ ।" ମୋ ଆଡ଼କୁ ସହାନୁଭୂତିମୟ ଦୃଷ୍ଟିଦେଇ କହିଲେ, "ଅଧମ ଆଉ କାହାକୁ ପାଇଲା ନାହିଁ, ସବା ଶେଷରେ ଆପଣଙ୍କୁ ବି ଚିତା କାଟିଲା ।" ମୋର ଜିଜ୍ଞାସୁ ଚାହାଣି ଦେଖି ସେ ମୋ ଗପର ଖିଅ ଧରି କହିଲେ "ମୋତେ ବି ସିମିତି ଟାୟାର ଟିଉବ୍ ଦବ କହି ତିରିଶ ଟଙ୍କା ନେଇଛି, ଜ୍ଞାନବାବୁଙ୍କ ପାଖରୁ ତିରିଶ ବତିଶ ନେଇଛି । ଆମ ଅଶୋକ ତାକୁ ଜାଣେ, ଆଉ ଆପଣଙ୍କ ସେଇ ଯେଉଁ ଅଶୋକ ଆଇ.ଏ.ଏସ୍. ପାଇଲା ସେ ବି ଜାଣିଛି । ତା'ର ସାଙ୍ଗ ସେ । ସମ୍ବଲପୁରରେ ତା' ଠକେଇ କଥା ଖବରକାଗଜରେ ବାହାରିଥିଲା, ପଢ଼ି ନାହାନ୍ତି ?"

କି ଆଶ୍ଚର୍ଯ୍ୟ! ଦୁନିଆଁଯାକ ଲୋକ ତାକୁ ଜାଣନ୍ତି, ଅଥଚ ମୁଁ ଜାଣେ ନି । ଦୁନିଆଯାକ ଲୋକଙ୍କୁ ସେ ଠକିଛି, କେହି ତାକୁ ପୋଲିସ୍ ହାତକୁ ଟେକି ଦେଇନାହାନ୍ତି, କେବଳ ମୂଢ଼ ମୁଁ ବାହାରିଛି ତାକୁ ଧରିବା ପାଇଁ, ଧରେଇବା ପାଇଁ । "ତା' ନାଁ କହିପାରିବେ ? ଘର ?"

"ମୁଁ ଜାଣିଥିଲି, ଭୁଲିଗଲି, ଆପଣ କୋ-ଅପେରେଟିଭ ଅଫିସ୍ ଜୀବନ ବାବୁଙ୍କଠୁ ବୁଝନ୍ତୁ ତ । ସେ କହିପାରିବେ ।"

ଠକକୁ ଧରିବାର ଇଚ୍ଛା ପୁଣି ଜାଗି ଉଠିଲା, ପ୍ରବଳତର ହେଲା । ଗପର କରାମତି ଏତେ ବୋଲି ଜାଣିନଥିଲି । ଗପ ମାଧ୍ୟମରେ ଚୋର, ଠକକୁ ଧରି ହୁଏ । ସିଧା ଚାଲିଲି କଚେରୀ ଆଡ଼କୁ । କୋ-ଅପରେଟିଭ ଅଫିସ୍‌କୁ ଯିବାକୁ ପଡ଼ିଲାନାହିଁ । ଫଳ

Digitized by srujanika@gmail.com

ଦୋକାନଗୁଡ଼ାକ ଆଗରେ ଜୀବନ ବାବୁଙ୍କୁ ଭେଟିଲି ଏବଂ ଠିକେ ଠିକେ ଗପଟା କହିଗଲି । ସେ ନାଆଁଟା କହିଲେ, କିନ୍ତୁ ଠିକଣା ବିଷୟରେ ଅଶୋକ ବାବୁଙ୍କୁ ପଚାରିବାକୁ କହିଲେ । ଓକିଲଙ୍କ ସନ୍ଦେହ ଉପୁଜିବାରୁ ଯୁବ ଓକିଲଖାନାକୁ ଗଲି । ସେଠି ବି ଗପ କହିଲି, ଆଗ୍ରହରେ ଓକିଲମାନେ (ସେଦିନ ମାଲିମକଦ୍ଦମା କମ୍ ଥିଲା ବୋଧହୁଏ) ଶୁଣିଲେ, ଜଣେ ଚା' କପେ ମଧ୍ୟ ମଗାଇ ଆଣିଲେ । ମୁଁ ନାଆଁ ଗାଆଁ ଟିପି ଆଣିଲି । କିନ୍ତୁ ହାୟ! ସେ ଟିପା କାଗଜଟା ହଜିଗଲା, ନହେଲେ ମୁଁ ଏଇଠି କହିଥାନ୍ତି । ବୟସାଧିକ୍ୟ ଯୋଗୁଁ ସ୍ମୃତିଶକ୍ତିର, କ୍ରମବିଲୋପ ହେଉ ବା ନାଆଁ ତାରିଖ ମନେରଖିବାର ଶକ୍ତିର ଦୁର୍ବଳତା ଯୋଗୁଁ ବନ୍ଧୁଙ୍କ ଠିକଣା ଦେଇପାରୁନାହିଁ ଆଜି । ଘରକୁ ଫେରିଲାବେଳକୁ ଦିନ ଦୁଇଟା ।' ଘରେ ସମସ୍ତେ ବ୍ୟତିବ୍ୟସ୍ତ ହୋଇପଡ଼ିଥିଲେ । ସାମାନ୍ୟ ଜ୍ୱର ଅନୁଭବ କଲି । ରାତିରେ ଭଲ ନିଦ ହେଲା ନାହିଁ ।

ପରଦିନ ସକାଳେ ପୁଣି ଥାନାକୁ ଗଲି । କାଳେ ମୋ' ପରି ଅନେକ ବୋକାଙ୍କୁ ଠକେଇବ । ସେଥିପାଇଁ ପୋଲିସ୍ ଦେଇ ତାକୁ ଧରାଇଦେବା ଭଲ ବୋଲି ବିବେଚନା କରି । ବ୍ୟକ୍ତିଗତ କ୍ରୋଧ ଆକ୍ରୋଶ ଅପେକ୍ଷା ସାମାଜିକ ପ୍ରବୃତ୍ତି ମୋତେ ତାହା କରିବା ପାଇଁ ପ୍ରବର୍ତ୍ତାଇଲା, ଥାନାରେ ଥିଲେ ଖୋଦ୍ ମାଲିକ । ସେ ବି ଜଣେ ପଟ୍ଟନାୟକ, ୨ ନମ୍ବର ବାବୁଙ୍କ ଠାରୁ ଘଟଣା ସବୁ ସେ ଶୁଣିଥିଲେ । ଶଠ ଶିରୋମଣିଙ୍କ ନାଆଁ ଗାଆଁ ଠିକଣା ଦେଇ କହିଲି, "ଏଥର ଏ ଟୋକାକୁ ଧରନ୍ତୁ । ଆଉ ତା'ର ରକ୍ଷା ନାହିଁ, ତାକୁ ଉଚିତ୍ ଦଣ୍ଡ ଦିଅନ୍ତୁ । ଜଣେ ସାଧାରଣ ନାଗରିକ ହିସାବରେ ମୁଁ ପୋଲିସ୍‌କୁ ଆଉ ଅଧିକ କ'ଣ ସାହାଯ୍ୟ କରିପାରନ୍ତି ।"

କାଗଜ ଖଣ୍ଡି ହାତକୁ ନେଇ ଠିକଣା ପଢ଼ି ସବ୍-ଇନ୍ସପେକ୍ଟର ବାବୁ କହିଲେ, "ଆଚ୍ଛା ଚେଷ୍ଟା କରିବା । ଏ ଠିକଣାରେ ସେ ରହୁଛି ନା ଦୋଳମୁଣ୍ଡାଇ ଛକ ପାଖ ବସାରେ ରହୁଛି ଆଗ ଦେଖାଯାଉ । ମହାକୁଡ଼ ବୁଢ଼ା ଜାଣିଥିବ ।"

ଜଣେ କନେଷ୍ଟବଳ ଉଠିଗଲା ମହାକୁଡ଼କୁ ଡ଼ାକିବା ପାଇଁ । ମହାକୁଡ଼ ସାହେବଙ୍କ ତୋଷାଇ କରୁଥିଲା । ଧୂଆଁରେ ଆଖି ଲାଲ ଦିଶୁଥାଏ । ଥାନା ବାବୁ ପଚାରିଲେ, ମହାକୁଡ଼, ଆମ ପୁରୁଣା ସାହେବ ଏବେ ପରା ଭୁବନେଶ୍ୱରଠି ଆଉ ଗୋଟାଏ ଘର କଲେଣି । ସେ କେଉଁ ଘରେ ରହୁଛନ୍ତି କଟକ ଘରେ ବା ଭୁବନେଶ୍ୱର ଘରେ କହିପାରିବୁ ? ତାଙ୍କ ଠିକଣାଟା ଦରକାର ହେଉଛି । ତାଙ୍କର ସେଇ ଟୋକାଟା ଆମ ସାର୍‌ଙ୍କୁ ଠକେଇ ତିରିଶ ଟଙ୍କା ନେଇଛି ଟାୟାର ଟିଉବ ଦବ ବୋଲି କହି ।

"କିଏ ସେହି ବାଳୁଙ୍ଗା ଛତରା ସୁନ୍ଦର ରାୟ ଟୋକା ତ ? ମୋଠୁ ପରା ସିମିତି ବତିଶ ଟଙ୍କା ମାଠିଥିଲା ।"

"କେସ୍ କଲୁଣି ?"

Digitized by srujanika@gmail.com

"ତାର କ'ଣ ଅଛି ଯେ, ଟଙ୍କା ଆଦାୟ ହବ ?" ସାହାବଙ୍କୁ କହିଲି ଯେ, ସେ କହିଲେ, "ସେ ମୋର କେହି ନୁହେଁ, ତାକୁ ବାଡ଼ାଅ, ଜେଲ ଦିଅ, ହାଣି ଦିଅ, ମୋର ଆପତ୍ତି ନାହିଁ । ତା'ପାଇଁ କେହି କାନ୍ଦିବେ ନାହିଁ । ତା'ଛଡ଼ା ସେ ଟୋକା ତ ମୋ ପାଖରେ ନଥାଏ ।" ସେ ପ୍ରକୃତ ଠିକଣା ଦେଲା ।

ମହାକୁଡ଼ ନିଜେ ପୋଲିସ୍ ହୋଇ ମୋରି ଭଳି ବୋକା । ତିରିଶ ବତିଶ ଟଙ୍କା ସେ ହରାଇଛି ଅଥଚ କେଶ କରିଛି । ଯେତେବେଳେ ବେଶୀ ଲୋକଙ୍କୁ ଠକେଇ ଥିବା ସମ୍ବାଦ ମୁଁ ପାଉଁଥାଏ ସେତେ ସେତେ ମନଟା ହାଲୁକା ଲାଗୁଥାଏ। ଗପ କହିବାର ଫଳ ପାଉଥାଏ ଏବଂ ମନେ ପକାଉଥାଏ ଦୁଇନମ୍ବର ଥାନା ବାବୁଙ୍କ ଶେଷକଥା "ଦେଖନ୍ତୁ ଆଜ୍ଞା, ପୋଲିସ ପାଖରେ ଯେପରି ଗପଟା ନସରେ ।"

ପଟ୍ଟନାୟକ ବାବୁ ମଗାଇଥିବା ଚା' କପେ ନିଃଶେଷ କରି (ପାଞ୍ଚକପ୍ ଅର୍ଥାତ୍ ଟଙ୍କାଏ ଚାରିଅଣା ଦିନକ ଭିତରେ ଫେରି ପାଇଲି ।) ନାଟକୀୟ ରୀତିରେ ହଠାତ୍ ଉଠି କହିଲି, "ପଟ୍ଟନାୟକବାବୁ" ଦୟାକରି ଏ କେସ୍‌ଟାରେ ଆଉ ପ୍ରସିଡ୍ କରାନ୍ତୁ ନାହିଁ । ଅନ୍ତତଃ ମୋ ତରଫରୁ । ଏତେ ଲୋକ ଠକିଛନ୍ତି କେହି ତା' ପିଛା ଲାଗିନାହାନ୍ତି । ମୁଁ ତା'ର ସା'ର ହୋଇ କାହିଁକି ମୋ' ଛାତ୍ରବନ୍ଧୁଟି ପ୍ରତି ପ୍ରତିଶୋଧ ବ୍ୟବସ୍ଥା କରିବି ? ତାକୁ କ୍ଷମା ଦେଲି ।" ପୋଲିସ୍ ଶ୍ରୋତୃବର୍ଗ ମୋର ଏହି ମହନୀୟ ଉଦାରତା ବା କ୍ଷମାଶୀଳତାରେ ବିଶେଷ ପ୍ରଭାବିତ ବା ଆଚମ୍ବିତ ହେଲେ ବୋଲି ମନେହେଲା ନାହିଁ ।

ସ୍ଥଗିତ୍ ଏକାଡ଼େମିକ କାଉନ୍‌ସିଲ ବୈଠକ ପାଇଁ ପୁଣି ବାଣୀବିହାର ଯାଇଥାଏ । ଘଟଣାଟା ମନରୁ ପାସୋରି ଯାଇନଥାଏ । ସେଠି ମଧ ଜଣେ ଦୁଇଜଣ ଅଧକ୍ଷ ଓ ଅଧାପକ ବନ୍ଧୁଙ୍କ ଆଗରେ ଏ ଗପଟି କହନ୍ତେ ଅନ୍ତତଃ ଜଣେ କହିଲେ "ଆପଣଙ୍କୁ ବି ସେ ଠକେଇଛି । ମୋ ଖୋର୍ଦ୍ଧା ରହଣି ବେଳେ ସେ ମୋଠୁଁ ତିରିଶ ଟଙ୍କା ନେଇଛି । କିଛି ପତ୍ତାପାଇ ନାହିଁ । ଲୋକଟା କ'ଣ ତେବେ ଏ ମୁଣ୍ଡରୁ ସେ ମୁଣ୍ଡଯାକେ ଏଇ ଗୋଟାଏ କାମ କରିଚାଲିଛି ଅଥଚ କେହି ତାକୁ ଧରୁ ନାହାନ୍ତି । କଟକ ରହଣି କାଳରେ କଥା ପ୍ରସଙ୍ଗରେ ଝିଅଜୋଇଁଙ୍କୁ ଯୁବକ ବନ୍ଧୁଙ୍କ ଖବର ଅନ୍ତର ପଚାରିଲି । ସେ ଦୁହିଁଙ୍କ ନାମ ଉଚ୍ଚାରଣ କରି ତାଙ୍କ ସହିତ ଆତ୍ମୀୟତାର ପ୍ରମାଣ ଦେଇ ସେ ମୋ' ପ୍ରତ୍ୟୟ ଜନ୍ମାଇଥିଲା । ଜୋଇଁ ଝିଅ କାର୍ଯ୍ୟ ସମୁଧୀ ସମଧୂଣୀ ଆକର୍ଷଣୀୟ ଗଳ୍ପ ଆକାରରେ ମୋ' କଥା ଶୁଣିଲେ, କିନ୍ତୁ ଝିଅ ଜୋଇଁ ପ୍ରତିହିଂସା ପରାୟଣ ହୋଇ ଉଠିଲେ, କାରଣ ବାପା ଶଶୁରଙ୍କୁ ଯେ ଠକେଇଛି ତା'ର ଅଲବତ୍ ଶାସ୍ତିବିଧାନ କରିବାକୁ ପଡ଼ିବ । ମୋର ଭୟ ହେଲା କଟକୀ ଗୁଣ୍ଡା ଲଗାଇ ବିଚାରକୁ ଫଉତ କରିଦେବେ । ସେମାନଙ୍କୁ ଏ କଥା ଜଣାଇବାର ଉଦ୍ଦେଶ୍ୟ ଥିଲା ଯୁବକଟି ପ୍ରକୃତରେ ମୋ' ଝିଅ ଜୋଇଁଙ୍କ ଆତ୍ମୀୟ କି ନୁହେଁ ଜାଣିବା, ତାକୁ ଧରିବା, ଜବତ କରିବା ବା ମାଡ଼ ଦିଆଇବା ଅଭିପ୍ରାୟ ମୋର ନଥିଲା ।

Digitized by srujanika@gmail.com

ସେଦିନ ସନ୍ଧ୍ୟାର ଡ଼ାଉନ୍ ଜନତା ଧରିପାରିଲି ନାହିଁ । ତା'ପର ଗାଡ଼ି ପୁରୀ ଏକ୍ସପ୍ରେସରେ ଆସିବାର ଚେଷ୍ଟାକରି ବିଫଳ ହେଲି । ବାହୁଡ଼ା-ଯାତ୍ରା ପାଇଁ ଟ୍ରେନ୍ ଖୁବ୍ ଭିଡ଼, ଅଗତ୍ୟା ସମୁଧ୍ ଘରକୁ ଫେରିଗଲି । ଏଲାରାମ ଦେଇ ଭୋର ସକାଳୁ ଉଠି ହାଇଦ୍ରାବାଦ ହାଓ୍ୱଡ଼ା ଗାଡ଼ିରେ ଫେରୁଥାଏ । ସକାଳ ଚାରିଟାରେ ଯେଉଁ ଗାଡ଼ି ଆସିବାର କଥା ପ୍ରାୟ ଅଢ଼ାଇ ଘଣ୍ଟା ଡ଼େରିରେ ଲାଗି ଯେଉଁ ଲେଡ଼ିଜ୍ କେବିନ୍ ତା'ରି ଦରଜା ସାମନା ସିଟ୍‌ରେ ବସିଲି । ମୋ' ଆଗରେ ଯେଉଁ ତେଲେଗୁ ଭଦ୍ରଲୋକ ବସିଥାନ୍ତି ତାଙ୍କ ସ୍ତ୍ରୀ, ଝିଅ, ବୋହୂ ବଂଶପ୍ରାଣୀ ବସିଥାନ୍ତି କେବିନ୍ ଭିତରେ । ଇଞ୍ଜିନ୍ ଆଡ଼କୁ ମୁଁ ପଛକରି ବସିଥାଏ । କେହି ଯାତ୍ରୀ ପାଇଖାନା ଯିବାକୁ ଚାହିଁଲେ ବା ଏପାଖେ ସେପାଖ ପ୍ଲାଟଫର୍ମରେ ଓହ୍ଲାଇବାକୁ ଇଛାକଲେ ଅବଶ୍ୟ ମୋରି ଆଗଦେଇ ଯିବ ।

ରାତିରେ ଭଲ ନିଦ ହୋଇନଥାଏ । ଝିପି ଝିପି ବର୍ଷା ଯୋଗୁଁ ବାହାର ଦୃଶ୍ୟ ଭଲ ଦିଶୁନଥାଏ । ଚା' କପ୍ ଯେମିତି ଟିକକ ଫୁର୍ତ୍ତି ଦେବାର କଥା ତା' ଦେଇ ସାରିଥାଏ । କେତେବେଳେ ଟିକିଏ ଘୁମ ଆସୁଥାଏ । କେତେବେଳେ ପୁଣି ସୁନ୍ଦର ସ୍ୱାସ୍ଥ୍ୟବତୀ ତେଲେଗୁ ରମଣୀ ମାନଙ୍କ ଅବୋଧ ଖିଚିରିମିଚିରିରେ ପତା ଦୁଇଟା ମେଲା ହୋଇଯାଉଥାଏ ।

ଡ଼ବାର ଅପରପାର୍ଶ୍ୱରୁ ଭିତରର ଅସ୍ୱଷ୍ଟ ଧୂସର ଆଲୋକ ସହିତ ଖାପ ଖାଉଥିବା ଧୂସର ରଙ୍ଗର ଚିପା ପେଣ୍ଟ ଏବଂ ସେଇ ରଙ୍ଗର ଖଣ୍ଡିଆ ହାଫ୍ ସାର୍ଟ ପିନ୍ଧି ଢ଼ୁଳି ଢ଼ୁଳି ଆସୁଥିବା ମୂର୍ତ୍ତିଟି କ୍ରମେ ସ୍ୱଷ୍ଟରୁ ସ୍ୱଷ୍ଟତର ଅବସ୍ଥାରୁ ଆସି ଯିମିତି ମୋ' ପାଖରୁ ପାଞ୍ଚ ଛଅ ଫୁଟ ଦୂରରେ ପହୁଞ୍ଚିଛି ତା' ଉପରେ ମୋ' ଆଖି ପଡ଼ିଗଲା । ଚାରିଚକ୍ଷୁର ମିଳନ ହେଲା ମାତ୍ରେ ମୁଁ ଯେତିକି ବିସ୍ମିତ ହେଲି, ତା'ଠାରୁ ବେଶୀ ଶଙ୍କିତ ହେଲା ସେ । ମୁହୂର୍ତ୍ତେ ଅଟକି ଯାଇ ମୁହୂର୍ତ୍ତେ ଫେରିବନି ଭାବୁଥିଲା ସେ, କିନ୍ତୁ ବୋଧହୁଏ ଆପେ ଆପେ ତା' ପାଦ ଦୁଇଟା ତାକୁମୋ' ଆଡ଼କୁ ଟାଣି ଆଣିଲା । ଅପ୍ରତିଭ ନହୋଇ ସତ୍‌ସାହସ ସଂଗ୍ରହ କରି 'ନମସ୍କାର, ସାର୍! କହିଲା । ଦୂରରୁ ଦେଖିପାରିଥିଲେ ହୁଏତ ସେ ଅନ୍ୟ ବୁଦ୍ଧି ବ୍ୟବସ୍ଥା କରିଥାନ୍ତା ।

ନମସ୍କାରର ପ୍ରତି ନମସ୍କାର ନ ଜଣାଇ ବା 'ବସ' 'ବସ' ନ କହି ହଠାତ୍ କହିପକାଇଲି, "ଦିଅ ମୋର ତିରିଶ ଟଙ୍କା ବାରଅଣା, ନଗଦ ତିରିଶ ଆଉ ଛେନାପୋଡ଼ପିଠା ଆଉ ସ୍ୱେଶିଏଲ ଚା' ବାବଦ ବାରଅଣା ।" ଯାହା କହିଲି ସେଥିପାଇଁ ଆଜିଯାଏ ମୁଁ ନିଜକୁ କ୍ଷମାଦେଇ ନାହିଁ । ଅସୌଜନ୍ୟ ସାଂଗକୁ ଅର୍ଥ-ପିପିସା ମୋର ପ୍ରକଟିତ ହୋଇଥିଲା ମୋର ଏତାଦୃଶ ସମ୍ଭାଷଣରେ । ପୁଣି ସେଇ କଥା ପୁନରାବୃତ୍ତି କଲି "ଦିଅ ମୋର ତିରିଶ ଟଙ୍କା ବାରଅଣା, ଫେରାଅ, ଶୀଘ୍ର ନହେଲେ" କଟମଟ କରି ଚାହିଁଲି ।

Digitized by srujanika@gmail.com

ଟିକିଏ ଘାବଡ଼େଇ ଅପରାଧୀ ପରି ବିନମ୍ର ଗଳାରେ ସେ କହିଲା, "ଦେଇଦେବି ସାରେ ! ବର୍ତ୍ତମାନ ମୋ'ଠି ପଇସା ନାହିଁ । ଆପଣଙ୍କ ସାଂଗରେ ବାଲେଶ୍ୱର ଯାଉଛି ସେଇଠି ଦେଇଦେବି ।" କ୍ରୋଧାନ୍ୱିତ ହୋଇ (କ୍ରୋଧଟି ଦୁର୍ଜ୍ଜୟ ରିପୁ) କହିଲି, "ମିଛକଥା, ଝୁଟା ବାତ୍, ତୁମର କୌଣସି କଥା ଆଉ ମୁଁ ବିଶ୍ୱାସ କରିବି ନାହିଁ, ତୁମେ ଠକାଇବାକୁ ଆଉ ଲୋକ ପାଇଲ ନାହିଁ । ନିଜର ଗୁରୁର ସବା ଶେଷରେ କ'ଣ ଯେ ପାଟିରୁ ବାହାରିବ... ।"

"ସାର୍, ମୋର ବହୁତ ଭୁଲ ହୋଇଯାଇଛି । କ୍ଷମା କରିବେ । ସେଦିନ ମୋର ପଇସା ନିହାତି ଦରକାର ଥିଲା । ଆପଣଙ୍କ ପଇସା ଆଜି ଦେଇଦେବି ।" ଏଣେତେଣେ ଚାହିଁ ଚାହିଁ ସେଇ କଥାଗୁଡ଼ାକ ପୁନରାବୃତ୍ତି କରୁଥାଏ । ସେ ପୁଣି ଦଣ୍ଡେ ରହି କହିଲା, "ସାର୍, ହଠାତ୍ ଜୟବାଙ୍ଗଲା ଧଇଲା । ମୁଁ ସିଧା ଚାଲିଆସିଲି କଟକ ଟେକ୍‌ସିରେ ।"

"ତୁଷାର ବାବୁ ପାଖରୁ ଏ ରୋଗ ନେଇ ନାହିଁ, ମୁଁ ସବୁ ବୁଝାବୁଝି କରିସାରିଲିଣି । ତୁମେ ଆଉ ମିଛ ଉପରେ ମିଛ କୁହନାହିଁ । ତୁମେ ଦୁନିଆଁଯାକ ଲୋକଙ୍କୁ ଠକାଉଛ, ବନ୍ଧୁକୁଟୁମ୍ବ ଆତ୍ମୀୟ କାହାକୁ ବାଦ୍ ଦେଉନ । ମୋ'ଭଳି ନିରୀହ ଲୋକଙ୍କୁ ଠକେଇ ଖୁବ୍ ଭୁଲ କରିଛି, ପାପ କରିଛ । ଅକ୍ଷମଣୀୟ ପାପ । ଦେଖୁନ ଆପେ ଆପେ କିମିତି ଧରା ପଡ଼ିଯାଇଛି । ତୁମର ମୋର କେବେ କେଉଁଠି ଦେଖା ହେବ ଏକଥା ଆମେ ଦୁହେଁ ତ ସ୍ୱପ୍ନରେ ଭାବିନଥିବୁ । କିମିତି ତେବେ... । ଭଗବାନ, ମୁଁ ବିଶ୍ୱାସ ନକଲେ ବି ଗୋଟାଏ ମରାଲ୍ ଏ ଦୁନିଆଁକୁ ଚଳାଉଛି ଏ କଥା ମୋତେ ବିଶ୍ୱାସ କରିବାକୁ ପଡ଼ିବ ଆଜିର ଏ ଭେଟଘାଟରେ ।"

"ସାର୍ !" ମୋର ଲମ୍ବା ବକ୍ତୃତାର କଣ୍ଠରେ ଏ ସାମାନ୍ୟ ଜବାବ ଦେଇ ସେ ମୋ' ସହିତ ଏକମତ ହେଲା । ଏତେ ବିନମ୍ର, ଶାନ୍ତଶିଷ୍ଟ ଓ ଅନୁତପ୍ତ ପରି ସେ ଜଣାଗଲା ଯେ, ମୁଁ ଭାବିଲି ଆଉ ପଦେ ଦୁଇପଦ କଡ଼ା କଥା କହିଲେ ହୁଏତ ସେ ଭାଙ୍ଗିପଡ଼ିବ ।

ତାକୁ ଟିକିଏ ପୁନଃ ପ୍ରତିଷ୍ଠିତ କରିବା ପାଇଁ କହିଲି, "ଦେଖ, ତୁମର ସୁନ୍ଦର ରୂପ ଅଛି, ବଢ଼ିଆ କଟ୍ ଫିଗର୍, ଇଚ୍ଛା କରିଥିଲେ ଫିଲ୍ମରେ ହିରୋ ହୋଇପାରିଥାନ୍ତେ । ପାଠଶାଠ ପଢ଼ିଛ, ଜକା ଦାଦି ରିଟାୟାର ହେଲେ ବି ପ୍ରଦେଶ ସ୍ତରରେ, ସର୍ବଭାରତୀୟ କ୍ଷେତ୍ରରେ ବଡ଼ ଚାକିରୀ କରୁଥିଲେ, ଇଚ୍ଛା କରିଥିଲେ ସେମାନେ ତୁମ ପାଇଁ ଗୋଟାଏ ଚାକିରୀ ଅକ୍ଳେଶରେ ଯୋଗାଡ଼ କରିଦେଇ ପାରିଥାନ୍ତେ । ତୁମେ ସେମାନଙ୍କ ନାଆଁ ବୁଡ଼ାଇଲ, ମୁହଁରେ କଳା ଲେପିଲେ । କିଛି ନହେଲେ ଏଇ ବୁଦ୍ଧି ନେଇ ତୁମେ ସେଇ ଡ଼ାନଲପ୍ କମ୍ପାନୀର ନକଲି ଏଜେଣ୍ଟ ନ ହୋଇ କମ୍ପାନୀର ଅସଲି ବଡ଼ କର୍ମଚାରୀ ହୋଇପାରିଥାଆନ୍ତ ।"

Digitized by srujanika@gmail.com

ମୋତେ ସେ ଦେବତା ଭଳି ଭକ୍ତି କଲାପରି ଜଣାଗଲା ଏବଂ ନଇଁପଡ଼ି ମୋ' ଗୋଡ଼ ଧରିବାକୁ ଉପକ୍ରମ କଲାପରି ଲାଗିଲା ।

ଆଉ ଗୋଟାଏ ଇଞ୍ଜେକ୍‌ସନ ଦରକାର ଭାବି ପୁଣି କହିଲି, "କିଛି ନକରି ଯଦି ତୁମେ ନାରୀ ପଛରେ ଗୋଡ଼ାଇଥାନ୍ତ, ତେବେ ସାକିସୁରାରେ ଜୀବନଟାକୁ ବୁଡ଼ାଇ କବିତାର ଫୁଆରା ଚୋଳି ପାରିଥାନ୍ତ । ତା'ହେଲେ ତୁମର ବା ସମାଜର କିଛି ଲାଭ ନହେଉ ପଛକେ କ୍ଷତି ହୋଇନଥାନ୍ତା । ମୁଁ ଦେଖୁଛି, ତୁମ ମୋ' ପକ୍ଷରେ ଏକ ଏନିଗ୍‌ମା, ପ୍ରହେଳିକା । ମୁଁ ମୋଟେ ତୁମକୁ ବୁଝିପାରୁନି । ମୁଁ ତୁମ ବିଷୟରେ ଅନେକ ଜାଣିଲିଣି, କିନ୍ତୁ ଆହୁରି ଅନେକ ମୋର ଅଜଣା ଅଛି । ମୁଁ ଜାଣେ ତୁମର ବାପା ମାଆ ନାହାନ୍ତି । ତା'ହେଲେ ମଧ ଜୀବନର କୌଣସିଥିରୁ କିଛି ପାଇଲ ନାହିଁ ଯେ, ଏଇ ଠକ ବୃତ୍ତିକୁ ଗୌରବାବହ ମନେକରି ଚାଲିଛ ?"

'ସାର୍ ମୁଁ ଆଉ....'

ବୋଧହୁଏ ଶପଥ କରିବାକୁ ଯାଉଥିଲା - ସେ କେବେ ଆଉ ଏ ଦୁଷ୍କର୍ମ କରିବ ନାହିଁ । କଥୋପକଥନକୁ ତଳସ୍ତରକୁ ଟାଣିଆଣି କହିଲି, "କୁଆଡ଼େ ଯାଇଥିଲ ଯାଅ ।" ପ୍ରଭୁତ୍ୱସୂଚକ ଗଳାରେ ଆଦେଶ ଦେଇ କହିଲି, "ଫେରିଆସ, ଏଇଠି ମୋ' ପାଖରେ ବସ । ମୁଁ ତୁମକୁ କ୍ଷମାଦେଲି । ଏଇ ସର୍ତ୍ତରେ ଯେ ତୁମେ ମୋତେ ଖୋଲାଖୋଲି କହିଯିବ, ତୁମେ କାହିଁକି ଅସାମାଜିକ କାମ କରିଚାଲିଛ । ଘର ଯୋଗୁଁ, ଅଭିଭାବକ ଯୋଗୁଁ, କୁସଙ୍ଗ ଯୋଗୁଁ ନା କେଉଁଥିପାଇଁ ? ଟଙ୍କା କ'ଣ କର । ତୁମେ ତ ମଦ ଫଦ ପିଇଲା ପରି ଜଣାଯାଉନ ।"

"ସାର୍ ଆପଣ ସବୁ ଜାଣିପାରୁଛନ୍ତି, ମୁଁ କ'ଣ କରିବି । ଠିକ୍ କହିଛନ୍ତି ମୁଁ ମଦ ପିଏ ନାହିଁ । ଆପଣ ଇଚ୍ଛା କଲେ ମୋର ସର୍ବନାଶ କରିବେ । ମୋତେ କ୍ଷମା କରନ୍ତୁ ।"

"କ୍ଷମା ତ ଦେଇସାରିଛି । ଯାଅ ବାହାରୁ ଆସ । ଫେରିଆସି ମୋତେ ନିଜର ଅନ୍ତରଙ୍ଗ ବନ୍ଧୁଭାବେ ସବୁକଥା ଖୋଲି କହିଦିଅ ।"

ହଠାତ୍ ଗାଡ଼ିର ଗତି ଧିମାଇବାକୁ ଲାଗିଲା ଏବଂ ଛିଡ଼ାହେଲା । ଷ୍ଟେସନ୍ ନୁହେଁ କି ଦୂର ସିଗ୍‌ନାଲ ନୁହେଁ, ଗାଡ଼ିର ତିନିଟା ହୁଇସିଲ୍ । ସମସ୍ତଙ୍କ ମୁହଁରେ ଏକକଥା, "କିଏ ଚେନ୍ ପୁଲ୍ କଲା ।"

ଯୁବବନ୍ଧୁଟି ମୋତେ ଅତିକ୍ରମ କରି ବାଥ୍‌ରୁମ୍ ଆଡ଼କୁ ଗଲେ । ମୁଁ ଅପେକ୍ଷା କରୁ କରୁ ଭାବୁଥାଏ ଭିକ୍ଟର ହ୍ୟୁଗୋଙ୍କ ଦସ୍ୟୁ ଜିଆନ ଭେଲଜିଆନ୍ ଓ ବିସପ୍‌ଙ୍କ ଭେଟଘାଟ କଥା । ବାଥ୍‌ରୁମ୍ ଖୋଲାହେବାର ସ୍ପଷ୍ଟ ଟୁକ୍ ଶବ୍ଦଟା ଶୁଣିଥିଲି । କିନ୍ତୁ ପାଞ୍ଚ ମିନିଟ୍ ପରେ ବନ୍ଧୁଙ୍କ ଯେତେବେଳେ ପୁନଦର୍ଶନ ନ ମିଳିଲା ଭାବିଲି ଉଠିଯାଇ ଦେଖନ୍ତି । କିନ୍ତୁ ମୁଁ ତାଙ୍କୁ ଅବିଶ୍ୱାସ କରୁଛି, କାଳେ ସେକଥା ସେ ଜାଣିପାରିବ ସେଥିପାଇଁ ଗଲିନାହିଁ । ଆଉ ଦୁଇମିନିଟ୍ ବାଦଦେଇ ଗାଡ଼ି ଚାଲିବାକୁ କେତେ ଡ଼େରି ଦେଖିବା

Digitized by srujanika@gmail.com

ପାଇଁ ଛଳନା କରି ଉଠିଗଲି । କିନ୍ତୁ ଇଏ କ'ଣ ? ପିଞ୍ଜରା ଖାଲି, ଚଢ଼େଇ ଉଡ଼ିଯାଇଛି । ବାଥ୍‌ରୁମ୍ ଦୁଆର ଖୋଲା । ବନ୍ଧୁ ନାହାନ୍ତି । ବାଥ୍‌ରୁମ୍ ସେ ଖୋଲିଥିଲେ ମୋ ମନରେ ଗୋଟିଏ ଭ୍ରମ ସୃଷ୍ଟି କରିବା ପାଇଁ । ଏପାଖ ସେପାଖ ଚାହିଁଲି, ଦେଖିଲି ସେ ଓହ୍ଲାଇ ଅନ୍ୟ ଡ଼ବାକୁ ଯାଉଛନ୍ତି କି । କିନ୍ତୁ ତାଙ୍କ ଚିହ୍ନ ବର୍ଣ୍ଣ ପାଇଲିନାହିଁ । ଟ୍ରେନ୍ ଲମ୍ବା ହୁଇସିଲ ମାରି ପୁଣି ଚାଲିବାକୁ ଆରମ୍ଭକଲା । ମୁଁ ପୁଣି ଠକିଲି । ପାଇବା ଚିଜ ପୁଣି ବୋକାମିରେ ହରାଇ ବସିଲି । ଅନ୍ଧ ଥରେ ବାଡ଼ି ହଜାଏ, ବୋକା ଶହେ ଥର ଠକେ ।

ପୁଣି ସେଇ ଆତ୍ମଗ୍ଲାନି, ଆତ୍ମଧିକ୍କାର । ବନ୍ଧୁଟି ଯେ ଧୂର୍ତ୍ତଶୃଗାଳ ପରି ଅତି ଚତୁରତାର ସହିତ ସାକଲେ ଏକ ଅତର୍କିତ ମୁରଗୀ ଶିକାର କରିବା ଉଦ୍ଦେଶ୍ୟରେ ଡ଼ବାରୁ ଡ଼ବା ଘୂରାଫେରା କରୁଥିଲେ ସେଥିରେ ମୋର ଆଉ ସନ୍ଦେହ ରହିଲା ନାହିଁ । ପୁଣି ସେ ଯେ ନିଶ୍ଚିତରୂପେ ସେଇ ଟ୍ରେନ୍‌ରେ ଯାଉଛନ୍ତି ସେଥିରେ ମଧ ସନ୍ଦେହ ନାହିଁ । ପୁଣି ପ୍ରସ୍ତୁତ ହେଲି ତାଙ୍କୁ ଧରି ପୋଲିସ୍ ହାତରେ ଅର୍ପଣ କରିବା ପାଇଁ । ଏଥର ଆଉ ରକ୍ଷା ନାହିଁ ।

ଭାବିଲି, ପ୍ରଥମେ ସେ ଆସି ମୋ ପାଖରେ ଛିଡ଼ାହେଲା ବେଳେ ଯେବେ ଧରିବାକୁ ଚେଷ୍ଟା କରିଥାନ୍ତି ହୁଏତ ସେ ଚଳନ୍ତା ଗାଡ଼ିର ଖୋଲା ଦରଜା ଦେଇ ମୋତେ ପେଲି ତଳକୁ ଖସାଇ ଦେଇଥାନ୍ତା । ଅନ୍ୟର ସାହାଯ୍ୟ ନ ନେଇ ତାଙ୍କୁ ଧରିବା ମୋ ପକ୍ଷରେ ଅସମ୍ଭବ ହୋଇଥାନ୍ତା । ତେଣୁ ମୋର ପ୍ରଥମ କର୍ତ୍ତବ୍ୟ ହେଲା ସାମନାରେ ବସିଥିବା ତେଲୁଗୁ ଭଦ୍ରବ୍ୟକ୍ତିଙ୍କୁ ଚୁମ୍ବକରେ ଘଟଣା ଜଣାଇ ତାଙ୍କ ସାହାଯ୍ୟ ଲୋଡ଼ିବା । ଆଗରେ ଯାଜପୁର ଷ୍ଟେସନ୍ ପଡ଼ିବ । ସେଇଠି ସେ ହୁଏତ ଓହ୍ଲାଇ ଖସିଯିବାକୁ ପସନ୍ଦ କରିବ ନାହିଁ । ତାରଖୁଣ୍ଟିର କିଲୋମିଟର ନମ୍ବର ଦେଖି ଜାଣିନେଲି ଯାଜପୁର ରୋଡ଼ ଆଉ ଆଠକିଲୋମିଟର । କଥା ହେଲା, ଷ୍ଟେସନ୍‌ରେ ଗାଡ଼ି ଛାଡ଼ି ହେଲା ବେଳେ ମୁଁ ପ୍ଲାଟଫର୍ମ ପଟାକୁ ଚାହିଁବି, ସେ ଓଲଟା ପାଖ ଦେଖିବେ ।

ଯେମିତି ଗାଡ଼ିର ଗତି ଧିମାଇବାକୁ ଆରମ୍ଭ କରିଛି ଡ଼ବାର ଦୁଇପାଖ ଦରଜାରେ ଆମେ ଦୁହେଁ ପୂର୍ବ କଳ୍ପିତମତେ ଛିଡ଼ାହେଇ ତୀକ୍ଷ୍ଣ ଦୃଷ୍ଟିଦେବାକୁ ଲାଗିଲୁ, ପ୍ଲାଟଫର୍ମର ଏମୁଣ୍ଡ ସେମୁଣ୍ଡ ପ୍ରାୟ ଦେଖି ହେଉଥିଲା ଟ୍ରେନ୍ ଉପରୁ । ପ୍ରାୟ ପଚାଶ ସେକେଣ୍ଡ ଯାଇଛି କି ନାହିଁ ତେଲୁଗୁ ଭଦ୍ରଲୋକଟି ସେପଟ ଦରଜାରୁ ବଡ଼ପାଟିରେ କହିଲେ, "I think he is getting down this side" ଅର୍ଥାତ୍ ମୋର ବିଶ୍ୱାସ ଭଦ୍ରଲୋକ ଏଇପଟେ ଓହ୍ଲାଇଛନ୍ତି । ମୁଁ ଯିମିତି ବର୍ଣ୍ଣନା ଦେଇଥିଲି ତାର ଅନୁରୂପ ଲୋକଟାକୁ ସହଜରେ ଠଉରେଇ ପାଇଲେ, ଯେହେତୁ ସେ ପାଖରେ ଚୋର ଛଡ଼ା ଅନ୍ୟ କେହି ଓହ୍ଲାନ୍ତି ନାହିଁ ।

ତରବର ହୋଇ ଯାଇ ଦେଖିଲି ସତକୁ ସତ ସେ ଓହ୍ଲାଇଛନ୍ତି ଏବଂ ଦ୍ୱିତୀୟ ରେଲରାସ୍ତା ପାରି ହୋଇ ଛାତିଏ ଉଚ୍ଚ ଅନ୍ୟ ପ୍ଲାଟଫର୍ମକୁ ଗଳିବାକୁ ଚେଷ୍ଟା କରୁଛନ୍ତି । କର୍ତ୍ତବ୍ୟ ସ୍ଥିର ନ କରିପାରି ବା ତଳକୁ ଓହ୍ଲାଇ ତାକୁ ଧରିବାର ପ୍ରୟାସ ନକରି ବନ୍ଧୁକ

Digitized by srujanika@gmail.com

ନଥିବା ଡ଼ରୁଆ ଶିକାରୀ ଜାନୁଆରକୁ ଯେମିତି ଚିତ୍କାର କରି ଘଉଡ଼ାଇ ଦିଏ ଆତ୍ମସନ୍ତୋଷ ଲାଭକରେ ସିମିତି "ଧର ଧର" ବୋଲି ଜୋର ଡ଼ାକ ଦେଇ । "କାହାକୁ", "କାହିଁକି" "କିଏ" ଇତ୍ୟାଦିର ଇଙ୍ଗିତ ନ ଥିବାରୁ କେହି ମୋ ଚିତ୍କାରର ପ୍ରତିଧ୍ୱନି ଦେଲେ ନାହିଁ । "ଚୋର" ବୋଲି କହିପାରିଲି ନାହିଁ । "ଡ଼ବ୍ଲ୍ୟୁଟିକୁ ଧର" ବୋଲି କହିଲି । ତାଙ୍କୁ ବା କିଏ ଦଉଡ଼ି ଧରିବ ?

ସେତେବେଳକୁ ଜଣେ ଯୁବକ କାନ୍ଧରେ ଭରା ଦେଇ ବନ୍ଧୁ ପ୍ଲାଟଫର୍ମ ଉପରକୁ ଉଠିଗଲେଣି । ସେ ପଳାଇବା ପାଇଁ ଯେତିକି ତତ୍ପର ହେଉଥାନ୍ତି ମୋର ଚିତ୍କାର ସିମିତି ବଢ଼ି ଚାଲିଥାଏ । ଦେଖିଲି ଆଉ ଜଣେ ଯୁବକ ତାଙ୍କ ପଛେ ପଛେ ଧାଉଁଛନ୍ତି । ମୁଁ ଭାବିଲି ସେ ଅଚିରେ ତାଙ୍କୁ ପଗଡ଼ାଇ ନେବେ । ମୋର ତୃତୀୟ ଚିତ୍କାର ବେଳକୁ ସେ ମଣିଷେ ଉଚ୍ଚ ଲୁହା ପାତିଆରେ ଗୋଜର ବାଡ଼ ନିକଟରେ । ଏଇଥର ଧରା ପଡ଼ିଯିବେ ଭାବିଲି । ପଳାୟନ ପନ୍ଥା ବନ୍ଦ । ଲୁହା ବାଡ଼ ଡ଼େଇଁବେ କିପରି ?

ବୁଲି ଚାହିଁଲି ଜଣେ କନେଷ୍ଟବଳ ମୋ' ପଛରେ ଛିଡ଼ାହୋଇ ଦେଖୁଥାନ୍ତି ବନ୍ଧୁଙ୍କ ପଳାୟନ ଚତୁରତା । କହୁଥାନ୍ତି, "ଅଲବତ୍ ଧରିବାକୁ ହେବ ।" ଅଦୂରର ଓଭରବ୍ରିଜ୍ ଉପରେ ସବ୍-ଇନ୍ସପେକ୍ଟର ପାହିଆର ଆଉଜଣେ ପୋଲିସ୍ କର୍ମଚାରୀ ଏଟେନ୍‌ସନ୍ ଭଙ୍ଗୀରେ ଛିଡ଼ା ରହି ଦେଖୁଥାନ୍ତି କେଉଁ ବୁଦ୍ଧି ପ୍ରୟୋଗ କରି ଖସି ଯାଉଛନ୍ତି ।

ସିଗ୍‌ନାଲ ଡ଼ାଉନ । ଗାର୍ଡ଼ସାହେବ ହୁଇସିଲ ପରେ ପରେ ସବୁଜ ପତାକା ହଲାଇବାକୁ ଆରମ୍ଭ କଲେଣି । ତାଙ୍କଠାରୁ କୋଡ଼ିଏ ପଚିଶ ଗଜ ଦୂରରେ ବନ୍ଧୁଟି ଖସିଯିବା ଚେଷ୍ଟାରେ ଅଛନ୍ତି । ମୋର ଆଉ ସନ୍ଦେହ ନଥାଏ ତାଙ୍କ ମୁକ୍ତିରେ କେବଳ ଲୁହାଗୋଜା କାଳେ ଦିହରେ ପଶିଯିବ ବା ମୋଟା ଦେହ ଯୋଗୁଁ ଦୁଲଦାଲ କରି ତଳେ ପଡ଼ିଲେ ଜୋର ଜଖମ ଲାଗିଯିବ । ଟ୍ରେନ୍ ହୁଇସିଲ ମାଇଲା । ଏକ୍ସପ୍ରେସ୍ ଗାଡ଼ି କେତେ ସମୟ ଅବା ଛିଡ଼ା ହେବ ।

ଲୁହାବାଡ଼ ପାଖେ କେତେଦୂର ଯାଇ ବନ୍ଧୁଟି ଅନନ୍ୟୋପାୟ ହୋଇ ଛିଡ଼ାହେଲେ । ମୋତେ ଓ ତେଲୁଗୁ ଭଦ୍ରଲୋକଙ୍କୁ ଜଣାଗଲା ଯିମିତି ତାଙ୍କ ପଛରେ ଧାଉଁଥିବା ଦୁଇ ଯୁବକ ଏଜେଣ୍ଟ ବନ୍ଧୁଙ୍କୁ ଜାବୁଡ଼ି ଧଇଲେ । କିନ୍ତୁ ଏ କ'ଣ ? ପାଣିଘର ପାଖକୁ ଲାଗି ହାତେ ଖଣ୍ଡେ ଜାଗାରେ ଲୁହାବାଡ଼ ନଥିଲା ସେଇ ବାଟଦେଇ ଠେଲିପେଲି ତାଙ୍କ ଷ୍ଟେସନ୍ ହତା ବାହାରକୁ ପଠାଇ ଦେଉଛନ୍ତି । ଟ୍ରେନ୍ ଧୀରେ ଧୀରେ ଚାଲିଲା । ଯେଉଁ ଦୁଇ ଯୁବକ ଏଜେଣ୍ଟବନ୍ଧୁଙ୍କୁ ନିରାପଦରେ ପଠାଇଦେଲେ ସେମାନେ ଫେରିଆସି ଗାଡ଼ିରେ ଚଢ଼ିଲେ, ଦେଖିଲୁ ଲୁହାବାଡ଼ର ଅପରପାର୍ଶ୍ୱରେ ଯେଉଁଠି ଗୁଡ଼ାଏ ବାସ୍ ଛିଡ଼ା ହୋଇଥାଏ ସେଇଠି ଜନତା ଭିତରେ ଡ଼ାନ୍‌ଲପ୍ ଏଜେଣ୍ଟ ମିଶିଗଲେ । ଆଶ୍ୱସ୍ତ ହେଲି ତାଙ୍କର ଏ ନିରାପଦ ପଳାୟନରେ । ଯିମିତି ସେ ବିପଦରୁ ବଞ୍ଚିନାହାନ୍ତି ମୁଁ ରକ୍ଷା ପାଇଲି ।

Digitized by srujanika@gmail.com

ଫେରିଆସି ନିଜ ସିଟ୍‌ରେ ବସିଲାବେଳକୁ ଦିହଯାକ ଝାଳରେ ବୁଡ଼ି ଯାଇଥାଏ । ଜଣାପଡୁଥାଏ ଯିମିତି ଟ୍ରେନ୍‌ଟା ଗୁଡ଼ାଏ ଭଣ୍ଡ ଠକ ଚୋରଙ୍କୁ ଧରି ଚାଲିଛି । ପରସ୍ପର ସାହାଯ୍ୟ କରିବା ମନୋବୃତ୍ତି ନେଇ ଡ୍ରାଇଭର, ଗାର୍ଡ଼, କଣ୍ଡକ୍ଟର, ପଏଣ୍ଟସମେନ୍ ଏମିତିକି ରେଲବାଇ ପୋଲିସ୍, ଷ୍ଟେସନ୍ ମାଷ୍ଟର ସମସ୍ତ ମେଣ୍ଟ ବାନ୍ଧି ଶଠତା ଓ ଠକାମିକୁ ଉତ୍ସାହିତ କରୁଛନ୍ତି ଓ ମୋତେ ଲାଗିଲା ଯିମିତି କି ଡ଼ାନ୍‌ଲପ୍ ଏଜେଣ୍ଟର ସାଙ୍ଗସାଥୀମାନେ ପ୍ରତିଶୋଧ ନେବା ଉଦ୍ଦେଶ୍ୟରେ ପୁଣି ଠକେଇବା ଚକ୍ରାନ୍ତ କରୁଛନ୍ତି । ଫାଇଲ ବେଗଟାକୁ କୋଡ଼ରେ ଜୋରେ ଜାକି ଭିତରେ ଥାଏ କାଳେ କିଏ ଛଡ଼ାଇ ନେବ । ଟି.ଏ. ବାବଦ ସତୁରୀ ଟଙ୍କା ଭିତରେ ଥାଏ । ସମ୍ଭ୍ରାନ୍ତ ସ୍ୱାସ୍ଥ୍ୟବାନ ମୋଟା ଚଷମାବାଲା ଟୋକାଟିଏ ପାଖ ଦେଇ ଗଲେ ଭାବେ ପୁଣି ଆଉଜଣେ ଡ଼ାନଲପ୍ ଏଜେଣ୍ଟ ଆସିଲେ ବୋଲି ।

ସାମନାରେ ବସିଥିବା ତେଲୁଗୁ ଭଦ୍ରଲୋକଙ୍କୁ ମୋ' ଭୟ କଥା କହନ୍ତେ ସେ ମୋ' ଭୟରେ ଭାଗୀଦାର ହୋଇ ବେଗ୍‌ଟା ମୋ ହାତରୁ ନେଇ ନିଜ ପାଖରେ ରଖିଲେ । ଭଦ୍ରଖ ପହଞ୍ଚିଲାବେଳକୁ ମୁଁ କହିଲି "ବେଗ୍‌ଟା ଆପଣଙ୍କ ପାଖରେ ମଧ ନିରାପଦ ନୁହେଁ । କେବିନ୍ ଭିତରକୁ ବଢ଼ାଇଦିଅନ୍ତୁ ଆପଣଙ୍କ ସ୍ତ୍ରୀ ଓ ଛୁଆପିଲାଙ୍କ ଜିମାରେ ଥାଉ ।" ସାମାନ୍ୟ ହସି ସେ ତାହା କଲେ ।

ବାଲେଶ୍ୱରରେ ଓହ୍ଲାଇ ବେଗ୍‌ଟା ନେଲାବେଳକୁ ବେଗ୍‌ଟା ଉଷୁମ ଲାଗୁଥାଏ ଘଣ୍ଟାଏ ଦେଢ଼ଘଣ୍ଟା କାଳ ଭଦ୍ରମହିଳାଙ୍କ କୋଳରେ ରହି ରହି । ଏଣେତେଣେ ତରକି ମରକି ଚାହିଁ ନିଜ ବେଗ୍‌କୁ ନିଜେ ଚୋର ପରି ଧରି ଯେତେବେଳେ ଦେଖିଲି ଯେ ଡ଼ାନ୍‌ଲପ ଏଜେଣ୍ଟ ବା ପୋଲିସ୍ କୁଆଡ଼େ ଦିଶୁନାହାନ୍ତି ସେତିକିବେଳେ ଷ୍ଟେସନ୍‌ରୁ ଖସିଯାଇ ଘରେ ପହୁଞ୍ଚିଲି ।

ଘରେ ପହୁଞ୍ଚିଲାମାତ୍ରେ ପୁଅ କହିଲା, "ବାପା ଜାଣିଛ, ତୁମ ଡ଼ାନ୍‌ଲପ୍ ଏଜେଣ୍ଟ କଥା କାଲି କଟକ ରେଡ଼ିଓ କହିଛି ।"

"ପୁରସ୍କାର ଘୋଷଣା କରିନଥିବ ନିଶ୍ଚୟ । ତା'ହେଲେ ମୁଁ ପାଇଥାନ୍ତି ।" ମୁଁ କହିଲି ।

"ଆଉ ଦେଖ କାଗଜରେ କ'ଣ ବାହାରିଛି ।" ପାଟିକରି ସେ ପଢ଼ିଲା "ଟାୟାର୍ କମ୍ପାନୀର ନକଲି ଏଜେଣ୍ଟଙ୍କ ଦ୍ୱାରା ଠକେଇ" କଟକ ୧୯/୭- ଗତ କେତେମାସ ଧରି ଜଣେ ଶିକ୍ଷିତ ଓଡ଼ିଆ ଯୁବକ ନିଜକୁ ଡ଼ାନ୍‌ଲପ୍ ଟାୟାର କମ୍ପାନୀର ଏଜେଣ୍ଟ ଭାବରେ ପରିଚୟ ଦେଇ ଜନସାଧାରଣଙ୍କ ଠାରୁ ଅଜସ୍ର ଅର୍ଥ ଠକେଇ ନେଇଯାଇଥିବାର ପୋଲିସ୍‌ରେ ଅଭିଯୋଗ ହୋଇଅଛି । ଏ ଆସାମୀ ସାଇକେଲ୍, ସ୍କୁଟର ଓ ମଟର ଟାୟାର ସୁବିଧାରେ ଯୋଗାଇ ଦେବାକୁ ମିଥ୍ୟା ପ୍ରତିଶ୍ରୁତି ଦେଇ

Digitized by srujanika@gmail.com

ଏପରି ଅସଦୁପାୟରେ ଅର୍ଥ ଉପାର୍ଜନ କରୁଥିବାରୁ ସର୍ବସାଧାରଣ ତାଙ୍କ ପ୍ରତି ସତର୍କ ରହିବାକୁ ପୋଲିସ ବିଭାଗ ଜଣାଇଛନ୍ତି ।

ମୋ ମୁହଁରୁ ବାହାରିପଡ଼ିଲା, "ଧନ୍ୟବାଦ, ବଡ଼ ଡ଼େରିକଲ ପୋଲିସ୍ ବାବୁ ! ଏଜେଣ୍ଟ ଭାଇ ! ସାବଧାନ୍, ପୋଲିସ୍ ତୁମ ପିଛା ଲାଗିଲେଣି । ପଳାଅ କେନ୍ଦୁଝରେ ଦେଇ ତିରିଂ ବାଟେ ଟାଟାନଗର । ତିରିଂରେ ଭାଇ ଅଛି, ତାକୁ ଯଦି ରୋଡ଼ଷ୍ଟାର ଡ଼ାନ୍‌ଲପ ଆଉ ପ୍ଲାଷ୍ଟିକ ମଶାରି ଦେଇପାର । ମୋର ତୁମ ବିରୁଦ୍ଧରେ ଅଭିଯୋଗ ନାହିଁ । ଆଶ୍ୱାସନା ଦେଉଛି ତୁମକୁ କେବେ କେହି ଧରିପାରିବେ ନାହିଁ ।"

# ସେଇ ଝିଅଟି

ଦୂରଗାମୀ ସରକାରୀ ବାସ୍‌ଗୁଡ଼ାକ କିମିତି କିମିତି ଅତି ବେଶୀ ସରକାରୀ । ଅତିକାୟ, ଚହଟଚିକ୍କଣ, ନିର୍ବ୍ୟକ୍ତିକ ଏପରିକି ଭୀତିପ୍ରଦ । ଡ୍ରାଇଭର କଣ୍ଡକ୍ଟର ସ୍ଫୀତ, ଗର୍ବିତ ଓ ଉଦ୍ଧତ ପରି ଦେଖାଯାଆନ୍ତି, ଯିମିତି ଜଗୁଆଳି ପୋଲିସ୍ କର୍ମଚାରୀ । ଭିତର ଲେଖାଲେଖିଗୁଡ଼ାକରେ ବି ସରକାରୀ ଗନ୍ଧ । କେଉଁଠି ସଂସ୍କୃତିଆ "ଧୂମ୍ରପାନ ନିଷେଧ" ଅନ୍ୟତ୍ର ଗାଉଁଲି ପ୍ରଚାର ବିଭାଗର "ଆମେ ଦୁଇ ଆମର ଦୁଇଟି ଯଥେଷ୍ଟ", ଆଉ କେଉଁଠି ଅବା ଶେଷରେ 'ମହିଳା ଅପର' 'ମହିଳା ଲୋଅର୍', କାଁ ଭାଁ ଦଶପଇସିଆ ଆଦିମ କାଳର ରଙ୍ଗୀନ୍ ତିନିଠାକୁରଙ୍କ ଟିଣ ଫ୍ରେମ୍‌ର ଫଟୋ ଯାହା ଉପରେ କେରାକିଆ କରାଟ ଫୁଲମାଳଟା ବି ଶୁଖି ଯାଇଥାଏ । ବାସ୍ ଟାଇମ୍ ଧରି ଚାଲିବାର ଚେଷ୍ଟାକରେ, ଥରେ ଚାଲିଲେ କୁଆଡ଼େ ହାତ ଦେଖାଇଲେ ବି ଥମେ ନାହିଁ । ଯାତ୍ରୀମାନେ ବି ଇସ୍ତ୍ରୀଦିଆ କଡ଼ା ମେଜାଜର ଲୋକ, ଗୁରୁଗମ୍ଭୀର ଫିଟ୍‌ଫାଟ୍, କଥାବାର୍ତ୍ତା କମ୍ କରନ୍ତି । ଲମ୍ବା ଲମ୍ବା କାଗଜ ପଢ଼ନ୍ତି । କଥାବାର୍ତ୍ତାଗୁଡ଼ାକ ବି, ସରକାରୀ ବଦଳି ପ୍ରମୋଶନ ଡ଼ି.ଏ.,ଟି.ଏ., ଭିଜିଲାନ୍ସ କଥା । ଗୋଟାଏ ଅଳଙ୍କାର ପରି କମ୍ପ୍ଲେଣ୍ଟ ବାକ୍ସ ଥାଏ ।

ସବୁ ଦୂରଗାମୀ ପ୍ରାଇଭେଟ୍ ବାସ୍‌ଗୁଡ଼ାକ ବି କେମିତି କେମିତି ଅତି ପ୍ରାଇଭେଟ୍ ଲାଗେ । ଧାନ ଚାଉଳ, ମୁଢ଼ି ମାଛ, ଶୁଖୁଆ ଏପରିକି କୁଲା ପାଛିଆ ଛାଞ୍ଚୁଣୀ ପତର ଆଦି ସବୁ ଘରକରଣା ଚିଜ ୟାରି ଭିତରେ । ଏ ବାସ୍‌ରେ ଅପର ଲୋଅର ନାହିଁ, ଯେ ଆଗେ ବସିପାରିଲା । ସମସ୍ତେ ସମାନ । ମଣିଷ ଜିନିଷ ବାରିବା ମୁସ୍କିଲ୍ । ବାସ୍ ଥରେ ଚାଲିଲେ କେତେବେଳେ କେଉଁଠି ପହଞ୍ଚିବ ନପହଞ୍ଚିବ କହିହେବନି । ବାସ୍

---
*ଅପରାଜିତା* ଶାରଦୀୟ ସଂଖ୍ୟା, ସେପ୍ଟେମ୍ବର ୧୯୭୨ ।

Digitized by srujanika@gmail.com

ଭିତରେ ଏମିତି ଗନ୍ଧ ହୁଏ ଯେ, ତାହା ପ୍ରାୟ ପଚିଶ ପଚାଶ ଜିନିଷରୁ ଆସେ । ଲୋକଙ୍କ ଭାଷା ଅମାର୍ଜିତ, ଅଶ୍ଳୀଳ ମଧ୍ୟ । ଯାତ୍ରୀମାନେ ଏଡ଼େ ପାଟିରେ କଥାବାର୍ତ୍ତା କରନ୍ତି ଯେ, ବସ୍‌ରେ ଶବ୍ଦ ବି ଶୁଭେ ନାହିଁ, କାନ ଭିତରେ ଢ଼ପ୍ ଢ଼ପ୍ ବାଜା ପିଟିଲା ପରି ଶବ୍ଦ ହୁଏ । କେବେ ଇଂରାଜୀ ପଢ଼ିନଥିବା ମିସ୍ତ୍ରୀ ଲେଖିଥାଏ - To sit 52 । ବସନ୍ତି ହଣ୍ଡ୍ରେଡ଼୍ ଟୁ । କର୍ମଚାରୀମାନେ ଯାତ୍ରୀମାନଙ୍କୁ ମଣିଷ ଭାବନ୍ତି ନାହିଁ ।

ଆଉ ଏକପ୍ରକାର ବାସ୍ ଅଛି ଯାହା ଦୂରଗାମୀ, ମାତ୍ର ପ୍ରାଇଭେଟ୍ । ଏଥିରେ ଉଭୟ କିସମର ବସ୍‌ର ମଧୁର ସମନ୍ୱୟ ଦେଖାଯାଇଥାଏ । ସେଗୁଡ଼ାକ ଏକରଙ୍ଗୀ ନୁହନ୍ତି, ହରରଙ୍ଗୀ । ପ୍ରୋପ୍ରାଇଟର ନାଆଁ ବସ୍ ବାହାରେ ବଡ଼ ବଡ଼ ଅକ୍ଷରରେ ଲେଖାଥାଏ । ବିନାଟିକଟରେ ଯାତ୍ରୀ ଯାଇ ଆସିପାରନ୍ତି ନାହିଁ, ହେଲେ ଛୁଆଙ୍କୁ ଟିକଟ ଦେବାରେ କୋହଳ ନୀତି ଅନୁସରଣ କରାଯାଏ, ପାଞ୍ଚଜଣ ସାନବଡ଼ ଛୁଆଙ୍କ ପାଇଁ ଯଦି ଦମ୍ପତି ଏକ ଗୋଟାଏ ଅଧ ଟିକେଟ । ବଡ଼ସାନ ସମସ୍ତେ ଭାବନ୍ତି ସେଇଟା ତାଙ୍କ ବାସ୍ । ଏ ବାସ୍‌ର କର୍ମଚାରୀ କର୍ମଠ, ଯାତ୍ରୀମାନଙ୍କ ତତ୍ତ୍ୱ ନିଅନ୍ତି । ସବୁଠି ଛିଡ଼ାହୁଏ, ସମସ୍ତଙ୍କ ଅଳି ଦଳି ବୁଝାହୁଏ । ସମସ୍ତେ ସ୍ୱାଧୀନ, ପୂରା ଡ଼େମୋକ୍ରେସି ।

ସେଦିନ ଏମିତି ଗୋଟାଏ, ବାସ୍‌ରେ ଧରନ୍ତୁ କଲିକତା କେଉଁଝର ବସ ଅବା ଦୀଘା-ଚାନ୍ଦବାଲି ବସ୍-ମୁଁ ଚଢ଼ିଗଲି । କାହିଁକି କେଉଁଠାକୁ ଯାଉଛି ନ କହିପାରିଲେ ମଧ୍ୟ ମୁଁ ଅନୁଭବ କରୁଥିଲି ଯିମିତି ମୋତେ କିଏ ଘଉଡ଼ାଇ ଦେଇଛି ଅନିର୍ଦ୍ଦିଷ୍ଟ ସ୍ଥାନକୁ ବା ମୁଁ କ'ଣ ଗୋଟାଏ ଦୁଷ୍କର୍ମ କରି ଧରନ୍ତୁ ଗୋଟାଏ ରୁଗ୍‌ଣ ଭିକାରୀ ଛୁଆକୁ ଯୋତାରେ ଦଳିଦେଇ ବା ଗାଲରେ ନିର୍ମମ ଚାପୁଡ଼ାଏ ଦେଇ ଖସିଯିବାର ଚେଷ୍ଟା କରୁଛି ସାମନାରେ ମିଳିଯାଇଥିବା ଯାନବାହାନ ଗୋଟାକରେ ।

ଗାଡ଼ିଟା ଷ୍ଟାଣ୍ଡରେ ନଥିଲା । ଥିଲା ପେଟ୍ରୋଲ ଟାଙ୍କି ପାଖରେ । ମୋବିଲ ତେଲ ପାଣି ସବୁ ନେଇ ଛାଡ଼ିବ । ସହର ମୁଣ୍ଡରେ ଆଉ ଗୋଟାଏ ଜାଗାରେ ଦଣ୍ଡେ ଅଟକି ସିଧା ବାହାରି ଯିବ । ଯେଉଁ ହତଭାଗ୍ୟ ଅଧମମାନେ ଷ୍ଟାଣ୍ଡରେ ବାସ୍ ଧରି ନପାରନ୍ତି ସେମାନେ ଧାଁ ଧପଡ଼ କରି ଧଇସଇଁ ହୋଇ ବା ରିକ୍ସାଟାଏ ଧରି ଏଇଠି ଚଢ଼ନ୍ତି ।

ମୁଁ ଚଢ଼ିଲା ବେଳକୁ ଗୋଟାଏ ମାତ୍ର ସିଟ୍ ଥିଲା । ଦ୍ୱିତୀୟ ଧାଡ଼ିରେ ମୁହଁରେ ଶ୍ୱେତକୁଷ୍ଠ ହୋଇଥିବାରୁ ପାଖ ଲୋକଟା କିମିତି କଦର୍ଯ୍ୟ ଦିଶୁଥିଲା । ତେଣୁ ତା ପାଖରେ କେହି ବସୁନଥିଲେ ? ଡ଼ିଆଁରୋଗ ନୁହେଁ, ତଥାପି କୁତ୍ସିତ ସୁନ୍ଦର ବୋଲି ତ ବାଛ ବିଚାର ଅଛି । ମୋର ଲଗେଜ ନଥିଲା । କେବଳ ପ୍ଲାଷ୍ଟିକ୍ ଥଳିରେ ଥିଲା ବଡ଼ ପେନ୍ଥାଏ ହାଇଦ୍ରାବାଦ ଅଙ୍ଗୁର ଓ ମୁଠାଏ ଦିମୁଠା ଟଫି ।

ଭୀଷଣ କ୍ରୋଧ, ହିଂସା ଓ ଈର୍ଷାଜର୍ଜରିତ ହୋଇ (ଏଇ ମାନସିକ ଅବସ୍ଥା ବି ମୁହୂର୍ତ୍ତ ଟିକିଏ ତୀବ୍ରତର ହେଲେ ମଣିଷ ହତ୍ୟାକାରୀ ହୁଏ) ବସ୍ ଭିତରକୁ ପଶିଥିଲି । ଚେଷ୍ଟାକରି ନିଜକୁ ସମ୍ଭାଳି ସାମାନ୍ୟ ପ୍ରକୃତିସ୍ଥ କଲାପରେ ଚାରିଆଡ଼କୁ ଆଖି ବୁଲାଇଲି ।

Digitized by srujanika@gmail.com

ଆଗ ସିଟ୍‌ରେ ଜଣେ ସୁସ୍ଥ ସୁଶ୍ରୀ ସବଳ ତାଙ୍କ ବଳିଷ୍ଠ ଲୋମଶ ଅସ୍ତିନଟେକା ବାହୁକୁ ପୂରାପୁରି ସିଟ୍‌ର ଉପରିଭାଗରେ ଲମ୍ବାଇଦେଇ ବସିଛନ୍ତି । ସେଇ ବାହୁର ମାଂସଳ ଅଂଶରେ ଫୁଲୁକା ଫୁଲୁକା ଲାଲ ପଦ୍ମ ରଙ୍ଗର ଗାଲକୁ ରଖି ମହିଳାଟିଏ (ନିଶ୍ଚିତ ରୂପେ ତାଙ୍କ ସ୍ତ୍ରୀ) ଆୟତ୍ତ ଆଖି ବୁଜି ଉଷ୍ମତା ଟାଣୁଛନ୍ତି ବା ତନ୍ମୟ ହୋଇ ସ୍ୱାମୀଙ୍କ ଲମ୍ବା ନାକ ଓ ଚିକି କୁରାଢ଼ି ସମାନ କଲିକୁ ପସନ୍ଦ କରୁଛନ୍ତି, ଜଣାପଡୁନଥିଲା । ବାସ୍‌ଟାକୁ ସେମିତି ଦୁହେଁ ନିଭୃତ ବୈଠକଖାନା ବା ବେଡ୍ ଚେୟର ଭାବୁଥିଲେ ନିଶ୍ଚୟ ।

ଦୁଇ ତିନୋଟି ବେଞ୍ଚ ବ୍ୟବଧାନରେ ପଛପଟେ ବସିଥିବା ଜନୈକ ପ୍ରୌଢ଼ ବା ପ୍ରୌଢ଼ାଙ୍କ କଥୋପକଥନ ଶୁଣାଯାଇଥିଲା ନିମ୍ନମତେ:-

ପ୍ରୌଢ଼ - ବୁଝିଲନା ସମୁଦୁଣୀ! ଭୁବନ ଭାଇର ଝିଅର ବାହାଘର ହୋଇଗଲା, ଆମ ଗାଁ ନିଧି ସାଉ ପୁଅ ହରିଆ ସାଙ୍ଗରେ ।

ପ୍ରୌଢ଼ା - ଭଲ ହେଲା । ପନ୍ଦର ଷୋଳ ବର୍ଷରେ ଝିଅଙ୍କୁ ବାହାଦେବା ଭଲ । ଆଜିକାଲି ବୁଢ଼ୀ ହବାଯାଏ ଝିଅସବୁ ବାପ ଘରେ ରହୁଛନ୍ତି, ବେଧ ଜନ୍ମ କରୁଛନ୍ତି ଦେଖୁନ ସମୁଧି ।

ପ୍ରୌଢ଼ - ହଁ ସମୁଦୁଣୀ । ଏ ଆଖି ସବୁ ଦେଖୁଛି, ଏ କାନ ସବୁ ଶୁଣୁଛି । ଠିକ୍‌ବେଳରେ ଝିଅ ପୁଅକୁ ବାନ୍ଧିଦେବା ଭଲ ।

ପ୍ରୌଢ଼ା:- ଯାହା କହିଲ ସମୁଦି! ଭୋକଶୋଷବେଳେ ଖାଇବାକୁ ଦବା କଥା । ଭୋକଶୋଷ ମରିଗଲେ ଖିଆପିଆ ଆଉ ଭଲ ଲାଗିବ? ଦୁହେଁ ଭାବିଥିଲେ ଗାଁର ପାଖପଡ଼ିଶା ଏକାନ୍ତରେ କାନ୍ଥ ଏ ପାଖରେ ଛିଡ଼ାହୋଇ ପରସ୍ପର ନିକଟକୁ ଆସିବା ପାଇଁ ଅନ୍ୟ ଏକ ପ୍ରେମ କାହାଣୀର ଯିମିତି ସାହାଯ୍ୟ ନିଅନ୍ତି ସିମିତି ଏ ବାସ୍‌ରେ ମଧ କରିହବ ।

ସମୁଦି ସମୁଦୁଣୀଙ୍କ ପ୍ରେମସମ୍ଭାଷଣ ଘରୋଇ କଥାବାର୍ତ୍ତା ଏଇ ଖିଅ ଧରି ଚାଲୁ ଚାଲୁ ଛୁଆପିଲା ଆଡ଼କୁ ଚାଲିଲା, ଲୁପ୍ ନିରୋଧ ପର୍ଯ୍ୟନ୍ତ ।

ଆହୁରି ପଛପଟୁ ବିଭିନ୍ନ ଭାଷା ଓ ଗଣ୍ଡଗୋଳିଆ ଗଳା ସ୍ୱ ର ଭିତରୁ ସ୍ପଷ୍ଟ ବାରି ହେଉଥାଏ "ବେ ଭାଇ ପାନଖଣ୍ଡେ ଭାଙ୍ଗତ", "ହରିଭାଇ, ନେ ବିଡ଼ିଖଣ୍ଡେ ଧରା", "ଭାଇ ଦେଖ ନିଶ୍ଚେ ଆସିବୁ ପୂଜାକୁ" ଇମିତି କେତେଜଣ ସମ୍ଭାଷଣ, ନିମନ୍ତ୍ରଣ, ଯାଚନା, ପ୍ରୀତିବଚନ ।

ପରିବ୍ୟାପ୍ତ ପର୍ଯ୍ୟାପ୍ତ ପ୍ରେମର ଏଇ ଦୁନିଆଁ ଭିତରେ ଖଣ୍ଡିଆ ଗୋଠଛଡ଼ା ହୋଇ ପଶିଥିଲା ଗୋଟିଏ ଜୀବ, ଜାନୁଆର, ସେଇଟା ମୁଁ, କ୍ରମେ ମୋର ଉପସ୍ଥିତିର ଅସଂଗତି ମୁଁ ଅନୁଭବ କରୁଥିଲି ଅଥବା ମୋର ପ୍ରତିରୋଧ ସତ୍ତ୍ୱେ ପରିସ୍ଥିତି ମୋ ଉପରେ ମାଡ଼ି ବସୁଥିଲା, ମୁଁ ଖୁବ୍ ବେଶୀ ପରିମାଣରେ ନିଜକୁ ନିଃସଙ୍ଗ, ବେଖାପ୍ ବୋଲି ମଣୁଥିଲି ।

Digitized by srujanika@gmail.com

ବାସ ଛାଡ଼ିଲା ଏବଂ ଇଞ୍ଜିନର ଘର୍ଘର ଶବ୍ଦରେ ମୋର ଅଶାନ୍ତି ଓ ଆଶ୍ୱସ୍ତି ମିଶିଗଲା କ୍ଷଣିକ ପାଇଁ ।

କିନ୍ତୁ ଏ କ'ଣ ? ହେଲ୍‌ପରର ହୁଇସ୍ଲ (ସରକାରୀ ଗାଡ଼ିର କର୍ଣ୍ଣକଟୁ ଠଂ ଠଂ ବ୍ୟବସ୍ଥା ଏ ଗାଡ଼ିରେ ନାହିଁ) ରେଲ ଇଞ୍ଜିନ ବନ୍ଦ । ପେଟ୍ରୋଲ ଷ୍ଟେସନ୍ ଗୋଲେଇର ଆଉଟ୍ ପଟୁ ଯୋଡ଼ାଏ ପୂରା ବୋଝେଇ ରିକ୍ସା ବାସ୍ ଆଗରେ ଦେଖାଗଲା । ରିକ୍ସାବାଲାଏ ହାତ ଟେକି ଡ୍ରାଇଭରକୁ ଇଙ୍ଗିତ ଦେଲେ ଗାଡ଼ି ଅଟକାଇବାକୁ ।

ମାଲପତ୍ର ବୋଝେଇ ହେବା ଅବସରରେ ଉଠିଲେ ପ୍ରଥମେ ଭଦ୍ର ମହିଳା ନମ୍ବର ଚାରି ଓ ପାଞ୍ଚ ପିଲା ଦିଟା'କୁ ଦୁଇ କାଖରେ ଧରି । ଭେନିଟି ବେଗ, ଘଡ଼ି, ଚୁଡ଼ି, ସୁନାଚୁଡ଼ି ଓ ଥର୍ମୋସରେ ବାଆଁ ହାତ ଭାରାକ୍ରାନ୍ତ ପରି ଦିଶୁଥିଲା । ପାଞ୍ଚଛଅ ଜନ୍ମ କଲେ ମଧ ଯଥେଷ୍ଟ ହୋଇନି ଏବଂ ଦଶ ଛୁଆରେ ବି ସ୍ୱୀର ଯୌବନ ନଷ୍ଟ ହେବନାହିଁ ଏଇ ଦୃପ୍ତ ଘୋଷଣା କରି ସେ ଦ୍ୱାରଦେଶରେ ଆବିର୍ଭୂତା ହେଲେ ଏବଂ ସିଧା ଚାଲିଯାଇ ମହିଳା ବେଞ୍ଚରେ ବସିଗଲେ । ତାଙ୍କ ଚେହେରା ଆକୃତି ରୂପଲାବଣ୍ୟ ଏତେ ଭୀତିପ୍ରଦ ହେଲା ଯେ, ଅନ୍ୟ ଯାତ୍ରୀମାନେ ସତଃ ତାଙ୍କୁ ଆସନ ଛାଡ଼ିଦେଲେ । ଜଣେ ଅଧେ ମଫସଲୀ ଦରବୁଢ଼ୀ ତଳେ ବସିବାକୁ ଶ୍ରେୟ ମଣିଲେ ମଧ ।

ତାଙ୍କ ପଛେ ପଛେ ଗାଈ ପଛେ ପଛେ ଷଣ୍ଢ ଲାଗି ରହିବା ଭଙ୍ଗୀରେ ଉଠିଲେ ସ୍ୱାମୀ ଜଣକ ଦୁଇନମ୍ବର ପୁଅକୁ ଧରି । ସେ ସିଧା ସଳଖ ଯାଇ ବୁଲି ବୁଲି ଟିକେଟ କାଟୁଥିବା କଣ୍ଡକ୍‌ଟର ସିଟ୍‌ରେ ବସିଗଲେ ଦୁଇ ଜଙ୍ଘ ମଝିରେ ପୁଅକୁ ବସାଇ । ତାଙ୍କୁ ଦେଖିଲେ ଜଣାପଡୁଥିଲା ଯିମିତି କି ତାଙ୍କ ଜୀବନର ନୀତି ହେଲା "ପ୍ରଡ୍ୟୁସଅର୍ ପେରିଶ୍" "ଉପୁଜାଅ ଅବା ମର" । (ଭଦ୍ର ବ୍ୟକ୍ତିଟି କୃଷି ବା ପଶୁପାଳନ ବିଭାଗରେ ଅଫିସର ବା ଏମ୍.ଭି.ଆଇ. ନୁହନ୍ତି ତ ?

ଅଳ୍ପ ସମୟ ପରେ ଗାଡ଼ିଉପରେ ଧଡ଼ଧାଡ଼୍ ବୋଝେଇ ଶବ୍ଦ ବନ୍ଦ ହେଲା । ନଅ ଦଶବର୍ଷର ସୁଶ୍ରୀ ଗୁଲୁଗୁଲିଆ ପିଲାଟାଏ ବାସ୍ ଦରଜାରେ ଛିଡ଼ାହୋଇ ବାପାଙ୍କୁ ଖୋଜି ବାହାର କଲା, କହିଲା 'ଦଶଟା ଉପରକୁ ଚଢ଼ିଲା' । ଏଇ ପିଲାଟି ନିଶ୍ଚୟ ଭଦ୍ରଲୋକଙ୍କ ଅଉଲ ପହଲା ନମ୍ବର ବଚ୍ଚା । ଆଉ କାହିଁ ସ୍ଥାନ ନ ପାଇ ସେ ସବା ପଛ ବେଞ୍ଚରେ ଜାକିଜୁକି ହୋଇ ବସିଗଲା ।

ବାକୀ ରହିଲା ତିନି ନମ୍ବର ଝିଅ । ତା କଥା କେହି ବୁଝା ସମଜା ନକରିବାରୁ ସେ ଛିଡ଼ା ରହି ବ୍ୟତିବ୍ୟସ୍ତ ହେଉଥାଏ ଏବଂ କାନ୍ଦ କାନ୍ଦ ହୋଇ ତରକା ହରିଣୀଛୁଆ ପରି ଏଣେ ତେଣେ ଚାହୁଁଥାଏ ।

ଦୁଇ ନମ୍ବରକୁ ନିଜ ସିଟ୍‌ରେ ଛାଡ଼ି ଗୃହସ୍ୱାମୀ ଉଠି ଆସିଲେ । ଚାରିଆଡ଼େ ଅନ୍ୱେଷଣ ତତ୍ପର ଆଖି ବୁଲେଇ ଦେଖିଲେ କେଉଁଠି ସୁବିଧା ସ୍ଥାନ ନାହିଁ । ଦି'ସିଟିଆ ବେଞ୍ଚ୍ ଗୁଡ଼ାକ ଉଣାଅଧିକେ ତିନିସିଟିଆ ହୋଇଯାଇଛି । କଣ ଭାବିଲେ କେଜାଣି ଫଳଥିବା ଥଳିଟି

Digitized by srujanika@gmail.com

ମୁଁ ଯେଉଁଠି ରଖିଥିଲି ସେଇଠି ସ୍ଥାନ ସୃଷ୍ଟି କରିବାର ସ୍ଥିର କଲେ । ମୋତେ ନ ପଚାରି ବେଗ୍‌ଟା ଉଠାଇ ମୋ କୋଳରେ ଥୋଇଦେଲେ ଏବଂ ଝିଅକୁ ଶୂନ୍ୟକୁ ଟେକି ବସାଇ ଦେଲେ ସେଇ ଅଧଚାଖଣ୍ଡ ସ୍ଥାନରେ "ରୂପା ! ତୁ ଏଇଠି ବଅ" କହି ।

ଝିଅଟାର ନାଁ ରୂପା ନଦେଇ ସୁନା ଦେଇଥିଲେ ବି ଯଥାର୍ଥ ହୋଇଥାନ୍ତା । ଏତେ ସୁନ୍ଦର ଯେ ଶତ୍ରୁ ବି ଥରେ ବୁଲି ଦେଖିବ । ବାସ୍ ଯାକର ସମସ୍ତ ଯାତ୍ରୀ କ୍ଷଣକ ପାଇଁ ତା'ର ଝଲକ ଅନୁଭବ କରିଥିଲେ ଯେତେବେଳେ ଗୃହସ୍ୱାମୀ ତାକୁ ଟେକି ଧରି ମୋ ପାଖରେ ବସାଇ ଦେଉଥିଲେ । ମୋ ପାଖରେ ଝିଅଟି ଅସ୍ୱସ୍ତି ଅନୁଭବ କରିବନାହିଁ ବୋଲି ବୋଧହୁଏ ତା ବାପା ଭାବିଥିଲେ ।

କିନ୍ତୁ ଏ ଝିଅଟା ମୋ ପାଖରେ ବସିଲାମାତ୍ରେ ମୋର ଅସ୍ୱସ୍ତି ବଢ଼ିଲା । ତାକୁ ଦେଖିବା ମାତ୍ରେ ମୋ ମନରେ ଘୃଣା ଜାଗ୍ରତ ହେଲା । ତାର ଚୂଳ, ଆଖି, କାନ, ନାକ, ଅଙ୍ଗୁଳି, ଗୋଡ଼ ଆଦି ପ୍ରଭୃତି ଅଙ୍ଗପ୍ରତ୍ୟଙ୍ଗ ପୃଥକ୍ ପୃଥକ୍ ଓ ସାମଗ୍ରୀକ ଭାବେ ଯେତେ ସୁନ୍ଦର ଦେଖା ଯାଉଥିଲା ମୋର ଘୃଣା ସେତେ ସେତେ ବଢ଼ି ଉଠୁଥିଲା ।

ବାସ୍ ଚାଲିବା ସଂଗେ ସଂଗେ ଝିଅଟା ମୋ ପକ୍ଷରେ ଏକ ସମସ୍ୟା ହୋଇ ଛିଡ଼ାହେଲା । ବସିବା ମାତ୍ରେ ମୁହଁଟା ଖଟାଳିଆ କରି ଭେଁ ଭେଁ ହୋଇ କାନ୍ଦିବାର ଉପକ୍ରମ କରୁଥାଏ । ଆଉ କେହି ପାଖେ ଯାତ୍ରୀ ହେଲେ ତୁରନ୍ତ କହିଥାନ୍ତା । "ଏ ମା କାନ୍ଦନା, ତୋ ବାପା ମା ପରା ସେଇଠି ବସିଛନ୍ତି । ହେଇ ଦେଖ ପୋଲ, ନଈ, ରେଳଲାଇନ୍, ଗାଈ ବାଛୁରୀ ।" ଟିକିଏ ଚୁପ୍ ହେଲେ ପଚାରନ୍ତା "ହଇଲୋ ଝିଅ ! ତୋ ନା କ'ଣ । ଉତ୍ତର ଦେଉ ନ ଦେଉ ପୁଣି ପଚାରନ୍ତା ତୋ ବାପା କଣ କରନ୍ତି ?" ଇମିତି ନାନା କଥା କହି ପ୍ରଲୋଭନ ଦେଖାଇ ତାକୁ କାମ୍ୟ ସହଯାତ୍ରୀ କରି ପାରିଥାନ୍ତା ।

ମୋ ପାଖ ଯାତ୍ରୀ ତାହା କରିବାକୁ ଚେଷ୍ଟା କରିବାର ଦେଖିଲି ମଧ । ସେ ତାକୁ ଛୁଇଁ କହିଲା, "ଚୁପ୍ ଚୁପ୍ ମାଆ ! ବାପା ହେଇଠି ବସିଛନ୍ତି ।" ହେଲେ ଝିଅଟା ଯିମିତି ଧବଳକୃଷ୍ଣ ଆଚ୍ଛାଦିତ ବିକୃତ ବିରଙ୍ଗ ମୁହଁକୁ ଦେଖିଛି ସିମିତି ଭୟାର୍ତ୍ତ ହୋଇ ତା ଆଡୁ ମୁହଁକୁ ଫେରାଇ ଆଣି ମୋ ଦିହରେ ଗୁଞ୍ଜିବାକୁ ଚେଷ୍ଟାକଲା ।

ମାଆ ବାପ ଭାଇ ଭଉଣୀ ଦୁନିଆଁ ବାହାରେ ଦୁନିଆ ଅଛି, ଏ ଧାରଣା ବୋଧହୁଏ ଝିଅଟାର ନଥିଲା । ସେଇ ଏକ ଚିନ୍ତାରେ ମଜି ଯାଇଥିଲା । ମନେ ମନେ ସେମାନଙ୍କୁ ମଧ୍ୟରୁ ଜଣକୁ ଜଣକୁ ପାଇବ ଭାବି ଖୋଜିବାକୁ ଲାଗିଲା ।

ଆଗକୁ ଚାହିଁଲା । ଭଦ୍ରଲୋକଙ୍କ ବାହୁକୁ ତକିଆ କରି ଶୋଇଥିବା ସ୍ତ୍ରୀଲୋକଟିର ମୁଣ୍ଡ ଉପର କେତୁଟା ଫୁରୁଫୁରୁ ହୋଇ ଉଠୁଥିବା ଚୂଳ ଛଡ଼ା ଆଉ କିଛି ଦିଶିଲାନାହିଁ । ବାଆଁକୁ ଚାହିଁଲା, କିଛି ଦିଶିଲା ନାହିଁ ଟାଉନ୍‌ର ବାସ୍ ଷ୍ଟପ୍‌ରେ ଗୁଡ଼ାଏ ଯାତ୍ରୀ ଉଠି ଗୋଟାଏ ବିଭେଦ ସୃଷ୍ଟି କରିନେଇଛି । ମଣିଷ କାନ୍ଥଟିଏ ତୋଳି, ପଛକୁ ଚାହିଁଲା କିଛି ଦିଶିଲା ନାହିଁ କଭର୍ ଛଡ଼ା । ଡ଼ାହାଣ ପଟ ଝରକା ଦେଇ ଯେତିକି ଦୃଶ୍ୟ ଦେଖିପାରିଲା

Digitized by srujanika@gmail.com

ତାହା ଦୂରର ଖରାଦିନିଆ ଶୁଖିଲା ବିଲ, କେତେବେଳେ କିମିତି ଦିଗ୍‌ବଳୟର ପାହାଡ଼ ଅଗ ।

ଖୁବ୍ ମାଆ ବାପ ସରାଗ ଝିଅଟାର । ବୋଧହୁଏ ଗେହ୍ଲିଝିଅ ବାପମାଆଙ୍କର ଗୋଟିଏତ । ବହୁ ସନ୍ତାନୀ ହେଲେ ବି ଛୁଆଗୁଡ଼ାକୁ ଶରଧା ଦେବାରେ ବାପ ମା' ତ୍ରୁଟି କରି ନାହାନ୍ତି ଦେଖୁଛି ।

କୁତ୍ରାପି ବାପ ମାଆଙ୍କ ସନ୍ଧାନ ଏପରିକି ବାସନା ମଧ ନପାଇ ଝିଅଟା ସିଟ୍ ଉପରକୁ ଉଠି ଚାହିଁବ ବିଚାରୁଥିଲା । ମୁଁ ତାକୁ ତାହା କରିବାକୁ ଦେଲି ନାହିଁ । ଲାଭ ମଧ ହୋଇନଥାନ୍ତା । କାରଣ ପଛକୁ ଆଉଜିବା ସ୍ଥାନଗୁଡ଼ିକ ଖୁବ୍ ଉଚ୍ଚ । ସେ ଓହ୍ଲାଇ ପଡ଼ିଲା । ଅପଚେଷ୍ଟା ମାତ୍ର । ନଇଁପଡ଼ି ବସିବା ଆସନ ତଳକୁ ଚାହିଁଗଲା । ଖାଲି ପାଦ ଓ ଯୋତାଗୁଡ଼ାକ ।

ଗାଡ଼ିର ଦ୍ରୁତ ଗତି, ପ୍ରଚଣ୍ଡ ଘର୍ଘର ଶବ୍ଦ, ଯାତ୍ରୀ କୋଳାହଳ ଝିଅଟାରେ ବାପ ମାଆ ଚିନ୍ତାକୁ ଆଦୌ ଦବାଇ ପାରିଲାନାହିଁ । ନିହାତି ନିଃସ୍ୱ ଏକାନ୍ତ ଏକାକୀ ହୋଇ ସେ ଯଦି ସେମାନଙ୍କର କା'ଟିଏ ପାଇଥାନ୍ତା ବା ଭାଇ ଭଉଣୀଙ୍କ ପରି ଜଣକୁ କାହାକୁ ଭେଟନ୍ତା ତେବେ କଥମପି ନିଜକୁ ସମ୍ଭାଳି ନେଇଥାନ୍ତା, କିନ୍ତୁ ସେ ଯେତିକି ଯେତିକି ହତାଶ ହେଉଥାଏ ସେତିକି ସେତିକି ଭାଙ୍ଗିପଡ଼ିଲା ପରି ହୋଇ ମୋଠାରୁ ଆଶ୍ରୟ ଲୋଡ଼ି ଚାହିଁଲା ନ-ଚାହିଁଲା ପରି ସନ୍ତର୍ପଣରେ ଚାହୁଁଥାଏ । ମୋ ଚେହେରା ଆବ ଭାବରେ କିଛି ନପାଇ ଆଖି ଫେରାଇ ନେଉଥାଏ ଏବଂ ପୁଣି କରୁଣତର କାକୁସ୍ମତର ଆଖିରେ ଚାହୁଁଥାଏ ।

ଏମିତି ଥରେ ଦୁଇଥର ଆଖି ଦୁଇଟା ଉପର ତଳ କରି ତ୍ରାଣକର୍ତ୍ତାକୁ ଚାହିଁଲା ଭଳି ଏମିତି ନିର୍ନିମେଷ ଦୃଷ୍ଟି ଦେଲା ଯେ, ଶୂନ୍ୟର ଶୁଖିଲା ମେଘରୁ ବି ପାଣି ଟୋପାଏ ଦିଟୋପା ଝରିଥାନ୍ତା, ଶୁଷ୍କ କଳାପ୍ରେମୀ ସେ ଆଖିରେ 'ମେଡ଼ୋନା'ର ଆଖି ଦେଖିପାରିଥାନ୍ତା । ଏକ ଦୃଷ୍ଟିରେ ସେ ମୋ ଆଡ଼କୁ ଚାହିଁ ରହିଲା ଯେ ରହିଲା, ଆଖି ଫେରାଇଲା ନାହିଁ । କାଳେ ସେ ଝିଅଟା ମୋତେ ହରାଇଦେବ ସେଇ ଭୟରେ ଭୀରୁଙ୍କ ପରି ମୁଁ ତା ଆଡୁ ଆଖି ମୁହଁ ଫେରାଇ ଆଣିଲି ।

ଛୁଆଗୁଡ଼ାକୁ କାହିଁକି କେଜାଣି ମୁଁ ଭଲ ପାଇନି, ପାଇ ପାରୁନି, ବରଂ ଘୃଣା କରିବାକୁ ଅଭ୍ୟାସ କରିନେଲିଣି । ସେଇ ଯେଉଁ ଛକଟା ତଳରେ ଲେଖାଅଛି, "ପ୍ରଭୁ ଯୀଶୁ କହନ୍ତି, ଛୋଟ ପିଲାମାନଙ୍କୁ ଆମ୍ଭ ନିକଟକୁ ଆସିବାକୁ ଦିଅ, ଆମ୍ଭେ ତାହାଙ୍କୁ ପ୍ରେମ କରିବୁ" ତାକୁ କାନ୍ଥରୁ ଓହ୍ଲାଇ ଦେଇଛି । ଗାନ୍ଧୀ ଯେଉଁ ଛବିରେ ପିଲାଝିଲାଙ୍କ ସହିତ ହସି ହସି ଶିଶୁସୁଲଭ ଭଙ୍ଗୀରେ କଥାବାର୍ତ୍ତା ହସଖୁସି ହେଉଛନ୍ତି ସେ ଛବିଟା ତାଙ୍କ ଜୀବନ ଚରିତରେ ପାଇଲେ ତରବର ହେଇ ପୃଷ୍ଠା ଓଲଟାଇ ଦିଏ । ନଭେମ୍ବର ଚଉଦ ନେହେରୁଙ୍କ 'ବାଳ ଦିବସ'କୁ କାଳ ଦିବସ ପରି ମୋତେ ଲାଗେ । ଯେଉଁ ଲୋକଗୁଡ଼ାକ ଛୁଆପିଲାଙ୍କୁ ଶରଧା କରନ୍ତି ସେଗୁଡ଼ାକୁ ବି ମୁଁ ଅସାମାଜିକ ଭାବେ ଏବଂ

Digitized by srujanika@gmail.com

ଯେଉଁମାନେ ଶିଶୁହତ୍ୟା ବା ଶିଶୁ ବଳିରେ ମାତିଛନ୍ତି ସେମାନେ ସମାଜ କଲ୍ୟାଣକାରୀ ବୋଲି ମୋର ଧାରଣା ହେଲାଣି ।

ମୋର ଏ ବିକୃତ ଅସ୍ୱାଭାବିକତାର କାରଣ ଅନୁସନ୍ଧାନ କରିଛି, ହୋଇପାରେ ଏହା ରକ୍ତ ମଜାଗତ, ବଂଶାନୁକ୍ରମିକ । ମୋର ବଡ଼ ମାମୁଁ ଥିଲେ ସେ ମୋତେ ପିଲାଦିନେ ଆଦୌ ପାଖ ପୁରାଉ ନଥିଲେ । ତାଙ୍କର ଝିଅ ନଥିଲା ବୋଲି ଭାଣିଜୀଗୁଡ଼ାକ ଭଣଜାଙ୍କ ଠାରୁ ବେଶୀ ଘୃଣା କରୁଥିଲେ । ଛୁଆମାତ୍ରେ ତାଙ୍କ ଶତ୍ରୁ । କୁକୁର ବିରାଡ଼ି ବି ତାଙ୍କ ପାଖ ପହଞ୍ଚୁ ନଥିଲେ ।

ହୋଇପାରେ ମୋର ନିଜର ଗୋଟାଏ ଦୁଇଟା ପିଲାପିଲି ମୋର ଶ୍ରଦ୍ଧା ଆଦରକୁ ଅର୍ଥହୀନ କରି ଧୋକା ଦେଇ ଖେଳୁଆଡ଼ ବୟସରେ ଚାଲି ଯାଇଥିବାରୁ ହୁଏତ....

ହୋଇପାରେ, ରାସ୍ତା କଡ଼ରେ ଜାତୀୟ କଳଙ୍କର ପ୍ରତୀକ ବେଙ୍ଗଫୁଲାପରି ଦଳ ଦଳ ବୁଜଲା ପେଟସାର ପରିତ୍ୟକ୍ତ ମୁମୂର୍ଷୁ ଶିଶୁଙ୍କୁ- ଯାହାଙ୍କ ଭିତରୁ ଗୋଟାକୁ ମାଡ଼ିମକଚି ବା ଥକକ୍ଡ଼ ବସେଇ ଥିଲା ....

ଅବା ହୋଇପାରେ ଝିଅଟିର ନିଜସ୍ୱ ସୌନ୍ଦର୍ଯ୍ୟ ସାଙ୍ଗକୁ ତା ପିତାଙ୍କ ସୁଖ, ସ୍ୱାସ୍ଥ୍ୟ ଓ ଭାଗ୍ୟ ମୋ ମନରେ ଈର୍ଷା ଅତି ମାତ୍ରାରେ ବଢ଼ାଇ ଦେଇଥାଇପାରେ ...

ଝିଅଟିର ଆର୍ତ୍ତ ଅନୁଚ୍ଚାରିତ ନିବେଦନ ଓ ଆଖିର ନୀଳିମାମୟ କରୁଣ ଯାଚଞ୍ଚା ମୋର କଠୋର ହୃଦୟକୁ ଭେଦକରି ଦ୍ରବ କରିବା ଦୁରେଥାଉ ଅଧିକ ପାଷାଣମୟ କଲା । ମୋର ବିକୃତି (ପର୍‌ଭର୍ଷନ୍) ଅସ୍ୱାଭାବିକତା ଧର୍ଷପ୍ରବଣ ବା ସେଡ଼ିଷ୍ଟିକ୍ ହୋଇଉଠିଲା ।

ସାନ୍ତ୍ୱନା ପ୍ରବୋଧ ଦେବା ଦୁରେଥାଉ ତାକୁ ପୀଡ଼ା ଯନ୍ତ୍ରଣା ଦେବାକୁ ବିବିଧ ଉପାୟ ଉଦ୍ଭାବନ କରିବାକୁ ଲାଗିଲି । ଥଳିରୁ ଅଧେକେଜି ଓଜନର ହାଇଦ୍ରାବାଦ ଅଙ୍ଗୁର ପେନ୍ଥାଟା ବାହାର କଲି ଏପଟ ସେପଟ ବୁଲାଇ ଦଣ୍ଡେଯାଏ ଝିଅଟାର ଆଖି ସାମନାରେ ଝୁଲେଇଲି ।

ଆଶ୍ଚର୍ଯ୍ୟ କଥା ଝିଅଟା ସେଗୁଡ଼ାକ ଉପରେ ଆଦୌ ଲୋଲୁପ ଦୃଷ୍ଟି ନ ପକାଇ ମୁହଁ ବୁଲାଇ ନେଲା ଏବଂ ପଛପଟେ ଯେଉଁଠି ତା' ମାଆ ବସିଛନ୍ତି ବୋଲି ଅନୁମାନ କଲା ସେ ଆଡ଼କୁ ଚାହିଁ ରହିଲା ଓ ମୁହଁ ଫେରାଇଲା ନାହିଁ ।

ତା'ପରେ ଗୋଟାକୁ ଗୋଟା ଅଙ୍ଗୁର ଚାରିଗଣ୍ଡା ଯାକେ ପାଟିରେ ପକାଇ ଚାକୁଲୁ ଚାକୁଲୁ ଖାଇ ଥୁ ଥୁ କରି ମଞ୍ଜିଗୁଡ଼ାକ ପକାଇଲି । ଝିଅଟା ପାଟିରୁ ଲାଳ ଗଡ଼ିଥିବାର କୌଣସି ଲକ୍ଷଣ ନାହିଁ ।

ଏଥର ଟଫି ଦୁଇ ଚାରିଟା ବାହାର କରି ସେଗୁଡ଼ାକର ରଙ୍ଗବେରଙ୍ଗ ଖୋଳ ଝିଅ ଦେଖିବା ସ୍ଥାନକୁ ଫୋପାଡ଼ି ପାଟିକୁ ନେଲି ଏବଂ ଚକ୍‌ଚାକ୍ କରି ଲାଳ ବାହାର କରି ଜିଭ ଉପର ତଳ କରି ଝିଅଟା ନିର୍ବିକାର ଚକ୍ଷୁ ନିଷ୍ପ୍ରଭ ।

Digitized by srujanika@gmail.com

ଭାବିଲି ଅଲକ୍ଷିତରେ ଝିଅଟିର ପିଚା ବା ଗାଲକୁ ଚୁମୁଟି ଦେବି ଯିମିତି ସେ କାନ୍ଦିବ । କିନ୍ତୁ ନୈତିକ ସାହସ ହେଲା ନାହିଁ । ମାଡ଼ ଖାଇବାର ଭୟ ଓ ଆଶଙ୍କା ଜନ୍ମିଲା ବୋଧହୁଏ ।

ଦଶ ପନ୍ଦର ମିନିଟ୍ ହେଲା ବସ୍‌କୁ ଆସିଛି ଝିଅଟା । ହେଲେ ଏଇ ଅଳ୍ପ ସମୟରେ ତା' ମୁହଁ ଶୁଖିଯାଇଛି, କିମିତି ସରୁଆ ଦିଶୁଛ; ଆଖିତଳେ ଗାଲରେ ଶୁଖିଲା ଲୁହର ଦାଗ ଝିଅଟା ଯିମିତି ଭାବୁଛି, ନ ତାତ, ନ ମାତା, ନ ଭ୍ରାତା । ଗତି କିଏ କେଉଁଠି ଭାବିପାରୁ ନାହିଁ ବୋଧହୁଏ । ଖାଲି ଅପେକ୍ଷା କରୁଛି ରାସ୍ତା କିମିତି ସମସ୍ତ ସରିବ, ସେମାନେ ଓହ୍ଲାଇବେ, ମାଆବାପ କୁନିଭାଇ ତିହିଁଙ୍କି ଦେଖିବ । ତା'ର ଦୁଃଖ ଯିବ, କିନ୍ତୁ ରାସ୍ତା ଅସରା । କେଉଁଠି କିମିତି ବାସ୍ ଠିଆ ହେଲେ ବି ତାକୁ ଡ଼ାକୁ ନାହାନ୍ତି ।

କେଉଁଆଡ଼କୁ ଅନାଇବାର ରାସ୍ତା ବନ୍ଦ ହେଲା ପରେ ନିରାଶ ହୋଇ ଝିଅଟା ଉପର ଆଡ଼କୁ ଚାହିଁଲା । ଯେଉଁଠି ସାମନାରେ ଭଦ୍ରଲୋକ ଭଦ୍ର ମହିଳା ଅଭିନବ ଭଙ୍ଗୀରେ ରହିଥିଲେ ତାଙ୍କରି ମୁଣ୍ଡ ଉପର ଦେଇ ଚାହିଁଲେ ଦିଶୁଥିଲା ଫଟୋଟାଏ । ମୁଣ୍ଡଟାକୁ ପିଠି ପଟକୁ ଟିକିଏ ପେଲି ଦେଇ ଝିଅଟା ଚାହିଁଲା ଡ୍ରାଇଭର ପଛରେ ଟଙ୍ଗା ହୋଇଥିବା ସେଇ ଛବିଟାକୁ ।

ରଙ୍ଗୀନ୍ ଫ୍ରେମ୍‌ରେ ତପ୍ତ ସୁବର୍ଣ୍ଣ ଆଭାର ଦୁର୍ଗାମୂର୍ତ୍ତି ଦଶଭୂଜା ମୂର୍ତ୍ତି । ମହିଷାସୁର ମର୍ଦ୍ଦିନୀ । ପଞ୍ଚମୁଖୀ ମନ୍ଦାର ମାଳାଟି ଛବି ଚାରିପଟେ ବେଢ଼ି ରହିଛି । ତାଜା ରକ୍ତ ପରି ।

କାରୁଣ୍ୟ ଓ ମିନତିଭରା ଆଖିରେ ଝିଅଟି ଛବିଟିକୁ ଚାହିଁ ରହିଥାଏ । ମୋରି ସାମନାରେ ସେ ଛବିଟା ଥିଲେ ବି ଏତେବେଳଯାଏ ତାହା ଦେଖିନଥିଲି । ଝିଅଟା ସେଆଡ଼କୁ ଚାହିଁଲାରୁ ଏବଂ ମୁଁ ଝିଅଠାରୁ ପରାଭବ ମାନି ସାରିଥିବାରୁ ମୁଁ ମଧ ସେ ଆଡ଼କୁ ଅନାଇଲି ।

ଝିଅଟି ଯେତିକି ବେଶୀ ସମୟ ଅନାଉଥାଏ ସେତିକି ତା ମୁହଁର ଆଭା ଉକୁଟି ଉଠୁଥାଏ । ତା'ର ନିଷ୍ପ୍ରଭ ଆଖିରେ ପୁଣି ଜ୍ୟୋତିର ସଞ୍ଚାର ହେଲା । ଦିହ ତା'ର ପୁଲକିତ ହେଲା । ମାଆ ସ୍ଥାନରେ ମାଆର ଛବି ପାଇ ସେ ଦୁଃଖ ଭୁଲିଗଲା ପରି ଲାଗିଲା । ତାର ଉଲ୍ଲସିତ ଚେହେରା ଦେଖି ଜଣାଗଲା ଯିମିତି ସେ ଖୁବ୍ ଖୁସିହୋଇଛି ଯେ ତା' ମାଆ ବର୍ଚ୍ଛା ଧରି ଗୋଟିଏ କଦର୍ଯ୍ୟ ରାକ୍ଷସର ଛାତିକି ହାଣିଛନ୍ତି ।

ମୁଁ ଯେତିକି ସମୟ ଛବିଟାକୁ ଦେଖିଲି ସେ ଭିତରୁ ଅଧିକାଂଶ ସମୟ ମୋତେ ଦିଶିଲା ସେଇ କଳା ଦୈତ୍ୟ ମହିଷାସୁର । କି କୁତ୍ସିତ, କି ବିକଟ, କି ଭୟଙ୍କର ସେ ଅସୁର । ସେ ଝିଅଟା ଯେତିକି ଉତ୍‌ଫୁଲ୍ଲ ହୋଇ ଦୁର୍ଗାମୂର୍ତ୍ତିକୁ ନିରୀକ୍ଷଣ କରୁଥାଏ, ମୋତେ ସେତିକି ଜଣାପଡୁଥାଏ ଯେ ମୁଁ କ୍ରମେ କ୍ରମେ କେନ୍ଦୁକାଠ ପରି କଳା ପଡ଼ିଯାଉଛି, ବଡ଼ ବଡ଼ ମହିଷିଶିଙ୍ଗ ଦୁଇଟା ମୁଣ୍ଡରେ ଗଜରି ଉଠୁଛି । ମୋ' ଆଖି ଦୁଇଟା

Digitized by srujanika@gmail.com

ଓ ଦାନ୍ତଗୁଡ଼ାକ ବି ବଡ଼ ବଡ଼ ହୋଇ ବଢ଼ିଯାଇଛି । ମୁଁ ଅସୁର ପାଲଟି ଯାଉଛି । ଆଉ ସେଇ ଝିଅଟା କଥାରେ ପଡ଼ି ପ୍ରାର୍ଥନାରେ ଭୁଲି ଦେବୀ ମୋତେ ଭୁଷି ଦେଉଛନ୍ତି ଠିକ୍ ସେଇ ଛାତିରେ, ଯେଉଁ ଛାତିଟାକୁ ମୁଁ କୀଳି ଦେଇଛି ପଥର କରିଦେଇଛି ତାରି ଭିତରୁ ରକ୍ତ ସହିତ ପ୍ରେମ ଦୟାର ଉସ୍ବ ବାହାର କରିବା ପାଇଁ । ମୋର ଛାତିର ଖୁବ୍ ଯନ୍ତ୍ରଣା ହେଉଥାଏ ।

ଦେଖିଲି ଝିଅଟା ଟିକି ଟିକି ହାତ ଦୁଇଟା ଏକାଠି କରି ତା' କପାଳ ଆଡ଼କୁ ନେଉଛି । ମୁଁ ଭାବିଲି ଏଇଥର ମୋର ଶେଷ । ଠାକୁରାଣୀ ତା' ଆଡ଼କୁ ଚାହିଁ ବସୁଛନ୍ତି । କିନ୍ତୁ ମୋ ଆଡ଼କୁ ଏ କି ମର୍ମଭେଦୀ ଚାହାଣୀ ।

ମୁଁ ବି ସେ ଝିଅର ଦେଖାଶିଖା ମୋର ରକ୍ତାକ୍ତ ହାତ ଦୁଇଟାକୁ ଯୋଡ଼ିବା ପାଇଁ ବହୁ ଚେଷ୍ଟାକଲି । ଜଣାଗଲା ସେଗୁଡ଼ାକ ଖୁରା ପାଲଟି ଯାଇଛନ୍ତି । ପଥର ପରି ଭାରି ଲାଗିଲା, ବହୁ କଷ୍ଟରେ ଯୋଡ଼ିଲି, କିନ୍ତୁ କପାଳରେ ଲଗାଇବାକୁ ଯାଉଛି ଟିକି ହାତଟିଏ ଯିମିତି ଅଧାରୁ ମୋତେ ଛୁଇଁ ନିବୃତ୍ତ କରାଇଦେଲା । ମୁଁ ଧଡ଼୍‌କରି ଚମକି ପଡ଼ିଲି ।

ଧଡ଼୍ କରି ବାସ୍ ମଧ ଛିଡ଼ା ହେଲା । ଷ୍ଟେସନ୍ ପହଞ୍ଚିଲା ବୋଧହୁଏ । ଯାତ୍ରୀମାନେ ଓହ୍ଲାଇବାକୁ ଉପକ୍ରମ କଲେ । ଆଗରୁ ପଛରୁ ଏକାବେଳକେ ରୂପା, ରୂପା ଡ଼ାକ ଶୁଭିଲା । ଡ଼େଇଁପଡ଼ି ଝିଅଟି ତଳକୁ ଓହ୍ଲାଇଲା ଓ ନିମିଷକେ ଉଡ଼ି ଭିତରେ ଗଳିପଶି ବାପାମାଆଙ୍କ ଡ଼ାକ ବାରି ବାରି ଚାଲିଗଲା । ଯନ୍ତ୍ରଚାଳିତ ପରି ମୁଁ ବି ଉଠିଲି ତରବର ହୋଇ । ମୋର ସେଠି ଓହ୍ଲାଇବାର ନଥିଲା, ତଥାପି ଦେଖିଲି ଅଦୂର ବରଗଛ ତଳେ ବଳଦ ଗାଡ଼ିଟାଏ । ବଡ଼ ବଡ଼ ବଳଦ ଦୁଇଟା ଜୁଳିଆରେ ବନ୍ଧା । ମାଲପତ୍ର ମୂଲିଆ ଦି'ଜଣ ଚାହୁଁ ଚାହୁଁ ବାସ୍‌ରୁ ବଳଦଗାଡ଼ିକି ଅନ୍ତର କରିଦେଲେ । ଦେଖିଲି ରାସ୍ତାକଡ଼ରେ ବାପା ମାଆ ଓ ପାଞ୍ଚ ସନ୍ତାନ । ରୂପା ମାଆ ପଣତକାନି ଧରି ବାପାଙ୍କ ମୁହଁକୁ ଚାହିଁଛି । ତା' ନିଜ ମୁହଁଟା ସଜଫୁଟା ପଦ୍ମଫୁଲ ଯିମିତି ।

ଦୋଷୀଙ୍କ ପରି ସନ୍ତର୍ପଣରେ ଆଗେଇ ଯାଇ ମୁଠାଏ ଟଫି ଥଳିରୁ ବାହାର କରି ରୂପାର ହାତରେ ଭରିଦେଲି । ମୁହଁ ଦାନ୍ତ ନିକୁଟି ତାଚ୍ଛଲ୍ୟଭରା ଚାହାଣୀଟାଏ ଦେଇ ସେଗୁଡ଼ାକ ଫୋପାଡ଼ି ଦେଲା ସେ ଗୋଟାଏ ବୁଲା କୁକୁରକୁ ଲକ୍ଷ୍ୟ କରି ।

ବାସ୍‌କୁ ଫେରିଲାବେଳେ ଭାବିଲି ବିରାଟ ଚାନ୍ସ ଗୋଟାଏ ହରାଇଦେଲି ବୋଧହୁଏ । ପରମୁହୂର୍ତ୍ତରେ ଭାବିଲି ବିରାଟ ଚାନ୍ସ ଗୋଟାଏ ପାଇଲି ଅବା ।

ରୂପା ମୁହଁରୁ ଭଲ ଚାହାଣିଟିଏ ପାଇବି ବୋଲି ବାସ୍‌ରୁ ଚାହିଁଲି, କିନ୍ତୁ ମୋତେ ଦେଖି ସେ ମୁହଁ ମୋଡ଼ି ଖତେଇ ହେଲାପରି ଦିଶିଲା ।

ଘର ପହୁଞ୍ଚିବାଯାକେ ମୁଁ କେବଳ ଦୁର୍ଗା ଛବି ଆଡ଼କୁ ଚାହିଁଥାଏ ଏବଂ ସେଇ ମାତୃମୂର୍ତ୍ତିର ଆଖିରେ ମୋତେ ବରାବର ଦିଶୁଥାଏ ସେଇ ଝିଅଟିର ଦୟା ଓ ଅନୁକମ୍ପାଭରା ଚାହାଣି । ଅସୁର ଛବିଟାକୁ କିଏ ଏ ଭିତରେ ସେଇଠୁ ପୋଛିଦେଲା ପରି ମୋତେ ଲାଗିଲା ।

Digitized by srujanika@gmail.com

# ରୋଲ୍ ନମ୍ବର

"ଏଥର ବି ଯଦି ଖାଲି ରୋଲ ନମ୍ବରଗୁଡ଼ାକ ବାହାରିଥାଏ ତେବେ ଜରୁର ପୋଡ଼ିଦେବା । ନା, କ'ଣ କହୁଛୁ ଅରୁଣାଂଶୁ ଭାଇ ! ବୋର୍ଡ଼ ପରୀକ୍ଷା, ପି.ଇଉ., ଫାଷ୍ଟ ବି.ଏ. ସବୁଥିରେ ମେଞ୍ଚା ମେଞ୍ଚା ରୋଲ୍ ନମ୍ବର । ପୃଷ୍ଠା ପୃଷ୍ଠା ଧରି ଏକ ଦୁଇ ତିନି ଚାରି, ଚାରି ତିନି ଦୁଇ ଏକ ଏମିତି ସଂଖ୍ୟାଗୁଡ଼ାକର ଯୋଡ଼ାଯୋଡ଼ି ଫଟାଫଟି । ଫିଲିଂ ନାହିଁ, ଇମୋଶନ ନାହିଁ । ଖାଲି ଗୁଡ଼ାଏ ଅଙ୍କ । ପ୍ରଥମ ଦଶଜଣଙ୍କ ନାଆଁ ପରେ ସବୁ ଶୂନ୍ । ବିରକ୍ତିକର । ବୋରିଂ ବୋରିଂ । କିଏ ପାସ୍ କଲା କିଏ ଫେଲ୍ ହେଲା କିଛି ଜାଣିହେଲା ନାହିଁ ।"

ସିଗାରେଟ୍, ସିଗାରେଟ୍ ଲାଇଟ୍‌ର ଆଗ ପଛ ପକେଟ୍ ଖୋଜି ବାହାର କରୁ କରୁ ହିମାଂଶୁ ଏସବୁଗୁଡ଼ାକ କହିଯାଉଥାଏ ଅରୁଣାଂଶୁ ପଛେ ପେଡ଼ାଲ ବୁଲାଇ ବୁଲାଇ ଓସାରିଆ ସଡ଼କଟାରେ ଚକ୍‌କର ମାରୁଥାଏ । ହିମାଂଶୁ ସିଗାରେଟ୍ ଲଗାଇ ଲମ୍ବା ଗୋଡ଼ଟାକୁ ସିଟ୍ ଆରପଟକୁ ବଢ଼ାଇ ଲେଡ଼ିସ୍ ସାଇକେଲରେ ଚଢ଼ିଲା ପରି ଅବଲୀଳାକ୍ରମେ ଉଠି ଯାତ୍ରା ଆରମ୍ଭ କରିଦେଲା ।

ଅରୁଣାଂଶୁ କହିଲା, "ଆରେ ଭାଇ, ନାଆଁ କ'ଣ ଦେଇ କରି ପିଇବୁ ? କିଏ ଗୋଟେ କହି ନାହିଁ ଗୋଲାପ, ଗୋଲାପ; ଯେଉଁ ନାଆଁ ଦେଲେ ବି ତା' ମହକ ଫୁଟିଉଠିବ । ଖବରକାଗଜର କୋଣରେ ଭଙ୍ଗା ଭଙ୍ଗା ଅକ୍ଷରରେ ମୋର ନଅଶ ଚଉରାଳିଶ ନମ୍ବରଟା ଦେଖିଦେଲେ ବି ଚଳିଯିବ ।"

"ହେଲେ, ବୁଢ଼ା ମାନୁ ନାହିଁ ପରା । ସିଏ ନାଆଁ ଦେଖିବ । ପୁଅକୁ କେତେ ଅବିଶ୍ୱାସ ଦେଖ" ହିମାଂଶୁ କହିଲା ।

"କିଏବେ ସେ ବୁଢ଼ା ? ମାନୁ ନାହିଁ କ'ଣ ? ଥଣ୍ଡାକରି ଦେବା, ମାନିବ ନାହିଁ"- ଗର୍ଜି ଉଠିଲା ଅରୁଣାଂଶୁ । "ଆମର ସେଇ ବୁଢ଼ା । ସେଇ ବାପା । କହୁଛି କ'ଣ ଜାଣୁ ? କହୁଛି ଆମେ କପି କରୁଛୁ । ନାଆଁ ନ ଦେଖିଲେ କିଛି ମାନିବ ନାହିଁ । ଏତିକିବେଳକୁ ମୋର ଏଡ଼ମିଟ୍ କାର୍ଡ଼ଟା ବି ହଜିଯାଇଛି ।"

"ବେଶ୍ ! ତୁ ଚିନ୍ତା କରନା । ନାଆଁ ଦେଖିବ କହୁଛି ତ ! ଦେଖାଇ ଦେବା, ଚାଲ ।"

ସିଗାରେଟ୍‌ଟା ଜୋର୍‌ରେ "ଦମ୍ ମାରି" "ହରେ ରାମ ହରେ କୃଷ୍ଣ" କହି ଟାଣିଦେଲା । "ତା ଅମଳରେ ସାରା ଦେଶରେ ଦଶ ବାରଟା ପିଲା କିଏ ପାସ୍ କରୁଥିଲେ । ବଡ଼ ବଡ଼ ଅକ୍ଷରରେ ନାଆଁ ବାହାରି ପଡୁଥିଲା । ଆଜି ଆଉ ସେକଥା ଅଛି ନା ? କୁହେ କ'ଣ ନା ତା' ଅମଳରେ କପି ନଥିଲା, ପିଲେ ସବୁ ତାରି ପରି ସାଧୁ ସନ୍ନ୍ୟାସୀ ଥିଲେ । ଆହୁରି ଗର୍ବ କରେ ମୁଁ ପ୍ରିନ୍ସପାଲ୍ ଥିଲାବେଳେ କାହାକୁ କପି କ'ଣ ଏପଟ ସେପଟ ଚାହିଁବାକୁ ଦଉନଥିଲି ! ହୁଂ !"

Digitized by srujanika@gmail.com

"ଛାଡ଼ ସେ ବାଜେ କଥା । କଥାରେ ଅଛି ପଣ୍ଡିତ ପୁଅ ମୂର୍ଖ! ସେମାନେ ପଣ୍ଡିତ ହେଲେ ବୋଲି ସିନା ଆମେ ମୂର୍ଖ ହେଲୁ ।"

ପରସ୍ପର କାନ୍ଧ ଉପରେ ହାତ ରଖି ଯୋଡ଼ାଯୋଡ଼ି ହୋଇ ସମାନ୍ତରାଳ ରେଖା ଶିଶିରଭିଜା ପିଚୁ ସଡ଼କରେ କାଟି କାଟି ସାଇକେଲରେ ପେଲିଛନ୍ତି ହିମାଂଶୁ ଆଉ ଅରୁଣାଂଶୁ ।

ରାମମୋହନ କଲେଜରେ ଦୁହେଁ ନନ୍-କଲେଜିଏଟ୍ ଆକାରରେ ତୃତୀୟ ଥର ପାଇଁ ବି.ଏ. ପରୀକ୍ଷା ଦେଇଥିଲେ । ପରୀକ୍ଷା ଫଳ କାଲି ସନ୍ଧ୍ୟାରେ ଟେଲିଫୋନ୍ ଏକ୍ସଚେଞ୍ଜରୁ ଜାଣି ସାରିଛନ୍ତି । ରାତି ଗୋଟାଏ ଦୁଇଟା ପର୍ଯ୍ୟନ୍ତ ସେମାନେ ଷ୍ଟେସନ୍‌ରେ କଟାଇଛନ୍ତି । ଏକ୍ସପ୍ରେସ୍‌ରେ ସେମାନଙ୍କର ଜଣେ ଦୋସ୍ତ ବାଣୀବିହାରର ବଡ଼ ବଡ଼ ବୋର୍ଡ଼ରୁ ମାଇଲେ ଲମ୍ବ ସାଇକୋଷ୍ଟାଇଲଡ୍ ଫଳ କାଗଜ ଚିରି ଆଣି ତାଙ୍କୁ ଦେଇଛି । ଫଳ ବିଷୟରେ ସେମାନଙ୍କର ସନ୍ଦେହ ନାହିଁ । ବାପା କିନ୍ତୁ ଛାପା ନାଆଁ ଚାହାନ୍ତି । ଖବରକାଗଜରେ ନ ଦେଖିଲା ପର୍ଯ୍ୟନ୍ତ ....

ଯେତେହେଲେ ଛାପା ଅକ୍ଷର । ପ୍ରିଣ୍ଟେଡ୍ ୱାର୍ଡ଼ । ଭଗବାନଙ୍କ ମୁଖନିଃସୃତ ବାଣୀଠାରୁ ଅଧିକ ବିଶ୍ୱାସୀ ଓ ଶକ୍ତିଶାଳୀ । (ଯଦିଓ ଭ୍ରମ ସଂଶୋଧନରେ ପରବର୍ତ୍ତୀ ସଂସ୍କରଣରେ ପାସ୍‌କୁ ଫେଲ୍, ଫେଲ୍‌କୁ ପାସ୍ ବୋଲି ବେଳେବେଳେ ବାହାରେ) ତଥାପି ନାଆଁଟା ଦେଖିଲେ ମନେହୁଏ ଯିମିତି ସାରା ଦୁନିଆଁ କାମଦାମ ଛାଡ଼ି କେବଳ ତାଙ୍କରି ନାଆଁଟା ବିସ୍ମୟ ବିସ୍ଫାରିତ ନେତ୍ରରେ ପଢୁଛନ୍ତି ଓ କହୁଛନ୍ତି "ଏ ଅରୁଣାଂଶୁ ମହାପାତ୍ର ପାସ୍ କରିଗଲା, ଆରେ ଆରେ, ହିମାଂଶୁ ପଟ୍ଟନାୟକ ବି । ଆଶ୍ଚର୍ଯ୍ୟ!"

ହିମାଂଶୁ ପୁଣି କହିଲା, "ବୁଝିଲୁ ନା ଭାଇ! ଏ ମାଷ୍ଟରିଆ ବାପଗୁଡ଼ାଙ୍କୁ ନେଇ ଚଳିବା ବଡ଼ ମୁସ୍କିଲ୍ । ଟେଲିଫୋନ୍ ଏକ୍ସଚେଞ୍ଜରୁ ଧାଇଁଯାଇ ଯିମିତି ଖୁସିରେ କହିଛି, "ବାପା, ମୁଁ ପାସ୍ କରିଛି" ବୁଢ଼ା ସାଂଗେ ସାଂଗେ କହିଲା "କି ବିଶ୍ୱାସ!" ପୁଅକୁ ବାପର କେଡ଼େ ଅବିଶ୍ୱାସ ଦେଖ । ଏଇକ୍ଷଣି ଯଦି ଖବରକାଗଜରୁ ରୋଲ୍ ନମ୍ବରଟା ଦେଖାଇବି କହିବ 'ତୋର ଏଇଟା ରୋଲ୍ ବୋଲି କିମିତି ଜାଣିବ ?' ଏକମାତ୍ର ପ୍ରମାଣପତ୍ର ସେଇ ଏଡ଼ମିଟ୍ କାର୍ଡ଼ଟାକୁ ମିନତୀ ବୋଲି ଝିଅଟା ରାଗିକରି ଚିରିଦେଲା । ସେଇଥିପାଇଁ କହୁଛି ନାଆଁଟା ନିହାତି ବାହାରିବା ଦରକାର ।"

"ଯାହା କହ ଭାଇ! ଆମେ ବଡ଼ ସ୍ୱାର୍ଥପର। ନିଜକଥା ଭାବି ଚାଲିଛୁ । ଆମ ନମ୍ବରଗୁଡ଼ା ଆମେ ମନେରଖିଛୁ ସିନା, କିନ୍ତୁ ଆହୁରି କେତେ କେତେ ସାଙ୍ଗସାଥୀ ଆମ ସାଂଗରେ ବସି ପରୀକ୍ଷା ଦେଇଥିଲେ ସେମାନଙ୍କର ନମ୍ବର ତ ଆମେ ଟିପି ରଖିନୁ । ତା'ଛଡ଼ା ରୀନା, ମୀନା, ମେନି, ପେନି, ଫେନି ଏମାନଙ୍କ ରୋଲ୍.... ଫେର୍ ସେଇ ଯେଉଁ ଝିଅଟା ଯାହା ନାକ ଆଗରେ ବିଉଟି ସ୍ପଟ୍ ଥିଲା, ସେଇଁ ଯେଉଁ ଭଦ୍ରଖିଆ ଝିଅଟାର ଅଲରା କେଆରଲେଶ୍ ଚୂଳ ପଙ୍ଖା ପବନରେ ଉଡ଼ି ଉଡ଼ି ପଛ ସିଟ୍‌ରେ ତୋ' ଗାଲରେ

Digitized by srujanika@gmail.com

ବାଜିବାରୁ ସାର୍‌ଙ୍କ ପାଖରେ ଆପତ୍ତି କରିଥିଲୁ, ଆଉ ସେଇ ଯେଉଁ କଲେଜ କୁଇନ୍‌ଟା ଫେର୍ ସେଇ ଯେଉଁ ଅପରଛନୀ ବୁଢ଼ୀ ଝିଅଟାକୁ ରିମାର୍କ ଦେଇଥିଲି 'ମୁନ୍ନେ କି ଅମ୍ମା, ଏ ବି ବତାଓ' ଗୀତଟା ଗାଇ ।"

"ସେଇ ଗୁଡ଼ା ପାସ୍ କରିଥିବେ ଧରିନେ । ପରୀକ୍ଷକଗୁଡ଼ାକ ଅକ୍ଷରଗୁଡ଼ାକର ବାସନା ଗନ୍ଧ ଶୁଙ୍ଘି ଜାଣିପାରନ୍ତି ଝିଅ କିଏ ପୁଅ କିଏ ।" ଅରୁଣାଂଶୁ କହିଲା ।

"ଆରେ ଭାଇ, ପ୍ରବ୍ଲେମ୍ ହେଲା ନାଆଁ ନ ଜାଣିଲେ କନ୍‌ଗ୍ରେଚୁଲେଶନ୍ ପଠାଇବା କିମିତି ?"

"ସିଏ ବି ଏକପ୍ରକାର ଭଲ । ପୋଷ୍ଟଅଫିସ୍‌ର ଇନକମ୍ କମିବ । ତା'ଛଡ଼ା କିଏ ଫେଲ୍ ହେଲା ଜଣାଯିବ ନାହିଁ । ଯାହା ହେଉ ମୋ' ନାଆଁ ମୁଁ ଅଲବତ୍ ଦେଖିବି । ଏ ଖବରକାଗଜବାଲାଙ୍କ ଉପରେ ମୋ' ରାଗ । ବଡ଼ ବଡ଼ କୋଠା କରିଛନ୍ତି । ମାଇଲ ମାଇଲ ଇଲାକା ମାଡ଼ି ବସିଛନ୍ତି । ଗରାଖ ମନ ବୁଝିବେ ନାହିଁ । କାଗଜ କ'ଣ ଖାଲି ପୋଲା ବାଣ୍ଟୁଛନ୍ତି ? ଚାଲ ତ ଦେଖିବା ।"

ଛଅଟା ବାଜିବା ଉପରେ । ଫାଇଭ୍ ଡ଼ାଉନ୍ ଓ ସିକ୍ସ ଅପ୍‌ର ମିଳନ ବେଳ କ୍ରସିଂ । ଆନନ୍ଦ ବଜାର ପତ୍ରିକା, ଯୁଗାନ୍ତର, ଧର୍ମଯୁଗ, ସନ୍‌ମାର୍ଗ, ହିନ୍ଦୁସ୍ତାନ ଷ୍ଟାଣ୍ଡାର୍ଡ଼, ଅମୃତବଜାର ପତ୍ରିକା, ଷ୍ଟେଟସ୍‌ମେନ୍, ଅମୃତ, ଚିଠି, ଦେଶ ଆଦି ଦୈନିକ, ସାପ୍ତାହିକ ବିଭିନ୍ନ ଭାଷାର ପତ୍ରପତ୍ରିକାର ସମ୍ଭାର ନେଇ ଆସୁଛି ସିକ୍‌ସ ଆପ୍ ଉତ୍ତରପଟୁ । ମୋଟା ମୋଟା, ମାଂସଳ ରଙ୍ଗବେରଙ୍ଗ, ଛବିଳ, ତାଜା ଓ ଚିତ୍ତାକର୍ଷକ ପୂର୍ବଦେଶର ସନ୍ତକ ନେଇ । ଦକ୍ଷିଣରୁ ଆସୁଛି ଫାଇଭ୍ ଡ଼ାଉନ୍ ଗଣତନ୍ତ୍ର, ରାଜତନ୍ତ୍ର, ସତନ୍ତ୍ର, ଅତନ୍ତ୍ର, ଓଁକାର, ବକାର, ପିତୃଭୂମି ଆଦି ନେଇ ! କ୍ଷୀଣକାୟ, ମ୍ରିୟମାଣ ଓ କାଳିମାମୟ । କେଉଁଟା କାହା ଛବି ନାଆଁ ନଥିଲେ ଜାଣିବା ମୁସ୍କିଲ । ରୋଲନମ୍ବର ଦେଇ ଦେଲେ ବି ଚଳନ୍ତା । ହିମାଂଶୁ ଆଉ ଅରୁଣାଂଶୁ କିନ୍ତୁ ଚାହାନ୍ତି ଏଇ ଦକ୍ଷିଣୀ ଚିଜଗୁଡ଼ାକୁ ଯେତେ ଚିତ୍ରବିଚିତ୍ର ଲୋଭନୀୟ ହେଲେ ବି ସିକ୍‌ସ ଆପ୍ ପ୍ରତି ସେମାନଙ୍କର ପ୍ୟାର୍ ନାହିଁ । ସେମାନଙ୍କ ଜୀବନରେ ଆଜି ଗୋଟାଏ ସ୍ମରଣୀୟ ଦିନ । ସୂର୍ଯ୍ୟଦେବ ଆଜି ସେମାନଙ୍କୁ ଦର୍ଶନ କରିବେ । ଲାଲିପାଟ ପିନ୍ଧି ତରବର ହୋଇ ବାହାରି ପଡ଼ିଲେଣି ।

ଏଥର ଅରୁଣାଂଶୁ ସିଗାରେଟ୍‌ଟା ଧରାଇବାକୁ ଯାଉଁ ଯାଉଁ ଆରମ୍ଭ କଲା "ଏ ଖବରକାଗଜଗୁଡ଼ାକ ନାଆଁକୁ ଖବରକାଗଜ । ପାଠକର କି ଗରାଖର କାହାରି ଫିଲିଂ ବୁଝନ୍ତି ନାହିଁ । ତୁ ଠିକ୍ କହିଛୁ । ଏତେ ପରିଶ୍ରମ କରି ହେଲା, ଆମେ କପି କଲୁ, କପି କରିବାରେ କ'ଣ ପରିଶ୍ରମ ନାହିଁ, ମାସ ମାସ ଧରି ରାତି ଉଜାଗର ରହି ଛୋଟ ଛୋଟ କାଗଜରେ ଷୋଳିଶ ମଞ୍ଜି ଅକ୍ଷରରେ ପାଠ ଲେଖିବା କମ୍ କଷ୍ଟ, ପରୀକ୍ଷା ବେଳେ ଧାଁଧପଡ଼ କରି କପି ସଂଗ୍ରହ କରିବା, ଯ୍ୟା' ତା' ପାଖକୁ ଫୋପାଡ଼ି ଠିକ୍ ଜାଗାରେ ପହୁଞ୍ଚାଇବାରେ କମ୍ ପରିଶ୍ରମ, କମ୍ ବୁଦ୍ଧି ଖରଚ ପାସ୍ କରୁଛୁ ନାଆଁଟା ବି ବାହାର

Digitized by srujanika@gmail.com

କରିବେ ନାହିଁ ? ପୃଷ୍ଠା ପୃଷ୍ଠା "ଆମେ ଦୁଇ, ଆମର ଦୁଇ, ଦୁଇଟି ଯଥେଷ୍ଟ" "ନିରୋଧ" ବିଜ୍ଞାପନ ଛାପିବେ ।

"ନାଁ ନ ଦେଖାଇଲେ ବୁଢ଼ା ମୋତେ ଘରୁ ବାହାର କରିଦେବ କହିଛି । ଧେତ୍ ଏତେ ବିରକ୍ତ ଲାଗୁଛି ! ଯଦି ନ ବାହାରିଥିବ ତେବେ...."

"ନ ବାହାରିଥିଲେ ଅଲବତ୍ ବାହାର କରାଇବା । ତୁ ଆ ତ । କେତେ କେତେ ସାଙ୍ଗ ଚିହ୍ନା ପିଲା କଟକ ଭୁବନେଶ୍ୱରରୁ ପରୀକ୍ଷା ଦେଇଥିଲେ । କାହା କଥା କେହି ଜାଣିପାରିବେ ନି ଚାଲ ଏଇ ଇସୁରେ ଷ୍ଟ୍ରାଇକ୍ କରିବା, ହରତାଳ କରିବା । କିମିତି ନାଆଁ ନ ବାହାରିବ ।"

ମୋଡ଼ରୁ ଚାହିଁ ଦେଖିଲେ ଓଭରବ୍ରିଜର ଏପଟକୁ ଥିବା ପିଚୁଦିଆ ଡେଛକିରେ ଗୁଡ଼ାଏ ମୁଣ୍ଡ । ସାମନାପଟେ ଡ଼େଣା ଭଳି କାଗଜଟାକୁ ମେଲାଇ ଧରି ଛିଡ଼ା ହୋଇଛନ୍ତି ସେମାନେ ଏବଂ ସଞ୍ଜହୋଇ ଆସିଲା ବେଳେ ଚୋରଣୀ ଗାଈ ତରବରରେ ପର ଶାଗତଳିକୁ ଚରଚର ରାମ୍ପି ପକାଇଲା ପରି ମାଗଣା ପାଠକସବୁ ସକାଳୁ ସକାଳୁ ସମ୍ବାଦଗୁଡ଼ାକ ମୁରୁମୁରୁ କରି ସଂଗ୍ରହ କରିଯାଉଛନ୍ତି ।

ହିମାଂଶୁ କହିଲା "ବେ ! ଏଗୁଡ଼ାକ ବି ଆମପରି ରାତିଯାକ ଶୋଇ ନାହାନ୍ତି ଦେଖୁଛି । କେତେ ରାତିରୁ ଏଠି ଆସି ପହୁଞ୍ଚିଲେଣି ।"

ଅରୁଣାଂଶୁ ଲମ୍ବ ଲମ୍ବ ନଳୀ ଗୋଡ଼କୁ ଗୋଜିଆ ଯୋତାର ଅଗରେ ଭରା ଦେଇ ନ ଓହ୍ଲାଇ ଛିଡ଼ା ହୋଇଗଲା, ବ୍ରେକ୍ ନ ମାରି । ଖଣ୍ଡିଆ ସିଗାରେଟ୍‌ଟା ଫୋପାଡ଼ିଦେଇ ଆଉ ଗୋଟାଏ ପେକେଟ୍‌ରୁ ବାହାର କରି ଲଗାଇଲା, ଏବଂ ହିମାଂଶୁ ଆଡ଼କୁ ଷ୍ଟାଇଲରେ ଆଉ ଗୋଟାଏ ଫୋପାଡ଼ି ଦେଲା 'ନେ ଧର' କହି । ତା'ର ଛାତି ଧଡ଼ଧଡ଼ ହେଉନାହିଁ । ରୋଲ ନମ୍ବରଟା ଦେଖିଦେଲେ ନିଶ୍ଚିନ୍ତ ହୁଅନ୍ତା ସେ ଓ ଚାରିଆଡ଼େ କହି ବୁଲନ୍ତା "ଏ ଶୁଣ, ନଅଶ ଚଉରାଳିଶ ଗ୍ରେଜୁଏଟ୍; ବି.ଏ. ।" କନ୍‌ଭୋକେଶନ ପେଣ୍ଡାଲରୁ ଡ଼ିଗ୍ରୀ ଆଣି ସନ୍ତୋଷ ଷ୍ଟୁଡ଼ିଓରୁ ଏକାଡ଼େମିକ୍ ଗାଉନ୍‌ରେ ଫଟୋଟାଏ ଆଣିପାରିଲେ ତା' ଜୀବନ ସାର୍ଥକ ହୁଅନ୍ତା ।

ପିକ୍‌ଚାର ପୋଷ୍ଟ, ଫେମିନା, ଫିଲ୍ମଫେଆମର, ଷ୍ଟାର ଏଣ୍ଡ୍ ଷ୍ଟାଇଲ୍, ଜେ ଏସ୍, ଇଲାଷ୍ଟ୍ରେଟେଡ୍ ଉଇକ୍ଲି, ସ୍କ୍ରିନ୍ ଯାହାସବୁ ନଥିଲେ ଯୁବଜଗତରୁ ଅନେକ ରଙ୍ଗ ଉଭେଇ ଯାଇଥାନ୍ତା ଏବଂ ଯେଉଁଗୁଡ଼ାକ ପାଇଁ ଆଧୁନିକ ଦୁନିଆ ଏଡ଼େ ମଧୁମୟ ଓ ସ୍ୱପ୍ନମୟ ଆଜି ହିମାଂଶୁ ଅରୁଣାଂଶୁ ଆଗରେ ପଡ଼ିଛନ୍ତି ଅନାଦୃତ ଅବସ୍ଥାରେ । ଜ୍ଞାତସାଦୁ ହେଲେ ହେଁ ସେମାନେ ବିବୃତଜଘନା ସଇରା, ହେମା ଲୀନା, ମମତାଜ, ରେଖା ଆଦିଙ୍କୁ ତ୍ୟାଗ କରିବାକୁ ପ୍ରସ୍ତୁତ । ଏ ସମସ୍ତଙ୍କର ସୁପ୍ରସିଦ୍ଧ ଓ ସୁପ୍ରାଚୀନ ଗ୍ରାହକ ହୋଇ ସୁଦ୍ଧା ଏ ମୁହୂର୍ତ୍ତରେ ହିମାଂଶୁ ଚାହେଁ ସେଇ କାଳୀ ଅପରିଛନୀଗୁଡ଼ାକୁ । ଅରୁଣାଂଶୁ ଚାହେଁ ମାତ୍ର ତା'ର ରୋଲ ନମ୍ବରଟି । ହିମାଂଶୁ କିନ୍ତୁ ଚାହେଁ ପଟ୍ଟନାୟକ ହିମାଂଶୁ ଅଥବା ହିମାଂଶୁ

Digitized by srujanika@gmail.com

ପଟ୍ଟନାୟକ । ନିଜ ନାଆଁ ଦେଖିସାରି ଖୋଜିଯିବ ବନ୍ଧନୀ ଭିତରେ ଥିବା ମ ଅକ୍ଷରଟିକୁ । ଏଇ ଜୀବନର ଗୋଟାଏ ଦିନ ଜିନ୍ଦଗୀ ଏଇ ।

ଆଖିରେ ଲେଞ୍ଜରା, ପାଟିରେ ପାନର ବୋଳ, ଡ଼ୋରିଆ ନାଇଟ ଗାଉନରେ ଥିବା ଲଣ୍ଡାମୁଣ୍ଡିଆ ବୁଢ଼ାଟା ଗୋଟାଏ ଖବରକାଗଜ ଉପରେ ଆଖି ବୁଲାଇ ନେଇ ସାଂଗେ ସାଂଗେ ବିରକ୍ତିସୂଚକ ଧେତ୍, 'ବାଜେ' କହି ହକରକୁ ଫେରାଇଦେଲା । କହିଲା "ଅକାରଣ ଦୁଇଟା ପୃଷ୍ଠା ଗଲା । ଖାଲି ସଂଖ୍ୟା ରୋଲ ନମ୍ବରରେ ଆମର କ'ଣ ଯାଏ ଆସେ ? ଅକାରଣ ପନ୍ଦର ପଇସା କିଏ ଗଣିବ ? ଏଥରକୁ ମିଶାଇ ପାଞ୍ଚଥର ହେଲା । ଫଳ ବାହାରିବା ମାସଟା କାଗଜ ନ କିଣିବା ଭଲ ।" ହିମାଂଶୁ ଅରୁଣାଂଶୁ କିନ୍ତୁ ଚାହାନ୍ତି ନାହିଁ ଦେଶ ବିଦେଶ ଖବର, ସିନେମା ବିଜ୍ଞାପନ ବା ଛବି । ଅସ୍ତ୍ର ଶିକ୍ଷାବେଳେ ଗୁରୁ ଦ୍ରୋଣ ଅର୍ଜୁନକୁ ପଚାରିଲେ କ'ଣ ଦେଖୁଛ ?" ଅର୍ଜୁନ ଉତ୍ତର ଦେଲେ 'ଦୁଇଟି ଆଖି ।' ଅରୁଣାଂଶୁ ଆଉ ହିମାଂଶୁ ଉତ୍ତର ଦେଇଥାନ୍ତେ "ଯୋଡ଼ିଏ ନାଆଁ" ଯଦି କେହି ପଚାରନ୍ତା, 'କ'ଣ ଖୋଜୁଛ ?'

ବର୍ଷକରେ ଆଜି ପରି କେତୁଟା ଦିନରେ ହକରମାନଙ୍କ ଦର ବଢ଼ିଯାଏ । ସମାଆଆଜ, ପ୍ରଜାଆଆତନ୍ତ୍ର, ଡ଼ାକ ରାସ୍ତାଘାଟରେ ଶୁଭେ ନାହିଁ । ଯାଚିଗୁଞ୍ଜି କାଗଜ ଦେଉଥିବା ହକରକୁ ଆଜି ଯେତେ ଡ଼ାକିଲେ ବି ଶୁଣେ ନାହିଁ । ହାତ ହଲାଇ ଦେଇ ଚାଲିଯାଏ । ଫିରି ଫିରି ସାଇକେଲ ଚଳାଇ ମୋଡ଼ରେ ଅନ୍ତର୍ଦ୍ଧାନ ହୁଏ । ସାତଟା ବେଳର କାଗଜ ସବୁଦିନିଆ ଗରାଖକୁ ଦିନ ଦୁଇଟାରେ ମିଳେ । କେଉଁଥର କିମିତି ମିଳେ ବି ନାହିଁ । ଚାରି ପାଞ୍ଚଜଣ କିଣି ପଢ଼ି ସାରିବା ପରେ ତାଗିଦା କଲେ ପରଦିନ ମୋଡ଼ିମୋଡ଼ି ହୋଇ ମିଳେ ।

ସେମାନଙ୍କ ଚେହେରା ବି ସେଦିନ ବଦଳିଯାଏ । କାହା ଚେହେରା ଉତ୍କଳମଣି ପରି ଦିଶେ, ଆଉକିଏ ଉତ୍କଳକେଶରୀ ପରି ଆଉ କିଏ ମହାରାଜା ବା ଶିଳ୍ପପତି ପରି ଦିଶେ । ଆଜି ଅଗ୍ନି ପରୀକ୍ଷା ଦିନ ପ୍ରତ୍ୟେକର । ପାଠକ ମନକୁ କିଏ ଠିକ୍ ଚିହ୍ନିଛି ବୁଝିଛି ଜଣାଯିବ । ଯଥାର୍ଥରେ କିଏ ଚତୁର୍ଥ ଇଷ୍ଟେଟ୍ ତାହା ପ୍ରମାଣିତ ହେବ । ଆଜି ଆଉ ଗରାଖକୁ ଭୁଡେଇ ପାରିବେ ନାହିଁ । ହୁଏତ ଭଡ଼ା ବିକ୍ରୀ ନହେଲେ ପୋଡ଼ା ପାଉଁଶ । ଜୟ ହିମାଂଶୁ ପଟ୍ଟନାୟକ । ଜୟ ଅରୁଣାଂଶୁ ମହାପାତ୍ର ।

ଦୁଇଜଣ ଛାତ୍ର ପରସ୍ପର ବନ୍ଧୁ ଉପରେ ହାତ ରଖି ଗାଲକୁ ଗାଲ ଯୋଡ଼ି ଆଙ୍ଗୁଳି ଚଳାଇ ରୋଲନମ୍ବର ଖୋଜି ଚାଲିଛନ୍ତି । ନିଜର ବାହାର କରିସାରି ଖୋଜୁଛନ୍ତି ଅନ୍ୟମାନଙ୍କର । ଜଣେ ଆଉ ଜଣକୁ ପଚାରୁଛି "ବେ, ପେନିର୍ ରୋଲ୍ କେତେ ମନେଅଛି ? କବିତାର ରୋଲଟା ଲେଖି ରଖିଥିଲି, ହଜିଗଲା । ସବିତାର ସିଟ୍ ଠିକ୍ ମୋର ଆଗରେ ଥିଲା । ଦେଖ୍ ତ ୯୫୬ । ମଞ୍ଜୁ ଆଉ ମୀନାକ୍ଷୀର ତ ଟେଲିଗ୍ରାମ ଆସିଛି । ବେ, ନୂଆ ଇଂରାଜୀ ସାର୍ ଚନ୍ଦନ ବୋଲି ପିଲାଟା ଯେଉଁ ଝିଅଟାକୁ ଭଲ

Digitized by srujanika@gmail.com

ପାଇଥିଲେ ସେ ଫେଲ୍ ହୋଇଯାଇଛି । ତା'ର ରୋଲ୍‌ଟା ଠିକ୍ ହଜାରେ, ମୋର ମନେଅଛି । ବେଶ୍ ହୋଇଛି, ଏତେ ବଜାରୁଣୀ । ଚାଲିଯିବା । କେଣ୍ଟିନରେ ଦୋଷା ଖାଇ ରିଡ଼ିଂ ରୁମ୍‌କୁ ଯିବା । ଅନ୍ୟ କାଗଜ ଦେଖିବା ।"

ସମସ୍ତେ ବିରକ୍ତ । ଖାଲିଗୁଡ଼ାଏ ଅଙ୍କ ଦେଖୁଛନ୍ତି, ପଢୁଛନ୍ତି, ଖାଲି ଅଙ୍କରେ କଥାବାର୍ତ୍ତା । କେହି କିଛି ଜାଣନ୍ତି ନାହିଁ । କେହି କାହା ପ୍ରଶ୍ନର ଉତ୍ତର ଦେଇପାରୁନାହାନ୍ତି । ନିଜେ ନିଜ ଗାଲରେ ଠୋ କରି ମାରିବା ପାଇଁ ବା ଅନ୍ୟ ଗାଲରେ ଠାଏ କରି ବଜେଇବା ପାଇଁ ମୁହୂର୍ତ୍ତକୁ ଅପେକ୍ଷା କରିଛନ୍ତି ଯିମିତି ।

ହକରଗୁଡ଼ାକ ବି ମନେ ମନେ ବିରକ୍ତ । ଗତ କେତେଥର ନାଆଁ ନ ବାହାରି ରୋଲ୍ ନମ୍ବର ବାହାରିବାରେ ପବ୍ଲିକ୍ ବିରକ୍ତ ହୋଇଥିବା କଥା ସେମାନେ ଯେଝା ଉପରବାଲାଙ୍କୁ ଜଣାଇ ଦେଇଥିଲେ । ନିଶ୍ଚିତ ରୂପେ ସେମାନେ ଜାଣିଥିଲେ ଯେ, ଆଜି ନାଆଁ ବାହାରିବ, ତେଣୁ ବେଶୀ ବେଶୀ ସଂଖ୍ୟାରେ ଅର୍ଡ଼ର ଦେଇଥିଲେ । ଉଡ଼ା ବିକ୍ରି ପାଇଁ ସମସ୍ତେ ପ୍ରସ୍ତୁତ ହୋଇ ଆସିଥିଲେ ଏବଂ ଭୋର୍ ଚାରିଟାବେଳୁ ଆସି ରେଳବାଇ ପାର୍ଶଲ ଅଫିସ୍ ଆଗରେ ବସି ଢୁଳାଇଥିଲେ । ଗୋଟାଏ କାଗଜବାଲା ତା' ପୁଅକୁ ସାଂଗରେ ଧରି ଆସିଥିଲା । କମ୍ପିଟିଶନ୍ ମାର୍କେଟ ତ ! ଦୁହେଁ ସହରର ଦୁଇପଟକୁ ବାହାରିଯିବେ ।

ଆଉ ଗୋଟାଏ କାଗଜବାଲା ରାତି ଗୋଟାକବେଳ ଗାଡ଼ିକୁ ଆସି ବୁଲିଯାଇଥାଏ କାଳେ ମାଲିକ ଆଗତୁରା ଛାପି ବଣ୍ଡିଲଗୁଡ଼ାକ ପଠାଇଥିବେ । ଖବରକାଗଜବାଲା ଏ ଉପର ସ୍ତରରେ ଯିମିତି ହିଂସା, ଦ୍ୱେଷ, ଲୋଭ, ମଦ, ମାତ୍ସର୍ଯ୍ୟ (କାମ ରିପୁଟାକୁ ବାଦ୍ ଦେବାକୁ ପଡ଼ିବ)ରେ ପଡ଼ି କାଦୁଅ ଫୋପାଡ଼ା ଫୋପଡ଼ିରେ ମାତି ଥାଆନ୍ତି ହକରଗୁଡ଼ାକ ମଧ ସେଇ ରୀତି ଆଚରଣ କରନ୍ତି । ହେଲେ ଆଜି ସର୍ବଜନେ ପଡ଼ିଛି ଏକ ଦଶା । ରୋଲ୍ ନମ୍ବର, ଖାଲି ରୋଲ୍ ନମ୍ବର ।

ଏ ପ୍ରସଙ୍ଗରେ ଜଣେ ଆଉ ଜଣକୁ କହୁଛି, "ଏ ବର୍ଷ ଆଚ୍ଛା ରୋଗ ଧରିଲା । ଭଲା ଦିନେ ଦୁଇଦିନ ପରେ ଛାପ, ହପ୍ତାଏ ଧରି ଛାପ କିନ୍ତୁ ନାଆଁ ଗୁଡ଼ା ଛାପ । ବୋର୍ଡ଼ ପରୀକ୍ଷା ଫଳ 'ଗଣତନ୍ତ୍ର' କାଗଜ ଦଶଦିନ ଧରି ଛାପିଥିଲା । ଏବେ ବି ରେକର୍ଡ଼ କରି ପିଲାଏ, ତାଙ୍କ ବାପା ମାଆ ସାଇତି ରଖିଛନ୍ତି । ଦେଖିବୁ, ଏଥର ବି ନିଶ୍ଚୟ ନାଆଁ ଛାପିଥିବ ।"

ଏଇ ଗଣତନ୍ତ୍ରର ହକରଟି ଗରିପ ମାଇପ । ଯା'କୁ ସମସ୍ତେ ଥଟ୍ଟା ତାମସା କରନ୍ତି । ଏକେ ତ ବୁଢ଼ା, ଦୁଜେ ଯେଉଁ ଚେହେରା । ହେଲେ ଲୋକଟା ରହସ୍ୟପ୍ରିୟ । କେତେଖଣ୍ଡି କାଗଜ ସେ ମଗାଏ । ମାତ୍ର ଚାରିପେଜ । ହାତ ପ୍ରେସରେ ଛାପା ପରି ଦିଶେ । ଘଣ୍ଟାଏ ଅଧେ ଲାଗେ କାଗଜତକ ବିକିବାକୁ । ବିକେ କି ଖାଲି ଖାଲି ଯା' ତା' ଘରେ ଫୋପାଡ଼ି ଦିଏ କହିବା ମୁସ୍କିଲ୍ । ଆଜି ସବୁ ହକରଙ୍କ ତା' ଉପରେ ଅହନ୍ତା ।

Digitized by srujanika@gmail.com

କାରଣ ବୋର୍ଡ଼ ଫଳ, ପି.ଇ., ଫାଷ୍ଟ ଇଅର୍ ଫଳ ତା' କାଗଜ ଛାପିଥିଲା । ଆଜି ଯେ ବାହାରିଥିବ ସେଥିରେ କାହାରି ସନ୍ଦେହ ନାହିଁ ।

ଖଣ୍ଡିଆ ସିଗାରେଟ୍‌ଗୁଡ଼ାକ ଫୋପାଡ଼ି ଦେଇ ଅରୁଣାଂଶୁ ଓ ହିମାଂଶୁ ଏକ ସ୍ୱରରେ ଆରମ୍ଭ କଲେ, "କିହୋ ! ଖବରକାଗଜବାଲାଏ, ଏଥର ବି ରୋଲ ନମ୍ବର ! ତୁମକୁ ଜବ୍‌ବର ମାଡ଼ ନହେଲେ ଅକ୍‌କଲ ଶିଖିବନାହିଁ । ଏ ସମାଜବାଲା ! ପ୍ରଜାତନ୍ତ୍ରବାଲା ! ଦେଖ ! ଚାହିଁ ଏ ଆଡ଼କୁ ।" ସିଗାରେଟ ଲାଇଟରଟା ହାତରେ ଧରି ହିମାଂଶୁ ଦେଖାଦେଲା କିମିତି ଝର୍‌ଝର୍ ଦି'ଥର କଲାରୁ ଟିକି ସାପଫଣା ପରି ଛୋଟ ଲହ ଲହ ଶିଖା ବାହାରି ପଡ଼ିଲା ନିଆଁ ପେଡ଼ି ଭିତରୁ । ଦି'ଚାରି ଜଣ ସାଂଗଙ୍କୁ ଦେଖି ଡ଼ାକିଲା, "ଆସ ବେ ! ସବୁ ପୋଡ଼ିପାଡ଼ି ଦେବା ଯେ କାଲିକି ପୁଣି ନାଆଁ ଛପାହୋଇ ଛପାଖାନାରୁ ବାହାରି ଆସିବ । ଆସ ଭିଡ଼ି ଆସ ।"

ଭିଡ଼ିଯାଇଥିଲା ହିମାଂଶୁ ଗୋଟାଏ ଅଫିଟା ବଣ୍ଡିଲ ଉଠାଇବା ପାଇଁ । ଅରୁଣାଂଶୁ ଧରିନେଲା ତାକୁ । କହିଲା, ରହ ରହ ଭାଇ, ଆଜି ରୋଲ ନମ୍ବରଟା ଦେଖାଯାଉ, ତା'ପରେ କାଲି କି ପଅରି ଦିନକୁ ନାଁ, ଗାଆଁ ଦେଖିବା । କିଛି ନ ହେବାକୁ ଦୁଇ ଚାରି ଦିନରେ କଲେଜ ନୋଟିସ୍ ବୋର୍ଡ଼ରେ ଟାଇପ୍ ହୋଇ ପ୍ରିନ୍ସିପାଲର ଦସ୍ତଖତ ଦିଆ ନୋଟିସ୍‌ଟା ବାହାରିଲେ ଅନ୍ତତଃ ଆମ କଲେଜ ପିଲାଙ୍କ ପାସ୍ ଫେଲ୍ କଥା ଜଣାପଡ଼ିବ । ତୋ' ବାପାକୁ ସେଇଥିରୁ ଗୋଟାଏ ନୋଟିସ୍ ବୋର୍ଡ଼ ଭାଙ୍ଗି ଦେଇଦେବା ।

ନିଜେ ବର୍ତ୍ତିବା ଉଦ୍ଦେଶ୍ୟରେ ଗଣତନ୍ତ୍ରର ହକର ଆଡ଼କୁ ସେମାନଙ୍କ ଦୃଷ୍ଟି ଆକର୍ଷଣ କରିବା ଉଦ୍ଦେଶ୍ୟରେ ସମାଜବାଲା କହିଲା, "ବାବୁ ! ଗଣତନ୍ତ୍ରରେ ନାଆଁ ବାହାରିଥିବ । ଅପେକ୍ଷା କରନ୍ତୁ, ସେ ଆଣୁ ତା' ପେକେଟ୍ । ବୋର୍ଡ଼ ପି.ଉ., ଫାଷ୍ଟଇଅର୍ ସବୁ ଫଳ ନାଆଁ ଦେଇ ବାହାରିଥିଲା ସେ କାଗଜରେ ।"

ଉଭୟ ହିମାଂଶୁ ଓ ଅରୁଣାଂଶୁ ଚିତ୍କାର କରି ଉଠିଲେ, "କାହିଁ ସେ ଗଣତନ୍ତ୍ରବାଲା । କାହାରି ରକ୍ଷା ନାହିଁ ଆଜି, ନାଆଁ ଦେଖାଅ । ରମା ଭୀମା ଶାମା ଖଣ୍ଡିଆ ଦଣ୍ଡିଆ ଅଯରରେ ହେଲେ ଆମର ନାଆଁ, ଦରକାର, ସଂଖ୍ୟା ନୁହେଁ । ତୁମ ସମସ୍ତଙ୍କ ମୁଣ୍ଡ ଆଜି ଫାଟିବ । ଯାଅ ତାକୁ ଧରିଆଣ । ସବୁ ବୁଢ଼ାଙ୍କୁ ଆଜି କତଲ କର ।"

ଏତିକିବେଳେ ଗଣତନ୍ତ୍ରବାଲା ବୁଢ଼ାଟି ଚବିଶ ଇଞ୍ଚିଆ ରଙ୍ଗଛଡ଼ା ସାଇକେଲ ଚଢ଼ି ପହୁଞ୍ଚିଗଲା ।

"ଏଇ ତ ବୁଢ଼ାଭାଇ ଆସିଗଲା । ତୋର୍ ଢ଼େର୍ ଆୟୁଷ, ଏଇକ୍ଷଣି ତୋ' କଥା ପଡ଼ିଥିଲା । ତୋର ଆଜି ପ'ବାର ! ଫଳ ବାହାରିଛି ।" ସମାଜବାଲା କହିଲା, ଅନ୍ୟମାନଙ୍କ ସାଇକେଲରେ ଲାଲ ଟିଣ ପଟାରେ ସୁନ୍ଦର ଅକ୍ଷରରେ 'ସମାଜ' 'ପ୍ରଜାତନ୍ତ୍ର' ଯିମିତି ଲେଖାଥାଏ ତା' ସାଇକେଲରେ ସିମିତି କିଛି ନାହି । ଲଙ୍ଗଳା ଫୁଙ୍ଗୁଳା ଯନ୍ତ୍ରଟା । ବ୍ରେକ୍ ନାହିଁ ବେଲ୍ ନାହିଁ । ପଛ କେରିଅର ବି ଜୋର୍‌ରେ କାଗଜ ପୁଟୁଳାକ

Digitized by srujanika@gmail.com

ଜାକି ଧରିପାରେ ନାହିଁ ବୋଲି ଚଳାଇଲା ବେଳେ ବାଆଁ ହାତଟାରେ ତାକୁ ଥରକୁ ଥର ଅଣ୍ଡାଳିବାକୁ ପଡ଼େ । ଓହ୍ଲାଉ ଓହ୍ଲାଉ କଛା କାନିଟା ଦରଭଙ୍ଗା ସିଟ୍‌ରେ ଲାଗିଯିବାରୁ ତାକୁ ଟିକିଏ ଅସମ୍ଭାଳ, ଅସଂଯତ ହୋଇ ଓହ୍ଲାଇବାକୁ ପଡ଼ିଲା । ଷ୍ଟାଣ୍ଡବିହୀନ ଯନ୍ତ୍ରଟାକୁ ପାଖ ନିଦ୍ରାବତୀ ଗଛ ଗଣ୍ଡିରେ ଆଉଜାଇ ବୁଢ଼ା ଜୁନ୍ ମାସ ସକାଳୁଆ ନୁଖୁରା ଟାଆଁସିଆ କଦମ୍ବ ଫୁଲିଆ ଚୁଳ ଭିତର ଦେଇ ମୁଣ୍ଡରୁ ଝରି ଆସୁଥିବା ଝାଳକୁ କପାଳରୁ ପୋଛିପାଛି ଦେଲା ହାତ ପାପୁଲିରେ ।

ଚାଉଳ ବେପାରୀ ଯିମିତି ଖଣ୍ଡିଆ ଅଧା ଅଙ୍ଗା ପିନ୍ଧିଥାନ୍ତି ସିମିତି ଗାନ୍ଧୀ ଜୟନ୍ତୀରେ ରିହାତି ମିଳୁଥିବା ଖଦଡ଼ରେ ତିଆରି କାର୍ଟର ଶର୍ଟପିନ୍ଧି ଲମ୍ବା ଚଉଡ଼ା ଲୋକଟା ଦିଶୁଥିଲା ଯିମିତି କେବେ ସେ ରାଜା ରାଜୁଡ଼ାଙ୍କ ଅର୍ଦ୍ଦଳି ଥିଲା । ଲୋକଟାର ଦିମାକ୍ ଅଛି, ଦେଖାଏ ନାହିଁ । କଉତୁକିଆ, ସହଜରେ ଚିଡ଼େ ନାହିଁ । କାଗଜର କାଟ୍‌ତି ନାହିଁ, ହେଲେ ତା'ର ଦୁଃଖ ନାହିଁ । ଏ ବର୍ଷ ଦିନେ ଦୁଇଦିନ ତା'ର ଦାମ୍ ବଢ଼ି ଯାଇଥିଲା । ସମାଜ, ପ୍ରଜାତନ୍ତ୍ର ଆଦି ବଡ଼ ବଡ଼ ଦୈନିକପତ୍ରିକା ମନୋଟାଇପ୍ ରୋଟାରୀ ପ୍ରେସ୍ ଆଦି ରଖି ଯାହା କରିପାରି ନଥିଲେ ହାତପ୍ରେସରେ ଗଣତନ୍ତ୍ର ତାହା କରିପାରିଥିଲା । ସ୍ଲୋ ଏଣ୍ଡ୍ ଷ୍ଟେଡ଼ି ।

"ଏ ବୁଢ଼ା ! ଶୀଘ୍ର କାଗଜ ଆଣ । ନାଆଁ ବାହାରିଥିବ ତ ରକ୍ଷା, ନହେଲେ ତୋ' ମୁଣ୍ଡ ଗଣ୍ଡି ଅଲଗା ହୋଇଯିବ ଏଇଠି । ଯା, ଯା, ବୁଢ଼ା ହଳିଆ ଭଳି କେତେ ଧୀରେ ଧୀରେ ଢ଼ଳି ଢ଼ଳି ଯାଉଛୁ ? ଛାଡ଼କରି ଶୀଘ୍ର ବଣ୍ଡିଲ୍ ଆଣ, ମାଲବାବୁ ଆସନସୋଲକୁ ଚାଲିଯିବ ତ ଅଧଘଣ୍ଟାଏ ଡ଼େରି ହୋଇଯିବ ।"

ବୁଢ଼ା ଜାଣିଗଲା ଅନ୍ୟ କାଗଜରେ ନାଆଁ ବାହାରି ନାହିଁ, ନହେଲେ ପିଲାଏ ତାକୁ ଚଢ଼ାଉ କରିବା ପାଇଁ ପ୍ରସ୍ତୁତ ହେଉଛନ୍ତି କାହିଁକି ? ସେ ଜାଣିଥିଲା ହୁଏତ ତା' କାଗଜରେ ନାଆଁ ବାହାରି ନଥିବ ଅନ୍ତତଃ ସେଦିନ । ଦିନେ ଦି'ଦିନ ପରେ ବାହାରିପାରେ । କାରଣ ବଡ଼ ବଡ଼ କାଗଜବାଲାଏ ଆଗତୁରା ବାଣୀବିହାରରୁ ଫୋନ୍‌ରେ ଡ଼କରା ପାଇ ଫଳ କାଗଜ ଆଣି ନାଆଁ ଗାଆଁ ସହିତ ଛାପି ଠିକଣା ଗାଡ଼ିରେ ପଠାଇଥିବେ । ତେଣୁ ସେ ଡ଼େରିରେ ଆସିଛି । ଭିଡ଼ ଭାଙ୍ଗିଗଲେ ଅନ୍ୟ ହକରମାନେ ରାଉଣ୍ଡରେ ଚାଲିଗଲେ ଚୋରଟି ପରି ପାର୍ଶଲ ଅଫିସ୍‌ରୁ ତା' ପୁଟୁଳା ଆଣି ଧୀରେସୁସ୍ଥେ କାମ କରିବ । ଅନେକ ଥର ଭାବିଲାଣି ସାଙ୍ଗସାଥୀଙ୍କ ଭିତରେ ହୀନିମାନିଆ ହୋଇ ହକର କାମ କରିବ ନାହିଁ । ଟୋକାଟାକଳିଆଙ୍କ ସାଙ୍ଗରେ ଟକ୍‌କର ଦେଇ ପାଟିକରି, 'ଗଣତନ୍ତ୍ର' 'ଗଣତନ୍ତ୍ର' ଡ଼ାକିପାରିବ ନାହିଁ । ତା'ଛଡ଼ା ତା'ର ଯେଉଁ କାଗଜ, ଦୁଇଚାରିଟା ପୃଷ୍ଠା, ଯେଉଁ ବାଜେ ଛାପା, ଠୁଙ୍ଗା ବି କରିହେବ ନାହିଁ । ଯାଚିଲେ ବି ଗରାଖ ନାହିଁ । ହେଲେ ରାଜଭକ୍ତି ବୋଲି ଗଡ଼ଜାତି ପୁରୁଣାକାଳିଆ ଆଦର୍ଶ ତ ଅଛି ଏ ଦେଶରେ ।

ଓଭରବ୍ରିଜ୍ ଅଧାଅଧି ଯାଇଛି ତଳୁ ହିମାଂଶୁ ପାଟିକରି କହିଲା, "ବୁଢ଼ା, ଆମେ ଖବର ପାଇଛୁ ତୋ' କାଗଜରେ ନାଆଁ ବାହାରିଛି । କାଗଜ ଆଣି ଏଇଠି ଆମ ଆଗରେ ରଖ ।

Digitized by srujanika@gmail.com

ଫିଟାଇବାକୁ ନାହିଁ, ସବୁ କାଗଜ ଆମର ରିଜର୍ଭ । ଆମକୁ ନ କହି ବିକିବୁ ତ ଫଳ ଭୋଗିବୁ ।"

ସମାଜ ବାଲା ଶ୍ଳେଷବ୍ୟଙ୍ଗ ବିଦ୍ରୂପମିଶା ଗଳାରେ ଶୁଣେଇ ଶୁଣେଇ କହିଲା, "ଆଜି ବୁଢ଼ାଭାଇ ରଜା ।"

ପ୍ରଜାତନ୍ତ୍ରବାଲା କହିଲା, "ଆଜି ବୁଢ଼ା ଗୋଡ଼ତଳେ ସମସ୍ତେ । ତାକୁ ଦ୍ୱାର ଦ୍ୱାର ଭିକାରୀ ପରି ବୁଲିବାକୁ ପଡ଼ିବ ନାହିଁ ।"

ପିତୃଭୂମିବାଲା କହିଲା, "ଆଜି ଗଣତନ୍ତ୍ରର ପୃଷ୍ଠାକ ଦାମ୍ ଆଠଣା ।"

ସମସ୍ତେ ମିଳିମିଶି କହିଲେ, "ଆଜି ବୁଢ଼ା ଆମକୁ ବରା ଗୁଲଗୁଲା ଖୁଆଉ ।"

ଏସବୁ କଥା ଶୁଣିଶୁଣି ବୁଢ଼ା ବିଶ୍ୱାସ କରିଗଲା ନିଶ୍ଚୟ ବୋର୍ଡ଼ ପି.ଉ. ଫାଷ୍ଟ, ଇଅର ଫଳ ପରି ବି.ଏ ଫଳ ନାଆଁ ଦେଇ ବାହାରିଥିବ । ତଥାପି ତା ମୁହଁଟା ଏମିତି ଡିଆରି ଯେ ଆନନ୍ଦ ବା ଅନ୍ୟ କୌଣସି ଭାବ ସେଠି ଫୁଟି ଦିଶିଲି ନାହିଁ । ଶିଡ଼ିରୁ ପ୍ଲେଟ୍‌ଫର୍ମକୁ ଓହ୍ଲାଇବାକୁ ସେ ଆରମ୍ଭ କଲା ।

"ଏଇଟା ଯିମିତି ମଲାଙ୍କ ପରି ଚାଲିଛି ଫେରିବାକୁ ଘଣ୍ଟାଏ ଲାଗିବ । ବୁଢ଼ା ହଳିଆଙ୍କୁ ଚାବୁକ ଲଗେଇବା ଛଡ଼ା ଉପାୟ ନାହିଁ । ଅରୁଣାଂଶୁ ! ସବୁ ବୁଢ଼ାଙ୍କ ଚେହେରା ସମାନ ହୁଏ କିମିତି ? ଏ ଶଳାର ଚେହେରାଟା ଆମ ବୁଢ଼ାର ଚେହେରା ସାଙ୍ଗରେ ଏକଦମ୍ ମେଳ ଖାଉଛି ନହେଲେ ଏମିତି ଗୋଟାଏ ..."

ଠୋ ଠୋ ହସି ଅରୁଣାଂଶୁ କହିଲା "ଯେବେ ଫେରେ ରକ୍ଷା, ବାଟରେ ପଡ଼ି ମରିବାର ବି ଭୟ ଅଛି । ଦେଖିଲୁ ତ କିମିତି ସାଇକେଲରୁ ଅସମ୍ଭାଳ ହୋଇ ଖସି ପଡୁଥିଲା । ଓଭରବ୍ରିଜ୍ ପାହାଚରେ ଦି'ଥର ଝୁଣ୍ଟିଛି ।"

"କ'ଣ ଭାବୁଛ ? ନାଆଁ ବାହାରିଥିବ ?"

"ନିଶ୍ଚୟ ବାହାରିଛି । ବୋର୍ଡ଼ ଫଳ ଛାପିଥିଲା ତ । ବି.ଏ. ଫଳ ଢ଼େର କମ୍, ଦି'ଚାରି ପୃଷ୍ଠା ହେବ ।"

"ମାର୍ ବାଜି । ଯଦି ବାହାରିଥିବ ମୁଁ 'ହରେ ରାମ ହରେ କୃଷ୍ଣ'ର ଦୁଇଟା ସୋ'ର ପଇସା ଦେବି ।"

"ଯଦି ନ ବାହାରିଥିବ ତେବେ ଦୁଇଟା ଫାଣ୍ଟା, ଦୁଇଟା କେକ୍ ଆଉ ମୁଠାଏ ଏଲ୍.ଏସ୍.ଡ଼ି. ଦେବି ।" "ଥିଂସ୍ ଗୋ ବେଟାର ଉଇଥ୍ କୋକ୍ ବୁଝିଛୁ ତ ?"

ଦୁଇଜଣ ଦୁଇଟା ସିଗାରେଟ୍ ପୁଣି ଲଗାଇ ଆରମ୍ଭ କରିଦେଲେ ଗୋଟାଏ ମୃଦୁ ଡୁଏଟ୍ ସଙ୍ଗୀତ କିଶୋର ଆଶା ଭୋନସ୍ଲେର ପପ୍ ଗୀତ, ନାଚୋ ମେରେ ଜାନ୍ ଫଟାଫଟ୍ ।

ପୁରୁଣାକାଳିଆ ବିଶ୍ୱସ୍ତ ଆଜ୍ଞାକାରୀ ଭୃତ୍ୟ ବା ଛେଲା ବୋହି ବୋହି ପିଠି ବେଙ୍କ

Digitized by srujanika@gmail.com

ବାଙ୍କି ଯାଉଥିବା ରେଲବାଇ କୁଲି ପରି ବୁଢ଼ା ବିଚାରା କାଗଜ ପେକେଟ୍ ଦୁଇଟା କାଖ ତଳେ କାନ୍ଧରେ ଧରି ଅପେକ୍ଷାକୃତ ଦ୍ରୁତ ପଦରେ ଆସିଲା । ବୋଧହୁଏ ତା' ଅନ୍ତରାତ୍ମା ବି କହୁଥିଲା ନାଆଁ ବାହାରିଥାଉ । ଅଧିକ ପଇସା ମିଳିବ ବା ତା ନିଜର ନାଆଁ ବଢ଼ିଯିବ ସେ ଦୃଷ୍ଟିରୁ ନୁହେଁ, ପିଲାଏ ଯେଣୁ ଚାହୁଁଛନ୍ତି ନିଜ ନିଜ ନା ଦେଖିବାକୁ । (କିଏ ନିଜର ନାଆଁ, ଫଟୋ କାଗଜରେ ଦେଖିବାକୁ ନ ଚାହେଁ? ଖବରକାଗଜବାଲାଏ ତ ବଞ୍ଚନ୍ତି ଲୋକମାନଙ୍କର ଏଇ ନାଆଁ ଛାପି ଓ ଛବି ପ୍ରକାଶ କରି ।)

ପେକେଟ୍ ଗୋଟାଏ ତଳେ ଥୋଇଛି କି ନାହିଁ ହିମାଂଶୁ ଏତେ ଜୋର୍‌ରେ କଭରଟାକୁ ଛିଣ୍ଡାଇ ଦେଲା ଯେ, ଭିତରର ଗୁଡ଼ାଏ କାଗଜ ବି ଚର୍ କରି ଚିରିଗଲା । ତର ତର ହୋଇ ଗୋଟାଏ କାଗଜ ଧରି ନେଇ ପେକେଟ୍‌ର ବାକୀ କାଗଜ ଏତେ ଜୋରରେ ଫୋପାଡ଼ି ଦେଲା ଯେ, ସେଗୁଡ଼ାକ ଇତସ୍ତତଃ ଭିଣିହୋଇ ପଡ଼ିଲେ । ଅରୁଣାଂଶୁ ସମାନ ଆଗ୍ରହ ଦେଖାଇ ହିମାଂଶୁ କାନ୍ଧରେ ପଛପଟୁ ହାତ ରଖି କାଗଜ ଉପରେ ଆଖି ବୁଲାଇଲା । ତିନିଚାରିଟା ହକର ବି ଉଠି ଉଙ୍କି ମାରି ଦେଖିବାକୁ ଲାଗିଲେ ।

ପ୍ରଥମ ପୃଷ୍ଠାରେ ବଡ଼ ବଡ଼ ଅକ୍ଷରରେ ସେଇ ବାଜେ ଖବର ପ୍ରଧାନମନ୍ତ୍ରୀଙ୍କ ଦେଶବାସୀଙ୍କୁ ଆହ୍ୱାନ । ଶେଷ ପୃଷ୍ଠାରେ ଗୋଟିଏ ବିଜ୍ଞାପନ "ଘୋର ପ୍ରକାଣ୍ଡ ଲାଲ ବମ୍ବେଇ ମୂଳା ଓ ଅନ୍ୟାନ୍ୟ ମଞ୍ଜି ଓ ଚାରା" ଇତ୍ୟାଦି । ମଝି ପୃଷ୍ଠା ଖୋଲି ଦେଲାମାତ୍ରେ ହିମାଂଶୁ ଚିତ୍କାର କରି ଉଠିଲା "ବେ, ଏଠି ବି ସେଇ ରୋଲ୍ ନମ୍ବର ।" ତା'ର ମୁହଁର ଶିରାପ୍ରଶିରା ଓ ପେଶୀର ଏମିତି ଆକୁଞ୍ଚନ ଓ ସମ୍ପ୍ରସାରଣ ହେଲା ଯେ ଲମ୍ବାକଳି ଦୁଇଟା ନାକ ଉପରୁ ପାଟି ଆଡ଼କୁ ଖସି ଆସୁଥିଲା ।

"ଅରୁଣାଂଶୁ ! ଯା ଯା ! ଆଉ ରକ୍ଷା ନାହିଁ ଏଗୁଡ଼ାକର । ଯା ଯା ଶୀଘ୍ର ନେଇଆ । ସମସ୍ତଙ୍କୁ ଜବଦ କରିବା ।"

ଅରୁଣାଂଶୁ ସାଏଁ କରି ସାଇକେଲରେ ତେଣେ ବାହାରିଗଲା । ଏଣେ ହିମାଂଶୁ ଯେତେବେଳେ ଓଡ଼ିଆ ଖବରକାଗଜ ଥିଲା ସେଗୁଡ଼ାକୁ ଏକାଠି କରିବାକୁ ଲାଗି ପଡ଼ିଲା । ତାକୁ ପ୍ରତିରୋଧ କରିପାରିବ କେଉଁ ଦରିଦ୍ର ଦରମଲା ହକର ? ଭୀମମୂର୍ତ୍ତି ବା ତାଣ୍ଡବରତ ଶିବମୂର୍ତ୍ତି ପରି ଚେହେରା କରି ହିମାଂଶୁ ରଡ଼ି ଛାଡୁଥାଏ, "ଖବରଦାର, ଏ କାଗଜ ପାଖକୁ କେହି ଆସିବ ନାହିଁ ନହେଲେ ଜଳିପୋଡ଼ି ମରିବ । ଏଠି ଆଜି ବନ୍ ଫାୟାର୍ ହବ ।"

"ବାବୁ! ଆମେ ଗରିବ ଲୋକ ମରିଯିବୁ । କାଗଜ ପୋଡ଼ନ୍ତୁ ନାହିଁ । ଆମେ ତ ଛାପୁନି, ବିକୁଛୁ ।"

"ତୁମକୁ ଦଣ୍ଡ ଦେଲେ ଯାଇ ତୁମ ମାଲିକଙ୍କ ଚେତା ପଶିବ । ଲେଖ ତୁମେ ଚିଠି ସେମାନଙ୍କ ପାଖକୁ ଅରୁଣାଂଶୁ ମହାପାତ୍ର ହିମାଂଶୁ ପଟ୍ଟନାୟକ ତୁମ କାଗଜ ସବୁ

Digitized by srujanika@gmail.com

ପୋଡ଼ିଦେଲେ ବୋଲି । ଆମେ କାହାକୁ ଡ଼ରୁ ନାହୁଁ । ପୋଲିସ୍‌ର ବାବା ବି ଆମର କିଛି କହିପାରିବ ନାହିଁ । ଚେଷ୍ଟାକର ।"

ଅରୁଣାଂଶୁ ଆସିଗଲା ପେଟ୍ରୋଲ ବା କିରାସିନି ଭରା ଡ଼ାଲଦା ଟିଣକୁ ନେଇ । ସାଇକେଲଟାକୁ ଫୋପାଡ଼ି ଦେଇ ହକରମାନଙ୍କ କାକୁତି ମିନତି ଅନୁନୟ ବିନୟକୁ ଭ୍ରୂକ୍ଷେପ ସୁଦ୍ଧା ନକରି ତା କାମ ସେ କରିଗଲା । ହିମାଂଶୁ କୁଢ଼ କରି ସବୁ କାଗଜ ଏକାଠି କରିଥିଲା ତା' ପାଇଁ ।

"ବୋଲୋ ଭାଇ, ଇନ୍‌କିଲାବ ଜିନ୍ଦାବାଦ" "ମାଓସେତୁଙ୍ଗ ଜିନ୍ଦାବାଦ" କହି ହିମାଂଶୁ ଝରଝର କରି ଲାଇଟରରୁ ନିଆଁ ଧରାଇବାକୁ ଯାଉଛି, ବୁଢ଼ା ହକର ତା' ହାତକୁ ଏତେ ଜୋରରେ ଜାବୁଡ଼ି ଧରିଲା ଯେ ଲାଇଟରଟା ଖସିପଡ଼ି ଲିଭିଗଲା । ବାଁ ହାତରେ ବୁଢ଼ା ଗାଲରେ ଠୋ କରି ଥକ୍‌କଡ଼ ଦେଲାବେଳକୁ ତେଣେ ହିମାଂଶୁ ଲାଇଟର ଉଠାଇ ନିଆଁ ଧରାଇ ସାରିଲାଣି କାଗଜଗଦାରେ ।

ଦପ୍‌କରି ବାହାରି ପଡ଼ିଲେ ସର୍ବଭୁକ୍ ବୈଶ୍ୱାନର । ଲେଲିହାନ, ଅଗ୍ନିଶିଖାର ଚାରିପଟେ ବୁଲିବୁଲି ଅରୁଣାଂଶୁ, ହିମାଂଶୁ ତାଳି ଫୁଟାଇ ନାଚ ଆରମ୍ଭ କରି ଦେଇଥାନ୍ତି 'ମେରିଜାନ୍ ମେରିଜାନ୍ ଫଟାଫଟ୍' ଗୀତଟା । ଦୁଇ ଆଦିମ ମାନବ ଶିକାର ପୋଡ଼ା ହେଉଥିବା ନିଆଁ ଚାରିପଟେ ନାଚି ନାଚି ଘୁରିଲା ପରି ! କହୁଥାଆନ୍ତି "ଶୁଣ ଖବରକାଗଜବାଲାଏ, ଯେତେଦିନ ପର୍ଯ୍ୟନ୍ତ ଅରୁଣାଂଶୁ ମହାପାତ୍ର ଆଉ ହିମାଂଶୁ ପଟ୍ଟନାୟକଙ୍କ ବି.ଏ. ପାସ୍ କରିଥିବା କଥା ନାଆଁ ଦେଇ ତୁମ ମାଲିକମାନେ ବାହାର ନ କରିଛନ୍ତି ସେ ପର୍ଯ୍ୟନ୍ତ ଖବରକାଗଜର ଅଖଣ୍ଡ ଯଜ୍ଞ ଏଇଠି ଚାଲିଥିବ ।"

ହକରମାନେ ଅସହାୟ ଅବସ୍ଥାରେ ଆକୁଳ, ମୂକ ହୋଇ ଛିଡ଼ା ହୋଇଥାଆନ୍ତି । ଦର୍ଶକ ବି ସିମିତି ପଙ୍ଗୁ, କେତେକ ଗଣ୍ଡଗୋଳ ଆଶଙ୍କାରେ ଘରମୁହାଁ ହେଲେଣି । ରେଳବାଇ ପୋଲିସ୍ ଦୁଇଟା ରେଲିଂ ଫାଙ୍କରେ କୌତୁକ ଉପଭୋଗ କରୁଥିଲେ । ତାଙ୍କ ଇଲାକା ବହିର୍ଭୂତ ଏ ଘଟଣାଟା ବୋଲି । ଧୀରେ ଧୀରେ ଅଗ୍ନିଦେବତା ଶାନ୍ତ ହେଲେ । ହିମାଂଶୁ ଅରୁଣାଂଶୁ 'ଦମ୍‌ମାରେ' ଗୀତର ଲହର ପରେ 'ହରେ ରାମ ହରେ କୃଷ୍ଣ' କହି ଗୀତ ଓ ନାଚ ଶେଷକଲା ବେଳକୁ ସବୁ ରୋଲ୍ ନମ୍ବର ପୋଡ଼ି ପାଉଁଶ ହୋଇଯାଇଥିଲା ।

ସେଦିନ ସେମାନେ ଦୁହେଁ ଘରକୁ ଫେରି ନଥିଲେ । ତହିଁପର ଦୁଇଦିନ ମଧ୍ୟ । ଜଷ୍ଟିସ୍ ମହାପାତ୍ର ଓ ଡ଼କ୍ଟର ପଟ୍ଟନାୟକଙ୍କ ଘରେ କାନ୍ଦ ବୋବାଳି । ଗଲା ପୁତ୍ରେ ବାହୁଡ଼ି ନଇଲେ, ରେ କୋଇଲି !

ଚତୁର୍ଥ ଦିନ "ହିମାଂଶୁ ଫେରିଆ, ଅରୁଣାଂଶୁ ଫେରିଆ" ନିରୁଦ୍ଦେଶ ବିଜ୍ଞାପନ ସହିତ ସବୁ ଓଡ଼ିଆ କାଗଜରେ ନିଜ ସମ୍ବାଦଦାତାଙ୍କ ଗୋଟିଏ ସମ୍ବାଦ ପରିବେଷିତ ହୋଇଥିଲା 'ନକ୍ସଲପନ୍ଥୀ ଉନ୍ମତ୍ତ ଗ୍ରେଜୁଏଟଦ୍ୱୟଙ୍କ ବର୍ବର ଅଗ୍ନିକାଣ୍ଡ' ଶିରୋନାମାରେ । ସମ୍ବାଦରେ

Digitized by srujanika@gmail.com

ଥିଲା "ସଦ୍ୟ ବି.ଏ. ପାସ୍ କରିଥିବା ଅରୁଣାଂଶୁ ମହାପାତ୍ର ଓ ହିମାଂଶୁ ପଟ୍ଟନାୟକ ନାମକ ଦୁଇଜଣ ଉଚ୍ଛୃଙ୍ଖଳ ଯୁବକ... ପୋଲିସ୍ ଆତ୍ମଗୋପନ କରିଥିବା ଯୁବକଦ୍ୱୟଙ୍କୁ ମାଓପନ୍ଥୀ ବୋଲି ଧରିବା ଚେଷ୍ଟାରେ ଅଛନ୍ତି ।"

ବନ ଘନେ ଗୁଣମଣି ବିପଥ ପଥ ନମଣି ଦୁଇବନ୍ଧୁ ହିମାଂଶୁ ଓ ଅରୁଣାଂଶୁ ତିନିଦିନ ବାଉଁଶ ଓ ବେତ ବଣରେ ଆତ୍ମଗୋପନ କରିବା ପରେ ଅନ୍ଧାର ବେଳରେ ଡ଼କ୍ଟର ପଟ୍ଟନାୟକଙ୍କ ପଛପଟ ପାଚେରୀ କାନ୍ଥ ଡ଼େଇଁ ଘରେ ପଶିଲେ । ସାଇକେଲ ଦୁଇଟା ଗାଡ଼ିଆ ଭିତରେ କି ପୋଲିସ୍ ଥାନାରେ ଥିଲା ।

ଯଶୋଦାଙ୍କ ସହିତ ସାକ୍ଷାତ୍ କରି ରାମକୃଷ୍ଣ ବେନି ପୋଏ ନନ୍ଦ ପ୍ରକୋଷ୍ଠକୁ ଗଲେ । ଡ଼କ୍ଟର ପଟ୍ଟନାୟକ ଟେବୁଲ୍ ଲେମ୍ପ ତଳେ ଖବରକାଗଜ ଥୋଇ ବାରମ୍ବାର ବର୍ବର ଅଗ୍ନିକାଣ୍ଡ ସମ୍ବାଦ ପଢୁଥାନ୍ତି । "ଦେଖ କିଏ ଆସିଛି" ଯଶୋଦା ଯିମିତି କହିଦେଇଛନ୍ତି ଡ଼କ୍ଟର ପଟ୍ଟନାୟକ ପାଚିଲା ଭୁରୁ କୁଞ୍ଚେଇ ପଛକୁ ବୁଲି ଦେଖିଲେ ନନ୍ଦନ ହିମାଂଶୁ । ଯଶୋଦା ତଦ୍ଦଣ୍ଡେ କହିଲେ ମୁଁ ତାକୁ କହିଦେଇଛି ସେ ବି.ଏ. ପାସ୍ କରିଛି, ତା ନାଆଁ ବାହାରିଛି ।"

ବାପାଙ୍କ ପାଦଧୂଳି ନେଇ ସେ ଯିମିତି ଛିଡ଼ା ହୋଇଛି ବୁଢ଼ା କହିଲେ, "ବାପା, ତୁ ବି.ଏ. ପାସ୍ କରିଛୁ, ଆଉ ମୋର ସନ୍ଦେହ ନାହିଁ । ଅରୁଣାଂଶୁର ବି ପାସ୍ ହୋଇଯାଇଛି । ନିଅ, ପଢ଼ ।" କହି ଆଙ୍ଗୁଳିଦେଇ ସମ୍ବାଦଟା ଦେଖାଇଦେଲେ । "ତା, ସାଙ୍ଗକୁ ମୋର ବିଜ୍ଞାପନଟା ବି ପଢ଼ିବୁ ।" କହିବାର ଚେଷ୍ଟା କରୁଥିଲେ ଯିମିତି ।

କାଗଜରୁ ସମ୍ବାଦ ଓ ବିଜ୍ଞାପନ ପଢ଼ିସାରି ହିଂମାଶୁ କହିଲା "ବାପା ! ତୁମର ବିଜ୍ଞାପନ ଯିମିତି କାମ ହେଲା ନାଆଁ ବାହାରିବାର ଆମେ ଯେଉଁ ବ୍ୟବସ୍ଥା କରିଥିଲୁ ସେଇଟା ବି ସେମିତି ସାର୍ଥକ ହେଲା । ବାପା, ଘରୁ ଆଉ କ'ଣ ମୋତେ ତଡ଼ିଦବ ? ମୁଁ ବି.ଏ. ପାସ୍ କରିଛି ଯେ ।"

"ବେହିଆ !" ବୋଲି କହି ବାପ ପୁଅ ଆଡ଼କୁ ଚାହିଁ ରହିଲେ । ଜଷ୍ଟିସ୍ ମହାପାତ୍ର ପାଖକୁ ବା ସଦର ଥାନାକୁ ସମ୍ବାଦ ଦେବାପାଇଁ ବା ବିହିତ ବ୍ୟବସ୍ଥା କରିବା ପାଇଁ ଡ଼କ୍ଟର ପଟ୍ଟନାୟକ ଫୋନ୍ ଉଠାଇଲେ । ତାଙ୍କ ଆଖିରୁ ଧାରେ ଲୁହ ଅତର୍କିତରେ କିନ୍ତୁ ଝରିଯାଇଥିଲା ।

Digitized by srujanika@gmail.com

# ରିଡ଼ର

(ହର୍ଷମୁଖ, ସ୍ଫୀତବପୁ ଜନୈକ ମନ୍ତ୍ରୀଙ୍କୁ ତ୍ରିକାଳ ସନ୍ଧ୍ୟା ନହେଲେ ମଧ୍ୟ ପହିଲା ଦିନର ଗୋଟିଏ ସନ୍ଧ୍ୟାରେ ଅଧ୍ୟାପକ କୁଳର ଆଂଶିକ ତ୍ରାଣକର୍ତ୍ତା ହିସାବରେ ସ୍ମରଣ କରି ଅନାମଧନ୍ୟ, ଅଯତ୍ନଲବ୍ଧ ସମ୍ମାନର ଅଧିକାରୀ କତିପୟ ସୌଭାଗ୍ୟବନ୍ତ ସତୀର୍ଥଙ୍କୁ ଅଭିନନ୍ଦନ ଜଣାଇ, ହର୍ତ୍ତାକର୍ତ୍ତା, ଦୈବବିଧାତା ତ୍ରିମୂର୍ତ୍ତିଙ୍କ ବିଚକ୍ଷଣ ବିଚାରଣାର ତାରିଫ୍ କରି, ସର୍ବୋପରି ଯେଉଁ ଈର୍ଷ୍ୟା ଓ ଆତ୍ମଶ୍ଲାଘାରୁ ଏ ଗଳ୍ପ ବା ଫାର୍ଶ ଉଦ୍ଭୁତ ତା'ର ଧ୍ୱଂସ କାମନା କରି ।'

(୧)

"ଭାତ ଖାଇସାରି ଦଣ୍ଡେ ଗଡ଼ପଡ଼ କରନ୍ତ ବା ଦୁଇ ପାଞ୍ଚଥର ନିଃଶ୍ୱାସ ନିଅନ୍ତ ସେକଥା କୁଆଡ଼େ ଗଲା ହନ୍ତସନ୍ତ, ଝାଳନାଳ ହୋଇ ଅନ୍ଦିସନ୍ଧି କାଗଜପତ୍ର ଭିଣାଭିଣି କରି ଏ କ'ଣ ଚାଲିଛି ? କ'ଣ ଖୋଜାଖୋଜି କରୁଛ ଦି ଚାରିଦିନ ହେଲା ?"

"କ'ଣ ଖୋଜନ୍ତି ଆଉ, ସେଇ ରିସର୍ଚ୍ଚ ପେପର ସବୁ ଖୋଜୁଛି ।"

'ସେଗୁଡ଼ାକ ଫେର୍ କ'ଣ!'

"ସେଇମ ଲେଖାଲେଖିଗୁଡ଼ାକ, ପୁରୁଣା ମେଗାଜିନ୍ ଖବରକାଗଜରେ ବାହାରି ନଥିଲା..."

'ବର୍ଷକୁ ବର୍ଷ ଗ୍ରୀଷ୍ମଛୁଟି ପରେ ପରେ ସେଗୁଡ଼ାକର କାହିଁକି ଖୋଜା ପଡ଼େ ? ତିନିବର୍ଷ କି ପାଞ୍ଚବର୍ଷ ହେବ ଏମିତି ସମୁଦ୍ର ମନ୍ଥନ କରୁଛ, ଖୋଜୁଛ, ପାଉଛ, ହଜାଉଛ, ଫେର ଖୋଜୁଛ । କ'ଣ ହେଉଛି କୁଆଡ଼େ ଯାଉଛି ସେସବୁ ?"

'କୁଆଡ଼େ ଯିବ ଆଉ । ଉପରକୁ ପଠାଉଛି । ଉପରବାଲା ହଜାଉଛନ୍ତି । ପୁଣି ମଗାଉଛନ୍ତି । ବୁଝୁ ନ ମୋ' ରିସର୍ଚ୍ଚ ପେପର କହିଲେ, ଗୁଡ଼ାଏ ଗପ । କିଏ କିରାଣୀ ସେସବୁ ପଢ଼ାପଢ଼ି କରି ଫୋପାଡ଼ି ଦେଉଛି । ପ୍ରତିବର୍ଷ ଚିଠି ଆସୁଛି, ଯେଉଁ କାଗଜାତ୍ ପଠାଇଥିଲା ତାହା ମିଳୁନି, ଆଉଥରେ ପଠାଅ । କି ବିରକ୍ତିକର ।'

'ତୁମେ ସିଧା କହିଦିଅ, କାଗଜପତ୍ର କିଛି ନାହିଁ । କ'ଣ ଦରକାର ସେଗୁଡ଼ାକ ?'

'ଠୁଙ୍ଗା ହବ! ତୁମେ ଜାଣନି ଏକ ଗୋଟେ ନୂଆ ପାଠ ବାହାରିଛି । ଆଠବର୍ଷ ଲେକ୍‌ଚାରାର ହେଲେ ରିଡ଼ର୍ ହବାର ଚାନ୍ସ ଆସେ । ଗବେଷଣା ବା ରିସର୍ଚ୍ଚ ପେପର ଉପରେ ସେ ପୋଷ୍ଟ ମିଳେ । ଜଣେ ଲେକ୍‌ଚାରାର ରିଡ଼ର୍ ହୋଇଯାଇଥାନ୍ତା କିନ୍ତୁ କାହିଁ ଖଣ୍ଡେ ଛିଣ୍ଡା ଟୁକୁରା କାଗଜରେ ଧାଡ଼ିଏ ହେଲେ ଛପା ଲେଖା ତା'ର ନଥିଲା ବୋଲି ତାକୁ ରିଡ଼ର୍ କରାଗଲାନି । ପରେ କେଉଁଠୁ କ'ଣ ଯୋଗାଡ଼ କରି ଦେବାରେ ଯାଇ....'

---

*ନବରଶ୍ମି, ୪ର୍ଥ ବର୍ଷ, ୬ମ ସଂଖ୍ୟା, ନଭେମ୍ବର ୧୯୭୩ ।*

Digitized by srujanika@gmail.com

'ଆଚ୍ଛା ତୁମର ତ ଆଠ ଜାଗାରେ ଅଠର ବର୍ଷ ଚାକିରୀ ହେଲାଣି, ମାଷ୍ଟରି ଆଉ ଅନ୍ୟାନ୍ୟ ଚାକିରୀ ମିଶାଇଲେ ଅଠେଇଶ ଅଣତିରିଶ ବର୍ଷ ହବ । ଲେଖାଲେଖି ତ କରୁଛ । ତୁମର ଆଜିଯାକେ ହେଉନି କାହିଁକି ?'

'ବ୍ୟସ୍ତ ହୁଅନି, ଯେବେହେଲେ ହବ । କର୍ମଣ୍ୟେବାଧିକାରସ୍ତେ ମା' ଫଳେଷୁ, ଆମର ଖାଲି କାଗଜପତ୍ର ରିସର୍ଚ୍ଚ ପେପର୍ ପଠାଇବା କାମ ।'

'ସେମାନେ ହଜାଉଥିବେ, ତୁମେ ପଠାଉଥିବ । ସେ ବର୍ଷ କୁଆଡ଼େ କଟକରୁ ଭୁବନେଶ୍ୱର ଅଫିସ୍ ବଦଳି ହେଲା ଯେ, ସବୁ କାଗଜପତ୍ର ହଜିଗଲା କହୁଥିଲ, ତା' ପରବର୍ଷ ଅଫିସ୍ ଗୋଟାଏ ଘରୁ ଆଉ ଗୋଟାକୁ ଉଠିଲା ବୋଲି ଆଉ ପରସ୍ତେ ସେସବୁ ହଜିଲା । ତୁମେ ଆମର ରିଡ଼ର୍ ହୁଅନି, ଏତେ ପରିଶ୍ରମ କରନି । ଧୀରସ୍ଥିର ହୋଇ ଶୁଅ । ନହେଲେ ଲେଖିଦିଅ ଏଥର ଦବ ତ ଦିଅ, ନହେଲେ ଆଉ ମାଗିବ ନାହିଁ ।'

'ବ୍ୟସ୍ତ ହୁଅନି, ତୁମେ ବୁଝନି, ସରକାରର ଅତୁଆ ଅସୁବିଧା କଥା । ମୋ' ଉପରେ ଆସାମ, ଟ୍ରାଭାନ୍‌କୋର, ବଙ୍ଗଦେଶଠୁ ଆଗତ (ଆନୀତ) ଅନେକ ଅଛନ୍ତି ସେମାନେ ପାଇସାରିଲେ ଯାଇ ମୋର ପାଳି ପଡ଼ିବ ।'

'ତୁମେ ମୋତେ ଆଗ କହିଲ ରିଡ଼ର୍ ହେଲେ ଅଧିକ କ'ଣ ଲାଭ । ତୁମେ ତ ପ୍ରଫେସର ହେଲଣି ଏତେ ଦିନ ଧରି । ପିଲା ମାଷ୍ଟର ମୂଲିଆକାମତୁଣୀ ତୁମକୁ ପ୍ରଫେସର ବାବୁ ଡ଼ାକନ୍ତି ।'

'ତୁମେ ମୂର୍ଖ । ନାବାଳକ କଟିନି । ଡ଼ାକିଲେ, ଲେଖିଲେ କେହି ପ୍ରଫେସର୍ ହୁଅନ୍ତି ନାହିଁ । ଯେବେ ହେଉଥିଲେ ତେବେ ହେଉଥିଲେ । ସେ ମୋହିନୀବାବୁ, ବିପିନବାବୁ, ଗିରିଜାବାବୁ ଅମଳ କଥା । ସମସ୍ତେ ପ୍ରଫେସର । ମୁଁ ଚାକିରୀ ଆରମ୍ଭ କଲାବେଳେ କିଏ ଜାଣିଥିଲି ତିନିଥାକିଆ ଆମ ଚାକିରୀ ବୋଲି ଲେକ୍‌ଚାରାର, ରିଡ଼ର୍, ପ୍ରଫେସର ?'

'ଆମରେ ଫରକ୍ କ'ଣ ? ସେଇ ପଢ଼େଇବା କାମ ତ, ନାଆଁ ଭିନେ ହେଲେ କାମ ବି କ'ଣ ଭିନେ ହେବ ? ଆଚ୍ଛା ମୋତେ ବୁଝାଇ ଦିଅନି କାହା କାମ କ'ଣ ?'

"ତୁମେ ତ କଲେଜ ସୀମା ମାଡ଼ନି । ମୋତେ କାହିଁକି ବିରକ୍ତ କରି ମୋର ସମୟ ନଷ୍ଟ କରୁଛ । ଯେଉଁମାନେ ଲେକ୍‌ଚାରର ସେମାନେ ଖାଲି ଲେକ୍‌ଚାର ଦେବେ, ଯାହା ମନକୁ ଆସିବ କହିଯିବେ, ଗଡ଼ ଗଡ଼, ଗୋଟାଏ ଆଡ଼କୁ ଚାହିଁ । ଅଟକିବେ ନାହିଁ, କେହି କିଛି ପଚାରିଲେ ଉତ୍ତର ଦେବେ ନାହିଁ, ଗାଳିଦେବେ ଆଉ ଗୋଟାଏ ବକ୍ତୃତା ଦେଇ । ବକ୍ତୃତା ତାଙ୍କର ଜୀବନ ସର୍ବସ୍ୱ । ଘରେ ସ୍ତ୍ରୀ, ଛୁଆପିଲା (ଯଦି ଥାଆନ୍ତି)ଙ୍କ ସହିତ ବି ବକ୍ତୃତା ମାଧ୍ୟମରେ କଥାବାର୍ତ୍ତା କରିବେ । ରିଡ଼ର ଆଉ ଟିକିଏ ଉପର ପାହିଆର । ସେମାନେ ବକ୍ତୃତା ଦେବେ ନାହିଁ । ବହି ବା ଖାତା ଧରି କେବଳ 'ରିଡ୍' କରିବେ ମାନେ ପଢ଼ିଯିବେ । ପିଲା ବୁଝିବା ନ ବୁଝିବା ସହିତ ସମ୍ପର୍କ ନାହିଁ । ଘରେ

Digitized by srujanika@gmail.com

ବି ସବୁବେଳେ ଶୋଇ ଗୋଡ଼ ଉପରେ ଗୋଡ଼ ରଖି ଖବରକାଗଜ ବହିପତ୍ର ପଢ଼ିବେ ପାଠ ଅତିରିକ୍ତ କାମ ହିସାବରେ । କେହି କିଛି ପଚାରିଲେ ଲେକ୍‌ଚାରାରମାନେ କହିବେ ଟିଉଟୋରିଆଲ୍ କ୍ଲାସରେ ପଚାରିବ ଯେଉଁ କ୍ଲାସ୍ ପ୍ରାୟ ହୁଏନାହିଁ, ଯଦି ହୁଏ ସେ ଢ଼ିଲା କରି ବୁଲାବୁଲି କରି ସମୟ କଟାଇ ଦିଅନ୍ତି ଖାଲି ପ୍ରେଜେଣ୍ଟଟା ଠିଆହୋଇ ବାଟଘାଟରେ ଯେ ରିଡ୍‌ର୍, ସେ କହିବେ, ଘରେ ଡ଼ିକ୍ସିନାରୀ ଦେଖିବ, ରେଫାରେନ୍ସ ବହି ଟିପିନିଅ । ପିଲାମାନଙ୍କର ବା ଏତେ ବେଳ କାହିଁ ?"

"ପ୍ରଫେସର ?"

"ପ୍ରଫେସରମାନଙ୍କ କାମ ଆହୁରି କଷ୍ଟକର । ସେମାନେ ହଜାରରୁ ଆରମ୍ଭ କରନ୍ତି । ରିଡ଼ର ଛଅଶର ଆଉ ଲେକ୍‌ଚାରାର ତ ତୁମେ ଜାଣ ଶହେ ପଚିଶ ଥିଲା, ଦୁଇଶ ହେଲା, ଦୁଇଶ ଅଶୀ କି କେତେ ଏବେ ହୋଇଛି । ହଁ ପ୍ରଫେସରମାନେ ଲେକ୍‌ଚାର ଦେବେନି, 'ରିଡ଼୍' କରିବେ ନାହିଁ, ଖାଲି ପ୍ରଫେସ୍ କରିବେ, ଅର୍ଥାତ୍ ନାନା ଉପାୟରେ ଦୁନିଆକୁ ଜଣାଇବେ ସେମାନେ କିଏ । ମିଟିଂ, ସିନେଟ୍, ସିଣ୍ଡିକେଟ୍ ସେମିନାର, ଲାଇବ୍ରେରୀରେ ସେମାନଙ୍କୁ ଦେଖିବାକୁ ମିଳିବ । କ୍ଲାସ୍‌କୁ ସେମାନେ ଯାଆନ୍ତି ନାହିଁ । ଚେହେରା ଗୁଡ଼ାଏ ପିଲାଙ୍କ ସାଙ୍ଗରେ କାଳ କାଟିଲେ ହେଲା । କେହି କିଛି ପଚାରିଲେ କହିବେ ଘରକୁ ଆ, ଏଠି ମୋର ବେଳ ନାହିଁ ।"

"ହେ ତୁମେ ଆମର ପ୍ରଫେସର ହୁଅ । ମୁଁ ତୁମକୁ ସବୁ ସାହାଯ୍ୟ କରିବି । କେବେ କ'ଣ କଲେ ସେଇଆ ହୋଇପାରିବ ?"

"ମଲେ ।"

"ଛି । କ'ଣ ତୁଣ୍ଡକୁ ଆସୁଛି ! ନହୁଅ । ଆଚ୍ଛା, ପ୍ରଫେସର ବଡ଼ ନା' ପ୍ରିନ୍ସିପାଲ ବଡ଼ ? କ'ଣ କଲେ ପ୍ରିନ୍ସିପାଲ ହୁଅନ୍ତି ? ତାଙ୍କ କାମ କ'ଣ ?"

"ପ୍ରିନ୍‌ସମାନେ ରାଜା । ସେମାନେ ସେଇ । ତାଙ୍କର ଯୋଗ୍ୟତା ତିନିଟା ଦସ୍ତଖତ କରିପାରୁଥିବେ, ରାଜ୍ୟର ସବୁ ଦୋଷ ମୁଣ୍ଡରେ ବୋହିବେ, ହାଣି ଖାଇବା ଶକ୍ତି ଥିବ । ନହେଲେ ରାଜା ହେବେ କିପରି ? ହଁ ଆଉ ପୋଲିସ୍ ରଖିଥିବେ ।"

"ତୁମେ ଆମର କିଛି ହବାର ଦରକାର ନାହିଁ । ଖାଲି କ୍ୱାଟର୍ସ ଗୋଟାଏ ଦେଖ । ଜୀବନଟାଯାକ ଭଡ଼ା ଘରେ ରହି କଟାଇଲି । ପିଅନ ଚପରାସି ପୋଲିସ୍ ହାକିମ ସମସ୍ତଙ୍କ କ୍ୱାଟର୍ସ । ତୁମର ଭଡ଼ାଘର ଫେର ଆଉ ସମସ୍ତଙ୍କ ପାହିଆ ବଦଳ, ଚାକିରୀ ବଦଳ । କନେଷ୍ଟବଳ, ଏସ୍.ପି., କିରାଣୀ, ଜିଲ୍ଲାମାଲିକ, ତୁମେ ଜୀବନଯାକ ଲେକ୍‌ଚାରାର, ଲେକ୍‌ଚାରାର ଲେକ୍‌ଚାରାର୍ ।"

"ଗୁହ ଦେଖ କ'ଣ ହେଉଛି, ଏଥର ମେଣ୍ଟ ମହାମେଣ୍ଟ ଗଢ଼ା ହେଉଛି । ଢ଼େର ସହିଲୁଣି, ଯାହା ମୁହଁକୁ ଆସିବ ମନ୍ତ୍ରୀ ହେଉ, ଲାଟ ସାହେବ ହେଉ କହିଯିବା । ପାଠ

Digitized by srujanika@gmail.com

ଆମକୁ ସାରିଛି, ଶାଠ କିଛି ଆମର ଦରକାର । ଖୋଜ ସେଇ ପୁରୁଣା ଝଙ୍କାର, ଆସନ୍ତାକାଲି, ସମାବେଶଗୁଡ଼ାକ । ଦେଖିଯାଅ କେଉଁଠି ମୋର ଲେଖା ବାହାରିଛି ।"

"କାହିଁ ମ! ଯେଉଁଠି ଖୋଜିଛି ଦେଖୁଛି ପୃଷ୍ଠାଗୁଡ଼ାକ ଚିରା ହୋଇଛି । ସବୁ ତ ପଠାଇସାରିଛ ଆଉ କେଉଁଠୁ ଆସିବ । ଆଚ୍ଛା, ଏ ଫାଇଲଟାରେ କ'ଣ ଗୁଡ଼ାଏ ଅଛି ?"

'ଏ ଗୁଡ଼ା କିଛି ନୁହେଁ। ପିଲାଏ ଦରଖାସ୍ତ କରିଛନ୍ତି କେତେଜଣ ଲେକ୍‌ଚରାର ନାଆଁରେ ସେମାନେ କୁଆଡ଼େ କିଛି ପଢ଼ାଇ ପାରୁନାହାନ୍ତି । ଯାଃ, ଯେତେ ସବୁ ବାଜେ କଥା ।'

"ଆଚ୍ଛା, ଓଡ଼ିଆ ଲେଖା ତୁମର କେଉଁ କାମକୁ ଆସିବ ? ତୁମେ ପରା ଇଂରାଜୀ ଲେକ୍‌ଚରାର ।'

'ତୁମେ ପି.ଏସ.ସି.ର ସଭ୍ୟ ଥିଲେ ମୋତେ ରିଡ଼ର୍ କରନ୍ତନାହିଁ, ଜଣା କଥା । ତୁମେ ଏତିକି ବୁଝୁନ ମୁଁ କ'ଣ ଇଂଲଣ୍ଡ ଆମେରିକା ଯାଇ ମୂଳ ନଥିପତ୍ର ଦେଖି ରିସର୍ଚ୍ଚ ପେପର ଲେଖିବି ହପ୍‌କିନ୍‌ସ, ଇଲିଅଟ, ହେମିଙ୍ଗଓ୍ୱେ ଉପରେ । ଯଦି ବା ଲେଖେ ଇଂଲଣ୍ଡ ଆମେରିକାର ଲୋକେ କ'ଣ ତାକୁ ଇତିହାସରେ ସ୍ଥାନ ଦେବେ ? ଏଠି ଆମର ଏଠୁ ସେଠୁ ଉତାରି ତଳେ ଆଇବିଡ଼ି ଲେଖି ସ୍କୁଲ କଲେଜ ପତ୍ର ପତ୍ରିକାରେ ଛାପା ଲେଖାକୁ ରିସର୍ଚ୍ଚ ପେପର କୁହାଯାଏ । ମୁଁ ଇଂରାଜୀରେ କିଛି ଛାପି ନାହିଁ । ମୁଁ ଯାହା ଓଡ଼ିଆରେ ଲେଖିଛି ତାକୁଇ ଦେବି । ରିଡ଼ର୍ ହୁଏ ବା ନ ହୁଏ । ମୋର ଜଣେ ସହକର୍ମୀ ସ୍କୁଲ ମେଗାଜିନ୍‌ରେ ଛପା ପ୍ରବନ୍ଧଟିଏ ସଂଗ୍ରହ କରି ପଠାଉଛନ୍ତି । ପେପରର ନାଆଁ 'How to be a good boy'.

'ରାମ ବାବୁ, ଶାମ ବାବୁ, ଦାମ ବାବୁ କିମିତି ତୁମ ଆଗରୁ ରିଡ଼ର୍ ହୋଇଗଲେ ? ସେମାନେ ତୁମ ପଛରେ ଚାକିରୀ କରିଛନ୍ତି । ସେମାନେ କେଉଁ ଭାଷାରେ ଦେଇଥିଲେ ।'

'ତାଙ୍କବେଳେ 'ପେପର' କଥା ମୋଟେ ନଥିଲା । ସେମାନେ ରିଡ଼ର୍ ହୋଇସାରିବା ପରେ ଆମ ବେଳକୁ ରିସର୍ଚ୍ଚ କଥା ଉଠିଛି । ପଲିଟିକାଲ୍ ସାଇନ୍ସ, ଇକନମିକ୍ସ, ଅଙ୍କରେ ଆଗ ଅନର୍ସ ଖୋଲିଗଲା । ତେଣୁ ରିଡ଼ର୍ ଦରକାର ହେଲେ । ମାଲିକ ଯେଉଁ ବିଷୟରେ ପଣ୍ଡିତ ସେଇ ବିଷୟ ଉପରେ ସେ ଜୋରଦେଲେ । ଭାଗ୍ୟବାନ୍ କେତୁଟା ବଞ୍ଚିଗଲେ । ଯିଏ ରହିଗଲା ସେ ରହିଗଲା ।'

'ଧର ଯଦି ତୁମେ ରିଡ଼ର୍ ହେଲ ଅଧିକା କେତେ ଟଙ୍କା ପାଇବ ?'

'କୋଡ଼ିଏ ଟଙ୍କା । ସାତଶ ଅଶୀ ତିନିବର୍ଷ ହେଲା ପାଇଲିଣି । ଆଠଶ ପାଇବି । କିନ୍ତୁ ଜାଣ ରାମ ବାବୁ, ଶାମ ବାବୁ, ଦାମ ବାବୁ ରିଡ଼ର୍ ହେଲା ମାତ୍ରେ ଦେଢ଼ଶ ଟଙ୍କା ଅଧିକା ପାଇଲେ । ଭାଗ୍ୟ ବୋଲି ତ ଗୋଟାଏ କଥା ଅଛି ।'

Digitized by srujanika@gmail.com

'କୋଡ଼ିଏଟା ଟଙ୍କା ପାଇବ ବୋଲି ଏତେ ପରିଶ୍ରମ । ଛାଡ଼, ଧୀର ହୋଇ ଶୋଇପଡ଼ । ଥାଉ ଏ ଖୋଜାଖୋଜି ।

'ମୁଁ ବୁଝୁଛି ତୁମ କଥା । ଆଉ କେତୁଟା ମାସ ଗଲେ ଚାକିରୀ ଶେଷ, ରିଟାୟାର୍ଡ଼ ଅଠାବନକୁ ପୁଣି ଦୁର୍ଭାଗ୍ୟ ଯେ ପଞ୍ଚାବନ । ପଠେଇବା କଥା ବୋଲି ପଠାଉଛି । ରିଟାୟାର୍ଡ଼ ରିଡ଼ର୍ ବୋଲି ତ ପିଲାଝିଲାଏ କହିପାରିବେ । ଆସ, ଦଣ୍ଡେ ସାଙ୍ଗ ଦିଅ । ସେଇ ବଡ଼ ଫାଇଲଟା ଦିଅ ତ । ସବୁ ହାତ ଲେଖା 'ପେପର' ସେଇଠି ଅଛି ।'

'ସେଗୁଡ଼ାକ କ'ଣ କରିବ ? ଛାପା ଲେଖା ଦରକାର ପରା !'

'ଛାପା ତ ସବୁ ହଜିଲା । ଏଥର ମୂଳ ଲେଖାଗୁଡ଼ାକ ଉତାରିବି । ସେଇଗୁଡ଼ାକ ଏଟେଷ୍ଟେଡ୍ କରି କାହା ଦେଇ ପୁଣି ପଠାଇବି । ସବୁ ତ ଜାଲିଆତି । ଦିଅ, ତଳ ଥାକରେ ଅଛି ଡ଼ବଲ ଫୁଲସ୍କେପ କାଗଜ, ଦୁଇଫର୍ଦ୍ଦ ଦିଅ । ଆଉ ସେଇ ପରଦାଟା ଫିଟାଇ ବାଡ଼ିଟା ଦିଅ ।'

'କ'ଣ କରିବ ?'

'ରୁଲ୍ ଟାଣିବି । ଯେତେ ଲେଖାଲେଖି ତା'ର ତାଲିକା ତିଆରି କରି ଦୁଇ କପି ପଠାଇବି । ପି.ଏସ.ସି. ସେଇ ଫର୍ମ ଦେଖିବ । ଦିଅ, ଡ଼େରି କରିବନି । ରାତି ଦିନ ତିନି ଚାରିଦିନ ଖଟିବାକୁ ପଡ଼ିବ । C.L. ନେବି ଭାବୁଛି ।

(୨)

ଚେ (ଚେୟାରମେନ୍) ଓ ମେ (ମେମ୍ବର)ଙ୍କ କଥାବାର୍ତ୍ତାର ତର୍ଜମା

ଚେ:- ବୁଝିଲେ ନା ମୁଁ ଯାହା ଦେଖୁଛି ଏଇ ଏଜୁକେଶନ ଡ଼ିପାର୍ଟମେଣ୍ଟ ଆମ ସମସ୍ତଙ୍କ ମୁଣ୍ଡକୁ ବିଗାଡ଼ିଦେବ । ଚପରାଶି ! ଆଉ ଦୁଇଟା ଫ୍ୟାନ୍ ଅନ୍ କରିଦେ । ବଡ଼ ଗରମ ହେଉଛି ଆଜି ସକାଳଟାରେ, ନୁହେଁ ?

ମେ ୧- ମୋତେ ଖୁବ୍ ଶୀତ ଲାଗୁଥିଲା ସକାଳୁ ଏବେ ...

ମେ ୨- କାଲି ରାତିର ଯେଉଁ ଗରିଷ୍ଠ ଭୋଜନଟା ଗଭର୍ଣ୍ଣମେଣ୍ଟ ହାଉସରେ ହୋଇଥିଲା ତା'ରି ପଛୁଆ ଫଳ । ମୋତେ ସେମିତି ବେଶୀ ଗରମ ....

ଚେ ଠିକ୍ କଥା । କିନ୍ତୁ ଆଜିର କାମ କଥା ଭାବି ମୋତେ ଏତେବେଳୁ ଗରମ ଲାଗିଲାଣି । ଚପରାଶି, ସେ (ସେକ୍ରେଟାରୀ)ଙ୍କୁ କହତ ଇଂରାଜୀ ରିଡ଼ର୍ ଫାଇଲଗୁଡ଼ାକ ଆଣନ୍ତୁ । ବୁଝିଲେ ନା ଆଜି ଭିତରେ ଏ ରିଡ଼ର୍ ସିଲେକ୍ସନ ଶେଷ କରିବାକୁ ହେବ ଯେତେ ଡ଼େରି ହେଉ ।

ମେ ୧- ମୁଁ ତ ସେତେ ପାନ ଆଣି ନାହିଁ । ଦଶଟା ପର୍ଯ୍ୟନ୍ତ ଚଳିବା ଷ୍ଟକ୍ ମୋର ଅଛି ।

Digitized by srujanika@gmail.com

ଚେ- ମଗେଇ ନବା । ବହୁତ ଅଶାନ୍ତି ହେଉଛି । ଆଗ ପଛ କିଛି ନବୁଝି ଜୁନିଅର ସିନିଅର କିଛି ନ ଦେଖି ଅନ୍ୟ ଡ଼ିପାର୍ଟମେଣ୍ଟବାଲା କୁଆଡ଼େ ରିଡ଼ର୍ କରି ଚାଲିଗଲେ, ଆଉ କେତୁଟା ଡ଼ିପାର୍ଟମେଣ୍ଟ ଜୁନିଅର ହୋଇଗଲେ । କେତୁଟା ବୁଢ଼ାହୋଇ ରିଟାୟାର କିରବା ଉପରକୁ ଆସିଲେଣି, କୋଡ଼ିଏ ପଚିଶ ବର୍ଷ ଧରି ସେଇ ଲେକ୍‌ଚାରାର ରହିଛନ୍ତି । ଛାତି ଜଳାପୋଡ଼ା ହେବା ସ୍ୱାଭାବିକ୍ ।

ମେ ୧- ମଗାନ୍ତୁନା ଫାଇଲପତ୍ର । କେତେଜଣ ଅଛନ୍ତି କେଣ୍ଡିଡ଼େଟ୍ ? କେତେଟା ପୋଷ୍ଟ ?

ମେ ୨- ଗୁଡ଼ାଏ ହେବେ । ଯାହାର ଆଠବର୍ଷ ପୂରିଛି ତା'ର ପରା ଫାଇଲ ଥିବ ।

ଚେ - ସେକ୍ରେଟାରୀ କହୁଥିଲେ କୁଆଡ଼େ ପଚାଶଜଣଙ୍କ କେଶ୍ ଆସିଛି ସୁପାରିଶ ହୋଇ । ପୋଷ୍ଟ ତିନିଟା । ମୁଁ ସେକ୍ରେଟାରୀଙ୍କି କହିଛି ଅତି ବେଶୀ ହେଲେ ଦଶଟା କେଶ୍ ପୁଟ୍ ଅପ୍ କରିବେ । ସେ ଭିତରୁ ତିନିଟା ବାଛିଦେବା ।

ମେ ୧- ପାଞ୍ଚଟା ହେଲେ ଯଥେଷ୍ଟ ହୋଇଥାନ୍ତା ।

ଚେ - ରିଡ଼ର୍ ବାଛିବାରେ ଅଡୁଆ କ'ଣ ଜାଣନ୍ତି ? କ୍ଲାସ୍ ଟୁ ରୁ କ୍ଲାସ୍ ୱାନ୍ ପ୍ରମୋଶନରେ ଆମକୁ ରିସର୍ଚ୍ଚ ପେପର ଦେଖିବାକୁ ପଡ଼ିବ । ଆଗରୁ ଏସବୁ ଝିନ୍‌ଝଟ୍ ଝମେଲା ନଥିଲା । ସି.ସି.ଆର. ଦେଖିକରି ଦେଉଥିଲୁ ।

ମେ ୨- ଅନ୍ୟସବୁ ଡ଼ିପାର୍ଟମେଣ୍ଟ ପାଇଁ ତ ସେଇକଥା । କାଗଜପତ୍ର, ସର୍ଭିସ, ରେକର୍ଡ଼ ଉପରେ ପ୍ରମୋଶନ ।

ମେ ୧- ୟା'ଙ୍କର ପରା ଟିକିଏ ଅଲଗା ଗୋଠ । କେଁ ଅଛି । ପାଠ କଥା । ପିଲାଙ୍କୁ ପାଠ ପଢ଼େଇବେ । ଜ୍ଞାନ ବଦଳୁଛି, ବଢ଼ୁଛି । ରିସର୍ଚ୍ଚ ନ କଲେ ପୁରୁଣା ହୋଇଯିବେ । ପିଲାଗୁଡ଼ାକୁ ପୁରୁଣା ପାଠ ପଢ଼ାଇ ବୁଦ୍ଧୁ କରିଦେବେ । ତା'ଛଡ଼ା ୟାଙ୍କର କିଛି କାମ ନାହିଁ ।

ଚେ - ମୋର ବିବେକ କହୁନି, ଏ ରିସର୍ଚ୍ଚ ପେପର ଦେଖିବା କଥା । ଏକ୍‌ସାଇଜ ଡ଼ିପାର୍ଟମେଣ୍ଟର ପ୍ରମୋଶନ ବେଳକୁ ଆମେ କାହିଁକି ଜୋର୍ ନଦେବା 'ହାଣ୍ଡିଆ' ବିଷୟରେ ରିସର୍ଚ୍ଚ ପେପର ଉପରେ । ଲେବର, ଇନକମ୍ ଟ୍ୟାକ୍ସ, ପୋଲିସ୍ ସବୁ ଡ଼ିପାର୍ଟମେଣ୍ଟରେ ରିସର୍ଚ୍ଚ ପାଇଁ ପସିବିଲିଟ ଓ ସ୍କୋପ ଅଛି ।

ମେ ୨- ୟାଙ୍କର ଲମ୍ବା ଛୁଟି ଅଛି । ଖାଲି ବସି ବସି କ'ଣ କରିବେ ? ଅନ୍ୟ ଡ଼ିପାର୍ଟମେଣ୍ଟବାଲାଙ୍କୁ ଗସ୍ତ କରିବାକୁ ପଡ଼େ । ପବ୍ଲିକ୍ କଣ୍ଟେକ୍ଟରେ ଆସିବାକୁ ପଡ଼େ । ସେଇଥିରୁ ବିଚାର କରି ପ୍ରମୋଶନ ହୁଏ ।

ଚେ - ଯଦି ଖଟେଇବାକୁ ଏତେ ଇଚ୍ଛା ତେବେ ଏଜୁକେଶନବାଲାଙ୍କୁ କୁହ ଛୁଟି ଦିନରେ ଲେକ୍‌ଚାରାର ସବୁ ଗାଁ'ଗଣ୍ଡାକୁ ଯାଇ (ଟି.ଏ.ଡ଼ି.ଏ. ଦିଅ) ଯୋଜନା,

Digitized by srujanika@gmail.com

ଜନ୍ମନିୟନ୍ତ୍ରଣ, ସେଭିଂ ପ୍ରଚାର କରନ୍ତୁ । ବକ୍ତୃତା ଦେବାରେ, ବୁଝେଇଦେବାରେ ତାଙ୍କଠୁ ବଳି କିଏ ରଥୀ ? ମୋ ବିଚାରରେ ଖାଲି C.C.R. ଦେଖି ନିଷ୍ପତ୍ତି ବରଂ ଭଲ । ଅନ୍ୟ ଡ଼ିପାର୍ଟମେଣ୍ଟରେ ହେଉଛି, ଏଠି ଅଡୁଆ କ'ଣ ?

ମେ ୧ - C.C.R. ତାଙ୍କର କ'ଣ ରଖାଯାଏ । ପ୍ରିନ୍ସିପାଲଗୁଡ଼ାକ ପାଗଲା । ଜଣେ ଦଶବର୍ଷ ହେଲା ଲେଖିନି କୁଆଡ଼େ । ଆଉ ଜଣେ କଲେଜର ଛପନ ଜଣଙ୍କ ନାଆଁରେ ଯାହା ଇଚ୍ଛା ତାହା ଲେଖିଛି । ତାକୁ ଓଲଟେଇବା ପାଇଁ ଲେକ୍‌ଚାରାରଙ୍କୁ କେତେ କୃଚ୍ଛ୍ର ସାଧନ କରିବାକୁ ନ ପଡ଼ିବ । ଡ଼ି.ପି.ଆଇ. ପାଖରୁ ଯାହା ପାଖରୁ ଜଉମୁଦଦିଆ ଲଭ୍ ଲେଟର ଯାଏ ତାକୁ ଫିଟାଇବାର କେଉଁ ଲେକ୍‌ଚାରାରର ସାହାସ ଅଛି ?

ଚେ - ବ୍ୟକ୍ତିଗତ ହୁଇମ ଉପରେ କେଉଁ ଲୋକର ଜୀବନ ବା ଚାକିରୀ ଛାଡିଦେବା ଉଚିତ୍ ନୁହେଁ ମାନୁଛି, କିନ୍ତୁ ସବୁ ଡ଼ିପାର୍ଟମେଣ୍ଟ ପାଇଁ ସମାନ ବ୍ୟବସ୍ଥା ହେବା ଉଚିତ୍ । ତା' ଛଡ଼ା ଦେଖନ୍ତୁ ଏଇ ରିସର୍ଚ୍ଚ ପେପର କଥା ଦେଖନ୍ତୁ । ଆମର ଓ ସମସ୍ତଙ୍କର ଲିମିଟେସନ ଅଛି । ଥରେ ଏକ୍ସପାର୍ଟ ବସାଇ ଲେକ୍‌ଚାରାର ନେଲୁ, ଫେର ଏକ୍ସପାର୍ଟ ଡ଼କାଇ ରିସର୍ଚ୍ଚ ପେପର ଭେଲ୍ୟୁଏଶନ କରାଇବୁ । ଛାଡ଼ନ୍ତୁ । ଛାଡ଼ନ୍ତୁ । ଆମକୁ କାମ ଦିଆହୋଇଛି, ମାପିବାର ଯନ୍ତ୍ର ଦିଆଯାଇଛି । କାମ କରିଯିବା । ଅଡୁଆ ଭିତରକୁ ନ ଯିବା ଭଲ ।

ମେ ୧ - ବିବେକ ଜିନିଷଟା ବଡ଼ ଅଡୁଆ ।

ମେ ୨ - ସେଇ କନସାଇନସ୍ ତ ଆମକୁ ଖାଉଛି ।

ମେ ୧ - ଭଲପଢ଼ାଇ ପାରିବାଟା ବିଚାରକୁ ନେବା ନା ନାହିଁ ?

ମେ ୨ - ସେ କଥା ଆଉ କାହିଁକି ? ପିଲାମାନେ ସେମାନଙ୍କୁ ସମ୍ଭାଳି ନେବେ । ସେଇମାନେ ବୁଝିବେ ।

ଚେ - ବ୍ୟକ୍ତିଗତ କେସ୍ ଦେଖି ସେକଥା ଉଠାଇବା । ଦେଖନ୍ତୁ ଏଇ ହେଲା ପ୍ରଥମ ନମ୍ବର କେଣ୍ଡିଡ଼େଟ୍ । ଚାକିରୀ ୨୫ ବର୍ଷ । ପାଠ ପଢ଼ାଇବା ଶକ୍ତି କମ୍ ବୋଲି ସି.ସି.ଆର୍. କହୁଛି ।

ମେ ୧ - ରିସର୍ଚ୍ଚ ?

ଚେ - ଗୋଟାଏ ବହି । ଭେରାଇଟି ଇନ୍ ହାରମୋନି ।

ମେ ୨ - କ'ଣ ସଙ୍ଗୀତ ବିଷୟରେ ?

ଚେ - ଇଂରାଜୀ କବିତା ସଂକଳନ । ସ୍ଥାନୀୟ ବିଦେଶୀ କମ୍ପାନୀ ଛାପିଛି ।

ମେ ୧ - ନିଜ କବିତା ?

ଚେ - ସଂଗ୍ରହ । ସେ ସମ୍ପାଦନା କରିଛନ୍ତି ।

Digitized by srujanika@gmail.com

ମେ ୨- ସେ ନିଜେ ନୋଟ୍ ଲେଖୁଛନ୍ତି ? ନା ଅନ୍ୟର ଟୀକା ଉତାରିଛନ୍ତି ?

ଚେ - ସେକଥା ମୁଁ କହିପାରିବି ନାହିଁ । ବହିଟା ତିନିଟା ଇଉନିଭରସ୍‌ଟିରେ ପଢ଼ା ହେଉଛି ।

ମେ ୧ ଓ ମେ ୨ - ତାକୁ ପ୍ରଥମ ସ୍ଥାନ ଦିଆଯାଉ । ନେକ୍‌ସଟ୍ କେସ୍ ।

ଚେ - ଏ କେସ୍ ବି ସିମିତି । ଚାକିରୀ ୨୫ ବର୍ଷ । ଓଡ଼ିଶାର ଲୋକ ନୁହେଁ । ୟାଙ୍କୁ କୁଆଡ଼େ ସରକାର ଡ଼ାକି ଆଣିଥିଲେ । ୟାଙ୍କ ରିସର୍ଚ୍ଚ ପେପର ଖୁବ୍ ମୋଟା । ସେକ୍‌ସପିଅରଙ୍କ ହେମଲେଟ୍ ବହିର ସମ୍ପାଦନା କରିଛନ୍ତି । ଏ ବି ଦେଶୀ କମ୍ପାନୀ ଛପା । ସାରା ଭାରତବର୍ଷରେ ପଢ଼ାଯାଏ । କୌଣସି ଭାରତୀୟ ଏ କାମ କରିନାହାନ୍ତି କୁଆଡ଼େ । ଅଭିନବ ଗବେଷଣା ।

ମେ ୧ - 'ମାନେ' ବହି ନୁହେଁ ତ ? ପଢ଼ାନ୍ତି କିମିତି ?

ଚେ - ଖୁବ୍ ଉଚ୍ଚାଙ୍ଗ ଏହାଙ୍କ ପଢ଼େଇବା ଢ଼ଙ୍ଗ । ପିଲାଏ ବୁଝନ୍ତି ନାହିଁ । ସେ ନିଜେ ବି କୁଆଡ଼େ ଜାଣନ୍ତି ନାହିଁ କ'ଣ କାହାକୁ କହୁଛନ୍ତି । ଯାହାକୁ କହନ୍ତି ହାୟ କ୍ଲାସ୍ ଟିଚିଂ । ରିସର୍ଚ୍ଚ ପେପରଟା 'ମାନେ' ବହି ହୋଇପାରେ । ମୁଁ ତ ଏକସ୍‌ପାର୍ଟ ନୁହେଁ ।

ମେ ୨- ସିଧା ୟାଙ୍କୁ ୨ ନମ୍ବର ସ୍ଥାନ ଦିଅନ୍ତି ।

ମେ ୧- ମୋ ମତରେ ସେ ଏକ ନମ୍ବର ସ୍ଥାନ ପାଇବା କଥା ।

ଚେ - ଅପେକ୍ଷା କରନ୍ତୁ ଆମେ ଆଉ ଜଣକୁ ବାଛିସାରୁ ତା'ପରେ ପ୍ରଥମ ଦ୍ୱିତୀୟ ତୃତୀୟ କରିବା । ତିନି ନମ୍ବର କେସ୍‌ଟା ବଡ଼ ଅଡୁଆ । ଲୋକଟା ମୋ ମତରେ ଦୁର୍ବସ୍ଥ ପାଗଲା । ଭଲ ପଢ଼ାଏ କୁଆଡ଼େ । ହେଲେ ରିସର୍ଚ୍ଚ ପେପର ଉପରେ ମତ ଦେବା ମୋ ପକ୍ଷରେ ବଡ଼ ମୁସ୍କିଲ୍ । ତା'ର ବହି ବା ଛାପା କାଗଜପତ୍ର କିଛି ନାହିଁ । ସବୁର ଏଟେଷ୍ଟେଡ଼୍ କପି ଦେଇଛି । ଲେଖିଛି, ପୂର୍ବର ସବୁ କାଗଜ ଡ଼ି.ପି.ଆଇ. ଅଫିସ୍ ହଜାଇ ଦେଇଛି । ସେ ତା'ର ଅରିଜିନାଲ୍ ଲେଖାରୁ ଉତାରି ଏଟେଷ୍ଟେଡ୍ କପି ଦେଇଛି ରିମ୍ କି ଦୁଇରିମ୍ କାଗଜରେ । ଗୋଟାଏ ମାଇଲିଏ ଲମ୍ବ ପ୍ରୋଫର୍ମା ବି ଦେଇଛି । ପେପର ଦେଖିବେ ନା ପ୍ରୋଫର୍ମା ଦେଖିବେ ?

ମେ ୧ - ପ୍ରୋଫର୍ମା ଦେଖିଲେ ହବ ।

ମେ ୨ - କିଏ ଏତେ ହଙ୍ଗାମାକୁ ଯାଉଛି ।

ଚେ - ସିରିଏଲ ନମ୍ବରରୁ, ଜଣାଯାଉଛି ଶହେ ତେରଟା ପେପର । ନା ଦେଇଛି, କେଉଁଠି ଛପା, କେତେ ତାରି ଛପା, ସବୁ ଦେଇଛି ।

ମେ ୧- ପଢ଼ନ୍ତୁ, ଦୁଇ ଚାରିଟା । ନାଆଁରୁ ଜାଣିହବ ସହଜରେ 'ପେପର'ର କ୍ୱାଲିଟି ।

Digitized by srujanika@gmail.com

ଚେ - ଏଇଟା ହେଲା ଗୋଟିଏ ଆଲୁ gotie Aln, ଛପା ହେଇଛି । ଯେଉଁ କାଗଜରେ ତା' ନାଆଁ ଝଙ୍କାର Jhankara.

ମେ ୧- ଏଇଟା କ'ଣ ଇତାଲୀୟ ଭାଷା ? ଗୋଟିଏ ଆଲୁ ?

ମେ ୨ - ମୁଁ ଭାବୁଛି ପାରିସିଆନ୍ କାରଣ ଝଙ୍କାର ପତ୍ରିକାଟି ମୋର ବିଶ୍ୱାସ ଆଙ୍କାରାରୁ ବାହାରେ ।

ଚେ - ତା'ପର ପେପର ହେଲା ଅଶ୍ୱଠାମା ହଟାଃ (Aswathama Hetah) ଛାପା ହୋଇଛି ଉଟ୍କାଳା ସାହାତିଆରେ ।

ମେ ୧- ଏଇଟା ଜାର୍ମେନୀ ଭାଷାରେ ନିଶ୍ଚୟ ।

ମେ ୨- ନାହିଁ, ନାହିଁ, ସ୍କାଣ୍ଡିନେଭିଆନ୍ ହବ, ଶବ୍ଦଗୁଡ଼ାକର ଉଚ୍ଚାରଣରୁ ଜାଣିପାରୁ ନାହାନ୍ତି ?

ଚେ - ତୃତୀୟଟା ହେଲା କନି ଚିଆଁ (Kani chian) ଛପା ହୋଇଛି ସମବେସାରେ ।

ମେ ୧ - ଲୋକଟା ପଣ୍ଡିତ । କେତେ ଭାଷା ନଜାଣେ ? ଏଇଟି ନିଶ୍ଚିତ ଚାଇନିସ୍ ଲେଖା ।

ମେ ୨ - ମୁଁ କହୁଛି ଜାପାନୀ । ସମବେସା ଓକାଷାର ପତ୍ରିକା ।

ଚେ - ପ୍ରତିଭା ଓ ପାଗଳାମି ଏକ । କୁହନ୍ତୁ ଏ କେସ୍‌ଟାକୁ କ'ଣ କରିବା ?

ମେ ୧- କହୁଛନ୍ତି ପୁଣି କ'ଣ କରିବେ ? ପ୍ରଥମ କରନ୍ତୁ - ଫାଷ୍ଟ କରନ୍ତୁ ।

ମେ ୨ - କହୁଛନ୍ତି ପୁଣି କ'ଣ କରିବେ ? ପ୍ରଥମ କରନ୍ତୁ - ଫାଷ୍ଟ କରନ୍ତୁ ।

ଚେ - ଆଉ ଦେଖିବା ? ନା ଏଇ ତିନିଟା ଫାଇନାଲ୍ ? 'ପେପର' ମଗାଇବି ?

ମେ ୧- ନୋ, ନୋ ମୋର (No more) ପାନ ସରିଗଲା । ଯିବା ଉଠନ୍ତୁ ।

ମେ ୨- ନୋ, ନୋ ମୋର (No more) ପାନ ସରିଗଲା । ଯିବା ଉଠନ୍ତୁ ।

ସେକ୍ରେଟାରୀ - ସାର୍, Excuse me, on a point of Correction ତିନି ନମ୍ବର କେଣ୍ଡିଡେ୍‌ଟ୍‌ର ତିନିଟା ରିସର୍ଚ୍ଚ ପେପର ନାଆଁ ମୁଁ ଏଟେଷ୍ଟଡ୍ କପି ଦେଖି ଜାଣିଲି ଗୋଟିଏ ଆଳୁ, ଅଶ୍ୱତ୍ଥାମା ହତଃ, କାଣୀ ଚିଆଁ ବୋଲି । ସେଗୁଡ଼ାକ ଛପା ହୋଇଥିଲା ଓଡ଼ିଆ ପତ୍ରିକା ଝଙ୍କାର, ଉତ୍କଳ ସାହିତ୍ୟ ଓ ସମାବେଶରେ ।

ଚେ - ଛୋଡ଼ ଡ଼ିସିସନ୍ ଫାଇନେଲ । ସେଇ ଫାଷ୍ଟ, ଦୁଇନମ୍ବର ସେକେଣ୍ଡ, ଏକ ନମ୍ବର ଥାର୍ଡ଼ ।

Digitized by srujanika@gmail.com

(୩)

"ବେ, ଶୁଣିଲୁନି, ଖୁବ୍ ଦୁଃଖର କଥା । ତିନିବର୍ଷ ଆଗେ, ଆମେ ପି.ଉ. ପଢୁଥିଲା ବେଳେ, ଯେଉଁ ରିଡ଼ର୍ ଥିଲା ସେ ଏବେ ମରିଗଲା ।"

"ରକ୍ଷା ପାଇଗଲା । ମରିଗଲା ନହେଲେ ହାଣରେ ଯାଇଥାନ୍ତା । ବିଚ୍ ଦାଣ୍ଡଟାରେ ସେଦିନ ଗୋଟାକୁ ଛେଳି କାଟିଲା ପରି କିମିତି ଜଭେ କରିଦେଲେ ଦେଖିଛୁ ତ ।"

"ନା ବେ, ବୁଢ଼ାଟା ଭଲ ଥିଲା । ଭାରି ଜମଉଥିଲା । ଓଡ଼ିଆ ବଙ୍ଗଳା ହିନ୍ଦୀ ସଂସ୍କୃତ ସବୁ ଭାଷା ମିଶାଇ ସେକ୍ସିପିଅର ପଢ଼ାଉଥିଲା । ହସେଇ କନ୍ଦେଇ ଛାଡୁଥିଲା ।"

"ତୋ ପରି ଖୋସାମତିଆ କେତେଟା କଲେଜରେ ଥିଲେ ଭଲ ଖରାପ, ଖରାପ ଭଲ ବୋଲି କିଛି ରହିବ ନାହିଁ । ସେତେବେଳେ କାଳ ଅଲଗା ଥିଲା । ମେଣ୍ଢା ମୁଣିବା ସହଜ ଥିଲା । ଏବେ ଦେଖୁନୁ ଗୋଟାଏ ଦୁଇଟା ବୁଢ଼ା କିମିତି ଚାକିରୀ ଛାଡ଼ ଛାଡ଼ ଉପରକୁ ଆସିଗଲେଣି ।"

"ଯାବେ ଶଳା କଥା କହୁଛି । ବେ ଆହୁରି ଶୁଣିଲୁଣି ନା, ସେଇ ଯେ ଦୁଇ ତିନିଟା ନାଆଁରେ ବୁଢ଼ା ପାଖରେ କ୍ଲାସ୍‌ଯାକ ଦରଖାସ୍ତ ଦେଇଥିଲୁଁ ବେ ସେଇ ଯେ ଯାହା କଥା କେହି ଶୁଣିପାରନ୍ତି ନାହିଁ, ଆଉ ଯେଉଁଟା ପାନ ଖାଇ ଖାଇ କଥା ବି ଉଚାରଣ କରିବାକୁ ଫୁରୁସତ ପାଏ ନାହିଁ ମନେ ପଡ଼ିଲା ସେ ଦୁଇଟାଯାକ ରିଡ଼ର୍ ହୋଇ ଆମ କଲେଜକୁ ଆସୁଛନ୍ତି ।"

"ଆସନ୍ତୁ । ୱେଲକମ୍ କରିବା । ଆମର ଯିଏ ଆସୁ ଭଲ । ଦେଖୁନୁ ଛଅ ଆଠଟା ତ ଆସିଗଲେଣି । ବୁଢ଼ାଙ୍କୁ ନେଇ କେତେଦିନ ଚଳିବୁ । ଟୋକାଗୁଡ଼ାକ କିମିତି ଫିନ୍ ଫିନ୍, ଚେହେରା ଚାଲି ଭଙ୍ଗୀ ଦରମଲା ବୁଢ଼ା ହଳିଆ ଘଣା ପେଲି ପାରିବେ ?"

"ଆବେ! ପାଠ ପଢ଼େଇବା ଦରକାର ତ । ନା ଖାଲି ମକୁନ୍ଦା ଫେରଫାର୍ ।"

"ପାଠର କି ଦରକାର ବେ । ପାସ୍ କଲେ ବି ଶଳେ ସବୁଆଡ଼େ ଫେର୍ ପରୀକ୍ଷା କରୁଛନ୍ତି । ଇଣ୍ଟରନେଲ ଏସେସ୍‌ମେଣ୍ଟ ମାର୍କ ଆମକୁ ଦେଇ ଦିଅନ୍ତୁ । ପଢ଼ାଉ ନ ପଢ଼ାଉ । ସହାବସ୍ଥାନ ନୀତି ।"

"ତିନିବର୍ଷ ପୂର୍ବରୁ ତ ରିଡ଼ର୍ ଦେଖିବାକୁ ମିଳୁନଥିଲେ । ଏବେ ତ ଚାରିଆଡ଼େ ଗଦା । ଆମେ ଜାଣିବା କିମିତି କହ କିଏ ରିଡ଼ର୍, କିଏ ପ୍ରଫେସର, କିଏ ଲେକ୍‌ଚରାର । ଷ୍ଟାମ୍ପ, ବା ବେଜ୍ ସେମାନଙ୍କୁ ଦବା ଦରକାର । ଆମର ଆଇଡ଼େଣ୍ଟିଟି କାର୍ଡ଼ ପରି ସରକାର ତାକୁ ହୁଦା ଦଉ ।"

"ଏଥର ସମ୍ମିଳନୀରେ ଆମେ ସେଇ ପ୍ରସ୍ତାବ ନେବୁ । ବିକ୍ଷୋଭ ପ୍ରଦର୍ଶନରେ ସେଇ ଦାବୀ ଆମର । ଟ୍ରେନ୍‌ରେ ତିନି କ୍ଲାସ୍‌ରୁ ଦୁଇ କ୍ଲାସ୍ ଯିମିତି ହେବାକୁ ଯାଉଛି, ସିମିତି କଲେଜରେ ବି ହେଉ । ପ୍ରିନ୍ସିପାଲ ଆଉ ଅଧାପକ । ପ୍ରଫେସର, ରିଡ଼ର୍ ଲେକ୍‌ଚରାର

Digitized by srujanika@gmail.com

ସବୁର ଓଡ଼ିଆ ତ ଏକ, ଅଧ୍ୟାପକ ।"

"ଶଳା, ବଢ଼ିଆ କଥାଟେ କହିଲୁ । ଶ୍ରେଣୀହୀନ ସମାଜ । ତାଛଡ଼ା ପିଲାଏ କାହିଁକି ଜାଣିବେ କିଏ ମହଟିଆଁ କିଏ ସାନ । ସମସ୍ତେ ତ ପଢ଼ାନ୍ତି ଏକାଭଳିକମର, ଆଜିର ଲେକ୍‌ଚରର କାଲି ରିଡ଼ର୍ ହେଲେ କଣ ବେଶୀ ଭଲ ପଢ଼ାଏ ?"

"ଶଳା, ସବୁ ଭାଣ୍ଡ କାରଖାନା । ପଇସା ନବାର ଫିକ୍‌କର । ବେ ପଇସା ନିଅନ୍ତୁ । ଦୁଇ ତିନି ଥାକରେ କାହିଁକି ? ପଇସା କଥା ସରକାର ଚାକିରୀଆଙ୍କ ଭିତରେ । ଆମେ କାହିଁକି ଏତେ ଗୁଢ଼ କଥା ଜାଣିବୁ । ପାଞ୍ଚବର୍ଷ ଚାକିରୀ ଏତେ ଟଙ୍କା, ଦଶବର୍ଷ ଏତେ ତା' ଉପରକୁ ଏତେ ।"

"ଏ ଭାଇ!! ଫାଷ୍ଟ ଇଅର ପିଲା! ଶୁଣିଯାଅ ତ । ତୁମ କ୍ଲାସ୍‌ରେ ଆଜି ରିଡ଼ର୍ କିମିତି ପଢ଼େଇଲେ ? ଲେକ୍‌ଚରର ଭଲ ନା ରିଡ଼ର୍ ଭଲ ?"

"ସବୁ ସମାନ । ଏଇଟା ତ ବହିଟାଏ ମୁହଁଆଗରେ ରଖି କହିଯାଉଛି । ପିଲା ତ ପଛ ବେଞ୍ଚରେ ଲମ୍ବ ତମ୍ବ । ଆମର କଣ ଆହୁରି ଏମିତି ରିଡ଼ର୍ ଆସିବେ? 'ବି' ସେକ୍‌ସନର ରିଡ଼ର୍ କୁଆଡ଼େ ଭଲ ପଢ଼ାଉଛି । ଲେକ୍‌ଚରର ଥିଲାବେଳେ ବି ଭଲ ପଢ଼ାଉଥିଲେ ।"

"ହଁ ବେ, ଏତେ ଭଲ ଖରାପ ବଛାବଛି କର ନାହିଁ ।"

"କଣ ସେମାନେ ରିଡ଼ର୍, ହେଲେ ବୋଲି ଭଲ ପଢ଼ାଇବେ ନାହିଁ?"

"କୋଡ଼ିଏ ପରସେଣ୍ଟ"

"ମାନେ ?"

"ଯେତେ ଲେକ୍‌ଚରର ତାର କୋଡ଼ିଏ ପରସେଣ୍ଟ ରିଡ଼ର୍"

"ପଢ଼ାପଢ଼ି ?"

"କୋଡ଼ିଏ ପରସେଣ୍ଟରୁ ବେଶୀ ନୁହେଁ ।"

"ବାକୀ ପରସେଣ୍ଟ ?"

"ତୁମେ କେତେ ପରସେଣ୍ଟ ଛାତ୍ର କି ?"

"ଧର ଆମେ ଦଶ ପରସେଣ୍ଟ ।"

"କୋଡ଼ିଏ ପରସେଣ୍ଟ ଦଶ ପରସେଣ୍ଟକୁ ଅକ୍ଳେଶରେ ପଢ଼ାଇ ପାରିଛ । ଯାଅ, ଯାଅ, ସିଧା ଘରକୁ ଯାଅ, ହୋ, ହୋ, ହୋ ।"

Digitized by srujanika@gmail.com

# ଅଲୌକିକ

ଟିକିଏ ସହଳ ନିଦ ଭାଜିଗଲା । ଏମିତି ବିଶ୍ୱମୟ ସମୂହ ପ୍ରାର୍ଥନା, ସମବେତ ସଂଗୀତ ଏବଂ ଐକତାନବାଦନରେ ଯାହାର ନିଦ ନ ଭାଜିବ ସେ ମଣିଷ ସ୍ତରରେ ନାହିଁ, କାଠ ପଥର ଅଥବା ମୂର୍ଚ୍ଛାର ଅବସ୍ଥାରେ ରହିଛି । ଶାସ୍ତ୍ରବର୍ଣ୍ଣିତ ପ୍ରାଳେୟ ତୂରୀ ନିନାଦ ବି ତାକୁ ମହାନିଦ୍ରାରୁ ଉତ୍ଥିତ, ଜାଗ୍ରତ କରିପାରିବ ନାହିଁ । ଭାଗ୍ୟ ଭଲ, ମୋର ସେ ଅବସ୍ଥା ଆସିନି । କର୍ଣ୍ଣର ଶ୍ରବଣଶକ୍ତି ଓ ଚକ୍ଷୁର ଦୃଷ୍ଟିଶକ୍ତି ଅଦ୍ୟାପି ତୀକ୍ଷ୍ଣ ଅଛି । ନହେଲେ କଣ ମୁଁ ଗପ ଲେଖି ପାରୁଥାଆନ୍ତି ?

ଟର୍ଚ୍ଚ ଟିପି ଟେବୁଲ ଉପରେ ଥୁଆ ଘଡ଼ିକି ଦେଖିବା ପାଇଁ ଯାଇଛି କାନ୍ଥ ଘଣ୍ଟାରେ ଠଙ୍ ଠଙ୍ କରି ପାଞ୍ଚ ବାଜିଲା । ତା'ପରେ ପରେ ପୂର୍ବ ପ୍ରାନ୍ତରୁ ସମୁଦ୍ର ହିଲ୍ଲୋଳ ସହିତ ଭାସି ଆସିଲା ଜଗନ୍ନାଥ ମନ୍ଦିର, କାଳୀ ମନ୍ଦିର, ଶିବମନ୍ଦିରମାନଙ୍କର ଭେରୀ ତୂରୀ ନିନାଦ, ମଧ୍ୟାଞ୍ଚଳରୁ ମସ୍‌ଜିଦର ଲାଉଡ଼ସ୍ପିକର ଜରିଆରେ ଆଲ୍ଲାହୋ ଆକବର ଧ୍ୱନି ଏବଂ ପଥପ୍ରାନ୍ତରୁ ଜଗନ୍ନାଥ ଏକ୍ସପ୍ରେସର ମୁହୂର୍ମୁହୁ ହୁଇସିଲ ଓ ପୋଲ ଉପର ଘଡ଼ଘଡ଼ ଶବ୍ଦ । ଏପରିକି ଝରକା ତଳେ ରାତିଯାକ ବିଶ୍ରାମ ନେଉଥିବା ପଞ୍ଜାବୀର ଯୋଡ଼ାଏ ଟ୍ରକର ଷ୍ଟାର୍ଟିଙ୍ଗ୍ ଚିତ୍କାର ଗଗନ ପବନକୁ ମୁଖରିତ କରିଦେଲା । ଚମକି ପଡ଼ିଲା ପରି କୁଆ, କୁକୁଡ଼ା, କୁମ୍ଭାଟୁଆ, କୋଇଲି, କଜଳପାତି ମଧ୍ୟ ଯୋଗଦେଲେ ଏ ମହାସଙ୍ଗୀତର ମୂର୍ଚ୍ଛନା ଓ ସ୍ତୁତିଗାନରେ । ଯିମିତି ଚରାଚର ଏକ ପ୍ରତିଯୋଗିତାରେ ଯୁଗପତ୍ ଏକତ୍ର ଓସ୍ତାଦୀ ଲଘୁ ତଥା ପପ୍ ସଙ୍ଗୀତ ଗାଉଛନ୍ତି ଏବଂ ସାରେଗାମାପାଧାନିର ବିଭିନ୍ନତାରୁ ସ୍ୱର ସାଧନ କରି ଏକତ୍ୱ ଆଣୁଛନ୍ତି । ପୁଲକିତ ହୋଇ ମୁଁ ବି ଧାଡ଼ିଟିଏ ଗାଇଲି 'ମୁଁ ତୀର୍ଥ ଯିବି ।' ପରମୁହୂର୍ତ୍ତରେ ସନ୍ଦେହ ହେଲା 'ତୀର୍ଥ ଯିବି' ନା, 'କ୍ଷେତ୍ର ଯିବି' କେଉଁଟା ଠିକ୍ ? ପର ଧାଡ଼ି ମନେ ପଡ଼ିଲାନି । ଖାଲି ଜଗନ୍ନାଥ ଶରଧାବାଲି "ଚକାଡ଼ୋଳା" ହେଉ ହେଉ 'ଧଣ୍ଡାମାଳ' ଯୋଡ଼ିଲି ଏବଂ ତାପରେ ଉଁ ଉଁ ଉଁ ଉଁ ।

ମନ ମାନିଲାନି । ଧଇଲି ଆଉ ଗୋଟିଏ ଭଜନ । "କେଣେ ଘେନି ଯାଉଛ ଜଗନ୍ନାଥଙ୍କୁ" । ରାତିଯାକର ମଦ ସିଗାରେଟ୍ ଧୂଆଁ ଓ ଶର୍ଦ୍ଦି କଫରେ ରୁଦ୍ଧ ହୋଇଥିବା ସତୁରି ବର୍ଷର ଗଳାରୁ ଫଟା ରେକର୍ଡ଼ର ଦମ୍ ସରିଆସିଲା ବେଳର ଭଙ୍ଗା ଭଙ୍ଗା କେତୁଟା ଶବ୍ଦ ବାହାରିଲା ମାତ୍ର 'ମରା' 'ମରା' କ୍ରମେ 'ରାମ'ରେ ପରିଣତ ହେଲା । ଭାବିଲି, ଏ ଯବନ କବିଟାର ହିନ୍ଦୁର ଆରାଧ ଦେବତା ପ୍ରତି କି ଅଗାଧ ସ୍ନେହ, ଉଦ୍ଧତ ପ୍ରେମ ! ସଙ୍ଗୀତର କି ମୂର୍ଚ୍ଛନା କି ଆବେଗ, କି ସତଃସ୍ଫୁର୍ତ୍ତ ଶବ୍ଦଯୋଜନା । 'ମୁଁ କାହାକୁ ଦେଖିବି' ନ କହି "ଆମ୍ଭେ ଦର୍ଶନ କରିବୁ କାହାକୁ ?" ଛାଡ଼ । କବିତାର ସୌନ୍ଦର୍ଯ୍ୟ ଉପଭୋଗ ନ କରି ଅତି ବେଶୀ ବିଶ୍ଳେଷଣ ବ୍ୟବଚ୍ଛେଦ କଲେ ଉଭୟ କବି ଓ କବିତାର ମୃତ୍ୟୁ ।

Digitized by srujanika@gmail.com

ତେଣୁ ତୀର୍ଥ ଯିବା କଥା ଭାବିଲି । ବୁଢ଼ାର ଡ଼ୋର ନିଶ୍ଚୟ ମୋତେ ଲାଗିଲାଣି । ନହେଲେ ଭୋର ସକାଳଟାରେ ଆଖିରୁ ନିଦ ଛାଡ଼ିଛି କି ନାହିଁ ଅକସ୍ମାତ ପାଟିରୁ ଭଜନ 'ମୁଁ ତୀର୍ଥ ଯିବି' କାହିଁକି ବାହାରିଲା ? ଓହୋ ! ମନେ ପଡ଼ିଲା । କାଲି ଦି ପହରେ ବୁଢ଼ାକୁ ତ ସପ୍ନରେ ଦେଖିଥିଲି ଯଦିଓ କବାଟ ଫାଙ୍କରେ ତାର ଗୋଟିଏ ଆଖି ଦିଶିଲା । ଆଚ୍ଛା ! ମୁଁ ତ ବ୍ୟାଧିତ, ଶୋକାର୍ତ୍ତ, ଚିନ୍ତାଗ୍ରସ୍ତ ଜନ୍ତୁ ନୁହେଁ ଯେ ମୋର ସପ୍ନ ନିରର୍ଥକ ହେବ, ଦିବାସପ୍ନ ହେଲେ ବି । ନା ନା ମୁଁ ତୀର୍ଥ ଯିବି ।

ହେଲେ, ତୀର୍ଥ ଯିବାର ଯୋଗ୍ୟତା ମୋର କାହିଁ ? ନା ଅଛି ଧର୍ମ ବିଶ୍ୱାସ, ନା ନିଷ୍ଠା, ନା ଐକାନ୍ତିକତା, ନା ଶୁଚିତା ନା ଜଗନ୍ନାଥୈକପ୍ରାଣତା ! ଟିଣ ଫ୍ରେମର ଚାରି ଛଅ ଆଙ୍ଗୁଳ ଫଟୋ ପାଖରେ ଅଳ୍ପ ଦାମିଆ ଗନ୍ଧିଆ ଧୂପକାଠିଟାଏ ଜାଳି ଆଇଁଷକାତି ଫୁଲଟାଏ ଚଢ଼େଇଲେ ଭକ୍ତି ହେଲା ? ନା ଅଛି ନଣ୍ଡାମୁଣ୍ଡରେ ତରବୁଜବେଣ୍ଟିଆ ଚୁର୍କି ନା ଦିହଯାକ କଲରାପତିଆ ବାଘର ଚିତାଚଇତନ । ଗାଡ଼ି, ସ୍କୁଟର, କେଲେଣ୍ଡରରେ ତାର ଛବି ଝୁଲୁନାହିଁ ବା ଗୁଡ଼ାଖୁ, ଚପଲ, ବିଡ଼ି ବଣ୍ଡିଲରେ ତାର ଛାପ ମୋହର କିଛି ନାହିଁ । ପ୍ରାର୍ଥନା କହିଲେ ଭର୍ତ୍ସନା । "ଶିବ ପଥର, ଜଗା କାଠ" ହେ ନିର୍ଜୀବ କାଷ୍ଠପାଷାଣ ମୁରତି ! ନା ଝୁଲି ନା ନାମାବଳି । ମୁଁ କେବେଠୁଁ ଭକ୍ତ ହେଲି ।

ଯିବି ନ ଯିବି ଦୋଦୋପାଞ୍ଚ ହେଉଛି ଏଇ ଅଣସାହସିଆ ମୁହୂର୍ତ୍ତରେ ମନେ ପଡ଼ିଗଲା ସେଇ ର୍ଦୁମୁଖି ପଣ୍ଡିତର କଥା । ସେ ବାହୁରେ ହାତ ପିଟି କହୁଥିଲା ମୁଁ ନିଶ ରଖିଲେ ବି ବ୍ରାହ୍ମଣ, ଜଗନ୍ନାଥଙ୍କୁ ମୁଁ ଗୋଇଠା ମାଇଲେ ବି ମୁଁ ହିନ୍ଦୁ । ଶ୍ରୀବସ୍ତ ବ୍ରାହ୍ମଣର ଗୋଇଠା ଚିହ୍ନକୁ ସେ ମେଡ଼ାଲ କରିଛି ପରା, ତାଠୁ ବଳି ଉଦାର ସର୍ବଧର୍ମ-ସମନ୍ୱୟୀ ଠାକୁର ବିଶ୍ୱରେ ଆଉ କେଉଁ ଧର୍ମରେ ଅଛି ? ସ୍ଥିର ନିଶ୍ଚିତ ହେଲି ତୀର୍ଥ ଯିବି ।

ବାହାରୁଛି, ମନେପଡ଼ିଲା ସାଙ୍ଗରେ ନେବି କ'ଣ ? ଶାସ୍ତ୍ର କହୁଛି, ରାଜା, ଦେବତା, ଗୁରୁ ଏ ତିନିଙ୍କ ପାଖକୁ ଖାଲି ହାତରେ ଯିବନି । କଣ ନେବି ? ତାର  ବା କଣ ଅଭାବ ? ଷାଠିଏ ପଉଟି ଅନ୍ନ ଭୋଜନ କରୁଛି । ହୀରାନୀଳା ମୋତିମାଣିକ ତ କୁଢ଼ କୁଢ଼ ! ମୋର ବା କଣ ଅଛି ? ଆଚ୍ଛା, ସୁଦାମାର କଣ ଥିଲା ? ତା ସ୍ତ୍ରୀ ହାତର ଭଜା ଚାଉଳ ମୁଠେ ତ ! ବେଶ୍ ମୁଁ ବି ମୋ ସ୍ତ୍ରୀଙ୍କି ସ୍ମରଣ କରି ସେଇ ଟିଣ ଫ୍ରେମ୍‌ର ଆଖି ଦି'ଟାକୁ ଚାହିଁ ଲୁହଲହୁ ଦେଇ ଯେଉଁ ଗଳ୍ପମୁଠାକ ଲେଖିଛି ତାକୁ ଯଦି ଦିଏଁ ସେ କଣ ଗ୍ରହଣ କରିବନି ? ଖଇ ବା ମଲ୍ଲିଫୁଲ ପରି ଉଶ୍ୱାସ ଧୋବ ଫର ଫର ନହେଲା ବା ।

କିନ୍ତୁ ଜାଣିଲି ସେ ତୀର୍ଥକୁ ଯିବାକୁ ହେଲେ ମୋତେ ଲେଖକ ବିଶେଷତଃ ଅଧ୍ୟାପକମାନଙ୍କ ଅନ୍ୟ ଏକ ତୀର୍ଥସ୍ଥଳୀକୁ ଯିବାକୁ ପଡ଼ିବ । ସେଠି ଲକ୍ଷ୍ମୀ ଆଉ ସରସ୍ୱତୀ ସପତ୍ନୀ ନୁହନ୍ତି । ଉଭୟ ବରଦା ପୂଜାକଗଣଙ୍କର । ଦେଖିଲି ସେଠି ଦୀନହୀନ ଅବସ୍ଥାରେ ତୀର୍ଥକାକଙ୍କ ପରି ଭକ୍ତଗଣ ହାଉଯାଉ ହେଉଛନ୍ତି କାଳେ କେଉଁଠି ମୁଠାଏ ଅନ୍ନ ମିଳିଯିବ ।

Digitized by srujanika@gmail.com

ସେଠି ମୋ ମାନସକନ୍ୟାର ସନ୍ଧାନ ନେବାରେ ଜନୈକ ବଡ଼ପଣ୍ଡା କହିଲେ 'ଆପଣଙ୍କ ମାନସକନ୍ୟା ବାହାରିବାକୁ ପ୍ରସ୍ତୁତ କିନ୍ତୁ ତା'ର ପରିଛଦ ଅଦ୍ୟାପି ତିଆରି ହୋଇନି, ଆପଣ ଶିଳ୍ପୀଙ୍କ ପାଖକୁ ଯାଆନ୍ତୁ।' ବ୍ୟଥିତ ଓ ବିବ୍ରତ ହୋଇ ଶିଳ୍ପୀଙ୍କୁ ଏକ କ୍ଷୁଦ୍ରାୟତନ ଅନ୍ଧକାରାଛନ୍ନ ପାର୍ଶ୍ୱପୀଠରେ ଭେଟି ପ୍ରଚ୍ଛଦ ସମ୍ପର୍କରେ ଆଳାପ ଆଲୋଚନା କଲି। ସମାନଧର୍ମୀ ସମ୍ବେଦନଶୀଳ ଶିଳ୍ପୀଟି (ଦୀର୍ଘଜୀବୀ ହୁଅନ୍ତୁ ସେ) ଅବଶେଷରେ କହିଲେ ତାଙ୍କ ପ୍ରେରଣା ଓ ଆବେଗର ଉତ୍ସ ଯେଉଁ ସ୍ୱର୍ଗୀୟ ମୁହୂର୍ତ୍ତରେ ଫଟିବ ସେଇ ମୁହୂର୍ତ୍ତରେ ସେ ମୋର ସୂଚନା ଓ ଇଙ୍ଗିତକୁ ତାଙ୍କ ନିଜସ୍ୱ ପ୍ରତୀକମୟ କଳ୍ପନାରେ ରୂପରେଖ ଦେବ।

ଶ୍ରେୟାଂସି ବହୁବିଘ୍ନାନି, ବୁଝିବାକୁ ଡେ଼ରି ହେଲାନି। ଦୃଢ଼ପ୍ରତିଜ୍ଞ ହେଲି ତୀର୍ଥ ଯିବି, ଡ଼ମିକି ସାଦା କନା, କାଗଜ ଯାହା ପାଇବି ସେଇଥିରେ ଢ଼ାଙ୍କି। ଦର୍ଶନ ପରେ ଡ଼ମିଟିକି ତା ପାଖରେ ସମର୍ପଣ କରି କହିବି "ଜାଗାରେ, ସେଲ୍‌ଫର ବୁଢ଼ିଆଣୀ ଜାଲ ଘେରା ତୋ ଟିଣ ଫଟୋର ଆଖି ଦିଟାକୁ ଚାହିଁ ଆଉ ମୋ ପ୍ରିୟତମାକୁ ଝୁରି ଝୁରି ଝିଅମାନଙ୍କୁ ଜନ୍ମ କରିଛି। ଗୋଟିଏ ନୁହେଁ ଅଧେ ନୁହେଁ, ଛଅ ଛଅଟି। ସମସ୍ତଙ୍କ ରୂପ ତୋ'ରି ପରି। କଳା କଳା, ଡ଼େବରା ଆଖିଆ ଲଙ୍ଗୁଳି ସମସ୍ତେ। ମୁଁ ଯଉତୁକ ଦେବିନାହିଁ କି ନେବି ନାହିଁ। ନିଜକୁ ଭଣ୍ଡେ ନାହିଁ କି ଅନ୍ୟକୁ ଠକାଏ ନାହିଁ ଟେକୋଟେକି କରି। ସେଇଥିପାଇଁ ଏ ଝିଅଙ୍କ ପୃଷ୍ଠପୋଷକ ଅଭିଭାବକ ନଥିଲା ପରି ଗରାଖ ଜୁଟୁ ନାହାନ୍ତି। ତୋ ଦିହ ଛୁଇଁ କହୁଛି ଜଗା ଏଗୁଡ଼ାକ ଦୋଚାରୁଣୀ ନୁହନ୍ତି, କୁଳଟା ନୁହନ୍ତି। ଆଙ୍ଗିକ ସୌନ୍ଦର୍ଯ୍ୟ ନଥିଲେ ବି ଆତ୍ମିକ ପବିତ୍ରତା ଓ ସତୀତ୍ୱ ଅଛି। ନେ ଏଇ ବଡ଼ଟିକି। କୋଡ଼ିଏରୁ ବେଶୀ ବର୍ଷ ହେଲା ଘରେ ରହିଲାଣି। ଭଲ ପରିଛଦଟିଏ ଦେଇ ବିଦାୟ କରିଦେ ଯାକୁ ସତ୍‌ପାତ୍ରରେ। ଚିହ୍ନରା ଗରାଖ ପାଖକୁ। ପାଞ୍ଚଜଣଙ୍କ ସ୍ତ୍ରୀ ଦ୍ରୌପଦୀକୁ କୋଟିବସ୍ତ୍ର ଦେଲୁ। ମୋତେ ରକ୍ଷାକର, ତୋର ଶରଣ ଗଲି।"

ସେଦିନ ଥାଏ ଅଶୋକଷ୍ଟମୀ।। ଶୋକର ଅବକାଶ ଏ ପୁଣ୍ୟ ଦିନଟାରେ ନଥିବ ଭାବି ବାହାରି ପଡ଼ିଲି ଡ଼ମିକି ହାତରେ ଧରି। ବହୁବର୍ଷ ପରେ ବିଦେଶରୁ ପ୍ରତ୍ୟାବର୍ତ୍ତନ କରୁଥିବା ପ୍ରବାସୀଟିଏ ସ୍ୱଗୃହକୁ ଦେଖିଲେ ଯେମିତି ବିହ୍ୱଳିତ ହୁଏ ସେମିତି ତମାଳତାଳିବନରାଜିନୀଳା ବେଳାଭୂମିରୁ ସମୁଦ୍‌ଗତ ସମୁତ୍‌ଥିତ ବିରାଟ ଶିବଲିଙ୍ଗ ସଦୃଶ ଶ୍ରୀମନ୍ଦିରକୁ ଦୂରରୁ ଯେମିତି ଦେଖି ଦେଇଛି, ସିମିତି ଏକ ଅବର୍ଣ୍ଣନୀୟ ଭାବାନ୍ତର ଉପସ୍ଥିତ ହେଲା। ସେହି ମୁହୂର୍ତ୍ତରୁ ମୁଁ ଅସ୍ମିତା ହରାଇ ବସିଲି ଏବଂ ଆଉ କାହାଦ୍ୱାରା ପରିଚାଳିତ ହେଉଛି ପରି ଲାଗିଲା।

ବାଇଶି ପାହାଚ ପାର ହୋଇ ଚନ୍ଦନ ଅର୍ଗଳି ପାଖରେ ଭୟ ଓ ଆଶଙ୍କାରେ ଠିଆ ହୋଇଛି କାହାଣୀର ବାଘମାମୁଁ ପରି ମୋ ତରଫ ହୋଇ କିଏ ଯିମିତି ମନ୍ତ୍ର ପଢ଼ିଦେଲା "ଫିଟ୍ କବାଟ, ଜଳ ବଇଠା, ଛିଣ୍ଡ଼ ଶିକା, ମୁଁ ଖାଏଁ ପିଠା।" ସତକୁ ସତ ବିରାଟ କବାଟ

Digitized by srujanika@gmail.com

ଦିଗା ଫିଟିଗଲା । ଗୁମ୍ଫା ଭିତରେ ଆଲୁଅ ଜଳିଲା ଏବଂ ମୁଁ ଆଗେଇଲି । ଆତିଥ୍ୟ ସମ୍ବର୍ଦ୍ଧନା ସମ୍ପର୍କରେ ମୋର ଯେଉଁ ସନ୍ଦେହ ତାହା ମୁହୂର୍ତ୍ତକେ ଦୂର ହେଲା । କିଏ ମୋ ହାତଧରି ବା କାନ୍ଧରେ ହାତ ଥୋଇ ନେଇଗଲା ଜଗନ୍ନାଥ ସ୍ୱାମୀଙ୍କ ରତ୍ନମୟ ପଲଙ୍କ ପାଖକୁ । ଜଳମଗ୍ନ ଚିକ୍କଣ ମସୃଣ ଚଟାଣରେ ଥଡ଼ବଡ଼ ହୋଇ ହାବୁଡ଼ି ପଡ଼ିଥାନ୍ତି ହୁଏତ ।

ଦମ୍ଭ ଧରି ସିଧାସଳଖ ଛିଡ଼ା ହୋଇଥାଏ । ମୋ ଚାରିପଟେ ରାଶି ରାଶି କୁଣ୍ଡି । ମହାପ୍ରସାଦ ଧୂପଦୀପଗନ୍ଧପୁଷ୍ପର ସମ୍ମିଳିତ ମହକ ପ୍ରଭାତର ସମନ୍ୱିତ ସୁରସଙ୍ଗୀତ ପରି ଊର୍ଦ୍ଧ୍ୱକୁ ଅପାର୍ଥିବ ରୀତିରେ ଉଠୁଥାଏ । ଯେଉଁଠି ଛିଡ଼ା ହୋଇଥାଏ ସେଇଠି କୁଆଡ଼େ ଲକ୍ଷେ ଶାଳଗ୍ରାମପୋତା ହୋଇଛନ୍ତି । ସେଇ ଜାଗାରେ ପୁଣି ମୋ ସ୍ୱାମୀ, ବାପା, ଜେଜେ ଜେଜି ଓ ଆହୁରି କେତେ ପୂର୍ବାସୁରୀଗଣ ଶ୍ୱାପଦସଙ୍କୁଳ ଯୋଜନ ଯୋଜନ ରାସ୍ତା ପଦବ୍ରଜରେ ଅତିକ୍ରମକରି ଏ ନୀଳ ଶଇଳର ପ୍ରବଳ ପ୍ରମତ୍ତ ବାରଣକୁ ଦର୍ଶନ କରିଛନ୍ତି ଏ ଭାବନାରେ ମୁଁ ମୁଗ୍ଧ ଚକିତ ଓ ହତବାକ୍ ହୋଇଥାଏ । କୋହ ଉଠୁଥାଏ, ବିନା କାନ୍ଦରେ ଆଖିରୁ ଝରଝର ଲୁହ ଝରୁଥାଏ । ମୁଁ କାହିଁକି କେଉଁଠାକୁ ଆସିଛି କଣ କହିବି କଣ ମାଗିବି ସବୁ ସେ ମୁହୂର୍ତ୍ତରେ ଭୁଲିଗଲି । ଆବେଗ ଅନୁଭୂତି ସର୍ବସ୍ୱ ମୋର ଗାଳ୍ପିକ ଆତ୍ମାପୁରୁଷ ଅକ୍ସିଜେନଭରା ବେଲୁନ ପରି ମନ୍ଦିର ଭେଦି ଊର୍ଦ୍ଧ୍ୱାକାଶରେ ବିଚରଣ କରୁଥାଏ ।

ପ୍ରାୟ ଅଶୀତି ବା ତଦୁର୍ଦ୍ଧ୍ୱ ବୃଦ୍ଧ ଜଗନ୍ନାଥଙ୍କ ପୂଜକଟି ମୋର ଏ ମୂକବଧିର ଅବସ୍ଥା ଲକ୍ଷ୍ୟ କରୁଥିଲେ ବୋଧହୁଏ । ସେ ଚମକାଇ ଦେଇ ପ୍ରଶ୍ନକଲେ "ଏ ପୁସ୍ତକ କଣ ଶ୍ରୀଅଙ୍ଗରେ ଲାଗି ହବ ?" ଉତ୍ତର ନ ଦେଉଣୁ ସେ ହାତ ବଢ଼ାଇ ମୋ ହାତରୁ ଡ଼ମିକି ନେଇ ଶ୍ରୀଅଙ୍ଗ ଲାଗିକଲେ । ଆଖିରେ ଦେଖିଲି ଶ୍ରୀଅଙ୍ଗର ପରିଛଦ ମୋ ଡ଼ମିକି ଘୋଡ଼ାଇଲା । ବଡ଼ଦାଣ୍ଡରେ ରଥଛିଡ଼ା କରି ଦାସିଆ ବାଉରୀ ହାତରୁ ସିଏ ନଡ଼ିଆ ନିଜ ହାତରେ ନେଇଥିଲା ସେ ମୋ ଡ଼ମିକି ନିଜ ହାତରେ ନ ନବ କାହିଁକି ? ଯିଏ ପ୍ରକୃତରେ ରଜା ପ୍ରଭୁ ସିଏ ଦାସିଆ ବାଉରୀ ଆଉ ବାସୁଆ ବ୍ରାହ୍ମଣ ଭିତରେ ତଫାତ୍ ଦେଖିବ କାହିଁକି ?

ଦଣ୍ଡେ ପରେ ପୁଣି ଏକ ପ୍ରଶ୍ନ "ଏ ପୁସ୍ତକରୁ କିଛି ପାଠ କରିବି, ଜଗନ୍ନାଥଙ୍କୁ ଶୁଣାଇବି ?" ମଲା ମଲା ! ଏ କଥା ପଚାରିବାକୁ ଅଛି ନା ? ମୁଁ ନିରୁତ୍ତର । ତନ୍ମୟ ତଦ୍‌ଗତ । ଜଗନ୍ନାଥ ମୋ ବହି ପଢ଼ିଛନ୍ତି, ଶୁଣିଛନ୍ତି । ବାସ୍, ଆଉ କେହି ନପଢୁ ନଶୁଣୁ । ତାଠୁ ବଳି ରସିକ ନିରପେକ୍ଷ ପାଠକ କିଏ ଅଛି ଦୁନିଆରେ ? ସେ ତ ନିଜେ ସ୍ରଷ୍ଟା; ସୃଷ୍ଟି କରେ ଧ୍ୱଂସ ବି କରେ, ସେଇଥିରେ ତାର ଆନନ୍ଦ, ଆମପରି ଅଧମ କଳାକାର ସେଇଆ କରୁଁ, ସେଇଆ ପାଉ । ସିଏ ବଡ଼, ଆମେ ସାନ, କ୍ଷୁଦ୍ରାତିକ୍ଷୁଦ୍ର, ଏତିକି ଫରକ ।

କାନରେ ଯେଉଁ କେଇଟା ଶବ୍ଦ ବାଜିଲା ସେଥିରୁ ବୁଝିଲି ଯେଉଁ ଗଳ୍ପର ଶେଷରେ ଜଗନ୍ନାଥଙ୍କୁ ଆକ୍ଷେପ କରି କେତୁଟା କଥା କହିଛି ସେଇ ପଂକ୍ତିଗୁଡ଼ାକ ସେ ଶୁଣିଛି । (ହାତ ନାହିଁ, ନେଉଛି, କାନ ନାହିଁ, ଶୁଣିଛି କି ଠାକୁର ରେ ବାବା !) ଦଣ୍ଡେ ପରେ ପୁଣି

Digitized by srujanika@gmail.com

ଅଶରୀରୀ ସୁର "ବହି ଭିତରେ ଫୁଲ, ତୁଳସୀ, ଧଣ୍ଡାମାଳ ରଖି ଦେଉଛି।" ମୁଁ ସେତେବେଳେ ଠିକ୍ ସିଂହାସନକୁ ଲାଗି ଛିଡ଼ା ହୋଇଥାଏ ଏବଂ ଦୁଇବାହୁ ଭିତର ଦେଇ ଗୋଟିଏ ନୀଳ ପାହାଡ଼ର ମୁଣ୍ଡରେ ସୂର୍ଯ୍ୟ ଚନ୍ଦ୍ରଙ୍କୁ ଦେଖୁଥାଏଁ ହତଭମ୍ବ ହୋଇ। କେତେବେଳେ ସ୍ୱୟଂକ୍ରିୟ ଯନ୍ତ୍ର ପରି ହାତଟା ପକେଟ୍‌ରୁ ପଇସା ମୁଠାଏ (ତିନିଟଙ୍କାରୁ ବେଶୀ ହବନି) ସିଂହାସନରେ ଥୋଇ ଦେଇଥାଏ।

ତୀର୍ଥ ଆସିଲି, ଦର୍ଶନ କଲି, ଧଣ୍ଡାମାଳ ପାଇଲି, ମନସ୍କାମନା ପୂର୍ଣ୍ଣ ହେଲା। ଚୈତନୋଦୟ ବି ହେଲା। ଠାକୁରଙ୍କ ଦିହ ଛୁଇଁଥିବା ତ୍ୱମିକି ଠାକୁର ନ୍ୟାୟରେ ଛାତିରେ ଧରି ଆଗକୁ ବାଆଁକୁ ମୁହାଁଇଲି। 'ଏକା ମାଧିଆ ବାଇଶି ଫଳ' ଭାବି ବଳିଆ ସୁଭଦ୍ରାଙ୍କୁ ନ ଚାହିଁ (କ୍ଷମା କରିବ ବଳିଆର ଭୂଜ, କ୍ଷମାଦେବ ଜଗଜ୍ଜନନୀ ମାତା ସୁଭଦ୍ରା) ଚାରି ପାଞ୍ଚ ପାଦ ଯାଇଛି ପଛପଟୁ ଜଗା ଆତୁ ଡ଼ାକ ଶୁଭିଲା ତାଙ୍କୁ "ମହାପ୍ରସାଦ ଦିଅ"। ତୁରନ୍ତ ଶ୍ରୀ ଆଜ୍ଞା ପାଳି ସୁଆରଟିଏ ପାଖ କୁଣ୍ଡିରୁ ସତକୁ ସତ ମୁଠାଏ ମହାପ୍ରସାଦ ଅନ୍ନ (ମୁଠାଏ ଗପକୁ ମୁଠାଏ ପ୍ରସାଦ) ମୋ ପାପୁଲି ମେଲା କରି ଭରିଦେଲା। କି ଆଶ୍ଚର୍ଯ୍ୟ! ମୋ ହାତକୁ ଉଷୁମ ଲାଗିଲା। ଏ ହାତଟା ତ ଏତେ ଦିନଧରି ପୋଲିଓ ବା କୁଷ୍ଠ ରୋଗ ଗ୍ରସ୍ତ ହୋଇ ସ୍ପର୍ଶ ଶକ୍ତି ହରାଇଥିଲା, ସ୍ପର୍ଶ ପ୍ରବଣ କରି ଉଷ୍ମତାର ଅନୁଭବଶକ୍ତି ଦେଲା କିଏ ? ହଜାର ହଜାର ଟଙ୍କାର ସାହିତ୍ୟ ପୁରସ୍କାରରେ ତ ଏତେ ଉଷ୍ମତା ନଥିଲା। ବରଂ ଓଲଟି ହାତଟା ଅଧିକ ବଧିରା ଓ ଥଣ୍ଡାହୋଇ ଯାଇଥିଲା। ପୁଣି ପଛରୁ ପାଟି ଶୁଭିଲା "ପାଇଦିଅ"। କାଳବିଳମ୍ବ ନ କରି ସିଂହାସନ ଆଗରେ ସର୍ବ ସାଧାରଣ ସମକ୍ଷରେ ପାଇଦେଲି ଏବଂ ମୁଣ୍ଡରେ ହାତ ପୋଛିଦେଲି। ଏଠି ଜାତି ପତି ତ ନାହିଁ ଅଇଁଠାସଙ୍କୁଡ଼ି ବି ନାହିଁ। ଜୟ ଜଗା!

ଜଗାର ରାଜ୍ୟରେ ଅଲୌକିକତାର କଣ ଅଭାବ ଅଛି ନା ଶେଷ ଅଛି ? ଯେଉଁ ପଂକ୍ତିଟି ମିଳିଥିଲେ ଶ୍ଳୋକଟି କାବ୍ୟିକ ସୌନ୍ଦର୍ଯ୍ୟର ଚୂଡ଼ାନ୍ତ ପରିଣତ ପାଇଥାନ୍ତା ତାହା ମିଳିବାର ଦୈବ ମୁହୂର୍ତ୍ତକୁ ଅପେକ୍ଷା କରି ଜୟଦେବ ସ୍ନାନକୁ ଚାଲିଗଲେ, ଲେଖନ ଓ ତାଳପତ୍ର ଖେଦା ରଖିଦେଇ। ଫେରିଆସି ଦେଖିଲେ ସେଇ ବିଶ୍ୱ ବିଶ୍ରୁତ ପଂକ୍ତି "ଦେହି ପଦପଲ୍ଲବମୁଦାରମ୍"। ମୋର ବି ସିମିତି କିଛି ଅଭିଜ୍ଞତା ହେଲା। ଦୁଇ ରଙ୍ଗୀନ ପ୍ରଚ୍ଛଦପଟ ମଣ୍ଡିତ ମୋ ପୁସ୍ତିକାଟି। ଶିଳ୍ପୀ କାହା ଇଙ୍ଗୀତରେ ପ୍ରଚ୍ଛଦର ଏ ଆଶ୍ଚର୍ଯ୍ୟ ଛବିଟି ଆଙ୍କିଲେ ? ଯେଉଁ ପଂକ୍ତିଗୁଡ଼ିକ ସେଇ ବୃଦ୍ଧ ପୂଜକ ଜଗନ୍ନାଥଙ୍କୁ ପଢ଼ି ଶୁଣାଇଥିଲେ ତାରି ଅବଲମ୍ବନରେ ଏ ଛବିଟି। ସମାଜ ପ୍ରତି, ମଣିଷ ପ୍ରତି ଏପରିକି ଜଗା ପ୍ରତି ଆକ୍ରୋଶ ଅଭିମାନରେ ସଦ୍ୟ ସନ୍ତାନହରା ବିଧବା ମାତାଟି ମଶାଣିର ଅଙ୍ଗାରଟିଏ ଧରି ଆଙ୍କୁଛି ସୀମାରେଖା ଚିହ୍ନିତ କରୁଥିବା ପଥରଟିରେ ଛବିଟିଏ। ଯାହା ବିରୁଦ୍ଧରେ ତାର ଏତେ ଅଭିଯୋଗ କ୍ଷୋଭ, ଅଭାଗିନୀ ଉନ୍ମାଦିନୀ ଆଙ୍କୁଛି ତାରି ଛବି ଯୋଡ଼ିଏ ଚକା ଡ଼ୋଳା।

Digitized by srujanika@gmail.com

# ଛେଳି

ଫେର୍ ଆସିଗଲା ! ଏମିତି ଅଲାଜୁକୀ ଦୁନିଆଁର କାହିଁ କେଉଁଠି ନଥିବେ ! କି ସାହସ, କି ଔଦ୍ଧତ୍ୟ, ଦେଖ ! ଥରେ କାଞ୍ଜିହାଉଦାରେ ପୁରାଇଲୁ, ଆଉଥରେ ଠେଙ୍ଗାରେ ଗୋଡ଼ ହାତଭାଙ୍ଗି ଆମ ସମସ୍ତଙ୍କ ଆଗରେ ପେଟାଇଥିଲୁ, ଆଉ ଥରେ ନାକ ଫଟାଇ ରକ୍ତ ବାହାର କରିଥିଲୁ, ତେବେ ବି କେଉଁଠି ଲୁଚାଇ ଚୋରାଇ ଏତେ ଶକ୍ତି ରଖିଥିଲା ଯେ ଆମକୁ ଡ଼ାହାଣୀ ବୁଢ଼ୀ ପରି ଫୁଲ ଶୁଙ୍ଘାଇ ମେଣ୍ଢା କରିଦେଲା । ମଥା ଖରାପ କରିଦବ ଲୋକର ।

ଗୋଟିଏ ପାର୍ଟି ମିଟିଂରୁ କଳିତକରାଳ ଝଗଡ଼ାଝାଟି ସାରି ରାତି ବାରଟାରେ ପହଞ୍ଚିଲି ତ, ସକାଳୁ ନିଦ ଭାଜିଲା ନାହିଁ । ପ୍ରାୟ ଆଠୁଟାରେ ଉଠି ଖିଅର ହେବା ଯନ୍ତ୍ରପାତି ଝରକା ପାଖକୁ ଗୋଟାଏ ଟେବୁଲରେ ଭିଡ଼ିନେଇ ବେଶି ଆଲୁଅ ଆଶାରେ ଝରକାଟା ଫିଟାଇ ଦେଲି । ପାଚେରୀ କାନ୍ଥ ପାଖ ସଜନା ଗଛର ଡ଼ାଳରେ ବସିଛି ଗୋଟାଏ ବଣି । ଇଃ ! ସକାଳଟା ମାଟି ହୋଇଗଲା । ୱାନ୍ ଫର୍ ସରୋ, ଟୁ ଫର୍ ଲଭ୍ । ଅପେକ୍ଷା କଲି ଦଣ୍ଡେ, କାହିଁ ତା' ଯୋଡ଼ଟା ତ ଆସିଲା ନାହିଁ । ତେବେ ଆଜି ଦିନଟାଯାକ 'ସରୋ'ରେ କଟିବ ।

ଦୁନିଆଁରେ ଘୁଷୁରି, ପେଚା, ହିପୋ, ମଇଁଷି, ଗଣ୍ଡା ଆଦି କେତେ ସାଙ୍ଗସାଥୀ ଜନ୍ତୁଜାନୁଆର ନ ଅଛନ୍ତି ! ସମସ୍ତଙ୍କ ଦିହମୁହଁ ଦେଖିଚାହିଁ ପାରିବି, ଏଇ ବୁଢ଼ୀ ଛେଳିଟାକୁ ଦେଖିଦେଲା ମାତ୍ରେ ମୋର ସର୍ବାଙ୍ଗ କୁହୁଳି ଜଳିଉଠେ, ଛାତିର ସ୍ପନ୍ଦନ ବଢ଼ିଯାଏ ହିଂସା ଓ କ୍ରୋଧରେ । ଏଇଟା ମରୁନି କି ତାକୁ କେହି ମାରୁନି । କେତେ ଚତୁରୀ, କେତେ ଚଲାକୀ, କେତେ ଘାଟରେ ପାଣି ପିଇଛି ତ !

ଘର ଆଗରେ ଛୋଟ ପୈତୃକ ଜମି ଚାଖଣ୍ଡିକ । ଜେଜେ ତାକୁ ବହୁତ ଦୁଃଖ କଷ୍ଟ ନିର୍ଯାତନା ସହି ସାଇବାଲାଙ୍କୁ ଏକାଠି କରି ଜବରଦସ୍ତ ଦଖଲକାରିଠୁଁ ବିନା ରକ୍ତପାତରେ ଉଦ୍ଧାର କରିଥିଲେ । ଜମିଖଣ୍ଡିକ ବେସାଇଜର, ନୁହେଁ ତ୍ରିଭୁଜ, ନୁହେଁ ବୃତ୍ତ, ନୁହେଁ ସମବାହୁ, ଷଡ଼ଭୁଜ, ଜ୍ୟାମିତିର କୌଣସି ଛବି ସହିତ ମେଳନାହିଁ । ତା'ର କାରଣ ପଶ୍ଚିମପଟ ସୁଲେମାନ ମିଆଁ ନେଲା, ପୂର୍ବପଟରୁ ଖଣ୍ଡେ ଖୋଦା ବକ୍ସ ନେଲା । ତଥାପି ଆମେ ଦଖଲରେ ରଖିଲୁଁ, ହେଲେ ସବୁବେଳେ ଆଶଙ୍କା ଭୟ ଆମକୁ ଘାରିଲା ।

ଜେଜେ ଥିଲେ ଧର୍ମଭୀରୁ । ଏଇ ଛେଳି ପନ୍ହାରୁ କ୍ଷୀର ପିଇ ନିରୀହ ଅହିଂସ ହେଲେ । ସମସ୍ତଙ୍କଠୁ ଗାଳିମାଡ଼ ଖାଇ ଶେଷରେ ହାଣରେ ଗଲେ ଛେଳିପରି । ପିତୃପୁରୁଷଙ୍କ ଶ୍ରାଦ୍ଧ ପାଇଁ ଥରେ ଗୟା ଯାଇଥିଲେ ଯେ, ଗୋଟିଏ ଗୟା କୋଳି ଆଣି ବାଡ଼ିରେ ପୋତିଥିଲେ ସ୍ମାରକୀ ଆକାରରେ । ଯିମିତି ବୁଦ୍ଧଙ୍କ ସ୍ମୃତି ଉଦ୍ଦେଶ୍ୟରେ ତୀର୍ଥସେବୀମାନେ ବୁଦ୍ଧିବୃକ୍ଷ ଜଡ଼ିତ ଚାରା ପୋତନ୍ତି । ଜେଜେଙ୍କ ଘରକରଣା ମନୋବୃତ୍ତି ନ ଥିଲା, ସମ୍ପତ୍ତିବାଡ଼ିକି

Digitized by srujanika@gmail.com

ଲୋଭ ନଥିଲା । ସମସ୍ତ ତାଙ୍କୁ ଶାଳଗ୍ରାମ ଭାବୁଥିଲେ ଏବଂ ମାଙ୍କଡ଼ ହାତରେ ଶାଳଗ୍ରାମର ଯାହା ବ୍ୟବସ୍ଥା ହୁଏ ତାହାହିଁ ହେଲା ।

ବାପା ଥିଲେ ଯିମିତି ଚେହେରାବନ୍ତ ସିମିତି ମେଳାପୀ ତତୋଽଧିକ ଦିଲଦାରିଆ । ଅଲିଅଳ ପିଲା ହୋଇ ଢେର ଭୋଗିଥିଲେ, ତଥାପି ଭଲ ପାଇଥିଲେ ଜୀବନକୁ, ରଙ୍ଗୀନ ଜୀବନକୁ, ଗୋଲାପୀ ଜୀବନକୁ । ପଦ୍ମ ହେଉ, ଗୋଲାପ ହେଉ ବା ମନ୍ଦାର ହେଉ ସବୁ ଫୁଲ ସତ୍ୟ-ଶିବ-ସୁନ୍ଦରର ପ୍ରତୀକ, ଆମ ପରମ୍ପରାର ପ୍ରତୀକ । ତେଣୁ ଜେଜେଙ୍କ କୋଳି ଗଛରୁ ଖଣ୍ଡେଦୂର ଛାଡ଼ି ପଞ୍ଚମୁଖୀ ମନ୍ଦାରଟିଏ କେଉଁ ଭୂସର୍ଗରୁ ଆଣି ବାଡ଼ିରେ ପୋତିଥିଲେ ।

ମୋର କର୍ତ୍ତବ୍ୟ ଠିକ୍ କରି ନେଇଛି । ଏଇ ପୈତୃକ ଜମିଖଣ୍ଡି ଉନ୍ନତ ସମୃଦ୍ଧି କରିବି ଏବଂ ବାପା ଜେଜେଙ୍କ ଫୁଲ ଫଳ ଗଛକୁ ରକ୍ଷା କରିବି । ରକ୍ଷା କରିବି କିମିତି ? ଏଇ ଛେଳିଟା ତ ଆମ ପିଛା ଲାଗିଛି । ସାଇବାଲା ଯେତେ ଯାହା ମେଣ୍ଟ ମେଳ ବାନ୍ଧିଲେ ମଧ କିଛି ଲାଭ ହେଉନି, ଦିନକୁ ଦିନ ତା'ର ଉତ୍ପାତ ବଢ଼ିଚାଲିଛି ।

ଗୃହିଣୀ କ୍ଷିଅର ହେବା ସରଞ୍ଜାମ ସବୁ ରଖି ସଜବାଜ କରିଦେଇ ବ୍ଲେଡ୍‌କୁ ଫ୍ରେମ୍‌ରେ ଲଗାଇ ଦେଇ ଛିଡ଼ାହୋଇ କହିଲେ ଚା' କପଟା ଥଣ୍ଡା ହୋଇଗଲାଣି, ପିଇଦିଅ । ସେ ଛେଳିଟା ତୁମକୁ ଖାଇବ ଦେଖୁଛି । ଅନ୍ୟ କଥା କିଛି ଭାବ । ସବୁବେଳେ ସେଇ ଛେଳି ବିରୁଦ୍ଧରେ ଲାଗିବା ଅପେକ୍ଷା ନିଜେ ନିଜକୁ ମଜବୁତ କର । ମାଇଚାଏ କ'ଣ ବୁଢ଼ୀ ଛେଳିକି ବି ଘଉଡ଼ାଇ ପାରିବେ ?

ଢ଼କ ଢ଼କ କରି ଥଣ୍ଡା ଚା' ପିଇଦେଇ ଝରକାଦେଇ ଚାହିଁଲି, ବୁଢ଼ୀ ଛେଳିଟା ଗୋଟାଏ ଚର୍ଗଫୁଟ ଖୁମ୍ବ ଉପରେ ଠିଆ ହୋଇଛି । କି ଆଶ୍ଚର୍ଯ୍ୟ । ସେଠି ସିଂହ ମୂର୍ତ୍ତିଟାଏ ବସାଇ ସିଂହଦ୍ୱାର କରିବା ମତଲବରେ ଥିଲି । ଇଏ ଆସି ଛିଡ଼ା ହୋଇଯାଇଛି । ରହ ତୋତେ ଶେଷ ନକଲା ପର୍ଯ୍ୟନ୍ତ... ।

ଏଇ ଦୃଶ୍ୟ ନ ଦେଖିବା ପାଇଁ ମୁଁ କ'ଣ ନ କରିଛି ? ପ୍ରଥମେ ଚାରିପଟେ ସିଜୁ, ବାଉଁଶ, ଜାନକୋଳି କିରିକିଚି କଣ୍ଟାରେ ବାଡ଼ ଦେଲି । ପରିଖା ପରି ଗୋଟାଏ ଗାତ ବି ଖୋଳିଲି ବାଡ଼ କଡ଼େ କଡ଼େ । ଏକା କୁଦକେ ପରିଖା ଡ଼େଇଁ, କଣ୍ଟାବାଡ଼କୁ ଦାନ୍ତରେ ଚୋବାଇ ବାଡ଼ି ଭିତରେ । ଫେର୍, ଆଗଗୋଡ଼ ଦି'ଟାକୁ ବାଡ଼ରେ ଭରା ଦେଇ ମନ୍ଦାର ଗଛର ପତ୍ର ଫୁଲ କଢ଼ ଦିନେ ଶେଷହେଲା, ଆଉଦିନେ ସିମିତି ଭଙ୍ଗୀରେ ଫଳଭାରରେ ନଇଁ ପଡ଼ିଥିବା ସବୁ ଗୟାକୋଳିକି ପାରାୟଣ କରିଦେଲା । ଯ୍ୟାକୁ ଛେଳି କହିବ ? ଉହିଷାସୁର ମର୍ଦ୍ଦିନୀ ଯ୍ୟାକୁଇ ବାହନ କରି ଅସୁରକୁଳ ନିର୍ବଂଶ କରିଦେଇ ପାରିବେ ।

ହେଲେ ମୋତେ ଚିହ୍ନିନି ଛେଳି । ଏଥର କ'ଣ କରିବୁ ଦେଖିବା । ଗାରା ଗାନ୍ଥିଣୀରେ ପାଞ୍ଚଇଞ୍ଚିଆ ଛଅଫୁଟ କାନ୍ଥ, ମଝିରେ ମଝିରେ ଦଶଇଞ୍ଚିଆ ପାହିଆ ରଖି ବାଡ଼ ଜାଗାରେ

Digitized by srujanika@gmail.com

ବୁଲାଇ ଆଣିଲି । କାନୁ ଡେ଼ଇଁବୁ ନା ମନ୍ଦାର ଫୁଲ ଗୟାକୋଳି ଖାଇବୁ ? ମୋ ଠାକୁର ଘିନିବେ କ'ଣ, ମୋ ଛୁଆପିଲା ଖାଇବେ କ'ଣ ?

କିନ୍ତୁ ଏ କି ଅଲୌକିକ କଥା ! କେଉଁ ପରମାନନ୍ଦ ମାଧବ, କେଉଁ ବାବା ବା କେଉଁ ସନ୍ତୋଷୀ ମାଆଙ୍କ ମହିମାରେ ପଙ୍ଗୁ ଗିରି ଲଙ୍ଘନ କଲା ? ଦିନେ ଦେଖିଲି ସେଇ ପାଞ୍ଚଇଞ୍ଚିଆ କାନୁରେ ଖଣ୍ଡାଧାରରେ ଚାଲିଲା ପରି ବା ସରକସବାଲି ଝିଅଟି ପ୍ରାୟ ଲଙ୍ଗଳା ହୋଇ ରଙ୍ଗୀନ ଛତା ଫୁଟାଇ ପିଚା ହଲାଇ ହଲାଇ ଯିମିତି ଦଉଡ଼ି ଉପରେ ନାଚି ନାଚି ଆଗେଇଯାଏ ସିମିତି ବୁଢ଼ୀ ବେପରବା ମାଡ଼ି ଚାଲିଚି ଗୟାକୋଳି ଗଛ ଡ଼ାଳକୁ । ଆଗଥର ଯେତେବେଳେ ମନ୍ଦାରଫୁଲ ଉପରେ ଆଖି ରଖିଥିଲା ପଡ଼ିଶାପୁଅ ଦୂରରୁ ବଜ୍ର ପଥରଟା ଫୋପାଡ଼ି ତା ପୁଅକୁ ଖସାଇ ଦେଇନଥିଲା ? ବାସ୍ ଏଥର କେତେଦୂର ଯାଇଛୁ ଯାଆ, କେତେ କାରସାଦି ଜାଣୁ, ଦେଖା ତ ।

ଫାଟକ ଖୁମ୍ବ ଉପରେ ପଛ ଗୋଡ଼ ରଖି ନୁଆଁଣିଆ ଫଳଭାରରେ ଅବନତ ଡ଼ାଳ ଉପରେ ଆଗଗୋଡ଼ଦୁଇ ଉଠାଇ ଥୋଇଦେଇ ଆରାମରେ ଆଉଜି ଯିମିତି ମଲମଲ କରି ଡ଼ାଳପତ୍ର ଫଳ ଖାଇବାକୁ ଆରମ୍ଭ କରିଛି ମୋ ବ୍ରହ୍ମ ଥରିଗଲା । ରାଗରେ ପରସ୍ତେ ଝାଳ ବହିଗଲା ସର୍ବାଙ୍ଗରୁ । ହାତଗୋଡ଼ ଥରିବାକୁ ଲାଗିଲା । ନୂଆ ବ୍ଲେଡ଼୍‌ଟାକୁ ଧୀରେ ଚଳାଇବା ଛାଡ଼ି ଦାବିଦେଲି । ସେଫ୍‌ଟିରେଜର ହେଲେ ବି ରାଗ ସହିତ ଚଳାଇବା ଦ୍ୱାରା ବାଆଁ ଗାଲର ଭାତୁଡ଼ିଟା କଟିଗଲା ଓ ରକ୍ତ ଝର ଝର ବହି ଫାଳେ ଗାଲ ଲାଲ ଦିଶିଲା । ଚେତା ପସିଲା । ଡ଼େଟଲ ବୋତଲରୁ ତୁଳାରେ କିଛି କ୍ଷତରେ ଲଗାଇଛି ଡେ଼ଇଁଲି ଯନ୍ତ୍ରଣାରେ । ଲାଜ କଥା କାହାକୁ କହିବି ? କାହାକୁ ବା ଡ଼ାକିବି "ଧାଇଁ ଆସ, ବୁଢ଼ୀ ଛେଳି କୋଳି ଖାଇଗଲା ।" ତା'ଛଡ଼ା ମୁଁ ଉପର ମହଲାର ଝରକାରେ । ଛେଳିଟା ଭଲା ମୋ ଆଡ଼କୁ ଚାହାଁନ୍ତା 'ହେତ୍ ହ୍ୟାତ୍' କହି ବା ହାତରେ ମାରିବାର ଇଙ୍ଗିତ ଦେଇ ଘଉଡ଼ାଇ ଦିଅନ୍ତି । ଦେଖିଲି ତଳେ ଗୋଟାଏ ପର୍ବତ ପ୍ରମାଣ ବାଲିଗଦାରେ ନାଲି ପତାକାଟାଏ ଗୁଞ୍ଜି ଦଳେ ଘୁଷୁରିସାହିର କଳାକଳା ଜୀବ ଖେଳୁଛନ୍ତି, ଡ଼େଉଁଛନ୍ତି, ଘୁଷୁରୁଛନ୍ତି ଶିଶୁଉଦ୍ୟାନରେ ଯିମିତି ବଡ଼ଘର ପିଲାଏ ଖେଳନ୍ତି । ସମସ୍ତେ ଲଙ୍ଗଳା ଲଙ୍ଗୁଳି, ପାଖ କାଦୁଅ ଗାଡ଼ିଆରେ ଚପର ଚପର ହେଉଛନ୍ତି । ବାଲିରେ ଗଡୁଛନ୍ତି, ଉନ୍ମତ୍ତ ଆନନ୍ଦରେ ହସୁଛନ୍ତି, କିଚିରି ମିଚିରି ହେଉଛନ୍ତି । ତାଙ୍କୁଇ ଲକ୍ଷ୍ୟ କରି ମନେ ମନେ ଖୁବ୍ ପାଟିକରି କହିଲି "ଏ ପିଲେ ! ଆମେ କୋଳି ଖାଇଯାଉଛି, ସେ ଛେଳିକି ଘଉଡ଼ାଇ ଦିଅ । ମୁଁ ଉପରେ ଅଛି, ଦାଢ଼ି କାଟୁଛି, ଯାଇ ପାରୁନି, ଯାହାହେଉ କିଛି ବକ୍‌ସିସ୍ ଦେବି ।" ତାଙ୍କ କାମରେ ସେ ବ୍ୟସ୍ତ । ତା'ଛଡ଼ା ଏତେ କ୍ରୋଧରେ ମୁଁ ତାଙ୍କୁ ଡ଼ାକିଛି କି ନା ଅର୍ଥାତ୍ ମୋ ମୁହଁରୁ ଶବ୍ଦ ବାହାରିଛି କି ନା ଜାଣି ପାରିଲିନାହିଁ ।

ଯେଉଁ ଭଙ୍ଗୀରେ ଛିଡ଼ା ହୋଇଥିଲା ବୟସାଧିକରୁ ସେଥିରେ କଷ୍ଟହେଲା ବୋଧହୁଏ ଛେଳିଟାର । ଗୁଡ଼ାଏ ଭୋଜନ ପରେ ଧୀରେ ଆଗଗୋଡ଼କୁ ଓହ୍ଲାଇ ଆଣି ପୁଞ୍ଜାକ ଗୋଡ଼

Digitized by srujanika@gmail.com

ଏକାଠି ରଖି ବିଶ୍ରାମ ନେଲା । ଯେମିତି ମୋ ଆଡ଼କୁ ବିଜୟଦୃପ୍ତ ଆଖିରେ ଚାହିଁଛି ମୁଁ ପୁଣି କ୍ରୋଧ ବହ୍ନିରେ ଜଳିପୋଡ଼ି ଛାତିକୁ ଜାକି ଧରି କୋଠରୀ ଚାରିପଟ ବୁଲି ଆସିଲି । ଦେଖିଲି ତଳେ ଧାଡ଼ି ଧରି ସାଇଲୋକେ କାର୍ଡ଼ ଦେଖାଇ 'ଘୃତ ଲବଣ ତୈଳ ତଣ୍ଡୁଳ' ସଂଗ୍ରହରେ ଲାଗିଛନ୍ତି । ତାଙ୍କୁ ଦେଖି ମୋର ସାହସ ହେଲା, କ୍ରୋଧ କମିଗଲା, ପ୍ରତିଶୋଧ ନେଇ ପାରିବା ଭରସାରେ ଯଦିଓ ହିଂସାର ମାତ୍ରା କମୁ ନଥାଏ । ବୁଢ଼ୀ ଛେଳିଟା ସବୁ କୋଳି ଖାଇଯିବ, ମୋ ଜେଜେଙ୍କ ଗଛର ଗୟାକୋଳିସବୁ । ଅସହ୍ୟ ! ଚିରାଚରିତ ଅଭ୍ୟସ୍ତ ରୀତିରେ ଆରମ୍ଭ କରିଦେଲି "ଭାଇ ଓ ଭଉଣୀ ମାନେ ! ମୋର ଗଛ ଆପଣମାନଙ୍କ ଗଛ, କାଶ୍ମିରରୁ କନ୍ୟାକୁମାରୀ ଏକ । ସରକାରୀ ସମ୍ପତ୍ତି, ଆପଣଙ୍କ ସମ୍ପତ୍ତି । ମୁଁ କିଏ, ଆପଣ କିଏ, ସମସ୍ତେ ଏକ ମନ, ଏକ ପ୍ରାଣ । ଆସ ମିଳିମିଶି ଛେଳି ମୁହଁରୁ କୋଳି ରକ୍ଷା କରିବା ।" ଆଶ୍ଚର୍ଯ୍ୟ କଥା ! ସେମାନେ ମୋ ଆହ୍ୱାନରେ ଜବାବ ଦେବା ଦୂରେଥାଉ କେହି ତ ମୋ ଆଡ଼କୁ ଚାହୁଁ ନାହାଁନ୍ତି । ମୁଁ ତେବେ ତାଙ୍କୁ ପ୍ରକୃତରେ ଡ଼ାକିଛି ନା ନିଜକୁ ଭୁଲାଉଛି ? ସପ୍ନରେ ମନେ ମନେ ଯିମିତି ପାଟିକରି ଡ଼ାକୁ ଅଥଚ କେହି ଶବ୍ଦ ଶୁଣି ନଥାନ୍ତି ଏଇ ସିମିତି ଡ଼ାକ ନୁହେଁ ତ ? ରକ୍ଷା ! ଏଥର ଛେଳିଟା ଦୁଷ୍କର୍ମରୁ ନିରସ୍ତ ହେଲା । ଧୀରେ ଧୀରେ ଯାଇ ବର୍ଗଫୁଟ ପରିମିତି ଖୁମ୍ବ ଉପରେ ଜାକିଜୁକି ହୋଇ ଶୋଇଲା ମୁଣ୍ଡ ଉପରକୁ ରଖି ଏବଂ ପାକୁଳି ଆରମ୍ଭ କଲା । ମଝିରେ ମଝିରେ କଳ ଦେଇ ମଞ୍ଜି ଗୋଟାକୁ ଗୋଟା ଯିମିତି ବାହାରିଯାଉଥାଏ ସିମିତି ପଛପଟୁ ଲାଞ୍ଜତଳୁ ଶୋଇବା ଅବସ୍ଥାରେ ମଞ୍ଜିପରି କଳା କଳା ଲଣ୍ଡି ବାହାରି ଯାଉଥାଏ । କି ଅଶ୍ଲୀଳ ଜୀବଟା । ଆହାର, ନିଦ୍ରା, ମୈଥୁନ ସବୁ କିଛି, କିନ୍ତୁ ଭୟଟା କୁଆଡ଼େ ଗଲା । ମୋତେ ମୋଟେ ଯଦି ଡ଼ରନ୍ତା ! ଦେଖ, ଆଖି ମିଟି ମିଟି କରୁଛି ! ମଝିରେ ମଝିରେ ନିଦ ହୋଇଯାଉଛି । ଲାଞ୍ଜ ବି ଝାଡ଼ି ଦେଉଛି । ଚେହେରା ବୁଢ଼ୀ ବୟସରେ ବି ବାଗେଇଛି କିମିତି ! କିଏ ଯିମିତି ଚୁଳଗୁଡ଼ାକରେ ତେଲ ବୋଳି ଦେଇଛି ! ଡ଼ାହାଣୀଙ୍କ ପରି ଯାର ବେକତଳେ ଚାରି ଆଙ୍ଗୁଳି ଦାଢ଼ି କିମିତି ଆସିଲା ? ବକ୍ରାଙ୍କ ସିନା ଦାଢ଼ି, ବକ୍ରୀଙ୍କର କେଉଁଠୁ ଆସିବ ? ଆରେ ଏ ପୁଣି କି ଆଶ୍ଚର୍ଯ୍ୟ ! ବେକତଳେ ମୋରି ଯୋଡ଼ାଏ ଆଙ୍ଗୁଳି ପରି ଦୁଇଟା ବଡ଼ ବଡ଼ ଚିର ଥନବେଷ୍ଟି ଅଛି ଓ ଏଇ ଗୁଡ଼ାକ ତେବେ ଅଜାଗଳ ସ୍ତନ ! ଅଦରକାରୀ ଏକଦମ୍ । କି ଚେହେରା ଫୁଟିଛି, ପିଚା ପାଖରେ ପୁଞ୍ଜା ପୁଞ୍ଜା ଲୋମ । କଂସେଇ ବଂଗଦେଶରୁ ଲୋପ ପାଇଗଲେ ନା କ'ଣ ? ଏମିତି ବେକକୁ ଚୋଟେ ଛିଣ୍ଡାଇ ଠାକୁରାଣୀକି ବଳିଦେବା କଥା ।

ଗାଲରୀ ଅନ୍ୟ ଫଳକ ଛାଞ୍ଚି ସଫା କରିବାକୁ ଯାଇଛି, ଦେଖିଲି ତଳେ ଦଳେ ହରିଜନ ଓ ଗିରିଜନ ଯୁବକ-ଯୁବତୀ ଯାଉଛନ୍ତି ଟିଫିନ କେରିଅରମାନେ ଧରି ପ୍ଲାଇ-ଓଭାରରେ ସିମେଣ୍ଟ ଢ଼ଳେଇ କାମକୁ । ଛେଳିଟାର ଏକଦମ ପାଖଦେଇ ଯାଉଛନ୍ତି ପାଟିରୁ ହ୍ୟାଟ୍ ଧେଟ୍ କିଛି ବାହାରୁ ନାହିଁ । ଅଥଚ ଏଇମାନେ ମୋର ବାଡ଼ ଘେରିଥିଲେ, ପାଞ୍ଚଇଞ୍ଚିଆ

Digitized by srujanika@gmail.com

ପାଚେରୀ ଉଠାଇଥିଲେ, ଏମାନଙ୍କୁ ଛାଡ଼ିଲେ ଟଙ୍କା ବନ୍ଦ, ଦାଆ ବନ୍ଦ, ହାତୁଡ଼ି ବନ୍ଦ। ମହାମହା ଦ୍ରୁମ ପାହାଡ଼ରୁ ତଳକୁ ଆଣି ପାରୁଛ, ପାହାଡ଼ ନେଇ ସମୁଦ୍ରରେ ପକାଉଛ, ଛେଳିଟାକୁ ... । ଛାଡ଼ ଯାଙ୍କୁ କହି ଲାଭନାହିଁ। ପାଠୁଆ ତ ଶୁଣିଲେ ନାହିଁ ଏମାନେ କାହିଁକି ଶୁଣିବେ ? ଆଙ୍କା ତଳକୁ ଓହ୍ଲାଇ ନିଜେ ଘଉଡ଼ାଇ ଦେଲେ ହ'ନ୍ତାନି ? କିମିତି ଯିବି, ଏତେ ବଡ଼ କାମଟାଏ ଧରିଛି, ଛିଅର ହେଉଛି ତା'ଛଡ଼ା ଗାଲର ଭାତୁଡ଼ି କଟିଗଲାଣି, ଧନୁଷ୍ଟଙ୍କାର ବି ହୋଇପାରେ ତୁରନ୍ତ ଏଟି ଏସ ନ ନେଲେ।

ତେବେ ଦେଶ ଉଜୁଡ଼ି ଯିବ ? ବନ୍ଦେ ମାତରମ୍ ଶପଥ ଭଙ୍ଗ ହେବନି ? ସନାତନ ଧର୍ମ ? ଗୟା କୋଳି, ମନ୍ଦାର ଫୁଲ ? ଗରମ ଖାଇ ମୋର ଉତ୍ତାପ ଯେତେବେଳେ ଦୁଇଶ ବାର ସେତିକିବେଳେ ବେଶ୍ ପରିତୃପ୍ତ ହୋଇ ଥଣ୍ଡା ମିଜାଜରେ ଛେଳି ଉଠିଲା, ଭିଡ଼ିମୋଡ଼ି ହେଲା ଏବଂ ପୁଣି ଚାଲିଲା କୋଳିଗଛ ଆଡ଼କୁ। ଗୋଡ଼ ଦୁଇଟା ପୂର୍ବ ଭଙ୍ଗୀରେ ଉଠାଇଲା ପୂର୍ବରୁ କ'ଣ ଭାବିଲା କେଜାଣି ମେ ମେ କରି ଦି'ଥର ଡ଼ାକିଦେଲା।

କୁଆଡ଼େ ଥିଲା କେଜାଣି ତା' ସୁନ୍ଦରିଆ ବୋଦା ପିଲାଟା ମାଆ ଯେଉଁ ରାସ୍ତା ଦେଇ ଫାଟକର ଗୋଟାଏପଟ ସିଂହାସନକୁ ଚଢ଼ିଥିଲା ତା'ର ଠିକ୍ ଓଲଟ ରାସ୍ତାରେ ଧୀରେ ଯାଇ ଅନ୍ୟ ଆସନଟା ଅବଲୀଳା କ୍ରମେ ଦଖଲ କରିଗଲା ଏବଂ ଆଶ୍ଚର୍ଯ୍ୟ କଥା ବିନା ଦ୍ୱିଧାରେ ମନ୍ଦାର ଉପରେ ଆକ୍ରମଣ କରିଦେଲା। ସେମାନେ ଦୁହେଁ ନିର୍ବିବାଦରେ ଚରୁଥାନ୍ତି ଏବଂ ମୋ ଆଡ଼କୁ ଥରେ ଥରେ ଚାହୁଁଥାନ୍ତି, ଅନ୍ତତଃ ଚାହୁଁଥାନ୍ତି ବୋଲି ମୁଁ ଭାବୁଥାଏ।

ହାୟରେ ମୋର ତୃତୀୟ ନୟନ ଥାଆନ୍ତା କି ଆଉ ସେଥିରେ ନିଆଁ ଥାଆନ୍ତା କି। ମୃତ୍ୟୁଞ୍ଜୟ ଶିବ ତ କ୍ରୋଧକୁ ଜିଣିପାରିଲେ ନାହିଁ। ତାଙ୍କ ଚିତ୍ତବିକାର ଜନ୍ମାଇଥିବା ମଦନଙ୍କୁ ଭସ୍ମାବଶେଷ କରିଦେଲେ।

ମୋର କ୍ରୋଧ, ଈର୍ଷା, ଜିଘାଂସା ସମସ୍ତେ ଏକତ୍ର ହୋଇ 'ପ୍ରତିଶୋଧ' 'ପ୍ରତିଶୋଧ' ଡ଼ାକିବାକୁ ଲାଗିଲେ। ମୋର ତ ଆଖିରେ ପ୍ରଳାୟାଗ୍ନି ନାହିଁ, ପୋଡ଼ିବାର ଶକ୍ତି ନାହିଁ, ଦୂରରୁ କିନ୍ତୁ ମୁଁ କାଟିପାରିବି। ନୂଆ ବ୍ଲେଡ଼୍‌ଟାକୁ ଫ୍ରେମରୁ ଫିଟାଇ ଧରିଲି। ସେତିକିବେଳେ ବୁଢ଼ୀ ଛେଳିଟା ତା' ବେକର ଆଙ୍ଗୁଳି ଆକାରର ଅଦରକାରୀ ଥନବେଣ୍ଟି ଦି'ଟାକୁ ମୋ ଆଡ଼କୁ କଣେଇ ଚାହିଁ କାନର ଫଡ଼ଫଡ଼ ସହିତ ମେଳ ରଖି, ହଲାଇ ଦେଲା। ଏତିକିବେଳେ ମୁଁ ଯଦି ସେ ଦିଟା ଥନକୁ ଧରି ବ୍ଲେଡ଼୍‌ରେ କାଟି ନ ଦିଏଁ ତେବେ ମୋଠୁଁ ବଳି କାପୁରୁଷ ନପୁଂସକ ଅଛି କିଏ ? ମୁଁ ଏମିତି କରି ରଚ୍ ରଚ୍ କରି ଦି'ଥରରେ କାଟିଦେବି ଏବଂ ଯୋଡ଼ାକଯାକ ସାଇବାଲାଙ୍କ ଆଗରେ ଥୋଇ କହିବି "ହେଇ ଦେଖ ଭାଇମାନେ। ମୁଁ ତା' ଥନ କାଟି ଦେଇଛି। ତୁମପରି ମୁଁ କାଓ୍ୱାର୍ଡ଼ ନୁହେଁ। ହେଇ ଦେଖ, ଛେଳିଟା କେମିତି ଡ଼ରରେ ପଳାଇ ଯାଉଛି ତା' ବାଲବଚା ଧରି।"

Digitized by srujanika@gmail.com

ସତକୁସତ ଯଥା ସମୟରେ ଛେଳି ଆଉ ତା' ପିଲା ଆପେ ଆପେ ମନକୁ ମନକୁ ମୋ ଫାଟକ ଦ୍ୱାରର ସିଂହାସନରୁ ତଳକୁ ଖସିଗଲେ । ମୋର କ୍ରୋଧ ଶାନ୍ତହେଲା, ମୁଁ ପ୍ରକୃତିସ୍ଥ ହେଲି । ମାତ୍ର ଏ କ'ଣ ? ଯାହାକୁ ଅଜାଗଳସ୍ତନ ବୋଲି ଦାନ୍ତ କଡ଼ମଡ଼ କରି ଅଚୈତନ୍ୟ ଅବସ୍ଥାରେ କାଟିଛି ତାହା ସେ ଦି'ଟା ଚିର ନୁହେଁ ମୋର ନିଜର ଦି'ଟା ଆଙ୍ଗୁଳି, କାନି ଆଉ ଅନାମିକା ।

# ସାନ୍ଧ୍ୟ ଭାଷା

ଏ ପାହାଡ଼ଗୁଡ଼ାକ ତେବେ ହେଇଛି କାହିଁକି ?

କାହିଁକି ହେଇଛି ? ଦେଖିବା ପାଇଁ । ଦୂରରୁ । ଦୂରରୁ ପର୍ବତ ସୁନ୍ଦର ଦିଶେ ପଢ଼ିନ ପିଲାଦିନର ବହିରେ ?

କାବ୍ୟିକ ପୂର୍ବାବଧାରଣଗୁଡ଼ାକ ତୁମର ସବୁ ଏମିତି । ଯାହା କହନ୍ତି ପ୍ରିଜୁଡ଼ିଶ୍ । କ'ଣ ନା ଦୂରରୁ ପାହାଡ଼ ସୁନ୍ଦର ! ସୁନ୍ଦରେ ତୃପ୍ତିର ଅବସାଦ ନାହିଁ । ମୁଁ କହେଁ ପାହାଡ଼ଗୁଡ଼ାକ ଦୂରରୁ ଦେଖିବା ପାଇଁ ଯେତେ ସୁନ୍ଦର ପାଖରୁ ଚଢ଼ିବା ପାଇଁ ତାଠୁ ବଳି ସୁନ୍ଦର, ଭଲ । କିସମ୍ କିସମ୍ ପାହାଡ଼ ଅଛି । ବଡ଼ ବଡ଼ ପାହାଡ଼ ଭୟଙ୍କର । ଡ଼ର ମାଡ଼େ ଚଢ଼ିବା ପାଇଁ । ଅସ୍ମିତା ବିସ୍ମୟରେ ନିମଗ୍ନ ହୁଏ । ସେ ସବୁ ପାହାଡ଼ ପକ୍କା ପେଶାଦାର ଚଢ଼ାଳିଙ୍କ ପାଇଁ । ଆମ ପରି ସାଧାରଣ ଲୋକେ ଛୋଟ ଛୋଟ ପାହାଡ଼ ପସନ୍ଦ କରନ୍ତି । ଯାହାକୁ ଆମେ ଡୁଙ୍ଗୁରି କହୁ; ବାଙ୍ଗେରୀ କହିଲେ ଚଳିବ । ମଦ ଟା' ଅକସିଜେନ୍ ଖାଦ୍ୟ ପାନୀୟ ମୁଖା ସାଙ୍ଗସାଥୀ କୁଲି ଶ୍ରମିକ କିଛି ଦରକାର ନାହିଁ, ଗଳଦ୍‌ଘର୍ମ ହେବନାହିଁ । ବିନା ଖର୍ଚ୍ଚ, ଅଳ୍ପ ପରିଶ୍ରମରେ ଅସମ୍ଭବ ଲାଭ । ପାହାଡ଼ ଚଢ଼ିବାକୁ ତୁମର ଏତେ ବିତୃଷ୍ଣା କାହିଁକି ? ତୁମର କଣ ପୌରୁଷ ନାହିଁ ?

ଆପଣଙ୍କର ମଥାରେ ଗୋଟାଏ ଅଧେ ସ୍କ୍ରୁ ଢ଼ିଲା ଅଛି । ସତରେ ଏ ପାହାଡ଼ ଚଢ଼ାରେ କଣ ଲାଭ ?

କବିତା ଲେଖି କଣ ଲାଭ ? ଫୁଲ ଶୁଙ୍ଘି କଣ ଲାଭ ? ପ୍ରେମ କରି କ'ଣ ଲାଭ ? ନାରୀ ପରି ପାହାଡ଼ର ବି ଏକ ସତନ୍ତ୍ର ଆକର୍ଷଣ ଅଛି, ମାୟାମମତା ଅଛି, ଆହ୍ୱାନ ଅଛି, ଚେଲେଞ୍ଜ ଅଛି । ନହେଲେ ନିଉଜଲାଣ୍ଡର ଲୋକେ ଏଭରେଷ୍ଟ ଚଢୁଥାନ୍ତେ ।

Digitized by srujanika@gmail.com

ହଁ, ଚଢୁଛନ୍ତି, ଗୋଡ଼ହାତ ଭାଙ୍ଗୁଛନ୍ତି, ଆଣ୍ଠୁଗଣ୍ଠି ଛିଣ୍ଡାଉଛନ୍ତି, ତଳକୁ ଗଡ଼ି ଗଡ଼ି ମରୁଛନ୍ତି । ମୁଁ ଆପଣଙ୍କ ସାଙ୍ଗରେ ଯିବି ନାହିଁ । ଆଚ୍ଛା ଏ ପାହାଡ଼ ଚଢ଼ା ରୋଗ ଆପଣଙ୍କୁ କେବେଠୁଁ ଧରିଲାଣି ? ସତରେ କେବେ ଆପଣ ପାହାଡ଼ ଚଢ଼ିଛନ୍ତି ?

ପାଗଳ ନା କ'ଣ ? ଜୀବନଯାକ ବିତିଲାଣି ପାହାଡ଼ ଚଢ଼ି ଚଢ଼ି । ଯେଉଁଠାକୁ ଯାଇଛି ସାନ ବଡ଼ ପାହାଡ଼ ଚଢ଼ିଛି । ପାହାଡ଼ ଦେଖିଲେ ମୋ ଗୋଡ଼ହାତ ଛଟପଟ ହୁଏ । ଖାଣ୍ଟି ପାହାଡ଼ ନିତି ନୂଆ ନୂଆ ଦିଶେ, ଘଡ଼ିକି ଘଡ଼ି ଆନ, ସୁନ୍ଦରେ ତୃପ୍ତିର ଅବସାଦ ନାହିଁ । ଆଚ୍ଛା, ଘଡ଼ି ଦେଖ ତ କେତେ ବାଜିଲାଣି ?

ସାଢ଼େ ପାଞ୍ଚ । ବେଶ୍ ଉଠିବାକୁ ପନ୍ଦର ମିନିଟ୍, ପାଞ୍ଚ ପଇଁଚାଳିଶିରେ ଆରମ୍ଭ କଲେ ଛଅରେ ମୁଣ୍ଡରେ ପହୁଞ୍ଚିବା, ରହିବ ପନ୍ଦର ମିନିଟ୍ । ଫେରିବାକୁ ବି ଧର ପନ୍ଦର ମିନିଟ୍ । ଉଠିବାକୁ ଓହ୍ଲାଇବା ଆରାମଦାୟକ ହେଲେ ବି ବିପଦଜନକ, ଗୋଡ଼ ଖସିଯିବ ଟରବର ହେଲେ ।

ମୁଁ ଷ୍ଟାର୍ଟ କରୁଛି, ପଛରେ ବସନ୍ତୁ । ମୁଁ ଆପଣଙ୍କ ସଙ୍ଗରେ ଯିବି ନାହିଁ । ମୋର ଟିଉସନ ଅଛି ।

ଭଲ, ଟିଉସନ କର, ଓଭରଟାଇମ କର, ତାଙ୍କୁ ସାଙ୍ଗରେ ନେଇ ଆମ୍ରବାଗାନ, ଇସ୍ପାତ, ସୁପର ମାର୍କେଟ କିଣାକିଣି, ବୁଲାବୁଲି କର, ସିନେମା ଦେଖ ଯୋଡ଼ାଯୋଡ଼ି ହୋଇ, ଶାଢ଼ୀ ସ୍କୁଟର ରେଡ଼ିଓ କର, ଘର ତୋଳ, ଭଡ଼ା ଦିଅ । ଏଇ ତ ଜୀବନ । "ଇସ୍ପାତ ନଗରୀ ଆପଣଙ୍କୁ ସ୍ୱାଗତ କରୁଛି ।" ସେଇ ନଗରୀର ଛାତି ଉପରେ ଯୋଡ଼ାଏ କେଡ଼େ ସୁନ୍ଦର ପାହାଡ଼ ରହିଛି ତାକୁ ଚଢ଼ିବାକୁ କେବେ ମନ ହେଉନି ? I will arise and go now ଚାଲ । ତୁମେ ନପୁଂସକ, ପାହାଡ଼ ଚଢ଼ିବ ? ଲାଜ ମାଡ଼ିବ ନି ?

ସାଇଡ଼୍ କରି ବସନ୍ତୁନି । ଦୁଇପଟେ ଦୁଇଟା ଗୋଡ଼ ଦେଇ ବସନ୍ତୁ । ମୋ କାନ୍ଧକୁ ଧରନ୍ତୁ । ହେଲା, ଠିକ୍ ପୋଜିସନ ନେଇ ବସିଲେ ତ ?

ତୁମେ ମୋର ଅଭିଜ୍ଞତା କଥା ପଚାରୁଛ ? ଶୁଣିବା ପୂର୍ବରୁ ଏଇ ଦେଖ, ପାହାଡ଼ଟା କିମିତି "ଚିର ଉର୍ଦ୍ଧ୍ୱଚୂଳ ଅନୁପମ ଅହଂକାରେ ।" ଏ ଅହଂକାରକୁ ଭାଙ୍ଗିଦେବା ପାଇଁ ଇଚ୍ଛା ହୁଏନି ଟୁକୁରା ଟୁକୁରା କରି ? ଉଠେଇ ପାରାଦୀପରେ ତାର ସମସ୍ତ ସ୍ପର୍ଦ୍ଧା ଭାଙ୍ଗି ବୁଡ଼ାଇ ଦେବାକୁ ଇଚ୍ଛା ହୁଏନି ? ହେଲେ ବୁଡ଼ାଇ ପାରିବେ ? ନ ବୁଡ଼ି ବୁଡ଼ି ଶୈଳ ସଲିଳ ଉପରରେ ରହିଯିବ । 'ଦେଖି ମନ୍ଦର କୁଟ ବଢ଼ିବାର' ପାଞ୍ଚ ନଥିଲା କି ପାଇଁ ସାଗରରେ ବୁଡ଼ି ନ ମଲି ।

ଆପଣଙ୍କର ପ୍ରଚଣ୍ଡ ଇମୋଶନ, ସେନ୍‌ସିବିଲିଟି, ପ୍ରାୟ ଲୁନାଟିକ୍ ଅବସ୍ଥାକୁ ଆସିଗଲେଣି । ଆପଣଙ୍କ ବୟସକୁ ଚାହିଁ ମୋର ଭୟ ହେଉଛି ଆପଣ କେଉଁଠି

Digitized by srujanika@gmail.com

ପଡ଼ିଯିବେ, ହୁଏତ ମୁଣ୍ଡ ବୁଲାଇଦେବ, ତଳକୁ ଗଡ଼ି ଗଡ଼ି ଆସିବେ ଚିକ୍‌କଣ ପାହାଡ଼ ଉପରୁ ।

ତୁମେ ସେ ଭୟ କରନା, ଟିଉସନକୁ ଯାଅ । ଆଉ ଖଣ୍ଡେ ନେଇଯାଅ, ସେଇ ଯେ ଚା' ଦୋକାନଟା ଦିଶୁଛି, ସେଇଯାକେ । ମୋର ପାହାଡ଼ ଚଢ଼ା ଅଭିଜ୍ଞତା ତୁମକରେ ଶୁଣିଯାଅ । ମୁଁ ଯୁଆଡ଼େ ଯାଇଛି ପାହାଡ଼ ନ ଚଢ଼ିଛି ନାହିଁ, ଜୀବନଯାକ । ନଇନୀତାଲରେ ନଇନୀ ଶୃଙ୍ଗ ଚଢ଼ିଛି, ହିମାଳୟ ଦେଖିଛି, ନଇନୀ ହ୍ରଦ ଦେଖିଛି, ଭାଇଜାଗରେ ଡ଼ଲଫିନ୍ ଶୃଙ୍ଗ ଚଢ଼ିଛି, ଡ଼ଲଫିନ୍ ସମୁଦ୍ର ଦେଖିଛି, ସିମିଳିପାଳ ଚଢ଼ିଛି, ବରେହିପାଣି ପ୍ରପାତ ଦେଖିଛି, ତା ଛଡ଼ା ନୀଳଗିରିରେ ସ୍ୱର୍ଣ୍ଣଚୂଡ଼, ଉଦଳାରେ ଦେଓକୁଣ୍ଡ, ଗାଁରେ ସମୁଦ୍ର, ସେଇଠି ହ୍ରଦ, ସେଇଠି ନଈ ନାଳ, କୁଳୁକୁଳୁ ଝରଣା, ସେଇଠି ଝାଉଁ ଦେବଦାରୁ ଶାଳ ବଣ । ପାହାଡ଼ ଆଉ ପାଖରେ କଣ ଅଛି ଦେଖିବାକୁ ଇଛା ହୁଏନା ? ତୁମେ ଅତି ବେଶୀ ମାତ୍ରାରେ ପ୍ରୋଜାଇକ୍, ମେଟିରିଏଲିଷ୍ଟିକ୍ । କଟକରୁ ଚଣ୍ଡୀଖୋଲ ଆସୁ ଆସୁ କେବେ ବସ୍‌ରୁ ବାଁ ପଟକୁ ଯେଉଁ ଯୋଡ଼ି ଜାଉଁଳି ପାହାଡ଼ ଦିଶେ ତାକୁ ଭଲକରି ଦେଖିବ ତ ଶାୟିତା ଲାବଣ୍ୟବତୀ ପରି ଦୃଶ୍ୟଟା ଦିଶୁଛି କି ନାହିଁ ? ପୁଣି ଦେଖିବ ଗୋଟାକ ଅଗରେ ଗଛଟା ଦୂରରୁ ଚୁଚୁକାଗ୍ର ପରି ଦିଶୁଛି ।

ବାସ୍ ଏଇଠି ରହିଲି । ବର୍ତ୍ତମାନ ପାଞ୍ଚଟା ପଇଁଚାଳିଶି । ମୁଁ ଠିକ୍ ସାଢ଼େ ଛଅଟା ବେଳକୁ ଯାହାକୁ ହେଉ ଜଣକୁ ଏଇଠି ସ୍କୁଟର ନେଇ ଅପେକ୍ଷା କରିବାକୁ କହିଥିବି । ଏଇ ଦୋକାନୀକି କହିଯାଇଛି ଚା' ବା କଫି ଯାହା ଚାହିଁବେ ଦବ । ଯାଉଛି, ଗୁଡ଼୍‌ଲକ୍ ।

ପାହାଡ଼ ଯେବେ ଚଢ଼େଁ ମୁଁ ଏକା ଚଢ଼େଁ । ଗଣଆରୋହଣ ମୁଁ ପସନ୍ଦ କରେନି । ମୁଁ ହେଜ୍‌ଲିଟ୍‌ପନ୍ଥୀ । ଏକା ଚଢ଼ିଲେ ଯଦି କେବେ କିଛି ଅମିଳ ଚିଜ ପାଇଲି ବା ଦେଖିଲି ତାହା ମୁଁ କାହା ସହିତ ଭାଗ କରିବାକୁ ଚାହେଁନି । ଏକୁଟିଆ ଯତି ରଖି ପାଦ ପକାଉଥିବ, ପାହାଡ଼ର ଆତ୍ମାର ଦୁକଦୁକି ସହିତ ନିଜର ସ୍ପନ୍ଦନ ମିଳାଉଥିବ, ଗୁଣୁଗୁଣୁ ଗୀତ ସୁର ବେସୁରାରେ ଗାଉଥିବ ସ୍ୱର୍ଗ ଆଉ କେତେ ଦୂର କି, ପାହାଡ଼ ଉପରେ ସନ୍ଧ୍ୟାତାରା ପାଖରେ ହାତ ପହୁଞ୍ଚାରେ ନା !

ହିମାଳୟଟା କଣ ପାହାଡ଼ ? ଦେବତାତ୍ମା ନଗାଧିରାଜ । ପୂର୍ବାପରୌ ତୋୟନିଧିବଗାହ୍ୟ ପୃଥିବୀର ମାନଦଣ୍ଡ ରାଉରକେଲାର ମାନଦଣ୍ଡ । ମୋ ସମ୍ମୁଖରେ ନୂଆ ପୁରୁଣାକୁ ଅଲଗା ଅଲଗା କରି ଓଜନ କରି ଦେଉଛି । ପାର୍ବତ୍ୟ କନ୍ୟାଙ୍କ ତପସ୍ୟାସ୍ଥଳ, ବିହାରସ୍ଥଳ ହୋଇଥିବ ?

ଖଣ୍ଡେଦୂର ଚଢ଼ିଛି ଦେଖିଲି ତିନୋଟି ଚିକ୍କଣ ମସୃଣ ପଥର ଠିକ୍ ସୋପାନ ପରି । ଯିମିତି କହୁଛି 'ଚଢ଼' । ତପସ୍ୟାରତା ପାର୍ବତୀଙ୍କ ସୌନ୍ଦର୍ଯ୍ୟ ପ୍ରଥମ ବାରିବିନ୍ଦୁର ପତନ ଜରିଆରେ ଯେମିତି ମହାକବି ବର୍ଣ୍ଣନା କରିଛନ୍ତି ତାକୁ ଟୀକାକରି ମଲ୍ଲୀନାଥ ଗୋଟିଏ ଶ୍ଳୋକ ଉଦ୍ଧୃତ କରିଛନ୍ତି ଯାହାର ଅର୍ଥ ବାଳାର ତଳିପେଟରେ ଯେଉଁ ତିନୋଟି ବଳି

Digitized by srujanika@gmail.com

ଅଛି ତାହା ବଳି ନୁହେଁ, କାମଦେବ ଚଢ଼ିବା ପାଇଁ ତିନୋଟି ସୋପାନ ଶ୍ରେଣୀ । ପାହାଡ଼ୀ କନ୍ୟାର ବଳିଦେଇ ଚଢ଼ିବା ଆରମ୍ଭ କଲି ।

ଖଣ୍ଡେଦୂର ଯାଇଛି ଦେଖିଲି ବାଆଁ ଶୃଙ୍ଗ ଆଡ଼କୁ ଯାଇଥିବା ପାଖଦେଇ ଆଉ ଏକ ରାସ୍ତା, ସେ ରାସ୍ତାରେ ଗଲେ ଟେଲେକ୍ସ ଘରଟା ଦିଶୁଛି ସ୍ତନାଗ୍ର ପରି । ବେଶୀ ବ୍ୟବହୃତ ବୋଲି ମୁଁ କ୍ୱଚିତ୍ ଅଭିପ୍ରେତ ଅନ୍ୟ ଶୃଙ୍ଗ ଆଡ଼କୁ ପଡ଼ିଥିବା ରାସ୍ତା ଧଇଲି । ଶୃଙ୍ଗୋପରି ଶୃଙ୍ଗ ପରି ଚିନ୍ତା ପରେ ଚିନ୍ତା, ଭାବନା ପରେ ଭାବନାର ଢେଉ ମାଡ଼ିଆସିଲା । ପାହାଡ଼ ଗୁଡ଼ାକର ମହିମା ଅପାର । ଗ୍ରୀସର ଦେବାଦେବୀ ଏଇ ପାହାଡ଼ ଉପରେ, ଅଲିମ୍ପାସ ପାହାଡ଼ ପାର୍ନେଶାସ ପାହାଡ଼ରେ ସମସ୍ତେ ଭିଡ଼ବାନ୍ଧି ରହିଛନ୍ତି । କୈଳାସରେ ଆମର ଦେବାଦିଦେବ ମହାଦେବ, ବଦ୍ରିନାଥ ବି ସେଇ ଲିଙ୍ଗ । ମନ୍ଦିର ପର୍ବତ ଛଡ଼ା ସମୁଦ୍ର ମନ୍ଥନ କିମିତି ସମ୍ଭବ ହୁଅନ୍ତା ଅମୃତ ପାଇବା ପାଇଁ ? ଧର୍ମ ପ୍ରଚାର କରିବାକୁ ହେଲେ ବି ପାହାଡ଼ । ସର୍ମନ ଅନ୍ ଦି ମାଉଣ୍ଟ କେଉଁଠୁ ପ୍ରଚାରିତ ହୋଇଥିଲା । ଅଶୋକ ମହାରାଜା କେଉଁଠି ଲେଖିଥିଲେ ଧର୍ମତତ୍ତ୍ୱ । "ଧଉଳି ପାହାଡ଼ ଧଉଳି ପାହାଡ଼ କି କଥା କହିଲ ରାଜାଙ୍କ କାନେ" ? ପାହାଡ଼ର ବି ନିଜର ମେସାଜ୍ ଅଛି । ଆମ ଶ୍ରୀକୃଷ୍ଣ ଯେତେବେଳେ ପୁତନାର କ୍ଷୀର ସଙ୍ଗେ ପ୍ରାଣ ଶୋଷିଲେ ଏବଂ ପାହାଡ଼ ଉଚ୍ଚର ରାକ୍ଷସୀଟା ମଲା ଗିରି ଆରୋହଣ ସୁଖ ଶିଶୁ ଅବଶ୍ୟ ପାଇଥିବେ, ପରବର୍ତ୍ତୀ କାଳରେ "ଗିରି ବାମ କରେ ଧଇଲେ" "ଯାମଳ ଭୂଧର ମରଦନିଆଁ ଚାକର" "ପରିଚୟ ଚତୁର" ହେଲେ କେମିତି ? ଦେବ ଦାନବ ମାନବ ଏପରିକି ଜୀବଜନ୍ତୁ ସମସ୍ତଙ୍କର ଅତି ଆଦରର ଏ ପାହାଡ଼ ସୃଷ୍ଟି । ଏଇ ପାହାଡ଼ ଭିତରେ ନିଆଁ ଏଇ ପାହାଡ଼ରୁ ଆଗ୍ନେୟଗିରି ।

ଏହି ତ ଅଗ୍ରଭାଗରେ ପହୁଞ୍ଚିଲି । କେଡ଼େ ଅନାୟାସରେ ଚଢ଼ିପାରିଲି । ଖାଲି ସାମାନ୍ୟ ଝାଳ ବାହାରିଲା, ଦିହଟା ଟିକିଏ ଉଷୁମ ଲାଗିଲା । କାହିଁ ଭୟ ଆଶଙ୍କା ମୋତେ ଅସ୍ତବ୍ୟସ୍ତ କଲାନି ? ବର୍ତ୍ତମାନ "ଦେଖଇ ନେତ୍ର ଯାହା ଚଉଦିଗର ସେ ସର୍ବର ଅଟଇ ମୁଁ ଅଧୀଶ୍ୱର"। ଏବେ ମୁଁ ଶିଳା ଗୃହର ଅନ୍ଧକାରରୁ ଖସି ଆସିଛି, କି ନରମ ପବନ, ମୁକ୍ତିର କି ଆରାମ । ଦଣ୍ଡେ ବିହ୍ୱଳ ହୋଇଗଲି । ଇଲିଅଟଙ୍କ ପଂକ୍ତି ଯହିଁରେ ସେ କହିଛନ୍ତି ସନ୍ଧ୍ୟାଟା ଇଥର ଦିଆହୋଇଥିବା ରୋଗିଣୀ ପରି ଶୋଇଯାଇଛି ତାର ପ୍ରକୃତ ସତ୍ୟ ଉପଲବ୍ଧ କଲି, କାରଣ ମୁଁ ମଧ୍ୟ ବି ସନ୍ଧ୍ୟାର ସତ୍ତାର ଏକ ଅଙ୍ଗ ବା ଅଂଶ ବା କଣିକାଏ ହୋଇଯାଇଛି । ଅସ୍ତଗାମୀ ସୂର୍ଯ୍ୟ ଟଳିଟଳି ଓହ୍ଲାଇଛନ୍ତି ରଞ୍ଜିତ ଜଳଦ ମଣ୍ଡରୁ, କୋଏଲ ନଦୀ ଟେମସ୍ ନଦୀ ପରି ଧୀର ମନ୍ଥର ଗତିରେ ବହୁଛି । ପ୍ଲାଣ୍ଟର ଧୂଆଁ ମେଘସବୁ ଜମାଟ ବାନ୍ଧୁଛନ୍ତି ନାନା ରଙ୍ଗରେ; ତଳେ ପାଚିଲା ଧାନ କିଆରୀ, ବିଲ ବନ ପୋଖରୀ ସବୁ ଏକାକାର । ଟ୍ରେନ୍‌ଟା ମଧ ସଁବାଳୁଆ ପରି ଯାଇଛି । ଏଣେ ଟାଉନ୍‌ସିପ୍ ମଧ ସନ୍ଧ୍ୟାର ନିଶ୍ୱାସ ମାରୁଛି । ରାଉରକେଲାର ଏଡ଼େ ବିରାଟ ବିରାଟ ଦୁଇଟା ଅଂଶକୁ

Digitized by srujanika@gmail.com

ପୃଥିବୀ କିମିତି ଚାଲିଛି ଦେଖିବା ପାଇଁ ଆସିବେ ସେ ନିଶ୍ଚେ ଗୋଟାଏ ପାହାଡ଼ର ଆଗରେ ଛିଡ଼ାହେବେ । ଯିମିତି ମୁଁ ଛିଡ଼ା ହୋଇ ସମଗ୍ର ସହରକୁ ଦେଖୁଛି । କି ଗ୍ରେଣ୍ଡ୍ ପେନୋରିମିକ୍ ଭିଉ !

ମୁଗ୍ଧ ଚକିତ ଅବସ୍ଥାର ସମାପ୍ତି ହେଲା କେତୋଟି ଗୋରୁଗାଈ ମେଣ୍ଢାଛେଳିର ବେକରେ ବନ୍ଧା ଟିପା ଶବ୍ଦରେ । ଝାଳରେ ମୁଦି ହୋଇଯାଇଥିବା ଆଖିକି ରୁମାଲରେ ପୋଛି ଚାହିଁଲି । କେବଳ କବିତାରେ ବା ବଡ଼ ବଡ଼ ଚିତ୍ରକରଙ୍କ ଛବିରେ ଦେଖିଥିବା ଏକ ପେଷ୍ଟୋରାଲ ଦୃଶ୍ୟ । ପ୍ଲାଷ୍ଟ ପଟ ଗଡ଼ାଣିଆ ପାହାଡ଼ର ବିସ୍ତୀର୍ଣ୍ଣ ଇଲାକା ପୁରା ଜୀବନ୍ତ, କର୍ମମୟ । ସଂଖ୍ୟାତୀତ ଗୋରୁଗାଈ ଛେଳିମେଣ୍ଢା ଆଗତପ୍ରାୟ । ସନ୍ଧ୍ୟାର ଶାନ୍ତି ଓ ନୀରବତାକୁ ଆଦୌ କ୍ଷୁର୍ଣ୍ଣ ବା ବ୍ୟାହତ ନ କରି ନିଃଶବ୍ଦରେ ଡ଼ାଳପତ୍ର ଖାଉଛନ୍ତି ନିର୍ଭୟରେ । ବେକର ଟିପା ବାଜୁଛି, ଖୁରା ପଥରରେ ବେଳେ ବେଳେ ଖଟ୍ ଖଟ୍ କରୁଛି; ଯାହା କର୍କଶ ତାହା ବି ମଧୁରତାରେ ମିଶିଯାଉଛି । ଯେଉଁଠି ଛିଡ଼ା ହୋଇଥିଲି ପାହାଡ଼ର ଶୀର୍ଷ ଦେଶରେ ସେଇଠି କୋମଳ ସ୍ପଞ୍ଜ ପରି ଶୈବାଳମୟ ଓଦାଳିଆ ଝାଳୁଆ ଜାଗାଟାଏ ଥିଲା, ଭାବିଲି ଦଣ୍ଡେ ତାରି ଉପରେ ପେଟେଇ ପଡ଼ି ପାହାଡ଼ର ସ୍ପନ୍ଦନ ଅନୁଭବ କରନ୍ତି ।

ହଠାତ୍ ପୁଣି ବାଁପଟୁ ଏକ ମେଷପାଳକର ଚିତ୍କାର ଶୁଭିଲା । ଜନମାନବଶୂନ୍ୟ ଇଲାକାରେ ଏକମାତ୍ର ମନୁଷ୍ୟ ସ୍ୱରରେ ଆକୃଷ୍ଟ ହୋଇ ସେ ଆଡ଼କୁ ଅନାଇଲି । ବୁଢ଼ାଟିଏ । ମେଷପାଳକ ଯିମିତି ହେବା କଥା । ପାହାଡ଼ର ଏକ ଅଂଶ ପରି ଦିଶୁଛି ପଥର ଉପରେ ବସିଥିବା ଲୋକଟା । ନିଷ୍ପନ୍ଦ, ନିର୍ବିକଳ୍ପ, ଅସ୍ତଗାମୀ ସୂର୍ଯ୍ୟ ତାକୁ ଦୁଃଖ କଷ୍ଟ ନଥିବା ଦୁନିଆଁ କଥା ମନେପକାଇ ଦେଉନାହିଁ ତ ? ଥରେ ଥରେ ଫେର ବଡ଼ ସନ୍ଧ୍ୟାତାରାଟା ଆଡ଼କୁ ଚାହୁଁଛି କାହିଁକି ? କଣ ପଚାରୁଛି ?

ଆରେ ଇଏ କିଏ ? ଗାଈ ଗୋରୁ ମେଣ୍ଢା ଛେଳି ଭିତରୁ ତ କିଛି ନୁହେଁ । ବିଲର ହିଡ଼ଦେଇ କେତେବେଳେ ଆମ ଆଡ଼କୁ ବଣବୁଦା ଦେଇ ଉଠିଆସିଲାଣି । ଆରେ ଜୁଆଣ ଝିଅଟାଏ । କି ସ୍ୱାସ୍ଥ୍ୟ ! କି ସମ୍ପଦ ! ମୁହଁଟା ଟିକିଏ ଫିକ୍କା ପଡ଼ିଛି, ଯାର କ'ଣ ଦୁଃଖ ଥିବ ଜୀବନର ପ୍ରାରମ୍ଭରେ । ମୋ ଆଡ଼କୁ ଆସିଲେ ସେ ରଙ୍ଗଲତାକୁ ପାଖରୁ ଦେଖିବି ଭାବୁଛି ସେ ଆସିଲା ନାହିଁ। ପଥର ଉପରେ ନିର୍ବିକଳ୍ପ ହୋଇ ବସିଥିବା ବୁଢ଼ା ପାଖକୁ ଶାଢ଼ୀ ଟେକି ଟେକି ଆଗେଇଲା ଏବଂ ତାରି ପାଖରେ ବସି ଥକା ବା ଦୁଃଖ ମେଣ୍ଟାଇବା ପାଇଁ ପୂରାପୂରି ତ ଦିହ ବୁଢ଼ା ଦିହରେ ଆଉଜାଇ ମୁଣ୍ଡଟାକୁ କାନ୍ଧ ଉପରେ ରଖିଦେଲା । ଯିମିତି ବୁଢ଼ାଟା ତା ବାପା । ରକ୍ଷାକର୍ତ୍ତା, ପାଳନକର୍ତ୍ତା । ଗାଈ ଗୋରୁ ଛେଳି ମେଣ୍ଢାଙ୍କ ରକ୍ଷକ ପାଳକ ଭଳି । କାନିରେ କଣ ବାନ୍ଧିଥିଲା ତାକୁ ଫିଟାଇ ବୁଢ଼ାକୁ ଦଣ୍ଡେ ପରେ ଦେଲା ଏବଂ ମୁଣ୍ଡ ଟେକି ବସିଲା ଏବଂ ନିର୍ନିମେଷରେ ଅନ୍ୟ ଦିଗରେ ପାହାଡ଼ର ତଳ ପ୍ରଦେଶ ଆଡ଼କୁ ଅପେକ୍ଷମାଣର ଦୃଷ୍ଟିରେ ଚାହିଁରହିଲା । ବୁଢ଼ାଟା ଚୂନ ଦୋକତା ଦଳାଦଳି କଲା, ହାତପାପୁଲି ଠୋ ଠୋ କରି ଝାଡ଼ିଝୁଡ଼ି ମୁଖ ଗହ୍ୱରକୁ ସେ

Digitized by srujanika@gmail.com

ସବୁ ଫୋପାଡ଼ି ଦେଲା । ଦୁହେଁ କିଛି କଥାବାର୍ତ୍ତା ହେଉଛନ୍ତି ବୋଲି ମୁଁ ଆଦୌ ଜାଣିପାରିଲି ନାହିଁ । ପ୍ରକୃତରେ ସେମାନେ ଲଗାଲଗି ହୋଇ ବସିଥିଲେ ପରସ୍ପର ବୁଝାମଣା ଥିଲେ ବାକ୍ୟର ଆବଶ୍ୟକତା ନଥାଏ । ଝିଅଟା, ମୁଁ ଭାବିଲି, ମୋ ଆଡ଼କୁ ଆସିଥାନ୍ତା କିନ୍ତୁ ମୋତେ ଦେଖିବା ପରେ ବୋଧହୁଏ ମୋତେ ଅବାଞ୍ଛିତ ମନେ କରି ଅନ୍ୟ ବୁଢ଼ାର ଆଶ୍ରୟ ନେଲା ।

ସୂର୍ଯ୍ୟ ଏଥର ଶେଷ ଲାଲି ରେଖା ଟିକକ ଧରି ତଳକୁ ଚାଲିଗଲେ । ଛଅଟା ଆଠ ମିନିଟ୍ । ଆଉ ଅତି ବେଶୀ ହେଲେ ସାତ ଆଠ ମିନିଟ୍ ମୁଁ ଏଠି ରହିପାରେ । ଗୋଧୂଳି ବେଶୀ ସମୟ ରହିନପାରେ ।

ଆରେ ଏ କି ଅଦ୍ଭୁତ ! ଅପ୍ରତ୍ୟାଶିତ ! କେହି ନଥିବା ସ୍ଥାନରେ ମୋ ଛଡ଼ା ଥିଲା ଏକ ବୁଢ଼ାଟା, ତାପରେ ଏକ ଜାଗାରେ ଦୁଇ- ସେହି ଝିଅଟା । ଦୁଇ ଜାଗାରେ ଏ ତିନି । ବଢ଼ିଆ ତାଗଡ଼ା ଟୋକାଟା ପ୍ଲାଣ୍ଟ ଆଡୁ କେତେବେଳେ ଆସି ମୋ ଡ଼ାହାଣ ପାଖରେ ଖଣ୍ଡେ ଦୂରରେ ଛିଡ଼ା ହୋଇଗଲାଣି । ସେ ଝିଅଟା ବୁଢ଼ାପାଖରୁ ଉଠିଆସି ଯିମିତି ତା ପାଖରେ ପହୁଞ୍ଚିଛି ଦୁହେଁ ମୋ ପାଖରୁ ପ୍ରାୟ ଶହେ ହାତ ଦୂରର ଗୋଟାଏ ଖୋଲା ଘାସୁଆ ଜାଗାରେ ପାଖକୁ ପାଖ ଲାଗି ବସିଗଲେ । ପ୍ରେମିକ ପ୍ରେମିକା ନା ସ୍ୱାମୀ ପୁରୁଷ ? ପାଖିଦେଇ ଝିଅଟା ଗଲାବେଳେ ଦେଖିଲି ସୁନ୍ଥାରେ ସିନ୍ଦୂର ନାଇଚି । ପବନଟା ତାଙ୍କଆଡୁ ମୋ ଆଡ଼କୁ ଆସୁଥାଏ । କେତେବେଳେ କିମିତି ଝିଅଟାର କଥା ପଦେ ଅଧେ ଭାସି ଆସୁଥାଏ, ବାରି ହେଉଥାଏ ହେଉ ନଥାଏ ।

ଏ ବଡ଼ ଅଜବ ଦୁନିଆଁ । ଏ ପାହାଡ଼ରେ ଏମିତି ଅଦ୍ଭୁତ ସମାବେଶ କିମିତି ! ଗୁଡ଼ାଏ ଗୋରୁ ଗାଈ ଛେଳି ମେଣ୍ଢା ଏଇ ପାହାଡ଼କୁ ଚଢ଼ିଛନ୍ତି, ସେ ବୁଢ଼ାଟା ଚଢ଼ିଛି, ମୁଁ ଚଢ଼ିଛି, ଏ ଦିଟା ଚଢ଼ି ଏଠି ପହୁଞ୍ଚିଲେଣି । କିଏ ଯେ କିପାଇଁ ଆସିଛି ତାହା ଜାଣିବା ମୁସ୍କିଲ୍ । ଏ ପାହାଡ଼ ଆଡ଼କୁ ସୂର୍ଯ୍ୟ ଚନ୍ଦ୍ର ଗ୍ରହ ତାରା ମଣିଷ ପଶୁ ପକ୍ଷୀ ସମସ୍ତେ ଚାହିଁଛନ୍ତି କାହିଁକି ? London Bridge is falling falling କିନ୍ତୁ ଏ ପାହାଡ଼ ତ ପଡ଼ିଯାଉନି । କାହିଁକି ଏତେ ବ୍ୟସ୍ତ ?

ସେ ଟୋକାଟା ବୋଧହୁଏ ଗୋଟାଏ ସିଗାରେଟ୍ ଟାଣିଲା । ବଣଜଙ୍ଗଲରେ ସିଗାରେଟ୍ ଖାପ୍ ଖାଏ ନାହିଁ । ସାରା ଜଙ୍ଗଲଟା ଗନ୍ଧେଇ ଯାଉଛି । ସହରୀ ଧୂଆଁରେ ପାହାଡ଼ର ଆବହାୱା ଏକାବେଳକେ ନଷ୍ଟ ।

ଦଣ୍ଡେ ପରେ ସିଗାରେଟ୍ ଗନ୍ଧ ପତଳା ହୋଇଗଲା, ସେମାନଙ୍କ କଥା ବି ଶୁଭିଲା ନାହିଁ, କୁଆଡ଼େ ପାହାଡ଼ ବଣ ଜଙ୍ଗଲ ଭିତରେ ଦୁହେଁ ଲୁଚିଗଲେ ।

ଫେରିବା ବେଳହୋଇ ଆସିଲା, ଓହ୍ଲାଇବା ପୂର୍ବରୁ ସେ ଦୁହିଁଙ୍କ ବିଷୟରେ ସାମାନ୍ୟ କୁତୂହଳୀ ହୋଇ କିଛି ଜାଣିବା ପାଇଁ ମେଷପାଳକ ବୁଢ଼ା ପାଖକୁ ଯାଇ କଚାରିଲି "ବୁଢ଼ା ଭାଇ, ଏ ଦିଟା ଝିଅପୁଅ କିଏ, କିଛି ଜାଣୁ ?"

Digitized by srujanika@gmail.com

"ଏ ବାବୁ! ତୁ ଯେଁଠି ଆମର ବି ସେଠି । ଆମର କିମିତି ଜାଣିବ କିଏ କି । ଛେଳିମେଣ୍ଢା ଆମର ଜଗୁଛୁ । ଆମର ଦୁଃଖରେ ଆମର ଅଛି । ତୁ କହ, ତତେ କି ଆମର ଚିହ୍ନିଛି ।"

"ସେଟା ସତ ଯେ ବୁଢ଼ାଭାଇ । ସେ ଝିଅଟା ପରା ତର ଉପରେ ଜାକି ହୋଇ ଆଉଜି ବସିଥିଲା ତର କାନ୍ଧ ଉପରେ ମୁଣ୍ଡ ଦେଇ । ତତେ ଚୂନ ଦୁକୁଟା ଦେଲା, ମୁଁ ଦେଖିଛି । ତୁ ତାଙ୍କୁ ଚିହ୍ନୁନି, କିଛି ଜାଣୁନି କହିଲେ ମୁଁ ମାନିବି ?"

"ବାବୁ ତୁ ବି ବୁଢ଼ା, ତତେ ମିଛ କହିବ ନାଇଁ । ଆଜ୍ ଚାରଦିନ ହେଲା ଦିନ୍ ସେ ଦୁଇଟା ଏତିକିବେଳେ ପାହାଡ଼ ଚଢୁଛନ୍ । କି ଭୁଟୁରୁ ଭୁଟୁରୁ ହୁଅନ୍ କି କରନ୍ କିଏ ଜାଣିଛି ? ଜଣେ ଆସେ ପେଲେଣ୍ଟ ଆଡୁ ଆର ଜଣେ ସେଇ ଝିଅଟା ଆସେ ଟାଉନ ବସ୍ତିରୁ । ସେଇ ଟୁକାଟା ନାଇଁ ଆସିଥିଲେ ଟୁକୀଟା ମର ପାଖରେ ନେସ୍‌ଡ଼େଇ ବସେ, ମତେ ଜଗୁଆଳି କରିଛି, ମର ପାଖରେ ବସିଲେ କେହି କିଛି କହିବେ ନାହିଁ । ବଡ଼େ ଚାଲାକ୍ । ମର୍ ଉପରେ ଆଉଜେ । ଆରେ ବାବା ମର ଉପରେ ଆଉଜିଲେ ତାକେ ଭଲ ନାଗୁଛି ତ ଆଉଜୁ ଯେତେ ପାରିବ । ମନେ ମନେ ଭାବିଛି ଚୂନ ଦୁକୁଟା ଧରେଇ ଦେଲେ ମୁଁ ବକା ହେଇଯିବି । ଆମର ବୁଢ଼ା ଚଢ଼େଇ ଚଷୁ କୁଣ୍ଡା ମୁଠାକରେ ଭୁଲିଯିବ ଭାବିଛି ।"

"ଏ ପାହାଡ଼କୁ ଆସନ୍ କେନେ ?"

"ଆଉ କେଁଠୁକୁ ଯିବେ ? ଗାନ୍ଧୀ ପାର୍କରେ ସବୁବେଳେ ଭିଡ଼ । ଗାଁ ଗଣ୍ଡା ସହର ବଜାର ତ ସବୁ ଖାଇସାରିଲେ ଯେଁଠୁକୁ ଯିବେ ମାଡ଼ ଖାଇବେ । ପାହାଡ଼ ତ ସମସ୍ତଙ୍କର । ଯିଏ ଚଢ଼ିପାରିଲା ତାର । ଯାହା କହ ବାବୁ ତୁମର ହାଟୁଆ ବାଟୁଆରା । ଭଲ ନୋକ ନାଇଁ, ସବ୍ ବଜାରିଆ । କୁକୁର ବିଲେଇ ରକମ ହଉଛ । କୁମ୍ପନୀ ଜବ୍‌ବର ଟଙ୍କା ଦଉଛ । ଜବ୍‌ବର ଖାଉଛନ୍ ପିଉଛନ୍ ଫୁର୍ତି କରୁଛନ୍ ପାହାଡ଼ ଚଢୁଛନ୍ । ଆରେ ବାବା ମନ ହେଉଛ ତ ବାହା ହେଇପଡ଼ କିଏ ମନା କରିବ ? ବଣ ଜଙ୍ଗଲଗା ଯେ ଅସକରା ଅପବିତ୍ର କରିଦେଲ । ଆମର ଝିଝିଆଣି ବଣକୁ ଆସ୍‌ତେ ଡ଼ରୁଛନ୍ । ଆମର ବଙ୍ଗାବଙ୍ଗୀ ଯେତେ ଥିଲା ଥର ଭାବି କାନ୍ଥ କରତେ ନେଇଗଲା । ଠାକୁରାଣୀ ଶାଳର ଗଛଗା ବି କାଟି ନେଲା । ଧରମ ନାହିଁ, କରମ ନାହିଁ, ମାଆ ଭଉଣୀ କିଛି ମାନ୍‌ଲା ନାହିଁ ତୁମର । ଯା ବାବୁ, ଅନ୍ଧାର ହେଇଯିବ, ପଳା ଯା ।"

ଆଉ କୋଡ଼ିଏ ପଚିଶ ହାତ ତଳକୁ ଗଲେ ମୁଁ ଚା' ଦୋକାନ ସନ୍ନିକଟ ହେବି । ମଣିଷ ଚଲା ରାସ୍ତା କଡ଼ରେ କୋଚିଲା ଓ କୁରୁଚି ଗଛ ଦିଟା ଲଗାଲଗି ହୋଇ ଛିଡ଼ା ହୋଇଛନ୍ତି । ମୁଁ ଖୁବ୍ ଅପ୍ରଶସ୍ତ ରାସ୍ତା ଦେଇ ଆସୁଛି, ପଛପଟୁ ପାହାଡ଼ର ଠେଲାପରି କାହାର ମାଂସପିଣ୍ଡ ମୋ ପଞ୍ଜରାକଡ଼ରେ ଘଷି ହୋଇଗଲା । ପଛକୁ ଚାହିଁବା ପୂର୍ବରୁ ଦେଖିଲି ମୋ ଆଗେ ଆଗେ ଚାଲିଛି ପାହାଡ଼ୀ ଝିଅଟା ।

Digitized by srujanika@gmail.com

"କି ବାପା ! ପାହାଡ଼ ଚଢୁଥିଲୁ ? ଏ ବୟସରେ ଆଉ ପାହାଡ଼ ଚଢ଼ିବୁନି । ଗୋଡ଼ହାତ ଭାଙ୍ଗିଯିବ । ଯଦି ନିହାତି ଚଢ଼ିବାକୁ ମନ ତେବେ କାଲି ଏତିକିବେଳେ ଆସିବୁ ତ ହାତ ଧରି ପାହାଡ଼ ଉପରକୁ ନେଇଯିବି । ପାହାଡ଼ଚଢ଼ା ଶିଖେଇଦେବି । ଆସିବୁ ?"

"ନାଇଁରେ ନନୀ, ତୁ ବଡ଼େ ଚାଲାକ୍ ଅଛୁ । ଜଣକୁ ପଢ଼ାଉଛୁ ତାକୁ ପଢ଼ାଇ ସାରି ତା' ପରେ ମତେ ଡ଼ାକିବୁ । ତୁ ମନେ ମନେ ଭାବିଛୁ ପାହାଡ଼ ଆର ପାଖରେ ଗୋଟାଏ ବୁଢ଼ାକୁ, ଆଉ ଏପାଖରେ ଆଉ ଗୋଟାକୁ ଜଗୁଆଳି କରି ଲୁଗା ଉହାଡ଼ରେ ବେପାର କରିବୁ । ମୋର ପାହାଡ଼ ଚଢ଼ା ନ ହେଉ ପଛକେ ।"

ଖିଲିଖିଲି ହସରେ ସନ୍ଧ୍ୟାଟା ଫାଟି ପଡୁଥାଏ ।

# ଅପୂଜିତା

ସାରା ସହରରେ ଏକ ପ୍ରାନ୍ତରୁ ଅନ୍ୟ ପ୍ରାନ୍ତ ସେଇ ଏକ କଥା, ଏକା କଥା- କାଳୀମନ୍ଦିର ପାଖର ସରସ୍ୱତୀ ମୂର୍ତ୍ତି ପରି ସରସ ସୁନ୍ଦର ମୂର୍ତ୍ତି କେବେ କେହି ଦେଖିନଥିବେ । ହେଲେ, ସମସ୍ତେ ଚକିତ ଆଚମ୍ବିତ ଯେ ମୂର୍ତ୍ତିଟା ଅପୂଜା ରହିଗଲା ।

ସନ୍ଧ୍ୟା ଆରତି ଘଣ୍ଟା ଚାରିଆଡ଼େ ବାଜିଲାଣି । ଆଉ ତିଥିଲଗ୍ନ ଅଛି ଯେ କେହି ମୂର୍ତ୍ତି ନେଇ ପୂଜା କରିବ ? ଯଦି କେହି ଆଶା ପୋଷିଥିଲେ ଶେଷ ମୁହୂର୍ତ୍ତରେ ଏଡ଼େ ସୁନ୍ଦର ମୂର୍ତ୍ତିର ଲୋଭ ସମ୍ଭାଳି ନପାରି କେହି ହେଲେ ଧନାଢ଼୍ୟ କିଣିନେଇ ପୂଜା କରିବ ସେ ଚାନ୍ସ ବି ନାହିଁ । ପୁରୁଷ ସ୍ତ୍ରୀ ଦଳ ଦଳ ହୋଇ ମଣ୍ଡପରୁ ମଣ୍ଡପ ରାସ୍ତାଘାଟ ଭିଡ଼ କରି ଚାଲିଲେଣି । ସନ୍ଧ୍ୟା ଆନନ୍ଦ କୋଳାହଳମୟ । ସେଇ ଗୋଟିକ ମୂର୍ତ୍ତି ଏଷଡ଼ ସୁନ୍ଦର ମୂର୍ତ୍ତି ଅପୂଜା ରହିଯିବ କିଏ ଭାବିଥିଲା ?

ଏ ବର୍ଷର ପାଗ ପରିବେଶ ଏକାବେଳେକେ ଅନୁକୂଳ ପୂଜାର୍ଚ୍ଚନା ପାଇଁ । ନା ଶୀତ ନା ଖରା ନା ବର୍ଷା ଫୁଲ ଫଳ ପନିପରିବା ପ୍ରଚୁର ସୁଲଭ । ଯେ ଜୀବନରେ କେବେ ସିଦ୍ଧରସ୍ତ ବା ଅ ଆ ଲେଖନି କି ପଢ଼ିନି ସେ ବି ଏ ବର୍ଷ ଛୋଟ ହେଉ ପୂଜାଟିଏ କରିଛି । ସରସ୍ୱତୀ ମୂର୍ତ୍ତିଠାରୁ ଆଉ ସୁନ୍ଦର ମୂର୍ତ୍ତି ଅଛି ନା ସରସ୍ୱତୀ ପୂଜାଠାରୁ ବଳି ଆମୋଦ ଆହ୍ଲାଦ, ବର୍ଷରେ ଆଉ କେଉଁ ପୂଜାରେ ଅଛି । ହେଲେ କେଡ଼େ ଆଶ୍ଚର୍ଯ୍ୟ ଆଚମ୍ବିତ କଥା କାଳୀମନ୍ଦିରର ଅନିନ୍ଦ୍ୟ, ବର୍ଣ୍ଣାଢ଼୍ୟ ଜୀବନ୍ତ ମୂର୍ତ୍ତିଟି ଅପୂଜା ରହିଗଲା ।

ବିନା ମେଢ଼ ବିନା ସାଜସଜ୍ଜାରେ ବି ମୂର୍ତ୍ତିଟି ଏମିତି ଆର୍କଷଣୀୟ ଯେ ଏମିତି କେହି ଦେଖେଣାହାରୀ ନାହିଁ ଯେ ସେ ମୂର୍ତ୍ତିକି ନ ଦେଖି ଘରକୁ ଫେରୁଛି ବା ମୂର୍ତ୍ତିର

Digitized by srujanika@gmail.com

କଳାସୌଷ୍ଠବର ତାରିଫ୍ ନ କରୁଛି ! କେହି ପୁଷ୍ପାଞ୍ଜଳି ହେଉନାହାନ୍ତି, କେହି ନମସ୍କାର କରୁନାହାନ୍ତି ସତ କିନ୍ତୁ ମୁହଁ ଫେରାଇଲା ବେଳକୁ ଦୀର୍ଘଶ୍ୱାସ କିଏ ନ ଛାଡୁଛି । ଏମିତି ମୂର୍ତ୍ତି ଅପୂଜା ରହିଯିବା ସହରର ଏକ କଳଙ୍କ ।

ମହାରଣାଟା ପାଗଳା ହୋଇଯାଇନାହିଁ ତ ? କିଏ କହୁଛି - ମହାରଣାଟା ଗୋଟାଏ ଆଡ଼ବାୟା, କ୍ରେକ୍, କ୍ରେଜି, ନହେଲେ ଏମିତି ଅମୂଲ୍ୟ ମୂର୍ତ୍ତି ଅବିକ୍ରି, ଅପୂଜା ରହିଯାଆନ୍ତା ? କିଏ କେତେ ପ୍ରକାର କହୁଛନ୍ତି । ଏ ମନ୍ତବ୍ୟ ମହାରଣା ଶୁଣୁ ନ ଶୁଣୁ, ସେ ନିର୍ବିକଳ୍ପ ।

ଫୁଡ୍ କରପୋରେଶନବାଲା ଦେଢ଼ ହଜାର ପର୍ଯ୍ୟନ୍ତ ଯାଇଥିଲେ, ସିଭିଲ୍ ସପ୍ଲାଇ ଦୁଇହଜାର ଦେଉଥିଲେ, ଲିଫ୍‌ଟ ଇରିଗେଶନ ସିଧା ତିନି ମହାରଣା ହାତକୁ ବଢ଼ାଇ ଦେଇଥିଲେ । କିନ୍ତୁ ମହାରଣାର ସେଇ ଏକା ଜିଦ୍, ଗୁଣ୍ଡା ଜବାବ "ବିକିବି ନାହିଁ ।" ଭାଙ୍ଗିଦେବ, ଜାଳିଦେବ, ପାଣିକି ଫୋପାଡ଼ି ଦେବ ବିକିବ ନାହିଁ । କାହିଁକି ପଚାରିଲେ ହୁଏତ ନିରୁତ୍ତର: ନହେଲେ ସଂକ୍ଷିପ୍ତ କଡ଼ା ଉତ୍ତର "ମୋର ଇଚ୍ଛା" ଏମିତି ଲୋକକୁ କିଏ କଣ କହିବ ? ମୂର୍ତ୍ତି ତିଆରି କରିବ କାହିଁକି ? ବିକିବନାହିଁ କାହିଁକି ? ନିଜେ ନହେଲେ ପୂଜା ନକରିବ କାହିଁକି ? ଅନ୍ୟସବୁ ତ ବିକିଦେଲ ଯେଉଁଟି ସମସ୍ତ ମୃତଶିଳ୍ପକୌଶଳ ପରାଭୂତ କରି ଛିଡ଼ା ହୋଇଛି ଏବଂ ଯାହା ଆଗରେ ଆଚାଣ୍ଡାଳ ବ୍ରାହ୍ମଣ ଆବାଳବୃଦ୍ଧ ବନିତାଙ୍କ ମୁଣ୍ଡ ସ୍ୱତଃ ନଇଁ ଯାଉଛି ଫେର ତାହାର ଦାମ ଏତେ ଅଭାବନୀୟ ଉଚ୍ଚତାକୁ ଉଠିଥିଲା- ତାକୁ ରଖିନେଲ କାହିଁକି ? ବେଶ୍ ପ୍ରଜାତ ସରିଲା, ତୁମ ମୂର୍ତ୍ତି ସେଇଠି କାଳୀମନ୍ଦିର ପ୍ରାଙ୍ଗଣରେ ଛିଡ଼ା ହୋଇଥାଉ, କୁଆକୁକୁର ପରି ଷୋଡ଼ସର୍ଗ କରୁଥାନ୍ତୁ । ଯାହାକୁ କହନ୍ତି ବଦ୍ଧ ପାଗଳ ! ତା ବାପା କଣ ଏମିତି ବିଚାରମୂଢ଼ ହୋଇ ଥାଆନ୍ତା ?

ତା ବାପା ଏବର୍ଷ ଆସିପାରିଲା ନାହିଁ । ସେ ବର୍ଷ ବର୍ଷ ଧରି ଏଠାକୁ ଆସୁଥିଲା ଏବଂ ଯେଉଁ କେତେ ଅଭିଜାତ ସାମନ୍ତ ପରିବାରର ବରାଦ ଥିଲା ତାକୁଇ ପୂରଣ କରୁଥିଲା । ଏ ବର୍ଷ ତାକୁ ଦିଲ୍ଲୀର ଓଡ଼ିଆ ସମାଜ ଡ଼ାକିଛନ୍ତି ଏବଂ ଉତ୍କଳୀୟ ମୃତ୍ ଶିଳ୍ପର ପରାକାଷ୍ଠା ତାକୁ ରାଜଧାନୀର ଦେଖାଇବାକୁ ପଡ଼ିବ । ଏହା ଏମିତି ଏକ ଗୌରବବହ ଆହ୍ୱାନ ଯାହା ସେ ଏଡ଼ି ପାରିନାହିଁ । ସେ ନିଜେ ନଆସି ପଠାଇଛି ବିଶ୍ୱନାଥକୁ, ଯେ ଧରମା ପରି ଅଳ୍ପ ବୟସ୍କ ହେଲେ ମଧ ଉଭୟ ମୃତ୍‌ଶିଳ୍ପ ଓ ପ୍ରସ୍ତରଶିଳ୍ପରେ ଧୂରୀଣ । ସେ ବିଶୁ ମହାରଣାର ବଂଶଧର । ପିତୃଆଜ୍ଞା ଶିରୋଧାର୍ଯ୍ୟ କରି ପ୍ରଥମକରି ଆସିଛି ନୂଆ ସହରକୁ । ତାର ଆସିବାର ମୋଟେ ଇଚ୍ଛାନଥିଲା । ଆଦ୍ୟ ମାର୍ଗଶିର ମାସରେ ସେ ବାହା ହୋଇଛି । ସଦ୍ୟ ବିବାହିତା ସ୍ତ୍ରୀକି ଘରେ ଛାଡ଼ି ଦେଇ ଯୁବକ ବିଦେଶରେ ରହିବା ଅସିଧାର ବ୍ରତପରି କଷ୍ଟସାଧ । ପୁଣି ପିତାଙ୍କ ହୁକୁମ ସେ ଘରକୁ ମୋଟେ ଆସିବ ନାହିଁ ମୂର୍ତ୍ତି ଗଢ଼ା ନସରିଲା ପର୍ଯ୍ୟନ୍ତ ।

ବିଶ୍ୱନାଥ ଆସି ଦେଖେତ ଏଠି ଭୀଷଣ ପ୍ରତିଯୋଗିତା, ମୃତ୍ ଶିଳ୍ପୀମାନଙ୍କ ମଧରେ ବିଶେଷତଃ ଏଇ ସରସ୍ୱତୀ ପୂଜାରେ । ଗଣେଷ ଆଦି ଦେବତା ହେଲେ ମଧ,

Digitized by srujanika@gmail.com

ହାତୀଶୁଣ୍ଢିଆ ପେଟୁଆ ବିଚିତ୍ର ମୂର୍ତ୍ତି ବିସର୍ଜନ ଗ୍ରାହ୍ୟ ହୋଇପାରନ୍ତି ନାହିଁ । ଏ ନାରୀମୂର୍ତ୍ତିଟି ସମସ୍ତଙ୍କ ଚିତ୍ତ ସହଜରେ ଆକର୍ଷଣ କରିପାରନ୍ତି ।

କଟକରୁ କାନ୍ଥି ଯେତେଦୂର କ୍ଲାସିସିଜମରୁ ରୋମାଣ୍ଟିସିଜମ୍ ଏବଂ ବିଶ୍ୱନାଥ ମହାରଣାଠୁ କୃତ୍ତିବାସ ମାଇତି ସେତିକି ଦୂର । ଦୁହିଁଙ୍କ ଆଦର୍ଶ ଓ ମୂର୍ତ୍ତିଗଠନ ପ୍ରଣାଳୀରେ ଅନେକ ତାରତମ୍ୟ, ପାର୍ଥକ୍ୟ ।

ବିଶ୍ୱନାଥ ଆସି ପହଞ୍ଚୁ ପ୍ରଥମେ ନଜର କଲା ସହରବାସୀଙ୍କ ମୂର୍ତ୍ତିପୂଜାପ୍ରୀତି । ଯୁଆଡ଼େ ଦେଖିବ କାନ୍ଥରୁ କାନ୍ଥ, ଗଛରୁ ଗଛ, ଖୁଣ୍ଟରୁ ଖୁଣ୍ଟ ଲମ୍ବା ଲମ୍ବା ଶାଲୁକନା ଉପରେ ଲେଖା "କାନ୍ଥି ମୃତ୍‌ଶିଳ୍ପାଗାର । ଏଠାରେ କିସମ କିସମ ବରାଦ ମୁତାବକ ମନମାଫିକ ସରସ୍ୱତୀମୂର୍ତ୍ତି ମିଳେ । ଶିଳ୍ପୀ କୃତ୍ତିବାସ ମାଇତି ।" ଅନୁସନ୍ଧାନ କରି ଜାଣିଲା ଯେ ଷ୍ଟେଟବେଙ୍କ୍ ପାଖରେ ଏକ ବିସ୍ତୀର୍ଣ୍ଣ ଇଲାକା ଘେର ଓ ଛପର କରି ମାଇତି ତା ଶିଳ୍ପାଗାର ଖୋଲିଛି । ସେଇବେଙ୍କ୍ ପାଖରେ କାଳୀମନ୍ଦିରର ଥିଏଟର ପେଣ୍ଡାଲଟାଏ ଖାଲିପଡ଼ିଥିଲା । ସେଇଠି ବିଶ୍ୱନାଥ ତା ଶିଳ୍ପାଗାର ଖୋଲିଲା ।

ଦୁଇଟି ଶିକାରୀ ପକ୍ଷୀ ଶିକାରଟିଏ ପାଇଲେ ଯିମିତି ଦୂରରୁ ପରସ୍ପର ବିପରୀତମୁଖୀ ହୋଇ ଏକାଭିମୁଖରେ ଝାମ୍ପିପଡ଼ନ୍ତି ସିମିତି ପୂଜା 'ମଉସମ' ଆସିଗଲେ ଦୁଇ ଶିଳ୍ପୀ ଦୁଇ ବଡ଼ ସହରର ଏଇ ମଧ୍ୟବର୍ତ୍ତୀ ସହରଟିରେ ଉପସ୍ଥିତ ହୋଇଯାଆନ୍ତି । ଚେରମୂଳ କାଣ୍ଡ ବୃନ୍ତ ଦୁହିଁଙ୍କ ଏକ, କିନ୍ତୁ ଫୁଲ ଫୁଟିଲାବେଳକୁ ବୃନ୍ତର ଏକ ପାଖରେ ଫୁଟେ ସୁଗନ୍ଧ ସୌରଭମୟ ଶ୍ୱେତପଦ୍ମ ଅନ୍ୟ ପାଖରେ ନିର୍ଗନ୍ଧ ଚାକଚକ୍ୟମୟ ବର୍ଣ୍ଣାଢ୍ୟ ବେଗୁନିଭିଲା ।

ମୂର୍ତ୍ତି ଗଢ଼ନ୍ତି ଦୁହେଁ ସେଇ ଏକା ଉପାଦାନ ନେଇ, ଭଗବାନଙ୍କ ପରି, କ୍ଷିତି ଅପ୍ ତେଜ ମରୁତ୍ (ବ୍ୟୋମ ଭାରତୀୟ ସ୍ୱାତନ୍ତ୍ର୍ୟ)ରୁ ଉଭୟ ପ୍ରାଚ୍ୟ ପାଶ୍ଚାତ୍ୟ ଜଗତର ଭଗବାନ ମଣିଷ ଗଢ଼ିଲାପରି ସେ ଦୁହେଁ କଟା ମାଟି ଗୋବର ବାଲି ବାଉଁଶ କାଠ କଣ୍ଟା ଆଦି ଦଶବାର ଉପାଦାନରେ ମୂର୍ତ୍ତି ଗଢ଼ନ୍ତି । କଙ୍କାଳ ସମାନ, ଗୋଟିକରୁ ଅନ୍ୟଟି ବାରି ହେବନି । ନଈନାଳ ପୋଖରୀ ଗାଡ଼ିଆରେ ମୂର୍ତ୍ତି ବିସର୍ଜନ ହେବା ପରେ ହୁଗୁଡ଼ାପରି କୁହିତ ଭୀତିପଦ ରୂପରେ ଭାସୁଥିଲା ବେଳେ କେହି କହିପାରିବ କେଉଁଠି ବିଶ୍ୱନାଥର କେଉଁଟି କୃତ୍ତିବାସର ? ନୀରସ ଅସ୍ଥି ପଞ୍ଜରା ଉପରେ ରକ୍ତମାଂସ ଦେଇ ଭଗବାନ ଯିମିତି ତାଙ୍କ ନିଜ ରୂପରେ "ସୁନ୍ଦର ଦେବତୁଲ୍ୟ ନର ଆନନ୍ଦ" ଗଢ଼ନ୍ତି ଏଇ ଦୁଇ ଶିଳ୍ପୀ (ଶିଳ୍ପୀ କଣ ସ୍ରଷ୍ଟା ନୁହେଁ ?) ଠିକ୍ ସେଇୟା କରିଥାନ୍ତି । ଭଗବାନ ମଣିଷକୁ ନିଜ ରୂପରେ ଗଢ଼ନ୍ତି ମଣିଷ (ଅନ୍ତତଃ କୃତ୍ତିବାସ) ବି ସେମିତି ଭଗବାନ ସରସ୍ୱତୀଙ୍କି ମଣିଷ ଚେହେରା ଦିଏ । ମଣିଷ କଣ ଭଗବାନଙ୍କୁ ବା ସରସ୍ୱତୀକି ଦେଖିଛି ? ଯାହା ଦେଖିଛି ମନଶ୍ଚକ୍ଷୁରେ ନହେଲେ ସିନେମା ଷ୍ଟାରଙ୍କ ଜରିଆରେ ।

Digitized by srujanika@gmail.com

ଏଇଠି ଦୁଇ ଶିଳ୍ପୀ ଅଲଗା ବାଟ ଧରନ୍ତି । ଭଗବାନ ଏକା ଉପାଦାନରେ ଧଳା କଳା ମଣିଷ କଲା ପରି ଦୁହେଁ ଦୁଇପ୍ରକାର ମୂର୍ତ୍ତି କରନ୍ତି, ଭିନ୍ନ ଭିନ୍ନ ରୂପରେ ଭିନ୍ନ ଭିନ୍ନ ପନ୍ଥାରେ । ବହୁଳ ଚାହିଦା ପୂରଣ କରିବା ପାଇଁ ମେସିନ୍‌ର ଆବିଷ୍କାର । ସରସ୍ୱତୀ ଆଉ ଯାହା ହୁଅନ୍ତୁନା କାହିଁକି ସେ ଏକ ସୁନ୍ଦରୀ ସ୍ତ୍ରୀ । ସୁନ୍ଦରୀ ସ୍ତ୍ରୀ ଅର୍ଥ ସାଧାରଣତଃ ସିନେମା ଅଭିନେତ୍ରୀ ଯଥା ହେମା, ବୈଜୟନ୍ତୀ, ସୁଚିତ୍ରା, ଟୀନା, ନିତୁ, ମହାଶ୍ୱେତା ନହେଲେ ବିଦେଶୀ ବହିରେ ଥିବା ହେଲେନ୍ ଭେନସ୍ ଆଦି ଗ୍ରୀକ୍ ଠାକୁର ଠାକୁରାଣୀ । ଇନ୍ଦ୍ରିୟ ତୃପ୍ତି ପାଇଁ ଲୋକେ ସିନା ପଇସା ଖର୍ଚ୍ଚ କରିବେ ? ଏବେ କଲିକତାରେ ମୂର୍ତ୍ତି ତିଆରି ପାଇଁ (ଅନ୍ତତଃ ମୁହଁ) ଫର୍ମା ମିଳୁଛି । ଏକାଦିନକେ ଶହ ଶହ ମୁହଁ ତିଆରି କରି କଙ୍କାଳରେ ରଖିଦେଲେ ହେଲା । କୁଟାର କଙ୍କାଳ ଉପରେ ମାଟି ଲିପାହେବା ପରେ ଫର୍ମାରୁ ମୁଣ୍ଡଟି ଆଣି ତା' ଉପରେ ଖଞ୍ଜିଦେଲେ ରକେଟ୍‌ରେ ଦ୍ୱିତୀୟ ଷ୍ଟେଜ୍ ପରି ମୂର୍ତ୍ତିର ଦ୍ୱିତୀୟ ପ୍ରସ୍ଥ କାମ ସରିଲା । ଯା ପରେ ତୃତୀୟ ପ୍ରସ୍ଥ ଅର୍ଥାତ୍ ରଙ୍ଗ ପ୍ରଦାନ ଚଳଚକ୍ଷୁ ଫିନିଶିଂ ଟଚ୍, ତା ପରେ କାଉଣ୍ଟ ଡାଉନ୍ ଏବଂ ସ୍ପେଶ ଫ୍ଲାଇଟ୍ । କୃତିବାସ ଦୋକାନରେ ଭିଡ଼ ଏଇଠୁ ଆରମ୍ଭ । ପ୍ରତିଟି ସ୍କୁଲର ପ୍ରଧାନ ଟାଉଟରଙ୍କ ଆଗମନ ଓ ମୂର୍ତ୍ତି ପାଇଁ ଅର୍ଡ଼ର ପ୍ରଦାନ । ଜଳଖିଆ (ବୁଲାବୁଲି) ଛୁଟିରେ ଦଳ ଦଳ ସ୍କୁଲଛାତ୍ରଙ୍କ ଆଗମନ ଓ ଅସପୂର୍ଣ୍ଣ ମୂର୍ତ୍ତିମାନଙ୍କୁ ପରୀକ୍ଷାନିରୀକ୍ଷା ଓ ମନ୍ତବ୍ୟ ପ୍ରଦାନ ।

ଏ ଭିଡ଼ ଗଣ୍ଡଗୋଳର ବହୁତ ଦୂରରେ ବିଶ୍ୱନାଥର ମୂର୍ତ୍ତିତିଆରି ମଣ୍ଡପ । ବିଶ୍ୱନାଥ ବି ସରସ୍ୱତୀଙ୍କି ଦେଖିନାହିଁ କିନ୍ତୁ ସେ ଫିଲ୍ମି ମେଗାଜିନ୍ ଦେଖି ମୂର୍ତ୍ତି ଗଢ଼େ ନାହିଁ । ସେ ପରମ୍ପରା ଓ ପୂର୍ବସୁରୀଙ୍କୁ ଅନୁସରଣ କରେ । ପୁରୁଣା ତାଳପତ୍ର ପୋଥିମାନଙ୍କରେ ଯେଉଁ ଚିତ୍ର ଓ ବର୍ଣ୍ଣନା ଦେବୀଙ୍କର ଅଛି ଓ ଯେମିତି ବିଧିବିଧାନର ଶାସ୍ତ୍ରରେ ଉଲ୍ଲେଖ ଅଛି ତାକୁଇ ସେ ଅନୁସରଣ କରେ । ନିଷ୍ଠା, ଶୁଚିତା, ଅଧ୍ୟବସାୟ ଓ ଏକାଗ୍ରତା ତାର ସମ୍ବଳ । ସେ ବି କୃତ୍ତିବାସ ପରି ଇଚ୍ଛାମତେ କ୍ଲାସିକାଲ ବା ରୋମାଣ୍ଟିକ ମୂର୍ତ୍ତିର ଫର୍ମା କିଣିଆଣି ମୂର୍ତ୍ତି ଛିଡ଼ା କରାଇ ପାରିଥାନ୍ତା ଅକ୍ଲେଶରେ । ମାତ୍ର ସେ ଭକ୍ତି ପ୍ରେମ ସାତ୍ୱିକତାର ଛାପ କ୍ରେତା ବା ଭକ୍ତମାନଙ୍କ ପାଇଁ ମୂର୍ତ୍ତିରେ ରଖି ଦେବାକୁ ଚାହେଁ । ତା ଦୋକାନରେ ଅଶ୍ଳୀଳ ରେଡ଼ିଓ ସଙ୍ଗୀତ ବାଜେ ନାହିଁ, ସେ ଧୂଆଁ ମାଛମାଂସ ଆଦିର ପାଖ ଯାଏନାହିଁ ଯେତେଦିନ ମୂର୍ତ୍ତି ତିଆରି କାମ ଚାଲିଛି । ବ୍ରହ୍ମଚର୍ଯ୍ୟ ପାଳନ କରେ । ତାମସିକତା ସେ ଘୃଣାକରେ । ଯେଉଁ ମୂର୍ତ୍ତି କାମନାର ଉଦ୍ରେକ କରେ ତାହା କାବ୍ୟକବିତାରେ ହେଉ ବା ସ୍ଥାପତ୍ୟଶିଳ୍ପ କଳାରେ ହେଉ ସର୍ବଥା ନିନ୍ଦନୀୟ ବର୍ଜନୀୟ । ଶୁଦ୍ଧପୂତ ମନରେ ସେ ମୂର୍ତ୍ତିଗଢ଼େ । ତା ବାପା ତାକୁ କହିଛି "ପଇସା ବରଂ ନମିଳୁ ଦେବୀଙ୍କି ଅପମାନ ହେଲେ ବଂଶ ବୁଡ଼ିଯିବ, ପିତୃପୁରୁଷଙ୍କ ଅଭିଶାପ ତ ଅଛି ।"

ବିଶ୍ୱନାଥର ଗରାଖସଂଖ୍ୟା ନିର୍ଦ୍ଦିଷ୍ଟ । କେତୁଟା ବଡ଼ ଘରର ସାମନ୍ତ ଘର, ରଜାଘର, ଜମିଦାରଘର, ପୁରୁଣା ସଂସ୍କୃତ ଟୋଲ ଏମିତି– ବରାଦୀ ମୂର୍ତ୍ତି, ଶାସ୍ତ୍ରୀୟ ମୂର୍ତ୍ତି । ପୋଥିପତ୍ର

Digitized by srujanika@gmail.com

ଛବି ଅନୁସରଣରେ ତିଆରି ମୂର୍ତ୍ତି ନୋଥ, ନୋଲକ, କଜ୍ଜଳ ପୂରିତ ଲୋଚନ, କୁନ୍ଦେନ୍ଦୁ ତୁଷାର ହାରଧବଳା, ଶ୍ୱେତପଦ୍ମାସନା, ଜାଡ୍ୟାପହା ମୂର୍ତ୍ତି । ବସ୍ତ୍ରାନ୍ୱିତା ମୂର୍ତ୍ତି, ବିବସନା ନୁହେଁ । ତେଣୁ ତା ସ୍ଥଳରେ ଲୋକ ଗହଳି ନାହିଁ, କି ହଇଗୋଳ ନାହିଁ । ଚୁପଚାପ୍, ଶାନ୍ତ ବାତାବରଣ । କେତେବେଳେ କେମିତି ଟକ୍‌ଟାକ୍ ଠୁକ୍‌ଠାକ୍ । ନରମ ସ୍ନିଗ୍ଧ ଆଲୋକ ସଞ୍ଜବେଳେ । ଜଣେ ସହକାରୀ ଯେ ନଅ ବାଜିଲା ବେଳକୁ ଘୋଡ଼ିଘାଡ଼ି ହୋଇ ଶୋଇଯାଏ । ବ୍ୟସ୍ତତା ନାହିଁ, ଜରୁରତ ନାହିଁ । ଦୈନିକ ମଜୁରିଆ ତେଣୁ ବିଶ୍ୱନାଥ ଅଧିକା ଖଟାଏ ନାହିଁ ।

ମାତ୍ର ଶହେ ଗଜ ବ୍ୟବଧାନରେ ବସବାସ କରୁଥିଲେ ମଧ୍ୟ ବ୍ୟବସାୟଗତ ଈର୍ଷାରୁ ଉଭୟ କୃତ୍ତିବାସ ଓ ବିଶ୍ୱନାଥଙ୍କ ଭେଟଭାଟ ହୁଏନାହିଁ । ଦୈବାତ୍ କେତେବେଳେ କାଳୀମନ୍ଦିର ପୋଖରୀ ତୁଠରେ ବାସନକୁସନ ମାଜିଲାବେଳେ ବା ଗାଧୁଆ ପାଧୁଆବେଳେ ଦେଖା ସାକ୍ଷାତ୍ ହେଲେ ବି ଦୁହିଁଙ୍କ କଥାବାର୍ତ୍ତା ମାମୁଲି, ଯହିଁରେ ଆତ୍ମୀୟତା ନଥାଏ ।

ପୂଜା ଆଉ ଦଶବାର ଦିନ ଅଛି ଦିନେ ଝଡ଼ବର୍ଷା ଆରମ୍ଭ ହେଲା । ବିଶ୍ୱନାଥର ଯେଉଁ ଆଶ୍ରୟସ୍ଥଳ ଅଳ୍ପ କେତେଗୁଡ଼ିଏ ମୂର୍ତ୍ତି ପାଇଁ ତାହା ଯଥେଷ୍ଟ । ଟାର୍ପଲିନ ଝୁଲାଇ ଦିନେଅଧେ ଶହ ଶହ ମୂର୍ତ୍ତିକି ସୁରକ୍ଷିତ କରିଦେଲା କୃତ୍ତିବାସ । କିନ୍ତୁ ମୂର୍ତ୍ତି ଗୁଡ଼ାକ ଶୁଖାଇବା ଦରକାର । ଖରାର ଉପଯୋଗ କରିବା ପାଇଁ ଦିନେ ସେ ମୂର୍ତ୍ତିଗୁଡ଼ାକ ଶୁଖାଇ ଥାଏ । ରାସ୍ତାକଡ଼ରେ ଶିଳ୍ପାଗାରଟି ଥିବାର ନାନା କିସମର ଲୋକ ସେଇ ରାସ୍ତାଦେଇ ଗଲାବେଳେ କାମ ନଥିଲେ ବି ଅଟକି ଯାଆନ୍ତି । ଅନେକ ସମୟରେ ପାଖରେ ଯାଉଥିବା ରକ୍ତମାଂସର ସୁନ୍ଦରୀକୁ ଆଖି ନ ପକାଇ ନଜର କରନ୍ତି ମୂର୍ତ୍ତି ଗୁଡ଼ାକୁ, କାରଣ ସେମାନଙ୍କ ମୁହଁମାନ ତାଙ୍କ ନିଜ ପ୍ରିୟ ସିନେମା ଷ୍ଟାରର ।

ସେଦିନ ପ୍ରାୟ ଦୁଇଟା ହେବ ବିଶ୍ୱନାଥ ବଜାରରୁ ଜଣ କିଣାକିଣି କରି ଫେରୁଥାଏ । ଶିଳ୍ପାଗାରରୁ ଡ଼ାକ ଶୁଭିଲା "ବିଶୁଭାଇ । ଆସୁନ! ଦୟାକରେ ଆମାର ଶିଳ୍ପାଗାରେ ପାଆଟା ଦିୟେସାନ୍ ।" ବିଶ୍ୱନାଥ ଶିଳ୍ପାଗାର ଭିତରକୁ ଯିବା ରାସ୍ତାରେ ଡ଼ାହାଣ ବାଆଁ ଚାହିଁ ଚାହିଁ ଗୋଟିକ ଗୋଟି ମୂର୍ତ୍ତିର ଶିଳ୍ପକଳା ଲକ୍ଷ୍ୟ କରୁଥାଏ । ସତରେ କିର୍ତ୍ତି କି ଜୀବନ୍ତ ସରସ ମୂର୍ତ୍ତି ନକରେ! ମୂର୍ତ୍ତିକି ମଣିଷ ବାରି ହବନି । ଦିହର ସୌନ୍ଦର୍ଯ୍ୟ ଆତ୍ମା ବା ମନର ସ୍ୱରୂପ ଠାରୁ ସତରେ କେଡ଼େ ଆର୍କଷଣୀୟ ।

ଭିତରେ ଆହୁରି କେଡ଼େ କେଡ଼େ ରମଣୀୟ ମୂର୍ତ୍ତି ବିଶ୍ୱନାଥ ଦେଖିଲା । ସବୁଗୁଡ଼ାକ ଲେବୁଲଦିଆ । ଆଗତୁରା ଦିଆ ସରିଛି । କୃତ୍ତିବାସ ବୁଝାଇବାରେ ଲାଗିଥାଏ କେଉଁ ମୂର୍ତ୍ତିଟା କେଉଁ ସ୍କୁଲ, କେଉଁ କଲେଜର, କେଉଁ ଅଫିସର ବା କେଉଁ ଅଫିସରଙ୍କ ପିଲା ଝିଲାଙ୍କର । ପ୍ରତ୍ୟେକ ମୂର୍ତ୍ତିର ଯାହା ଭିନ୍ନତା ବା ସ୍ୱକୀୟତା ତାହା ବରାଦ୍ ଦେଇଥିବା

Digitized by srujanika@gmail.com

ଗରାଖର ବ୍ୟକ୍ତିଗତ ରୁଚିଅନୁରୂପ । ବିଶ୍ୱନାଥ ଆଶ୍ଚର୍ଯ୍ୟ ହେଲା ଶାସ୍ତ୍ର ପୁରାଣ ନୀତିନିୟମର ନିଗଡ଼ ବାହାର ଦୁନିଆଁଟା କେଡ଼େ ଚିତ୍ତାକର୍ଷକ, ମନମତାଣିଆ ?

କୃତ୍ତିବାସ ଅତି ଆଗ୍ରହରେ ବିଶ୍ୱନାଥକୁ ନେଇ ଗୋଟାଏ କଣରେ ମୂର୍ତ୍ତି ଗୋଟିଏ ଦେଖାଇଲା । ପରଦା ଆଢୁଆଳରେ ସଦାସର୍ବଦା ଏ ମୂର୍ତ୍ତି ଗଢ଼ା ହୋଇଛି, ରଖା ହୋଇଛି । ୟାକୁ ବରାଦ ଦେଇଛନ୍ତି ବିଶ୍ୱବିଦ୍ୟାଳୟର ଇଂରାଜୀ ଡ଼ିପାର୍ଟମେଣ୍ଟର ମୁଖ୍ୟ ଏବଂ ଦିନେ ଦି'ଦିନ ଛଡ଼ା ନିଜେ ଆସି ତଦାରଖ କରନ୍ତି, ଉପଦେଶ ମଧ ଦିଅନ୍ତି । ସେ ଆମେରିକାର ଏକ ଇଉନିଭର୍ସିଟିରୁ ଡ଼କ୍ଟର ଉପାଧି ପାଇଛନ୍ତି ଏକ ଅଦ୍ଭୁତ ଗବେଷଣା କରି, ଯାହା ଲଣ୍ଡନ ଅକ୍ସଫୋର୍ଡ଼ ଆଦି ବିଶ୍ୱବିଦ୍ୟାଳୟର ଅଗଣିତ ଅଧ୍ୟାପକଙ୍କ ଠାରୁ ପ୍ରଶଂସା ଲଭିଛି ଏବଂ ଭାରତୀୟ ନବ୍ୟ ଗବେଷକମାନେ ସେଥିରେ ପ୍ରାୟ ପାଗଳ । ତାଙ୍କ ଥେସିସ୍‌ରେ ସେ ଦେଖାଇଛନ୍ତି ଗ୍ରୀକ୍ "ଲେଦା ଏଣ୍ଡ ଦି ସ୍ୱାନ୍" ମିଥ୍ ସହିତ ଭାରତୀୟ ସରସ୍ୱତୀ ଓ ହଂସର ସାମଞ୍ଜସ୍ୟ । ବିଶ୍ୱନାଥ ଦେଖିଲା ସେ ମୂର୍ତ୍ତିକି । ତାର ଆଖି ପତା ପଡ଼ିଗଲା । ସରସ୍ୱତୀଙ୍କର ଏକି ବିସ୍ମୟକାର ଏପିରି କି ଅଭାବନୀୟ ମୂର୍ତ୍ତି ? ଏକ ଗ୍ରୀକ୍ ନାରୀ ମୂର୍ତ୍ତି ସମ୍ପୂର୍ଣ୍ଣ ଉଲ୍ଲଙ୍ଗ ଅବସ୍ଥାରେ ଲାଇନ କଟ୍ କର୍ଭ ପୁରାପୁରି ପ୍ରଦର୍ଶନ କରି ଛିଡ଼ାହୋଇଛି ଏବଂ ହଂସଟିଏ ତାର ଲମ୍ବା ବେକରେ ସେ ମୂର୍ତ୍ତିର ବେକକୁ କୁଣ୍ଢାଇଧରି ଚଞ୍ଚୁରେ ଚୁମ୍ବନ ଗାଲରେ ଆଙ୍କି ଯାଉଛି । "ଏ କି ମୂର୍ତ୍ତି ?" ପ୍ରଶ୍ନ ବିଶ୍ୱନାଥ ମୁହଁରୁ ବାହାରୁ ନବାହାରୁ କୃତ୍ତିବାସ ଟେବୁଲ ଉପରୁ ବିଦେଶୀ ବହିଟିଏ ଆଣି ସେଇ ଛବିଟି ଦେଖେଇଲା ସେଥିରେ ଛବି ଓ ମୂର୍ତ୍ତିର କଳ୍ପନାତୀତ ସାମଞ୍ଜସ୍ୟ ଦେଖି ନୂତନ ଅଭିଜ୍ଞତାରେ ବିସ୍ମୟାଭିଭୂତ ହେଲା ବିଶ୍ୱନାଥ । ସେ ଅମୂଲ୍ୟ ବହିଟି ଜଣେ ପ୍ରଖ୍ୟାତ ଆଇଆରଲାଣ୍ଡର କବିଙ୍କ ଉପରେ ମୁଖବନ୍ଧ ରୂପେ ପ୍ରକାଶିତ ।

ଶିଳ୍ପାଗାରରୁ ବାହାରି ଆସୁଛି ଦେଖିଲା କେତେଗୁଡ଼ାଏ ଚଉଦ ବର୍ଷିଆ ସ୍କୁଲ ପିଲା ଲୁଚିକି କାମରେ ଖରା ଛୁଟିରେ ଆସି ଗୋଟି ଗୋଟି ମୂର୍ତ୍ତି ତନଖି ଦେଖୁଛନ୍ତି ଏବଂ ସିନେମାଷ୍ଟାର ପରି ରୂପ ପରିଗ୍ରହ ମୂର୍ତ୍ତିଗୁଡ଼ାକର ଛାତିରେ ହାତବୁଲାଇ ମଡ଼ାଇ ଗଣଧର୍ଷଣର ଆନନ୍ଦ ପାଉଛନ୍ତି । ଭେନସ୍‌ହେଲେନ୍ ମଡ଼େଲର ମୂର୍ତ୍ତିଗୁଡ଼ାକ କ୍ଷତବିକ୍ଷତ ହୋଇଗଲେଣି ।

ମଦନ ରତି ବସନ୍ତ ମଳୟଙ୍କ ଆଗମନରେ ତପବନରେ ଚାରାଚରଙ୍କ ଚିତ୍ତବିକୃତ ସହିତ ତପସ୍ୟାରତ ମହାଦେବଙ୍କ ପୁଲକ ସଞ୍ଚାର ହେଲା ପରି ଶିଳ୍ପୀ ବିଶ୍ୱନାଥର ମଧ ସାମାନ୍ୟ ଚିତ୍ତବିକୃତି ଆସିଲା ବୋଧହୁଏ । ଫେରିଲାବେଳେ ସେଇ ଏକ କଥା ଭାବୁଥାଏ ଦେବୀମୂର୍ତ୍ତି ଅପେକ୍ଷା ମଣିଷର ଅନୁକାରିଣୀ ମୂର୍ତ୍ତିର ଦାମ୍ ବେଶୀ କାହିଁକି ?

ସେଦିନ ସଂଧ୍ୟାରେ ରାତି ନଅଟା ପର୍ଯ୍ୟନ୍ତ ସରସ୍ୱତୀମୂର୍ତ୍ତିମାନଙ୍କ ଯଥାବିଧି କାମ ସାରିଦେଇ ଯେତେବେଳେ ଦେଖିଲା ଯେ ତା ସାହାଯକାରୀଟି ମଧ ଶୋଇଯାଇଛି ଏବଂ ଚତୁର୍ଦ୍ଦିଗ ନୀରସ୍ତ ନିସ୍ତବ୍ଧ ସେତିକିବେଳେ ନୂତନ ପ୍ରେରଣା ଓ ଆବେଗ ନେଇ

Digitized by srujanika@gmail.com

ବିଶ୍ୱନାଥ ଲୁଗା ଖଣ୍ଡିକ ପରଦା କରି କଣରେ ନୂଆ ମୂର୍ତ୍ତିଟିଏ ଆରମ୍ଭ କଲା । ଅନେକ ଅନେକ କ୍ଲାସିକାଲ ଶାସ୍ତ୍ରୀୟ ମୂର୍ତ୍ତି ସେ କଲାଣି, ଅନ୍ତତଃ ଗୋଟାଏ ହେଲେ ରୋମାଣ୍ଟିକ ମୂର୍ତ୍ତି କରିବାର ଚେଷ୍ଟାକରୁ । କାମତ କମିଯାଇଛି । କେବଳ ଶେଷ ସ୍ପର୍ଶଗୁଡ଼ାକ ଦେଲେ ବରାଦୀ ମୂର୍ତ୍ତି ଠିକ୍‌ବେଳକୁ ପ୍ରସ୍ତୁତ ହୋଇସାରିଥିବ । ତାର ଯାହା ନାରୀ ସୌନ୍ଦର୍ଯ୍ୟର ଧାରଣା ଓ ରୂପଛବି ତାକୁଇ ମନେକରି ମୂର୍ତ୍ତିଟା କରିବାକୁ ସ୍ଥିରକଲା । ଇଏବି ଏକ ପ୍ରକାର କୃତ୍ତିବାସ ସହିତ ପ୍ରତିଯୋଗିତା ନୁହେଁ ତ ଆଉ କ'ଣ ?

ଏ ନୂଆ ଧରଣର ମୂର୍ତ୍ତିର କାମ ଯେତେ ଯେତେ ଆଗେଇ ଚାଲିଛି ବିଶ୍ୱନାଥର ଘରକୁ ଫେରିବା ସମୟ ସେତେ ସେତେ ପାଖ ହୋଇଆସୁଛି । ଭାବି ବସିଲେ ବିଶ୍ୱନାଥ ଏତିକିବେଳେ ହିଁ ଅସିଧାର ବ୍ରତ ପାଳନ କରୁଛି । ଦେଢ଼ମାସ ଦି'ମାସ ତଳେ ମାର୍ଗଶୀର ମାସରେ ସେ ବାହା ହୋଇଛି । ସେଇ ମାର୍ଗଶୀରରେ ତା ଘରକୁ ଲକ୍ଷ୍ମୀ ଆସିଛି । ମଫସଲ ଝିଅଟି ଶୋଭା ସୌନ୍ଦର୍ଯ୍ୟରେ ନାଆଁକୁ ସାର୍ଥକ କରିଛି । ବିଶ୍ୱନାଥର ଓଠରୁ ମଧୁଶଯ୍ୟା ରାତିର ମଧୁ ଏ ଯାକେ ପୋଛି ହୋଇଯାଇନି । ଯୁବା ଯୁବତୀଙ୍କ ମଧରେ ବିଛେଦ ଆଣିବା ଆଦୌ ଇଚ୍ଛାକୃତ ନହେଲେ ମଧ ବିଶ୍ୱନାଥର ପିତା ପୈତୃକ ପୁରୁଷାନୁକ୍ରମିକ କର୍ତ୍ତବ୍ୟ ଓ ସମ୍ପର୍କ ଉପରେ ଗୁରୁତ୍ୱ ଦେଇଥିଲେ; ସେ ଥିଲେ ପ୍ରକୃତରେ ଅନୁନ୍ୟୋପାୟ । ସଦ୍ୟ ବିବାହିତ ଯୁବକଟି ଯଥା ସମ୍ଭବ ଅଭିନିବେଶ, କର୍ତ୍ତବ୍ୟନିଷ୍ଠା ଓ ତପସ୍ୟା ନେଇ ଏ ପର୍ଯ୍ୟନ୍ତ ଆଗେଇଥିଲା କିନ୍ତୁ ଆଜି ଦିନବେଳେ କୃତିବାସର ମୃତଶିଳ୍ପାଗାରରେ ପଦାର୍ପଣ କରି ତାର ଯେଉଁ ଭାବାନ୍ତର ଉପସ୍ଥିତ ହେଲା ଓ ଯେଉଁ ନୂତନ ପୁଲକ ଓ ଚେତନା ଆର୍ବିଭାବ ତା ଦେହ ଓ ମନରେ ହେଲା ତାହାର ମାତ୍ରା ଖୁବ୍ ବଢ଼ିଗଲା ରାତ୍ରିର ସଇତାନୀ ପରିବେଶର ପ୍ରଭାବରେ । ପ୍ରତିଦିନ ରାତି ସେଇ ନଅ ଦଶଟାବେଳେ ଲକ୍ଷ୍ମୀବତୀଟିଏ ଧରି ଶୋଇବା ଘରକୁ ପଶେ ଏବଂ ଯେଉଁ ମୁହୂର୍ତ୍ତଗୁଡ଼ାକ ଆଗ୍ରହ ପ୍ରତୀକ୍ଷାରେ ବିଶ୍ୱନାଥ ସେ ଯାକେ ଚାହିଁଥାଏ ସେଇ ସମୟଟିକୁ ସେ ମୂର୍ତ୍ତି ଗଠନବେଳରେ ପରିଣତ କରିଛି । ଏକୁଟିଆ ସିମିତି ଦୀପାଲୋକରେ ମୂର୍ତ୍ତି ତିଆରିକଲା ବେଳେ ତାକୁ ଜଣାପଡୁଥାଏ ଯିମିତି ଲକ୍ଷ୍ମୀ ଆସି ତା' ଚାରିପଟେ ବିଭିନ୍ନ ରୂପରେ ଛିଡ଼ା ହୋଇଛି ପାଖରେ, ବାସର ଘରର ଆଲୋକରେ । ଦିନଯାକ କର୍ତ୍ତବ୍ୟ ଓ ଜଞ୍ଜାଳର ଅନୁରୋଧରେ ଯାହାକୁ ସେ ଭୁଲିଯାଇଥାଏ ତାରି ପ୍ରତିମୂର୍ତ୍ତି ପ୍ରତିଶୋଧ ଛଳରେ ଆସି ଜୋରେ ତାକୁ ଯେମିତି ଜାବୁଡ଼ି ଧରେ । କେଉଁଦିନ କେମିତି ଶୀତ ରାତିର ଥଣ୍ଡାକୁ ତଥା ନିଦ୍ରାକୁ ମୋଟେ ଖାତିର ନକରି ମଝି ରାତିଯାକେ ମୂର୍ତ୍ତି ଗଢ଼େ ଏବଂ ଶୋଇ ମଧ ସେହି ମୂର୍ତ୍ତିକୁ ଅନୁଧାନ କରେ ସ୍ୱପ୍ନରେ ।

ଅଚିରେ କାଠକୁଟାର ହୁରୁଡ଼ାଟା ନାରୀମୂର୍ତ୍ତିର ରୂପନେଲା । କଙ୍କାଳରେ ରକ୍ତମାଂସ ଜଡ଼ିଲା ପରି ମାଟିର ଗୋଟାଏ ଦୁଇଟା ପ୍ରସ୍ତ ଆବରଣ ପାଇଲା, ମୂର୍ତ୍ତିଟି ଏପରିକି ଥରେ ଦି'ଥର ରଙ୍ଗ ମଧ ନେଲା । ମୂର୍ତ୍ତିଟା ଜୀବନ ନା ମୂର୍ତ୍ତିର ଉଚ୍ଚତା ହୁଏତ ବିଶ୍ୱନାଥ ପାଖରେ

Digitized by srujanika@gmail.com

ଲକ୍ଷ୍ମୀ ଛିଡ଼ାହେଲେ ଯେଉଁ କାନ୍ଧେ ଉଚ୍ଚାହୁଏ ସେତିକି ଉଚ୍ଚା କିନ୍ତୁ ଏ କ'ଣ ? ସରସ୍ୱତୀଙ୍କ କୁନ୍ଦେନ୍ଦୁ ତୁଷାର ହାର ଧବଳା ରଙ୍ଗ କାହିଁ ? ସାମାନ୍ୟ ହଳଦିଆ ରଙ୍ଗ କାହିଁକି ? ସରସ୍ୱତୀ କଣ ହଳଦୀ ମାଖୁଛନ୍ତି ? ଲକ୍ଷ୍ମୀର ରଙ୍ଗ କଣ ଏହିପରି ?

ପୁରୁଣା ପୋଥିର ପ୍ରକ୍ଷେପ ଅଥବା ବଡ଼ ଲେଖକର ଆକସ୍ମିକ ବା ସାମୟିକ ସ୍ଖଳନପରି ଏ ମୂର୍ତ୍ତି ଗଠନ ବିଶ୍ୱନାଥ ପକ୍ଷରେ ଏକ ଅବନତି ବୋଲି ସେ ଜାଣେ । ଥରେ ଅଧେ ଭାବିଲାଣି କାମ ଯଥାଶୀଘ୍ର ଶେଷକରି ସେ ଘରକୁ ଫେରିଯିବ ଲକ୍ଷ୍ମୀ ପାଖକୁ, କିନ୍ତୁ ଯେଉଁମାନେ ବରାଦ୍ ଦେଇଛନ୍ତି ସେମାନେ ତିଆରି ସରିଥିବା ମୂର୍ତ୍ତିଗୁଡ଼ାକୁ ଆଗତୁରା ନେଲେତ ? ସେମାନେ ପୂଜା ପୂର୍ବଦିନ ସଞ୍ଜରେ ଆସିବେ । ତେଣୁ ତାକୁ ଅପେକ୍ଷା କରିବାକୁପଡ଼ିବ ପୂଜା ଦିନଯାକେ । କ୍ରମେ ଏ ନୂଆ ମୂର୍ତ୍ତିର ମୋହ ତାକୁ କାବୁ କରି ସାରିଲାଣି ।

ଭାଗ୍ୟ ଭଲ । କାଲି ପୂଜା । ବରାଦୀ ମୂର୍ତ୍ତି ସବୁ ଉଠିଗଲେଣି । ଯେଉଁ ଗୋଟିକ ଥିଲା ତାହାବି ସଞ୍ଜସୁଦ୍ଧା ଉଠିଯିବ ବୋଲି ଖବର ଆସିଲାଣି । ତା'ପରେ ସେ ମୁକ୍ତ କ୍ଲାସିକାଲ କଳା ଦୌରାତ୍ମ୍ୟରୁ । ଯଥେଷ୍ଟ ସମୟ ପାଇବ ନୂଆ ମୂର୍ତ୍ତିଟିରେ ଶେଷ ସ୍ପର୍ଶ ଦେବାକୁ ଓ କାରୁକଳାର ନୈପୁଣ୍ୟ ଓ ଚୂଡ଼ାନ୍ତ ପରାକାଷ୍ଠା ଦେଖାଇ କୃତ୍ତିବାସ ତଥା ବିଶ୍ୱର ଦର୍ଶକଙ୍କୁ ମୁଗ୍ଧଚକିତ କରିବାକୁ ।

ରାତି ପ୍ରାୟ ବାରଟା । ମୁଣ୍ଡ ଉପର ବଡ଼ ନିଦାବତୀ ଗଛର ଡ଼ାଳରୁ ପେଚା ଡ଼ାକିବା ପାଇଁ ଆରମ୍ଭ କଲା । ବାହାନର ଡ଼ାକ ଶୁଣିଲେ ଲକ୍ଷ୍ମୀ ଆସିଯିବେ । ଏକ ତନ୍ଦ୍ରାନ୍ୱିତ ଅବସ୍ଥାରେ ବିଶ୍ୱନାଥ ବାଡ଼ିପଟ କବାଟ ଖୋଲିଦେଲା, କାରଣ ଲକ୍ଷ୍ମୀ ଏଇ ବାଡ଼ି ଦରଜା ଦେଇ ଆସନ୍ତି । ମୂର୍ତ୍ତିରେ ଶେଷ ବା ଚୂଡ଼ାନ୍ତ ସ୍ପର୍ଶଦେଇ ଚାଲିଛି ବିଶ୍ୱନାଥ । ଚୂଳ, କପାଳ, ଆଖି, ନାକ, ଓଠ, ବକ୍ଷ, ତ୍ରିବଳୀ, ପାଦ ଏପରିକି ପାଦ ନଖଯାକେ ପ୍ରତିଟି ଅଙ୍ଗପ୍ରତ୍ୟଙ୍ଗକୁ ଲକ୍ଷ୍ମୀର ସେହି ସବୁ ଅଂଶ ସହିତ ମିଳାଇ ନେଲା । ସବୁ ଅବିକଳ । କଣ ଭାବିଲା କେଜାଣି ମୂର୍ତ୍ତି ପାଖରେ ଲାଗିହୋଇ ଛିଡ଼ାହେଲା ! ଠିକ୍ କାନ୍ଧ ସମାନ । ଟିକିଏ ଦୂରକୁ ଯାଇ ଗୋଟାଏ କଣରୁ ଦେଖିଲା । 'ଲେଦା ଏଣ୍ଡ ଦି ସ୍ୱାନ' ତଥା ସିନେମା ଅଭିନେତ୍ରୀମାନଙ୍କ ରୂପସମ୍ଭାର ଅନୁକୃତିରେ ଯେଉଁ ଯୌନ ଆବେଦନ କୃତ୍ତିବାସ ଆଣିପାରିଥିଲା ତା ଅପେକ୍ଷା କିଛି ବେଶୀ ନିଜ ମୂର୍ତ୍ତିରେ ସେ ଲକ୍ଷ୍ୟ କଲା । କାରଣ ଏ ମୂର୍ତ୍ତିର ମଡ଼େଲ ତାର ନିଜସ୍ୱ ସ୍ୱକୀୟ, ଦିହଛୁଆଁ । ହୁଏତ ତା ଦିହର ଗନ୍ଧ ଯ୍ୟା ଦିହରେ ଏବେ ବି ଥିବ । ଶେଷଥରକ ପାଇଁ ମୂର୍ତ୍ତିରୁ ହାତ ଉଠାଇବା ପୂର୍ବରୁ ବିଶ୍ୱନାଥର ଚେହେରାରେ ବିସ୍ମୟକର ପରିବର୍ତ୍ତନ ଆସିଲା ଯେମିତି ହଠାତ୍ ଭାବଟିଏ ଅବଚେତନରୁ କଣଟାଏ ତାର ଚେତନ ସ୍ତରକୁ ଆସିଯାଇଛି । ତାରଦିହ ଥରିବାକୁ ଆରମ୍ଭ କଲା, ଲୋମଗୁଡ଼ାକ ଛିଡ଼ା ହୋଇଗଲା । ଖୁବ୍ ଛୋଟ ବ୍ରଶଟାକୁ କଳା ରଙ୍ଗରେ ବୁଡ଼ାଇ ଥର ଥର ହାତ ନେଇ ମୂର୍ତ୍ତିର ନାକ ଅଗର ମଝିରେ ଠିକ୍ ସୋରିଷ ପ୍ରମାଣ ତିଳ ଚିହ୍ନଟିଏ

Digitized by srujanika@gmail.com

ଆଙ୍କିଦେଲା । ଏକଣ ? ତା ଓଠ ଥରୁଛି କାହିଁକି ? ତା ମୁହଁ ମୂର୍ତ୍ତିର ମୁହଁ ଆଡ଼କୁ ଆଗେଇ ଗଲାପରି ଲାଗୁଛି କାହିଁକି ? ସାମାନ୍ୟ ପ୍ରକୃତିସ୍ଥ ହେଲା, ସମ୍ଭାଳି ନେଲା । ପୁଣି ଧଇଲା ତୂଳୀ । ଏରଙ୍ଗ ଘନକୃଷ୍ଣ, ଶ୍ରୀକୃଷ୍ଣଙ୍କ ଦିହରଙ୍ଗ । ହାତ ପୁଣି ଥର ଥର ହୋଇ ଚାଲିଲା ମୂର୍ତ୍ତିର ବାମ ସ୍ତନ ଆଡ଼କୁ । ଖୁବ୍ ଧୀରେ ଖୁବ୍ ସନ୍ତର୍ପଣରେ ଚୁଚୁକାଗ୍ରର ଠିକ୍ ଇଞ୍ଚେ ତଳକୁ ଆଙ୍କିଦେଲା ଆଉ ଏକ ତିଳ ଚିହ୍ନ । ବିଶ୍ୱନାଥ ଆଉ ଥୟ ଧରିପାରିଲା ନାହିଁ । ଦିହ ଜଳାପୋଡ଼ା କଲାପରି ଲାଗିଲା । ସତେ ଯେମିତି ତାର ସଦ୍ୟ ବିବାହିତା ଲକ୍ଷ୍ମୀ ବିବସ୍ତ୍ରା ହୋଇ ବାସରଘରେ ଛିଡ଼ା ହୋଇଛି । କୁଣ୍ଢାଇ ପକାଇ ସେଇ ଛବିର ହଂସଟା ଯିମିତି ଲେଦାକୁ ବ୍ୟତିବ୍ୟସ୍ତ କରୁଥିଲା ବିଶ୍ୱନାଥ ସେ ମୂର୍ତ୍ତିକୁ ସିମିତି ଚୁମିଗଲା । ସେତିକିବେଳେ ସନ୍ନିକଟସ୍ଥ ପୂଜାମଣ୍ଡପରେ ସାଜସଜ୍ଜା ଶେଷକରି ପିଲାଏ ଆରମ୍ଭ କରିଦେଲେ "ତୁ ଖୋଲା ବରଷକା" । ଧଡ଼ପଡ଼ ହୋଇ ବିଶ୍ୱନାଥ ନିଷ୍ପତ୍ତି କଲା ଲକ୍ଷ ଲକ୍ଷ ଟଙ୍କା ମିଳିଲେ ବି ମୂର୍ତ୍ତି ବିକିବ ନାହିଁ । ସରସ୍ୱତୀ କହି ଲକ୍ଷ୍ମୀ ବିକିବ ? ଉତ୍ସବ ଶେଷ ହେଲା । ଉଭୟ ଶିଳ୍ପୀ ଯେଝାଘରକୁ ଫେରିବା ବ୍ୟବସ୍ଥା କଲେ । ତୁଠରେ ବାସନ କୁସନ ମଜାମଜି କରୁଥିଲା ବେଳେ ବିଶ୍ୱନାଥକୁ କୃତ୍ତିବାସ ପଚାରିଲା "ବିଶୁଭାଇ ! ବୁଝିଲି ତୋମାର ଖୁବ୍ ଭାଲୋ ମୂର୍ତ୍ତିଟା ଅବିକ୍ରି ରଇଗଲା । କେନୋ ! ଘରକୁ ଫେରିବାର ଆନନ୍ଦରେ ଟିକିଏ ଲଘୁଚେତା ହୋଇ ବିଶ୍ୱନାଥ ଉତ୍ତରଦେଲା "କୀର୍ତ୍ତି ଭାଇ ! ସରସ୍ୱତୀ ମୂର୍ତ୍ତିଟା କାହିଁକି କେଜାଣି ଲକ୍ଷ୍ମୀର ମୂର୍ତ୍ତି ହୋଇଗଲା । ଏକଟୁକୁ ତୋମାର ଲେଦାର ମତନ । ତାଇ ଅପୂଜା ରହିଗଲା ।"

# କବିତା କର୍ମଶାଳା

"ଅଜା ଧୋତି ପଞ୍ଜାବୀରେ ଅଲବତ୍ ଯିବେ ।"

"ଆଜି ଜେଜେଙ୍କୁ ପେଣ୍ଟ ସାର୍ଟରେ ଯିବାକୁ ଦେବୁ ନାହିଁ ।"

"ଜେଜେ ଆଜି ବରବେଶରେ ଯିବେ ।"

"ମଉସାଙ୍କୁ ଧୋତି ପଞ୍ଜାବୀ ଭାରି ମାନେ ।"

"ସାହିତ୍ୟ ସଭାକୁ କିଏ ପେଣ୍ଟ ସାର୍ଟରେ ଯାଏ ?"

"କାଲି ବ୍ରହ୍ମଚାରୀଙ୍କି ଭିକ୍ଷା ଦେଲାବେଳେ ଯେଉଁ ବେଶ ସମନ୍ଧିଙ୍କ ଥିଲା ଆଜି ସେଇ ଧୋତି ଗିଲକରା ପଞ୍ଜାବୀରେ ଯାଆନ୍ତୁ ।"

Digitized by srujanika@gmail.com

"ଆଛା, କନୌଜର ଖସ୍‌ଖସ୍ ନହେଲେ ଇଣ୍ଟିମେଟ୍ ଅତର କାଠି କାନରେ ଗୁଞ୍ଜି ଗଲେ ବି କ୍ଷତି କ'ଣ ? ସାହିତ୍ୟ ସଭା ପରା" ଇମିତି କିଏ କେତେ ମତେ ଅଜାଙ୍କୁ ସାଜିବାରେ ଦେଖିବାରେ ଇଛା କରୁଥାନ୍ତି । ଅଜା ଜଣେ ଇମିତି ସିମିତି ସାହିତ୍ୟିକ ! କାବ୍ୟିକ, ଗାଳ୍ପିକ, ରମ୍ୟରଚକ, ଏପରିକି କି ବୃଦ୍ଧ ସାହିତ୍ୟିକ ହିସାବରେ କେତେ କେତେ ସଂସ୍ଥା, ଅନୁଷ୍ଠାନ ତଥା ଏକାଡ଼େମିରୁ ବର୍ଷକୁ ବର୍ଷ ଉପଢ଼ୌକନ, ନଗଦ ପୁରସ୍କାର ପାଇ ଆସୁଛନ୍ତି । କେଉଁ ସଭା ବା ପୁସ୍ତକ ସେ ଉଦ୍‌ଘାଟନ ନ କରିଛନ୍ତି !

ସମବେତ ବନ୍ଧୁ କୁଟୁମ୍ବ (ବଟାନିକାଲ ଗାର୍ଡ଼େନର ବଟ ବୃକ୍ଷୀ ସଂପ୍ରସରଣଠୁଁ ବଳି ବଂଶଲତା) ମେଜାଜ ଉପରେ ଥାନ୍ତି । ସତ୍ୟଜିତ୍ ରାୟ, ମୃଣାଳ ସେନ୍, ବିପେନ୍ ଚକ୍ରବର୍ତ୍ତୀ, ଜ୍ୟୋତିବସୁ ଆଦି ବଡ଼ ବଡ଼ିଆଙ୍କ ନାଆଁ ଚେହେରା ଏ ଅଭିଜାତ ସମ୍ପ୍ରଦାୟରେ ବାରମ୍ବାର ପଡୁଥାଏ, ଉଠୁଥାଏ ଏଇ ପୋଷାକ ନଜିରରେ ।

ତେତାଲାର ଉପର ଛାତରେ ବୈଠକୀ ବସିଥାଏ । କାଲି ନାତିର ଉପନୟନ ଶେଷ ହୋଇଛି । ବ୍ରତ ବିବାହ ଦିନ ଗୁଡ଼ାକ କର୍ମ ବ୍ୟସ୍ତତାରେ କଟେ । ବାସିଦିନଟି ପ୍ରକୃତରେ ତାଜା ଦିନ । ଆତ୍ମୀୟ କୁଟୁମ୍ବଙ୍କ ପାଇଁ ସ୍ପେଶିଆଲ ଦିନ । ପିଓର ଖାସି, ଫ୍ରାୟେଡ୍ ରାଇଶ୍ (ରାଞ୍ଚିରୁ ଅଣା ଖରାଦିନିଆ କୋବି, ମଟର, ବିଲାତି ବାଇଗଣ, ବୀଟ୍, ଗାଜର ଆହୁରି କେତେ କଣ) ଲଞ୍ଚର ମେନ୍ୟୁ ଉପରେ ଥାଏ । ଗରିଷ୍ଠ ଭୋଜନ ପରେ ଦିପହର ଯାକ ଶୋଇ ପାଞ୍ଚ ଛଅଟା ବେଳକୁ ଛାତ ଉପରେ ସମସ୍ତେ ଜମା ହୋଇଛନ୍ତି । ପୁରୁଷ ସ୍ତ୍ରୀ ଝିଅଝିଆରି, ସମୁଦିସମୁଦୁଣୀ, ତିନି ପୁରୁଷର ଏକତ୍ର ସମାବେଶ । କାଠଯୋଡ଼ୀ ପଟୁ ସୁଲୁସୁଲିଆ ପବନ, ନରାଜ ଆରପଟେ ସୂର୍ଯ୍ୟଦେବ ମାତାଲ ପରି ଟଳିଟଳି ଘରକୁ ଫେରୁଛନ୍ତି । ଏଣେ ଛାତ ଉପରେ ପାଚକ ପାଣି, ଭାଙ୍ଗ, ମଦନାନନ୍ଦ । ଏକଦମ ମଡ଼ର୍ଣ୍ଣ ଗେଟ୍-ଟୁଗେଦର ।

ପ୍ରଥମେ କଥା ପଡ଼ିଲା ଗତ କାଲିର ଉପନୟନ କଥା । କିମିତି ରଙ୍ଗୀନ୍, ଆଡ଼ମ୍ବରା, ଜାକଜମକରେ ବିନା ଭୁଲ ତ୍ରୁଟିରେ ଉତ୍ସବ ସମ୍ପନ୍ନ ହେଲା । ଖାଦ୍ୟ ପାନୀୟ ଖାଣ୍ଟିଖୁଣ୍ଟ, ନିଅଣ୍ଟ ହୋଇନି କି ବଳକା ବି ହେଇନି । ଲୁଗାପଟା ସମସ୍ତଙ୍କ ମନକୁ ପାଇଛି । ଦିଲ୍ଲୀରୁ ଆସିଥିଲା ତ ! ସନ୍ଧ୍ୟାରେ କଟକର ରୋଷଣୀ ଆକାଶକୁ ବର୍ଣ୍ଣାଢ଼୍ୟ ଶୋଭାରେ ଚମତ୍କୃତ କରିଥିଲା । ଉତ୍ସବର ହିରୋ ହିରୋଇନ୍ ଝିଅ, ଆଉ ଜୋଇଁ ଏବଂ ବାଳକ ଅଭିନେତା ନାତି ଦେବଦତ୍ତ । ଅଜାଙ୍କ ସାହିତ୍ୟିକ ଛାତି ଫାଟି ପଡୁଛି ।

ଶୁଭ୍ର କେଶ ଥାକୁଲ ଥୁକୁଲ ଅଜାଟି ନଣ୍ଡା ମୁଣ୍ଡିଆ ନାତି ବ୍ରହ୍ମଚାରୀ ସହିତ ନୂଆ ମଶିଣା ଖଣ୍ଡିକରେ ବସିଥାନ୍ତି, କୃତକୃତ୍ୟ ହୋଇ । ବଞ୍ଚିଥିଲେ ବୋଲି ତ ନାତିର ଉପନୟନ ଦେଖିଲେ ! ମନେ ପକାଉଥାନ୍ତି ଧୃତରାଷ୍ଟ୍ରଙ୍କ ଶହେପୁଅ, ସାଗରଙ୍କ ଷାଠିଏ ହଜାର ପୁଅ ଓ ପିଲାଦିନେ ପଢ଼ିଥିବା ପୁରୁଣା ଡ଼ାଏରୀ, ପୃଷ୍ଠା ଓଲଟାଉଥାନ୍ତି, ଆପେ

Digitized by srujanika@gmail.com

ଆପେ ହସୁଥାନ୍ତି ମୁରୁକି ମୁରୁକି । ଭଲ ମନେ ରହୁନି ତ । କେତେବେଳେ ଆଇଡ଼ିଆଟିଏ ମନରେ ଉଦୟ ହେଲେ ଅସ୍ତ ହେବା ପୂର୍ବରୁ ଖାତାରେ ତାକୁ ରଖିଦେଲେ ଦରକାର ବେଳେ କର୍ମରେ ଆସିବ ।

କିଏ ତାଙ୍କୁ କହି ଦେଇଛି ନାତି ନାଲୁ (ଡ଼ାକ ନାଆଁ) ଗପ, କବିତା ଲେଖାଲେଖି ଆରମ୍ଭ କରିଦେଲାଣି । ତା ଲେଖନ୍ତା ନାହିଁ ? ତେର ବର୍ଷ ପୂରି ଚଉଦ ଚାଲିଲା । ପଇତା ଘର ଶୁଝିଲାନି ବୋଲି ବୟସ ଗଡ଼ିଗଲା ଉପନୟନର । ବେଦିରେ ଓଦାକରିଆ ଲୁଗା ପାଲଟିଲା ବେଳେ ବାଜାବାଲାଏ ତା ଆଡ଼କୁ ଚାହିଁ ହସୁଥିଲେ । ପିଲାଟା ପାଠ ବି ଡ଼େରିରେ ଆରମ୍ଭ କରିଛି । ଅଲିଅଳ ପିଲା, ସିମିତି ହବ । ଏବେ ସପ୍ତମକୁ ଯାଇଛି । କଣ ଫେର ହେଲା ଯେ, ବର୍ଷେ ସେଇ କ୍ଲାସ୍‌ରେ ରହିବ । ଆଗକାର ଏଗାର ନାହିଁ, ଦଶ ହୋଇଗଲା । ହେଲେ ଗପ କବିତା ଆରମ୍ଭ କଲାଣି । ପାକଳର ଲକ୍ଷଣତ । ଇଞ୍ଜିନିୟର, ମନ୍ତ୍ରୀ, ଗଭର୍ଣ୍ଣର, କିଏ କବିତା ନ ଲେଖୁଛି । ଆଉ କାହିଁରେ କିଛି ନହେଲେ ତା ନାଆଁ ଆଗରେ କବି ଲେଖିପାରିବ । ତାଛଡ଼ା ବଂଶରେ ସାହିତ୍ୟର ରକ୍ତ ରହିଛି, ସୁଅ କେଉଁଠି କିମିତି ବନ୍ଦ ହୋଇଗଲେ କେବେ କିମିତି ଆଉ କେଉଁଠି ବାହାରିବ । ଅଜା ଖୁବ୍ ଖୁସି, ଗର୍ବିତ, ନାତି ବଂଶର ପାଣି ରଖିବ । ନାତିର ବି ଛାତି କୁଣ୍ଢେ ମୋଟ ! ଉପନୀତ ଧାରଣ କରି ବ୍ରହ୍ମଚାରୀଟି ବସିଛି ଚଣ୍ଡୀଖୋଲ ପାହାଡ଼ ପରି ଉଚ୍ଚ ଅଜାଙ୍କ ପାଖରେ । ଅନ୍ୟମାନଙ୍କ ପରି ସେ ବି ଅପେକ୍ଷା କରିଛି ଗାଡ଼ି କେତେବେଳେ ଆସିବ ଅଜାଙ୍କୁ ନେଇଯିବ । କେଉଁଠି ଏକ ବିରାଟ ସାହିତ୍ୟ ସଭା ହେବ । ହଜାର ହଜାର ସାହିତ୍ୟିକ, କବି ଆସିବେ ବିନା ପଇସାରେ ଦୂରଦୂରନ୍ତାରୁ ଗାଡ଼ି, ଘୋଡ଼ା, ପ୍ଲେନ ଚଢ଼ି । ଅଜା ମୁଖ୍ୟ ବରେଣ୍ୟ ଅତିଥି ।

ନାରୀମହଲ ଏ ସାହିତ୍ୟ ଫାହିତ୍ୟ କଥା ବା କାହିଁକି ଆଲୋଚନା କରିବେ ? "ନାଲୁରେ ! କେତେ ଭିକ୍ଷା ମିଳିଲା ?" କିଏ ଜଣେ ମଫସଲୀ ବିଧବା ବୁଢ଼ୀ ପଚାରିଲା । ବ୍ରହ୍ମଚାରୀ ନାଲୁ ଲାଜଲାଜ ହୋଇ କହିଲା "ମୁଁ ଜାଣେନି, ମାମୁଁ ମୋତେ ନେଇଗଲେ ଠାକୁର ଘରକୁ । ମାମୁଁ ମାଆ ହାତକୁ ଥାଳି ବଢ଼ାଇଦେଲେ ।" ଦଶ ବାର ବର୍ଷର ଝିଅଟିଏ କହିଲା "ଆଞ୍ଜୁଳାଏ ମୁଦି । ମୁଁ ଗଣିଥିଲି ଷାଠିଏ ହବ ।" ତା ତଳ ଝିଅ କହିଲା "ଶହେ ଟଙ୍କିଆ ନୋଟ ପଚାଶ ହେବ ।" ବୋକା ନାଲୁ ସେମାନଙ୍କୁ ଟପିଯିବା ପାଇଁ କହିଲା "ମନ୍ତ୍ରୀ ଲାଟସାହେବ ଚେନ୍ ହୀରାମୁଦି ଦେଇଛନ୍ତି ।" ବଡ଼ବୋହୂ କହିଲେ "ନାନୀ ଦଶ ହଜାର ଖର୍ଚ୍ଚ କରି ପ୍ରାୟ ଲକ୍ଷେ ପାଇଗଲେ, "ଆଉ ପାଞ୍ଚ ଛଅ ବର୍ଷକୁ ନାଲୁର ବାହାଘରକୁ କ'ଣ ହେବ ଫେର୍ ଅଛି ।" କିନ୍ତୁ ସମୁଦୁଣୀ ଥମଥମ ହୋଇ କହିଲେ "ଏବେ ଗୋଟାଏ ଫେଶନ୍ ବାହାରିଛି ଥାଳିରେ ବହି ଦେଉଛନ୍ତି । ଏଡ଼ିକି ଛୋଟ ପିଲା ବହି ନେଇ କ'ଣ କରିବ ? ପାଞ୍ଚ ଦଶଟା ଟଙ୍କା ଦେଇଥିଲେ ବେଦୀକି ଶୋଭା, ବ୍ରହ୍ମଚାରୀ ଖୁସି । ଯୁଗ କଣ ହେଲା । କାଙ୍ଗାଳଗୁଡ଼ାକ ଏଇ ଲେଖାଲେଖି ବାଲାଏ ।"

Digitized by srujanika@gmail.com

ଏତିକିବେଳେ ତଳେ ରାସ୍ତାରେ ଖୁବ୍ ଜାକିଜୁକି ହୋଇ ବସିଥିବା ଗୁଡ଼ାଏ ସାହିତ୍ୟିକଙ୍କୁ ଧରି ସୁପର ଡ଼ିଲକ୍ସ ବାସ୍‌ଟାଏ ଆସି ଛିଡ଼ା ହୋଇଗଲା ଏବଂ ଯୋଜନା ପରିକଳ୍ପନା ଅନୁଯାୟୀ ଅଜାଙ୍କୁ ସଜିତ କରି ଡ୍ରାଇଭର ପାଖସ୍ଥାନ ଆଡ଼କୁ ନିଆଗଲା ।

ନାଲୁ ପଛପଟୁ ଡ଼ାକି କହିଲା, "ଜେଜେ, କାଲି ଯେଉଁ ଗପଟା ମୋର ପଢ଼ିଥିଲେ ସେଟା ନେଇଯିବେ, ମୋ ନାଆଁରେ ପଢ଼ିବେ ?" ଅଜା କହିଲେ "ସେଠି ଖାଲି କବିତା ପଢ଼ାଯିବାରେ ।" ଆଗ୍ରହରେ ନାଲୁ କହିଲା "କବିତା ଗୋଟେ ବି ଲେଖିଥିଲି, ସେଇଟା ନବ, ଖାତାଟି ଆଣିଦେବି ?" ଜେଜେ କହିଲେ "ଖାତା ଦରକାର ନାହିଁ, ମୋର ମନେ ଅଛି । ଭଲ କବିତା ଛାଏଁ ଛାଏଁ ମନେ ରହିଯାଏ ।" "ଜେଜେ ! ମନେକରି ମୋ କବିତାଟା ପଢ଼ିବ ନିଶ୍ଚୟ ।" ନାଲୁ କହୁଥାଏ, ମେଞ୍ଚାଏ କଳା ଧୂଆଁ ଉଡ଼େଇ ଚାଲିଗଲା ଗାଡ଼ିଟା ।

ଜେଜେ ବର୍ତ୍ତମାନ ଏକ ଅନିଶ୍ଚିତ ପଥର ପଥିକ ଏବଂ ତାଙ୍କ ଭାଗ୍ୟଡ଼ୋରି ଯୁଗ ପ୍ରବର୍ତ୍ତକ କବି ବର୍ଗଙ୍କ ହାତରେ । କେବେ ଦିନେ ସେ ଭଞ୍ଜୀୟ ରାଧାନାଥୀ ରୀତିରେ 'କେଉଁ ଧର୍ମ ଧରି ତୁମକୁ ଡ଼ାକିବି' ପରି ଭଜନ ଲେଖୁଥିଲେ ଏବେ ଆତ୍ମ ଚରିତ ଲେଖୁଛନ୍ତି । ସମ୍ପୂର୍ଣ୍ଣ ନୂତନ ପରିସ୍ଥିତି ଓ ପରିବେଶ ସହିତ ନିଜକୁ ଖାପ୍ ଖୁଆଇ ବୃଦ୍ଧ ଯୁବ ହେବା ଚେଷ୍ଟାରେ ଅଛନ୍ତି ଏବଂ ସହାନୁଭୂତି ଓ ସମ୍ବେଦନଶୀଳତା ତଥା ଧୈର୍ଯ୍ୟର ପରାକାଷ୍ଠାରେ ପହୁଞ୍ଚିବାର ଚେଷ୍ଟାରେ ଅଛନ୍ତି ।

ଆଧୁନିକ କବିତାର ପରିବ୍ୟାପ୍ତି ଓ ପରିସର ସହିତ ମେଳ ରଖି ଏକ ବିସ୍ତୀର୍ଣ୍ଣ ଉଦ୍ଭାସିତ ଅଞ୍ଚଳରେ ଏ ଆସର ସଜାଯାଇଛି । ବଦାନ୍ୟତାର ସୀମା ଟପି ପୃଷ୍ଠପୋଷକ ଗର୍ବ ଜାତିର ମେରୁଦଣ୍ଡ ସାହିତ୍ୟିକଗଣଙ୍କୁ ଉତ୍ସାହ ଉଦ୍ଦୀପନା ଦେଉଛନ୍ତି ।

ମୋଟାମୋଟି କହିଲେ 'କବିତା କର୍ମଶାଳା'ଟି ଟାଟା ବା ରାଉରକେଲାର ଷ୍ଟିଲ୍ ପ୍ଲାଣ୍ଟ ମଡ଼େଲରେ ତିଆରି । ଫାଟକଟି ବିରାଟ ପ୍ରତୀକମୟ । କେବଳ ଜ୍ୟାମିତି ବହିର ବୃତ୍ତ ତ୍ରିଭୁଜ ଓ ପାଇପ ସମ୍ମିଶ୍ରଣରେ ଆଧୁନିକ ଆର୍ଟରେ ପ୍ରତୀକଧର୍ମୀ ଛବିରେ ଭରପୁର ସେ ଫାଟକ । ସ୍ଲୋଗାନ୍ ଆକାରରେ ଲେଖାଅଛି "ଯୁଗ ଚେତନା ଓ ସମାଜ ଚେତନା ଛଡ଼ା କବିର ଗତି ନାହିଁ ।" "ଯୁଗ ଯନ୍ତ୍ରଣା ତାର ପାଥେୟ ।" "ମୃତ୍ୟୁ ଚେତନା ନ ଥାଇ କବିତା ନାହିଁ ।" "କମିଟ୍‌ମେଣ୍ଟ ଓ କବି ଏକ ।" "ବୃଦ୍ଧ ତୁମେ ହଟ, ତୁମେ ଜାଠ ।" ଜେନେରେଶନ ଗେପ୍ ଏକ ହିଁ ଗେପ୍ ।" "କବିତା କିଛି ନୁହେଁ ବେଦନା ଓ ସମ୍ବେଦନାର ପରିପ୍ରକାଶ ।"

ଭିତରେ ଯେଉଁ ତୋରଣମାନ ଥିଲା ସେଗୁଡ଼ିକର ନାଆଁ ହେଲା "କାଫ୍‌କା ତୋରଣ" "ଫ୍ରଏଡ୍ ତୋରଣ" "ବଦ୍‌ଲେୟାର ତୋରଣ" "ସାର୍ତ୍ରେ ତୋରଣ" ଏପରିକି ଇଲିୟଟ୍, ଲିଭିସ୍, ଇଏଟସ୍‌ଙ୍କ ସହିତ ଦେଶୀ କେତେକ କବିଙ୍କ ନାମିତ ତୋରଣ । ପ୍ରଧାନ ମଞ୍ଚଟି ଉତ୍ସର୍ଗୀକୃତ ହୋଇଥିଲା ଭାରତୀୟ ସ୍ଥିତିବାଦୀ ମହାମହିମ ଚାର୍ବାକଙ୍କ ନାଆଁରେ । ଆଶ୍ଚର୍ଯ୍ୟର କଥା ସର୍ବତ୍ର ଯୁଗଯନ୍ତ୍ରଣାର ଛବି ଥିଲେ ବି ଶାନ୍ତି ନିକେତନୀ

Digitized by srujanika@gmail.com

ମୁଣି କାନ୍ଧରେ ଝୁଲାଇ ଘୁରାଫେରା କରୁଥିବା କବିବର୍ଗଙ୍କ ମୁହଁରେ ଅପୂର୍ବ ଉତ୍ସାହ ଓ ଜ୍ୟୋତି ଆଭା ଉକୁଟି ଉଠୁଥିଲା ଏବଂ ପାନ ଭୋଜନର ଅପୂର୍ବ ମହକ, ଧୂପ ପୁଷ୍ପର ଗନ୍ଧ ସମସ୍ତଙ୍କ ଦିହରେ ମଧ ଚରି ଯାଇଥିଲା । ଯେ ଯେତେ ସ୍ଥୂଳ ସେ ସେତେ ବଡ଼ ସାହିତ୍ୟିକ ବୋଲି ବିବେଚିତ ଓ ପରିଗଣିତ ହେଉଥିଲେ ।

ଭିତରକୁ ପଶି ଅଜା/ଜେଜେ ପ୍ରଥମେ ପ୍ରଦର୍ଶନୀ ଇଲାକାକୁ ଗଲେ । ସ୍କୁଲ କଲେଜ ପିଲାଏ ବିଜ୍ଞାନ ପ୍ରଦର୍ଶନୀର ଆୟୋଜନ କରି ଯିମିତି ଦଳଦଳ ଦର୍ଶକଙ୍କୁ ପେଟଚିରା ବେଙ୍ଗର ଦୁକଦୁକି ବା ଏଇଚ୍-ଟୁ-ଓ ର ମିଶ୍ରଣରେ ଢ୍ୱୋ ଶବ୍ଦ ପରେ ପାଣିର ଉତ୍ପତ୍ତି ବୁଝାଇଲା ପରି ଲେଖକମାନେ ଚିହ୍ନରା କବିତା ରସିକଙ୍କୁ ବୁଝାଉଥାନ୍ତି କବିତାର ଗୂଢ଼ତତ୍ତ୍ୱ, ତଥ୍ୟାଦି । ପ୍ରବେଶଦ୍ୱାରମାନଙ୍କରେ ଲେଖାହୋଇଛି "ଏଠାରେ ମିଥ୍ ତିଆରି ହୁଏ" "ଏଠାରେ କବିତାରୁ ଆବେଗ, ସେଣ୍ଟିମେଣ୍ଟ ବା ଇମୋଶନ ଓ ପ୍ରେରଣାର ଆର୍ବଜନା ବାହାର କରି ଦିଆଯାଏ" "ଇମେଜ ଓ ପ୍ରତୀକ ତିଆରି ଯନ୍ତ୍ର ଏଠି ମିଳେ", "ଅବ୍‌ଜେକ୍ଟିଭ କୋରିଲେଟିଭ, ନିଗେଟିଭ୍ କେପାବିଲିଟି କ'ଣ ସାଇଡ଼ରେ ଦେଖନ୍ତୁ ।" "ଏଠି ଦେଖନ୍ତୁ ପୁର୍ନମୂଲ୍ୟାୟନ ଓ ନବ୍ୟ ମୂଲ୍ୟାୟନରେ ଗଙ୍ଗାଧରଙ୍କ ଛାନ୍ଦର ସ୍ୱରୂପ ।" ତରୁଣ ତରୁଣୀମାନେ ମୁଗ୍ଧ ଦର୍ଶକ ଓ ଶ୍ରୋତାଙ୍କୁ ଅନଗଳ କହିଚାଲିଛନ୍ତି "ଅତ୍ୟାଧୁନିକ କବିତା ସମାଲୋଚନା ସୀମାରେଖା ବାହାରେ", "ଦେଖନ୍ତୁ ସେଇ ସେଇ ଏକା ଶବ୍ଦମାନଙ୍କ ପରମ୍ୟୁଟେସନ କମ୍ବିନେଶନରେ କିମିତି ନାନା କିସମର କବିତା ହୋଇପାରେ", "ବାଜେ ଟୀକାକାର ବା ଅକବିମାନେ କବିତାରେ ରସଗୁଣରୀତି, ସୁର ଭାବ ଖୋଜିଥାନ୍ତି", "ପ୍ରତିଟି ଶବ୍ଦର ଦୁଇ ଅର୍ଥ ଗୋଟିଏ ଗୁଢ଼ାର୍ଥ, ଅନ୍ୟଟି ଯୌନାର୍ଥ ।"

ଅଜା/ଜେଜେ ବହୁଦିନ ପୂର୍ବେ କବିତା ଲେଖୁଥିଲେ, ଏବେ ପତ୍ରପତ୍ରିକାର ସନିର୍ବନ୍ଧ ଅନୁରୋଧରେ ଆଧୁନିକ କବିତା ଲେଖିବାକୁ ବାଧ ହେଉଛନ୍ତି । ତେଣୁ ନୋଟ୍ ଖାତାରେ ଅନେକାନେକ ଉକ୍ତି ସୂକ୍ତି ଟୁହା ଉତାରି ନେଉଥାନ୍ତି । ଶେଷ କୋଠରୀରେ ଜଣେ ଦୁର୍ଦ୍ଧର୍ଷ ଲେଖକ ଉଦ୍ଦାମ ସୁରରେ ପଂକ୍ତି ପଂକ୍ତି କବିତା ବୁଝାଇ ଦେଇ କହୁଥାନ୍ତି "ଆଧୁନିକ କବିତାରେ କାହିଁ ଅବୋଧତା ଦୁର୍ବୋଧତା ନାହିଁ ବା କୁତ୍ରାପି ଯୌନ ସଂକେତ ଓ ଇଙ୍ଗିତର ପ୍ରୟୋଗ ହୋଇନାହିଁ । ସବୁ ଚର୍ଯ୍ୟାପଦ ଗୀତିକା ବା ମାଳିକା ବା ଅଚ୍ୟୁତାନନ୍ଦୀ ଧର୍ମୀ ।" ନାତି ପାଇଁ ଜେଜେ କେତୋଟି ହେମଦିସ୍ତାରେ କୁଟା ହୋଇ ତାଜା ବାହାରିଥିବା ସନେଟ୍, ଦୁଇ ଚାରୋଟି ମେଟାଫିସିକାଲ ଲିରିକ କିଣିଲେ । ଆମେରିକାର ବାରଜଣ କକ ଓ ଆଧୁନିକ ଛଅଜଣ ଇଂରାଜୀ କବିତା ଲେଖକଙ୍କ ଫଟୋ ନାଲୁ ପାଇଁ ନେଲେ ଉପହାର ଦେବା ଅଭିପ୍ରାୟରେ । ତା' ପରେ ତାଙ୍କୁ କେତେଜଣ ବେଚ୍‌ପିନ୍ଧା ଯୁବ ଭଲ୍ୟୁଣ୍ଟିଅର ପରୀକ୍ଷାବାଗଦକୁ ନେଇଗଲେ, ଆମେରିକାରୁ ଆସିଥିବା ଯନ୍ତ୍ର ସାହାଯ୍ୟରେ ତାଙ୍କର ଫିଟ୍‌ନେସ୍ ଟେଷ୍ଟ କରିବା ପାଇଁ । ଯିମିତି ଇ.ସି.ଜି. ସାହାଯ୍ୟରେ ହାର୍ଟ ପରୀକ୍ଷା ହୁଏ, ସିମିତି ଗୋଟାଏ ଯନ୍ତ୍ରରେ ତାଙ୍କ ହାର୍ଟର ଇମୋଶନ କଣ୍ଟେଣ୍ଟ ଦେଖାଗଲା ଏବଂ

Digitized by srujanika@gmail.com

ପରୀକ୍ଷା ନିରୀକ୍ଷା ଶେଷରେ ହୃଦୟକୁ କାଠ ବା ପଥର ପରି କରିବା ପାଇଁ କିଛି ବିଦେଶୀ ପିଲ୍ ଦିଆଗଲା । ପୁଣି ପରୀକ୍ଷା ହେଲା ତାଙ୍କର ଏସୋସିଏସନ୍ ବା ଡ଼ିସୋସିଏସନ ଅଫ୍ ସେନ୍‌ସିବିଲିଟିର ମାତ୍ରା ଓ ସମୟ ପରିମାଣ, ଯିମିତି ଡ଼ାକ୍ତରମାନେ ଅପରେଶନ ପୂର୍ବରୁ କୋଆଗୋଲେଶନର ସମୟ ଦେଖିଥାନ୍ତି ଏବଂ ସାଉଥ୍ ଆଫ୍ରିକାରୁ ଅଣା ହୋଇଥିବା ଯନ୍ତ୍ରରେ ଏଲିନିଏସନର ଦୂରତା ମଧ ମପାଗଲା । ଶେଷରେ ମପାଗଲା ଯୁଗଚେତନାର କେଉଁ ପଏଣ୍ଟ ବା ବିନ୍ଦୁରେ ସେ ଅଛନ୍ତି । ଆଉ ବେଶୀକ୍ଷଣ ତାଙ୍କୁ ଅଗ୍ନିପରୀକ୍ଷା ଭିତରେ ରହିବାକୁ ପଡ଼ିଲା ନାହିଁ କାରଣ ବାହାରୁ ଲାଉଡ଼ସ୍ପିକରରୁ ଶୁଭିଲା, ଉଦ୍‌ଘାଟନ ମନ୍ତ୍ରୀ ମହୋଦୟ ଉପସ୍ଥିତ ହେଲେଣି ଏବଂ ଯିଏ ଯେଉଁଠି ଅଛି ଆସି ଆସନ ଗ୍ରହଣ କର ।

ସଭାର ପ୍ରାରମ୍ଭରେ ସମସ୍ତଙ୍କୁ ପାନୀୟ ଚର୍ଚ୍ଚା କରାଗଲା । କିଏ ବା କଦଳୀ, ଦୁଧ, ଭାଙ୍ଗ ଅନ୍ୟ କେହି ବା ବଟିକା ଚା' ସଫ୍ଟ ଡ୍ରିଙ୍କସ୍ ସେବନ କଲେ । ଏତଦ୍ୱାରା କଳ୍ପନା ଶକ୍ତି ବଢ଼େ ଅଥଚ ମସ୍ତିଷ୍କ ଠିକ୍ ରୁହେ ଏବଂ ସୁପ୍ତ ଚେତନା ଜାଗି କର୍ମଠ ହୁଏ ।

ମନ୍ତ୍ରୀ ମହୋଦୟ ମରୁଡ଼ି ଅଞ୍ଚଳକୁ ଯାଉଥିବାରୁ ମାତ୍ର ଦୁଇମିନିଟ୍ "ପୋଡ଼ା ଭୂଇଁ"ରେ ପାଦ ଦେଇ ଉଦ୍‌ଘାଟନୀ ଭାଷଣ ଶୁଣାଇଲେ । ସଭାବସୁଲଭ ଭଙ୍ଗୀରେ କାନ୍ତକୋମଳ ପଦାବଳିରେ ଯାହା କହିଲେ ତାର ଅର୍ଥ ଏହି "ମୋତେ କୁହାଯାଇଛି ଆଧୁନିକ କବିତାରେ ଆଧାତ୍ମବାଦ ବିଷୟରେ ପଦେ କହିବା ପାଇଁ । ଆଧାତ୍ମବାଦ ଆମର କମିଟମେଣ୍ଟ । ଇଏ ଗୋଟାଏ ମସ୍ତବଡ଼ ଜିନିଷ । ଆଧାତ୍ମବାଦ ଆମର ଏ ଦେଶରେ ଥିଲା, ଏବେ ଅଛି, ଭବିଷ୍ୟତକୁ ରହିବ । ଆମ ସମାଜରେ ତାହା ରହୁନଥିବାରୁ କବିତାରେ ଅନ୍ତତଃ ରହିବା ଉଚିତ୍ । ଦିଗ୍‌ଦର୍ଶନ ଦେବା ପାଇଁ ଇନ୍ଦିରା ଗାନ୍ଧୀ କୋଡ଼ିଏ ପଏଣ୍ଟ ପ୍ରୋଗ୍ରାମ କରିଛନ୍ତି । ସେଥିପାଇଁ, ଯୁବଶକ୍ତିଙ୍କ ଉଦ୍‌ବୋଧନ ଦେବା ପାଇଁ ମହାକବି ଉପେନ୍ଦ୍ର ଭଞ୍ଜ ଗାଇଛନ୍ତି- "ଉଠ କଙ୍କାଳ ଜାଗ ଦୁର୍ବଳ । ଗରିବ ମଳିମୁଣ୍ଡିଆଙ୍କ ଡ଼ାକ ମୋ କାନରେ ବାଜୁଛି, ମୁଁ ଚାଲିଲି ।" ବିପୁଳ ବୋମା ଶବ୍ଦ ଓ କରତାଳି ଧ୍ୱନିରେ ସେ ସଭା ଛାଡ଼ି ଖଣ୍ଡିଆଭୂତ ପରି ଚାହାନ୍ତ ମାତ୍ରକେ ଅନ୍ତର୍ଦ୍ଧାନ ହୋଇଗଲେ କେତେ ହଜାର ମୁଦ୍ରାର ପ୍ରତିଶୃତି ଦେଇ ।

ପୁରୁଣାକାଳିଆ ରୀତିରେ ଅଜା/ଜେଜେ ଭାବି ଚାଲିଥାନ୍ତି- କିମାଶ୍ଚର୍ଯ୍ୟମତଃ ପରମ୍ । କିନ୍ତୁ ଏ ଭିତରେ ତାଙ୍କର ଚନ୍ଦ୍ରୋଦୟ ହୋଇଗଲାଣି ଏବଂ ତାଙ୍କ ଭିତରେ ଯେଉଁ ଆଶୁକବି ଥିଲା ତାହା ରୋମାଣ୍ଟିକ ଇମାଜିନେଶନ ସାହାଯ୍ୟରେ ବାହାରିବ ବାହାରିବ ହେଉଥାଏ । ଏଠି କିନ୍ତୁ ସବୁ ଓଲଟା । ପ୍ରଥମେ କବିତା ପାଠୋତ୍ସବ ଏବଂ ତା'ପରେ ମୁଖ୍ୟ ଅତିଥିଙ୍କ ପାଳି । ରାତ୍ରି ଭୋଜନର ବ୍ୟବସ୍ଥା ଅଛି, ଘରକୁ ତରବରରେ ଫେରିବା ପ୍ରଶ୍ନ କେହି ଉଠାଇବେ ନାହିଁ । ତୈମୁରଲଙ୍ଗ ଦିଲ୍ଲୀବାସୀଙ୍କୁ ହତ୍ୟାକରି ଯେଉଁଠି ମୁଣ୍ଡ ସବୁ ଗଦା କରିଥିଲେ, ପରବର୍ତ୍ତୀ କାଳରେ ଜନୈକ ଭାଇସରାୟ ସେଇଠି ରାଷ୍ଟ୍ରପତି ଭବନ ତିଆରି ହେବ ବୋଲି କୁଆଡ଼େ ଆଦେଶ କରିଥିଲେ । ଯେତେ ଛେଳି ମୁଣ୍ଡ ସେଇଠି

Digitized by srujanika@gmail.com

ଆଜିର କର୍ମଶାଳାର ନୈଶ ଭୋଜୀ ପାଇଁ ଗଦା ହୋଇଥିଲା ତାକୁ କେହି ଯୁବ ଦେଖିଥିଲେ କହିଥାନ୍ତା, "ଏହାହିଁ ଆଧୁନିକ କାବ୍ୟ କବିତାର ମଣ୍ଡପ ପାଇଁ ଉପଯୁକ୍ତ ସ୍ଥାନ।"

କବିତା ପାଠୋତ୍ସବର ସଭାପତି ପାରମ୍ପରିକ ରୀତିରେ ଏକାଡେମୀର ସଭାପତି। ତାଙ୍କର ଦୈନ୍ୟାବସ୍ଥା ଲକ୍ଷ୍ୟ କରିବାର କଥା। ସେ ଭାବୁଥାନ୍ତି, "ମାର୍ଜାରସ୍ୟ ହି ଦୋଷେନ ହତୋ ଗୃଧ୍ର ଜରଦଗବ।" ଦୁଇ ହଜାର କବିତା ପଢ଼ା ହେବା ପାଇଁ ଆସିଛି। ସାଢ଼େ ସାତଶହ କବି ସାକ୍ଷାତ୍ ଉପସ୍ଥିତ। ପ୍ରତ୍ୟେକ ପଢ଼ିବେ, ପ୍ରତ୍ୟେକଙ୍କ ନାଆଁ ଛପା ହେବ। ଫଟୋ ଓ ଛାପା ଖର୍ଚ୍ଚ ଆଦାୟ ହୋଇଛି ଡେ଼ଲିଗେଟ୍ ଚାନ୍ଦା ସହିତ। କବିତା ପାଠକମାନଙ୍କର ଚିନ୍ତା ନାହିଁ, ସେମାନେ ରାତ୍ରିଚର, ମଧରାତ୍ରର କବିତା ପାଠୋତ୍ସବ ତାଙ୍କର ରକ୍ତରେ ବେଶ୍ ସୁହାଏ।

ପକେଟ୍‌ରୁ ପାନିଆ ଟାଣି ଆଣି ଲମ୍ବା ଅଲରା ଚୂଳକୁ ବାଗକୁ ଆଣି ଜଣେ ଶକ୍ତିଶାଳୀ ଲେଖକ ବକ୍ତାଙ୍କ ଟେବୁଲରେ ଠିଆହୋଇ ଆରମ୍ଭ କଲେ "ମୁଁ ଯେଉଁ କବିତା ପାଠ କରିବାକୁ ଯାଉଛି ତାର ନାଆଁ ହେଲା –।" ନଆଁଟା ହେଲା କଞ୍ଚା ଦୋଅକ୍ଷରି। ସମବେତ ଲେଖକ ଲେଖିକାବର୍ଗ ନାମକରଣ ପାଇଁ କବିଙ୍କି ପାଟିତୁଣ୍ଡ ତାଳଚାପୁଡ଼ି ସହିତ ସମର୍ଦ୍ଧନା ଜଣାଇଲେ। ମାତ୍ର ସଭାପତି କାନରେ ହାତ ଦେଇ ଭୟାର୍ତ୍ତ ଆତଙ୍କିତ ହୋଇ "ଅଶ୍ଳୀଳ ଘୋର ଅଶ୍ଳୀଳ" "ଅଶ୍ରାବ୍ୟ, ଘୋର ଅଶ୍ରାବ୍ୟ" ଚିତ୍କାର କରି କବିତାକୁ 'ଅପାଠ୍ୟ" ଘୋଷଣା କରନ୍ତେ ଦଳେ ତାଙ୍କଆଡ଼କୁ ମାଡ଼ିଯାଇ କହିଲେ, "ଆପଣ ଚେୟାରରୁ ଓହ୍ଲାନ୍ତୁ, ଶ୍ଳୀଳ, ଅଶ୍ଳୀଳର ସଂଜ୍ଞା ପଢ଼ି ଆଉଥରେ ଆସନ୍ତୁ।" ସଭାପତିଙ୍କ ତରଫରେ କେତେଜଣ ବାହାରି ପଡ଼ିଲେ ଏବଂ ପୋଲିସ୍‌ର ଲାଠିଚାର୍ଯ୍ୟ ସମୟର ଦୃଶ୍ୟଟିଏ ଚାହୁଁ ଚାହୁଁ ସଭା ମଞ୍ଚରେ ଅଭିନୀତ ହେଲା ଏବଂ ସଭାପତି ମହୋଦୟ ଗାଡ଼ି ଧରି ହେଡ଼କ୍ୱାର୍ଟର୍ସକୁ ଫେରିଗଲେ ଏବଂ ଶୁଣାଗଲା ସେଇଥର ତାଙ୍କର ପ୍ରଥମ ସର୍ଟ ଏଟେକ୍ ହେଲା ଇମୋଶନ ରୋକିନପାରି।

ସଭାପତିଙ୍କର ଏତାଦୃଶ ଅଚାନକ ଅକସ୍ମାତ ପ୍ରସ୍ଥାନର କାରଣ ଉଦ୍‌ଯୋକ୍ତା ଗଣ ଜାଣିପାରିଲେ ନାହିଁ କିମ୍ବା ସେଥିରେ ବିବ୍ରତ ହେଲେ ନାହିଁ। ବୁଢ଼ାଗୁଡ଼ାକ ସବୁବେଳେ ଫ୍ଲାଇ ଇନ୍ ଦି ଅଏଣ୍ଟମେଣ୍ଟ କିନ୍ତୁ ଅଏଣ୍ଟମେଣ୍ଟ ଦରକାର। ତେଣୁ ପଚା ମାଛି ସହିତ କିଣିବାକୁ ପଡୁଛି। ଯାହା ହେଉ ସଭାକାର୍ଯ୍ୟ ବିଧିମତ ପୂର୍ବନିର୍ଦ୍ଧାରିତ ମତେ ଫେର୍ ଚାଲିଲା। ସଭାପତିଙ୍କ ଦୂରବସ୍ଥା ଦେଖି ମୁଖ୍ୟ ଅତିଥି ଅଜା/ଜେଜେଙ୍କର 'ଗାଣ୍ଡୀବ ସଂସ୍ରତେ ହସ୍ତାତ୍' ଅବସ୍ଥା।

ଯିମିତି ସେ ନମ୍ର ବିନୟ ସ୍ୱରରେ କହିଛନ୍ତି "ମୋର ଆଜି ସନ୍ଧ୍ୟାର ବକ୍ତବ୍ୟ ଆଧୁନିକ କବିତାରେ ପାଶ୍ଚାତ୍ୟ ଚିନ୍ତା ଓ ଦର୍ଶନର ପ୍ରଭାବ।" ଜନୈକ ଉଗ୍ରପନ୍ଥୀ ତାଙ୍କ ପାଖକୁ ଭିଡ଼ିଯାଇ କହିଲେ, "ଆପଣ ଯଦି କିଛି ପଢ଼ିନାହାନ୍ତି ଜାଣି ନାହାନ୍ତି ତେବେ କାହିଁକି ମୁଖ୍ୟ ଅତିଥି ବା ଗୌଣ ଅତିଥି ହେବାକୁ ଧାଇଁ ଆସନ୍ତି ? ଆମେ ତ ମୋଟେ ଇଂରାଜୀ

Digitized by srujanika@gmail.com

ବା ପାଶ୍ଚାତ୍ୟ ସାହିତ୍ୟ ମୂଳ ଲେଖାରୁ ପଢ଼ିନୁ, ପ୍ରଭାବିତ ହେଲୁ କିମିତି ? ହୋଇପାରେ ଆମ ପୂର୍ବସୂରୀ ଇଂରାଜୀର ଭକ୍ତ, ଅଧ୍ୟାପକ। ତାଙ୍କରି ଭାବ ଭାଷା ଅନୁସରଣ କଲେ କଣ ଆମର ସ୍ୱାତନ୍ତ୍ର୍ୟ ନାହିଁ ? ଆପଣ ଆଉ ବକ୍ତୃତା ସେ ବିଷୟରେ ଦେବାର ଚେଷ୍ଟା ନକରି ଗୋଟାଏ ଆଧୁନିକ କବିତା ଗାଆନ୍ତୁ। ଆମେ ଶୁଣିବୁ ଆପଣଙ୍କ ମୁହଁରୁ।"

ବୁଢ଼ା ନିଜକୁ ଧିକ୍କାର କରିବାକୁ ଲାଗିଲେ, କାହିଁକି ଉପନୟନ ଉତ୍ସବର ଜାକଜମକ ମଉଜମଜଲିସ୍ ଛାଡ଼ି ପ୍ରଗତିବାଦୀ ସାହିତ୍ୟ ସଭାକୁ ଆସି ଅପ୍ରତ୍ୟାଶିତ ଦୁର୍ଗତିରେ ପଡ଼ିଲେ। ସିଏ କେଉଁଠି, ଆଧୁନିକ କବିତା କେଉଁଠି ? "ଦେଖି ନବ କାଳିକା ବକାଳିକା ମାଳିକା" "ନହେଲେ ଅତିବେଶୀରେ ପ୍ରଦୀପ ଜଳୁଛି କିମ୍ବା ଲିଭାଅ ତାହାରେ"। ହେଲେ, ଘଣ୍ଟାଏ ଦୁଇଘଣ୍ଟା ଭିତରେ ସେ କର୍ମଶାଳାରେ କିଛି ତାଲିମ ପାଇଛନ୍ତି ଏବଂ ଉପଲକ୍ଷରେ ପ୍ରକାଶିତ ସୁଭନିଏର ଏମୁଣ୍ଡ ସେମୁଣ୍ଡ ଲେଉଟାଇ କବିତାଗୁଡ଼ାକ ଛାଣ୍ଟ କଳନା କରି ନେଇଛନ୍ତି। କାଳବିଳମ୍ବ ନ କରି ଯେଉଁ ସୁର ଧରି ଏଠିସେଠି ଅନୁଷ୍ଠିତ ପାଠୋତ୍ସବରେ ଲେଖକ ଗାଇବାର ସେ ଲାଉଡ୍‌ସ୍ପିକରରୁ ଶୁଣିଛନ୍ତି ତାକୁଇ ଅନୁସରଣ ଓ ଅନୁକରଣ କରି ଗଳା ଥରାଇ କାନ୍ଦିଲା କାନ୍ଦିଲା ଗଳାରେ ଗାଇଲେ।

ଚୁନି ଚୁନି ଢେଉ ଢେଉ ଖେଳିଯାଏ ମନର ପାହାଡ଼େ
ଉଠେ ପଡ଼େ ପଡ଼େ ପୁଣି ପଡ଼େ କନ୍ଦୁକ ସମାନ
ଶବ୍ଦ ହୁଏ ଢୋ ଢୋ ଜହ୍ନିଫୁଲ ଫୁଟା ବେଳେ
ପାହାଡ଼ଟା କମ୍ପିଯାଏ ଝାଉଁବଣ ଥରେ
ରାତିଯାକ ବର୍ଷା ଖାଲି, ନଈନାଳ ବଢ଼େ
ଓ ଆହୁରି ହେଁ ତଥା ମଧ୍ୟ ପୁଣି ପୁନଃ
ଭୂର୍ଭୁବସ୍ୱ ତତ୍‌ସବିତୁର୍ବରେଣ୍ୟ
ବୁଢ଼ାଟାଏ ଥରି ଥରି କାନ୍ଦେ ପଥର ଶବ୍ଦରେ
ଢୋ ଢୋ ହ୍ରୀଂ ଶ୍ରୀଂ କ୍ଲିଂ
ମର୍ଣ୍ଣି ଇଜ୍ ଏଟ ସିକ୍ସ୍ ଓ କ୍ଲକ୍

"ସେଇଠି ବନ୍ଦ। ସାବାସ୍ ବୁଢ଼ା ! ଜୟ ବୁଢ଼ା !" ଧ୍ୱନିରେ ଆକାଶ ପାତାଳ ବିଦୀର୍ଣ୍ଣ ହେଲା। କେତେଜଣ ଉତ୍ସାହୀ ଉଦ୍‌ଯୋକ୍ତା ଏତେ ଆନନ୍ଦ ବିହ୍ୱଳ ହେଲେ ଯେ ପ୍ରସ୍ତାବ ଦେଲେ ବୁଢ଼ାକୁ ସତରଞ୍ଜିରେ ଥୋଇ ସିମିତି ଡ଼ନ୍ କୁଇକ୍‌ସୋଟ୍‌କୁ ହୋଟେଲବାଲାଏ ଶୂନ୍ୟରେ ନଚାଇଥିଲେ ସେମିତି କଣ କରିଥାନ୍ତେ। ସେ ବିପଦରୁ ରକ୍ଷା ପାଇବା ପାଇଁ ମୁଖ୍ୟ ଅତିଥି ସେମାନଙ୍କ ମେଜାଜ୍ ସହିତ ଖାପ ରଖି କହିଲେ "ଆପଣମାନେ କବିତା ପଢ଼ନ୍ତି କିନ୍ତୁ କାହାକୁ ବୁଝାଇବା ପାଇଁ କହନ୍ତି ନାହିଁ, ଯଦି ଅନୁମତି ଦେବେ ମୁଁ ଛୋଟ

Digitized by srujanika@gmail.com

କବିତାଟିଏ ପଢ଼ିବି ଏବଂ ବୁଝାଇ ଦେବି ମଧ୍ୟ।" "ଠିକ୍ ହେବ ବୁଢ଼ା ! ଆଗେ ବଢ଼ୋ ! ବୁଢ଼ାର ଆତ୍ମା ଅମର ରହେ।"

ଅଜା/ଜେଜେ ଆରମ୍ଭ କଲେ "କବିତାର ନାଆଁ ଟିକିଏ ଲମ୍ବା ହେବ। ମୁଁ ଯାହା ଆବୃତ୍ତି କରିବାକୁ ଯାଉଛି ତାହା ବିଂଶ ଶତାବ୍ଦୀର କ୍ଷୁଦ୍ରତମ କବିତା ହୋଇଥିବାରୁ ନାଆଁର ଦୈର୍ଘ୍ୟ କବିତାଠାରୁ ବେଶୀ ହେବାରେ କେହି ଆପତ୍ତି କରିବେନି। କବିତାର ଲେଖକ ଜଣାନାହିଁ, ଏନୋନିମାସ ପୋଏଟ ଧରି ନିଅନ୍ତୁ। କବିତାର ନାଆଁ ହେଲା "ଏକ ପରିପ୍ରକାଶ – ଯେତେବେଳେ ସେତେବେଳେ ମିଠା/ମଦ/ମାଡ଼ ଖାଇଲେ ମନରେ ଯେଉଁ ଭାବ ଉଦୟ ହୁଏ ତହିଁର" କବିତାଟିକୁ ମନନଶୀଳ ହୋଇ ଶୁଣନ୍ତୁ।

ଏକ କବିତା

ଗୋଟିଏ ତାରା

ଦୁଇଟି ଚନ୍ଦ୍ର

ତିନୋଟି ପାଗଳ। ବଡ଼ ବଡ଼ କବି–ବ୍ରାଉନିଂ, ଇଲିଅଟ୍–ମାନଙ୍କର ଯିମିତି ମଲ୍ଲୀନାଥ ବା ସ୍ତାବକ ବା ଚାମଚା ଥାନ୍ତି ମୁଁ ସିମିତି ଏ ଅନାମଧେୟ କବିଟିର ପ୍ରଶସ୍ତି ଲେଖକ। ଟୀକା, ଭାଷ୍ୟ, ତର୍ଜମା, ବିଶ୍ଳେଷଣ ଏ ଚାଟୁକାର ମୁଖରୁ ଶୁଣନ୍ତୁ। ଆପଣମାନେ ଅନ୍ୟ ଅର୍ଥ ବି କରିପାରନ୍ତି। କାରଣ କବିତାର ଅର୍ଥ ଓ ଭାବ ଅକ୍ଷରରେ ନ ଥାଏ, ଥାଏ ପାଠକ ମନରେ। କବିତା ବ୍ରହ୍ମସ୍ୱରୂପିଣୀ, ବ୍ରହ୍ମ ଯିମିତି ଏକ (ଏକୋ ବ୍ରହ୍ମଃ ଦ୍ୱିତୀୟୋ ନାସ୍ତି) ସିମିତି କବିତା ଏକ ୟାଙ୍କର ଅନ୍ୟ ପତି ନାହିଁ। ସେଥିପାଇଁ ପ୍ରଥମ ପଂକ୍ତି ହେଲା, ଗୋଟିଏ କବିତା। ପରବର୍ତ୍ତୀ ପଂକ୍ତିରେ ସେଇ କଥାକୁ ଆହୁରି ଜୋର ଅର୍ଥାତ୍ ଏମ୍‌ଫାସିସ୍ ଦିଆଯାଇ କୁହା ହୋଇଛି 'ଗୋଟିଏ ତାରା'। ମିଲଟନ୍‌ଙ୍କୁ ମନେପକାନ୍ତୁ 'Thy soul was a star' ୱାଡ଼ସ୍‌ୱାର୍ଥ ପୁଣି ଲେଖିଛନ୍ତି ଲୁଶି କବିତାରେ 'Fair as a star when only one is shining in the sky' ଧ୍ରୁବତାରା ସିମ୍ବଲିଜମ୍ ଲକ୍ଷ୍ୟ କରନ୍ତୁ। ସିନେମା ଷ୍ଟାର ହେମା ବା ଅମିତାଭ ବା ଧର୍ମେନ୍ଦ୍ରଙ୍କୁ ମନେ ପକାନ୍ତୁ। ପ୍ରଥମ ପଂକ୍ତିର ଆଧ୍ୟାତ୍ମିକ ବ୍ୟଞ୍ଜନା, ଦ୍ୱିତୀୟ ଧାଡ଼ି Sensuousness ସହିତ ଲେଖକଙ୍କ ବହୁଧର୍ମିତା ଓ ବହୁ (ସିନେମା) ଦର୍ଶିତା ଏ ଯୋଡ଼ିଏ ଧାଡ଼ିରୁ ସୂଚିତ ହେଉଛି। ତାରା ପରେ ଚନ୍ଦ୍ର ଆସିବା ସ୍ୱାଭାବିକ୍, ସତସ୍ଫୁର୍ତ୍ତ ମଧ୍ୟ "ତାରାଗଣ ମଧ୍ୟେ ଯେହ୍ନେ ଚନ୍ଦ୍ର ଉଦିଆରେ, ସଖୀ ମେଳେ ରାଜଜେମା ହୋଇଛି ଠିଆ" ମନେପକାନ୍ତୁ ଫୋକ୍ ସଙ୍ଗ୍‌ର ଏ ପଦଟି। ଯୋଡ଼ିଏ ଚନ୍ଦ୍ର କହିଲେ ବୁଝାଇବ ଚକାଡ଼ୋଳାଙ୍କ ଦୁଇ ଆଖିଙ୍କି ଅଥବା ଭଞ୍ଜୀୟ ନାୟିକାର ପର୍ବତ ସ୍ତନ ଦ୍ୱୟକୁ। ଶେଷ ପଂକ୍ତିଟି କିମିତି effective ending ଦେଉଛି ଦେଖନ୍ତୁ। ଏକ ଦୁଇ ପରେ ତିନି, ତିନି ହେଲା magic number. ମନେପକାନ୍ତୁ ମାକ୍‌ବେଥର ତିନି ଡ଼ାଆଣୀଙ୍କୁ, ତିନିହେଲା ଖ୍ରୀଷ୍ଟଧର୍ମର Trinity ଆମର ଯାହା ତ୍ରିମୂର୍ତ୍ତି। "ଏକଶ୍ଚନ୍ଦ୍ରୋ ତମୋ ହନ୍ତି", ଦୁଇଟା ଚନ୍ଦ୍ର ତ ମାରାତ୍ମକ। ଚନ୍ଦ୍ର ପାଗଳାମି

Digitized by srujanika@gmail.com

ସୃଷ୍ଟିର ମୂଳ । ଯହିଁରୁ ଲୁନାଟିକ୍, ମୁନଷ୍ଟ୍ରକ୍ ମେଡ଼୍ନେସ୍‌ର ଉଦ୍ଭବ । ପୁଣି ଦେଖନ୍ତୁ To lover, lunatic and the poet ତିନିଙ୍କି କିମିତି ଏକ କରି ଦିଆଯାଇ ପ୍ରଥମ ଧାଡ଼ିରେ କୁହାଯାଇଛି 'ଗୋଟିଏ କବିତା' । ପଡ଼ୋଶୀ ବଙ୍ଗ ସାହିତ୍ୟର ପ୍ରଭାବରେ କବି ଏ ଧାଡ଼ି ଲେଖିଥାଇପାରନ୍ତି । "ବ୍ରହ୍ମା ପାଗଲ ବିଷ୍ଣୁ ପାଗଲ ଆର ପାଗଲ ଶିବ୍; ତିନି ପାଗଲେର ଯୁକ୍ତି ହୟେ ଭାଙ୍ଗ୍‌ଲ ନବଦ୍ୱୀପ ।"

ସମସ୍ୱରରେ ଚିତ୍କାର ଶୁଭିଲା "ମାର୍ଭଲସ୍", "ମାର୍ଭଲସ୍", 'ଚମତ୍କାର, ଚମତ୍କାର' । ପୁରୁଷ ସ୍ତ୍ରୀ ନିର୍ବିଶେଷରେ ସମସ୍ତେ କୁଣ୍ଢାକୁଣ୍ଢି ହେଲେ, ଉପୁରାଉପରି ଗଡ଼ିଗଲେ ପ୍ରସ୍ତେ ଲେଖାଏ । ପେଣ୍ଡିମୋନିୟମ୍ ଫିଟିଗଲା ପ୍ରାୟ । ପୁନଶ୍ଚ ଆଇନ ଶୃଙ୍ଖଳା ପ୍ରତିଷ୍ଠିତ ହେବା ମାତ୍ରେ ଅଭ୍ୟର୍ଥନା ସଭାପତି ମଞ୍ଚକୁ ଆସି କହିଲେ "କ୍ରିକେଟ୍ ଖେଳରେ ଯେପରି man of the match ଅଛି ଆମର ମଧ ଏ ବର୍ଷଠାରୁ ଗୋଟିଏ ଏୱାର୍ଡ଼ ଜନୈକ ଅଦାବେପାରୀ ଘୋଷଣା କରିଛନ୍ତି । ଯାହାର ମୂଲ୍ୟ ଇଂଲଣ୍ଡ ଆମେରିକାର ବିଶ୍ୱବିଶ୍ରୁତ କଲମର ଦାମଠାରୁ ବେଶୀ । କପିଳ ଦେବ, ଇମ୍ରାନ୍ ଖାନ୍ ଯିମିତି man of the match ହୋଇ ସମ୍ମାନିତ ହେଲେ, ଆମେ ଆଜି ଏ ବୃଦ୍ଧ ମହାଶୟଙ୍କୁ ଶ୍ରେଷ୍ଠ କବିତା ଲେଖକ ବିବେଚନା କରି ସେ ଏୱାର୍ଡ଼ ପ୍ରଦାନ କଲୁ । ମାଙ୍କଡ଼ ହାତରେ ଶାଳଗ୍ରାମ ପଡ଼ିଲେ ଯିମିତି ସେ ନଚାଇ ନଚାଇ ପ୍ରାଣ ନେବା ବ୍ୟବସ୍ଥା କରେ ବୁଢ଼ାଙ୍କୁ ପ୍ରାୟ ସେଇ ଦଶା ଭୋଗିବାକୁ ପଡ଼ିଥାନ୍ତା କିନ୍ତୁ ମାନେ ମାନେ ବର୍ତ୍ତିଗଲେ ପୂର୍ବତନ ପଳାୟନବାଦୀ ସଭାପତିଙ୍କ ସଦୃଶ ନ ହୋଇ ।

ପରଦିନ ସକାଳେ ପୁଣି ତଳତାଲାରେ ଯେତେବେଳେ ବନ୍ଧୁ ମିଳନରେ ଟା ପରଶା ହେଉଥାଏ ଜେଜେ/ଅଜା ସନ୍ଧ୍ୟାର ଅଭିଜ୍ଞତା ବର୍ଣ୍ଣନା କରି ଶେଷରେ କହିଲେ "ଜୀବନ, ସାହିତ୍ୟ, କବିତା, କ୍ରିକେଟ୍ ଓ କର୍ମଶାଳା ସବୁ ଏକ, ସବୁ ଭାଗ୍ୟ, ଚାନ୍ସ ଉପରେ ନିର୍ଭର କରେ । ଦୁଃସ୍ଥ ପେନସନଭୋଗୀ ଲେଖକ, ଗୌଣ ସ୍ୱାଧୀନତା ସଂଗ୍ରାମୀ ହିସାବରେ ଯାହା ପାଇଛି ସେଥିରୁ କେତେ ବା ଭିକ୍ଷା ଥାଳରେ ଦେଇଥାନ୍ତି । ନାଲୁରେ ! ଆ ମୋ ପାଖକୁ ଆ; ଧର ଏଇ ଚଉଦ କେରେଟ୍ ନିବ୍ ଥିବା ବିଦେଶୀ କଲମ । ଗଳ୍ପ ଲେଖ, କବିତା ଲେଖ, ଯାହା ଲେଖିବୁ ଲେଖ । ତୋ ନାଆଁ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହେବ ଏ ଜାତିର ସାହିତ୍ୟର ପୋଲରେ । ଏ ପୁରସ୍କାରଟି ମିଳିଛି ମୋତେ କର୍ମଶାଳାରୁ କବିତା ପାଇଁ, man of the match ଏୱାର୍ଡ଼ ସ୍ୱରୂପ । ସେ କବିତାଟି ତୁ ଜାଣୁ, ତୋରି କବିତା, ତୋର ପକେଟ ବହି ଓଲଟାଇଲାବେଳେ ମୋର ନଜର ପଡ଼ିଥିଲା, ମୋରି ନାମରେ ଗାଇ ବୁଝାଇ ଦେଇଥିଲି ସମସ୍ତଙ୍କୁ । ଧର ।

Digitized by srujanika@gmail.com

# ଉତ୍ତର ଚରିତ - ସରସ୍ୱତୀ କୁଣ୍ଡୁର

"କ'ଣ କିଛି ମିଳିଲା ନା ?"

ଡ଼ାକ୍ତର ବାବୁ ମାଇକ୍ରୋସ୍କୋପ ଉପରୁ ମୁଣ୍ଡ ଟେକି ମୋ ଆଡ଼କୁ ଚାହିଁଲେ । ସେଇ କଣେଇ ହସ, ସାମାନ୍ୟ ପାକଳିଆ ପେଜଖିଆ ନିଶ, ଡ଼ାହାଣ ଆଖିର ସେଇ କଣେଇ ଚାହାଁଣି, ହସ ହସ ଓଠର କୋଣ ସହିତ ସାମଞ୍ଜସ୍ୟ ରହିଛି । ତାଜା ମୁହଁଟି । ବାଟଚଲା ଝିଅଟି କ୍ଷଣେ ଅଟକିଯିବ ଦୈବାତ୍ ଯଦି ବାଁ ପଟ ଡ଼ାକ୍ତରବାବୁଙ୍କ ଚେମ୍ବର ଆଡ଼କୁ ଅନାଇ ଦେଇଛି । ଅନେକ ବିପଦର ଆଶଙ୍କାରେ ସିଆଡ଼େ ଚାହାନ୍ତି ନାହିଁ । ବେକାଗିଆ ପାଦ ପକାଇ ପକାଇ ଚାଲିଯାନ୍ତି ଆଡ଼ମୁହାଁ ହୋଇ ଯେଝା ସ୍କୁଲ କଲେଜ ଆଡ଼କୁ ।

"ଆସନ୍ତୁ, ନାହିଁ ନ ଦେଖିବା ଚିଜ ମିଳିଛି, ଆସନ୍ତୁ ନା ।"

ରହସ୍ୟମୟ ରଙ୍ଗଟାପରା ତାଙ୍କ ସାଙ୍ଗରେ ଯିବା ଆସିବା ବେଳେ ନିତି ପ୍ରତି ସକାଳ ସଞ୍ଜ ଚାଲେ । ମୋଠୁଁ ଅନ୍ତର ଦଶ ବର୍ଷ ସାନ । ମୁଁ ଯେତିକି ବୁଢ଼ାଳିଆ ଦିଶିବା କଥା ତାଠୁଁ ଯିମିତି ବେଶି ଦିଶେ, ସେ ବି ଯେତିକି ଟୋକାଳିଆ ଦିଶିବା କଥା ତାଠୁ କମ୍ ଦିଶନ୍ତି । ଡ଼ାକ୍ତର ଲୋକ ତ ! ରକ୍ତ ମଳ ମୂତ୍ର କଫ ସାଙ୍ଗକୁ ଜୀବନ ଯୌବନଦାୟୀ ଔଷଧ ତାଙ୍କୁ ସିମିତି ଟୋକା କରିଦେଇଛି । ଗୋଟାଏ ସହକାରୀକୁ କଫି ଦି' କପ ଆଣିବା ପାଇଁ କହି ମୋ ଆଡ଼କୁ କଟମଟ ଚାହିଁ ଦଣ୍ଡେ ପରେ ଖୁବ୍ ଜୋର ଠୋ ଠୋ ହୋଇ ହସିଲେ ।

ପଚାରିଲି, "କ'ଣ କିଛି ଅଦ୍ଭୁଆ ଅଖାଡ୍ଡୁଆ ଚିଜ ମିଳିଛି କି ? ଏତେ ଜୋର ହସୁଛନ୍ତି ?"

"ଆପଣଙ୍କ ଉପରେ ମୋର ବହୁତ ଗବେଷଣା କରିବାର ଅଛି । ମୁଁ ଜାଣିଥିଲି ଆପଣଙ୍କ ଦିହର ତାତି ଜ୍ୱରର ତାତି ନୁହେଁ । ଯେତେ ଖୋଜିଲେ ବି ମୁଁ ମେଲେରିଆ, ଫାଇଲେରିଆ, ଯକ୍ଷ୍ମା ଜୀବାଣୁ କେଉଁଠି ପାଇବି ? କ'ଣ ମିଳିଲା ଜାଣନ୍ତି ?"

"କ'ଣ ? ସିଫିଲିସ୍ ?" ଆତଙ୍କିତ ଆଗ୍ରହରେ ପଚାରିଲି । ମଝିରେ ମଝିରେ ଡ଼ାକ୍ତରବାବୁ ଏମିତି ପାଇଣ୍ଟେ ଅଧେ ରକ୍ତ ନିଅନ୍ତି, ପରୀକ୍ଷା କରନ୍ତି, ଫଳାଫଳ କୁହନ୍ତି । ମୋତେ ପଇସା ପଡ଼େ ନାହିଁ କି ତାଙ୍କୁ କୌତୁହଳ ତୁଳନାରେ କିଛି ବେଶୀ ପରିଶ୍ରମ ପଡ଼େନି । ଯଥାର୍ଥ ବନ୍ଧୁ ଯାହାକୁ କୁହନ୍ତି ।

ଡ଼ାକ୍ତର ବାବୁଙ୍କ ନାଆଁ କହୁନି । କହିଲେ ତାଙ୍କ ବ୍ୟବସାୟରେ ଲାଭ ବା କ୍ଷତି ହେଉ ନ ହେଉ ଅନ୍ୟ ଡ଼ାକ୍ତର ଈର୍ଷାନ୍ୱିତ ହେବେ । ମୋର ଟେମ୍ପୋରେରି ଆଡ୍ଡାଟି ଉଠିଯିବ ।

ଡ଼ାକ୍ତର ବାବୁ ରକ୍ତ ପରୀକ୍ଷାର ଫଳାଫଳ ଘୋଷଣା କରି କହିଲେ "ଆପଣଙ୍କ ରକ୍ତର ପ୍ରତିଟି କଣିକାରେ ଗୋଟିଏ ଗୋଟିଏ ନାରୀର ଛବି । ଅଧିକାଂଶ ସେ ଭିତରୁ ସିନେମା ଷ୍ଟାର, ବିଶେଷ କରି ଆପଣ ଯେଉଁମାନଙ୍କୁ ମନେ ମନେ ଭଲ ପାଆନ୍ତି ।"

Digitized by srujanika@gmail.com

ପଚାରିଲି "ଆଖିରେ ଦେଖିଥିବା ବା ମନରେ ଭାବିଥିବା ସୁନ୍ଦରୀମାନେ ରକ୍ତ କଣିକା ଭିତରକୁ ଚାଲିଯାଆନ୍ତି କିମିତି ? ଯଦିବା ଯାଇଥିବେ ତାଙ୍କ ସ୍ୱରୂପ ବା ଅସ୍ତିର ରକ୍ତକଣିକାରୁ ଧରି ହୁଏ କିମିତି ?"

ଡ଼ାକ୍ତରବାବୁ ପୁଣି ପେଟେଣ୍ଟ ହସଟି ଓଠରେ ଖେଳାଇ କହିଲେ "ସମସ୍ତଙ୍କ ରକ୍ତ ସମାନ ନୁହେଁ । ଆପଣ ଏବେ ପରା ଚାରି ନମ୍ବର ଆଣିଛନ୍ତି । ମୁଁ ଅପେକ୍ଷା କରିଛି ଯ୍ୟା ପରେ ଆଉ କେତେ ବର୍ଷ ଗଲେ କଣ ବାହାରିବ ।"

ମୁଁ ବି ଟିକିଏ ଲାଜ ହସ ହସିଲି । ଏ ଡ଼ାକ୍ତରଟି ମୋର ଦିହ ମନ ଉଭୟର ଚିକିତ୍ସକ । ବେଶୀଭାଗ ମୋ ପକ୍ଷରେ ମାନସିକ, କମ୍ ଦୈହିକ । ଏ ଡ଼ାକ୍ତରଟି ମୋତେ ପୋଷାଏ, କାରଣ ସେ ଫ୍ରୟେଡ଼ଙ୍କୁ ଅନୁସରଣ କରି କହନ୍ତି ଯେତେ ରୋଗ ବ୍ୟାଧି ସବୁ ଯୌନ । ଅପରିତୃପ୍ତ, ଅପୂର୍ଣ୍ଣ, ଅତ୍ୟାଧିକ ଯୌନ ପ୍ରକ୍ରିୟା ମାନସିକ ବ୍ୟାଧି ଆଣେ । ପରେ ତାହା ମନସ୍ତରରୁ ଦିହକୁ ଯାଏ, କାରଣ ମନର ଅଧୀନ ଦିହ । ସେ ନିଜେ ଏଯାକେ ବିଭା ହୋଇନାହାନ୍ତି; ମୋ ଉପରେ ଏକ୍ସପେରିମେଣ୍ଟ କରୁଛନ୍ତି ବୋଧହୁଏ; ମୋର ସଫଳତା ବା ବୈଫଲ୍ୟ ଲକ୍ଷ୍ୟକଲେ ପରବର୍ତ୍ତୀ ପଦକ୍ଷେପ ନେବେ ।

କେତେମାସ ହେବ ମୁଁ ସହରରେ ନଥିଲି । ଗୋଟାଏ ପ୍ରକାର ହନିମୁନିଂରେ ବ୍ୟସ୍ତ ଥିଲି । ଆଜି ଦୀଘା, କାଲି ଚାନ୍ଦିପୁର, ପ'ରଦିନ କୋଣାର୍କ, ତହିଁ ଆରଦିନ ଚିଲିକା ଏମିତି ଯେତେ ଯେଉଁଠି ଆମ ଦେଶରେ ସୁବିଧା ସ୍ଥାନ ଅଛି ସେଗୁଡ଼ାକରେ ରହି ଦି ଦିନ ହେଲା ଫେରିଛି । ତେଣୁ ଡ଼ାକ୍ତରବାବୁଙ୍କ ସାଙ୍ଗରେ କାଲି ସନ୍ଧ୍ୟାରେ ସମୁଦ୍ର ମନ୍ଥନ କରି ଅମୃତ ପିଇଥିଲୁ । ଆଜି ରକ୍ତ ପରୀକ୍ଷା ।

କଫି ପିଇଲୁ । ରୋଗୀ ନଥିଲେ । ଭିତରର ଚେମ୍ବରକୁ ଗଲୁ । ଏଇଠି ରୋଗିଣୀଙ୍କ ପରୀକ୍ଷା ହୁଏ । ଏଠି ଅନ୍ୟ କାହାରି ପ୍ରବେଶ ନିଷିଦ୍ଧ । କାରଣ ଏଠି ନିଷିଦ୍ଧ ଚିକିତ୍ସା ବି ଯେତେବେଳେ କିମିତି ହୁଏ । ମୁଁ ଆରାମ ଚେୟାରରେ ବସିଲି; ଡ଼ାକ୍ତରବାବୁ ଟୁଲ ଗୋଟାକରେ ପାଖକୁ ବସିଲେ ।

କହିଲେ "ଆଖି ଦେଖି; ମୁଁ ଆପଣଙ୍କୁ ଆଜି ତନ୍ନ ତନ୍ନ କରି ପରୀକ୍ଷା କରିବି । ରକ୍ତ କଣିକାରେ ସିନେମା ଷ୍ଟାରଙ୍କ ଚେହେରା ! ପ୍ରକୃତିର ଏମିତି ବୈଚିତ୍ର୍ୟ ଅନ୍ୟ କେଉଁ ରୋଗୀଠାରେ ତ ଦେଖିନଥିଲି ।"

ଆଖିରେ ଆଲୁଅ ପକାଇ ମୋତେ ପ୍ରାୟ ଅନ୍ଧ କରିଦେଲା ପରେ ପୁଣି ଠୋ ଠୋ ହୋଇ ଏତେ ଜୋର ହସିଲେ ଯେ ଓଠରେ ସାମାନ୍ୟ ଲାଗିଥିବା ସିଗାରେଟଟା ମୋ ଜଙ୍ଘରେ ଖସି ପଡ଼ିଲା ।

"ପୁଣି ହସିଲେ ଯେ, କ'ଣ କିଛି ନୂଆ ଦେଖିଲେ ଆଖିରେ ?"

Digitized by srujanika@gmail.com

"ଆପଣଙ୍କ ଆଖିରେ ଖାଲି ସୁନା ଗହଣା ଗୁଡ଼ା ଝୁଲୁଛି । ସହରର ସବୁ ଜିଓ୍ୱେଲେରୀ ଦୋକାନର ଗହଣା 'ସକଳ ତୀର୍ଥ ତୋ ଚରଣେ' ପରି ଆପଣଙ୍କ ଆଖିରେ । ବଡ଼ ବିଚିତ୍ର ! ଦେଖି ଦେଖି, ଆଉ ଆଖିଟା ।"

ବାଁ ଆଖିରେ ପୁଣି ଟର୍ଚ୍ଚ ଟିପି କ'ଣ ଦେଖିଲେ କେଜାଣି ପୁଣି ଠୋ ଠୋ ହୋଇ ହସିଲେ । ଏତେ ଜୋରରେ ଯେ ତାଙ୍କ ଫଲ୍‌ସ ଦାନ୍ତଟା ଚଟାଣରେ ଟକ୍ କରି ଖସିପଡ଼ିଲା ।

"ପୁଣି ହସିଲେ ଯେ, ଆହୁରି କ'ଣ କିଛି ନୂଆ ?"

ହସ ଲିଭି ନଥିବା ମୁହଁରୁ ବାହାରିଲା "ଏତ ଆହୁରି ବିଚିତ୍ର । ଏ ଆଖିରେ ଖାଲି ଶାଢ଼ୀ; ବନାରସୀ, ସମ୍ବଲପୁରୀ, କାଞ୍ଜିଭରମ, ଇଂଲିଶ.. ଜାପାନୀ ଛିଟ ଆହୁରି କେତେ କ'ଣ ଥୁଆ ହୋଇଛି, ଆଉ ଗୋଟାଏ କଣରେ ସେଇ ସେଇ ଶାଢ଼ୀର ବିଜ୍ଞାପନୀ ନାରୀମୂର୍ତ୍ତି ହସ ହସ ମୁଖରେ ଡ଼ାକିବା ଭଙ୍ଗୀରେ ଛିଡ଼ା ହୋଇଛନ୍ତି ।"

ଏ ଡ଼ାକ୍ତରଟା କଣ ମୋ ମନକଥା ସବୁ ଜାଣେ ! ନା କେବେ କିମିତି ଏଇଠି ବସି ମୁଁ ମୋ ଘରକଥା କହିଛି ଯାହା ମୁଁ ଭୂଲି ଯାଇଛି ଅଥଚ ସେ ମନେରଖିଛି । ମୁଁ ବିସ୍ମୟ ମିଶା ଗୁରୁଗମ୍ଭୀର ହସ ଅପ୍ରତିଭ ହୋଇ ହସିଲି, ବୋକାଙ୍କ ପରି ।

ଦଣ୍ଡେ ପରେ ଡ଼ାକ୍ତର ମନ୍ତବ୍ୟ ପ୍ରକାଶ କରି କହିଲେ "ଦେଖିଲେଣି ଆପଣଙ୍କ ଅବସ୍ଥା ? ବେଶ୍ ଜାଣିପାରୁଥିବେ ଏ ଧନ୍ଦା ଆପଣଙ୍କୁ କେତେଦୂର ଗ୍ରାସିଲାଣି, ଅସ୍ଥିମଜ୍ଜାଗତ ହୋଇ ବର୍ତ୍ତମାନ ରକ୍ତ, ଆଖି ବା ଆହୁରି କେତେ ପ୍ରତ୍ୟଙ୍ଗକୁ ହୁଏତ ଘାରି ଯାଇଛି । ୟାର ଔଷଧ କଣ ବା ଦେବି ?"

"ଔଷଧ ମୁଁ ନିଜେ ଯୋଗାଡ଼ କରିଛି । ଆପଣ ବ୍ୟସ୍ତ ହେବା ଦରକାର ନାହିଁ । ମୁଁ ପରା କହିଲି କେତେମାସ ହନିମୁନିଂ ପରେ ଦି ଦିନ ହେଲା ଘରକୁ ଫେରିଛି । ଆଖି ଭିତରୁ ତ ଆପଣ ଗହଣା ଶାଢ଼ୀ ବାହାର କରି ସାରିଲେଣି । ରକ୍ତ ନଇ ଭିତରକୁ ଯେଉଁ ହତା ଅଧେ ପଶି ଯାଇଥିବ ସେ ବାକୀ ଅଧକ ପାଇଁ ଶଙ୍କିବ କାହିଁକି ? ମୁଁ ମୋର ଚତୁର୍ଥକୁ ଘରେ ଆଣି ପହୁଞ୍ଚାଇ ସାରିଛି । ଏଇଟାରେ ଫେଲ ମାରିବି ନାହିଁ ଅନ୍ୟ ତିନିଟା, ପରି । ପୂର୍ବ ତିନିଟା, ପରି । ଗହଣା ଗଣ୍ଠି ସାୟା ଶାଢ଼ୀର ପ୍ରତିବିମ୍ବ ମୋ ଆଖି ଭିତରୁ ପାଉଛନ୍ତି ପରା !"

"ୟାକୁ କେଉଁଠୁ ଯୋଗାଡ଼ କଲେ ? ଆପଣଙ୍କର ତ ରେକର୍ଡ଼ ଭଲ ନୁହେଁ, ତିନି ତିନିଟା ସ୍ତ୍ରୀ ଖାଇ ସାରିଲେଣି । ତା ପରେ ବି ଆପଣଙ୍କୁ ମିଳୁଛନ୍ତି ? ଧନ୍ୟ କହିବା । ଆପଣ ପ୍ରକୃତରେ ଏକ ଓମେନ କିଲାର ।"

"ଇଏ ବି ଏକ ରୋମାନ୍ସ । ଗତବର୍ଷ ପୂଜାଛୁଟିରେ ଆପଣଙ୍କ ଗଳ୍ପ ପତ୍ରିକାର ପୂଜାସଂଖ୍ୟାରୁ ବସନ୍ତ ଶତପଥୀ ଲେଖିଥିବା ଗୋଟାଏ ଗଳ୍ପ ପଢ଼ାଉଥିଲି ମନେଥିବ ।

Digitized by srujanika@gmail.com

ସେ ଗଳ୍ପରେ ସେ ସରସ୍ୱତୀ କୁଣ୍ଡୁ ସହିତ ତାଙ୍କ ଭେଟ ଓ କଥାବାର୍ତ୍ତା ବର୍ଣ୍ଣନା କରି ଶେଷରେ ତାକୁ ପୁରୀ ପଠାଇଦେଲେ । ସେ ସ୍ୱାମୀ ପରିତ୍ୟକ୍ତା ଝିଅଟିର କରୁଣ କାହାଣୀ ସେ ଗଳ୍ପରୁ ପଢ଼ି ଆମେ ଦୁହେଁ କହିନଥିଲୁ, "ବୋକା ବୁଢ଼ାଟା ସେ ଝିଅଟାକୁ ଛାଡ଼ିଦେଲା ।" ଅନେକେ ସେ ଗପକୁ ଗପ ଭାବିଲେ । ଯିମିତି ଦିମାସ ତଳେ ମୋର ତୃତୀୟ ଚାଲିଗଲା -"

"କୁଆଡ଼େ ଚାଲିଗଲେ ? କାହିଁକି ଚାଲିଗଲେ ?"

"ମରିଗଲେ, ଆଉ କୁଆଡ଼େ ଯିବେ ? କିରାସିନି ଦିହରେ ଢ଼ାଳି ହୋଇ ।"

"କାହିଁକି ଏ କୁକର୍ମ ?"

"ନ କଲେ ନାରୀ ହେବେ କିମିତି ? ସେଇ ଗତବର୍ଷର ପୂଜା ଗଣ୍ଡଗୋଳ । ଶାଢ଼ୀ ଖଣ୍ଡିଏ ନେଇ । ସେ ଯେଉଁ ଶାଢ଼ୀ କହିଲେ ମୁଁ ତା ନ କିଣି ଅନ୍ୟ ଗୋଟାଏ ଟିକିଏ କମ୍ ଦାମର କିଣିଦେଲି । ସେ ବର୍ଷଯାକ ପିନ୍ଧିଲେ ନାହିଁ । ଦିନେ ସେଇ ଶାଢ଼ୀ ନେଇ ପୁଣି ଘରୋଇ କଳି ହେଲା । ମୋ ଦିଆ ଶାଢ଼ୀ ପିନ୍ଧି ନିଆଁ ଲଗାଇ ହୋଇ ମଲେ । ମନେ ମନେ ଶାଢ଼ୀକି ପୋଡ଼ିଲେ ନାହିଁତ ମତେ ପୋଡ଼ିଲେ । ଯାଙ୍କୁ ସବୁ... । ସେତେବେଳେ ମୁଁ କୋରାପୁଟରେ ଥିଲି । ଆପଣ ଖବରଟା ଖବରକାଗଜରୁ ପାଇଥିବେ, ମୋ ନାଆଁ ନଥିଲା ସମ୍ବାଦଟାରେ ।"

"ସେଇଥିପାଇଁ ଆପଣଙ୍କ ଆଖିରେ ଖାଲି ଶାଢ଼ୀ ଦିଶୁଛି । ହଉ କୁହନ୍ତୁ, ଚାରି ନମ୍ବର କଥା ।"

"ମୁଁ ତ ସେ ଗପକୁ ଗପ ଭାବିନି, କାରଣ ବସନ୍ତ ଶତପଥୀ ସତ ଗପକୁ ମିଛ କରି ଲେଖି ଜାଣନ୍ତି । ମୁଁ ପୁରୀ ଗଲି । ଗପଟାରେ ଚକ୍ରତୀର୍ଥର ଠିକଣା ଥିଲା କି ନାହିଁ ମନେ ନାହିଁ, ପ୍ଲାଷ୍ଟିକ୍ ଫେକ୍‌ଟରୀ ଥିଲା ଝିଅର ଠିକଣା । ମୁଁ ଯାଇ ପୁରୀ ସହର ହନ୍ତାଳି ପ୍ଲାଷ୍ଟିକ୍ ଫେକ୍‌ଟରୀ ପାଇଲି ଏବଂ ସରସ୍ୱତୀର ଖୋଜ ନେଲି । ସେ ସେଠି ନଥିଲା । ଆଉ ଏକ ଠିକଣାରେ ଗଲି; ସେ ସେଠି ବି ନଥିଲା । ସେଠୁ ଗଲି କନ୍ୟାଶ୍ରମକୁ, ସେଇଠି ପାଇଲି । ଢ଼ଜାଇଲି । ମାଲିକମାନଙ୍କ ସହିତ କଥାବାର୍ତ୍ତା କରି 'ସବ୍‌ସେ ବଡ଼ା ରୁପେୟା' ନାଆଁ ନେଇ ତାଙ୍କୁ ଓ ତାକୁ ମନାଇଲି । ତା'ପରେ ହନିମୁନିଂ ।

ଡ଼ାକ୍ତରବାବୁ ମୋତେ ଯେତେ ମୂର୍ଖ ବୋକା ଭାବିଥିଲେ ଆଉ ସେମିତି ଭାବିବାର ଅବକାଶ ପାଇଲେ ନାହିଁ । ଧୀର ଗଳାରେ ପଚାରିଲେ "ଚତୁର୍ଥଟି କିମିତି ପଡ଼ିଲା ?"

"ଖୁବ୍ ଭଲ ।" ଅଳ୍ପକେ କହିଲି ।

"କେଉଁ ଦୃଷ୍ଟିରୁ ?"

"ରକ୍ତ ସମାନ ହବ କି ନାହିଁ ଜାଣେନି । 'ଏକ ଆରେକ ପାଇଁ' ବି ହୁଏ ତ ନୁହେଁ । ରଙ୍ଗ ବୟସ ଶିକ୍ଷା ସବୁଥିରେ ଅମେଳ । ତାର ଅଠରକୁ ମୋର ଅଠଚାଳିଶ ।

Digitized by srujanika@gmail.com

ଗୋଟିକରେ ଆମେ ବେଶ୍ ପଟିଛୁ । ମୋର ଚତୁର୍ଥକୁ ତାର ଚତୁର୍ଥ । ମୁଁ ତିନି ହରାଇ ଚାରି ନମ୍ବର ଧରିଛି । ସେ ତିନି ନମ୍ବର ଛାଡ଼ି ମୋତେ ଚତୁର୍ଥ ଧରିଛି । ସର୍ବୋପରି ମୁଁ ପୁରୁଷ ସେ ସ୍ତ୍ରୀ । ବିପରୀତରେ ଆମେ ସମାନ ।

"ତାର ଚତୁର୍ଥ କିମିତି ହେଲା ?"

"ଗଳ୍ପଟା ମନେ ନାହିଁ ଆପଣଙ୍କର । ସେ ଯାହାକୁ ପ୍ରଥମେ ବାହା ହୋଇଥିଲା ସେ ଅର୍ବାଚୀନ ଟୋକାଟା ଯନ୍ତ୍ରମନ୍ତ୍ର ପ୍ରଭାବରେ (ସରସ୍ୱତୀର ମତ) ଆର ଜଣକୁ ଧରି ରହିଲା । ନିରାଶ୍ରୟ ଅସହାୟ ଅବସ୍ଥାରେ ତାର ଓ ଗାନ୍ଧିକଙ୍କର ସାକ୍ଷାତ୍ ଖଡ଼ଗପୁରରେ । ଥାର୍ଡ଼ କ୍ଲାସ୍ ଡ଼ବାର ଦରଜା ପାଖରେ ଲଗାଲଗି ହୋଇ ବସି ତାର ଓ ଗାନ୍ଧିକଙ୍କ ଏକାନ୍ତ ଗୋପନ କଥାବାର୍ତ୍ତା (ସେତେବେଳେ ଗାନ୍ଧିକ ତାର ଦ୍ୱିତୀୟ ନୁହନ୍ତି, କାରଣ ବାଲେଶ୍ୱର ଷ୍ଟେସନରେ ସେ ଓ ଗାନ୍ଧିକ ଅଲଗା ହୋଇଯାଇଥିଲେ) ତା'ପରେ ପ୍ଲାଷ୍ଟିକ୍ ଫେକ୍ଟରୀର ବିବାହିତ ସସନ୍ତାନ ମେନେଜର । ତୃତୀୟ ହେଲା ଏକ ସମୁଦ୍ର କୂଳିଆ ହୋଟେଲର ମଦ୍ୟପ ମାଲିକ ଏବଂ ଭାଗ୍ୟବାନ୍ ମୁଁ ତାର ଚତୁର୍ଥ ।"

"ତାର ଏସବୁ ଇତିହାସ ଆପଣଙ୍କୁ କହିଲା କିଏ ? ଆପଣ ଜାଣିଲେ କିମିତି ?"

"ନିଜେ ସରସ୍ୱତୀ କହିଲା । ଅନ୍ୟ ତିନିଟାକୁ ଆପଣାର କରିନପାରି ଭୁଲ୍ ସଂଶୋଧନ ବା ପ୍ରାୟଶ୍ଚିତ ଛଳରେ ଯାକୁ ସବୁମତେ ନିଜର କରିବାର ଆପ୍ରାଣ ଚେଷ୍ଟା ଆରମ୍ଭ କରି ଦେଇଛି, ନହେଲେ ଏ ବି ଏକ ଦୁଇ ତିନି ପରି ଆତ୍ମହତ୍ୟା କରି ବସିବ । ମୁଁ କିନ୍ତୁ ଆଉ ପଞ୍ଚମକୁ ଯିବିନାହିଁ ।"

"ଆପଣଙ୍କ ଦୁଇ ତିନି ବି ଆତ୍ମହତ୍ୟାରେ ମରିଛନ୍ତି ? ସେ କଥା ମୋତେ କେବେ କେହି ନାହାନ୍ତି ? ତୃତୀୟ ତ ଶାଢ଼ୀ ପାଇଁ ମଲେ । ପ୍ରଥମ, ଦ୍ୱିତୀୟ ?"

"ଡ଼ାକ୍ତରବାବୁ, ମୋ ଉପରେ ଏତେ ଗବେଷଣା ଚଳେଇଛନ୍ତି ସ୍ତ୍ରୀମାନଙ୍କ ଉପରେ ଏଥର କିଛିଦିନ ଚଳାନ୍ତୁ । ଆପଣ ବଡ଼ ଆଶ୍ଚର୍ଯ୍ୟ ପ୍ରାଣୀ । କେତେବେଳେ କଣ କରି ବସିବି ଜାଣି ପାରିବିନି ।"

"ହଁ ଟିକିଏ ବେଶୀ ଇମୋଶନେଲ, ସେଣ୍ଟିମେଣ୍ଟାଲ ଆପଣ ।"

"ଟିକିଏ ନୁହେଁ, ଅତି ବେଶୀ; ମୋର ପ୍ରଥମା କଥା ଶୁଣନ୍ତୁ । ସେ ମଲା ସୁନା ପାଇଁ, ସମ୍ପତ୍ତି ପାଇଁ । ଏତେ ଗହଣା ଥିଲା ତଥାପି ସୁନା ପାଇଁ ପାଗଳ । ପ୍ରତିମାସରେ ଯାହା ହେଉ ସୁବର୍ଣ୍ଣର କିଛି ହବ । ଶେଷରେ ଲଗାଇଲା ଘରଟା ତା' ନାଆଁରେ କରି ଦେବାକୁ । ହଁ ହାଁ କଲି, କେତେଦିନ ଡ଼େରି ହୋଇଗଲା । ବାସନ କୁସନ ଯାହା ଘରକୁ ବିକ୍ରି ଆସିଲା, ବଜାରରେ ଦେଖିଲା ସବୁ କିଣିବ କହିଲା । ଦିନେ ବଜାରରୁ ଫେରି ଲଗେଇଲା ପାଞ୍ଚଭରି ଓଜନର ଯେଉଁ ସୁନାହାର ଦୋକାନରେ ଦେଖିଛି, କିଣିବ । ମୁଁ ସିଧାସଳଖ ନା କରିଦେଲି । ତର୍କବିତର୍କ କଳିତକରାଳ ଚାଲିଲା । ଏକା ଜିଦ୍ । ଖାଇଲା ନାହିଁ ପିଇଲା

Digitized by srujanika@gmail.com

ନାହିଁ । ମୁଁ ରାଗିମାଗି ଘରୁ ବାହାରିଗଲି । ସକାଳୁ ଫେରି ଦେଖେ ତ ଫ୍ୟାନ୍‌ରେ ଦଉଡ଼ି ଦେଇ ଝୁଲି ପଡ଼ିଛି ଗୋଟାଏ ଟେବୁଲ୍ ଉପରୁ ।"

"ପ୍ରଥମ ତ ଅକାଳରେ, ଅପମୃତ୍ୟୁରେ ଗଲା । ଦ୍ୱିତୀୟ ଆଡ଼କୁ ଗଲେ କାହିଁକି ? ଆପଣ ତ ସ୍ତ୍ରୀ ରଖିପାରିବେ ନାହିଁ, ଜାଣିଲେ ?"

"ଆମେ କ'ଣ ମଣିଷ ହୋଇଛୁ ପଶୁ ପରା । ଆତ୍ମହତ୍ୟା କଣ ସରିଛି । ଦ୍ୱିତୀୟା ବି ବର୍ଷେ ପରେ ଗଲା । ସେ ଯାଇଛି ଭଲ ହୋଇଛି । ସେଇଟା ଥିଲା ହସ୍ତିନୀଜାତିୟା । ଖୋଲାଖୋଲି କହିଲେ ମୋ ସାଧର ଅତୀତ । ସେଇଟା ଦିନେ ଧରା ପଡ଼ିଗଲା, ସାଇ ପିଲାଏ ଧଇଲେ ଖୁବ୍ ଛେଚିଲେ, ରେଳ ତଳେ କଟି ମଲା ।"

"ପୁଣି ତୃତୀୟା ଗ୍ରହଣ କଲେ ?"

"ଆପଣ ପରା ରକ୍ତ କଣିକାରେ ଏଇଲାଗେ ଦେଖିଲେ ଖାଲି ସ୍ତ୍ରୀଲୋକଙ୍କ ପ୍ରତିଛବି । ପଚାରୁଛନ୍ତି ପୁଣି ? ଆଜିକାଲି ସମସ୍ତଙ୍କ ରକ୍ତରେ ଉଣା ଅଧିକେ ସେମିତି ଛବି ବାହାରିବ । ସମସ୍ତେ କ'ଣ ଖାଣ୍ଟି ରକ୍ତ ଆପଣଙ୍କୁ ପରୀକ୍ଷା ପାଇଁ ଦିଅନ୍ତି ? ପଶୁରକ୍ତ ସାଙ୍ଗରେ ମଣିଷ ରକ୍ତ ମିଶିଥାଏ ପରା । ପୁଣି ପରୀକ୍ଷା କ'ଣ ନିଜେ ଆପଣଙ୍କ ପରି ଡ଼ାକ୍ତରମାନେ କରନ୍ତି ? ତାଙ୍କ ମେହେନ୍ତର ଚାକର ଚପରାଶି ଯାହା କହନ୍ତି ନା । ସ୍ତ୍ରୀ ଛାଡ଼ି ପୁରୁଷ ବଞ୍ଚିପାରିବ ? ଆପଣ ପରା ନିଜେ ସେଦିନ ଥିଓରି ବାଢୁଥିଲେ କେମିତି ଶଙ୍କର ବିବେକାନନ୍ଦ ଅଳ୍ପ ବୟସରେ ସଂସାର ଶେଷ କଲେ । ପ୍ରସଙ୍ଗରେ ବାଇରନ ବାଲଜାକ୍ କଥା ବି କହୁଥିଲେ ।"

"ତେବେ ଆପଣଙ୍କ ତିନିଜଣ ତିନି କାରଣରୁ ଆପଣଙ୍କୁ ଛାଡ଼ିଗଲେ । ଜଣେ ଗଲା ସୁନା ପାଇଁ, ଆଉ ଜଣେ ସେକ୍‌ସ ପାଇଁ, ଆଉ ଜଣେ ଶାଢ଼ୀ ପାଇଁ ।" ସୁନା, ସେକ୍‌ସ, ଶାଢ଼ୀ ଏଇ ତିନି 'ସ'ର ସମାହାରରେ ନାରୀ, ଆପଣଙ୍କ ମତରେ !"

"କାହିଁକି ଆପଣ କ'ଣ ଭିନ୍ନ ମତବାଦୀ ? ଆପଣଙ୍କ ପରି ମୁଁ ବି ଏକ୍ସପେରିମେଣ୍ଟ କରି ଚାଲିଛି, ଆପଣ ପୁରୁଷଙ୍କୁ ନେଇ ପରୀକ୍ଷା ନିରୀକ୍ଷା କଲାପରି ! ମୁଁ ଆଉ ଗୋଟିଏ 'ସ' ଯୋଡ଼ିଛି । କାଳେ ଏ ତିନୋଟିର ଅଭାବରେ ସରସ୍ୱତୀ ମୋତେ ଛାଡ଼ି ଚାଲିଯିବ ବୋଲି ମୁଁ ଲାଗିଛି ତାର ପୂରା ମନ ମନେଇବି । ଗହଣାଗାଣ୍ଠି ଦେଇଛି, ଜମି ଘର ତା' ନାଁରେ କରିଦେଲିଣି, ଯେତେ ଯେତେ ଶାଢ଼ୀ ହୋଇପାରେ ବାକ୍‌ସରେ ସେ ପୂରାଇ ରଖିଛି । ମୋ ସେକ୍‌ସ କଥା ଆପଣଙ୍କୁ ଜଣା । ମୋର ଚତୁର୍ଥ 'ସ'ଟି ହେଲା ସୁତ ନହେଲେ ସୁତା । ପିଲାଝିଲା ନଥିଲେ ସରସ୍ୱତୀ ମୋତେ ଛାଡ଼ି କୁଆଡ଼େ ଚାଲିଯିବ । ଗାଈର ଯେବେ ବାଛୁରୀ ଅଛି ତେବେ ବାଛୁରୀ ବାନ୍ଧି ରଖିଲେ ଗାଈ ଯୁଆଡ଼େ ଚରିବୁଲି ଖାଇ ଖାଇ ସଞ୍ଜବେଳକୁ ଫେରିଆସିବ । ସରସ୍ୱତୀ ମାଆ ହେବାକୁ ଯାଉଛି ପ୍ରାୟ ।"

Digitized by srujanika@gmail.com

"ହେମନ୍ତ ବାବୁ! କଂଗ୍ରାଚୁଲେଶନସ୍! ତିନିଟିନିଟା ନାରୀହତ୍ୟା କରି ବି ଆପଣ ଭାଗ୍ୟବାନ । ନାରୀ ଚରିତ୍ର ପୁରାପୁରି ଅଧ୍ୟୟନ କରି ସରସ୍ୱତୀକି ଆପଣାର କରି ପାରିଛନ୍ତି । ସେ କ'ଣ ପ୍ରକୃତରେ ଆପଣଙ୍କର ଅନୁରକ୍ତା ?"

"ଅନୁରକ୍ତା, ଅନୁଗତା, ବଶୀଭୂତା ବୋଲି ମୁଁ ଭାବୁଛି । ମୋର ଯେଉଁ ତତ୍ତ୍ୱ ନେଉଛି, ମୋତେ ଯେମିତି ଶ୍ରଦ୍ଧାଭକ୍ତି କରେ, ମୋତେ ଯେମିତି ନାନା ପ୍ରକାର ସୁସ୍ୱାଦୁ ଖାଦ୍ୟପାନୀୟ ନିଜେ ପ୍ରସ୍ତୁତ କରି ଖୁଆଏ, ମୋର ଯିମିତି ସେବା ଶୁଶ୍ରୂଷା କରେ ଶାସ୍ତ୍ର ପୁରାଣରେ ବି ଆଦର୍ଶ ନାରୀର ପତିବ୍ରତାର ସେମିତି ନଜିର ନଥିବ । କିନ୍ତୁ -"

"ଏ ଗଳ୍ପରେ ବି ତେବେ କିନ୍ତୁ କାହିଁକି"

"ହଁ, ସେ କେବଳ ମୋର ନୁହେଁ, ଅନେକଙ୍କର ଦୁର୍ଭାଗ୍ୟ । କାଲିରାତିର କଥା କହୁଛି । ବହୁତ ରାତି ପର୍ଯ୍ୟନ୍ତ ଆମେ କଥାବାର୍ତ୍ତା ହେଉଥାଉଁ । ରାତିଯାକ ବର୍ଷା ହେଉଥାଏ । ବିରାମ ମୁହୂର୍ତ୍ତମାନଙ୍କରେ ସରସ୍ୱତୀ ତା କରୁଣ ଆତ୍ମଜୀବନୀରୁ କଲିଏ କଲିଏ ଗୁଣୁଗୁଣୁ ହୋଇ କହୁଥାଏ । ସେ ଓ ମୁଁ ଏମିତି ସନ୍ତୁଷ୍ଟ ଓ ପରିତୃପ୍ତ ତଥା ମଜଗୁଲ ଅବସ୍ଥାରେ ଥାଉ ଯେ ପରସ୍ପରକୁ ଛାଡ଼ି ଦୁନିଆର ଆଉ କୌଣସି ଚିଜ ଆମ ପକ୍ଷରେ ମୂଲ୍ୟବାନ ଜଣାଯାଉନଥାଏ ସେ ମୁହୂର୍ତ୍ତରେ ।"

ଡ଼ାକ୍ତର ବାବୁ କାହିଁକି କେଜାଣି ଗଳଦ୍‌ଘର୍ମ ହୋଇ ସିଗାରେଟ୍‌ଟାଏ ନୂଆ ଧରାଇଲେ ।

ମୁଁ ଖିଅ ଧରି ଚାଲିଲି । "ମନକୁ କଅଣ ଖିଆଲ ପଶିଲା କେଜାଣି ସରସ୍ୱତୀ ମୋତେ ବଙ୍ଗଳା ଓଡ଼ିଆ ଇଂରାଜୀ ମିଶା ବାକ୍ୟ ଗୋଟିକରେ ପଚାରିଲା "ବଲ ତୁମି, ମୁଁ ତ ତୁମର ଶେଷ ସ୍ତ୍ରୀ, ମାନେ ଯାକେ ବଲେ ଲାଷ୍ଟ ୱାଇଫ୍, ତାର ନମ୍ବର; ତୁମି କା'କେ ସବଚେୟେ ଭାଲୋବାସ, ଆମାର ଗା ଛୁଁଯେ ବଲ ।" ଏ ପ୍ରଶ୍ନର ଉତ୍ତର ଦେବା ମୋ ପକ୍ଷରେ ଖୁବ୍ ସହଜ । ମୁଁ ତ ବିଭୋର ଅବସ୍ଥାରେ ଥିଲି । ତା' ଦିହ କ'ଣ ଶାଳଗ୍ରାମ ଧରି କହିଥାନ୍ତି 'ଲାଷ୍ଟ' । ମୁଁ କହିଲି ତାକୁ କୁଣ୍ଢେଇ ଧରି 'ଲାଷ୍ଟକୁ' ମାନେ ତୁମକୁ, ତୋମାକେ ବୁଝିଲେ ।

"ଆପଣ ଯାହା କହିଲେ ତାହା ଆପଣଙ୍କ ଅନ୍ତରର କଥା ?"

"ଡ଼ାକ୍ତର ବାବୁ, ଆପଣ ବି ଏତେ କଥା ପରେ ସନ୍ଦେହ କରୁଛନ୍ତି ? ମୁଁ ଠିକ୍ ସତକଥା କହିଲି । ସରସ୍ୱତୀକି ମୁଁ ଜୀବନ ଦେଇ ଦେଇଛି ।"

ଡ଼ାକ୍ତରବାବୁ ମୋ ଆଡ଼କୁ ଚାହିଁ ରହିଥାନ୍ତି । ସିଗାରେଟ୍‌ର ମେଞ୍ଚାଏ ପାଉଁଶ ମୋ କଳା ପେଣ୍ଟରେ କେତେବେଳେ ପଡ଼ିଗଲାଣି ସେ ଖିଆଲ ରଖୁନଥାନ୍ତି ।

କହିଗଲି: ଡ଼ାକ୍ତର ବାବୁ, ଶେଷ ପଦକ ଏଥର ଶୁଣନ୍ତୁ । ସରସ୍ୱତୀକି ଉତ୍ତର ଦେଇ କୃତକୃତ୍ୟ ହେଲି । ଏଥର ମୋର ପାଳି ପଡ଼ିଲା । ତା'ର ଅନାବୃତ ଦେହର ଯେତେ

Digitized by srujanika@gmail.com

ଅଂଶ ମୋ ଦିହ ଦେଇ ଆବୃତ କରିପାରେ କରି ଦେଇ, ଜୋରରେ ଭିଡ଼ିଆଣି, ଗୁଡ଼ାଏ ଚୁମା ଏଣେ ତେଣେ ଦେଇ, ସୁବାସିତ କେଶଦାମ ଆଘ୍ରାଣ କରି, ଜୀବନର ଶେଷ ପ୍ରଶ୍ନ ପରି ଉତ୍କଣ୍ଠାରେ ପଚାରିଲି ସରସ୍ଵତୀ, ପ୍ରାଣର ସର। ମୁଁ ପଚାରୁଛି ମୋ ଦିହ ଛୁଇଁଛ, କୁହ, ମୁଁ ତୁମର ଚତୁର୍ଥ, ମୋ ଆଗରୁ ତିନି ଜଣଙ୍କ ସାଙ୍ଗରେ ରହିଥିଲ, (ସୁନା, ସେକ୍ସ, ଶାହ୍ୱୀ, ସୁତା/ସୁତା କଥା ମନେ ମନେ ରଖି) ତୁମେ ଏଥର କୁହ, ମୁଁ ତ ତମ ପ୍ରଶ୍ନର ଉତ୍ତର ଦେଇଛି, କୁହ ତୁମେ କାହାକୁ ସବୁଠୁ ବେଶୀ ଭଲ ପାଅ, ଫାଷ୍ଟ ନା ଲାଷ୍ଟ ? ସରସ୍ଵତୀ ମୁହଁରୁ ଉତ୍ତର ବାହାରିବା ବାହାରିବା ଅବ୍ୟବହିତ ମୁହୂର୍ତ୍ତରେ ମୋର ହୃଦୟର ସ୍ପନ୍ଦନ ଗୋଟାଏ ଦୁଇଟା ବନ୍ଦହୋଇ ଯାଇଥିଲା । ସରସ୍ଵତୀ ସେ ମାରାତ୍ମକ ଉତ୍କଣ୍ଠାର ଟ୍ରାଜିକ୍ ପରିସମାପ୍ତି ଘଟାଇ ଖୁବ୍ କ୍ଷୀଣ ସ୍ଵରରେ ମୋ ଛାତିରେ ମୁଣ୍ଡ ଲୁଚାଇ କହିଲା 'ଫାଷ୍ଟ' ।

ଡ଼ାକ୍ତର ବାବୁ ଚମକି ପଡ଼ି କହିଲେ "ସେଇ ପାଷାଣ୍ଡ ଅର୍ବାଚୀନ ଟୋକାଟା ଯେ ତାକୁ ବିବାହ ରାତିର ପନ୍ଦର ଦିନ ନ ପୂରୁଣୁ ଅନନ୍ତ ଅନ୍ଧାରରେ ଛାଡ଼ିଦେଇ ଚାଲିଯାଇଥିଲା କୁଆଡ଼େ ? ସେ ତା'ର ଫାଷ୍ଟ ।"

"ମୋର 'ସୁନା, ସେକ୍ସ, ଶାହ୍ୱୀ, ସୁତ' ଥିଓରିର ଅଭେଦ୍ୟ ପାଷାଣ ଦୁର୍ଗଟା ସାମାନ୍ୟ । ଗାଉଁଲି ଝିଅ ସରସ୍ଵତୀର ଅସ୍ପଷ୍ଟ ସ୍ଵର ଓ ମୃଦୁ ନିଶ୍ୱାସରେ ଭୁଷୁଡ଼ି ପଡ଼ିଲା ସେଇ ବଦ୍‌ମାସ ଖଡ଼ଗପୁରୀ ଟୋକାଟାର ଛବି ବିଜୟଦର୍ପରେ ଅଟ୍ଟହାସ୍ୟ କରି ଡ଼ାକ୍ତରଙ୍କ ଚେମ୍ବରରେ କଙ୍କାଳର ଛବି ସହିତ ଡ଼ିଆଁ ମାରୁଥାଏ । ଡ଼ାକ୍ତର ବାବୁ କ'ଣ ପାଇଁ ଷ୍ଟିମଲେଣ୍ଟ ଦିଅନ୍ତୁ ।

# ବହି, ବୋତଲ ଆଉ ତୁମେ

ବୈଦେହୀଶ ବିଳାସରେ ରାମଚନ୍ଦ୍ର ଦିନେ ପଞ୍ଚବଟୀରେ ସୀତାଙ୍କୁ ଏକାନ୍ତରେ କୋଳରେ ବସାଇ ପ୍ରେମାଳାପ କଲା ପରି ମୁଁ ଦିନେ ମୋ ଲାବଣ୍ୟନିଧିଙ୍କୁ ପଲଙ୍କରେ ବସାଇ ଛବିଳ ଓମର ଖାୟାମ୍ ବହିଟି ମେଲା କରି ତାଙ୍କ ଦୁଇ କାନ୍ଧ ଉପର ଦେଇ ନେଇ ଜଙ୍ଘ ଉପରେ ରଖିଦେଲି । ପଚାରିଲି 'କ'ଣ ଦେଖୁଛ ?' ସେ ପ୍ରାୟ ବିରକ୍ତ ହୋଇ କହିଲେ "କ'ଣ ଦେଖିବି ଆଉ ?" ଟିର୍ଲାଙ୍କ ଛବି ଦେଖିଲେ ତ ତୁମେ ଅଥୟ ହେଲ । ଏଠି ଦେଖିବାର କ'ଣ ଅଛି, ଦାଢ଼ିଆ ବୁଢ଼ାଟାଏ ସଜବାଜ ହେଇ ବସିଥିବା

ଝଙ୍କାର, ୩୪ଶ ବର୍ଷ, ଶାରଦୀୟ ସଂଖ୍ୟା, ତୁଳ ୧୯୯୦, ଅକ୍ଟୋବର ୧୯୮୭, ପୃ. ୬୭୮-୬୮୨

Digitized by srujanika@gmail.com

ଝିଅଟା ଉପରେ ହାତ ପକାଇଛି, ଆଉ ଗୋଟାଏ ହାତରେ ବହି ଧରିଛି, ଆଗରେ ମଦବୋତଲ ରଖିଛି । କାହିଁକି ଭଲା ମାସକୁ ମାସ ଦରମା ପଇସାରୁ ଏ ବହିସବୁ କିଣୁଛ। ପଇସା ଶସ୍ତା ହେଇଛି ? ତୁମର ଏ ସାଙ୍ଗ କେତୁଟା ତୁମକୁ ଖାଇବେ ଦେଖୁଛି । ଏ ବହି ସବୁ ଯେତେ ଅନର୍ଥର ମୂଳ ।"

ମୁଁ ଦେଖିଲି ମୋର ସବୁ ଉଦ୍ଦେଶ୍ୟ ଏକାଥରକେ ପଣ୍ଡ ହେବାକୁ ଯାଉଛି । କହିଲି "ଦେଖ, ଏଟା ପୃଥିବିବିଖ୍ୟାତ ବହି, ପୁରୁଷଟା ସ୍ତ୍ରୀକୁ କହୁଛି "ମୋ ଆଗରେ ଯଦି କବିତା ବହିଟିଏ ଥିବ; ବୋତଲରେ ମଦ ଥିବ, ଆଉ ତୁମେ ପାଖରେ ବସିଥିବ, ତେବେ ସ୍ୱର୍ଗ ପୃଥିବୀକୁ ଖସି ଆସିବ ।" ବହିଟାକୁ ସଟାପଟ ବନ୍ଦକରି ଦେଇ ସେ କହିଲେ "ମୋ ଆଗରେ ବୋତଲ ନାହିଁ, ବହିଥିଲେ ବି ମୁଁ ଅ ଆ ବିବର୍ଜିତ, ତଥାପି ବିନା ବହି ବୋତଲରେ ତୁମେ ପାଖରେ ବସିଥିବାରୁ ମୋତେ ମର୍ତ୍ତ୍ୟ ସ୍ୱର୍ଗ ପରି ଲାଗୁଛି, ଅଥଚ ତୁମର ବହି, ବୋତଲ ସିଗାରେଟ ଆହୁରି କେତେ ପରିପାଟୀ ନହେଲେ ମୁଁ ତୁମକୁ ଭଲ ଲାଗିବି ନାହିଁ କିପରି ? ତୁମେ ବହିଫହି ମୋତେ ଆଉ ଦେଖାଇବ ନାହିଁ, ପଇସା ନଷ୍ଟ, ସମୟ ନଷ୍ଟ, ଯଦି ନିହାତି ବହି ନହେଲେ ତୁମର ନ ଚଳିବ ତେବେ ଅଫିସ୍‌ରେ ପଢ଼ିବ, ନହେଲେ ମୁଁ ରୋଷେଇ କରୁଥିଲା ବେଳେ ଦାଣ୍ଡ ଘରେ ବସି ମନଇଚ୍ଛା ଯେତେ ପଢ଼ିପାର ।"

ମୋର ସବୁ ଯୋଜନା ପରିକଳ୍ପନା ଇନସାର୍ଟ ଉପଗ୍ରହ ପରି ଅକାଳରେ ଅକାମି ହେଲା । ମୁଁ ଭାବିଥିଲି ତାଙ୍କୁ ପ୍ରଥମେ ଛବି ବହି ଦେଖାଇ, ମାଆ, ରମା, ରମାର ରବର, ମା'ର ରବର ଶିଖାଇ, କବିତା ବହି ପଢ଼ାନ୍ତି ଏବଂ ଭଞ୍ଜ, ଜୟଦେବ, ମାୟାଧର ଜରିଆରେ ଓମରଙ୍କ ପରି ଭୂସ୍ୱର୍ଗ ରଚନ୍ତି । କିନ୍ତୁ ସେ ବହି ନେଇ ସେଲ୍‌ଫରେ ଥୋଇଦେଲେ, କହିଲେ "ଆଜି ରବିବାର, ଶୋଇପଡ଼ିବା । ବିନା ବହି ବିନା ବୋତଲରେ ଦୁହେଁ ଚିପାଚିପି ପରି ସୁଖରେ ରହିବାପାରିବା ନି ? ସେମାନେ କ'ଣ ବହି ପଢ଼ିଥିଲେ ? ପୋତ୍‌ପିଠା କରି ପାରୁଥିଲେ ମାତ୍ର ।"

ମୁଁ ଦେଖିଲି ମୋର ଭୁଲ ହୋଇଯାଇଛି । ଲଭ ମେରେଜ କରିବା ଉଚିତ୍ ଥିଲା । କିନ୍ତୁ ଏ ତ ଆମର ଚାଇଲଡ୍ ମେରେଜ । ସେତେବେଳେ ତା'ର ସାତକୁ ମୋର ସତର । ମୋତେ ତିରିଶି ବତିଶ, ତାକୁ ପଚିଶ ସତେଇଶି ହୋଇଥିଲେ ସିନା ଦୁହିଁଙ୍କ ଭିତରେ ପ୍ରେମ ମଞ୍ଜୁରି ଥାନ୍ତା । ବାପା ମାଆ ଆମକୁ ସେ ଚାନ୍ସ ଦେଲେ କୁଆଡ଼େ ? ସରକାର ତ ପୁଣି ଏଡ଼ାଲଟମାନଙ୍କୁ ପାଠ ଶିଖାଉଛି । ଭାବିଲି ଏ ଝିଅକୁ ଅଡ଼ିଓଭିଜୁଏଲ ମେଥଡ୍‌ରେ ଶିକ୍ଷା ଦେବି । ଭିଜୁଏଲ ତ ହେଲାନି । ଛବି ବହି ସେଲ୍‌ଫରେ ସାଇତି ଦେଇ ଗାଳି ଗୁଲଜ କଲା । ଏଥର ଅଡ଼ିଓ ଚେଷ୍ଟାକଲି ।

ମୋ ଗୋଷ୍ଠୀର ଅନ୍ୟମାନଙ୍କ ଅବସ୍ଥା ବି ସେଇଆ, ଅତଏବ ପରସ୍ପର ସହିତ ପରାମର୍ଶ କରି ଗୋଟାଏ ସଂଘବଦ୍ଧ ଯୋଜନା କଲୁ । ଯାତ୍ରା, ସୁଆଙ୍ଗ, ଫାର୍ଶ, ଚଢ଼େୟା ନାଟ, ବିଶେଷତଃ ପାଲାଗାଉଣି (ଥିଏଟର ଓ ଦାସକାଠିଆ ପ୍ରାୟଶଃ ସେବେ ଆମ ଅଞ୍ଚଳରେ

Digitized by srujanika@gmail.com

ନଥିଲା) ଯେଉଁଠି ଯାହା ଆୟୋଜନ ହେଲା ଆମେ ସେଠି ସସ୍ତୀକ ହାଜର । ହେଲେ, କୁତ୍ରାପି ସେବେ ଦୁଇଜଣ (Thou beside me) ଲଗାଲଗି ହୋଇ ବସି ଉପଭୋଗ କରି ସ୍ୱର୍ଗକୁ ପାଖକୁ ଟାଣି ଆଣିବାର ବ୍ୟବସ୍ଥା ନଥିଲା । ତଥାପି ଅଲଗା ଅଲଗା ବସି ପରସ୍ପରକୁ ଅର୍ଥପୂର୍ଣ୍ଣ ଦୃଷ୍ଟିରେ ଆମେ ଚାହୁଁଥିଲୁ ଏବଂ ଦୂରରେ ଥାଇ ମଧ୍ୟ ଖାଣ୍ଟି ରୋମାଣ୍ଟିକ ଚେତନା ଜରିଆରେ ରାମ ସୀତା, ରାଧାକୃଷ୍ଣଙ୍କ ଖେଳାଲୀଳା ନିଗେଟିଭ କେପେବିଲିଟି ଜରିଆରେ ଆସ୍ୱାଦନ କରୁଥିଲୁ ।

ପ୍ରେମପଥରେ ଦୃଶ୍ୟମାନ ପ୍ରଗତି ହେଉନାହିଁ ଭାବି ଭାବି ଆମେ ପାଳିକରି ପାଲାଗାଉଣ ଆମ ଘରମାନଙ୍କରେ କଲୁ । ଏବଂ କେଉଁଠି କେବେ କାହିଁରୁ ଲାବଣ୍ୟବତୀରୁ ଚେଟିଚାତୁରୀ, ବୈଦେହୀରୁ ଋଷି ଶୃଙ୍ଗ ଆଗମନ, ପ୍ରଣୟବଲ୍ଲରୀରୁ କୁରୁବକକଣ୍ଠା, ରାଧାନାଥରୁ ସ୍ତନାଙ୍କୁରେ ବ୍ୟସ୍ତେ ଦୋଳେଇ ନିଶ୍ଚୟ ଥିବ, କେତେ ଦୂରଯାଏଁ ଛାନ୍ଦପଦମାନଙ୍କ ତର୍ଜମା ହେବ ଆଗରୁ ଧାର୍ଯ୍ୟ କରିଦିଆଯାଏ । ମୋ ସାଙ୍ଗମାନଙ୍କ ଗିଲକରା ପଞ୍ଜାବୀ ଓ ଧୋତିରେ, ମଲ୍ଲୀମାଳ ବା ଚମ୍ପା ହାତରେ ବା ବେକରେ ଗଳାଇ ବସିଯାନ୍ତି ନିଜ ନିଜ ରସିକା ରମଣୀମଣିଙ୍କ ଠାରୁ ସାମାନ୍ୟ ଦୂରରେ । ସଞ୍ଜବେଳେ ଆରମ୍ଭ ହୁଏ ଗାଉଣ, ରାତି ଦଶ ଅତି ବେଶୀ ହେଲେ ଏଗାରଟାକୁ ଶେଷ । ଅସଲ ଅସଲ ଧାଡ଼ିଗୁଡ଼ାକ ଯାହାର ବ୍ୟାଖ୍ୟା ଆମେ ଚାହୁଁ ଆମକୁ ସେମାନେ ତାହା ଶୁଣାନ୍ତି ଏବଂ ସ୍ୱର୍ଗକୁ ପାଖକୁ ଆଣିବାରେ ଯଥାଶକ୍ତି ସାହାଯ୍ୟ କରନ୍ତି । କିନ୍ତୁ କି ଆଶ୍ଚର୍ଯ୍ୟ, ସେସବୁ ଧାଡ଼ି ଆସିଲା ମାତ୍ରେ ସେମାନେ ଘର ଭିତରକୁ ନାନା ଆଳରେ ପଶି ଯାଆନ୍ତି । କିଏ ଫେରେ କିଏ ନ ଫେରେ । ଏ ବୁଦ୍ଧି ବି ସଫଳ ହେଲା ନାହିଁ, ପ୍ରଣୟର ବଲ୍ଲରୀ ଟିଏ ବାହାର କରିବାରେ । ବିଶେଷତଃ ବୁଢ଼ା ବୁଢ଼ୀମାନେ ଧର୍ମ ନାଆଁରେ କଥାଗୁଣ ନ ନେଇ ଶ୍ଳୀଳ ଅଶ୍ଳୀଳ ଦୃଷ୍ଟିରେ ଗ୍ରହଣ କଲେ, ଆମକୁ କିଏ କେତେ ବେଳେ ମାତାଲ, ମଦୁଆ, ପାଗଲା ବୋଲି ମଧ୍ୟ କହିଲେ ।

ଆମେ କିନ୍ତୁ ନିରସ୍ତ ହେଲୁ ନି । ସ୍ନାତକ ଉତ୍ପାଦନ କରିବା ପାଇଁ ସରକାରଙ୍କ ପକ୍ଷରେ ଯୁକ୍ତଦୁଇ ଯିମିତି ଦଶ ପରେ ଅପରିହାର୍ଯ୍ୟ ଆମେ ସିମିତି ବିବାହ ପରେ ଯୁକ୍ତଦୁଇକୁ ପ୍ରେମରେ ସ୍ନାତକ ହେବା ପାଇଁ ନିହାତି ଆବଶ୍ୟକ ଭାବିଲୁ । ଅର୍ଥାତ୍ ଯୋଡ଼ାଏ ବର୍ଷ ତାଙ୍କୁ ନାନା ମାଧ୍ୟମରେ ରସିକା ନାୟିକା ଉତାରିବାକୁ ହେବ । ମଝିରେ ଝିରେ ଥରେ ଦୁଇଥର ଯୋଡ଼ ଯୋଡ଼ ହୋଇ ଆମେ କଲିକତାର ରେଡ଼ଲାଇଟ୍ ଏରିଆ, ହାଡ଼କଟା ଗଳି, ସୋନାଗାଛି ବୁଲାଇ ଆଣିଲୁ, ଏପରିକି ଭିକ୍ଟୋରିଆ ମେମୋରିଏଲର ଘାସୁଆ ଗାଲିଚା ଉପରେ ଏକତ୍ର ବସି ନୂଆଣିଆଁ ଗୋଲମୋହର ଗଛ ତଳକୁ ଇଂରାଜୀ ବହିରେ ପଢ଼ିଥିବା ପେଷ୍ଟୋରାଲ ପ୍ରେମ ଟାଣି ଆଣିବାର ଚେଷ୍ଟା କଲୁଁ ।

ଏ ଯୁକ୍ତ ଦୁଇ କୋର୍ସର ଅଶୁଭ ପରିସମାପ୍ତି ହେଲା ଏକ ସମାବର୍ତ୍ତନ ଉତ୍ସବଟି ଆୟୋଜିତ ହୋଇଥିଲା ଶ୍ୱାପଦସଙ୍କୁଳ ଅରଣ୍ୟାନି ମଧ୍ୟରେ ଥିବା ଏକ ପାହାଡ଼ ଉପରେ

Digitized by srujanika@gmail.com

ଜଳାଶୟ କୂଳ ବଙ୍ଗଳା ଗୋଟିକରେ । ହଣ୍ଡା, ଛେଳି, ପାଲାଗାଉଣ, ଦାସକାଠିଆ, ତୁ' ବୁଡ଼ି ମରୁନୁ । ତୁ' ହରିଆ ପରମାନନ୍ଦ ସାଙ୍ଗରେ ପାରିବୁ, ରେଡ଼ିଓ ରାଷ୍ଟ୍ରପତି ଯେତେ ସାହାଯ୍ୟ ଦେଲେ ବି ? ଏବଂ ନିଜ ନିଜ ରମଣୀମଣି, ନାଗରୀହୀରାଙ୍କୁ ଗୋଟିଏ ଟ୍ରକର ଡ଼ାଲାରେ ଡ଼ାଳପତ୍ର ଉଢ଼ାଳରେ ଧରି । ଜହ୍ନରାତି, ଜଳାଶୟରୁ ସୁଲୁସୁଲିଆ ପବନ । ଇତର ଜନମାନବ କେହି ନାହିଁ । ପାଖରେ ଡ଼ାକବଙ୍ଗଳା, ବୋତଲ ହୁଏତ କେହି କେହି ଆଣିଥିବେ ।

ମୋର କିନ୍ତୁ ପ୍ରାଣଭୟ ଡ଼ର ଏଇ ବୋତଲକୁ । ସେମ୍ପେନ୍ କୁହ ସ୍କଚ୍ କୁହ ନାଆଁ ଶୁଣିଲେ ଦିହରୁ ହାର୍ଟ ଫେଲ୍ୟୁର ବେଳର ଝାଳ ବହିଯିବ । ଜେଜେବାପା ବେଳେ ବେଳେ ସୋମରସ କଥା ତୁଣ୍ଡରେ ଧରନ୍ତି, କାହିଁରୁ ତିଆରି କହିପାରନ୍ତି ନାହିଁ । ବାପା ଅତି ବେଶୀ ହେଲେ ପଣ୍ଡି, ଭାଙ୍ଗ ପର୍ଯ୍ୟନ୍ତ ଯା'ନ୍ତି ସେ ଫେର୍ ତ୍ରିନାଥମେଳା ରାତ୍ରିରେ, ଦି'ବେଳା ପଖାଳ ଦେଇସାରିବା ପରେ ମାଆ ଅଳ୍ପ ହସି କୁହେ ଆଉ ହାଣ୍ଡିରେ ନାହିଁ, ଆଜି ସେତିକି ହଉ ।" ଥରେ କଲିକତାରେ ସିଦ୍ଧି ବରଫ ମଲାଇ ବରଫ ବିକୁଥିବା ଲୋକପାଖକୁ ଦିଅଣିଆଁ ଶାଗୁଆ ଗୋଟିଏ 'ସିଦ୍ଧି' ଖାଲି ପେଟରେ ଖାଇଥିଲି ଯେ ଚଉଦଭୁବନ ପ୍ରାୟ ଦିଶି ଆସୁଥିଲା । ସ୍ତ୍ରୀଙ୍କୁ ଏକଥା କହିନି ଅବଶ୍ୟ ।

ଆମ ଭାରତବର୍ଷରେ ମଧ୍ୟବିତ୍ତ ଶ୍ରେଣୀର ଏମିତି ମଦୁଆ ଭାଙ୍ଗୁଆ କିଏ ଅଛି ଯେ ତା' ସ୍ତ୍ରୀ କି ମରଣଠାରୁ, କଲେରାଠାରୁ, 'ପୋଲିସ ଠାରୁ, ମନ୍ତ୍ରୀଠାରୁ ବେଶୀ ଭୟ ନ କରେ ? ସ୍ତ୍ରୀ କିଛି କରି ନ ପାରିଲେ ବି ଅଲଗା ଘରେ କବାଟ କିଳି ରାତି କଟାଇଦେବ। ଏ ହେଲେ ଡ଼ର ମାଡ଼ୁଛି କହି ମାଆ ସାଙ୍ଗରେ ଶୋଇଯିବ ।

ସେଦିନ ରାତି ଡ଼ାକବଙ୍ଗଳାରେ ଯାହା ଘଟିଲା ତହିଁରୁ ମୋର ଧାରଣା ହେଲା ଏଇ ଡ଼ାକବଙ୍ଗଳା/ଲଜ୍/ଲଜିଂ/ତାରକା ହୋଟେଲ ଗୁଡ଼ାକ ଦେଶର କଳଙ୍କ । କେଉଁ ପାପ ବ୍ୟଭିଚାର ଏଗୁଡ଼ାକରେ ଅନୁଷ୍ଠିତ ନ ହୁଏ ? ଏଇଗୁଡ଼ାକ ପାଇଁ ପାରିବାରିକ ଜୀବନ ବିପର୍ଯ୍ୟସ୍ତ ହେଉଛି ଏବଂ ଦିନ ଆସିବ ଲୋକେ ସେଇ ହୋଟେଲରେ ଦିନରାତି ପଡ଼ି ଖାଉଥିବେ ପିଉଥିବେ ଯିମିତି ସେମାନେ ଏ ଦେଶର ନେଟିଭ୍ ବାସିନ୍ଦା ନୁହନ୍ତି, ଆଉ କେଉଁ ଦେଶର ଟୁରିଷ୍ଟ । ଖରାଦିନ ସଞ୍ଜରେ ଭାଙ୍ଗ ନହେଲେ ଆସର ଜମେନି, ଭାଙ୍ଗ ଟିକେ ଟିକେ ଦିହକୁ ଖୁବ୍ ଉପକାର କରେ ଇତ୍ୟାଦି ଅଷ୍ଟକ ରଚନା କରି ସାଙ୍ଗମାନେ ପିଇଲେ କଦଳୀ ରସଗୋଲ ମିଶା ପାନୀୟ ଠିକ୍ ପାଲା ଆରମ୍ଭ ପୂର୍ବରୁ । ଦଣ୍ଡେ ପରେ ପାଲାବାଲାଙ୍କ ସାଙ୍ଗରେ ଏମାନେ ବି ପାଲା ଆରମ୍ଭ କରି ନିଜେ ଗାଉଣବାଉଣ ହୋଇ ଝାଞ୍ଜ ମୃଦଙ୍ଗ ଫଟାଫଟି ପର୍ଯ୍ୟନ୍ତ ଗଲେ । ଶେଷରେ ଭାଙ୍ଗର ପ୍ରକୋପରେ ଯିଏ ଯାହା ପାରିଲା ଗୁଡ଼ାଏ ଗୁଡ଼ାଏ ଖାଇ ମୁର୍ଦ୍ଦାର, ଘୁଷୁରି ପରି ଅଚେତ ହୋଇ ଏଠି ସେଠି ପଡ଼ିଗଲେ । ମୋର ସମସ୍ତ ସାବଧାନତା ଓ ସତର୍କତା ସତ୍ତ୍ୱେ ଛାତିରେ ନାନାବିଧ ଅଶ୍ୱସ୍ତି ଆସିଲା । ସ୍ତ୍ରୀ ଲୋକେ କେହି ଭାଙ୍ଗନିଶା ଆଡ଼କୁ ଯାଇ ନଥିଲେ ଭାବୁଥିଲେ

Digitized by srujanika@gmail.com

କାହିଁକି କେଉଁଠାକୁ ସେମାନେ ଆସିଛନ୍ତି । ଖିଟା ପାଇଁ ଆସିଥିବା ତିନ୍ନୁଳି ପେଣ୍ଡୁଳାଏ ପାଣିରେ ଗୋଳି ଗ୍ଲାସେ ମୋତେ ଧରାଇଦେଇ ମୋ' ଖୋଲାଲୋଳା ଗଞ୍ଜାନାକ୍ଷୀ କହିଲେ "ନିଅ, ଏଇ ତୁମକୁ ଇନ୍ଦ୍ରିୟାତୀତରୁ ମର୍ତ୍ତ୍ୟକୁ ନେଇ ଆସିବ ।" ମୁଁ ପରେ ଖୁବ୍ ଲଜ୍ଜିତ ହେଲି ।

ତେଣୁ ଆମର ଏ ପନ୍ଥା ମଧ ବିଫଳ ହେଲା ସହଧର୍ମିଣୀମାନଙ୍କୁ ଗନ୍ତବ୍ୟ ପଥରେ ନେବା ପାଇଁ । ଉତ୍ସବ ଉପରେ ସେମାନଙ୍କ ମତ ହେଲା ଯୌନ ଉତ୍ତେଜନା ପାଇଁ ପୁରୁଷମାନଙ୍କ ଏ ବ୍ୟବସ୍ଥା ଯାହା ଅନାବଶ୍ୟକ ଏବଂ ପାଗଳାମିର ପରିଚାୟକ । ତାଙ୍କ ଆଗରେ ତେଣୁ ଆମେ ସମସ୍ତ କେଡ୍ରିଟ୍ ହରାଇଲୁଁ ଲମ୍ପଟ ଶଠ ଆଖ୍ୟା ମଧ ପାଇଲୁ । ବହି ଜରିଆରେ ପ୍ରେମ ଶିଖି ସ୍ୱର୍ଗରୁ ମର୍ତ୍ତ୍ୟକୁ ଆଣିବାର ଯୁକ୍ତ ଦୁଇବର୍ଷ ପ୍ରଚେଷ୍ଟା କେବଳ ଦହଗଞ୍ଜ ଓ ଅନର୍ଥରେ ପରିସମାପ୍ତି ଲଭିଲା ସମ୍ପୂର୍ଣ୍ଣ ବୈଫଲ୍ୟ ଓ ବଦ୍‌ନାମରେ ।

ସାହିତ୍ୟ ମହାନାଟକର ବଙ୍ଗଳା ଦୃଶ୍ୟର କରୁଣ ପରିସମାପ୍ତି ପରେ ନାରୀ ଚରିତ୍ରଗଣ ପରବର୍ତ୍ତୀ ଆକର୍ଷଣରେ କୌଣସି ଭୂମିକାରେ ଅବତୀର୍ଣ୍ଣ ନ ହେବା ପାଇଁ ସଂକଳ୍ପବଦ୍ଧ ହେଲେ । ଆମର ଯେଉଁ ବିଶ୍ଳେଷଣ ଓ ବ୍ୟବଚ୍ଛେଦ ଘଟଣା ପରେ ଚାଲିଲା ସେଥିରେ ରାଜନୈତିକ ଦଳମାନଙ୍କର ବିଭାଜନ ପରି ଆମର ମଧ ପାଞ୍ଚଛଅଜଣିଆ ଦଳରେ ଫାଟ ଦେଖାଦେଲା ସ୍ୱାମୀମାନେ ଯିମିତି ଲୁଣ ତେଲ ଚାଉଳ ଲୁଗା ଦୁନିଆଁରେ ଆବଦ୍ଧ ହେଲେ ମୁଁ ମଧ 'ଏକେଲା ଚଲୋ' ନୀତି ଧରି କିଛିଦିନ ଡ଼କ୍ଟର ମାନସିଂ ପରି ଚାଲିଲି ।

ବନ୍ଧୁମାନଙ୍କ ଫାଇଣ୍ଡିଂ ହେଲା ଆମେ ଗୋଟାଏ ବେଖାପ ଚିଜ ଆଣି ପୁରାଇ ଓମରଙ୍କ ଜୀବନାଦର୍ଶକୁ କଳୁଷିତ କଲୁଁ। ବୋତଲର ସବ୍‌ଷ୍ଟିଚ୍ୟୁଟ୍ ଭାଙ୍ଗ ନୁହେଁ । ବହି ସାଙ୍ଗରେ ବୋତଲ ଯୋଡ଼ିଥିଲେ ଯିମିତି ମୁକେଶ ସଙ୍ଗୀତ ସହିତ ତାକୁ ଯୋଡ଼ି ମଟି ରାତ୍ରିବେଳକୁ ସ୍ୱର୍ଗୀୟ ସ୍ୱର ଆଣି ପାରୁଥିଲେ, କଣ୍ଠରୁ ସ୍ୱର୍ଗ ଆମ ପାଖକୁ ଆସିଥାନ୍ତା କିନ୍ତୁ ତା ନ କରି ଅମେଳ ଚିଜକୁ ଏକତ୍ର ଆଣିବା ଫଳରେ ମର୍ତ୍ତ୍ୟରୁ ଆମେ ସ୍ୱର୍ଗରୁ ଉଠିଗଲୁଁ, ଯୋଗ ବିଯୋଗ ଶୂନ୍ୟ ଫଳ ଦେଲା। ତା'ଛଡ଼ା ବଣଜଙ୍ଗଲିଆ ଜାଗାରେ ପ୍ରେମିକ-ପ୍ରେମିକା ଯିମିତି ପରସ୍ପର ପଛରେ ଧାଁଧପଡ଼ କରନ୍ତି ଆମେ ସେ କଥା କଲୁନି। ପତ୍ନୀଗଣଙ୍କୁ ସ୍ନାତକ ସ୍ତରକୁ ତେଣୁ ଆଣି ପାରିଲୁନି।

ଫେଲ୍ ହେଲେ ସପ୍ଲିମେଣ୍ଟାରୀ ଦେବୁ କି ନାହିଁ ନିଷ୍ପତ୍ତି କରିବାକୁ ଯିମିତି ତର୍କବିତର୍କ କରି ନିଷ୍ପତ୍ତି ବିଳଂଭିତ କରୁଁ ସେମିତି ବନ୍ଧୁଗଣ ତୁରନ୍ତ ବିକଳ୍ପ ପନ୍ଥା ଉଦ୍ଭାବନ କଲେ ନାହିଁ ଓ କେତେଦିନ ପରେ ଆଉ ଏକ ଅଭିନବ ଯୋଜନା ଆରମ୍ଭ କଲେ, ଅନ୍ତତଃ ମୋତେ ତହିଁରେ ବିଜଡ଼ିତ କରି ତାଙ୍କ ଆଡ଼କୁ ଟାଣିବା ପାଇଁ। ମନ୍ତ୍ରୀମଣ୍ଡଳ ଗଠନରେ ମୁଖିଆ ନେତା ନଥିଲେ ବା ବିରୋଧିତା କଲେ ସର୍ବସାଧାରଣ ସ୍ୱାର୍ଥରେ ଅସୁବିଧା ହୋଇପାରେ ହୁଏତ।

Digitized by srujanika@gmail.com

ନିଷ୍ପତ୍ତି ହେଲା ଏଥର ଆଉ ଭୁଲ୍ ହେବାକୁ ଦେବୁନି । ଘରେ ସାହିତ୍ୟ ଜରିଆରେ ପ୍ରେମରାଜ୍ୟ ସୃଷ୍ଟି କରିବା ସତ୍ୟାଗ୍ରହ କରୁଥିବା ନାରୀମାନଙ୍କୁ ଆପାତତଃ ବାଦ୍ ଦେଇ ଏକ୍ସପେରିମେଣ୍ଟ ସ୍ୱରୂପ ପୁଣି ନୂତନ ନୀତି ଓ ଧର୍ମରେ ଅବଗାହନ ପାଇଁ ଆଉଟ ଷ୍ଟେସନରେ ବୈଠକ ହେବ । ଯେଝା ସ୍ୱରଚିତ କବିତା/ପ୍ରିୟ ପ୍ରେମିକ କବିଙ୍କ ତାଙ୍କ ବିବେଚିତ ଶ୍ରେଷ୍ଠ କବିତା, ସାଙ୍ଗରେ ନେଇଥିବେ (ଅନ୍ତତଃ ପକ୍ଷେ ଦୁଜନେ ଅଧେ କଲକତୀ ଚୋରାଲୁଚାରେ ବିକ୍ରି ଛବି ଧରିଥିଲେ ଚଳିବ)

ସାହିତ୍ୟିକ ମଧ୍ୟରୁ ଦି'ଜଣ କାମ କରୁଥିଲେ ଟ୍ରାନ୍ସପୋର୍ଟ ଆଉ ଦି'ଜଣ ଏକ୍ସାଇଜରେ । ସହରରୁ ପଞ୍ଚସ୍ତରୀ ମାଇଲ ଦୂର ଛୋଟ ସହରରେ ଜନୈକ ବିଭବଶାଳୀ ବ୍ୟକ୍ତି ଘରେ ଆସର ବସିବ । ତାଙ୍କରି ବାସ୍ ଆମକୁ (ମୋତେ ଜୋରଜବରଦସ୍ତ ବନ୍ଧୁତାର ଦ୍ୱାହିଦେଇ ନିଆଯାଉଛି ମୋ ସ୍ତ୍ରୀଙ୍କ ଠାରୁ ଅନୁମତି ପର୍ଯ୍ୟନ୍ତ ନେଇ) ନେଇଯିବ । ତାଙ୍କରି ତୋତାଲାକୋଠା ଛାତରେ ମେଳନ । ଖୋଦ୍ ଆବାହକ ସସ୍ତ୍ରୀକ ଆମଚର୍ଚ୍ଚା କରିବେ । ବନ୍ଧୁମାନେ ତାଙ୍କୁ ରୁଟ୍ ପରମିଟ୍ ଯୋଗାଡ଼ ବରାବର କରି ଦେଇଥାନ୍ତି । ଏବେ ଶୀତଦିନ, ପ୍ରଚୁର କମଳା ଶସ୍ତାରେ ମିଳୁଛି । ତେଣୁ ଆମପାଇଁ କମଳାରସରୁ (ସୋମରାସ ?) କେତେ ବୋତଲ ସ୍ୱତନ୍ତ୍ର କରି ତାଙ୍କ ନିଜ ଡ଼ିଷ୍ଟିଲାରୀରେ ତିଆରି କରାଇଛନ୍ତି । ନାନାଭାବରେ ଆମ ଦଳର ସଭ୍ୟମାନଙ୍କ ଦ୍ୱାରା ସେ ଅନୁଗୃହୀତ; ତେଣୁ ମେଳାଖର୍ଚ୍ଚ ତାଙ୍କୁ ମୋଟେ ବାଧିବ ନାହିଁ । ଚନ୍ଦ୍ରାଲୋକିତ ରଜନୀ । "ଦିନେ ଶୋଇଥିଲା ଚନ୍ଦ୍ରକିରଣେ, ପାଶେ ନଥିଲେ କେହି ସଂଗୀଗଣେ । ଏଇ ଜହ୍ନ ଆଲୁଅ ପାଇଁ, ଜହ୍ନ ଆଲୁଅରେ, ରୋମାଣ୍ଟିକ ଶ୍ରେଷ୍ଠ ଶେଲୀଙ୍କ ମୃତ୍ୟୁ । ଆମେ ଯାହାଙ୍କ ଅତିଥି ତାଙ୍କ ଯୁବତୀ ସ୍ତ୍ରୀ ମଧ୍ୟ ଆମ କେତେକଙ୍କ ସହିତ ପୂର୍ବପରିଚିତ; "ବୋଇଲେ ଗେଲାଇ ହୋଇ ଫିଲାଇ ନାସିକା" ଶ୍ରେଣୀର ହୁଏତ ହୋଇଥିବେ ସେ । ସୁତରାଂ ସେ 'And thou' ରୋଲ କଲେ । ପରିବେଶରୁ ମନେ ହେଲା ସ୍ୱର୍ଗ ଧରାକୁ ଅଳ୍ପ ସମୟ ପରେ ଖସିବ ।

ବନ୍ଧୁମାନେ (ବନ୍ଧୁମାନେ କ'ଣ କରିନପାରନ୍ତି ! ଧରାଧାମକୁ ଓହ୍ଲାଇ ଆସୁଥିଲେ ବି ଏମାନେ ହୋମଯଜ୍ଞ କରି ଉପରକୁ ପୁଣି ପେଲି ଉଠାଇ ଦେବେ) ବେଶ୍ ଜାଣି ସାରିଛନ୍ତି କଥା ପ୍ରସଂଗରୁ ଯେ ବଙ୍ଗଳା ନାଇଟ୍ ପାଖରୁ ମୋର କବିତା ସହିତ ସମବିଷମ ଚିଜ କିଛି ଯୋଡ଼ାଯୋଡ଼ି ହେଉନି । ଋଷ୍ୟଶୃଙ୍ଗଙ୍କୁ ଏମାନେ ଚମ୍ପାବତୀକି ଆଣି 'ରାତ୍‌ଭର ବର୍ଷା' କରାଇବାରେ ଆଗ୍ରହୀ, ପ୍ରତିଜ୍ଞାବଦ୍ଧ ତଥାପି ।

ମୁଁ ଟିକିଏ ମିଠାଲୋଭୀ । ଟ୍ରେଜିକ୍ ନାଟକର ନାୟକର ଏଇ ଟିକ୍‌କ ଦୁର୍ବଳତା । କିଏ ବା ମିଠାଲୋଭୀ ନୁହେଁ ? ଡ଼ାଇବେଟିସ୍ ରୋଗୀ ଚୋରାଲୋଚାରେ ମୁହଁକୁ ଗହ୍ୱର କରି ସ୍ତ୍ରୀଙ୍କ ଅଦେଖନ୍ତ ରେ ଗୋଟାଏ ଅଧେ ଗଳାଇ ଦିଏନି ? ଜେଲ୍‌ର ବାବୁ ତ ସିମିତି ମଲେ । ଯେତେ ଇଚ୍ଛା ଯେତେ କଲିକତୀ ସ୍ପଞ୍ଜ ରସଗୋଲାର ପ୍ରଲୋଭନରେ ମୁଁ ଏ

Digitized by srujanika@gmail.com

ଦ୍ୱିତୀୟ ଏକ୍‌ସପେରିମେଣ୍ଟ ବହି ସହିତ ଭାଙ୍ଗ ପରିବର୍ତ୍ତେ ବୋତଲ ଯୋଡ଼ିବାରେ ଯୋଗ ଦେଲି । ଶାରୀରିକ ସ୍ତରରେ ।

ଷ୍ଟେନ୍‌ଲେଶ୍ ଥାଳିରେ ପୂରା ଦେଉଳିଆ କରି ଥାଳିଏ ରସଗୋଲା, ଫେଣ୍ କଲକତୀ, ପିଂଗ୍ ପିଂଗ୍ ବା' ଟେବଲନେଟିସ୍ ବଲ ସାଇଜର । ଚାଳିଶ କି ପଚାଶ ଖାଇଦେଲି । ଗାଇବା ପାଇଁ ଇଚ୍ଛା ହେଉଥିଲା "କହ ରସ କେମନ୍ତେ ତତେ କେଉଁ କାରିଗର ତିଆରି କଲା, କହ ଗୋଲା କେମନ୍ତେ ତତେ..." ବନ୍ଧୁମାନେ ସେତେବେଳେ ଚିକେନ୍ ଓ ତନ୍ଦୁରୀ ଚଲାଇଥାନ୍ତି, ପାନେ ପାନେ ଖାଇବା ପୂର୍ବରୁ ବୋଧହୁଏ ହୋଇଯାଇଥାଏ । ଜ୍ୟୋତି ବାହାରିବା ସଂଗେ ସଂଗେ ଆଖି ଦୁଇଟା ସେମାନଙ୍କର କ୍ରମେ ସାନ ହୋଇ ଆସୁଥାଆନ୍ତି । ହଠାତ୍ ସଇତାନ କାହା ମୁଣ୍ଡକୁ ପଶିଗଲା । କହିଲା "ଯା'କୁ ଟିକେ ପିଆଇବା", କହି ପ୍ରାୟ ଅଧ ଗ୍ଲାସେ ପେଗ୍ ଫେଗ୍ ନୁହେଁ ପୁରାଇ ମୋ' ମୁହଁ ପାଖରେ ଜଣେ ଧଇଲା । ଅନ୍ୟମାନେ କହୁଥାନ୍ତି ପ୍ଲିଜ୍ ପ୍ଲିଜ୍ । ମୁଁ ନା ନା ମତେ ରକ୍ଷାକର, ମୋ ଦିହରେ ଯିବ ନାହିଁ, ନିୟମ କରିଛି, ରାଣ ପକାଇଛି, କହୁଥାଏ । ସେମାନଙ୍କ ଅଟ୍ଟହାସ ଓ କୋଳାହଳରେ ପାଖ ପାହାଡ଼ରୁ ପ୍ରତିଧ୍ୱନୀ ଶୁଭୁଥାଏ । ଜଣେ ରଂଗ ଓ ଟେକ୍‌କାଟା ପକାଇ କହିଲା When you are in company you must behave like company ବାବା, କି ବିରାଟ କଥା, କେଡ଼େ ସାମାଜିକ କେଡ଼େ ନୈତିକ ମୂଲ୍ୟବୋଧର ବାକ୍ୟ ।

ବନ୍ଧୁ ହରାଇବି ? "ଦିଅ, ମୁଁ ନିଜେ ପିଇବି ।" କହି ଗ୍ଲାସ ଧରି ଓଠରେ ଲଗାଇଲି । ପ୍ରଭୁ ମୋତେ ରକ୍ଷା କର ! ଓମର୍, ମତେ କ୍ଷମା କର । ମନେ ମନେ ବାରଂଭାର କହୁଥାଏ, ଗ୍ଲାସ ଧରିଥାଏ ଓଠ ପାଖରେ । ବିପଦ ବେଳେ ଯେ କୋଟିବିସ୍ୱ ଦେଇଥିଲା ସେ ମୋତେ ଗୋଟିଏ କାହିଁକି ଗୋଟିକର ଅଧା ଦେଲା । ପଞ୍ଜାବୀ ଆଡ଼େଇ ଧୋତିର କୁଞ୍ଚକୁ ଏକାଠି ଜମା କରିଦେଲି ଜଙ୍ଘ ଉପରେ, କଣ ଗୋଟାଏ ହସ କଥା କହିଦେଲି । ଆଉ ରକ୍ଷା ନାହିଁ, ସେମାନେ ବେ-କଣ୍ଟ୍ରୋଲ ହସ ହସିଲେ ଯେ ହସିଲେ । ମୁଁ ବି ତାଙ୍କ ଦଳର ହୋଇ ହସିଲି, ଧୀରେ ଧୀରେ ଗ୍ଲାସରୁ ଝରି ପାନୀୟ ତଳ ଲୁଗା ଉପରେ ପଡ଼ି ଭିଜାଉଥାଏ । ବୋତଲ ଶେଷ, ଗ୍ଲାସ ଶେଷ, ଭୋଜନ ଶେଷ । ଉଭୟ ସାହିତ୍ୟ ଓ ବୋତଲର ପରିସମାପ୍ତି । କିଏ କହେ ଭଗବାନ ମଦୁଆକୁ ସାହାଯ୍ୟ କରନ୍ତି ନାହିଁ । ସେମାନେ ମୋ' କଥା ଭୁଲିଗଲେ । ଆପାତତଃ ମୁଁ ବର୍ତ୍ତିଗଲି । ଟୋପାଏ ବି ପିଇ ନାହିଁ, ଲୁଗା ସବୁ ପିଇଲା ।

ସକାଳୁ ଫେରିବା କଥା । ଫେରିବା କହୁଛ ବନ୍ଧୁ ? ଦିନେ କେନ୍ଦରା ସାହାଯ୍ୟରେ ଯୋଗୀଟାଏ ରାମ ଶୋକ ଗାଉଥିଲା । ମନେପଡ଼ିଲା ଟିକିଏ ବ୍ୟତିକ୍ରମ ସହିତ 'ଘରକୁ ଗଲେ ଯେ ସ୍ତିରୀ (ମାତା) ପଚାରିବେ ଲୁଗା କିପାଁ ଗନ୍ଧାଉଛି (ଲକ୍ଷ୍ମଣ କେଣିକି ଗଲା) ଭୋର ଭୋର ପାହାଡ଼ିଆ ଝରଣାକୁ ଯାଇ ଅଧା ଓଦାକରି ଧୋତି ଧୋଇଲି ଏବଂ ପ୍ରାୟ ଓଦା ଅବସ୍ଥାରେ ଶୀତଦିନ ସକାଳଟାରେ ପଞ୍ଚସ୍ତରୀ ମାଇଲ ଧରଡ଼ା ବସ୍‌ରେ ଫେରିଲି ।

Digitized by srujanika@gmail.com

ହେଲେ Muder will out ନରହତ୍ୟା ବି ଢ଼ଙ୍କାଇ ହବ ? ଗନ୍ଧ ଢ଼ଙ୍କାଇ ହବ ନା ଧୋଇ ହବ ? କୁକୁର ସରକାର ପୋଷିଛି କାହିଁକି ?

ଗୋଟିଏ ପାପ ଢ଼ଙ୍କାଇବା ପାଇଁ ଆଉ ଏକ ପାପ ପ୍ରିୟତମା ଆଗରେ କରି କହିଗଲି "ଶୁଣୁଛ, ମୋ ଲୁଗାଟା ମଦ ଗନ୍ଧଉଛି, ତୁମେ ଭାବିବ ନାହିଁ ମୁଁ ପିଇଛି ବୋଲି, କାଲିରାତି ସେମାନେ ମୋତେ ପିଆଇଥିଲେ କିନ୍ତୁ ପାରିଲେ ନାହିଁ। ମୋ' ଉପରେ ସବୁ ଢ଼ାଳି ହୋଇଗଲା, ଧସ୍ତାଧସ୍ତିରେ। ନିର୍ବିକଳ୍ପା ମୂର୍ତ୍ତିଟି ଆଖି ପଲକ ନ ପକାଇ କହିଲେ "ମୁଁ କହୁଛି ପରା ତୁମେ ସେ ବହି ଛାଡ଼, ଆଉ ଛାଡ଼ ତୁମ ସାଙ୍ଗଙ୍କ ବୋତଲ। ତୁମେ ମୋ ପାଖରେ ଥାଅତ, କିଏ ନବ ତୁମକୁ ଦେଖିବି। ମୋ ପାଖକୁ ଥରେ ଆସିଲେ ତାଙ୍କୁ ବୁଦ୍ଧି ଶିଖାଇ ଦିଅନ୍ତି ଯେ।"

ବନ୍ଧୁମାନେ କିନ୍ତୁ ଜାଣିପାରିଲେ ମୋ ଚାଲାକି, କଥା ପ୍ରସଙ୍ଗରେ ମୁଁ କାହାକୁ କହି ଦେଇଥିବି ହୁଏତ। ମୁଁ ଟିକିଏ ସାଦାସିଧା ସରଳ ପ୍ରକୃତି (ବୋକା ?)ର ସାହିତ୍ୟିକ। ନିଜ ବାଟକୁ ବଡ଼ ବାଟ ବୋଲି ଭାବେ। ତା'ଛଡ଼ା ସାହିତ୍ୟ ଯଦି ନିଜ ପ୍ରେୟସୀକି ମୋହି ନପାରିଲା ତେବେ ସେ କି ସାହିତ୍ୟ ?

ଏଥର ବହିର ଉଦ୍‌ଘାଟନ ଉତ୍ସବ। ସମସ୍ତଙ୍କ କବିତା ସମାହାରରେ ନୂତନ କବିତା ପୁସ୍ତିକା। ଉତ୍ସବର ଆଡ଼୍‌ଡ଼ା ବିଶ୍ରାମ ଭଜନ ଯାହା ରାଜରାଜୁଡ଼ା, ପଲିଟିକାଲ ଏଜେଣ୍ଟ, ଗଭର୍ଣ୍ଣର ଆଦିଙ୍କ ରହଣିସ୍ଥଳ। ବନ୍ଧୁମାନେ ବରାବର କହି ଚାଲିଥାନ୍ତି ଫ୍ରେଞ୍ଚ, ସ୍କଚ ସବୁ ବିନା ଚାନ୍ଦାରେ ବିନା ପରୱାରେ ପ୍ରଚୁର ମିଳିବ। ବନ୍ଧୁମାନଙ୍କ ଏ ଉତ୍ସବରେ ମୂଳ ଲକ୍ଷ୍ୟ ହେଲା ପୁରସ୍କାର ଦେଇ ସାହିତ୍ୟିକକୁ ନଷ୍ଟଭ୍ରଷ୍ଟ କଲାପରି ମୋତେ ମଦ ପିଆଇ ସ୍ୱର୍ଗଚ୍ୟୁତ କରିବେ, ସ୍ୱର୍ଗକୁ ମର୍ତ୍ତ୍ୟକୁ ଆଣିବାର ମୋର ପ୍ରଚେଷ୍ଟା ପଣ୍ଡ କରିଦେବ।

ପ୍ରାଣପ୍ରିୟାଙ୍କ ଅନୁମତି ମାଗିଲି। ସେ ଦଶ ଯୁକ୍ତ ଦୁଇ ଯୁକ୍ତ ତିନି ପରେ ସ୍ନାତକୋତ୍ତର ଅବସ୍ଥାକୁ ଏ ଭିତରେ ଉନ୍ନୀତହୋଇ ଯାଇଛନ୍ତି। ସେ ଆଉ ଅନନ୍ତ ଯୌବନା ଉର୍ବଶୀ ନୁହନ୍ତି। ସେ ବଧୂ, ଜାୟା ତଥା ଚାରି ପାଞ୍ଚଟି ସନ୍ତାନ ସନ୍ତତିର ମାତା। ଗାଈ ଯିମିତି ସଦାସର୍ବଦା ବାଛୁରୀ ଉପରେ ଆଖି ରଖିଥାଏ ସେ ତାଙ୍କ ବାଛୁରୀ ସାଙ୍ଗକୁ ମୋତେ ସବା ବଡ଼ ବାଛୁରୀ ଜ୍ଞାନରେ ଆକାରରେ ଦେଖିବାକୁ ଆରମ୍ଭ କଲେଣି। ମୋତେ ପାଖରୁ ଛାଡ଼ି ଦେଲାବେଳେ କହିଲେ ସାଙ୍ଗସାଥୀଙ୍କ ମେଳରେ ବେଶୀ ଉଗ୍ରମତ୍ତ ହେବନି। ଏଣେ ତେଣେ ଡ଼େଇଁବ ନାହିଁ ଅଜାଗାରେ, ବଣରେ ବାଘ ଅଛନ୍ତି। ଡ଼ାହାଣୀ ବି ଥିବେ।

ଏଥର ସେମାନେ ଜିଣିଲେ। ଜୋର ଜବରଦସ୍ତ କରି ପାଟି ମେଲା ନାକ ବନ୍ଦ କରି ଗୋଟାଏ ପେଗ୍ ମୋ ପାଟିରେ ଢ଼ାଳି ଦେଲେ। "କେତେ ତୋର ଚାଲାକି ଦେଖିବା, କେତେ ବାବାଜୀ ଦେଖାଇ ହେଉଛୁ ଦେଖିବା" ଚିତ୍କାର ସହିତ। ସ୍ୱାଦ କ'ଣ ମନେ ନାହିଁ, ଦି' ତିନି ଚାମଚ ହେବ ବୋଧହୁଏ। ପୋଦନା ପତ୍ରର ମହକପରି ମୋତେ ଜଣାଯାଉଥିଲା । ମଦର ରଙ୍ଗ ଶାଗୁଆ ନା ପେଗ୍‌ର ରଙ୍ଗ ଶାଗୁଆ ବାରିପାରିଲା ନାହିଁ।

Digitized by srujanika@gmail.com

ଯା' ହେଉ ସ୍ୱର୍ଗ ମର୍ତ୍ତ୍ୟରେ ଅଛି କି ନା ଜଣାପଡ଼ିଲାନି। କାରଣ ବନ୍ଧି ବୋତଲ ଏକାଠି ହେଲା ସିନା, 'ତୁମେ' କିନ୍ତୁ ଘରେ ଶୋଇଥିଲେ। ଫେରିଲା ବେଳକୁ ରାତି ଗୋଟାଏ। ରାସ୍ତାଘାଟ ଜନମାନବଶୂନ୍ୟ। ସ୍ତ୍ରୀଙ୍କୁ ମୁଁ ଭଗବାନ୍ ମୃତ୍ୟୁ ଅପେକ୍ଷା ବେଶୀ ଡ଼ରେ, ଆଗରୁ କହିଛି। ଲବଙ୍ଗ ପାନ, ଧନିଆଁ ପତର ଛେଳି ଚୋବାଇଲାପରି ଖାଇଗଲି। ଯିବି, ଚୁପ୍‌ଚାପ୍ ଶୋଇ ପଡ଼ିବି, ନିଶା ଧରିଲେ ନିଦରେ ଧରିବ ସିନା ! ଲକ୍ଷଣ ତ କିଛି ଦିଶୁନି।

ଘର ଚାରିପଟ ନିଶା ଗରଜୁଛି। କେବଳ ମୋ ଜୋତାର ସପ୍ ସପ୍ ଶବ୍ଦ। ଜୋତା ଖୋଲିଲି, ପାଚେରୀ ଆରପାଖରୁ ଧୀରେ ଗୋଟାକ ପରେ ଗୋଟାଏ ପକାଇ ଦେଲି। ମୁଣ୍ଡ ଉପରେ ଚଢ଼େଇର ଡ଼େଣା ଫଡ଼୍ ଫଡ଼୍ ଶବ୍ଦ ଶୁଭିଲା। ଡ଼େଇଁପଡ଼ି ପାଚେରୀ କାନ୍ଥକୁ ଚଢ଼ିଲି। ତା'ପରେ ବଉଳ ଗଛର ଗଣ୍ଡି ଧରି ତଳକୁ ଓହ୍ଲାଇଲି। ସାପଟାଏ ଝୁଲୁଥିଲେ ବିଲ୍ୱମଙ୍ଗଳ ପରି ଦଉଡ଼ି ଭାବି ଝୁଲି ପଡ଼ିଥାନ୍ତି ଆଉ ପାଖକୁ ଯିବାପାଇଁ ହୁଏତ। ଶୋଇବା ଘର କବାଟ ମେଲା, ଆଲୁଅ ଜଳୁଛି। ବିଷ୍ଣୁପ୍ରିୟା ଶୋଇଯାଇଛି। ଶିଶୁ ସହିତ ବିଶ୍ୱମାତା ମେରୀ ପରି ତା ମୁହଁଟି। ମୁଣ୍ଡଟା ସାମାନ୍ୟ ବୁଲାଇଲା। ଛାତିର ଗୋଟେ ଅଧେ ଢ଼ପ୍ ଢ଼ପ୍ ଶବ୍ଦ ବଢ଼ିଗଲା। ନିଶା ଧରିଲା କି !

ମନେ ପଡ଼ିଲା, ଡ଼ାକବଙ୍ଗଳା ଘଟଣାରେ ତିନ୍ତୁଳି ପାଣି ପିଇବାକୁ ଦେଇଥିଲା ସେ ଭାଙ୍ଗ ନିଶା ଭାଙ୍ଗିବା ପାଇଁ । ଷ୍ଟୋର ରୁମ୍ ଜଞ୍ଜିର ଧୀରେ ଫିଟାଇଲି। ଶିକାରେ ଯେଉଁ ହାଣ୍ଡିଟା ଟଙ୍ଗା ହୋଇଛି ସେଇଠି ତିନ୍ତୁଳି ଥାଏ। ହାତ ମାଇଲି, ସାମାନ୍ୟ ଅଠା ଆଙ୍ଗୁଳିକି ଲାଗିଲା, ଶୁଙ୍ଘିଲି, କିଛି ଗନ୍ଧ ବାସନା ନାହିଁ। ପୁରୁଣା ତିନ୍ତୁଳି ହୋଇଥିବ। ମୁଠାଏ ଆଣି ପାଟିରେ ଜୀବନ ବିକଳରେ ପୁରାଇ ଚୋବାଇ ଦେଲି। ଥୁଃ ଥୁଃ ଏଗୁଡ଼ାକ କ'ଣ ? ଯେତିକି ଚୋବାଇଥିଲି ସେଥିରୁ ବେଶ୍ ଜାଣିଲି ସେଗୁଡ଼ାକ ମୂଷାଲଣ୍ଡି ବା ଅସରପା ଲଣ୍ଡି। ବାନ୍ତି ବାନ୍ତି ଲାଗିଲା ସାଙ୍ଗେ ସାଙ୍ଗେ।

ଧଡ଼ପଡ଼ ହୋଇ ଉଠିବସି ଦେବୀ ପଚାରିଲା "କିଏ ?"

ମୁଁ।

ସେ ଘରେ କ'ଣ କରୁଥିଲ ?

ଏ ହାଣ୍ଡିରେ କ'ଣ ରଖିଥିଲ କି ?

କେଉଁ ହାଣ୍ଡିରେ ?

ଯେଉଁଠି ତିନ୍ତୁଳି ଥିଲା।

ସେଠି କାହିଁକି ତିନ୍ତୁଳି ଥିବ, ତିନ୍ତୁଳି ତ ଏଠି ଏ ଘରେ ଅଛି, ତିନ୍ତୁଳି କ'ଣ କରିବ ?

ଖାଇନ ତମେ।

Digitized by srujanika@gmail.com

କିମିତି ଖାଇବି, ତୁମେ ଆସିନ। କେବେ ସିମିତି ଖାଏ କି ? (ନିହାତି ମରହଟ୍ଟୀ, Prosaic ମାଇକିନାଟା !)

ଶେଯପଟା ଫୋପାଡ଼ି ଦେଇ ଉଠି ଆସିଲେ। ଏଗୁଡ଼ାକ କ'ଣ ଖାଇଲ ? ଛିଃ ଛିଃ । ସେ ହାଣ୍ଡିଟା ପରା ବର୍ଷେ ହେଲା ଟଙ୍ଗା ହୋଇଛି ସେଠି, ମୂଷା ଅସରପା ଦିନ ଦି'ପହରେ ଓହ୍ଲାଉଠା କରୁଛନ୍ତି। ତିନ୍ତୁଳି ଖାଉଥିଲ କାହିଁକି ?

ମୁମୂର୍ଷୁ ପ୍ରାୟ ଗଳାରେ କହିଲି "ଟିକିଏ ପିଆଇ ଦେଲେ ଶଳେ।"

"ହେଲା କ'ଣ ? ପିଇ ଦେଲ ତ ପିଇଦେଲ। ଏମିତି ଡ଼ରୁଛ କାହାକୁ, ଥରୁଛ କ'ଣ ବରଡ଼ାପତ୍ର ପରି ? ନିଅ, ପାଣି ନିଅ, କୁଳୁକୁଚା କର। ମୁହଁ ଧୋଇଦିଅ। କ'ଣ ନିଶା ଧରିଲା ପରି ଲାଗୁଛି ?"

"ଧରିନି ଯେ କାଳେ ଧରିବ, ତୁମେ ମୋତେ ରାଗିବ, ଘୃଣା କରିବ, ମୋ ପାଖରେ ଶୋଇବ ନି।"

"ତୁମେ ମଦୁଆ ନୁହଁ ତ ବନ୍ଧପାଗଳ। ମୁଁ କ'ଣ ବାଘ ନା ଭାଲୁ ଯେ ତୁମେ ମତେ ଡ଼ରିବ ? ଟିକେ ଅଧେ ଦିନେ ପିଇଦେଲ ବୋଲି ମୁଁ ତୁମକୁ ହାଣିକାଟି ପକାଇବି ? ଆମକୁ ତମେ କ'ଣ ଯେ ଭାବ ? ହେଲେ ତୁମେ ସେ ଲେଖାଲେଖି ଛାଡ଼, ସାଙ୍ଗଗୁଡ଼ାକୁ ଛାଡ଼, ବହି ଆଉ ବୋତଲ ଛାଡ଼। ଆଡ଼ବାଯ୍ଯା, ପାଗଳା ହୁଅନି। ମୁଁ ତ ଅଛି, ବହି ବୋତଲ ସବୁ ମୋଠି। ମୋଠି ରସ ମଦ ନ ପାଇବ ତ ଆଉ କେଉଁଠି ପାଇବ ? କାନ୍ଦୁଛ ? ଛିଃ ଛିଃ ମାଇଚିଆ ହୁଅନି। ପଇସା ଦେଲେ ତ ନାରୀ ସବୁଠି ସବୁବେଳେ ପାଇବ। ଚାଳିଶ ପଚାଶ ବର୍ଷ ପରେ ଯାଇ ସିନା ପୁରୁଷ ପ୍ରକୃତ ସ୍ତ୍ରୀ ଓ ସହଧର୍ମିଣୀ ପାଏ, ଏତିକି ତୁମ ପୋଥି ଏଯାକେ ଶିଖାଇନି ? ଆସ ଶୋଇପଡ଼ିବା, ସମସ୍ତେ।"

ନିର୍ଭୟରେ କ୍ଷମା ଅନୁକମ୍ପାମୟୀ ମାଆଟି କୋଳରେ ଶିଶୁ ଶୋଇଲା ପରି ବିନା ନିଶା ବିନା ସ୍ୱପ୍ନରେ ଘୋଡ଼ିଘାଡ଼ି ହୋଇ ଶୋଇ ପଡ଼ିଲି ମୋର 'ତୁମେ' ସାଙ୍ଗରେ। ବିନା ବହି ବିନା ବୋତଲରେ ବି ଧୀରେ ଧୀରେ ଆଖିପତା ସହିତ ସ୍ୱର୍ଗ ଧରାଧାମକୁ ନଇଁ ଆସିଲା। ଓମର କଡ଼ ଲେଉଟାଉଥିଲେ ପାର୍‌ସିଆରେ।

Digitized by srujanika@gmail.com

# ପାନିଆ

କି ମୁସ୍କିଲ ! ଏଇଠି କେଉଁଠି କାଲି ରାତି ଶୋଇବାକୁ ଗଲାବେଳେ ରଖି ଦେଇଥିଲି, ଖୁବ୍ ସତର୍କ ଓ ସାବଧାନ ହୋଇ, କାଳେ ସକାଳର ଅସ୍ପଷ୍ଟ ଆଲୁଅରେ ନ ମିଳିପାରେ ଭାବି । କିନ୍ତୁ ଯାହା ଭୟ କରୁଥିଲି ସେଇୟା ହେଲା । କୁଆଡ଼େ ଅନ୍ତର୍ଦ୍ଧାନ ହୋଇଗଲା !

ଯୋଡ଼ାଏ ବାଥ୍‌ରୁମ୍‌ରେ ଅନ୍ଦିକନ୍ଦି ଅଣ୍ଡାଳିଲି, ଡ୍ରେସିଂ ଟେବୁଲ ଡ୍ରୟାର ସବୁ ତନ୍ନତନ୍ନ କରି ଖୋଜିଲି, ଶେଯ ତଳ, ତକିଆ ତଳ, ବହି ସେଲଫ୍ ଓଲଟପାଲଟ କରି ଖୋଜିଗଲିଣି, କାହିଁ ମିଳୁନାହିଁ, କି ଆଶ୍ଚର୍ଯ୍ୟ ! ଭାପ ହୋଇ ଆକାଶକୁ ଉଡ଼ିଗଲା ନା ଯାଦୁ ଭେଲିକି ଗୁଣିଗାରିଡ଼ି ବଳରେ ଦେଖୁ ଦେଖୁ ଉଭାନ ହୋଇଗଲା ? ଅବଶ୍ୟ ଏ ପାନିଆଟାର ଏମିତି ଦୁର୍ଗୁଣ ଅଛି । ଦୁଷ୍ଟା ଟିକି ଝିଅ ପରି ବହି ବାକ୍ସ କଡ଼ରେ ଏମିତି ରଙ୍ଗକୁ ରଙ୍ଗ ମିଶାଇ ଲୁଚି ଛପି ରହିଯି ଯେ, ଯେତେ ଖୋଜିଲେ ମିଳିବ ନାହିଁ । କେତେବେଳେ ଆପେ ଧରାଦେଲେ ଖିଲିଖିଲି ହୋଇ ବହେ ଦାନ୍ତ ଦେଖାଇ ହସି ହସି ଗଡ଼ିଯିବ ।

ଛଅଟା ପନ୍ଦର । ସାତୁଟାକୁ ବାଦାମବାଡ଼ିରୁ ବସ୍ ଛାଡ଼ିବ । ପୁରୁଣା କାଳିଆ ଚମଡ଼ା ସୁଟ୍‌କେସ୍‌ଟାରେ ଗୋଟା ଗୋଟା ଜିନିଷପତ୍ର ପୂରାଉଥାଏ, ଏମିତି ଗୁଡ଼ାଏ କଥା ମନକୁ ମନ କହୁଥାଏ । ପାନିଆଟା ଖୁବ୍ ଛୋଟ ଜିନିଷ କିନ୍ତୁ ଦଣ୍ଡେ ମୁହୂର୍ତ୍ତେ ଛାଡ଼ବାଡ଼ ହେଲେ ସମସ୍ତଙ୍କର ମୁଣ୍ଡ ବିଗିଡ଼ି ଯାଏ ।

ପାଖ କୋଠରୀରେ ଝିଅଜୋଇଁ, ନାତିନାତୁଣୀ ଶୋଇଥାନ୍ତି । ଦୁର୍ଭିକ୍ଷ ଅନାବୃଷ୍ଟିର ପୂର୍ବ ଲକ୍ଷଣସ୍ୱରୂପ ଅସମ୍ଭବ ଲାଲ ରଙ୍ଗ ନେଇ ସିନ୍ଦୂରା ଫାଟିଲାବେଳକୁ ଧଡ଼ପଡ଼୍ ଉଠିବସି ସେମାନଙ୍କ ନିଦରେ ବ୍ୟାଘାତ ନ ଜନ୍ମାଇ ପେକିଂ କରୁଥାଏ । ଯିମିତି କି 'ଝିଅରେ, ଯାଉଛି' ପଦ ବି ଧୀର ଗଳାରେ କହି ଦେଇ ଭୂତ ପରି ଚୁପ୍‌ଚାପେ, ଧୀରସ୍ଥିର ପଦକ୍ଷେପରେ ଘରୁ ବାହାରିଯିବି କବାଟ ଆଉଜାଇ ଦେଇ ।

କିନ୍ତୁ ମୋର ତତ୍ପରତାରେ ଝିଅର ନିଦ ଭାଜିଗଲା । କହିଲା, "ବାପା ! ସନ୍ଦେଶ ପକେଟ୍‌ଟା ଭୁଲିବ ନାହିଁ, ଫ୍ରିଜ୍ ଭିତରେ ଅଛି । କାଲି ଯେଉଁ ଟଙ୍କାଗୁଡ଼ା ରଖିବା ପାଇଁ ଦେଇଥିଲ, ସେସବୁ ଆଲମାରୀ ଉପର ଥାକ କଣରେ ଅଛି, ଭେନିଟି ବେଗ ତଳେ । ପୂରାଇ ଦେଇଥାଅ, ନହେଲେ ଭୁଲିଯିବଟି ।"

"ରଖ୍ ତୋର ଟଙ୍କା, ସନ୍ଦେଶ ! ମୋର ପାନିଆ ମିଳୁନି, ଅଧଘଣ୍ଟା ହେଲା ଖୋଜି ଖୋଜି ପାଉନି, ତୁ ଦେଖିଛୁ ନା ?"

"ତୁମେ ପାନିଆ ଆଣିଥିଲ ? କାହିଁ ମୁଁ ତ ଦେଖିଲା ପରି ମନେ ପଡୁନି ।"

Digitized by srujanika@gmail.com

"ତୋର ତ ଏବେ କିଛି ମନେପଡୁନି ! ପାନିଆ ନ ଆଣି କେଉଁ କୁଆଡ଼େ ବାହାରେ ? କଣ ଯେ, କହୁଛୁ ?"

"ଛାର ପାନିଆ ପାଇଁ ଏତେ ବ୍ୟସ୍ତ ନା ? ପାନିଆ ହଜିଗଲେ କଟକରେ କଣ ବଢ଼ିଆ ଶିଙ୍ଘ ପାନିଆ ମିଳୁନି ?"

"ମିଳୁଛି ! ରାସ୍ତାଘାଟରେ, ଦୋକାନରେ ପାନିଆ ଭରପୂର। ଗଲା ବର୍ଷ ଯେଉଁ ପାନିଆଟି ନେଇଥିଲି, ସେଥିରେ ଚୂଳର ଗେଣ୍ଡୁ ସବୁ ଉପୁଡ଼ି ଯାଇଥିଲା। ଦିନଯାକ ମୁଣ୍ଡର ଜ୍ୱାଳାପୋଡ଼ା, ଆଉ ନାହିଁ ମାଆ, ସେ ପାନିଆ କଥା କହନା।"

"ତୁମର ପାନିଆଗୁଡ଼ାକ ଏତେ ହଜେ କାହିଁକି ? ଅତି ସାବଧାନ୍ ସତର୍କ ହୋଇ ଜିନିଷପତ୍ର ନ ସାଇତିଲେ ଏଇ ଅବସ୍ଥା ହୁଏ। ଏ ପାନିଆରେ କଣ ସୁବର୍ଣ୍ଣ ଲାଗିଥିଲା ? ଅଳ୍ପ କଥାରେ କେତେ ବ୍ୟସ୍ତ ହୁଅ ତୁମେ ? ହାଇପର ଟେନ୍‌ସନ୍।"

"ଅଳ୍ପ କଥା ନୁହେଁ ମାଆ ! ଏ ପାନିଆର ଇତିହାସ, ଭୂଗୋଳ ଅଛି। ପାଞ୍ଚବର୍ଷ ଆଗେ ତୁ ନିଜେ ପାଞ୍ଚଟଙ୍କାରେ କିଣି ଦେଇଥିଲୁ ଚଉଧୁରୀ ବଜାରରୁ, ଖାଣ୍ଟି ଜେସୋର ପାନିଆଁ। ଏ ଯାଏଁ ଗୋଟାଏ ଦାନ୍ତ ବାଂକିନି, ଭାଜିନି, ଫାଙ୍ଗୁଲା ଫାଙ୍ଗୁଲା ହୋଇନି। ମୁଣ୍ଡ କୁଣ୍ଡାଇଲେ ରୁପି ଉକୁଣୀ କିଛି ରହିବ ନାହିଁ, ଦେଖୁନୁ ଆଜିଯାକେ ମୁଣ୍ଡର ସବୁ ଚୂଳ କଳା ଅଛି। ମୋଟେ ଉଠୁନି ଉପାଡ଼ିଲେ ବି। ମହାବଳ ବାଘର ଚମଡ଼ା ପରି ରଙ୍ଗ ଫିକା ହଳଦିଆ ମଝିରେ ମଝିରେ ଲମ୍ବ କଳା କଳା ଦାଗ। କହୁଛୁ କଣ ଆଉ ଗୋଟାଏ କିଣି ଆଣିବୁ ? ଏ ପାନିଆ ମୋ ସାଙ୍ଗରେ ଆରପୁରକୁ ଯାଇଥାନ୍ତା, ଏତେ ପ୍ରିୟ ଚିଜ !"

"ଓଃ, ଗଲାବର୍ଷ ଯେଉଁଟା ଏଠି ଛାଡ଼ିଯାଇଥିଲ ! ଏ ପାନିଆଟା ତୁମକୁ ଥରକୁ ଥର ଏମିତି ଦଗାଦଉଛି। ଗଲାବର୍ଷ ମାସେ କାଳ ଏଇଠି ରହିଯାଇଥିଲା।"

"ମାସେ କାଳ ଯେଉଁ ଦୁଃଖ ମୋର। ଥରେ କାମୁଡ଼ା ଖାଇଛି। ସେଥିପାଇଁ ମୁଁ ଏଇ ପାନିଆକୁ ବେଶି ଜଗେ। ଫେର କୁଆଡ଼େ ଖସିଗଲା ! ଆଚ୍ଛା ମା ! ବୁପୁନ୍ ଠୁପୁନ୍ କେଉଁ ରଖୁନଥିବେ ?"

ଝିଅ ସାଙ୍ଗେ ସାଙ୍ଗେ କହିଲା "ନା ବାପା ! ସେମାନଙ୍କର ସେ ଅଭ୍ୟାସ କେବେଠୁ ଛାଡ଼ିଗଲାଣି, ଏବେ ଇସ୍‌କୁଲ ଯାଉଛନ୍ତି। କାହା ଜିନିଷ କେହି ଛୁଇଁବେ ନାହିଁ କି ଏପାଖ ସେପାଖ କରିବେ ନାହିଁ।"

ତଥାପି ବୁପୁନ୍ ଠୁପୁନ୍‌କୁ ହଲାଇ ଖୁବ୍ ସ୍ନେହାର୍ଦ୍ର ଗଳାରେ ପଚାରିଲି "ବୁପୁନ୍‌ରେ, ମୋ ପାନିଆ ଦେଖୁଛୁ ?" "ନା ତ ଅଜା।" "ଠୁପୁନ୍‌ରେ, ମୋ ପାନିଆ ଦେଖୁଛୁ ?" "ନା ଅଜା, ମୁଁ ନେଇନି।" ଏକାବେଳକେ ନିଷ୍ପାପ, ଛନ୍ଦକପଟହୀନ ଗଳାସ୍ୱର।

ମୋର ଭୟ ଥିଲା କାଳେ ଅଜାକୁ ଅଟାକାଇବା ପାଇଁ ନାତି ନୁହେଁ ପାନିଆ ଲୁଚାଇବା ଦୁର୍ବୁଦ୍ଧି ଅବଲମ୍ବନ କରିଥିବେ। କାରଣ ମୁଁ ଲକ୍ଷ୍ୟ କରିଛି ଥରକୁ ଥର ଦୋକାନ ବଜାରକୁ

Digitized by srujanika@gmail.com

ବାହାରି ବସିଲେ, ମନ୍ଦିର ଉପରକୁ ଚାହିଁଲାପରି ଗୋଡ଼ତଳେ ଛିଡ଼ାହୋଇ ଆଖି ଟେକି ପଚାରନ୍ତି "ଅଜା ! କଣ ବାଲେଶ୍ୱର ଯିବ ?" "ଅଜା ! ତମେ କଣ ବାକ୍ସ ନେଇଯିବ ?" ଏ ଦିଟାକୁ ଦେଖିଲେ ମୁଁ ପାନିଆ କଥା, ଦୁନିଆଁ କଥା ଭୁଲିଯାଏଁ । ସ୍କୁଲକୁ ଗଲାବେଳେ କହନ୍ତି "ଅଜା ! ତମେ ଥିବ, ଆମେ ସ୍କୁଲରୁ ଫେରିବାଯାକେ । ଜେଜେ ସାଙ୍ଗରେ ବସି କଥା ହେଉଥିବ ।" ସତରେ ଏଗୁଡ଼ାକୁ ଛାଡ଼ି ମଣିଷ, ଅଜା ହୁଅନ୍ତୁ ଜେଜେ ହୁଅନ୍ତୁ, କିମିତି ସରଗରେ ବଞ୍ଚିବେ ?

ଝିଅ ଓ ମୁଁ ଏକମତ ହେଲୁ, ଏ ଦିହିଁଙ୍କ ଭିତରୁ କେହି ପାନିଆ ନେଇନଥିବେ, ରଖିନଥିବେ, ଦେଖିନଥିବେ ହୁଏ ତ । ତେବେ କଣ ସେ ଚଉଦବର୍ଷିଆ ଟୋକାଟା ନେଲା ? ସେ ଅବଶ୍ୟ ବିସ୍‌ନୀ ଅଛି । ହେଲେ ଏବେ ତ ତା' ମୁଣ୍ଡ ନଣ୍ଡା । ତା'ଛଡ଼ା ତାର ସାହସ ହବନି । ସେ ଉପରତାଲାକୁ ପ୍ରାୟ ଆସେନି । ତା' ଧନ୍ଦା କାରବାର ସବୁ ତଳତାଲାରେ । ଆମର ଖୋଜାଖୋଜି କିନ୍ତୁ ଅବ୍ୟାହତ ରହିଥାଏ । ଇତିମଧ୍ୟରେ ନାତୁଣୀ ଓ ଦୁଇ ନାତି ଅନୁସନ୍ଧାନୀ ଦଳରେ ଯୋଗଦେଇ ସାରିଥାନ୍ତି । ପାନିଆ ମିଳୁନଥାଏ ।

ଝିଅ କହିଲା "ବାପା ! ତୁମର ବେଳ ହୋଇ ଆସୁଛି, ତୁମେ ବାଥ୍‌ରୁମ୍‌ରୁ ଆସ, ମୁଁ ଜଳଖିଆ, ଚା' ବ୍ୟବସ୍ଥା କରୁଛିଁ; ଆମେ ଖୋଜୁଛୁ; ବ୍ୟସ୍ତ ହୁଅନି, ଆଜି ନ ମିଳିଲେ କାଲି ମିଳିବ, ଗତଥର ତ ଫେର୍ ମିଳିଥିଲା ।"

ବାଥ୍‌ରୁମ୍‌କୁ ଯାଉଛି ମନେ ପଡ଼ିଲା, ମାଳତୀ ମୋ ସାଙ୍ଗରେ ବାଲେଶ୍ୱର ଫେରିବ । ଝିଅକୁ କହିଲି, "ମାଳତୀ ଉଠିଲା କି ନାହିଁ ଥରେ ଡ଼ାକି ଦେ ।" ଝିଅ କହିଲା "ସିଏ କେତେବେଳୁ ଜିନିଷପତ୍ର ବନ୍ଧାବନ୍ଧି କରି ମୁଣ୍ଡ କୁଣ୍ଡେଇ ରେଡ଼ି ହୋଇବସିଛି । ତାର ରାତି ନିଦ ହୋଇନଥିବ । ମାଆ ପାଖକୁ ଯିବ । ଆଠଦିନ ହବ ଖାଲି ମାଆ ମାଆ ହେଉଛି ।"

ବାଥ୍‌ରୁମ୍ ଭିତରକୁ ଗଲି । ପାନିଆଟା ପାଇଁ ମୁଁ ଏତେ ବିବ୍ରତ ହୋଇ ଯାଇଥିଲି ଯେ, ତଉଲିଆ ଭିଜାଇବା ଜାଗାରେ ପିନ୍ଧା ଲୁଙ୍ଗିଟାକୁ ପାଣିରେ ବୁଡ଼ାଇଦେଲି, ଦିହରେ ଆଗ ସାବୁନ ନ ଲଗାଇ ମୁହଁରେ ମାରିଦେଲି ଏବଂ ଦଣ୍ଡେଯାଏ ଆଖିପୋଡି ଅନ୍ଧ ହେଲାପରି ଲାଗିଲା । ଭିତରୁ ଶୁଣୁଥାଏଁ ବାହାରେ ଏକ ବିରାଟ ତୁମ୍ଭି ତୋଫାନ ଚାଲିଛି । ଝିଅ ଜୋଇଁ, ନାତି-ନାତୁଣୀମାନଙ୍କ ଏମିତି କି ସମୁଧି ପାନିଆ ପଛରେ ଲାଗିଛନ୍ତି । ମନେ ମନେ ପାପ ଆଶା ବାନ୍ଧିଥିଲି ବାଥ୍‌ରୁମ୍‌ରୁ ବାହାରିଲା ବେଳକୁ ଝିଅ ବା ଆଉ କେହି ଚିତ୍କାର କରି କହିବେ "ହେଇ ତ ତୁମ ପାନିଆ, ଏଇଠି ସମସ୍ତଙ୍କୁ ଜଳ ଜଳ ଚାହିଁ ରହିଥିଲା, କେହି ପାଉନଥିଲେ ।" ପରିବର୍ତ୍ତେ ଝିଅ କହିଲା "ନା ବାପା, ମିଳିଲା ନାହିଁ, ତୁମେ ଦୁଃଖ କରନି, ମୁଁ ଖୋଜିକରି ରଖିଥିବି, ଦଶହରା ଭସାଣି ବେଳକୁ ତ ଆସୁଛ, କେତୁଟା ଦିନ ଚଳାଇ ନବ ପ୍ଳାଷ୍ଟିକ୍‌ରେ । ଟଙ୍କାଟେ ପଡ଼ିବ ।"

ସିଙ୍ଗାପୁରୀ କଦଳୀ ସରୁଚୁଡ଼ା ଆଉ ଦହି ଟକେଟାରୁ ଗୁଣ୍ଡାଏ ଦୁଇଗୁଣ୍ଡା ପାଟିକୁ ପୁରାଇଛି ମାଳତୀ ଗଣ୍ଠିଲିଟାଏ ଧରି ମୋ ଆଗରେ ହାଜର । "ଅଜା, ଯିବା ଯେ, ଆସ, ସାତ

Digitized by srujanika@gmail.com

ବାଜିବ ।" ତାକୁ ମୁଣ୍ଡରୁ ଗୋଡ଼ଯାଏ ଚାହିଁଗଲି । କି ପରିବର୍ତ୍ତନ ! ଠିକ୍ ଯିମିତି ଏକ ଦଶବର୍ଷିଆ ଦୁଷ୍ଟ ଇସ୍କୁଲ ପିଲା । ନାତୁଣୀର ପୁରୁଣା କନ୍‌ଭେଣ୍ଟ ଯିବା ପୋଷାକ, ଏପରି କି ରଙ୍ଗକରା ପୁରୁଣା ଜୋତା ପିନ୍ଧି ସକାଳୁଆ ତାଜା ମୁହଁରେ ପୋଷାକକୁ ମେଚ୍ କରୁଥିବା ସବୁଜ ବିନ୍ଦିଆ ଲଗାଇ ମୋ ଆଗରେ ଦୃପ୍ତଭଙ୍ଗୀରେ ଛିଡ଼ା ହୋଇଛି ।

ବିଶ୍ୱାସ କରିପାରିଲି ନି ଅଢ଼େଇ ମାସ ପୂର୍ବେ ଏଇ ଝିଅଟା ଟୁକୁରାଏ କନା ଏବଂ ସେଫ୍‌ଟିପିନ୍ ଗୁନ୍ଥା ଛିଣ୍ଡା ଫ୍ରକ୍‌ଟିଏ ପିନ୍ଧି ଗନ୍ଧିଆ ଅବସ୍ଥାରେ ମୋ ସାଙ୍ଗରେ ଆସିଥିଲା ଯାହାକୁ ପାଖରେ ବସାଇବାକୁ ମୁଁ କୁଣ୍ଠିତ ଥିଲି । ଝିଅ ଲେଖିଥିଲା, "ବାପା, ପିଲାଝିଲା ନେଇ ମୁଁ ଏକୁଟିଆ ବଡ଼ ହଇରାଣ ହେଉଛି, ଯେଉଁ ବଡ଼ ଚାକରାଣୀଟା ଅଛି ସେ ବି ଦଶହରା ପୂର୍ବରୁ ଚାଲିଯିବ । ତୁମେ ତ ଜାଣ କଟକ-ଭୁବନେଶ୍ୱରରେ ଚାକର ଚାକରାଣୀ ପିଲାଝିଲା ପାଇବା କେଡ଼େ କଷ୍ଟ । ମାସେ ଦି'ମାସ ପାଇଁ ହେଲେ ପଠାଅ ଝିଅଟିଏ । ଯାହା ନବ ଦେବି ।" ମୁଁ ଏଇ ଝିଅଟିକି ପାଇଥିଲି ଏବଂ ମନେ ମନେ କୃତ୍ୟକୃତ୍ୟ ହୋଇ ସାଙ୍ଗରେ ଆଣି ହାଜିର କରାଇଥିଲି । ସତକଥା, କଟକ-ଭୁବନେଶ୍ୱରରେ ତ ଖାଲି ମାଲିକ ମାଲିକାଣୀ ମିଳନ୍ତି । ଆମ ବାଲେଶ୍ୱର-ମୟୁରଭଞ୍ଜ ସିନା ଖାଲି କୁଲି ମଜୁରିଆ ଚାକର ଚାକରାଣୀଙ୍କ ରେକ୍ରୁଟିଂ ଏରିଆ ।

ଭାବିଥିଲି, ଝିଅଟା ବଡ଼ ହେଉଁ ହେଉଁ ତିନିଚାରି ବରଷ ରହିଯିବ, ତା'ପରେ ବି କେତେବର୍ଷ ମୋ ଝିଅ ଇଚ୍ଛା କଲେ ରଖିପାରିବ, ପିଲାଝିଲା ବଡ଼ ହୋଇଯିବେ, ସମସ୍ୟା ଆଉ ନଥିବ । କିନ୍ତୁ ପ୍ରଥମ ଦିନ ଯାହା ଦେଖିଥିଲି ସେଥିରୁ ଭବିଷ୍ୟତ ବିଷୟରେ ମୁଁ ଘୋର ସନ୍ଦିହାନ ହେଲି ଆଗ୍ରହରେ କୌଣସି କାମଧନ୍ଦା ନ କରି ସବୁବେଳେ ଝିଅଟା ସେଇ ଚଉଦବର୍ଷିଆ ଚାକର ଟୋକା ଓ ତା ସାଙ୍ଗ ସହିତ ମୁହୂର୍ତ୍ତକେ ଆତ୍ମୀୟତା ଜମାଇ ଦେଲା ଏବଂ ସେମାନଙ୍କ ଧାଁଧପଡ଼ରୁ ଖେଳାଲୀଳାରୁ ଜଣାଗଲା ସେମାନେ ସିନେମାର ନାୟକ ନାୟିକାଙ୍କ ଅପ୍ରାପ୍ତ ବୟସ୍କ ପ୍ରେମର ପୂର୍ବାଭ୍ୟାସ କରୁଛନ୍ତି । ମାସେ ପରେ ଝିଅଠୁ ଚିଠି ପାଇଲା ପରେ "ତଦା ନାଶଂସେ ବିଜୟାୟ, ସଞ୍ଜୟ !" ଏଠି ଦୁଇଦିନ ରହଣି ଭିତରେ ତାର କ୍ରିୟାକାଣ୍ଡ ଓ ଉତ୍ପାତ କିମିତି ବଂଶପ୍ରାଣୀଙ୍କ ଅତିଷ୍ଠ କରିଛି ତାର ଚାକ୍ଷୁଷ ପ୍ରମାଣ ମଧ୍ୟ ପାଇଲି । ବୁଝିଗଲି, ମାଳତୀ ଚାକର ଟୋକାକୁ ଏବଂ ତାରି ବୟସର ମୋ ଝିଅର ଭଣଜାକୁ ମାୟାଜାଲରେ ଛନ୍ଦି ସାରିଲାଣି । ଏଡ଼ିକି ବଢ଼ଟେ ଝିଅ ! କି ମାରାତ୍ମକ ! କ୍ରମେ ତାରି ସମବୟସୀ ମୋ ନାତୁଣୀକି ଅଗୁରୁବିଦ୍ୟା ବିଶାରଦ ହେବାରେ ସାହାଯ୍ୟ କରିପାରେ, ମୋର ଭୟ ହେଲା ।

"ମା, ମୁଁ ଯାଉଛି, ତୁମେ ଭାବିବ ନାହିଁ, ମୁଁ ଆଉ ଆସିମି ନାଇଁ ବୋଲି, ନିଶ୍ଚୟ ଦଶରା ପରେ ଆସିମି"- ମାଳତୀ କହିଲା, ମୋ ଝିଅ ଗୋଡ଼ତଳେ ଜୁହାର ହୋଇ ଧୂଳି ମୁଣ୍ଡରେ ମାରି ଦିଲ୍ଲୀବାସୀଙ୍କ ବେକ ତଳଯାକେ ଲମ୍ବିଥିବା ଚୂଳଗୁଡ଼ାକକୁ ଷ୍ଟାଇଲ୍‌ରେ ପଛକୁ ଛାଟି ନେଲି ।

Digitized by srujanika@gmail.com

ଝିଅ କିଛି କହିଲା ନାହିଁ। ତା ଆଖି ଦୁଇଟା ମାତୃ ସ୍ନେହରେ ଆର୍ଦ୍ର ହୋଇଗଲା। ମୁଁ ମାଳତୀର ଚୂଳବିନ୍ୟାସ ଶୈଳୀର ତାରିଫ୍ କରୁଥାଏଁ। ମୋତେ ଖୋଲା ଛାତକୁ ଯିବାପାଇଁ ଠାରି ଝିଅ ଏକାନ୍ତରେ କହିଲା, 'ବାପା, ମାଳତୀ ମାସ ଶେଷଯାକେ ଥାଉ, କଟକରେ ମେଢ଼ ଭସାଣି ଦେଖିବ, ପହିଲା ବେଳକୁ ଦରମା ନେଇଯିବ। ଅଢ଼େଇମାସ ଭିତରେ କେମିତି ତା' ପ୍ରତି ମାୟାମମତା ଆମର ଜମିଗଲାଣି, ସେ ଗଲେ ଘର ଫାଙ୍କା ଫାଙ୍କା ଲାଗିବ। ପିଲାଝିଲାଏ ଖୋଜିବେ, ଶାଶୁ ଥିଲେ ତାକୁ ମୋଟେ ଯିବା ପାଇଁ ଦେଇନଥାନ୍ତେ। ଅତି କଦର୍ଯ୍ୟ ଝିଅଟା ସତ ଯେତେ ଚେଷ୍ଟାକଲେ ବି ବାଗକୁ ଆଣିପାରିଲି ନାହିଁ। ବଡ଼ ବଡ଼ କଥା କହେ, କୁଆଡ଼େ କଲିକତା ପୁରୀ ରାଉରକେଲା ଦେଖିଛି, ସବୁ କଞ୍ଚା ଡ଼ାହା ମିଛ ଧରାପଡ଼ିଯାଏ। ଛୁଆପିଲାଙ୍କୁ ଜଗିବ ଖେଳାଇବ କଣ ତାଙ୍କରି ଖେଳନାରେ ନିଜେ ଖେଳେ। ଗୁଡ଼ାଖୁ କଳରେ ଜାକି ତାକୁ ଚିଁ କରି ଚୋଷି ଚୋଷି ଖାଏ, ଏଡ଼େ ଭୋଖ ଯେ କୁକୁର ପାଟିରୁ ଟୁକୁରା ରୁଟି ଛଡ଼ାଇ ଆଣିଖାଏ। ରୋଷେଇ ଘରେ ବାରଣ୍ଡାରେ ମୁତେ, ଏବେ ଆମ ନାଆଁ ଧରି ବରା ଗୁଲୁଗୁଲା ଧାର ଆଣୁଛି, ଆମ ଲୁଗା ସାଙ୍ଗରେ ତାର ମେଞ୍ଚାଏ ଲୁଗା ଧୋବାକୁ ଦେଉଛି। ଦୁଧ ସର, ବାପାଙ୍କ ଏପଲ ଖାଇ ଦେଉଛି। ସବୁ ସେହି ହେଲା କିନ୍ତୁ ଏଇ ମରଦ ପିଲାଙ୍କ ସାଙ୍ଗରେ ହେଁ ହେଁ ଫେଁ ଫେଁ ସେ କୁଆଡ଼େ ଯାତ୍ରା ଦଳରେ ଥିଲା। ତଥାପି ଆଉ ହପ୍ତାଏ ଏଠି ଥାଉ, ଆଉଥରେ ଆସିଲେ ତାକୁ ନେଇଯିବ, ତୁମ ପାନିଆ ବି ମିଳିଯାଇଥିବ ସେତେବେଳକୁ।"

ରାଗି ଥମ ଥମ ହୋଇ କହିଲି, "ମୁଁ ତା ଦାୟିତ୍ୱ ଆଉ ନେବି ନାହିଁ। ପହିଲା ବେଳକୁ ଥରେ ତା ବାପା ( ?) ଆସି କୁହେ, ତା' ମାଆକୁ ଦରମା ପଇସା ଦବନି, ମୋ ଛୁଆ। ତା ବାଦ୍ ତା ମାଆ କୁହେ, ତା ବାପାକୁ ଦବନି। ମୁଁ ଝିଅକୁ ପାଳିଛି, ତାକୁ ତୁମକୁ ଦେଇଛି। କେବେ ଦିନେ ସେ ଝିଅ କାହା ସାଙ୍ଗରେ ଚାଲିଯିବ, ମୁଁ ଥାନାକୁ ଯିବା ସାର ହେବ। ତା ଛଡ଼ା ଏବେଠୁ ଝିଅ ପାଖରେ ମାଆ ଗୁଣ ଫୁଟିଲାଣି। ମାଆ ତା'ର କୋଇଲା ଗୋଟାଏ, ଗୋବର ଗୋଟାଏ, ଘର ନାହିଁ ଦୁଆର ନାହିଁ। ରୁଣୁଝୁଣୁ କାଚ ନାଇ ଦୁମୁଦୁମ୍ ଚାଲେ। ଏବେ କ'ଣ ରୋଗ ପାଇଁ ଇଞ୍ଜେକ୍‌ସନ ନେବ ଯେ ପଇସା ମାଗୁଥିଲା। ଘୁଷୁରି ସାଇର ଆନନ୍ଦ ବଜାରରେ ଯେଉଁ ମାଳତୀ ଫୁଟିଛି କୋଇଲା ଗନ୍ଧରେ ତାର ମହକ ଏଇପରି ବାହାରିବ। ତା ପାଇଁ ଓକିଲାତି କରନି ତୁ। ମୁଁ ଆଉ ଗୋଟାଏ ଝିଅ "ଖୋଜିବା ଚେଷ୍ଟାରେ ରହିଲି। ମୋର କାହିଁକି କେଜାଣି ସନ୍ଦେହ ହେଉଛି ସେ ମୋ ପାନିଆ ଚୋରି କରିଛି।" ଯାଦୃଶୀ ବୀଜାଃ ତାଦୃଶୀ ଅଙ୍କୁରାଃ।

"ତା ଅସମ୍ଭବ ନୁହେଁ। ଝିଅର ସ୍କୁଲ ବାକ୍ସରୁ ଯୋଡ଼ାଏ ଟଙ୍କା ସେଦିନ ନେଇ ବରା ଖାଇଦେଲା। ଏମିତି କେଉଁ ପାପ ନାହିଁ ଯାହା ସେ କରିନପାରେ। ନଜର ରଖିଥିବ ବାଟଯାକ। କେତେବେଳେ କେଉଁଠି ଓହ୍ଲାଇକରି କୁଆଡ଼େ ଚାଲିଯିବ।"

Digitized by srujanika@gmail.com

ପ୍ରଥମ ତାଲାରେ ସମୁଧି ତାକୁ ବିଦାୟ ଦେବାକୁ ପ୍ରସ୍ତୁତ ହୋଇ ଛିଡ଼ା ହୋଇଥିଲେ। ଇନ୍ଦିରା ଗାନ୍ଧୀ ଜନତା ଜନାର୍ଦ୍ଦନଙ୍କୁ ଯେଉଁ ଭଙ୍ଗୀରେ ହାତଯୋଡ଼ି ନମସ୍କାର କରନ୍ତି, ମାଳତୀ ତାଙ୍କ ଗୋଡ଼ତଳେ ନ ପଡ଼ି ସେଇ ଭଙ୍ଗୀରେ 'ଯାଉଛି' କହି ବିଦାୟ ନେଲା। ସମୁଧି ଛୋଟିଆ ପର୍ସରୁ ପାଞ୍ଚଟଙ୍କିଆ ନୋଟ୍‌ଟିଏ (ମୋ ପାନିଆର ଦାମ୍‌ଠୁ ଟଙ୍କାଏ ବେଶୀ) ତା ହାତକୁ ବଢ଼େଇ ଦେଲେ । ଗ୍ରାଉଣ୍ଡ ଫ୍ଲୋର ଦେଇ ରାସ୍ତା କଡ଼ରେ ପହୁଞ୍ଚି ଚାହିଁଲି ପଛଆଡ଼େ ଛିଡ଼ା ହୋଇଛନ୍ତି ଦୁଇ ଚଉଦ ବର୍ଷିଆ ଟୋକାଙ୍କ ସହିତ ନାତି ନାତୁଣୀ, ପିଙ୍କି-ଡ଼ନ ନାମକ ଦୁଇ କୁକୁର ଆହୁରି ସାଇ ପଡ଼ିଶାର କେତେଜଣ। ଶୋକାବହ ପରିବେଶ। ଶକୁନ୍ତଳା ମାଆ ପାଖକୁ ଯିବ। ଜଣେ ଟୋକା ଭାବାବେଶରେ କିଛି କହିପାରିଲା ନାହିଁ, ଦାନ୍ତ ନେଫଡ଼ି ରହିଲା; ଆଖିରୁ ପାଣି ଝରାଇ ଅନ୍ୟ ଜଣକ ବହୁ କଷ୍ଟରେ ସ୍ତମ୍ଭିତ ବାଷ୍ପବୃତ୍ତି କଣ୍ଠରେ କହିଲା, 'ମାଳତୀ ଆସିବୁ।' କୁକୁର ଦି'ଟା, କଇଁ କଇଁ ହେଲେ କାହିଁକି କେଜାଣି! ବିଦାୟ ସମ୍ବର୍ଦ୍ଧନାର ଉତ୍ତରରେ ମାଳତୀ କହିଲା, 'ଆସିବି, ଦଶରା ଗଲେ।' ଜାଣେ ନାହିଁ ସେ ଲକ୍ଷ୍ମଣ ତପୋବନରେ ଆଳକରି ଛାଡ଼ି ଆସିବେ ସୀତାଙ୍କୁ, ଚରିବୁଲି ଖାଇବାପାଇଁ।

ମାଳତୀ ଗୋଟାଏ ବୁଲା କୁଟୀର ଝିଅ ଏବଂ ସେ ଅସଚ୍ଚରିତ୍ରା ଓ ଚୋରଣୀ, ଏ ଧାରଣା ଆମ ବାପ ଝିଅଙ୍କ ମନକୁ ଆସିବା ମାତ୍ରେ, ବିଶେଷତଃ ମୁଁ ତା ଚୂଳର 'ଛାଟ' ଦେଖିବାମାତ୍ରେ ତାର ପ୍ରତ୍ୟେକଟି କଥା ଓ କାମ ଉପରେ ତୀକ୍ଷ୍ଣ ନଜର ରଖିବାକୁ ଲାଗିଲି ଠିକ୍ ଶେରଲକ୍ ହୋମ୍‌ସ ପରି।

ବାସ୍‌ରେ ସେ ମୋ ପାଖରେ ବସିଲାନି। ବସିଲା ମହିଳାମାନଙ୍କ ପାଇଁ ଅଭିପ୍ରେତ ଆସନରେ ଭଦ୍ରମହିଳାଙ୍କ ସାଙ୍ଗରେ। କଣ୍ଡାକ୍‌ଟର ତା ପାଇଁ ପୂରା ଟିକଟ କାଟିଲାରୁ ସେ ତା ଉପରେ ଭାରି ଖୁସି। ସେ ତ ଆଉ ପ୍ରକୃତରେ ଛୋଟ ଝିଅ ନାହିଁ। ଯାତ୍ରାବାଲାଏଁ, ତେର ବର୍ଷିଆ ଟୋକାଏଁ ତାକୁ ମହିଳା ସ୍ତରକୁ ଉନ୍ନୀତ କରି ଦେଇଛନ୍ତି। ବସିଲା ମାତ୍ରେ ସେମାନଙ୍କ ସାଙ୍ଗରେ ମିଶିଗଲା ଏବଂ କଥା ଜମେଇ ଦେଲା। ଗଣ୍ଠିରି ଉପରେ ମୋର ଆଖି ସବୁବେଳେ ଥାଏ। ଅନ୍ୟକୁ ସାହାଯ୍ୟ କରିବା ମନୋବୃତ୍ତି କୁଆଡୁ ବାହାରି ପଡ଼ିଲା ତାର। କାହା କୋଡ଼ରୁ ସାନ ପିଲା ଆଣି ନିଜ କୋଳରେ ବସାଇଲା। ପାନ, ପାଣି, ଲଜେନ୍ସ ଯାହାର ଯାହା ଦରକାର ଆଣିଦେଲା, ହେଲ୍‌ପରକୁ ହାତକରି। ସେ ହେଲ୍‌ପର ବି ତେର ଚଉଦ ବର୍ଷିଆ। ପାଟି ଲାଲ୍‌କରି ଦରଜା ସାମନାରେ ଠିଆହୋଇ ରହିଛି ମାଳତୀର ହୁକୁମ ତାଲିମ କରିବା ପାଇଁ କୁଆଖିଆ ପାଣିକୋଇଲିରେ ମୋ ପାଇଁ ବାସ୍ ଛିଡ଼ା ହେଲାନାହିଁ, କିନ୍ତୁ ମାଳତୀର କଣ ଲୋଡ଼ା ସେଥିପାଇଁ ଗାଡ଼ି ଦଶ ଦଶ ମିନିଟ୍ ଅଟକିଲା। ମୁଁ ଲକ୍ଷ୍ୟକଲି ପ୍ରତି ଦଶ ମିନିଟ୍‌ରେ ଟେଳାଏ ଗୁଡ଼ାଖୁ ସେ ଚକୋଲେଟ୍ ପରି ଅବକାରୀ ଡ଼ବାରୁ ବାହାର କରି ପାଟିରେ ପୂରାଉଛି। ଗୋଡ଼ତଳେ ଥୋଇଥିବା ଗଣ୍ଠିଲି ଆଡ଼କୁ ନଇଁପଡ଼ି ବାରମ୍ବାର ଅନାଉଛି। ମୋର ସମସ୍ତ ଚିନ୍ତା ଭାବନା କ୍ରମେ କ୍ରମେ

Digitized by srujanika@gmail.com

ସେଇ ଗଣ୍ଠିଲିକୁ ନେଇ, ତା ଭିତରେ କଣ ଅଛି, ଲଙ୍ଗଳା ଫୁଙ୍ଗୁଳା ହୋଇ ଯେ ଯାଇଥିଲା ସେ ଫେରୁଛି କିମିତି ଦୁଇ ମାସରେ ଏତେ ସମ୍ପଦ ନେଇ। ମୂଳ ସ୍ଥାନରେ ସମସ୍ତଙ୍କ ଆଗରେ ସେ ଗଣ୍ଠିଲିକି ସର୍ଚ୍ଚ କରିବା ଉଚିତ୍ ଥିଲା। ହଉ, ବେଳ ଅଛି।

ଭଦ୍ରକ ଷ୍ଟେସନ୍‌ରେ ବାସ୍ ଟାରି ପାଇଁ ଅଧଘଣ୍ଟାଏ ଛିଡ଼ାହୋଇ ରହିଲା। ଏମିତି ପରିସ୍ଥିତି ସେ ସୃଷ୍ଟିକଲା ଯାହା ଫଳରେ ହେଲ୍‌ପର କଣ୍ଡାକ୍‌ଟର ଡ୍ରାଇଭର ଏମିତି କି ଯାତ୍ରୀମାନେ ସମସ୍ତେ ଯୁକ୍ତିତର୍କ କଳିଗୋଳରେ ପରସ୍ପର ଦୋଷାରୋପ କରିବାରେ ଲାଗିଗଲେ। ହେଲ୍‌ପର ଗ୍ଲାସ୍‌କୁ ଗ୍ଲାସ୍ ଚା' ଆଣି ମହିଳାମାନଙ୍କୁ ଦେଲା, ପାନ ଫୁଲକୋବି ଏପଲ କଦଳୀ ମଧ ଥରକୁ ଥର ଆଣିଲା। ବାସ୍ ଛାଡ଼ିବାକୁ ଯାଉଛି, 'ରୋକେ ରୋକେ' କହି ମାଳତୀ ଗାଡ଼ି ଛିଡ଼ା କରାଇଦେଲା। ପାଖ ମହିଳାଯାତ୍ରୀମାନେ ପାଳୁଅ ଲଡ୍ଡୁ ଖାଇବେ। ସେ ନିଜେ ବି ଦିଟା ଆଦାୟ ଅସୁଲ କଲା ସେମାନଙ୍କ ପାଖରୁ। ନିଜେ ଓହ୍ଲାଇ ଯାଇ ପାଣି ଆଣିଦେଲା ପାଣି ବୋତଲରେ। ମୋତେ ଜଣାଗଲା ଉପଯୁକ୍ତ ପରିସ୍ଥିତି ଓ ପରିବେଶ ପାଇଥିଲେ ମାଳତୀ ସ୍କଟଲାଣ୍ଡର ରାଣୀ ମେରୀ, ଇଂଲଣ୍ଡର ରାଣୀ ଏଲିଜାବେଥ୍ ବା ଇଜିପ୍‌ଟର ରାଣୀ କ୍ଲିଓପାଟ୍ରା ବନି ପାରିଥାନ୍ତା ଏବଂ ପିଲିପ୍ ଏଣ୍ଟନି ସିଜର ଆଦିଙ୍କୁ ହୁକୁମର ଚାକର କରିଥାନ୍ତା। ଆଜି ସେ ଫୁଲନ ଦେବୀ ହେବାର ଚେଷ୍ଟାରେ ଅଛି। ପିଲାବେଳେ ଦୁଷ୍ଟାମିର ସୀମା ଅତିକ୍ରମ କରି ଘର ଭିତରେ କ୍ରିୟାକାଣ୍ଡ ଘଟାଉଥିଲାବେଳେ ମୋତେ ଲକ୍ଷ୍ୟକରି ଜେଜେ ସଂସ୍କୃତ ଶ୍ଳୋକଟିଏ ଗାଇଥିଲେ। ଯାହାର ଅର୍ଥ, ଛାର ଟେଣ୍ଟେଇ ଚଢ଼େଇଟାଏ ସମୁଦ୍ରକୁ ବ୍ୟାକୁଳ କରିଦେଲା। ମାଳତୀ ବାସଟାକୁ ସେମିତି ବିକ୍ଷୁବ୍ଧ କରିପାରିଲା!

ଖଣ୍ଡାପଡ଼ାରେ ମାଳତୀ ପାଖ ଯାତ୍ରୀଣୀମାନଙ୍କୁ ସାହାଯ୍ୟ କଲା ପିଲାଝିଲା ଜିନିଷପତ୍ର ଓହ୍ଲାଓହ୍ଲି କରିବାରେ ଏବଂ ସେମାନଙ୍କୁ ବିଧିମୁତାବକ ବିଦାୟ ଦେଲା କାନ୍ଦ କାନ୍ଦ ହୋଇ। ସେମାନେ ଗୋଟାଏ ଟଙ୍କା ତାକୁ ବକ୍ସିସ୍ ସରୂପ ଦେଲାବେଳେ ମୋତେ ସେମାନଙ୍କୁ ଦୁଇ ଥାପ୍‌ପଡ଼ ବଜାଇବାର ଇଚ୍ଛା ହେଉଥିଲା। ଦେଖିଲି, ଝିଅଟା ମହାଶୂନ୍ୟରେ ଫଳ ଫଳାଇଦବ, ଶୂନ୍ୟରୁ ପଇସା ବି ରୋଜଗାର କରିପାରିବ। ମୋ ପାନିଆଟା ନେବାକୁ ତାକୁ କେତେ ବେଳ ଲାଗିବ ?

ଭାଲେଶ୍ୱର ପହଞ୍ଚିବାକୁ ଖଣ୍ଡେ ବାଟ ଅଛି ପୁଟୁଳି ଧରି ହେଲ୍‌ପର ପାଖକୁ ଲାଗିହୋଇ ସେ ଛିଡ଼ା ହେଲା ଏବଂ ଷ୍ଟେସନ ଛକରେ ଓହ୍ଲାଇବାର ଉପକ୍ରମ କଲା। "ଯିବୁ କୁଆଡ଼େ ?" ଭଙ୍ଗୀରେ କହିଲି "ଏଠି ଓହ୍ଲାଉଛୁ କାହିଁକି ? ମୋ ସାଙ୍ଗରେ ଓହ୍ଲାଇବୁ।" ବସ୍‌ଷ୍ଟାଣ୍ଡ ପହଞ୍ଚନ୍ତେ ସେ ପୁଣି ତରବରରେ ଓହ୍ଲାଇ ମୋ ଆଗେ ଆଗେ କେବଳ ଟାରି ସମ୍ପତ୍ତି ଧରି ମୋ ନାତୁଣୀର ପୁରୁଣା ଚପଲ ମାଡ଼ି ହଲେଇ ହୋଇ ଝୁଙ୍କି ଝୁଙ୍କି ଚାଲିଥାଏ। ଫ୍ଲାଇଓଭର ପହଞ୍ଚିଛି ହଠାତ୍ ବାଟ ଭାଙ୍ଗି ରେଳଷ୍ଟେସନ ମୁଖା ହେଲା। 'ତତେ ମୁଁ ସହଜରେ ଛାଡ଼ିଦଉଛି ଭାବିଛି'- ମନେ ମନେ ଭାବି କଡ଼ାଗଳାରେ କହିଲି- "କଟକରେ

Digitized by srujanika@gmail.com

ତିନିମାସ ଭଦ୍ରଘରେ ରହି ଏଇଆ ଶିଖିଛୁ ? କିଛି ନ କହି ନିଜ ବାଟେ ବାଟେ ଚାଲିଲୁଣି ଘର ପହୁଞ୍ଚିଲା ମାତ୍ରେ । ଯେଉଁ ଘରୁ ତୁ ଯାଇଥିଲୁ ସେଇ ଘରକୁ ପ୍ରଥମେ ଆ, ତା ପରେ ମାଆ ଘରକୁ ।" ଦୂରର ଏକ ନାରୀମୂର୍ତ୍ତିକୁ ଦେଖେଇ ସେ କହିଲା, "ହେଇ ମୋର ମାଆ, କୋଇଲା ଗୋଟାଉଛି ।" କି ମାଆ ! କି ଝିଅ !

ପରବର୍ତ୍ତୀ ଦୃଶ୍ୟ ସାମାନ୍ୟ ଷ୍ଟେଜ୍ ମେନେଜଡ କୁହାଯିବ । ଦ୍ରୁତ ପଦକ୍ଷେପରେ ଆଗେଇ ଯାଇ ଘରେ ପହଞ୍ଚି ଧନୀକି (ଧନୀଠୁ ନିର୍ଦ୍ଧନ କେହି ନଥିବେ, ସେ ମୋର ଘରକାମ କରେ, ଥୁରୁଥୁରୁ ବୁଢ଼ୀ, କାଣୀ, କିନ୍ତୁ ଏକାନ୍ତ ଅନୁଗତା) ଚୁପେ ଚୁପେ କହିଲି, "ମାଳତୀକୁ ଘିନି ଆସିଛି କଟକରୁ, ମୋ ପାନିଆଟା ତା ଗଣ୍ଠିଲିରେ ଅଛି, କିମିତି ବୁଦ୍ଧିକରି ତା ଗଣ୍ଠିଲି ଖୋଜାଖୋଜି କରିବୁ ।" ମାଳତୀ ଯିମିତି ଘରେ ପହଞ୍ଚିଛି ବୁଢ଼ୀ କହିଲା - ମାଳତୀ ତୁ କେଡ଼େ ଗୋରା ହୋଇଯାଇଛୁ, ତୋ ଚେହେରା କେତେ ବଦଳିଛି, ତୁ କେଡ଼େ ବଡ଼ ହୋଇଯାଇଛୁ ଏଇ କେତେଟା ଦିନରେ । ଏଡ଼େ ବଡ଼ ଗଣ୍ଠିଲିରେ କଣ ଅଛି, ଦେଖା ଦେଖାନି କି ଅପୂର୍ବ ଦରବ ତା ଭିତରେ ଅଛି ।"

ମୁଁ ଭାବିଥିଲି ମାଳତୀ ଗୁଁ ପୁଁ ହବ, ସହଜରେ ଫିଟାଇବ ନାହିଁ କିନ୍ତୁ ସେ ଓଲଟି ଆଗ୍ରହରେ ତରବର ହୋଇ ଗୋଟିକି ଗୋଟି ଫିଟାଉଥାଏ । କହୁଥାଏ "ହେଇ ଦେଖ, ଏ ପୁଟୁଳାରେ ଅଛି ନଡ଼ିଆ, ଛୁରୀରେ କାଟିକରି ଆଣିଛି, ଏଇ ଦେଖ ଆପଲ ପନଖିରେ କାଟିକରି ଆଣିଛି ।" ହେଇତ ସମୁଧିଙ୍କ ଆପଲ, ଚୋରିକରି ଆଣିଛି କେତେବେଳେ, ଝିଅ ଠିକ୍ କହୁଥିଲା । ମାଳତୀ କହିଲା – "ନଡ଼ିଆ ସାନ ଭାଇର, ଆପଲ ଭଉଣୀ ପାଇଁ ।" ତା'ପରେ ଗୁଡ଼ାଏ ଡ଼ବା ଖଡ଼ଖଡ଼ ହୋଇ ଗଡ଼ିଗଲା ଚଟାଣରେ । "ଏଇଟା ମୋର" କହି ଆଗେଇଲା ପ୍ରଦର୍ଶନୀ କାମରେ । ଗୋଟିକି ଗୋଟି ଇସ୍ତାକରା ଜାମାପଟା ଦେଖାଇଗଲା ଦଶ କି କୋଡ଼ିଏ ଯାକେ । ମୋ ନାତି ନାତୁଣୀମାନଙ୍କ ପୁରୁଣା ପଟା ଏଣେ ତେଣେ ପଡ଼ିଥିବା ଚିଜ । ଗୋଟାଏ ଅଧେ ମୋଡ଼ା ଚେପା ପ୍ଲାଷ୍ଟିକ୍ ଖେଳନା ବି ଥିଲା । କାହିଁ, ପାନିଆ କାହିଁ ? ଶେଷରେ ବାହାରିଲା ଗୋଟାଆ ବ୍ରା । ଟିକିଏ ବେହିଆ ହୋଇ ଅଜାସୁଲଭ ଗଳାରେ କହିଲି "ମାଳତୀ, ଏଇଟା କଣ କରିବୁ ?" ଆଦୌ ଅପ୍ରତିଭ ନ ହୋଇ ସେ କହିଲା, "କାହିଁକି, ମୋ ମାଆକୁ ଦେବି, ତାର ଦରକାର ନହେଲେ ମୋର ତ କେବେ କାମରେ ଲାଗିବ ।" ବାବା ! ଖଣ୍ଡେ ଝିଅ ତ !

ମତଲବଟିଏ ରଖି ତାକୁ କହିବାକୁ ଯାଇଥିଲି "ମାଳତୀ, ପୁଟୁଳିଟି ରଖିଦେଇ ତୁ ଘରକୁ ଯାଆ ।" ସେ ଆପେ ଆପେ କହିଲା, "ମୁଁ ଏ ନଡ଼ିଆ ଆପେଲ ପୁଟୁଳା ନେଇ ଭାଇଭଉଣୀକି ଦେଇ ଆସେଁ ।" ଧାଇଁ ଧାଇଁ ସେ ଚାଲିଗଲା ବେଳେ ମୁଁ ପଛରୁ କହିଲି "ଆମ ଘରେ ଭାତ ଖାଇବୁ ।"

ସେ ଚାଲିଯିବା ପରେ ମୁଁ ନିଜେ ତନ୍ନ ତନ୍ନ କରି ତା' ପୁଟୁଳି ଝାଡ଼ିଝୁଡ଼ି ଖୋଜିଲି, ପାନିଆ ପାଇଲିନାହିଁ । ପାଲୁଅ ଲତୁଟିଏ ଅସହାୟ ଅବସ୍ଥାରେ ମୋତେ ଚାହିଁ ରହିଥିଲା ।

Digitized by srujanika@gmail.com

ତା' ପୁଟୁଳି ପୁଣି ବନ୍ଧାବନ୍ଧି କରି ମୋ ନିଜ ସୁଟ୍‌କେଶ ଫିଟାଇଲି, ତଉଲିଆ ଲୁଙ୍ଗି ସାବୁନ୍ ଆଦି ବାହାର କରି ଗାଧୋଇବାକୁ ଯିବି।

ବାକ୍‌ସଟା ଫିଟାଇଛି କି ନାହିଁ ଖଟ୍‌ଖାଟ୍ କରି କେଉଁ ପାଚିଲା ପତ୍ର ଉଦ୍ଦାଳରେ ଲୁଚିଥିବା ବାଘ କୁଦିଲା ପରି ମୋର ବ୍ୟାଘ୍ରଦେହୀ ପାନିଆଟା ଅକସ୍ମାତ୍ ବାହାରିପଡ଼ି ଚଟାଣରେ ଶୋଇଗଲା।

ପୋଖରୀରେ ଏମିତି କେତେ ଚଲାକ ମାଛ ଥାଆନ୍ତି ସେମାନେ ଜାଲ ଭୟରେ ଲମ୍ଭେଲମ୍ବ ହିଡ଼ ବା ପଥର ଦିହରେ ଲାଗି ଝୁଲି ରହନ୍ତି, ଜାଲ ତାଙ୍କରି ଉପର ଦେଇ ଚାଲିଯାଏ, ସେମାନେ ବର୍ତ୍ତିଯାନ୍ତି। କେଉଟମାନେ ଚାଲିଗଲେ ଲାଞ୍ଜ ଡ଼େଣା ବାଡ଼େଇ ଖେଳ ଆରମ୍ଭ କରିଦିଅନ୍ତି। ମୋ ପାନିଆଟା ଖେଳୁଆଡ଼ ମାଛପରି। ମୁଁ ଅନଭିଜ୍ଞ ପୋଲିସ୍ କର୍ମଚାରୀ ପରି ଚୋରିହୋଇ ନଥିବା କେସ୍‌ରେ ଚୋର ଖୋଜୁଥିଲି। ନୂଆ ମାଛୁଆ ପରି ମାଛ ନ ଥିବା ପାଣିରେ ଜାଲ ମେଲିଥିଲି।

କିନ୍ତୁ ଏହି ଭାବିବା ସତ୍ତ୍ୱେ ମାଳତୀ ପ୍ରତି ମୋର ପୂର୍ବାବଧାରଣ ଓ ସନ୍ଦେହ ଏତେ ବଦ୍ଧମୂଳ ହୋଇ ଯାଇଥିଲା ଯେ, ମୁଁ ଭାବିବାକୁ ଲାଗିଲି ସେ ତା ଛୋଟ ଆଙ୍ଗୁଳିଗୁଡ଼ାକ ସାହାଯ୍ୟରେ ଚମଡ଼ା ସୁଟ୍‌କେସ୍‌ର ଉପର ଡ଼ାଲାକୁ ଜୋର ଜବରଦସ୍ତ ଆଁ କରାଇ ପାନିଆଟା ଭିତରକୁ ପୂରାଇ ଦେଇଥିବ। ୟା'ପରେ ଜୀବନର ବଡ଼ ଦ୍ୱନ୍ଦ ବା ସମସ୍ୟା ହେଲା ଦଶରା ବା କାଳୀପୂଜା ବା ଗୁରୁବାର ପୂଜା ପରେ ମାଳତୀକି କଟକ ପଠାଇବି କି ନାହିଁ। ୟା'ପରେ ସେ କଣ ଯିବାକୁ ଚାହିଁବ ?

# କଟାମୁଣ୍ଡ

ପେଥିଡ୍ରିନ୍ ଆଉ ମର୍ଫିନର ଯୋଡ଼ା ଯୋଡ଼ା ସଞ୍ଜୁବର୍ମ ଭେଦକରି ମୋ ବଥର ଯନ୍ତ୍ରଣା ତାର ଦାଢୁଆ ଛୁରୀରେ ନିଦର ଗଣ୍ଡି ମୁଣ୍ଡ ଅଲଗା ଅଲଗା କରିଦେଲାରୁ ଚାଉଁକିନା ଚେତା ହୋଇ ଆଖି ମେଲାଇଲି।

ଦଣ୍ଡେପରେ କୁହୁଡ଼ିଆ ଭାବ ଆଖିରୁ ଚାଲିଗଲା। ଗୋଡ଼ତଳ କାନ୍ଥଘଡ଼ିର କଣ୍ଟାଦିଟା ସ୍ପଷ୍ଟ ଦିଶିଲା। ଗୋଟାଏ ବାଜିବାକୁ ଯାଉଛି।

ଗୋଡ଼ଟା ଏତେ ଭାରି ଲାଗୁଛି କାହିଁକି ? ଆରେ ହେମ ବଥଗୋଡ଼କୁ ତକିଆ କରି ଶୋଇ ଯାଇଥିଲା ନ କ'ଣ ? ମୋ ଗୋଡ଼ର ହଲଚଲ୍‌ରେ ସେ ବି ଚମକି ଉଠିପଡ଼ିଲା।

Digitized by srujanika@gmail.com

ଆଖି ଦି'ଟା କାନି ପଣତରେ ପୋଛି ପୋଛି ମୋ ଆଡ଼କୁ ଚାହିଁଲା । "ଗୋଡ଼ରେ ପାଣି ପଡ଼ିଲା କେମିତି ?" ଅସ୍ପଷ୍ଟ ଗଳାରେ ପଚାରିଲି । "କାନ୍ଦୁଥିଲେ ନା କ'ଣ ? ନିଦ ମାଡ଼ିଲା ତ ଖଟରେ ଶୋଇ ପଡ଼ିଲାନି ?"

ହେମର ମୁହଁକୁ ଚାହିଁ ଜାଣିପାରିଲି ରାତିଯାକ ଶୋଇନି ସେ । ଯିମିତି ଗୋଡ଼ତଳେ ବସି ଧିରେ ଧିରେ ହାତ ବୁଲାଉଥିଲା, ସିମିତି ରାତିଯାକ କରି ଚାଲିଛି । ଭୋକ ଶୋଷ ତା'ର କିଛି ନାହିଁ । ପୁଞ୍ଜାଏ ପିଲାଝିଲାଙ୍କ ଅଳିଦଳି ସହି ମୋ ସେବା ଶୁଶ୍ରୁଷା କରି ଚାଲିଛି, ଏକନିଷ୍ଠ ହୋଇ ଛଅମାସ ହେଲା ! ମୁଁ ଧରି ନେଇଛି ଏଇ ମୋର ଶେଷ ଶଯ୍ୟା, ମୃତ୍ୟୁ ଶଯ୍ୟା । ଏ ଦୁରାରୋଗ୍ୟ ବ୍ୟାଧିରୁ ଆଉ ମୁକ୍ତି ନାହିଁ । ହେମର ବି ଛାତିକି ଛନକା ପଶିଲାଣି, ତାର ବିଧବା ଯୋଗ ଆସନ୍ନ ।

"କ'ଣ ନିଦ ଭାଜିଗଲା ? ବେଶୀ କଷ୍ଟ ହେଉଛି ? ତୁମେ ଶୋଇବାର ଚେଷ୍ଟାକର । ମୁଁ ଧିରେ ଧିରେ ହାତ ବୁଲାଉଛି । ଆଖି ପତାଟା ଦଣ୍ଡେ ପଡ଼ିଯାଇଥିଲା ।"

"ମିଛ କଥା ! ତୁମେ ଶୋଇନ । କାନ୍ଦୁଥିଲ, ଲୁହବୁନ୍ଦା ଗୁଡ଼ାକ ଗୋଡ଼ରେ ଲାଗିଛି, ତୁମ ଆଖି କହି ଦେଉଛି, କାନ୍ଦୁଥିଲ । ଢେର କଲଣି, ତୁମକୁ ମୁଁ କି ବିଶ୍ୱାସ ଦେବି ? ଯାହା ବା ଭଲ ହେବାର ସାହସ ବାନ୍ଧିଥାନ୍ତି ତୁମ କଥା ପିଲାଝିଲାଙ୍କ ଭବିଷ୍ୟତ, ଘର ବାବଦ୍ ଦେଣା, ବଂଶପ୍ରାଣୀଙ୍କ ଆମ ପ୍ରତି ବ୍ୟବହାର ଆଦି ଭାବି ମୁଁ ପ୍ରତିମୁହୂର୍ତ୍ତରେ ଭାଙ୍ଗି ପଡ଼ିଛି । ଯାଅ, ତୁମେ ଶୁଅ ଯାଅ, ରାତି ଗୋଟାଏ ହେଲାଣି । ଓଃ ! ଭାରି କଷ୍ଟ, ଜୀବନ ବାହାରିଯିବା ପରି ଲାଗୁଛି ।"

"କଣ ଆଉ କରିବି କୁହ ! ସବୁ ପ୍ରକାର ଚିକିତ୍ସା ତ ହେଲା । ଗୁଣି ଗାରିଡ଼ି ବି ବାଦ୍ ଦେଇନି । ଯିଏ ଯାହା କହିଲା ହୋମ, ଗ୍ରହଶାନ୍ତ, ସହସ୍ରକୁମ୍ଭ ସବୁ ତ ହେଲା । ଚବିଶ ବର୍ଷ ଧରି ଦୁହେଁ ଯେଉଁ ମହାଦେବ ଗୋସାଇଁକି ଜାବୁଡ଼ିଥିଲୁ, ସେ ବି ଆମକୁ ଚାହିଁଲା ନାହିଁ । ଏଥର କ'ଣ ଭାବୁଛି କହିବି ? କାଲି ସକାଳୁ ଠିକ୍ କରିଛି ଗଜେନ୍ଦ୍ର ବାବୁଙ୍କ ବୋହୂ, ଅମୂଲ୍ୟାର ମାଆ, ଆଉ କୁନ୍ତଳା ନାନୀ ସାଙ୍ଗରେ କାଳୀ ମନ୍ଦିରକୁ ଯିବି । ସମସ୍ତେ କହୁଛନ୍ତି ପ୍ରତ୍ୟକ୍ଷ ଠାକୁରାଣୀ । ସମସ୍ତେ, ଯିଏ ଯାଇଛି, ଫଳ ପାଉଛନ୍ତି । ବଜାର ଭିତରର କାଳୀ କଥା କହୁନି, ଶ୍ମଶାନ କାଳୀ । ତୁମେ ହଁ କରିବତ ଯିବି । କ'ଣ କହୁଛ ?"

"ଯାଅ, ମନା କରୁନି । ଲାଭ କିଛି ହେବନି । ତଥାପି ଦେଖ, ସାବିତ୍ରୀ ଯମ ମୁହଁରୁ ସତ୍ୟବାନକୁ ଆଣିଥିଲେ । ତୁମର ଯଦି ସେ ସତୀତ୍ୱଥିବ ମୋତେ ମାଆଙ୍କ ଦୟାରୁ ମୃତ୍ୟୁରୁ ରକ୍ଷା କରିପାର । ଓଃ ! ବହୁତ କଷ୍ଟ ହେଉଛି, ଗୋଡ଼ଟା କିଏ କାଟି ଦିଅନ୍ତା କି ଦିଖଣ୍ଡ କରି । ଯାଅ, ନରମା ଲୋକ ବିଶେଷତଃ ସ୍ତ୍ରୀମାନେ ଏ ଶକ୍ତି ଉପାସନା ନ କରିବା ଉଚିତ୍ । ରକ୍ତ, କଟାମୁଣ୍ଡ, ଲାଲ ଜିଭ, ତନ୍ତ୍ରମନ୍ତ୍ର, କପାଳ, କଙ୍କାଳ ଦେଖିଲେ ତ ମୁଣ୍ଡ ବିଗିଡ଼ି ଯିବ, ପୂଜା ପଣା କରିବ କ'ଣ ? ମୁଁ ଧର୍ମତତ୍ତ୍ୱ ବୁଝେନି ସାଧାରଣ ଲୋକ .....

Digitized by srujanika@gmail.com

ଯାଅ ଶୋଇବ ଯାଅ, ସକାଳୁ ଫେର୍ ଯିବ ପରା । ଟିକେ କେଉଁଠି ଭୁଲଭଟକା ରହିଗଲେ କଣ୍ଟା ଖାଇଯିବ । ସାବଧାନ୍ !"

ହେମ ମୋ କଥା ମାନି ଝାଡ଼ିଝୁଡ଼ି ହୋଇ ଉଠିଲା । ଦୀର୍ଘଶ୍ୱାସଟିଏ ପକାଇଲା ଓ ମୋ ଖଟ ପାଖ ଖଟିଆରେ ଅଣି ହୋଇ ମୋ ଆଡ଼କୁ ମୁହଁକରି ଶୋଇଗଲା । ତଳେ ଚଟାଣରେ ମଶିଣା ଖଣ୍ଡିକରେ ପିଲାଝିଲା କଖାରୁ ବୋଇତାଳୁ ପରି ଗଡୁଥାନ୍ତି । ଛେଉଣ୍ଡ ପରି ଚେହେରା ଦିଶିଲାଣି । ଆଶ୍ଚର୍ଯ୍ୟ କଥା ! ସେ ଶୋଇପଡ଼ିବା ସଂଗେ ସଂଗେ ମୋତେ ବି ନିଦ ହୋଇଗଲା । ନିଶାର ପ୍ରଭାବରେ ହେଉ ବା ମା' କାଳୀର ନାମଚାରଣରେ ହେଉ । ନିଦ ପୁଣି ଭାଜିଲା, ଝରକାପାଖ ଗୁହାଳ ଘର ଚାଳିଆରୁ ଗାଈ ବାଛୁରୀଙ୍କ ତ୍ୱକାହକାରେ ଏବଂ ଗାଈ ଦୁହାଁ ଚର୍ ଚର୍ ଶବ୍ଦରେ । ହେମ ନିଜେ ଗାଈ ଦୁହେଁ, ବୋଧହୁଏ ସେ କ୍ଷୀର ନେଇ ଶ୍ମଶାନ କାଳୀଙ୍କ ପାଖକୁ ଯିବ ବୋଲି ଆଜି ସହଳ ଉଠି ପଡ଼ି ଦୁହୁଁଛି ।

ମୋତେ ବଞ୍ଚାଇବା ପାଇଁ ଆଉ ଜଣେ ଯେ, ମୋ ପାଇଁ ତପସ୍ୟା କରୁଛି ଏପରିକି ସୀମା ଓ ପ୍ରକୃତି ବହିର୍ଭୂତ କୁଚ୍ଛ ସାଧନ କରିବାରେ ଲାଗିଛି ଏବଂ ଶ୍ମଶାନ କାଳୀର ଲେଲୀହାନ ସର୍ବଗ୍ରାସୀ ଜିହ୍ୱାର ମୁକାବିଲା କରିପାରୁଛି ସେହି କଥା ଭାବି ମୁଁ ଯତ୍ କିଞ୍ଚିତ ଶକ୍ତି ସାମର୍ଥ ସଂଗ୍ରହ କରି ରୋଗଯନ୍ତ୍ରଣା ସହିବାର ସଂକଳ୍ପ କଲି ।

ପ୍ରାୟ ସାତ୍ଟା ବେଳକୁ ପୂଜାଥାଳି ନେଇ ହେମ ଶ୍ମଶାନ କାଳୀ ମନ୍ଦିରରୁ ଫେରିଲା । ପିଲାଝିଲାଙ୍କୁ ସ୍କୁଲ ପଠାଇ ଦେଇ ମୋ ପାଖକୁ ଆସିଲା । ସ୍ପଞ୍ଜିଙ୍ଗ ଶେଷକରି ଚାଦର ବଦଳ କଲା, ମୋତେ ଏପଟ ସେପଟ ଓଲଟାଇ, ମୁହଁରେ ପାଉଡ଼ର ବୋଳିଲା, ଚୂଳ କୁଣ୍ଡାଇ ଦେଲା । ତା'ପରେ ପଞ୍ଚମୁଖୀ ଜବା ଫୁଲଟାଏ ମୋ ମୁଣ୍ଡରେ ଛୁଆଁଇ କାଳୀଙ୍କର ସିନ୍ଦୂର ମୋ ବେକରେ ଲଗେଇ ଦେଲା, ମୋ ଦିହର ସିନ୍ଦୂର ତା ସୁନ୍ଥାରେ ଲଗେଇବା ପରେ ମୋତେ ହରଲିକ୍ସ ପିଆଇଦେଇ ଔଷଧ ଦେଲା ଏବଂ ଅନ୍ୟ କାମକୁ ଗଲାବେଳେ କହିଗଲା କୃତାର୍ଥ ହୋଇ "ଏଥର ଦଣ୍ଡେ ଶୋଇବାର ଚେଷ୍ଟାକର କାଲି ରାତି ଭଲ ଶୋଇନ ।"

ନିମ୍ନ ମଧ୍ୟବିତ୍ତ ଘରର ସ୍ତ୍ରୀ ଗୁଡ଼ାକର ଜୀବନ କେଡ଼େ ପରିବାର ପକ୍ଷରେ ମୂଲ୍ୟବାନ ! ସେମାନେ କ'ଣ କରି ନପାରନ୍ତି ! ପିଲାଝିଲା ଜନ୍ମକରି ତାଙ୍କର ପ୍ରତ୍ୟକ୍ଷ ତତ୍ତ୍ୱାବଧନା ନେବାଠାରୁ ଆରମ୍ଭ କରି ସ୍ୱାମୀ ସେବା, ଗୋ ସେବା, ପୋଷା ଜୀବଜନ୍ତୁଙ୍କ ସେବା କରନ୍ତି ଭୋର ସକାଳରୁ କେତେ ରାତିଯାଏ । କ'ଣ କାମ ନ ଆସେ ତାଙ୍କୁ ! ଢ଼ିଙ୍କି କୁଟିବା, ମୁଢ଼ି ଭାଜିବା, ଭାତ ତିଅଣ ପିଠାପଣା କରିବା ଏମିତି କି ଗାଈ ବାଛୁରୀଙ୍କ ପାଇଁ ବେଳପାଇଲେ ମୁଠାଏ ଘାସ ବାଡ଼ିରୁ କାଟି ଆଣିବା, ଠକାମି ନାହିଁ, ଆଳସ୍ୟ ନାହିଁ । କଳା ବିଦ୍ୟାଳୟ କଣ ଊଣା ! ଯେଉଁ ଝୋଟି ଆଙ୍କିବେ, କାନ୍ଥରେ ଯେଉଁ ଲତାଫୁଲ ଜୀବଜନ୍ତୁ ଆଙ୍କିବେ ତାହା ପୋଖତ ଶିଳ୍ପୀ ଦେଖିଲେ ଦଣ୍ଡେ ଚାହିଁ ରହିବ । ସ୍ୱାମୀମାନେ ଦାଣ୍ଡରେ

Digitized by srujanika@gmail.com

ବିକାଶନ୍ତି ତାଙ୍କ ସ୍ତ୍ରୀଙ୍କ ଘରକରଣା ଗୁଣ ଯୋଗୁ ସିନା ! ସେବା ଶୁଶ୍ରୁଷାରେ ନାରୀ ଜାତିକୁ ବଳିବ କିଏ ? ନା ଭୋକ, ନା ଶୋଷ ନା ନିଦ, ନା ସଚିନ୍ତା । ହେମ ମୋତେ ତା ପୁଅମାନଙ୍କ ଭିତରୁ ଗୋଟାଏ ଭାବି ପାଲୁଛି । ସେକ୍ସ ଆଉ ନାହିଁ ଆମ ସଂପର୍କରେ, ଜୀବନ ନିୟନ୍ତ୍ରିତ କରୁନାହିଁ ।

ଓପର ଓଳି ମୋ ପାଖରେ ବସି ବଲବଲ ହୋଇ ମୋ ମୁହଁକୁ ଚାହିଁଥାଏ । ପଚାରିଲି "କାଳୀ କଣ କହିଲେ ? ରକ୍ଷା କରିବେନା ଆମକୁ ? ଶ୍ମଶାନ କାଳୀ କଥା ଛାଡ଼ ମୁଁ ତ କେବେ କେଉଁ କାଳୀଙ୍କୁ ଏମିତି କି କଲିକତା କାଳୀଙ୍କି ଦେଖିବାର ସାହାସ କରିପାରିନି, ସତରେ ମୋତେ ଭାରି ଭୟ ଲାଗେ । କୁହ ନା କଣ ଦେଖିଲ ।"

ହେମ ମୋ ବଥ ଗୋଡ଼ରେ ହାତ ବୁଲାଉଥାଏ ଓ କହୁଥାଏ । ସତରେ ଏମିତି ମୂର୍ତ୍ତି ଏମିତି ଅସ୍ଥାନ ସହର ବଜାରରେ ମିଳିବେ ନାହିଁ । ଯିମିତି ସୁନ୍ଦର ସେମିତି ଭୟଙ୍କର ଏ ପୀଠ । ଚାରିପଟେ ଶ୍ମଶାନ, ଦୁଇଟା ଝରଣା ମଝିରେ, ଯାହାକୁ କହନ୍ତି ମଶାଣିକୁଡ଼, ଅଙ୍ଗାର ପୋଡ଼ାକାଠ, କୋଚିଲା ଗଛ, ଶାଗୁଣା ପଲ, ବୁଲା କୁକୁର ଗଣ୍ଡା ଗଣ୍ଡା । ଦିନବେଳେ ବି ଡ଼ାହାଣୀ ଚିରିଗୁଣୀ ଭୂତ ପ୍ରେତ ବି ଦିଶିବେ । ଆମେ ଥିଲାବେଳେ ମୁର୍ଦ୍ଦାରଟାଏ ପୋଡ଼ା ହେଉଥିଲା ପାଖରେ । ମୁଁ କହିଲି "ଆଉ ମଶାଣି ମୁର୍ଦ୍ଦାର କଥା କୁହନି ମୋର ଦୁକ୍ଦୁକି ବନ୍ଦ ହୋଇଯିବ ତୁମ କଥା ବର୍ଣ୍ଣନା ଶୁଣିଲେ ।"

"ଆଉ କାଳୀ ମୂର୍ତ୍ତି ? ମୁଁ ବି ଡ଼ରୁଥିଲି କିନ୍ତୁ ତାଙ୍କୁ ଦେଖିଲା ମାତ୍ରେ ମୋର ଭୟ ଚାଲିଗଲା । ବୁଦୁବୁଦିଆ ଜଙ୍ଗଲ ଭିତରେ ଛୋଟ ମନ୍ଦିର । ଚାରିପଟେ କୁତୁଚି, କୋଚିଳା, କେନ୍ଦୁଗଛ । ଠାକୁରାଣୀର ମୁହଁ ଦାଉ ଦାଉ ଜଳୁଛି, ଖଣ୍ଡା ଖଡ୍ଗ ଚକ୍ ଚକ୍ କରୁଛି । ଡ଼ାହାଣ ହାତରେ ତାଜା ଜୀଅନ୍ତା କଟା ମୁଣ୍ଡଟା । ବେକରେ ଛୋଟ ଛୋଟ ଫୁଲହାର । ତଳେ ଚିତ୍‌ହୋଇ ପଡ଼ିଛନ୍ତି ଦେବାଦିଦେବ ମହାଦେବ । ମୋର ମନରେ ଦଣ୍ଡକେ କିମିତି କିମିତି ଭାବ ଆସିଗଲା । ଆଉ ସେ ପୂଜାରୀ ଯିମିତି ଠାକୁରାଣୀ ସିମିତି । ତିରିଶି ବତିଶି ବର୍ଷର ଟୋକା ଗୋରା ତକତକ ଦିହ, ମୁହଁରୁ ଆଲୁଅ ବାହାରୁଛି । ଏମିତି ପବିତ୍ର ସ୍ଥାନ ! ତୁମେ ଭଲ ହୁଅ ଦିନେ ଯିବା । ଆଶ୍ଚର୍ଯ୍ୟ କଥା ! ମୋ ମନ୍ଦାର ଫୁଲକୁ ପୂଜାରୀ ମାଆଙ୍କ ହାତରେ ଦେଇଛି ଦଣ୍ଡେ ପରେ ଖସି ପଡ଼ିଲା । ଭାରି ଭଲ ଲକ୍ଷଣ ବୋଲି ବ୍ରାହ୍ମଣ କହିଲେ ।" ମୁଁ ତନ୍ମୟ ଚକ୍ଷୁରେ ଚାହିଁଥାଏ ଚାରିଫୁଟ ଛଇଞ୍ଚର ପୁଞ୍ଜାଏ ସନ୍ତାନ ସନ୍ତତିର ମାଆକୁ, ମୋର ଦେବୀମୂର୍ତ୍ତି ହେମକୁ ।

ମୋର ଭୟ ହେଉଥାଏ ହେମର ଦିହ ଖରାପ ହୋଇଯିବ ଅତି ବେଶୀ ଘଟଣା ଓ ମନ ଉପରେ ପଡୁଥିବା ଚାପରେ । ମାତ୍ର ତାର କିଛି ହୁଏ ନାହିଁ, ମନର ବଳ ଟାଣ ଅତୁଟ ରହିଥାଏ ସଦା ସର୍ବଦା ଏକାପରି । ତାର ଆଶଙ୍କା ଯିମିତି ଦ୍ରୁତ ମିଳାଇ ଯାଉଥାଏ ମୋର ସ୍ୱାସ୍ଥ୍ୟର ଉନ୍ନତି ମୁଁ ନିଜେ ଅନୁଭବ କରୁଥାଏ । ଏବେ ନିଜେ ଉଠି ବସି ପାରିଲିଣି । ଦଶ ଯୁକ୍ତ ଦୁଇ ଯୁକ୍ତ ତିନିରେ ଜାତକଟିଏ ଉତୁରିଲାପରି ଔଷଧ ଯୁକ୍ତ

Digitized by srujanika@gmail.com

ହେମର ସେବା ଯୁକ୍ତ ଭାଗ୍ୟ ଅବା ମାଆର ଦୟାରେ ମୁଁ ପାରିବା ପଣିଆ ଫେରିପାଇଲିଣି ।

କାଲି କାଳୀପୂଜା, ଓପରବେଳା ମୋ ପାଇଁ ଚା' କପ୍ ଥୋଇଦେଇ ହେମ କହିଲା "ଶୁଣୁଛ, ପଦେ କଥା କହିବି ନ କହିବି ଭାବୁଛି କାଳେ ତୁମେ ରାଗିବ, କହିବି ନା ?" ମୁଁ କିଛି ଉତ୍ତର ନଦେଇ ତା'ରି ମୁହଁକୁ ପ୍ରଶଂସାମାନ ଚକ୍ଷୁରେ ଚାହିଁ ରହିଲି । କେମିତି ତା'ର ଋଣ ଶୁଝିବି ଏଇ ଚିନ୍ତାରେ ମଗ୍ନ ହୋଇ ।

କହିଲା "ମାଆଙ୍କ ଦୟାରୁ ତୁମେ ତ ପ୍ରାୟ ଭଲ ହୋଇଗଲ । ଘାଆ ଶୁଖିଗଲା, ଗୋଡ଼ ହାତର ଫୁଲା ଫୁଲା ଭାବ ଚାଲିଗଲା, ମୁହଁ ଆଖିର ରକ୍ତରଙ୍ଗ ବି ଫିଙ୍କା ସାଧାରଣ ହୋଇଗଲା, କାଲି ପଅରିଦିନକୁ ପାଦେ ପାଦେ ଚାଲି ବି ପାରିବ । ମୁଁ ଠାକୁରାଣୀ ପାଖରେ ସହଣି ମାନସିକ କରିଥିଲି ତାକୁ କଳାଝିମିରି ଶାଢ଼ୀ ଦେବି, ଭଲ ଢ଼ାଲଟାଏ ଦେବି ଆଉ ତାଙ୍କ ପୂଜାରୀ ବ୍ରାହ୍ମଣକୁ ଧୋତି ଯୋଡ଼ ଦେବି ବୋଲି ।"

ରୋଗରେ ପଡ଼ିବା ଦିନରୁ ଥଟ୍ଟା ତାମସାର କଥା ମୁଁ ହେମକୁ କହିନଥିଲି । ପୂଜାରୀ ବ୍ରାହ୍ମଣ ଟୋକା ଯାହାର ରୂପଗୁଣ ବିଷୟରେ କେତେଥର ସେ ମୋତେ କହିଥିଲା ତା'ରି ନାଁ ଶୁଣି କହିଲି, ତୁମେ ଠାକୁରାଣୀ ପାଖକୁ ଯାଅନା ଠାକୁର ପାଖକୁ ଯାଅ ? ପ୍ରଥମକରି ହେମର ଓଠର ସ୍ମିତ ଦେଖିଲି ।

ପରଦିନ ସକାଳେ କାଳୀ ପୂଜାର ସ୍ମାରକ ସ୍ୱରୂପ ଠୋ ଠୋ ଆୱାଜ ଚାରିପଟୁ ଆସୁଥାଏ । ମୁଁ ପିଣ୍ଡାରେ ବେଞ୍ଚରେ ବସି ପଡ଼ିଆରେ ଚରୁଥିବା ଗାଈ ପାଟ ଓ ତା' ବାଛୁରୀ ନେତକୁ ଚାହିଁଥାଏ । ହେମ କାଳୀମନ୍ଦିରରୁ ଫେରିଲା ଛୋଟିଆ ତୋଫାନ ବେଗରେ । ମୋର ଜଳଖିଆ ବେଳ ଗଡ଼ିଗଲାଣି, ସେଥିପାଇଁ ହୁଏତ । ଦଣ୍ଡେ ପରେ ଦେଖିଲି ମହନା ବୋଲି ଦିନ ମଜୁରିଆଟା ଓଦା କରିଆଟାଏ ପିନ୍ଧି ଥାଳିରେ କ'ଣ ଧରି ଯାଉଛି, ବୋଧହୁଏ ଶ୍ମଶାନ କାଳୀ ପାଖକୁ । କଦଳୀ ପତ୍ର ଉଠାଇ ଦେଖିଲି ବଡ଼ ଢ଼ାଲଟାଏ, ଲାଲ ଧଡ଼ିର ଧୋତି ଯୋଡ଼ ଏବଂ କଳାଝିମିରି ଶାଢ଼ୀ । ଢ଼ାଲଟି ସଫା ସୁତୁରା ହୋଇ ନୂଆପରି ଚକ୍‌ଚକ୍ ଦିଶୁଛି । ଧୋତି ଯୋଡ଼ାଟା ପଡ଼ିବାର କେତେ ମାସ ଆଗରୁ, ଆଉ କଳା ଝିମିର ଶାଢ଼ୀଟା କେତେବେଳେ କାହା ଦେଇ ହେମ ବଜାରରୁ ଅଣାଇଛି । ଏସବୁ ସରଞ୍ଜାମ ସାଙ୍ଗକୁ ପିଲାଙ୍କ ରୁଲଟଣା ଖାତା କାଗଜ ଟୁକୁରାରେ ଲେଖା କେତୋଟି ଅକ୍ଷରର ଚିଠି । "ନନା ଠାକୁରାଣୀଙ୍କ ପାଇଁ ଶାଢ଼ୀ, ଢ଼ାଲ, ତୁମପାଇଁ ଲୁଗା । ତୁମର ଦାସୀ ହେମ ।"

ମୋର ରୋଗଟା ବାହାରି ପଡ଼ିଲାକି ଆଉଥରେ ! ମୁଣ୍ଡ ଭିତରଟା କେମିତି କେମିତି ହେଲା, ଛାତି ଭିତର ନଡ଼ିଆ କୋରଣୀରେ କିଏ କୋରିଲାକି ଆଉ ? ସର୍ବାଙ୍ଗ ଝାଳରେ ଭିଜିଗଲା । କଣ ଲେଖିଛି 'ତୁମର ଦାସୀ' । ଏଇଥିପାଇଁ ଶ୍ମଶାନ କାଳୀ ମନ୍ଦିର, ଅନ୍ଧାର ବିଜେ, ପୂଜାରୀ ଟୋକାର ରୂପ ଗୁଣର ବାରମ୍ବାର ଏତେ ପ୍ରଶଂସା, 'ତୁମର ଦାସୀ' ! ମୁଁ

Digitized by srujanika@gmail.com

କ'ଣ ତୋର ଦାସ ତେବେ ? ମୋର ମୁହଁ ଆଖିକି ପୁଣି ରକ୍ତ ପ୍ରବାହ ଛୁଟିଲା । ବଥ ମୁହଁଟା ପୁଣି ଫିଟି ଯିବକି ?

ଚିତ୍କାର କଲି "ହେମ! ହେମ" ମୋର ମଥା ଖରାପ ଅବସ୍ଥାରେ ମହନା ଅବସର ପାଇ ଗନ୍ତବ୍ୟ ସ୍ଥାନକୁ ଚାଲିଗଲା ।

ମୋର ହୁକୁମୀ ଗଳା ସ୍ୱରରେ ହେମ ସଂଗେ ସଂଗେ ହାଜିର ହେଲା ଏବଂ ଏକାବେଳକେ ନିଷ୍ପାପ ଚକ୍ଷୁରେ ସାମନା ସାମନି ମୋତେ ଚାହିଁଲା, ସେ ଚାହାଁଣିକୁ ମୁଁ ଛଳନା ଧରିନେଲି । ଦୁର୍ବଳ ଦେହକୁ କଦଳୀପତ୍ର ପରି ଥରାଇ ଚିତ୍କାର କଲି "ଦାସୀ କାହାକୁ କୁହାଯାଏ ଜାଣ ? କାଳୀମନ୍ଦିରରେ ପୂଜାପଣା ହୁଏ ନା ନାଚ ତାମସା ହୁଏ ? ତୁମେ ଆଜିଠୁ ଆଉ ପୂଜାକୁ ଯିବ ନାହିଁ । ମୋର ବଞ୍ଚିବାର ଇଚ୍ଛା ବା ଆଗ୍ରହ ନାହିଁ ତୁମର ପୂଜା ଉପାସନା ଜରିଆରେ । ବୁଝିଲ ?"

"ହଁ, ହେଲା । ବୁଝିଲି । ତିନି କ୍ଲାସ ପାଠ ପଢ଼ି ଦାସ ଦାସୀର ଫରକ୍, ଅର୍ଥ, ମୁଁ ବୁଝିନି, ଯାକୁ ତୁମେ ଚିଠି କହୁଛ ? ବେଶ୍ ଯିବିନି ଆଜିଠୁ । ତୁମେ ହଁ କହୁଥିଲ ଯାଉଥିଲି, ଆଜି 'ନା' କହିଲ ଯିବିନି । ତୁମେ ଆଉ ସାନ କଥାକୁ ବଡ଼କରି ମନ ଖରାପ କରନି । ଯାଅ, ବିଛଣାରେ ଶୋଇବ ଯାଅ । ଛୁଆଙ୍କ ଇସ୍‌କୁଲ ବେଳ ହେଲାଣି; ନା ନା ଆଜି କାଳୀପୂଜା ଛୁଟି । ମୋର ବି ମଥା ଖରାପ କରିଦବ ତୁମେ ।"

ହେମ କଥା ମାନି ପୁଣି ଖଟକୁ ଯାଇ ଶୋଇଲି । ଦଣ୍ଡେ ପରେ ପ୍ରକୃତିସ୍ଥ ହେଲି ଏବଂ ଦେଖିଲି ଯେ ରୋଗିଣା ମିଜାଜ୍‌ରେ ହେମ ଉପରେ ଅଯଥା ଅତିବେଶୀ ଚିଡ଼ିଗଲି । ଅନୁତାପ କଲି ଏବଂ ପ୍ରାୟଶ୍ଚିତ୍ତ ବିଧାନ ଉଦ୍ଦେଶ୍ୟରେ ବେଳ ବୁଡ଼କୁ ମହନାକୁ ଡ଼ାକି ରିକ୍ସାଟାଏ ଆଣିବାକୁ କହିଲି । ତାକୁଇ ଘର ପିଲାଝିଲାଙ୍କୁ ଜଗିବାକୁ କହି ମୁହଁ ସଞ୍ଜରେ ହେମ ଆଉ ମୁଁ ବାହାରିଲୁ ବଜାର ଭିତରର ଏକ ସୁପ୍ରସିଦ୍ଧ ମାହାତ୍ମ୍ୟମୟ ଆଉ ଏକ ଠାକୁରାଣୀ ମନ୍ଦିରକୁ, ସନ୍ଧ୍ୟା ଆରତି ଦର୍ଶନ ପାଇଁ । ଆଠ ମାସରେ ଆମର ଏ ଯୁଗଳ ଭ୍ରମଣର ସୁଯୋଗ । ଶ୍ମଶାନ କାଳୀଠାରୁ ସେ ଠାକୁରାଣୀ ଆଉ ପାହୁଚେ ଉଚ୍ଚ । ସେ ନିଜେ ନିଜ ପୁଅମୁଣ୍ଡ କାଟୁଛନ୍ତି ପନିକୀରେ । ହେମ ପାର୍ଶ୍ୱଦର୍ଶନ କରି ଫେରିଲାରୁ ଦୁହେଁ ମାର୍ବଲ ଚଟାଣରେ ଲମ୍ବତମ୍ବ ହୋଇ ଯୋଡ଼ି ହୋଇପଡ଼ିଲୁ । ଭାବାବେଗରେ ଭାବ ବିହ୍ୱଳ ହୋଇ ମୁଁ ଠାକୁରାଣୀକି ମନାସିଲି ଏକ ଚିଜ ଯାହା ମୁଁ ଚେତା ଅବସ୍ଥାରେ କେବେ କଳ୍ପନା କରିବା ଠଉରାଇ ପାରିନଥାନ୍ତି । ଫେରିଲାବେଳେ ସିନ୍ଦୁର ବେଲପତ୍ର ଧରି ହେମକୁ କହିଲି, "ମୁଁ ମାଆଙ୍କୁ ବୋଦାଟାଏ ଦେବି ବୋଲି ମନାସି ଆସିଲି, ମକର ବେଳକୁ ।" ହେମ ଦଣ୍ଡେଯାଏ ଗୁମ୍ ମାରି ରହିଲା, ସେଇ ହେଲା ତା'ର ମୋ ମନାସର ଜବାବ୍, ପ୍ରତିକ୍ରିୟା ।

ମକର ଯେତିକି ଯେତିକି ପାଖହୋଇ ଆସୁଥାଏ ମୁଁ ସେତେ ସେତେ ସକ୍ରିୟ ସ୍ୱାସ୍ଥ୍ୟ ଫେରି ପାଉଥାଏ । ପକ୍ୱ ଶସ୍ୟର ସମ୍ଭାର ସହିତ ମଣିଷର ବଞ୍ଚିବା ଆଶା ବି ବଢ଼ି ବଢ଼ି

Digitized by srujanika@gmail.com

ଚାଲିଥାଏ । ମୁଁ ସାଇକେଲ ଚଢ଼ି ପାଖ ଆଖରେ ହାଟ ବୁଲାବୁଲି କରି ଖୋଜୁଥାଏଁ ସହଣି ବୁଝିବା ଜୀବଟାକୁ । ହେଲେ ଯାହା ଦେବଦେବୀଙ୍କ କାମ୍ୟ ବାଂଛିତ ମଣିଷର ତାହା ନୁହେଁ । ଦେବୀ ବୋଦା ପ୍ରିୟ, ମଣିଷ ଖାସି ଚାହେଁ । ଚାରି ପାଞ୍ଚ ହାଟ ବୁଲି ମଧ ଗୋଟିକର ସନ୍ଧାନ ପାଇଲି ନାହିଁ । ମକର ଆଉ ସାତଦିନ । ମୁଁ ପ୍ରାୟ ବିଚାରବୁଦ୍ଧି ଶୂନ୍ୟ । ଭାବିଲି, ସୁନାମୁଖି ହୀରାହାର ଠାକୁରାଣୀକି ନ ଯାଚି ବୋଦା ଯାଚିଲି କାହିଁକି ? ମଣିଷ ମୁଣ୍ଡଠୁ ବୋଦା ମୁଣ୍ଡର କଣ ବେଶୀ ଦାମ୍ ହେବ ? ମହନାକୁ ଡ଼ାକି କହିଲି "ମହନା ! ତୁ ପଚାଶଟଙ୍କା ନେଇ ଯାଆ ଯାଇ ସାଇ ବୁଲିବୁ । ଯେତେ ଛୋଟ ହେଲେ ବି ବୋଦାଟାଏ ଯୋଗାଡ଼ କରି ମକର ଦିନ ଠାକୁରାଣୀ ପାଖରେ ବଳିଦବୁ । ମାଆକୁ (ହେମକୁ) କିଛି କହିବୁ ନାହିଁ । ମୁଣ୍ଡରେ ଛୁଆଁଇବା ପାଇଁ ସାମାନ୍ୟ ଟିକିଏ ପ୍ରସାଦ ଆଣିଦେବୁ ।"

ମହାମୂର୍ଖ ମହନା ମକର ଦିନ ଓପର ଓଳି ପ୍ରାୟ ପାଞ୍ଚଟାବେଳେ ଶାଳପତ୍ର ଦନାରେ ଫୁଲପ୍ରସାଦ କଣ ଧରି ଆସିଲା । ଯେବେ ଦନାଟି ରଖିଦେଇ ଘରକୁ ଚାଲିଯାଇଥାନ୍ତା ତେବେ କିଛି ଅନର୍ଥ ଘଟିନଥାନ୍ତା । ତା ନ କରି ସେ ନିଜର କରାମତି, ସମର୍ଥ, ବାହାଦୁରୀ ଆମ ଆଗରେ ଦେଖାଇବାକୁ ଯାଇ ମୋ ଆଗରେ ନୁହେଁ ହେମ ଆଗରେ ଏକା ନିଃଶ୍ୱାସକେ କହିଗଲା, "ବାବାରେ ଭିଡ଼ ! ବେଳ ଘଡ଼ିଏରୁ ଠିଆ ହେଇଛି ଯେ ଚଉଦ ଘଡ଼ିରେ ଯାଇ ଭୋଗ ସରିଲା । ଏତିକି ସାନ ବୋଦାଟା, କିଲେ ମାଉଁସ ବାହାରିବ କି ନାହିଁ ନା ଚାଲିପାରୁଛି ନା ଠିଆ ହୋଇପାରୁଛି । ସେଇ ଚାଖଣ୍ଡକ ବୋଦାକୁ ଚାଳିଶ ଟଙ୍କା । ମାସେ ଦୁଇମାସର ଛୁଆ, ମା'ଠୁ ଦୁଧ ଖାଉଥିଲା, ଘାସ ବି ଭଲକରି ଖାଇପାରୁନଥିଲା । ଯଦି ବା କାଟେଇ କାନ୍ଧେଇ ନେଲି ମନ୍ଦିର ବେଢ଼ାଯାକ ଛେଳି, ଶହେ କି ହଜାରେ ହେବେ । ଜଣେ ଦେହୁରୀ କେତେ ହାଣିବ, ଶୀତ ଦିନରେ ବି ଝାଳନାଳ ହୋଇଯାଇଥାଏ । ମୁଣ୍ଡ ଗଦା ହୋଇଥାଏ ପାହାଡ଼ ଉଞ୍ଚା । ଦକ୍ଷିଣା ଦଶଟଙ୍କା ନେଲା, ମୁଣ୍ଡ ବି ନେଲା । ବାକୀ ଏତିକି ଯେ ଠଣ୍ କରି ମୁଣ୍ଡଟା ଏକାଥରକେ ଛିଣ୍ଡିଗଲା । ଶୁଭ ହେବ, ଦେହୁରୀ ବୁଢ଼ା କହିଲା । ଭୋଗ ରହିଲା ମା' ମୁଁ ଯାଉଛି । ପାଇଦବ ଟିକେ ଟିକେ ମୁଣ୍ଡରେ ଛୁଆଇଁ, ବେଲପତ୍ର ବି ସେଇ ସାଙ୍ଗରେ ଅଛି ।"

ହେମ ଜୁଳୁଜୁଳୁ ଚାହିଁ ରହିଥାଏ, ଶାଳପତ୍ରର ଦନା ଆଡ଼କୁ ଯେଉଁଠି ଭୋଗ ଆଉ ବେଲପତ୍ର ଥିଲା । ମୁଁ ଯେମିତି ସନ୍ତର୍ପଣରେ କହିଛି ନେଇଯାଅ, ରାନ୍ଧିଦବ, ସମସ୍ତେ ଟିକେ ଟିକେ ପାଇଦେବା ।" ହେମ ମୁହଁ ଛିଞ୍ଚାଡ଼ି କହିଲା, "ଭୋଗ ହେଉ ଯାହା ହେଉ ମୁଁ ଛୁଇଁବି ନାହିଁ, ଠାକୁରାଣୀ ମତେ ଖାଇଯାଆନ୍ତୁ ବରଞ୍ଚ କି ମୁସ୍କିଲ୍ କଥା । ତୁମେ ମତେ କଣ କରି ପାଇଲ ? ମୁଁ ସତ୍ୟଯୁଗର ମଣିଷ ଯେ କର୍ଣ୍ଣ ଓ ତାର ସ୍ତ୍ରୀ ପରି ପୁଅମୁଣ୍ଡ କରତରେ କାଟି ହାତରେ ନିଜେ ରୋଷେଇ କରି ବୁଢ଼ା ବ୍ରାହ୍ମଣକୁ ଦେବି ?" ସାପ ପରି ଫଁ ଫଁ ଶବ୍ଦ ବନ୍ଦକରି କହିଲା ନରମ ଗଳାରେ "ବୁଝିଲ ନାଁ ! ଆଉ କେଜାଣି ସହି

Digitized by srujanika@gmail.com

ପାରିବନି । ମୋ ମୁଣ୍ଡ ଭିତରଟା କିମିତି ହୋଇଯାଉଛି । ମୋତେ ଜଣାପଡୁଛି ଗୋଟାଏ ମୁଣ୍ଡ ଦେଇଦେଲ ଆଉ ଗୋଟାଏ ମୁଣ୍ଡ ଖାଇଦେଲ।" ଭୋଗଦନା ଉଠାଇ ସମସ୍ତଙ୍କ ମୁଣ୍ଡରେ ଛୁଆଇଁ ଦେଲି । ବାସ୍ ସେତିକି । ରାନ୍ଧି ପ୍ରସାଦ ପାଇବା ନୋହିଲା ।

ସତ କଥା । ମଣିଷ କାଠ ପଥର ନୁହେଁ । ପୁଣୀ ନାରୀ, ଯୁଗେ ଯୁଗେ କୋମଳତା ପାଇଁ ସେମାନଙ୍କ ଖ୍ୟାତି ଅଛି । ସହିବାର ଶକ୍ତି କଣ ଅମାପ ? ଛଅମାସ ଧରି ମୋରି ପାଇଁ ସେ ଦିହକୁ ଦିହ ନଭାବି ଦିନରାତି ଖଟି ଚାଲିଥିଲା । ମୋତେ ଔଷଧ ହେଉ ସେବା ଶୁଶ୍ରୂଷା ହେଉ, ଗୁଣିଗାରିଡ଼ି ପୂଜାପଣାରେ ହେଉ ଆରୋଗ୍ୟ ମଧ କରିଥିଲା । କିନ୍ତୁ ମୋର ଦୁର୍ବୁଦ୍ଧି ସାଙ୍ଗକୁ ମହାମୂର୍ଖ ମହନାର ବର୍ଣ୍ଣନାଚାତୁରୀ ଉଭୟ ନାରୀର ଓ ମାତୃତ୍ୱ ଉପରେ ନିଦାରୁଣ ଚାପ ଓ ଯନ୍ତ୍ରଣା ଦେଲା ଯାହା ଫଳରେ ମନର କବ୍‌ଜାଗୁଡ଼ାକ ଢ଼ିଲା ହେବା ସାଭାବିକ୍ ।

ସେଦିନ ରାତି ହେମ ଶୋଇନାହିଁ । ରାତିଯାକ ଇତସ୍ତତଃ ଘୁରାଫେରା କରୁଥିବାର ମୋତେ ଜଣାପଡ଼ିଲା । "ଶୋଇନି ?" "ଶୋଇପଡ଼ ଦଣ୍ଡେ ଘଡ଼ିଏ"- ଏମିତି ପଦେ ଅଧେ କେତେବେଳେ ରେକର୍ଡ଼ ବଜାଇଲାପରି କହୁଥାଏ । ଥରେ ଅଧେ ଉଠିଯାଇ ଦେଖିଲେ କିମିତି ଅପାର୍ଥିବ ଚାହାଣିଟାଏ ସେ ମୋ ଆଡ଼କୁ ପକାଏ । ଏଗୁଡ଼ା ସେଗୁଡ଼ା ସାଇତା ସାଇତି ଫୋପଡ଼ା ଫୋପଡ଼ି କରୁଥାଏ ଯିମିତି ସମସ୍ତ କାର୍ଯ୍ୟ ଲକ୍ଷ୍ୟହୀନ, ଉଦ୍ଦେଶ୍ୟହୀନ । ରାତିଯାକ କିନ୍ତୁ ମୁଁ ଶୁଣୁଥାଏ ଗୋଟିଏ ବାକ୍ୟ "ଗୋଟିଏ ମୁଣ୍ଡ ଦେଇଦେଲ, ଗୋଟିଏ ମୁଣ୍ଡ ଖାଇଦେଲ ।"

ମକର ଦିନର କଟାମୁଣ୍ଡ ଘଟଣା ପରେ ଯେଉଁ ପ୍ରତ୍ୟାଶିତ ଅଘଟଣ ପରଦିନ ଘଟିଲା ତାହା ମୁଁ କେବଳ ନୁହେଁ ସର୍ବସାଧାରଣ ଦେଖିଲେ ଏବଂ କେତେକ ଉପଭୋଗ କଲେ ମଧ । ସକାଳ ପ୍ରାୟ ସାତୁଟା ହେବ କଣ ଏକ କିଳିକିଳା ନାଦ ଶୁଣି ପିଣ୍ଡାକୁ ବାହାରି ଦେଖେ ତ ହେମ ଚୂଳ ଛାଡ଼ି କଳା ଶାଢ଼ୀ ପିନ୍ଧି କଲିକତାରୁ ଅଣା ବହୁବର୍ଷ ତଳର ଶିବଙ୍କ ଫଟୋ (ଯାହା ବର୍ଷ ବର୍ଷ ଧରି ଆମେ ଦୁହେଁ ପୂଜା କରୁଥିଲୁ) ଜାବୁଡ଼ି ଧରି ଧାଇଁଛି ଶ୍ମଶାନ କାଳୀ ମନ୍ଦିର ଉଦ୍ଦେଶ୍ୟରେ । ଗାଈବାଛୁରୀ, କୁକୁର ଏମିତି କି ସାଇପଡ଼ିଶା, ତାର ଗତି ରୋକି ପାରୁନାହାନ୍ତି । ବିକଳ ସରରେ ମୋ ପୁଅଙ୍କ ପିଲାଝିଲା ଅସହାୟ ହୋଇ ମାଆ ମାଆ ରଡ଼ି ଛାଡୁଛନ୍ତି । କିନ୍ତୁ ଏ ସମସ୍ତ ଗୋଳମାଳ ଭେଦି ହେମର ସର ଶୁଭୁଛି "ଗୋଟିଏ ମୁଣ୍ଡ ଦେଇଦେଲ ଗୋଟିଏ ମୁଣ୍ଡ ଖାଇଦେଲ ।" ବାରମ୍ବାର ସେଇ ପଦକ ଯାହାର ଅର୍ଥ ମୋ ଛଡ଼ା କେହି ବୁଝୁନାହାନ୍ତି । ମୁଁ ଏକ ମୂକଦ୍ରଷ୍ଟା, ଅବିମୃଶ୍ୟକାରୀ, ନିଷ୍କ୍ରିୟ, ହେମକୁ ଛାଡ଼ି ମୋର ଅସ୍ତିତ୍ୱ ନାହିଁ, ସେ ଭାଙ୍ଗିପଡ଼ିଲେ ମୋର ଧ୍ୱଂସ ଅନିବାର୍ଯ୍ୟ ।

ଦୁଃଖ କାହାଣୀ ଆଉ ବିଶଦ୍ ବର୍ଣ୍ଣନା ନ କରି ଏତିକି କହିଲେ ଯଥେଷ୍ଟ ହେବ ଯେ ପରବର୍ତ୍ତୀ କେତେମାସ ଗୁଣିଆଁ, ପୁରୋହିତ, ଡ଼ାକ୍ତରମାନଙ୍କ ଦାୟିତ୍ୱରେ ଠାକୁରାଣୀ

Digitized by srujanika@gmail.com

ପୀଠ, ମନ୍ଦିର ଏବଂ ମେଣ୍ଟାଲ ହାସ୍‌ପାତାଳରେ ହେଉ ନ ହେଉ ଏତିକି ଅନ୍ତତଃ ଦେଖିଲି ଯେ, 'ଗୋଟିଏ ମୁଣ୍ଡ' ପଦକ ସେ ଆଉ ଭଜୁନାହିଁ । ଧୀର ସ୍ଥିର ନିରୀହ ଝିଅଟିପରି ଶୂନ୍ୟ ଚାହାଣୀରେ ବସିଥାଏ । କଥା ଓ କାମରେ କେତେବେଳେ କେମିତି ଭୁଲ୍‌ଭଟକା ହୁଏ ଦିନବେଳା, ସନ୍ଧ୍ୟାବେଳକୁ ଟିକେ ଥଣ୍ଡା ପଡ଼ିଲେ ପାଖକୁ ଆସେ, ବସେ, ସୁଖ ଦୁଃଖ ହୁଏ ଏବଂ କୁହେ "କାହିଁକି ମୋ ମୁଣ୍ଡଟା ଖୁବ୍ ଭାରି ବେଳେ ବେଳେ ଜଣାଯାଉଚି, କିଏ କାଟିଦିଅନ୍ତା କି ଆରାମ ଲାଗନ୍ତା ।" ଆଉ କେବେ ଦିନେ କହେ "ତୁମେ ଭାରି ଭଲ ମଣିଷ, ମୁଁ ଅଯୋଗ୍ୟ ତୁମର, ମୋତେ କାହିଁକି ରଖିଛ ? ମୁଁ ତ ତୁମର କୌଣସି କାମରେ ଆସୁନି, ମୋ ବେକଟା ଧାରୁଆ ଖଣ୍ଡାରେ ଛକ୍ କରି କାଟିଦିଅ, ମୁଁ ମୁକ୍ତି ପାଇଯିବି, ମୁଁ ବଞ୍ଚିଥିଲେ ଛୁଆପିଲାଙ୍କ ଭବିଷ୍ୟତ ଖରାପ ହୋଇଯିବ । ମୁଣ୍ଡଟା ବେଳେ ବେଳେ ଖୁବ୍ ମନ୍ଥି ଚକଟି ଗୁଡ଼ାଏ ପୋକ ବିଛା ସାଲୁବାଲୁ ହେଉଛନ୍ତି, କାମୁଡୁଛନ୍ତି, କୋରି ଖାଇ ଯାଉଛନ୍ତି । ମୋତେ ଖଣ୍ଡାରେ ଛକ୍ କରି ଦିଗଡ଼ କରି କାଟିଦିଅ । ଆରାମ ଲାଗିବ ।"

ହେମକୁ ମୁଁ କିଛି କାମ କରିବାକୁ ଦିଏନି, ପୂର୍ଣ୍ଣ ବିଶ୍ରାମ ଦିଏ, କିଛି ଚିନ୍ତା ଭାବନା ମୁଣ୍ଡକୁ ଯିମିତି ନ ପଶେ ତାର ବ୍ୟବସ୍ଥା କରେ । ସ୍ଥାନ ଓ ପରିବେଶ ପରିବର୍ତ୍ତନ ପାଇଁ ଯେଉଁ ପରାମର୍ଶ ଓ ନିଦାନ ମିଳିଥିଲା, ତାହାର ସୁଯୋଗ ମିଳିଲା ସରକାର ବାହାଦୁରଙ୍କ ଏକ ବଦଳି ଆଦେଶରେ ଦୂର ଦିଗନ୍ତର ସ୍ଥାନକୁ । ଯେଉଁ ଘରକୁ ହେମ ବେଦନାର ମଞ୍ଜିପରି ସଜ୍ଜ ଜାଗାରେ ସଜାଇ ରଖିଥିଲା ତାର ଭଙ୍ଗାରୁଜା, ଇତସ୍ତତଃ ଜିନିଷପତ୍ରର ଫୋପାଡ଼ା ଫୋପାଡ଼ି ବିଶେଷତ ପାରା ଭାଡ଼ିରେ ପାରାମାନଙ୍କ ନିରାଶ୍ରୟ ପାକପାକୁମ୍‌କୁମ୍ ଶବ୍ଦ ଓ ପୁଷି ବିରାଡ଼ିର ଅସହାୟ ନୀଳ ଚାହାଣୀ, ସର୍ବୋପରି ଗାଈ ବାଛୁରୀଙ୍କ ମଫସଲକୁ ପ୍ରସ୍ଥାନ ହେମର ଧୈର୍ଯ୍ୟ ଓ ସହନଶୀଳତାକୁ ଶେଷ ସୀମାରେ ଥୋଇଦେଲା । ଅଳ୍ପଦିନ ତଳେ ମୁଁ ଯେପରି ତା' ପକ୍ଷରେ ଏକ ବିରାଟ ବୋଝ ଓ ଦାୟିତ୍ୱ ହୋଇଥିଲି ସେ ଆଜି ମୋର ପ୍ରତିଶୋଧ ନେଉଛି । "ଭିଟାମାଟି ଉଚ୍ଛନ୍ନ" ପରିବାରଟି ଅବଶେଷରେ ପହୁଞ୍ଚିଲା ଯେଉଁ ସ୍ଥାନରେ ତାହା ଆମ ପକ୍ଷରେ କଳାପାଣି । ସମ୍ପୂର୍ଣ୍ଣ ବିପରୀତ ପରିବେଶ ସଭ୍ୟତା ସଂସ୍କୃତିର ପୀଠ । ସଭ୍ୟତାର ପ୍ରତୀକ ଆକାରରେ କେବଳ ଛୋଟିଆ ଟ୍ରେନ୍‌ଟା କୁଉ କୁଉ କରି ଦିନରେ ଦି'ଥର ସକାଳେ ସଞ୍ଜରେ ଯା' ଆସ କରେ ଏକ ପାହାଡ଼ରୁ ଅନ୍ୟ ଏକ ପାହାଡ଼କୁ ।

ନୂତନ ପରିସ୍ଥିତି ଓ ପରିବେଶର କଳନା ପରିଚୟ ପାଇଁ ଏବଂ ମନକୁ ବାକ୍‌ପ୍ରବଣ କରିବା ପାଇଁ ଦିନେ ସକାଳେ ଛୋଟ ସହର ମୁଣ୍ଡଯାକେ ଦୁହେଁ ଯାଇଥାଉଁ । ଦେଖିଲୁ ଧାଡ଼ିଧରି ତିନିଚାରିଟା କଂସେଇ ମାଂସ ଦୋକାନରେ ଦଶ କୋଡ଼ିଏଯାକେ କଟା ଛେଳିମୁଣ୍ଡ ସାମନାରେ ଥୋଇଛନ୍ତି ଓ କେତୁଟା ଗଣ୍ଡି ମଧ ଝୁଲାଇଛନ୍ତି । ବାସ୍ ! ଯାହା

Digitized by srujanika@gmail.com

ପଦେ ଅଧେ 'ଏଇଟା କ'ଣ ?' 'ସେଇଟା କ'ଣ ?' ହେମ ପାଟିରୁ ବାହାରୁଥିଲା ତାହା ବନ୍ଦ ।

ଦୁର୍ଭାଗ୍ୟ ଓ ଦୁର୍ଯୋଗର ଶେଷ ପର୍ଯ୍ୟାୟରେ ଆମେ ଫେରିଲାବେଳେ ରାସ୍ତା କଡ଼ର ମନ୍ଦିର ଗୋଟାକୁ ପଶିଯାଉଛୁ ଆମେ ଆଖି ଆଗରେ ଚାରିହାତ ଦୂରରେ ଯୁପକାଠରେ ଥିବା ଛେଳିଟାକୁ ଦେହୁରୀ ଠଣ କରି ହାଣିଦେଲା । କେହି କାହାକୁ କିଛି ନ କହି ଦୁହେଁ ଘରକୁ ଫେରିଲୁ । ବାଟଯାକ ହେମର ଗୋଡ଼ ଦି'ଟା ଏଠି ସେଠି ପଡୁଥାଏ, ସେ ପ୍ରାୟ ସର୍ବାଙ୍ଗ ଥରୁଥାଏ । କେଉଁ ମଣିଷ ବା ଗୋରୁଗାଈର ମୁଣ୍ଡ କଟିଯିବ ସେଥିପାଇଁ ସତର୍କ କରିବାକୁ ଟ୍ରେନ୍ କୁକୁଉଉଉ ବଂଶୀ ନାଦରେ ସେ ଥରେ ମାତ୍ର ସିଆଡ଼କୁ ଅନାଇ ଥିଲା । ଦିନଯାକ ନ ଖାଇ ନ ପିଇ ଶୋଇରହିଲା ।

ସେଦିନ ରାତି ଦଶଟାବେଳେ ଦୁଃଖ ସୁଖ ହେବାପାଇଁ (ଯାହା ସେ ପ୍ରତିଦିନ କରେ) ହେମ ଆସି ଖଟରେ ବସିଲା ଏବଂ ଧୀରେ ଧୀରେ ଯେଉଁ ଗୋଡ଼ରେ ମାରାତ୍ମକ ବଥଟା ହୋଇଥିଲା । ତାରି ଉପରେ ହାତ ବୁଲାଇଲା । ଆଖିରେ କିନ୍ତୁ ଆଜି ଲୁହ ନଥିଲା ।

ଆରମ୍ଭ କଲା "ଗୋଟିଏ ମୁଣ୍ଡ ଦେଇଦେଲ ଗୋଟିଏ ମୁଣ୍ଡ ଖାଇଦେଲ ।" ମୁଁ ଆତଙ୍କିତ ହେଲି ପୁଣି ବିକୃତି ବାହାରିଲା ଜାଣି । "ତୁମକୁ ରେଳ ହୁଇସ୍ଲ ବଂଶୀ ପରି ଶୁଭେନି ? ମୋତେ ଶ୍ରୀକୃଷ୍ଣଙ୍କ ବଂଶୀ ପରି ଶୁଭେ । କୃଷ୍ଣ କଳା ଇଞ୍ଜିନ କଳା ।" ଟିକିଏ ବିରକ୍ତ ହୋଇ କହିଲି "ସକାଳୁ ତ କୃଷ୍ଣ ଡ଼ାକୁଥିଲେ, ଗଲନି କୁଣ୍ଢେଇ ଧରିଥାନ୍ତ ।" ମୋ କଥା ନଶୁଣିଲାପରି କହିଲା, 'କୃଷ୍ଣ ଯିଏ କାଳୀ ସିଏ ।' ମୁଁ କହିଲି 'ଗଣ୍ଡି ଯିଏ ମୁଣ୍ଡ ସିଏ ।' ସେ ଯିମିତି ତା'ପରେ କହିଛୁ 'ମୁଣ୍ଡ ଗଣ୍ଡି ସିଲେଇ କରି ଯୋଡ଼ି ହବନି ?' ମୁଁ କହିଲି 'ତୁମ ମୁଣ୍ଡ ଠିକ୍ ନାହିଁ, ଯାଅ ଶୋଇବ ଯାଅ, ଆଜେ ବାଜେ ବକନି, ମୋତେ ନିଦ ମାଡ଼ିଲାଣି ।' ଧୀର ପଦରେ ନାରୀମୂର୍ତ୍ତିଟି ନୀଳ ଆଲୁଅ ଦେଇ ଅନ୍ୟ କୋଠରୀକି ଅପସରି ଗଲା ।

ପରଦିନ ଭୋର ସକାଳେ ସାନଝିଅର ମାଆ ମାଆ ଡ଼ାକ ଶୁଣି ଉଠିଗଲି । ଯାଇ ଦେଖିଲି ହେମ ନାହିଁ, ବାକ୍ସ ଖୋଲା । ବହୁ ଦିନର ସାଇତା ବାହାଘରର ଉପୁରାଣ ଶାଢ଼ୀ ସାଙ୍ଗକୁ ନୂଆ ଲୁଗାପଟା ପିନ୍ଧି ଅଭିସାରିକା ଘର ଛାଡ଼ି ଶାମକୁ (ମରଣ ହେ ତୁହୁଁ ନାମ ଶାମ ସମାନ) ଭେଟିବାକୁ ଚାଲିଯାଇଛି ରେଳ ଲାଇନ୍ ଯମୁନା କୂଳକୁ ।

ତା'ପରେ ଯାହା ଘଟିଲା ତାହା ପୋଲିସ୍ ପୁଅ ଓ ପଡ଼ିଶାମାନେ ଜାଣନ୍ତି । ଲୋକେ ଯାହା ମନକୁ, ମୁହଁକୁ ଆସିଲା କହିଲେ । କିଏ କହିଲା, 'ପାଗଳୀଟା, ଏଣେ ତେଣେ ବୁଲୁଥିଲା ।' କିଏ କହିଲା 'ପାପଗର୍ଭ ଥିଲା' କିଏ କହିଲା 'ତା ସାମୀ ତାକୁ ବାଡ଼ଉଥିଲା' ଆଉ କିଏ କହିଲା 'ତା ସାମୀ ମାରିଦେଇ ରେଳ ଲାଇନରେ ଶୁଆଇ ଦେଇଛି' ଆଉ କିଏ ବା କହିଲା 'ଯାହା କୁହ ଭାରି ସୁନ୍ଦର ମୁହଁଟା, ଦିହର କି ରଙ୍ଗ !' ଯିଏ ଯାହା କହୁ ହେମ ହାତର ବ୍ରୋଞ୍ଜ ସୁନାଚୁଡ଼ି ଚାରିପଟ ମିଳିଲା ନାହିଁ ।

Digitized by srujanika@gmail.com

ହେମ ସ୍ୱାମୀ ବଞ୍ଚିଛି ପୁତ୍ରପୌତ୍ରାଦି ଧରି ମଣିଷ ପ୍ରକୃତି ଓ ପୁରୁଷ ସହିତ ସଂଗ୍ରାମ କରି । ତା ପକ୍ଷରେ ମୃତ୍ୟୁ, ହତ୍ୟା, ଦେହତ୍ୟାଗ, ଅପମୃତ୍ୟୁ, ଆତ୍ମହତ୍ୟା ବା ଆତ୍ମୋତ୍ସର୍ଗ ଏକା ଜିନିଷର ବିଭିନ୍ନ ନାଆଁ ଭଗବାନଙ୍କ ଶତ ଅଷ୍ଟୋତ୍ତର ନାଆଁ ପରି ।

ଅନେକ ବର୍ଷ ପରେ ଆଜି କାଳୀ ପୂଜାରେ କାହିଁକି କେଜାଣି ଶ୍ମଶାନ କାଳୀ ମନ୍ଦିରକୁ ଯାଇଥିଲି ଏବଂ ଖୋଜୁଥିଲି ମାଆର ମୁଣ୍ଡମାଳ ଭିତରେ ଫୁଲ ପରି ହେମର କଟାମୁଣ୍ଡଟା କାଳେ ଶୋଭା ପାଉଥିବ ।

# ଅଜାଗା ଘାଆ

ସେଦିନ ଉପରବେଳା ଥଳିଟିଏ ଧରି ତରବର ହୋଇ ମୋତିଗଞ୍ଜ ମାର୍କେଟ ଭିତରକୁ ପଶୁଛି ଅଣଓସାରିଆ ଜନଗହଳି ରାସ୍ତାଟାରେ ଏକ ଅଦ୍ଭୁତ ଦୃଶ୍ୟ ଦେଖି ଅଟକିଲି । ମୋରି ସାନପୁଅ ପରି ଦିଶୁଥିବା ଯୁବକଟିଏ ସାଇକେଲ ସିଟ୍‌ରେ ଗୋଟାଏ ଗୋଡ଼ ଥୋଇ ଅନ୍ୟ ଗୋଡ଼କୁ ଭୂଇଁରେ ଥରକୁ ଥର ଲଗାଇ ଥଙ୍ଗେଇ ଥଙ୍ଗେଇ ପାଦକୁ ପାଦ ଡ଼ିଆଁମାରି ମାରି ଭିଡ଼ ଭିତରେ ଯାଉଛି । ଯିମିତି ବିଚିତ୍ର ଭଙ୍ଗୀ, ସିମିତି ବିଚିତ୍ର ବେଶଭୂଷା । ଅଖାପଟ ପରି ବହଳ ରଙ୍ଗଛଡ଼ା ଚିପା ନଳୀ ପେଣ୍ଟ ଉପରେ ନୀଳ ରଙ୍ଗର ଗେଞ୍ଜି । ସେଥିରେ ପୁଣି ନାନା ରଙ୍ଗବେରଙ୍ଗ ଛବି ସାଙ୍ଗକୁ ବଡ଼ ବଡ଼ ଅକ୍ଷରରେ ଛାତି ଉପରେ ଛପା KISS ME ଏବଂ ଠିକ୍ ଓଲଟା ପଟେ ପିଠି ଉପରେ KILL ME । ମୋର ପ୍ରତି ମୁହୂର୍ତ୍ତରେ ଭୟ ହେଉଥାଏ କାହା ନା କାହା ଦିହରେ ବାଡ଼େଇ ହୋଇଯିବ । ବାଟ କାଟି ତା ଡ଼ାହାଣ କଡ଼ଦେଇ ଖଣ୍ଡେ ଆଗକୁ ଯାଇଛି ମୋ ଆଣ୍ଠୁର ପଛପଟେ ଧକ୍କାଟାଏ ବାଜିଲା । ମୁଁ ଆଣ୍ଠେଇ ହାମୁଡ଼ି ପଡ଼ିଲି ।

ଉଠି ବସି ଝାଡୁଝୁଡ଼ି ହୋଇ ପଛକୁ ଅନାଇ ଦେଖେ ତ ସେଇ ପୁତ୍ରପ୍ରତିମ ଉଦ୍ଧତ ଯୁବକଟି । ମୋର ଉତ୍ତାଭ ପ୍ରଶ୍ନିଳ ଚକ୍ଷୁ ଦେଖି ଦେଲା ମାତ୍ରେ ସେ କହିଲା, 'ସରି'

"ମାନେ ?"

"ସରି ମାନେ ସରି, ମାନେ ଦୁଃଖିତ, ଆଉ କଅଣ ?"

"ପଛଆଡୁ କୁଟି ଦେଉଛ, କହୁଛ ସରି, ଏଇକ୍ଷଣି ଯଦି ଆଣ୍ଠୁଚକତିଟା ଖସି ଯାଇଥାନ୍ତା...." "ଆଉ କଣ କରିବା ?" "କଣ କରିବ ! କିଛି ତ କରିବାର ନାହିଁ, କେବଳ ମୋରି ପରି ବୁଢ଼ାଙ୍କୁ ପଛଆଡୁ ଧକ୍କା ଦେବ । ବାଃ !"

"ଆପଣଙ୍କ ଭାଗ୍ୟ !"

Digitized by srujanika@gmail.com

"ଭାଗ୍ୟ କେଉଁଟା ? ଆଣ୍ଠୁ ଚକତି ଖସିଯିବାରେ ନା ତୁମଦ୍ୱାରା କୁଟିତ ହେବାରେ ?"

ଆଉ ବେଶୀ ବାକ୍‌ବିତଣ୍ଡା ଝଗଡ଼ାଝାଟି କରିଥିଲେ ସାମ୍ପ୍ରଦାୟିକ ଗଣ୍ଡଗୋଳ, ଦଙ୍ଗାହେଙ୍ଗାମ ହୁଏତ ଲାଗିଯିବ ଭାବି ଲାଙ୍ଗୁଡ଼ ଯାକି ବଜାର ଭିଡ଼ ଭିତରେ ଲୁଚିଗଲି ।

ଦୁଇ ପିଲାପିଲିଙ୍କ ରୁଚି, ଆବଶ୍ୟକତା ତଥା ବରାଦ୍ ମୁତାବକ ନାନା ପଦାର୍ଥ ଥଳିରେ ପୁରାଇ ତାଙ୍କ ପାଖରୁ ସାମାନ୍ୟତମ ପ୍ରଶଂସା, ଶ୍ରଦ୍ଧା ଓ ଭକ୍ତି ପାଇବା ଆଶାରେ ଘରମୁହାଁ ହୋଇ ଖଣ୍ଡେଦୂର ଯାଇଛି ଦେଖିଲି ଷ୍ଟେସନ୍ ଗୋଲେଇରେ ଅବିକଳ ମୋରି ପୁଅଝିଅ ପରି ଦିଶୁଥିବା ଦଳେ ବିଚିତ୍ରବର୍ଣ୍ଣା ତରୁଣ ତରୁଣୀ ରାସ୍ତା ଅବରୋଧ କରି ଦେଇଛନ୍ତି । ହୁରିପାଟି, ଅଟ୍ଟହାସ୍ୟ, ଠେଲାପେଲାରେ ସୀମା ନାହିଁ । କଥା କ'ଣ ? ରାସ୍ତାକଡ଼ରେ ଚାରି ଚକଲଗା ଠେଲା ଗାଡ଼ିରେ ବିରାଟ ନାଲିନୀଳ କାଚ ଲାଗିଥିବା ବାକ୍ସରୁ ଶାଳପତ୍ର ଠୁଙ୍ଗାରେ ବମ୍ବେ ବା କଲିକତା ଚାଟ୍ ଅନଗଳ ଅବିରତ ପରିବେଷିତ ହେଉଛି । ସମସ୍ତଙ୍କ ଆଖି ନାକ ପାଟିରୁ (କାନରୁ ବି ନିଆଁ ବାହାରୁଥିବା !) ଲୁହ ନାଳ ଝର ଝର ଥପ୍ ଥପ୍ ବାହାରୁଛି, ପଡୁଛି । ଏ ବିଚିତ୍ରକର୍ମୀଙ୍କୁ କିଛି କହିବାର ଶକ୍ତି ମହୀମଣ୍ଡଳରେ କାହାରି ନାହିଁ ପରି ଜଣାଯାଉଛି । ଟ୍ରାଫିକ୍ ପୋଲିସ୍ ଅତୀବ ଦୟନୀୟ ପ୍ରଶଂସମାନ ଚକ୍ଷୁରେ ଚାହିଁ ବେଳେ ବେଳେ ଦାନ୍ତ ନିକୁଟୁଛି । ମାର୍କେଟ ଗଳିରେ ସଦ୍ୟ ଅର୍ଜିଥିବା ଅଭିଜ୍ଞତା ମନେପକାଇ କିଛି କହିବି କି ନ କହିବି ବଚାରୁଛି, ପାଟିରୁ ବାହାରି ପଡ଼ିଲା "ରାସ୍ତାଟା ଟିକିଏ ଛିଡ଼ା ହୁଅ ।" ଚଟାପଟ ତିନି ଚାରିଜଣ ମୋ ଆଡ଼କୁ ଭିଡ଼ି ଆସି ଦାନ୍ତ ନିକୁଟି ଯୁଗପତ୍ ଚିତ୍କାର କଲେ, "ଯୋଡ଼ାଏ ଟ୍ରକ୍ ଯିବାକୁ ରାସ୍ତା ଅଛି, ଅଥଚ ଏ ବୁଢ଼ା ହଳିଆକୁ ବାଟ ମିଳୁନାହିଁ ହୋ ହୋ ହୋ ।"

ଦୁର୍ଗତିର ଚୂଡ଼ାନ୍ତ ପରିଣତି ଘଟିଲା ଆଉ ଟିକିଏ ଆଗକୁ । ଘର ପହୁଞ୍ଚା ବାକିତକ ରାସ୍ତା ସାଇକେଲ ଗଡ଼ାଇ ଗଡ଼ାଇ ଯାଉଥାଏ । ପଛପଟୁ ପୁଣି ଜୋରକେ ଧକ୍କା । ସାଇକେଲ, ଥଳି ଆଉ ମୁଁ ଏକତ୍ର ପ୍ରପାତ ଧରଣୀ ତଳେ । କଟା ଘାଆରେ ଲୁଣ ଦେଲାପରି ଟୋକାଟାଏ କହି କହି ଗଲା, "ରାସ୍ତା ହୋଇଛି କଣ ଚାଲି ଚାଲି ଯିବାପାଇଁ ? ଠିକ୍ ହୋଇଛି ।"

ଗୁହାରି କରିବି କା' ଆଗେ ? ଦୁଃଖ ଜଣାଇବି କାହାକୁ ? ସତରେ ଏଗୁଡ଼ାକ କଣ ହେଉଛନ୍ତି ! ବ୍ରିଟିଶ୍ ଅମଳ ବରଂ ଭଲ ଥିଲା । ସତଚାଳିଶ ପୂର୍ବ ପିଲାଝିଲାଙ୍କୁ କେତେ ସହଜରେ ମଣିଷ କରି ହେଉଥିଲା, ସତ୍ଚାଳିଶ ପରର ପିଲାଝିଲାଏ ଏକାବେଳେକେ ଅସାଧ, ଦୁର୍ଦ୍ଦମନୀୟ ! ଛାଡ଼ ।

ଦୂରରୁ ଦେଖିଲି ମୋ ଘର ଆଲୁଅରେ ଉଦ୍ଭାସିତ । ଷ୍ଟେରିଓରୁ ପୁରୀ ଭଲ୍ୟୁମରୁ ପାଶ୍ଚାତ୍ୟ ସଙ୍ଗୀତ ବାହାରି ଘରକୁ ଉଠାଉଛି ପକାଉଛି । ଦାଣ୍ଡଦରଜା ମାଡ଼ିଛି କି ନାହିଁ ଶୁଭିଲା, "ହେଇବେ ! ବୁଢ଼ା ଆସିଗଲା ।" କ୍ଷଣକେ ସବୁ ଚୁପ୍‌ଚାପ୍, ଶୁନ୍‌ଶାନ୍ । ଚା, କଫି, ସିଗାରେଟ୍ ଧୂଆଁର ବହଳ ଗନ୍ଧ ଘରସାରା ଘୁରି ବୁଲୁଛି । ଦୋ ଦୋ ଚିହ୍ନା ଯୁବକ

Digitized by srujanika@gmail.com

ଯୁବତୀ ଦି'ଜଣ ବେଡ୍‌ରୁମରେ ବସିଛନ୍ତି । ଥଳି ଥୋଇଦେଇ ପଚାରିଲି, "ଏ ଦୁହେଁ କିଏ ?" ଚାରି ନମ୍ବର ପୁଅ ବାବୁଲି କଡ଼ା ଗଳାରେ କହିଲା, 'ଆଜି କଣ ତାଙ୍କୁ ନୂଆ ଦେଖୁଛ ? ସେ ଦୁହେଁ ଆମ ଦିହିଁଙ୍କ ଫ୍ରେଣ୍ଡ ।' "ମାନେ ?" "ଏବେ ବାପା ତୁମେ ପ୍ରତି କଥାରେ ମାନେ ଖୋଜୁଛ, ଏକ୍‌ସପ୍ଲାନେସନ୍ ଚାହୁଁଛ । ତୁମର ଏ ହାକିମାତି ହେଡ୍‌ମାଷ୍ଟରୀ ଗୁଣ ପାଇଁ ଆମେ ଦିଟା ଅମଣିଷ ଅପଦାର୍ଥ ହେଲୁ । ତୁମର କଥା କଥାକେ ଗୁଡ଼ାଏ ଉପଦେଶ, ନହେଲେ ଧର୍ମନୀତି । ସତରେ ବାପା, ଆମେ ଅତିଷ୍ଠ ହେଲୁଣି । ଆମକୁ ଦେଖିଲେ ତ ଚିଡ଼ି ଚିଡ଼ି ହେଲ, ମୁହଁ ହାଣ୍ଡି କଲ । ଏବେ ସନ୍ଦେହ ବି କରିବାକୁ ଆରମ୍ଭ କଲଣି । ଆମର ଷୋଳ ବର୍ଷ କେତେ ଦିନୁଁ ଗଡ଼ିଗଲାଣି । ଏଥର ଆମକୁ ମିତ୍ର ପରି ଦେଖ, ଆମ ମନ କଥା ବୁଝିବାକୁ ଚେଷ୍ଟାକର । ସତରେ ଏ ଘରେ ରହିବା ଯାହା ବାହାରେ ରହିବା ସେଇୟା ।"

ଉତ୍ତର ଛଳରେ କହିଗଲି କିମିତି ବା ମିତ୍ରମାନେ ମୋ ପ୍ରତି ଦଣ୍ଡେ ଆଗରୁ ହାଟ ବଜାରରେ ଆଚରଣ କରିଛନ୍ତି । ମୋ କଥା ଶୁଣିଲା ମାତ୍ରେ ହାତମୁଣ୍ଡ ଝାଡ଼ି ପୁଅ ମୋତେ ଆଉ ପାନେ ଚଢ଼େଇଲା ।

"ତୁମେ ବାପା, ଏଥର ଘରେ ବସ, ତୁମେ ଭାବୁଛ ଏବେ ବି ଟୋକା ଅଛ, ଚାଲିଜାଣୁନ, ଥଡ଼ବଡ଼ ହେଉଛ, ସାଇକେଲ ହେଣ୍ଡେଲ ଟାଣକରି ମୁଠେଇ ପାରୁନ, ତୁମର ରିଫ୍ଲେକସ୍ ଆଉ କାମ କରୁନି । ଚଇତନ କଣ ବଜାର ସଉଦା କରି ପାରିବନି ? ସେ ବରଂ ତୁମଠୁଁ ଶସ୍ତା ସୁବିଧାରେ ଭଲ ଜିନିଷ ଆଣିପାରିବ । ଯେତେ ବୁଢ଼ା ହେଉଛ ସେତେ ମାୟା ଆଉ ଲୋଭ ବଢ଼ୁଛି ତୁମର । ବଳବୟସ ଆସୁଛି ତୁମର ଭାବିଛ ?"

ସବୁ ତୀର୍ଯକ୍ କଥା ଭର୍ତ୍ସନା ଶୁଣୁଥାଏ, ଆଖି ପଡ଼ିଲା ତିନିତିନିଟା ଫ୍ୟାନ୍ ଆଉ ଶହେ ୱାଟ୍ ଛଅଟା ବଲ୍‌ବ ଉପରେ । ଚିତ୍କାର କଲି- "ତୁ ଆଉ ବକ୍ତୃତା ଦେନି, ଆଗ ସେ ପଙ୍ଖା, ଆଲୁଅ ବନ୍ଦ କର । ମାସକୁ ମାସ କେତେ ଇଲେକ୍‌ଟ୍ରି ବିଲ୍ ଆସୁଛି, ବାବୁଙ୍କୁ ମାଲୁମ ଅଛି ?" ଗୋଟାକୁ ଗୋଟା ସୁଇଚ୍ ଠକଠାକ୍ ବନ୍ଦ କରୁଥାଏ, ଗୁରୁଗୁରୁ ହେଉଥାଏ, "ଏତେ କୃପଣ । ସାକ୍ଷାତ୍ ଜଗନ୍ନାଥ କୁଣ୍ଡୁ ! ଏଥର ଅନ୍ଧାରରେ ରହିବାକୁ ପଡ଼ିବ, ଝାଳରେ ଧୁଡ଼ି ଶିଝିବାକୁ ପଡ଼ିବ । ସେ ଫିକ୍‌ସଡ଼ ଡ଼ିପୋଜିଟ୍ ଟଙ୍କା ସବୁ କାହା ପାଇଁ ରଖିଛ ? ଆମେ ମରିବୁ ପଛେ ତୁମର ଟଙ୍କା ଛୁଇଁବୁ ନାହିଁ । ବହୁ କଷ୍ଟରେ ପେଟ କାଟି ରୋଜଗାର କରିଛ, ରଖିଛ, ଏଥର ଆରାମରେ ଖାଇପିଇ ବାକୀ କେତୁଟା ଦିନ କଟେଇ ଦିଅ ।"

"ବହୁତ ବଢ଼ି ବଢ଼ି କଥା କହିଯାଉଛୁ ! କାହାକୁ କଣ କହିବାକୁ ହୁଏ ଏଯାକେ ତ ଜାଣିଲୁ ନି । ତୁ ବାରମ୍ବାର ସେଇ ଫିକ୍‌ସିଡ଼ ଡ଼ିପୋଜିଟ୍ କଥା ଉଠାଉଛୁ । ତୁ ତ ନିଜେ ଏକ ଫେଲ କମ୍ପାନୀର ନକଲି ମାଲ । ନା ପାସ୍ ନା ଚାକିରୀ ନା ବାକିରୀ, ଉଷା ତ ବୁଢ଼ୀ ହେଲାଣି, ତା ନିଜ ଦୁର୍ଗୁଣ ଯୋଗୁଁ ଏ ଯାଏ ବାହା ଫାହା ହେଇନି, କହୁଛି ବାହା ହେବନି ।

Digitized by srujanika@gmail.com

ତୁମେ ସବୁ କଣ ହେଲଣିରେ ! ମୁଁ ଆଜି ଅଛି, କାଲି ଚାଲିଗଲେ ତୁମର କ'ଣ ହବ ଭାବିଛ ?"

ତୁମେ ଆଗ ଯାଅ, ତାପରେ ଦେଖିବ ଆମର କଣ ହଉଛି । ଲୋକେ ତ ସବୁ ବିନା ବାପାମାଆରେ ବଞ୍ଚି ବଡ଼ଲୋକ ହେଉଛନ୍ତି । ତୁମେ ପୁଅକୁ ଇନ୍‌ଭେଷ୍ଟମେଣ୍ଟ ଆଉ ଝିଅକୁ ଲାଇବିଲିଟି ବୋଲି ଧରି ନେଇଛ । ଏକଦମ୍ ଭୁଲ ବିଚାର ବୁଝାମଣା ତୁମର ବାପା ! ତୁମେ ଆପେ ଆପେ hypertension ଆଉ ପ୍ରେସର୍ ବଢ଼ାଇ ଚାଲିଛ ଆମକୁ ଆଙ୍ଗ୍ରି ୟଙ୍ଗ୍ ମ୍ୟାନ୍ ଫଷ୍ଟ୍ରେଟେଡ୍ ୟୁଥ୍ ଭାବି ଭାବି । କଣ ଯେ କଣ କହିଯିବାକୁ ଇଛା ହେଉଛି । ଏ ଦୁନିଆଁ ବୁଢ଼ାଙ୍କର, ସେମାନେ ଦଖଲ କରି ବସିଛନ୍ତି, ଡ଼ିକ୍‌ଟେଟର ! ଆମ ପ୍ରତି ତାଙ୍କର ନା ଦୟା ନା ଦରଦ ।"

"ରହି ଯାଉଛୁ, ଥମି ଯାଉଛୁ ! ଚଲା ଗାଡ଼ି ! ବଢ଼ିଆ ସ୍ପିଡ୍, ପ୍ରଗତି ।"

"ସତରେ ବାପା, ତୁମେ ବୁଝି ପାରିବନି ଆମକୁ କି ଭୀଷଣ ଷ୍ଟ୍ରଗଲ୍ କରିବାକୁ ପଡୁଛି । ଡ଼ାଇନୋସ୍‌ର ବିରୁଦ୍ଧରେ ଆଦିମ ମାନବଙ୍କୁ ଏମିତି ଜୀବନ ପାଇଁ ସଂଗ୍ରାମ କରିବାକୁ ପଡ଼ିନଥିଲା । ତୁମ ବ୍ୟାକରଣରେ ଥିଲା ତିନିଟା କାଳ, ଭୂତ, ଭବିଷ୍ୟତ, ବର୍ତ୍ତମାନ । ଆମର କେବଳ ଗୋଟିଏ, ଶେଷଟି । ଆମେ ଆଜି ଦିନକ ପାଇଁ ପ୍ରଜାପତିପରି ବଞ୍ଚିବାକୁ ବାଧ ହେଉଛୁ । ଆମର ଗଡ୍ ମରି ଯାଇଛନ୍ତି । ଯାହା ଯେତେ ପାସ୍ କଲେ ନା ଚାକିରୀ ମିଳୁଛି ନା ଯେତେ ସୁନ୍ଦରୀ ହେଲେ, ଗୁଣବତୀ ହେଲେ ଝିଅ ବାହା ହୋଇପାରୁଛି ? ଘୁଷ୍, ନ ହେଲେ ଯୌତୁକ । ଆମେ ଯେତେ ଆକୋମୋଡ଼େଟ୍ କରିବାର ଚେଷ୍ଟା କଲେ ବି ପରିବେଶ, ଆବହାଓ୍ୱା, ଜୀବନ ଦର୍ଶନ ତୁମକୁ ଆଗକୁ ଅଲଗା କରିଦଉଛି । ତୁମର ଆମର ପଟିବ ନାହିଁ । ଆମର ମେଳ ରହୁଛି କେଉଁଠି ? ବେଶଭୂଷା, ଖାଦ୍ୟପାନୀୟ, ଶିକ୍ଷାଦୀକ୍ଷା, ସାହିତ୍ୟ ସଂସ୍କୃତି, ଧର୍ମ, ଆଦର୍ଶ ସବୁଠି ଅମେଳ । ଜେନେରେସନ୍ ଗ୍ୟାପ୍ ଅପେକ୍ଷା Communication gap ର ବେଶୀ ତଫାତ୍ ରହୁଛି । ତୁମର କାମ୍ପୋସ୍‌କୁ ଆମର ନିଶା ଟେବଲେଟ୍ । ସେଇଥିରେ ଯାହା ସାମାନ୍ୟ ମେଳ । ଯାଅ, ଯାଅ, ଦୁଇ ଚାରିଟା ଖାଇ ଶୋଇଯାଅ ।"

ଦୁର୍ବୃତ୍ତ ସାଙ୍ଗରେ ଆଉ ବୃଥା ଅଧିକ ବାକ୍ୟ ବିନିମୟ ନ କରି ବାରଣ୍ଡା ଆଡ଼କୁ ଚାଲିଗଲି । ନଷ୍ଟସ୍ୟ କାଃନ୍ୟାଗତି । ଦେଖିଲି ଉଷା ପୁରୁଷ ପୋଷାକ ପିନ୍ଧି କୁଆଡ଼େ ବାହାରିଲାପରି ଦିଶୁଛି । ପଚାରି ଦେଲି, "ସାହାବାଣୀ ପୋଷାକରେ ଯେ ? ଆଜି କଣ ବେଶବସନ ବଦଳି ହବନି ?"

ରୋକ୍‌ଠୋକ୍ ସେ କହିଲା, "ନା, ଆମେ ଆଜି ସିନେମା ବାହାରିଛୁ । ନାଇଟ୍ ସୋ । ଇଭିନିଂ ଟିକେଟ୍ ମିଳିଲାନି । ଇଂରାଜୀ ଛବି ତ ନୂଆ ଆସିଛି । ଚାରିଚାରିଟା ଆଓ୍ୱାର୍ଡ଼ ପାଇଛି । ବହୁତ ଭିଡ଼ । ବ୍ଲାକ୍ ହେଉଛି ଟିକେଟ୍‌ରେ ।"

"କି ନାଆଁ ଶୁଣେ ?"

Digitized by srujanika@gmail.com

"Green Love ନାଆଁ କେବେ ଶୁଣିଛ ?"

"ଗ୍ରୀନ୍ ହେଉ କି ବ୍ଲୁ ହେଉ, ଯାହାର ଛବି କେଲେଣ୍ଡରରେ ଅଛି ? କାନ୍ଥରେ ଗୋଟାଏ ମାରିଛୁ ତ ? ତୁମେ ସବୁ କଣ ହେଲଣିରେ ? ଅଧଃପତନ ଆଉ କେତେଦୂର ଯିବ ? ଯେତେ ଅସଭ୍ୟ ଛବି, ପପ୍ ଗୀତ, ଫାଇଟିଂ ଛବିରୁ କଣ ପାଉଛ ଯେ ?"

"ସେକ୍ସପିଅର, ଭଞ୍ଜ, କୋଣାର୍କ, କାମସୂତ୍ର ତୁମକୁ ଯାହା ରବିନ୍ଦ୍ର, ଲରେନ୍ସ, ପିକାସୋ, ବ୍ଲୁ ଲେଗୁନ୍ ଆମକୁ ସେଇଆ । ସବୁ ସବୁ କଳା; ସବୁ ସାହିତ୍ୟ"

"ଶୁଣ ମୁଁ କହି ଦେଉଛି, ରାତି ବାରଟା ଗୋଟେ ବେଳେ ମୁଁ କବାଟ ଫିଟାଇ ପାରିବି ନାହିଁ । ଚଇତନକୁ କହିବ ସେ ଚେଇଁ ବସିଥିବ, କବାଟ ଫିଟାଇବ । କୁକୁର ଭୁକିବ, ନିଦ ଭାଜିଯିବ, ଯେତେ ସବୁ ପାଲା ଯାଙ୍କ ପାଖରେ । ଖାଇବ ନା ନାହିଁ ?"

"ଖିଆପିଆ ହୋଟେଲ ପାଶ୍ଚାତ୍ୟରେ । କେତେଦିନ ଧରି ତୁମର ବଏଲଡ୍ ଭେଜିଟେବୁଲ ଖାଉଥିବୁ ? ବିରିଆନି ଚିକେନ୍ ତୁମେ ଦେଇପାରିବ ତୁମ ପିଲାଝିଲାଙ୍କୁ, ଖର୍ଚ୍ଚ ବଢ଼ିଯିବନି ?"

"ଝିଅ ହୋଇ ତୁ କ'ଣ ବକିଯାଉଛୁରେ ଉଷା ! ତୋ ମାଆ ଠିକ୍ କହିଯାଇଛି "ତତେ ଶୀଘ୍ର ଅଳ୍ପ ବୟସରେ ବାହାଦେଇ ଦେବାପାଇଁ ।"

"ତା କହନ୍ତାନି ? ତୁମେ କହୁଥିଲ ପରା ତାର ଛଅକୁ ତୁମର ଷୋଳ ବାହାଘର ବେଳେ । ଦେଶର ଜନସଂଖ୍ୟା ବୃଦ୍ଧିକି ତୁମର କମ୍ ଅବଦାନ ! ପାଞ୍ଚ ଯୁକ୍ତ ତିନି ସମାନ ଆଠ ପରା । ଏ ଯୁଗରେ ଗୋଟାଏ କାହିଁକି ମୋଟେ ନାହିଁ ଯଥେଷ୍ଟ । ଆଚ୍ଛା ବାପା ! ତୁମ ସମୟରେ ଲଭ୍ ବୋଲି ଜିନିଷ ଥିଲା ?"

"ନାଆଁ ମାଆ ! ସେ କି ଜାତି ପଦାର୍ଥ ଆମେ କିମିତି ଜାଣିବୁ ? ଆମର ଆଗ ବାହାଘର, ଯାହା ବାପ ମାଆ ଗୁରୁଜନ ଠିକ୍ କରୁଥିଲେ । ବାହାଘର ପରେ ପ୍ରେମ । ତୁମର ପ୍ରଥମେ ପ୍ରେମ, ତାପରେ ନିଜ ଯୋଗାଡ଼ରେ ବିବାହ, ମନ୍ଦିର, ମଠ ବା ରେଜେଷ୍ଟ୍ରି ଅଫିସ୍‌ରେ । ତାପରେ ବିଚ୍ଛେଦ ବା ଆତ୍ମହତ୍ୟା, କେହି ଆମ ମୃତ୍ୟୁ ପାଇଁ ଦାୟୀ ନୁହେଁ । ତୁମେ ସବୁ ଏମିତି ଉଭଟ ହେଉଁଛୁ ଲଙ୍ଗଳା ସିନେମା ଛବି ଦେଖି ଦେଖି । ଆମ ସମୟରେ ପ୍ରଥମ ଦ୍ୱିତୀୟ ତୃତୀୟ ପୁରୁଷ ଥିଲା ବ୍ୟାକରଣରେ, ତୁମର କେବଳ ପ୍ରଥମ ପୁରୁଷ ବା ତାର ବିଭିନ୍ନ ରୂପ । ମୁଁ, ଆମ୍ଭେ, ଆମ୍ଭେମାନେ ।"

ଏତିକିବେଳେ ଜୋର୍‌ରେ ସ୍କୁଟର ହର୍ଣ୍ଣ ସଡ଼କପଟୁ ଶୁଭିଲା । 'କିଏ ଅଭଦ୍ର ଏମିତି ପେଁ ପେଁ କରୁଛି ?' ପାଟିରୁ ବାହାରି ଆସୁ ଆସୁ ଉଷା ଅଶ୍ଳୀଳ ରୀତିରେ ଧାଇଁ ଧାଇଁ ଯାଇ ସ୍କୁଟର ପଛରେ ବସିଗଲା । ପରେ ପରେ ବାବୁଲି ଜଣେ ମହିଳା ଚଳାଉଥିବା ସ୍କୁଟର ପଛରେ ଚଢ଼ିଗଲା । ଶୁଣନ୍ତୁ ନ ଶୁଣନ୍ତୁ କହିଲି, "ଉଷା ! ଯୁଆଡ଼େ ଯାଉଛୁ ଯାଆ ଏତେ ରାତିରେ, ମନେ ରଖିଥା, କାଲି ସକାଳେ ବାପ ପୁଅ ଦୁହେଁ ଆସିବେ ତତେ ଦେଖିବାକୁ, କଥାବାର୍ତ୍ତା ଫାଇନାଲ କରି ନିର୍ବନ୍ଧ କରିବାକୁ ।"

Digitized by srujanika@gmail.com

"ଆସନ୍ତୁ, ମୋତେ କଣ ପଚାରୁଛ ? ତୁମକୁ ଦେଖନ୍ତୁ ! ମୋତେ ଦେଖିବା ଦରକାର ନାହିଁ ।"

ରାତି ଗୋଟାଏ କି ଦିଟାରେ ସେମାନେ ସିନେମାରୁ ଫେରିଲେ । କବାଟ ଧଡ଼ଧାଡ଼, କୁକୁର ଭୋ'ଭୋରେ ନିଦ ଭାଜିଗଲା । ଆଉ ରାତିଯାକ ନିଦ ହେଲାନି । ଛଟପଟ ହୋଇ ଏପଟ ସେପଟ ହେଉଥାଏ । ବାପାଙ୍କ ସହିତ ଆମ ସମ୍ପର୍କ ଭାବୁ ଭାବୁ ମନେପଡ଼ିଲା ଦିନେ ଝଗଡ଼ାଝାଟି, ଯୁକ୍ତିତର୍କ ପରେ ବାପା ବ୍ୟଥିତ ହୋଇ ପରଦିନ ସକାଳେ ତାଙ୍କ ସମୁଧିକି କଣ କହୁଥିଲେ ତାଙ୍କ ଝିଅ ଜୋଇଁଙ୍କ (ଅର୍ଥାତ୍ ପୁଅ ବୋହୂଙ୍କ) ଆଚରଣ ସମ୍ପର୍କରେ । ଶେଷ, ପଦକ କଥା ମନେପଡ଼ିଲା । "ବୁଝିଲ ସମୁଧି ଅଜାଗା ଘାଆ କାହାକୁ ଦେଖାଇ ହୁଏନି ।" କଥା କଣ ନା ମୋ ସ୍ତ୍ରୀ ମୋ ପାଖକୁ ଚିଠିଟାଏ ଲେଖିଥିଲେ, ରେଭେନ୍ସା କଲେଜକୁ, ମୁଁ ଛାତ୍ର ସାମୀ ଥିଲାବେଳେ । ଠିଆ ଠିଆ ସ୍ନାୟୁଗୁଡ଼ାକ ମୋର ସାମାନ୍ୟ ଶାନ୍ତ ହେଲେ ।

ପରଦିନ ସକାଳେ ନିର୍ଦ୍ଧାରଣ ମତେ ଆସିଲେ ବାପ ପୁଅ ସମ୍ପର୍କ ସ୍ଥାପନ ଉଦ୍ଦେଶ୍ୟରେ । ବାପ ଜନୈକ ଖ୍ୟାତନାମା ଆୟୁର୍ବେଦ କବିରାଜ । ଅଜସ୍ର ସମ୍ପତ୍ତିର ମାଲିକ, ଘରେ ତାଙ୍କର ସୁନାର ଇଟା ଅଛି ବୋଲି ଜାଣିବା ଶୁଣିବା ଲୋକେ କହନ୍ତି । ପୁତ୍ରରତ୍ନ ଏକ ପ୍ରାଇଭେଟ୍ କଲେଜର କେମିଷ୍ଟ୍ରୀ ଅଧ୍ୟାପକ । ପାଞ୍ଚହଜାର ଟଙ୍କା ଧରି ବାପ ପୁଅ ଦୁଇଭାଇ ପରି ଆସିଥିଲେ ସହରକୁ ଲାବୋରେଟୋରୀ ଯନ୍ତ୍ରପାତି ଓ କେମିକେଲସ୍ କିଣିବା ପାଇଁ । ଟିଏ ଓ ଡ଼ିସ୍‌କାଉଣ୍ଟ ଉପରେ ହିସାବ ନିକାସ ଓ ନିର୍ଭର କରି ଆସିଛନ୍ତି କନ୍ୟା ଦେଖା ବି ସେଇଥିରେ କରେଇନେବେ ବୋଲି ।

ପ୍ରାଥମିକ ଅଭ୍ୟର୍ଥନା ଓ ଚିକିତ୍ସାରେ ମୁଁ କିଛିମାତ୍ର ତ୍ରୁଟି କରି ନଥିଲି । କାଳେ ସାମାନ୍ୟ ବିଚ୍ୟୁତି ଘଟିଲେ ସମ୍ଭାବ୍ୟ ବିବାହ ଭାଜିଯିବ । ବାପ କଦମ୍ବ ଫୁଲିଆ ଚୂଳରେ ଖାଣ୍ଟି ସୋରିଷତେଲ ଘଷାଘଷି କରି ସ୍ନାନ କଲେ ଏବଂ ତର୍ପଣ ସାରନ୍ତେ ଏକାନ୍ତ ଅନୁଗତ ପିତୃଭକ୍ତ ପୁତ୍ରରତ୍ନ କେନଭାସ୍ ବେଗ୍ ଖୋଲି ପଚାରିଲେ "ଦର୍ପଣ ଲୋଡ଼ା କି ?" ପିତୃଦେବ କିଛି ନକହି ବିନା ଦର୍ପଣ ଓ ବିନା ପାନିଆରେ ଅଙ୍ଗୁଳି ଦେଇ ପ୍ରସାଧାନ ସମାପନ କଲେ ଏବଂ ସପୁତ୍ର ଗରିଷ୍ଠ ଭୋଜନାନନ୍ତର ପ୍ରସ୍ତାବ ଉତ୍‌ଥାପନ କରି ଆରମ୍ଭ କଲେ "ଦେଖିବା ହେଉନ୍ତୁ ଆମର ଡ଼ିମାଣ୍ଡ ନାହିଁ, ଯାହାକୁ ଇଆଡ଼େ ଯଉତୁକ ବୋଲୁଛନ୍ତି ତାହା ମଧ୍ୟ ଲୋଡ଼ାନାହିଁ, ମାତ୍ରକ ଆମ ସିଆଡ଼େ ଦାଣ୍ଡଶୋଭା ବୋଲି ଜଥାଟାଏ ପଡୁଥିବାର ଏକା । ବରକନ୍ୟା ସଙ୍ଗୁଳାକୁ ଯେଉଁ ବନ୍ଧୁ କୁଟୁମ୍ବ ଆସିଥିବାର, ସେମାନେ ଦେଖିବେ କନ୍ୟା କଣ କଣ ନିଜ ବାପଘର ଠାରୁ ଆଣିଛି । ଟେଲିଭିଜନ, ଫ୍ରିଜ୍, ଟେପ୍‌ରେକର୍ଡ଼ର, ଖଟପଲଙ୍କ, ସୋଫା, ସ୍କୁଟର ତ ମାମୁଲି ଚିଜ । ଅସଲ ହେଲା ଅଳଙ୍କାର । ବେକୁଟାକୁ ହାରୁଟେ ଲୋଡ଼ା, ପାଞ୍ଚ ଭରିରୁ ଉଣା ନୁହେଁ । ସେଥିରୁ ଲକେଟ୍‌ଟାଏ ଥିବାର ଭରିଟିଏ । ଘରଭିତରେ ବ୍ୟବହାରକୁ ଚେନ୍‌ଟିଏ, ଦି ଭରି । ହାତକୁ ଚୁଡ଼ି ଆଠ ଆଠ ପଟ ଅଧଭରିଏ ଲେଖାଏଁ । ବଳା ତାବିଜ ତ ଅଛି । ରୁପା ଚାପସରି

Digitized by srujanika@gmail.com

ଚଳିବ ମାତ୍ର ଅଣ୍ଟାକୁ ସୁନାର ପେଟିଟିଏ ଆମ ସିଆଡ଼ର ବହୁଝିଅ ନାଉଛନ୍ତି । ପାଞ୍ଚଭରି ଧରନ୍ତୁ ।" ମୁଁ ମିଶାଣ ସାଙ୍ଗକୁ ଦୁଇହଜାର ଦେଇ ଗୁଣନ ଭୁଲିଗଲି ।

ପୁଅଝିଅ କେଉଁଠି ଲୁଚିଛପି ଫାର୍ଶ ଦେଖୁଥିଲେ ଖଣ୍ଡିଆ ଭୂତ ଓ ବାଘୁଣୀ ପରି ମାଡି ଆସିଲେ । ପୁଅ କହିଲା, "ବାପା, ତୁମ ଫିକ୍ସଡ୍ ଡ଼ିପୋଜିଟର ଅଢ଼େଇଗୁଣ ଲୋଡ଼ା ଉଷାକୁ ବାହାଦେବାରେ, ମୁଁ କଣ କନ୍ୟାଘରୁ ଟଙ୍କା ଆଣି ବାହାହେବି ? ଏ ବୁଢ଼ା ଗେଧକୁ କେଉଁଠୁଁ ପାଇଲ ?"

ସିଧାସଳଖ ଅଧାପକଙ୍କୁ ଉଷା କହିଲା "ସାର୍, ଆପଣଙ୍କ ଅଧେଚ୍ଳ ତ ଲେବୋରେଟରୀ ଏସିଡ୍‌ରେ ଉପୁଡ଼ି ପୋଡ଼ି ଗଲାଣି । ଅକାଳ ବାର୍ଦ୍ଧକ୍ୟ ଅବସ୍ଥାରେ ବାହା ନ ହୁଅନ୍ତୁ ।"

ସଣ୍ଢୁଆସି ଆକ୍ରମଣରେ ବାପପୁଅ ଅସ୍ତବ୍ୟସ୍ତ ହୋଇ ପ୍ରାଣ ଘେନି ବିଦାୟ ନେଲେ । ମୋ ଆଡ଼କୁ ଚାହିଁ ଉଷା କହିଲା "ବାପା, ବରମାନେ କଣ ମାସ୍କୁଲାଇନ୍ ଜେଣ୍ଡର ? ମତେ କଣ ପାଇଲ କି ?"

ପୁଅ ଟିକିଏ ଶାନ୍ତ ପଡ଼ିଯାଇ ଆସି ଧୀର ଗଳାରେ କହିଲା, "ବାପା ତୁମମାନଙ୍କୁ ଦେଖିଲେ ଆମର ଦୟା ହୁଏ । କେଉଁ ଅବସ୍ଥାରୁ ଆସି କେଉଁଠି ପଡ଼ିଛ । ଲୋକେ ତୁମକୁ ଡ଼ାକି ଚାକିରୀ ଦେଉଥିଲେ, ଦୁଇତିନିଶ ଟଙ୍କାରେ ଝିଅପୁଅ ବାହା ପଇତା କରି ପାରୁଥିଲେ । ଧୂଳିଧୂଆଁ ନ ଥିଲା କି ଭିଡ଼ ହୁରିପାଟି ନଥିଲା । ଗଙ୍ଗା ନଈ ପରି ଜୀବନ ଧୀର ଶାନ୍ତ ନିର୍ମଳ ହୋଇ ବହୁଥିଲା । ଆସି ପଡ଼ିଲ ଆମ ଦୁନିଆଁରେ, ଗୁଆଘିଅ ଚୂଡ଼ା କଦଳି ଦହି ଛାଡ଼ି ଡ଼ାଲଦା ଚେନାଚୂର ଯୁଗରେ, କଷଣ ଶୋଷଣ ପୋଷଣ ଧର୍ଷଣ ଆତ୍ମହତ୍ୟା ଯୁଗରେ । ତୁମ ଆମର ବୁଝାମଣା ହୋଇପାରିଲା ନାହିଁ, ହୋଇଥାନ୍ତା ତୁମେ ଟିକିଏ ଏଡ଼ଜଷ୍ଟ କରିଥିଲେ, ଧୈର୍ଯ୍ୟ ଦେଖାଇଥିଲେ । ତୁମ ନିଜ ପିଲାବେଳେ କଥା ମନେପକାଇଲ ନାହିଁ । ତଥାପି ଆମେ ଥରେ ଚେଷ୍ଟାକରିବୁ ତୁମର ଆମର ସହାବସ୍ଥାନ ଯିମିତି ସମ୍ଭବ ହେବ । ଆମେ କାଲି ଆମ ଅଭିଯାନ ଆରମ୍ଭ କରିବୁଁ ତୁମକୁ ଚିନ୍ତାମୁକ୍ତ କରିବା ପାଇଁ । ତୁମେ ଖାଲି ତୁମ ଜାଗାକୁ ଡ଼ାକୁଥାଅ । ଆମେ ବଡ଼ ଭାଇନା ପାଖକୁ ଯାଉଛୁଁ ।"

ପନ୍ଦର ଦିନ ପରେ ଦିନେ ବରଣ୍ଡାରେ ବସି ଅସ୍ତଗାମୀ ସୂର୍ଯ୍ୟକୁ ଅନାଇଥାଏ ଭାଇ ଭଉଣୀ ଦୁଇ ଆଗନ୍ତୁକକୁ ଧରି ରିକ୍ସାରୁ ଓହ୍ଲାଇଲେ । ଯୋଡ଼ି ଯୋଡ଼ି ହୋଇ । ଦୁଇଟି ବ୍ରିଫ୍ କେସ୍ ଧରି । ନାଟକୀୟ ଭଙ୍ଗୀରେ ଡ଼େଇଁ ଡ଼େଇଁ ଆସି ମୋ ଆଗରେ ଛିଡ଼ାହୋଇ ଉଷା କହିଲା, "ତୁମେ ଆଜି ଆମକୁ ଦୟାକର, ଆର୍ଶୀବାଦ ଦିଅ ବାପା, ଏଇ ଦେଖ, ଇଏ ମୋ ଭାଉଜ" ଠିକ୍ ସେଇ ଭଙ୍ଗୀରେ ପୁଅ କହିଲା, "ବାପା, ଏଇ ଦେଖ, ଇୟେ ଆମ ଉଷାର ଇୟେ । ଲଭ୍ ମେରେଜ୍, ରେଜିଷ୍ଟ୍ରେଶନ ପୁରୀରେ କରିଛୁଁ, ଏଫିଡ଼େଭିଟ୍ କରି ନାଆଁରୁ ସାଙ୍ଗିଆ ଉଠେଇ ଦେଇଛୁ । ଶ୍ରୀମତୀ ସରସ୍ୱତୀ, ଶ୍ରୀ ସେନାରାମ । ଲକ୍ଷେ

Digitized by srujanika@gmail.com

ଦେଇ ପୁଅ କିଣିବାକୁ ପଡ଼ିଲାନି କି ଲକ୍ଷେ ନେଇ ପୁଅ ବିକିବାକୁ ପଡ଼ିଲାନି । ତୁମର ଫିକ୍ସଡ଼ି ଡ଼ିପୋଜିଟ୍ ଅନ୍‌ଟଚଡ଼ । ମୁଁ ଲକ୍ଷେ ଟଙ୍କାର ଫାର୍ମ କରିବାର ବ୍ୟବସ୍ଥା କରିଛି । ଉଷା ଏକ ପଞ୍ଚତାରକା ହୋଟେଲରେ ରିସେପଶନିଷ୍ଟ ଚାକିରୀ ଯୋଗାଡ଼ କରିଛି । ତୁମେ ଏ ଦୁହିଁଙ୍କୁ କେତେଥର ଆମ ସାଙ୍ଗରେ ଦେଖୁଛ, ଚିହ୍ନୁନ ?"

କଥାର ମର୍ମ ବୁଝି ମୂର୍ଚ୍ଛା ଓ ପତନ ଆଡ଼କୁ ଯାଇଥିଲି । ମୁଣ୍ଡ ବୁଲାଉଥିବା ଅବସ୍ଥାରେ କ୍ଷୀଣ ଗଳାରେ ପଚାରିଲି, "ଧର୍ମ ସଂସ୍କୃତି ପରମ୍ପରା, ପିଣ୍ଡତର୍ପଣ ?" ରୁକ୍ଷ ଗଳାରେ ପୁଅ କହିଲା, "ସେ ସବୁର ଆମେ ପୁନର୍ବିନ୍ୟାସ ଓ ପୁନର୍ଗଠନ କରିବୁ । ଶେଷକଥା କହିଦେଉଛି ଆମେ କାଲି ଯାଉଛୁ କୋରାପୁଟ, ଆଜି ଘଣ୍ଟାଏ ପରେ ନର୍ସଟିଏ ଆସିବ ତୁମର ତତ୍ତ୍ୱ ନେବା ପାଇଁ, ସେବାଶୁଶ୍ରୂଷା କରିବା ପାଇଁ, ତୁମକୁ ସାଙ୍ଗ ଦେବା ପାଇଁ । ଏଇ ବ୍ୟବସ୍ଥାରେ ଯଦି ତୁମର ହାଇପରଟେନସନ୍ ପ୍ରେସର ଓ ଦୁଷ୍ଟିନ୍ତା ନ କମେ, ଆଉ ଆମକୁ ଭଲ ଆଖିରେ ନ ଦେଖ ତେବେ ଆମ୍ଭେମାନେ ସରି ।"

"ସରି ମାନେ ?"

"ସରି ମାନେ ସରି ଆଉ କଣ, ଦୁଃଖିତ । ଭୁଲିଗଲଣି ପନ୍ଦର କୋଡ଼ିଏ ଦିନ ତଳର ସେଇ ଟୋକାଟା କଥା ଯେ ତୁମକୁ ଧକ୍କା ଦେଇ ସରି କହିଥିଲା ? ପୁଣି ମାନେ ଖୋଜୁଛ ?"

# ରୋମାଣ୍ଟିକ୍ କମେଡ଼ି

ମୋ ମୀରା ପରି ଭଲ ମାନେ ସୁନ୍ଦରୀ ସ୍ତ୍ରୀଟିଏ ପାଇଥିବ ଯେ ସେ ଅବଶ୍ୟ ମାନିବ ମୋରି ପରି ସେ ବି ବହୁତ ହଇରାଣ ହରକତ ହେଉଛି, ଅଡ଼ୁଆ ଅସୁବିଧା ଭୋଗୁଛି ।

ଚୋର, ଡ଼କାଏତ, ଧର୍ଷଣକାରୀ ପରିପୂର୍ଣ୍ଣ ଆମର ଏ ଆଧୁନିକ ଦୁନିଆଁରେ ଗହଣାଗାଣ୍ଠି ଓ ସତିତ୍ୱର ବୋଝନେଇ ଚଳପ୍ରଚଳ ହେବା ନାରୀ ପକ୍ଷରେ ଯେତିକି ବିପଦଜନକ, ତାଠୁ ଅନେକ ବେଶୀ ମାରାତ୍ମକ ମୀରା ପରି ଅପୂର୍ବ ସୁନ୍ଦରୀକି ସାଙ୍ଗରେ ଧରି ବସ୍ ଟ୍ରେନ୍‌ରେ ଯା'ଆସ କରିବା । କେତେବେଳେ ଯେ କି ଏମ୍‌ବାରାସିଂ ସିଚୁଏସନରେ ପଡ଼ିଯିବି କହି ହେବନାହିଁ । ନିରାପଦରେ ଘରେ ନ ପହଞ୍ଚିବା ଯାଏ ଛାତି ଦୁକୁଦୁକୁ ହେଉଥିବ । କିଛି ଦୁର୍ଘଟଣା ଅଘଟଣ ନ ଘଟିଲେ ବି ବଜାରୀ ଛତରାଟାଏ କମେଣ୍ଟ ମାରି ଦବ 'ଦେଖ୍ ତାକୁ' ବା 'ଦେଖ୍ ତାଙ୍କୁ' । କାନୁବାଡ଼କୁ ଅନାଇ ଆମ

---

ଝଙ୍କାର, ୩୫ଶ ବର୍ଷ, ବିଷୁବ ସଂଖ୍ୟା, ମେଷ ୧୩୯୦, ଅପ୍ରେଲ ୧୯୮୩, ପୃ ୧୪୬-୧୫୧

Digitized by srujanika@gmail.com

ଅଲକ୍ଷ୍ୟରେ ସେଇ ମାଡ଼ଖିଆ କମେଣ୍ଟଟି ଦେଇଦେବ ଯାହାର ପ୍ରତିକାର, ନା ଆଇନ୍, ନା ପୋଲିସ ନା ଜନସାଧାରଣ, ନା ଆମେ ନିଜେ କରିପାରିବୁ । କିଛି ନଜାଣିଲା ନ ବୁଝିଲା ପରି କ୍ରୋଧର ଲେଶ ମାତ୍ର ସୂଚନା ଇଙ୍ଗିତ ନ ଦେଇ ମନେ ମନେ ଧିକ୍କାର କରୁଥିବୁଁ "କାହିଁକି ଭଲା ଆମେ ପଦାକୁ ବାହାରିଲୁ ?"

ମୀରା ଆଉ ମୁଁ ଦୁଇପ୍ରାଣୀ 'ଏକ ଦୁଜେ କେ ଲିୟେ', ଆଈମା କାହାଣୀର "ଏକ ଯେ ଥିଲେ ଟିପାଟିପି" ପରି, ଆଦାମ ଆଉ ଇଭ୍ ପରି made for each other କିସମର ନାୟକ ନାୟିକା । ଚଳନ୍ତି ଭାଷାରେ ସିଗାରେଟ୍, ମଦ, କୋଲ୍ଡ଼ ଡ୍ରିଙ୍କ୍ସ, ସିନେମା ବିଜ୍ଞାପନର ଏକ ପାଇଁ ଆରେକ । ଗାଉଁଲି କଥାରେ ଆମର ଯୋଡ଼ ବେଶ ପଟିଛି, ଜ୍ୟୋତିଷଗଣଙ୍କ ମତରେ ରାଜଯୋଟକ, ଜନ୍ମରାଶି, ବାର, ନକ୍ଷତ୍ର ସମାନ । ତେବେ ମୋ ପାଇଁ ଯେ ବିଧାତା ମୀରାକୁ ଗଢ଼ିଛି, ତା ମାନିବି ନାହିଁ, କାରଣ ମୁଁ କେବେ ତା ସରି ହେବିନି । ମୀରା ବି ହୁଏତ ଅନ୍ତରରେ ଭାବୁଥିବ (ଯଦି ଆମ ସମାଜରେ ଲିବ୍ କଥାଟା ଗ୍ରହଣୀୟ ହୁଅନ୍ତା; ଅର୍ଥନୈତିକ ସାଧିନତା ଓ ବିବାହ ବିଚ୍ଛେଦ ବ୍ୟବସ୍ଥା ସହିତ) ମୁଁ ତା'ର ଯୋଗ୍ୟ ବର ମେଚ ବା ପାର୍ଟନର ନୁହେଁ ।

ପରେ କହିବି, କାହିଁକି କେମିତି ତ୍ରିଭୁଜ ଦୁଇଟି ସର୍ବତୋଭାବେ ସମାନ ହେଲେ ମଧ ଦାମ୍ପତ୍ୟ ଜୀବନରେ ଅସମାନତା ଆସିଥାଏ ।

ସେ ଦିନ ଆମେ ଦୁହେଁ ମଫସଲ ଅଞ୍ଚଳରୁ ନାନା ଅଭାବ ଅସୁବିଧା ଭୋଗି ଫେରୁଥାଉଁ, ମୀରାର ଏକ ବାନ୍ଧବୀର ପୁଅର ଏକୋଇଶିଆରେ ଯୋଗଦେଇ । ଦୂରଗାମୀ ତଥା ଦ୍ରୁତଗାମୀ ବସ୍ ସବୁ ଯେଉଁଠି ଛିଡ଼ାହୁଅନ୍ତି ନାହିଁ, ସେଇଠି ଛିଡ଼ାହୋଇ ମୀରା ଆଡ଼କୁ ଚାହୁଁଥାଏ ଏବଂ ଦୁଃଖ ମଧ କରୁଥାଏଁ କାହିଁକି ସେ ବାନ୍ଧବୀର ଟିକି ପୁଅଟାକୁ ଛୁଇଁଲା ବି ନାହିଁ ଯଦିଓ ମୁଁ ଆକାର ପ୍ରକାର ବିହୀନ ଏକୋଇଶି ଦିନର ପିଲାଟିକୁ ଦି ହାତରେ ଡ଼ରିମରି ଦଣ୍ଡକ ପାଇଁ ଶ୍ରଦ୍ଧାରେ ଧରିଥିଲି । ମଫସଲର ପିଲାଗୁଡ଼ାକ ହୁଏତ ଅପେକ୍ଷାକୃତ ଭଦ୍ର, ଅଥବା 'ଦେଖ୍ ତାକୁ' ଆଦି ସିନେମାର ପପ୍ କଥା ସେଠି ପହୁଞ୍ଚି ନାହିଁ, କେହି ତେଣୁ ଆମାକୁ ଲକ୍ଷ୍ୟକରି ମନ୍ତବ୍ୟ ଦେଲେ ନାହିଁ, ବରଂ କେତୁଟା ହାଇସ୍କୁଲିଆ ଟୋକା ଚଲବଲ କରି ଆମ ଆଡ଼କୁ ପ୍ରଶଂସାମାନ ଚକ୍ଷୁରେ ଚାହିଁ ରହିଥାନ୍ତି ଯିମିତି ଆମେ ଆଉ ଏକ ଦୁନିଆଁରୁ ଆସିଛୁଁ ।

ଶିବରାତ୍ରି ପାଇଁ ସବୁ ଗାଡ଼ି 'ରସ୍, ଜାମ୍' । କେଉଁ ଗାଡ଼ି ହାତ ଟେକିଲେ ବି ଛିଡ଼ା ହୁଅନ୍ତି ନାହିଁ । ଯେଉଁ ଗୋଟାଏ ଅଧେ ଛିଡ଼ା ହେଲେ, 'ମହିଳା ସିଟ୍ ମୋଟେ ନାହିଁ' କହିବାରୁ, ଆମେ ଚଢ଼ିଲୁ ନାହିଁ । ଅବଶେଷରେ ଯେଉଁ ଗାଡ଼ିରେ ବାଧହୋଇ ଚଢ଼ିଲୁ, ସେ ଗାଡ଼ିର ଭଦ୍ର କଣ୍ଡକ୍ଟରଟି ମୋତେ ପଛଆଡ଼କୁ ଗୋଟାଏ ସିଟ୍ କଷ୍ଟମଷ୍ଟେ ଦେଇପାରିଲା, ମାତ୍ର ମହିଳା ସିଟ୍‌ରେ ମୀରା ପାଇଁ ଯେଉଁ ସ୍ଥାନ ଦେଖାଇଲା, ତାହା ମୀରାକୁ ପସନ୍ଦ ହେଲାନାହିଁ । କାରଣ, ପିଲାଝିଲା ଥିବା, ଦୁଇଟି ତଥାକଥିତ ମହିଳାଙ୍କ

Digitized by srujanika@gmail.com

ମଧ୍ୟବର୍ତ୍ତୀ ଏ ଯେଉଁ ତୃତୀୟ ସିଟ୍‌ଟି ସେ ବସିବାକୁ ଦେଲା, ସେଥିରେ ମୀରାକୁ ଅନ୍ତତଃ ଯୋଡ଼ିଏ ପିଲାଝିଲାଙ୍କୁ ନିଜ ଉପରେ କୋଳରେ ରଖି ବସିବାକୁ ପଡ଼ିବ । ତେଣୁ ମୀରା ଅଗତ୍ୟା ରାଗରେ ଗରଗର ହୋଇ ମୋ'ଆଡ଼କୁ କଟମଟ ଚାହିଁଦେଇ ଛିଡ଼ା ହେବାକୁ ପସନ୍ଦ କଲା ଏବଂ ନିଷ୍ପତ୍ତି ନେବା ମାତ୍ରେ ପ୍ରକୃତିଗତ ଭାରସାମ୍ୟ ଓ ସଂଯମ ଫେରାଇ ଆଣିଲା । ସାବାସ୍, ବାଃ ବାଃରେ ମୀରା !

ବାସ୍‌ଟି ଆଗରେ ବଡ଼ ବଡ଼ ଅକ୍ଷରରେ ଲେଖାଥିଲା, ସୁପର ଡ଼ିଲକ୍ସ 'ଏକ୍ସଟ୍ରା' ଶବ୍ଦଟା ବି ଯୋଡ଼ିଥିଲେ ହୋଇଥାନ୍ତା । କାରଣ, ଗାଡ଼ିଟିର ଅଙ୍ଗପ୍ରତ୍ୟଙ୍ଗ ଏମିତି ଢ଼ିଲା କେତେବେଳେ କେଉଁଟା ଉଡ଼ନ୍ତା ଥାଳିଆ ପରି ବିଲବାଡ଼ି ଅତିକ୍ରମ କରିଯିବ, ଜାଣି ହବନି । ଭୀଷଣ ଧଡ଼ଧଡ଼ ଶବ୍ଦ, ଭୟଙ୍କର ଇଞ୍ଜିନ୍‌ର ଗର୍ଜନ ଯାହାକୁ କହନ୍ତି ଧରଡ଼ା ବସ୍ । ଜଣାପଡ଼ିବ ଅଶୀ ଶହେ କିଲୋମିଟର ବେଗ କିନ୍ତୁ ପ୍ରକୃତରେ ପନ୍ଦର କି କୋଡ଼ିଏରୁ ବେଶୀ ନୁହେଁ ।

ପରିବେଶ ଓ ଇତିହାସ ସହିତ ମେଳ ନରଖି ମହିଳା ସିଟ୍ ସାମନାରେ ଥିଲା ଏକ ଚାରିଫୁଟିଆ ବେଲ୍‌ଜିୟମ ଗ୍ଲାସର ଆଇନା । ଅଭିଶାପଗ୍ରସ୍ତ ହୋଇ ଅହଲ୍ୟା ପଥର ହୋଇପଡ଼ିଥିଲା, ଜଙ୍ଗଲୀ ଲୋକେ ହୁଏତ ଗୋଡ଼ ଘଷୁଥିଲେ ତହିଁରେ, ଆଇନାଟା ଏତେଦିନ ଧରି ଭୂତପ୍ରେତଙ୍କ ଛବି ଛାତିରେ ତୋଳୁଥିଲା ଏବଂ ବ୍ୟସ୍ତ ବିକଳ ହୋଇ ଅପେକ୍ଷା କରିଥିଲା କେବେ ନା କେବେ ତା'ର ଜନ୍ମ ସାର୍ଥକ ହେବ । ଆଜି 'ସଞ୍ଚାରିଣୀ ପଲ୍ଲବିନୀ ଲତା' ବା 'ହରିଣୟୀ ଶାଳଲତେବ ଜଙ୍ଗମା' ପାଞ୍ଚଫୁଟ ଛଅଇଞ୍ଚର ଲାବଣ୍ୟମୟୀ ମୀରାର ପ୍ରତିବିମ୍ବ ଯିମିତି ନେଇଛି, ଧୂଳିଜର୍ଜରିତ ଆଇନାଟା ବି ଜୀଇଁ ହସି ଉଠିଲା ।

ମୀରା ସିଟ୍‌କୁ ଲାଗି ଛିଡ଼ା ହୋଇଥିଲା । ଭିଡ଼ନଥିଲେ ବା ଛିଡ଼ା ହୋଇଥିବା ଯାତ୍ରୀଙ୍କ ବାଧା ପାଇନଥିଲେ, ମୀରା ଆଜାନୁ ପ୍ରତିବିମ୍ବ ଅଲ୍ଲାଉଦ୍ଦିନ ପଦ୍ମିନୀଙ୍କୁ ଦେଖିଲା ପରି ମୁଁ ଦେଖୁଥାନ୍ତି ଏବଂ ଜୋରଜବରଦସ୍ତ ଛାଡ଼ବାଡ଼ର ଦୁଃଖ ଆମେ ଜାଣୁନଥାନ୍ତୁ । ମୁଁ ମୀରାକୁ ଭଲ ଭାବରେ ସଦାସର୍ବଦା ଦେଖିପାରୁନଥିଲେ ବି ସେ ମୋ ମୁହଁକୁ ଦେଖିପାରୁଥାଏ, ଅକ୍ଳେଶରେ, ଆଇନା ଜରିଆରେ । ଏକାଗ୍ରତା ବଳରେ ଅର୍ଜୁନ ଡ଼ାଳପତ୍ର ଭିତରେ ବସିଥିବା ଚଢ଼େଇଟିର କେବଳ ଗୋଟିଏ ଆଖିକି ତ ଦେଖି ପାରୁଥିଲେ ! ମୁଁ ଅଧମ ହନୁପରି ଶିଂଶପା ଗଛ ଡ଼ାଳରେ ବସି ଜନକ ନନ୍ଦିନୀଙ୍କ ମୁହଁଟିର ପ୍ରଫାଇଲ ମାତ୍ର ଦେଖୁଥାଏଁ । କି ମୁହଁ ! ସଜ ପଦ୍ମଫୁଲଟିଏ, କି ଆଖି ଆୟତ, ଚଳଚଞ୍ଚଳ, ଦି'ଅଙ୍ଗୁଳ ଓଢ଼ଣା ତଳେ ଅନୁଚ୍ଚ କପାଳରେ ସିନ୍ଦୁର ବିନ୍ଦୁ, ସୁର ହୃଦୟ ଲାଖିଯାଇଛି ଯିମିତି । 'କେଉଁଠି ଥୋଇବି ?' ଭାବି ଭାବି କେଉଁଠି ଥୋଇଲି ? ହେ ରାଜା କି କଲ, ସୁନା ପ୍ରତିମାକୁ ତଳେ ଥୋଇଲ ।

ଲକ୍ଷ୍ୟ କଲି Beautyର ସାନ୍ନିଧରେ Beastମାନଙ୍କର ଦୁରବସ୍ଥା । ଲାବଣ୍ୟ ଲହରୀରେ ଉବୁଟୁବୁ ହୋଇ ବସ୍ ଯାତ୍ରୀମାନଙ୍କ ଭିତରୁ କିଏ ମୁହଁ ନାକ ଆଖି ପୋଛିନେଲା,

Digitized by srujanika@gmail.com

କିଏ ପିଙ୍କାଟାକୁ ତଳେ ମାଡ଼ି ମକଚିଦେଲା, କିଏ ପାନପାକୁଳି ବନ୍ଦ କରିଦେଲା, ସଙ୍ଗୀତର ପ୍ରଭାବରେ ଚରାଚର ସ୍ତବ୍ଧ ଚକିତ ହେଲାପରି । ସମସ୍ତେ ଏକନିଷ୍ଠ ହୋଇ ଆଖି ରଖିଲେ ତାରି ମୁହଁରେ, ମୁହଁର ପ୍ରତିବିମ୍ବରେ; ଏବଂ ଜଣାଗଲା ଡ଼ାହାଣୀ ଶୋଷିନେଲାପରି ମୀରାର ଗାଲର ସବୁତକ ନାଲି ସେମାନେ କ୍ଷଣକେ ଶେଷ କରିଦେବେ । ଆରେ ଆରେ! ମୀରା ମୋର ନା ଆପଣମାନଙ୍କର ? ପବ୍ଲିକ୍ ବସ୍‌ରେ ଯାଇଛି ବୋଲି ସେ କ'ଣ ପବ୍ଲିକ୍ ପ୍ରପର୍ଟି–ସର୍ବସାଧାରଣ ସମ୍ପତ୍ତି ? ତାକୁ ଦେଖିବାପାଇଁ ଯଦି ଟିକେଟ୍ କରିଛ; ତେବେ ପ୍ରମୋଦ କର, ଏଣ୍ଟରଟେନ୍‌ମେଣ୍ଟ ଟେକ୍ସ ଦାଖଲ କରିଛ ? ମୀରାର ବିଉଟି କ'ଣ ନିତ୍ୟ ବ୍ୟବହାର୍ଯ୍ୟ ସୌନ୍ଦର୍ଯ୍ୟ ନା ପେଡ଼ିସାଇତା ସୌନ୍ଦର୍ଯ୍ୟ ? ମନେ ମନେ ମିଲ୍‌ଟନ୍‌ଙ୍କ ସଇତାନ୍‌ର କଥାଟା ମନେ ପକାଇ ଆଶ୍ୱସ୍ତ ହେଲି **Beauty must not be hoarded but circulated.**

କିନ୍ତୁ ସର୍ବଜନ ଉପଭୋଗ୍ୟ ଏ ସୌନ୍ଦର୍ଯ୍ୟ ଟିକକ ଅନ୍ତତଃ କିଛିଦିନ ସାଇତି ସମ୍ଭାଳି ରଖିବାପାଇଁ ନାରୀକି କେତେ ଯତ୍ନ ନେବାକୁ ପଡ଼େ, କେତେ ନିର୍ଯ୍ୟାତନା କଦର୍ଥନା ସହିବାକୁ ନ ପଡ଼େ ! ମୀରା ଆମ ଘରକୁ ଆସିବାର ପାଞ୍ଚବର୍ଷ ଛଅବର୍ଷ ଚାଲିଲାଣି । ତାରି ସାଙ୍ଗମାନେ ଏକରୁ ଚାରି ପର୍ଯ୍ୟନ୍ତ ପ୍ରତିଯୋଗିତା କଲାପରି ପହୁଞ୍ଚାଇ ଦେଲେଣି ।

ମୀରାର ପିଲାଝିଲା ନ ହେବାରେ ମୋର ସିମିତି କିଛି ବିଶେଷ ଚିନ୍ତା ନାହିଁ (ଯଦିଓ ଗୀତାର 'କର୍ମଣ୍ୟେବାଧିକାରସ୍ତେ ମା ଫଳେଷୁ' ଏ କ୍ଷେତ୍ରରେ ଗ୍ରହଣଯୋଗ୍ୟ ନୁହେଁ ବୋଲି ବର୍ଷେ ହେଲା ଭାବିବାକୁ ଆରମ୍ଭ କଲିଣି) କିନ୍ତୁ ବାପା ମାଆ, ବନ୍ଧୁ କୁଟୁମ୍ବ ବିଶେଷତଃ ସାଇପଡ଼ିଶା ବିଶେଷ ଦୁଃଖିତ, ପୀଡ଼ିତ, ଆଶଙ୍କିତ ପଜିଟିଭ୍‌ଲି, ନିଶ୍ଚିତରୂପେ ।

ବାପାମାଆ ଏକାନ୍ତରେ ବାରମ୍ବାର କଥାବାର୍ତ୍ତା ହେବାର ଶୁଣିଲିଣି । ବାପା କହିଲେ, 'ବୋହୂର ପିଲାଝିଲା ହବାର କିଛି ଲକ୍ଷଣ ଦିଶୁନି । ଦିନକୁ ଦିନ ଆହୁରି ସୁନ୍ଦର ଦିଶୁଛି, ଦିହ ଜଗିଲେ ପିଲାଝିଲା ଜଗିବ କିମିତି ?' ମାଆ ସେଇ ଏକ ସୁର ଏକ ରାହା ଧରି କହନ୍ତି 'ପିଲାଝିଲା ହବ ବୋଲି ମୋର ବି ବିଶ୍ୱାସ ହଉନି, ଠାକୁର ଦେବତା ନ ମାନିଲ, ପୂଜାପଣା ବ୍ରତ ଉପାସ ନ କଲ, ଲୋକେ ତ ପୁଣି ପିଲାଝିଲା, କୁକୁର, ବିରାଡ଼ି ଚଢ଼େଇଚଟାକୁ ପାଳି ଶରଧା କରି ଶେଷରେ ପାଉଛନ୍ତି ଫଳ । ୟା'କୁ କେବେ ତ ନିଜ ସୁନ୍ଦର ସୁନ୍ଦର ବିରାଡ଼ି କୁକୁର ଛାଡ଼, ଗୁଲୁଗୁଲିଆ ପୁତୁରା ଝିଆରିଙ୍କି କାଖ କୋଳ କରିବାର ଦେଖିଲିନି । ଆମ ବଂଶରେ ଆମର କି ଭାୟାଦମାନଙ୍କର ବା ଆମ ପୁଅପୁତୁରା ଝିଅଝିଆରୀଙ୍କ ପିଲାଝିଲା ନ ହୋଇଛି, ଏମିତି ତ ନାହିଁ । ଏବେକାର ଝିଅବୋହୂ କି ପାଠ ପଢୁଛନ୍ତି କେଜାଣି ? ବୟସ ଗଡ଼ିଲେ ପିଲାଝିଲା ଆଉ ହେବେ ? ପିତୃପୁରୁଷ ନାତି ହାତରୁ ପିଣ୍ଡ ପାଇବା ଆଶା ନାହିଁ ।' ସାଇପଡ଼ିଶାଏଁ ବି ଛ'ମାଣ ଆଠଗୁଣ୍ଠର ଭଗିଆ ଶାରିଆଙ୍କୁ ମନରୁ ଫାନ୍ଦି ବାନ୍ଧିଛନ୍ତି ଚମ୍ପା ଯେଉଁ ଗୀତ ଗାଇଥିଲା ତହିଁରୁ କଳିଏ "ଯାହାର

Digitized by srujanika@gmail.com

ପିଲାଝିଲା ନାହିଁ ହୁଁ ହୁଁ ହୁଁ ହଁ ..." ଗାଇବାକୁ ଆରମ୍ଭ କଲେଣି ଶୁଣେଇ ଶୁଣେଇ । କିଏ ବା କହିବାର ଶୁଣିଛି 'ଆଜି ସକାଳଟାରେ ସେ ବାଂଜ ମାଇକିନା ସୁନ୍ଦରୀର ମୁହଁ ଚାହିଁଛି କ'ଣ ଅଶୁଭ ହବ କେଜାଣି, କେଉଁ କାମରେ ଫଳ ମିଳିବ ନାହିଁ ।'

ଏସବୁ କଥା ମନ୍ତବ୍ୟ ମୀରା ଯେ ନ ଶୁଣିଛି ବା ମୁଁ ତାକୁ ନ ଜଣାଇଛି ତା ନୁହେଁ । କାରଣ ମୁଁ କ୍ରମେ କ୍ରମେ ସେମାନଙ୍କ ଚିନ୍ତାଧାରା ଆଡ଼କୁ ଅଗତ୍ୟା ଟାଣି ହୋଇଯାଇଛି । ମୀରା ମୁରୁକି ମୁରୁକି ହସି ସବୁ ଶୁଣେ ଏବଂ ତୁଚ୍ଛତାଚ୍ଛଲ୍ୟରେ ଶେଷକୁ ଠୋ ଠୋ ହସି କଥାର ଗୁରୁତ୍ୱକୁ ଉଡ଼ାଇଦିଏ । ଦୁଃଖ ଅନୁଶୋଚନାର ଲେଶମାତ୍ର ତା' କଥା, କାମ, ଚିନ୍ତାରେ ନ ଥାଏ । ପ୍ରଥମ ଆସିଲାବେଳେ ପାଞ୍ଚ ଛଅବର୍ଷ ପୂର୍ବେ ଯିମିତି ଚିନ୍ତାରେ ନ ଥାଏ । ପ୍ରଥମ ଆସିଲାବେଳେ ପାଞ୍ଚ ଛଅବର୍ଷ ପୂର୍ବେ ଯିମିତି ପେଣ୍ଡୁଟି ଥିଲା ଆଜି ବି ସିମିତି, ବରଂ ସମଧିକ ଡ଼ଉଲଡ଼ାଉଲ ।

ବାଧ ସନ୍ତାନ ଓ ଭକ୍ତିମତୀ ବଧୂ ହୋଇଥିବାରୁ ଆମେ ଦିନେ ପିତା ମାତାଙ୍କ ପରାମର୍ଶ ଓ ଇଙ୍ଗିତରେ ଏକତ୍ର ଦୁହେଁ ହସ୍ପିଟାଲକୁ ଗଲୁ ଏବଂ ପରିବାର କଲ୍ୟାଣର ମୀରାର ଜନୈକା ଡ଼ାକ୍ତର ବାନ୍ଧବୀଙ୍କ ଠାରୁ ସାର୍ଟିଫିକେଟ୍ ଆଣିଲୁ । ମୀରା ବିନା ସଂକୋଚରେ, ଆପତ୍ତିରେ, ମୋ ସହିତ ଡ଼ାକ୍ତରାଣୀଙ୍କ ସବୁ ପ୍ରକାର ପରୀକ୍ଷା ନିରୀକ୍ଷାରେ ସହଯୋଗ କଲା । ବାପାମାଆଙ୍କୁ ସାର୍ଟିଫିକେଟ୍ ଦେଖାଇଲୁ, ଯହିଁରେ ଏଇ ମର୍ମରେ ଲେଖାଥିଲା "made for each other- even for Children, (ଅର୍ଥାତ୍ ଆମ ଦୁହିଁଙ୍କ ରକ୍ତକଣିକାରେ ପୂରା ମେଳ, ପ୍ରଜନନର ଅନ୍ତରାୟ ନାହିଁ) ବାପାଙ୍କ କୋଠରୀରୁ ଫେରିଲାବେଳେ ମୀରା ସଙ୍ଗମ୍ ଫିଲ୍ମର ବୈଜୟନ୍ତୀମାଳାକୁ ଅନୁକରଣ କରି 'ଯାଃ ଯାଃ' ପରେ ପରେ 'ହୋଗା, ହୋଗା, ହୋଗା' କହିଲା ମୋ କାନକୁ କାମୁଡ଼ିଲା ପ୍ରାୟ ଅଭିନୟ କରି ।

ପୁଣି କେତେମାସ ଗଡ଼ିଗଲା, କିନ୍ତୁ ମୀରାର ମାସ ଗଡ଼ିଲାନି । ସେ ପୁଣି ମୋର ବ୍ୟସ୍ତତା, ବ୍ୟାକୁଳତା ଓ ଅଧୀରତା ଲକ୍ଷ୍ୟକରି ଆଶ୍ୱାସ ଛଳରେ ସେଇ ମିଠା ହସ ଖେଳାଇ କହିଲା, "ତୁମେ ଏମିତି ପାଗଳଙ୍କ ପରି ହେଉଛ କାହିଁକି ? ଜନ୍ମମୃତ୍ୟୁ ମଣିଷ ହାତରେ । ଭୀଷ୍ମଦେବଙ୍କ ଯଦି ଇଚ୍ଛା ମୃତ୍ୟୁ ହୋଇପାରିଲା, ଆମର ଏ କଳିଯୁଗରେ ଡ଼ାକ୍ତର ବୈଜ୍ଞାନିକଙ୍କ ଯୁଗରେ ଜନ୍ମମୃତ୍ୟୁ ନିଜ ହାତରେ ରହିବ ନାହିଁ ? ଆମର ଇଚ୍ଛାଜନ୍ମ ସମ୍ଭବ ହବନି କଣ ? ନିର୍ମଳାକୁ ପରା ମୁଁ ବରାବର ପରାମର୍ଶ କରୁଛି । "ଧୈର୍ଯ୍ୟଧର ଘେନ ହେ ସାନ୍ତ୍ୱନା, ଅଛି ସେଇ ମହାଧନ ସେ ମହାସ୍ୱର୍ଣ୍ଣରତନ ।" ମୁଁ ରାଗିମାଗି କହିଲି "ଆଉ ପାଞ୍ଚବର୍ଷ ଧୈର୍ଯ୍ୟ ଧର, ନା ଥିବ ସ୍ୱର୍ଣ୍ଣ ନା ଆସିବ ରତ୍ନ ।"

ମୀରାର ଏମିତି ପିଲାଳିଆ ଭାବ ଦେଖି ଦିନେ ମୋତେ ଏତେ ରାଗ ମାଡ଼ିଲା ଯେ ରାତି ଅଧରେ ଜୋରଜବରଦସ୍ତ ତା ଅଣ୍ଟାରେ ବାହୁରେ ଯେଉଁ ଯୋଡ଼ା ଯୋଡ଼ା ଡ଼େଉଁରିଆ ଥିଲା ସେଗୁଡ଼ାକ ଦାନ୍ତରେ ଛିଣ୍ଡାଇ ଚିପି ମୋଡ଼ି ରେଶମ ଡ଼ୋର ସହିତ

Digitized by srujanika@gmail.com

ଛାତ ଉପରକୁ ଫୋପାଡ଼ିଦେଲି । କାରଣ ମୋର ଧାରଣା ବଦ୍ଧମୂଳ ହେଲା ଯେ, ମୀରା କୌଣସି ନା କୌଣସି ଚୋରା ଉପାୟରେ ଯନ୍ତ୍ରମନ୍ତ୍ର, ଗୁଣିଗାରିଡ଼ି, ଗାଉଁଲି ତୁଟୁକାମୁଟୁକା ସାହାଯ୍ୟରେ ଜନ୍ମନିରୋଧ କରୁଛି । ଖିଆଲୀ ଜିଦ୍‌ଖୋରୀ ମାଇକିନିଆ ତ !

ରାତିର ଗଣ୍ଡଗୋଳ ସକାଳକୁ ମଧ୍ୟ ଲାଗି ରହିଲା । ଟିକିଏ ନରମି ଯାଇ ଚା' ଖାଇବା ପରେ ମୀରାକୁ ଏକାନ୍ତରେ ପୁଣି ଯାଇ କହିଲି, "ଦେଖ ମୀରା ! ବାପା ମାଆ ଖୁବ୍ ଦୁଃଖର ସହିତ ମୋତେ ଯଥେଷ୍ଟ ସୂଚନା ଓ ଇଙ୍ଗିତ ଦେଲେଣି, ମୋର ଦ୍ୱିତୀୟ ବିବାହ ପାଇଁ । କାରଣ ସେମାନେ ଭାବୁଛନ୍ତି, ନାରୀ ସୌନ୍ଦର୍ଯ୍ୟ ପାଇଁ ଯେତେ ଅଭିପ୍ରେତ ନୁହେଁ ସନ୍ତାନ ସନ୍ତତିର ମାଧ୍ୟମ ହେବା ପାଇଁ ସେତେ କାମ୍ୟ । ସନ୍ତାନ ପାଇଁ ସୁଦକ୍ଷିଣା ଗୋରୁ ଚରାଇବା ପର୍ଯ୍ୟନ୍ତ ଗଲେ, ଦେବକୀ ଶୃଙ୍ଖଳାବଦ୍ଧ ହୋଇ ମଧ୍ୟ ଶ୍ରୀକୃଷ୍ଣ ଜନ୍ମଯାକେ ଅଠୋଟି ସନ୍ତାନ ବିନା ଆପତ୍ତି, ଦ୍ୱିଧାରେ ଜନ୍ମ କରିଥିଲେ । ସେମାନେ ବି ଅନୁଭବ କଲେଣି, ତୁମେ ଇଚ୍ଛାପୂର୍ବକ ସନ୍ତାନ ବିମୁଖ ହେଉଛ, ତୁମର ସୌନ୍ଦର୍ଯ୍ୟ ପ୍ରତି ଆଞ୍ଚ ଆସିବା ପରି ବାରବ୍ରତ, ଉପାସ ଆଦି କୃଚ୍ଛ୍ରସାଧନ କରୁନ, ବିଶେଷତଃ ପିଲାଝିଲାଙ୍କ ମଳିମଇଳା ପ୍ରତି ତୁମର ଭୟ; ଘୃଣା ଓ ସେମାନଙ୍କ ପ୍ରତି ଘୋର ଅଶ୍ରଦ୍ଧା; ବିମୁଖତା ବା ଏଲର୍ଜି ସେମାନେ ଲକ୍ଷ୍ୟ କରିଛନ୍ତି ।"

ପୂର୍ବରାତ୍ରିର ତା ପ୍ରତି ଜୋରଜବରଦସ୍ତ, ସକାଳର ଭାଗବତ ପାଠ, କୌଣସିଥିରେ ବିଚଳିତ ନହୋଇ ମୀରା ସୁର ଧରି ପ୍ରତ୍ୟୁତ୍ତର ରୂପେ ଗାଇବାକୁ ଲାଗିଲା ଧାଡ଼ି ପରେ ଧାଡ଼ି କୌଣସି ଏକ ପତ୍ରିକାର ପରିବାର କଲ୍ୟାଣ ବିଜ୍ଞାପନ ପୃଷ୍ଠାରୁ । "ଛବିଶ ବର୍ଷର ମୀରା ଛଅଟି ସନ୍ତାନ ... କୁକୁଟ ଶାବକ ସମ ରହିଥାନ୍ତି ଘେରି ... ଆଜୀବନ ବନ୍ଦୀ ପଦେ ସେବା ଲୁହାବେଡ଼ି ... ଏଇ ସେଇ ମୀରା । ସେଇ ସପ୍ନମାୟାବିନୀ, ଆଜି ପ୍ରେତପୁର ଛାୟା, ଅଥବା ଡ଼ାକିନୀ । କେବଳ ଉମା ସ୍ଥାନରେ ମୀରା ଥୋଇ ଗାଇଗଲା ପୁରା କବିତାଟିରୁ ପନ୍ଦର ଷୋଳ ଧାଡ଼ି ଏବଂ ଶେଷରେ ପ୍ରଶ୍ନିଳ ଚକ୍ଷୁରେ ମୋ ଆଡ଼କୁ ଚାହିଁ କହିଲା "କଣ ଚାହଁ ?" 'କୋଟରେ ପଶିଛି ନେତ୍ର, ପାଣ୍ଡୁର ବଦନ' ମୀରାକୁ, ନା "ହାସ୍ୟେ ଲାସ୍ୟେ ଗତିଛଟକରେ କାନନକୁରଙ୍ଗୀକୁ ?"

କୁମ୍ଭରୀ ଆଣି ମଝି ନଈରେ କଲାଣି, ମାଆ ବୋଲେ ପୁଅ ପହଁରୁଚି କଥାଟି ସିଧାସିଧି କହିନପାରି କହିଲି "ଦେଖ ମୀରା ! ପିଲାଝିଲା ଜନ୍ମ କଲ ନ କଲ ସେ ଅଲଗା କଥା, ତୁମେ ସର୍ଗତ ସବୁଜ କବି ବିଚାରାକୁ ପଥର କରି ମୋ ମୁଣ୍ଡଟା ତା ଉପରେ ବାଡ଼ାଅ ନାହିଁ । କେଉଁ ପ୍ରସଙ୍ଗରେ ନିଜେ ବହୁ ସନ୍ତାନର ଜନକଟି ଚାଳିଶ ବର୍ଷ ଏ କବିତା ଲେଖିଥିଲା ... ଛାଡ଼ ତୁମେ ପିତୃପୁରୁଷଙ୍କୁ ପିଣ୍ଡରୁ ବଞ୍ଚିତ କଲ, ପୁତ୍‌ନାମକ ନରକରେ ଅନନ୍ତ କାଳ ମୋତେ ବି ବିନା ତ୍ରାଣ ଆଶାରେ ରଖିଲ; ତୁମେ ଘୋର ପାପ କରୁଛ, ତୁମର Lib Society ତୁମକୁ କି ମନ୍ତ୍ର ଦେଇଛି, ତୁମେ ଜାଣ । ବୁଦ୍ଧ ରୋଗ ଜରା ମୃତ୍ୟୁ ତିନୋଟିର ସମ୍ମୁଖୀନ ହୋଇନପାରି ବୈରାଗ୍ୟ ଗ୍ରହଣ କଲେ, ତୁମେ କେଉଁ

Digitized by srujanika@gmail.com

କେଉଁ ସନ୍ତାନର ବିବର୍ତ୍ତନ, ଉତ୍ତରଣରେ ପ୍ରତିବନ୍ଧକ, ଅନ୍ତରାୟ ସୃଷ୍ଟି କରିଛି କହିପାରିବ ?" ଉତ୍ତର ଦେବ କ'ଣ ଓଲଟି ଛଇଛଟକରେ ଗେଲାଇ ହଲାଇ ହୋଇ ହାତଗୋଡ଼ ଛିଞ୍ଚାଡ଼ି କୋଠାରୀରୁ ବାହାରି ଯିବା ବେଳେ ରାଗରେ ଗୋଟି ଜଳିଯାଇ ତାକୁ କିଛି କହିପାରିଲି ନାହିଁ, କେବଳ ଛିଗୁଲାଇ ହୋଇ ବଡ଼ପାଟି କରି ସେଇ ମାଡ଼ଖିଆ ପଦକ କହିଦେଲି "ଦେଖ୍ ତାକୁ !" ଯେତେ ଚିଡ଼ିଥିଲେ ବି ମୀରାକୁ ଦେଖିଲେ କିଏ ଧୃତି ଧରିପାରେ ?

ଆଉ କିଏ ଦେଖୁ ନ ଦେଖୁ ଶିବରାତ୍ରିର ତିନିଦିନ ପରେ ଏକୋଇଶିଆରୁ ଫେରି ସେଇ ଧତଡ଼ା ବସ୍‌ର ଆଇନା ସାମନାରେ ମୁଁ ଦେଖୁଥାଏ ତାକୁ ଓ ତା'ର ଦୀନହୀନ ଅବସ୍ଥାଚକ୍ରରେ ବି ସୀମାହୀନ ଆତ୍ମସ୍ଥୈର୍ଯ୍ୟ । ଏ ଭିତରେ ଦୁଇଟା ଷ୍ଟେସନ୍ ଅତିକ୍ରମ କରି ସୁପର ଡ଼ିଲକ୍ସ ବସ୍‌ଟି ଆଉ ଗୁଡ଼ାଏ ଅବାଞ୍ଛିତ ଅପରିଚ୍ଛନ୍ନ ଯାତ୍ରୀ ସଂଗ୍ରହ କଲାଣି । ଭିଡ଼ର ଚାପ ଏତେ ଯେ ପଲ୍ଲବିନୀ ଲତା ବା ହିରଣ୍ମୟୀ ଶାଳଲତାଟି ପକ୍ଷରେ ବିନା ଆଶ୍ରୟରେ ସଳଖ ହୋଇ ଛିଡ଼ାହେବା ଅଭ୍ୟାସସାଧ ହେଲାଣି । ବାପା କହୁଥିଲେ, ଦ୍ୱିତୀୟ ମହାଯୁଦ୍ଧ ଆରମ୍ଭ ହେବା ପୂର୍ବରୁ କଲିକତାର ଟ୍ରାମ ବସ୍‌ର ପୁରୁଷ ଯାତ୍ରୀମାନେ ମହିଳା ଦେଖିଲା ମାତ୍ରେ 'ସାବଧାନ' ଭଙ୍ଗରେ ମିଲିଟାରୀ କାଏଦାରେ ଛିଡ଼ାହୋଇ ପଡ଼ି ଆସନ ଛାଡ଼ିଦେଇ ନାରୀ ପ୍ରତି ସମ୍ମାନ ଦେଉଥିଲେ । ଏବେ ଯୁଦ୍ଧୋତ୍ତର କାଳରେ ସାଧ୍ୱୀନାଙ୍କୁ କିଏ ଅବା ଅନୁଗୃହୀତା କରୁଛି ? ସେମାନେ କୁସ୍ତି କଲେଣି, ଫୁଟବଲ, ହକି, କ୍ରିକେଟ୍, ଖେଳ ଯୁଦ୍ଧ କଲେଣି । ପୁରୁଷ କେଉଁ କ୍ଷେତ୍ରରେ ସଂଗ୍ରାମରେ ତାଙ୍କୁ ଜିଣିବାର ସମ୍ବାଦ ମିଳୁନି, ପତ୍ରପତ୍ରିକାରେ ମଧ୍ୟ ।

ମୋର ଇଚ୍ଛା ହେଉଥାଏ, ଉଠିଯାଇ ଠିକ୍ ମୀରା ପଛରେ ଭିଡ଼ି ହୋଇ ଛିଡ଼ା ହୁଅନ୍ତି ଓ ଢାଲ ବା ଚର୍ମ ପରି ତାକୁ ପ୍ରତିରକ୍ଷାର ଆବରଣ ଦିଅନ୍ତି । କିନ୍ତୁ ତା' ପାଖ ପହଞ୍ଚିବାକୁ ରାସ୍ତା କାହିଁ ? ଭାଗ୍ୟ ଭଲ ନାରୀମାନେ ସ୍ୱଭାବତଃ extra-super ସ୍ୱର୍ଣ୍ଣଜାତୀୟା ହେଲେ ମଧ୍ୟ ଦେଶକାଳପାତ୍ର ଭେଦରେ କାଠ ପଥର ପରି ଆତ୍ମରକ୍ଷା କରିପାରନ୍ତି । ଆହୁରି ଭାଗ୍ୟ ଭଲ, ମୀରା ପଡ଼ିଯିବା ଭୟକୁ ଏଡ଼ିବା ପାଇଁ ମୁଣ୍ଡ ଉପରେ ଲମ୍ବିଥିବା ଲୁହାଛଡ଼କୁ ଧରିବାକୁ ଚେଷ୍ଟା କରୁନି । "ମୋ' ରାଣୀ ସଙ୍ଗାତ ! ଅଳସ ଭଞ୍ଜନେ ଭୁଜ ଟେକି ଦେବୁ ନାହିଁ ।" ନା ନା ମୀରା, ସେ କଥା କରିବୁ ନାହିଁ, ବରଂ ଗୋଟାଏ କ'ଣ ଦି'ଟାଯାକ ପିଲାଝିଲାଙ୍କୁ ଉଠାଇ ଦୁଇ ଜଙ୍ଘରେ ବସା ଏବଂ ଦୁଇ ମହିଳାଙ୍କ ମଝିରେ ବସିଯାଆ, କେତେ ବାଟ ଯେ ଆଉ । ତୋରି ମାତୃଜାତି, ତାଙ୍କୁ ଘୃଣା କରିବୁ ?

ଅବଶିଷ୍ଟ ରାସ୍ତା ମାତ୍ର ଘଣ୍ଟାକର, ତିନିଘଣ୍ଟା ପରି ଲାଗିଲାଣି ମୁଁ ମୀରାର ପ୍ରଫାଇଲ ଦେଖୁଥାଏଁ ବେଳେ ବେଳେ ମୁହଁର ଅନ୍ୟ ପାଖ ଗାଲ ଆଖି ସିନ୍ଦୁର ବିନ୍ଦୁ ଆଇନରେ ଦିଶି ଯାଉଥାଏ ଲୋକଙ୍କର ଚଳ ପ୍ରଚଳ ତଥା ବସ୍‌ର ଗତିବିଧି ଅନୁସାରେ । ମୁଁ ଅନେକ ସମୟ ଧରି ଲକ୍ଷ୍ୟ କଲିଣି, ମୀରା ଠିକ୍ ତା' ଉନ୍ନତ ଚକ୍ଷୁର ନିମ୍ନ ପ୍ରଦେଶରେ ବସିଥିବା

Digitized by srujanika@gmail.com

ମହିଳାଟିକି ନିର୍ନିମେଷ ନୟନରେ ଚାହୁଁଛି, ଯଦିଓ ଦୁହିଁଙ୍କ ବାକ୍ୟାଳାପ ବିନିମୟ ନଥାଏ । କ୍ୱଚିତ୍ ସେ ଚାହେଁ ଝରକା ପାଖରେ ବସିଥିବା ଅପେକ୍ଷାକୃତ ସୁସଜିତା ଭଦ୍ର ମହିଳାକୁ, କିନ୍ତୁ ଯେତେବେଳେ ତା' ଆଡ଼କୁ ଚାହେଁ, ତା' ଆଖିରେ ଦରଦ ନଥାଏ ବରଂ ଥାଏ ଘୃଣା । ଥରେ ବସ୍‌ଟା ଭୀଷଣ ଭାବରେ ଓଲଟପାଲଟ ହେବା ମୁହୂର୍ତ୍ତରେ ମୁଁ ନଜର କଲି, ମୀରା ଚାହୁଁଥିବା ସ୍ତ୍ରୀ ଲୋକଟିର କୋଳରେ ଗୋଟିଏ ଚାରି ପାଞ୍ଚ ମାସର ଶିଶୁ ଅଛି; ଅନ୍ୟ ସ୍ତ୍ରୀଟିର ପ୍ରାୟ ବର୍ଷିକିଆ ପିଲାଟାଏ; ଆଉ ଦୁହିଁଙ୍କ ମଝିରେ ଯୋଡ଼ାଏ ତିନିଟା ବଡ଼ସାନ ପିଲାଝିଲା, କାହାର ଜାଣିବା ଉପାୟ ନାହିଁ, କହିବା ମଧ୍ୟ ମୁସ୍କିଲ ।

ମୀରାଗତପ୍ରାଣ ଏ ଅଧମ ମୀରାକୁ ଯେଉଁ କେତେଥର ଲକ୍ଷ୍ୟ ବା ଅନୁଧ୍ୟାନ କରିଥିଲା ସେ ଭିତରୁ ପ୍ରଥମ ଉଲ୍ଲେଖନୀୟ କଥା ହେଲା ତା' କପାଳର ଝାଳ । କୁଆପଥରସହ ପୂର୍ବଦିନ ଭଲ ଅସରାଏ ତୋଫାନିଆ ବର୍ଷା ହୋଇଥିବାରୁ ପାଗ ଅସାଧାରଣ ଥଣ୍ଡା ଥିଲା ଅଥଚ ମୀରା କପାଳରୁ ଝାଳ ଥରକୁ ଥର ପୋଛୁଥିଲା । ଥରେ ତା' ଆଖିରେ ଲୁହଥିବା ପରି ମଧ୍ୟ ଜଣା ପଡୁଥିଲା । ଆଉ ଥରେ ଦେଖିଲି, ସେ ଦଣ୍ଡେଯାକେ ଗୋଟାଏ ପାଖ ଥନକୁ ପାପୁଲି ଦେଇ ଚାପି ରଖିଥିଲା, ଯିମିତି ହଠାତ୍ ଛାତିଟା କିମିତି ହୋଇଗଲେ ଆପେ ଆପେ ଲୋକଙ୍କର ହାତ ଛାତିରେ ଚାପି ହୋଇଯାଏ, ହାର୍ଟ ଫେଲ୍ୟୁଓର ରୋକିବା ପାଇଁ । ଶୀତରେ ଝାଳ, ଆନନ୍ଦରେ ଲୁହ, ଛାତିରେ ହାତ ଏ ରହସ୍ୟ ସବୁ ଭେଦ କରିପାରିଲି ନାହିଁ । ବସ୍‌ରୁ ଓହ୍ଲାଇ ଦୁହେଁ ରିକ୍ସାରେ ବସି ଘରମୁହାଁ ହେଲା ବେଳେ ବିଚ୍ଛେଦ ପରେ ପୁନର୍ମିଳନ ସୁଖରେ ମୁଁ ଏତେ ଉଲ୍ଲସିତ ହେଲି ଯେ ଏ ତିନୋଟି କଥାର ବ୍ୟାଖ୍ୟା ମୁଁ ମୀରାଠାରୁ ଲୋଡ଼ିବାକୁ ଭୁଲିଗଲି । ତା'ଛଡ଼ା ମୀରାର ବଦନମଣ୍ଡଳରେ ମୁଁ ଏକ ଅପୂର୍ବ ଅଭାବନୀୟ ପରିବର୍ତ୍ତନ ସେତେବେଳେ ଲକ୍ଷ୍ୟ କଲି । କେତେ ଦିନ ଧରି ଯେଉଁ ମେଘର ଛାଇ ତା' ମୁଖପଦ୍ମକୁ ବିମଳିନ କରିଥିଲା, ତାହା ଯେମିତି ଅପସରି ଯାଇଥିଲା । ବାରମ୍ବାର ଦାମ୍ପତ୍ୟ କଳହର ସାମାନ୍ୟତମ ସ୍ମୃତିଛିଟା କୁତ୍ରାପି ପରିଲକ୍ଷିତ ହେଉନଥିଲା । ବରଂ ମୁଁ ଦେଖିପାରିଲି ଏକ ଜ୍ୟୋତିର୍ବଳୟ ତା'ର ମୁହଁ ଚାରିପଟେ ଯାହା ପରିଦୃଶ୍ୟ ହୁଏ, ସାଧୁ ସନ୍ନ୍ୟାସୀ ତପସ୍ୱୀମାନଙ୍କର ଏକ ସ୍ୱର୍ଗୀୟ ମୁହୂର୍ତ୍ତର ଦିବ୍ୟଜ୍ଞାନ ବା ସତ୍ୟ ଲାଭ ପରେ । ବାଟଯାକ ସେ ନୀରବ ଗମ୍ଭୀର, ଯିମିତିକି ବାକ୍‌ଶକ୍ତି ବିହୀନ । ମୋତେ ଘର ଫାଟକ ପାଖରେ ଓହ୍ଲାଇ ଦେଇ ସେ ତରବରରେ ରିକ୍ସା ନେଇ ଚାଲିଗଲା । କହିଗଲା, 'ମୋ ଦିହ କିମିତି କିମିତି ଲାଗୁଛି, ମୁଁ ନିର୍ମଳା ପାଖକୁ ଯାଉଛି, ପଚାରି ଆସେ କ'ଣ ହେଇଛି ।' ଘଣ୍ଟାଏ ଭିତରେ ଫେରିଆସିଲା । ପଚାରନ୍ତେ କହିଲା "କିଛି ହୋଇନି, ସବୁ ଠିକ୍ ଅଛି ।"

ସେଦିନର ରାତି ଏକ ଅବିସ୍ମରଣୀୟ ରାତି । ସେ ରାତିର ଅଭିଜ୍ଞତା ଶତ ଶତ ବସ୍‌ର ରାତ୍ରି, ସହସ୍ର ସହସ୍ର ବାସର ଶଯ୍ୟାର ଆନନ୍ଦକୁ ବଳିଯିବ । ମୀରା ସେ ରାତିରେ ଆଉ ହାସ୍ୟମୟୀ ଲାସ୍ୟମୟୀ ରୋମାଣ୍ଟିକ୍ କାବ୍ୟକବିତାର ନାୟିକା ନ ଥିଲା । ସେ ଥିଲା

Digitized by srujanika@gmail.com

ଏକାବେଳକେ ଅବିଶ୍ୱାସ୍ୟ ଏକ ବିବର୍ତ୍ତିତା ନାରୀ । ଯିମିତି ଆମେ ଦୁହେଁ made for each other କେବଳ ରୋମାଣ୍ଟିକ୍ ଦୃଷ୍ଟି ଭଙ୍ଗୀରେ ନୁହେଁ; ସେକ୍ସ ଭଙ୍ଗୀରେ ମଧ୍ୟ । ମୀରା କେଳୀପ୍ରବୀଣା; କେଳୀ କଉତୁକୀ ଚୌପଦୀର ନାୟିକା ବନି ଯାଇଥିଲା ଯିମିତି । ମୁଁ ଋଷ୍ୟଶୃଙ୍ଗ ଅଧା ମଣିଷ, ଅଧା ପଶୁ । ଆମେ ଦୁହେଁ ମନ୍ଦିରଗାତ୍ରୀ ଚଉଷଠି କଳାର ଜୀବନ୍ତ ସ୍ଥାପତ୍ୟ ମୂର୍ତ୍ତିଯୁଗଳ । ଲାଇଫ୍ ଫୋର୍ସ ଆମକୁ ଭିଡୁଛି । ପୁଲକ; ରୋମାଞ୍ଚ; ଶିହରଣ ଆଦି କାମ ଲକ୍ଷଣସର୍ବସ୍ୱ ଆମେ ଆଦିମ ମାନବ ମାନବୀ । ମୀରା ଯିମିତି ରଜ ସଂକ୍ରାନ୍ତି ପରର ବସୁନ୍ଧରା, ବର୍ଷଣ ପରେ ବୀଜବପନ ଅପେକ୍ଷାରେ, ମୁଖବ୍ୟାଦାନ କରି ଶାମୁକାଟିଏ ଅପେକ୍ଷା କରିଛି କେତେବେଳେ ବିନ୍ଦୁ ଗ୍ରହଣ କରି ମୁକ୍ତାଫଳ ସୃଷ୍ଟି କରିବ । ମୁଁ ଯିମିତି ମୀରା ପଛରେ ଦଉଡ଼ି ନାହିଁ; ସେ ମୋ' ପଛରେ ଧାଇଁ ଧାଇଁ ମୋତେ ଜାବୁଡ଼ି ଧରିଛି । ସେ ଅଷ୍ଟପଦ ଅକ୍‌ଟୋପାସ୍, ମୁଁ ମାଛି, ବୁଢ଼ିଆଣୀ ଜାଲ ଭିତରେ । ଅପୂର୍ବ ସେ ଅନୁଭୂତି । ନାରୀର ବନ୍ଧନ ତୁଟିଛି, ଜିଦ୍ ଖିଆଲ୍ ଉଡ଼ିଯାଇଛି । ସାର୍ଟ ଓ ଶାଢ଼ୀ ଆମେ ଓ ସମସ୍ତେ ଲଙ୍ଗଳା ଲଙ୍ଗୁଳୀ । ଜ୍ଞାନ ଫଳ ଲୋଭରେ ଖାଇଛୁ ଆଉ ଲାଜକୁ ଡ଼ର କାହିଁକି ?

ଫେବୃଆରୀ ବାର ତାରିଖ ଶିବରାତ୍ରିରୁ ମହାବିଷୁବ ସକ୍ରାନ୍ତିର ପୂର୍ବଦିନ ସନ୍ଧ୍ୟା । ହପ୍ତାଏ ହେଲାଣି ଲକ୍ଷ୍ୟ କରିଛି ବାପା ମାଆ ଓ ମୀରାଙ୍କ ସମ୍ପର୍କର ବିରାଟ ବରଫ ଖଣ୍ଡ ପାଣି ଫାଟି ପୂରା ତରଳି ଗଲାଣି, ଚଳଚଞ୍ଚଳ ଓ ଉଜ୍ଜ୍ୱଳ ହୋଇ । ସେମାନଙ୍କ ମିଳାମିଶା କଥାବାର୍ତ୍ତାରେ ଯିମିତି ବୈପ୍ଳବିକ ପରିବର୍ତ୍ତନ ଆସିଛି; ଜଣାଗଲା ପିତୃପୁରୁଷଙ୍କ ପିଣ୍ଡପ୍ରାପ୍ତି ଓ ନରକ ଉଦ୍ଧାର ଏକାବେଳକେ ସୁନିଶ୍ଚିତ । ମୁଁ ଯିମିତି ଏ ତିନିଙ୍କ କୌଶଳ ଓ ଚକ୍ରାନ୍ତର ଶିକାର । ଗୋଟାଏ ଭୀଷଣ ଗୁପ୍ତ ରହସ୍ୟର ସେମାନେ ପ୍ରତ୍ୟେକ ଭାଗୀଦାର । ମୀରାର ଉଲ୍ଲାସ ଓ ଉତ୍‌ଫୁଲ୍ଲତାର ପ୍ରକାଶ ତା'ର ଦୁଇ ଅୟତ ଆଖିରେ; ମୋତେ ସେ ଯୋଡ଼ିକ ଟାହୁଲିଟାପରା କରି ଆନନ୍ଦ ପାଉଛନ୍ତି ଯିମିତି ।

ସଞ୍ଜବେଳେ ଯୋଡ଼ାଏ ପୁତୁରା ଝିଆରୀଙ୍କ ଦୁଇ କାଖରେ ଧରି ମୀରା ପରଦା ଟେକି ଆଣି ଆସିଲା ମୋ' କୋଠରୀକି, ମୁଁ ସମ୍ବଲପୁରୀ ଗୀତ ଶୁଣୁଥିଲା ବେଳେ ରେଡ଼ିଓରୁ । ପଛକୁ ଚାହିଁ ମୀରାକୁ ଯିମିତି ଦେଖିଛି ମୋ' ପାଟିରୁ ବାହାରି ପଡ଼ିଲା "ଭିନେ ଆଜ ତୋ' ରୀତିରେ, ପ୍ରାଣସହ ।" ତାଳୁରୁ ତଳିପା ଭଲଭାବରେ ଅନାଇ ପଚାରିଲି, "ଏଲାର୍ଜିମାନେ ବିତୃଷ୍ଣା, କେବେଠୁ ଭଲ ହେଲା, କି ଟେବ୍‌ଲେଟ୍ ଖାଇଲ, କିଏ ଆଣିଦେଲା ?" ଉତ୍ତର ଛଳରେ ସେ ବି ମୋ' ଗୀତ କଳିର ପାଦ ପୂରଣ କଲା, ଭଙ୍ଗୀରେ ଗାଇଲା, "ମୀରା ଦମ୍ଭଶିଖରୀ ଭାଜିଲା, ରେ ସଙ୍ଗାତ । ମୋର ଦମ୍ଭ ଭାଜିଲା, ବନ୍ଧ ଭାଙ୍ଗିଲା, ଚିର ଉର୍ଦ୍ଧ୍ୱଚୂଳ ଶିଖରୀର ଅନୁପମ ଅହଂକାର ବି ଏଥର ତୁଟିଯିବ, ବୁଝିଲ ?"

ମୁଁ ବଲବଲ କରି ତା' ଆଡ଼କୁ ଦଣ୍ଡେ ଚାହିଁ ପଚାରିଲି, 'ତୁମର ଖିଆଲ, ଜିଦ୍ ଭାଙ୍ଗିବ କିଏ ? ଶିଖରୀ ଭାଜି ଯାଇପାରେ, ତୁମ ଜିଦ୍‌ର ବନ୍ଧ କିଏ ଭାଙ୍ଗିବ ?'

Digitized by srujanika@gmail.com

ଇଏ କ'ଣ ପଥର ବନ୍ଧ ହୋଇଛି କି ? ଇଏ ତ ବାଲି ବନ୍ଧ । ବାଲିବନ୍ଧ ନିବୀବନ୍ଧର ପାର୍ଥକ୍ୟ କେତେ ? ଦଳେଇ ଘାଇ ଦି'ଥର ଭାଜିଲାଟି ? ପ୍ରକୃତି ବା ଭଗବାନର ବନ୍ଧ ଭାବ ନାହିଁ, କିନ୍ତୁ ନିର୍ମଳା ଆଉ ମୁଁ ଯେଉଁ ବନ୍ଧ ଦେଇଥିଲୁଁ ତାକୁ ଆମେ ଇଚ୍ଛା କରି ଭାଙ୍ଗିପାରିବୁ ନି ? ଗଣ୍ଠି ସେ ପକାଇଥିଲା, ଖୋଲିଦେଲା । ଏ ଭଗବାନ ତିଆରି ନୁହେଁ, ଇଚ୍ଛାମୃତ୍ୟୁ ପରି ଇଚ୍ଛା ଜନ୍ମ ।

"ଫଳ କ'ଣ ପାଇଲ ?"

"ପରୀକ୍ଷା ଦେଇଥିଲୁ, କେତେ ମାସ ପରେ ଆମର ଏମ୍.ଏ. ଫଳ ମାନେ ପିଜି ରେଜଲ୍ଟ ବାହାରିଲା ମନେଅଛି, ନଅ ମାସ ନା ଦଶମାସ ?" ନିଜେ ନୋଟିସ୍ ବୋର୍ଡ଼ରେ ଫଳ ଦେଖିବ କହୁଛ ବିଶ୍ୱାସ ହଉନି ? ଭଗବାନଙ୍କ ଇଛା ଆର୍ଶୀବାଦ ଥିଲେ ଆଉ ଦି'ଟା ମାସ ପରେ ଅନୁଭବ କରିପାରିବ କିମିତି ଆମ ଦୁଇଜଣଙ୍କ ହୃଦୟର ସ୍ପନ୍ଦନ ସହିତ ମେଳ ରଖି Made for each other - ଦୁକ୍‌ଦୁକ୍ ହୋଇ ସେକେଣ୍ଡ କଣ୍ଟା ପରି ଚାଲିଥିବ । ବାହାଘରର ମନ୍ତଟା ମନେଅଛି, ମୋର ହୃଦୟ ତୁମର ହେଉ, ତୁମର ହୃଦୟ ମୋର ହେଉ, ଆମ ଦି'ଜଣଙ୍କ ହୃଦୟ ତାଙ୍କର ହେଉ ।

'ଏବେ କ'ଣ ଭଗବାନଙ୍କୁ ଡ଼ାକିଲଣି !'

'ନ ଡ଼ାକି ଉପାୟ ନାହିଁ, ମଣିଷର କର୍ମ, କର୍ତ୍ତବ୍ୟ ପରେ ଆଉ ଯାହାସବୁ ତାଙ୍କରି । କିଛି ଅଘଟଣ ଘଟୁନଥିଲା, ଏବକୁ ଘଟିପାରେ । କିଏ ସାହା ହବ ? ନିର୍ମଳା ଡ଼ାକ୍ତରାଣୀ କ'ଣ ଭଗବାନର ଦାୟିତ୍ୱ ନେଇପାରିବ ?"

"କଥାଟା ଖୁବ୍ ରହସ୍ୟମୟ ହେଉଛି, ତଥାପି ମୁଁ ବୁଝୁଛି । ଖୋଲି ସ୍ପଷ୍ଟ ଭାବରେ କହିଦିଅ, ମୁଁ ଥରେ ଦି'ଥର ନାଚେ, ତୁମକୁ କୁଣ୍ଢାଇ ଧରି ।"

"କଥାଟା ସେଇ । ହୋଗା ହୋଗା ହୋଗା ।"

"ବନ୍ଧବାଡ଼ଟା ଭାଜିଲା କିମିତି ?"

"ସିଧା କଥା । ଉପର ମୁଣ୍ଡରେ ବର୍ଷାହେଲା, ଝଡ଼ ତୋଫାନସହ ମୂଷଳଧାରାରେ ବର୍ଷା । ସେଇ Super Delux ଧଡ଼ଧଡ଼ିଆ ବସ୍‌ରେ । ଯେଉଁଠି ମୋତେ ଧୋଇଥିଲେ, ଲୋକେ ଥରକୁଥର 'ଦେଖ୍ ତାକୁ' କହୁଥିଲେ । ଯେଉଁଠି ଥଣ୍ଡାରେ ମୁଁ ଝାଳରେ ବୁଡ଼ିଥିଲି, ଆନନ୍ଦରେ ଆଖିରୁ ଲୁହ ଗଡ଼ାଉଥିଲି ଏବଂ ବିନା ହାର୍ଟଏଟେକ୍‌ରେ ଛାତିରେ ହାତ ରଖିଥିଲି ।

"ମୁଁ ସବୁ ଲକ୍ଷ୍ୟ କରିଛି ।"

"ଲକ୍ଷ୍ୟ କରିନ ମୋର ଜ୍ଞାନୋଦୟ। ସେଇଠି ମୋର ତପସ୍ୟା ଫଳ ମିଳିଲା । ସେଇଠି ମୁଁ ଦୀକ୍ଷା ପାଇଲି । ସେଇଠି ମୁଁ ଦେଖିଲି ବିଶ୍ୱମାତା ଜଗଜ୍ଜନନୀକୁ । ମାତୃତ୍ୱର ସ୍ୱରୂପକୁ । ସେଇଠି ମୋର ଦିବ୍ୟଜ୍ଞାନ ଲାଭ । ନିଦରୁ ଉଠି କୋଡ଼ ପିଲାଟା କ୍ଷୀର

Digitized by srujanika@gmail.com

ମାଗିଲା । ତା' ମାଆ ବିନା ଦ୍ୱିଧା ବିନା ସଂକୋଚରେ ଖାଲି ଛାତିର ଲୁଗାକୁ କାଢ଼ିଦେଇ ସମ୍ପୂର୍ଣ୍ଣ ବର୍ତ୍ତୁଳ ଟିମିଟିମିଆ ଥନର ବେଣ୍ଟିଟାକୁ ତା ମୁହଁରେ ଯେତେବେଳେ ପୂରାଇ ଦେଲା, ମୁଁ ଦେଖିଲି ଦିବ୍ୟଦୃଶ୍ୟଟିଏ । ଈର୍ଷାରେ, ଥଣ୍ଡା ପାଗରେ ବି ମୋ କପାଳରୁ ଝାଳ ବାହାରିପଡ଼ିଲା । ମୁଁ ଧିକ୍କାର କଲି ବାନ୍ଧିଛନ୍ଦି କୃତ୍ରିମ ଉପାୟରେ ଯୌବନକୁ ଚିରଜାଗ୍ରତ କରିବା ପଦ୍ଧତିକି । ମୁହଁ ଦେବାର ଦଣ୍ଡେ ପରେ ଗଙ୍ଗା, ଯମୁନା, ସରସ୍ୱତୀ, ଦୃଶଦ୍‌ବତୀ ସିମିତି ଚାରିଧାରରେ ଅଣନିଃଶ୍ୱାସୀ ହେଲା । ମାଆ ପୁଅର ଦୁକୁଦୁକୁ ହେଉଥିବା ତାଳୁରେ ହାତ ଆଉଁଷିଦେଇ କାନିରେ ମୁହଁ ନାକ ପୋଛି ପୋଛି କରି ପୁଣି ବେଣ୍ଟି ଧରାଇଲା । ଟାଙ୍କି ପୂରା ଥିଲେ ଏବଂ ପାଣିର ପୂରା ବେଗ ଓ ଚାପ ଥିଲେ ପାଇପ୍‌ରୁ କଳସୀରେ ପାଣି ନେଉଥିବା ଝିଅଟି ଲୁଗାପଟା ସମ୍ଭାଳିବ ନା କଳସୀ ମୁହଁ ସମ୍ଭାଳିବ ଯିମିତି ଠିକ୍ କରିପାରେନି, ମାଆଟି ସିମିତି ଗୋଟାଏ ହାତରେ ପିଲା ମୁଣ୍ଡକୁ ଅନ୍ୟ ହାତରେ ଝରିଯାଇ ଲୁଗାକୁ ଓଦା କରୁଥିବା ସ୍ତନକୁ ଚାପି ରଖିଲା । ମାଆ ଓ ପୁଅ ସିମିତି ଭଙ୍ଗୀରେ ପରସ୍ପରକୁ ନିର୍ନିମେଷ ନୟନରେ ପରିତୃପ୍ତିର ଇଙ୍ଗିତ ଦେଇ ଚାହିଁ ରହିଲେ । ଏଇ ନିଜକୁ ନିଃଶେଷ କରିବାରେ ହିଁ ମାତୃତ୍ୱ । ପୂତନା ବିଷ ଦେଇ ଶ୍ରୀକୃଷ୍ଣକୁ କ୍ଷୀରପାନ କରାଇଥିଲାବେଳେ ପ୍ରାଣ ଶୋଷିହୋଇଗଲା; ସେ ସ୍ୱର୍ଗକୁ ଗଲା ରାକ୍ଷସୀ ହୋଇ ମଧ୍ୟ । ସେମାନଙ୍କୁ ଏକାଦିକ୍ରମେ ଦେଖୁଁ ଦେଖୁଁ ମୋ' ଦିହ ବି କ'ଣ ହୋଇଗଲା, ଦିହଯାକ ଶିରିଶିରି ହେଲା ଏବଂ ସ୍ତନ୍ୟଦାନ ପ୍ରକ୍ରିୟା ଅନୁଭବ କରି ମୁଁ ବି ହାତ ଗୋଟାଏ ମୋ' ଛାତିରେ ଚାପି ଧରିଲି, ହାର୍ଟ ଏଟେକ୍ ହେଲାପରି । ବିଚିତ୍ର ସେ ଅନୁଭୂତି, ମୁଁ ମାଆ ହୋଇଗଲି କି ଆଉ । ସେମାନଙ୍କୁ ତନ୍ମୟ ହୋଇ ଚାହିଁ ରହିଥାଏ ଏବଂ ମନେ ପକାଉଥାଏ ପ୍ରାଚ୍ୟ ପାଶ୍ଚାତ୍ୟର ଯେତେ ଯେତେ ପ୍ରଖ୍ୟାତ ମାତୃମୂର୍ତ୍ତି, କଳା ଓ ସ୍ଥାପତ୍ୟ ରାଜ୍ୟର, କୋଣାର୍କ ମନ୍ଦିର ଗାତ୍ରଠାରୁ ଆରମ୍ଭ କରି ମେଡ଼ୋନାଯାଏ । ସବୁ ଜଳା ଓ ଅନୁକରଣ । ମୋ ଚକ୍ଷୁ ତଳେ ବସିଥିବା ମେଡ଼ୋନା ମୂର୍ତ୍ତି ଯୁଗପତ୍ ଗଙ୍ଗା ଓ ଯମୁନାର ଜଳପରି ଉଷ୍ଣତପ୍ତ ଆନନ୍ଦାଶ୍ରୁ ମୋ' ଆଖିରେ ଆଣିଦେଲା । ଚେତା ଆସିଲାରୁ ଏକ ବିପରୀତ ମାତୃମୂର୍ତ୍ତି ଦେଖିଲି ଅନ୍ୟ ପାଖରେ । ଭାଡୁଆ ତା'ର ସ୍ୱାମୀ ଥର୍ମୋସ୍‌ରୁ ଉଷୁମ ପାଣି ଢ଼ାଳି ଗୁଣ୍ଡଦୁଧରେ ଚିଆରି କରି ଡ୍ରାଇଭର ପଛ ସିଟ୍‌ପଟୁ ରେଲିଂ ଦେଇ ବୋତଲ ବଢ଼ାଇ ଦେଲା ଏବଂ ପିଲାଟି ମୁହଁ ଫେରାଇ ଚିଚିକିଚେଇ ପିଇବାରୁ ଅନିଚ୍ଛା ଅନାଗ୍ରହ ପ୍ରଦର୍ଶନ କଲା । ମନେନାହିଁ ସେଦିନ ସିଧା ରିକ୍ସାରେ ନିର୍ମଳା ପାଖକୁ ଗଲି ତୁମକୁ ଓହ୍ଲାଇଦେଇ । ସେଦିନ ରାତି କଥା ଭୁଲିଗଲଣି ?

"କୋଉଠି ଥୋଇବିରେ ତତେ ।" କହି କୁଣ୍ଢାଇ ଧରି ଭୂଇଁରୁ ଫୁଟେ ଉଠାଇଦେଲି ମୀରାକୁ ।

"ପାଗଳ ନା କ'ଣ ? ଚେତା ନାହିଁ ? ଏତେ ବକ୍ତୃତା ଶୁଣିବା ପରେ ବି ମତେ ଉଠାଉଛ ଯେଉଁଠି ସେଇଠି ଧରି । ଗୁଣ୍ଡା ! ଧୈର୍ଯ୍ୟ ଧରି ଏଥର ଶୁଣ ମୋ' କଥା ।"

Digitized by srujanika@gmail.com

'କୁହ !'

'ଏକ ଏକମେ ବା ଦ୍ୱିତୀୟନାସ୍ତି ବୁଝିଲ । ଝିଅ ହେଉ ବା ପୁଅ ହେଉ ଏକ । ଆମେ ଦୁଇ ଆମର ଦୁଇ ନୁହେଁ, ଆମେ ଦୁଇ ଆମର ଏକ । ଦୁଇ - ମୁଁ ପିଲାଝିଲାକୁ ମୋ' ନିଜ କ୍ଷୀର ଦେଇ ପାଳିବି, କ୍ଷୀର ନହେଲେ, ନ ବାହାରିଲେ ରକ୍ତ ଦେଇପାରିବି । ଗାଈ କ୍ଷୀର ପିଇଲେ ମଣିଷ ଗୋରୁ ହେବ, ମଣିଷ କ୍ଷୀରରୁ ମଣିଷ ଆସିବ ।'

'ମୋ'ର କ'ଣ ହବ ?' କାନ୍ଦ କାନ୍ଦ ହୋଇ ଶିଶୁଟିଏ ଭଳି ପଚାରିଲି ।

'ତୁମପାଇଁ ଯୋଡ଼ାଏ ଫିଡ଼ିଂ ବୋତଲ ଆସିବ । ଗୋଟିଏ ଶୋଷୁଥିବ, ଅନ୍ୟଟି ଧରି ଶୋଇଥିବ ଠିକ୍ ଶିଶୁପରି ।' କହି ଯିମିତି ସେ ବୁଲିପଡ଼ିଛି ମୋ' ପାଟିରୁ ପୁଣି ଆନନ୍ଦାତିଶଯ୍ୟାରେ ବାହାରି ପଡ଼ିଲା 'ଦେଖ୍ ତାକୁ' ।

ପରଦା ଅନ୍ତରାଳରୁ ଶୁଭିଲା 'ଛତରା, ବଜାରୀ ! ବଜେଇବି ଯେ, ଗୋଟେ, ଦି'ଟା ଦାନ୍ତ ଝଡ଼ିଯିବ ।'

# ରୁଟିବାଲୀ

'ରୁଟି ଦବ ନା ?' ରାଉ ରାଉ ହୋଇ ଜଳୁଥିବା କୋଇଲା ଚୁଲୀର ଚାରିହାତ ଦୂରରେ ଛିଡ଼ାହୋଇ ପଚାରିଲି ।

'କାହେ ଦବ ନାଇଁ । ହାମେ ଦୁକାନ୍ କରିଛି, ରୁଟି ବିକ୍ରି ନାଇଁ ହେଲେ ହାମର ବାଲବଚ୍ଚା ବଞ୍ଚିବ କିମିତି ।' ଖୁବ୍ ଢ଼ିଲା ଛିଟ ଶେଲୁଅର ପଞ୍ଜାବୀ ପିନ୍ଧିଥିବା ଝୁରିଝୁରି ମୁଣ୍ଡି ଦରବୁଢ଼ୀଟିଏ ମୋର ପ୍ରଶ୍ନର ଉତ୍ତର ଦେଲା, ନରମ ହସ ହସ ଗଳାରେ ।

ମୋତେ ଖୁସୀ ଲାଗିଲା ବିହାରୀ ରୁଟିବାଲୀର ମୋ ଭାଷା କହିବାର ଚେଷ୍ଟା ଦେଖି । ସେ ବେଶ୍ ଜାଣିଛି ଗରାଖରେ ହୃଦୟ ଫିଟାଇବାର କଞ୍ଚି ହେଲା ମାତୃଭାଷା (ଭଙ୍ଗାରୁଜା ହେଲେ ବି) ତାକୁ କିଣିବାର, ଜୟ କରିବାର ମୁଦ୍ରା ହେଲା ମାତୃଭାଷାର କେତେଗୁଡ଼ାଏ ଶବ୍ଦ । ଏ କଥା ଜାଣି ମଧ ମୁଁ ତା ସହିତ ତା ଭାଷାରେ କଥାବାର୍ତ୍ତା କଲିନାହିଁ, କାଳେ ମୋର ଭାଷାର ଭୁଲ ବ୍ୟବହାର ଏବଂ ଅପାରଗତାରେ ସେ ହସିଦବ, ଲାଜରେ ଶଙ୍କିଗଲି ଅପଚେଷ୍ଟାରୁ ।

ସେ କିନ୍ତୁ ମୋତେ ନିତିଦିନିଆ ଗରାଖଟିଏ ଧରିନେଇ ନିଃସଂକୋଚରେ କଥାବାର୍ତ୍ତା କରିବାକୁ ପ୍ରସ୍ତୁତପରି ଜଣାଗଲା । ତା'ର ଢ଼ଳ ଢ଼ଳ ଚାହାଣୀ (ବୁଢ଼ୀ ହେଲେ ବି ନାରୀର

Digitized by srujanika@gmail.com

ଚାହାଁଣୀର ବାର୍ଦ୍ଧକ୍ୟାର ଲକ୍ଷଣ ନ ଥାଏ)ରେ ନିଃସ୍ୱାର୍ଥ ଆଗ୍ରହ ଭରପୂର ପରି ମୋତେ ଲାଗିଲା ।

ମୁଁ ବଜାରରୁ ରୁଟି କିଣେନି । ଯେ କୌଣସି ପ୍ରସ୍ତୁତ ଖାଦ୍ୟ (ଟିଣଡ଼ବାରେ ଥିଲେ ମଧ୍ୟ) ବଜାରରୁ ଆସୁ ସେ କଥା ମୁଁ ଚାହେଁନି । ବରଂ ଶୁଖିଲା ଭାତ, ଆଳୁଭରତା ଲେମ୍ବୁ ଆଚର ଦେଇ ଖାଇନେବି, ହୋଟେଲରୁ ଆଣିବି ନାହିଁ । ଚାଟ୍, ବିରିଆନୀ, ଚିକେନ୍, ପକୋଡ଼ି ନାଆଁ ଉଚ୍ଚାରଣ କଲେ ମୋ ପେଟ ସାଙ୍ଗେ ସାଙ୍ଗେ ବିପ୍ଳବର ସର ଉତ୍ତୋଳନ କରେ । ବେଳ ଅବେଳ ପାଇଁ ତେଣୁ ମୁଁ ଘରେ ନିହାତି ଆବଶ୍ୟକୀୟ ଚିଜ ଅନାଗତ ବିଧାତା ହୋଇ ସାଇତି ରଖିଥାଏ ? ।

ଅଚାନକ ପାଞ୍ଚୁଟା 'କଳିଙ୍ଗ'ରେ ଝିଅ ଜୋଇଁ ନାତି ରାଉରକେଲାରୁ ଆସି ହାଜର ହୋଇଗଲେ । ଝିଅ ପକ୍‌କା ରୋଷେଇ ଜାଣେ, ଫୁଡ୍‌କ୍ରାଫ୍ଟରେ ଡ଼ିପ୍ଲୋମା ହାସଲ କରିଛି । ମାଆ ପାଖରୁ କିଛି ଶିଖିପାରିନଥିଲା ତ, ସବୁ ନିଜେ ନିଜେ କରିନବା । ଗେସ୍, ସେ କହୁଥିଲା, କୁକର୍, ହିଟର ସବୁ ସୁବିଧା ଥାଉଁ ଥାଉଁ ବାପା ବଜାରକୁ ଥଳି ଧରି ଯାଆନ୍ତୁ ରୋଟିପାଇଁ ଏ କଥା ସେ ଚାହୁଁନଥିଲା । ଏ ଅସୁବିଧା ମୋଟେ ହୁଅନ୍ତା ନାହିଁ ଯେବେ ପୂଝାରୀ ଟୋକା ଚୈତନ ତା ମୁମୂର୍ଷୁ ମାଆକୁ ଦେଖିବା ପାଇଁ ଗାଁକୁ ଚାଲିଯାଇନଥାନ୍ତା ଆଜି ସକାଳେ । ମୋର କିନ୍ତୁ ଇଚ୍ଛା ରାତିଯାକ ବସି ଗପିବା କାରଣ ସକାଳେ ସେମାନେ କଟକ ଚାଲିଯିବେ । ଯାହେଉ ଦିଟା ଖାଇଦେବା, ଦୀର୍ଘ ରେଳଯାତ୍ରା ପରେ ଖରାଦିନଟାରେ ଆସି ପହଞ୍ଚିବା ମାତ୍ରେ "ମାଆରେ, ଅଟା ପନିପରିବା ଘରେ ସବୁ ଅଛି, ତୁ ଯାହେଉ ଦିଟା କରିଦେ", ବୋଲି ଝିଅକୁ କହିବାକୁ ମନ ବଳିଲାନାହିଁ ।

ସେମାନେ ତିନିହେଁ ଚା' ଫା ଖାଇସାରିବା ପରେ ରାଉରକେଲା ବ୍ଲାଷ୍ଟ ଫର୍ଣ୍ଣେସରୁ ଆସି ସମୁଦ୍ର ହାଓ୍ୱା ଉପଭୋଗ କରୁଥାନ୍ତି ବରଣ୍ଡାରେ ଆରାମଚେୟାରରେ ପଡ଼ିଯାଇ, ମୁଁ ଥଳିଟିଏ ଧରି ବାହାରି ପଡ଼ିଲି । ଜୋଇଁ ବି ମୋ ସାଙ୍ଗରେ ଆସିବାକୁ ଚାହୁଁଥିଲେ, ମନାକଲି । ମୁନ୍‌ଲାଇଟ୍ , ସାନ୍ ଲାଇଟ୍ ବାରଲାଇଟ୍, ଷ୍ଟାର ଲାଇଟ୍ ଆଦି ହୋଟେଲ ସବୁ ପାର ହୋଇ ପୁରୁଣା ବଜାରର ଛୋଟ ଏକ ଗଳିରାସ୍ତାର ମୋଡ଼ରେ ଥିବା ଏଇ ରୁଟି ଦୋକାନକୁ ମନେ ପକାଇଲି ।

ପଚିଶ ବର୍ଷ ପୂର୍ବେ ନିର୍ବାସନ ଦଣ୍ଡ ଭୋଗିସାରି ଯେତେବେଳେ ଜୟପୁରରୁ ଏ ସହରକୁ ଆସିଥିଲି ସେତେବେଳେ ପ୍ରତିଦିନ ସନ୍ଧ୍ୟାରେ କେଉଁଦିନ ସହଳ କେଉଁଦିନ ଅବା ଡ଼େରିରେ ଆସି ଏଇ ଦୋକାନ ସାମନାରେ ଛିଡ଼ା ହୋଇଗଲେ ଦୋକାନୀଟି ଚାଳିଶ ପଇଁଚାଳିଶିଟି ରୋଟି ଖାଲି ପତ୍ରରେ ଗୁଡ଼ାଇ ଥଳିରେ ପୁରାଇ ଦିଏ । ରୁଟିବାଲାଟା ଜୁଆଳିଆ ନିଶଥିବା ପତଳା ଟୋକା; ଚୁଳ ଠିଆ ଠିଆ, ଚଇତନ ଚୁର୍‌କିରେ ଗଣ୍ଠିଟାଏ ବେକରେ କଳା ରେଶମରେ ଡ଼େଉଁରିଆଟିଏ । ଓଡ଼ିଆ କଥା କହିବାକୁ ଶିଖୁଥାଏ,

Digitized by srujanika@gmail.com

ବ୍ୟବସାୟର ପ୍ରାଥମିକ ସୋପାନରେ ଚଢ଼ିବାର ଆୟମାରମ୍ଭ । ଲୋକଟାର ରୁକ୍ଷ ଚେହେରା ହେଲେ ବି ଯେ କେହି ଗରାଖ ତା ସାଙ୍ଗରେ ପଦେ ଅଧେ କଥାବାର୍ତ୍ତା କରିବାକୁ ଚାହିଁବ ଏବଂ ଥରେ କଥାବାର୍ତ୍ତା କଲେ ଆପେ ଆପେ କିଣି ହୋଇଯିବ; ତା ଆଡ଼କୁ ମୋର ସେଇ ଅବସ୍ଥା ହୋଇଥିଲା. ମୁଁ ତାକୁ ଜନୈକ ଆତ୍ମୀୟ ବୋଲି ଧରି ନେଇଥିଲି ମୋର ଏହି ବିଦେଶରେ । ମାସେ ଦିମାସ ସେ ମୋର ଆଠଜଣିଆ କୁଟୁମ୍ବଙ୍କୁ ଚଳାଇ ନେଉଥିଲା । ଭଲ ଚାକର ବାକର, ପୂଝାରୀ କାମତୁଣୀ ପାଇବାକୁ ମୋତେ ଦୀର୍ଘ ଦିନ ଲାଗିଥିଲା । ସେ ବେଳର ହଇରାଣ ହରକତ, କଲବଲ ମନେ ପଡ଼ିଲେ ସେ ରୁଟିବାଲାର ମୋ ପ୍ରତି ସହାନୁଭୂତି କିଣାବିକା ସମ୍ପର୍କ ଭୁଲାଇ ଦିଏ ।

ମୁଁ ମନେ ମନେ ଅନେକ ଥର ନିଜକୁ ଧିକ୍କାର କରିଛି କାହିଁକି ଚଉଦ, ଅଠାନବେ ପୁରୁଷର ଭାତ, ପଖାଳ ବା ଚାଉଳ ଚୁନାର ରୁଟି ଖିଆ ଅଭ୍ୟାସ ଛାଡ଼ି ଏ ବିହାରୀ ଅଟା ରୁଟିଖିଆ ଧରିଲି । ଆପଣ କଦାପି ଭାବିବେ ନାହିଁ ସ୍ୱାଧୀନତା ପରେ ଯେବେ ଏ ଦେଶରେ ଘୋର ଖାଦ୍ୟାଭାବ ହେଲା ଏବଂ ଗହମ ଓ ଦୁଧର ଅଭାବରେ ଲୋକେ ଦୁର୍ଭିକ୍ଷରେ ମଲେ ଏବଂ ଆମେରିକା ଅଷ୍ଟ୍ରେଲିଆ ଓ ରୁଷିଆରୁ ଜାହାଜ ଜାହାଜ ବଢ଼ିଆ ଗହମ ଏ ଦେଶକୁ ଆସିଲା ଏବଂ ଆମର ଦେଶର ଭାତହାଣ୍ଡି ବୋଲାଉଥିବା ଏ ଜିଲ୍ଲାଟା ଅଭାବରେ ସ୍ୱଭାବ ନଷ୍ଟ କରି ଚାଉଳ ବଦଳରେ ଅଗତ୍ୟା ଅଟା ସୁଜି ମଇଦା ଖାଦ୍ୟ ବୋଲି ଗଣିଲା ସେତିକିବେଳେ ଶସ୍ତାଖିଆ ମୁଁ ବି ଚାଉଳ ଛାଡ଼ି ଗହମ ଧରିଲି । ନା, ନା, ତା ମୋଟେ ନୁହେଁ । ଡ଼ାକ୍ତର ପରାମର୍ଶରେ, ରୋଗର ତାଡ଼ନାରେ ମୁଁ କେବଳ ନିଜ ପାଇଁ ଏ ଖାଦ୍ୟ ବ୍ୟବସ୍ଥା ଗ୍ରହଣ କରି । ରାଜାନୁଗତ ଧର୍ମ ନ୍ୟାୟରେ ପରଧର୍ମ ଭୟାବହ ଜାଣିସୁଦ୍ଧା ପିଲାଝିଲାଏ ଗହମ ଗୁଣ୍ଡଦୁଧ ସଭ୍ୟତା ଆଦରି ନେଲେ । ଏବେ ଅବଶ୍ୟ ଡ଼େଣା ଲାଗିବାରୁ କିଏ କୁଆଡ଼େ ନୀଡ଼ ଛାଡ଼ି ଉଡ଼ିଗଲେଣି । କେବଳ ନାବାଳକ ସାନଟି ମୋତେ ଆଦରିଛି (ଜଗିଛି କୁଆଡ଼େ ?) ସ୍ୱାଧୀନତାର ପ୍ରତ୍ୟକ୍ଷ ଫଳସ୍ୱରୂପ ମୋର ଏକ ଉଦ୍ଭଟ ଧାରଣା ହୋଇଛି ଚାଉଳ ଓ ଇଂରାଜୀ ବଦଳକେ ମୁଁ ଗହମ ଓ ହିନ୍ଦୀ ପାଇଛି । ଏଇ ରୁଟିବାଲୀ କଣ ତହିଁର ପ୍ରତୀକ !

ଦୀର୍ଘ ପଚାଶ ବର୍ଷ ପରେ ବି ଆଜି ମୁଁ କାହିଁକି କେଜାଣି ଭାବୁଥିଲି ପତଳା ଗେରୁଆ ଲୁଗା ପିନ୍ଧା ଖାଲି ଦିହରେ ସେଇଠି ଚୁଲି ପାଖରେ ବସି ଲଣ୍ଠନ ଆଲୁଅରେ ସେଇ ବିହାରୀ ରୁଟିବାଲା ବେଲୁଥିବ; ସେକୁଥିବ, ପଚିଶ ବର୍ଷପରେ ବି ଦ୍ରୁତ ପ୍ରଗତିଶୀଳ ସହରରେ ସେ ସେମିତି ଅବସ୍ଥାରେ ଥିବ ସେ କଥା କିମିତି ମୁଁ ଭାବିଲି କହିପାରିବି ନାହିଁ । ମୁଁ ଆଶା କରିଥିଲି ତାରି ଦୋକାନରୁ ତା ହାତର ରୁଟି ଆଣିବି । କିନ୍ତୁ ଦେଖିଲି ସେଇ ଅନ୍ଧାରୁଆ ଦୋକାନ, କଣରେ କିଛି ଶାଳପତ୍ର ଠୁଙ୍ଗା, ଖଲିପତ୍ର ଝୁଡ଼ିରେ କିଛି କୋଇଲା, ଚୁଲି ପାଖରେ ଚିମୁଟା, ବେଲୁଣିପଟା, ତାବା, ଡ଼ାଲି ଡ଼େକ୍‌ଚି । କିଛି ଉନ୍ନତି ବା ପରିବର୍ତ୍ତନ ନାହିଁ, ପରିବର୍ତ୍ତନ ଘଟିଛି ଦୋକାନୀ ସ୍ତରରେ । ପୁରୁଷ ଦୋକାନୀ

Digitized by srujanika@gmail.com

ସ୍ଥାନରେ ସ୍ୱୀଟିଏ ଗୋରା ଡକଡକ ଦିହ, କେରାକେରା ଧଳାକଳା ଚୂଳ; ନାକରେ ଝାଳବିନ୍ଦୁ ସାଙ୍ଗକୁ ଛୋଟ ସୁନାଗୁଣା ବା ବସଣୀ, କପାଳେ ନିଆଁ ହୁଳାପରି ଦାଉ ଦାଉ ଜଳୁଥିବା 'ମାଆ' ସିନ୍ଦୁର । ଷଷ୍ଠ ଇନ୍ଦ୍ରିୟ ମୋତେ କହି ଦେଲା ଏ ନିଶ୍ଚୟ ମୋରି ସେଇ ପୁରୁଣା ପଚିଶ ବର୍ଷ ତଳର ପରିଚିତ ବିହାରୀ ରୁଟିବାଲାର ଔରତ୍ ।

ପଚାରିଲି, "ଚାଲୁ ରୁଟି ଦବ ନା ସ୍ପେଶାଲ ଦବ ?"

"ହାମର ବାବୁ ଚାଲୁ ନାହିଁକି ଇସ୍‌ପେଶିଏଲ ନାହିଁ ରୁଟି, ତୁହ୍ମାର ଘରେ କି ଦୁଇ ରକମ ରୁଟି ମିଳେ ? ହାମର ଗୋଟେ ରକମ । ଇଚ୍ଛାହେଲେ ନବ, ନହେଲେ ନାଇଁ ।"

ଅପ୍ରତିଭ ହେଲି, ଗୁମ୍ ମାରିଗଲି ଦଣ୍ଡେ । ଅନ୍ୟ ଉପରେ ଅଳସୁଆମି କରି ସାମାନ୍ୟ ଚିଜ ପାଇଁ ନିର୍ଭର କଲେ, ଏମିତି ପଦେ ଅଧେ କଟୁଡିକ୍ତ ଶୁଣିବାକୁ ପଡ଼େ ।

ତା ଉତ୍ତରର ପ୍ରତିକ୍ରିୟା ମୁଁ ପ୍ରକାଶ କରିବି କଣ ସେ ମନକୁ ଗରଗର ହୋଇ କହିଗଲା ତା ରୁଟିର ଇତିହାସ ଓ ପ୍ରସ୍ତୁତ ପ୍ରଣାଳୀ । ସେ କହିଗଲା କିମିତି ତା ବାବୁ ବର୍ଷକୁ ଚାରିଥର ତା ଦେଶକୁ ଯାଏ ଏବଂ ନିଜ ଜମି ନିଜ ଚାଷର ବଢ଼ିଆ ଗହମ ଏଠାକୁ ଆଣେ, ସେ ନିଜେ କିମିତି ବଛାବଛି ପାଛୁଡ଼ା ପାଛୁଡ଼ି, ଧୁଆଧୋଇ କରି ଶୁଖାଇ ନିଜେ ନିଜ ଘର ଚକିରେ ପେଷେ ଏବଂ କି ବୁଦ୍ଧି, ଉପାୟ, ପରିଶ୍ରମ ବଳରେ ରୁଟିକୁ ମୁଲାଏମ କରି ଗରାଖ ମନକୁ ସନ୍ତୁଷ୍ଟ କରେ, ଯେଉଁଥିପାଇଁ କି ସେ ଭିଡ଼ ସମ୍ଭାଳି ପାରେନାହିଁ । ନିଆଁ ଧାସ ମୋତେ ବେଶ୍ କାଟିଲା । ଆଉ ବେଶୀ ବିଳମ୍ବ ନ କରି ଟିକିଏ ଘୁଞ୍ଚିଯାଇ ପଚାରିଲି, "ରୁଟି ତିଆରି ଅଛି ନା ମତେ ତିଆରି କରିଦେବ ?"

କିଛି ଉତ୍ତର ନ ଦେଇ ମୋତେ ଭର୍ତ୍ସନାସୂଚକ ଚକ୍ଷୁରେ ଚାହିଁ ଡ଼ାହାଣ ହାତରେ ଚୁଲି ମୁଣ୍ଡରେ ଏଲୁମୁନିୟମ ପାତ୍ର ମୁହଁରୁ ଶାଳପତ୍ରର ଖଲିଟିଏ ଉଠାଇଦେଲା । ଦେଖିଲି ପାତ୍ର ପୂର୍ଣ୍ଣ । ସବୁ ସାଧାରଣ ଗରାଖର ମନ ଓ ପ୍ରତିକ୍ରିୟା ଦେଖାଇ କହିଲି, "ମୋ ପାଇଁ ଭଲ ରୋଟି ଭଲକରି ସେକି ଦିଅ । ସେଗୁଡ଼ା ଥଣ୍ଡାହୋଇ ଯାଇଥିବ ।" ଥାକେ ରୁଟିରୁ ଖଣ୍ଡେ ଉଠାଇ ମୋ ହାତକୁ ବଢ଼ାଇ ଦେଇ କହିଲା "ଥଣ୍ଡା କି ଗରମ ପରୀକ୍ଷା କରି ଦେଖ, ଖୁସିହେଲେ ନବ ନହେଲେ ନାଇଁ, ହାମର କି ରୋଟି ନଷ୍ଟ ହୋଇଯିବ ?" ଅପମାନ ଭୟରେ ମୁଁ ପରୀକ୍ଷା ନ କରି ଠୋକ୍‌ଠୋକ୍ କହିଲି "ତୁମେ ତିଆରି କରି ଦିଅତ, କଞ୍ଚା ରଖିବ ନାହିଁ ପୋଡ଼ିବ ନାହିଁ । ଏବଂ ସଂଗେ ସଂଗେ ପଚାରିଲି "ତୁମର କିଲୋଦର ନା ଗୋଟା ଦର ?" ମୋ ଆଡ଼କୁ ନଚାହିଁ ଅଟା ଗୋଳା ଉପରେ ହାତ ଥୋଇ କହିଲା, "ଗୋଟାଦାର । କୋଡ଼ିଏ ପଇସା ଗୋଟା । "ଏକାପରି ଗମ୍ଭୀର ଗଳାରେ ପଚାରିଲା କେତଟା ନବ ?"

ମନେ ମନେ ଗଣିବାକୁ ଆରମ୍ଭ କଲି । ମୋରି ଚାରି, ଝିଅର ଚାରି ନହେଲେ ପାଞ୍ଚ । ଜୋଇଁଙ୍କ ଛଅ ନହେଲେ ସାତ, ନାତିର ଆଠ, ପୁଅର ଦଶ । ଅଠତିରିଶି ଯୁକ୍ତ କୁକୁର ବ୍ଲାକିର ଦୁଇ । ଯୋଗ ଫଳ ଶୁଣାଇ ଦେଲି ରୁଟି ବାଲୀକି, ଚାଳିଶ୍ ।

Digitized by srujanika@gmail.com

ମୋର ହିସାବ କିତାବ ଗାଏମୋଟ ସଂଖ୍ୟାକୁ ଅପେକ୍ଷା ନ କରି ରୁଟିବାଲୀ ପଟା ଉପରେ ଥୁଆ ହୋଇଥିବା ପାଞ୍ଚ ନମ୍ବର ପମ୍ପଦିଆ ଫୁଟବଲ୍ ଆକାରର ପେଣ୍ଡୁଳାକୁ ତା ଆଡ଼କୁ ଘେନି ଆସିଲା ଏବଂ ଏମିତି ଭାବରେ ଚକଟା ଚକଟି, ଦଳାଦଳି ପିଟାପିଟି କଲା ଯିମିତି ଦୁଇତିନି ମିନିଟ୍‌ରେ ଅଟାକୁ ସେ ଲହୁଣୀ କରିଦବ । ଅଟାଗୋଳା ସହିତ ରୁଟିବାଲୀର ଏ ଯେଉଁ ସଂଗ୍ରାମ ସେଥିରେ ନାକଗୁଣା ସହିତ ନାକ ଅଗର ଝାଳବିନ୍ଦୁ ରାସ୍ତାକଡ଼ ଇଲେକ୍ଟ୍ରି ଆଲୁଅରେ ଝଟକିବାକୁ ଲାଗିଲା ।

ମୋ ନାକରୁ ଖସି ପଡୁଥିବା ଚଷମାକୁ ପୁଣି ଉପରକୁ ଟେକି ଛିଡ଼ାହୋଇ ରୁଟି ତିଆରି ପ୍ରଣାଳୀ ତନ୍ନ ତନ୍ନ କରି ଲକ୍ଷ୍ୟ କଲି । ରୁଟିବାଲୀର ହାତ ଦୁଇଟା କେଡ଼େ ସଫା । ଝିଅ ବୋହୂ ତାଙ୍କ ପୁଅ ଝିଅଙ୍କ ମଇଳା ସଫା କରି ହୁଏତ ସେତେ ଯତ୍ନରେ ଧୋଉନଥିବେ । ପାପୁଲି ଯୋଡ଼ାକ ବେଳେ ବେଳେ ରକ୍ତ ସଞ୍ଚାରରେ ଲାଲପଡ଼ି ଯାଇଛି । ଯତି, ତାଳ, ଲୟରେ କାମ ଚାଲିଛି । ଅଙ୍ଗ ପ୍ରତ୍ୟଙ୍ଗ ସବୁ ପ୍ରଖର, ଚଞ୍ଚଳ । ଅଙ୍ଗୁଳି ଗୁଡ଼ାକ ବାଦ୍ୟଯନ୍ତ୍ର ବଜାଇବା ପରି ଜଣାପଡୁଛି । କ୍ଷୁଧାର୍ତ୍ତ ବନ୍ୟ ଜନ୍ତୁ ନଖଦନ୍ତରେ ମାଂସ ଝିଙ୍କି ଆଣିଲା ଭଙ୍ଗୀରେ ରୁଟୀବାଲୀ ଅଟା ପେଣ୍ଡୁଳାରୁ ପୁଳାକୁ ପୁଳା ଛିଣ୍ଡାଇ ଆଣୁଛି ଏବଂ ମୁହୂର୍ତ୍ତରେ ପାପୁଲିରେ ବୁଲାଇ ବୁଲାଇ କେଡ଼େ ସୁନ୍ଦର ଗୋଲ ଗୋଲ ଧଳାଧଳା ଟଙ୍କିକିଆ ରସଗୋଲାରେ ପରିଣତ କରିଦେଉଛି । ପିଢ଼ାଖଣ୍ଡିକରେ ବସି ବା ଜଙ୍ଘକୁ ପାଖକୁ ମାଡ଼ି, ନଇଁଲା ଭଙ୍ଗୀରେ, ଆଲରା ଚୂଳରୁ କପାଳରେ ଝୁଲାଇ ଗୋଟାକୁ ଗୋଟା ରୁଟି ବେଲି ଖବରକାଗଜ ଗୋଟାକରେ ଇତଃସ୍ତତଃ ବୁଣିଚାଲିଛି, ଜ୍ୟାମିତି ବାକ୍ସର କମ୍ପାସ୍ ସାହାଯ୍ୟରେ ବି କେହି ଏତେ ଗୋଲ ରୁଟି ତିଆରି କରିପାରିବ ନାହିଁ । ମୋ ଝିଅ ବୋହୂ ଯେଉଁ ରୁଟି କରନ୍ତି ସେଗୁଡ଼ାକ ସାହାଯ୍ୟରେ ନୂଆ ଜ୍ୟାମିତି ଶିଖୁଥିବା ପିଲାଝିଲାଙ୍କୁ ତ୍ରିଭୁଜ, ଆୟତବର୍ଗ, ଚତୁର୍ଭୁଜ, ଷଡ଼ଭୁଜର ଉଦାହରଣ ଦେଇ ହେବ । ବୃତ୍ତ ଶିଖାଇ ହବନି, ରୁଟି ବେଲିବା ଭିତରେ କେବେହେଲେ ସେ ଚୁଲିରେ କେତୁଟା ଆଞ୍ଚଦେଇ ତାବାଟା ପୁଣି ବସେଇ ଦେଇଛି ।

ଆଉ ଦଣ୍ଡେ ଅପେକ୍ଷା କରି ରୁଟିବାଲୀର ଏବେ ଯୋଜନା ଉପଯୋଗର କର୍ମ'ଳ କଣ ହୋଉଛି ତାହା ଆଗ୍ରହରେ ଲକ୍ଷ୍ୟ କରୁଥାଏଁ । ବେଶ୍ ଜାଣିପାରିଲି ରୁଟିବାଲୀ ବି ମୋତେ ତାର ମେଜିକ୍ ଦେଖାଇବା ପାଇଁ ଅନ୍ତତଃ ଗୋଟିଏ ରୁଟି ଉପରେ ଧ୍ୟାନ ଦେଇଛି । ପ୍ରଥମ ରୁଟିଟା ଏପଟ ସେପଟ ଲେଉଟାଇ ଓଲଟ ପାଲଟ କଲାରୁ ଦେଖିଲି ସାଧା ଫିକା ରଙ୍ଗ ବେଳକୁ ବେଳ ବଦଳ ହୋଇ ଆମଦିନର ଦିହ ମୁହଁର ଇତଃସ୍ତତଃ ଛୋଟ ଛୋଟ ବଥ ବ୍ରଣ ପରି ଫୁଲା ଫୁଲା ଦିଶିଲା । ତାପମାନ ଯନ୍ତ୍ରରେ ତାକୁ ଯିମିତି ମାଲୁମ ଅଛି ତାବାର ଉତ୍ତାପ କେତେ ଏବଂ ତା ରୁଟି କେତେ ପରିମାଣ ଉତ୍ତାପ ଚାହେଁ । ଯଥା ସମୟରେ ତାବାକୁ ଚିମୁଟାରେ ତୋଳିଧରି ପ୍ରଥମ ରୁଟିଟାକୁ ଯିମିତି ଚିତାଗ୍ନି ପରି

Digitized by srujanika@gmail.com

ଦିଶୁଥିବା ଚୁଲିରେ ସେ ଥୋଇଛି ବଡ଼ ଘିଅ କଡ଼ାରେ ଲୁଚିଟିଏ ପରି ପୂର୍ଣ୍ଣାଙ୍ଗ ହୋଇ ଫୁଲିଲାପରି ରୁଟିଟା ମନ ମାନିବା ପର୍ଯ୍ୟନ୍ତ ଫୁଲି ଫୁଲି ଏକାବେଳକେ ଚୁଲିରୁ ବାହାରି ତଳେ ପଡ଼ିଗଲା। ଅନ୍ୟପଟ ଓଲଟାଇବା ଦରକାର ହେଲାନି। ବୈପରୀତ୍ୟରେ ମନେପଡ଼ିଲା ଅସମାନ, ପୋଡ଼ା କଞ୍ଚା, କନ୍ଥାପରି ଚାକର ପୂଝାରୀଙ୍କ ରୋଟିର ଚେହେରା ଯାହା ତିଆରି କରିବାରେ ନ ଥାଏ ଶ୍ରଦ୍ଧା, ଆଗ୍ରହ ନା ଆସକ୍ତି। ମୋର ବେଶ୍ ହୃଦବୋଧ ହେଲା ଏ ରୁଟି ଚାଲୁ ରୁଟି ନୁହେଁ, ରୁଟି ଦୋକାନ ଚାଲୁ ଦୋକାନ ନୁହେଁ କି ରୁଟୀବାଲୀ ନୁହେଁ, ବେଶ୍ ଯତ୍ନରେ ରୁଟିଟି ଗୋଟାଇଆଣି ଠପ୍ ଠପ୍ ଦୁଇ ଚାରିଥର ପିଟାପିଟି କରି ପାଉଁଶ ଝାଡ଼ି ବଡ଼ ହିଣ୍ଡେଲିଅମ ବେଲାରେ ପତର ଦେଇ ଥୋଇ ଢ଼ାଙ୍କୁଣି ଘୋଡ଼ାଇ ଦେଲା। ମୋତେ ଆଶ୍ଚର୍ଯ୍ୟ ଲାଗିଲା ତା ହାତ ତାତିରେ ଫୋଟକା ହେଉନି କେମିତି। ମୋ ଆଡ଼କୁ କଣେଇ ଚାହିଁଲା ପ୍ରଶ୍ନିଳ ଚକ୍ଷୁରେ ଯାହାର ତର୍ଜମା ହେଲା "ରୁଟି କିମିତି ଦେଖିଲୁ, ଚାଲୁ ନା ଇସ୍‌ପେସିଆଲ୍ ?"

ଆପେ ଆପେ ମୋ ପାଟିରୁ ଅସ୍ପଷ୍ଟ ମୁରୁମୁରୁ ଶବ୍ଦରେ ବାହାରି ପଡ଼ିଲା, "ମୋ ମାଆ ଏମିତି ଚାଉଳ ଚୁନାର ରୁଟିକରି ପାରୁଥିଲା।" ସୃଷ୍ଟିର ପାକ୍‌କାଳରେ କେବେ ଦିନେ ଦେଖିବାକୁ ମାଆର ଚେହେରା ସହିତ ରୁଟିବାଲୀର ସାମଞ୍ଜସ୍ୟ ଦେଖି ଏ ମନ୍ତବ୍ୟଟା ସତଃସ୍ଫୁର୍ତ୍ତ ହୋଇ ଦରସ୍ଫୁଟ ହେଲା।

ରୁଟିବାଲୀର କାନ କେଡ଼େ ପତଳା ! କିମିତି କେଜାଣି ଶୁଣିପାରି ପଚାରିଲା, "କେ ଏମିତି ରୁଟି କରୁଥିଲା ?"

"ମୋ ମାଆ। ଅଟା ରୁଟି ନୁହେଁ, ଚାଉଳଚୁନା ରୁଟି । ମାଆ ବଞ୍ଚିଥିଲାଯାକେ ମୁଁ ଚାଉଳ ରୁଟି ଖାଉଥିଲି, ଭାରି ଭଲ ଲଙ୍କଙ୍କରଥିଲା ମତେ, ସେ ଯାଇଛି, ସେ ରୁଟି ଯାଇଛି, ସିମିତି ମିଠା, ମୁଲାଏମ ଲଘୁପାକ ରୁଟି ମତେ କିଏ ଦେଇପାରିବ ? ଅଟାରୁଟି ଫସକା, ସାଦ ନାହିଁ।

ମୋ କଥାକୁ ଏକ ଚ୍ୟାଲେଞ୍ଜ ଆକାରରେ ରୁଟିବାଲୀ ନେଲା ବୋଧହୁଏ। କହିଲା ସବୁ ମାଆ ସମାନ ରୁଟି କରିପାରିବେ, ଚାବଲ ହେଉ ଗେହୁଁ ହେଉ।" "ଛୁଆ ଯାହା ଚାହିଁବ ମାଆ ତା ଦବ।"

ଦଣ୍ଡେ ରହି କହିଲା "ତୁ ଖାଇବୁ ବାବୁ ଚାବଲ ରୁଟଇ ? ଚୂନା ଅଛି ହାମର ପାଶ୍‌ରେ। ତୋର ମାଆ ଦେଉଥିଲା, ମୁଁ ଦେଇପାରିବି ନାହିଁ ?"

ଆତ୍ମୀୟତାର ମାତ୍ରା ବଢ଼ିଯିବାର ଉଭୟରେ ଏବଂ ରୁଟି ତିଆରି କାମରେ କଥାବାର୍ତ୍ତା ବ୍ୟାଘାତ ଆଣିପାରେ ଭାବି ମୁଁ କହିଲି" ରୁଟିବାଲୀ, ଥଳିଟା ଏଇଠି ରହିଲା, ବଜାର ଆଡୁଟିକେ ବୁଲି ଆସେ, ତୁମେ ଶୀଘ୍ର ରୁଟି ତିଆରି କାମ ସାରିଦିଅ। ଆଛା ରୁଟି ସାଙ୍ଗକୁ ଡ଼ାଲି ବା ତରକାରୀ କିଛି ଅଛି ?"

Digitized by srujanika@gmail.com

"ତରକାରୀ ହାମେ କରୁନା, ତୁମର ଏଠି ପିଆଜ ରସୁଣ ଖାଉଛି, ପିଆଜ ରସୁଣ ହାମେ ଛୁଇଁବା ନାହିଁ। ବୁଟ ଡ଼ାଲି ଅଛି; ଛୁଙ୍କାଛୁଙ୍କି କରି ଘରେ ଖାଇବୁ ତ ନବୁ।"

ବଜାରମୁହାଁ ହେଲି। ବଜାରଟା କିମିତି ଖାଁ ଖାଁ ଲାଗୁଥାଏ। ଗୋଟାଏ ଅସ୍ୱାଭାବିକ ଅହେତୁକ ନୀରବତା ଓ ଆଶଙ୍କାର ବାତାବରଣ ଭିତରେ ଚାଲିଲା ପରି ମୋତେ ଲାଗୁଥାଏ। ମୁଁ ସେଥିପ୍ରତି ଅବହିତ ନ ହୋଇ ମୋ ଚିନ୍ତାରେ ବୁଡ଼ି ରହିଥାଏ। ଘରକୁ ଶୀଘ୍ର ଫେରିବାକୁ ହେବ; ଝିଅ ଜୋଇଁକି ଘରେ ବସାଇ ଦେଇ ରୁଟି ନବାକୁ ଆସିଛି। ସେମାନେ ଆତୁର ଆଗ୍ରହରେ ମୋ ଫେରିଲା ବାଟକୁ ଚାହିଁଥିବେ। ନାତି ପିଲାଟାକୁ ଭୋକ ଅସମ୍ଭାଳ କରୁଥିବ।

ବହୁ ସମୟ ଧରି ରୁଟିବାଲୀର ରୁଟି ତିଆରି ପଦ୍ଧତି ଅନୁଧ୍ୟାନ ତଥା ନିରୀକ୍ଷଣ କରିବା 'ଲରେ ମୋ ମୁଣ୍ଡ ଭିତରଟା ଖାଲି ରୁଟିରେ ଭର୍ତ୍ତି ହୋଇ ଯାଇଥାଏ। ବଜାରର ଦୋକାନ ବା ଦୋକାନୀ ଓ ଗରାକ ଉପେର କେବଳ ସାମୟିକ ନଜର ଢ଼ାଳୁଥାଏ। ଖବରକାଗଜରେ ପଶ୍ଚିମ ଓଡ଼ିଶା କଥା କଣ ବାହାରିଛି, ଗଣ୍ଡଗୋଳ ବିକ୍ଷୋଭ ହୋଇପାରେ, ରେଡ଼ିଓ କଣ କହିଲା ନ କହିଲା, କେତେଜଣ ମଲେ ବା ଧରାହେଲେ ଆମେ ନିତିଦିନିଆ ମାମୁଲି କଥା ଦଳେ ଦିଦଳ ଲୋକ ଏଠି ସେଠି କଥାବାର୍ତ୍ତା ହେଉଥାନ୍ତି। ମୋର ଆଗ୍ରହ ନଥାଏ, ଭୁତଟେ ପରି ବୁଲୁଥାଏ।

ପ୍ରସଙ୍ଗ ଓ ପରିପ୍ରେକ୍ଷୀରେ ମୋତେ ଦିଶୁଥାଏ ଗୋଟିଏ ମୁହଁ, ମୋ ମାଆର। ନାକରେ ସେ ଗୁଣା, କପାଳରେ ସେଇ ସିନ୍ଦୁରବିନ୍ଦୁ, ଝୁରୁମୁରୁ ମଣରେ ଦି ଆଙ୍ଗୁଳି ଓଢ଼ଣା। ପତଳା ମୁହଁ, ସରୁ ନାକ, ତରଳ ଆଖି। ବାତ୍ସଲ୍ୟରେ ଛଳ ଛଳ। ଚୂଲି ପାଖରେ ବସିଛି। ଚକୁଳିଆ ପଣ୍ଡାର ପୁଅଝିଅ ପରି ପଲେ ଆମେ ବସିଛୁ, ପିଠାଟି, ଚେଁ କଲେ ଆମ ଭିତରେ ଜଣେ ମେଁ କରେ। ବଣଜଙ୍ଗଲ ମୂଲକର ପ୍ରାକ୍ ଗହମ ଯୁଗର ସେ ଏକଘରିଆ ଦିନବେଳର ଛବି। କେତେ ରକମ ଶସ୍ତା ପିଠା କେଡ଼େ ଅକ୍ଳେଶରେ ମାଆ କରିପାରିଥିଲା। ଚିତଉ, ଚକୁଳି, ପୋଡ଼ପିଠା, ମୁଆଁ (କାକରା, ଆରିଷା, ଭଜାମଣ୍ଡା ପରି ଘିଅପିଠା ଗୁରୁବାର ଓଷା, ମକର, ଦଶରା ଆଦି ବଡ଼ ପର୍ବ ଦିନକୁ ଥାଏ) ଆଦି ଅଚାନକରେ କରିଦିଏ। (ମାଗୋ ତୁ ଦିନେ ଆସି କେତୁଟା ରୁଟିକରି ଦେଇଯାଆ। ତୋ ବଡ଼ପୁଅ କେଡ଼େ ଖୁସି ହବ ଦେଖିବୁ। କେକ୍, ପୁଡ଼ିଂ, ତନ୍ଦୁରୀ, ଛେନାପୋଡ଼ ତୋ ହାତର ଚୂନା ରୁଟିର ସୁଆଦର ସମକକ୍ଷ ହେବନି ମାଆ।)

ଆଜି ଗାଁରେ ଜାନିଯାତ୍ରା ହବ, ଘୋଡ଼ାନାଚ ହବ, ଚଢ଼େଇୟା ନାଚ ବାଦୀପାଲା, ସୁଆଙ୍ଗ, ଛଉନାଚ ହବ, ମାଆ ବାଉଁଶିଆରେ ବାପା କେବେ ଯଜମାନ ଘର ଆଣିଥିବା ଗଣ୍ଡିଏ ଅରୁଆ ଶ୍ରାଦ୍ଧ ଚାଉଳ ଧରି ଗାଧୋଇ ବାହାରିଲେ ଆମେ ଜାଣିପାରୁ ଆଜି ପିଠା ହେବ। ପିତଳ ଗରାରେ ଧରି ପାଣି କାଖରେ ଡ଼ାହାଣ ହାତରେ ପାଣି ଝରୁଥିବା ଚାଉଳ ପାଛିଆ ସାଙ୍ଗକୁ ଶାଗଜାଳି ଧରି ମାଆ ଘରକୁ ଫେରୁଥିଲା ବେଳର ରୁଟି ଏବେ ବି

Digitized by srujanika@gmail.com

ମନେ ପଡ଼ିଯାଉଛି । କେଡ଼େ ଖୁସି ଗର୍ବର ତା ଚାଲି ସେତେବେଳେ । ସେ ତ ଆମ ପାଇଁ ବଞ୍ଚିଥିଲା । ଭାତ ଖାଇସାରି ଦଣ୍ଡେ ଗଡ଼ପଡ଼ ନହୋଇ ସିଧା ଢ଼ିଙ୍କିଶାଳକୁ ଚାଲେ ଚାଳରୁ ଝୁଲିଥିବା ଦଉଡ଼ିଟି ଧରି କେଡ଼େ ବଡ଼ ଶାଳମଞ୍ଜର ଭାରି ଢ଼ିଙ୍କିରେ ଚୂନା କୁଟେ । କେବେ ବାପାଙ୍କୁ ଡ଼ାକେ ସାଙ୍ଗ ଦେବାପାଇଁ, ଢ଼ିଙ୍କି ମୁହଁରେ ହାତଦେବା ପାଇଁ ।

ରୁଟି ଦିଖଣ୍ଡ କରିବା ପାଇଁ ମାଆ କେତେ ଯେ ଡ଼େରି କରେ । ବାଡ଼ିରୁ କାଠି କୁଟା ଆଣିବ, ଲିଭିଲା ଚୂଲିରୁ ଝୁଲ ଅଙ୍ଗାର ଏକାଠି କରି ନଳୀରେ ଫୁଙ୍କି ନିଆଁ ଜାଳିବ, ପାଣି ଫୁଟାଇବ, ଖଳିପାଗ କରିବ, ତାବା ତତାଇବ, ବେଲିବ ସେକିବ ଅନନ୍ତ ପ୍ରକ୍ରିୟା । ମାଆ ଶୀଘ୍ରକର, ଭୋକ ଲାଗିଲାଣି । ଆଚ୍ଛା ତୁ ରୁଟିକର, ମୁଁ ଗୋବିନ୍ଦ ନନା ଦୋକାନରୁ ଗୁଡ଼ ପତରେ ମାଗି ଆଣେ ।

ମାଗିଦେଲା ମାତ୍ରେ ବଡ଼ ଶାଳପତର ଠୁଙ୍ଗାରେ ଡ଼ଙ୍କିଏ କୁନ୍ଦାଗୁଡ଼ ଗୋବିନ୍ଦ ନନା କେତେ ଖୁସୀରେ ନ ଦିଏ । ଫେରି ଆସି ଦେଖିଲା ବେଳକୁ ଛୋଟ ରୁଟିଟିଏ ତାବାରେ ପଡ଼ିଛି । ସେଇଟି ଅଗ୍ନି ଦେବତାର, ଆମର ନୁହେଁ । ଆହୁରି ଅପେକ୍ଷା କରିବାକୁ ହବ, ଧୈର୍ଯ୍ୟଧରି । ମାଆ ଖୁବ୍ ବ୍ୟତିବ୍ୟସ୍ତ ହୋଇପଡ଼େ । ଆମେ ପାଞ୍ଚ ଛଅଜଣ କାଙ୍ଗାଳ ଚୁଲୀକି ବେଢ଼ି ବସିଛୁ, ଗୁଡ଼ ଟିକେ ଟିକେ ପତରରେ ନେଇ ଗୋଟିକ ପରେ ଗୋଟିଏ ରୁଟି ପାଳିକ୍ରମେ ପତରରେ ପଡୁଛି । ମାଆ ହାତରେ ଶେଷ ରୁଟିଟା ବି ଯେତେ ମୋଟେ ହେଲେ ଫୁଲିବାକୁ ବାଧ । ମୁଁ କିନ୍ତୁ ଜାଣିଥିଲି ମା'ର ତା ବଡ଼ପୁଅ ପ୍ରତି ବେଶୀ ଶ୍ରଦ୍ଧା ଥିଲା ।

ଚୂନା ରୁଟି ପ୍ରତି ମୋର ମମତା ମାଆ ଅମଳର । ସେ ଚାଲିଯାଇଛି । ମୋତେ ତା ପରି କେହି ରୁଟି ତିଆରି କରି ଦେପାରିନି । ସେଥିପାଇଁ ହୁଏତ ମୁଁ ଅଟା ରୁଟି ଧରିଚି, ଡ଼ାକ୍ତରୀ କାରଣ ବାଦ୍ । କିନ୍ତୁ ପିଲାଦିନର ସେଇ ରୁଟିଡ଼ାଲିର ମଜା ମାଆ ଗଲାଦିନରୁ ଯାଇଛି ।

ଶୋଇଲାବେଳେ ମାଆ ଯେତେବେଳେ ଚକୁଳିଆ ପଣ୍ଡା କାହାଣୀ କହେ ଆମେ ଡ଼ରୁ କାଳେ ବାପା ଆମକୁ ନେଇ ପଣ୍ଡାପରି ଅଗନାଅଗନି ବନସ୍ତରେ ଛାଡ଼ିଆସିବେ । ଯେତେବେଳେ 'ଏକ ସେ ଥିଲେ ଟିପାଟିପି' ଗପ ଆରମ୍ଭ କରେ ଆମେ ବାପାଙ୍କୁ ଟିପା ମାଆକୁ ଟିପି ଭାବୁଁ; କାରଣ ସେମାନେ କାଠ କାଟନ୍ତି, ବିରି ଚାଉଳ ଆଣି, ବାଟି ପିଠା କରନ୍ତି । ବାଘମାମୁଁ ତାଙ୍କୁଇ ପାଣି ହାଣ୍ଡିରେ ନେଉଥିଲା ବେଳେ ସେ ଦୁହେଁ ହସିଥିଲେ ବୋଧହୁଏ । କେତେ ବୀର ! କେତେ ସାହାସୀ ସେମାନେ ।

ଚେତନା ପ୍ରବାହ ଏଇ ରୂପେ ଉଜାଣି ବହି ଚାଲିଥିଲାବେଳେ କିଏ ଜଣେ ହଠାତ୍ ଅବରୋଧ କରି ପଛପଟୁ ପାଟିକରି ଡ଼ାକିଲା "ବାବୁ, ଆପଣଙ୍କ ରୁଟି ହେଇଯାଇଛି, ଶୀଘ୍ର ନେଇଯାଆନ୍ତୁ, ଦୁକାନ ବନ୍ଦ କରିବା ।"

Digitized by srujanika@gmail.com

'ଏତେଶୀଘ୍ର।' କହି ବୁଲିପଡ଼ି ଦେଖେତ ମୋର ସେଇ ପଚିଶ ବର୍ଷ ତଳର ଆତ୍ମୀୟ ବିହାରୀ ରୁଟିବାଲା। ଏମିତି ବୁଢ଼ାହୋଇ ଯାଇଛି ଯେ ବୁଢ଼ା ବୁଢ଼ୀ ଦିହିଙ୍କି ଏକାସାଙ୍ଗରେ ରଖିଦେଲେ "ଏକ ଆରେକ ପାଇଁ" କୁହାଯିବ।

"ନମସ୍କାର ବାବୁ! ବହୁତ ଦିନ ପରେ ଦେଖା। ଆସନ୍ତୁ ଆପଣଙ୍କ ରୁଟି ହେଇଯାଇଛି ନେଇଯିବେ।"

ଆପେ ଆପେ ପ୍ରତି ନମସ୍କାରଟିଏ ମୋ ହାତକୁ, ପାଟିକୁ ଆସିଗଲା। ଆରେ! ଏତ ଖାଣ୍ଟି ଓଡ଼ିଆ କହୁଛି! ହିନ୍ଦୀଭାଷା ଭୁଲିଯାଇ ନାହିଁ ତ! ପଚାରିଲି "ଏତେ ଶୀଘ୍ର ଚାଳିଶଟା ରୁଟି ?"

"ଦୁଇଜଣ ମିଳିମିଶି କରିଦେଲୁ ବାବୁ!" ଠିକ୍ ମୋ ବାପା ମାଆ ଦିନେ ଦରିଦ୍ର ଅବସ୍ଥାରେ ଚିପାଚିପି ପରି ଚୂନା ରୁଟି ବଣ ଜଙ୍ଗଲିଆ ଗାଁ କୁଡ଼ିଆରେ ବଇଠା ଜଳି ଯିମିତି କରୁଥିଲେ।

"ଏତେଶୀଘ୍ର ଦୋକାନ ବନ୍ଦ କରିବ ?"

"ହଁ ବାବୁ! ଜମାନା ବଦଲ ହୋଗେୟା। ଆମର ଦୋକାନ ଆଉ, ଆଉ ଅନେକ ଦୋକାନ ଲୁଟତରାଜ କରିବେ ଆପଣଙ୍କ ଲୋକମାନେ। ଆମେ ବିଦେଶୀ। ଯେଉଁମାନେ ବିଦେଶୀ ସାହେବଙ୍କୁ ଘଉଡ଼ାଇ ଥିଲେ ତାଙ୍କର ଯୁଦ୍ଧକରିବା କଣ୍ଡୁ ମରିନାହିଁ। ଏଥର ଆମ ସାଙ୍ଗରେ ସଂଗ୍ରାମ କରିବେ ସେମାନେ। ଥରେ ଯୁଦ୍ଧଖୋର ହେଲେ ଯାହା ହେଉ ଆଳଦେଖାଇ ଲୋକେ ନିଶ୍ଚୟ ଯୁଦ୍ଧ କରିବେ, ଆଉ କାହାକୁ ନପାଇଲେ ନିଜ ଭାଇ ବିରାଦ ସାଙ୍ଗରେ ବି।"

ରୁଟିବାଲା ପଛେ ପଛେ ଗଲି। ରୁଟିବାଲୀ ଗୋଟିଏ ବଡ଼ ପତ୍ର ଠୁଙ୍ଗାରେ ରୁଟିକି ଥୋଇ ଢ଼ଙ୍କାଇ ବେଶ୍ ପେକ୍ କରି ଦେଇଛି ରସି ଦେଇ।

ବଢ଼ାଇ ଦେଉଁ ଦେଉଁ ସାମାନ୍ୟ ହସ ଖେଳାଇ ପଚାରିଲା "ଗୁନିବ ?" ତା ପରେ ପରେ କହିଗଲା "ଗୁନିବାର ଦରକାର ନାହିଁ। ହାମେ ଗୁନି ଦେଇଛି। ଦୁଟା ବେଶୀ ହବ, କିମିତି ହବନି।"

ଡ଼ାହାଣ ହାତରେ ରୁଟି ପୁଟୁଳା ଧରିଛି କି ନାହିଁ ଗୋଟାଏ ଏଲୁମିନିୟମ୍ ପାତ୍ର ମୋ ବାଆଁ ହାତକୁ ବଢ଼ାଇ ରୁଟିବାଲୀ କହିଲା "ନେ ବାପା। ଡ଼ାଲି ଅଛି, ପାରିବୁ ଯଦି ପିଆଜ ଫୁଟଣ ଦେଇ ବଘାରି ନବୁ, ନହେଲେ ବି ଚଳିଯିବ, ଶୁଖିଲା ରୁଟି ଖାଇପାରିବୁନି ବାପା।"

କାଲ୍‌କାଟା ସୁଇଟ୍ସର ପାଏ ଛେନାପୋଡ଼ ମିଠା ନାଆଁରେ ଧଇଲି, ଯଦିଓ ଜାଣେ ସେଥିରେ ଛେନା ଛଡ଼ା ଆଉସବୁ ଅଛି। ଯିମିତି ଏବେ ଲେମ୍ବୁ ସିରାପ, କମଳା ସିରାପ ବୋତଲରେ ଲେଖାଯାଇଛି, "ଏଥିରେ ଆଦୌ ଲେମ୍ବୁ ବା କମଳା ରସ ନାହିଁ" ସିମିତି ମୋ ବିଚାରରେ ଛେନା ପୋଡ଼ ଥାଳିରେ କାଠିଖଣ୍ଡିକରେ ଛାପା କାଗଜଟିଏ ପୋତିଦେବା ଉଚିତ୍ ଯହିଁରେ ଲେଖାଥିବ "ଏ ଛେନାପୋଡ଼ାରେ ଛେନାର ସତ୍ତା ନାହିଁ।"

Digitized by srujanika@gmail.com

ଘରେ ପହୁଞ୍ଚି ଦେଖେଁ ବୁଭୁକ୍ଷୁମାନେ ମୁମୂର୍ଷୁ । ବାକ୍‌ସ୍ଫୁର୍ତ୍ତି ହେବା ସନ୍ଦେହଜନକ । ଝିଅ କେବଳ ଏପଟ ସେପଟ ରୋଷେଇ ଘରେ ହେଉଥାଏ, ଖଡ଼୍ ଖଡ଼୍ କଣ କରୁଥାଏ ।

ଥଳି ଧରାଇଦେଲା ମାତ୍ରେ ଝିଅ ଯିମିତି ତଳେ ରଖି ମଡ଼ମଡ଼୍ ଶବ୍ଦରେ ଠୁଙ୍ଗା ଖୋଲିଛି ସମସ୍ତେ ଜୀଇଁ ଉଠିଲେ । ଫୁଡ଼୍‌କ୍ରାଫ୍‌ଟର ସମସ୍ତ ଜ୍ଞାନ ପ୍ରୟୋଗ କରି ଝିଅ ଡ଼ାଲିକୁ କାଲଗେସ୍‌ରେ ରୁଟିବାଲୀ କହିବା ମତେ ପିଆଜ ଫୁଟଣ ଦେଇ ବଘାରି ନେଲା ଏବଂ ଡ଼ାଇନିଂ ଟେବୁଲରେ ବନ୍ଧାବନ୍ଧିର ବ୍ୟବସ୍ଥା କଲା ।

ପାଠ ଅନୁସାରେ ଫ୍ରିଜ୍‌ରୁ ପାଣି ବୋତଲ, ଆଚର ଡ଼ାଇନିଂ ଟେବୁଲରେ ଥୋଇ ଡ଼ାଲି ଓ ଛେନାପୋଡ଼ ପ୍ଲେଟ୍‌ମାନଙ୍କରେ ଥୋଇ ଯିମିତି ରୁଟି ବାଢ଼ିବା ପାଇଁ ପାକେଟ୍ ଖୋଲିଛି ଚମକିପଡ଼ିଲା ପରି ଝିଅ କହିଲା, "ବାପା, ତୁମେ ଠକିଯାଇଛ । ଏ ରୁଟି ଚାଉଳ ରୁଟି, ଅଟାରୁଟି ନୁହେଁ । ଦେଖିନ ତୁମେ ଦୋକାନୀ ଦେଲାବେଳେ ।"

ମୁଗ୍ଧ ଚକିତ ହେଲି ।

ଦିପଟ ରୁଟି ଉଠାଇ ତଳକୁ ଦେଖିଲା, ବାକୀ ସବୁ ଅଟା ରୁଟି । ପଚାରିଲା "ବାପା ଅଟାରୁଟି ଦେବି ନା ଚୂନାରୁଟି ?" ଭୁଲରେ ଚୂନା ରୁଟି ଦେଇଛି, କମ୍‌ତି କି ହୋଇଥିବ ଅଟା ରୁଟି ।

"ଚୂନା ରୁଟି ଦେ, ମା ମଲା ପରଠୁଁ ପିଲାଦିନୁଁ ଘର ଛାଡ଼ିଲାଠୁଁ ଚୂନା ରୁଟି ଖାଇନି । ରୁଟିବାଲୀ କିମିତି ଜାଣିଲାରେ ମୁଁ ଚୂନା ରୁଟି ଭଲ ପାଏ ବୋଲି, ସେ ବିହାରୀ ସ୍ତ୍ରୀ ଲୋକଟା ଚୂନା ରୁଟିକି କରି ଜାଣେ, ଆରେ ବେଶ୍ ଫୁଲିଛି, ମୁଲାଏମ ହୋଇଛି ତ, ଠିକ୍ ମାଆ ଯିମିତି କରୁଥିଲା ।" ରୁଟିବାଲୀ ସହିତ ମୋର କଥାବାର୍ତ୍ତା ଆଉ ମୋର ପିଲା ଦିନର ଚୂଲି ପାଖରେ ବସି ରୁଟିଖିଆ କଥା କିଛି କହିଲି ନାହିଁ । ଚାରି ଜାଗାରେ ଛଅ ଖାଇଗଲି । ମାଆ କହିଥାନ୍ତା "ବାପାରେ, ଯାହା ଖାଇବାର ମନଇଚ୍ଛା ଖାଇ ଯା, ଗଣାଗଣି କରନି ପେଟ ଖରାପ ହେବ ।"

ଖାଇସାରିବା ପରେ ଇଚ୍ଛା ହେଉଥିଲା କେଉଁଠି ଯାତ୍ରା, ନାଚ, ତାମସା, ହେଉଥାନ୍ତା କି ଯାଇ ଦେଖିଆସନ୍ତି, ଯିମିତି ପିଲାବେଳେ ରୁଟି ଡ଼ାଲି ଖାଇ ମାଆ ପାଖରେ ବସି ଗାଁ ଦାଣ୍ଡରେ ଦେଖୁଥିଲି ।

ପରଦିନ ସକାଳେ ଝିଅ ଜୋଇଁକି ଛାଡ଼ିବା ପାଇଁ ବସ୍‌ଷ୍ଟାଣ୍ଡ ଯାକେ ଗଲି ଏବଂ ସେଠାରୁ ଡ଼ାଲିପାତ୍ରଟି ରୁଟିବାଲୀକି ଫେରାଇବା ପାଇଁ ତା ଦୋକାନକୁ ଗଲି ।

ରୁଟିବାଲୀ ନଥିଲା । ଦୋକାନରେ କେତୁଟା ଶୁଖିଲା ଶାଳପତ୍ର ଛଡ଼ା ଆଉ କିଛିନଥିଲା । ଅଙ୍ଗାର ପାଉଁଶ ବୁଣିହୋଇ ପଡ଼ିଥିଲା ।

ପ୍ରତିଦ୍ୱନ୍ଦୀ ଆମେ ଦେଶୀ ରୋଟି ଦୋକାନଟି ମୋ ଆଡ଼କୁ ଚାହିଁ କହିଲା ଏଇଠି ମୋତେ ଦେଇଯାଆନ୍ତୁ ଡ଼ାଲି ବାଟିଟା, ସେମାନେ ସବୁ ତାଙ୍କ ଦେଶକୁ ଚାଲି ଗଲେଣି ।

Digitized by srujanika@gmail.com

ଶଳେ କେତୁଟା ବର୍ଷରେ କି ସମ୍ପତ୍ତି ନ କମେଇଲେ କେଉଁଠୁ ଉଡ଼ିଆସି । ଦେଶଟାକୁ ଗିଳି ଦେଇଥାନ୍ତେ ଆଉ କେଇ ବର୍ଷରେ । ମୁଁ ସ୍ତବ୍ଧହୋଇ ଭାବିଲି, "ମୋ ମାଆ ଭାଗଲପୁର କି ହଜାରିବାଗରେ ଏଥର ଦୋକାନ ଖୋଲି ମୋ ପରି ବୁଢ଼ାପୁଅଙ୍କୁ ଅଟା ଚୂନା ଗୁଟି ଖୁଆଇବ, ତାକୁ ଆଉ ପଚିଶ ବର୍ଷ ପରେ ହେଲେ ବି କେଉଁଠି ଭେଟିବ ତ ?" ହେଲେ, ସେ ଯାହା ପଦେ ଅଧେ ମୋ ଭାଷା ଶିଖୁଥିଲା ତାହା ଭୁଲି ଯାଇଥିବ, ଆଉ ବୁଢ଼ା ଗୁଟିବାଲାଟା ଯେତିକ ଓଡ଼ିଆ ଶିଖିଥିଲା ତାହା କୌଣସି କାମରେ ଲାଗିବ ନାହିଁ । ମୁଁ କିନ୍ତୁ ତାଙ୍କ ମୁହଁରୁ ଓଡ଼ିଆ ଶୁଣିଛି, ସେମାନେ ମୋ ମୁହଁରୁ ହିନ୍ଦୀ ଶୁଣି ନାହାନ୍ତି ।

# କ୍ଲାସିକାଲ କମେଡ଼ି

ଦିନ ଥିଲା, ଯେତେବେଳେ କେହି ତାଙ୍କୁ 'ଡ଼କ୍ଟର ପାଳ' ବୋଲି ସମ୍ବୋଧନ କଲେ ସେ ସାଙ୍ଗେ ସାଙ୍ଗେ ବୁଲିପଡ଼ି ମୁହଁଟାକୁ ବିଚିକିଚିଆ (ଦୁର୍ଭାଗ୍ୟକୁ ତାଙ୍କ ମୁହଁଟା ଇମିତି ଭଲ ନଥିଲା, ଦୂରରୁ ପୋଡ଼ପିଠା ପରି ଦିଶୁଥିଲା) କରି ବଡ଼ ପାଟିରେ କହୁଥିଲେ, "କଣ ଆପଣ ଏମିତି ମୋତେ 'ପାଳ' 'ପାଳ' ବୋଲି ଡ଼ାକୁଛନ୍ତି ? ଓଡ଼ିଆରୁ କ'ଣ ହଳନ୍ତ ଉଠିଗଲା ? ଅକ୍ସଫୋର୍ଡ଼ରେ ମୋତେ ଡ଼କ୍ଟର ଜନ୍‌ମନ୍ 'ପଲ' 'ପଲ୍' ବୋଲି ଡ଼ାକୁଥିଲେ, କେମ୍ବ୍ରିଜ୍‌ରେ ଡ଼କ୍ଟର ରିଚାର୍ଡ଼ସ୍ ହାସ୍ୟଛଳରେ 'ପୋଲ୍' 'ପୋଲ୍' ବୋଲି ଡ଼ାକୁଥିଲେ; କିଛି ନହେଲେ ଆପଣ ମୋତେ 'ପାଲ୍' 'ପାଲ୍' ବା 'ପାଲ୍' 'ପାଲ୍' ବୋଲି ଡ଼ାକନ୍ତୁ । ସେଇହିଁ ମୋର ଠିକ୍ ନାଆଁ ।"

ସେତେବେଳେ ସେ ଥିଲେ ଉଚ୍ଚାରଣସର୍ବସ୍ୱ । ଜୀବନ ସେ ସମର୍ପଣ କରି ଦେଇଥିଲେ ଇଂରାଜୀ ଶବ୍ଦର ନିର୍ଭୁଲ ଉଚ୍ଚାରଣ ପାଇଁ । ସବୁବେଳେ ସେ ବି.ବି.ସି. ଷ୍ଟେସନ୍ ଶୁଣନ୍ତି ଏବଂ ଘରେ ଗୁଡ଼ାଏ ଇଂରାଜୀ ରେକର୍ଡ଼ ମଧ ରଖିଛନ୍ତି ନିର୍ଭୁଲ ଉଚ୍ଚାରଣ ଶିଖିବା ପାଇଁ । କେହି 'ବାସ୍'କୁ 'ବସ୍' ବା 'ଆପ୍'କୁ 'ଅପ୍' କହିଲେ ତାଙ୍କ ମୁହଁ ଗୋଟିକଯାକ ଲାଲି ପଡ଼ିଯାଉଥିଲା । ଷ୍ଟାଫ୍ କମନରୁମ୍‌ରେ ବସିଲାମାତ୍ରେ ସେ ଆରମ୍ଭ କରନ୍ତି, "ହ୍ୟଲୋ ପ୍ରଫେସର୍ ଡ଼ାସ୍! କୁହନ୍ତୁ ତ କେଉଁଟା ଠିକ୍ "ଆର୍ଚ୍ଚ ବିଶପ ନା ଆର୍କବିଶାପ ? ଟମାସ ନା ଥୋମାସ୍ ?" ଏମିତି ଯୁକ୍ତିତର୍କ, ବାଦାନୁବାଦ ଆରମ୍ଭ ହେଲେ କେହି କେହି ଅଧ୍ୟାପକ ତୁରନ୍ତ ଉଠିଯାନ୍ତି, ଆଉ କେହି ତାଙ୍କ ଉଚ୍ଚାରଣ ଅନୁକରଣ କରି ପରେ ଚିଗୁଲାଇ ହେବେ ବୋଲି ଧୈର୍ଯ୍ୟ ଧରି ବସନ୍ତି । ସାମାନ୍ୟ ଉତ୍ସାହ ପାଇଲା ମାତ୍ରେ ଡ଼କ୍ଟର ପାଳ ଛିଡ଼ାହୋଇ ହାଇସ୍କୁଲରେ ସେ ପଢୁଥିଲାବେଳେ ଜନୈକ ବଙ୍ଗାଳୀ ମାଷ୍ଟର

Digitized by srujanika@gmail.com

କିମିତି 'ଜୋଲକସ୍' ପାଠଟି ନାଚି ନାଚି ଶବ୍ଦର ଉଚ୍ଚାରଣ ସହିତ ତାଳ ଦେଇ ଅଭିନୟ ସହିତ ପଢ଼ାଉଥିଲେ ତାହା ଦେଖାଇ ଦିଅନ୍ତି। 'ଜେକଅଲସ୍' ନୁହେଁ 'ଜେକ୍ଲସ୍', 'ନେଗୋ' ନୁହେଁ 'ନେଗ୍ରୋ', 'ପ୍ୟାଲେସ୍' ନୁହେଁ 'ପ୍ୟାଲେଲେସ୍', 'ଇଣ୍ଡିଆ' ନୁହେଁ 'ଇଣ୍ଡ୍ୟା'। 'ଲାରଜ' ଉଚ୍ଚାରଣ ବେଳେ ମୁହଁ ପୂରା ଆଁ ହବ, 'ବୁଶି' ଉଚ୍ଚାରଣ ବେଳେ 'ଶ' ଉଚ୍ଚାରଣ ହେବ ଏବଂ ଓଠକୁ ଓଠ ମିଶିବ ନାହିଁ ଇତ୍ୟାଦି ଏବଂ ଶେଷରେ 'ଟେଏଲ୍ସ' ପରି କେତେଗୁଡ଼ିଏ ସମୋଚ୍ଚାରିତ ଶବ୍ଦ ଯଥା 'ହେଏଲ୍ସ', 'ମେଏଲ୍ସ' 'ରେଏଲ୍ସ' ସେ କୁଆଡ଼େ ଗାଇ ଯାଉଥିଲେ।

ଡ଼କ୍ଟର ପାଳଙ୍କ ସେ ଦିନ ନାହିଁ। ସେ ପନ୍ଦର ବର୍ଷ ତଳ କଥା। ଯେତେବେଳେ ସେ ଇଣ୍ଡିଆରେ ରହି ମଧ ଇଂଲଣ୍ଡର ପରିସର ଓ ଆବହାଓ୍ୱାରେ ରହୁଥିଲେ। ବିଲାତ ଜୀବନ ପୁନଶ୍ଚ ଏଠି ବଞ୍ଚୁଥିଲେ। ଇଂଲଣ୍ଡର ପାଣି ପବନ, ଟେମସ୍, ଟାଇମ ନଦୀର ବାୟୁମଣ୍ଡଳ, ଲଣ୍ଡନ ସହରର ଆଚାରବ୍ୟବହାର ରୀତିନୀତି ବିଶେଷ କରି ସାହେବଙ୍କ ଦାମ୍ପତ୍ୟ ଓ ଗାର୍ହସ୍ଥ ଜୀବନ ତାଙ୍କୁ ମନ୍ତ୍ରମୁଗ୍ଧ କରିଦେଇଥିଲା। "ପାଶ୍ଚାତ୍ୟ ପଥିକ" ଓ "ମୋ ଲଣ୍ଡନ ଜୀବନ" ନାମକ ଦୁଇଟି ଭ୍ରମଣ କାହାଣୀ ଲେଖି ମଧ ତାଙ୍କ ମନ ମାନି ନଥିଲା। ସେ ବସିଲେ, ଖାଇଲେ, ଠିଆ ହେଲେ ଇଂରାଜୀ ଆଦବକାଏଦା ମାନି ଚଳନ୍ତି ଏବଂ ବିଦେଶର କଥା କବିତା କାହାଣୀ ବନ୍ଧୁ ( ?)ଙ୍କ ଆଗରେ କହି ସୁଖ ପାଆନ୍ତି। ସେକ୍ସପିଅରଙ୍କ କମେଡ଼ି କ୍ଲାସିକାଲ କମେଡ଼ିଠାରୁ ଅଲଗା, ବେନ ଜନ୍ସନ୍ କିମିତି କମେଡ଼ି ଲେଖକ ଆକାରରେ ସେକ୍ସପିଅରଙ୍କଠୁଁ ବଡ଼ ତାହା ସେ ଅନର୍ସ ଓ ଏମ୍.ଏ. କ୍ଲାସମାନଙ୍କରେ ବଢ଼ିଆ ପଢ଼ାନ୍ତି, ବୁଝାନ୍ତି କୁଆଡ଼େ।

କମେଡ଼ି ଚାଲୁ ଚାଲୁ ଜୀବନରେ ଅକସ୍ମାତ୍ ଟ୍ରେଜେଡ଼ି ବି ଆସିପାରେ। ଡ଼କ୍ଟର ପାଳଙ୍କ ସେଇଆ ହେଲା। ସ୍ୱାମୀଙ୍କର ଭାରତୀୟ ନାରୀ ପ୍ରତି ବିମୁଖତା ଯୋଗୁଁ ହେଉ ବା ତାଙ୍କର ମୁହଁର ପାଇୟୋରିଆ ଦୁର୍ଗନ୍ଧ ଯୋଗୁଁ ବା ନିଜର ହୀନସ୍ୱାସ୍ଥ୍ୟ ଯୋଗୁଁ (ଡ଼କ୍ଟର ପାଳଙ୍କ ଓଜନ ପଞ୍ଚାଶୀ କିଲୋ ସ୍ଥଳେ ତାଙ୍କ ସ୍ତ୍ରୀଙ୍କ ଓଜନ ଥିଲା ପ୍ରାୟ ପଇଁଚାଳିଶ କିଲୋ) ଶ୍ରୀମତୀ ପାଳ ତିନୋଟି ପୁତ୍ର ଓ ଗୋଟିଏ କନ୍ୟା ସନ୍ତାନ ଛାଡ଼ି ଦିନେ ଚାଲିଗଲେ। ତାଙ୍କର ଖୋଜଖବର ନେବା ବି ଦରକାର ପଡ଼ିଲା ନାହିଁ।

ଡ଼କ୍ଟର ପାଳଙ୍କ ଚରିତ୍ରର କରୁଣ ବିଭାବ ଯାହା ଏତେଦିନ ଲୁକ୍କାୟିତ ଥିଲା ତାହା ଫୁଟି ପଡ଼ିଲା। ହଠାତ୍ ତାଙ୍କର ଇଂରେଜ ଓ ଇଂରାଜୀ ସାହିତ୍ୟପ୍ରୀତି ଊଣା ପଡ଼ିଗଲା। ପ୍ରିୟା ବିରହ ତାଙ୍କୁ ମୁହ୍ୟମାନ ଓ ବିହ୍ୱଳିତ କରିଦେଲା। ସେ ଖାଲି ଖୋଜିବସିଲେ କେଉଁଠି ବିରହ ରସ ଅଛି ଯେଉଁଥିରେ ସେ ବୁଡ଼ି ରହିବେ। ଇଂରାଜୀ ସାହିତ୍ୟର ଏପରିକି ସେକ୍ସପିଅରଙ୍କ ବିରହ ରସ ପଢ଼ି ତାଙ୍କର ମନଃପୂତ ହେଲାନାହିଁ। ତାର କାରଣ ଇଂରେଜମାନେ ଏକପତ୍ନୀ ବ୍ରତ ପାଳନ କରନ୍ତି ନାହିଁ। ସ୍ତ୍ରୀ ମରିବା ସାଙ୍ଗେ ସାଙ୍ଗେ ସେମାନେ ଆଉ ଗୋଟାଏ ଆଣନ୍ତି। ତାଙ୍କର ଛାଡ଼ପତ୍ର ବ୍ୟବସ୍ଥା ଅଛି। ରାଜା

Digitized by srujanika@gmail.com

ଶିମୋଲାଇନ ନିଜ ସ୍ୱାମୀ ହରାଇ ଯାହାକୁ ବାହାହୋଇ ରାଣୀ କଲେ ତାଙ୍କର ପ୍ରଥମ ସ୍ୱାମୀ ତରଫରୁ ପୁଅ ଥିଲା । ହେମ୍‌ଲେଟ୍‌ଙ୍କ ମାଆ ନିଜ ସ୍ୱାମୀଙ୍କି ହତ୍ୟାକରାଇ ନିଜ ଦିଅରକୁ ବାହାହେଲେ । ଆଧୁନିକ ଯୁଗରେ ପାଶ୍ଚାତ୍ୟ ଦେଶର ରାଷ୍ଟ୍ରପତିଙ୍କ ପତ୍ନୀ ବିଧବା ହୋଇ ପୁତ୍ରସନ୍ତାନଙ୍କୁ ପରିତ୍ୟାଗ କରି କୋଟିପତିକୁ ବିଭା ହେଉଛନ୍ତି । ପ୍ରେମ କାହିଁ ଯେ ବିରହ ଆସିବ ? ବିରହ କାହିଁ ଯେ ସାହିତ୍ୟରେ ତାର ପ୍ରତିଛବି ପଡ଼ିବ ?

ଦୈବାତ୍ ଡ଼କ୍ଟର ପାଳ ସାହିତ୍ୟସମ୍ରାଟ ଉପେନ୍ଦ୍ରଭଞ୍ଜଙ୍କ ପ୍ରତି ଆକୃଷ୍ଟ ହେଲେ । ଆମର ଏ ମହାକବିଟି ଏକପତ୍ନୀ ବ୍ରତ ପାଳନ କରିଥିଲେ ଏବଂ ପ୍ରଚାର ମଧ କରିଥିଲେ । ତେଣୁ ଡ଼କ୍ଟର ପାଳ ପଢ଼ିଲେ ବୈଦେହୀଶବିଳାସ, ବିଶେଷକରି ରାମଙ୍କ ବିରହ ସୀତାଙ୍କୁ ରାବଣ ଅପହରଣ କରି ନେଇଗଲା ପରେ । ପୁଣି ପଢ଼ିଲେ ସଂସ୍କୃତ ସାହିତ୍ୟରୁ ଦୁଷ୍ମନ୍ତଙ୍କ ବିରହ । ଉଦୟନଙ୍କ ବିରହ ଏବଂ ରତିବିଳାପ ଆଦି ଏବଂ ରାଶି ରାଶି ଶ୍ଳୋକ ମୁଖସ୍ଥ କରି କ୍ଲାସ୍‌ରେ ଓ ଷ୍ଟାଫ୍ କମନ୍-ରୁମ୍‌ରେ ସୁର ଧରି ଅଶ୍ରୁଳ ନୟନରେ ଗାଇବାକୁ ଓ ବୁଝାଇବାକୁ ଲାଗିଲେ । ଦୟା, ଅନୁକମ୍ପା, ସହାନୁଭୂତି ବିରହୀ ମନ ଚାରିଆଡ଼େ ଖୋଜିବୁଲେ । ଗଚଗୁବୁଛ, ଚଢ଼େଇଚଟା, ପାଣିପବନ ସର୍ବତ୍ର । ଉଭୟ ଚେତନ ଅଚେତନରେ । କୁଆଡ଼େ ପାଇଲେ ନାହିଁ । ବିରହୀ ଯକ୍ଷ ଅଚେତନ ମେଘକୁ ସାହା ପାଇଲା ପରି ଡ଼କ୍ଟର ପାଳ ପାଇଲେ କୁଟାକାଠିରୁ ତିଆରି ଖବରକାଗଜରୁ ।

ଷ୍ଟେଟ୍‌ସମ୍ୟାନ କାଗଜଟି କେବଳ ପୁରୁଣା ଜୀବନର ଏକମାତ୍ର ସନ୍ତକ ଓ ସହଚର । ଏ ମୁଣ୍ଡ ସେ ମୁଣ୍ଡ ବିଜ୍ଞାପନ ସହିତ ପ୍ରତିଟି ଅକ୍ଷର ସେ ପଢ଼ନ୍ତି ପ୍ରତିଦିନ । ଏବେ ବିଶେଷକରି ତାଙ୍କ ମନ ବିଜ୍ଞାପନ ପୃଷ୍ଠାଗୁଡ଼ାକୁ ଯାଉଛି । କାରଣ ରାଜନୈତିକ ଓ ସାମାଜିକ ଖବରଗୁଡ଼ାକୁ ସେ ଘୃଣା କରନ୍ତି; ଦେଶ ଓ ଦେଶ ସହିତ ତାଙ୍କର ସମ୍ପର୍କ ପ୍ରାୟ ଆଉ ନାହିଁ । ପୁଲ୍‌ଆଉଟ୍‌ର ମାଟ୍ରିମୋନିଏଲ ସ୍ତମ୍ଭ ଦେଖିଲେ ସେ ଉଲ୍ଲସି ଉଠନ୍ତି ଓ ଆଗ୍ରହର ସହିତ ନିଜ ସାଙ୍ଗମାନଙ୍କ ଓ ପିଲାମାନଙ୍କ ଦୃଷ୍ଟିକୁ ଆଡ଼େଇ ପଢ଼ନ୍ତି । ସ୍ତ୍ରୀ ଚାଲିଯିବାର ପାଞ୍ଚ ଛଅ ବର୍ଷ ହୋଇଗଲାଣି । କେତେଦିନ ଏ ଅଶ୍ୱଜାତୀୟ ପୁରୁଷଟି ଧୈର୍ଯ୍ୟ ଧରି ରହିବେ ?

ଷ୍ଟାଫ୍ କମନ୍‌ରୁମ୍‌ରେ ଏବେ ତାଙ୍କର ଯାବତୀୟ କଥାବାର୍ତ୍ତା, ଆଲୋଚନା ଯୌନକେନ୍ଦ୍ରିକ, ଅଶ୍ଳୀଳ । କେଉଁଠି କିଏ କେତୁଟା ବାହା ହୋଇଛି, କେଉଁଠି କେଉଁ ଖ୍ୟାତନାମା ରାଜନୈତିକ ନେତା ପଚାଶ ବର୍ଷରେ ପ୍ରଥମ ବିବାହ କରି ପ୍ରଧାନମନ୍ତ୍ରୀଙ୍କ ପାଖରୁ ଆର୍ଶୀବାଦ ଆଣିଲେ, ଏ ପ୍ରକାର ସମ୍ବାଦ ପରିବେଷଣରେ ଡ଼କ୍ଟର ପାଳ ଧୁରନ୍ଧର । ତାଙ୍କୁ ଉସୁକାଇବା ପାଇଁ ହରିବାବୁ ଓ ତ୍ରିଲୋଚନବାବୁ କହନ୍ତି, "ଛୁଆପିଲା ଢ଼େର ଦିନ ଏକୁଟିଆ ସମ୍ଭାଳିଲେଣି, ଏଥର ଯାହାହେଉ ଗୋଟାଏ ବ୍ୟବସ୍ଥା କରନ୍ତୁ । ନ ହେଲେ ଆପଣଙ୍କ ସ୍ୱାସ୍ଥ୍ୟ ଖରାପ ହୋଇଯିବ, ମୁଣ୍ଡ ବିଗିଡ଼ି ଯିବ, ବୁଢ଼ାବେଳକୁ ନିହାତି ଅସହାୟ ହୋଇଯିବେ, ହଇରାଣ ହେବେ, ଅନୁତାପ ବି କରିବେ ।" ଏ ଦୁଇଜଣଙ୍କ

Digitized by srujanika@gmail.com

ପ୍ରତ୍ୟେକଟି କଥାକୁ ସେ ବିଶ୍ୱାସ କରନ୍ତି, ସମ୍ମାନ ଦିଅନ୍ତି, ଥଟ୍ଟାତାମସା ବ୍ୟଙ୍ଗବିଦ୍ରୁପର ଛିଟା ଆଦୌ ଲକ୍ଷ୍ୟ କରିପାରନ୍ତି ନାହିଁ।

ଏ ଦୁହିଁଙ୍କ ପ୍ରରୋଚନାରେ ହେଉ ବା ନିଜ ମନକୁ ହେଉ ଡ଼କ୍ଟର ପାଳ ଷ୍ଟେସନ୍‌ରେ, ବସ୍‌ଷ୍ଟାଣ୍ଡରେ, ବଜାରରେ ଏଣେତେଣେ ଆଖି ପକାଇବାକୁ ଆରମ୍ଭ କଲେଣି । ତାଙ୍କ ମନ କ୍ରମେ ଦ୍ୱିତୀୟ ପତ୍ନୀ ଆଡ଼କୁ ଢଳିବାର ଲକ୍ଷଣ ଆଉ କେହି ହେଉ ନ ହେଉ ହରି-ତ୍ରିଲୋଚନ ଲକ୍ଷ୍ୟ କଲେଣି।

ଦିନେ ଡ଼କ୍ଟର ପାଳ ଷ୍ଟାଫ୍ କମନ୍‌ରୁମ୍‌ରେ ତାଙ୍କପାଇଁ ନିର୍ଦ୍ଧାରିତ ସୋଫା ଚେୟାରରେ ଗୋଡ଼ ଟେକି ଚକାମାରି (ଏମିତି ଭଙ୍ଗିରେ ତାଙ୍କର ବସିବାର ଅଭ୍ୟାସ ଯୋଗୁଁ ଅଙ୍ଗପ୍ରତ୍ୟଙ୍ଗର ଚାପରେ ସୋଫାର କିଛି ଅଂଶ ଏଠି ସେଠି ଫାଟି ଇଉଫୋମ୍ ବାହାରି ପଡ଼ିଲାଣି) ବସିଛନ୍ତି, ହରିବାବୁ ଓ ତ୍ରିଲୋଚନବାବୁ ଷ୍ଟେଟ୍‌ସମେନ୍ ପୁଲଆଉଟ୍‌ଟାକୁ ଦୁହେଁ ଦୁଇପଟୁ ଧରି ତାଙ୍କ ଆଗରେ ଟେକି ଧରିଲେ ଓ ଆଙ୍ଗୁଳି ଦେଇ ଦେଖାଇ ଦେଲେ ମେଟ୍ରିମୋନିଏଲ ସ୍ତମ୍ଭର ଗୋଟାଏ ଅଂଶ ଏବଂ ଲକ୍ଷ୍ୟ କଲେ ଡ଼କ୍ଟର ପାଳଙ୍କ ମୁହଁରେ ତହିଁର ପ୍ରତିକ୍ରିୟା।

ଡ଼କ୍ଟର ପାଳ ଗୁଣୁଗୁଣୁ ହୋଇ ପଢ଼ିଲେ, "wanted a retired gentleman for a rich and highly educated widow aged around fortyfive without encumbrances. Apply to Post Box etc." ତାଙ୍କର ଆଖିର ତାରା ହଠାତ୍ ଉଜ୍ଜ୍ୱଳ ହୋଇ ଆସିଲା ଓ ବହଳ ଓଠରେ ସାମାନ୍ୟ ସ୍ମିତ ଧୀରେ ଦେଖାଦେଇ ହଠାତ୍ ଉଭେଇ ଗଲା। ଶୁଣେଇ ଶୁଣେଇ ସେ କହିଲେ, "ଆଉ କାହିଁକି ? ଏତେ ଦିନ ଚାଲିଗଲାଣି, ଆଉ କେତୁଟା ବର୍ଷ... ତାଛଡ଼ା ଛୁଆପିଲା ବଡ଼ ହୋଇଗଲେଣି।" ସେମାନେ ଦୁହେଁ ସମସ୍ୱରରେ ପାଟିକରି କହିଲେ, "ଡ଼କ୍ଟର ପାଳ, ଏ ସୁଯୋଗ ଛାଡ଼ନ୍ତୁ ନାହିଁ, ଏ ବ୍ୟବସ୍ଥା ଉଭୟ ଆପଣଙ୍କ ଓ ପିଲାମାନଙ୍କ ହିତପାଇଁ। ଭାବନ୍ତୁ, ଦେଖନ୍ତୁ, ଏ ଚାନ୍‌ସ ଆଉ ମିଳିବ ନାହିଁ।"

ଡ଼କ୍ଟର ପାଳ ଭାବି ସାରିଥିଲେ ଏପରିକି ନିଷ୍ପତ୍ତି କରି ସାରିଥିଲେ ବହୁତ ଦିନ ହେଲା। ମଉକା ମିଳୁନଥିଲା, ସିମିତି ଯୋଗ୍ୟ ପାତ୍ରୀ ବି ପାଉନଥିଲେ। ନିଷ୍ପତ୍ତି କରିଥିଲେ ସେ ବୟସ୍କା ସ୍ତ୍ରୀଟିଏ ଗ୍ରହଣ କରିବେ। ବିଧବା ବା ପରିତ୍ୟକ୍ତା ହେଲେ ବି ଚଳିବ। ବିଜ୍ଞାପନର 'ଉଇଡ଼ୋ' କଥାଟା ତାଙ୍କ ମନକୁ ଭାରି ପାଇଲା। ପଦବୀ ବା ପଇସା ବଳରେ ଅବିବାହିତା ଯୁଆଣ ଝିଅଟିକୁ ଆଣି ମଝିନଈରେ ତାକୁ ବୁଡ଼ାଇ ମାରିବା ବ୍ୟବସ୍ଥା ସେ ପସନ୍ଦ କରୁନଥିଲେ। ତା'ଛଡ଼ା ବଡ଼ପୁଅର ବୟସ ଓ ଦୁର୍ଗୁଣ ଯୋଗୁଁ ଅଳ୍ପବୟସ୍କା ପତ୍ନୀ ଗ୍ରହଣ କରିବା ଅସମୀଚୀନ ହେବ ବୋଲି ଭାବୁଥିଲେ।

Digitized by srujanika@gmail.com

ବିଜ୍ଞାପନଟି ଘରେ ତିନି ଚାରିଥର ପଢ଼ିଲେ। ଭାବିଲେ, ପଇଁଚାଳିଶ ହେଲେ ବଡ଼ପୁଅର ପ୍ରାୟ ମା'ପରି ଦିଶିବ। ଧନୀ ଓ ଉଚ୍ଚଶିକ୍ଷିତା କଥାକୁ 'ଅଧିକନ୍ତୁ' ବୋଲି ଧରିନେଲେ। ତାଙ୍କର ନିଜର ଯେତିକି ଧନ ଓ ଶିକ୍ଷା ଅଛି ସେଥିରେ ସ୍ୱାମୀ ସ୍ତ୍ରୀ ଉଭୟଙ୍କ ସେଇ ଏକ ପାଣ୍ଠିରୁ ଚଳିଯିବ। ବଡ଼କଥା ହେଲା ତାଙ୍କ ନିଜର ଯୋଗ୍ୟତା। ସବୁ ଠିକ୍ ଖାପ୍ ଖାଇଯାଉଛି। ପାତ୍ର 'ରିଟାୟାର୍ଡ଼' ବା ଅବସରପ୍ରାପ୍ତ ହେବା ଦରକାର। କଥାବାର୍ତ୍ତା ଚାଲୁ ଚାଲୁ ଛମାସ ଚାଲିଯିବ। ଦ୍ୱିତୀୟ ଯୋଗ୍ୟତା ହେଲା ପାତ୍ର ଭଦ୍ରଲୋକ ହୋଇଥିବେ। ଭଦ୍ରଲୋକ ! ସେ ଯଦି ଭଦ୍ରଲୋକ ନ ହେବେ ତେବେ ଭାରତରେ ଆଉକିଏ ଭଦ୍ରଲୋକ ଅଛି ? ଏତେଗୁଡ଼ାଏ ବର୍ଷ ବିଲାତିରେ କଟାଇ ସେ ଖାଣ୍ଟି ଇଂରାଜୀ ଧରଣର ଭଦ୍ରଲୋକ ବନି ଯାଇଛନ୍ତି। ତୃତୀୟ କଥା, ପିଲାଝିଲା ବୋଝ ନଥିବ। ସେ କଥାଟା ପାତ୍ର ପକ୍ଷରେ ବା ପାତ୍ରୀ ପକ୍ଷରେ ପ୍ରଯୁଜ୍ୟ ଦଣ୍ଡେ ତର୍ଜମା କରି ବୁଝିଲେ ଯେ ହୁଏତ ତାହା ପୁରୁଷ ପକ୍ଷରେ ପ୍ରଯୁଜ୍ୟ ନୁହେଁ।

ସେଇଦିନ ରାତି ଦରଖାସ୍ତଟାଏ ଡ୍ରାଫ୍ଟ କଲେ। ସେଥିରେ ସେ ଲେଖିଥିଲେ, ତେର ମାସ ପରେ ସେ ରିଟାୟାର କରୁଛନ୍ତି, ତାଙ୍କଠାରେ ଭଦ୍ରଲୋକର ସମସ୍ତ ଗୁଣ ପୂର୍ଣ୍ଣମାତ୍ରାରେ ରହିଛି ଏବଂ ସେ ବିଲାତୀ ଆଦବକାଇଦା ସବୁ ଜାଣନ୍ତି। ସେ ଫ୍ରାନ୍ସ, ଜର୍ମାନୀ ଓ ଇଟାଲୀ ମଧ୍ୟ ବୁଲିଛନ୍ତି ତାଙ୍କ ବିଲାତି ରହଣି କାଳ ମଧ୍ୟରେ। ବିଲାତୀ ପୋଷାକରେ ଗୃହୀତ ଗୋଟାଏ ଫଟୋ ବି ଦରଖାସ୍ତ ସହିତ ଦେବାକୁ ସେ ନିଷ୍ପତ୍ତି କଲେ ଏବଂ ଚୁପେ ଚୁପେ ଯାଇ ସହରର ସବୁଠାରୁ ଭଲ ଜେମିନି ଷ୍ଟୁଡ଼ିଓରେ ଚୂଳରେ ଲୋମା ଲଗାଇ ଫଟୋଟିଏ ଉଠାଇଲେ। ଦୁଇଟା ସାର୍ଟିଫିକେଟ୍ ଦରକାର। ଗୋଟାଏ ହେଲା ସେ ତେର ମାସ ପରେ ଅବସର ଗ୍ରହଣ କରିବେ ଏବଂ ତାଙ୍କ ତିନିମାସ ଛୁଟି (ବିବାହ ପାଇଁ ଯଥେଷ୍ଟ !) ପ୍ରାପ୍ୟ ଅଛି। ଅନ୍ୟଟି ହେଲା ଜଣେ ଦୁଇଜଣ ଗେଜେଟେଡ଼୍ ଅଫିସର ପାଖରୁ ତାଙ୍କର ଭଦ୍ରାମି ସମ୍ବନ୍ଧରେ ସାର୍ଟିଫିକେଟ୍।

ଭଦ୍ରାମିର ସାର୍ଟିଫିକେଟ୍ ମିଳିଲା ତାଙ୍କ ବନ୍ଧୁଦ୍ୱୟ ହରି, ତ୍ରିଲୋଚନଙ୍କ ପାଖରୁ। (ଭାଗ୍ୟକୁ ସରକାର ଅଧ୍ୟାପକମାନଙ୍କୁ ଗେଜେଟେଡ଼୍ ଅଫିସର ବୋଲି ଘୋଷଣା କରିଛନ୍ତି।) ସେମାନେ ଲେଖିଲେ, ଭଦ୍ରାମିରେ ଏ ମହାତ୍ମା ସାର୍ 'ଫିଲିପ୍ ସିଡ଼ନିକୁ ବଳିଯିବେ। ପ୍ରିନ୍ସିପାଲ କିନ୍ତୁ ଟିକିଏ ଚାହୁଁଛନ୍ତି ତାହା ମୋର ଦରକାର, ବିଜ୍ଞାପନ ନ ଦେଖିଲେ ମୁଁ ଅବସର, ଛୁଟି ଆଦି ବିଷୟରେ ସାର୍ଟିଫିକେଟ୍ ଦେଇପାରିବି ନାହିଁ ।" ଆଗତ୍ୟା ସାମାନ୍ୟ ହସି ଅବଶେଷରେ ସେ ସାର୍ଟିଫିକେଟ୍ ଦେଲେ ଏବଂ ଶୁଭ ଓ ସଫଳତା କାମନା କଲେ ମଧ୍ୟ କଥାଟା ଗୋପନ ରଖିବେ ବୋଲି ପ୍ରତିଶ୍ରୁତି ଦେଲେ।

ଡ଼କ୍ଟର ପାଳ ଦରଖାସ୍ତ ପଠାଇଲେ କି ନାହିଁ ଜଣାଗଲା ନାହିଁ। ମାତ୍ର ତାଙ୍କ ମୁହଁ, ଚାଲିଚଳନ ଓ କଥାବାର୍ତ୍ତାରୁ ବୁଝାଗଲା, ସେ କାମ ଚାହାନ୍ତି।

Digitized by srujanika@gmail.com

ଏଥର ପ୍ରସ୍ତୁତି ପର୍ବ ଆରମ୍ଭ ହେଲା। ଅବସର ନେଇଥିବ ଏବଂ ଭଦ୍ରଲୋକ ହୋଇଥିବ, ଏଇ ଦୁଇ ମୁଖ୍ୟ ସର୍ତ୍ତ ଉପରେ ପ୍ରାୟ ପଇଁଚାଳିଶର ବିଧବା ପାଇଁ ସାରା ଦେଶରେ ଜଣେ ଯୋଗ୍ୟ ବ୍ୟକ୍ତି। ସେ ହେଉଛନ୍ତି ଡ଼କ୍ଟର ପାଳ। ଏ ବିବାହ ନିଶ୍ଚିତ, ଅବଶ୍ୟମ୍ଭାବୀ। କ୍ୱାଟର୍ସରେ ଚୂନ ଦେବା କାମ ଆରମ୍ଭ ହୋଇଗଲା। ବେଡ୍‌ରୁମ୍‌କୁ ଲାଗି କାମଚଳା ବାଥ୍‌ରୁମ୍ ମଧ୍ୟ ତିଆରି ହେଲା। କେତେଦିନ ହେଲା ରୋଷେୟା ଅଭାବରେ ରୋଷେଇରେ ବ୍ୟବସ୍ଥା ନଥିଲା ମଠରେ। ଚାକର ଟୋକା ଗୋଟାକର ସନ୍ଧାନ କରାଗଲା, ଚୂଲୀ ନୂଆ କରି ପଡ଼ିଲା ଏବଂ କାଠ ମଧ୍ୟ ଆଣି ରଖାଗଲା।

ଗ୍ରୀଷ୍ମ ଛୁଟି। ବଡ଼ପୁଅ ଘରକୁ ଆସିଥାଏ ବୁର୍ଲା ଇଞ୍ଜିନିୟରିଂ କଲେଜରୁ। ଆଗାମୀ ପରିସ୍ଥିତିକୁ ପୁଅ ଯିମିତି ମୁକାବିଲା କରିପାରିବ ସେଥିପାଇଁ ତହିଁର ଇଙ୍ଗିତ ବା ସୂଚନା ଦେବାକୁ ଯାଇ ଡ଼କ୍ଟର ପାଳ ପୁଅକୁ ଦିନେ ଏକାନ୍ତେ କହିଲେ -

"ବାପାରେ, ନିଲାମରେ ଯେଉଁ ଆମ୍ବ ଗଛ ଧରିଥିଲା ତାକୁ କଟେଇଲି।"

ପୁଅ ହୁଁ ଭରିଲା।

"ବାପାରେ, ସେ ଆମ୍ବ ଗଛର ସବୁ କାଠତକ ଚିରେଇଛି।"

(ସୁନାରେ ବନଶୀ କରିଛି, ବୋଲେ ହୁଁଚି)

"ବାପାରେ, କାଠସବୁ ବୁହାଇ ଘରକୁ ଆଣିଛି।"

(ମିଛେ ମିଛେ ମାଛ ଧରୁଛି, ବୋଲେ ହୁଁଚି)

"ବାପାରେ, ଗଛ ନିଲାମରେ ଧରିଲି, ଗଛ କଟେଇଲି, କାଠ ଚିରେଇଲି, ବୁହେଇ ଘରେ ରଖାଇଲି..." ଡ଼କ୍ଟର ପାଳ ଆଉ ଆଗେଇ ପାରିଲେନାହିଁ, କଣ୍ଠରେ ଶ୍ଲେଷ୍ମା ଜମିଗଲା। ଦଣ୍ଡେ ରହି ଛେପ ଢୋକି ଭାରି ଗଳାରେ କହିଲେ, ବାପାରେ ରାନ୍ଧିବ କିଏ ?" ଏବଂ ସଂଗେ ସଂଗେ ଭୋ ଭୋ କରି କାନ୍ଦି ପକାଇଲେ।

ପୁଅ ବାପଙ୍କର ମତଲବ୍ ଦେଶ୍ ବୁଝିଛି। ଅଗ୍ନିଶର୍ମା ହୋଇ ସେ ହୁଙ୍କାରି କହିଲା, "କିଏ ରାନ୍ଧିବ ? ମୋ ସ୍ତ୍ରୀ ରାନ୍ଧିବ। ମେଡ଼ିକାଲ କଲେଜରେ ଜଣେ ତେଲୁଗୁ ନର୍ସ ସହିତ ମୋର ବିବାହ ଠିକ୍ ହୋଇଯାଇଛି। ଗ୍ରୀଷ୍ମଛୁଟିରୁ ଫେରିଲେ ଆମର ବିବାହ ହେବ, ରେଜେଷ୍ଟ୍ରୀ ମେରେଜ୍। ତା'ପରେ ଯାଇ ରନ୍ଧାବଢ଼ା ବ୍ୟବସ୍ଥା, ଆମ୍ବକାଠ ହେଉ ବା କେନ୍ଦୁକାଠ ହେଉ।

ଡ଼କ୍ଟର ପାଳ ଚମକି ପଡ଼ି ଅପ୍ରତିଭ ହେଲେ। ପରମୁହୂର୍ତ୍ତରେ ପ୍ରକୃତିସ୍ଥ ହୋଇ ଭାବିଲେ, ବେଶ୍ ଭଲକଥା, ପୁଅ ବି ଯଦି ବାହାହେବ ହେଉ। ପୁତ୍ରଂ ମିତ୍ରବଦାଚରେତ୍। ଏ ନୂଆକଥା ନୁହେଁ। ଏବେ ପିଲାଏ ମେଟ୍ରିକ୍ୟୁଲେଶନ କ୍ଲାସ୍‌ରୁ ବାହାହୋଇ ପଡୁଛନ୍ତି। ଏ ତ ଆମର ଇଞ୍ଜିନିୟରିଂ ଶେଷବର୍ଷ। ସଂଘର୍ଷର ଅବକାଶ ରହିବ ନାହିଁ। ବାପପୁଅ ଦୁଇଭାଇ ପରି ରହିବା। ସାନଭାଇ ଓ ଭଉଣୀଙ୍କ କଥା ପୁଅ ବୋହୂ ବୁଝିବେ, ମୁଁ

Digitized by srujanika@gmail.com

ଜଞ୍ଜାଳମୁକ୍ତ ହୋଇ ରିଟାୟାର୍ଡ଼ ଜୀବନକୁ ଜେଣ୍ଟଲମେନ୍ ପରି ବ୍ୟବହାର ଦେଖାଇ ନୂଆକରି ଗଢ଼ିବ। ଠିକ୍ ଅଛି।

ପନ୍ଦର କୋଡ଼ିଏ ଦିନ ଚାଲିଗଲା। ଦରଖାସ୍ତ ଯାଇଛି ବୋଲି ଟାଇପିଷ୍ଟ ପାଖରୁ ଜଣାପଡ଼ିଲା। ହରିତ୍ରିଲୋଚନଙ୍କୁ ସବୁ ଭିତିରି ଖବର ଅନ୍ତର ଜଣା। ସେମାନେ ରଘୁ ଚପରାଶିକି (ସେ ଡାକ ଆଣେ) ହାତକରି କହି ରଖିଥାଆନ୍ତି, ଯେବେ ଡ଼କ୍ଟର ପାଲଙ୍କ ଚିଠି ଆସିବେ ତେବେ ଖବର ଦେବାପାଇଁ। କିନ୍ତୁ ମାସେ ଚାଲିଗଲା। ଚିଠି ନାହିଁ, ଖବର ନାହିଁ। କଣ ହେଲା ? ଡ଼କ୍ଟର ପାଳ କଣ ଦରଖାସ୍ତ ଦେଇନାହାନ୍ତି ?

ଏଣେ ସମସ୍ତେ ଜାଣିଗଲେଣି ଡ଼କ୍ଟର ପାଳ ପୁଣି ବାହା ହେଉଛନ୍ତି। ତାଙ୍କ ଖୋଦ୍ ପୁତ୍ରରତ୍ନ ପୁରୁଣା ସାଙ୍ଗସାଥି ଆଗରେ କହିଛି ବୁଢ଼ା ବାହାହେବା ମତଲବରେ ଅଛି ବୋଲି ଏବଂ ଆମ୍ବକାଠ ଜଳାଇବା ଉପାଖ୍ୟାନଟି ମଧ ପ୍ରକାଶ କରିଦେଇଛି। ଟାଇପିଷ୍ଟ ତା କାମ କରିଛି ଏବଂ ହରିତ୍ରିଲୋଚନଙ୍କୁ ଦରଖାସ୍ତର ବିଷୟବସ୍ତୁ ଅବଗତ କରାଇ ଦେଇଛି। ପ୍ରିନ୍ସିପାଲ ମଧ ହରିତ୍ରିଲୋଚନ ସହିତ ଏ ଘଟଣାର ଅବତାରଣା କରି ଆମୋଦ ପାଆନ୍ତି। ସହର, ବଜାର, କଲେଜ, ହଷ୍ଟେଲ୍, କେଣ୍ଟିନ୍ ସର୍ବତ୍ର ସେଇ ଟପିକ୍। ଜୋରସୋର ଆଲୋଚନା, ଡ଼କ୍ଟର ପାଳ ବାହା ହେଉଛନ୍ତି।

ପ୍ରାୟ ଦି'ମାସ ଚାଲିଗଲା ଗ୍ରୀଷ୍ମଛୁଟି ଶେଷ। ବଡ଼ପୁଅ ବୁର୍ଲା ଚାଲିଗଲା। ଆମ୍ବକାଠ ସେମିତି ସାଇତା ରହିଛି। ଚୁଲି ଜଳିନାହିଁ।

କଲେଜ ଖୋଲିଲା ଦିନ ସମସ୍ତେ ନୂଆ କଅଁଳ ଦୁବଘାସ ପରି ତାଜା ଓ ସବୁଜ ଦିଶୁଥାନ୍ତି। ଡ଼କ୍ଟର ପାଳ ଏକା ବିମର୍ଷ, ବିଷର୍ଣ୍ଣ ଓ ବିରସ। ତାଙ୍କ ଚୂଳ ବେଶୀ ଠିଆ ଠିଆ ଓ ଅତିମାତ୍ରାରେ ଧଳା। ଗାଲ ଫୁଲା ଫୁଲା, ଆଖି ଈଷତ୍ ଲାଲ, କୋଟରଗତ। ଛାତି ଭିତରଟା ଯିମିତି ତାଙ୍କର କୋରି ହୋଇଯାଉଛି।

ବସିଛନ୍ତି ତାଙ୍କ ପୂର୍ବ ନିର୍ଦ୍ଦିଷ୍ଟ ଚେୟାରରେ। ଦୁଇମାସ ହେଲା ପୋଛାପୋଛି ଝଡ଼ାଝଡ଼ି ହୋଇନାହିଁ, ଏ କଥାକୁ ତାଙ୍କର ନଜର ନାହିଁ। ପାଖରେ ମୋଡ଼ାମୋଡ଼ି ହୋଇ ଷ୍ଟେଟ୍ସମ୍ୟାନର ଖଣ୍ଡିଏ ପୁଲଆଉଟ୍ ଥୁଆ ହୋଇଛି। କଅଣ ଗୁଡ଼ାଏ ପାଗଳଙ୍କ ପରି ସେ ମୁରୁମୁରୁ ହେଉଛନ୍ତି ଏବଂ ଆଗରେ ଖଣ୍ଡିଏ ସାଦା କାଗଜରେ ଗୁଡ଼ାଏ ଇଂରାଜୀ ଅକ୍ଷର ଲେଖୁଛନ୍ତି।

ହରିତ୍ରିଲୋଚନ ଏତିକିବେଳେ କମନରୁମ୍‌ରେ ପ୍ରବେଶ କଲେ ଓ ଆତ୍ମୀୟତାସୂଚକ ସ୍ୱରରେ "ହ୍ୟାଲୋ ଡ଼କ୍ଟର ପଲ", "ହ୍ୟଲୋ ଡ଼କ୍ଟର ପୋଲ୍" ସମ୍ବୋଧନ କରି ସ୍ୱାଗତ ସମ୍ବର୍ଦ୍ଧନା ଜଣାଇ ସବୁଦିନ ପରି ତାଙ୍କ ଦୁଇ ପାଖରେ ବସିଗଲେ ଏବଂ ସମସ୍ୱରରେ ପଚାରିଲେ, "ଆଉ ଖବର କ'ଣ ? ଏଗୁଡ଼ାକ କ'ଣ ଲେଖୁଛନ୍ତି ? କ'ଣ ଆପେ ଅପେ କହୁଛନ୍ତି ?"

Digitized by srujanika@gmail.com

ବହୁକଷ୍ଟରେ ଧୀରେ ଧୀରେ ଡ଼କ୍ଟର ପାଳ କହିଲେ, "ଦେଖନ୍ତୁ, ସବୁବେଳେ ଥଟ୍ଟା ତାମସା ଭଲ ନୁହେଁ। ମୋର ମନ ଭଲ ନାହିଁ। ମୁଁ ବର୍ତ୍ତମାନ ଜୀବନର ତୃତୀୟ ଟ୍ରେଜେଡ଼ି ଭିତରେ ଗତି କରୁଛି।"

"ତୃତୀୟ ଟ୍ରେଜେଡ଼ି ?"

"ହଁ, ହଁ ତୃତୀୟ। ଆପଣ ଦୁହିଁଙ୍କୁ ମୁଁ ମୋ ଅନ୍ତରଙ୍ଗ ବନ୍ଧୁ ବୋଲି ଭାବେ। ଆପଣ ଦୁହିଁଙ୍କ ପାଖରେ ମୋର ଗୋପନୀୟ କିଛି ନାହିଁ। ପ୍ରଥମ ଟ୍ରେଜେଡ଼ି ହେଲା ସ୍ତ୍ରୀ ବିଚ୍ଛେଦ, ଦ୍ୱିତୀୟ ଟ୍ରେଜେଡ଼ି ଆସିଲା ସେଇଦିନ, ଯେଉଁଦିନ ରାଜେନ୍ଦ୍ର ପ୍ରସାଦଙ୍କ କାଷ୍ଟିଂ ଭୋଟରେ ହିନ୍ଦୀ ଭାରତର ରାଷ୍ଟ୍ରଭାଷା ହେଲା। ଏବେ ତୃତୀୟ ଟ୍ରେଜେଡ଼ି ମଧ ସେଇ ଭାଷାସମ୍ଭୂତ।"

"ପ୍ରଥମ ଦୁଇଟା ବୁଝିଲୁଁ, ମାତ୍ର ତୃତୀୟ ଟ୍ରେଜେଡ଼ି କଥା ଟିକିଏ ବୁଝାଇ ନ କହିଲେ ..." ହରିତ୍ରିଲୋଚନ କହିଲେ।

"ଆପଣ ଦୁହେଁ ଜାଣନ୍ତି, ମୁଁ କିପରି ଭାଷାର ସଠିକ୍ ଉଚ୍ଚାରଣ ପାଇଁ ମୋର ଜୀବନ ଉତ୍ସର୍ଗ କରିଛି। ଆପଣମାନଙ୍କୁ କେତେ ହଇରାଣ ହରକତ ନ କରିଛି, ଅପମାନ ମଧ ନ ଦେଇଛି। ଏବେ ମୋର ଭ୍ରମ ଭାଙ୍ଗିଗଲା ଇଂରାଜୀ ଲିପି ଯୋଗୁଁ ଓ ମୁଁ ବୁଝିଲି କାହିଁକି ବର୍ଣ୍ଣାଡ୍‌ଶ ତାଙ୍କର ସମସ୍ତ ସମ୍ପଦ ଏଇ ଲିପି ସଂସ୍କାର ପାଇଁ ଜାତିକୁ ଦେଇ ଯାଇଛନ୍ତି। ଇଂରାଜୀ ଲିପି ବା ଅକ୍ଷରଠୁ ବଳି ଧୋକାବାଜ୍ ଆଉ କେଉଁ ଲିପି ନୁହେଁ। ଇଂରାଜୀ ଶବ୍ଦର ଉଚ୍ଚାରଣରେ ଯିମିତି ବିଭ୍ରାଟ, ତାର ଅକ୍ଷର ଲେଖାରେ ସିମିତି ବିଭ୍ରାଟ।"

ହରିତ୍ରିଲୋଚନ ଭାବିଲେ ଡ଼କ୍ଟର ପାଳଙ୍କ ମୁଣ୍ଡ ଗ୍ରୀଷ୍ମଛୁଟି ଭିତରେ ଟିକିଏ ବେଶୀ ବିଗିଡ଼ି ଯାଇଛି ଓ ସେଥିପାଇଁ ଉଠି ଚାଲି ଯାଉଥିଲେ। କିନ୍ତୁ ଡ଼କ୍ଟର ପାଳ ସେ ଦୁଇଜଣଙ୍କୁ ଜୋରଜବରଦସ୍ତ ଧରି ବସାଇଲେ ଏବଂ କହିଲେ, "ଏଇ ଦେଖନ୍ତୁ, ସଇତାନୀ ଅକ୍ଷରଗୁଡ଼ାକର ସ୍ୱରୂପ। ଠିକ୍ ଲେଖି ନଜାଣିଲେ ବା ଟିକିଏ ଏପଟ ସେପଟ ହେଲେ ସେ ଗୁଡ଼ାକ କିମିତି ମାରାତ୍ମକ ଭ୍ରମସଞ୍ଚାର କରନ୍ତି। ଏଇ ଦେଖନ୍ତୁ, ଏଫ୍‌ଏଇଚ୍ ପରି, ଇଉ ସେଇ ଲେଖା ଅକ୍ଷର ଟାଇପିଷ୍ଟ ବା କମ୍ପୋଜିଟର୍ ହାତରେ ମୁଦ୍ରାରାକ୍ଷସ ଫାୟାର ପରି, ବାଟ୍ ହାଟ୍ ପରି, ଖାନ୍ ଗାମ୍ ପରି, ଫାୟାର ଫାଇନ୍ ପରି ଦିଶୁଛି। ସେମିତି ହଟ୍ ପଟ୍ ପରି, ବାର୍ଡ଼ ବାଇଣ୍ଡ ପରି, ବାଇଣ୍ଡ ଫାଇଣ୍ଡ ପରି ଏବଂ ଇଣ୍ଟର୍ନେଲ ଇନଫାନେଲି ପରି ଅଭାବିତ ଶବ୍ଦ ସୃଷ୍ଟି କରିଦେଉଛି ଏଇ ଇଂରାଜୀ ଲିପି। ମୋର ମତ, ଉଚ୍ଚାରଣ ଓ ଅକ୍ଷରବିଭ୍ରାଟ ଯୋଗୁଁ ଏ ଭାଷା ଏ ଦେଶରୁ ଉଠାଇଦେବା ଉଚିତ୍।

ହରିତ୍ରିଲୋଚନ ଚକିତ ହୋଇ ଚାହିଁ ରହିଥାଆନ୍ତି। ଡ଼କ୍ଟର ପାଳ କହିଲେ, "ଏଇ ଦେଖନ୍ତୁ, ମୋ ଜୀବନର ତୃତୀୟ ଟ୍ରେଜେଡ଼ି"। ଏହା କହି ସେ ମୋଡ଼ାମୋଡ଼ି ହୋଇ ପଡ଼ିଥିବା ଖବରକାଗଜର ପୁଲଆଉଟାକୁ ଦିହିଁଙ୍କ ଆଗରେ ମେଲାଇ ଧଇଲେ। ବିବାହ

Digitized by srujanika@gmail.com

ବିଜ୍ଞାପନର ସଂଶୋଧନୀରେ ଲେଖାଥିଲା "wanted a refined gentleman not a retired gentleman."

ଗୁରୁଗମ୍ଭୀର ସ୍ୱରରେ ହରିତ୍ରିଲୋଚନ କହିଲେ, "ତେବେ RETIRED REFINED. The devil"

ଏବେ ଡ଼କ୍ଟର ପାଳ "ଅଂଗ୍ରେଜୀ ହଟାଓ", ଆନ୍ଦୋଳନର ପୁରୋଧା।

# ମୁରୁକି ହସ

ଏ ମୁରୁକି ହସ କାହିଁକି ? ଲୋକଟା ପାଗଳ ନା କ'ଣ ? ଭଦ୍ରଖ ଲୋକାଲ ପାସେଞ୍ଜର ଟ୍ରେନର ପଛ ଡ଼ବାରେ ଭଲ ସିଟ୍‌ଟାଏ ଖୋଜୁଥିଲି ଏବଂ ପ୍ରଦୀପ ପରି କିଏ ଭଲ ସାଙ୍ଗ ଜଣେ ମିଳିଯିବ ବୋଲି ଭାବୁଥିଲି।

ମାତ୍ର ଏ ଲୋକଟା କିଏ ? ଚିହ୍ନା ନାହିଁ ଜଣାନାହିଁ, ମୋତେ ଦେଖିଲାମାତ୍ରେ ଏମିତି ମୁରୁକି ହସିଲା କାହିଁକି ? ଆରେ ! ଆଖି ଯୋଡ଼ାକରେ ଆଗ୍ରହ, ସାଦର ସମ୍ଭାଷଣ ଭରପୂର ଯେ । ହେଇ ! ମୋତେ ଦେଖି ଭ୍ରୁ ନଚାଇ ଚାହିଁ ଭାଙ୍ଗକରି ତା ସାମନା ସିଟ୍‌ରେ ବସିବା ପାଇଁ ଡ଼ାକୁଛି ନା କ'ଣ ? କି ସାହସ ଲୋକଟାର ? ବେହିଆ ନା ଅଭଦ୍ର, ନା ପାଗଳ ?

ଯାକୁ ସାଙ୍ଗ କରି ଯିବ କିଏ ? କି ଚେହେରା ! ବୁଢ଼ାଳିଆ ମୁହଁଟା, ଚିକିଚିକିଆ, ବ୍ରଣମୟ । ଖାକୀ ହାଫ୍ ଶାର୍ଟ, ଖାକୀ ପେଣ୍ଟ ପାଖ ଦେଇଗଲେ ଝାଳ ଗନ୍ଧ, ଶ୍ରୀକୃଷ୍ଣଙ୍କ ପରି ପେଣ୍ଡାଏ ଚୁଳ ମସିଆ ବେକ କଲର ଉପରେ ପଡ଼ିଛି । ବାଜେ ଲୋକଟା । ଏ ଡ଼ବାଟା ଅଭଦ୍ରଙ୍କ ଡ଼ବା । ଆଉ ତା ଆଡ଼କୁ ନ ଚାହିଁ ଓହ୍ଲାଇ ପଡ଼ିଲି, ସିଧା ଚାଲିଗଲି ଇଂଜିନ୍ ପାଖ ଡ଼ବାକୁ ।

ଯାଉଥାଏ, ଭାବୁଥାଏ, ଲୋକଟାକୁ କେଉଁଠି କଣ ଦେଖି ନଥିବି ? ଦୋଦୋ ଚିହ୍ନା ପରି ଜଣାଗଲା ଯେ । ମଣିଷର ମନଟା ଯିମିତି ବିଚିତ୍ର, ତାର ଫସଲ ବି ସିମିତି ହରରଙ୍ଗୀ, ରହସ୍ୟମୟ । ଏଇ ମୁଣ୍ଡ ଭିତରଟାକୁ ଖେଳପଡ଼ିଆ କରି କେତେ କେତେ ଚିନ୍ତା ଭାବନା, ଚେହେରା ଚରିତ୍ର ଫୁର୍ତ୍ତିରେ ଚକ୍‌କର ମାରୁଥିବେ । କିନ୍ତୁ ଦରକାର ବେଳକୁ ତାଙ୍କୁ ଖୋଜି ବସିଲେ କାହାରି ଦେଖାଦର୍ଶନ ନାହିଁ । ତୁମେ ଯେତେ ଜୋର୍ ଡ଼ାକିବ ଡ଼ାକ, ଢ଼କ୍‌କା ପିଟ, ତୂରୀ ଭେରୀ ଫୁଙ୍କ, ସେମାନେ ଆରାମରେ ଯୋଦ୍ଧା ସୈନ୍ୟ ସାମନ୍ତ ଧରି ନିଆଁ ପାଖରେ ଭୋଜିଭାତର ମଉଜମଜଲିସ କରୁଥିବେ, ତୁମ ଡ଼କରା

Digitized by srujanika@gmail.com

ଶୁଣିବେ ନାହିଁ । ମୁଁ ମୁଣ୍ଡଟାକୁ ମନ୍ଥି ଚକଟି କେଉଁଠି ଏଭଳି ଲୋକଟା ଲୁଚିଛି ତାକୁ ବାହାର କରିବାକୁ ଚେଷ୍ଟାକଲି । ଖୋଜଖବର ପାଇଲି ନାହିଁ । ଅସ୍ୱସ୍ତି ବଢ଼ିଲା, ପୁଣି ଖୋଜିଲି, ପୁଣି ପାଇଲି ନାହିଁ, ପୁଣି ..... ଖୁଅ କାହିଁ ?

ପନ୍ଦର ଦିନ ତଳେ ଏଇ ଗାଡ଼ିକୁ ଅପେକ୍ଷା କରି ଏଇଠି ସିମେଣ୍ଟ ବେଞ୍ଚ୍ ଉପରେ ପ୍ରଦୀପ ସାଙ୍ଗରେ ବସିଥଲି ନା ? ସେ କହିଲା, "ସାର୍ ଟ୍ରେନ୍ ଲେଟ୍ ଅଛି, ବଡ଼ ବୋର୍ ଲାଗୁଛି, ଗୋଟାଏ ଗପ କୁହନ୍ତୁ ।" ମୁଁ କହିଲି, "ଦିନବେଳେ ଗପ ଦେଖାଯାଏ, ରାତିରେ ଶୁଣାଯାଏ । ତା ଛଡ଼ା ଭାରତବର୍ଷରେ କେହି କାହାକୁ ଗପ କହିବା ଦରକାର ନାହିଁ । ଆଖି ଆଗରେ ନିତି ପ୍ରତି ମୁହୂର୍ତ୍ତରେ ଯାହା ଘଟିଯାଉଛି ଆଖି, କାନ ଖୋଲି ଦେଖିଲେ, ଶୁଣିଲେ ସିନେମା ଦେଖିଲାପରି ଲାଗିବ । ତୁମେ ଚୁପ୍‌ଚାପ୍ ହୋଇ ବସ୍, ଆଉ ଦେଖୁଥାଅ ।"

ଦେଖିଲୁଁ, ଡ଼ାହାଣ ପାଖକୁ ଖଣ୍ଡେ ଦୂର ଛାଡ଼ି ଆଉ ଗୋଟାଏ ସିମେଣ୍ଟ ବେଞ୍ଚ୍ । ତାକୁଇ ଲାଗି ଦୁଇ ତିନିଟା କୁକୁର ପରି ମଣିଷ ଆଉ ଗୋଟାଏ ଦୁଇଟା ମଣିଷ ପରି କୁକୁର ବସିଥାନ୍ତି । ରୋଗ ଓ ବୁଭୁକ୍ଷାର ମୂର୍ତ୍ତି ଏଇ ଜୀବଗୁଡ଼ାକ । ସମସ୍ତଙ୍କର ସର୍ବାଙ୍ଗ ଲୋମହୀନ, ଘାଆଛଉ ଆଚ୍ଛାଦିତ । ପାଖକୁ ଯିବାକୁ ଭୟ ଓ ଘୃଣା ଲାଗୁଥାଏ । ଯିଏ କାମୁଡ଼ିବ ଜଳାତଙ୍କ ହେବ । ବାଟରେ ଯେଉଁ ସାହି ଦେଇ ଏଠାକୁ ଆସିଛୁ, ସେଠିକା ଲୋକଗୁଡ଼ା ବି ଏମିତି ଗୁଗ୍‌ଣ, ପ୍ରାୟଶଃ ଉଲଗ୍ନ, ଛେଳି, କୁକୁଡ଼ା, ଘୁଷୁରି, ହାଣ୍ଡିଆ ଗୁହମୂତ ଗନ୍ଧ ଭିତରେ ରହିଛନ୍ତି । ନାକ ବନ୍ଦ କରି ଆସିଛୁ । ଏ କେତୁଟା କଣ ସେଇ ସାଇରୁ ଗୁରୁଣ୍ଡି ଗୁରୁଣ୍ଡି ସଭ୍ୟତାର ଅଇଁଠା ଖାଇବାକୁ ଆସିଛନ୍ତି । ଆମ ଚାରିପଟ ଦୁନିଆଁରେ କଣ ଏଇଗୁଡ଼ାକ ? ବୁର୍ଜୁଆ ଲେଖକ, ଏମାନଙ୍କ କଥା କଣ ଜାଣିବ ? ଲୋଡ଼ା ଟଲଷ୍ଟୟ, ଗର୍କି ।

ସେଗୁଡ଼ାକ ଉପରୁ ଆଖି ଫେରାଇ ସାନ୍‌ଡ଼େ କାଗଜର କଭର ଉପରେ ଆଖି ପକାଇଲି । ତିନିଜଣ ବଡ଼ ବଡ଼ ନେତାଙ୍କ ଛବି । ଜଣକର ଦିହ ବଡ଼, ଅନ୍ୟଜଣକର ନାକ ବଡ଼, ଅନ୍ୟଜଣକର ଚୁଳ କଦମଫୁଲିଆ । ଲୋକେ କହନ୍ତି ଏଇ ତିନିଜଣ ଆମର ବ୍ରହ୍ମା, ବିଷ୍ଣୁ, ମହେଶ୍ୱର । ତିନି ପ୍ରଧାନମନ୍ତ୍ରୀ, ତ୍ରିମୂର୍ତ୍ତୀ, ରଙ୍ଗିନ୍ ମୂର୍ତ୍ତି ।

ଆମ ସାମନା ପ୍ଲାଟଫର୍ମରେ ଇଷ୍ଟକୋଷ୍ଟ ଏକ୍ସପ୍ରେସ୍ ଆସି ଛଡ଼ା ହୋଇଗଲା । ଛୋଟ ଷ୍ଟେସନ୍, ଅଳ୍ପ ଲୋକ ଓହ୍ଲାଇଲେ, ତାଠୁ ଅଳ୍ପ ଲୋକ ଉଠିଲେ । ଓହ୍ଲାଇବା ଲୋକ ଭିତରେ ଅଧିକାଂଶ ଭିକାରୀ, ହକର ଓ ବେଗର ଟିକେଟବାଲା । ସମସ୍ତଙ୍କ ଭିତରେ ସୁଦୃଶ୍ୟ ଓ ଲକ୍ଷ୍ୟଣୀୟ ଥିଲେ ତିନିଜଣ 'ବୟ' ବା 'ବେଆରାର' । ଚକ୍‌ଚକିଆ ଫିକା ନୀଳ ରଙ୍ଗର ପୂରା ପୋଷାକ ପିନ୍ଧି ଓହ୍ଲାଇଲେ । ଥାଳି ଉପରେ ଥାଳି ତା ଉପରେ ବୋତଲ ବାଲାନ୍ସ କରି ଗର୍ବର ସହିତ ଢ଼େଙ୍ଗ ଢେଙ୍ଗ ଓହ୍ଲାଇ ଆସିଲେ ସମାଜସେବୀଙ୍କ ଗର୍ବ ଅଭିମାନ ମୁହଁରେ ଫୁଟାଇ । ମନ୍ତ୍ରୀମାନଙ୍କ ପରି ସେମାନେ ମଧ ଜନସେବକ ନୁହନ୍ତି ତ କଣ ?

Digitized by srujanika@gmail.com

ପ୍ଲାଟଫର୍ମରେ ଥାଳିଗୁଡ଼ାକ ଥୋଇ ଉଚ୍ଛିଷ୍ଟ ଭୁକ୍ତାବଶେଷଗୁଡ଼ାକ ଏକତ୍ର କରୁଛନ୍ତି ଫୋପାଡ଼ି ଦେବା ପାଇଁ । ଆମ ପାଖ ସିମେଣ୍ଟ ବେଞ୍ଚ ପାଖକୁ ଲାଗି କେତୁଟା ଜୀବ ମଣିଷ କୁଆ କୁକୁର ଚଞ୍ଚଳ ହୋଇ ସେଆଡ଼କୁ ଭିଡ଼ିଗଲେ ଖେଳରେ ରେଫାରି ଟସ୍ କରୁଥିବା ଫୁଟବଲ ଆଡ଼କୁ ଯିମିତି ପିଲାମାନେ ଧାଇଁଯାଆନ୍ତି । କିଏ ମଣିଷ କିଏ କୁକୁର ବାରି ହେଲାନାହିଁ । ପ୍ରାୟ ଦଶଟା ଥାଳିରୁ ଯେଉଁ ଅଇଁଠା ଭାତ, ଡ଼ାଲି, ସମ୍ବର, ଘୋଳପାଣି, ପାମ୍ପଡ଼, ଲଙ୍କାମରିଚ ଓ ପିଆଜ ଟୁକୁରା ସଂଗୃହୀତ ହେଲା ତାହା ଦୁଇ ତିନିଶ ଗ୍ରାମ୍ ହେବ । ଫାଷ୍ଟ କ୍ଲାସ୍ ରେଳଯାତ୍ରୀଗୁଡ଼ାଙ୍କୁ ବି କଣ ଏତେ ଭୋକ ଲାଗେ ଯେ ପୋଛାପୋଛି କରି ସବୁ ଖାଇ ଦିଅନ୍ତି, ତଳେ ପ୍ଲାଟଫର୍ମର ସିମେଣ୍ଟ ବେଞ୍ଚ ପାଖରେ କେତେଗୁଡ଼ାଏ ଜୀବଜନ୍ତୁ ତାଙ୍କୁ ଆଶାକରି ପଡ଼ି ରହୁଛନ୍ତି ଭାବିପାରନ୍ତି ନାହିଁ । 'ବୟ'ଗୁଡ଼ାକ ମଧ ଏମିତି ହୃଦୟହୀନ ଯେ ବୋତଲରେ ପାଣିଗୁଡ଼ାକ ମଧ ଖାଦ୍ୟ ଉପରେ ଢ଼ାଳି ଦିଅନ୍ତି । ଖାଦ୍ୟପାନୀୟର ଶେଷାଂଶକୁ ସେମାନେ ଭୂଇଁରେ ଅଜାଡ଼ି ଦେବାକୁ ଯାଉଛନ୍ତି ସ୍ତ୍ରୀଲୋକ ପରି ଦିଶୁଥିବା ଜୀବଟାଏ ତା ଦିହରୁ ହଠାତ୍ ଲୁଗାକାନିଟା ଏତେ ତରତରରେ ଜୋରରେ ତଳେ ପାତିଦେଲା ଯେ, ସେ ନିଜେ ପ୍ରାୟ ଉଲଗ୍ନ ହୋଇଗଲା । ସବୁ ଧରିପାରିଲା ନାହିଁ, କିଛି ଅଂଶ ତଳେ ପଡ଼ିଗଲା ଏବଂ ତରଳଦ୍ରବ୍ୟତକ ଲୁଗାରୁ ଝରି ମାଟିରେ ମିଶିବାକୁ ଲାଗିଲା ।

ଏଥର ଚାଲିଲା ସଂଘର୍ଷ ଓ ପ୍ରତିଦ୍ୱନ୍ଦିତା । ପ୍ରଥମେ କୁଆଟାଏ ଖାବୁଡ଼ାଏ ମାରି ନେଇଗଲା । ସ୍ତ୍ରୀଲୋକଟା ତରବରରେ ଆଙ୍ଗୁଳି ଗୋଟାକୁ ବଙ୍କାକରି କନା ଉପରୁ ପେଜ ପରି ବହଳିଆ ଜିନିଷକୁ ବାହାର କରି ଚାଟିଲା ଓ ସଂଗେ ସଂଗେ ଗୋଡ଼ିଭିତରୁ କେତୁଟା ଭାତକୁ ଆଣି ପାଟିକୁ ନେଲା । ପେଟବୁଜୁଳା ବାହାରି ପଡ଼ିଥିବା ଦରମଲା ଛୁଆଟାଏ ପେଟେଇ ଗୁରୁଣ୍ଡି ଖାଦ୍ୟ ପାଖକୁ ଆସି ହାତ ମାରିଲା ଏବଂ ମୁହଁକୁ ପୋତି କଣ ଗୁଡ଼ାଏ ଚାଟିଲା । କୁକୁର ଦୁଇଟା ଭୋ ଭୋ କରି ମାଡି ଆସିଲେ ତାଙ୍କର ମୌଳିକ ଅଧିକାର ସାବ୍ୟସ୍ତ କରିବା ପାଇଁ । ମୁମୂର୍ଷୁ ଅଥର୍ବ ବୁଢ଼ାଟାଏ (କାହା ସହିତ ଏହାର କି ସମ୍ପର୍କ କହିବାର ବା ଜାଣିବାର ବେଳ ନାହିଁ) ବାଡ଼ି ଖଣ୍ଡିକରେ କୁକୁର ଅଡ଼ାଇବାକୁ ଯାଇ ଛୁଆଟାର ହାତକୁ ବାଡ଼େଇ ଦେଲା । ସେ ଭେଁ ଭେଁ କାନ୍ଦିବାକୁ ଲାଗିଲା । ଭୋ ଭୋ ଭେଁ ଭେଁ କାଆ କାଆ ରବର ସମାହାରରେ ଏବଂ କୁକୁର ମଣିଷ କୁଆମାନଙ୍କର ଓତପ୍ରୋତ ମିଶ୍ରଣରେ ଆମେ ତଟସ୍ଥ ହୋଇଗଲୁଁ । ଏ ଦୃଶ୍ୟ କଥା ଶୁଣିଥିଲୁଁ, ଏବେ ଉପଭୋଗ କଲୁଁ । ଜଣେ ବିଦେଶୀ ଫଟୋଗ୍ରାଫର ଗାଡ଼ିରୁ ଓହ୍ଲାଇ ପଡ଼ି ଏ ଅପୂର୍ବ ଦୃଶ୍ୟର ଫଟୋ ଚୋଳିନେଲା । ଆମେ ସିଆଡ଼କୁ ଆଉ ଚାହିଁ ନପାରି ଚାହିଁ ରହିଲୁ ସାନ୍‌ଡ଼େ ମେଗାଜିନ୍ କଭରର ତ୍ରିମୂର୍ତ୍ତିଙ୍କି । ରଙ୍ଗୀନ୍ ମୂର୍ତ୍ତି ।

ଦୀର୍ଘ ହୁଇସିଲ୍ ମାରି ଇଷ୍ଟକୋଷ୍ଟ ଚାଲିଗଲା ସାରା ପ୍ଲାଟଫର୍ମ ଧୂଆଁରେ ଭରିଦେଇ । ଏଥର ଇଞ୍ଜିନ ପାଖ କଟକ ବଗିରୁ ଦୁଇଜଣ ଓହ୍ଲାଇ ଆମ ଆଡ଼କୁ ଆସିଲେ । ଜଣେ

Digitized by srujanika@gmail.com

ନାଲି ଧଡ଼ିର ସାଧା ଶାଢ଼ୀ ପିନ୍ଧିଥିବା ୩୦/୩୫ ବୟସର ମହିଳା । ଦେଖିଲାମାତ୍ରେ ଫକୀରମୋହନଙ୍କ ଉତ୍ତୁଙ୍ଗବକ୍ଷା ନିତମ୍ବଗୁର୍ବୀ ପଂକ୍ତି ମନେ ପଡ଼ିଯିବ । ଗୋରା ନୁହେଁ, କିନ୍ତୁ ଗାଲଯୋଡ଼ାକ ଫୁଟୁକା ନାଲ । ଅତୁଟ ସ୍ୱାସ୍ଥ୍ୟ, ଦିହଭାର ବୋହିବା ତା ପକ୍ଷରେ କଷ୍ଟକର । ସେ ଲଜ୍ଜାବତୀ ନୁହେଁ, କାରଣ ଯେଉଁ ଆଖିର ଲଜ୍ଜା ଜାଣିହୁଏ, ସେ ଦୁଇଟି ତାର ନାହିଁ । କୋଟରଗତା ଅନ୍ଧୁଣୀ ତଥାପି କଥା କହିଲେ ତା ମୁହଁ ହସ ହସ ହୁଏ, ବଢ଼ିଆ ଦନ୍ତପଂକ୍ତି ଦେଖାଇ ସେ ଖିଲି ଖିଲି ହସି ପାରେ । ତାର ଗାଇଡ଼୍‌ଟି ପନ୍ଦର ଷୋଳ ବର୍ଷର, ଚକ୍ଷୁଷ୍ମତୀ । ଏହାର ବି ସ୍ୱାସ୍ଥ୍ୟ ଅନିନ୍ଦ୍ୟ । ଫ୍ରକ୍ ତଳ ପେଣ୍ଟ୍ ଏତେ ଛୋଟ ଯେ, ତାହା ବାହାରକୁ ଦିଶେନାହିଁ । ଖାଲି ଲମ୍ବା ଲମ୍ବା ଜଙ୍ଘ ଦୁଇଟା ଦିଶେ । ଏଗାର ବାର ବର୍ଷ ଝିଅର ଫ୍ରକ୍ ଯଦି ୧୫/୧୬ ବର୍ଷର ସ୍ୱାସ୍ଥ୍ୟବତୀ ଝିଅ ପିନ୍ଧେ, ତେବେ ସେ ଯିମିତି ଦିଶିବ ଏ ଗାଇଡ଼୍‌ଟି ସିମିତି ଦିଶୁଛି । ଅତୁଟ ଯୌବନ । ଏ ଦୁହେଁ କୁଆଡ଼େ ଭିଖାରୁଣୀ । ଆମ ପାଖକୁ ପହୁଞ୍ଚୁ ନ ପହୁଞ୍ଚୁଣୁ ଗାଇଡ଼୍‌ଟି ଆରମ୍ଭ କଲା, "ଅନ୍ଧ ପ୍ରାଣୀକୁ କିଛି ମିଳିଯାଉ ବାବୁ ।"

ଯେଉଁ ଟ୍ରେନ୍‌ରେ ଦେଖିବ ଏ ଦି'ଟା ଅଛନ୍ତି । ଖଡ଼ଗପୁରରୁ ଭଦ୍ରଖ । ଭଦ୍ରଖରୁ ଖଡ଼ଗପୁର । କିଏ କଣ ଦେଖି କେତେ ଦିଅନ୍ତି ତାହା ତାଙ୍କୁଇ ଜଣା । ସମସ୍ତଙ୍କ ଚିହ୍ନା ଦୁହେଁ । ସମସ୍ତଙ୍କର ଆକର୍ଷଣ ସେ ଦୁହେଁ । ପୃଥିବୀର ନାହିଁ ନଥିବା ସୁଦୃଶ୍ୟ ସୁସ୍ଥକାୟ ଭିଖାରୁଣୀ ଦୁଇଟି । ତାଙ୍କ ସାଙ୍ଗ ବାଲେଶ୍ୱର ଷ୍ଟେସନ୍ ପ୍ରତୀକ୍ଷାଗାରରେ ମିଳିଲେ ମିଳିପାରନ୍ତି ନ ହେଲେ ହୋଟେଲ୍‌ରେ ।

ଆମ ବାଁ ପାଖ ସିମେଣ୍ଟ ବେଞ୍ଚରେ ଦୁହେଁ ହାତ ଧରାଧରି ହୋଇ ଡ଼େଇଁ ଡ଼େଇଁ ଆସି ମଝାମଝିରେ ଲଗାଲଗି ହୋଇ ବସିଗଲେ । ପୂର୍ବରୁ ସିମେଣ୍ଟ ବେଞ୍ଚର ଗୋଟାଏ ବାହୁରେ ପାନବାଲା, ଅନ୍ୟ ବାହୁରେ ବାଦାମବାଲା ବସି ସାରିଥାନ୍ତି । ଚାରିଜଣ ହେଲାରୁ ହସଖୁସି ରଙ୍ଗରସ ବେଶ୍ ଜମିଉଠିଲା ।

ସାନ ଭିଖାରୁଣୀ କହିଲା, "ଏ ବାଦାମ ବାଲା ବାଦାମ ଦେ, ଭାରି ଭୋକ କରୁଛି । ହେଲେ ପଇସା ମୋର ନାହିଁ ।"

"ପଇସା ତୋର କେଉଁଠୁ ଆସିବ ? ଦୁଇ ଦୁଇଟା ବରକୁ ଘଉଡ଼ାଇ ଦେଲୁଣି । ଜମି, ଘର ସବୁ ଯାଉଥିଲା ତ୍ରୈଲୋକ୍ୟର ପୁଅ ।"

ସାନ ଭିଖାରୁଣୀ ଖିଲିଖିଲି ହସି କହିଲା, "ତୋତେ ନାଜ ନାଇଁ । ଟଙ୍କା, ଜମି ଲୋକେ ପେଲି ଦଉଛନ୍ତି । ମୁଁ ଭିଖ ମାଗୁଥାନ୍ତି ରେଲରେ ଦିନ ନାହିଁ ରାତି ନାହିଁ ।"

ବଡ଼ ଭିକାରୁଣୀ (ଅନ୍ଧୁଣୀ) କହିଲା, "ଏ ପାନପାଲା, କଡ଼ା ଜରଦା ଦେଇ ଡ଼ବଲ ପାନ ଗୋଟାଏ ଦେ ତ । ମୁଁ ବାକୀ ପଇସା ଦେଇପାରିବି ନାହିଁ ।" ହସି କହିଲା, "ଆଉ ଯାହା ମାଗିବୁ ଦେବି ।"

Digitized by srujanika@gmail.com

ପାନବାଲା କହିଲା, "ତା ଦେଇପାରିବୁ । ଛ'ମାଣ ଜମି ମାରକୋଣାରେ କିଣି ସାରିଲୁଣି । ଆଖି ନଥାଇ ବି ସେ ଖାନିକୀ ଝିଅଟା ସାଙ୍ଗରେ ଖଡ଼୍‌ଗପୁରରୁ ଭଦ୍ରକ ଚଷି ଦେଉଛ । ପୋଲାଖାଇ ଦିଟା ଚରିବୁଲି ଦୁନିଆଁ ଖାଉଛ, ଆମେ 'ଗରମ ବାଦାମ', 'ପାନ ବିଡ଼ି ସିଗାରେଟ' ଡ଼ାକି ଡ଼ାକି ତଣ୍ଟି ଫଟାଇ ମରୁଛୁଁ ।"

ଏତିକି ବେଳେ ଦୁଇ 'ବୟ' 'ବେଆରର' ଥାଳି ଗିଲାସଗୁଡ଼ାକ ରଖିଦେଇ ତାଙ୍କରି ପାଖକୁ ଭିଡ଼ି ଗୋଡ଼ ଛନ୍ଦି ଶ୍ରୀକୃଷ୍ଣଙ୍କ ପରି ଉଭା ହେଲେ । ରସିକ ରତନ ଦୁହେଁ ସିଗାରେଟ୍ ଓ ପାନ ମଗାଇ ଘାଟ ମାରିବା ଅଭିନୟ କରିବାକୁ ଲାଗିଲେ ଦୁଇ ଭିଖାରୁଣୀ ଆଗରେ ।

ଜଣେ ପାନ ଭିଖାରୁଣୀର କାନ୍ଧରେ ଅତି ଶରଧାରେ ଦୁଇହାତ ପକାଇ ଏତେ ଜୋରରେ ହଲାଇ ଦେଲା ଯେ, ତାର ସର୍ବାଙ୍ଗ ଥରିଗଲା । ସେ "ଆରେ" "ଆରେ" କହି ବରେ କୃତକୃତ୍ୟ ହୋଇ ହସିଲା । ଅନ୍ୟ 'ବୟ' ଜଣକ ବଡ଼ ଭିଖାରୁଣୀର ଏଠି ସେଠି ଆଙ୍ଗୁଠି ମାରି କୁତୁକୁତୁ କରିବାକୁ ଲାଗିଲା । ସେ ବି ଖୁବ୍ ହସିଲା । ଦୁଇ ଭିଖାରୁଣୀ ସାଙ୍ଗକୁ ପାନବାଲା ବାଦାମବାଲା ଓ ବୟ ଦୁହେଁ ହସି ଗଡ଼ି ଯାଉଛନ୍ତି, ଆଉ ବୟ ଦୁହେଁ ରେପ୍ ସିନ୍ କରିବାରେ ଅଭିଜ୍ଞ ଶତ୍ରୁଘ୍ନସିହ୍ନା ଓ ପ୍ରେମ ଚୋପ୍ରାଙ୍କୁ ଅନୁକରଣ କରିବାରେ ଲାଗିଥାନ୍ତି, ବିଚ୍ ପ୍ଲାଟଫର୍ମରେ ଦିନ ଦିପହରରେ ।

ତାଙ୍କ ଦେଖାଶିଖା ଦୁଇ ନମ୍ବର ପ୍ଲାଟଫର୍ମରେ ଦୁଇ ଚାରିଟା ଅଣିଣିଆ କୁକୁର ଆସି ଭୋ ଭୋ କରିବାକୁ ଲାଗିଲେ । ସେମାନଙ୍କ ଆଡ଼କୁ ଚାହିଁ ଯିମିତି ସେମାନେ କହିବାକୁ ଚାହୁଁଥିଲେ, "ତୁମେ ମଣିଷଗୁଡ଼ା ଆମ ପରି କାହିଁକି ହଉଛ ? ତୁମେ କଣ ଆମପରି କୁକୁର କୁତୀ ?" ବାଦାମ ଚୋପାର କଚକଚ ଶବ୍ଦ, ଚାମିନାର ଧୂଆଁ, ଗୁଆ କଡ଼କଡ଼ରେ ପାଖ ବେଞ୍ଚର ଜୀବଗୁଡ଼ିକ ଗୁରୁଣ୍ଡି ଗୁରୁଣ୍ଡି ଏଇ ବେଞ୍ଚକୁ ଘେରିଗଲେ କାଳେ କିଛି ମିଳିବ ।

ଆମେ ପୁଣି ଦ୍ୱିତୀୟ ଥର ମଣିଷ ଓ କୁକୁର ସହିତ ଓତପ୍ରୋତ ଜଡ଼ିତ ରହି ଭାବିପାରିଲୁ ନାହିଁ ଆମ ଭିତରୁ କିଏ କୁକୁର, କିଏ ମଣିଷ ସେମାନଙ୍କ ଆଡୁ ଆଖି ଫେରାଇ ସନ୍‌ଡ଼େ ମେଗାଜିନ୍‌ର କଭର ଉପରେ ତ୍ରିମୂର୍ତ୍ତିଙ୍କୁ ପୁଣି ଅନାଇଲୁ । ରଙ୍ଗୀନ୍ ମୂର୍ତ୍ତି ।

ଆମ ଟ୍ରେନ୍ ଆସିଗଲା । ସନ୍‌ଡ଼େ କାଗଜର ତ୍ରିମୂର୍ତ୍ତିକୁ ସମ୍ଭାଳ କରି ଆମେ ଦୁହେଁ ଚଢ଼ିଲୁଁ ପ୍ରଦୀପ ଆଉ ମୁଁ । ପାନବାଲା, ବାଦାମବାଲା ଦୁଇ ଭିକାରୁଣୀ ( ?) ଦୁଇ 'ବୟ' ଏମିତି କି ଦୁଇଟା ହେଣ୍ଡେଡ଼ା ଚଢ଼ିଲେ ଏକା ସାଂଗରେ ଆମ ଡ଼ବାରେ । ଦୁଃଖ କଲୁ ଦୁଇ ଚାରି କୁକୁର ଓ କୁତୀ ରହିଗଲେ, ଚଢ଼ିପାରିଲେ ନାହିଁ ।

କିନ୍ତୁ ତାଙ୍କ ସ୍ଥାନ ଅଚିରେ ଦଖଲ କଲେ ଆମେ ସାମନା ବେଞ୍ଚରେ ଚାରିଜଣ ଗେଙ୍ଗ୍‌କୁଲି, ସେମାନେ ଚଢ଼ିବା ପୂର୍ବରୁ କିଏ ଜଣେ ତଳୁଥାଇ ଚାରିଟା କେରିଅର ଚାରୋଟି ସ୍ଥାନରେ ରଖିଦେଇ ଜାଗା ଦଖଲ କରି ଦେଇଥିଲା । ଜଣେ ମଫସଲର

Digitized by srujanika@gmail.com

ଭଦ୍ରଲୋକ, ତାଙ୍କ ସ୍ତ୍ରୀ ଓ ଯୁବତୀ ଜଣେ ନ ଜାଣି କେରିଅର ଗୁଡ଼ାକୁ ଅଡ଼ାଇ ଦେଇ ବସିଯାଇଥିଲେ । ବେଞ୍ଚ ଉପରେ ଆମ ଆଡ଼କୁ ମୁହଁକରି ବସି ଆଶ୍ୱସ୍ତିର ନିଃଶ୍ୱାସ ମାଇଲେ ।

କିନ୍ତୁ ସେ ଆଶ୍ୱସ୍ତି କ୍ଷଣସ୍ଥାୟୀ । ଟ୍ରେନ୍ ଚାଲିବାକୁ ଆରମ୍ଭ କଲା କି ନାହିଁ ହୋ ହୋ କରି ପାଞ୍ଚଜଣ ଗେଙ୍ଗ୍ କୁଲି ପଶିଆସିଲେ ଏବଂ ଉଠ ଉଠ ଚିତ୍କାର କରି ମୁହୂର୍ତ୍ତକ ମଧ୍ୟରେ ସେ ବୃଦ୍ଧଲୋକ, ତାଙ୍କ ସହଧର୍ମିଣୀ ଓ କନ୍ୟାକୁ ଅନ୍ୟତ୍ର ଉଠିଯିବାକୁ ବାଧ୍ୟ କଲେ । ଖାକି ହାଫ୍ ପେଣ୍ଟ ହାଫ୍ ସାର୍ଟ ପିନ୍ଧା ଏଇ ପାଞ୍ଚୋଟି ପାସେଞ୍ଜର ଆସିବା ସଂଗେ ଝାଳଗନ୍ଧରେ ଡ଼ବା ଭରପୁର ହୋଇଗଲା । ମୋଟା ମୋଟା କଳା ଲୋକ ଶିରାଳ ଜଙ୍ଘ ଅଣ୍ଟା ପର୍ଯ୍ୟନ୍ତ ପ୍ରଦର୍ଶନ କରି ଏମିତି ଜାଗା ଧରି ବସିଲେ ଯିମିତି ସେଇ ଝିଅଟିକୁ ଦେଖିହେବ । ସଇତାନ ଖାଦ୍ୟ ପଦାର୍ଥ ଦେଖିଲେ ଯେମିତି ଆନନ୍ଦରେ ଉଦ୍ଦାମ ହସ ହସେ ସେମିତି ହସିଲେ ସେମାନେ । ଚାର୍ମିନାର ସିଗାରେଟ୍, ବ୍ରହ୍ମପୁରୀ ଚୁରୁଟ୍, ଇଞ୍ଜିନ୍ ମାର୍କା ଚକ୍ରଧରପୁରୀ ବିଡ଼ି ଲଗାଇ ଧୂଆଁ ଯେତେବେଳେ ବେପାରୁଆ ହୋଇ ଆମ ଆଡ଼କୁ ଛାଡ଼ିଲେ ପ୍ରଦୀପ କହିଲା, 'ସାରା ଡ଼ବା ବଦଳ କରିବା' । ମୁଁ କହିଲି "ଯିବା କୁଆଡ଼େ ? ଅନ୍ୟ ଡ଼ବାରେ କୁଷ୍ଠରୋଗୀ, ଭିକାରୁଣୀ, ଶୁଖୁଆ ବାଲି ଏଗୁଡ଼ାକ ବରଂ ସରକାରୀ ରେଳବାଇ ଲୋକ ଆମରି ଭାଇ ! ଆଉ ବୋର୍ ଲାଗୁଛି ? ଗଳ୍ପ ଖୋଜୁଥିଲ ? ଆମ ଦେଶର ଏ ଗଳ୍ପର ଏପ୍ରକାର ମସଲା ସର୍ବତ୍ର ମିଳୁଥିଲେ, ଗଳ୍ପ ଲେଖିବ, ପଢ଼ିବ କାହିଁକି ? ଦୁଃଖର କଥା କେତୁଟା କୁକୁର କୁତୀ ଆମେ ଛାଡ଼ି ଆସିଲୁ । ଛବି ଓ ବର୍ଣ୍ଣନା ପୂର୍ଣ୍ଣାଙ୍ଗ ହୋଇଥାନ୍ତା ।

ଦିନଯାକ କାମ ନ କରି ବି ଏତେ ଦମ୍ ସେମାନଙ୍କର । କେଡ଼େ ଜୋରରେ ପାଟିକରି କଥା କହୁଥାଆନ୍ତି । ପ୍ରସଙ୍ଗ ହେଲା, ବୋନସ୍, ଦଣ୍ଡବତେ ଦବ ନା ନାହିଁ । ଯଦି ନ ଦିଏ ତେବେ ଆନ୍ଦୋଳନ ଓ ବିକ୍ଷୋଭ ଏ ବର୍ଷ କି ଆକାର ଧରିବ । ଦଳେ କହିଲେ ବୋନସ୍ ଦେବାକୁ ବାଧ୍ୟ, ନହେଲେ ରେଳ ଅଚଳ ଅବସ୍ଥାକୁ ଆସିବ । ଆଉ ଦଳେ କହିଲେ ମୋଟେ ଦବ ନାହିଁ, ବରଂ ଲାଠିଗୁଳି ଚାଳନା କରି ଗୋଟାକୁ ଗୋଟା ଜେଲରେ ପୁରେଇବ । କଥା ବଢ଼ି ବଢ଼ି ଚାଲିଲା । "ଶଳେ ! ନଦେଇ ଯିବେ କୁଆଡ଼େ ? ଭୋଟ୍ ନେଲାବେଳକୁ ପ୍ରତିଶୃତି ହଜାର, କାମ ବେଳକୁ ନାସ୍ତି ।" ତାପରେ ଦୋ ଅକ୍ଷରି ଭାଷା ଚାଲିଲା । ଜଙ୍ଘକୁ ଜଙ୍ଘ ବାଡ଼ିଆ, ବାହାକୁ ବାହୁ ଆସ୍ଫୋଟ । ଏମାନଙ୍କ କଥାବାର୍ତ୍ତା ଶୁଣି ଆମେ ଭାବିଲୁ ଲୋକ ଘରେ ଧୀର ସ୍ଥିର ହୋଇ ପେଜପାଣି ଖାଇ ନ ବସି ଦିଲ୍ଲୀ, ଭୁବନେଶ୍ୱର ଯାଆନ୍ତି ମନ୍ତ୍ରୀ ହେବାକୁ କାହିଁକି ? ଅଭିଶାପ ଗାଳିଗୁଲଜ ଶୁଣି ତାଙ୍କ ଆୟୁଷ କମିଯାଏ ନାହିଁ ? ତାଙ୍କ ସ୍ୱାମୀମାନେ ତାଙ୍କୁ ଛାଡ଼ି ଦିଅନ୍ତି କାହିଁକି ?

ଯେଉଁ ସନ୍ଡ଼େ କାଗଜଟା ମୋଡ଼ିମାଡ଼ି ଧରିଥିଲେ ତାକୁ ମେଲାକରି ଜଙ୍ଘ ଉପରେ ରଖିଦେଲି । ଡ଼େଇଁ ଉଠିଲେ ସମସ୍ତେ । ଏଇ ତିନିଟା ହର୍ତ୍ତାକର୍ତ୍ତା ବିଧାତାକୁ ଦେଖି ।

Digitized by srujanika@gmail.com

ଏକୁ ଆରକୁ ମହାବଳି । ଏମାନେ ଥିଲାଯାକେ ଆଉ ସେଇ କୃପଣ ଅର୍ଥମନ୍ତ୍ରୀଟା ଥିବାଯାକେ 'ବୋନସ୍' ଗୋଟାଏ ପଇସା ବି ମିଳିବ ନାହିଁ । ବେଙ୍କ୍‌ବାଲା ଲଢ଼େଇ କରି ପାଇବେ, ଫେକ୍‌ଟିରିବାଲା ବି ପାଇବେ, ମାଷ୍ଟର ବି ପାଇବେ । ଖାଲି ଆମେ ଗରିବ ମାଇପ ସମସ୍ତଙ୍କ ଶାଳୀ । ଏ ତିନିଟା କରିବେ ବା କଣ ? ତାଙ୍କର ନିଜର ନିଜ .... ରେ ଗୁହ । ଯା ପୁଅ, ତା ସ୍ତ୍ରୀ, ତା ବୋହୂ ସମସ୍ତେ ତ ଜଣେ ଜଣେ ମନ୍ତ୍ରୀ । ନିଜ ନିଜ ଭିତରେ କଳିକରି ତ ଦେଶକୁ ଖାଇଲେ । ସରକାର ଚଳାଇବେ କେତେବେଳେ । ଯେତେ ସବୁ ରୋଗା ବୁଢ଼ା । ଆମେ ଭାବିଲୁଁ, ଉଠିଯିବା ଅନ୍ୟ ଡ଼ବାକୁ । ବଡ଼ଲୋକଙ୍କର ନିନ୍ଦା ଯେଉଁଠି ସେଠି ରହିବା ଉଚିତ୍ ନୁହେଁ । ଚାହିଁଲୁ ପୁଣି ସନ୍‌ଡ଼େ ମେଗାଜିନ୍‌ର କଭରକୁ । ସେଇ ତ୍ରିମୂର୍ତ୍ତି, ରଙ୍ଗୀନ ମୂର୍ତ୍ତି । ଜଣେ କହିଲା, "ଏ ବଡ଼ ଲୋକଙ୍କ ମନ୍ତ୍ରୀ, ଆମ ମଲିମୁଣ୍ଡିଆଙ୍କ ମନ୍ତ୍ରୀ କେବେ ହେବେ ? ଏମାନେ ବୋନସ୍ ଦେବେ ନା ଡି.ଏ ନେବେ ? ଇଉନିୟନ କଣ କରୁଛି ଦେଖାଯାଉ, ନହେଲେ ଏମାନଙ୍କ ଛବି ସବୁ ପୋଡ଼ି ପାଉଁଶ କରିଦେବା ।"

କାଳେ ମୋ ହାତର ମେଗାଜିନ୍‌ଟା ଟାଣିନେଇ ସେମାନେ ଚିରି ଫୋପାଡ଼ି ଦେବେ ସେଥିପାଇଁ ମୁଁ ପଛ ମଲାଟ ପୃଷ୍ଠାଟାକୁ ଓଲଟାଇ ଦେଲି । ସେମାନେ ପଛ କଭର ପୃଷ୍ଠାରେ ଜଣେ ପୁରୁଷ ଓ ନାରୀ ସିଗାରେଟ୍ ବିଜ୍ଞାପନକୁ ମଣ୍ଡିତ କରିବାର ଯେମିତି ଦେଖିଲେ ଟିକିଏ ଥଣ୍ଡାପଡ଼ି ସନ୍ତୁଷ୍ଟ ନୟନରେ ସେ ଆଡ଼କୁ ଚାହିଁଲେ । ତ୍ରିମୂର୍ତ୍ତିଙ୍କ ରଙ୍ଗୀନ୍ ଛବି ଆଉ ସେମାନଙ୍କୁ ଉତ୍ତେଜିତ କଲା ନାହିଁ ।

ମଦ ପିଇଥିବା ଯୋଗୁଁ ବା କ୍ରୋଧରେ ହେଉ ସେମାନଙ୍କ ଆଖି ଲାଲ ଦିଶୁଥାଏ ଏବଂ ସେମାନେ ମରାମରି ପାଇଁ ପ୍ରସ୍ତୁତ ହେଉଥାନ୍ତି । ଏତିକିବେଳେ ମୋର କଣ ଖିଆଲ ହେଲା ସନ୍‌ଡ଼େ ମେଗାଜିନ୍‌ର ମଝିପୃଷ୍ଠା ଖୋଲି ସେମାନଙ୍କ ଆଡ଼କୁ ଯୋଡ଼ାଏ ପୃଷ୍ଠା ମୁହାଁଇ ଟେକି ଧରିଲି । ତିନୋଟି ଛବି, ଏ ବି ତ୍ରିମୂର୍ତ୍ତି, ତିନି ସୁପରଷ୍ଟାର, ଏ ବି ରଙ୍ଗୀନ ଛବି, କଭର ପୃଷ୍ଠାର ତ୍ରିମୂର୍ତ୍ତି ଠାରୁ ଆହୁରି ରଙ୍ଗୀନ । ଆବକ୍ଷ ଛବି, ଉଲ୍ଲଙ୍ଗ ଚିତ୍ର । ଯେମିତି ସେମାନେ ଏ ଛବି ଦେଖିଛନ୍ତି ତାଙ୍କ ଆଖିର ରକ୍ତିମା ଉଭେଇ ଗଲା, କଭରର ତ୍ରିମୂର୍ତ୍ତିଙ୍କ ସ୍ଥାନ ଏ ତିନିହେଁ ଦଖଲ କଲେ । ଜଣେ ଛବିରେ ଆଙ୍ଗୁଳି ଦେଇ କହିଲା, 'ଏ ଜୀନତ୍‌ଅମନ୍' । ଅନ୍ୟ ଜଣେ ସେମିତି କଲା, କହିଲା, 'ଏ ପ୍ରବୀନ୍ ବବୀ ।' ଆଉ ଗୋଟାକ ଉପରେ ଦୁଇଜଣ ଏକାବେଳେ ଆଙ୍ଗୁଳି ମାରି କହିଲେ, 'ସୁଲକ୍ଷଣା ପଣ୍ଡିତ' 'ନୀତୁ ସିଂ' ଏବଂ ବାଜି ମରାମରି ଲାଗିଲେ । ବୋନସ୍, ଷ୍ଟାଇକ୍, ଇଉନିୟନ ସବୁ ଭୁଲିଗଲେ । ଆମେ ଯେତେବେଳେ ସେକ୍‌ସ ଓ ପଲିଟିକ୍‌ସର ଆବର୍ତ୍ତ ମଧ୍ୟରେ ଘାଣ୍ଟିଚକଟି ହୋଇ ଉବୁଟୁବୁ ହେଉଥାଉ ଏବଂ ମନେ କରୁଥାଉଁ ପ୍ଲାଟଫର୍ମର ମଣିଷ ଓ କୁକୁରଙ୍କ ଉପାଖ୍ୟାନ ।

କେବଳ ଜଣେ କୁଲି ପ୍ରଥମରୁ ଚୁପ୍‌ଚାପ୍ ବସିଥାଏ ଆଖି ବନ୍ଦକରି । ହୁଏତ ଥକିଯାଇଥାଏ, ହୁଏତ ମଦନିଶା ଧରିଥାଏ, ହୁଏତ ବୋନସ୍, ଡ଼ି.ଏ. ଯାହା ମିଳୁଛି ତାହା

Digitized by srujanika@gmail.com

ତା ଯୋଗ୍ୟତାକୁ ଚାହିଁ ଢେର ଭାବୁଥାଏ, ହୁଏତ ପାଓ୍ୱାର, ଆନ୍ଦୋଳନ ଏସବୁ କିଛି ସେ ବୁଝେ ନାହିଁ, ହୁଏତ ସେ ତା ଘରକଥା, ଛୁଆପିଲାଙ୍କ କଥା ଭାବି ଗୁମ୍‌ମାରି ବସିଥାଏ । ତିନି ସିନେମା ଷ୍ଟାରଙ୍କୁ ନେଇ ଚାରି ସଙ୍ଗାତ ଯିମିତି ବାଦବିସମ୍ବାଦ ଆରମ୍ଭ କରି ଖୁବ୍ ଚିତ୍କାର କଲେ ସେ ବିଚାରା ଆଖି ଫିଟାଇଲା, ଦିଶିଗଲା ଅମୃତ ଫଳ ସବୁ । ପ୍ରଥମେ ସୁରମାଲଗା ଆଖିରେ ମୁରୁକି ହସିଲା ଓ ତାପରେ ଜୋରରେ ସେମାନଙ୍କ ସାଙ୍ଗରେ ଠୋ ଠୋ ହସି କହିଲ, "ଏ ବାବୁଟା ଖୁବ୍ ଚାଲାକ୍ ଅଛି, ଏ ତିରିଲାଙ୍କ ଛବି ଦେଖାଇ ଆମର୍ ବୋନସ୍, ଡ଼ି.ଏ. ସବୁ ଦାବୀକୁ କୁଆଡ଼େ ଉଡ଼ାଇ ଦେଲା । ଲୋକଟା ଖୁବ୍ ରସିକ୍ ଅଛି । ଥଟ୍ଟା ତାମସା ଜାଣେ ।"

ଆରେ ଏଇ ତ ସେଇ ଲୋକ । ଦଣ୍ଡେ ଆଗରୁ ମୋତେ ଆଖିଠାରି ମୁରୁକୁ ହସି ମୋତେ ତା' ଆଗ ସିଟ୍‌ରେ ବସିବାକୁ ଡ଼ାକୁଥିଲା । କେତେ ଆଗ୍ରହରେ । ମୁଁ ତାକୁ ବାଜେ ଲୋକ ପାଗଳ ଭାବି ତା ଡ଼ବା ଛାଡ଼ି ଏଇ ଇଞ୍ଜିନ୍ ପାଖ ଡ଼ବାକୁ ପଳାଇ ଆସିଛି । କେତେ କୃତଘ୍ନ ସତେ ମୁଁ । ଯେଉଁ ଲୋକ ମୋର ରଙ୍ଗରସ ବୁଝିଲା, ଏତେ ଦରଦ ଦେଇ ମନେ ରଖି ପାରିଲା, ତକୁ ମୁଁ ବାଜେ ଲୋକ ଭାବିଲି ।

ଭାରି ଖୁସି ଲାଗିଲା ଏତେ କଷ୍ଟରେ ତାକୁ ସ୍ମୃତିପଟ୍ଟରୁ ଉଦ୍ଧାର କରିପାରି, ପରବର୍ତ୍ତୀ ଷ୍ଟେସନ୍‌ରେ ଡ଼ବା ବଦଳ କରି ତା ପାଖକୁ ଗଲି ଏବଂ ଝାଳୁଆ ଦେହକୁ କୁଣ୍ଢେଇ ପକାଇ କହିଲି "ଭାଇ ! ମୋର ଭୁଲ ହୋଇଯାଇଛି, ତୁମେ ମୋତେ ଚିହ୍ନିଲ, ମୁଁ ତୁମକୁ ଚିହ୍ନିତ ପାରିଲି ନାହିଁ । ହେୟ ଜ୍ଞାନକରି ତୁମକୁ ଛାଡ଼ି ଅନ୍ୟତ୍ର ଚାଲିଗଲି । ସେଇ ତ୍ରିମୂର୍ତ୍ତିଙ୍କ ଛବି ଆଉ ସେଇ ତିନିଜଣଙ୍କ ଛବି ମନେ ପଡୁଛି ନା ?" ସେ ମୁରୁକି ହସିଲା ସୁରମାଲଗା ଆଖି ଭୁରୁ ନଚାଇ । ପ୍ରଦୀପ ସେ ହସ ଦେଖିବାକୁ ନଥିଲା ।

# ଅବାଞ୍ଛିତ

ଭାରି ଇଚ୍ଛା ହେଲା ବୁଢ଼ାକୁ ଟିକିଏ ଦେଖି ଆସିବି । ସତର ବର୍ଷ ତଳେ ଯାହା ଦେଖା ସାକ୍ଷାତ ହୋଇଥିଲା । ବୁଢ଼ା ଏବେ ଆଉ ମୋ କଥା ବୁଝାମଣା କରେନାହିଁ । କିମିତି କରନ୍ତା ? ତା ନିଜ ଘର କଥା ତ ଭାବି ଭାବି ଦାରୁଭୂତ (ସ୍ଥାଣଂ ସ୍ଥାଣଂ ସଗୃହ ଚରିତଂ) ହୋଇଛି । ମୋ ଘର କଥା ବୁଝିଲେ ସେ ପାଷାଣ ପାଲଟିଯିବ ଯେ । ହେଲା, ସେ ମୋ କଥା ନ ବୁଝିଲା, ମୋ ଘର ତ ଜଳିପୋଡ଼ି ଯାଇଛି । ତାକୁ ଅଭିମାନ କରି ମୋ

ସମାବେଶ, ୨ୟ ପ୍ରସ୍ଥ, ୨ୟ ସଂଖ୍ୟା, ଅପ୍ରେଲ, ମେ ଓ ଜୁନ୍, ୧୯୭୭ ।

Digitized by srujanika@gmail.com

କର୍ତ୍ତବ୍ୟରେ ତ୍ରୁଟି କରିବି କାହିଁକି ? ଯିବି, ଦେଖା କରିବି, ଦେଖାଦେବ ତ ସେକ୍ ହ୍ୟାଣ୍ଡ୍ କରି (ଓହୋ ! ତାର ହାତ ପାପୁଲି ନାହିଁ!) ପଚାରିବି 'ହ୍ୟାଲୋ ଓଲ୍ଡ୍‌ମେନ ! ହାଓ ଡୁ ଇଉ ଡୁ ?' ସେ ହୁଏତ ପାଟିଟାକୁ ହାତେ (ତାକୁ ବି ମାପି ହବ ?) ମେଲା କରି ହସିବ ।

ମାଳତୀପାଟପୁର ଷ୍ଟେସନ୍ ପାଖରୁ ତା ସ୍କାଇସ୍କ୍ରେପରଟାକୁ ଦେଖି ଛାତି କୁଣ୍ଢେମୋଟ ହୋଇଗଲା । ନୟନପଥଗାମୀ ଭବତୁ ମେ ଗାଇଗଲି । ଘନ ନୀଳ ବନାନୀ ଭିତରୁ ଗୋଜିଆ ଘରଟା ମେଘକୁ, ଆକାଶକୁ ଭେଦି ଯାଇଛି । ଏଇଠୁ ମୋ ଭାବନାଗୁଡ଼ାକ ତା ବାନା ପରି ଫୁରୁଫୁରୁ ଉଡ଼ିବାକୁ ଲାଗିଲା । ଜନ କୋଳାହଳ ଦୂରରେ, ଭକ୍ତର ଆର୍ତ୍ତନାଦ ଶୁଭୁନଥିବା ଗମ୍ଭିରାରେ ଭାଇ ଭଉଣୀକି ଧରି ଷାଠିଏ ପଉଟି ଅନ୍ନ ଭୋଜନ କରି ଟେକାମାଡ଼ି ବସି ଯାଇଥିବ ଜଗତି ଉପରେ । ବେପରୁଆ ମେଜାଜରେ । ଆସୁ ବାତ୍ୟା, ଆସୁ ବଜ୍ର, ଆସୁ ଭୂମିକମ୍ପ । ପୋଲାଫାଙ୍କିଆର କିଛି ଯାଏ ଆସେ ନାହିଁ, କିଛି ଉଣା ବି ହବନାହିଁ ତାର ।

ବନ୍ଧୁବାସକୁ କାହିଁକି ହଇରାଣ କରିବି । ମଶା, ମାଛି, ଛାରପୋକ ଯାହା ଯେତେ ହଇରାଣ କରନ୍ତୁ ପଛେ କେତୁଟା ଘଣ୍ଟା କେଉଁଠି ହେଲେ କଟାଇଦେବି ଭାବି ଧୁଧୁବାଲା ଧର୍ମଶାଳା ଆଗରେ ରିକ୍ସା ଠିଆକରି ଭିତରକୁ ପଶିଗଲି ।

'ଜାଗା ମଳିବ ?' ପଚାରିଲି ବାରଣ୍ଡାରେ ଚିତାଚୈତନ ହୋଇ ବସିଥିବା ପେଟୁଆ ଲୋକଟାକୁ । ପ୍ରାଇମେରୀ ସ୍କୁଲ ପିଲାଏ ଭୂଇଁରେ ବସି ଲେଖାଲେଖି କରୁଥିବା ଡେ଼ସ୍କଟାଏ ତା ଆଗରେ । ଠିପିବାଲା ସୀସା ଦୁଆତରୁ ପରକଲମରେ ବୁଡ଼ାଇ କ'ଣଗୁଡ଼ାଏ ଅଦିବ୍ୟ ଅକ୍ଷରରେ ଲେଖୁଥାଏ । ବୋଧହୁଏ ସୀଆରାମ ସୀଆରାମ ।

ମୋ ଆଡ଼କୁ କଣେଇ (ନା, ନା, ଲୋକଟା ଯାତ୍ରୀମାନଙ୍କୁ ସନ୍ଦେହ ଚକ୍ଷୁରେ ଚାହିଁ ଚାହିଁ ଏମିତି ଟେରା ହୋଇଯାଇଛି) ମୁଣ୍ଡ ଉଠେଇ ପଚାରିଲା ତା ଘରୋଇ ଭାଷାରେ, 'କଣ ଚାହୁଁଛ ?'

'ଜାଗା ! ଏଠି ରହିବାକୁ ଜାଗା ମିଳିବ ? ରାତିରେ ?'

'କେତେ ଜଣ ? ଆଉ କେତେଜଣ ସାଙ୍ଗରେ ?'

'କେହି ନାହିଁ, ମୁଁ ଏକା ।'

'ଜଗନ୍ନାଥ ଦର୍ଶନକୁ ଆସିଛ ?'

'ହଁ ।'

'ରୁମ୍ ଖାଲି ନାହିଁ'- କହି ଛୋଟ ଅପାଠୁଆ ପିଲାଙ୍କ ପରି କାଗଜରେ ପୁଣି ଗାରେଇବାକୁ ଲାଗିଲା ।

'ବହୁତ ରୁମ୍ ଖାଲିଥିଲା ପରି ଲାଗୁଛି । ମୋତେ ଗୋଟାଏ ସିଙ୍ଗଲ ରୁମ୍ ଦିଅନ୍ତୁ ।'

'ରୁମ୍ ଅଛି । କିନ୍ତୁ ସେସବୁ ଫେମିଲ ଜନାନା ପାଇଁ ।'

Digitized by srujanika@gmail.com

'ମୋର ତ ଫେମିଲ ଜନାନା ନାହିଁ! ଆଣିବି କେଉଁଠୁ? ଧର୍ମ ପାଇଁ କ'ଣ ନିହାତି ଜନାନା ଦରକାର?'

'ମୁଁ ଏତେ ପ୍ରଶ୍ନର ଜବାବ ଦେଇପାରିବି ନାହିଁ। ମାଲିକର ହୁକୁମ ନାହିଁ। ବିନା ଜନାନାରେ ମୁଁ ଆପଣଙ୍କୁ ରୁମ୍ ଦେଇପାରିବି ନାହିଁ।'

'ମୁଁ ତେବେ କ'ଣ କରିବି?'

'ହୋଟେଲକୁ ଯାଉନାହାନ୍ତି? ଯାହାର ଜନାନା ନାହିଁ, ତାର ଘର ହୋଟେଲ ସବୁ ସମାନ।'

ଭାଗ୍ୟକୁ ଚମଡ଼ା ସୁଟ୍‌କେଶ ଛଡ଼ା ଅନ୍ୟ କିଛି ଆସବାବ ପତ୍ର ସଙ୍ଗରେ ଆଣିନଥିଲି। ରିକ୍ସାବାଲାକୁ ବିଦାୟ ଦେଲି। ଚପଲ ଯୋଡ଼ାକ ଗରୁଡ଼ ସ୍ତମ୍ଭ ପାଖରେ ଆଉ ସୁଟ୍‌କେଶଟା ପୁରୁଣା ଚିହ୍ନା ଫଳବାଲାର ଦୋକାନରେ ରଖିଦେଇ ମନ୍ଦିର ଭିତରକୁ ପଶିଗଲି।

ବାଇଶି ପାହାଚ ଉଠୁଥାଏଁ, ମନେ ପକାଉଥାଏ ସତର ବର୍ଷ ତଳେ କିମିତି ରାସ ପୂନେଇ ଦିନ ସ୍ତ୍ରୀଙ୍କ ସାଙ୍ଗରେ ରାତି ବାରଟା ବେଳେ ଆସିଥିଲୁଁ ସେଇ ବାଟରେ ଗୋଟାଏ ପ୍ରାର୍ଥନା ନେଇ। ବୁଢ଼ା ଆମର ସେଇ ପ୍ରାର୍ଥନା ପୂରଣ କରିଥିଲା। ଗିଭ୍ ଦି ଡ଼େଭିଲ୍ ହିଜ୍ ଡ଼ିଭ।

ସନ୍ଧ୍ୟା ଆରତିର ଘଣ୍ଟ କାହାଳିର ମନ୍ଦ୍ର ନିନାଦ ମନ୍ଦିର ଭିତରେ ଖେଳି ବୁଲୁଥାଏ। ଚନ୍ଦନ ଅର୍ଗଳି ପାଖରେ ତରବର ହୋଇ ପହୁଁଚିଗଲି।

ମାତ୍ର ଏ କ'ଣ? ଧୀରେ ଧୀରେ ସେ ବିରାଟ କବାଟରେ ଶେଷ ଫାଙ୍କ ଟିକକ ବି ବନ୍ଦ ହୋଇଗଲା, ମୃଦଙ୍ଗ, ଶଙ୍ଖ, ଭେରୀତୁରୀର ଗୁଞ୍ଜନ ମଉଳୁ ନ ମଉଳୁଣୁ।

ଓଲ୍‌ଡ଼ମେନ। ଚିଡ଼ି ଯାଇଛି। ଦେଖା ଦବନି ବୋଧହୁଏ। ହେଉ ଦେଖେଁ କେତେ ସମୟ କବାଟ କିଳି ରହିବ। ନିଃଶ୍ୱାସ ବନ୍ଦ ହୋଇଯିବନି?

କବାଟ ଦିହର କଣାଟା ଦେଇ ଗୋଟାଏ ଆଖିରେ ତାକୁ ଦେଖିବାର ଚେଷ୍ଟାକଲି। ସେମିତି ସେତିକି ଦର୍ଶନ ମିଳିଥିଲେ ବି ମନ ମାନି ଯାଇଥାନ୍ତା। ଦ୍ୱାରରୁ ପତିତପାବନଙ୍କୁ ଦେଖି ତ ଅନେକ ପାପୀ କୃତକୃତ୍ୟ ହୋଇଛନ୍ତି! କିନ୍ତୁ ବୁଢ଼ାର ମତଲବ ଜାଣିବା ଦରକାର। ମୋତେ ମୁହଁ ଲୁଚାଉଛି? ନା ମୋ ମୁହଁ ଚାହିଁବ ନାହିଁ?

କି ଆଶ୍ଚର୍ଯ୍ୟ! ପାଖ ସାଥୀ ଯାତ୍ରୀମାନେ ଯାହା ଦେଖିଲେ ମୁଁ ତା' ବି ଦେଖିପାରିଲିନାହିଁ। ସେମାନେ ଅଷ୍ଟକ ଗାଇଲେ, ଲମ୍ଭତମ୍ଭ ହୋଇ ଆନନ୍ଦ ଗଦ୍ ଗଦ୍ ହୋଇ ଭୂଇଁରେ ପଡ଼ିଗଲେ। ଗୋଟାଏ ଆଖି ବନ୍ଦକଲାରୁ ଅନ୍ୟ ଆଖି ବନ୍ଦ ହୋଇଗଲା। ଭିତର ଦୃଶ୍ୟ କିଛି ଦିଶିଲା ନାହିଁ। ମୁଁ ବି ଲମ୍ଭତମ୍ଭ ହୋଇ ଦଣ୍ଡେଯାଏ ପଡ଼ିଲି। କିନ୍ତୁ କେଉଁ ଛବି ଦେଖିଲି ତାହା ଗୋଳମାଳିଆ; ଅନ୍ଧାର, ଅନ୍ଧାର କିଟିମିଟିଆ ଅନ୍ଧକାର। ତା

Digitized by srujanika@gmail.com

ଦିହର କଳାରଙ୍ଗ ଯିମିତି ସବୁ ଆରତୀ ଦୀପର ସବୁ ଆଲୁଅ ଶୋଷିନେଇ ଧୂପ ଧୂଆଁରେ ମିଶି ଏକ ସର୍ବମୟ ଘନ ନିରନ୍ଧ୍ର କାଳିମା ବିସ୍ତାରି ଦେଇଛି ।

କିଛି ବୁଝିପାରିଲି ନାହିଁ । କାଳେ କିଛି ଖିଅ ପାଇବି ଭାବି ଚାଲିଗଲି ଲକ୍ଷ୍ମୀ ମନ୍ଦିରକୁ । ସେଇ ମନ୍ଦିରକୁ ଯେଉଁଠାକୁ ଯାଇଥିଲି ସେଇ ସତରବର୍ଷ ତଳେ ଅନ୍ନପୂର୍ଣ୍ଣାର ଉପ୍ରୋଧ ଏଡ଼ି ନ ପାରି । ଲକ୍ଷ୍ମୀ ମନ୍ଦିରକୁ ମୁଁ ଯାଏନାହିଁ କାରଣ ମୋର ଧନସମ୍ପଦ ଲୋଡ଼ା ନାହିଁ । ଲକ୍ଷ୍ମୀ ଚଞ୍ଚଳା, ଆଜି ଅଛି କାଲି ଚାଲିଯିବ । ମୋ ସ୍ତ୍ରୀ ପ୍ରତିଦିନ ଯାଉଥିଲେ ପୁରୀରେ ଯେତେ ଦିନ ଥିଲା ମାତ୍ର ଲକ୍ଷ୍ମୀ ତାଙ୍କପ୍ରତି ପ୍ରସନ୍ନା ହୋଇଥିବାର କିଛି ପରିଚୟ ସେ ମୋତେ ଦେଇଯାଇନାହାନ୍ତି ।

ମାତୃଜାତିର ଦୟା ଅଛି ପୁରୁଷ ଜାତି ପ୍ରତି, ଭାବିଲି । ମା ଏ କ'ଣ ? ମୁଣ୍ଡିଆ ମାରିଛି କି ନାହିଁ ଇଲେକ୍ଟ୍ରି ଆଲୁଅ ଦପ୍‌କି ଲିଭିଗଲା । ଘିଅ ଦ୍ୱୀପରେ ଲକ୍ଷ୍ମୀ ଠାକୁରାଣୀଙ୍କ ମୁହଁଟା ଦେଖିଲାବେଳକୁ ମୋତେ ଅପରାଧୀ ପରି ଲାଗିଲା । ଯେମିତି ମୋର ଶାସ୍ତି ଦରକାର ଜଗାବଳିଆ ଲକ୍ଷ୍ମୀଙ୍କ ପ୍ରତି ଦ୍ରୋହ କରି ଯେଉଁ ଔଦ୍ଧତ୍ୟ ଦେଖାଇଥିଲେ ତାର ଶାସ୍ତି କଥା ମନେପଡ଼ିଲା । ଲକ୍ଷ୍ମୀଛଡ଼ା ହୋଇ ଦିହେଁଯାକ ପ୍ରାୟ ପାଗଳ ହୋଇ ଯାଇନଥାନ୍ତେ ? ଠାକୁରାଣୀ ଯିମିତି ମୋତେ କଟାକ୍ଷ ଦେଇ କହୁଛନ୍ତି, "ତୋ ସ୍ତ୍ରୀ କୁଆଡ଼େ ଗଲା ? ବିନା ସ୍ତ୍ରୀରେ ଧର୍ମ ଅର୍ଜିବୁ ? ପଳା, ଯା, ପଳା ।"

କୁଆଡ଼େ ଯିବି ? ଲୋକେ ପୁରୀ ଆସନ୍ତି ଜଗନ୍ନାଥ ଦର୍ଶନକୁ ହେଲେ ସମୁଦ୍ର କୂଳକୁ । ପୁରୀର ସମୁଦ୍ର କୂଳ ପରି କୂଳ ଅଛି କେଉଁଠି ଦୀଘା, ଚାନ୍ଦିପୁର, ଗୋପାଳପୁର, ଭାଇଜାଗ କେଉଁଠି ଏମିତି ବୈଚିତ୍ର୍ୟ କୂଳ ? କ୍ଷଣକ୍ଷଣକେ ନୂଆ ରୂପ ମହୋଦଧିର ।

କାଉଁଳିଆ ଆକାଶରେ ମ୍ଳାନ ଫିକା ଆଲୁଅ ବିଞ୍ଚୁଡ଼ି ଧୀରେ ଧୀରେ ଯାଉଥାଏ ସ୍ୱର୍ଗଦ୍ୱାର ଅଭିମୁଖର ଷଷ୍ଠୀ ସପ୍ତମୀର ଜହ୍ନ ।

ଦିଗବାରଣ ଖୁଣ୍ଟି ପହଞ୍ଚି ଆଗକୁ ଚାହିଁଲି । ଅଭାଗା ଯେଉଁଠିକି ଯାଏ ସେଠି ସମୁଦ୍ର ବି ଶୁଖିଯାଏ । ଶୁଖି ନ ଗଲେ ବି ବହୁଦୂର ଘୁଞ୍ଚିଯାଇଛି । କେଉଁ ଏକ ଉଆଁସ ରାତିର ଅନ୍ଧାରରେ ଉତ୍‌ଥଳ ହୋଇ ନାଚି କୁଦି ନିଜ ରାସ୍ତାରେ ଏତେଗୁଡ଼ାଏ ବାଲି ଜମା କରିଦେଇଛି ଯେ, ଆଉ ପୁଣି ଉପକୂଳ ଛୁଇଁପାରୁନି । ବହୁତ ଦୂରରେ ବାଲିଗଦା ତଳେ ଧୀରେ ଧୀରେ ଅଙ୍କବାଙ୍କ ଆସୁଛି ମୁଣ୍ଡ କୋଡ଼ୁଛି, ଫେରିଯାଉଛି ମ୍ରିୟମାଣ ହୋଇ ।

ଦେଖିଲି, ନୁହେଁ ଅନ୍ଧାର ନୁହେଁ ଆଲୁଅ ଏମିତି ଗୋଟାଏ ଜାଗାରେ ଧାଡ଼ି ଧରି ଯୋଡ଼କୁ ଯୋଡ଼ କିଛି ବ୍ୟବଧାନ ରଖି ଲଗାଲଗି, ଲଦାଲଦି ହୋଇ ବସିଯାଇଛନ୍ତି ଯୁଗଳ ମୂର୍ତ୍ତି ସବୁ । ସମୁଦ୍ରର ଶୀକରଶୀତ ବାୟୁ ଗରମ ଗାଲଗୁଡ଼ାକ ଟିକିଏ ପୋଛିପାଛି ଥଣ୍ଡାକରି ଦେଉ ଏଇ ମତଲବରେ । ସମୁଦ୍ର କୂଳରେ ବି ଏମାନଙ୍କୁ ଏତେ ଗରମ ଲାଗୁଛି ?

ସୁଟ୍‌କେଶ୍ ଧରି ସେମାନଙ୍କୁ ଧାଡ଼ିରୁ ଟିକିଏ ଦୂରରେ ଚାଲିବାକୁ ଆରମ୍ଭ କଲି ନିଛାଟିଆ ଜାଗା ହାତେ ସନ୍ଧାନରେ । ଚାଲୁଥାଏଁ, ନିଜକୁ କେଉଁ ଏକ ଅସରନ୍ତି ନରକ

Digitized by srujanika@gmail.com

କୂଳର ପ୍ରେତାତ୍ମା ବୋଲି ଭାବୁଥାଏଁ। ବସିଥିବା ଲୋକଗୁଡ଼ାକ ବି ମୋତେ ଅବାଞ୍ଛିତ ପ୍ରେତପୁରୁଷ ଭାବି ଚମକି ଆଡ଼ ବା ଅଲଗା ହୋଇଯାଉଥାନ୍ତି। ଘୃଣା ଓ ମନସ୍ତାପରେ ମୋର ମନ ଭରପୂର।

ଯାଉଁ ଯାଉଁ ଦେଖିଲି, ଗୋଟାଏ ସ୍ଥାନରେ ବୋଧହୁଏ ହନିମୁନ୍ ପାଇଁ ଆସିଥିବା ସ୍ୱାମୀ ସ୍ତ୍ରୀଙ୍କି। ସ୍ତ୍ରୀଟି ସ୍ୱାମୀ କାନ୍ଧରେ ମୁଣ୍ଡ ଆଉଜାଇ ବସିଥିଲା, ତାର ଶୁଭ୍ର ପାଦର ଅଳତା ବି ମୁଁ ଦେଖି ପାରୁଥିଲି। ଆଣ୍ଠୁ ପର୍ଯ୍ୟନ୍ତ ଲୁଗା ଟେକି ଦେଇ ଗୋଡ଼ ଦୁଇଟାକୁ ସମୁଦ୍ରର କୁନି କୁନି ଢେଉ ଆଡ଼କୁ ଲମ୍ବାଇ ଦେଇଥାଏ। ସମୁଦ୍ର ପାଣି ଆସି ତା ପାଦକୁ ସଲସଲ କରି ଦେଇ ଫେରିଯାଉଥାଏ। ସେ ଗୋଡ଼ ଟେକି ଆଣେ ପୁଣି ଲମ୍ବାଇଦିଏ। ସେ ହସେ, ତା ସ୍ୱାମୀ ହସେ, ଦୁହେଁ ହସନ୍ତି। ମୋତେ ଦେଖିଲାରୁ ତାଙ୍କ ନିର୍ମଳ ହସ ବନ୍ଦ ହୋଇଗଲା।

ଏଠି ବି ମୋତେ କେହି ଚାହୁଁନାହାନ୍ତି। ନା ଧର୍ମଶାଳାର ଗୋମାସ୍ତା, ନା ଜଗାବଳିଆ, ନା ମା ଲକ୍ଷ୍ମୀ, ନା ଏ ସମୁଦ୍ର କୂଳର ଯୁଗଳ ମୂର୍ତ୍ତିମାନେ, ସଭିଙ୍କ ଆଖିରେ ମୁଁ ଗୋଟାଏ ଅବାଞ୍ଛିତ ଜୀବ ଯିମିତି।

ମୁଣ୍ଡ ପୋତି କୂଳର ହୋଟେଲ ଆଡ଼କୁ ଯାଉଛି ହଠାତ୍ ମନକୁ ଗୋଟାଏ ବୁଦ୍ଧି ଆସିଲା।

ସିଧାସଳଖ ହୋଟେଲ ଭିତରକୁ ଯାଇ ମାଲିକକୁ ପଚାରିଲି, "ରୁମ୍ ମିଳିବ ? ସିଙ୍ଗଲ୍ ରୁମ୍ ?"

"ହଁ ଖାଲି ଅଛି।"

"କେତେ ପଡ଼ିବ ?"

"ତିରିଶି।"

"ସ୍ତ୍ରୀ ମିଳିବେ ?" ଦୋଷୀ ପରି ଅନୁଚ୍ଚ ଗଳାରେ ସାହସ ବାନ୍ଧି ପଚାରିଲି।

"ମିଳିବେ। କେତେ ଟଙ୍କାର ?"

"ପଚାଶ, ଶହେ ଯାହା କହିବେ, ମାଲ୍ ନେଇ ଦାମ୍।"

"ବେଶ୍, ଗେଷ୍ଟରୁମ୍ ଖୋଲିଦିଅ, କିଏ ସେ ସ୍ତ୍ରୀଲୋକ ଡ଼ାକ, ଶୀଘ୍ର।"

ଦଶ ମିନିଟ୍ ଭିତରେ ରୁମ୍ ନେଇ ପୁଣି ଯିବାକୁ ପ୍ରସ୍ତୁତ ହୋଇଗଲି। ସ୍ତ୍ରୀଲୋକଟା ବି ଆସିଗଲା। ଟିକିଏ ନାଟକୀୟ ଗଳାରେ ତାକୁ କହିଲି, "ସିନ୍ଦୂର ଲଗାଇ ଆସ।"

ଗେହ୍ଲେଇ ହୋଇ ନାକ ଫୁଲାଇ ସେ କହିଲା, "କପାଳରେ ନାଇବି, ସୁନ୍ଥାରେ ନୁହେଁ।"

"ହେଉ, ସେତିକି ଢେର।"

Digitized by srujanika@gmail.com

ଏଥର ନିଶ୍ଚୟ ବୁଢ଼ା ଦେଖା ଦବ। ମୁଁ ଆଉ ଅବାଞ୍ଛିତ ନୁହେଁ। ରିକ୍ସାଟାଏ ଭଡ଼ାକରି ଚାଲିଲୁ ଦୁହେଁ ମନ୍ଦିରକୁ।

ସତକୁ ସତ ମନ୍ଦିର ଦ୍ୱାର ଖୋଲାଥିଲା। କେବଳ ଖୋଲାନୁହେଁ, ଫାଙ୍କା, ଯାତ୍ରୀଶୂନ୍ୟ। ଏମିତି ଦେବଦର୍ଶନ କେବଳ ଭାଗ୍ୟବାନଙ୍କୁ ମିଳେ। ମୋର ହୃଦବୋଧ ହେଲା, ସ୍ତ୍ରୀ ସାଙ୍ଗରେ ନେବା ବୁଦ୍ଧିକୁ ବୁଢ଼ା ତାରିଫ୍ କରୁଛି।

କିନ୍ତୁ ଘରେ ପଶୁ ନ ପଶୁଣୁ ମୁଣ୍ଡରେ ଚନ୍ଦନ ଅର୍ଗଳିଟା ଏତେ ଜୋର୍ ବାଡ଼େଇ ହେଲା କାହିଁକି ? ପିଠିର ହାଡ଼ଟା କାଠଟାରେ ପ୍ରାୟ ଲାଖି ଯାଇଥିଲା।

ଦୁହେଁ ଏକାବେଳେ ଧରାଧରି ହୋଇ ସିଂହାସନ ଆଗକୁ ଚାଲିଗଲୁ। ସ୍ତ୍ରୀଲୋକଟା କ'ଣ ଭାବୁଥାଏ କେଜାଣି ? ମୁଁ ଯାହା କହୁଥାଏ ସେ ତାହା ବଶ୍ୟା ସ୍ତ୍ରୀ ପରି ପାଳନ କରୁଥାଏ। ଟଙ୍କା ନେଇଛି, ଯିବ କୁଆଡ଼େ ?  ସେ ମୋରି ପାଖରେ ଛିଡ଼ା ହୋଇଥାଏ।

ଆଖି ବନ୍ଦକରି ବୁଢ଼ାକୁ ଧ୍ୟାନକରି ହାତ ଯୋଡ଼ି ଆରମ୍ଭ କରିଦେଲି ଜଗନ୍ନାଥାଷ୍ଟକ। "ଜଗନ୍ନାଥ ସ୍ୱାମୀ ନୟନ ପଥଗାମୀ ଭବତୁ ମେ" ଗାଇଲାବେଳକୁ ଗଳାସ୍ୱର ମନ୍ଦିର ଭିତରେ ପ୍ରତିଧ୍ୱନିତ ହେଉଥାଏ, ମୋର ହୃଦୟ ଓ ମନ ପ୍ରକମ୍ପିତ ହେଉଥାଏ। ଅପୂର୍ବ ଅନୁଭୂତି!

ଅଷ୍ଟକ ସରିଲାରୁ ଆଖି ମେଲି ଚାହିଁଲି। ଏ କି ରୂପ ? ବୁଢ଼ା ଏମିତି ଚାହିଁଛି କାହିଁକି ? ଆଖି ଦୁଇଟା। ଏକାବେଳକେ ଉତ୍ତପ୍ତ ଚନ୍ଦ୍ର ସୂର୍ଯ୍ୟ ପରି ରକ୍ତବର୍ଣ୍ଣ ଓ ଭସ୍ମ କରିବାକୁ ଉଦ୍ୟତ!

ତତ୍‌କ୍ଷଣାତ୍ ଲମ୍ବତମ୍ବ ହୋଇ ପଡ଼ିଗଲି ଓଦା ଚଟାଣରେ ଏବଂ ହାତଯୋଡ଼ି ଆରମ୍ଭ କରିଦେଲି "ପଶ୍ୟାମି ଦେବାଂସ୍ତବ ଦେବ ଦେହେ।" ଶ୍ଳୋକ ପରେ ଶ୍ଳୋକ ଗାଇ ଚାଲିଥାଏ, ଦିହରେ ଢେଉ ପରି ପୁଲକ ପରେ ପୁଲକ ଉଠୁଥାଏ ଶ୍ଳୋକର ପାଦକୁ ପାଦ। ଯିମିତି ପହଞ୍ଚିଛି "ଦଂଷ୍ଟ୍ରାକରାଳାନି ଚ ତେ ମୁଖାନି ... କାଳାନଳ ସନ୍ନିଭାନି" ସିମିତି ଜଣାଗଲା ଯିମିତି ମୋତେ କିଏ ଅକ୍ଳେଶରେ ତୋଳିନେଇ ତା ଜଙ୍ଘ ଉପରେ ଚିତ କରି ଶୁଆଇ ଦେଲା ବାବା କି ଭୀଷଣ ମୂର୍ତ୍ତି। ଯାହା ମୁଁ ଦେଖିଥିଲି ପିଲାଦିନେ ଭୀତତ୍ରସ୍ତ ଚକିତ ହୋଇ କେଉଁ ଏକ ମନ୍ଦିରରେ। ଜଗନ୍ନାଥଙ୍କ ନରସିଂହ ମୂର୍ତ୍ତି। ହିରଣ୍ୟକଶିପୁ ବିଦାରଣ କରିବାର ରୂପ। ମୋ ପେଟ କିଏ ଚିରିଦେଲା ପରି ଲାଗିଲା। ସଟା ଫୁଲାଇ ଆକାଶପାତାଳ ଲମ୍ବି ମୂର୍ତ୍ତି ନଖ ଦାନ୍ତରେ ମୋର ଅନ୍ତରବୁଜୁଳା ବାହାର କରି ଚିରିଭିଣି ଦେଉଛି। ଆହୁରି ଦେଖିଲି, ମୋ ସବା ସାନପୁଅଟି (ଯେ ତା ମା ସାଙ୍ଗରେ ଚାଲିଯାଇଛି) ବିଚାରା ହାତଯୋଡ଼ି ପ୍ରହଲ୍ଲାଦ ପରି ଛିଡ଼ା ହୋଇଛି ନଇଁ ପଡ଼ିଥିବା ମୋରି ମୁଣ୍ଡଟା ପାଖରେ। ପ୍ରସାଦ ଦେବେଣ ଜଗନ୍ନିବାସ।

ଦୁଃସ୍ୱପ୍ନ ଦେଖି ହାଉଳି ଖାଇଲା ଭଳି ହୋଇ ତଡ଼ବଡ଼ ଛିଡ଼ା ହୋଇଗଲି। ଗଦ ଗଦ ହୋଇ ଦିହରୁ ଝାଳ ବହି ଯାଉଥାଏ। ବୁଢ଼ା ସେମିତି ନିର୍ବାକ ନିସ୍ପନ୍ଦ। ଦିହଟା ଥଣ୍ଡା

Digitized by srujanika@gmail.com

ହୋଇଯିବ ବୋଲି ଭୟ ହେଉଥାଏ । ନିଃଶ୍ୱାସ ଫେରିପାଇ ୟାଡ଼େ ସିଆଡ଼େ ଚାହିଁଲି । ଦେଖିଲି, ସ୍ତ୍ରୀଲୋକଟା ମୋ ପାଖରେ ନଥିଲା । ବୋଧହୁଏ ମୋର ଅସ୍ୱାଭାବିକ ବ୍ୟବହାରରେ ଭୟ ପାଇ ଜୀବନମୂର୍ଚ୍ଛା ଧାଁ ଦଉଡ଼ କରି ହୋଟେଲକୁ ଫେରିଯାଇଛି ।

ନିଃଶ୍ୱାସ ପୂରା ମାରିପାରୁନଥାଏ, ଛାତିର ଢ଼ପ୍ ଢ଼ପ୍ ଆବାଜ କାନରେ ବାଢ଼େଇ ହେଉଥାଏ । ଉଭୟ ଦିହ ଓ ମନର ଦୁର୍ବଳତମ ଅବସ୍ଥାରେ ସହାୟ ଖୋଜୁ ଖୋଜୁ (ଯାହାକୁ ପରମ ଆଶ୍ରା ଓ ସହାୟ ଭାବିଥିଲି ସେ ତ ଚିରିଦେଲା) ପାଇଲି ଜଣେ ପଣ୍ଡାଙ୍କୁ ରାମଚନ୍ଦ୍ର ପଣ୍ଡା, ଆମରି ପଣ୍ଡା, ଆମ ମୟୁରଭଞ୍ଜର ପଣ୍ଡା । ତାଙ୍କ ତିନି ପୁରୁଷ ଆମ ତିନି ପୁରୁଷଙ୍କୁ ଜଗନ୍ନାଥ ମହିମା ବିଦିତ କରାଇଛନ୍ତି, ଯେଉଁ ପଣ୍ଡା ଠାକୁର ରାଜାଙ୍କ ପରି ଅପୁତ୍ରିକ ହେବାର ବର ପାଇଛନ୍ତି । ତାଙ୍କ ଚେହେରା ବିବେକାନନ୍ଦ, ରାମକୃଷ୍ଣ, ବୁଦ୍ଧଦେବଙ୍କ ମୂର୍ତ୍ତି ପରି ଭକ୍ତିପୂତ, ଶାନ୍ତ ଶୁଭ୍ର ।

ତାଙ୍କୁ ନମସ୍କାର କରି ନିଜର ପରିଚୟ ଦେଲି ଏବଂ ଏକାନିଃଶ୍ୱାସକେ କହିଗଲି କିମିତି ବିନା ସ୍ତ୍ରୀରେ ଜଗନ୍ନାଥ ଦର୍ଶନକୁ ଆସିଥିବାରୁ ଲାଞ୍ଛିତ, ଭର୍ତ୍ସିତ ଅପମାନିତ ହେଲି, ଉଭୟ ନରଦେବତା ଦ୍ୱାରା ଏବଂ ପରିଶେଷରେ ଜନୈକା ନାରୀକୁ ଧର୍ମପତ୍ନୀର ସ୍ଥାନ ଦେଇ କିମିତି ଖୋଦ୍ ନରସିଂହଙ୍କ ଦ୍ୱାରା ଦଣ୍ଡିତ ହୋଇଛି । ସେଇଠି ମୁହୂର୍ତ୍ତକ ଆଗରୁ ଯାହା ଅଙ୍ଗେ ନିଭାଇଥିଲି ତାହା କହିଗଲି ।

ସେ ମୋତେ ଅଭୟ ଦେଲେ ଏବଂ ତାଙ୍କ ସହିତ ପାଖର ଗୋଟାଏ କୋଠରୀକି ନେଇଗଲେ ।

ହିସାବନିକାଶ ପାଇଁ ଯେମିତି ଶାଲୁକନା ଆବରଣରେ ବଡ଼ ବଡ଼ ଖାତା ବ୍ୟବସାୟୀମାନେ ବ୍ୟବହାର କରନ୍ତି ସେମିତି ବଡ଼ ବେଁ ଲମ୍ବ ଖାତା ବାହାର କରି ପୃଷ୍ଠାକୁ ପୃଷ୍ଠା ଦୀପର ଆଲୁଅରେ ଓଲଟାଇଲେ ଏବଂ ଅବଶେଷରେ ଗୋଟାଏ ପୃଷ୍ଠାରେ ଅଙ୍ଗୁଳି ଦେଇ ମୋ ଆଡ଼କୁ ବଢ଼ାଇ କହିଲେ 'ପଢ଼ନ୍ତୁ' ।

ପଢ଼ିଲି, କରଣୀ ଅକ୍ଷରରେ କେଉଁ କାଳର ଲେଖା, ପଢ଼ିଲି, "ସନ ୧୩୧୫ ଶ୍ରୀଗୁଣ୍ଡିଚା, ଶ୍ରୀ ମହାଦେବ ଆଚାର୍ଯ୍ୟ, ସା: ଉମାଦେଈପୁର, କିଲ୍ଲେ ମୟୁରଭଞ୍ଜ, ସଙ୍ଗେ ସ୍ତ୍ରୀ ଶ୍ରୀମତୀ ପାର୍ବତୀ ଦେବୀ ।"

ପୁଣି ସାମାନ୍ୟ ତଳକୁ ଲେଖାଯାଇଛି । "ସନ ୧୩୬୫ ରାସ ପୂର୍ଣ୍ଣିମା ଶ୍ରୀ ଭୋଳାନାଥ ଆଚାର୍ଯ୍ୟ, ସା: ଉମାଦେଈପୁର କିଲ୍ଲେ ମୟୁରଭଞ୍ଜ ସଂଗେ ସ୍ତ୍ରୀ ଶ୍ରମତୀ ରୁକ୍ମିଣୀ ଦେବୀ ।"

ପଢ଼ୁଥାଏଁ, ଏବଂ ମନେ ମନେ ଶୁଣୁଥାଏଁ ମୋରି ପୂର୍ବପୁରୁଷଙ୍କ ଇତିହାସ । ବାପା ମାଆ, ଜେଜେବାପା, ଜେଜେମାଆ, ପଣ ଗୋସେଇଁବାପା, ପଣଗୋସେଇଁମାଆ କିଏ ପଦବ୍ରଜରେ, କିଏ ଶଗଡ଼ରେ କିଏ ବା ରେଳରେ ସସ୍ତ୍ରୀକ ଆସି ବୁଢ଼ାକୁ ଦେଖି ଯାଇଛନ୍ତି, ଯେଉଁଠି ଲକ୍ଷେ ଶାଳଗ୍ରାମ ପୋତା ସେଇଠି ଛିଡ଼ାହୋଇ ବୁଢ଼ାକୁ ଛୁଇଁଛନ୍ତି ସିଂହାସନ ପାଖରେ ରହି, ଫେରିଛନ୍ତି ସୁଦୂର ମଫସଲକୁ ଧଣ୍ଡାମାଳ ଓ ବୁଢ଼ାର ଆଶୀର୍ବାଦ ଓ

Digitized by srujanika@gmail.com

ମହାପ୍ରସାଦ ନେଇ ଗର୍ବିତ ହୃଦୟରେ। ଅଥଚ ମୁଁ ଆସି ମଧ ନାମ ଲେଖାଇ ନାହିଁ ଏ ଖାତାରେ।

ପଣ୍ଡା କହିଲେ ଏଥର ଲେଖନ୍ତୁ ଆପଣଙ୍କ ନାଁ, ବାପା ମାଆଙ୍କ ନାମ ତଳେ।

ହାତ ଥରୁଥାଏ, ଲେଖିଲି "ସନ ୧୩୮୫ (ପଣ୍ଡା ଡ଼ାକିଦେଲେ) ଶ୍ରୀ ଶରତ ଆଚାର୍ଯ୍ୟ, ସା: ଉମାଦେଈପୁର, ଜିଲ୍ଲେ ମୟୁରଭଞ୍ଜ ... ।" ରହିଲେ।

ଛୋଟପିଲାଙ୍କୁ ପାଠ ପଢ଼ାଇଲା ଗଳାରେ ପଣ୍ଡା କହିଲେ, "ଲେଖନ୍ତୁ ସଙ୍ଗେ... ।"

ଆରମ୍ଭ କଲି "ସଙ୍ଗେ ସ୍ତ୍ରୀ ...

"ଲେଖନ୍ତୁ ସ୍ତ୍ରୀଙ୍କ ନାଁ।"

"ତାଙ୍କ ନାଁ ତ ମୁଁ ଜାଣିନି। ସେ ହୋଟେଲକୁ ବୋଧହୁଏ ଚାଲିଗଲେ।"

"ଜାଣିଥିଲେ କଣ ତାଙ୍କ ନାଁ ଆପଣଙ୍କ ନାଁ ସାଙ୍ଗରେ ଯୋଡ଼ନ୍ତେ ?"

"ଅସୁବିଧା କଣ ?" ଅବିଶ୍ୱାସୀ ଗଳାରେ ପଚାରିଲି।

"ଘୋର ଅସୁବିଧା। ସ୍ତ୍ରୀ ଓ ସ୍ତ୍ରୀ ଭିତରେ ପାର୍ଥକ୍ୟ ଏ ଯାକେ ଜାଣିନାହାନ୍ତି ? ଆପଣଙ୍କ ଆଖିରେ ଯିଏ ସ୍ତ୍ରୀ, ବୁଢ଼ା ଆଖିରେ ସିଏ ସ୍ତ୍ରୀ ନୁହଁ। ସେଇଥିପାଇଁ ତ ଏତେ ହଟହଟା।"

"ସ୍ତ୍ରୀ ଓ ସ୍ତ୍ରୀ ଭିତରେ ପାର୍ଥକ୍ୟ କଣ ?"

"ସ୍ୱର୍ଗ ନରକର ପାର୍ଥକ୍ୟ। ସବୁ ସ୍ତ୍ରୀ, ସ୍ତ୍ରୀ ନୁହନ୍ତି। ଯାହାକୁ ଆପଣ ସ୍ତ୍ରୀ ବୋଲି କହୁଛନ୍ତି, ତାଙ୍କୁ ବୁଢ଼ାକାଳରେ ଚୂଲୀ ପାଖରେ ବସାଇ କଥାବାର୍ତ୍ତା କରି ଯୌବନର ଉଷୁମ ପାଇପାରନ୍ତେ ? ତା ପାଦତଳେ ପଡ଼ିପାରନ୍ତେ ? ତାକୁ ମାଆ ବୋଲି ଡ଼ାକିପାରନ୍ତେ ? ଯାହା ପାଖରେ ଏସବୁ କହି କରିପାରନ୍ତେ ତାରି ନାଁ ଲେଖନ୍ତୁ। ସେହି ଆପଣଙ୍କ ଧର୍ମପତ୍ନୀ।"

ମୋ ନିଜ ମନୋବୃତ୍ତି ଉପରେ ଆୟତ୍ତ ନଥିଲା। ମନ୍ତ୍ରମୁଗ୍ଧ ପରି ଧୀରେ ଧୀରେ ପଢ଼ିଲି "ସନ ୧୩୮୫ ମାଘ ସପ୍ତମୀ, ଶ୍ରୀ ଶରତ୍ ଆଚାର୍ଯ୍ୟ, ସା:ଉମାଦେଈପୁର, ଜିଲ୍ଲେ ମୟୁରଭଞ୍ଜ ସଙ୍ଗେ... ।" କଲମଟାକୁ ମୁଣ୍ଡରେ ଲଗାଇ ମନେ ମନେ ତାଙ୍କ ଚେହେରାକୁ ସ୍ମରଣ କଲି ଏବଂ ଅପେକ୍ଷାକୃତ ବଡ଼ ବଡ଼ ଅକ୍ଷରରେ ଲେଖିଲି, "ସଙ୍ଗେ ସ୍ୱର୍ଗତା ସ୍ତ୍ରୀ ଅନ୍ନପୂର୍ଣ୍ଣା ଦେବୀ।"

ମୁଣ୍ଡରୁ କଳା ପରଦାଟାଏ ଅପସରି ଗଲା। ସ୍ତିମିତ ଆଲୋକରେ ପଣ୍ଡାଙ୍କୁ ଦେଖିଲି। ସାକ୍ଷାତ୍ ଜଗନ୍ନାଥ ପରି ଦିଶୁଛନ୍ତି।

Digitized by srujanika@gmail.com

# ହାଇଦ୍ରାବାଦ ଅଙ୍ଗୁର

ଏମିତି ରୋଗଟାଏ ଧଇଲା, ଭାତ ଖାଇବାର ଦୁଇଘଣ୍ଟା ବିତିଥିବ କି ନାହିଁ ବାହାରିପଡ଼ିବ ଘରେ ବସିଥାଅ ବା ଯାନବାହାନରେ କୁଆଡ଼େ ଯାତାୟତ କରୁଥାଅ।

ଏଲୋପାଥି, ହୋମିଓପାଥି, ଆୟୁର୍ବେଦୀ, ୟୁନାନୀ ସବୁ ପଦ୍ଧତି ଚିକିତ୍ସା କଲିଣି, କୌଣସିଥିରେ କିଛିମାତ୍ର ଫଳ ହେଲାନି। ରୋଗ ବରଞ୍ଚ ବଢ଼ିଲା, କମିଲାନି। ଏବେ ଏବେ ଭାବୁଛି କେଉଁ ବାବା ମାଆଙ୍କ ସେବା କରିବି, ଅଥବା ଯୋଗ ପ୍ରାଣାୟମ କରିବି, ନତୁବା ନିଜ ମୂତ ନିଜେ ପିଇବି।

ଆପାତତଃ ଏତିକି ରକ୍ଷା ଯେ ରୋଗଟା ବାହାରିବାର ସୂଚନା ମିଳିଲେ ଯାହାହେଉ କିଛି କେତୁଟା ବିସ୍କୁଟା ବା ଅଙ୍ଗୁର ପାଟିରେ ପକାଇଦେଲେ ରୋଗଟା ବଢ଼ିପାରେ ନାହିଁ ବରଂ କମିଯାଏ।

ଏବେ ମୁଁ ନିଜେ ନିଜର ପ୍ରତିକାର ପନ୍ଥା ଉଦ୍‌ଭାବନ ଅବଲମ୍ବନ କରିଛି। ଖାଇବାରେ ମୁଁ ସବୁଦିନ ଖୁବ୍ ମିତବ୍ୟୟୀ, ସତ୍ୟତା ଓ ସାବଧାନ। ବଛା ବଛା ଉତ୍ତମ (ମୋ ମତରେ) ଖାଦ୍ୟ ଖାଏଁ ଏବଂ ଯଥାସମ୍ଭବ କମ୍ (ମୋ ହିସାବରେ) ଖାଏଁ। ଚବିଶ ଘଣ୍ଟାରେ ତିନିଥର ଖାଏଁ। ସକାଳେ ଗୁଆଘିଅର ଛଅ ସାତୋଟି ପରଟା, ଚାରୋଟି ଅଣ୍ଡାର ଆମଲେଟ୍, କିଛି ଛେନା, ଶେଷକୁ ଆପେଲ ନାସପାତୀ ଆଦି ଫଳ ଅଥବା ଗିଲାସେ ଦି' ଗ୍ଲାସ ମରା ଦୁଧ। ଦି' ପହରେ ବାସୁମତୀ ଚାଉଳର ତିନିପ୍ଲେଟ୍ ଅନ୍ନ, ଯୋଡ଼ିଏ ଚିକେନ୍, ପ୍ଲେଟେ ଶାକସବଜୀ, ଶେଷରେ ରସଗୋଲା ଜାତୀୟ କେତୋଟି ମିଠା ଓ ଦହି। ରାତିରେ ବିରିଆନୀ, ପାୟସ ଜାତୀୟ ତରଳ ଖାଦ୍ୟ ସାଙ୍ଗକୁ ଯୌବନ ଫେରାଇ ଆଣିବାର କିଛି ମୋଦକ ବା ରସାୟନ। ପୂର୍ବେ ବଡ଼ଘର ଲୋକ ଥିଲି, ଏମ୍.ଏଲ୍.ଏ., ମନ୍ତ୍ରୀ ପର୍ଯ୍ୟନ୍ତ ଯାଇଥିଲି। ଭଲ ଖାଇବା ପିଇବା ଅଭ୍ୟାସ ରହିଯାଇଛି।

ସେଦିନ କଟକ ଯାଇଥାଏ। ବାଲେଶ୍ୱରରେ ହାଇଦ୍ରାବାଦ (ଏବେ ଇଷ୍ଟ କୋଷ୍ଟ) ଏକ୍ସପ୍ରେସ ଦିନ ଗୋଟାକରେ ପହୁଞ୍ଚେ। ଲଞ୍ଚ୍ ଖାଇସାରି ବସିଗଲେ ଚା' ବେଳକୁ କଟକ ଷ୍ଟେସନ୍‌ରେ ଓହ୍ଲେଇ ପଡ଼ି ରେଳବାଇ ରେସ୍ତୋରାଁରେ ପୁଣି ଯାହାହେଉ କିଛି ଖାଇହେବ। ମୋ ପାଇଁ ଭାରି ସୁବିଧା ଏ ଟ୍ରେନ୍‌ଟି।

ହେଲେ ସେଦିନ ଟ୍ରେନ୍ ଅନେକ ଡେ଼ରି, ବହୁତ ଭିଡ଼। କଟକ ବଗିରେ ଝୁଲିକରି ଯାତ୍ରୀମାନେ ଆସିଥାନ୍ତି। ଦୈବକୁ ତିନିତଳିଆ ଡ଼ବାର କଣ୍ଡାକ୍ଟରଟି ମୋର ପୂର୍ବ ପରିଚିତ ଥିଲେ। ଯିମିତି ଭଦ୍ରଲୋକ, ସିମିତି ବିବେକୀ। ଅନୁରୋଧ ଏଡ଼ିନପାରି ମୋର ପୂର୍ବ ରୂପ ମନେପକାଇ କହିଗଲେ, "ମଶାୟ। ଆପନି ସୋଜା ଚଲେ ଯାନ୍ ଛାବିଶ ନମ୍ବର ସିଟେ। କାଉଛେ କିଛୁ ନା ବଲେ ବସେ ଯାବେନ୍।" ଧନ୍ୟବାଦ୍! ଯିମିତି ହାଉଡ଼ାରୁ

Digitized by srujanika@gmail.com

ସିଟ୍ ରିଜର୍ଭ କରି ଆସିଛି ସିମିତି ଚେହେରା କରି ବସିଗଲି ଛବିଶ ନମ୍ବର ସିଟ୍‌ରେ। କାହାକୁ କିଛି କହିବାର ଦରକାର ପଡ଼ିଲାନି। ସବୁ ଯାତ୍ରୀ ତେଲେଗୁ ଭାଷୀ। ତା' ଛଡ଼ା ଭାଷା ବିନିମୟ ପାଇଁ ଯଦି ଏତେ ଗଣ୍ଡଗୋଳ ତେବେ ମୂକ ବଧିର ହେବା ବରଂ ଭଲ।

ସତେଇଶ ନମ୍ବର ସିଟ୍‌ରେ ବସିଥିଲା ଜଣେ ଯୁବକ ଯାହାକୁ ଦେଖିଲାମାତ୍ରେ ମୋ ହାଡ଼ ଜଳିଗଲା । ସ୍ତନସର୍ବସ୍ୱ କେତୋଟି ସିନେମା ଷ୍ଟାରଙ୍କ ଛବି ଥିବା ମେଗାଜିନ୍‌ଟାଏ କୋଡ଼ରେ ଥୋଇ ସେ ଚାହିଁ ରହିଥାଏ ସାଇଡ୍ ସିଟ୍‌ର ଏ ଗଳ୍ପର ନାୟିକା ଆଡ଼କୁ । ପରେ ଜାଣିଲି ଏ ସିଟ୍ ମଧ ତାର ନୁହେଁ । କେବଳ ଆଖିର କାମନା ଚରିତାର୍ଥ କରିବାକୁ ସେ କୁଆଡୁ ଆସି ଏଠି ବସିଛି । ସାଇଡ୍ ସିଟ୍ ଦୁଇଟାର ପଟା ଦିଗଣ୍ଡିକି ଫିଟାଇ ଯୋଡ଼ିଦେଲେ ଯେଉଁ ବେଞ୍ଚ୍ ତିଆରି ହୁଏ ତା'ରି ଉପରେ ବସିଛି ମଇଳା କୋହ୍ଲାପୁର ଚାଦର ଉପରେ ସତର ଅଠର ବର୍ଷର କାଳୀ, ପାତଳୀ, ଡେ଼ଙ୍ଗୀ, ଦାନ୍ତୁଡ଼ି ଝିଅଟି । ତା' ପାଖକୁ ଲାଗି ବସିଛି ଛଅ ସାତ ବର୍ଷର ପିଲାଟିଏ ଯେ ଏ ଗଳ୍ପର ଶିଶୁ ନାୟକ । ନିଶ୍ଚିତ ରୂପେ ସେମାନେ ଦୁହେଁ ଭାଇ ଭଉଣୀ, ଦୁଇଜଣଙ୍କ ଚେହେରାରେ ସ୍ୱାଭାବିକ୍ ଜ୍ୟୋତି ଓ ସ୍ଫୂର୍ତ୍ତିର ଏକାନ୍ତ ଅଭାବ ।

ବାଲେଶ୍ୱର ଷ୍ଟେସନ୍‌ରେ ରେଳବାଇ ତରଫରୁ ଲଞ୍ଚ୍ ଥାଳି ସବୁ ଯାତ୍ରୀମାନଙ୍କୁ ଯୋଗାଇ ଦିଆଯାଏ । ଥାଳି ଡ଼ବା ଭିତରକୁ ପଶିଲାମାତ୍ରେ ବାସି କଟା ପିଆଜ, ପାମ୍ପଡ଼, ସମ୍ବର ମସଲା ଓ ଖଟା ଦହିର ବିଜାତୀୟ ବିକଟ ଗନ୍ଧ ଖେଳିଯାଏ । ଭୋକର ବେଳ । କ୍ଷୁଧାର୍ତ୍ତ ପକ୍ଷରେ ଖାଦ୍ୟ ଅଖାଦ୍ୟ ସବୁ ସମାନ, ଯିମିତି କାମାର୍ତ୍ତ ପକ୍ଷରେ ସୁନ୍ଦରୀ ଅସୁନ୍ଦରୀ ଚେତନ ଅଚେତନର ପାର୍ଥକ୍ୟ ନାହିଁ ।

ସତେଇଶ ନମ୍ବର ଟୋକାଟା ଥରେ ଗିଳୁଥାଏ ଓ ଲଜ୍ଜାହୀନ ବୁଭୁକ୍ଷୁ ନୟନରେ ଝିଅଟା ଆଡ଼କୁ କଟମଟ ଚାହୁଁଥାଏ । ଝିଅଟା ତାର ସେଇ ଅଶ୍ଳୀଳ ଚାହାଣୀରେ ଆସ୍ୱସ୍ତି ଓ ବିରକ୍ତିବୋଧ କରି ଅତିଷ୍ଠ ହେଉଥାଏ । ଫଳରେ ସେ ପିନ୍ଧିଥିବା ଅଳ୍ପ ଦାମିଆ ନୂଆ ଛିଟଶାଢ଼ୀ ଓ ମାଣ୍ଡଥିବା ନୂଆ ସାୟା ବାରମ୍ବାର ତାର ଅଙ୍ଗ ପ୍ରତ୍ୟଙ୍ଗରୁ ଇତସ୍ତତଃ ହୋଇ ତାକୁ ଥରକୁ ଥର ଅସଂବୃତ କରୁଥାଏ । ଛୋଟ ପିଲାଟା ଏକାଦିକ୍ରମେ ସତେଇଶ ନମ୍ବର ଟୋକାର ଖାଇବା ଭଙ୍ଗୀକୁ କାଙ୍ଗାଳ ଦୃଷ୍ଟିରେ ଚାହିଁଥାଏ ଯିମିତି ପ୍ଲାଟଫର୍ମର ରୁଗ୍ଣ ଲୋମହୀନ କୁକୁରଟିଏ ଯାତ୍ରୀମାନଙ୍କ ଖାଲି ଶାଳପତ୍ରର ଠୁଙ୍ଗାଗୁଡ଼ିକୁ ଚାହିଁଥାଏ ଆଶାନ୍ୱିତ ଆଗ୍ରହରେ ।

ବୁଭୁକ୍ଷା ଓ ପିପାସାଠୁଁ ବଳି ସଂକ୍ରାମକ ବ୍ୟାଧି ଆଉ ନଥିବ । ସତେଇଶ ନମ୍ବର ପରେ ଅଠେଇଶ ଓ ଅଣତିରିଶ ନମ୍ବର ଯାତ୍ରୀ ଦୁହେଁ ପୁଟୁଳି ଓ ଡ଼ବା ବାହାର କରି କଣଗୁଡ଼ାଏ ଗିଳିବାକୁ ଲାଗିଲେ ଏବଂ ପ୍ଲାଷ୍ଟିକ୍ ବୋତଲ ଓ ଷ୍ଟିଲ୍ ଲୋଟାରୁ ଢ଼କ ଢ଼କ କରି ପାଣିପିଇ ଉପର ବାର୍ଥକୁ ଚଢ଼ିଯାଇ ଲମ୍ବତମ୍ବ ଶୋଇଗଲେ । ସେମାନେ ଯେତେବେଳେ ଖାଉଥିଲେ ପିଲାଟା ସେମାନଙ୍କ ଖାଇବା ପିଇବାର ଅନୁରୂପ ଭଙ୍ଗୀ କରୁଥିଲା ।

Digitized by srujanika@gmail.com

ଟ୍ରେନ୍‌ରେ ଲୋକଗୁଡ଼ା ଯା'ଆସ କରନ୍ତି କେବଳ ଖାଇବା ଶୋଇବାର ପ୍ରଦର୍ଶନ ଓ ପ୍ରତିଯୋଗିତା ପାଇଁ ବୋଧହୁଏ । ଦୂର ନୀଳ ପାହାଡ଼, ପାଖ ଧାନ କିଆରୀର ସବୁଜିମା, ଟେଲିଫୋନ୍ ଖୁଣ୍ଟ ଓ ତାରର ବଣି, କଜଳପାତୀ ଓ ଭଦଭଦଳିଆଙ୍କ ଖେଳାଲୀଳା ତାଙ୍କ ଜୀବନର ଅବାନ୍ତର ଦୃଶ୍ୟ ।

ଟ୍ରେନ୍ ଯେତେ ଆଗେଇ ଚାଲିଥାଏ ବୁଲାବିକାଳିଙ୍କ ସଂଖ୍ୟା ସେତେ ବଢ଼ି ଚାଲିଥାଏ । 'ପାକା କେଲା', 'ମିଠା ସପେଟା', 'ଖୁଆପେଡ଼ା ସନ୍ଦେଶ', 'ମସଲାମୁଢ଼ି', 'ସିଝାଅଣ୍ଡା', 'ଜୀଅନ୍ତା ବିରିବରା' ଆଦି ବିକଟ ଚିତ୍କାରରେ ରେଳଡ଼ବା ଉଠୁଥାଏ ପଡୁଥାଏ । ପ୍ରତ୍ୟେକଟି ବିକାଳି ପାଖଦେଇ ଗଲାବେଳେ ପିଲାଟା ତା ନାନୀ ଆଡ଼କୁ ବିକଳ ନୟନରେ ଚାହୁଁଥାଏ ଏବଂ ଦିହର ଏଠିସେଠି ଖୁଆଖୁଣ୍ଟ କିଣିଦେବା ପାଇଁ ଆବେଦନ କରୁଥାଏ ।

ତେଣେ ଝିଅଟିର ଅବସ୍ଥା କରୁଣତର । ସେ ଯେ ଖୁବ୍ ଅସୁସ୍ଥ ବୋଧ କରୁଥାଏ ସନ୍ଦେହ ନାହିଁ, ତା ଓଠପାଟି ଶୁଖି ଯାଉଥାଏ । ଓସାରିଆ ଧଳା ଜିଭଟାକୁ ଥରକୁ ଥର ଓଠ ଉପରେ ବୁଲାଇ ଓଦା ରଖିବାର ଚେଷ୍ଟା କରୁଥାଏ! କପାଳର ଶିରାଗୁଡ଼ାକ ଠିଆଠିଆ, ଆଖି ଘୋର ଲାଲ । ଦିହମୁଣ୍ଡର ଉତ୍ତାପ ଯେ ଖୁବ୍ ବେଶୀ ତାହା ଚେହେରାରୁ ଜଣାପଡୁଥାଏ । ପିଲାଟାର ବାରମ୍ବାର ଅନ୍ଦିସନ୍ଦି ସବୁ ଅଣ୍ଡାଳିଲା, ଟିଣ ସୁଟ୍‌କେଶ ଖୋଲି ଲୁଗାପଟା ଝଡ଼ାଝୁଡ଼ି କଲା, ଲୁଗା କାନିକି ଚିପିଲା । କେଉଁଠି କିଛି ପାଇଲା ନାହିଁ । ହୁଏତ ତାର ଅଭିଭାବକ ତରବରରେ ପଇସାପତ୍ର ଦେବାକୁ ଭୁଲିଯାଇଛନ୍ତି ବା କିଏ ଦୁର୍ବୃତ୍ତ ଯାହା ଥିଲା ତାକୁ ଚୋରି କରି ନେଇଛି ବା ଯଦି କିଛି ଅଛି ତାକୁ ଭବିଷ୍ୟତ ପାଇଁ ପିଲାର ଅଗୋଚରରେ ରଖି ଲୁଗାପଟା ଝାଡ଼ିଝୁଡ଼ି ଭାଇକି ଭୁଲାଇ ଦେଉଛି ।

ପିଲାଟି ସବୁଆଡୁ ନିରାଶ ହୋଇ ଉଁ ଉଁ ସକସକ ହୋଇ କାନ୍ଦିବାକୁ ଲାଗିଲା । ଖଡ଼ଗପୁର ବା କଲିକତାରୁ କଣ ଖାଇ ଆସିଥିବା, ପିଲାପେଟ ଦୁଇଘଣ୍ଟାରେ ପଥର ବି ହଜମ କରି ଦେଇଥିବ । ଝିଅଟା ଆଶା ସମ୍ବଳହୀନ ଅବସ୍ଥାରେ ଟଳମଳ ହୋଇ ପାଣି ବେସିନ୍ ପାଖକୁ ଗଲା ଓ ଛୋଟ ଛିଟ ରୁମାଲ୍‌ଟାକୁ ଭିଜାଇ ଆଣି ମୁହାଁକୁ ଢ଼ଙ୍କାଇ ଶୋଇଗଲା ଛାତି ଉପରେ ଲୁଗାକାନିକି ଠୁଳ କରିଦେଇ, ସତେଇଶ ନମ୍ବର ଟୋକା ଆଉ କିଛି ଦର୍ଶନୀୟ ନ ପାଇ ତା ନିଜ ସ୍ଥାନକୁ ଉଠିଗଲା ଖାଇବା ଥାଳିକି ବେଞ୍ଚ ଉପରେ ଥୋଇ ଦେଇ ।

ଖାଦ୍ୟପାନୀୟର ପରିପୂର୍ଣ୍ଣତା ଓ ପ୍ରାଚୁର୍ଯ୍ୟ ଭିତରେ ବ୍ୟାଧି ଓ ବୁଭୁକ୍ଷାର ଶିକାର ହୋଇ ଚାଲିଥାନ୍ତି ଇଣ୍ଡିଆନ ରେଲୱେର ଏକ ସଂରକ୍ଷିତ ଡ଼ବାରେ ଭାଇଭଉଣୀ । ଏମାନଙ୍କ ଯାତ୍ରାର ଶେଷ ନାହିଁ । ହାଇଦ୍ରାବାଦ ଆହୁରି ଅନେକ ଦୂର । ମରନ୍ତୁ ଏଗୁଡ଼ାକ ପୋକଜୋକ ପରି କର୍ମଫଳ ଭୋଗି ।

Digitized by srujanika@gmail.com

ଆରେ ! ଏଥର ମୋର ପାଳି ପଡ଼ିବ ନା କ'ଣ ? ଗାଡ଼ି ଭଦ୍ରକ ଷ୍ଟେସନ ଛାଡ଼ିଛି କି ନାହିଁ ପେଟର ସାମାନ୍ୟ ଯନ୍ତ୍ରଣା ଆରମ୍ଭ ହେଲା । ଉପର ପେଟର ଠିକ୍ ମଝାମଝି ଜାଗାରେ । ଏ ତ ସେଇ ନିଉଛୁଣା ରୋଗ, ଲଞ୍ଚ୍ ଖାଇବାର ଦୁଇଘଣ୍ଟା ହୋଇଗଲା ନା କଣ ? ବେଗ୍‌ରେ କ'ଣ ଅଛି ଦରାଣ୍ଡିଲି । ଗସ୍ତରେ ବାହାରିଲେ ଯାହା ଯାହା ଦେବାର କଥା ସେଥିରେ କିଛି ବ୍ୟତିକ୍ରମ କରିନାହାନ୍ତି ଘରଲୋକେ । କ୍ରେକ୍‌ଜେକ୍ ବିସ୍କୁଟ୍ ପେକେଟ୍ ସାଙ୍ଗକୁ ଦୁର୍ଗାମିଷ୍ଟାନ୍ନ ଭଣ୍ଡାରର ପାଏ ଅନ୍ଦାଜ ଛେନାପୋଡ଼ ଆଉ ଗୋଟାଏ ପ୍ଲାଷ୍ଟିକ୍ ଥଳିରେ ଅଧକିଲେ ଅଙ୍ଗୁର । ପିଲାଟାର ତୀବ୍ର ତୀକ୍ଷ୍ଣ ଦୃଷ୍ଟି ଏଡ଼ାଇ ଟିଫିନ୍‌ଯାକ ପୁଟୁଳା ବାଁ ପାଖକୁ ଜଙ୍ଘ ଆଢୁଆଳରେ ରଖିଲି । ସାଙ୍ଗ ଯାତ୍ରୀମାନଙ୍କ ମଧ୍ୟରୁ କେହି ହୁଏତ ଦେଖିଲେ ମୋର ଲୋଭନୀୟ ସମ୍ପଦ । ମୁଁ କାହିଁକି କାହାକୁ ଭଦ୍ରାମି ଖାତିରିରେ ସେ ସବୁ ଯାଚିବି ? ସେମାନେ ଗିଳୁଥିଲା ବେଳେ ମୋତେ କଣ ଯାଚିଥିଲେ ? ତା' ଛଡ଼ା ସମସ୍ତେ ତ ରେଳ ପାସେଞ୍ଜର, ପ୍ରତ୍ୟେକଙ୍କ ଯାତ୍ରାର ଆରମ୍ଭ ଓ ଶେଷ ଅଲଗା ଅଲଗା । ଏତେ ମମତା ଆତ୍ମୀୟତା କାହିଁକି ?

କ୍ରେକ୍‌ଜେକ୍ ବିସ୍କୁଟ୍ ପେକେଟ୍ ଫିଟାଇବାର ଫଡ୍ ଫଡ୍ ଶବ୍ଦ ଶୁଣିପାରି ପିଲାଟା ମୋ ଆଡ଼କୁ ଅନାଇଲା । ମୁଁ ସତର୍କ ହୋଇଗଲି, ହାତ ପାପୁଲିର ଆଢୁଆଳରେ ଗୋଟାକୁ ଗୋଟା ବିସ୍କୁଟ ନେଇ ପୂରାପୂରି ପାଟିରେ ପୂରାଉଥାଉଁ ଏବଂ ଗୋଟିକଯାକ ଲାଳରେ ଭିଜାଇ, ମଇଦା କରି ତଣ୍ଟି ପାର କରି ଦେଉଥାଏଁ । ହେଲେ, ସେ ମୋ ପାଟି ବୁଲିବାକୁ ଚାହିଁଥାଏ ଏବଂ ତା' ପାଟି ସହିତ ତାଳ ରଖି ବୁଲି ଯାଉଥାଏ ।

ଯାଜପୁରରୋଡ଼ ପହଞ୍ଚିଲା ବେଳକୁ ଖାଲି ଖୋଳଟିକୁ ମୋଡ଼ିମାଡ଼ି ଟ୍ରେନ୍ ବାହାରକୁ ଫୋପାଡ଼ି ଦେଲି, ହେଲେ ଏ କ'ଣ ? ବିସ୍କୁଟ ଖାଇବାର ଫଳ ବିଷମ ହେଲା ଯେ, ପେଟର ଯନ୍ତ୍ରଣା କମିବା ପରିବର୍ତ୍ତେ ବଢ଼ିଲା କାହିଁକି ? ଏମିତି ତ କେବେ ହୁଏନି ! ପିଲାଟାର ଦୃଷ୍ଟି ପଡ଼ିଗଲା କି ? ପିଲାଟାର ବି ତ ଲୋଭ ଅଛି, ଅତୃପ୍ତ ଆତ୍ମା ଅଛି । ଖାଦ୍ୟ ପରିମାଣ କମ୍ ଯୋଗୁଁ ଯନ୍ତ୍ରଣା ବଢ଼ିଯାଇପାରେ ସ୍ଥିରକରି ମୁଣ୍ଡାକୁ ମୁଣ୍ଡା ଛେନାପୋଡ଼ ପିଠା ଗାଲକୁ ଫୁଲାଇ ଫୁଲାଇ ଗିଳି ଦେଲି, ସବୁତକ । ପିଲାଟା ସବୁ ଦେଖିଲା । ଆହୁରି ପେଟର ବିକାର ଭୀଷଣ ହେଲା, ପ୍ରାୟ ଅସହ୍ୟ ।

କିଛି ପାନୀୟ ମିଠାରସ ପଡ଼ିଲେ ଯନ୍ତ୍ରଣା ଉପଶମ ହୋଇପାରେ ଭାବି ଫିଟାଇଲି ଅଙ୍ଗୁର ଥଳି । ହାଇଦ୍ରାବାଦ ଅଙ୍ଗୁର, ଗଯ୍ଫା କୋଳି ପରି ବଡ଼ ବଡ଼, ପାଚି ହଳଦିଆ ଦିଶୁଛି । ରସ ଟିମ୍‌ଟିମ୍ । ଯେଉଁଠି ଏ ଫଳ ପେନ୍ଥା ପେନ୍ଥା ହୋଇ ଫଳିଥିବ ସେ ଦେଶ ନିଶ୍ଚୟ ରାମରାଜ୍ୟ । ଏଇ ଭାଇଭଉଣୀ ଦୁଇଟା ସେଇ ହାଇଦ୍ରାବାଦର ବାସିନ୍ଦା ପରା ! ତାଙ୍କ ଘରବାଡ଼ିରେ ଦୁଇକିଲିଆ ପେଣ୍ଡା ସବୁ ଝୁଲୁନଥିବ ? ଚଢ଼େଇ ଗୁଣ୍ଡୁଚି ଖାଇଯାଉନଥିବେ ? ଏଇ ହାଇଦ୍ରାବାଦ ଗାଡ଼ିରେ ସେସବୁ ଝୁଡ଼ିଝୁଡ଼ି ଆସି କଟକ, ବାଲେଶ୍ୱରରେ ପହଞ୍ଚୁଛି ।

Digitized by srujanika@gmail.com

ପିଲାଟାର ନଜର ପୁଣି ଏଡ଼ାଇ କୋଳିଟାଏ ପାଟିକି ପକାଇଲି ଏବଂ ଜିଭ ଓ ତାଳୁରେ ଚାପି ରସତକ ଘିଟି ଚୋପାକୁ ବି ଗିଳିଲି । ରସ ପଡ଼ିବାମାତ୍ରେ ଏକ ଅଶ୍ଳୀଳ, ଅସ୍ୱାଭାବିକ ରବ ପେଟରୁ ବାହାରିଲା ଯିମିତି ଭୂମିକମ୍ପ ପୂର୍ବରୁ ରସାତଳରୁ ଭୀତିପ୍ରଦ ଶବ୍ଦ ବାହାରେ । ଯନ୍ତ୍ରଣା ତୀବ୍ରତର ଓ ମାରାତ୍ମକ ହେଲା । ଅକସ୍ମାତ୍ ଟୁକ୍ କରି ମଞ୍ଜିଟାଏ ଚଟାଣରେ ପଡ଼ି ଠିକିରି ଯାଇ ପିଲାଟାର ନଳିଗୋଡ଼ରେ ଯିମିତି ବାଜିଛି, ସେ ଦିଗ କୋଣ ବାରି ଠଉରାଇ ନେଲା କେଉଁଠୁ ଏ ମଞ୍ଜି ଆସିଲା । ସେ ଚିତ୍କାର କରିଉଠିଲା ଯିମିତି ସେ କହୁଛି, "ଦେଖିଛି, ସବୁ ଦେଖୁଛି ।" ତା ଆଖିରେ ନିଆଁ ଦେଖିଲି । ତାର ଚିତ୍କାରରେ ଝିଅଟା ଉଠି ବସିଲା । ତାର ରୋଗା ଚେହେରାକୁ ନୁଖୁରା ବାଳ ଓ ଢ଼ିମା ଢ଼ିମା ଆଖିରେ ସେ ଡ଼ାହାଣୀ ପରି ଦିଶୁଥାଏ । ସେ ଦିହିଙ୍କ ରୂପ ଓ ଚାହାଣି ଏବଂ ମୋ ପେଟ ଭିତର ମରଣ ଯନ୍ତ୍ରଣା ମୋତେ ଖୁବ୍ ଆତଙ୍କିତ ଓ ଆଶଙ୍କିତ କରିଦେଲା । ଝାଳରେ ପେଣ୍ଟ ସାର୍ଟ ଭିଜିଗଲାଣି । ଆଖିଗୁଡ଼ାକୁ ଝାପ୍‌ସା ଝାପ୍‌ସା ଦିଶିଲାଣି । ଅଙ୍ଗୁରଖିଆ ଆପେ ଆପେ କେତେବେଳେ ବନ୍ଦ ହୋଇଗଲା । ହାର୍ଣ୍ଣିଆ, ଏପେଣ୍ଡିସାଇଟ୍ରିସ୍, ଗଲଷ୍ଟୋନ୍, ପେପ୍‌ଟିକ୍ ଅଲଶର ଆଦି ସବୁ ଗରିଷ୍ଠ ପେଟ ରୋଗ ଏକାବେଳକେ ଆକ୍ରମଣ କଲେ ନା କଣ ? ବାପାଲୋ ! ମରିଗଲି ! ମାଆ ଲୋ ! ମରିଗଲି !

ସ୍ୱର୍ଗ ମର୍ତ୍ତ୍ୟ ପାତାଳ ଆଉ କେଉଁଠି ଠାବ ନାହିଁ । ଏଥର ଯିବୁ କୁଆଡ଼େ ? ଆଗ ଦିନ ଫିଲିମ୍‌ରେ ମା' ମଙ୍ଗଳାଙ୍କ ଆସ୍ଥାନରେ ଗୋଟାଏ ଅସ୍ଥିକଙ୍କାଳସାର ଲୋକଟାକୁ କାଳିସି ଲାଗିଥିବାର ଦେଖିଥିଲି । ଝୁଣା ଧୂଆଁ, ଝାଞ୍ଜ ଢୋଲ ଶଙ୍ଖ ମହୁରୀ ଓ କିଳିକିଳା ନାଦ ଭିତରେ ସେ ଚିତ୍କାର କରୁଥାଏ "ମୋତେ ମେଣ୍ଢା ଦେ, ମୋତେ କୁକୁଡ଼ା ଦେ, ମୁଁ ମେଣ୍ଢା ଖାଇବି, ମୁଁ କୁକୁଡ଼ା ଖାଇବି ।" କି ଆଖି ! କି ଚୂଳ ! କି ଉଦ୍ଦାମ ନୃତ୍ୟ ! ରେଳଡ଼ବା ଭିତରେ ସିଗାରେଟ୍ କୋଇଲା ଧୂଆଁ, ପୋଲ ପାର ହେଉଥିବା ଇଞ୍ଜିନ୍ ଓ ରେଳଡ଼ବାର କାନଫଟା ଘର୍ଘର ଶବ୍ଦ ସାଙ୍ଗକୁ ତୁହାକୁ ତୁହା ହୁଇସିଲ୍ ଭିତରେ ମୋତେ ଯୋଡ଼ାଏ କାଳିସି ଦିଶିଲେ । ଗୋଟାଏ ଶିଶୁ କାଳିସି ଅନ୍ୟଟି ନାରୀ କାଳିସି । ଉଭୟଙ୍କ ଅସ୍ଥିକଙ୍କାଳମୟ ପ୍ରେତାତ୍ମା ଚିତ୍କାର କରୁଥାନ୍ତି "ଆମକୁ ଛେନାପୋଡ଼ ଦେ, ବାସୁମତୀ ବିରିଆନୀ ଦେ, ବିସ୍କୁଟ ଦେ, ଅଣ୍ଡା ଦେ, ପରଟା ଦେ, ରସଗୋଲା ଦେ, ଅଙ୍ଗୁର ଦେ ।" ମୁଖ ବ୍ୟାଦାନ କରି ଦାନ୍ତ ଦେଖାଇ ନାଚି ନାଚି ଦୁହେଁ ମୋ ଆଡ଼କୁ ମାଡ଼ି ଆସୁଛନ୍ତି । ମୃତ୍ୟୁ ଯନ୍ତ୍ରଣା ଅନୁଭବ କରୁ କରୁ ଦେଖିଲି ସେ ଦୁହିଁଙ୍କ ପଛେ ପଛେ ସାରା ଟ୍ରେନ୍‌ର, ପ୍ଲାଟଫର୍ମର, ସାରା ଦୁନିଆର ବୁଭୁକ୍ଷୁ, ଆର୍ତ୍ତ, ରୁଗ୍‌ଣ ଶିଶୁ ବାଳକ ଓ ନରନାରୀଙ୍କ ଲମ୍ବା ପଟୁଆର ଆକାଶ ପାତାଳ ବିଦୀର୍ଣ୍ଣ କରି ମୋ ଆଡ଼କୁ ମାଡ଼ି ଆସୁଛନ୍ତି ସେଇ ଭାଇଭଉଣୀ ଦିଟାଙ୍କୁ ଆଗରେ ରଖି, କହୁଛନ୍ତି, "ଆମେ ଛେନାପୋଡ଼ ଖାଇବୁଁ, ଆମେ ଅଙ୍ଗୁର ଖାଇବୁ ।" କ୍ରମେ ମୋତେ ଲାଗିଲା ସେଇମାନେ ନରସିଂହ ରୂପ ସାଜି ହିରଣ୍ୟକଶିପୁକୁ ବିଦୀର୍ଣ୍ଣ କରି ଦେଉଛନ୍ତି, ମୋର ଅନ୍ତବୁଜୁଳାକୁ ବାହାର କରି ବେକରେ ଫୁଲମାଳ

Digitized by srujanika@gmail.com

କରୁଛନ୍ତି ଏବଂ କହୁଛନ୍ତି "ଏ ଅନ୍ତ ଭିତରୁ ବାହାର କର ଏତେଦିନ ଧରି ଯାହା ଯାହା ଖାଇଛୁ । ବାନ୍ତି କର ।"

ବାନ୍ତି କଲି । ଆଗ୍ନେୟଗିରିର ପ୍ରବାହମାନ ତପ୍ତ ସ୍ରୋତ । ବାନ୍ତିକରିବା ଛଡ଼ା ରକ୍ଷାର ଅନ୍ୟ ଉପାୟ ନଥିଲା । କି ବାନ୍ତି ! ଶେଷ ଟୋପା ଶେଷ ଟୁକୁରା ଶେଷ ଛିଟା ପର୍ଯ୍ୟନ୍ତ । ହେ ପ୍ରଭୋ ! ହେ ହରି ! ବାନ୍ତିରେ କି ପ୍ରଶାନ୍ତି । ଯନ୍ତ୍ରଣାର ଉପଶମ ହେଲା ତୁରନ୍ତ । ନିଃଶେଷ ରୂପେ । ଲୁଚାଇ ଚୋରାଇ ଯାହା ଖାଇଥିଲି ତାର କି ବିଷମୟ ପରିଣତି ! ଛେନାପୋଡ଼ ଖଟା, ଅଙ୍ଗୁର ପିତା, ବାସୁମତୀ ଦୁର୍ଗନ୍ଧମୟ ।

ମୁହୂର୍ତ୍ତକେ ଦୈବୀ ମନ୍ତ୍ର, ନିଦାନ ପାଇଗଲି । ବୁଝିଗଲି ଗିଳିବାରେ ଆଶଙ୍କା, ଅସ୍ୱସ୍ତି, ଯନ୍ତ୍ରଣା, ବାନ୍ତି କରିବାରେ ଆଶ୍ୱସ୍ତି, ଉଶ୍ୱାସ ଓ ନୀରୋଗିତା । ଟ୍ରାଜେଡ଼ିର ଆବଶ୍ୟକତା ଓ ମୂଲ୍ୟ ତ ଏଇଥିରେ ।

ମହାନଦୀ ପାରହେଲା ହାଇଦ୍ରାବାଦ ଏକ୍ସପ୍ରେସ୍ । ଧୂଆଁ ପଟଳ ଓ ଘର୍ଘର ଶବ୍ଦ ଅନ୍ତର୍ହିତ ହେଲା । କଟକ ପହଞ୍ଚିଲା ସଂପୂର୍ଣ୍ଣ ସୁସ୍ଥ ଓ ନିରାମୟ ଅବସ୍ଥାରେ । ଭବିଷ୍ୟତକୁ ଯେଉଁ ନୂତନ ଜୀବନଯାପନ ପନ୍ଥା ଅନୁସରଣ କରିବାକୁ ଯାଉଛି ତାର ପ୍ରମାଣ ନିଦର୍ଶନ ସ୍ୱରୂପ ପ୍ଲାଟଫର୍ମରୁ ଗୋଟାଏ ଥଳିରେ କିଲେ ଅଙ୍ଗୁର କିଣି ଓ ପକେଟ୍‌ର ସମସ୍ତ ନୋଟ୍ ସେଇ ଥଳିରେ ପୂରାଇ ଭାଇଭଉଣୀଙ୍କ ବେଞ୍ଚରେ ବାହାର ପଟୁ ହାତ ବଢ଼ାଇ ଥୋଇ ଦେଇ 'ଜୟ ଜଗନ୍ନାଥ' କହିଲି ।

ଫେରି ଚାହିଁଲି, ଭାଇ ଭଉଣୀ ଦିହେଁ ଆଉ ଭୋଖା କୁକୁର ବା କାଳିସି ଡ଼ାହାଣୀ ପରି ଦିଶୁନଥିଲେ, ଦିଶୁଥିଲେ ମଣିଷ ପିଲା ପରି, ମୋରି ପୁଅ ଝିଅ ପରି ।

ଷ୍ଟେସନ୍ ବାହାରକୁ ଯାଇ ଦେଖିଲି ସୂର୍ଯ୍ୟଦେବଙ୍କ ରକ୍ତିମ ଆଭା ଓ ବିଦ୍ୟୁତାଲୋକର ଅପୂର୍ବ ସମନ୍ୱୟରେ କଟକ ସହର ଭୂସ୍ୱର୍ଗ ପରି ଉଦ୍ଭାସିତ ।

# ସାମାନ୍ୟ ଅଶ୍ଳୀଳ

ଛବିର ବିବେକାନନ୍ଦଙ୍କ ପରି ବାହାକୁ ବାହୁ ଛନ୍ଦି ବେପରୁଆ ମେଜାଜରେ ପାଞ୍ଚ ନମ୍ବର ଡ଼ାଉନ୍ ଟ୍ରେନ୍ ସାଇଡ଼ ସିଟ୍‌ରେ ବସି ଷ୍ଟେସନ୍ ପାଖ ପୋଖରୀରେ କେତେଜଣ ଆଦିବାସୀ ମହିଳା ଟପ୍‌ଲେଶ୍ ଅବସ୍ଥାରେ ଗାଧୋଉଥିବା ଦୃଶ୍ୟ ଉପଭୋଗ କରୁଥାଏଁ। ହଠାତ୍ କହୁଣୀରେ କୋମଳ ସ୍ପର୍ଶ ଅନୁଭବ କଲି । ବୁଲିପଡ଼ି ଚାହିଁ ଦେଖିଲି ସେଇ

ଝଙ୍କାର, ୨୯ ବର୍ଷ, ୩ୟ ସଂଖ୍ୟା, ଜୁଲାଇ, ଅଗଷ୍ଟ, ସେପ୍ଟେମ୍ବର, ଶାରଦୀୟ ୧୯୭୭ ।

Digitized by srujanika@gmail.com

ତରୁଣୀଟି । ମୋତେ ପଛକରି ଛିଡ଼ା ହୋଇଛି ଏବଂ ତାର ସେଇ ହାତେ ଲମ୍ବ ଅଗକଟା ଚୂଳ ପିଠିରେ ଭିଣି ହୋଇ ପଡ଼ିଛି । ମୁଁ ପନ୍ଦର ଦିନ ହେଲା ନଜର କଲିଣି ସେ ସେଇ ମଫସଲ ଷ୍ଟେସନ୍‌ରେ ସବୁଦିନ ସେଇ ଗାଡ଼ିରେ ଚଢ଼ୁଛି । ଗାଡ଼ି ପହଞ୍ଚିଲା ବେଳକୁ ଧାଇଁ ଧାଇଁ ଆସେ । ବଡ଼ ବଡ଼ ଫୁଲ ପଡ଼ିଥିବା ଶାଢ଼ୀଟା । ଘୋର ଲାଲି ଶାୟା ଯାହାର ତୀବ୍ର ଆଭା, ଛିଟ ଶାଢ଼ୀ ମଧ ଭେଦକରି ମୋର ଧଳା ପାଇଜାମାକୁ ଈଷତ୍ ଲାଲ କରି ଦେଇଛି ।

ଧକେଇ ସକେଇ ହୋଇ ସେ ମୋ ସାମ୍ନାଟା ସିଟ୍‌ରେ ବସିପଡ଼ିଲା । ଉନ୍ନତ ବକ୍ଷ ଉଠୁଥାଏ ପଡୁଥାଏ । ନାକରେ ଗୁଡ଼ାଏ ଝାଳବିନ୍ଦୁ, ଗାଲଦେଇ ଗାରେ ଗାରେ ଝାଳ ବହି ଯାଉଥାଏ । ମୁଁ କଟମଟ କରି ତା' ଆଡ଼କୁ ଚାହିଁଥାଏ ଏବଂ ପ୍ରତ୍ୟେକ ଅଙ୍ଗ ପ୍ରତ୍ୟଙ୍ଗ କଥା ତଥା ଭାବଭଙ୍ଗୀ ଟିକିନିଖି ଲକ୍ଷ୍ୟ କରୁଥାଏ । ମୋ ଆଖିରେ ବହଳିଆ ଗଗ୍ଲସ ଥିବାରୁ ସେ ଜାଣିପାରୁନଥାଏ ମୋ ଆଖିର କରାମତି । ସେ ବି ଆଜି ଚଷମାଟାଏ ଲଗାଇଛି, ବେଳ ରତରତ ହେଉଥିଲେ ବି ଖରାରେ ପ୍ରକୋପ କମି ନଥାଏ । ଝିଅଟିକୁ ଦେଖିବା ମାତ୍ରେ ମଫସଲି ଲୋକଗୁଡ଼ାକ ନୀରବ ଓ ଆଶ୍ଚର୍ଯ୍ୟାନ୍ୱିତ ହୋଇଗଲେ ।

"ଟିକିଏ ଡ଼େରି ହୋଇଗଲା ଘରୁ ବାହାରିବାକୁ" ଆପେ ଆପେ ନିଜକୁ କହୁଥାଏ ଏବଂ ଛୋଟ ଛୋଟ ରୁମାଲରେ ମୁହଁଟା ପୋଛିପୋଛି ଦେଉଥାଏ । ପୋଛିବା ପରେ ପରେ ଗାଲ ଦୁଇଟା ଲାଲ ପଡ଼ି ଯାଉଥାଏ । ଗୋଲ ମୁହଁ, କପାଳ ଉପରେ ଚାରି ଇଞ୍ଚର ଦୁଇ ଚାରି କେରା ଅଗକଟା ଚୂଳ, ପଛ ଚୂଳରେ ରିଙ୍ଗ୍ ନାହିଁ, ରିବନ ନାହିଁ, ଆଲୁଲାୟିତ । ପାଟିଟା ସରୁ, ରୋହି ପାଟି ପରି ଗୋଲ, ନାକଟା ଚଢ଼େଇ ଥଣ୍ଟ ପରି ଚାହିଁରହିଛି । ବିମ୍ବଓଠ ଆଡ଼କୁ, ଦିହ ଡ଼ଉଲ ଡ଼ାଉଲ, ଗୋଲଗାଲ । ମୁହଁରେ କେତୁଟା ବ୍ରଣର ଫିକା ଦାଗ ।

ଶାନ୍ତିନିକେତନୀ ଝୁଲା ବେଗରୁ ଦନ୍ତୁରିତ ପ୍ଲାଷ୍ଟିକ୍ ପାନିଆଟା ବାହାର କରି କୁନ୍ତଳଗୁଡ଼ାକୁ ଠିକ୍ ବାଗକୁ ଆଣିନେଲି । ଲମ୍ବା ଓସାରିଆ କଲିକୁ ଥାପିଦେଇ ନିଶଅଗକୁ ମୋଡ଼ି ଛିଡ଼ାକରାଇ ଦେଲି । ତରୁଣୀଟି ମୋର ଏ ସବୁ କାର୍ଯ୍ୟକଳାପକୁ ତାରିଫ୍ କରୁଥିବା ଦୃଷ୍ଟିରେ ଚୋରା ଲୁଚା ଚାହାଁଣି ମାରୁଥାଏ ବୋଲି ମୋତେ ଜଣାପଡୁଥାଏ ।

ମୋ ବେଗ୍‌ରେ ଦୁଇଟି ବହି ଥାଏ । ବାହାର ପାଇଁ ନୂତନତମ ଷ୍ଟାର୍ ଏଣ୍ଡ ଷ୍ଟାଇଲ୍, ଘର ପାଇଁ ଆନିବେସାନ୍ତଙ୍କ ଗୀତା । ପ୍ରଥମଟି ବାହାର କରି ରାଖିର ବ୍ଲୋଅପ୍ ଛବିଟା ଜଙ୍ଘ ଉପରେ ରଖି ଦେଖିବାକୁ ଲାଗିଲି ଓ ପରେ ପରେ କେଉଁ ଏକ ଫିଲ୍ମରେ ପରସ୍ପର ଆଲିଙ୍ଗନରତ ରାଜେଶ ଓ ଶର୍ମିଲାର ଛବି ତାକୁ ଦେଖାଇ ଦେଖାଇ ଦେଖୁଥାଏଁ ।

ଦଶମିନିଟ୍ ପରେ ଯିମିତି ପରବର୍ତ୍ତୀ ଷ୍ଟେସନରେ ରେଳ ଲାଗିଲା ସିମିତି ତରୁଣୀଟି ହଠାତ୍ ଉଠିପଡ଼ି ଆମ ଡ଼ବାରୁ ଓହ୍ଲାଇ ଅନ୍ୟ ଏକ ଡ଼ବାକୁ ଚାଲିଗଲା । ମୁଁ ତାକୁ ଯାହା ଭାବୁଥିଲି ସେ ତାହା ନୁହେଁ ବୋଧହୁଏ । ମୋର ବୁଭୁକ୍ଷାର ଇଙ୍ଗିତ ପାଇଲା ମାତ୍ରେ

Digitized by srujanika@gmail.com

ସେ ସ୍ଥାନ ଛାଡ଼ି ଅନ୍ୟତ୍ର ଚାଲିଗଲା । ସେ ତେବେ କ'ଣ ଭଦ୍ର ଘରର ଝିଅ ? ବିବାହିତା ? ନାଁ ତ । ମୋର ବ୍ୟବହାର ଇଙ୍ଗିତ କ'ଣ ଅଶ୍ଳୀଳ ହେଲା ? ସେ ତ ଏକୁଟିଆ ଯା ଆସ କରେ ଯେତେ ଦୂର ମୁଁ ଜାଣେ । କେହି ତ ସାଙ୍ଗରେ ନଥାନ୍ତି ।

କୌତୂହଳ ହେଲା । ଷ୍ଟେସନ୍‌ରେ ଓହ୍ଲାଇ ଓଭରବ୍ରିଜ୍ ଦେଇ ଯାଉଛି, ଦେଖିଲି, ମୋ ଆଗେ ଆଗେ ଧାପ୍ ଧାପ୍ ଚଟି ଲଗାଇ ଜୋରରେ ଚାଲିଛି । ମୁଁ ତା' ସହିତ ତାଳ ଦେଇ ମଧ ତାକୁ ଆଗେଇ ପାରିଲି ନାହିଁ । ସେ ସିଧା ରିକ୍ସା ଉପରକୁ ଦରଦାମ ନକରି ଧପାସ୍ କରି କୁଦି ପଡ଼ିଲା ଏବଂ ହାକିମାତି ଗଳାରେ ରିକ୍ସାବାଲାକୁ କହିଲା 'ଚାଲ' । ରିକ୍ସାବାଲା ଆଜ୍ଞାକାରୀ ଭୃତ୍ୟପରି ତାକୁ ନେଇଗଲା ଆଲୁଅ ଅନ୍ଧାର ଭିତରେ ଜୋର ପେଡ଼ାଲ ମାରି । ତରବର ହୋଇ ସାଇକେଲ୍ ଷ୍ଟାଣ୍ଡକୁ ଚାଲିଗଲି । କାଳେ ପଛେ ପଛେ ସାଇକେଲରେ ଯାଇ ଜାଣିପାରିବି ତା'ର ଗତିବିଧି ଓ ଗନ୍ତବ୍ୟ ସ୍ଥାନ ।

ସାଇକେଲ ଜଗୁଆଳି ଚଉଦବର୍ଷିଆ ଟୋକା କାଳିଆକୁ କଥାବାର୍ତ୍ତାରେ ମୁଁ ଟିକିଏ ଢ଼ିଲା ଛାଡ଼ିଦିଏଁ । ଜରଦା କିମାମ୍‌ଦିଆ ପାନଟାଏ ଚୋବାଉ ଚୋବଉ ମୁରୁକି ହସି କହିଲା, "କି ଆଜ୍ଞା ! ଆପଣଙ୍କ ଆଗେ ଆଗେ ଆଜି ଆସିଲା, ଚିହ୍ନି ପାରିଲେ ? ଶାଳୀ ଆଜି ରଙ୍ଗୀନ ଚଷମା ଲଗେଇଛି କାଳେ କେହି ଚିହ୍ନିପାରିବେ ବୋଲି । କଲିକତାରୁ ଏବେ ଫେରିଛି ସେଇଠୁ ଆଣିଛି ଏ ଚଷମା । ନଥିଲା ଚାରି ପାଞ୍ଚଦିନ ମଝିରେ । ଶାଳୀ ମୋ ଆଖିରେ ବି ଧୂଳି ଦବ ?"

"କଲିକତା ବି ଯାଉଛି ? ତୁ କେମିତି ଜାଣିଲୁ ?"

"ଆମକୁ ସବୁ ଜଣା । ଏଠି ଘାଟ ଜଗିଛି । କିଏ କୁଆଡ଼େ ଯାଉଛି ଆସୁଛି ସବୁ ଜାଣେ । କେଉଁଠାକୁ ସେ ନ ଯାଉଛି ? ଏକା ଜାଗାରେ ତାକୁ କେବେ ପାଇବେନି ।"

"ତେବେ ସେ କେଉଁ କେଉଁ ଜାଗାକୁ ଯାଏ ?"

"ସବୁ ବଡ଼ ହୋଟେଲକୁ । ରେଳବାଇ ରେଷ୍ଟରୁମ୍‌କୁ । ଡ଼କରା ପାଇଲେ ଏକୁଟିଆ ଥିବା ଭଦ୍ରଲୋକ ଘରକୁ ବି ଯାଏ । ଆମ ମାଲିକ ସାଗରବାବୁ ପାଖରେ ତ ସେଦିନ ଥିଲା ।"

"ତା'ର କ'ଣ କେହି ନାହାନ୍ତି ? କେଉଁଠୁ ଆସେ ? ଘରଦ୍ୱାର ତା'ର ଅଛି କି ନାହିଁ ?" ଏସବୁ ପ୍ରଶ୍ନର ଉତ୍ତରରେ ସେ କହିଲା "ତାର ସବୁଠି ଘର । ଯିଏ ପଇସା ଦେଲା ସିଏ ତାର । ହେଲେ ସେ କାହାର ନୁହେଁ ! ତାର ବା କିଏ ଥିବ ? ହେଲେ ଶାଳୀ, ଦିହ ଖଣ୍ଡେ ତ ରଖିଛି ! ଖଣ୍ଡେ ମାଲ୍ ତ !"

ବେଶି ଉତ୍ସାହିତ କଲେ ଏ ଚଉଦବର୍ଷିଆ ଟୋକା କ'ଣ ନା କ'ଣ କହିବ ଏହି ଭୟରେ ସାଇକେଲ ଧରି ରିକ୍ସାକୁ ଅନୁସରଣ କରିବାର ଚେଷ୍ଟାକଲି । ମାତ୍ର ଡ଼େରି ହୋଇଗଲା । ପାଇଲିନାହିଁ । କେଉଁ ମୋଡ଼ରେ ଗଳି ରାସ୍ତା ଧରି ରିକ୍ସାଟା ଅନ୍ତର୍ଦ୍ଧାନ ହୋଇଗଲା । ଭାରି ଚାଲାକ ଝିଅଟା ।

Digitized by srujanika@gmail.com

ବାଟରେ ଯାଉଁ ଯାଉଁ ଭାବିଲି ଏକପତ୍ନୀ ବ୍ରତଠୁଁ ବଡ଼ ବ୍ରତ ଆଉନଥିବ । କଦର୍ଥନାମୟ । ପୁରା କାଳରେ ଲୋକେ ତାକୁ ଅସିଧାର ବ୍ରତ କହୁଥିଲେ । ଧାରୁଆ ଖଣ୍ଡାରେ ଚାଲିବା ପରି କଷ୍ଟସାଧ । ସେ ବ୍ରତରେ କି ଲାଭ ? ରଙ୍ଗୀନ ଦୁନିଆଁ ଚାଲି ଯାଉଥିବ, ଅନ୍ୟମାନେ ଦେଖୁଥିବେ, ଉପଭୋଗ କରୁଥିବେ ତୁମେ ସାଦା ଧୋତି ପିନ୍ଧି ଆଖି ବୁଜି ଗୀତା ଭାଗବତ ପାରାୟଣ କରୁଥିବ ! ବଞ୍ଚି ଲାଭ କ'ଣ ଯଦି ଲାଲ ଟକ ଟକ ମାଛ ମାଂସ ଝୋଳ ବା ଖାଣ୍ଟି ସୋରିଷ ତେଲରେ ଛଣା ରାଗ ରାଗ ବିରିବଡ଼ା ଖାଇ ନପାରିଲ ? ଜ୍ଞାନ ନାହିଁ, ଅଭିଜ୍ଞତା ନାହିଁ, ଲେଖକ ହେବ କିପରି ? ବାଇରନ୍ ବାଲଜାକ୍ କ'ଣ କେବେ କବି ଔପନ୍ୟାସିକ ହୋଇପାରିଥାନ୍ତେ ଏଇ ଏକପତ୍ନୀବ୍ରତ ପାଳନ କରି ? ବରଞ୍ଚ କୁତ୍ସିତ ବ୍ୟାଧିଗ୍ରସ୍ତ ହୋଇ ଦୁନିଆକୁ ବିବିଧ ଅଭିଜ୍ଞତାର ସ୍ୱାଦ ଚଖେଇବା ଭଲ, ତେବେ ହବିଷାନ୍ନ କରି ପୂତ ପବିତ୍ର ଜୀବନଧାରଣ କରିବା ଭଲ ନୁହେଁ । ନିଜକୁ ଧିକ୍କାର କଲି ଏତେ ଦିନ ସେ ଦୁଃସାଧ ବ୍ରତ ପାଳନ କରୁଛୁଁ କାହିଁକି ?

ଘରେ ପହଞ୍ଚିଲା ବେଳକୁ ରାତି ଆଠଟା । ମାନିନୀ ଯିମିତି କବାଟ ଫିଟାଇଛନ୍ତି, ଦେଖିଦେଲି ତାଙ୍କର ଜୀର୍ଣ୍ଣ ଶୀର୍ଣ୍ଣ ମୂର୍ତ୍ତି । ମୂର୍ତ୍ତିମତୀ କାରୁଣ୍ୟ ଅସ୍ଥିଚର୍ମସର୍ବସ୍ୱ । ଦ୍ୱିତୀୟ ସନ୍ତାନ ପରଠୁଁ ତାଙ୍କୁ ଚାହିଁଲେ କାନ୍ଦ ଲାଗେ । ମୋର ଓଜନ ବାସ୍ତରୀ କେଜି ସ୍ଥଳେ ତାଙ୍କର ଛତିଶ ହେବ କି ନା ସନ୍ଦେହ । ମଧୁଶଯ୍ୟା ରାତିରେ ସେ ହୁଏତ ଫୁଲକୁମାରୀ (ଚଉଦ ବର୍ଷିଆ ଟୋକା କହିବା ମୁତାବକ ସେ ଝିଅର ନାମ) ପରି ଦିଶୁଥିଲେ । ମୁଁ ତାଙ୍କୁ ଅଧା ଖାଇ ଦେଇଛି । ବାକୀତକ ଦୁଇପୁଅ ଶୋଷି ଶେଷକରି ଦେଲେଣି । ସବୁଦିନ କିଛି ନା କିଛି ଦିହ ମୁଣ୍ଡର ଗଣ୍ଡଗୋଳ । ସ୍ୱାମୀ ସ୍ତ୍ରୀ ରୂପରେ ଆମର ଭେଟ ଘାଟ ରାତିରେ ପ୍ରାୟ ହୁଏନା । କିନ୍ତୁ ଏକତ୍ର ସ୍ୱୀକାର କରିବି, ରାଣ ନିୟମ ପକାଇ କହିବି, ମାନିନୀ ମୋତେ ପ୍ରାଣଦେଇ ଭଲ ପାଆନ୍ତି ଏବଂ ମୋର କେବେ କିଛି ଅସୁବିଧା ଉପୁଜିବାକୁ ଦିଅନ୍ତି ନାହିଁ । ତାଙ୍କର ସବୁ ଭଲ, କିନ୍ତୁ ସେକ୍ସ ତାଙ୍କୁ ଘୃଣା ଲାଗେ ।

ପିଲା ଦିହେଁ ଶୋଇପଡ଼ି ଥାଆନ୍ତି । ଦରମା ପଇସାରୁ ୫୬୭ ଟଙ୍କା ମାନିନୀକୁ ଦେଇ ଶହେଟଙ୍କା ରଖିନେଲି କହିଲି, "ଶହେ ଟଙ୍କା ଜଣେ ଅନ୍ତରଙ୍ଗ ବନ୍ଧୁ ଧାର ନେଇଛନ୍ତି, ତାଙ୍କର ଦରମା ମିଳିନାହିଁ ।" ତାଙ୍କୁ ଦେଖି ତାଙ୍କ ପୂର୍ବରୂପ ମନେପକାଇ ଫୁଲକୁମାରୀ ସହିତ ତୁଳନା କରୁଥାଏଁ ।

ଦଣ୍ଡେଯାଏ ମୋର ଅନ୍ୟମନସ୍କତା ଲକ୍ଷ୍ୟକରି ମାନିନୀ ପଚାରିଲେ, "କ'ଣ ଗୋଟାଏ କଥା ଜୋର ଭାବୁଛ ନିଶ୍ଚୟ; ମୁଁ ତୁମ ମୁହଁ ଦେଖି ଜାଣିପାରୁନାହିଁ ।"

"ପିଲାମାନେ ଶୋଇଲେଣି ? ଜାଣି ନ ଜାଣିଲା ପରି ପଚାରିଦେଇ କହିଲି, "ଆଜି ରାତି ନଅଟାରେ ବାହାରେ ମୋର ଗୋଟାଏ କାମ ଅଛି । ହୁଏତ ରାତିରେ ଫେରିବି ନାହିଁ ।"

Digitized by srujanika@gmail.com

"କଣ କାମ ? ରାତିଯାକ କ'ଣ କାମ ଚାଲିବ ?"

"ସାହିତ୍ୟ କାମ ।" ମନେ ମନେ ଭାବିଲି ଇଏ ବି ଏକପ୍ରକାର ସାହିତ୍ୟ କାମ ନୁହେଁ ତ କ'ଣ ? ସାହିତ୍ୟ ତ ରୋମାନ୍ସରୁ ଉଦ୍ଭବ । ଗୋଟାଏ ଗପର ମସଲା ହୁଏତ ମିଳିଯିବ ।

ମାନିନୀର ଚାରିଦିନ ହେଲା ଦିହ ଭଲ ନାହିଁ । ଆଜି ସେ ରୋଷେଇ କରିବେ ନ କରିବେ ଭାବୁଛନ୍ତି । ତାଙ୍କୁ ରିଲିଫ୍ ଦେବା ପାଇଁ ଏବଂ ଘରେ ନ ଖାଇ ହୋଟେଲ ଖାଦ୍ୟ ଚାଖିବା ପାଇଁ ସ୍ଥିର କଲି ।

ଧୋତି ପଞ୍ଜାବୀ ପିନ୍ଧି ଶାନ୍ତିନିକେତନୀ ସାହିତ୍ୟ ବେଗ୍ ଧରିଲି । ଚୂଳ ଓ କଲିକୁ ପୁଣି ବାଗେଇଲି ଏବଂ ଇଣ୍ଟିମେଟ୍ ଅତର ଟିକିଏ ରୁମାଲରେ ଢ଼ାଳି ଦେଲି ।

ମାନିନୀ ପଚାରିଲେ, "ସାହିତ୍ୟିକ ନା ରସିକ ସାଜୁଛ ?"

ମୁଁ କହିଲି, "କଳାକାର, କବି ବା କଥାକାର ସମସ୍ତେ ଊଣା ଅଧିକେ ରସିକ, ରସଜ୍ଞ । ରସ ନେଇ ତାଙ୍କର କାରବାର । ତୁମେ ଏତେ ଦିନ ଦେଖିଲଣି ଜାଣିପାରୁନ ମୋର ବ୍ୟବହାର ! ମୋତେ ଗଳ୍ପ ଗୋଟାକର ମସଲା ଆଜି ରାତି ଭିତରେ ସଂଗ୍ରହ କରିବାକୁ ପଡ଼ିବ । ମୋତେ ଅବିଶ୍ୱାସ କରୁଛ ?"

ମୁଁ ଏ କଥାଗୁଡ଼ାକ କିମିତି ତାଙ୍କୁ ସେ ମୁହୂର୍ତ୍ତରେ କହି ପାରୁଥିଲି ଏବେ ବି ତାହା ଭାବୁଛି । ମୁଁ ବୋଧହୁଏ ଫୁଲକୁମାରୀର ମତାଣିଆ ଚେହେରାରେ ଭୁଲି ଯାଇଥିଲି ନିଜକୁ, ନିଜର ସ୍ଥାନକୁ, ତାକୁ ଭେଟିବାର ବା ଉପଭୋଗ କରିବାର ଆଦୌ ସମ୍ଭାବନା ନ ଥିଲେ ବି ।

ରିକ୍ସାଟାଏ ଧରି ସିଧା ଅପ୍‌ସରା ହୋଟେଲକୁ ଚାଲିଲି । ଶୁଣିଥିଲି, ପୋଲିସ୍ ସହର ଚଢ଼ାଉ କରି ବେଶ୍ୟାପଡ଼ା ସବୁ ଭାଙ୍ଗିଦେଇଛି । ଫଳରେ ପ୍ରତି ଘର ବେଶ୍ୟାଳୟ ହୋଇଛି । ହେଲେ ଏଠି ସେଠି ପଶି ମାଡ଼ ଖାଇବାଠୁଁ ନାମଜାଦା ହୋଟେଲକୁ ଚାଲିଯିବା ଭଲ । ନିରାପତ୍ତା ଅଛି, ସ୍ୱାଧୀନତା ବି ଅଛି । ସ୍କୁଲ କଲେଜ ହଷ୍ଟେଲ ଝିଅମାନେ ବି ସେଠାକୁ କୁଆଡ଼େ ଆସନ୍ତି । ଶାଢ଼ୀ ଖଣ୍ଡିଏ ହେଲେ ହେଲା । ତା'ଛଡ଼ା ଆଜି ଯଦି ବ୍ୟବସ୍ଥା ନ ହେଲା ତେବେ କେଣ୍ଟିନ୍‌ରେ ଖାଇ ଫେରିବି, କାଲିକୁ ଦେଖିବା । ମୋର ରାତିକର ଅଭିଜ୍ଞତା ଦରକାର । କାଳିଦାସ ତ ପୁଣି କେଉଁଠି କେଉଁ ରୂପରେ ଯାଇ ଅଭିଜ୍ଞତା ହାସଲ କରିଥିଲେ ! ନହେଲେ ସେ ଯଶସ୍ୱୀ ପୃଥିବୀ ବିଖ୍ୟାତ କବି ହୋଇ ପାରିଥାନ୍ତେ ?

ହୋଟେଲବାଲା ମୋ ଚେହେରା ଦେଖି ସବୁ ଜାଣିପାରିଲା ଏବଂ ମୋ ପାଇଁ ନିଛାଟିଆ କୋଣ କୋଠରୀଟିଏ ବ୍ୟବସ୍ଥା କରିଦେଇ ଅନ୍ୟ ଅର୍ଡ଼ର ପାଇଁ ଅପେକ୍ଷା କଲା । ମୁଁ ତାକୁ କିଛି ଟଙ୍କା ଖାଇବା ପିଇବା ଓ ଅନ୍ୟାନ୍ୟ ବ୍ୟବସ୍ଥା ପାଇଁ ଦେଇ କୋଠରୀରେ ଆରାମ କରୁଥାଏ । ଜାମାପଟା ଫିଟାଇ କେବଳ ଲୁଙ୍ଗି ଓ ଷେଣ୍ଡୋ ଗେଞ୍ଜି ପିନ୍ଧି ବେଡ୍ ଲେମ୍ପରେ 'ଷ୍ଟାର ଏଣ୍ଡ ଷ୍ଟାଇଲ୍'ର ପୃଷ୍ଠାଗୁଡ଼ାକ ଓଲଟାଉ ଥାଏଁ । ଏଇ ସମୟରେ ଟିକିଏ ମଦ ପିଇଥିଲେ ଭଲ ହୋଇଥାନ୍ତା, କିନ୍ତୁ ଅଭ୍ୟାସ ନ ଥିବାରୁ ଭୁଲିଗଲି ।

Digitized by srujanika@gmail.com

ଖାନା ଖାଇସାରି ଶେଯରେ ଏପଟ ସେପଟ ହେଉଥାଏଁ । ଠକ୍ ଠକ୍ ଠକ୍ । ରାତି ପ୍ରାୟ ଏଗାରଟା । କବାଟ ଯେମିତି ଫିଟାଇଛି ସିମିତି ମଲ୍ଲିଫୁଲର ମହକ ସହିତ ପଶିଆସିଲା ଅଭିସାରିକା । ତିଳେମାତ୍ର ଲଜ୍ଜିତ ବା ଶଙ୍କିତ ନହୋଇ କବାଟ ବନ୍ଦକରି ବୋଲ୍ଟ ଲଗାଇ ଦେଲା ଏବଂ ନିଶ୍ଚିତ ହେଲା ଯେ କବାଟ ଠିକ୍ ପୂରା ବନ୍ଦ ହୋଇଛି ।

କି ଆଶ୍ଚର୍ଯ୍ୟ! ଏଇ ସେଇ ତରୁଣୀ ଯାହାକୁ ଟ୍ରେନ୍‌ରେ ଦେଖିଥିଲି ଏବଂ ଯାହାକୁ ଅତ୍ୟନ୍ତ କାମ୍ୟ ଓ କାମୋଦ୍ଦୀପିକା ବୋଲି ଭାବିଥିଲି । ଝୁରା ଝୁରା ହାତେ ଲମ୍ବ ଚୂଳ ରିଙ୍ଗ୍ ଜୁଡ଼ାରେ ପରିଣତ ହୋଇଛି । ପ୍ରଚୁର ସଦ୍ୟପ୍ରସ୍ଫୁଟିତ ମଲ୍ଲିଫୁଲର ହାର ଦୁଇ ତିନିଥର ଜୁଡ଼ା ଚାରିପଟେ ବୁଲି ଜୁଡ଼ାକୁ ଖୁବ୍ ବଡ଼ କରିଦେଇଛି । ବକ୍ଷଦେଶ ଭୀଷଣ ଉନ୍ନତ ଓ ଉର୍ଦ୍ଧ୍ୱଚୂଳ ।

ମୋର ଏ ପରିବେଶ ଓ ଅଭିଜ୍ଞତା ସମ୍ପୂର୍ଣ୍ଣ ନୂତନ । ଦିହମୁଣ୍ଡ ପଙ୍ଖା ସତ୍ତ୍ୱେ ଝାଳରେ ବୁଡ଼ି ଯାଇଥାଏ । ମୋର ଭାବଭଙ୍ଗୀରୁ ସେ ବୋଧହୁଏ ମୋର ଦୟନୀୟ ଅବସ୍ଥା ବୁଝିପାରିଲା । ମୋର ଖାଲି ଏତିକି ଭରସା କରିହେବ, ଯାହା ଟ୍ରେନ୍‌ରେ ସମ୍ଭବ ହୋଇନଥିଲା । ମୁଁ ଖଟର ବାଡ଼କୁ ଆଉଜି ତକିଆ କୋଳରେ ରଖି ବସି ଦଣ୍ଡେଯାଏଁ ତାର ଗତିବିଧି ନିରୀକ୍ଷଣ କରୁଥାଏଁ ।

ମୋ ଆଡ଼କୁ ଆଉଥରେ ଚାହିଁଦେଇ ସେ ବଡ଼ ଆଲୁଅଟା ଲିଭାଇ ଦେଲା ଓ ବେଡ୍ ଲ୍ୟାମ୍ପଟାକୁ ଜାଳିଦେଲା । ମୋର କହିବାକୁ ଅପେକ୍ଷା ନକରି ସେ ବଡ଼ ବଡ଼ ଫୁଲ ପଡ଼ିଥିବା ପିନ୍ଧା ଶାଢ଼ୀଟାକୁ ଖସାଇ ମଶାରୀ ବାଡ଼ରେ ଝୁଲାଇ ଦେଲା ଏବଂ ଖାଲି ସେଇ ଘୋର ଲାଲ ସାୟା ଓ ନୀଳ ଛିଟ ବ୍ଲାଉସ୍ ପିନ୍ଧି ଇତସ୍ତତଃ ହେଲା ଏବଂ ସୁରେଇରୁ ଗିଲାସେ ପାଣି ଢ଼କ୍ ଢ଼କ୍ କରି ପିଇଗଲା । 'ବସ' କହିଛି କି ନାହିଁ ସେ ଆସି ବସିଗଲା ମୋ ପାଖରେ । ଯିମିତି ପରୀକ୍ଷା ହଲ୍ ଭିତରକୁ ଯିବା ପୂର୍ବେ ଅସମର୍ଥ, ଅଯୋଗ୍ୟ ପିଲାମାନଙ୍କୁ ପ୍ରେରଣା ଆଶ୍ୱାସ ଦେବା ଆବଶ୍ୟକ ବୋଲି ଅଭିଭାବକ ଗୁରୁଜନମାନେ ଭାବନ୍ତି, ବୋଧହୁଏ ସେଇ ରୀତିରେ ମୋତେ ଉତ୍ସାହ ଦେବାକୁ ଆଗେଇ ଆସୁଥିଲା ସିଏ, କାରଣ ସେ ବେଶ୍ ବୁଝିପାରିଥିଲା ଯେ ଏ ଗରାଖଟି ଟିକିଏ ଭିନ୍ନ କିସମର ।

ବର୍ତ୍ତମାନ ମୁହୂର୍ତ୍ତ ପାଇଁ ମୁଁ ମଦ ବା ଗଞ୍ଜା ବା ଭାଙ୍ଗ କଥା ଭାବୁଥିଲି ଯାହା ହୁଏତ ମୋ ଦିହର ଉତ୍ତାପ ବଢ଼ାଇ ଦେଇଥାନ୍ତା, ମୋ ଜ୍ଞାନ ବୁଡ଼ାଇ ଦେଇଥାନ୍ତା ବା ପଶୁ କରିଦେଇ ଥାଆନ୍ତା । ପୁରୁଷର କରାମତି ଶୁଙ୍ଘି ଶୁଙ୍ଘି ସ୍ତ୍ରୀ ଲୋକମାନେ ଜାଣିପାରନ୍ତି । ଉଷୁମ ହେବା ପରିବର୍ତ୍ତେ କଣ ହେଲା କେଜାଣି, ମୁଁ କ୍ରମେ କ୍ରମେ ଥଣ୍ଡା, ଶିଥିଳ ହେବାକୁ ଯାଉଥାଏଁ । ତକିଆକଡ଼ରୁ ଷ୍ଟାର୍ ଏଣ୍ଡ ଷ୍ଟାଇଲ୍‌ଟାକୁ ଫଡ଼ଫାଡ଼ କରି ଫୋପାଡ଼ି ଦେଲି, ଚଟାଣରେ ପଡ଼ିଲା ।

ଏଥର ସାହାସ ବାନ୍ଧି କଥାବାର୍ତ୍ତା ଆରମ୍ଭ କଲି । ନାମ ଜାଣିଥିଲି ଚଉଦବର୍ଷିଆ ଟୋକା ପାଖରୁ । ତଥାପି ପଚାରିଲି 'ନାମ' ? ସେ ନାମ ନ ଲୁଚାଇ 'ଫୁଲକୁମାରୀ'

Digitized by srujanika@gmail.com

ବୋଲି କହିଲା ଏବଂ ମାମୁଲି ହସ ଟିକିଏ ଅଧରରେ ଫୁଟାଇଲା । 'ଘର ?' ପ୍ରଶ୍ନର ଉତ୍ତରରେ କହିଲା, "ଯେଉଁଠି ଦେଖୁଛନ୍ତି ।" ଉତ୍ତରଟି ସାମାନ୍ୟ ଅସାଧାରଣ ବୋଧହେଲା ମୋତେ ।

ଆଉ ପାହୁଣ୍ଡେ ଆଗେଇବା ପାଇଁ ତା ଟିକି ହାତଟିକି ମୋ ପାପୁଲି ଭିତରେ ରଖିଲି । "ଆପଣଙ୍କୁ ଡ଼ର ମାଡୁଛି ?" ପାଠ ପଢ଼ାଇବା ଉଦ୍ଦେଶ୍ୟରେ ପଚାରିଲା । 'ନାହିଁ' ବୋଲି ଶୁଷ୍କ କରୁଣ ଗଳାରେ କହିଲି । ଯୋଡ଼ିଲି "ପଙ୍ଖାଟି ଟିକିଏ ଜୋର୍ କରିଦେବ, ବହୁତ ଝାଳ ବହୁଛି କାହିଁକି କେଜାଣି ।" ସେ ତା କଲା ଓ ପୁଣି ପୂର୍ବ ସ୍ଥାନ ପୂର୍ବାବସ୍ଥାକୁ ଆସିଗଲା ।

ମୁଁ ଦେଖିଲି, ଅନ୍ୟାନ୍ୟ ବିଷୟ ପଚାରି ପଚାରି କିଛି ସମୟ କଟାଇଲେ ପ୍ରକୃତିସ୍ଥ ହେବି ଏବଂ ଘଣ୍ଟାଏ ଅଧେ ପରେ ଶିରାପ୍ରଶିରାକୁ ହୁଏତ ତେଜ ଆସିପାରେ । ତେଣୁ କହିଲି, "ଦେଖ, ମୁଁ ସାଧାରଣ ଗରାଖ ନୁହେଁ, ମୁଁ ଆଗ ତୁମ ସମ୍ପର୍କରେ କେତେ କଥା ଜାଣିବାକୁ ଚାହେଁ ତାପରେ ଅନ୍ୟ କଥା । ତୁମକୁ ଦେଖିବା ଦିନଠୁଁ ମନେ ମନେ ମୋର ଆଗ୍ରହ କୌତୁହଳ ଜନ୍ମିଛି ତୁମ ଜୀବନ ସମ୍ପର୍କରେ । ଦୈବାତ୍ ଏଠି ଆଜି ଦେଖା ହୋଇଗଲା । ମୁଁ କିଛି କିଛି ତୁମ ବିଷୟରେ ଯାଠୁ ତାଠୁ ପଚାରି ଜାଣିଛି । ତୁମେ କଲିକତାରେ ଥିଲ, ଏଠାକୁ ଆସି ଗାଁରେ ରହିଛ । ପ୍ରତିଦିନ ନ ହେଲେ ବି କେଉଁଦିନ କେମିତି ବରାଦ୍ ଥିଲେ ମୁନ୍‌ବିମ୍, ସାନ୍‌ଲାଇଟ୍, କୁଇନ୍, ପାରାଡ଼ାଇମ୍ ହୋଟେଲ୍‌କୁ ତୁମେ ଆସ । ତୁମେ କୁଆଡ଼େ ପାଠଶାଠ ପଢ଼ିଛ । ତୁମର ଜୀବନ ବଡ଼ ବିଚିତ୍ର, ଚିତ୍ତାକର୍ଷକ, ତୁମେ ପ୍ରକୃତରେ ବଡ଼ ଲଭ୍‌ଲି ।" କହି ତା ଓଠ ଧରି ହଲାଇ ଦେଲି ।

"ଆଉ କୁହନ୍ତୁନି, ବେଶୀ ହୋଇଯାଉଛି । "ଗୀତ ଶୁଣିବେ" କହି ଗୁଣୁଗୁଣୁ ହୋଇ 'ଗପ ହେଲେ ବି କଥାଟି ସତ' ଧାଡ଼ିଟି ଗାଇଗଲା କହିଲା, "ଦେଖନ୍ତୁ, ମୋର ଆପଣଙ୍କ ସହିତ ଗୋଟିଏ ସର୍ତ୍ତ । ଆପଣ ମୋତେ ପଇସା ଦେଇ କିଣିଛନ୍ତି । ଆପଣ ଯା ଇଚ୍ଛା ତା କରିପାରନ୍ତି, ଆପଣଙ୍କ କିଣା ଜିନିଷରେ । ତେବେ ମୁଁ ରାତି ସାଢ଼େ ତିନିଟା ବାଜିଲେ ଆଉ ମୁହୂର୍ତ୍ତେ ରହିବି ନାହିଁ । ମୋତେ ଜନତା ଗାଡ଼ିରେ ଫେରିବାକୁ ପଡ଼ିବ ଗାଁକୁ, ଜରୁରୀ କାମ ଅଛି ।"

"ମୁଁ ବି ତ ଫେରିବି ଚାରିଟା ଗାଡ଼ିରେ । ଆଚ୍ଛା, ଆଗ କୁହ ତ ଆଜି ଗାଡ଼ିରେ ମୋ କହୁଣୀରେ ତୁମ ଦିହକୁ ଚାପିଦେଲ କାହିଁକି ? ମୋତେ ଉଷୁମ୍ କଲ କାହିଁକି ?"

"ତରବରରେ ଅଜାଣତରେ ବାଜି ଯାଇଥିବ, ମୁଁ ଇଚ୍ଛାକରି ଆପଣଙ୍କ ଦିହରେ ମୋ ଦିହ ଘଷି ନାହିଁ ।"

"ଆଚ୍ଛା, ମୋ ଆଗରେ ବସିଲ କାହିଁକି ?"

"ସିଟ୍ ଖାଲି ଥିଲା ।"

Digitized by srujanika@gmail.com

"ସେ ବି ତେବେ ଆକସ୍ମିକ । କୁହ ତ, ମୁଁ ଯେତେବେଳେ ତୁମର ମୁହଁ, ନାକ, ପାଟି, ଚୂଳ ଦେଖିସାରି ଦିହର ଅନ୍ୟାନ୍ୟ ଅଙ୍ଗ ପ୍ରତ୍ୟଙ୍ଗକୁ ଭୋଖା ଆଖିରେ ଦେଖୁଥିଲି, ତୁମେ ମୋ ବିଷୟରେ କଣ ଭାବୁଥିଲ ?"

"ମୁଁ ଆପଣଙ୍କ ବିଷୟରେ ମୋଟେ ଭାବୁନଥିଲି, ଆପଣଙ୍କୁ ଗରାଖ କରିବାକୁ ଚାହୁଁନଥିଲି । ମୋ ମୁଣ୍ଡ ସେତେବେଳେ ଚିନ୍ତାରେ ଫାଟି ପଡୁଥିଲା ।"

"ତୁମେ କଣ ଭାବୁଥାଅ ଏଠାକୁ ଆସିଲାବେଳେ ? ନିଶ୍ଚୟ ଭାବୁଥିବ ଆଜି ମାତାଲ୍, ଶିଖ, ଗୁର୍ଖା, କଲେଜ ପିଲା, ରିକ୍ସାବାଲା ବା କାହା ହାବୁଡ଼ରେ ପଡ଼ିବ ଆଉ କେତେ ଟଙ୍କା ମିଳିବ ?"

"ଆପଣଙ୍କ ଅନୁମାନ ପୂରା ଠିକ୍ ନୁହେଁ । ଟଙ୍କା କଥା ଭାବେ, କାରଣ ଟଙ୍କା ମୋର ଦରକାର । ଅନ୍ୟ କଥା ଭାବେନି । ସେ ନିତ୍ୟ-ନୈମିତ୍ତିକ ଘଟଣା । ଦିହର ଭୋଖ ଅଛି ବୋଲି ମୋର ବିଶ୍ୱାସ ନାହିଁ । ଭୋଖ ନଥିଲେ କଣ ଆପଣ ପେଟ କଥା ଭାବନ୍ତି ?"

"କଣ ଭାବ ତେବେ ?"

"ଭାବେ ମୋ କପାଳ କଥା, ଘର କଥା, ଟୁଙ୍ଗୀଘର କଥା ଆଉ ମୋର ଦୁଇଭାଇଙ୍କ କଥା, ଆଉ ସେଇ ଅଲପାଇସିଆ ଗାଁବାଲାଙ୍କ କଥା । ମୋ ନିଜ ପାଇଁ ଚିନ୍ତା ନାହିଁ, ଘର ପାଇଁ ଚିନ୍ତା ନାହିଁ, କୁକୁଡ଼ା ରାତି ଯେଉଁଠି କଟାଏ ସେଇଟା ତାର ଘର । ଅନ୍ୟ ଘର କଥା ଭୁଲିଯାଏ ସକାଳେ ।"

"ତୁମେ ଏ ବେପାର କେବେଠୁଁ ଧରିଲ ? କାହିଁକି ଧରିଲ ?"

"ସେ ଅନେକ କଥା । ଶୁଣି ଆପଣଙ୍କର କିଛି ଲାଭ ହବନି । ମୋର ଅନ୍ୟ ଉପାୟ ନଥିଲା । ଇଲେଭେନ୍ କ୍ଲାସରେ ପଢୁଥିଲି, ବାପା ମାଆ ମାସେ ମାସେ ଅନ୍ତରରେ ମରିଗଲେ । ମୂଲିଆ ମଜୁରୀ ଲାଗି ସେମାନେ ମୋତେ ପଢ଼ାଉଥିଲେ । ଯେଉଁ କଷ୍ଟରେ ମୁଁ ନିଜକୁ ଆଉ ସାନଭାଇ ଦିହିଁଙ୍କ ବଞ୍ଚାଇଛି, ସମ୍ଭାଳିଛି, ତାହା ଭଗବାନ ଜାଣନ୍ତି । ମୋର ଦୁର୍ଭାଗ୍ୟକୁ କଲିକତୀ ଭାଇଟିଏ ଆମ ଗାଁକୁ ଆସିଥିଲା । ଟାଇପିଷ୍ଟ କରିଦବ କହି ମୋତେ କଲିକତା ନେଇଗଲା । ସେଇଠି ଯାହା ହେଲା ସେ କଥା ନ କହିବା ଭଲ । ସେଇଠୁ ପଳାଇ ଆସିଲି ସିନା, କିନ୍ତୁ ଏଠି ମରିବା ପାଇଁ ।"

ତା'ର ହାତ ଆହୁରି ଥଣ୍ଡା ଲାଗିଲା । ମୋ ଦିହକୁ ଉଷୁମ ଆଉ ଫେରିବ ନାହିଁ ବୋଲି ଲଜ୍ଜା ଓ ଭୟ ହେଲା । ଝିଅଟା ବଡ଼ ମର୍ମନ୍ତୁଦ କଥା କହୁଛି । ଦୟା କ୍ରମେ ଆସିଲା । ଆଉକିଛି ପଚାରିବ ନାହିଁ ବୋଲି ସ୍ଥିର କଲି ।

ସେ କିନ୍ତୁ କହି ଚାଲିଲା । "ଗାଁବାଲା ମୋର ଘୋର ଶତ୍ରୁ । ଭାଇ ଦିହିଁଙ୍କ ପଢ଼ାଉଛି, ତାଙ୍କ ଦିହକୁ ସହୁନି । ମୋ ନାଁରେ ସତ ମିଛ ନାନା କଥା କହି ଟାହୁଲିଟାପରା କରି ବାସନ୍ଦ ଏକଘରିଆ ଆଡ଼କୁ ଆସିଲେଣି । ଭାଇ ଦିହିଁଙ୍କି ଟାଏଫଏଡ୍ । ଡ଼ାକ୍ତର ଯେତିକି ଔଷଧ ଓ ପଥ୍ୟ ବରାଦ କରିଛି, ଶହେ ହେବ । ତାଙ୍କ ନିଜ ଘର ସ୍ତ୍ରୀ ଝିଅମାନେ ତାଙ୍କରି

Digitized by srujanika@gmail.com

ନାକ ଆଗରେ କ'ଣ କାଣ୍ଡକାରଖାନା କରୁଛନ୍ତି ସେ ସବୁ ଗାଁବାଲାଙ୍କୁ ଦିଶୁନି । ବାବୁ, ଆପଣଙ୍କୁ ଆଉକିଛି କହିବି ନାହିଁ । ଆପଣ ଆପଣଙ୍କ କାମ କରନ୍ତୁ । ରାତି ବାରଟା ବାଜିଲାଣି । ମୋ ବିଷୟରେ ଖାଲି ଏତିକି ମନେ ରଖନ୍ତୁ, "ଚିତ୍ରପ୍ରତିମା ପ୍ରାୟେ ଦିଶେ ସୁନ୍ଦର, ଚିରି ଭିତର ଦେଖ କି ନାରଖାର ।"

ତା' ହାତର ଥଣ୍ଡା କ୍ରମେ ମୋ ହାତ ଭିତର ଦେଇ ଶିରାପ୍ରଶିରାକୁ ଖେଳିଗଲା । ମୁଁ ଯେତେ ମାଂସ, ପଲାଉ, ଅଣ୍ଡା, ମଦ, ଗଞ୍ଜା ଆଦି ଉଷୁମ ଦେବା ଚିଜ କଥା ଭାବିଲି, ସାମାନ୍ୟତମ ଉତ୍ତାପ ମଧ୍ୟ ରକ୍ତକୁ ଆଣି ପାରିଲିନାହିଁ । ବରଫ ବରଫ ସଂଘର୍ଷରେ ନିଆଁ ଉଷୁମ ଆସିପାରେ, ମାତ୍ର ଥଣ୍ଡା ପୁରୁଷ ଥଣ୍ଡା ସ୍ତ୍ରୀ ସହିତ ମିଶିଲେ ଆହୁରି ଥଣ୍ଡା ହୋଇ ମୁର୍ଦ୍ଦାର ପାଲଟିଯିବେ ।

ମୁଁ ଉଠି ଛିଡ଼ାହେଲି । ସେ ବି କିଛି ନବୁଝି ଯନ୍ତ୍ରଚାଳିତ ପରି ଛିଡ଼ାହେଲା । ମୁଁ ତାକୁ ଧୀରେ କୁଣ୍ଢାଇ ଧରି ଦଣ୍ଡେ ଛିଡ଼ାହେଲି ଏବଂ ତାର ସେଇ ଛୋଟ ଘର୍ମାକ୍ତ ଓଠରେ ଚୁମାଟିଏ ଦେଇ କହିଲି, "ତୁମେ ଜନତା ଟ୍ରେନ୍ ଧରିବ ପରା ? ଯାଅ, ମୁଁ ତୁମର ଶହେଟି ଟଙ୍କା ହୋଟେଲବାଲାକୁ ଦେଇଦେଇଛି । ମୋ ସ୍ତ୍ରୀଙ୍କୁ ସେ ଟଙ୍କା ନ ଦେଇ ତୁମପାଇଁ ଆଣିଥିଲି ଭାବିନିଅ । ତୁମ ଭାଇଦିହିଁଙ୍କି ଆଗ ଭଲ କର ।" ସେ କିଛି ବୁଝିଲା ନ ବୁଝିଲା ପରି ହୋଇ ମୋତେ ନମସ୍କାର କରି ଚାଲିଗଲା । କବାଟ ବନ୍ଦ କରିଦେଲା ।

ବାଥ୍‌ରୁମ୍‌କୁ ଯାଇ ଷ୍ଟାର ଏଣ୍ଡ ଷ୍ଟାଇଲ୍ କାଗଜଟାକୁ ଜାଳିପୋଡ଼ି ପାଉଁଶ କରିଦେଲି ଏବଂ ପାଣି ଢ଼ାଳି ପାଉଁଶକୁ ସଫା କରିଦେଲି । କିଛି ଉଷୁମ ଆସିଲା । ବେଗ୍‌ରୁ ଭଗବତ ଗୀତା ବାହାର କରି 'ଧର୍ମକ୍ଷେତ୍ରେ କୁରୁକ୍ଷେତ୍ରେ... କିମକୁର୍ବତ ସଞ୍ଜୟ !' ଆରମ୍ଭ କରିଦେଲି । ସଞ୍ଜୟ କିଛି ଉତ୍ତର ଦେଲେ ନାହିଁ, କଣ ପଢ଼ିଲି ମନେ ନାହିଁ । ସେଇ ସ୍ତ୍ରୀ ଲୋକଟା ତା ଭାଇ ଦିହିଁଙ୍କ ପାଇଁ ଯେଉଁ ଧର୍ମଯୁଦ୍ଧ କରୁଛି, ସର୍ବସ୍ୱ ତ୍ୟାଗକରି, ଏପରିକି ଦିହ ବିକି ଜୀବନ ବଞ୍ଚାଇବାର ଚେଷ୍ଟା କରିଚାଲିଛି, ତାକୁ କେଶବ ସହାୟ ହେବେ କି ନାହିଁ ଭାବୁଥାଏ ।

ସାଢ଼େ ତିନି ବାଜିଲା । ଜନତାର ହୁଇସିଲ୍ 'କୁଉଉ' ଡ଼ାକ ସହିତ ଖରାଦିନିଆ ରାତିଟାଯାକ ଉଜାଗର ଅଣିରା କୋଇଲିର 'କୁଉଉ' ଡ଼ାକ ମିଶିଗଲା । ମଉଳା ବାସି ଫୁଲଗୁଡ଼ାକ ବା ଶ୍ରାନ୍ତକ୍ଳାନ୍ତ ମାଈ କୋଇଲି ପୁଲକିଲେ କି ନାହିଁ ଜଣା ପଡ଼ିଲାନାହିଁ ।

ଠକ୍ ଠକ୍ ଠକ୍ ! ମୁଁ ଯିମିତି ଫୁଲକୁମାରୀକି ଦୁଆର ଫିଟାଇ ମଲ୍ଲୀଫୁଲର ମହକ ହୋଟେଲ କୋଠରୀକି ଆଣିଥିଲି, ମାନିନୀ ମୋତେ ରାତି ଚାରିଟାରେ ସିମିତି ସମ୍ବର୍ଦ୍ଧନା ଜଣାଇ ହୋଟେଲ ଗନ୍ଧ ଘର ଭିତରକୁ ନେଲେ । ଜୀବନର କେବେ ଏତେ କ୍ଳାନ୍ତ, ଭୟାର୍ତ୍ତ ଓ ଲଜିତ ମୁଁ ନିଜକୁ ଭାବିନଥିଲି । ଖାଲି କୋହ ଆସୁଥାଏ, କାନ୍ଦ ମାଡ଼ୁଥାଏ । ମୋର ଚେହେରା ଦେଖି କ୍ଷଣକେ ସିଏ ବୁଝିଲେ ମୋର କଣ ଘୋର ଅସୁବିଧା ହୋଇଛି । ସେ

Digitized by srujanika@gmail.com

ରାତିଯାକ ମୋତେ ଅପେକ୍ଷା କରି କବାଟ ପାଖ ସୋଫା ଚେୟାରରେ ବସି ରହିଥିଲେ। ରକ୍ତହୀନ ଆଖିଗୁଡ଼ାକ ଆହୁରି ଖୋଳ ଭିତରକୁ ପଶିଯାଇଥିଲା।

ଭିତରକୁ ନ ଯାଇ ମୋତେ ଦାଣ୍ଡଘରେ ବସିବାକୁ କହିଲେ। କାଳେ ଛୁଆ ଦିହିଙ୍କ ନିଦ ଭାଙ୍ଗିଯିବ (ସେ ବି ଦୁଇଟା ଛୁଆ ଫୁଲକୁମାରୀ ରୀତିରେ ପାଳୁଛନ୍ତି) ଚୁପ୍‌ଚାପ୍ ଗଳାରେ କହିଲେ, "କ'ଣ ହେଲା ଆଜିର ସାହିତ୍ୟ ସଭାରେ ? ଆଜି ମଲ୍ଲୀମାଳ ବେକରେ ପଡ଼ିଥିଲା ବୋଧହୁଏ।" ମୋ ହାତକୁ ଧରି ତାଙ୍କ ଜଙ୍ଘ ଉପରେ ରଖିବାକୁ ଯାଉ ଯାଉ କହିଲେ, "ହାତରୁ ନୂଆ ପାଉଡ଼ର ଗନ୍ଧ ଆସୁଛି। ମୁହଁଟାକୁ ଶୁଙ୍ଘିଲେ କାଳେ ସାହିତ୍ୟ ସଭାର ମଦ ବା ଗଞ୍ଜା ପାଇ ପାରିବେ। ଚୋର କବିଙ୍କୁ ଫାଶିଖୁଣ୍ଟକୁ ନେଲା ବେଳେ ସେ ଯେପରି 'ସ୍ମରାମି'ରେ ଆରମ୍ଭ କରି ପଚାଶ ଶ୍ଳୋକ ଗାଇଗଲେ, ମୁଁ ମନେ ମନେ ଆସନ୍ନମୃତ୍ୟୁ ସାଙ୍ଗଙ୍କୁ ପଛକଥା ଭାବୁଥାଏ।

ଏକାବେଳେ ଭାଙ୍ଗିପଡ଼ି ତଳେ ପଡ଼ିଲା ଭଙ୍ଗୀରେ ମାନିନୀର ଗୋଡ଼ ହାତ ଧରି ନେହୁରା ହୋଇ କହିଲି, 'ଦଣ୍ଡେ ବସ ଅନେକ କଥା ଅଛି।' ଘର ଭିତରକୁ ଯାଇ ଦେଖି ଆସିଲି ଛୁଆ ଦୁହେଁ ଲଙ୍ଗଳା ଫୁଙ୍ଗୁଳା ହୋଇ କୁଣ୍ଡାକୁଣ୍ଡି ଅବସ୍ଥାରେ ଶୋଇଛନ୍ତି। ଫେରିଆସି ଯେମିତି ଫୁଲକୁମାରୀ ହାତ ଧରି ହୋଟେଲ ଖଟରେ ବସି ତା ଜୀବନ କାହାଣୀ ଶୁଣିଥିଲି, ଏଠି ମୋ ଘରେ ସିମିତି ସୋଫାରେ ବସି ସେଇ କାହାଣୀ କିଛି ନ ଲୁଚାଇ କହିଗଲି। ଏପରିକି ମାନିନୀ ପ୍ରତି ବ୍ୟବହାର ଓ ଶହେ ଟଙ୍କା ଲୁଚାଇ ଦାନ କରିଥିବା କଥା ବି କହିଲି ଏବଂ କଥା ଶେଷରେ ଅବୋଧ ଛୁଆଙ୍କ ପରି ଧକ୍ ସକ୍ ହୋଇ କାନ୍ଦିଲି।

ମାନିନୀ ମୋତେ ବହୁତ ବୁଝାଇ ସୁଝାଇ (ସ୍ତ୍ରୀମାନେ ସତରେ କେତେ ଧୈର୍ଯ୍ୟଶୀଳା, ସହିଷ୍ଣୁ ଏବଂ କ୍ଷମାଶୀଳ) କହିଲେ "ତୁମର କିଛି ଅପରାଧ ନାହିଁ, ସବୁ ପୁରୁଷ ମନ ଭିତରେ ତୁମପରି। ଆମ ସ୍ତ୍ରୀ ଜାତିଙ୍କି ଯିମିତି ତୁମେ ସବୁ ବାନ୍ଧିଛ ବିବାହ ବନ୍ଧନ ଦ୍ୱାହି ଦେଇ, ତାରି ଫଳ ଆମେ ଭୋଗୁଛୁଁ। ନହେଲେ ଫୁଲକୁମାରୀ ଓ ମାନିନୀର କିଛି ପାର୍ଥକ୍ୟ ନାହିଁ। ତୁମେ ଯେଉଁ ଟଙ୍କା ମୋତେ ଦେଇଥାନ୍ତ ତୁମ ଦୁଇ ପୁଅଙ୍କୁ ପାଳିବା ପାଇଁ ସେହି ଶହେ ଟଙ୍କା ଫୁଲକୁମାରୀକି ଦେଲ ତା ଭାଇଙ୍କି ପୋଷିବା ପାଇଁ।"

ତାଙ୍କ କଣ୍ଠରେ ବାଷ୍ପ ଜମି ଆସୁଥିଲା ଏବଂ ଆଖିକୋଣ ଦେଇ ଦୁଇ ଟୋପା ଲୁହ ଗାଲଆଡ଼କୁ ଝରି ଯାଉଥିଲା। ଦମ୍ଭ ସଂଗ୍ରହ କରି ସେ ପୁଣି କହିଲେ, "ତୁମ ଫୁଲକୁମାରୀ ତା' ଭାଇଙ୍କି ପାଳିବା ପାଇଁ ଏଠି ସେଠି ଯା ତା' ପାଖରେ ଯାହା କରେ, ମୁଁ ତୁମ ଦୁଇପୁଅଙ୍କୁ ପ୍ରତିପୋଷ କରିବା ପାଇଁ ଜୀବନଯାକ ତୁମ ପାଖରେ ସେଇୟା କରୁଛି, ଏତିକି ବୁଝି ଆଶ୍ୱସ୍ତ ହୁଅ। (ମାନିନୀ ଆଉ ଫୁଲକୁମାରୀ ଭିତରେ ବିଶେଷ କିଛି ପାର୍ଥକ୍ୟ ନାହିଁ। ଉଭୟେ ଅଶ୍ଳୀଳ, ଜଣେ ଖୁବ୍ ବେଶୀ ଆଉ ଜଣେ ସାମାନ୍ୟ।")

ସୁନ୍ଦରା ଫାଟି ସୁଲୁସୁଲିଆ ପବନ ବହିବାକୁ ଆରମ୍ଭ କରୁଥାଏ।

Digitized by srujanika@gmail.com

# ଧର୍ମରେ ସତ କହିବି

ଏଃ ! ଏଡ଼େ ସହଜ କଥା ! ଧର୍ମରାଜ ଯୁଧିଷ୍ଠିର ସତ କହିଥିଲେ ? କହି ପାରିଥିଲେ ? 'ଅଶ୍ୱତ୍‌ଥାମା ହତ' କହିସାରି ଗୋଳେଇ ପୁଳେଇ ଇତି ଗଜ କହିଥିଲେ ବୋଲି ନରକରେ ଆଙ୍ଗୁଳି ବୁଡ଼ାଇବାକୁ ପଡ଼ିଥିଲା । ଏଇ ସତକୁ ଜୀବନରେ ବ୍ରତ କରି ଗାନ୍ଧୀଙ୍କୁ ଜୀବନ ଦେବାକୁ ପଡ଼ିଥିଲା । ଚାରିପଦ ମିଛ ଏଇ କଳିରେ ରକ୍ତମାଂସର ଦିହ ବହି ସତକହି କ'ଣ ବଞ୍ଚି ପାରିବୁ ? ଧର୍ମରେ ସତ କହିବି ! ବାଃ !

କୋର୍ଟ କଚେରୀରେ ଛିଡ଼ାହେବା ଲୋକ ମୁଁ ନୁହେଁ । ସୀମା ଭିତରକୁ ଗଲେ ଡ଼ରମାଡ଼େ । ଛାତି ଥରେ । କାଠଗଡ଼ା ଭିତରେ ଛିଡ଼ାହୋଇ ହଲପ ନେବା ତ ଦୂରର କଥା । କିନ୍ତୁ ସମ୍ପତ୍ତି ଉପାର୍ଜନ କଲେ ଆଉ ସେ ସମ୍ପତ୍ତି ରକ୍ଷା କରିବାକୁ ହେଲେ କଳିଗୋଳ, ବାଦବିବାଦ ତ ଲାଗିବ, ଦିନେ ନା ଦିନେ ଦେବାନୀ ଅଥବା ଫୌଜଦାରୀ ବା ଉପାୟ ଅଦାଲତରେ ଛିଡ଼ାହୋଇ ହଲପ ନେଇ କହିବାକୁ ପଡ଼ିବ 'ଯାହା କହିବି, ଧର୍ମରେ ସତ କହିବି !'

ସମ୍ପତ୍ତି ବୋଇଲେ ଅଧ ଭଗିଆ ଶାରିଆର ଛମାଣ ଆଠଗୁଣ୍ଠ ବି ନୁହେଁ, ଛଗୁଣ୍ଠ ଆଠ ବିଶ୍ୱା ଆଠଗଣ୍ଡା । ସଇଁତିରିଶ ଫୁଟରେ ଶହେ କେତେ ଫୁଟ୍ । ଅସମତଳ ଖାଲ ଢ଼ିପ ଜାଗା । ଅଭାବ ଅସୁବିଧାରେ ପଡ଼ି ମାଲିକ ଯାଚିଗୁଞ୍ଜି ପାଞ୍ଚଶ ଟଙ୍କାରେ ଜାଗା ଖଣ୍ଡିକ ରେଜେଷ୍ଟ୍ରୀ ଦଲିଲ କରିଦେଇଥିଲା । ମହାତ୍ମା ଲୋକ, ବାକିଆ ଟଙ୍କା ଜୀବଦ୍ଦଶାରେ ସେ ମାଗି ନଥିଲା । ସେ ମରିଛି କି ନାହିଁ, ତା' ପୁଅ ବାକୀଟଙ୍କା ପାଇଁ ମକଦମା କଲା ।

କଚେରୀକି ଜୀବନରେ ଏଇ ପ୍ରଥମ ଗଲି । ସେଠି ମୋତେ ହଲପ କରିବା ପାଇଁ ପଡ଼ିନଥିଲା । ଉତ୍ତରାଧିକାରୀ ବୋଲାଉଥିବା ପିଲାଟି (ଦୀର୍ଘଜୀବୀ ହେଉ ସେ) ମୋତେ ଦେଖିଲା ମାତ୍ରେ ଗୁମାସ୍ତାକୁ ଭର୍ତ୍ସନା କରି ମକଦମା ଉଠାଇ ଆଣିଲା । କହିଲା, "ସାର୍‌ଙ୍କ ଉପରେ ମୋର କିଛି ପ୍ରାପ୍ୟ ନାହିଁ, ବାପାଙ୍କ ସାଙ୍ଗରେ କ'ଣ ଚୁକ୍ତି ହୋଇଥିଲା ମୁଁ ଜାଣେନାହିଁ । ସେ ଜାଗା ତାଙ୍କ ଦଖଲରେ ଅଛି ।" ଧର୍ମରେ ସତ କହିବି ବୋଲି ଶପଥ ନେଇ ଯାହା କହିଥାନ୍ତି ତାହା ପୂରାପୂରି ମୋ ବିରୁଦ୍ଧରେ ଯାଇଥାନ୍ତା ।

ପଞ୍ଚବାର୍ଷିକ ଯୋଜନାରେ ଏଇ ଜମିଖଣ୍ଡିକ ଉପରେ ଘରଟିଏ ତୋଳୁଥାଏ, ଶେଷରେ ଛାତ ପଡ଼ିବ କି ଚାଳଛାଉଣି କରି ଘରେ ପଶିବି ସେଇ ଆମର ଚିନ୍ତା ଥାଏ । ଡ଼ିହ ସାମନାରେ ଘରଟିଏ ଭଡ଼ାନେଇ ପାଞ୍ଚପ୍ରାଣୀ କୁଟୁମ୍ବ ରହିଥାଉଁ; ଘରତିଆରି କାମ ଦେଖାଚାହାଁ କରିବାକୁ ସୁବିଧା ହେବ ବୋଲି । ସହରତଳି ନିଛାଟିଆ ଜାଗା । ସଞ୍ଜହେଲେ ଶ୍ମଶାନ୍ । ପାଖରେ କୁରଙ୍ଗାସାହି । ଖଟିଖିଆ କାମିକା ଲୋକ । ଭଲ ପଡ଼ୋଶୀ, ଡ଼ାକିଦେଲେ ଦଉଡ଼ି ଆସିବେ । ସହଳ ସହଳ ଶୋଇଯାଆନ୍ତି କାଠକାମ ନଥିଲେ ।

Digitized by srujanika@gmail.com

ସେ ଦିନ ବଜାରରୁ ଫେରୁ ଫେରୁ ଡ଼େରିହେଲା । ବାଟରେ ପ୍ରଚଣ୍ଡ ଅସରାଏ ବର୍ଷା ହେଲା । ଅଟକିଗଲି ଗୋଟାଏ ଜାଗାରେ । ଖାଲନାଳ ରାସ୍ତାଘାଟ ଜଳାର୍ଣ୍ଣବ ହୋଇଯାଇଥାଏ । ରଥ ସମୟ । ମେଘୁଆ ଆକାଶରେ ଷଷ୍ଠୀ ସପ୍ତମୀ ଜହ୍ନ ଫିକା ଦିଶୁଥାଏ ।

ରାତି ପ୍ରାୟ ନଅଟାରେ ଘରେ ପହଞ୍ଚିଲି । ଘର ଭିତରର ଅସ୍ୱାଭାବିକ ନୀରବତା ଭାଙ୍ଗି ଯିମିତି କବାଟରେ ଖଡ଼୍ ଖଡ଼୍ କରିଛି, ସ୍ତ୍ରୀ ଓ ପିଲାଝିଲାଏ ଭୟାର୍ତ୍ତ ଚେହେରା କରି ଧାଇଁଆସିଲେ ମୋ ପାଖକୁ । ସବା ସାନପିଲାଟି ଅନବରତ କହୁଥାଏ, "ବାପା ! ଚୋଲ, ବାପା ! ଚୋଲ । ଏଡ଼େ ବଡ଼ ବଡ଼ ଆଖି, ବଡ଼ ବଡ଼ ଦାନ୍ତ ।" ସ୍ତ୍ରୀ ଆରମ୍ଭ କରିଦେଲେ, "ତୁମେ ଏଥର ଘରେ ଲୋକ ଜଗାଅ । ଏକୁଟିଆ ଛୁଆପିଲାଙ୍କୁ ଧରି ମୁଁ ଆଉ ରହିପାରିବି ନାହିଁ । ପ୍ରତିଦିନ ରାତିଅଧରେ ଘରକୁ ଫେରୁଛ ।" ସମସ୍ତଙ୍କ ବର୍ଣ୍ଣନା, ଭର୍ତ୍ସନା ଶୁଣି ବୁଝିଗଲି ଘଟଣାର ସାରାଂଶ ।

ସପ୍ତମ ଶ୍ରେଣୀରେ ପଢୁଥିବା ପୁଅ କହିଲା, "ମୁଁ ଆଉ ନାନୀ ବାରଣ୍ଡା ଦରଜା ପାଖରେ ବସି ପଢୁଥାଉଁ । ଜଞ୍ଜିର ଖଡ଼୍‌ଖଡ଼୍ ହେଲା । କିଏ କିଏ ପାଟି କଲାରୁ କିଛି ଜବାବ୍ ମିଳିଲା ନାହିଁ । ଆମେ ଡ଼ରିଗଲୁ । ଲଣ୍ଠନ, ବହିପତ୍ର ଧରି ଘର ଭିତରକୁ ଚାଲିଆସିଲୁ । ମାଆ କବାଟ ଫିଟାଇ ଦେଖିଲା କେହି ନାହିଁ । ଗୁହାଳରେ ସେତିକିବେଳେ ଗାଈଟା ବି ତରକି ସାଁ ସାଁ ଶବ୍ଦ କଲା । ଆମକୁ ଆହୁରି ଡ଼ର ମାଡ଼ିଲା । ମୁଁ ପାଟିକରି 'ବୈଦ୍ୟନାଥ, ବୈଦ୍ୟନାଥ' ଡ଼ାକିଲି । ବୈଦ୍ୟନାଥ ଓ ତାର ଭାଇ ଆମ ଚିତ୍କାର ଶୁଣି ଧାଇଁଆସିଲେ । ସବୁ କଥା ଶୁଣି ସେମାନେ ଲଣ୍ଠନ ଧରି ଘର ପାଖ ବିଲକୁଦା ଚାରିପଟେ ଖୋଜିଲେ । କିଛି ଦେଖିଲେନାହିଁ । ଆମକୁ ଭାରି ଡ଼ର ମାଡୁଛି ।

ମୁଁ ଲଣ୍ଠନ ଧରି କୁରଙ୍ଗା ସାହିକୁ ଗଲି । ପଚାରିଲି ଘଟଣା କଣ ? ତାପରେ ପୁଣି ସମସ୍ତେ ଘରବାଡ଼ି ଖୋଜାଖୋଜି କଲୁ । କାହାକୁ ପାଇଲୁ ନାହିଁ । ଘରକୁ ଫେରିବା ପୂର୍ବରୁ ସେମାନଙ୍କୁ କହିଲି, "ଟିକିଏ ଚେତା ଥିବ, ଡ଼ାକିଲେ ଧାଇଁ ଆସିବ ଯିମିତି ।"

ମୋତେ ଦେଖି ପିଲାଝିଲାଏ ଆଶ୍ୱସ୍ତ ହୋଇ ଖିଆପିଆ ସାରି ନିର୍ଭୟରେ ଶୋଇଗଲେ । ସ୍ତ୍ରୀ ରୋଷେଇ ଘରେ ପନିପରିବା କଟାକଟି ଆରମ୍ଭ କରିଦେଲେ । ମୁଁ ଶେଯରେ ପଡ଼ି ଭାବୁଥାଏ କିଏ ସିମିତି ଡ଼ରାଉଥିଲା । ଭାବୁ ଭାବୁ ମୋତେ ବି ଡ଼ର ମାଡ଼ିଲା । ରୋଷେଇ ଘରକୁ ଯାଇ ସ୍ତ୍ରୀଙ୍କୁ ବୁଝାଇବାରେ ଲାଗିଲା ଯେ ତାଙ୍କର ସିମିତି ଡ଼ରିବା ଉଚିତ୍ ନଥିଲା । ପ୍ରକୃତରେ ମୋଠୁଁ ବଳି ଡ଼ରୁଆ ଆଉ କେହି ନାହାନ୍ତି ଏ କଥା ସେ ଭଲ ଭାବରେ ଜାଣନ୍ତି । ମନେ ମନେ ସେ ହୁଏତ ହସୁଥିବେ ଏବଂ ମୋତେ ଓଲଟି ସାହସ ଦେବାକୁ ଭାବୁଥିବେ ।

ରାତି ପ୍ରାୟ ଦଶଟା । ମୋର ଗୋଟାଏ ବଦ୍ ଅଭ୍ୟାସ ରାତି ଖାଇବା ପୂର୍ବରୁ ଗାଧୋଇ ଯିବା । ଘରର ପଛଆଡ଼େ ବାଡ଼ ଆଡ଼କୁ ଗାଧୁଆ ଘର । ତା' ପଛକୁ ତୋଳା ଯାଉଥିବା ମୋ ନୂଆ ଘର । ବାଡ଼ିଦୁଆର ଦେଇ ଆଠ ଦଶ ହାତ ବାଡ଼ି ପିଣ୍ଡାରେ ଯିବାକୁ ହୁଏ ।

Digitized by srujanika@gmail.com

ତାପରେ ପିଣ୍ଡାରୁ ଓହ୍ଲାଇ ବଗିଚା ବାଟେ ପୁଣି ଆଠ ଦଶ ହାତ ଗଲେ ଗାଧୁଆ ଘର। ପିଣ୍ଡାର ଅଧିକ ଜାଗାରେ ମଣିଷ ଉଚ୍ଚରେ ଗାଈ ପାଇଁ ପାଳନଡ଼ା ସାଇତା ହୋଇଥାଏ। ତା'ପରେ ଛୋଟ ଗୁହାଳ। ଗାଈଟିଏ, ବାଛୁରୀଟିଏ।

ଖୋର୍ଦ୍ଧା ଲୁଙ୍ଗି ପିନ୍ଧି ଡ଼ାହାଣ ହାତରେ ଲଣ୍ଠନ, ବାଁ ହାତରେ ଲୋଟା ଧରି ବାଡ଼ି କବାଟ ଫିଟାଇଲାବେଳକୁ ସ୍ତ୍ରୀ ବାହାରି ଆସି ପଚାରିଲେ, "ଡ଼ର ମାଡୁଛି ? ଏକୁଟିଆ ଯାଇପାରିବ ନା ସାଙ୍ଗ ଦେବି ? ଠିଆହେବି ପିଣ୍ଡାରେ ?"

"ନା, ନା, ମୋତେ ଡ଼ର ମାଡୁନି ।" କହିଦେଲି ସିନା, ମନେ ମନେ 'ଆସ, ଦଣ୍ଡେ ଠିଆ ହୁଅ । ଛାତି ଧଡ଼ପଡ଼ କରୁଛି' କହିବି ବୋଲି ଭାବୁଥିଲି । ମୋ ନାଡ଼ି ସେ ବେଶ୍ ଚିପିଛନ୍ତି । ମୋ ମନକଥା ଜାଣିପାରି ସେ ଚୁପ୍‌ଚାପ୍ ଦରଜା ପାଖରେ ଅନ୍ଧାରରେ ଛିଡ଼ାହୋଇ ରହିଲେ । ମୁଁ ଆଗେଇଲି ।

ଲଣ୍ଠନକାଚଟା କଳା ପଡ଼ିଯାଇଥାଏ । ଆଲୋକ ଆଦୌ ସ୍ୱଚ୍ଛ ନୁହେଁ । ପାଦତଳ ଚିଜ ବି ଭଲକରି ବାରି ହେଉନଥାଏ । ଛଅ ଆଠପାଦ ବାରଣ୍ଡାରେ ଯାଇ ପିଣ୍ଡାତଳକୁ ଓହ୍ଲାଇବାକୁ ଯାଉଛି, ଆଗରେ ବାଁ ପଟେ ମଣିଷ ପରି କ'ଣଟାଏ ଦିଶିଲା ।

ଛିଡ଼ା ହୋଇଗଲି ସାହସ ବାନ୍ଧି । ଲଣ୍ଠନଟାକୁ ସେଆଡ଼କୁ ଫୁଟେ ଖଣ୍ଡେ ବଢ଼ାଇ ଦେଇ ଦେଖିଲି ମୂର୍ତ୍ତିଟାକୁ କିଏ ଯିମିତି ପାଳଗଦାରେ ଆଉଜାଇ ରଖିଦେଇଛି । ଦିହ ଅନାବୃତ । ଅସ୍ଥିପିଞ୍ଜରା ସର୍ବସ୍ୱ । ମଇଳିଆ ତିନି ଚାରିହାତି କରିଆଟାଏ ପିନ୍ଧିଛି । ଆଖି ବନ୍ଦ । ଗାମୁଛାକାନି ମେଲାହୋଇ ସେମିଣିଆ ମୁଢ଼ି ବୁଣିହୋଇ ପଡ଼ିଛି । ବୋଧହୁଏ ଖାଉଥିଲା, ଶୋଇଯାଇଛି ବା ମରିଯାଇଛି ।

ଏକାବେଳକେ ତରିଛିଯାଇ ଚିତ୍କାର କଲି 'କିଏ ?'

ସ୍ତ୍ରୀ ପର ମୁହୂର୍ତ୍ତରେ ମୋ ପାଖରେ ଛିଡ଼ା ହୋଇଥିବାର ଅନୁଭବ କଲି । ଏଥର ଅଧିକ ଦମ୍ଭ ଦେଖାଇ ପୁଣି ପଚାରିଲି- 'କିଏ ?'

"ମୁଁ" ଧୀର ଆଖି ମେଲାଇ ଝାପ୍‌ସା ଆଲୁଅରେ ଥଥମତ ହୋଇ ଲୋକଟା କହିଲା ।

"ତୁ କିଏ ? ଏଠି କାହିଁକି ବସିଛୁ ?"

"ଶୋଇଛି । ମୁଢ଼ି ମୁଠାଏ ଖାଉଥିଲି । ନିଦ ହୋଇଗଲା ।"

ଭଲକରି ଦେଖିଲି ତା ଚେହେରା । ଜୀବନ ନାହିଁ । ବାର ଚଉଦ ବର୍ଷର ଦୁର୍ବଳିଆ ପିଲା ପରି ଦିହ ପେଲିଦେଲେ ପଡ଼ିଯିବ । ଗୋଟାଏ ଥକ୍‌କଡ଼ ପକାଇଲେ ମୂର୍ଚ୍ଛା ହୋଇଯିବ ।

ଡ଼ର ମାଡ଼ିଲା ନାହିଁ, ପଚାରିଲି, "ଏଠି କାହିଁକି ଶୋଇଥିଲୁ ? ତୋର ଏ ରୂପ ଯିଏ ଦେଖିବ ଡ଼ରିବ । ବେ ! ତୁ ସଞ୍ଜବେଳେ ଛୁଆପିଲାଙ୍କୁ ଡ଼ରାଉଥିଲୁ ?" କିଛି ଉତ୍ତର ନ ଦେଇ ସେ ଜୁଳୁଜୁଳୁ ଚାହିଁଥାଏ ନିରୀହ ପିଲାଟି ପରି ।

Digitized by srujanika@gmail.com

କହିଲି, "ଚାଲ୍, ଏଥର ଉଠ୍ । ଦାଣ୍ଡପିଣ୍ଡାକୁ ଯାଆ । ସେଇଠି ତକତପୋଷ ପଡ଼ିଛି, ଶୋଇବୁ ଯାଆ । ମୁଁ ଯାହାହେଉ ଖାଇବାକୁ ଦେବି । ଚାଲ୍ ଉଠ୍ ।" ତା ଚେହେରା ଦେଖି ସ୍ତ୍ରୀ ମଧ ତା ବିଷୟରେ ଆଉ ଆଗ୍ରହୀ ହେଲେ ନାହିଁ । ଲୋକଟା ଭିଖାରି, ନହେଲେ ପାଗଳ ।

ତାର ଖିଆପିଆ ବ୍ୟବସ୍ଥା କରିବା ଓ ଶୋଇବା ପାଇଁ ତକତପୋଷ ଉପରେ ଖଣ୍ଡେ ଖଣ୍ଡେ ଯୋଗାଡ଼ କରିବା କଥା ଭାବୁଛି, ସେ ଛିଡ଼ା ହୋଇ ଚାଲିବାକୁ ଆରମ୍ଭ କଲା । ଧୀରେ ଖୁବ୍ ଧୀରେ । ଯିମିତି ବାଧ ନିରୀହ ପିଲା ।

ବୁଲିପଡ଼ି ଗୁହାଳମୁହାଁ ହେଲା । ସିଆଡ଼େ କାହିଁକି ? ମୁଁ ତା ପଛରେ ଚାଲିଲି ଲଣ୍ଠନ ଦେଖାଇ ଦେଖାଇ । କ୍ରମେ ତାର ପଦକ୍ଷେପ ଦ୍ରୁତ ହେଲା । ଗୁହାଳ ଭିତରକୁ ଯିମିତି ପଶିଛି ଗାଈ ଓ ବାଛୁରୀ ସାପ ପରି ସଁ ସଁ ହେଲେ । ବିଦେଶୀ ବାସନାରେ ସେମାନେ ଅତିଷ୍ଠ । ଗାଈ ପଘା ଛିଣ୍ଡାଇ ତାକୁ ଆକ୍ରମଣ କରିବାକୁ ବାହାରିଲା । ମୁଁ ଅନ୍ୟପଟେ ବୁଲିଯାଇ ଲୋକଟାର ପାଖ ପହଞ୍ଚିବାକୁ ଚେଷ୍ଟା କଲି । ସେ ଗୁହାଳରୁ ତଡ଼ା ଭିତରଦେଇ ଗଳି ବାହାରିଗଲା ଏବଂ ଦୌଡ଼ିବାକୁ ଆରମ୍ଭ କଲା ।

ଆଗରେ କେନ୍ଦୁଗଛ । ତାର କଟା ଚେରଗୁଡ଼ାକ ଗୋଜପରି ବାହାରି ରହିଥାଏ । ମୁଁ ତାକୁ ସତର୍କ କରିଦେଇ କହିଲି, 'ସିଆଡ଼େ ଯାଆନା, ଖୁଣ୍ଟିରେ ଝୁଣ୍ଟିପଡ଼ିବୁ ।' ମୋ କଥା ସେ ମାନିଲା ନାହିଁ । ସତରେ ଝୁଣ୍ଟି ପଡ଼ିଲା । ଉଠିଲା, ପୁଣି ଦଉଡ଼ିଲା । ଏଥର ମୁଁ ଚିତ୍କାର କଲି, "ବୈଦ୍ୟନାଥ! ବୈଦ୍ୟନାଥ!" ସେମାନେ ଶୋଇ ନଥିଲେ । 'ଚୋର' 'ଚୋର' ଶବ୍ଦରେ ଚାରି ପାଞ୍ଚ ଜଣ ଠେଙ୍ଗାବାଡ଼ି ହତିଆର ଧରି 'କାହିଁ କାହିଁ' ଡାକ ଦେଇ ଧାଇଁ ଆସିଲେ । ନିର୍ଜନ ନିସ୍ତବ୍ଧ ସ୍ଥାନଟି ଲୋକମୟ ଓ ଚିତ୍କାରମୟ ହୋଇଗଲା ।

ନୂଆଘର ସୀମା ଭିତରକୁ ସେ ପଶିଲା । ମୁଁ ଯଥାଶକ୍ତି ଦଉଡ଼ିବାକୁ ଆରମ୍ଭ କଲି । ଲୁଙ୍ଗି, ଲଣ୍ଠନ ଓ ଲୋଟା ମୋତେ ବଡ଼ ଅଡୁଆରେ ପକାଉଥାନ୍ତି । ମୁଁ ସ୍ପଷ୍ଟ ଦେଖିପାରିଲି ଘର ଆଗରେ ଥିବା ଚାରିଫୁଟ ଗଭୀର ଇଟା ଭିଜାଇବା ପାଇଁ ତିଆରି ଚଉବଚ୍ଛାଟା ପାଣିଭର୍ତ୍ତି ହୋଇ ଜହ୍ନ ଆଲୁଅରେ ଚିକ୍‌ଚିକ୍ କରୁଛି । କେଜାଣି କାହିଁକି, ତା ପଛରେ ଗୋଡ଼ାଉ ଗୋଡ଼ାଉ ତାକୁ ସତର୍କ କରିଦେଇ କହିଲି, "ବେ ଦେଖିବୁ, ଆଗରେ ଚଉବଚ୍ଛା, ପଡ଼ିଯିବୁ ।" କହୁ କହୁ ଶୁଣିଲି ସେ ଚଉବଚ୍ଛାରେ ପଡ଼ିଯିବାର ଶବ୍ଦ । ଦଣ୍ଡେପାଏଁ ସେ ଏକାବେଳକେ ଅଦୃଶ୍ୟ ହୋଇଗଲା । ମୁହୂର୍ତ୍ତକେ ବାହାରି ପଡ଼ି ଓଦା ସରସର ହୋଇଉଠିଲା ଅପର ପାର୍ଶ୍ୱକୁ । ସେତେବେଳକୁ ମୁଁ ଚଉବଚ୍ଛା ବୁଲିଯାଇ ତାକୁ ଓଗାଳିଲି । ମୋତେ ଯିମିତି ସେ ଦେଖି ଦେଇଛି କଣ ଭାବିଲା କେଜାଣି, ଉଭା ଲଙ୍ଗଳା ହୋଇଗଲା ଏବଂ ମୋରି ଆଡ଼କୁ ମୁହଁକରି ପିନ୍ଧା ଗାମୁଛାକୁ ଚୁପୁଡ଼ିଲା, ଝାଡ଼ିଲା ଏବଂ ଆଣ୍ଟକରି ପୁଣି ପିନ୍ଧିଲା । ମୁଁ ବା କଣ କରନ୍ତି ? ମୋର ତ ଗୋଟାଏ ହାତରେ ଲଣ୍ଠନ, ଅନ୍ୟ ହାତରେ ଲୋଟା । ତାକୁ ଜାବୁଡ଼ି ଧରିବି କିମିତି ? ସେ ଗଡ଼ାଣିଆ ପଡ଼ିଆ ଦେଇ ଧାଇଁଲା

Digitized by srujanika@gmail.com

ମୋ ବାଡ଼ିପଛ ଧାନବିଲ ଆଡ଼କୁ । "ଗଲା ଗଲା, ତଳି କିଆରୀ ଆଡ଼କୁ" ଚିତ୍କାର କରି ବୈଦ୍ୟନାଥକୁ ସୂଚନା ଦେଲି ତାକୁ ଧରିବା ପାଇଁ ।

ପ୍ରାୟ ମିନିଟ୍‌କ ଭିତରେ ଦୂରରେ ଚବ୍‌ଚର ଚବ୍‌ଚର ଧସ୍ତାଧସ୍ତି ଶବ୍ଦ ଶୁଭିଲା । ପରେ ପରେ ବୈଦ୍ୟନାଥର ଗଳା ଶବ୍ଦ "ଯିବୁ କୁଆଡ଼େ ?" ଲଣ୍ଠନଟା ହାତରୁ ଖସି ପଡ଼ି ଦପ୍‌ଦପ୍ ନିଭିଗଲା । ଛାପଛାପକିଆ ଜହ୍ନ ଆଲୁଅରେ ତିନି ଚାରିଟା ଛାୟା ମୂର୍ତ୍ତି ମୋ ଆଡ଼କୁ ଆସୁଥିବାର ଦେଖିଲି । ବୈଦ୍ୟନାଥ ଛଅଫୁଟିଆ ଜବାନ ଟୋକା, କାଠ କାମ କରି ତା ହାତର ମାଂସପେଶୀ ବଳିଷ୍ଠ, ଫୁଲାଫୁଲା । ଭୂଆ ବିରାଡ଼ି ଚୁଟିଆ ମୂଷାକୁ ଅକ୍ଲେଶରେ ଧରିଲା ପରି ବୈଦ୍ୟନାଥ ଲୋକଟାକୁ ଶୂନ୍ୟେ ଶୂନ୍ୟେ ଟେକି ଧରିଥାଏ । ଏହା ଭିତରେ କୁରଙ୍ଗା ସାହିରୁ ଆଉ ଚାରି ପାଞ୍ଚ ଜଣ ଲୋକ ମୋ ପାଖକୁ ଆସିଗଲେ । ସେ ଛଟପଟ କରୁଥାଏ ଓ କିଛି କହୁନଥାଏ । ଦିହଯାକ କାଦୁଅ । ତଳିକିଆରୀରେ ତାକୁ ମାଡ଼ିବସି ବୈଦ୍ୟନାଥ ଧରିଛି ।

ପଡ଼ିଆରେ ଗୋଟାଏ କୁଦ ଉପରେ ସେମାନେ ତାକୁ ଛିଡ଼ା କରାଇଲେ ଏବଂ ମରାମରି ଆରମ୍ଭ କରିଦେଲେ । ବିଧା, ଥଳ୍‌କଡ଼, ମୁଥ । ମୁଁ ଦେଖିଲି ଲୋକଟାକୁ ସେମାନେ ମାରିଦେବେ । କହିଲି, "ଥାଉ ଥାଉ, ମାରନା, ମରିଯିବ । ଢେର ହେଲାଣି । କିଛି ତ ଚୋରି କରିନି । ପାଗ୍‌ଲାଟା । ଛାଡ଼ି ଦିଅ । ଯୁଆଡ଼େ ଯିବ ଥାଉ ।"

ଲୋକଟାର ଦରିଦ୍ର ଚେହେରା ଓ ଦୟନୀୟ ଅବସ୍ଥା ଦେଖି ପ୍ରତିରୋଧ ଶକ୍ତିର ଅଭାବ ଅନୁଭବ କରି ସମସ୍ତେ ତାକୁ ଛାଡ଼ିଦେବାକୁ ମତ ଦେଲେ । କିନ୍ତୁ ବୈଦ୍ୟନାଥ ନଛୋଡ଼ବନ୍ଧା । ସେ କହିଲା, "ଲୋକଟା ଚୋର କି ଭିଖାରି, ରୋଗୀ କି ପାଗଲ ଆମେ ଜାଣୁନା, ଚାଲ ଥାନାକୁ ନେଇଯିବା, ସେମାନେ ଯାହା କରିବେ ।"

ମୁଁ ବି ରାଜି ହେଲି । ଜୀବନରେ ଗୋଟାଏ ହେଲେ ତ ଚୋର ଧରିଛି । ଜନସାଧାରଣ ସହଯୋଗ ନ କଲେ ପୋଲିସ୍ ଚୋରି ନିରୋଧ କରିବ କିମିତି ? ଯେଉଁ ବେଶରେ ଥିଲି ସେଇ ବେଶରେ ଦେଢ଼ ମାଇଲ ଦୂର ସହର ଭିତର ଥାନାକୁ ଚାଲିଲି । ବୈଦ୍ୟନାଥ ଓ ଆଉ ଦୁଇଜଣ ଆମ ସାଙ୍ଗକୁ । ମୋ ପୁଅ ବି କଞ୍ଚା ନିଦରୁ ଉଠି ଆମ ସାଙ୍ଗରେ ଯୋଗ ଦେଲା । ଭାଗ୍ୟକୁ ବଜାର ରାସ୍ତା ନିର୍ଜନ । ନହେଲେ ମୋତେ ଲାଜ ମାଡ଼ିଥାନ୍ତା, ଏମିତି ବେଶରେ, ଏମିତି ସାଙ୍ଗ ମେଳରେ, ଏମିତି ଆସାମୀକୁ ଧରି ବିଚ୍ ବଜାରରେ ଏକ ଦୃଶ୍ୟ ସୃଷ୍ଟି କରିବାକୁ ।

ଥାନାବାଲାଏ ଆସାମୀକୁ ଦେଖିଦେଲାମାତ୍ରେ ଉଲ୍ଲାସ ଧ୍ୱନି କରିବାକୁ ଲାଗିଲେ । ଦାରୋଗାବାବୁ ମୋତେ ଚାହିଁ କହିଲେ, "ସାର୍ ! ୟାକୁ କେଉଁଠୁ ପାଇଲେ ? ୟାକୁ କେମିତି ପାଇଲେ ?" ତାକୁ ଚାହିଁ କହିଲେ, "ବେ ଶଳା ମୋର ! ତୁ ଏତେ ଦିନ କୁଆଡ଼େ ଥିଲୁ ବେ ? ଶଳା ! ଏସ.ପି. ଆମ ଚାକିରୀ ସାତଦିନ ଭିତରେ ଖାଇ ଦେଇଥାନ୍ତା ବେ ।" ପୁଣି ମୋତେ ଚାହିଁଲେ, ଧୀରେ ଧୀରେ କହିଲେ, "ସାର୍, ଏ ଗୋଟାଏ ପୁରୁଣା ଦାଗୀ,

Digitized by srujanika@gmail.com

ତିନି ଚାରିଥର ମାମୁଁଘର ଦେଖିଲାଣି । ଏଥର ରଥଯାତ୍ରା ଭିତରେ ତିନିତିନିଟା ଚୋରି କରି ସାରିଲାଣି । ଆମର ଚାକିରୀ ଚାଲିଯାଇଥାନ୍ତା ୟାରି ପାଇଁ । ଆପଣ ଆମକୁ ବଞ୍ଚାଇ ଦେଲେ ।"

ଆଦର ଅଭ୍ୟର୍ଥନା ଭିତରେ ଚା' ପାନ ଓ ସିଗାରେଟ୍ ଯଥେଷ୍ଟ ମିଳିଲା । ଚୋର ହାଜତକୁ ଚାଲିଗଲା । ଏଫ୍.ଆଇ.ଆର୍. ଲେଖିବାରେ ଦାରୋଗାବାବୁ ମୋତେ ସାହାଯ୍ୟ କଲେ । ଲେଖା ସରିବାରୁ ଦାରୋଗାବାବୁ କହିଲେ, "ଜାଣିଲେ ନା ସାର୍, ଏ ଆମର ଗୋଟିଏ ବିଚିତ୍ର ଚୋର । ଖାଲି ଗହଣାଗାଣ୍ଠି ଚୋରି କରେ । ଲୋକଟା ବାହା ହୋଇନି । ତାର ଗୋଟିଏ ଭାଉଜ ଅଛି । ଭାଇ ପ୍ରାଇମେରୀ ସ୍କୁଲ ଟିଚର୍ । ଯାହା ଚୋରି କରେ ସବୁ ଭାଉଜକୁ ଦିଏ । ଟିକିଏ ଭଦ୍ରଘରର ପିଲା ତ ! ଏଠିସେଠି ମିଳିମିଶି ରହିଯାଏ । ଚିହ୍ନି ହୁଏନାହିଁ, ଧରି ହୁଏନାହିଁ । ମଦ ଟିକେ ଟିକେ ପିଏ । ଭାଉଜ ସହିତ କି ପ୍ରକାର ସମ୍ପର୍କ ଜାଣିବା ମୁସ୍କିଲ । ତା ଭାଇ ତା ପାଇଁ ବହୁତ ଦୁଃଖ କରେ । କିନ୍ତୁ ସେ ନାଚାର ।" ଏସବୁ ଶୁଣି ଭାବିଲି ଏଫ୍.ଆଇ.ଆର୍. ନ ଦେଇଥିଲେ ହୁଏତ ଭଲ ହୋଇଥାନ୍ତା ।

ରାତି ପ୍ରାୟ ବାରଟାରେ ଘରକୁ ଫେରିଲି । ଭିତରୁ କବାଟ ବନ୍ଦ କରି ଦରଜା ପାଖରେ ଅପେକ୍ଷା କରି ସ୍ତ୍ରୀ ବସିଥାନ୍ତି । ଏଇ ସ୍ତ୍ରୀ ଲୋକ ଗୁଡ଼ାକଙ୍କର ଅସୀମ ଧୈର୍ଯ୍ୟ, ଅସାଧାରଣ ପ୍ରେମ । ପୁରୁଷ ଜାତି ଘରଦ୍ୱାର କରି ବଞ୍ଚି ରହନ୍ତି ଏଇ ସ୍ତ୍ରୀ ଜାତିର ଉତ୍ସାହ ଓ ପ୍ରେରଣା ବଳରେ ।

ପରଦିନ ସକାଳେ ପିଲାମାନେ ସେଇ ଚୋର କଥା କହୁଥାଆନ୍ତି । ଦାରୋଗାବାବୁ ଦୁଇଜଣ କନେଷ୍ଟବଳ ଗହଣରେ ଆସି ସରଜମିନ ତଦନ୍ତ କଲେ । ଚୋରି ତ କିଛି ହୋଇନାହିଁ । ତେଣୁ ସେ ଚୋର ବସିଥିବା ସ୍ଥାନ, ବାଡ଼ିପିଣ୍ଡା ଓ ଗୁହାଳ ଇତ୍ୟାଦି ଠିକଣା ମାପଯୋଗ କରି ନକ୍ସା ଚିତ୍ର ସବୁ ବାହାର କରି ନେଇଗଲେ ।

ଭବିଷ୍ୟତରେ ଯେପରି ଏମିତି ଘଟଣା ନ ଘଟେ ସେଥିପାଇଁ ଗୋଟାଏ ଲମ୍ବା ବାଉଁଶ ଅଗଣାରେ ପୋତି ଅଗରେ ଶହେ ୱାଟ୍ ବଲ୍‌ବଟାଏ ଲଗାଇ ଦେଲି । ସାରା ଇଲାକା ରାତିଯାକ ଆଲୋକିତ ଥାଏ ।

ଘଟଣା କ୍ରମେ ପାସୋରା ଗଲା । ହେଲେ ସେ ଲୋକଟାର ଚିହ୍ନାଚିହ୍ନା ମୁହଁଟା ଆଉ ଦାରୋଗା କହିଥିବା ତା ଜୀବନର ସଂକ୍ଷିପ୍ତ ଅଥଚ ବିଚିତ୍ର ଇତିବୃତ୍ତ ମଝିରେ ମଝିରେ ମନେ ପଡ଼ିଗଲେ ଦୁଃଖ ଲାଗେ । ମୁଁ ନିଜକୁ ଧିକ୍‌କାର କରେ ।

ଯେଉଁଦିନ କଚେରୀକି ଡ଼ାକରା ଆସିଲା, ସେଦିନ ନିଜକୁ ଅଭିଶାପ ଦେଲି । କେବଳ ମୁଁ ନୁହେଁ, ନାବାଳକ ପୁଅଟି ମଧ ସାକ୍ଷୀ । ଆମର ପଡ଼ୋଶୀ ବୈଦ୍ୟନାଥ ଓ ତା ଲେଖାଯୋଖା ଭାଇ ମଧ ।

Digitized by srujanika@gmail.com

ତାରିଖ ଦିନ ସକାଳୁ ଥାନାରୁ ସିପାହୀଟାଏ ଆସି ଆମକୁ ଦଶଟା ବେଳକୁ କଚେରୀକି ଯିବାକୁ କହିଗଲା । ମୋର ଭୟ କୋର୍ଟ କଚେରୀ ହାକିମକୁ ନୁହେଁ, ଓକିଲଗୁଡ଼ାକୁ । କିଏ ନା କିଏ ଜେରା କରି ବସିବେ, କଥା ଓଲଟପାଲଟ ହୋଇଯିବ, ଚୋର ଖସିଯିବ, ବୋକା ସାବ୍ୟସ୍ତ ହେବି ସମସ୍ତଙ୍କ ଆଗରେ ।

-ହାଜର ହେ,- ହାଜର ହେ,- ହାଜର ହେ । ତିନିଥର କର୍କଶ ଡ଼ାକରେ ବରଗଛ ମୂଳର ଛତାଯୋତା ମରାମତକାରୀମାନେ, ଭେଣ୍ଡର, ପିଟିସନ ରାଇଟର ସମସ୍ତେ ଚମକିଗଲେ । ଏମିତି ଡ଼ାକି ଶୁଣି ଦୁର୍ଯ୍ୟୋଧନ ଲକ୍ଷ୍ମୀଙ୍କ ଗୋଇଠା ମାରିଥିଲା । ଏମିତି ଡ଼ାକ ସୃଷ୍ଟି ଶେଷରେ ଦେବଦୂତ ମୁହଁରୁ ଶୁଣାଯିବ, ଯାହା ଶୁଣି ସମସ୍ତେ ଦଣ୍ଡ ବା ପୁରସ୍କାର ନେବାପାଇଁ ଭଗବାନଙ୍କ ସିଂହାସନ ଆଗରେ ଛିଡ଼ାହେବେ । ବିନୀତ ବିନମ୍ର ଗଳାରେ 'ହାଜର' କହି କୋର୍ଟ ଭିତରକୁ ପଶିଲି । ହାକିମ କୁଆଡ଼େ ଭାରି ଟାଣୁଆ ମେଜାଜ୍‌ର । ପନିଶିଂ ମାଜିଷ୍ଟ୍ରେଟ ବୋଲି ତାଙ୍କ ଡ଼ାକ ନାଆଁ । ଦଣ୍ଡ ଦେବାରେ ତାଙ୍କର ଆନନ୍ଦ ।

କାଠ ରେଲିଂ ଥିବା ପ୍ଲାଟଫର୍ମ ଉପରକୁ ଯାଇ ଧର୍ମାବତାରଙ୍କୁ ସମ୍ମାନ ଜଣାଇଲି । ଦେଖିଲି, ଦାରୋଗା ପାଖକୁ ଜମାନବନ୍ଦୀ ଦେଇ ସାରିଥିବା ବୈଦ୍ୟନାଥ, ତା ଭାଇ ଏବଂ ମୋର ପୁଅ ଛିଡ଼ା ହୋଇଛନ୍ତି ।

ସାମନାରେ ଟଙ୍ଗା ହୋଇଥିବା ଇଂରାଜୀ ଶପଥପତ୍ର ପାଠ କରିଥିଲେ ହୁଏତ ହୃତ୍‌ସ୍ପନ୍ଦନ ଏତେ ବଢ଼ି ନ ଥାନ୍ତା । ମାତୃଭାଷା ମଣିଷ ପକ୍ଷରେ ଏତେ ପୂତ ଓ ପବିତ୍ର । ଓଡ଼ିଆରେ ଥରଥର କଣ୍ଠରେ ଶପଥପତ୍ର ପଢ଼ି ସାରିଛି, ଚପରାସିଟି ମୋ ଆଗରେ ଛିଡ଼ାହୋଇ କହିଲା, "କୁହ ଯାହା କହିବି ଧର୍ମରେ ସତ କହିବି।" ଯନ୍ତ୍ରଚାଳିତ ପରି ମୋ ପାଟିରୁ ବାହାରିଲା, "ଯାହା କହିବି ଧର୍ମରେ ସତ କହିବି ।"

ବାଁ ପାଖକୁ ମୋର ଖୁବ୍ ପାଖରେ କାଠଗଡ଼ ଭିତରେ କାନ୍ଥକୁ ଆଉଜି ଛିଡ଼ା ହୋଇଥିଲା ଆସାମୀ । ଅତୀବ କ୍ଷୀଣ ଶରୀର, ସରୁଆ ନିରୀହ ମୁହଁ, ପରିଧାନ ସେଇ ମସିଆ ଚାରିହାତି କରିଆ । ତିନିମାସ ତଳେ ଜୁନ୍ ୩୦ ତାରିଖ ରାତିରେ ଜହ୍ନ ଆଲୁଅରେ ବା ଲଣ୍ଠନ ଆଲୁଅରେ ବା ରାସ୍ତାର ସ୍ତିମିତ ଆଲୁଅରେ ସେ ମୁହଁଟି ଦେଖିଥିଲି । ଆଜି ଦଣ୍ଡେ ତା ଆଡ଼କୁ ଚାହିଁଛି, ଧୀରେ ଧୀରେ ତା ମୁହଁଟା ବହୁଦିନର ଚିହ୍ନା ମୁହଁପରି ଜଣାଗଲା । ଆଖି ଫେରାଇ ଆଣିଲି । ମୁଁ ତ ପ୍ରକୃତରେ ତାକୁ ଦଣ୍ଡ ଦେବାକୁ ଚାହୁଁ ନଥିଲି । ଜୁନ୍ ୩୦ ତାରିଖ ରାତି ନୁହେଁ, ତା ଜୀବନ ଚରିତ ଶୁଣିବା ପାଖରୁ ନୁହେଁ ବା ଆଜି ବି ନୁହେଁ । ସେ ବା ମୋର କଣ କ୍ଷତି କରିଛି ? କିନ୍ତୁ ଚଳନ୍ତା ଶଗଡ଼ରେ ହାତ ପୂରାଇଲେ କାଢ଼ିଆଣିବା ସେତେ ସହଜ ନୁହେଁ ।

Digitized by srujanika@gmail.com

ଜମାନବନ୍ଦୀରେ ଠିକେ ଠିକେ କହିଗଲି ସେଦିନ ରାତିର ଘଟଣାବଳୀ । ଏଫ୍.ଆଇ.ଆର୍. ଟା ଉପରେ ଥରେ ଆଖି ପକାଇ ନେଇଥିଲି ଘଟଣା ଯିମିତି ଅମେଳ ନ ହୁଏ । ଧର୍ମରେ ସତ କହିବାରେ କିଛି ଅସୁବିଧା ହେଲାନାହିଁ ।

ତାପରେ ଜେରା । ଜେରା କରିବ କିଏ ? ବୈଦ୍ୟନାଥ, ତା ଭାଇ ଓ ପୁଅକୁ କେହି ଜେରା କରିନାହିଁ । ତା ତରଫ ଓକିଲ କେହି ନାହିଁ । ହାକିମ ଆସାମୀ ଆଡ଼କୁ ଚାହିଁ ପଚାରିଲେ, "ତୁମର କିଛି ପଚାରିବାର ଅଛି ? ଜେରା କରିବାର ଅଛି ?"

ହଁ କହି ସେ ମୋ ଆଡ଼କୁ ଚାହିଁ ଆରମ୍ଭ କଲା, 'ସାର୍ ମୋ ଆଡ଼କୁ ଚାହାନ୍ତୁ ।'

ଅଗତ୍ୟା ମୁଁ କରୁଣ ଚାହାଣିଟାଏ ତା ଉପରେ ପକାଇଲି ଏବଂ ବେଶ୍ ଚିହ୍ନିଲି ସେ ମୋର ଅତି ଅନ୍ତରଙ୍ଗ ବାଲ୍ୟବନ୍ଧୁ ହେମନ୍ତ ବୋଲି ।

ଶୀତ ଦିନରେ ବି ସାରା ଦିହରୁ ଝାଳ ବାହାରିଗଲା ।

ପଚାରିଲା ପ୍ରଥମ ପ୍ରଶ୍ନ ମୋତେ ଚିହ୍ନିପାରୁଛନ୍ତି ସାର୍ ?

ହଁ ନା ମଧ୍ୟବର୍ତ୍ତୀ ଉତ୍ତରଟିଏ ଦେଲି । ଯଦିଓ ଧର୍ମରେ ସତ କହିବାକୁ ଗଲେ ସ୍ପଷ୍ଟ ହିଁ କହିବା କଥା ।

"ଚାଳିଶ ବର୍ଷ ତଳେ ଆମ ଗାଁରେ ଆମ ଘର ଆଗ ତିନ୍ତୁଳିଗଛ ମୂଳରେ ଆମେ ଦୁହେଁ ଲଙ୍ଗଳା ହୋଇ ଖେଳୁଥିଲେ, ମନେ ପଡୁଛି ସାର୍ ?

"ହୁଁ, ଲଙ୍ଗଳା ହୋଇ ଖେଳୁଥିଲେ କି ଲୁଗାପିନ୍ଧି ଖେଳୁଥିଲେ ମୁଁ କହିପାରିବି ନାହିଁ ।" ତାର ଏ ଅଶ୍ଳୀଳ ପ୍ରଶ୍ନରେ ମୁଁ ରାଗି ଯାଇଥିଲି ।

"ମୋ ମାଆ ପାଗିଳୀ ହୋଇ ଯାଇଥିଲା । ବାପା ଆପଣଙ୍କୁ ନିମ୍ନ ପ୍ରାଇମେରୀ କ୍ଲାସ୍‌ରେ ପଢ଼ାଉଥିଲେ, ମନେ ପଡୁଥିବ ?"

ମନେପଡ଼ିଲା, ତା ମାଆ କିମିତି ତା ଭଉଣୀ ଗୋଟାକୁ ପାଗଳାମିରେ ତଣ୍ଟିଚିପି ମାରି ଦେଇଥିଲା । ଆହୁରି ମନେ ପଡ଼ିଲା, ବାପା ଜେଜେବାପାଙ୍କ ଅନୁନୟ ବିନୟରେ ତା ବାପା ମୋତେ ଏମିତିରେ ଘରେ ପଢ଼ାଉଥିଲେ ଧନୀ ଲୋକଙ୍କ ପିଲା ସାଙ୍ଗରେ । କିଛି ଉତ୍ତର ଦେଲିନାହିଁ ଏ ପ୍ରଶ୍ନର ବରଂ ହାକିମଙ୍କ ଆଡ଼କୁ ଚାହିଁ ଆପତ୍ତି କଲି ପ୍ରଶ୍ନ ଅପ୍ରାସଙ୍ଗିକ ହେଉଛି ବୋଲି । ହାକିମ ଘଟଣା ସମ୍ପର୍କରେ ପ୍ରଶ୍ନ ପଚାରିବାକୁ ତାକୁ କହିଲେ ।

ସେ ଆରମ୍ଭ କଲା, "ସାର୍ ଦେଖନ୍ତୁ, ମୁଁ ଗରିବ ଲୋକ ମୂର୍ଖଲୋକ, ପାଠଶାଠ କିଛି ପଢ଼ିପାରିନି । ନିଜେ ମୁଁ ମୋର ଓକିଲ ଆପଣ କେଡ଼େ ବଡ଼ଲୋକ, କେଡ଼େ ଭାଗ୍ୟବାନ, ହଜାର ହଜାର ଅନ୍ଧକୁ ଚକ୍ଷୁଦାନ କରୁଛନ୍ତି । ମୁଁ ଚୋର ଜେଲଖଲାସୀ, ଦୟାକରି କୁହନ୍ତୁ ମୋ ପ୍ରଶ୍ନର ଉତ୍ତର । ଆପଣ ଯେତେବେଳେ ମୋତେ ଧରିଲେ ...

ହଠାତ୍ ତା କଥାକୁ ରୋକିଦେଇ ଧର୍ମରେ ସତ କହିଲି, "ମୁଁ ତୁମକୁ ଧରିନାହିଁ, ବୈଦ୍ୟନାଥ ଧରିଛି ।"

Digitized by srujanika@gmail.com

"ଠିକ୍ ସାର୍! ବୈଦ୍ୟନାଥ ଧରିକରି ମୋତେ କେଉଁଠାକୁ ଆଣିଲା ?"

"ମୋ ନୂଆଘର ପାଖକୁ ।"

"ବେଶ୍, ଠିକ୍ କଥା । ମୋତେ ସେମାନେ କେଉଁଠି ଛିଡ଼ା କରାଇଲେ ?"

"ପଡ଼ିଆର ସେଇ କୁଦଟା ଉପରେ ।"

"ବାଃ! ଠିକ୍! ଆଚ୍ଛା ସାର୍, ସେମାନେ ଯେତେବେଳେ ସେଇଠି ମୋତେ ବାଡ଼ଉଥିଲେ, ଆପଣ କହିଥିଲେ ନା ଥାଉ ଥାଉ ମାରନାହିଁ, ବିଚାରା ମରିଯିବ ଯେ ?"

ମୁଁ ଚୁପ୍ ରହିଲି, ଭାବିଲି କୁଆଡ଼କୁ ପ୍ରଶ୍ନ ନେଉଛି ?

"କିଛି ନ କୁହନ୍ତୁ । ସାର୍ ମୋର ସେଇ ଗୋଟାଏ ପ୍ରଶ୍ନ । ଯେତେବେଳେ ସେମାନେ ମୋତେ ବିଧା ଗୋଇଠା ଧକ୍କା ମାରୁଥିଲେ, ଆପଣ କହିଥିଲେ ନା ଥାଉ ଥାଉ ଢ଼େର ହେଲାଣି । କିଛି ତ ଚୋରିକରିନି । ପାଗଳାଟା । ଛାଡ଼ିଦିଅ । ଯୁଆଡ଼େ ଯିବ ଯାଉ ।" ଦଣ୍ଡେ ଅଟକିଯାଇ କହିଲା, "କୁହନ୍ତୁ ସାର୍! ଆପଣ ଜଣେ ବଡ଼ ପ୍ରଫେସର, ଅନ୍ଧକୁ ଆଖି ଦେଉଛନ୍ତି, ମାନସମ୍ମାନ ପାଉଛନ୍ତି । ସମାଜର ଜଣେ ବଡ଼ଲୋକ, ଆପଣ ଭାଗ୍ୟବାନ୍ । ମୁଁ ଘୃଣ୍ୟ, ନଗଣ୍ୟ, ଜଘନ୍ୟ, ଜେଲଖଲାସୀ, ଚୋର, ଗରିବ, ମୋର ସାହାଭରସା କେହି ନାହିଁ । ଆପଣଙ୍କ ପଦେ ହଁ, ନା ଉପରେ ମୋ ଜୀବନ ନିର୍ଭର କରୁଛି । କୁହନ୍ତୁ ସାର୍, ଧର୍ମରେ ସତ କହିବେ ବୋଲି ଶପଥ ନେଇଛନ୍ତି । କୁହନ୍ତୁ, ଆପଣ ସେମିତି କହିଥିଲେ କି ନାହିଁ ?"

ପନିଶିଂ ମାଜିଷ୍ଟ୍ରେଟ୍ ମୋର ଅସହାୟ ଓ ଦୟନୀୟ ଅବସ୍ଥା କେତେବେଳୁ ନଜର କରିସାରିଲେଣି । ମକଦ୍ଦମା ଯେ ଫସକି ଯାଇପାରେ, ଏକଥା ତାଙ୍କୁ ହୃଦବୋଧ ହେଲାଣି । ମୁଁ ଜୁଳୁଜୁଳୁ ହୋଇ ତାଙ୍କ ଆଡ଼କୁ କିଂକର୍ତ୍ତବ୍ୟବିମୂଢ଼ ହୋଇ ଚାହିଁ ରହିଛି, ସେ ପାଟିକରି କହିଲେ, କଣ ସେଇ ଗୋଟାଏ କଥା ଥରକୁ ଥର ପଚାରୁଛି ! ସେ ସେମିତି କିଛି କହି ନାହାନ୍ତି, କହିଥିଲେ ତୁ ଏଠିକି ଆସିଥାନ୍ତୁ ?" ମୁଁ ଧର୍ମରେ ସତ କହିଥାନ୍ତି 'ଅଶ୍ୱତ୍ଥାମା ହତ' ବୋଲି ମାତ୍ର 'ଇତି ଗଜ' ଖୋଜି ପାଉନଥିଲି । ହାକିମକୁ ପାଳିଦେଇ ଆସାମୀକୁ ଚାହିଁ 'ନା' କହିଦେଲି । ସେ କପାଳରେ ହାତ ଦେଇ ବସି ପଡ଼ିଲା । ମୂର୍ଚ୍ଛା ହୋଇଯିବି ଡ଼ରି ଚେୟାରଟାରେ ବସିପଡ଼ିଲି । ବିଚାର ଶେଷ ।

ପରେ ଦିନେ ଦାରୋଗାବାବୁ ଠାରୁ ଶୁଣିଲି ଅନଧିକାର ପ୍ରବେଶ ଓ ଅନ୍ୟାନ୍ୟ କେତୋଟି ଦଫାରେ ହେମନ୍ତକୁ ତିନିବର୍ଷ ସଜା ହୋଇଯାଇଛି । ତାର ଭାଉଜ ପାଗଳୀ ହୋଇ ପ୍ରତିଦିନ ଥାନାକୁ ଆସି 'ହେମ କାହିଁ, ମୋ ହେମ କାହିଁ ?' ଚିତ୍କାର କରୁଛି, ମାଆ ଛୁଆକୁ ହରାଇ ଯେମିତି ଅଧୈର୍ଯ୍ୟ ହୁଏ ।

ଥରେ ଧର୍ମରେ ସତ (!) କହିଥିଲି ଯେ ଜଣେ ତିନିବର୍ଷ ଜେଲ୍, ଆଉଜଣେ ପାଗଳୀ । ସମ୍ପ୍ରତି, ଧନଜୀବନ ଯାଉ ପଛକେ ଦ୍ୱିତୀୟ ବାର ଧର୍ମରେ ସତ କହିବାକୁ ଆଉ ଯିବି ନାହିଁ ।

Digitized by srujanika@gmail.com

# ଅଭିନୟ

ସୁମିତ୍ରା ହସୁଥାଏ ଏବଂ କହୁଥାଏ "ମୋ ଦେଇ ପାର୍ଟ ହବନି, ସାର୍, କାହିଁକି ମୋତେ ବଳାଉଛନ୍ତି ! ମୁଁ ଜୀବନରେ କେବେ ପାର୍ଟ କରନି, ଷ୍ଟେଜ ଉପରେ ଡ଼ର ମାଡ଼ିବ, ଥରିବି, ପାଟିରୁ ଭାଷା ବାହାରିବ ନାହିଁ । ଆପଣଙ୍କ ଡ୍ରାମା ନଷ୍ଟ ହୋଇଯିବ ।"

ସୁମିତ୍ରାର କଥାବାର୍ତ୍ତା ଭାବଭଙ୍ଗୀରୁ ମୋର ବେଶ୍ ହୃଦ୍‌ବୋଧ ହେଲା ଯେ, ତା ଦେଇ ଅଭିନୟ ବଢ଼ିଆ ହେବ କିନ୍ତୁ ତାକୁ ମଙ୍ଗାଇବା ମୁସ୍କିଲ । ଏ ଗୋଟାଏ ମଫସଲ କଲେଜ । ଏଠି ଝିଅମାନେ କେବେ ମଞ୍ଚକୁ ଓହ୍ଲେଇ ନାହାନ୍ତି, ଗାଁବାଲା ରକ୍ଷଣଶୀଳ, ମରହଟ୍ଟିଆ, ମୋଟେ ପସନ୍ଦ କରିବେନି ଝିଅପୁଅଙ୍କ ଏକତ୍ର ଅଭିନୟ । ବଦନାମ ସାର୍ ହେବ ।

ସୁମିତ୍ରାକୁ ଆଉ ଖୋସାମତ କରିବାକୁ ଇଚ୍ଛା ହେଉନଥାଏ । ତଥାପି ଯେତେବେଳେ ମନେପଡ଼ିଲା ଯେ ପୁଅଙ୍କୁ ଝିଅ ସଜେଇ ପୁଣି ସେକ୍‌ସପିଅର ଯୁଗର ଥିଏଟର କରିବାକୁ ପଡ଼ିବ, ମୋର ଆତ୍ମା ବିଦ୍ରୋହୀ ହୋଇ ଉଠିଲା । ତା' ଛଡ଼ା ସୁମିତ୍ରା ପାଖରେ ଯେତିକି କଳା ଲକ୍ଷଣ ଦେଖିଲାଣି, ସେଥିରୁ ମୋର ବେଶ୍ ଧାରଣା ହୋଇଛି ଯେ ଯେଉଁ ନାଟକ ନିର୍ବାଚନ କରିଛି ତାର ନାୟିକା ପାଇଁ ତାଠୁଁ ଯୋଗ୍ୟ ଅଭିନେତ୍ରୀ ଆମ କଲେଜରେ କାହିଁକି, ପାଞ୍ଚଦଶଟା କଲେଜ ଖୋଜିଲେ ବି ମିଳିବେ ନାହିଁ । ମୋର ନାୟିକା ଜନନୀ; ତେଣୁ ଏମିତି ଝିଅ ମୋର ଦରକାର ଯେକି ଜନନୀ ନ ହୋଇ ଜନନୀ ପରି ଦିଶୁଥିବ ଏବଂ ଜନନୀର ଭାବଭଙ୍ଗୀ ଫୁଟାଇ ପାରୁଥିବ । ସୁମିତ୍ରାକୁଇ ମୋର ଦରକାର ।

ମୁଁ କହିଲି, "ସୁମିତ୍ରା ! ତୁମ ଦେଇ ଏ ପାର୍ଟ ବଢ଼ିଆ ହେବ । ମିଛରେ ଡ଼ରୁଛ, ନାରଭସ୍ ହେଉଛ, କେତୁଟା ଦିନ ରିହାର୍ସେଲ ପରେ ଦେଖିବ, ତୁମେ ବେଶ୍ ଅଭିନୟ କରିପାରୁଛ । ମଞ୍ଚରେ ବେପରୁଆ ଚଲାବୁଲା କରି ସାଧୀନ ଭାବରେ ନିର୍ଭୟରେ ଫ୍ରି ଆକ୍ଟିଂ କରି ପାରିବ । ତୁମେ ଆସିଲେ ନାଟକ ଅଲବତ୍ ସଫଳ ହେବ । ତା'ଛଡ଼ା ଏତିକି ଭାବୁନ, ତୁମେ ସବୁ ଏତେ ଝିଅ ଥାଉଁ ଥାଉଁ ପୁଅକୁ ତୁମ ପାର୍ଟ ଦିଆଯିବ, ଏହା ଝିଅଙ୍କ ପକ୍ଷରେ ତଥା କଲେଜ ପକ୍ଷରେ କେଡ଼େ ଲଜ୍ଜାଜର କଥା ! ତୁମେ ରାଜି ହୋଇଯାଅ, ଭଲ ହେବା ନ ହେବା ମୋ ଉପରେ ଛାଡ଼ିଦିଅ ।"

"ମୁଁ ସବୁ ବୁଝୁଛି ସାର୍, ତଥାପି ମୋତେ ଆଉ ବଳାନ୍ତୁ ନାହିଁ । ଏତେ ଝିଅ ଅଛନ୍ତି, ଆଉ କାହାକୁ କହନ୍ତୁ । ଏ ଜାଗା କଥା ଆପଣ ଜାଣନ୍ତି ନାହିଁ, ନୂଆକରି ଆସିଛନ୍ତି । ଏ କଲେଜ ପିଲା..."

ସୁମିତ୍ରା ସାଙ୍ଗରେ ଯେଉଁ ସାତ ଆଠଜଣ ଝିଅ ଥିଲେ ସେମାନେ ମୋର ନିବେଦନରେ ବୋଧହୁଏ ଚହଲିଯାଇ କହିଲେ, "ସୁମିତ୍ରା ! ତୁ ରାଜି ହୋଇଯାଏ ଆମେ ତୋ ପଛରେ ଅଛୁ, ଦେଖିବା କିଏ କଣ କହିବ, କରିବ ।"

Digitized by srujanika@gmail.com

ସୁମିତ୍ରା କହିଲା, "ତୁମେ ସବୁ ଭାରି ଚାଲାକ୍ ଅଛ, ମୋତେ ବାଘମୁହଁକୁ ପେଲିଦେଲ... ତୁମେ ସବୁ ନିଜେ ଆସୁନ ତା' ଛଡ଼ା ବହିରେ ଜଣେ ନାରୀ ଚରିତ୍ର, ସାଙ୍ଗରେ କେହି ନାହିଁ, ମୁଁ ଏକୁଟିଆ," ମୋ ଆଡ଼କୁ ଚାହିଁ କହିଲା, "ନା ସାର୍, ମୁଁ ପାରିବି ନାହିଁ ।"

ଦେଖିଲି ସୁମିତ୍ରାର ଆପତ୍ତି, ଯୁକ୍ତି ଯଥାର୍ଥ । ଏକୁଟିଆ ତାକୁ ଅଡୁଆ ଲାଗିବ । ହଠାତ୍ ଖିଆଲ ପଶିଲା ଗୋଟାଏ ଏକାଙ୍କିକା କରାଯାଉ କହିଲି, ବେଶ୍, ଆଉ ଗୋଟାଏ ନାଟକ କରିବା, ଯହିଁରେ କେବଳ ଝିଅମାନେ ପାର୍ଟ କରିବେ । ତୁମେ ସବୁ ପାର୍ଟ ନବ ତ ? ସମସ୍ତେ ଏକସ୍ୱରରେ ହଁ କହିଲେ ।

ସୁମିତ୍ରା ଚୁପ୍ ହେଲା, ଆଉ ଆପତ୍ତି କଲା ନାହିଁ । ଖାଲି କହିଲା, "ମୋ ବାପା ରାଜି ହେବେନି ।" ପରେ ଜାଣିଲି ସୁମିତ୍ରାର ମା ନାହିଁ ତା କଥାକୁ ସମର୍ଥନ କରି ସମସ୍ତେ ପୁଣି ଏକାସାଙ୍ଗରେ କହିଲେ, "ବାପା ମାଆ ଅନୁମତି ନ ଦେଲେ ଆମେ ବି କେହି ଓହ୍ଲାଇବୁ ନାହିଁ ।"

ସେ ଭାର ପୁଣି ମୋ ଉପରକୁ ଆଣିଲି । ଅଭିଭାବକମାନଙ୍କ ଅନୁମତି ନ ନେଇ ଝିଅଙ୍କୁ ଥିଏଟର କରାଇବା ଯିମିତି ଦାୟିତ୍ୱହୀନତାର ପରିଚାୟକ, ସିମିତି ବିପଜ୍ଜନକ । କହିଲି, "ତୁମେ ସବୁ ବ୍ୟସ୍ତ ହୁଅନି । ଯଦି ଅନୁମତି ନ ମିଳେ, ତେବେ ତୁମେ କେହି ଯୋଗ ଦେବନାହିଁ ।"

ସନ୍ଧ୍ୟା ହେଲା । ନାଟ୍ୟ ସଂସଦର ସମ୍ପାଦକଙ୍କୁ ଧରି ବାହାରି ପଡ଼ିଲି । ଅନୁମତି ମିଳିବା ଯେତେ କଷ୍ଟକର ପାଠ ବୋଲି ଭାବିଥିଲି, ତାହା ହେଲା ନାହିଁ । ଜଣେ ଦୁଇଜଣ ଅଭିଭାବକ ରାଜି ହେବାରୁ (ତାଙ୍କ ଝିଅମାନେ ତାଙ୍କୁ ମନାଇ ସାରିଥିଲେ ବୋଧହୁଏ) ତାଙ୍କରି ନଜିର ଦେଇ ଅନ୍ୟମାନଙ୍କୁ ସହଜରେ ମଙ୍ଗାଇଲି । ଯଥାସମ୍ଭବ ଦିନବେଳେ ରିହାର୍ସେଲ ହେବ ଏବଂ ସଞ୍ଜବେଳକୁ ସମସ୍ତେ ଘରକୁ ଫେରିବେ । ଯଦି ଦୈବାତ୍ ରାତି ହୁଏ ତେବେ ରିକ୍ସାକରି କେହି ଦାୟିତ୍ୱସମ୍ପନ୍ନ ବ୍ୟକ୍ତି ଜଣ ଜଣ କରି ଘରେ ପହଞ୍ଚାଇ ଦେବେ ।

ସୁମିତ୍ରାର ବାପ ହେମନ୍ତ ବାବୁ କେମିଷ୍ଟ୍ରୀ ଡ଼ିପାର୍ଟମେଣ୍ଟର ଲେବୋରେଟରି ଏସିଷ୍ଟେଣ୍ଟ । ଅମାୟିକ ଲୋକ, ଧାର୍ମିକ, ପୁରୁଣାକାଳିଆ । ଝିଅପୁଅ କହିଲେ ତାଙ୍କର ଏଇ ଗୋଟିକ । ମାଆ ନ ଥିବାରୁ ଝିଅକୁ ପାଳିବା ତାଙ୍କ ପକ୍ଷରେ ଗୁରୁ ଦାୟିତ୍ୱ । ସେ କଲେଜ ଓ କଲେଜ ପିଲାଙ୍କୁ ବେଶ୍ ଜାଣନ୍ତି । ସେ ଆଦୌ ମଙ୍ଗୁନଥିଲେ । ମୁଁ କହିଲି, "ସେ ମୋ ଝିଅ ପରି, ମୋ ଜିମା ଝିଅକୁ ଛାଡ଼ି ଦିଅନ୍ତୁ, ତା ଭଲମନ୍ଦ ମୁଁ ବୁଝିବି, ମୁଁ ନିଜେ ଆଣି ତାକୁ ଘରେ ଛାଡ଼ି ଦେଇଯିବି ପ୍ରତିଦିନ ।" ଦିପଦ ମିଛ କହିଲି, "ପାର୍ଟ ସିମିତି ଅଶ୍ଳୀଳ ନୁହେଁ, ଝିଅପୁଅ ପରସ୍ପରଠାରୁ ଦୂରରେ ଥାଇ ଅଭିନୟ କରିବେ ।" ସୁମିତ୍ରାର ବାପା କୁନ୍ଥେଇ କୁନ୍ଥେଇ ରାଜି ହେଲେ ।

Digitized by srujanika@gmail.com

ତହିଁ ପରଦିନ କଲେଜରେ ଚାଞ୍ଚଲ୍ୟ ଖେଳିଗଲା । ଯୋଡ଼ା ଯୋଡ଼ା ନାଟକ ହେବ । ଝିଅମାନେ ପାର୍ଟ କରିବେ, ଜଣେ ଅଧେ ନୁହନ୍ତି ଆଠଦଶ ଜଣ । ପୁଅ ପିଲାଏ ନୂଆ ଉତ୍ସାହରେ ନିର୍ବାଚନ ପ୍ରତିଯୋଗିତାରେ ଅବତୀର୍ଣ୍ଣ ହେଲେ । ଯେଉଁମାନେ ପାର୍ଟ ପାଇଲେ ନାହିଁ, ସେମାନେ ବିଷର୍ଣ୍ଣ ହେଲେ । କେତେଜଣ ପାକଳ ଟୋକା ଓ ଅପାକଳ ଅଧ୍ୟାପକ ବିଦ୍ରୋହୀ ମନୋଭାବ ଦେଖାଇ ନାଟକ କରାଇ ନ ଦେବାପାଇଁ ମଧ ଧମକ ଦେଲେ । ନିଷ୍ପତ୍ତି ହେଲା, ମୁଁ ସୁମିତ୍ରାର ନାଟକ ଦାୟିତ୍ୱରେ ରହିବି, ସହଯୋଗୀ ଉପସଭାପତି ଓ ଜନୈକ ଅଧ୍ୟାପିକା ଏକାଂକିକାର ରିହାର୍ସେଲ ଦେଖିବେ ।

ସୁମିତ୍ରାର ପ୍ରତିପକ୍ଷ ନାୟକ ଆକାରରେ ବଛାଗଲା ରମେଶକୁ । ରମେଶ ଦେଖିବାକୁ ଲମ୍ବାଚୌଡ଼ା, ସେତେ ସୁନ୍ଦର ନୁହେଁ । ରଙ୍ଗ କଳା । ପ୍ରେମିକ ବା ସ୍ୱାମୀ ଆକାରରେ ସେ ହୁଏତ କୌଣସି ଝିଅର କାମ୍ୟ ନୁହେଁ । ଧୋତି ପଞ୍ଜାବୀ ପିନ୍ଧେ । ଗାରଟିଏ ନିଶ । ପାନ ପ୍ରଚୁର ଚୋବାଏ । ସୁମିତ୍ରାର କ୍ଲାସ୍ ଫ୍ରେଣ୍ଡ୍ । ନାଟକର ନାୟକ ପାଇଁ ତାର ଚେହେରା ବା ଚାଲିଚଳନରେ କୌଣସି ଅସଙ୍ଗତି ବା ବ୍ୟତିକ୍ରମ ନ ଥିଲା ।

ପରଦିନ ରବିବାର । ପାର୍ଟ ବଣ୍ଟା ସାରିଥାଏ । ପ୍ରଥମକରି ନାଟକର ପୂର୍ବାଭ୍ୟାସ ହେବ । ସଂକ୍ଷେପରେ ନାଟକର କଥା କହିଦେଲି ।

"ନାଟକର ନାୟକ ଏକ ସମ୍ବାଦପତ୍ରର ସହକାରୀ ସମ୍ପାଦକ । ଘରେ ତାଙ୍କର ସ୍ତ୍ରୀ ଓ ଶିଶୁପୁତ୍ର । ଦିନେ ସମ୍ପାଦକ ତାଙ୍କୁ ଅନୁରୋଧ କଲେ କ୍ରୀଡ଼ା ସମ୍ବନ୍ଧରେ ଏକ ବକ୍ତୃତା ଲେଖି ଦେବାପାଇଁ ଖବରକାଗଜରେ ମଧ ଛପାଯିବ । ବିବେକୀ ସହକାରୀ ସମ୍ପାଦକ ଜାଣନ୍ତି ଯେ ସମ୍ପାଦକ ଖେଳ କିଛି ଜାଣନ୍ତି ନାହିଁ, ନିଜ ପିଲାଝିଲାଙ୍କୁ ଖେଳିବାକୁ ଦିଅନ୍ତି ନାହିଁ, କାଳେ ଗୋଡ଼ହାତ ଭାଙ୍ଗିଯିବ ଏବଂ ଖେଳାଳିକୁ ଘୃଣା କରନ୍ତି । ତେଣୁ ସେ ସମ୍ପାଦକଙ୍କ ଅନୁରୋଧ ରକ୍ଷାକରିବାକୁ ଅକ୍ଷମତା ପ୍ରଦର୍ଶନ କଲେ । ସମ୍ପାଦକ କ୍ରୋଧରେ ତାଙ୍କୁ ଚାକିରୀରୁ ବରଖାସ୍ତ କରିଦେଲେ । ତାପରେ ଯେଉଁ ଶୋକାବହ ଘଟଣା ଘଟିଲା ଏବଂ ଯାହାଫଳରେ ଅନାହାରରେ ଶିଶୁପୁତ୍ରର ମୃତ୍ୟୁ ହେଲା ଏବଂ ସୁଖୀ ପରିବାରଟି ନଷ୍ଟ ହୋଇଗଲା, ତାକୁଇ ଆଧାରିତ କରି ଏ ବିୟୋଗାନ୍ତକ ନାଟକ ।"

ସୁମିତ୍ରା ସଂକ୍ଷିପ୍ତସାର ଶୁଣୁଥାଏ ଏବଂ ହସୁଥାଏ । କିଏ ନାୟକ ପାର୍ଟ କରିବ ସେ ଆଗକୁ ଆସିବାକୁ ଜୁଳୁଜୁଳୁ ଆଖିରେ ଚାହିଁଥାଏ । ମୁଁ କିନ୍ତୁ ଜାଣି ସାରିଛି ଯେ ସେ ପଚରାଉଚରା କରି ପ୍ରତିପକ୍ଷକୁ ଜାଣିଛି, ଚିହ୍ନିଛି ମଧ । ତାରି ଟିଉଟରିଏଲ ଗ୍ରୁପ୍‌ର ପିଲା ସେ । ନ ଜାଣିବାର ଅଭିନୟ କରୁଥାଏ ।

ପ୍ରଥମ ଦୃଶ୍ୟରେ ଅଭିନୟ ଆରମ୍ଭ ହେବ । ସୁମିତ୍ରାକୁ ଡ଼ାକିଲି, "ଆସ ଆରମ୍ଭ କର, ତୁମେଇ ତ ଆରମ୍ଭ କରିବ ।" ତାପରେ ରମେଶକୁ ଚାହିଁ କହିଲି, "ଆସ, ଏଇ ବେଞ୍ଚଟାକୁ ଖଟ ଭାବି ଦୁହେଁ ପାଖେ ପାଖେ ବସ ।"

Digitized by srujanika@gmail.com

ସୁମିତ୍ରା ହସିଲା ଏବଂ କହିଲା "ମୁଁ ପାରିବି ନାହିଁ, ମୋ ଦେଇ ପାର୍ଟ ହବନି, ଲାଜ ମାଡୁଛି, ଶାନ୍ତିକୁ କୁହନ୍ତୁ ସେ କରୁ । ମୁଁ ତାକୁ କହିଛି, ସେ ମଙ୍ଗିଛି ମୋ ପାର୍ଟ କରିବା ପାଇଁ ।"

ଫେର ମୂଳରୁ ଆରମ୍ଭ । ସେଇ ପ୍ରବର୍ତ୍ତନା, ସେଇ ଅନୁନୟ, ଅନୁରୋଧ, ଖୋସାମତି । ବଡ଼ ବିରକ୍ତ ଲାଗିଲା । ନାଟକ ନ ହେଉ, ଝିଅଟା ଗୋଡ଼ତଳେ ପଡ଼ିବି ନା କ'ଣ ? ଅତି ବେଶୀ ହେଇଯାଉଛି ।

ରମେଶ ବାହାରିପଡ଼ି କହିଲା, "କଣ ଇମିତି ହଉଛ ? ସାର୍ ଆଉ କେତେ ଖୋସାମତ କରିବେ ? ଆସ, କିଛି ଅଡୁଆ ହବନି । ତୁମେ ଯାହା ଯିମିତି କହିବ ସେଇ ରକମ ମୁଁ ପାର୍ଟ କରିବି ।"

ସୁମିତ୍ରା ପୁଣି ହସିଲା ଓ ଗୁଣୁଗୁଣୁ ହୋଇ କହିଲା, "କହିବା ଯେତେ ସହଜ, କରିବା ସେତେ ସହଜ ନୁହେଁ । ହେଲା, ମୁଁ ଦିନେ ଦି'ଦିନ ଦେଖେଁ, ହବ ତ ଭଲ, ନହେଲେ ଛାଡ଼ିଦେବି । ମୋତେ ସେତେବେଳେ ଦୋଷିବେ ନାହିଁ ସାର୍!"

ରିହାର୍ସେଲ ଆରମ୍ଭ ହେଲା । ପ୍ରଥମ ଶବ୍ଦ 'ପ୍ରିୟତମ'ରେ ଅଟକିଲା ରହାର୍ସେଲ । ସୁମିତ୍ରା ଆପତ୍ତିକଲା, ଏମିତି ଶବ୍ଦ ସେ ପାଟିକୁ ଆଣିବ ନାହିଁ । ସେ ଜାତିର ଯେତେ ଶବ୍ଦ ଯଥା ସ୍ୱାମୀନ୍! ପ୍ରଭୋ! ନାଥ! ପ୍ରାଣପ୍ରିୟ! ଆଦି ସମ୍ବୋଧନ କାଟିବାକୁ ହେବ ।

ଅଗତ୍ୟା ମୁଁ ରାଜିହେଲି । ପରବର୍ତ୍ତୀ ବାକ୍ୟରେ ରମେଶ ଯିମିତି ପ୍ରାଣପ୍ରିୟେ! ଧନରାଶି! କହିଛି, ସୁମିତ୍ରା ପୁଣି ଆପତ୍ତି କଲା । ସିମିତି ଯେତେବେଳେ ସମ୍ବୋଧନ ବହିରେ ଅଛି ତାକୁ କାଟିବାକୁ ପଡ଼ିବ । ସେଥିରେ ମଧ ରାଜିହେଲି ଏବଂ ମନେ ମନେ ଭାବିଲି, ମେଣ୍ଢା ନିର୍ବାଳ ଯିମିତି ନ ହୁଏ ।

ପ୍ରଥମ ଅଙ୍କର ରିହାର୍ସେଲ କୌଣସିମତେ ସରିଲା । ଯେଉଁଠି ଦିହିଙ୍କି ଟିକିଏ ପାଖକୁ ପାଖ ହୋଇ ବସିବାକୁ କୁହେଁ, ହାତକୁ ହାତ ଧରିବା ପାଇଁ ନିର୍ଦ୍ଦେଶ ଦିଏ ବା ଆଖିଭଙ୍ଗୀ ଟିକିଏ ସାବଲୀଳ ଓ ଜୀବନ୍ତ କରିବାକୁ କୁହେଁ, ସୁମିତ୍ରା ରାଜି ହୁଏନାହିଁ ଏବଂ ଦୂରେଇ ଯାଇ ବସିବା ଛିଡ଼ା ରହି ଶୁଖିଲା ସଂଳାପଗୁଡ଼ାକ କହିଯାଏ । ଅଭିନୟରେ ନା ଥାଏ ଆନ୍ତରିକତା ନା ଥାଏ ସ୍ୱାଭାବିକତା । ତା ଛଡ଼ା ପ୍ରତି ବାକ୍ୟଟି କହିସାରି ହସିଦିଏ । ଗମ୍ଭୀର ପରିବେଶ ପାଣି ଫାଟିଯାଏ । ମୋତେ କ୍ରମେ ଜଣାଗଲା, ନାଟକଟି ପୂରାପୂରି ଫେଲିଓର ହେବ । ସାମାଜିକ ନାଟକ ପସନ୍ଦ ନ କରି ପୌରାଣିକ ବା ଐତିହାସିକ ନାଟକଟିଏ ବାଛିଥିଲେ ଚିତ୍କାର କରି କୌଣସି ମତେ କାମ ଚଳାଇ ହୋଇଥାନ୍ତା ।

ପ୍ରଥମ ଦିନର ରିହାର୍ସେଲ ଶେଷରେ ଉତ୍ସାହ ଦେବା ଛଳରେ ସୁମିତ୍ରାକୁ କହିଲି "କ୍ରମେ କ୍ରମେ ଉନ୍ନତି ହେବ, ଅଣସାହସ ହୁଅ ନାହିଁ । ତୁମେ ଘରେ ପାର୍ଟଗୁଡ଼ାକ ମୁଖସ୍ଥ କର, ନିଜେ ନିଜେ ଅଭିନୟ କର । ଯେତେ ଯେତେ ଅଡୁଆ ଶବ୍ଦ ମୁଁ କାଟି ଦେଉଛି, ଯେତେ ଅଡୁଆ ଦୃଶ୍ୟ ମୁଁ ବଦଳ କରିଦେବି ଏଇଠି ରିହାର୍ସେଲ ଚାଲିଥିଲା ବେଳେ ।

Digitized by srujanika@gmail.com

ଡ଼ର ନାହିଁ, ଫ୍ରି ହୁଅ । ଭାବ ଫୁଟାଇବାର ଚେଷ୍ଟା କର । ସ୍ଥାନ ଅସ୍ଥାନରେ ହସି ଦେଉଛ । ଅଯଥା ହସକୁ ରୋକ ଏବଂ ମନେରଖ, ନାଟକଟା କରୁଣ ଏବଂ ତୁମେ ଟ୍ରାଜିକ୍ ହିରୋଇନ୍ ।"

ସନ୍ଧ୍ୟାହେଲା । ରିକ୍ସା ଡ଼କାହେଲା । ମୁଁ ଆଉ ରମେଶ ସାଇକେଲରେ ରିକ୍ସା ପଛେ ପଛେ ଗଲୁ ଏବଂ ସୁମିତ୍ରାକୁ ତା ଘରେ ପହଞ୍ଚାଇ ଦେଲୁ । ତା' ବାପା ପଚାରିଲେ, "ସାର୍, ହବ ନା ସୁମିଦେଇ ?" ମୁଁ କହିଲି, "ଆଜି ତ ଆରମ୍ଭ ହେଲା । ହବ । ଘରେ ଟିକିଏ ପରିଶ୍ରମ ଦରକାର ।" କୁନ୍ଥେଇ ହୋଇ ପୁଣି କହିଲି "ପାରିବ ।" ଫେରିଲାବେଳେ ରମେଶକୁ କହିଲି, "ରମେଶ ! ତୁମେ ଟିକିଏ ସାବଧାନ ଓ ସଂଯତ ହୋଇ ଅଭିନୟ କରିବ, ନହେଲେ ମଝି ନଈରେ ସମସ୍ତେ ବୁଡ଼ିବା ।" ସେ କହିଲା, "ମୁଁ ସବୁ ବୁଝିସାରିଛି, ସାର୍ ! ଦେଖିବେ କିଛି ଅସୁବିଧା ହବନି । ମୁଁ ସୁମିତ୍ରାକୁ ଠିକ୍ ମେନେଜ କରିନେବି । ଆହୁରି ଦେଢ଼ମାସ ସମୟ ଅଛି । ସେ ମୋର କ୍ଲାସ୍ ଫ୍ରେଣ୍ଡ୍, ଦୂରସମ୍ପର୍କିତା ଭଉଣୀ । ତାକୁ ମୁଁ ଠିକ୍ ବାଗକୁ ଆଣିପାରିବି ।"

କେତେଦିନ ପରେ ଆଉ ଏକ ଦୁଃସମ୍ବାଦ ମିଳିଲା । ଏକାଙ୍କିତା ଦାୟିତ୍ୱରେ ଥିବା ଅଧ୍ୟାପିକା କହିଲେ, "ସୁମିତ୍ରା ତା ସାଙ୍ଗମାନଙ୍କୁ କୁଆଡ଼େ କହୁଥିଲା, ସେ ଆଉ ଅଭିନୟ କରିବନି କାରଣ ନାୟକ ନିହାତି ମଫସଲି, କଳା, ଦେଖିବାକୁ ସୁଶ୍ରୀ ନୁହେଁ, ଛେଳି ପରି ଗୁଡ଼ାଏ ପାନ ଚୋବାଏ । ତାର ପ୍ରେରଣା, ଉତ୍ସାହ ମୋଟେ ଆସୁନି ତାକୁ ଦେଖିଲା ମାତ୍ରେ । ନାୟକ ବଦଳ ନ କଲେ ସେ ଅଭିନୟ କରିବନି ।"

ମୁଁ ଭୀଷଣ ରାଗିଗଲି । ମୋର ନାଟକ କରାଇବାରେ କଣ ସ୍ୱାର୍ଥ ଅଛି ? ପ୍ରିନ୍‌ସପାଲଙ୍କ ଠାରୁ ପ୍ରଶଂସା, ସାର୍ଟିଫିକେଟ୍, ଏଇତଃ ନାଟ୍ୟସଂସଦ ସମ୍ପାଦକ, ସଭ୍ୟ ଓ ନଟନଟୀମାନଙ୍କୁ କହିଲି, "ପ୍ରିନ୍ସିପାଲଙ୍କ ଆଗରେ ଯାଇ ମୁଁ ଏହିକ୍ଷଣି କହିବି ନାଟକ ହୋଇ ପାରିବନି । କଲେଜର ତଥା ଛାତ୍ରମାନଙ୍କ ସାଂସ୍କୃତିକ ଉନ୍ନତି ପାଇଁ, ନୂତନ ପରମ୍ପରା ପ୍ରତିଷ୍ଠା ପାଇଁ ଚେଷ୍ଟା କରୁଥିଲି । ମୁଁ ପିଲାମାନଙ୍କୁ ଖୋସାମତି କରିପାରିବି ନାହିଁ । ସମସ୍ତଙ୍କୁ ପାରିଥାନ୍ତି । କିନ୍ତୁ ରମେଶ ଆଉ ସୁମିତ୍ରାକୁ ପାରି ହବନି । ତାଙ୍କରି ଉପରେ ନାଟକର ସଫଳତା ନିର୍ଭର କରୁଛି ମାତ୍ର ପ୍ରତିଦିନ ପ୍ରତି କଥାରେ ଦୁହିଁଙ୍କ ପଛଘୁଞ୍ଚା । ସେମାନେ ସମସ୍ତଙ୍କ ଆଗରେ ପ୍ରତିଶୃତି ଦିଅନ୍ତୁ ଆଉ କେବେ କେଁ କାଁ ହେବେନି, ନିଷ୍ଠାର ସହିତ ଅଭିନୟ କରିବେ ନିର୍ଦ୍ଦେଶ ମୁତାବକ ।"

ଫଳ ମିଳିଲା । ସମସ୍ତେ ସେ ଦୁହିଁଙ୍କ ଉପରେ ଚିଡ଼ିଲେ । ସେଦିନ ରିହାର୍ସେଲରେ ଉନ୍ନତି ମଧ୍ୟ ହେଲା । ଦ୍ୱିତୀୟ ଅଙ୍କ ପୂରାପୂରି ଅଭିନୀତ ହୋଇପାରିଲା । ଅଭିନୟ ମାମୁଲି ନହୋଇ ଟିକିଏ ଉଚ୍ଚାଙ୍ଗ ହେଲା, ମାତ୍ର ଅସୁବିଧା ହେଲା ସୁମିତ୍ରାର ହସ । ଅଜାଗାରେ ସେ ଫିସ୍ କରି ହସିଦିଏ ଏବଂ ଯାହା ଏଫେକ୍ଟ ହୋଇଥାଏ ସବୁ ନଷ୍ଟ ହୋଇଯାଏ । ମହା ମୁସ୍କିଲ୍ !

Digitized by srujanika@gmail.com

ରିହାର୍ସେଲ ଶେଷରେ ପୁଣି ରିକ୍ସା ଆସିଲା । ଆଜି କେବଳ ରମେଶ ତାକୁ ଛାଡ଼ିବାକୁ ଗଲା । ସୁମିତ୍ରା ଆପତ୍ତି କଲାନି । କଲେଜରେ ମୋତେ ତା ବାପା କହିଲେ, "ଆପଣ ସାର୍ ଆଉ ପରିଶ୍ରମ କରି ସୁମିକୁ ଛାଡ଼ିବାକୁ ଆସିବେନି, ଆମ ରମେଶକୁ କହିଲେ ସେ ଛାଡ଼ିଦେବ । ସେ ଆମର ସମ୍ପର୍କ ହେବ ।" ରକ୍ଷା ମିଳିଲା ।

ଦୁଇ ସପ୍ତାହ ପରେ ଜଣାପଡ଼ିଲା, ଅଭିନୟରେ ଦର୍ଶନୀୟ ଉନ୍ନତି ଘଟୁଛି । ରମେଶ ଆଉ ସୁମିତ୍ରା ଦୂରେଇ ରହୁନାହାନ୍ତି । ପରସ୍ପରକୁ ସିଧା ଚାହୁଁନଥିଲେ ଏବେ ମୁହଁକୁ ମୁହଁ ଭାବ ଫୁଟାଇ ପାରୁଛନ୍ତି, କେତେବେଳେ କିମିତି ପାଖେ ପାଖେ ବସି ଯାଉଛନ୍ତି ଅଳ୍ପସମୟ ପାଇଁ ହେଲେ ମଧ । ହାତକୁ ହାତ ବାଜିଗଲେ ମଧ ଛନକା କାହା ଛାତିରେ ପଶୁନି । ବଡ଼କଥା ଲକ୍ଷ୍ୟ କଲି, ସେ ଦିନ ରିହାର୍ସେଲରେ, ଜଳଖିଆର ବ୍ୟବସ୍ଥା ହୋଇଥାଏ। ଦେଖିଲି, ଦୁହେଁ ଗୋଟାଏ କଣରେ ଠୁଙ୍ଗାଧରି ପାଖେ ପାଖେ ବସି ଖାଉଥାନ୍ତି, "ମୁଁ ମିଠା ଖାଏନି" "ମୁଁ ରାଗ ଖାଏନି" କହି କହି, ଦେଖିଲି ରମେଶ ରସଗୋଲା ଦେଇ ସିଙ୍ଗଡ଼ା ନେଲା ଏବଂ ଶେଷରେ ସମସ୍ତଙ୍କ ଅଲକ୍ଷିତରେ ଟେବୁଲ ତଳ ଦେଇ ପାନଟାଏ ସୁମିତ୍ରା ହାତକୁ ବଢ଼ାଇଦେଲା । ସୁମିତ୍ରା ଚଟାପଟ ଏଣେ ତେଣେ ଚାହିଁ ଚୁପ୍‌କରି କଳରେ ଜାକି ଦେଲା । କେବଳ ମୁଁ ଏ ଅଭିନୟ ଲକ୍ଷ୍ୟ କରିଥିଲି ଯେଣୁକରି ସେମାନଙ୍କ ସମସ୍ତ ଅଭିନୟ ଦେଖିବା ମୋର କର୍ତ୍ତବ୍ୟ ।

ନଭେମ୍ବରର ଏକ ରବିବାର । ଦୁଇଟାଯାକେ ଅପେକ୍ଷା କରି ରମେଶ ବା ସୁମିତ୍ରା କେହି ନ ଆସିବାରୁ ନିଜେ ଚାଲିଗଲି ହେମନ୍ତବାବୁ ଘରକୁ । ମିଠା ମିଠା ଖରା । ଯାଇ ଦେଖିଲି, ହେମନ୍ତବାବୁ, ଅସୁସ୍ଥ, ଶଯ୍ୟାଶାୟୀ । ତାଙ୍କର ସେଇ ଏକ ପ୍ରଶ୍ନ । "ସୁମି ପାର୍ଟ କିମିତି କରୁଛି ? ଭଲ କରୁଥିବ ନିଶ୍ଚୟ । ସକାଳ ସଞ୍ଜ ଯେତେବେଳେ ଦୁହେଁ ସମୟ ପାଉଛନ୍ତି ଏଇଠି ଆମ ଘରେ ତନ୍ମୟ ହୋଇ ଅଭିନୟ କରୁଛନ୍ତି । ମୋର ଭୟ କାଳେ ବଦନାମ ହେବ ।" ମୁଁ ସଚକ୍ଷୁରେ ଦେଖିଲି ଦୁହେଁ ବାଡ଼ିପଟରେ ମଧୁମାଳତୀ କୁଞ୍ଜର ଅନ୍ତରାଳରେ ଖଟଟିଏ ପକାଇ ଲଗାଲଗି ହୋଇ ବସି ପ୍ରଥମ ଅଙ୍କର ପ୍ରଥମ ବା ଦ୍ୱିତୀୟ ଦୃଶ୍ୟ ଅଭିନୟ କରୁଛନ୍ତି । କେତେବେଳେ ହସ ଖେଳ, କେତେବେଳେ ସିନେମା ଷ୍ଟାଇଲରେ ଧାଁ ଧପଡ଼ । ଅଭିନୟ ନିଷ୍ଠାର ସହିତ ରୀତିମତ ଚାଲିଛି ମୋର ହୃଦୟଙ୍ଗମ ହେଲା ।

ପରଦିନ ରମେଶ ଆସିବାରେ ପୁଣି ଡେ଼ରି ହେଲା । ପଚାରିଲି, "ଏତେ ଡେ଼ରି ?" ସେ କହିଲା, "ମଉସାଙ୍କ ଦିହ ଭାରି ଖରାପ । ଔଷଧ, ଫଳ, ହରଲିକ୍‌ସ ଆଣିବାକୁ ବଜାରକୁ ଡ଼ାକ୍ତରଖାନାକୁ ଯାଇଥିଲି ।" ପଚାରିଲି "ମଉସା ?" ରମେଶ ଚଟାପଟ କହିଲା, "ହଁ ସାର୍! ସୁମିର ବାପାଙ୍କୁ ମୁଁ ମଉସା ବୋଲି ଡ଼ାକୁଛି ।" ଜାଣିଲି, ଅଭିନୟ ନେଚୁରେଲ ଲାଇନ୍ ଧରିଛି ।

Digitized by srujanika@gmail.com

ନାଟକ ମଞ୍ଚସ୍ଥ ହେବା ଦିନ ଯେତେ ପାଖେଇ ଆସୁଥାଏ, ସେତେ ଅନୁତ୍ସାହ ବଢୁଥାଏ । ଝିଅମାନେ ଯେଉଁ ଏକାଙ୍କିକା କରୁଥିଲେ ତାହା ଉତ୍ସାହ ଅଭାବରେ ବନ୍ଦ ହୋଇଗଲା । ତେଣେ ଟେଷ୍ଟ ପରୀକ୍ଷାରେ ତାରିଖ ମଧ୍ୟ ଘୋଷିତ ହେଲା ।

ଆମେ ଉଦ୍‌ଯୋକ୍ତାମାନେ ଯେତେ ନୈରାଶ୍ୟବାଦୀ ହେଲେ, ସୁମିତ୍ରା କହୁଥାଏ, "ଆପଣ ଡ଼ରନ୍ତୁ ନାହିଁ ସାର୍, ଆମେ ଯେମିତି ହେଉ ନାଟକ କରିବୁଁ, ଫେଲ୍ ମାରିବୁ ନାହିଁ ।" ଆଶ୍ଚର୍ଯ୍ୟ କଥା, ସେ ଆମକୁ ଉତ୍ସାହ ଦେଉଛି । ସାଙ୍ଗଝିଅଙ୍କ ଅକସ୍ମାତ୍ ମୂର୍ଚ୍ଛା ଓ ପତନ, ଟେଷ୍ଟ ପରୀକ୍ଷା ତାରିଖ ଘୋଷଣା, ବାପାଙ୍କ ଟାଇଫଏଡ୍ କୌଣସିଥିରେ ସେ ବିଚଳିତ ନ ହୋଇ ଅଭିନୟ କରି ଚାଲିଥାଏ । ଆଶ୍ଚର୍ଯ୍ୟ କଥା, ଦିନକୁ ଦିନ ଅଭିନୟରେ ଅପ୍ରତ୍ୟାଶିତ ଉନ୍ନତି ହେଉଥାଏ । ଅଭିଆଡ଼ା ଅଭିଆଡ଼ୀଙ୍କ ପୋଲାଫାଙ୍କିଆ ଭାବ କୁଆଡ଼େ ଉଭେଇ ଯାଇ ଗୁରୁଗମ୍ଭୀର ଭାବ ଦେଖାଦେଲା ଓ ହସ ଧୀରେ ଧୀରେ ସୁମିତ୍ରା ମୁହଁରୁ ବିଲୀନ ହେଲା । କିଛିଦିନ ପରେ ସୁମିତ୍ରା କହିଲା, ସଞ୍ଜବେଳେ ଅଭିନୟ କରିବାରେ ତାର ଆପତ୍ତି ନାହିଁ । ତେଣୁ ଅଭିନୟ ରାତି ଏଗାରଟା ପର୍ଯ୍ୟନ୍ତ ଚାଲିଲା କେଉଁଦିନ କେମିତି । ରମେଶର ବାହୁଚ୍ଛାୟା ତଳେ ସୁମିତ୍ରା ନିରାପଦ ।

ଏ ବର୍ଷର ନାଟକ ଅଭାବନୀୟ ଅସାମାନ୍ୟ ସାଫଲ୍ୟ ପଥରେ ଚାଲିଛି ବୋଲି ଛାତ୍ର, ଶିକ୍ଷକ ଓ ଅଭିଭାବକ ମହଲରେ ପ୍ରଚାରିତ ହେଲା । ଏଥିରେ ଅନେକ ଈର୍ଷାନ୍ୱିତ ହେଲେ ଏବଂ କଲେଜ କାନ୍ଥ, ପାଚେରୀ ଓ ବ୍ଲାକ୍‌ବୋର୍ଡ଼ରେ ଯୁକ୍ତ ବିଯୁକ୍ତ ସମାନ ଚିହ୍ନ ସହିତ ସୁମିତ୍ରା ଓ ରମେଶର (ଏପରିକି ମୋର !) ନାମ ଲେଖାଗଲା । ସୁମିତ୍ରା ଓ ରମେଶ ଅବିଚଳିତ, ବରଂ ଦ୍ୱିଗୁଣ ଉତ୍ସାହରେ ସେମାନେ ଆହ୍ୱାନର ସମ୍ମୁଖୀନ ହେଲେ । ଅତ୍ୟନ୍ତ ସତଃସ୍ଫୂର୍ତ୍ତ, ସ୍ୱାଭାବିକ ଓ ପ୍ରାଣସ୍ପର୍ଶୀ ଅଭିନୟ କରି ରିହାର୍ସେଲକୁ ମଧ୍ୟ ଏପରି ଆକର୍ଷଣୀୟ କଲେ ଯେ ଦିନକୁ ଦିନ ଭିଡ଼ ସମ୍ଭାଳିବା ମୁସ୍କିଲ ହେଲା, କବାଟ ବନ୍ଦ କରିବାକୁ ପଡ଼ିଲା । ସେ ଦୁହେଁ ଅଭିନୟ କାଳରେ ପ୍ରକୃତ ବିବାହିତ ଦମ୍ପତି ବୋଲି ପ୍ରତୀୟମାନ ହେଲେ, ଏପରିକି ସୁମିତ୍ରା ମୁହଁରେ ମାତୃତ୍ୱର ପାଣ୍ଡୁର ଆଭା ମଧ୍ୟ ଉକୁଟି ଉଠିଲା ପରି ଜଣାଗଲା ।

ମୋତେ ଆଉ ଉପଦେଶ ଓ ନିର୍ଦ୍ଦେଶନା ଦେବାକୁ ପଡ଼ିଲା ନାହିଁ । ଓଲଟି ମୁଁ ଚମତ୍କୃତ ହେଉଥାଏଁ ନଥାଏ ସେମାନେ ଅଭିନୟ କରି ଯାଆନ୍ତି । ବାନ୍ଧବନ୍ଧ ସେମାନେ କିଛି ମାନନ୍ତି ନାହିଁ; ଥରେ ଥରେ ଅତିବେଶୀ ଦୋଷ ଦେଖାନ୍ତି । ମୁଁ ଭାବୁଥାଏଁ, ଅସମ୍ଭବ ଶକ୍ତି ଓ ମହିମାସଂପନ୍ନ ଏ ତରୁଣ ତରୁଣୀସବୁ । ପାହାଡ଼ ଚଢ଼ିଯିବେ । କାହିଁଗଲା ରମେଶର ସେଇ କଳାରୂପ ଯାହାକୁ ଦେଖିଲେ ସୁମିତ୍ରାର ଦାନ୍ତି ବାହାରି ଆସୁଥିଲା, କାହିଁଗଲା ସୁମିତ୍ରାର ସେ ହସ ଯାହା ପ୍ରତି ବାକ୍ୟ ଶେଷରେ ବାହାରି ଆସୁଥିଲା ! ସଂଯମ ଓ ଗାମ୍ଭୀର୍ଯ୍ୟ ତାର ପ୍ରତି କଥାରେ ।

କିନ୍ତୁ ଶେଷ ଦୃଶ୍ୟରେ ସେ ହସକୁ ସମ୍ଭାଳି ପାରୁନଥିଲା । ମୋର ଭୟ ସେଇ ଶେଷ ଦୃଶ୍ୟକୁ । ସାମାନ୍ୟ ତ୍ରୁଟିବିଚ୍ୟୁତି ଘଟିଲେ ନାଟକର ସାମଗ୍ରିକ ବିଫଳତା ଆସିବ, ଶୀର୍ଷ

Digitized by srujanika@gmail.com

ସ୍ଥାନର ଅଭିନୟ ନିମ୍ନତମ ସ୍ଥାନକୁ ଖସି ଆସିବ । ମୋର ଇଚ୍ଛା ବାରମ୍ବାର ଏଇ ଶେଷ ଦୃଶ୍ୟଟିକୁ ଦୁହେଁ ଅଭ୍ୟାସ କରନ୍ତୁ । ମାତ୍ର ଉଭୟେ ନାରାଜ । ବହୁତ ବଳାଇଲେ ଯଦି ଅଭିନୟ କରନ୍ତି ତେବେ ଯେଉଁଠି କାରୁଣ୍ୟର ଚୂଡ଼ାନ୍ତ ପର୍ଯ୍ୟାୟ ପହୁଞ୍ଚେ ସେଇଠି ସୁମିତ୍ରା ହସି ଦିଏ, ରମେଶ ବି ହସିଦିଏ । ମାର୍ଡ୍ଡାର, ମାର୍ଡ୍ଡାର ଦର୍ଶକମାନେ ଚିତ୍କାର କରନ୍ତି ।

ଷ୍ଟେଜ୍ ରିହାର୍ସେଲ ଦିନ ବି ସେଇଆ ହେଲା । ମୁଁ ନିରୁପାୟ । ଦୁହିଁଙ୍କୁ ତାକିଦ କଲି । ସେମାନେ କହିଲେ, "ରିହାର୍ସେଲରେ ଆମେ ଏମିତି କରୁଛୁ ସିନା, ଅସଲ ଦିନ ଦେଖିବେ ।"

ସେଇ ଅସଲ ଦିନ ଆସିଲା । ପ୍ରେକ୍ଷାଳୟ ଲୋକାରଣ୍ୟ । ନିମନ୍ତ୍ରିତ ଅନିମନ୍ତ୍ରିତଙ୍କ ଅଭୁତପୂର୍ବ ସମାବେଶ । କଲେଜ, ନାଟ୍ୟସଂସଦ ତଥା ଅଭିନେତା ଅଭିନେତ୍ରୀ ବିଶେଷକରି ମୋ ପକ୍ଷରେ ଏକ ଅଗ୍ନିପରୀକ୍ଷାର ଦିନ ।

ପ୍ରଥମଦୃଶ୍ୟରେ ସ୍ୱାମୀ-ସ୍ତ୍ରୀ ରୂପରେ ସୁମିତ୍ରା ଓ ରମେଶର ଆବିର୍ଭାବ । ପରଦା ଉଠିବା ସଂଗେ ସଂଗେ ଚିତ୍କାର, ହୁଇସିଲ୍ ତାଳଚାପୁଡ଼ି ଓ ଅଶ୍ଳୀଳ ମନ୍ତବ୍ୟ । ମାତ୍ର ନାୟକ ଓ ନାୟିକା ଅବିଚଳିତ ରହି ଚମତ୍କାର ହୃଦୟସ୍ପର୍ଶୀ ଫ୍ରି ଆକ୍ଟିଂ କରି ଚାଲିଲେ । ଦେଖିଲି, ସେମାନେ ଆଦୌ ପ୍ରମ୍ପଟରକୁ ଅପେକ୍ଷା ନ କରି ସଂଳାପସବୁ ସ୍ୱଭାବସୁଲଭ ରୀତିରେ କହିଯାଉଥାନ୍ତି ଯଥାଯଥ ଅଙ୍ଗଭଙ୍ଗୀ ସହିତ । ସୁମିତ୍ରାର ସୁନ୍ଦାରେ ସିନ୍ଦୂର କପାଳରେ ବଡ଼ ସିନ୍ଦୂର ଟୋପା । ଅଭିନୟରେ କୌଣସି ବାଧାନିଷେଧ ନାହିଁ । ଆଶ୍ଚର୍ଯ୍ୟ କଥା ପ୍ରାଣପ୍ରିୟ, ନାଥ, ପ୍ରଭୋ, ପ୍ରିୟତମ, ଦେବତା, ସ୍ୱାମୀ ଆଦି ଯେତେ ଯେତେ ସମ୍ବୋଧନ ଉଠାଇ ଦିଆଯାଇଥିଲା ସେ ସବୁ କହିବାରେ ସୁମିତ୍ରା ଦ୍ୱିଧା ବୋଧ କରୁନାହିଁ । ରମେଶ ବି କହିଯାଉଛି ପ୍ରିୟେ, ଧନମଣି ଆଦି ତାବତୀୟ ଶରଧା ସମ୍ବୋଧନ ପଦ । ଦୁହେଁ ଏକାଠି ବସିବା, ଧନମଣି ହେବା, ଆଖି ଠାରିବା ଆଦି ନିଷିଦ୍ଧ କ୍ରିୟାକଳାପ କରୁଛନ୍ତି, ଯେପରି ସେମାନେ ପ୍ରକୃତ ସ୍ୱାମୀ-ସ୍ତ୍ରୀ, ପତି ପତ୍ନୀ । ପ୍ରତି ଦୃଶ୍ୟ ଦର୍ଶକଙ୍କ ଆନନ୍ଦ ଓ ଉତ୍ସାହର ସୀମା ନାହିଁ । କେତେବେଳେ ଅବା ପ୍ରେକ୍ଷାଳୟରେ ନିଶ୍ୱାସ ବନ୍ଦ ହୋଇଯାଉଛି ଉତ୍କଣ୍ଠାରେ । ମୋର ଛାତି କୁଣ୍ଢେ ମୋଟ । ପ୍ରେକ୍ଷାଳୟକୁ ଦୁଇ ଅଙ୍କର ମଧ୍ୟାନ୍ତର ଚାଲିଗଲେ କରମର୍ଦ୍ଦନ ଓ କନ୍‌ଗ୍ରେଚୁଲେସନ୍ ପ୍ରଚୁର ମାତ୍ରାରେ ମିଳେ ।

ଶେଷ ଦୃଶ୍ୟ । ପରଦା ଶେଷଥର ଉଠିବା ପୂର୍ବରୁ ସଜାଗୃହକୁ ଯାଇ ସୁମିତ୍ରାକୁ ବଧେଇ ଜଣେଇ କହିଲି, "ମୁଁ ସ୍ୱପ୍ନରେ ଭାବି ନଥିଲି ତୁମ ପାଖରେ ଏତେ ଅଭିନୟ କଳା ଥିଲା । ଏଇ ସେଇ ଦୃଶ୍ୟ ଯାହା ଆମକୁ ତାରିବ ନ ହେଲେ ମାରିବ । ଯଦି ନ ହସିଛ ତେବେ କିସ୍ତିମାତ୍ ହୋଇଯିବ । ରମେଶକୁ କହିଲି, ଦେଖିବ ରମେଶ, ଯିମିତି ସୁମିତ୍ରା... ଯେମିତି ହେଉ ସମ୍ଭାଳିନେବ ବିପଦ ପଡ଼ିଲେ ।" ଉଭୟେ ଅର୍ଥପୂର୍ଣ୍ଣ ସ୍ମିତ ହେଲେ ।

Digitized by srujanika@gmail.com

ପରଦା ଉଠିଲା । ମୁଁ ପ୍ରେକ୍ଷାଳୟର ସୁଦୂର ପ୍ରାନ୍ତକୁ ଚାଲିଗଲି । ଛାତି ଧଡ଼ପଡ଼ କରୁଥାଏ । ଝାଳ ବି ବେଳେ ବେଳେ ବହି ଯାଉଥାଏ । ରଙ୍ଗମଞ୍ଚରେ ଶିଶୁପୁତ୍ର ବାବୁଲିର ଶବ । ସୁମିତ୍ରାର ସେଇ ମାରାତ୍ମକ ସଂଳାପ ଆରମ୍ଭ ହେଲା । କାନ ବନ୍ଦକରି ଛିଡ଼ା ହୋଇଥାଏଁ । ଆରମ୍ଭ ହେଲା, "ତୁମେ ଯେଉଁଦିନ ମଧୁମାଳତୀ କୁଞ୍ଜରେ ମୋତେ ତୁମ କୋଳକୁ ଟାଣିନେଲେ, ଯେଉଁ ଦୀର୍ଘଦିନ ବାପା ଟାଏଫଏଡ଼ରେ ପଡ଼ିଲେ, ଯେଉଁଦିନ କାଳୀମନ୍ଦିରରେ ମାଳା ବଦଳ କଲୁଁ ଏବଂ ତୁମେ ମୋ ସୁନ୍ଥାରେ ସିନ୍ଦୂର ଲଗାଇଦେଲେ, ଯେଉଁଦିନ ବାବୁଲୁ ମୋ ଗର୍ଭରେ ... ।" ଏଇଠି ସୁମିତ୍ରା ହସିଦିଏ, ସମ୍ଭାଳି ପାରେନାହିଁ, କାରଣ ଅଭିଆଡ଼ୀ ଝିଅ ପକ୍ଷରେ ଏ ସଂଳାପ ଅତୀବ ଅବାସ୍ତବ ଓ ହାସ୍ୟାସ୍ପଦ । କିନ୍ତୁ ଏ କି ଆଶ୍ଚର୍ଯ୍ୟ! ସୁମିତ୍ରା କାନ୍ଦୁଛି! ଅସରନ୍ତି କେତେ କୋହ, କେତେ କାନ୍ଦ, କେତେ ଲୁହ ! ଦୁଇମାସ ଧରି ରିହାର୍ସେଲରେ ଯେତିକି ସେ କାନ୍ଦିଥାନ୍ତା, ଆଜି ଏ ମୁହୂର୍ତ୍ତରେ ସେତକ ଅଜାଡ଼ି ଦେଉଛି । ପୁଣି କାନ୍ଦର ଅଭିନୟ ନୁହେଁ, ବାସ୍ତବ କାନ୍ଦ, ବାସ୍ତବ ଲୁହ । ରମେଶ ବି ପିଲାଙ୍କ ପରି କାନ୍ଦୁଛି । ଦର୍ଶକମାନେ ମଧ୍ୟ ସକ୍‌ସକ୍ ହୋଇ କାନ୍ଦୁଛନ୍ତି । ଏମିତି ଏକ ଶୋକାବହ ପରିସ୍ଥିତିରେ ବିୟୋଗାତ୍ମକ ନାଟକର ପରିସମାପ୍ତି ଘଟିଲା । ପରଦା ପଡ଼ିଲା ବେଳକୁ ରଙ୍ଗମଞ୍ଚରେ ରମେଶ ଓ ସୁମିତ୍ରା ମୂର୍ଚ୍ଛାଗତ । ପୁରସ୍କାର ଘୋଷଣା ଓ ବିତରଣ ସେ ରାତିରେ ହୋଇ ପାରିଲାନାହିଁ ।

ପରଦିନ ଘରସାମନା ଘାସ ପଡ଼ିଆରେ ଆରାମ ଚେୟାରରେ ବସି ଗୋଧୂଳି ସନ୍ଧ୍ୟା ଉପଭୋଗ କରୁଥାଏଁ ଏବଂ ଭାବୁଥାଏ ପୂର୍ବରାତ୍ରିର ସଫଳ ଅଭିନୟର ଇତିହାସ । ସଡ଼କରେ ରିକ୍ସାଟିଏ ଛିଡ଼ା ହେଲା । ଧଳା ପଞ୍ଜାବୀ ପିନ୍ଧିଥିବା ତରୁଣ ଅବଗୁଣ୍ଠବତୀ ତରୁଣୀଟି ସହିତ ଓହ୍ଲାଇ ସିଧା ମୋ ପାଖରୁ ଆସି ଗୋଡ଼ରୁ ଧୂଳିନେଇ ଛିଡ଼ାହେଲେ ସୁମିତ୍ରା ଓ ରମେଶ, କାଲି ରାତି ମଞ୍ଚରେ ସେମାନଙ୍କୁ ଯେଉଁ ରୂପ ଓ ପୋଷାକରେ ଦେଖିଥିଲି ସେହି ଚେହେରା । ତରୁଣ ତରୁଣୀ କଣ ଅଭିନୟକୁ ଆହୁରି ଅଧିକକାଳ ଜିଆଇଁ ରଖି ବାସ୍ତବତାକୁ ଭୁଲିବାକୁ ଚାହୁଁଛନ୍ତି ? ହୋଇପାରେ ।

ଉଭୟଙ୍କ ଉତ୍କୃଷ୍ଟ ଅଭିନୟ ପାଇଁ ବଧାଇ ଜଣାଇ ପଚାରିଲି, "ଅସମ୍ଭବ ସମ୍ଭବ କଲ କିପରି ସୁମିତ୍ରା ? ତୁମର ହସ ସବୁ ଉଭେଇ ଗଲା କିମିତି ? ଶେଷ ଦୃଶ୍ୟରେ ସମସ୍ତଙ୍କୁ କନ୍ଦାଇ ଦେଲ ଯେ ।"

ସୁମିତ୍ରା ଆଉ ହସୁ ନଥିଲା ଓ କହୁଥିଲା, ସାର୍ ଆପଣ ଆମର ବାପ ସମାନ । ଆପଣ ଜାଣନ୍ତି ନାହିଁ ସାର୍, ଆପଣଙ୍କ ଲେଖା ନାଟକକୁ ସଫଳ ଓ ଜୀବନ୍ତ କରିବା ପାଇଁ ଏବଂ ପ୍ରକୃତ ଭାବ ଫୁଟାଇବାକୁ ଯାଇ ଆମକୁ କେତେଦୂର ଯିବାକୁ ପଡ଼ିଛି ଏବଂ ନାଟକଟିକୁ ଅକ୍ଷରେ ଅକ୍ଷରେ ଅଙ୍ଗେ ନିଭାଇବାକୁ ପଡ଼ିଛି । ଆପଣଙ୍କ ମାଳତୀକୁଞ୍ଜ, ବାପାଙ୍କ ଟାଏଫଏଡ୍, କାଳୀ ମନ୍ଦିର ଆମ ପକ୍ଷରେ ସବୁ ବାସ୍ତବ ଘଟଣା । ଆହୁରି ଅନେକ । ମୋର ହସ ଧୀରେ ଧୀରେ ଅନ୍ତର୍ଦ୍ଧାନ ହୋଇଗଲା । ଶେଷଦୃଶ୍ୟର ଯେଉଁଠି

Digitized by srujanika@gmail.com

ବାବୁଲି କଥା ପଡ଼େ, ମୋତେ ସେଇଠି ହସ ମାଡୁଥିଲା । କିନ୍ତୁ କାଲି ମୁଁ ଯେତେବେଳେ ଭାବିନେଲି ଯଦି ବାପାଙ୍କ କଣ କିଛି ହୋଇଯାଏ ବା ସେ ଆମ ଦୁଇଜଣଙ୍କୁ ଏକାଠି କରିବା ପାଇଁ ରାଜି ନ ହୁଅନ୍ତି, ତେବେ ଆମର କଣ ହେବ ! ସେତିକିବେଳେ ମୁଁ ଅସମ୍ଭାଳ ହୋଇଗଲି । ଆମେ ଦୁହେଁ ଶେଷ ଦୃଶ୍ୟରେ କାନ୍ଦର ଅଭିନୟ କରୁନଥିଲୁଁ, ପ୍ରକୃତରେ କାନ୍ଦୁଥିଲୁଁ ।

ମୁଁ ସ୍ଥିରହୋଇ ସୁମିତ୍ରାର ରହସ୍ୟାବୃତ କଥା ଶୁଣୁଥିଲି । ଦେଖିଲି, ଓଢ଼ଣା ତଳର ସୁନ୍ଥାରେ ସିନ୍ଦୂର, ଆଉ କପାଳରେ ଦାଉ ଦାଉ ଜଳୁଥିବା ସିନ୍ଦୂର ଟୋପା । ପଚାରିଲି, ସ୍ୱାମୀ, ସ୍ତ୍ରୀ ଅଭିନୟ କଣ ଏମିତି ଚାଲିଥିବ ?

"ଅଭିନୟ କାଲି ସନ୍ଧ୍ୟାରେ ସରିଯାଇଛି ସାର୍, ରଙ୍ଗମଞ୍ଚକୁ ଯିବା ପୂର୍ବରୁ ଆମେ କାଳୀ ମନ୍ଦିରକୁ ଯାଇ ଅଭିନୟ ଶେଷକରି ବାସ୍ତବ ନାଟକ ଆରମ୍ଭ କରିଛୁ । ଶୁଣି ଖୁସିହେବେ, ବାପା ରୋଗଶଯ୍ୟାରୁ ଆପଣଙ୍କୁ ନମସ୍କାର ଜଣାଇଛନ୍ତି ଏବଂ କହିଛନ୍ତି ରାସପୂର୍ଣ୍ଣିମା ଦିନ କାମ ଶେଷ କରିଦେବେ ।"

ସୁମିତ୍ରା ମୁହଁରେ ହସର ଲେଶ ମଧ୍ୟ ନଥିଲା ।

# ଚାରିଚକ୍ଷୁ

ରାଉରକେଲା କୋଣାର୍କ ଟକିଜ୍ ଆଗରେ ଛିଡ଼ାହୋଇ ରିକ୍ସାଟାକୁ ଅପେକ୍ଷା କରୁଛି, ହଠାତ୍ ବଡ଼ପାଟିରେ କିଏ ଜଣେ ଡ଼ାକିଲା, "ଶୁଭେନ୍ଦୁ !" ଚାହିଁ ଦେଖିଲି ଆନନ୍ଦରେ ଗଦଗଦ ହୋଇ ଜଗମୋହନ ପୁଣି ଡ଼ାକୁଛି, "ଶୁଭେନ୍ଦୁ! ମୋତେ ଚିହ୍ନିପାରୁଛ, ମୁଁ ଜଗମୋହନ ।" ପାଖକୁ ଗଲି । ପିଲାଳିଆ ସ୍ୱଭାବ ପୂରାଯାଇନାହିଁ କିନ୍ତୁ ଚେହେରା ଓ ବୟସରେ ଅନେକ ବଦଳି ଯାଇଛି ।

ଏକା ରାହାରେ ସେ କହିଗଲା, "ଶୁଭେନ୍ଦୁ! ଏଇ ମୋର ସ୍ତ୍ରୀ, ଏଇ ମୋର ଦୁଇପୁଅ ଆଉ ଝିଏ ମୋର। ସିନେମା ଦେଖିବାକୁ ଆସିଥିଲୁ ।" ତା'ର ସ୍ତ୍ରୀ ଓ ଶାଳୀ ଟିକିଏ ଅପ୍ରତିଭ ହୋଇ ମୋତେ ନମସ୍କାର କଲେ ଏବଂ ମୁଁ ପ୍ରତିନମସ୍କାର ଜଣାଇଲି ଏବଂ ପୁଅ ଦିହିଁଙ୍କ ଓଠ ଧରି ଶ୍ରଦ୍ଧା ଜଣାଇଲି । ଦେଖିଲି ତା'ର ସ୍ତ୍ରୀ ଅତୀବ ସୁନ୍ଦରୀ, ଦୁଇଟି ପିଲାର ମାଆ ଭଳି ଆଦୌ ଦିଶୁନାହାନ୍ତି । ଶାଳୀଟିର ପଞ୍ଜାବୀ ବା କାଶ୍ମିରୀ ଝିଅଙ୍କ ପରି ନାଲି ରଙ୍ଗ ଧଳା ଶାଢ଼ୀରେ ଟୋରା ପଦ୍ମଫୁଲ ପରି ଦିଶୁଛି। ପୁଅ ଦୁହେଁ ଗୋଲଗାଲ,

---

*ଅଗ୍ରଦୂତ* ୨୮ ଶ ବର୍ଷ, ୧୦ମ ସଂଖ୍ୟା, ଶାରଦୀୟ ବିଶେଷାଙ୍କ, ଅକ୍ଟୋବର ୧୯୭୭ ।

Digitized by srujanika@gmail.com

ଯେ କୌଣସି ଘର ଉଜ୍ଜ୍ୱଳ କରିଦେବେ, ଯେ କୌଣସି ବାପା ଗର୍ବିତ ହେବ । ଜଗମୋହନ ଏକ ଭାଗ୍ୟବାନ ପ୍ରାଣୀ ବୋଲି ମୋର ସଙ୍ଗେ ସଙ୍ଗେ ହୃଦବୋଧ ହେଲା ।

କହିଲା, "ଶୁଭେନ୍ଦୁ! ଅନେକ କଥା ଅଛି ତୋ ସାଙ୍ଗରେ । ବହୁଦିନ ହେଲା ଦେଖା ହୋଇନି । ଏଇଠି କେଣ୍ଟିନ୍‌ରେ ଦଣ୍ଡେ ଅପେକ୍ଷା କର । ମୁଁ ଚା' କପେ ଅର୍ଡ଼ର କରି ଦଉଛି, ପିଉଥା । ମୋ କ୍ୱାର୍ଟର ଏଠାରୁ ଦୁଇ ତିନି ମିନିଟ୍ ବାଟ । ମୁଁ ସଙ୍ଗେ ସଙ୍ଗେ ଏମାନଙ୍କୁ ଛାଡ଼ିଦେଇ ଆସୁଛି । କିଛି ଭାବିବୁ ନାହିଁ ।" ଜଗମୋହନ ଓ ତା' ପିଲାପିଲିଙ୍କି ଦେଖି ମୁଁ ବାସ୍ତବିକ ବଡ଼ ଖୁସି ହେଲି । ବାଣୀବିହାରରେ ଦୁଇ ବରଷ ପାଖାପାଖି କୋଠରୀରେ ଥିଲୁଁ । ଅଳ୍ପଦିନ ଭିତରେ ଫକୀରମୋହନ କଲେଜରେ ସେଇ ଆତ୍ମୀୟତା ଆହୁରି ବଢ଼ି ଯାଇଥିଲା । ଘରକୁ ଶୀଘ୍ର ଫେରିବାର ଇଛା ଓ ଆବଶ୍ୟକତା ଥିଲେ ବି ତା' ସହିତ କଥାବାର୍ତ୍ତା କରିବାର ଆଗ୍ରହ ପ୍ରବଳତର ହେଲା । ମୋତେ ସେ କେଣ୍ଟିନ ଭିତରକ ନେଇ ଗୋଟାଏ କେବିନରେ ବସାଇ ଦେଲା ଏବଂ ଚା ଅର୍ଡ଼ର ଦେଇ ପୁଣି କହିଲା, "ଶୁଭେନ୍ଦୁ! ମୁଁ ପାଞ୍ଚମିନିଟ୍ ଭିତରେ ଫେରି ଆସୁଛି, ଛୁଆଦିହିଙ୍କ ନିଦ ଘାରିଲାଣି, କିଛି ମନେ କରିବୁନି", ଏବଂ ତରବର ହୋଇ ବାହାରିଗଲା ।

ଚା' ଆସିବାକୁ ଅପେକ୍ଷା କରି ବସିଥାଏଁ, ଆଉ ଭାବୁଥାଏଁ ଏଇ ଜଗମୋହନ କଥା । ସାତ ବର୍ଷ ତଳେ, ମୋର ମାସେ ପରେ, ସେ ସେ ଫକୀରମୋହନ କଲେଜରେ ଯୋଗ ଦେଇଥିଲା ଇଂରାଜୀ ଅଧାପକ ଭାବରେ । ରୋମାଣ୍ଟିକ ଚେହେରା, ଆଖି ଦୁଇଟା ଗିଳିଯିବା ଆଖି । ସେ କବିତା ଲେଖେ, ଲୋକେ ଭଲ କହନ୍ତି । ଅର୍ଥନୀତି ମୋର ପାଠ । ମୋତେ ସେସବୁ ଅଶ୍ଳୀଳ ଓ ଦୁର୍ବୋଧ ବୋଧ ହୁଏ ।

ପ୍ରଥମ ଦିନ ହିଁ ସେ କି ଛାତ୍ର କି ଅଧାପକ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରି ପାରିଥିଲା । ସେଦିନ ଥାଏ କଲେଜର ସଙ୍ଗୀତ ପ୍ରତିଯୋଗିତା । ଆମେଦୁହେଁ ପଙ୍ଖାତଳେ ଆଗ ସିଟ୍ ଦୁଇଟାରେ ପାଖାପାଖି ବସିଥାଉଁ । ଶାନ୍ତା ହୋଲି ଝିଅଟି ଗୀତ ଗାଇବାକୁ ଆସିବା ମାତ୍ରେ ପ୍ରକୋଷ୍ଠ କରତାଳିରେ ପ୍ରକମ୍ପିତ ହେଲା । ସେ ସଙ୍ଗୀତରେ କୁଆଡ଼େ ବରାବର ପ୍ରଥମ ପୁରସ୍କାର ପାଏ । ଝିଅଟିର ଚେହେରା ଯିମିତି ସୁନ୍ଦର, ଗଳା ସେହିପରି ମନୋମୁଗ୍ଧକର । ଯେଉଁ ଗୀତଟି (ଭଙ୍ଗୀ ଚାହାଁ) ଗାଇଲା, ତାହା ଆହୁରି ମନମତାଣିଆଁ, ତାଳ ଦେବାକୁ ଏପରିକି ନାଚିବାକୁ ରସିକ ଲୋକର ଇଚ୍ଛା ହେବ । ପ୍ରଥମ ଧାଡ଼ିରେ ପେଣ୍ଡାଲକୁ ଲାଗି ଆମେ ଦୁହେଁ ବସିଥିବାରୁ ଗୀତ ଗାଇଲା ବେଳେ ଶାନ୍ତାର ଆଖି କେତେବେଳେ ହୁଏତ ଜଗମୋହନ ଉପରେ ପଡ଼ିଯାଇଥିବ । ଆଖିକି ଆଖି ମିଳିଯିବା ମାତ୍ରେ ଜଗମୋହନର ଅଭାବନୀୟ ପରିବର୍ତ୍ତନ ଲକ୍ଷ୍ୟ କଲି । ତା'ର ଆଖି ବିସ୍ଫାରିତ ହେଲା, ଦେହ ଘର୍ମାକ୍ତ ହେଲା ଏବଂ ଗୀତର ତାଳେ ତାଳେ ତାଳି ଦେଇ ଏମିତି ଅଙ୍ଗଭଙ୍ଗୀ ଓ ବ୍ୟବହାର ଦେଖାଇଲା ଯେ ଜଙ୍ଘରେ ହାତମାରି ତାକୁ ସଚେତ ଓ ସତର୍କ କରିବାକୁ

Digitized by srujanika@gmail.com

ପଡ଼ିଲା, ନହେଲେ ନିଜେ ତ ଅଡୁଆ ଅବସ୍ଥାରେ ପଡ଼ିଥାନ୍ତା, ମୋତେ ବି ଖରାପ ଅବସ୍ଥାରେ ପକାଇଥାନ୍ତା ।

ତଥାପି ସେ ଅସ୍ୱାଭାବିକ ପରିସ୍ଥିତିଟିଏ ଏଡ଼ି ପାରିଲା ନାହିଁ । ପ୍ରତିଯୋଗିତାରେ ଶାନ୍ତା ପ୍ରଥମ ସ୍ଥାନ ଅଧିକାର କଲା । ଜଗମୋହନ ଏତେ ଖୁସି ହେଲା ଯେ ନିଜକୁ ସମ୍ଭାଳି ନ ପାରି ହଠାତ୍ ଛିଡ଼ାହୋଇ କହିଲା "ଦର୍ଶକମାନଙ୍କ ତରଫରୁ ମୁଁ ଅନୁରୋଧ କରିବି ମିସ୍ ଶାନ୍ତା ଆଉ ଗୋଟିଏ ସଙ୍ଗୀତ ପରିବେଷଣ କରନ୍ତୁ । ଦର୍ଶକମାନେ ମଧ୍ୟ ତା'ର ଏ ପ୍ରସ୍ତାବକୁ କରତାଳି ଦେଇ ସମର୍ଥନ ଜଣାଇଲେ । ଅଗତ୍ୟା ଶାନ୍ତା ଆଉ ଗୋଟିଏ ସଙ୍ଗୀତ (ଏ ବେଶ ହୋଇବ ନାହିଁ) ପରିବେଷଣ କଲା । ଅତ୍ୟନ୍ତ ମର୍ମସ୍ପର୍ଶୀ ହେଲା ଏ ଗୀତଟି, ଅନ୍ତତଃ ଜଗମୋହନ ପାଇଁ ।

ତହିଁ ପରଦିନ ଠୁଁ ଜଗମୋହନ ତନ୍ଦ୍ରାନ୍ୱିତ ଅବସ୍ଥାରେ ରହିଲା । କ'ଣ ହେଲା ବା କ'ଣ କରିବାକୁ ଯାଉଛି ସେ କିଛି ଜାଣିପାରିଲାନାହିଁ । ଏକାନ୍ତରେ ମୋତେ କହିଲା, ପ୍ରଥମ ଦର୍ଶନରେ ଶାନ୍ତା ସହିତ ତାର ପ୍ରେମ ହୋଇଯାଇଛି । ଶାନ୍ତାର ଆଖି ଯୋଡ଼ିକ ତାକୁ ମନ୍ତ୍ରମୁଗ୍ଧ କରିଦେଇଛି । ତାର ନିଜର ଚାହାଣି ଅସ୍ପଷ୍ଟ ଓ ନିଷ୍ପ୍ରଭ ହେଲା, ଚାଲିଚଳନ ଓ ଭାବଭଙ୍ଗୀରେ ଅନ୍ୟମନସ୍କତା ପରିଲକ୍ଷିତ ହେଲା ।

ଆଶ୍ଚର୍ଯ୍ୟ କଥା, ଶାନ୍ତାର ଆଚରଣରେ ମଧ୍ୟ ଅନୁରୂପ ପରିବର୍ତ୍ତନ ତାର ସାଙ୍ଗସାଥୀ କାହିଁକି କଲେଜ ପିଲାଏ ମଧ୍ୟ ଲକ୍ଷ୍ୟକରି ପାରିଲେ । ଗାର୍ଲସ୍ କମନ୍‌ରୁମ୍ ଆଗଦେଇ ଜଗମୋହନ ବାରମ୍ବାର ଯିବା ଆସିବା କରିବାର ସିମିତି ଲକ୍ଷ୍ୟ କରାଗଲା କମନ୍‌ରୁମ୍ ଦରଜା ପାଖରେ ଛିଡ଼ା ରହି ସତୃଷ୍ଣ ନୟନରେ ଜଗମୋହନ ଗତିବିଧିକୁ ଶାନ୍ତା ଲକ୍ଷ୍ୟ କରୁଥିବାର ମଧ୍ୟ ଦେଖାଗଲା । କେତେଦିନ ପରେ ଟିଉଟରିଏଲ ରୁଟିନ୍ ବଦଳ ହେଲା ଏବଂ ଜଗମୋହନ ଶାନ୍ତାର ଯେତିକିଯାକ ଟିଉଟରିଏଲ ନେଲା । ଶାନ୍ତାର ସନ୍ଦେହ ମୋଚନ ପାଇଁ ଜଗମୋହନର ଯିମିତି ଆଗ୍ରହ, ସନ୍ଦେହ ଉପସ୍ଥାପନ ପାଇଁ ଶାନ୍ତାର ସିମିତି ଔତ୍ସୁକ୍ୟ, କ୍ଲାସରେ ସମସ୍ତେ ନଜର କଲେ । ପିଲାମାନଙ୍କ ଆଖିକୁ କେଉଁ ଝିଅ ବା ଅଧ୍ୟାପକ ଏଡ଼ାଇ ପାରିବ ? ବହି ଆଦାନ ପ୍ରଦାନ ମଧ୍ୟ ଚାଲିଲା ଦୁହିଁଙ୍କ ମଧ୍ୟରେ । ଏପରିକି କଲେଜ ଫେରିବା ବାଟରେ ଦୁହେଁ କେବେ କିମିତି କଥାବାର୍ତ୍ତା କରୁଥିବାର ମଧ୍ୟ ଦେଖାଗଲା ।

ତା'ପରେ ସହରରେ ଯେଉଁଠି ସାଂସ୍କୃତିକ ଉତ୍ସବ ଅନୁଷ୍ଠିତ ହେଲା ସେଠାକୁ ଗୀତ ଗାଇବା ପାଇଁ ଶାନ୍ତାକୁ ଡ଼କରା ପଡ଼ିଲା ଏବଂ ଜଗମୋହନ ସେ ସବୁ ଅନୁଷ୍ଠାନରେ ନିଶ୍ଚିତ ଭାବରେ ଉପସ୍ଥିତ ଥିବାର ଦେଖାଗଲା । ତିନିମାସ ଭିତରେ କଥା ଏତେ ଦୂରଗଲା ଯେ, ବ୍ଲାକ୍‌ବୋର୍ଡ଼ କାନ୍ଥ ପାଚେରୀରେ ଦିହିଙ୍କ ପୃଥକ ପୃଥକ ଡ଼ାକି ତାକିଦ୍ କରିଦେଲେ । ହେଲେ ଝିଅ ବା ପୁଅ କାହାରି ଉପରେ ଏ ତାକିଦ୍‌ର କିଛି ପ୍ରଭାବ ପଡ଼ିଲା ନାହିଁ ।

Digitized by srujanika@gmail.com

ଦିନେ ମୁଁ ଜଗମୋହନଙ୍କୁ ଠୋକ୍‌ଠୋକ୍ କହିଲି, "ଜଗମୋହନ ! ତୁ ଏ ଧନ୍ଦା ଛାଡ଼ । କୁକୁର ବିରାଡ଼ି ପରି ଦାଣ୍ଡ ଘାଟରେ ପ୍ରେମ କରିବା ଛାଡ଼ି ଦେ । ଯଦି କବିତା ଲେଖିବା ପାଇଁ ନିହାତି ରୋମାଣ୍ଟିକ ପ୍ରେମ ଦରକାର, ତେବେ ତୁ କବିତା ଲେଖା ଛାଡ଼ିଦେ । ଯଦି ଶାନ୍ତାକୁ ବାହା ହେବାର ଇଚ୍ଛା, ତେବେ ବାପାକୁ କହି ସେ ବିବାହର ବ୍ୟବସ୍ଥା କରିଦେବେ । ବାଣୀବିହାରରେ ବି ସେମିତି ଝିଅଙ୍କ ପଛରେ ଲାଗିଥିଲୁ ।"

ଜଗମୋହନ କହିଲା, "ମୁଁ ବାପାଙ୍କୁ ଜାଣେ । ସେ ମୋ ପାଇଁ କେଉଁଠି ଏକ ନିପଟ ମସଫଲୀ ଯୋଗାଡ଼ କରୁଥିବେ । ମୁଁ ନିଷ୍ପତ୍ତି କରିଛି ଶାନ୍ତାକୁ ବାହାହେବି, ଏକ କଥା ମୋର ଶାନ୍ତା ନୁହେଁ ତ ଆଉ କେହି ନୁହେଁ ।"

ଗ୍ରୀଷ୍ମ ଛୁଟି ଆସିଲା । ଏମ୍ବାସାଡ଼ାର କାରଟାଏ ଆସି ଜଗମୋହନଙ୍କୁ ନେଇଗଲା । କଲେଜ ଥଣ୍ଡା ପଡ଼ିଲା । ଆପାତତଃ କୁହୁା ଓ ଗୁଜବର ପରିସମାପ୍ତି ହେଲା । ଛୁଟି ପରେ ଜଗମୋହନ ଆଉ କଲେଜକୁ ଫେରିନାହିଁ । କେହି ତା' କଥା ମନେ ପକାଇଲେ ନାହିଁ । ଛୁଟିରେ ମୋର ବାହାଘର ହେଲା । ନିମନ୍ତ୍ରଣ ପତ୍ରଟାଏ ଦେଇଥିଲି, ସେ ପାଇଲା କି ନାହିଁ ଜାଣିଲି ନାହିଁ । ଏଇ ସାତବର୍ଷ ତା ସାଙ୍ଗରେ ମୋର ସମ୍ପର୍କ ନାହିଁ ।

ଚା' ଚୁମୁକେ ପିଇ ମୁଣ୍ଡଟା ଚା କପରୁ ଉଠାଇଛି କି ନାହିଁ ଦେଖିଲି ଜଗମୋହନ ବୀର ପରି ପ୍ରବେଶ କରୁଛି । କେବିନ୍‌ର ପରଦାଟା ଟାଣିଦେଇ ମୋ ସାମନା ଚେୟାରରେ ବସିଗଲା ଓ କ'ଣ ଗୁଡ଼ାଏ ଜଳଖିଆ ବରାଦ ଦେଲା । ଆମେ ଯଥାସମ୍ଭବ ନିରୋଳା ହେଲୁଁ ଏବଂ ସାତବର୍ଷ ବ୍ୟବଧାନର ଦୁଇମୁଣ୍ଡକୁ ଟାଣିଓଟାରି ଯୋଡ଼ିବାକୁ ଚେଷ୍ଟା କଲୁ ।

ଜଗମୋହନ ପ୍ରଥମେ ଆରମ୍ଭ କଲା, "ମୁଁ ଗୋଲାର୍ଦ୍ଧ ବୁଲି ଆସିଲି ଏଇ ସାତ ବର୍ଷରେ । ଇଉଲିସିସ୍‌ର ଭ୍ରମଣକାହାଣୀ । ଫକୀରମୋହନରୁ ସୁନ୍ଦରଗଡ଼, ସେଠୁ ସମ୍ବଲପୁର, ତା'ପରେ ବଲାଙ୍ଗୀର ଏବଂ ସେଠୁ ଜୟପୁର ରାଉରକେଲା । ଡ଼ି.ପି.ଆଇ.ଙ୍କ ଦୟା ଥିଲେ ଆଉ ସାତବର୍ଷକୁ ସର୍କଲ ପୂରା ପୁରିଯିବ ।"

"ବୁଲିଲୁଣି ତ ବହୁତ । ଏ ଅନିନ୍ଦ୍ୟ ସୁନ୍ଦରୀ ହେଲେନ୍‌କୁ ଯୋଗାଡ଼ କଲୁ କେଉଁଠୁ ?"

"ମୁଁ ଯୋଗାଡ଼ କରିନାହିଁ । ବାପା ଯୋଗାଡ଼ କରି ଦେଇଛନ୍ତି । ଆମରି ଭୁବନେଶ୍ୱର ପାଖ ଏକ ଗାଁରୁ, ଆମରି ଦୁରସମ୍ପର୍କିତ ଏକ ସାଧାରଣ ପରିବାରରୁ । ପଢ଼ାପଢ଼ି ବି ସେମିତି କମ ।"

"ସେ କେମିତି ସମ୍ଭବ ହେଲା ? ବାପାଙ୍କ ପସନ୍ଦରେ ତୋର ବି ପସନ୍ଦ ! ବିନା ପ୍ରେମ, ରୋମାନ୍ସରେ ବାହାହେବୁ ଏ ଧାରଣା ମୋର ନଥିଲା । ତମେ ସାହିତ୍ୟିକ ଦଳ ଏକ ରୋମାଣ୍ଟିକ ଜାତି । ଲଭ୍ ଏଟ୍ ଫାଷ୍ଟ ସାଇଟ୍, ଆଖୋଁ ଆଖୋଁ ମେ, ଚାରିଚକ୍ଷୁ ମିଳନ ଏମିତି କେତେ କଥା ଅଛି । ପ୍ରଥମେ ଆଖିକୁ ଆଖି, ତା'ପରେ ପ୍ରେମ, ତାପରେ ବିବାହ । ବାପା ଯୋଗାଡ଼ କରିବେ, ପୁଅ କିମିତି କାହା ହେବ ?"

Digitized by srujanika@gmail.com

"ସେ ଆଦର୍ଶ ଫକୀରମୋହନ କଲେଜ ପର୍ଯ୍ୟନ୍ତ ଥିଲା । ବାପା ମୋର ସବୁ କାହାଣୀ ସିମିତି ଶୁଣିଲେ, ସିମିତି ମୋଟର ପଠାଇ ଧରାଇନେଲେ ଗ୍ରୀଷ୍ମଛୁଟି ହେବା ଦିନ । ତାପରେ ଯେଉଁ ଗାଳି ଭର୍ତ୍ସନା !"

"ବାପାଙ୍କୁ କହିଲୁ ନାହିଁ ତୋର ଇତିବୃତ୍ତ ?"

"ମୁଁ କହିଲି ସବୁକଥା ଖୋଲି । କହିଲି, ଝିଅଟି କେଡ଼େ ସୁନ୍ଦରୀ, କେତେ ଗୃହକର୍ମନିପୁଣା, ସଙ୍ଗୀତପ୍ରିୟା ଏବଂ ସଦ୍‌ବଂଶଜା, ପାହିଆ ଅଛି ମଧ ତା' ବାପାଙ୍କର । କହିଲି, ବିବାହ ପାଇଁ ମୁଁ ପ୍ରତିଶ୍ରୁତିବଦ୍ଧ । ମୁଁ ବାହା ନହେଲେ ସେ ଝିଅ ପାଗିଳୀ ହୋଇଯିବ, ଆତ୍ମହତ୍ୟା କରିପାରେ ମଧ । ବାପା ସବୁ କଥା ଶୁଣିଲେ, ମାତ୍ର ତାଙ୍କଠୁଁ ବଳି ଜିଦ୍‌ଖୋର ପାଷାଣ ହୃଦୟ କେହି ଦୁନିଆରେ ନଥିବେ । ଖୁବ୍ ରାଗିଯାଇ ତାଙ୍କୁ କହିଲି, ତୁମେ ପୁରୁଣାକାଳିଆ ମରହଟ୍ଟି ଲୋକ, ପ୍ରେମ ବୋଲି ଚିଜ ତମ ଅମଳରେ ନଥିଲା, ନିଜେ ତମେ ବାଲ୍ୟବିବାହ କରିଥିଲା ତମେ ଜାଣିପାରିବ ନାହିଁ ଆଧୁନିକ ଯୁଗର ପ୍ରଣୟୀ ହୃଦୟ । କି ଦୁଃଖ କି ଯନ୍ତ୍ରଣା ସେମାନେ ନ ଭୋଗନ୍ତି ଏଇ ପ୍ରେମ ପାଇଁ !"

"ତୋ ବାପା ଠେଙ୍ଗାରେ ତୋ ମୁଣ୍ଡ ଫଟାଇ ଦେଇ ନାହାନ୍ତି ତ ! ଖୁବ୍ ସାହସ ତୋର ଦେଖୁଛି ।"

"ମାଆଙ୍କୁ ମୁଁ କହିଲି, ଯଦି ସେ ଝିଅ ସହିତ ବିବାହରେ ବାପା ରାଜି ନ ହୁଅନ୍ତି ତେବେ ମୁଁ ଘର ଛାଡ଼ି ଚାଲିଯିବି, ନହେଲେ କଣ ନା କ'ଣ କରିବସିବି । ମାଆ ବି ବାପାଙ୍କ ପଛରେ ଚାଲିଲେ । ମୁଁ ଏବେ ବି ଆଶ୍ଚର୍ଯ୍ୟ ହେଉଛି ଏ ସବୁ କଥା କିମିତି ସେମାନଙ୍କୁ କହିପାରିଲି । ମନର ଘୋର ଅନ୍ଧକାରମୟ ଅବସ୍ଥାରେ ମୁଁ କିଂକର୍ତ୍ତବ୍ୟବିମୂଢ଼ ହୋଇ ଯାଇଥିଲି । ମଣିଷ ପ୍ରେମ ନାଆଁରେ ବି.ଏ., ଏମ୍.ଏ. ପଢ଼ି ବି ଏମିତି ପାଗଳଙ୍କ ଭଳି ପ୍ରଳାପ କରିପାରେ ?"

"ସେମାନେ ତୋ ବିବାହ କେଉଁଠି ଠିକ୍ କରି ସାରିଥିଲେ ବୋଧହୁଏ ? ନହେଲେ ଏମିତି ଏକଜିଦିଆ ହୁଅନ୍ତେ ନାହିଁ ।"

"ମୋତେ ସିମିତି ଜଣାଗଲା । ମୋର ସଂକଳ୍ପର ଦୃଢ଼ତା ଅନୁଭବ କରି ସେମାନେ ଅନନ୍ୟୋପାୟ ହୋଇ ମୋତେ ଗାଡ଼ିରେ ନେଇ ଏକ ଦୂରସମ୍ପର୍କିତା ମାଉସୀ ଘରେ ଛାଡ଼ିଦେଲେ । ମୋର ମନର ଅବସ୍ଥା ସେତେବେଳକୁ କହିଲେ ନ ସରେ । ଚିନ୍ତା ମୋ ଛାତିକୁ କୋରି ଦେଉଥାଏ । ମାଉସା ମାଉସୀ ମୋତେ ବହୁତ ବୁଝାଇଲେ ଏବଂ ଯେଉଁ ଝିଅ ସହିତ ମୋର ବିବାହ ସ୍ଥିର ହୋଇଛି ତା'ରି କଥା କହିଲେ । ତାଙ୍କ ମତରେ ବିବାହ ସବୁ ଦୃଷ୍ଟିରୁ କାମ୍ୟ । ଗରିବ ଘର, ହେଲେ ଟଙ୍କା ଆମର କ'ଣ ଦରକାର ? ମୁଁ ସେମାନଙ୍କ ପ୍ରତି କଥାର ଉତ୍ତରରେ ଚିନ୍ତାର ରୂପ ଗୁଣର ଉଲ୍ଲେଖ କରୁଥାଏଁ । ଶେଷରେ ସେମାନେ ବି ଉତ୍ୟକ୍ତ ହେଲେ ଏବଂ ଘରଛାଡ଼ି ଚନ୍ଦନଯାତ୍ରା ଦେଖିବା ଆଳରେ ପୁରୀ

Digitized by srujanika@gmail.com

ଚାଲିଗଲେ ମୋତେ ଆଉ ମୋର ସେହି ଦୁରସମ୍ପର୍କିତା ଭଉଣୀ ରତ୍ନା ସହିତ ଛାଡ଼ିଦେଇ, ଯାହା ସାଙ୍ଗରେ ସେମାନେ ମୋର ବିବାହ ସ୍ଥିର କରିଥିଲେ ।

"ତା' ପରେ ଚାରିଚକ୍ଷୁର ମିଳନ ?"

"ଥଟ୍ଟା କର ନାହିଁ । ଜୀବନ ମରଣ ସମସ୍ୟା । ସେମାନେ ସେ ଝିଅକୁ ଇଙ୍ଗିତ ଦେଇଥିଲେ ବୋଧହୁଏ । ରତ୍ନା ମୋତେ ସହଜରେ ଜିଣିନେଲା, କିଣିନେଲା । ମଉସା ମାଉସୀ ଫେରିଲାବେଳକୁ ମୁଁ ବିବାହରେ ସମ୍ମତି ଦେଲି ଏବଂ ଦେବସ୍ନାନ ପୂର୍ଣ୍ଣିମାରେ ଆମର ବିବାହ ସମ୍ପନ୍ନ ହେଲା ।"

"ଆଉ ଶାନ୍ତା ଅବଚେତନ ଅଚେତନ ସ୍ତରକୁ ଚାଲିଗଲା । ତୁ ଏମିତି ପ୍ରେମିକ! ବନ୍ଧୁ ଆକାରରେ ମୋତେ ନିମନ୍ତ୍ରଣ ପତ୍ର ଖଣ୍ଡିଏ ବି ଦେଲୁନି ? ତୁ ଭାରି ସ୍ୱାର୍ଥପର । ଶାନ୍ତାର କ'ଣ ହେଲା ସେ କଥା କେବେ ଜାଣିବାର ଚେଷ୍ଟା ବି କଲୁନି ?"

"ସବୁ କାମ ତରବରରେ ହେଲା, ସେମାନେ ସବୁ ବ୍ୟବସ୍ଥା କଲେ, ମୋର ତହିଁରେ କର୍ତ୍ତୃତ୍ୱ ନ ଥିଲା । ଶାନ୍ତା କଥା ଭାବିଲେ ମୋତେ ଲାଜ ମାଡ଼ୁଛି ମୁଁ କିମିତି ଏତେଶୀଘ୍ର ତାକୁ ଭୁଲିଗଲି ।"

"ଆଚ୍ଛା ! ତୁ ତୋ ରତ୍ନାକୁ କେବେ ତୋର ଏ ପ୍ରେମକାହାଣୀ କହିଛୁ ? ତୁ କିମିତି ଆତ୍ମହତ୍ୟା କରିବାକୁ ଯାଇଥିଲୁ; କହି ନଥିବୁ ବୋଧହୁଏ ।"

"ସବୁ କହିଛି ଏବଂ ଚପଳତା ପାଇଁ କ୍ଷମା ମଧ ମାଗିଛି ।"

"ତୁ ତେବେ ବେଶ୍ ସୁଖୀ ଅଛୁ ? ଭଲ ଅଛୁ ?"

"ଭଲ ମାନେ ? ମୁଁ ଏକପ୍ରକାର ସ୍ୱର୍ଗରେ ଅଛି । ରତ୍ନା ମୋତେ ରଜା କରିଦେଇଛି । ମୁଁ ଯେ କୁଆଡ଼େ ଭାସି ଯାଇଥିଲି ।"

"ଜଗମୋହନ ! ତୁ ପରମ ସୌଭାଗ୍ୟବନ୍ତ ଲୋକ । ରତ୍ନା ଭଳି ସ୍ତ୍ରୀ, ଅଶ୍ୱିନୀକୁମାର ପରି ପୁଅ, ପୁଣି ତାଙ୍କ ନାଆଁ ? ଶାଳୀଙ୍କ ?"

"ପଦ୍ମା ।"

"ବାଃ ପଦ୍ମ ଫୁଲଟିଏ ତ ! ଦେଖ ଜଗମୋହନ, ଶାନ୍ତାଠି ପ୍ରେମ ଆରମ୍ଭ ହୋଇ ଯିମିତି ରତ୍ନାଠି ଶେଷ ହେଲା, ରତ୍ନାଠି ଆରମ୍ଭ ହେଇ ପଦ୍ମାଠି ଯିମିତି ଶେଷ ନ ହୁଏ । ତୋର ପ୍ରଥମ ଦର୍ଶନର ପ୍ରେମ ଦ୍ୱିତୀୟ ଦର୍ଶନ ବେଳକୁ ନ ଆଏ ।"

"ଥଟ୍ଟା ଟିକିଏ ବେଶୀ ହୋଇଯାଉଛି । ଛାଡ଼ ବାଜେ କଥା । ସୁନ୍ଦରଗଡ଼ରେ ଆମର ପ୍ରଥମ, ବଲାଙ୍ଗୀରରେ ଦ୍ୱିତୀୟର ଜନ୍ମ ।"

ଜଗମୋହନ ଆଉ କପେ ଚା' ବରାଦ କଲା । କହିଲା, "ମୁଁ ତ ଚୁମ୍ବକରେ ମୋ କଥା ସବୁ କହିଗଲି । ତୋତେ ମନେ ମନେ ମୁଁ ବହୁତ ଖୋଜୁଥିଲି, ଆଜି ପାଇଗଲି ।

Digitized by srujanika@gmail.com

ଛାତି ଉଶ୍ୱାସ ହେଲା । ଆବେଗରେ ଭାସିଯାଇ ତୋ କଥା କିଛି ପଚାରି ନାହିଁ । ମୋତେ ଆଗ କହ, ତୁ ଏଠି କିମିତି ?"

"ମୁଁ ବଦଳି ହୋଇ ଆସିଛି । ଦୁଇଦିନ ହେଲା ଆସିଲି ଏଇ କଲେଜକୁ । ଏ ବର୍ଷ ଏଠି ଆର୍ଟସ ଖୋଲିଛି । ସୋମବାର ଦିନ ଜଏନ କରିବି ।"

"ତୁ କ'ଣ ଏଇ ସାତବର୍ଷ ଯାକ ସେଇ ଏଫ୍.ଏମ୍.ରେ ଥିଲୁ ?"

"ହଁ, ଦଶବର୍ଷ ରହିବା ଲୋକ ବି ଅଛନ୍ତି । ଧରାଧରି..."

"ରହିଛୁ କେଉଁଠି ? ଘର ପାଇଛୁ ? ଏଠି ଘର ପାଇବା ବଡ଼ ମୁସ୍କିଲ ପାଠ । ଯଦି ବା ମିଳେ ଭଡ଼ା ଖୁବ ବେଶି ।"

"ମୁଁ ଜାଣେ । ଏଠି ସାନଭାଇ ଅଛି । ଉଣିଶ ନମ୍ବରରେ ।"

"ଘର କଥା ତ କିଛି କହିଲୁ ନାହିଁ ?"

"କହିବାର କ'ଣ ଅଛି ? ସବୁ ମାମୁଲି ।"

"ତଥାପି ।"

"ତଥାପି ପେରେ କ'ଣ ? ଜଗମୋହନ, ତୁ ଭଲକରି ଜାଣିଛୁ ମୁଁ କେମିତି ମଣିଷ । ପୂରାପୁରି ଏଣ୍ଟିରୋମାଣ୍ଟିକ । ମୋ ଜୀବନରେ ରୋମାନ୍ସ ନାହିଁ । ଯାକୁ ଛାଡ଼ି ତାକୁ ଧର ବିଚାର ନାହିଁ । ପୂରା ଗଦ୍ୟମୟ ମୋ ଜୀବନ । ଜଣେ ସାହେବ ଲୋକ କହିଛି ପ୍ରତି ପଚାଶ ଜଣରେ କେବଳ ଜଣେ ଲୋକ ଜୀବନରେ କେବେ କବିତାର ନାମ ଧରେ ନାହିଁ । ସେ ଜଣକ ହେଉଛି ଅର୍ଥନୀତିର ଅଧାପକ ।"

"ତୁ ନିଜକୁ ଗାଳି ଦେଉଛୁ ନା ମୋତେ ଗାଳି ଦେଉଛୁ ? ଏଥର ଦୟାକରି ଘର କଥା କହ ।"

"ତୋତେ ପ୍ରଥମେ ଆଶ୍ଚର୍ଯ୍ୟ ଲାଗିବ ଏ ଲୋକଟା ପ୍ରେମ ନ କରି କିପରି ବାହାହେଲା । ତେବେ ତୁ ତ ନିଜେ ଜୋରଜବରଦସ୍ତ ବିବାହରେ ଖୁବ୍ ସୁଖୀ ଅଛୁ ବୋଲି କହିଲୁ । ମୋର ବି ବିବାହ ବାପା ମାଆ ବନ୍ଦୋବସ୍ତ କରିଛନ୍ତି । ମୋର ଥିଓରି ହେଲା, ଜଣେ ନାରୀ ଆଉ ଜଣକ ପରି ଭଲ ଅଥବା ଖରାପ । ଭାଗ୍ୟ ସବୁ । ବିନା ଚକ୍ଷୁରେ ତ ଅନ୍ଧ ଅନ୍ଧୁଣୀ ସୁଖୀ । ଆଗ ସେକ୍ସ ତା'ପରେ ପ୍ରେମ ।"

"ତୁ ମୋତେ ଦେଖି ଟିକିଏ ଅଫ୍ ମୁଡ୍ ହୋଇଗଲୁ ବୋଧହୁଏ । ମୁଁ ତୋ ଘରସଂସାର ପିଲାପିଲି କଥା ପଚାରୁଛି ତୁ ମୋତେ ଗାଳିଦେଇ ଚାଲିଛୁ ।"

"ଶୁଣ ତେବେ । ମୁଁ ବି.ଏ. ପଢୁଥିବା ଗୋଟିଏ ଝିଅକୁ ବାହା ହୋଇଛି । ଦେଖିବାକୁ ତୋ ଆଖିରେ ଖୁବ୍ ରୋମାଣ୍ଟିକ ହେଲେ ବି ମୋ ଆଖିରେ 'ମନ୍ଦ ନୁହେଁ' କିସମର । ଆମର ବି ଦୁଇ ପୁଅ । ହଠାତ୍ ବାହାଘର ହୋଇଗଲା । ଯେଉଁ ଗ୍ରୀଷ୍ମଛୁଟିରେ ଆମେ କଲେଜ ଛାଡ଼ିଲୁ ସେଇ ଛୁଟିରେ । ଶୁଣି ଆଶ୍ଚର୍ଯ୍ୟ ହେବୁ ତୋ ଶାନ୍ତାର ବି ସେଇଦିନ

Digitized by srujanika@gmail.com

ବାହାଘର ହୋଇଗଲା । ନିମନ୍ତ୍ରଣ ପଠାଇଥିଲି । ଗ୍ରୀଷ୍ମଛୁଟିରେ କିଏ ଫୋପାଡ଼ି ଦେଇଥିବ ।"

"ଶାନ୍ତାର ବାହାଘର! କେଉଁଠି, କାହାକୁ ବାହା ହେଲା ?"

"ପୁରୁଣା ପ୍ରକୃତି ତୋର ଏବେ ବି ଛାଡ଼ି ନାହିଁ । ସେ ବାହା ହେଲାଣି, ପିଲାଝିଲା ଜନ୍ମ କଲାଣି ହୁଏତ ପର ଘରେ ଯାଇ । ତୁ ନିଜେ ଏଡ଼େ ସୁନ୍ଦର ସ୍ତ୍ରୀ ପାଇଛୁ, ଶାଳୀ ପାଇଛୁ, ତଥାପି ଶାନ୍ତା ନାଆଁଟା ଶୁଣିଲା ବେଳକୁ ଏମିତି ଅଧୈର୍ଯ୍ୟ ହେଉଛୁ, ଉଲୁସି ଉଠୁଛୁ! ଦେଖୁଛି ତାକୁ ପାଇଲେ ଏହିକ୍ଷଣି ନିଜ ସ୍ତ୍ରୀକୁ ଛାଡ଼ି ତାକୁ ବାହାହୋଇ ପଡ଼ିବୁ ।"

"ଶାନ୍ତାକୁ ମୁଁ ପୂରା ଭୁଲିଯାଇଛି। ସତରେ କେଡ଼େ ଆଶ୍ଚର୍ଯ୍ୟ!"

"ତେବେ ଆଉ କାହିଁକି ଶାନ୍ତା କଥା ? ନିଜ ସ୍ତ୍ରୀ ପ୍ରତି ଦ୍ରୋହ ଆଚରଣ ହେବ। ଏତିକି ଜାଣିଥା, ସେ ଯେଉଁଠି ଅଛି ରତ୍ନା ପରି ଭଲରେ ଅଛି। ତୁ ତ ତା'ର ସର୍ବନାଶ କରି ଦେଇଥିଲୁ ପ୍ରାୟ। ବାହାହୋଇ ଶାନ୍ତା କ'ଣ ତେବେ ଆଉ ମନେ ପକାଉଥିବ ଭାବୁଛ ? ଏତିକି ହେଉ ତା' ବିଷୟରେ।"

ଚା' ଖିଆ ସରିଲା। ଆମେ ଉଠିଲୁ। ଜଗମୋହନ ଗଲାବେଳେ କହିଲା, "ଆଜି ଏତିକି। କାଲି ଶନିବାର ଅଛି। ଠିକଣାଟା ଦେ। ଦେଖେଁ ଯଦି ତୋ ଘରକୁ ଯାଇପାରିବି।"

"ପାରିବି କ'ଣ କହୁଛୁ? ଆସିବୁ ତ। ମିସେସ୍‌କୁ ଧରି କାଲି ପାଞ୍ଚଟାକୁ। ଚା'କୁ ନିମନ୍ତ୍ରଣ ରହିଲା, ସାଲେପୁର ମିଠା ଯେତେ ଖାଇବୁ ଦେବି। ମୁଁ ଅପେକ୍ଷା କରିଥିବି। ମୋର କ୍ୱାଟର୍ସ ନମ୍ବର ୧୪୭, ଏ ବ୍ଲକ୍, ସେକ୍ଟର ନାଇନ୍‌ଟିନ।"

ତହିଁ ପରଦିନ ଠିକ୍ ପାଞ୍ଚଟାରେ ଜଗମୋହନ ଓ ତା'ର ସ୍ତ୍ରୀ ପହଞ୍ଚିଲେ। ଜଗମୋହନକୁ ମୁଁ ଭର୍ତ୍ସନା କଲି କାହିଁକି ସେ ତା' ଦୁଇ ପୁଅକୁ ସାଙ୍ଗରେ ନ ଆଣିଲା।

ଡ୍ରଇଁ ରୁମ୍‌ରେ ସେମାନେ ବସିଲେ। ଘର ଭିତରକୁ ପଶିଯାଇ ଚା' ଜଳଖିଆର ବ୍ୟବସ୍ଥା କରି ଆଣିବାକୁ କହି ଆସିଲି।

କୁଶଳ ମଙ୍ଗଳ ପ୍ରଶ୍ନୋତ୍ତର ପରେ ମୁଁ ଗାମ୍ଭୀର୍ଯ୍ୟର ଛଳ କରି ଆରମ୍ଭ କଲି ରତ୍ନାଦେବୀଙ୍କୁ ଚାହିଁ – "ଆପଣ ଏ ମୂର୍ତ୍ତିକୁ ଚିହ୍ନିଲେଣି ? ଭଲକରି ତାଙ୍କୁ ଜାଣିଲେଣି ?"

ରତ୍ନାଦେବୀ କହିଲେ, "ସାତ ବର୍ଷରେ ଯାହା ଜାଣିଛି।"

"କ'ଣ ଜାଣିଛନ୍ତି ? କାଲି କେଣ୍ଟିନ୍‌ରେ ଦେଖା ହେଲାବେଳେ 'ଶାନ୍ତା' 'ଶାନ୍ତା' ଭଜୁଥିଲା। ଶାନ୍ତା କିଏ ଜାଣନ୍ତି ?'

"ଜାଣେ ୟାଙ୍କର ....."

"ସେତିକି କ'ଣ ଯଥେଷ୍ଟ ? ତାଙ୍କର ସମସ୍ତ କ୍ରିୟାକାଣ୍ଡ ଜଣାଅଛି ? ୟାଙ୍କୁ କେବେ ହାତଛଡ଼ା କରିବେନି। ଗଣ୍ଠି ଫିଟିଛି ତ ପାଇବେ ନାହିଁ। ମହା ରୋମାଣ୍ଟିକ ଲୋକ। ଆଖି ଦି'ଟା ସହିତ ଆଉ କେଉଁଠି କେବେ କାହା ଆଖି ମିଳିଛି ତ ରକ୍ଷା ନାହିଁ! ୟାଙ୍କୁ ନେଇ ଘରସଂସାର କରି ପାରୁଛନ୍ତି ତ। ରୋମାଣ୍ଟିସିଜିମ୍ ଏକ ରୋଗ।"

Digitized by srujanika@gmail.com

"ଜାଣେ। ଏ ଯାକେ ଠିକ୍ ଚାଲିଛି ତ। ପଛକୁ କ'ଣ ହେବ କିଏ କହିବ ?"

"କିମିତି ସମ୍ଭବ ହେଲା ?"

"ଡ଼େଣା କାଟିଦେଲେ ଚଢ଼େଇ କେତେଦୂର ଉଡ଼ିବ ?"

ଜଗମୋହନ ମୋ ଆଡ଼କୁ ସନ୍ଦିଗ୍ଧ ଚକ୍ଷୁରେ ଚାହିଁଲା, ସତେ ଯିମିତି ଚାହୁଁଥିଲା ଏ ସବୁ କଥାର ଅବତାରଣା କାହିଁକି ?

ମୁଁ ପୁଣି ଆରମ୍ଭ କଲି, "ଆପଣ ଏତିକି ଜାଣିଥାନ୍ତୁ, ଏଇ ଜଗମୋହନ ଦିନେ ଗୋଟିଏ ଜୀବନ ନଷ୍ଟକରି ଦେଉଥିଲା। ଚାରିମାସ ଧରି କଲେଜ ହୁଲସ୍ଥୁଲ। ଦିନ ରାତି 'ଶାନ୍ତା' 'ଶାନ୍ତା' ଭଳି ଆତ୍ମହତ୍ୟା କରିବ ବୋଲି ପ୍ରତିଶ୍ରୁତି ଦେଇଥିଲା। ସେ ଝିଅ ବି କୁଆଡ଼େ ପାଖରେ ଟିକ୍-ଟୁଏଣ୍ଟି ରଖିଥିଲା। ଯେତେ ବୁଝେଇଲେ କେହି କାହାକୁ ଛାଡ଼ିବାକୁ ପ୍ରସ୍ତୁତ ନଥିଲେ। ସେ ଝିଅର ବଦନାମ ହୋଇଗଲା। ଏତେ ବଦନାମ ଥିବା ଝିଅକୁ କିଏ ବାହାହେବ ?

"ଆପଣ ତ ଜାଣିଥିବେ ସେ ଝିଅର ବାହା ହେଲାଣି ନା ନାହିଁ ?"

"ବାହା ହେଲା ପରା। କାଲି ଜଗମୋହନକୁ କହିଛି, ମୋ ବାହାଘର ଦିନ ତା'ର ବି ବାହାଘର। ହେଲେ ତା' ବାପାକୁ ନଗଦ ଦଶହଜାର ଓ ସ୍କୁଟରଟାଏ ଜୋଇଁକି ଦେବାକୁ ପଡ଼ିଲା।"

ଜଗମୋହନ ପଚାରିଲା, "କିଏ ସେ ଜୋଇଁ ? କ'ଣ କରନ୍ତି ?"

"ପୁଣି ଆଗ୍ରହ ! ତୋରି ଠିକ୍ ଓଲଟା ପ୍ରକୃତିର ଲୋକକୁ ସେ ବାହା ହେବାକୁ ବାଧ ହେଲା। ଦେଖିବାକୁ ଅସୁନ୍ଦର, ନିହାତି ମଫସଲୀ କହିଲେ ଚଳେ। ସିନେମା, ଥିଏଟର, ନାଚ ଗୀତ, ତାମସା କିଛି ସେ ଭଲପାଏ ନାହିଁ। ଯାହାକୁ କହନ୍ତି ନିପଟ ପ୍ରୋଜାଇକ୍। ବିଚାରୀ ! ଜୀବନଟା ତାର ନଷ୍ଟ ହୋଇଗଲା।"

ରତ୍ନାଦେବୀ କହିଲେ, "ଠିକ୍ ହୋଇଛି। ଝିଅର ଯିମିତି ପ୍ରକୃତି, ସେମିତି ଫଳ ସେ ପାଇଛି।"

ଏତିକିବେଳେ ଚା' ଜଳଖିଆ ନେଇ ମୋ ସ୍ତ୍ରୀ ପ୍ରବେଶ କଲେ। ଯେମିତି ଜଗମୋହନକୁ ଦେଖି ଦେଇଛନ୍ତି, ସେମିତି ସେ ଚମକି ପଡ଼ିଲେ ଏବଂ ସିଙ୍ଗଡ଼ା ଗୋଟାଏ ଦୁଇଟା ତଳେ ପଡ଼ିଗଲା ଓ ଚା' କପ୍‌ରୁ ଉଛୁଳି ପ୍ଲେଟ୍‌ରେ ପଡ଼ିଲା। ଜଗମୋହନ ବି ସେମିତି ଚମକିଲେ ଏବଂ ତାଙ୍କ ପାଟିରୁ ବାହାରି ପଡ଼ିଲା "ଶାନ୍ତା, ତମେ ?"

ମୁଁ କହିଲି, "ସେ ଏଠାକୁ ଆସିଛନ୍ତି।"

ଜଗମୋହନ ପଚାରିଲା, "ଶାନ୍ତା ! ତୁମେ ଏଠି କିମିତି ? କେଉଁଠି ଅଛ ? କିମିତି ଅଛ ?" ଏମିତି ଏକା ନିଶ୍ୱାସରେ ଗୁଡ଼ାଏ ପ୍ରଶ୍ନ।

ଶାନ୍ତା କହିଲେ, "ଯେଉଁଠି ଦେଖୁଛନ୍ତି, ସେଇଠି ମୁଁ ଅଛି ଏବଂ ବେଶ୍ ଭଲ ଅଛି।"

Digitized by srujanika@gmail.com

"ଏମାନେ କ'ଣ ସମ୍ପର୍କ ହୁଅନ୍ତି ? ଏଠି କ'ଣ କାମ ଥିଲା ?"

"ଏମାନେ ମୋର ଘନିଷ୍ଠ ସମ୍ପର୍କ। ଏଠି ମୋର ଅନେକ କାମ। ୟାଙ୍କରି ପାଖରେ ଥାଏଁ, ଯେଉଁଠାକୁ ବଦଳି ହୁଅନ୍ତି ସେଠାକୁ ଯାଏଁ। ରୋଷେଇବାସେଇ କରେଁ, ଛୁଆ ପିଲା ପାଳେ।"

ଜଗମୋହନ ପଚାରିଲେ, "ଆଉ ଗୀତ ଫୀତ ଗାଆ ନାହିଁ ? ପ୍ରୋଜାଇକ୍ ହୋଇଯାଇଛି ବୋଧହୁଏ।"

"ନା, ନା, ଗୀତ ଗାଇ ଦୁଇପୁଅଙ୍କୁ ଶୁଆଏ। ୟାଙ୍କୁ ବି ବେଳେ ବେଳେ ଗୀତ ଗାଇ ଚିଡ଼ାଏଁ, ବିରକ୍ତ କରେଁ। ଗୀତ ତାଙ୍କୁ ଭଲ ଲାଗେ ନାହିଁ।"

ମୋତେ ଅନାଇ ରତ୍ନାଦେବୀ ପଚାରିଲେ, "ଆପଣ ଏମିତି ସ୍ୱାଙ୍କ ନେଇ ଦିନ କାଟୁଛନ୍ତି କିପରି ? ସିଏ ପରା ଆଉ କାହାପାଇଁ ଆତ୍ମହତ୍ୟା କରିବାକୁ ଯାଇଥିଲେ ? ୟାଙ୍କୁ ସମ୍ଭାଳୁଛନ୍ତି କିପରି ?

"ଡ଼େଣା କାଟିଦେଇ ଯିମିତି ଆପଣ ସମ୍ଭାଳୁଛନ୍ତି ଜଗମୋହନଙ୍କୁ।"

"ଜୁଲାଇ ମାସରେ ଆପଣ ଆମକୁ ଏପ୍ରିଲ ଫୁଲ୍ କଲେ ଦେଖୁଛି। ଆଚ୍ଛା, ଆପଣ ତ ଜାଣିଥିଲେ ଶାନ୍ତା କିମିତି ପ୍ରକୃତିର ଝିଅ, ତଥାପି ଜାଣିଶୁଣି କିମିତି ବାହା ହେଲେ ?"

"ତାଙ୍କ ବାପାଙ୍କ ପାଖରୁ ନଗଦ ଦଶ ହଜାର ଆଉ ସ୍କୁଟରଟାଏ ପାଇଲି ଝିଅର ଦୁଷ୍ଟାମି ଓ ମାଙ୍କଡ଼ାମି ବାବଦ।"

ଶାନ୍ତା ମୋ ଉପରେ ପଡ଼ି କହିଲେ, "ମିଛ କହୁଛ। ବାପା ତୁମକୁ କିଛି ଦେଇନାହାନ୍ତି।"

"ତେବେ ସେ ତୁମକୁ କାହିଁକି ବାହାହେଲେ ?"

"ତାଙ୍କୁ ପଚାର।"

ମୁଁ କହିଲି, "ଅସଲ କଥା ହେଲା ଯେଉଁ ଝିଅଗୁଡ଼ାକ ପ୍ରଥମ ଜୀବନରେ ଏମିତି ଟିକିଏ ରୋମାଣ୍ଟିକ୍ ବେଆଡ଼ିଆ ହୁଅନ୍ତି, ସେମାନେ ପଛ ଜୀବନରେ ଭାରି ବଢ଼ିଆ ଗୃହିଣୀ ହୁଅନ୍ତି, ବୋଧହୁଏ ନିଜ ଅପକର୍ମର ପ୍ରାୟଶ୍ଚିତ କରିବାକୁ ଯାଇ। ତା'ଛଡ଼ା କେଉଁ ଝିଅ କେବେ କାହାକୁ ଚାହିଁଦେଲା ବା କାହା ସାଙ୍ଗରେ ପଦେ କଥାବାର୍ତ୍ତା ହେଲା ତାକୁ ଦଣ୍ଡ ଦେବା ବ୍ୟବସ୍ଥା ମୋ ପରି ପ୍ରୋଜାଇକ୍ ଲୋକ ଦେଇ ହବ ନାହିଁ। ଶାନ୍ତାଙ୍କୁ ତୁମେ ବାହା ହବ ଜଗମୋହନ ? ମୁଁ ଛାଡ଼ିଦେବାକୁ ପ୍ରସ୍ତୁତ।"

"ଯାଃ କ'ଣ ନା କ'ଣ କହୁଛ, ମଥା ଠିକ୍ ଅଛି ତ ?" ଶାନ୍ତା ମୋତେ କହିଲେ।

"ମୋର ଆପତ୍ତି ନାହିଁ।" ରତ୍ନା କହିଲେ।

"ଯାଃ। କ'ଣ ନା କ'ଣ କହୁଛ, ମଥା ଠିକ୍ ଅଛି ତ ? ଜଗମୋହନ ଓ ଶାନ୍ତା ପରସ୍ପରକୁ ଚାହିଁଲେ। ଚାରିଚକ୍ଷୁର ପୁଣି ମିଳନ ହେଲା। ମାତ୍ର ସେ ଚାହାଁଣିରେ ପ୍ରେମ ନ ଥିଲା, ଥିଲା ରହସ୍ୟ ଓ ବିସ୍ମୟ।

Digitized by srujanika@gmail.com

ମୁଁ ରତ୍ନା ଦେବୀ ଆଡ଼କୁ ଚାହିଁ ହୋ ହୋ ହସି କହିଲି, "ଏ ଦୁହେଁ ପରସ୍ପରକୁ ନ ପାଇଲେ କୁଆଡ଼େ ଆତ୍ମହତ୍ୟା କରିବେ ବୋଲି କହୁଥିଲେ !"

# ବାପା

ଖିଅର ହେଉଥିଲି । ପାଖ ଘରେ ବାପା ପଡ଼ିଥାନ୍ତି । ଦିହଯାକ ଘାଆ ଛଉ । (ମୋର ବି ସିମିତି ପୋକଯୋକ ହୋଇ ମରଣ ହେବ ?) ଛଅମାସ ହେଲା ଠାଏଁ ପଡ଼ିଛନ୍ତି । ଧରିଦେଲେ ଉଠନ୍ତି, ବସନ୍ତି, ନହେଲେ କାନ୍ଥ ସାଙ୍ଗରେ ମିଶି ଯାଇଥାନ୍ତି । ମୁମୂର୍ଷୁ । ଆଉ ବେଶୀ କାଳ ନାହିଁ ତାଙ୍କର । ଯେ କୌଣସି ମୁହୂର୍ତ୍ତରେ ତାଙ୍କର ଶେଷ ନିଶ୍ୱାସ ଚାଲିଯିବ ।

ଦୟା ହୁଏ । ଏଇ ଲୋକଟି ଦିନେ ନିଜେ ନ ଖାଇ ତା ପେଟରୁ କାଟି ମୋତେ ଖୁଆଇଥିଲେ, ନିଜର ସୁଖ ସାଚ୍ଛନ୍ଦ୍ୟ ଏପରିକି ସ୍ୱାସ୍ଥ୍ୟକୁ ଜଳାଞ୍ଜଳି ଦେଇ ମୋ ଦିହକୁ ମାସ ମାସ, ବର୍ଷ ବର୍ଷ ଜଗି ରହିଥିଲା । ଖରା, ବର୍ଷା ଶୀତ ମାଇଲ ମାଇଲ ଯାଇ ମୋ ପାଇଁ ଦୁଧ ଆଣୁଥିଲା, କାଖ କାନ୍ଧ କରି ତା'ର ଅଝଟ ଅମାନିଆ ମୂର୍ଖ ପୁଅକୁ ଚାଟଶାଳୀ ସ୍କୁଲକୁ ନେଉଥିଲା, ଗୋରୁ ଗାଈ ବିକି ପୁଅର ବଦଖର୍ଚ୍ଚ ମେଣ୍ଟାଉଥିଲା କଲେଜରେ । ଖୋଜାଖୋଜି କରି ଗୋଟିଏ ଚାଉଳରେ ଗଢ଼ା କନ୍ୟା ବିଭା କରାଇଥିଲା । ଅନ୍ଧର ଲଉଡ଼ି ଦରିଦ୍ରପସରା କରି ମୋତେ ବଞ୍ଚାଇ ରଖିବାକୁ ଦିଅଁ ଦେବତା ଆଗରେ ପୂଜାପଣା କରୁଥିଲା । ଯଦି ଦରକାର ପଡ଼ିଥାନ୍ତା ବାବର ପରି ପୁଅର ରୋଗ ନିଜ ଦେହକୁ ନେଇ ମୃତ୍ୟୁବରଣ କରିଥାନ୍ତା । ଆଜି ବିଚରା ଅସହାୟ ।

ଆଜି ତାଙ୍କ ଋତ୍ରଗୁଡ଼ାକ (ଦାଢ଼ି ନ କହି ସେ ଋତ୍ର କହନ୍ତି) କାଟି ଦେଉଥିଲି । ସେ ପଙ୍ଗୁ, ଖିଅର ହୋଇପାରନ୍ତି ନାହିଁ । ସାତ ଆଠ ଦିନରେ ଥରେ ମୁଁ ମୋ ସୋଫାଟି ରେଜରରେ କାଟିଦିଏ, ଯେଉଁଦିନ ସେ ଗାଲରେ ହାତମାରି କହନ୍ତି, "ବାପାରେ, ବେଳ ହବ ? ଋତ୍ରଗୁଡ଼ାକ ସଫା କରିଦେବୁ ?"

ତାଙ୍କୁ ଖିଅର କରି ସାରିବା ପରେ ପରେ ମନ ହେଲା, ସରଞ୍ଜାମ ସବୁ ତ ପାଖରେ, ମୁଁ ବି ଏଇ ପାଖ ଘରେ ବସି କାମଟା ସାରିଦିଏ । ତିନିଟଙ୍କା ପଚିଶ ପଇସିଆ (ଏବେ ଦାମ୍ ବହୁତ ବଢ଼ିଯାଇଛି) ଗୋଲ ସାଇଜର ଛୋଟ ଆଇନାଟା ମୋର ଭାରି ପ୍ରିୟ । ପ୍ରାୟ ଅଧଇଞ୍ଚ ବହଳ ବେଲିଜିୟମ କାଚଟା, ଏତେଦିନ ହେଲା କାହିଁ ଟିକିଏ ଗାର ବା ଦାଗ ପଡ଼ିନାହିଁ । ଚେହେରାଟା ଠିକ୍ ଠିକ୍ ଦେଖାଏ । ଆଜିକାଲିକା ନକଲି ଆଇନ ପରି ବିକୃତ ବା ରାକ୍ଷସ ମୁହଁ ଦେଖାଏ ନାହିଁ ।

---

ଝଙ୍କାର, ୨୯ଶ ବର୍ଷ, ୮ମ ସଂଖ୍ୟା, ବିଛା ୧୩୮୫, ନଭେମ୍ବର ୧୯୭୭ ।

Digitized by srujanika@gmail.com

ଆଇନାଟା ଆଗରେ ଥୋଇ ଦେଇ ଗାଲ ଦୁଇଟା ଆଉଁସି ପାଣିରେ ବ୍ରଶ୍‌ଟା ବୁଡ଼ାଉଛି, ଚେହେରାଟା ଦେଖିଦେଲି । ଏ କ'ଣ ? ଆଜି କିମିତି ଭିନେ ଦିଶୁଛି ! ଏମିତି ତ କେବେ ଦିଶୁନଥିଲା । ଆରେ ! ବାପାଙ୍କ ମୁହଁଟା ଏଇ ମାତ୍ର ଦେଖିଛି ବୋଲି କ'ଣ ତାଙ୍କର ସେଇ ଛବିଟା ମୋ ଆଖିରେ ଲାଖିଯାଇଛି, ଆଉ ତାରି ଭିତର ଦେଇ ଦେଖିବାରୁ ମୋ ମୁହଁଟା ବି ବାପାଙ୍କ ମୁହଁ ପରି ଦିଶୁଛି !

ଅଥଚ ମୁଁ ସବୁଦିନ ଭାବିଆସିଛି ମୋ ମୁହଁ ମାଆଙ୍କ ମୁହଁପରି ଏବଂ ଧନ୍ୟଃ ମାତୃମୁଖଃ ମୂତଃ (ମା'ର ମୁହଁପରି ଯାହାର ମୁହଁ ସେ ପୁଅ ଧନ୍ୟ) ଶ୍ଳୋକରେ ବିଶ୍ୱାସ କରି ମୋର ଯାହା ଯାହା ଜୀବନରେ ସାଫଲ୍ୟ ସେଥିପାଇଁ ମାଆଙ୍କୁ କୃତଜ୍ଞତା ଜଣାଇଛି । ମୋର ମନେ ଅଛି ମୋର ପିଲାଦିନେ ବାପା ମାଆ ଯୁକ୍ତିତର୍କ କରୁଥାନ୍ତି ମୁଁ କାହାପରି ହେଲି । ବାପା ମାଆଙ୍କୁ କହୁଥାନ୍ତି, "ଆମର ଶରତ ଅବିକଳ ତୁମପରି ହେଲା," ମାଆ ଅସ୍ୱୀକାର କରି କହନ୍ତି, "ନା, ନା, ସେ ତ ଗୋଟିକ ଯାକ ତୁମପରି ତାଳୁରୁ ତଳିପା ପର୍ଯ୍ୟନ୍ତେ ।"

ଯେବେ ହେତୁ ହେଲା ଓ ସବୁ କଥା ବୁଝିପାରିଲି ସେତେବେଳେ ଜାଣିଲି କାହିଁକି ସେଦିନ ବାପା ମାଆ ପରସ୍ପରକୁ ଏତେ ଟେକାଟେକି କରୁଥିଲେ ଓ ମୋରି ଚେହେରାରେ ନିଜ ନିଜ ରୂପ ଦେଖୁଥିଲେ । ମାଆ ବଞ୍ଚିଥିଲା ବେଳେ ମୋ ଗୋଲଗାଲ ମୁହଁଟା ଅନେକାଂଶରେ ତା ମୁହଁପରି ଦିଶୁଥିଲା, ଅନ୍ତତଃ ଚୂଳଗୁଡ଼ାକ । ସେ ମରିବା ପରେ ପରେ ସାମଞ୍ଜସ୍ୟ ସବୁ ଉଭେଇଗଲା, ଗୁଣ ସବୁକୁ ବି ବୋଧହୁଏ ଓ୍ୱାପସ ନେଇଗଲା । ଠକରା ଗାଲରୁ ମୋର ପ୍ରକୃତ ସ୍ୱରୂପ ଦିଶିଲା ।

ମୁହଁଯାକ ପାମ୍ ଅଲିଭ ସେଭିଂକ୍ରିମ ଲଗାଇ ଦେଇ ଗୁଡ଼ାଏ ଫେଣ ବାହାର କରି ମୁହଁଟାକୁ ବଡ଼ କରିଦେଲି । ଗାଲ ଦୁଇଟା ଫୁଲା ଫୁଲା ଦିଶିଲା । ନାକ ଆଗରେ ବି ତୂଳା ଟିକିଏ ଲାଗିଲା ପରି ଫେଣ ଖଣ୍ଡିଏ ଲାଗି ରହିଲା । (ସରକସ ଜୋକର ଚେହେରା) ମୁହୂର୍ତ୍ତେ ପାଇଁ ବାପାଙ୍କ ଅସହାୟ ଅବସ୍ଥା ଓ ଆସନ୍ନ ସଙ୍କଟ ମନେ ପକାଇଛି ସେଭିଂକ୍ରିମର ଛିଟିକା ହେଉ ବା ଆଖି ଚୂଳଟାଏ ହେଉ ମୋ ଆଖିରେ ବୁନ୍ଦାଏ ପାଣି ଆଣିଦେଲା ।

ବ୍ଲେଡ଼ଟାଏ ଫ୍ରେମ୍‌ରେ ଲଗାଇବାକୁ ଯାଉଛି, ଦାଣଘର ବୈଠକଖାନାରେ ଚପଲ ଘୋଷାରି ଘୋଷାରି କେତେଜଣ ଯୁବକ ହୋ ହୋ ହୋଇ ପଶିଆସିଲେ । ବାପା ଜାଗିଲେ ବିରକ୍ତ ହେବେ ବା ତାଙ୍କ ବିଶ୍ରାମ ବ୍ୟାହତ ହେବ ଏଇ ଭୟରେ ଯିମିତି ଅବସ୍ଥାରେ ଥିଲି ସିମିତି ଉଠିଗଲି । ଦେଖିଲି କଲିଆ, ଚୂଲିଆ, ନିଶୁଆ ଓ ଘଣ୍ଟିତଳିଆ ବା ବେଲ୍‌ବଟମିଆ ଚାରିଜଣ ପଶି ଆସୁଛନ୍ତି । ରାଜା ପୁଅ, ମନ୍ତ୍ରୀ ପୁଅ, ସାଧବ ପୁଅ ଓ କଟୁଆଳ ପୁଅ ଅଥବା ମୋ ପୁଅ, ତମପୁଅ, ତାଙ୍କ ପୁଅ ଏବଂ ଆଉ କାହା ପୁଅ । ମୁହୂର୍ତ୍ତକେ ଜାଣିଗଲି ଏମାନେ ବି ବେଁ ବେଁ ଲମ୍ବ ଖଣ୍ଡାଧରି ବାହାରିଛନ୍ତି କେଉଁ ଅଗନାଅଗନି ବନସ୍ତରେ କେଉଁ ରାକ୍ଷସ ବା ଅସୁରକୁ ସଫା କରିବେ, ଯାହା ବ୍ଲେଡ୍ ଧରି ମୁଁ କରିବାକୁ ଯାଉଛି । ଘର ଭିତରର

Digitized by srujanika@gmail.com

ନୀରବ ଶୋକାବହ ବାତାବରଣ ଚାହୁଁ ଚାହୁଁ କୋଳାହଳମୟ ଅଟ୍ଟହାସ୍ୟମୁଖର ହୋଇଗଲା।

ବାଁ ଗାଲରୁ ଖିଅର କାମ ଆରମ୍ଭ କଲି। ଶୁଣୁଥାଏ, ଡ଼ାହାଣ କାନରେ ପାଖଘରୁ ବାପାଙ୍କ ଖୁଁ ଖୁଁ ଘଡ଼ର ଘଡ଼ର ଶବ୍ଦ ବାଁ କାନରେ ଝର ଝର ଦିଆସିଲି କାଠିର ଶବ୍ଦ ସାଙ୍ଗକୁ 'ଚା' 'ଚା' ଚିତ୍କାର।

ଜଣେ ଆରମ୍ଭ କଲା "Oh these fathers!" (ଓଃ ଏହି ବାପାଗୁଡ଼ାକ!) ଆଉ ଜଣେ କହିଲା "Oh "what an escape" (ମଣିଷ ରକ୍ଷା ପାଇଲା) ବୁଢ଼ା ଘରକୁ ପଶିଲା ତ ଶ୍ମଶାନ। ଗୋଟାଏ ରାକ୍ଷସ। କିଏ ଯେ କୁଆଡ଼େ ପଳାନ୍ତି।

ମୁଁ ଫାଳେ ଗାଲରୁ ମୋଟ୍ଟାଏ ରୁଢ଼ (ବାପାଙ୍କ ଶବ୍ଦ) କାଟିଛି ଦେଖିଲି ଗାଲଟା ଅବିକଳ ବାପାଙ୍କ ଗାଲ। ତାଙ୍କର ଯେଉଁଠି ଯେତୁଟା ଦାଢ଼ି ମୋର ସେଇଠି ସେତୁଟା, ତାଙ୍କ ଗାଲ ଯେଉଁଠି ପଶିଛି ମୋର ବି ସେଇଠି ଗାତ। ବାପାଙ୍କ କପାଳରେ ପାଞ୍ଚଟା ଗାର, ମୋର ବି ଏକ ଦୁଇ ତିନି ଚାରି ପାଞ୍ଚ। ତାଙ୍କର ପ୍ରଥମେ ଯେଉଁ ଦାନ୍ତଟି ପଡ଼ିଥିଲା ମୋର ସେଇଟି ହଲିଲାଣି। ଖାଲି ସେତିକି ? ଠୋଲା କାନ, ଗୋଜିଆ ନାକ, ବୁଦାଳିଆ ଭୁରୁ, ହାଡୁଆ ହନୁଗାଲ, ଟେରା ଆଖି, ବହଳ ଓଠ - ଆରେ! ଗୋଟାକୁ ଗୋଟା ବାପାଙ୍କ ସେହିସବୁ ଅଙ୍ଗପ୍ରତ୍ୟଙ୍ଗ ସହିତ ମିଳି ଯାଉଛି। ସର୍ବତୋଭାବେ ସମାନ। ଆରସିକୁ ନ ଚାହିଁ ଦିହ ଆଡ଼କୁ ଚାହିଁଗଲି। ମୁହଁ ତଳକୁ ଛାତିର ଚୂଳଗୁଡ଼ାକର ବଣ୍ଟନ ପ୍ରଣାଳୀ ତାଙ୍କରି ଛାତିର ପରି। ପାଦ, ନଖ, ଶିରାପ୍ରଶିରା, ଏପରିକି ଦିହର ଚମଡ଼ା ଓ ତା'ର ରଙ୍ଗ ଠିକ୍ ତାଙ୍କରି ପରି। ଭୁଲ୍ ଆଇନା ଆଣି ନାହିଁ ତ ? ଆଖିରେ ପରଳ ପଡ଼ିଗଲା ?

ଏଣେ ବାପାଙ୍କ ଉଁ ଉଁ ଶବ୍ଦ। ତେଣେ ଗର୍ଜନ "ବେ ଶଳା! ୟାଡ଼କୁ ଗୋଟେ ବଢ଼ା। ଶଳା ପୂରା ଗୋଟେ ପାକିଟ୍ ରଖିଛି। କିବେ! ତୋ ବାପା ପରି ଏବେଠୁ ହେଲୁଣି, ଢ଼େର ରଖିବୁ ବେ ଜୀବନରେ।" "ଆଉ ପଇସା ରଖି କି ଲାଭ! ମୁଣ୍ଡ ବାପାଙ୍କ ପରି ଏବେଠୁଁ ଚନ୍ଦା।" "ମୋର ବି ବାପାଙ୍କ ପରି ଠିଆ ଠିଆ ଚୂଳ।" "ବେ ମୋର ଜମା କଲି ନାହିଁ, ବାପାଙ୍କ ପରି।" "ମୋର ଛାତିରେ ଜମା ବାଳ ନାହିଁ, ବାପାଙ୍କ ପରି।" ଶେଷରେ ମୋ ପୁଅର ଗଳା ଶୁଭିଲା। ସେ କହିଲା, "the sins of the fathers will descend upon the children" "ବାପାଙ୍କ ସବୁ ପାପ ପୁଅ ମୁଣ୍ଡକୁ ଆସିବ।"

ପୁଣି ଆରମ୍ଭ କଲି ଯେଉଁଠୁ ଛାଡ଼ିଥିଲି। ଅନ୍ୟ ଗାଲକୁ ଚାଞ୍ଛି ସଫା କରିଦେଲାରୁ ବାପାଙ୍କ ସହିତ ସାମଞ୍ଜସ୍ୟ ଆହୁରି ସ୍ପଷ୍ଟତର ହେଲା। ଉଠି ପାଖ ଘରେ ବାପାଙ୍କ ମୁହଁକୁ ନିକିଟି ଦେଖି ମିଳାଇବାକୁ ଯାଉଛି, ବାପା ଚାହିଁ ଦେଇ ଖୁବ୍ ଅସ୍ପଷ୍ଟ ଗଳାରେ ଧୀରେ ଧୀରେ କହିଲେ, "କିରେ! ମୋତେ ଡ଼ରାଉଛୁ? ତୋ ମୁହଁଟାକୁ ଇମିତି କରିଛୁ କାହିଁକି, ରୁଢ଼ଗୁଡ଼ାକ କାଟି ଦେ ତୋର ବି ବଢ଼ି ଯାଇଥିଲା। ତୋ ମୁହଁ ଦେଖି ଡ଼ରି ଯାଇଥିଲି।"

Digitized by srujanika@gmail.com

ସେ ବି ମୋ ମୁହଁରେ ତାଙ୍କ ମୁହଁ ଏତେ ଦିନ ଦେଖିପାରି ଚମକିଗଲେ ବୋଧହୁଏ। ଆଉ ମାଆ ମୁହଁ ବୋଲି ଭ୍ରମ କରୁନଥିଲେ।

ଫେରି ଆସି ପୁଣି କାମ ଧଇଲି, ଆପେ ଆପେ ଚିନ୍ତାର ଖିଅ ବି ଧରି ହୋଇଗଲା। ବାପାଙ୍କ ଚେହେରା ସହିତ ସୌସାଦୃଶ୍ୟ ଆଉ ବାହାର ନ କରି ତାଙ୍କର ବଦ୍ ଅଭ୍ୟାସ ଓ ଦୁର୍ଗୁଣ ସବୁ କିମିତି ମୋତେ କ୍ରମେ କ୍ରମେ ଆଶ୍ରା କରୁଛି ଭାବିଲି। ସେ ଯିମିତି ଉଚପାହିଆ ଲୋକ ଆଗରେ ହାତଯୋଡ଼ି କାକୁସ୍ଥ ହେଉଥିଲେ ମୁଁ ବି ସିମିତି ହେଉଛି। ତାଙ୍କରି ପୁରୁଣା ଗୀତ ସବୁ ମୋତେ ବି ଭଲ ଲାଗୁଛି। ସେ ଭିଖାରିଙ୍କି ଭିଖ ନ ଦେଇ ଦୁଆର ମୁହଁରୁ ତଡ଼ୁଥିଲେ, ମୋର ବି ସିମିତି କରିବାକୁ ଇଚ୍ଛା ହେଉଛି। ସେ ଯିମିତି ନ ଖାଇ ନ ପିଇ ସଞ୍ଚୁଥିଲେ ମୁଁ ବି ସେଇୟା କରି ପାସ୍ ବହି ସକାଳ ସନ୍ଧ୍ୟା ଦେଖୁଛି। ମୋର ସତ୍‌ସାହସ, ଅନୁକମ୍ପା, ସେବା ଆଦି ଗୁଣ ଗଲା କୁଆଡ଼େ ? ମଣିଷର ରକ୍ତ ମଣିଷ ଦେହକୁ ଏମିତି ଗଡ଼ି ଆସେ। ମୋର ଏମିତି ଚାରିତ୍ରିକ, ବ୍ୟବହାରିକ ପରିବର୍ତ୍ତନ, ବିବର୍ତ୍ତନ ହେଲା କିମିତି ? ବାପା ମୋତେ ଏଆଡ଼କୁ ନେଉଛନ୍ତି।

ଓଠତଳ ଦାଢ଼ିଗୁଡ଼ାକ ଓଲଟାପଟ୍ଟ କାଟୁ କାଟୁ ଦେଖିଲି ବେକର ଶିରା ଓ ଭାଙ୍ଗ ଅବିକଳ ବାପାଙ୍କ ଶିରା ଓ ଭାଙ୍ଗ ପରି। ଶାରୀରିକ ସାମଞ୍ଜସ୍ୟଜନିତ ଆତ୍ମଗ୍ଲାନିକୁ ବଳି ପଡ଼ିଥାଏ ମୋର ମାନସିକ ଅଧଃପତନଜନିତ ଦୁଃଖ ଓ କ୍ରୋଧ।

ବାପାଙ୍କ କାଶ ତଣ୍ଟିରେ ଅଟକିଲା ବୋଧହୁଏ, ସେ ଜୋରେ ଖୁଁ ଖୁଁ ହେଉ ହେଉ ଘଡ଼ ଘଡ଼ ହେଲେ। ଦାଣ୍ଡଘରୁ ସିଗାରେଟ୍ ଧୂଆଁ ଓ ଜରଦାର କଡ଼ା ମହକ ଘରଯାକ ପୂରି ଯାଇଥାଏ ଓ ନିଃଶ୍ୱାସ ମାରିବା ମୋ ପକ୍ଷରେ ବି କଷ୍ଟ ହେଉଥାଏ। ପୁଅମାନଙ୍କ ଆଲୋଚନା ସମାଲୋଚନା ପୂରା ଦମ୍‌ରେ ଚାଲିଥାଏ।

"ବୁଢ଼ାର ପ୍ରକୃତି ଛାଡ଼ିଲାଣି, ଥଳିଟାଏ ଧରାଇ ଦେଇ କହିଲା, 'ଯା କଣ୍ଟ୍ରୋଲ ଆଣିବୁ।' ମୋତେ ଗଧ ଭାବିଛି, ଦଶ କେଜି ଗହମ ବୋହି ଦାଣ୍ଡରେ ପେରେଡ଼ କରିବି।" "ଆମ ବୁଢ଼ାର ବି ମଥା ଖରାପ, ଗୋଡ଼ରେ ଗୋଡ଼ ଥୋଇ ଉପେନ୍ଦ୍ର ଭଞ୍ଜ, ବନମାଳୀ, ଗୋପାଳକୃଷ୍ଣ ଶୁଣୁଛି, କଟକ ଷ୍ଟେସନରୁ କେତେବେଳେ ରେଡ଼ିଓ ଶିଲୋନ୍ ଧରି ପାରେନି।" "ଆମ ବୁଢ଼ା ବି ପାଗଲ, ଗୋଟେ ଜଗନ୍ନାଥ ଫଟୋ ରଖି ଧୂପଦୀପ ଦେଇ ସକାଳ ସନ୍ଧ୍ୟା ମାତିଛି, କି ବିରକ୍ତିକର।" "ଆମ ବୁଢ଼ାର ଧର୍ମ ଛାଡ଼ିଲାଣି. ଶୋଲେ ପରି ଛବି ଦେଖିବାକୁ ତିନିଟା ଟଙ୍କା ଦେଲାନି।"

ଖିଅର କାମ ମୁଁ ଦଣ୍ଡେ ବନ୍ଦ କଲି। ଏମାନେ ସମସ୍ତେ ମୋ ପୁଅ ବୋଲି ଦଣ୍ଡେ ଭ୍ରମ ହେଲା। କାନ ଡେରି ଦଣ୍ଡେ ପରେ ପରେ ଜାଣିଲି ସେମାନେ ଅଲଗା ଅଲଗା ହେଲେ ବି ସୁର ପ୍ରାୟ ଏକା। ଯେଉଁ ବାପାମାନଙ୍କ କଥା ସେମାନେ କହୁଛନ୍ତି ସେମାନେ ସମସ୍ତେ ମୋରି ପରି। ମୋ ବାପା ପରି ମଧ୍ୟ।

Digitized by srujanika@gmail.com

କାରଣ ମୋ ବାପା ତ ଜଗନ୍ନାଥ ଫଟୋ ପୂଜା କରୁଥିଲେ । ତାଙ୍କରି ପରି ଜନ୍ମଯାକ ସଂଶୟ ନୈରାଶ୍ୟବାଦ ନିରୀଶ୍ୱରବାଦତା ଭିତର ଦେଇ ଏବେ ମୁଁ ବି ସେଇ ଜଗନ୍ନାଥଙ୍କୁ ଧଇଲିଣି । ବାପାଙ୍କ ଅନ୍ଧବିଶ୍ୱାସ, ଧର୍ମଧାରଣା କ୍ରମେ ମୋତେ ବି ଗ୍ରାସ କରୁଛି । ତେବେ କ'ଣ ତାଙ୍କ ଦିହ, ମନ, ଆତ୍ମା ସବୁ ମୋତେ ଯାବଜ୍ଜୀବନ ଜାବୁଡ଼ି ଧରିଥିବ ? ମୋର ସାଧୀନତା ବୋଲି କିଛି ନାହିଁ ? ମୋର ସତନ୍ତ୍ର ଅସ୍ତିତ୍ୱ, ବ୍ୟକ୍ତିତ୍ୱ ବୋଲି କିଛି ନାହିଁ । ସେଇ ବାପା, ବାପା, ବାପା । ଏ ବୁଢ଼ାର ରକ୍ତ ...... ମନେ ମନେ ଉତ୍ତ୍ୟକ୍ତ ହେଲି । ଗାଲର ଗୋଟାଏ ଦୁଇଟା ବ୍ରଣ ମୋର ଅନ୍ୟମନସ୍କ ଅବସ୍ଥାରେ କଟିଗଲା ।

"ଯାହା କହ ଭାଇ ସବୁ ମେଣ୍ଡେଲଙ୍କ ଆଇନ୍ । ଜୀବନଯାକ ଆମକୁ ଏଇ ବାପା ନାମକ ଜାନୁଆର ବିରୁଦ୍ଧରେ ସଂଗ୍ରାମ କରିବାକୁ ପଡ଼ିବ ।" "ନାଇମ ! ହେରିଡ଼ିଟି କହ, ପରମ୍ପରା କହ ସେଇ ହେଲା ରାକ୍ଷସ । ସେଇ ଆମକୁ ଖାଇବ । ବାପା ତ ତା'ର ପ୍ରତୀକ । ସବୁ ମାରି ହବ । ତାକୁ ମାରି ହବନି । ବାପା ଥରେ ରକ୍ତରେ ପଶିଗଲେ ସେ ଅଚ୍ଛେଦ୍ୟ, ଅଦାହ୍ୟ, ଅକ୍ଲେଦ୍ୟ, ଅଶୋଷ୍ୟ । ଆମେ ମଲୁ ଜାଣି ଥା ।"

ଆଉ କେବଳ ଗାତୁଆ ସ୍ଥାନଗୁଡ଼ାକରେ ଖୁଣ୍ଟି ମାରିବାର ଥାଏ । ବାପାଙ୍କ ସେଇ ସେଇ ଜାଗା ସଫା କରିବା ବେଳେ ସେ ଜିଭରେ ପେଲି ସେ ସ୍ଥାନଗୁଡ଼ାକ ସମାନ କରନ୍ତି, ଭଲ ପାଲିସ୍ ହୁଏନି । ମୋତେ ବି ସେଇ ସେଇ ସ୍ଥାନଗୁଡ଼ାକୁ ଜିଭରେ ପେଲି ପେଲି ଖୁର ଚଲାଇବାକୁ ପଡୁଥାଏ ।

ଭାବୁଥାଏ ଯୁଗେ ଯୁଗେ ଏଇ ପୁଅମାନେ ବାପାଙ୍କ ବିରୁଦ୍ଧରେ ଲଢ଼ିଛନ୍ତି । ରାମଚନ୍ଦ୍ର ସହିତ ଲବକୁଶ, ଅର୍ଜ୍ଜୁନ ବବ୍ରୁବାହନ, ସୋରାବ ରୁସ୍ତାମ, ଏପରିକି ବିଶୁ ଧରମା ସମସ୍ତେ ବାପମାନଙ୍କ ସଙ୍ଗରେ ଟକ୍କର ଦେଇଛନ୍ତି ଏବଂ ସବୁକ୍ଷେତ୍ରରେ ବାପାଙ୍କୁ ପରାସ୍ତ କରିଛନ୍ତି । ଏ ଯୁଗରେ ଆମ ପୁଅମାନେ କ'ଣ କହୁଛନ୍ତି ଶୁଣନ୍ତୁ ନା ।

"ମୋର ବେଳେ ବେଳେ ଇଚ୍ଛା ହୁଏ ଏ ବୁଢ଼ାଙ୍କୁ ସଫାକରି ଦିଅନ୍ତି । ଏମାନେ ପ୍ରଗତି ସଭ୍ୟତା ସବୁର ଅନ୍ତରାୟ । ୟାଙ୍କ ରାଜତ୍ୱ ନ ସରିଲେ ଆମର ଗତିମୁକ୍ତି ନାହିଁ ।" "ଥରେ ଏମିତି ଅବସ୍ଥା ହେଲା ବୁଢ଼ା ସାଙ୍ଗରେ ପ୍ରାୟ ହାତାହାତି ହୋଇ ଯାଇଥିଲି ।" ଏମାନଙ୍କୁ ଯୀଶୁଙ୍କ ଭଳି କ୍ରୁଶରେ ଚଢ଼ାଇ କଣ୍ଟାରେ ବିଦ୍ଧ କରିଦେବା ଦରକାର । ବରଂ ବାଷ୍ଟାର୍ଡ଼ ହେବା ଭଲ, ତେବେ ଏମିତି ବାପକୁ ନେଇ ଗର୍ବ କରିବାର କିଛି ନାହିଁ ।"

ମୋର ଖିଅର କାମ ସରିଗଲା । ମୁହଁଟାକୁ ଦେଖି ଦେଇଛି, ମୁଁ ଭୀଷଣ କ୍ରୁଦ୍ଧ ଓ ଅତିଷ୍ଠ ହୋଇ ଉଠିଲି । ମୋ ମୁହଁରେ ଆଉ ବାପାଙ୍କ ମୁହଁ ବି ଦିଶୁନଥିଲା । ଦିଶୁଥିଲା ଆଦିମ ମାନବର ମୁହଁ ପଶୁର ମୁହଁ, ଲମ୍ବା ଆଲୁଳାୟିତ ଚୂଳ, ବଡ଼ ବଡ଼ ଦାନ୍ତ, ଠିକ୍ ଜାନୁଆର । ମୁଁ ଭୀଷଣ ହୋଇ ଉଠିଲି । କ୍ରୋଧ ପ୍ରଜ୍ଜ୍ୱଳିତ ହେଲା । ଥରକୁ ଥର ଦିଶିଲା ସେଇ ଆଦିମ ପିତାର ମୁହଁ, କେତେବେଳେ ହନୁ ପରି, କେତେବେଳେ ପାତି ପରି, କେତେବେଳେ କଳା, କେତେବେଳେ ଲାଲ । ପିତା ଧର୍ମ, ପିତା ସ୍ୱର୍ଗ, ପିତା ଦେବତା ।

Digitized by srujanika@gmail.com

ପାଗଳ ପରି ଜୋରେ ଖତେଇ ହୋଇ ଚିତ୍କାର କଲି । ଆଇନାରେ ଥିବା ବାପା ଦାନ୍ତ କଡ଼ମଡ଼ କରି ଆହ୍ୱାନ ଦେଲେ, "କ'ଣ ମାରିବୁ ? ମାର ! କେତେ ପରାକ୍ରମ ଦେଖେଁ ।"

ମୁଁ ଆଉ ଟିକିଏ ରହିପାରିଲି ନାହିଁ । ପୂରା ଜୋରରେ ଖୁର ସହିତ ହାତକୁ ମୁଠାକରି ଏକ ବଜ୍ରମୁଷ୍ଟି ତାଙ୍କ ପ୍ରତି ପ୍ରୟୋଗ କଲି ଠିକି ବାଷ୍ପାର୍ଡ଼ମାନଙ୍କ ପରି ।

ଆରସିଟାର କାଚ ଟୁକୁରା ଟୁକୁରା ହୋଇ ଚଟାଣଯାକ ଭିଣି ହୋଇଗଲା । ବାପାଙ୍କ ଚେହେରା ଓ ମୋ ଚେହେରା ଓ ସେଇଠି ତଳେ ଭିନ୍ନ ଭିନ୍ନ କ୍ଷଣକେ ଅଦୃଶ୍ୟ ହୋଇଗଲା । ଆରସିର ଝଣଝାଣ ଶବ୍ଦ ସହିତ ତାଳ ରଖି ଉତାଳ ହାସ୍ୟମିଶ୍ରିତ ସମବେତ ଚିତ୍କାର ଦାଣ୍ଡଘରୁ ଶୁଭୁଥିଲା 'ପିତାଜୀ ମୁର୍ଦାବାଦ' ।

ପାଖଘର ଶୁନଶାନ । ଖୁଁ ଖୁଁ ନାହିଁ, ଘଡ଼ଘଡ଼ ନାହିଁ । ଅହେତୁକୀ ଭୟରେ ଦୋଷୀଟି ପରି ଉଠିଯାଇ ଦେଖିଲି ବାପା କରୁଣ ଆଖିରେ ଚାହିଁ ରହିଛନ୍ତି । ନିର୍ବାକ୍ ନିସ୍ପନ୍ଦ, ନିଶ୍ୱାସ ନାହିଁ ଜୀବନ ନାହିଁ । ଚାହିଁଛନ୍ତି ମୋ ଆଡ଼କୁ, ଯିମିତି କହୁଛନ୍ତି, "ମାରି ଦେଲୁ !"

ହଁ ମାରିଦେଲି । ନହେଲେ ମୋର ଗତିମୁକ୍ତି ନାହିଁ ପରା ।

କିନ୍ତୁ ସର୍ବାଙ୍ଗ ଦୁର୍ବଳତା ଘାରିଗଲା କାହିଁକି ? ଏତେ ନିଃସ୍ୱ ଅସହାୟ ବୋଧ ହେଲା କାହିଁକି ?

ଦଣ୍ଡେଯାଏ ମୁଁ କାଠ ହୋଇଗଲି । ତଣ୍ଟି ରୁନ୍ଧି ହୋଇଗଲା କୋହରେ । ତାପରେ ଅଗନାଅଗନି ବନସ୍ତରେ ଛେଉଣ୍ଡ ଛୁଆଟି ପରି ଭେଁ ଭେଁ କାନ୍ଦିଲି ।

ପାଖଘରୁ ଚାରିସଙ୍ଗାତ ଧାଇଁ ଆସିଲେ, କଣ ହେଲା କଣ ହେଲା ଚିତ୍କାର କରି ସେମାନଙ୍କୁ ଦେଖି ମୁଁ ଆହୁରି ଜୋରରେ କାନ୍ଦିଲି । ସେମାନେ ବାରମ୍ବାର ସମସ୍ୱରରେ ପଚାରିଲେ, "କ'ଣ ହେଲା ? ଗୋଟାଏ କ'ଣ ଶବ୍ଦ ଶୁଭିଲା, ହେଲା କ'ଣ ?"

"ମୁଁ ବାପାଙ୍କୁ ମାରି ଦେଇଛି ।" କାନ୍ଦ ବନ୍ଦକରି ରୋକଠୋକ କହିଲି ।

"ହାତରେ ରକ୍ତ ?"

"ବାପାଙ୍କ ରକ୍ତ ।" ମୁଁ କହିଲି ଛାଏଁ ଛାଏଁ ଯଦିଓ ମୁଁ ମୋ ହାତର ରକ୍ତ ସେଯାଏଁ ଦେଖି ନଥିଲି କି କଷ୍ଟ ଅନୁଭବ କରୁନଥିଲି !

ସେମାନେ ନିଷ୍ଠୁର କର୍କଶ ଗଳାରେ ପ୍ରଶ୍ନକଲେ, "ମାରିତ ଦେଲେ, ତେବେ କାନ୍ଦୁଛନ୍ତି କାହିଁକି ?"

ଫେର କାନ୍ଦିଲି । କହିଲି, "ବାପା ବୁଢ଼ା ହେଉନ୍ତୁ, ଅଥର୍ବ ହେଉନ୍ତୁ, ମୋତେ ଚଢ଼େଇ ପରି ଶ୍ୟେନ ଶାଗୁଣା ହାବୁଡ଼ାରୁ ବଞ୍ଚାଇ ରଖିଥିଲେ । ବର୍ତ୍ତମାନ ସେ ଢାଙ୍କୁଣି ନାହିଁ, ମୋତେ କୁଆଟାଏ ବି ଖୁମ୍ପି ମାରିଦେବ । ମୁଁ ଆଉ ବାପା ଥିଲା ପୁଅ ନୁହେଁ ।"

"ବାପା କ'ଣ ସବୁ ଦିନ ଆପଣ ମଲାଯାକେ ବଞ୍ଚିଥାନ୍ତେ ?"

Digitized by srujanika@gmail.com

କାନ୍ଦୁ କାନ୍ଦୁ କହିଲି, "ସେ କଥା ମୁଁ ବୁଝିଛି। ବାପା ବଞ୍ଚିବା ମରିବା ସମାନ ଥିଲା। ତଥାପି ଆମେ ତ ଗୋଟାଏ ଶାଳଗ୍ରାମ ରଖି ସବୁ ନୈବେଦ୍ୟ କରିଦେଉଁ, ଯାହା ଭଲ ମନ୍ଦ ଦୋଷତ୍ରୁଟି ତା' ଉପରେ ଛାଡ଼ି ଦେଉଁ। ଏବେ ବାପା ଚାଲିଗଲେ ଅପରାଧସବୁ କାହା ମୁଣ୍ଡରେ ବୋଳିବି ? ବାପା କିଛି କହୁନଥିଲେ ବି ମୁଁ ପଚାରି ଦେଉଥିଲି "ବାପା ! ତା'ହେଲେ ଏମିତି କରିବା ?" "ଏମିତି କଲେ ଭଲ ହେବ ?"

ସେମାନେ ଆଉକିଛି ନ କହି ମୋ ହାତର କ୍ଷତକୁ ପୋଛାପୋଛି ବନ୍ଧାବନ୍ଧି କରିବାରେ ବ୍ୟସ୍ତ ରହିଲେ।

ମୁଁ ମୋ କ୍ଷତର ଗୁରୁତ୍ୱ ଯେତିକି ଉପଲବ୍ଧ କରୁଥାଏଁ, ସିମିତି ପାଟିକରି ନିଜକୁ କହିଚାଲିଥାଏଁ, "ମୁଁ ପିତୃହନ୍ତା, ମୋର ରକ୍ଷା ନାହିଁ, ମୋର ପୁଅ ନାତିଙ୍କର ମଧ ମଙ୍ଗଳ ନାହିଁ, ମୋର ସାମ୍ରାଜ୍ୟର ପତନର ଏଇ ଆରମ୍ଭ। ପୁଅକୁ ଜୀବନ ଦେଇ ବାବର ଯେଉଁ ମୋଗଲ ସାମ୍ରାଜ୍ୟ ଗଢ଼ିଥିଲେ ଆଉରଙ୍ଗଜେବ ବାପାଙ୍କୁ ବନ୍ଦୀକରି ତା'ର ପତନ ଘଟାଇଥିଲେ। ମୁଁ ଯେ ତାଙ୍କୁ ମାରିଦେଇଛି, ଏଇ ତ ବାପାଙ୍କ ରକ୍ତ। କି ଲାଲ, କି ଉଷୁମ।"

ମୁଁ କାନ୍ଦୁଥିଲି, ବାପାଙ୍କୁ ଦେଖୁଥିଲି, ନା ମୋତେ ଦେଖୁଥିଲି, ନା ମୋ ଆଗରେ ଥିବା ପୁଅକୁ ଦେଖୁଥିଲି ?

ବାପା ସିମିତି କ୍ଷମାଶୀଳ ଆଖିରେ ଚାହିଁଥାନ୍ତି।

# ପ୍ରଥମ ବାର୍ଷିକ କଳା

ଟିକିଏ ଡେ଼ରିରେ ଲଞ୍ଚ୍ ଖାଇ କମ୍ବଳ ଘୋଡ଼ି ଶୀତଦିନିଆଁ ଶେଯରୁ ଉଷୁମ ଟାଣୁଥାଏ ଏବଂ ଆଖିଯୋଡ଼ାକ ଧୀରେ ଧୀରେ ସପ୍ନିଳ ହୋଇ ମୁଦି ଆସୁଥାନ୍ତି, ମୁଣ୍ଡ ଉପର ଦର୍ଜାରେ ଛିଡ଼ାହୋଇ ଝିଅ ପଚାରିଲା, "ବାପା ! ଶୋଇ ପଡ଼ିଲ ?"

ପ୍ରଥମେ ପ୍ରଥମେ ମୋତେ ଜଣାଗଲା କିଏ ଅଶରୀରୀ ଯିମିତି ଖୁବ୍ ଦୂରରୁ ହୁଏତ ସ୍ୱର୍ଗ ପାଖରୁ ଡ଼ାକୁଛି, କିନ୍ତୁ ଦ୍ୱିତୀୟ ଥରର ଡ଼ାକ "ବାପା ! ଚାହିଁଛ ?" ମୋତେ ପୂରାପୂରି ମର୍ତ୍ତ୍ୟକୁ ନେଇଆସିଲା ଏବଂ ଝିଅର ସ୍ୱର ବାରିପାରି ଉତ୍ତର ଦେଲି "ନା, ନା, ଶୋଇନି, ଘୁମ ମାଡ଼ି ଆସୁଥିଲା। କ'ଣ କହ।"

"ଅଞ୍ଜଳି ତୁମକୁ କ'ଣ କହିବି ବୋଲି କହୁଛି। ଡ଼ାକିଦେବି ତୁମ ପାଖକୁ ?"

---

ଅଗ୍ନିଶିଖା ୩୦ଶ ବର୍ଷ, ଶାରଦୀୟ ସଂଖ୍ୟା, ସେପ୍ଟେମ୍ବର-ଅକ୍ଟୋବର ୧୯୭୯ ।

Digitized by srujanika@gmail.com

"ଅଞ୍ଜଳି କିଏ ?" ଆମ ମହିଳା କଲେଜରେ ଫାଷ୍ଟ ଇଅରରେ ପଢ଼େ ।"

କିଏ ଅଞ୍ଜଳି, ମୋତେ ବା କ'ଣ କହିବ, ପରେ ଆସିଥିଲେ ଚଳି ନଥାନ୍ତା, ଏତେ ଅର୍ଜେଣ୍ଟ କାମ କ'ଣ ଅଛି ଇତ୍ୟାଦି ପ୍ରଶ୍ନ ମୁହୂର୍ତ୍ତକେ ମୁଣ୍ଡ ଭିତରେ ଚକ୍‌କର ମାରିଲେ ।

ଝିଅ ପୁଣି ପଚାରିଲା, "ଡ଼ାକିବି ତାକୁ ?" କହିଗଲା ନିଶ୍ୱାସରେ "ଆସିବା ପାଖରୁ କାନ୍ଦୁଛି ଯେ, ଦଣ୍ଡେ ବନ୍ଦ ହେବାକୁ ନାହିଁ, ଯେତେ ବୁଝାଇଲେ ବି । କ'ଣ କଣ ନା ହୋଇଯିବ ମୋତେ ଡ଼ର ମାଡ଼ୁଛି ।"

ମୋର ପରବର୍ତ୍ତୀ ପ୍ରଶ୍ନକୁ ଆଗୁଆ ଭାବିନେଇ ଝିଅ ଯୋଡ଼ିଦେଲା, "ତା ବାପା ମରିଯାଇଛନ୍ତି ।"

ମୁଁ ନିଜକୁ ଦୋଷୀ ମନେକରି ଝାଡୁଝୁଡ଼ି ହେଲି । ଉଠି ବସିଲି । "ବାପା ମରିଗଲେ, କି ବିପଦ ! ଡ଼ାକ ଡ଼ାକ୍" କହିଲି ଏବଂ ପ୍ରସ୍ତୁତ ହେଲି ଶୋକସନ୍ତପ୍ତାକୁ ଭେଟିବା ପାଇଁ, ସହାନୁଭୂତି ଓ ଆଶ୍ୱାସନା ଦେବାପାଇଁ ।

ମୁଁ ତେବେ ଶୋଇ ଶୋଇ ଏଇ ଝିଅଟିର ସକ୍‌ସକ୍ କୋହମିଶା ତୁହାକୁ ତୁହା କାନ୍ଦଣା ପାଖଘରୁ ଶୁଣୁଥିଲି ।

ଅଞ୍ଜଳି କୋଠରୀ ଭିତରକୁ ପଶିଆସିଲା ଏବଂ ମୋତେ ସମ୍ଭାଳି ହୋଇ ବସିବାକୁ ବେଳ ନ ଦେଇ ମୋ ପାଦ ଦୁଇଟାକୁ କମ୍ବଳ ଭିତରୁ ଅଣ୍ଟାଳି ବାହାର କରି ଧୂଳି ନେଇ ତା ମୁଣ୍ଡରେ ମାରିଲା । ମୁଁ ତାକୁ ବସିବାକୁ କହୁ ନ କହୁଁ ସେ ମୋ ଗୋଡ଼ ଦୁଇଟାକୁ ଧରି ଖଟର ଗୋଟାଏ କଡ଼କୁ ଦେଇ ମୋ ପାଦକୁ ଲଗେଇ ହୋଇ ବସିଗଲା ଏବଂ ମୋ ଆଡ଼କୁ ସ୍ନେହଝରା ଚାହାଣି ଦେଲା ।

ସେଇ ସ୍ନେହଝରା ମୁହଁରେ କାହିଁକି କେଜାଣି ମୋତେ ସର୍ବତ୍ର ଯାହା ଦିଶିଗଲା ତାହାକୁ ଗୋଟାଏ ଦୁଷ୍ଟାମି କୁହାଯିବ । କପାଳର କଙ୍କଣଗୋଡ଼ିଆ ଖଣ୍ଡିଆ ଚୂଳ, ଭୁଲତାର ଚାପ, ବିନ୍ଦିଆର ଆକାର ପ୍ରକାର, ସେମ୍ପୁକରା ବବ୍ ଚୂଳ, ସୁପର ସାଇଜ୍ କାନର ନକଲି ରିଂ, ଘଡ଼ି କାଚ ହାରର ମେଚିଂ ଓ ଚିପା ପୋଷାକର କଟିଂ ଦେଖିଲେ ଦେଖଣାହାରୀ ଭାବିବ ଏ ଝିଅକୁ ଯଦି ଗଛରେ ପିଜୁଳିଟିଏ ଫଳିଥିବାର ଦେଖାଇ ଦେବ, ତେବେ ସେ ଚାହୁଁ ଚାହୁଁ କୁଆଡ଼େ ନ ଚାହିଁ ଚଢ଼ିଯିବ ଓ ଫଳ ଛିଣ୍ଡାଇ ଆଣିବ ।

ଅଞ୍ଜଳିର ଚେହେରା ବା ଚରିତ୍ରରେ ଯେଉଁ 'ଦୁଷ୍ଟାମି' ଆପାତତଃ ନଜର କଲି ତାକୁ ଜବତ କରିବା ମୋର କର୍ତ୍ତବ୍ୟ ନୁହେଁ ବା ବର୍ତ୍ତମାନର ସମସ୍ୟା ନୁହେଁ । ମୋର ଚିନ୍ତା ଭାବନାକୁ ସେ ରାସ୍ତାରେ ଯିବାକୁ ନ ଦେଇ ଅଞ୍ଜଳି ପ୍ରଥମେ ତା ଡ଼ିମାଡ଼ିମା ଆଖିରୁ ଲୁହ ଝରାଇଲା ଯିମିତି ସିନେମାରେ କାନ୍ଦି ନ ଜାଣୁଥିବା ନାୟିକାକୁ ଆଖିରେ କେମିକାଲ ପକାଇ ଠସ୍ ଠସ୍ ଲୁହ ଗଡ଼ାଇବାକୁ ପଡ଼େ ।

Digitized by srujanika@gmail.com

କାନ୍ଦ ସାଙ୍ଗକୁ ଅଞ୍ଜଳି ଦ୍ୱିତୀୟ କରୁଣାସ୍ତ୍ର ବାହାର କଲା । ଭେଁ ଭେଁ ହୋଇ କହିବାକୁ ଲାଗିଲା, "ମଉସା ! ବାପା ଚାଲିଗଲେ । ମୁଁ କ'ଣ କରିବି, ମଉସା ! ବାପା ନାହିଁ, ମାଆ ନାହିଁ । ମୁଁ ମରିଯିବି ମଉସା । ବାପା ମୋତେ ଭାରି ଭଲ ପାଉଥିଲେ । ମୁଁ ତାଙ୍କୁ ଦଣ୍ଡେ ନ ଦେଖିଲେ ରହିପାରୁନଥିଲି । ମୁଁ ମରିଯିବି ମଉସା ! ଛାତିଟା କିମିତି କିମିତି ହେଉଛି । ମତେ ବଞ୍ଚାନ୍ତୁ ମଉସା ।"

ମୁଁ ଅଞ୍ଜଳିର ପ୍ରବାହମାନ ଲୁହସ୍ରୋତ ଦେଖି ମୋର ଭୟ ହେଲା ଯିମିତି ବେଗରେ ଝିଅଟା ଲୁହ ବାହାର କରୁଛି, ସେମିତି ଆଉ ଅଧଘଣ୍ଟାଏ ଚାଲିଲେ ଡ଼ିହାଇଡ୍ରେଶନ ବା ଜଳନିଃସରଣ ହୋଇ ଝିଅଟା ମରିଯିବ । ଗ୍ଲୁକୋଜ ସାଲାଇନ୍ ଆଦି ଆୟାସସାଧ୍ୟ ବ୍ୟବସ୍ଥା କରିବା ଅପେକ୍ଷା ତୁରନ୍ତ ପାଞ୍ଚଶ ହଜାରେ ଶିଶି ନୈତିକ ଡ଼ୋସ୍ ଦେବାର ନିଷ୍ପତ୍ତି କରି ତର୍କଶାସ୍ତ୍ରର ମୂଳକେ **all men are mortal** ଅର୍ଥାତ୍ "ଦେଖ ଅଞ୍ଜଳି, ମଣିଷ ଜନ୍ମ ହେଇଛି ଦିନେ ନା ଦିନେ ମରିବ, ମୋର ପୁଅ ଝିଅ ତୁମ ସାଙ୍ଗ ଦୁଲୁ ପିଲାଦିନୁ ମା' ଛେଉଣ୍ଡ" ଯିମିତି ଆରମ୍ଭ କରିଛି ଛୁଞ୍ଚ ଚମଡ଼ା ଭିତରକୁ ଯାଇଛି କି ନାହିଁ ଅଞ୍ଜଳିର ରାଇଗର ଅର୍ଥାତ୍ କମ୍ପବାତ ଆରମ୍ଭ ହୋଇଗଲା ।

ମୁଁ ଚମକି ଉଠି ବସିଲି । ସେ କହିଲା, "ଦେଖନ୍ତୁ ମଉସା, ମୁଁ ଏମିତି ଶୁଖିଲା ଉପଦେଶ ପାଇଁ ଆପଣଙ୍କ ଆପଖୁ ଆସିନାହିଁ । ଆପଣ ଯାହା ଭାବନ୍ତୁ ମୋତେ । ମରେ ଭାଇ ଭଉଣୀ କଥା ଆପଣ ମନେପକେଇ ଦେଲେ । ମୋତେ ଫେରେ କାନ୍ଦ ମାଡ଼ିଲା" ଏବଂ କାନ୍ଦିଲା । ହିଷ୍ଟିରିଆ ନୁହେଁ ତ ? ମୁଁ ଗୁରୁ ଗମ୍ଭୀର ହେଲି ।

ହଠାତ୍ ଅଞ୍ଜଳି ଆଙ୍ଗୁଳିରେ ଖୁବ୍ ସାବଧାନରେ ଲୁହ ପୋଛି ଟେବୁଲର ଘଡ଼ି ଆଡ଼କୁ କଣେଇ ଦେଖିଦେଲା । ମୁଁ ବି ଏ ଅବସରରେ ଦେଖିନେଲି ସମୟ ତିନିଟା ।

"ଦୁଲୁ ! କିଏ ମୋତେ ବାହାରେ ଡ଼ାକୁଛି କି ? ଦେଖ୍ ତ ।" ଝିଅ ଦାଣ୍ଡ ଦରଜା ପାଖକୁ ଯାଇ ଫେରିଆସି କହିଲା, 'ନା କେହି ନାହିଁ ।'

"କିଏ ଆସିବାର ଥିଲା କି ଅଞ୍ଜଳି ?"

"ନା କେହି ନାହିଁ, ମୋତେ ଜଣାଗଲା କିଏ କବାଟରେ ଖଡ଼ଖଡ଼ କରୁଛି ।"

ବାପାଙ୍କ କଥା , ତାଙ୍କ ଗୁଣଗାନ ଇତ୍ୟାଦି ଆଲୋଚନା କଲେ ଅଞ୍ଜଳି ବେଶି ଭାଙ୍ଗିପଡ଼ିବ ବୋଲି ଲଘୁ ମାମୁଲି ବିଷୟରେ ଅବତାରଣା କଲି ।

"କେଉଁ ସାହିରେ ଘର ?"

"ଦେଉଳ ସାହି ।"

"ଦେଉଳ ସାହିରୁ ଆସିଲ ଆମ ଘରକୁ ।"

"ନା ମଉସା, କଲେଜରୁ, ଆପଣଙ୍କ ଦୁଲୁ ସାଙ୍ଗରେ ।"

"କଲେଜରେ ଆଜି ପଢ଼ାପଢ଼ି ନାହିଁ ?"

"କ୍ଲାସ୍ ଥିଲା । ବାପାଙ୍କ କଥା ମନେପଡ଼ିଲା । କାନ୍ଦ ମାଡ଼ିଲା ।"

Digitized by srujanika@gmail.com

ପୁଣି ବାପା ! ପୁଣି ଟପିକ୍ ଚେଞ୍ଜ୍ ଦରକାର ।

"ତୁମ ଘରଟା ପ୍ରକୃତରେ କେଉଁଠି ?"

"କଟକରେ !"

"ଏଠି କାହା ଘରେ ରହୁଛ ?"

"ପିଉସା ଘରେ ।" 'ଯିମିତି ପିଉସା ଘରେ' କହିଛି ତା'ର ଆଖି ମୁହଁର ଜ୍ୟୋତି ଉଭେଇଗଲା । କହିଲା, ମଉସା, ପୁଣି ମୁଁ କାନ୍ଦିବି ମୋତେ ପିଉସା ଘର କଥା ମନେପକାଇ ଦେଲ ।

ମୁଁ ନିଜକୁ ଅପରାଧୀ ଭାବୁଥାଏ । ସେ କହିଲା, "ପିଉସା ନୁହଁ ତ ମୋର ଯମ । ଏଡ଼େ କଡ଼ା ଲୋକ ସାକ୍ଷାତ୍ ରାକ୍ଷସ । ପିଉସୀ ତାଙ୍କଠୁ ବଳି । ମୋ ଜୀବନକୁ ଖାଇଦେଲେଣି । କାହିଁ ଛାଡ଼ିବେ ନାହିଁ, କାହା ସାଙ୍ଗରେ କଥାବାର୍ତ୍ତା କରିବାକୁ ଦେବେନି । ଏଡ଼େ ସନ୍ଦେହୀ ସେମାନେ । ପ୍ରତି କଥାରେ ସନ୍ଦେହ, ପ୍ରତି ଲୋକକୁ ସନ୍ଦେହ । କଲେଜ ପ୍ରିନ୍ସିପାଲ ଓ ମାଡ଼ାମମାନଙ୍କୁ ବି ମୋ ଉପରେ ଜେରା ରଖିବାକୁ କୁହାଯାଇଛି । ମଉସା, ମୁଁ ଆଉ ବେଶିଦିନ ବଞ୍ଚିବି ନାହିଁ । ଆତ୍ମହତ୍ୟା କରିବି । ଟିକ୍‌ଟୁଏଣ୍ଟି ଖାଇଦେବି ନ ହେଲେ ଇଲେକ୍ଟ୍ରି ତାର ଧରିଦେବି । ଏତେ କଷ୍ଟ କିଏ ସହିବ ?"

ଆଚ୍ଛା ପାଗଳୀ ଝିଅ ହାବୁଡ଼ରେ ପଡ଼ିଲି । ଦିନେ ନା ଦିନେ ଏ ଝିଅ କିରୋସିନୀରେ ନିଜକୁ ଜାଳି ମାରିବ, ଫଲିଡ଼ଲ୍ ଏଂଡ୍ରିନ ପିଇ ମରିବ; ନହେଲେ ଦଉଡ଼ି ଲଗେଇ ବରଗାରୁ ଝୁଲୁଥିବ । ମୁଁ ହୁଏତ ସାକ୍ଷୀ ପଡ଼ିବି । ଆଚ୍ଛା, ପିତୃଶୋକ ଯାର ପଡ଼ିଲା ଯେ ମୋତେ ପିତୃଶ୍ରାଦ୍ଧ କରିବାକୁ ପଡ଼ିବ ଦେଖୁଛି । ଚେହେରାରୁ ଜଣାପଡୁଛି ମୋତେ ଛାଡ଼ିକରି ଯିବାକୁ ନାରାଜ ।

ପୁଣି ଟପିକ୍ ଚେଞ୍ଜ କରିବା ଦରକାର ପଡ଼ିଲା ।

ପଚାରିଲି, ଝିଅ ତୋତେ ସିନେମା ଭଲଲାଗେ ?

ତାଳିଚାପୁଡ଼ି ମାରି ଡ଼େଇଁଉଠି ଅଞ୍ଜଳି କହିଲା, "ମଉସା, ଏତେବେଳେ ଯାଇ ଆପଣ ମୋ ମନକଥା ବୁଝିପାରିଲେ । ଆପଣଙ୍କୁ ଏଇ ମୁହୂର୍ତ୍ତରେ ବାପା ବୋଲି ଡ଼ାକିବାକୁ ଇଚ୍ଛା ହେଉଛି । ଜୀବନରେ ମୋତେ ସିନେମା ଛଡ଼ା ଆଉକିଛି ଭଲ ଲାଗେନାହିଁ । ସବୁ ଦୁଃଖ ସୁଖ ମୁଁ ଭୁଲିଯାଏ ଏଇ ସିନେମା କଥା କହିଲେ । ଆଚ୍ଛା ମଉସା, ଆପଣ ସିନେମା ଦେଖନ୍ତି ?"

"ହଁ ଦେଖେ, କେତେବେଳେ କେମିତି ।"

ଅଞ୍ଜଳିର ଆଖିରୁ ମେଞ୍ଚାଏ ଆଲୁଅ ମୋ ଆଖିରେ ପଶିଗଲା ।

"ଆପଣ କେଉଁ ଆକ୍ଟରଙ୍କୁ ସବୁଠୁ ବେଶି ଭଲପା'ନ୍ତି ?"

"ଅଶୋକ କୁମାର ।"

Digitized by srujanika@gmail.com

ଅଞ୍ଜଳି ନିଜକୁ ସମ୍ଭାଳି ଅଟକାଇ ପାରିଲାନି । "ହାତ ମିଳାନ୍ତୁ" କହି ମୋ ହାତରେ ତା' ହାତ ଥୋଇଦେଲା ।

"ସେ ବୁଢ଼ାଟାକୁ ତୁମେ କେମିତି ଭଲପାଅ ? ସେ ଆମ ସମୟର ହିରୋ ।"

"ତା ନାଆଁ ଯିମିତି ସୁନ୍ଦର ତାର ଆକ୍ଟିଂ ସିମିତି ମନମତାଣିଆଁ । ଯିଏ ଯାହା କହୁ ମୋତେ ତାକୁ ଖୁବ୍ ଭଲ ଲାଗେ । ଯାହା ଚେହେରା ବା ଗୁଣରେ ଅଶୋକ କୁମାରର ଟିକେ ଛିଟା ବି ଥିବ, ତାକୁ ମୁଁ ଭଲପାଏ । ମୋ ବାପାଙ୍କ ପାଖରେ ଅଶୋକ କୁମାରର ମୁହଁର ସାମଞ୍ଜସ୍ୟ ଥିଲା । ଆପଣ ଯେମିତି ଭାବରେ ଚାହୁଁଛନ୍ତି ସେଥିରେ ମୁଁ ଏଇ ମୁହୂର୍ତ୍ତରେ ଦେଖିପାରୁଛି ଆପଣଙ୍କ ଚେହେରାରେ ଅଶୋକ କୁମାରକୁ ।"

ମୁଁ କହିଲି, "ଅଞ୍ଜଳି, ତୁମକୁ ସାରା ଦୁନିଆରେ ଅଶୋକ କୁମାର ପରି ଦିଶୁଛନ୍ତି । ବଡ଼ ଆଶ୍ଚର୍ଯ୍ୟ କଥା ।"

ମନେମନେ ଖୁସିହେଲି ଯେ ଅନ୍ତତଃ ଏଇ ଗୋଟାଏ ଟପିକ୍ ଅଞ୍ଜଳି ମନକୁ ଘେନିଲା । ଅଶୋକ କୁମାର ଅନ୍ତତଃ ଶୋକସନ୍ତପ୍ତାକୁ ଅଶୋକସନ୍ତପ୍ତା କରିପାରିଲି ।

ମୋ ସହିତ ଯାହା କଥାବାର୍ତ୍ତା କରିବାକୁ ଚାହୁଁଥିଲା ତାହା ସରିଗଲା ବୋଧହୁଏ । ଘଡ଼ି ଆଡ଼କୁ ପୁଣି ଚାହିଁଲା, ସାମାନ୍ୟ ଉଦ୍‌ବିଗ୍ନ ହେଲା ଏବଂ ସପ୍‌ସପ୍ ହୋଇ ଚାଲିଗଲା ସିଧା ଦାଣ୍ଡଦରଜାକୁ ।

ମୋ ମନରେ ସାମାନ୍ୟ ସନ୍ଦେହ ହେଲା, ସେ ବୋଧହୁଏ କିଏ ଆସିବାକୁ ଏଠି ଅପେକ୍ଷା କରିଛି । ମୋ ପାଖରୁ ସେ ଚାଲିଯିବା ପରେ ମୁଁ ଆଲମାରୀର ଆଇନାରେ ନିଜ ମୁହଁକୁ ଅନାଇ ଅଶୋକ କୁମାରର ମୁହଁ ସହିତ ସାମଞ୍ଜସ୍ୟ ଖୋଜିଲି । ମୋର ଅଣ୍ଡାକୃତି ମୁହଁ ସହିତ ଅଶୋକ କୁମାରର ଚତୁଷ୍କୋଣାକର ମୁଖମଣ୍ଡଳର ସାମଞ୍ଜସ୍ୟ ବା କେଉଁଠୁ ଆସନ୍ତା ? ତଥାପି ଖୁସି ଲାଗିଲା ଅନ୍ତତଃ ଗୋଟିଏ ଝିଅ ଆଖିରେ ବୁଢ଼ା ବୟସରେ ବି ସିନେମା ଷ୍ଟାର ପରି ଦିଶିଲି ।

ସିଧା ମୋ ପାଖକୁ ନ ଫେରି ଦୁଲୁ ପାଖକୁ ଅଞ୍ଜଳି ଗଲା । "ଦୁଲୁ କିଏ ଆସିଥିଲା କି ? ମୋତେ କିଏ ଆସିଲା ପରି ଲାଗୁଛି ।" ଏଇ କଥାଗୁଡ଼ାକ ଦୁଲୁକୁ ସେ କହିବାର ମୋତେ ଶୁଭିଲା । ଦୁଲୁ 'ନା' ତା' ଉତ୍ତର ଦେବାର ମଧ୍ୟ ଶୁଣିଲି ।

ଯାହାହେଉ ଝିଅଟା ଆଉ କାନ୍ଦକଟା କରୁନି । ମୁଁ ଅନ୍ତତଃ ଏତିକି କରିପାରିଲି ।

ଏଥର ଦୁଲୁ ଓ ଅଞ୍ଜଳି ଦୁହେଁ ମୋ ପାଖକୁ ଆସିଲେ । ଦୁଲୁ କହିଲା, "ବାପା ଅଞ୍ଜଳି ଭାରି ବ୍ୟସ୍ତ ହେଉଛି, ଘରକୁ ଯିବ । ଅନ୍ଧାର ହୋଇ ଆସିଲାଣି । ପିଉସା ଘରେ ବ୍ୟସ୍ତହୋଇ ଖୋଜାଖୋଜି ଆରମ୍ଭ କରି ଦେଇଥିବେ । ସେ ଏଠାକୁ ଆସିଛି ବୋଲି କାହାକୁ ଘରେ କହିନି । କିଏ ଜଣେ ଆସି ତାକୁ ନେଇଯିବ କହିଥିଲା, ଏ ଯାକେ ଆସିଲାନି । କ'ଣ କରିବା ବାପା ?"

Digitized by srujanika@gmail.com

"ମୁଁ ବଜାରକୁ ଗଲାବେଳେ ତାକୁ ଛାଡ଼ି ଦେଇଯିବି।"

"ନା ନା ମଉସା ! ବହୁତ ଡ଼େରି ହୋଇଯିବ ସେତେବେଳକୁ। ମୁଁ ଅବି ଚାଲିଯିବି।" ପୁଣି ଘଡ଼ିକୁ ଚାହିଁଲା, "ହେଇରେ ଛଅ ବାଜିବ" କହିଲା।

ଦାଣ୍ଡ ଘରଟାରେ ଏପଟ ସେପଟ ହେଲା। ପାଖକୁ ଆସି କହିଲା, 'ମଉସା, ଏଇଠି ପାଖ ପଡ଼ିଶା ଡ଼କ୍ଟର ମିଶ୍ରଙ୍କ ଫୋନ୍ ଅଛି। ମୁଁ ଫୋନ୍ କରନ୍ତି। ଆପଣଙ୍କ ଚିହ୍ନା ପରିଚୟ ଥିବ ତାଙ୍କ ସହିତ ?'

"ତାଙ୍କ ସହିତ ସିମିତି ଆତ୍ମୀୟତା ନାହିଁ। ତାଙ୍କର ଫୋନ ନାହିଁ ବୋଧହୁଏ।"

"ଦୁଲୁ କହିଲା ତାଙ୍କର ଫୋନ୍ ଅଛି ମଉସା। ଆପଣ ଥରେ ଦି'ଥର ଫୋନ୍ କରିଛନ୍ତି, ଦୁଲୁ କହିଲା।"

ଏ ଝିଅ ସାଙ୍ଗରେ ପାରିହବନି। ଦୁଲୁକୁ ପଚାରି ସବୁ ବୁଝିଛି। ଅନନ୍ୟୋପାୟ ହୋଇ କହିଲି, "ଫୋନ ନ କଲେ କ'ଣ ନିହାତି ହବନି ? ଦଣ୍ଡେ ଆଉ ଅପେକ୍ଷା କର, କିଏ ଆସିବାର ଥିଲା ହୁଏତ ଆସିଯିବ।"

"ନା ମଉସା, ଡ଼େରି ହୋଇଯିବ। ମୋତେ କଞ୍ଚା ଖାଇଯିବେ ପିଉସା, ପିଉସୀ। ଥାନାକୁ ବି ହୁଏତ ଖବର ଦେଇଦେବେ। ମଉସା, ମୁଁ କ'ଣ କରିବି। ମୋତେ ରକ୍ଷାକର।" ପୁଣି କାନ୍ଦିବାକୁ ଆରମ୍ଭ କଲା।

ମୁଁ କହିଲି, "ଦୁଲୁ ସାଙ୍ଗରେ ଚାଲିଯା ତେବେ ଡ଼କ୍ଟର ମିଶ୍ରଙ୍କୁ କହି ଫୋନ୍ କରିବୁ।"

"ନା ମଉସା, ଦୁଲୁ କାହିଁକି ଯିବ ? ତାର କାଲି ଇଣ୍ଟର୍ନେଲ ଏସେସମେଣ୍ଟ ପରୀକ୍ଷା ଅଛି, ପଢ଼ାପଢ଼ି କରୁଛି। ମୁଁ ଏକା ଚାଲିଯିବି। ଏଇ ମନ୍ଦିର ଆରପାଖରେ ତାଙ୍କ କ୍ୱାର୍ଟରଟା ତ। ଖାଲି ଖଣ୍ଡିଏ ଚିଠି ଲେଖିଦିଅ।"

ଚିଠି ଖଣ୍ଡିଏ ନେଇ ଅଞ୍ଜଳି ଫୋନ କରିବାକୁ ଡ଼କ୍ଟର ମିଶ୍ରଙ୍କ ଘରଆଡ଼େ ଗଲା। କେତେ ସମୟ କ'ଣ ଫୋନ୍ କରୁଥିଲା କେଜାଣି ସାତୁଟା ବେଳକୁ ଫେରିଲା। ମୁହଁରୁ ଜଣାପଡୁଥିଲା ସେ ନିଶ୍ଚିନ୍ତ ହୋଇଯାଇଛି ଏବଂ ବଞ୍ଚିବାର ଆଗ୍ରହ ଫେରିପାଇଛି। ଆଉ ଆତ୍ମହତ୍ୟା ଆଡ଼କୁ ଯିବ ନାହିଁ ପରି ଲାଗିଲା।

ମୋ ସାଙ୍ଗରେ କଥାବାର୍ତ୍ତା ପରେ ଆମ ଘରକୁ ନିଜ ଘର ପରି ଓ ମୋତେ, ଦୁଲୁକୁ ନିଜ ବାପ ଭଉଣୀ ପରି ଭାବି ନେଲାଣି। ଆସି ପହଞ୍ଚି କହିଲା, "ଦୁଲୁ, କଣ କିଛି ଖାଇବାର ଦେ, ଭାରି ଭୋକ, ଚା' କର। ମଉସା ବି ଚା' ଜଳଖିଆ ଖାଇବେ। ଶୀଘ୍ର ଶୀଘ୍ର କର।"

ଦୁଲୁ କ'ଣ ବ୍ୟବସ୍ଥା କରୁଛି ନ କରୁଛି ସେ ଯାଏ ଅପେକ୍ଷା ନ କରି ଅଞ୍ଜଳି ମୁଢ଼ି ଆଉ ଲେମ୍ବୁ ଆଚର କେଉଁଠୁ ବାହାର କରି ଆଣି ଖାଇବାକୁ ବସିଗଲା ଏବଂ କାଲ୍‌ଗେସ ଲଗାଇ ଚା' ପାଣି ମଧ ବସାଇଦେଲା। ଆମେ ବାପ, ଝିଅ ନିଜ ଘରେ ଅତିଥି ପାଲଟି ଗଲୁଣି। ଏଇ ବ୍ୟସ୍ତତା ମଧରେ ଅଞ୍ଜଳି ରେଡ଼ିଓଟା ଚାଲୁକରି ସମ୍ବଲପୁରୀ ଗୀତ ଶୁଣିବାକୁ

Digitized by srujanika@gmail.com

ଲାଗିଲା । ପୁଣି ପାଟିକରି କହିଲା, "ଦୁଲୁ, ଟେପ୍‌ରେକର୍ଡ଼ର କେଉଁଠି ଅଛି ଲଗା ତ, ଅକ୍ଷୟ ମହାନ୍ତିର କେତୁଟା ସୁପରହିଟ୍ ଗୀତ ଶୁଣିବା ।"

ମୁଁ ପ୍ରାୟ ଅତିଷ୍ଠହୋଇ ଉଠିଲିଣି ସେତେବେଳକୁ । ଅଞ୍ଜଳି ପଚାରିଲା, "ମଉସା ! ସଞ୍ଜବେଳେ କ୍ଲବ୍ ବା ବଜାର କୁଆଡ଼େ ଯାଆନ୍ତିନି ? ଯଦି ଯିବେ ଯାଆନ୍ତୁ । ମୋ ବିଷୟରେ ଆଉ ବ୍ୟସ୍ତ ହେବେନି । ମୁଁ ଟେଲିଫୋନରେ ସବୁ ବ୍ୟବସ୍ଥା କରିଦେଇଛି । ଆପଣ ଫେରିଲାବେଳକୁ ମୁଁ ଚାଲିଯାଇଥିବି ହୁଏତ ।"

ମୁଁ ଲୁଗାପଟା ପିନ୍ଧି ଦାଣ ବାରଣ୍ଡାରେ ଠିଆହୋଇଛି, ଦେଖିଲି ସାମନାରେ ରିକ୍ସାଟାଏ ଆସିଗଲା, ଗରମ ପୋଷାକ ପରିହିତ ଏକ ସୁସ୍ଥସବଳ ଯୁବକକୁ ନେଇ ।

ମୁଁ ପ୍ରଧାନ ରାସ୍ତା ଧରୁ ନ ଧରୁଣୁ ଶୁଣିଲି ଅଞ୍ଜଳି ସଂଯମହୀନ ଭାଷାରେ ଆଗନ୍ତୁକ ଯୁବକଟିକୁ ଭର୍ତ୍ସନା କରୁଛି, "ହଁ ବେ, ଅଶୋକ ! ମାଟିନ୍ ସୋ ଗଲା, ଇଭିନିଂ ସୋ ବି ଗଲା, ମତେ ନାଇଟ୍ ସୋ'କୁ ରଖିନେଲୁ ? ରହ ଦାଦାର ପାଳିକୁ ଦିଦିର ପାଳି ।"

"ଓଃ, ଏଇ ତେବେ ଅଞ୍ଜଳିର ଅଶୋକ କୁମାର ।"

ମହିଳା କଲେଜର ଏଇ ପ୍ରଥମ ବାର୍ଷିକ କଳା ଛାତ୍ରୀ ପାଇଁ ରୋମାନ୍ ହଲିଡ଼େଟିଏ ଯୋଗାଇବା ପାଇଁ ମୋର ପ୍ରୟାସ କ'ଣ ଏତିକିରେ ଶେଷ ହେଲା ?

ରାତି ପ୍ରାୟ ସାଢ଼େ ବାରଟାରେ କଲିଂ ବେଲ ଓ କୁକୁର ଭୁକାରେ ଉଠି ବସି ବାହାରକୁ ଯାଇ ଦେଖିଲି, ରିକ୍ସାରେ ପୁଣି ଅଶୋକ ଓ ଅଞ୍ଜଳି । ଅଶୋକ ରିକ୍ସାରୁ ଓହ୍ଲେଇଗଲା, ଅଞ୍ଜଳି ବସିଥାଏ । କହିଲା, ମଉସା ଦୟାକରି ମୋ ପାଇଁ ଆଉ ଟିକିଏ ପରିଶ୍ରମ କରନ୍ତୁ । ମୋତେ ଘରେ ଛାଡ଼ି ଦେଇ ଆସିବେ, ଆସନ୍ତୁ । ଏଇ ରିକ୍ସାରେ ଫେରି ଆସିବେ ।"

ମୁଁ ବିରକ୍ତ ଓ ଆଶ୍ଚର୍ଯ୍ୟ ହୋଇ କହିଲି, ଅଶୋକ କଣ ଛାଡ଼ିଦେଇପାରିବ ନାହିଁ ଯେ, ମୋତେ ମଝି ରାତିରେ ହଇରାଣ କରିବ ଏ ଥଣ୍ଡାରେ ।

ଅଞ୍ଜଳି କହିଲା, "ଆପଣ ଜାଣନ୍ତି ନାହିଁ ମଉସା, ମୋ ପିଉସୀ ପୁଅ ଭାଇ ଅଶୋକକୁ ମୋ ସାଙ୍ଗରେ ଦେଖିଲେ ହାଣିଦେବ । ପିଉସା, ପିଉସୀ ହୁଏତ ଅଶୋକକୁ ଥାନାକୁ ଚାଲାଣ କରିଦେବେ ।"

ଅଞ୍ଜଳି ପୁଣି ଅମୋଘ କାନ୍ଦଣାସ୍ତ୍ର ଅସ୍ତ୍ର ପ୍ରୟୋଗ କଲା ।

ମୁଁ ଗଲି । ବାଟଯାକ ସେ ଖାଲି ଗୋଟିଏ କଥା ମୋତେ ଶିଖାଉଥାଏ । ତା ପିଉସା, ପିଉସୀଙ୍କୁ ମୁଁ ଯାହା କହିବି ।

ନିର୍ବିକଳ୍ପ ଚିତ୍ତରେ ଅଞ୍ଜଳି ମୋତେ ନମସ୍କାର କରି ଘର ଭିତରକୁ ପଶିଗଲା, ନିରୀହ ହରିଣ ଛୁଆଟି ପରି ।

ତା' ପିଉସା ମୋତେ ଚିହ୍ନିଲେ ଏବଂ ପଚାରିଲେ, "ଅଞ୍ଜଳି ଆପଣଙ୍କ ଘରେ ଥିଲା ?"

ମୁଁ 'ହଁ' କହିଲି ।

Digitized by srujanika@gmail.com

ସେ ପୁଣି ପଚାରିଲେ 'ଦିନ ଦୁଇଟାରୁ ରାତି ବାରଟା ପର୍ଯ୍ୟନ୍ତ ?'

ମୁଁ ପୁଣି ହଁ କହିଲି ।

ତାଙ୍କୁ ମୁଁ ଗୋଟିଏ ପ୍ରଶ୍ନ ପଚାରିବାର ଆଗ୍ରହ ସମ୍ବରଣ କରିପାରିଲି ନାହିଁ। ପଚାରିଦେଲି, "ଅଞ୍ଜଳିର ବାପା କେବେ ଗଲେ ?"

ଉତ୍ତର ମିଳିଲା, "ଛଅ ସାତ ବର୍ଷ" ହବଣି ବୋଧହୁଏ।

# ଅସମ୍ପୂର୍ଣ୍ଣ କାବ୍ୟ

ଅପ୍ରାକୃତ ପ୍ରେମ ଉପେନ୍ଦ୍ରଭଞ୍ଜଙ୍କ କାବ୍ୟ ସାହିତ୍ୟରେ ସମ୍ଭବ, ନହେଲେ ସମ୍ଭବ ଓ ଉଦ୍ଭଭ ହୁଏ ଖୁବ୍ ଭିଡ଼ ହେଉଥିବା ମନ୍ଥରଗାମୀ ପୁରୁଣୁକାଳିଆ ଅଣ ଏକ୍ସପ୍ରେସ୍ ବସ୍‌ଗୁଡ଼ାକରେ। ଏଇ ଧରନ୍ତୁ ଆମ ଗ୍ରୀନ୍ ବସ୍ କଥା, ଯାହା ଏଠାରୁ ଭଦ୍ରଖ ଦେଇ ଚାନ୍ଦବାଲି ବା ବାର୍ଙ୍ଗିରିପୋଷି ଦେଇ ଖିଚିଂ ଯାଏ ।

ଏଇ ବାସ୍‌ଟିର ଗଠନ ପ୍ରଣାଳୀ ବିଶେଷକରି ବସିବା ସ୍ଥାନଗୁଡ଼ାକର ବିନ୍ୟାସ ଓ ବ୍ୟବସ୍ଥା ଏ ଧରଣର ପ୍ରେମପାଇଁ ଖୁବ୍ ପ୍ରଶସ୍ତ ଅନୁକୂଳ । ଏହାର ନୀଳ ରଙ୍ଗର ଝରକା କାଚଟି ବନ୍ଦ କରିଦେଲେ ସାଇଡ୍ ସିଟ୍‌ରେ ମେଘମେଦୁର ପରିବେଶ ସୃଷ୍ଟି ହୁଏ । ଯଦି ପ୍ରେମିକର ସୌଭାଗ୍ୟକୁ ବାହାରେ ଆକାଶ ମେଘାଚ୍ଛନ୍ନ ଥାଏ ତେବେ ଦିନ ଚାରିଟା ବେଳେ ବି ସମଗ୍ର ବାସ୍‌ଟା ସ୍ତିମିତ ଆଲୋକିତ ବାସରଘରର ଭ୍ରମ ସୃଷ୍ଟି କରେ । ଅନ୍ତତଃ ନୂତନ ନାୟକନାୟିକାଙ୍କ ପାଇଁ । ଏପରିକି ସ୍ଥାନାଭାବରେ ଖୁନ୍ଦିଖାନ୍ଦି ଛିଡ଼ାହୋଇ ଯେଉଁ ହତଭାଗ୍ୟ ଯାତ୍ରୀମାନେ ମୁଣ୍ଡ ଉପରେ ଲୌହଦଣ୍ଡ ଧରି ଯାଉଥାନ୍ତି ସେମାନଙ୍କର ମଧ୍ୟ ଆଖି ସୁଲୁସୁଲିଆ ପବନ ପାଇଲାମାତ୍ରେ ନିଦ୍ରାଳୁ ହୋଇ ବନ୍ଦ ହୋଇଯାନ୍ତି ।

ଏମିତି ଏକ ବାସ୍‌ରେ ସେଦିନ କୁଦିପଡ଼ି କଲେଜ ଛକରେ ଚଢ଼ିଗଲି, ଭଞ୍ଜଙ୍କ ଲାବଣ୍ୟବତୀ ଓ ପ୍ରେମସୁଧାନିଧିଙ୍କୁ ଛାତିରେ ଜାକି ଯେତେବେଳେ ଭିଡ଼ ଜମିନଥିଲା । ମହିଳାଙ୍କ ପାଇଁ ନିର୍ଦ୍ଦିଷ୍ଟ ଆସନ ପୂରାପୁରି ଫାଙ୍କା ଥିଲେ ବି ତାହା ଯୁବା ପୁରୁଷଙ୍କ ପାଇଁ ପ୍ରାୟତଃ ନିଷିଦ୍ଧ ଥିବା ପରେ ଘଉଡ଼ା ଖାଇବା ଭୟରେ ବସିବାକୁ ସାହସ କଲିନାହିଁ । ଯୁବତୀଙ୍କ ଆସନର ଠିକ୍ ପଛକୁ ଲାଗି ଯୁବକଙ୍କ ପାଇଁ ଆସନ ବ୍ୟବସ୍ଥା । ଭାଗ୍ୟରେ ଥିଲେ ସବୁ ସମ୍ଭବ ହୁଏ । ମୁଁ ଉଠିଲାମାତ୍ରେ ଦେଖିଲି ମହିଳାଙ୍କ ଆସନର ଠିକ୍ ପଛକୁ

Digitized by srujanika@gmail.com

ଝରକା ପାଖ ସିଟ୍‌ରେ ଯେଉଁ ବୃଦ୍ଧ ବସିଥିଲେ ବୋଧହୁଏ ସେ ମହିଳାଙ୍କ ସାନ୍ନିଧକୁ ଭୟକରି ସବା ପଛ ବେଞ୍ଚକୁ ଚାଲିଗଲେ । ପ୍ରଥମ ସୁଯୋଗରେ ମୁଁ ଆଦର୍ଶ ଓ ଇପ୍‌ସିତ ସିଟ୍‌ଟି ପାଇଗଲି ଏବଂ ଅପେକ୍ଷା କଲି ଆଜି ବିଧି ମୋ ପାଇଁ କିମିତି ଖାଦ୍ୟର ବ୍ୟବସ୍ଥା କରିବ ।

ଯଦି ଦୈବକୁ ଇମିତି ଧଡ଼ଡ଼ା ବାସ୍‌ରେ ବି କେହି ନାୟିକା ଆସନ୍ତି ଏବଂ ଠିକ୍ ମୋ ସାମନା ସିଟ୍‌ରେ ବସନ୍ତି ତେବେ ମୁଁ କଳ୍ପନା କରିବାକୁ ଲାଗିଲି କଣ କଣ ସୁବିଧାସୁଯୋଗ ମୁଁ ଉପଭୋଗ କରିପାରିବି ।

ପଞ୍ଚେନ୍ଦ୍ରିୟର ଯୁଗପତ୍ ଉପଭୋଗ ଓ ପରିତୃପ୍ତି ହିଁ ପ୍ରେମ । ତା ଯଦି ସତହୁଏ ତେବେ ଏଇ ବାସ୍‌ରେ ବି ଦିନ ଦି'ପଦରେ ପ୍ରାକୃତ ହେଉ ଅପ୍ରାକୃତ ହେଉ ପ୍ରେମ ମିଳିଯିବ ।

ଧରନ୍ତୁ ଯଦି କେହି ସୁନ୍ଦରୀ ନାୟିକା ମୋ ଭାଗ୍ୟକୁ ଜୁଟନ୍ତି ତେବେ ସେ ଧୀର ପଦକ୍ଷେପରେ ଆସି ସ୍ଥାନଟି ଦଖଲ କରିବା ପୂର୍ବରୁ ମୋର ପ୍ରଥମ ଇନ୍ଦ୍ରିୟର ଯଥା ଆଖିର ସନ୍ତୁଷ୍ଟି ଆରମ୍ଭ ହୋଇଯାଇପାରେ । କାରଣ ତାଙ୍କର ସମ୍ମୁଖ ଭାଗରେ ମୋର ଭାଗ୍ୟବାନ ଚକ୍ଷୁ ଦୁହେଁ ନଜର ଲଗେଇ ଦେଇଥିବେ । ସାରିଣି ସୁବର୍ଣ୍ଣଲତା ବା ସ୍ଥିରା ବିଜୁଳିପରି ସେ ଜଣାଯିବେ । ସେ ଆସନ ଗ୍ରହଣ କରିବା ମାତ୍ରେ ତାଙ୍କର ନୀଳ କେଶଦାମ, କମ୍ବୁକଣ୍ଠ, କମନୀୟ ହାର, କର୍ଣ୍ଣର କୁଣ୍ଡଳ ଓ ଶାଢ଼ୀର ବର୍ଣ୍ଣାଢ୍ୟ ବୟନ ଚାତୁରୀ ଗୋଟିକ ପରେ ଗୋଟିଏ ଆଖି ଦୁହିଁଙ୍କି ବିବ୍ରତ ଓ ବ୍ୟତିବ୍ୟସ୍ତ କରିଦେବେ । ତାପରେ ଆଖିଦୁହେଁ ନାକକୁ ବା ଘ୍ରାଣେନ୍ଦ୍ରିୟକୁ ଚାନ୍ସ ଦେବେ । ଜବାକୁସୁମ ତୈଳ ସାଙ୍ଗକୁ ଯୁଇ ଫୁଲର ଗଜରା ନାକ ଆଗରୁ ପ୍ରାୟ ଚାଖଣ୍ଡେ ଦୂରରେ ଥିବାରୁ ଘ୍ରାଣେନ୍ଦ୍ରିୟ ଫାଟିଯିବା ଯାକେ ଉପଭୋଗ କରିବ । ତାଙ୍କ ଦିହର ସ୍ୱାଭାବିକ୍ ଗନ୍ଧ (ପଦ୍ମିନୀ ଜାତୀୟା ହୋଇଥିଲେ ଶ୍ୱେତପଦ୍ମର ଗନ୍ଧ) ଫୁରୁଫୁରୁ ବାହାରି ପବନରେ ଉଡ଼ିଯାଇ ଠିକ୍ ନାୟକ ମୁହଁରେ ଲାଗୁଥିବ । ଯଦି ସାଙ୍ଗଟିଏ ପାଇ ସେ କଥାବାର୍ତ୍ତା ଆରମ୍ଭ କରନ୍ତି ଏବଂ ମୋ ଭାଗ୍ୟକୁ ଯଦି ତାଙ୍କ ଗଳାରେ କୋଇଲିଟିଏ ବସା ବାନ୍ଧିଥାଏ । ତେବେ କାନ ଯୋଡ଼ିକରେ ବା ଶ୍ରବଣେନ୍ଦ୍ରିୟରେ ଅମୃତ ପଶି ବଧିରା କରିଦେବ । ବାକୀ ରହିବେ ଜିଭ ବା ରସନେନ୍ଦ୍ରିୟ ଓ ଆଙ୍ଗୁଳି, ପାପୁଲି, ଚମଡ଼ା ଅର୍ଥାତ୍ ସ୍ପର୍ଶେନ୍ଦ୍ରିୟଗୁଡ଼ାକ ।

ବନ୍ଦଇଁ ଦୀନବାନ୍ଧବ ହରି .... ସଦା କମଳା ନନ୍ଦ ବିସ୍ତାରି .....

କଳ୍ପନାଜଳ୍ପନା ବା ଚିନ୍ତାଧାରା ହଠାତ୍ ବ୍ୟାହତ ହେଲା, ଖିଅ ଛାଡ଼ିଗଲା । ଗ୍ରୀନ୍ ବାସ୍ ଆସ୍ଥାନରେ ଛିଡ଼ାହେଲା ଏକ ଦ୍ୱିତଳପ୍ରାସାଦ ସାମନାରେ । ଲାଲ, ନୀଳ, ହଳଦିଆ ଅର୍ଥାତ୍ ଇନ୍ଦ୍ରଧନୁ ରଙ୍ଗର ଶାଢ଼ୀ ପିନ୍ଧି ଗୁଡ଼ାଏ ସ୍ତ୍ରୀଲୋକ ବାସ୍ ପାଖରେ ଜମାହେଲେ । ଓଢ଼ଣୀତଳୁ ସକ୍ ସକ୍ କାନ୍ଦଣା ଶବ୍ଦ, ଝରଝର ଲୁହର ଗାର ଗାର ଦେଇ ବହିଯାଉଛି । ଚଢ଼ିଲେ କିନ୍ତୁ ଜଣେ ।

Digitized by srujanika@gmail.com

ଆରେ! ଯାତ୍ରୀଗୁଡ଼ାକ ଛିଡ଼ା ହେଲେ ନାହିଁ କାହିଁକି ? ଏଡ଼ିକି ଅଭଦ୍ର, ଅସଭ୍ୟ, ବେରସିକ! ସୌନ୍ଦର୍ଯ୍ୟବୋଧ ଏକାବେଳକେ ନାସ୍ତି । ଚୁଲିପାଖରେ ନିଆଁ ତାତିରେ ଜଳିପୋଡ଼ିବା ପରେ ଗଙ୍ଗାର ଥଣ୍ଡା ପବନ ଯିମିତି କାମ୍ୟ, ଘଣ୍ଟା ଘଣ୍ଟାଧରି ଗୀତା ଭଗବତ ହିତୋପଦେଶ ପରେ ଭଲ ଫିଲିମଟିଏ ବା ମଜାଦାର ଉପନ୍ୟାସଟିଏ ଯିମିତି ଉପଭୋଗ୍ୟ ଗ୍ରୀନ୍ ବାସ୍‌ର ଗଦ୍ୟମୟ ମଣିଷ ଓ ପରିବେଶ ଭିତରେ ଏ ମହିଳା ଜଣକର ଉପସ୍ଥିତି ସିମିତି ସ୍ୱାଗତଯୋଗ୍ୟ । ଏଣ୍ଟି ରୋମାଣ୍ଟିକ ଓ ଅକାବ୍ୟିକ ଦୁନିଆରେ ରସ ସଞ୍ଚାର କରିପାରେ ଏ ମହିଳାଟି । ଅଥଚ ଏଇ ଲୋକଗୁଡ଼ାକ ଛିଡ଼ାହୋଇ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇ ରାସ୍ତା ଦେଖାଇ କଢ଼ାଇ ଦେବା ପରିବର୍ତ୍ତେ ରୁଦ୍ଧ କରିଛନ୍ତି । ପ୍ରଭୁ! ସେମାନଙ୍କୁ କ୍ଷମାକର । ସେମାନେ ଜାଣନ୍ତି ନାହିଁ କଣ କରୁଛନ୍ତି ।

ମୁଁ କିନ୍ତୁ ଛିଡ଼ାହୋଇ ପଡ଼ିଲି । ସମ୍ମାନ ଦେଲି ସ୍ୱତଃସ୍ଫୂର୍ତ୍ତ ଆବେଗ ଓ ଆଗ୍ରହରେ । ଏଇଠି ବାଷଠି, ବାସ୍ତରୀ ବା ବୟାଅଶୀ ପଦର ଛାନ୍ଦ ଗୋଟିକରେ ରୂପବର୍ଣ୍ଣାର ଅବକାଶ ଓ ଆବଶ୍ୟକତା ରହୁଛି । ମାତ୍ର ଯେଉଁଠି ଚାହିଁଦେଲେ ସବୁ ଦିଶିଯାଉଛି ସେଇଠି ସବୁ ବର୍ଣ୍ଣନା ଅବାନ୍ତର, ବିରକ୍ତିକର ମଧ । କାବ୍ୟ କବିତାରେ ନାୟିକ ସମ୍ମୁଖରେ ନଥିବାରୁ କବିଏ ସତମିଛ କହି କବିତା ଚାତୁରୀରେ ମନ ମୋହିଥାନ୍ତି । ମନମୋହିନୀ ଆପଣଙ୍କ ଆଗରେ ଥିଲେ ଆପଣ କଣ ଆଖିବୁଜି ରହିଥିବେ । ଦେଖି ନିଅନ୍ତୁ, ମିଳାଇ ନିଅନ୍ତୁ କବିଙ୍କ ରୂପ ବର୍ଣ୍ଣନା ସହିତ ଏ ମହିଳାର ଅଙ୍ଗ ସୌଷ୍ଠବ । କିମିତି ସେ ନାନାଫୁଲର ଲତାଟିପରି, ନାନାଫଳ ଭାରରେ ଅବନତ ତରୁଟିପରି ଏବଂ ନାନା ପକ୍ଷୀ ଓ ଜୀବଜନ୍ତୁଙ୍କୁ ଆଶ୍ରା ଦେଇଥିବା ମହୀରୁହପରି । ଖାଲି ଖାଲି ଚିହ୍ନରା ଗ୍ରାହକେ ଭଞ୍ଜଙ୍କୁ ବିଶ୍ୱକବି କହନ୍ତି ! ଆପଣ ପ୍ରଥମେ ନାୟିକାର ବହିଃସୌଷ୍ଠବ ଦେଖିନିଅନ୍ତୁ । ପରେ ମନ କଥା ବୁଝିବା ଯେବେ ତାଙ୍କର ମନଥାଏ ।

କେଉଁ ଆସନଟି ମହିଳା ଗ୍ରହଣ କରିବେ ତାହା ଅନୁଧାନ କଲାବେଳେ ଗୋଟାଏ ଦୁଇଟା ହୃଦୟର ସ୍ପନ୍ଦନ ହରାଇ ବସିଲି । ମାତ୍ର ଉତ୍କଣ୍ଠାରେ ଯେତେବେଳେ ନିଃଶ୍ୱାସ ବନ୍ଦହୋଇ ଆସୁଥିଲା ସେତିକିବେଳେ ସେ କେଉଁ ରାଜ୍ୟର ରାଣୀପରି ସମ୍ଭ୍ରମ ଓ ସ୍ୱାଭିମାନରେ ମୋ ସାମନା ସିଟ୍ ପରିପୂର୍ଣ୍ଣ ଓ ଅଳଙ୍କୃତ କରି ବସିଗଲେ । ହୃଦୟର ସ୍ପନ୍ଦନ ଏକାବେଳକେ ଆଠ ଦଶଟା ଯିମିତି ବଢ଼ିଗଲା ସିମିତି କେତେ ସମୟ ଧରି ବନ୍ଦଥିବା ନିଃଶ୍ୱାସ ସବୁ ଆଶ୍ୱାସରେ ନିର୍ଗତ ହୋଇଗଲାପରି ଜଣାଗଲା ।

ମୋର ଆଖିଦୁହିଁଙ୍କ ମନ ମାନି ଯାଇଥିଲା, ତୃପ୍ତିରେ ତେବେ କଣ ଅବସାଦ ଆସିଗଲା ? ନାୟିକା ବସିବାକୁ ଯାଉଛନ୍ତି ଆଖିଦିହେଁ ପୁଣି ସତୃଷ୍ଣ ଦୃଷ୍ଟି ପକାଇଲେ ସୁଗୋଲ ନିତମ୍ବ ଉପରେ ତ୍ରସ୍ତବ୍ୟସ୍ତ ହେଉଥିବା ବେଣୀ ଉପରେ । ନାକ କହିଲା, "ତୁମେ ଦିଟା ଏତେ ଅଲାଜୁକି, ମୋତେ ଦିହିଙ୍କ ମଝିରେ ରଖି ସବୁ ଚାଖିଯାଉଛ ?" ସେତେବେଳକୁ ଫୁଟିଫୁଟି ଆସୁଥିବା ଯୁଇକଢ଼ର ମହକ ନାକକୁ ଛୁଇଁଲାଣି, ସେ ଅତିଷ୍ଠ ।

Digitized by srujanika@gmail.com

ଆଘ୍ରାଣଂ ଅର୍ଦ୍ଧଭୋଜନମ୍ । ନାକ ଓ ରସନା ଏକାସାଙ୍ଗରେ ଶୀକାର କରନ୍ତି ବୋଧହୁଏ । ରସନେନ୍ଦ୍ରିୟବି ପରିତୃପ୍ତ ?

ମୋର ହୃଦ୍‌ବୋଧ ହେଲା ସ୍ଥାନ ଗ୍ରହଣ କରିବାର ଅବ୍ୟବହିତ ପୂର୍ବରୁ ଲାବଣ୍ୟବତୀ ଚନ୍ଦ୍ରଭାନୁର ଫଟୋ ଆଖିର କେମେରାରେ ତୋଳି ନେଇଥିବେ । ଛଅକୋଣିଆ ଚଷମାମଣ୍ଡିତ ସପ୍ନିଳ ଚକ୍ଷୁ, କପୋଳ ପ୍ରଦେଶର ଲମ୍ବାଲମ୍ବା ବହଳ କଳି, ତୃତୀୟ ବନ୍ଧନୀ ପରି ନିଶ କର୍ଣ୍ଣପୁରଠୁଁ ବଳି ବଡ଼ ଗୁଡ଼ାଏ ଦୋଦୁଲ୍ୟମାନ ଭ୍ରମର କୁନ୍ତଳ । ପ୍ରଥମ ଦର୍ଶନରେ ପ୍ରେମ ? ଆଖୌ ଆଖୌ ମେ ସେମିତି କିଛି ଭଙ୍ଗୀ ଓ ଲକ୍ଷଣ ନଜର କଲି ? କରୁଣାକର, ହେ କରୁଣାକର କାମନାୟକ !

ସହରର ଶେଷ ବାସ୍‌ଷ୍ଟପ୍ । ଯାଃ, ମର୍ଦ୍ଦର ! ଏଇଟା ପୁଣି କିଏ ? ଲାବଣ୍ୟମତୀ କାବ୍ୟରେ କଣ ଭିଲେନ୍ ଥିଲା ? ଯଦି କେହି ଭିଲେନ୍ ଥିଲା ତେବେ ସେ ଦଇବ । ଶତ୍ରୁଘ୍ନ ସିହ୍ନା ଆସିଲା କୁଆଡୁ ତେବେ ?

ଆରେ ଆରେ ! ସେଇଟା ମହିଳାଙ୍କ ଆସନ । ଆପଣ ପୁରୁଷ ହୋଇ (ଥୁରୁଥୁରୁ ବୁଢ଼ା ହୋଇଥାନ୍ତେ ନିଆରା) ସେଠି କାହିଁକି ବସୁଛନ୍ତି ? ଭିଲେନ୍ କାହିଁକି ଶୁଣିବ ହିତ କଥା ? ସେ ସିଧା ବସିଗଲା ନାୟିକା ସିଟ୍‌ରେ; ପାଖରେ; ଏକାବେଳକେ ଲାଗିଲାଗି । ମହିଳାଟି ଘୁଞ୍ଚିଯାଉନାହିଁ କାହିଁକି ? ଦିଟା ସିଟ୍ କଣ ଆଗରୁ ରିଜାର୍ଭ କରିଥିଲେ ?

ମରୁଭୂମିର ଶ୍ରାନ୍ତକ୍ଳାନ୍ତ ପଥିକର ପ୍ରାର୍ଥନା ଶୁଣି ତାକୁ ନିଦାରୁଣ ଖରାରୁ ବଞ୍ଚାଇବା ପାଇଁ ଭଗବାନ ଛାୟାଶୀତଳ ଲତାଟିଏ ଦେଇଥିଲେ । ମୁଁ ଖୁସୀଥିଲି ଏବଂ ତାଙ୍କୁ ଧନ୍ୟବାଦ କୃତଜ୍ଞତା ଦେଇଥିଲି । ପୋକଟାଏ ପଠାଇ ସେ ଲତାଟି ଛେଦିଦେଲେ କାହିଁକି, ଶୁଖିଗଲା, ମରିଗଲା । ଦେଲ କାହିଁକି ନେଲ କାହିଁକି ? ଅସହ୍ୟ ଏ ଯାତ୍ରାପଥ ।

ବାସ୍ ଚାଲିବାକୁ ଆରମ୍ଭ କରିଛି, ବର୍ଷା । ଝଡ଼ ଝଡ଼ ଝଡ଼ ମୁଞ୍ଚନ୍ତୁ ମେଘାଃ କୁସୁମସ୍ୟ ବୃଷ୍ଟିମ୍ । ବାସ୍ ଭିତରକୁ ଆସିଲା ପାଣିଛିଟିକା, ଅଳ୍ପ ଅଳ୍ପ କ୍ରମେ ବେଶି ବେଶି । ନାୟିକା ଝରକା ବନ୍ଦ କରିବାକୁ ଚେଷ୍ଟା କଲେ । କିନ୍ତୁ ସେ ଅବଳା ପାରିଲେ ନାହିଁ । ଅସହାୟ ଆଖିରେ ଚାହିଁଲେ । ପାଖ ଲୋକଟାର ଦରଦ ନାହିଁ ନା କଣ ? ନାରୀ ଯେଉଁଠି ବିପନ୍ନା ପ୍ରପୀଡ଼ିତା ଓ ଅତ୍ୟାଚାରିତା ସେଠି ପ୍ରକୃତ ନାଇଟ୍ ସ୍ଥିର ହୋଇ ବସି ରହିବ ? ସାଂଗେ ସାଂଗେ ହାତ ବଢ଼ାଇ କଳଙ୍କିତ ବୋଲ୍‌ଟକୁ ଭିଡ଼ିଓଟାରି ଝରକାଟାକୁ ପକାଇଦେଲି । ସେ ତାଙ୍କ ହାତକୁ ଫେରାଇ ଆଣୁ ନ ଆଣୁ ମୁଁ ମୋ ହାତକୁ ପଠାଇ ଦେଇଥିଲି । ହାତକୁ ହାତ ଭୋଟାଭେଟି, ଦିହାତ, ହୋଇଗଲେ ? କେଜାଣି ?

ବର୍ତ୍ତମାନ ନୀଳଝରକା ବନ୍ଦ । ବାହାରେ ଆକସ୍ମିକ ମେଘର ମେଳା । ଯେଉଁ ସ୍ତିମିତ ଆଲୋକିତ ବାସରଘରର ଛବି ଦଣ୍ଡେ ଆଗରୁ ଆଙ୍କିଥିଲି ବାସ୍ ଭିତରେ ସେଇ ପରିବେଶ ସୃଷ୍ଟିହେଲା ଯାହା ଅପ୍ରାକୃତ ପ୍ରେମର ଅନୁକୂଳ ।

Digitized by srujanika@gmail.com

ସହର ପାରି ହେଲାବେଳକୁ ମେଘ ଛାଡ଼ିଗଲା । ଅସ୍ତଗାମୀ ସୂର୍ଯ୍ୟଙ୍କର କିରଣ ସହିତ କିଛି ପବନ ତାଙ୍କୁ ଲୋଡ଼ା ହେଲା । ସେ ପୁଣି ଝରକାଆଡ଼କୁ ଆଙ୍ଗୁଳି ବଢ଼ାଇଲେ । ଏଥର ମୁଁ ଚାନ୍ସ ପାଇଲି ନାହିଁ । ଶତ୍ରୁଘ୍ନ ସିହ୍ନା ସେ କାମ କଲେ । ବାସ୍ ଭିତର ବର୍ତ୍ତମାନ ଅପେକ୍ଷାକୃତ ଆଲୋକିତ, ପ୍ରାକୃତ ବା ଅପ୍ରାକୃତ ପ୍ରେମର ପରିପନ୍ଥୀ ।

ଗୋଲେଇରେ ବାସ୍‌ଟା ଯିମିତି ବୁଲିଛି ସେମିତି ଲାବଣ୍ୟବତୀ ଅଧା ଛିଡ଼ାହୋଇ ଅସଂଯତ ଲୁଗାପଟାକୁ ସଂଯତ କରିବାର ଚେଷ୍ଟା କଲେ । ମୁଁ ଯିମିତି ତାଙ୍କ ଦେଇ ଝରକାଆଡ଼େ ଚାହିଁଛି ମୋତେ ଏକ ଅଦୃଷ୍ଟପୂର୍ବ ଅବର୍ଣ୍ଣନୀୟ ଦୃଶ୍ୟ ଦିଶିଲା । ଦୂର ପାହାଡ଼ ଶ୍ରେଣୀରେ ଜାଆଁଳା ପରି ଯୋଡ଼ିଏ ଶୃଙ୍ଗ, କିଏ ଶିଳ୍ପୀ ଯେପରି ଆଙ୍କି ଦେଇଛି ଚିତ୍ରପଟରେ । ଏତେଦିନେ ବୁଝିଲି କାହିଁକି ପ୍ରାଚୀନ କବିମାନେ ବାରମ୍ବାର ନାରୀର ଅଙ୍ଗପ୍ରତ୍ୟଙ୍ଗ ବର୍ଣ୍ଣନାରେ ପାହାଡ଼ ପର୍ବତର ଆଶ୍ରା ନିଅନ୍ତି । ପୁଣି ଦେଖିଲି ସେଇ ଯୋଡ଼ିଶୃଙ୍ଗର ଅଗ୍ରଭାଗରେ ଯୋଡ଼ାଏ ଗଛ ଦୂରରୁ ଅବିକଳ ଚୁଚୁକାଗ୍ରର ଭ୍ରମସଞ୍ଚାର କରୁଛି । ମୁଁ ମୁଗ୍ଧ ହୋଇଗଲି ।

ବାସ୍ ଯାତ୍ରୀଗୁଡ଼ାକ କେବଳ ଅଭଦ୍ର ନୁହନ୍ତି, ଅଲାଜୁକ ଓ ଅଶ୍ଳୀଳ ମଧ । ଘର କଥା, ଚାଷବାସ କଥା ନ ଭାବି ଇଆଡ଼େ ସିଆଡ଼େ କଟମଟ ଚାହିଁବାର କଣ ଦରକାର ?

ଖୁବ୍ ସୁସ୍ଥ ଅନୁଭବ କରି ନାୟିକା ତାଙ୍କ ସ୍ଥାନ ଅଧିକାର କରନ୍ତେ ତାଙ୍କ ଅଙ୍ଗଆବରଣ ତଥା ଆଲୁଳାୟିତ କେଶଦାମ ଉର୍ମିପରି ଯଥାସ୍ଥାନ ଆବୋରି ରହିଗଲେ ।

ବାସ୍ ଯାତ୍ରୀମାନେ କାଉଁରୀ ପ୍ରଭାବରେ ଧୀର, ଶାନ୍ତ ଓ ନିର୍ବାକ ହୋଇଗଲେ ଯେଝା ସ୍ଥାନରେ । ସହର ଛାଡ଼ି ବାସ୍‌ଟି ଖଣ୍ଡେଦୂର ଗଲାବେଳକୁ ଅସାଭାବିକ ନୀରବତା ପ୍ରାୟ ପୀଡ଼ାଦାୟକ ହେଲା । କିନ୍ତୁ କ୍ଷଣକେ ତାହା ଦୂରୀଭୂତ ହେଲା ଏକ ଅନିର୍ବଚନୀୟ ମଧୁର ଗଳାସ୍ୱରରେ ।

ଖରାଦିନରେ ସିମିଳିପାଳ ପାହାଡ଼ର ଅରଣ୍ୟାନିରେ ଯେତେବେଳେ ଶାଳ ଅଶନ ଚମ୍ପା ଅତଣ୍ଡି ଆଦି ବୃକ୍ଷଲତା ନୂତନ ପୁଷ୍ପପଲ୍ଲବ ସମ୍ଭାରରେ ଭାରାକ୍ରାନ୍ତ ହୋଇଥାନ୍ତି ଏବଂ ଝିଙ୍କାରିର ଝିଁ ଝିଁ ଓ ପକ୍ଷୀର କାକଳି ଅଭାବରେ ପାହାଡ଼ର ଶାନ୍ତି ଓ ବାତାବରଣ ପୀଡ଼ାଦାୟକ ହୋଇଥାଏ ସେତିକିବେଳେ ଅଦୃଶ୍ୟମାନ ଝରଣାରୁ କୁଳୁ କୁଳୁ ହୋଇ ସ୍ୱନ ଅବିରାମ ଉତ୍‌ଥିତ ହେଲେ ଯିମିତି କର୍ଣ୍ଣାଭିରାମ ହୁଏ ସିମିତି ଅମୃତ ନିସ୍ୟନ୍ଦିନୀ ହେଲା ଲାବଣ୍ୟବତୀଙ୍କ କଣ୍ଠସ୍ୱର ।

ପାର୍ବତ୍ୟ ନଈର ଭାଷା ଯିମିତି ବୁଝିହୁଏନି ସେମିତି ଏ ନାୟିକା କେଉଁ ଭାଷାରେ କଣ କହିଯାଉଛି ତାହା ମୋର ବୁଝିବାର ସାଧ ନଥିଲା । କେହି ବି ବୁଝିନଥିଲେ । ଏତେ ଏତେ ବୈଦେଶିକ ସେ ଭାଷା ! କିନ୍ତୁ ଖୁବ୍ ଶ୍ରୁତିମଧୁର । ବୋଇତ ଯେତେବେଳେ ସିଂହଳ ଦୀପରେ ଲାଗିଲା ସାଧବ ଯୁବତୀମାନେ ଯେତେବେଳେ ଆସି ବୋଇତ

Digitized by srujanika@gmail.com

ବନ୍ଧାଇଲେ ସେତେବେଳେ ଆମ ଓଡ଼ିଆ ସାଧବପୁଏ କଣ ସିଂହଳୀ ଭାଷା ବୁଝୁଥିଲେ ? ଭାଷା ବିନିମୟ ନ କରି ମଧ ପ୍ରେମ ଦିଆନିଆ ସମ୍ଭବ ।

ଲାବଣ୍ୟବତୀର ହସ ନଥିଲା, ଉଦ୍‌ବେଗ, ଉଚ୍ଛ୍ୱଣ୍ଠା ନଥିଲା । ଖାଲି କୁଲୁକୁଲୁ କୁଲୁକୁଲୁ । କର୍ଣ୍ଣେନ୍ଦ୍ରିୟର ପରିତୃପ୍ତି ପାଇଁ ଯଥେଷ୍ଟ ।

ଝରଣାର କୁଲୁକୁଲୁ ନିସନ ଶୁଣୁଶୁଣୁ ମୁଁ ତାରି ଆଡ଼କୁ ବୋକାଙ୍କ ପରି ଚାହିଁଥାଏ ଏବଂ ଭାବୁଥାଏଁ କେତେ କଣ । ବସ୍‌ରେ ଯେ ଗୁଡ଼ାଏ ଲୋକ ଅଛନ୍ତି ଏବଂ ହୁଏତ ଆମ ଆଡ଼କୁ ଚାହିଁଛନ୍ତି ସେଥିପ୍ରତି ଝିଅଟା ଯିମିତି ସଚେତନ ନ ଥାଏ ବା ଭ୍ରୁକ୍ଷେପ କରୁନଥାଏ ମୁଁ ବି ସିମିତି ଅବହିତ ନଥାଏଁ ।

ମୁଁ ଭାବୁଥିଲି ଆଗନ୍ତୁକ ଯୁବକ ସହିତ ଯୁବତୀଟିର କଣବା ସମ୍ପର୍କ ଥାଇପାରେ । ବୟସ ଓ ଚେହେରା ଦୃଷ୍ଟିରୁ ପୁରୁଷଟା ସ୍ୱାମୀ ହେବା ଅପେକ୍ଷା ସାନଭାଇ ହେବା ବରଂ ସମ୍ଭବପର । ଝିଅଟାର ସୁନ୍ଥାରେ ସିନ୍ଦୁର ନାହିଁ । କପାଳରେ ଇଂରାଜୀର ଛଅ ଅଙ୍କ ପରି ବିନ୍ଦିଆ, ଜକ୍‌ଜକ୍ ଦିଶୁଛି, ଟିକିଲି ପରି ଜଣାପଡୁଛି, ଯାହା ଲଗାଇ ଦେଇ ଉଠାଇ ନେଇହେବ । ବହୁତ ସମୟ ଧରି ନଜର କଲିଣି, ସେ ଦୁହେଁ କେତେବେଳେ ଲଗାଲଗି, ଆଉଜାଆଉଜି ବା ଦିହ ଛୁଆଁଛୁଇଁ ହେଉନାହାନ୍ତି । ସ୍ୱାର୍ଥ ହିଂସା ଓ ଅସୂୟାରେ ଆମେ ଅନେକ ନିରୀହକୁ ଶତ୍ରୁଘ୍ନ ସିହ୍ନା, ପ୍ରାନ୍ ବା ପ୍ରେମ ଚୋପ୍ରା ଭାବୁଁ ।

ପ୍ରାୟ ମଧ ଘଣ୍ଟାଏ କାଳ ନଈର କୁଲୁକୁଲୁ ଶୁଣିବା ପରେ ମୋ ସାମନାରେ ବାଆଁ ଆଡ଼କୁ ବସିଥିବା ଯୁବକଟି ଶୋଇଗଲା, ଯିମିତି ନିଦ ଆସୁନଥିବା ଅଝଟ ପିଲା ଆଈବୁଢ଼ୀର ଗପ ଶୁଣୁଶୁଣୁ ଶୋଇଯାଏ । ତା ଗାଲ ଦେଇ ଗାରେ ଗରଳ ବି ଝରିବାର ଦେଖିଲି ।

ବାସ୍‌ର ଯାତ୍ରୀଗୁଡ଼ାକ ଯିମିତି ନିଦ ଔଷଧ ଖାଇଛନ୍ତି ସେମିତି ମୁଣ୍ଡକୁ ମୁଣ୍ଡ ବାଡ଼େଇ ହୋଇ ଢୁଲାଇଲେ; ଏମିତି କି ଛିଡ଼ା ହୋଇଥିବା ଲୋକଗୁଡ଼ାକର ପାଦ ବେଳକୁ ବେଳ ନଡ଼ବଡ଼ ହୋଇ ଯାଉଥାଏ । ମୋତେ ନିଦ ନାହିଁ । ଭୂତମାନଙ୍କ ପାଇଁ ଯାହା ରାତି ବୋଲି ଜଣାଯାଏ ସେତେବେଳେ ସଂଯମୀ ପୂରାପୂରି ଜାଗ୍ରତ ଥାଏ, ବୋଲି ଆମ ଶାସ୍ତ୍ର କୁହେ ।

ଭାଲଗୋଟାଏ ଆରାମଦାୟକ ଭଙ୍ଗୀ ଓ ଆସ୍ଥାନରେ ବସିବା ଅଭିପ୍ରାୟରେ ମୋ ନାୟିକା ପାଦରୁ ଚପଲ ଫିଟାଇ ତଳିପା ଝଡ଼ାଝଡ଼ି କରି ଦି ଗୋଡ଼ ଉପରକୁ ଉଠାଇ ସିଟ୍ ଓ ଝରକା କଣରେ ବଙ୍କେଇ ହୋଇ ଆଉଜି ବସିଗଲେ ଏବଂ ନଖପଲିଶ୍ ଦିଆ ଆଙ୍ଗୁଳିକୁ ଶାଢ଼ୀରେ ଢ଼ଙ୍କାଇ ନେଲେ ଏବଂ ପାର୍ଶ୍ୱର ନିଦ୍ରିତ ଯୁବକ ଆଡ଼କୁ ଚାହିଁଲେ ।

କି ଚାହାଣୀ ! କି ଆଖି ! ଥରେ ଦିଲ୍ଲୀରେ ସିମିତି ଯୋଡ଼ାଏ ଆଖି ଦେଖିଥିଲି ଜଣେ କା ଇରାନୀ ଯୁବତୀର, ମୁହୂର୍ତ୍ତକ ପାଇଁ ବୁରୁଖା ଟେକି ଖୁବ୍ ଦାମିକା ଲୁଗା ଦୋକାନର

Digitized by srujanika@gmail.com

ଉପର ଥାକରେ ଥିବା ଛିଟ କନାଗୁଡ଼ାକୁ ସତୃଷ୍ଣ ଓ ଆଗ୍ରହୀ ନୟନରେ ଚାହୁଁଥିଲା ବେଳେ ।

ଆଚ୍ଛା ! ଏ ଯାକେ ତ ସେ ମୋ ଆଡ଼କୁ ସିଧାସିଧି ଚାହିଁ ନାହିଁ ବା ମୋ ପ୍ରତି ଆକୃଷ୍ଟ ହେବାର କୌଣସି ଲକ୍ଷଣ ନାହିଁ । ଅନୁରାଗ ପରିବର୍ତ୍ତରେ ବରଂ ଅନାସକ୍ତି, ଅନାସ୍ଥା ଓ ଅନାଗ୍ରହ ରହୁଛି । ତାର ବି ଆଖି ଢୁଲୁଢୁଲୁ ହୋଇ ଧୀରେ ବନ୍ଦହେବାକୁ ବସିଲା । ପୂରା ବନ୍ଦ କରିବା ପୂର୍ବରୁ ମୋ ଆଡ଼କୁ ଥରେ ଟିକିଏ ଚାହିଁଦେଲେ ବଞ୍ଚିଗଲା । କିନ୍ତୁ ଅବାଞ୍ଛିତ ବ୍ୟକ୍ତି ବୋଲି ମୋତେ ସନ୍ଦେହ ଚକ୍ଷୁରେ ଚାହିଁ ନାହିଁତ ।

ଏଥର ରାସ୍ତା ଟିକିଏ ଖରାପ ପଡ଼ିଲା । ପୁରୁଣା ବାସ୍‌ଟା ଏମିତି ଉଠପଡ଼୍ ହେଲା ଯେ ଆମ ଦିହର ଅଙ୍ଗପ୍ରତ୍ୟଙ୍ଗ ମୃଦୁ ନାଚିବାକୁ ଲାଗିଲା । ଆପେ ଆପେ କେତେବେଳେ ମୋ ହାତ ଯାଇ ସାମନା ସିଟ୍‌ର ରଡ଼୍‌କୁ ମୁଠାଇ ଧରିଥାଏ ।

ଦଣ୍ଡେ ପରେ ଅନୁଭବ କଲି ହାତର ଆଙ୍ଗୁଳିଗୁଡ଼ାକୁ କଣ ଗୋଟାଏ ନରମ ଲାଗୁଛି । କୋମଳ ସ୍ପର୍ଶ । ହାତମୁଠାର ଠିକ୍ ତଳକୁ ଲାଗି ଲମ୍ବିଯାଇଛି ହାତଟାଏ । ଶୋଇଯାଇଛି କହିଲେ ଠିକ୍ ହେବ । ଗୋରା ତକ୍‌ତକ୍, ଚମ୍ପାଫୁଲ ରଙ୍ଗ, ବର୍ତ୍ତୁଳ, ଜୀବନ୍ତ । କହୁଣୀ ତଳକୁ ହାତର ପୃଷ୍ଠପଟରେ ଏଠି ସେଠି ଗୋଟାଏ ଗୋଟାଏ ଚୂଳ, ଲମ୍ବ, ସରୁ, ଖୁବ୍ କୋମଳ । ବୈପରିତ୍ୟେ ଦ୍ୟୁତି ବଢ଼ାଇ ଦେଉଛନ୍ତି । ସୁନାଚୁଡ଼ି, କାଚଚୁଡ଼ି ଓ ଘଡ଼ି, ତାଙ୍କ ଛୋଟ ମୂର୍ତ୍ତିପରି ।

ମୁଁ ସଚେତନ ହୋଇଗଲି, ହାତଟି ବିଚାରା ଫେରିଆସିଲା ମୋ କୋଳକୁ । ନରମ ହାତର ସ୍ପର୍ଶ ଓ ଉଷ୍ମତା ପୂରା ଉଡ଼େଇ ନ ଥାଏ ।

ଏତିକିବେଳେ ପଛସିଟ୍ ଉପରେ ଗ୍ରୀନ୍ ବାଲ୍‌ବଟା ଜଳି ଉଠିଲା । ମୁହୂର୍ତ୍ତକେ ବାସ୍ ଭିତରଟା ବେଡ୍‌ରୁମ ବା ବାସରଘରର ରୂପରଙ୍ଗ ନେଲା । ମୋ ସାମନାରେ ହାତଟା ଆଲୁଅରେ ଖୁବ୍ ରୋମାଣ୍ଟିକ୍ ଦିଶିଲା ।

. ତାଙ୍କର ସୌଷ୍ଠବ ଆଉ ଟିକିଏ ଭଲକରି ଉପଭୋଗ କରିବି ଭାବି ହାତ ପାପୁଲିର ପଛଦେଇ ଆଖିଦିଟାକୁ ପୋଛି ଦେଲି । ହାତ କାହିଁ ? ହାତ ଜାଗାରେ "ଆଣିମାଦି ସୁଖଦାୟୀ ଶୋଇଅଛି ଅଣିହୋଇ ପଲ୍ୟଙ୍କ ଅଙ୍କରେ ଅବା କି ଦିଶେ ଶୋଭା !" ଲାବଣ୍ୟବତୀ ଯାହାକୁ ଛାତିରେ ଯାକି ମୁଁ ବୁଲୁଛି ଏତେଦିନ । ଯାହାକୁ ଦଣ୍ଡେ ଆଗରୁ କହୁଣୀ ଭାବିଥିଲି ତାହା ତ ଲାବଣ୍ୟବତୀର କଟି, ମଧ୍ୟଦେଶ ।

ସ୍ପର୍ଶେନ୍ଦ୍ରିୟଗୁଡ଼ାକ ଆଙ୍ଗୁଳି, ଅଧର, ଜିହ୍ୱା, ନାସାଗ୍ର ଅନ୍ୟାନ୍ୟ ଇନ୍ଦ୍ରିୟମାନଙ୍କ ସୌଭାଗ୍ୟରେ ଈର୍ଷ୍ୟାନ୍ୱିତ ହୋଇ ଗରଗର ହେଉଥିଲେ । ଏକାବେଳକେ ସେମାନେ ସମସ୍ତେ ଅତିଷ୍ଠ ଅସମ୍ଭାଳ ହୋଇ ଉଠିଲେ ।

ଭାବିଲି କାବ୍ୟିକ ରୀତିରେ 'ଜାନୁ ଧରିଦେବି ହଲାଇ' ।

Digitized by srujanika@gmail.com

ଏତିକିବେଳେ "ରୋକ୍‌କେ" "ରୋକ୍‌କେ" ଚିତ୍କାର ପରେ ପରେ ଶୁଣିଲି ସେଇ ଶବ୍ଦ 'ଏଡ଼୍‌ଜଷ୍ଟ' । ଯାହା ଭିଡ଼ଥିବା ବସ୍‌ଯାତ୍ରୀଙ୍କ ଏକମାତ୍ର ସ୍ଲୋଗାନ୍ । ସମସ୍ତେ ତ ଯିବା, 'ଏଡ଼୍‌ଜଷ୍ଟ' କଲେ ଜାଗା ହୋଇଯିବ । ଠିକ୍ କଥା, ବିନା ଏଡ଼୍‌ଜଷ୍ଟମେଣ୍ଟରେ ବିବାହବିଚ୍ଛେଦ, ଆତ୍ମହତ୍ୟା ଓ ମର୍ଡ଼ର ଆମେ ନିତିପ୍ରତି ଦେଖୁଥାଉଁ । ଖାପ୍‌ଖୁଆଇ ପାରିଲେ ପ୍ରାକୃତ, ଅପ୍ରାକୃତ, ଅବିକୃତ ସମସ୍ତ ପ୍ରେମର ସାଫଲ୍ୟ ଓ ସୁଖ ।

ଏଇ ଖାପ୍ ଖୁଆଇବା ବା ଏଡ଼୍‌ଜାଷ୍ଟମେଣ୍ଟ ସ୍ତ୍ରୀମାନେ ଯିମିତି ଅନାୟାସରେ କରିପାରନ୍ତି ପୁରୁଷମାନେ ସେମିତି ପାରନ୍ତି ନାହିଁ । ସେମାନେ ଆଗୁସାର ଆଗୁଆନ ନ ହେଲେ ପୁରୁଷର ସବୁ ଚେଷ୍ଟା ବିଫଳ ହୁଏ । ଏଇ ଦେଖୁନାହାନ୍ତି ଆମେ ଯେଉଁଠି ତିନିଜଣ ବସିଛୁ ଏବଂ ଭାରି ଭିଡ଼ ହେଲା କହୁଛୁ ସେତିକି ପ୍ରଶସ୍ତ ସିଟ୍‌ରେ ଚାରିଟା ପିଲାପିଲିସହ ତିନିଜଣ ମୋଟି ମହିଳା ଯାଉଛନ୍ତି ।

ବର୍ତ୍ତମାନ ସମସ୍ୟା ହେଲା ଲାବଣ୍ୟବତୀ ଓ ମୁଁ ସେଇ ଗୋଟାଏ ରଡ଼୍‌ରେ ଏକତ୍ର ସହାବସ୍ଥାନ ବା ଏଡ଼୍‌ଜାଷ୍ଟମେଣ୍ଟ କରିପାରିବୁଁ ତ ? ମୋର ଅଙ୍ଗୁଳି ରାଜି, ତାଙ୍କ ମାଂସଳ କୋମଳ ବାହୁ ରାଜି ହେଲେ ତ, ଆଗୁସାର ହେଲେ ତ ? ଅର୍ଥାତ୍ ତାଙ୍କ ମୁଡ୍ ଥିଲେ ତ !

ପରୀକ୍ଷା ପାଇଁ ପୁଣି ଆଙ୍ଗୁଳିକୁ ରଖିଲି ରଡ୍ ଉପରେ ଏବଂ ଏଣେତେଣେ ଚାହିଁଲି । ମୋ ବୁଢ଼ା ଅଙ୍ଗୁଳିଟା ମାଂସପେଶୀର ଚାପ ଅନୁଭବ କଲା । କଷ୍ଟରେ ଫିଟାଇ ଆଣି ପୁଣି ତଳର ବିଶ୍ରାମାସ୍ଥାନରେ ରଖିଲି । ସେ ସେଠିବି ମୋତେ ଆକ୍ରମଣ କଲେ । ପରସ୍ପର ବୁଝାମଣା ହୋଇଗଲା । କେତେବେଳେ ମୁଁ ଉପରେତ ସେ ତଳେ ପୁଣି କେତେବେଳେ ସେ ଉପରେ ତ ମୁଁ ତଳେ । ଥରେ ଦୁଇଥର ଅଙ୍ଗୁଳି କାଲୁଆ ହୋଇଯିବା ଭୟରେ ଫିଟାଇବାର ଚେଷ୍ଟାକଲି । କିନ୍ତୁ ଅସଫଳ ହୋଇ ଏଇଠି ରଖିଦେଲି । ରକ୍ତମାଂସର ଅସ୍ତିତ୍ୱ ଭୁଲି ଇନ୍ଦ୍ରିୟାତୀତ ରାଜ୍ୟରେ ମୁଁ (ସେ ବି ?) ଥାଏଁ । ନାଚି ନାଚି ଗୀତ ଗାଇଗାଇଁ ଚାଲିଥାଉଁ ତାରି ରାଜ୍ୟକୁ ଆମେ ଦୁହେଁ ।

ପୁଣି ସେହି ବିକଟ କର୍କଟ ଶବ୍ଦ 'ରୋକ୍‌କେ, ରୋକ୍‌କେ', ପ୍ରକୃତିସ୍ଥ ହେଲି, ସ୍ୱପ୍ନ ଭାଙ୍ଗିଗଲା । ଆରେ ! ଏଇଠିତ ମୋତେ ଓହ୍ଲାଇବାକୁ ପଡ଼ିବ । ଅଙ୍ଗୁଳି ଓ ବାହୁର ସହାବସ୍ଥାନ ଶେଷ ହେଲା । କେତେ ସମୟ ମାଂସପେଶୀ ଭିତରେ ଅଙ୍ଗୁଳିଟା ଚାପିହୋଇ ରହିଥିଲା ଜାଣେନାହିଁ । ନିଷ୍କ୍ରିୟ, ସ୍ୱେଦାକ୍ତ, ସୁଗନ୍ଧମୟ, ମୋଟା, ଟାଣୁଆ ଅଙ୍ଗୁଳିର ସ୍ପର୍ଶରେ ଓ ଚାପରେ ତାର ଶିରୀଷକୋମଳ ତନୁର ମାଂସପେଶୀ କେତେ ବେଦନା ସହିଥିବ ଭାବି ଅନୁତପ୍ତ ହେଲି ଏବଂ ଭାବିଲି ଯେଉଁ କାବ୍ୟ ଦୁଇଟାକୁ ଅନୁଧାନ କରି ଜୀବନଯାପନ କରୁଛି ସେମାନେ ମୋତେ କେଉଁ ଅବସ୍ଥାରେ ସର୍ବସାଧାରଣରେ ଦିନ ଦିପହରେ ଆଣି ପହୁଞ୍ଚାଇଲେଣି ।

ଉଠି ବସିଲି, ତଳକୁ ଓହ୍ଲାଇବା ପାଇଁ । ଯୋତା ମାଡ଼ିବା ପାଇଁ ଯିମିତି ତଳକୁ ନଇଁଛି ଦେଖିଲି ପ୍ରାୟ ଇଞ୍ଚେ ଦୂରରେ ସେଇ ହାତ, ଗୋରା, ମାଂସଳ ଓ ନରମ ଏପରିକି

Digitized by srujanika@gmail.com

ସୁଗନ୍ଧମୟ । ମୋର ଦିହର ଛାଇରେ ତାହା ଢ଼ାଙ୍କି ଯାଉଛି ଯିମିତି ଦୀପଟିଏ ପାପୁଲିର ଉଢ଼ାଳରେ ବାହାର ଦୁନିଆଁରୁ ଢ଼ାଙ୍କିହୋଇ ରହେ । କଣହେଲା କେଜାଣି ମୋର ସମସ୍ତ ଇନ୍ଦ୍ରିୟ ଏକଜୁଟ୍ ହୋଇ ଅଧରଜୋଡ଼ିକୁ କଣ ଇଙ୍ଗିତ ଦେଲେ । ମୁଁ ଆଉ ଆଗପଛ କିଛି ନ ଭାବି "ଭଜୁ ନ ଭଜୁ ବାନ୍ଧବୀ ଥରେ ହେଲେ ଚୁମିଥିବି" ମନେପକାଇ ନାକ ପାଟି ଜିଭ ଆଖିକୁ ପୂରାପୂରି ବାହୁରେ ଥାପିଦେଲି ।

ଲାବଣ୍ୟବତୀ ସେଥିପାଇଁ ପ୍ରସ୍ତୁତ ଥିଲେ । ଚମକିଲେ ନାହିଁ ।

ବାସ୍ ଚାଲିଗଲା । ଅଭିଶପ୍ତ ନାୟକପରି ମୁଁ ମର୍ତ୍ତ୍ୟକୁ ଫେରିଆସିଲି । ଅବୋଧ ହେଲେ ବି ରସୋତ୍ତୀର୍ଣ୍ଣ କାବ୍ୟ ଅସମ୍ପୂର୍ଣ୍ଣ ରହିଗଲା । ଇଷ୍ଟଦେବଙ୍କୁ ଧ୍ୟାଇ ପାରିଲି ନାହିଁକି ଭଣିତା ପର୍ଯ୍ୟନ୍ତ ଯାଇପାରିଲି ନାହିଁ । କେବଳ ମନଶ୍ଚକ୍ଷୁରେ ଦେଖିଲି ଗ୍ରୀନ୍ ବାଲ୍‌ବରେ ଆଲୋକିତ ଗ୍ରୀନ୍ ବାସ୍ ବଣଜଙ୍ଗଲର ଗୁଡ଼ାଏ ଫୁଲ, ଫଳ, କାକଳି ଓ କୁଳୁକୁଳୁ ନିନାଦ ନେଇ ଚାଲିଯାଉଛି ଏବଂ ପୁଣି ଅନୁଭବ କଲି ଥଣ୍ଡା ଭିତରେ ବାହୁ ଓ ଅଙ୍ଗୁଳିର ଏଡ଼ଜାଷ୍ଟମେଣ୍ଟର ଉଷ୍ମତା ।

ଖାଲି ଏତିକି ଜାଣିପାରିଲି ନାହିଁ ଯେତେବେଳେ ଲାବଣ୍ୟବତୀକୁ ସମ୍ବର୍ଦ୍ଧନା ଜଣାଇବା ପାଇଁ ତାର ସାଙ୍ଗସାଥୀମାନେ ବାସ୍‌ଷ୍ଟାଣ୍ଡରେ ଭେଟିବେ ସେତେବେଳେ ତାକୁ ଏକୁଟିଆ ଦେଖି ସେମାନେ କଣ କହିନଥିବେ "ସଖି ! ଚନ୍ଦ୍ରଭାନୁକୁ ପୁଣି କେଉଁଠି ହଜାଇଲୁ ?"

# କାଠ
## (ଆକାଶବାଣୀ କଟକଙ୍କ ସୌଜନ୍ୟରୁ)

ବହୁ ତର୍କବିତର୍କ ପରେ ନିଷ୍ପତ୍ତି ହେଲା ଚିରା କାଠ କିଣିବା ଅପେକ୍ଷା ଗୋଦାମରୁ ଗୋଟା ବଡ଼ ବା ମୁଣ୍ଡା କାଠ କିଣି ଆଣି ଘରେ ଚିରାଇବା ଲାଭଜନକ ହେବ ।

ତଦନୁଯାୟୀ ଭାରତ କାଠ ଗୋଦାମରୁ ଦୁଇ କୁଇଣ୍ଟାଲ ଗଣ୍ଡିକାଠ ଠେଲାଗାଡ଼ିରେ ଆଣି ଘର ସାମନା ପଡ଼ିଆରେ ପକାଇ ଦେଲି ।

ଗୋଦାମବାଲା କହିଲା, "ଏଇ ଯେଉଁ ଶୁଖିଲା ମୁଣ୍ଡା ଦେଖୁଛନ୍ତି ତାହା ଦୁଇ ବରଷର ପୁରୁଣା; ଶୁଖି ଠଣ ଠଣ କରୁଛି । ଧଅ କାଠ । ଚିରିଦେଲେ ବାରୁଦ ପରି ଜଳିବ । ବାର ଟଙ୍କା କୁଇଣ୍ଟାଲ୍, କମ୍ ଦାମର ନେବେ ତ ଶାଳଗଣ୍ଡି ଅଛି; ଜଷ୍ଟା ପଡ଼ିବ; ଛେଲି ଅଛି; ଧୂଆଁ ହେବ ।"

Digitized by srujanika@gmail.com

ଜଙ୍ଗଲ ରାଜ୍ୟର ଲୋକ ମୁଁ, ଜାଣିଛି କେଉଁ କାଠ କିମିତି ଜଳେ। ବେଶି ଦାମ୍ ପଡୁ ପଛକେ ଫୁର୍‌ଫୁର୍ ହୋଇ ଜଳିବା କାଠକୁ ପସନ୍ଦ କଲି। ଘର କଣରେ ଅଳନ୍ଧୁ ଜମିବ ନାହିଁ କି ଧୂଆଁରେ ପଙ୍ଖାଗୁଡ଼ାକ କଳା ହେବ ନାହିଁ।

କିନ୍ତୁ ଆଜକୁ ହପ୍ତାଏ ହେଲା କାଠ ଯେଉଁଠି ସେଇଠି ପଡ଼ିଛି। ଚିରା ହେବାର ନାଆଁ ଗନ୍ଧ ନାହିଁ। ମକର ପର୍ବ ଯୋଗୁଁ ସାନ୍ତାଳଙ୍କ ଦେଖାଦର୍ଶନ ମିଳୁନାହିଁ। ତାଙ୍କର ହାଣ୍ଡିଆ, କୁକୁଡ଼ା ଲଢ଼େଇ, ଧୁମୁଷା ମାଦଳ ସରିବ ନା ମୋ' କାଠ ଚିରା ହେବ!

ଏଣେ ଘରେ ଫାଳିଏ ବୋଲି କାଠ ନାହିଁ। କାଠ କଟା ହେଲେ ଜଳାଯିବ। ଆଜି ରବିବାର, ବେଳ ନଅଟା ହେଲାଣି, ପ୍ରଚଣ୍ଡ କଣକଣି ଶୀତ ସାଙ୍ଗକୁ ହିମାଳ ପବନ। ବାରଣ୍ଡାରେ ଆରାମ ଚେୟାରଟା ପକାଇ ଖରାକୁ ପିଠି କରି ବସିଥାଏଁ ଏବଂ ଖବରକାଗଜରୁ ଆଦିବାସୀମାନଙ୍କ ପାଇଁ ଗତ ତିରିଶ ବର୍ଷ ଧରି ଆମେ କ'ଣ କ'ଣ କରିଛୁଁ ତା'ର ବିବରଣୀ ଓ ହିସାବକିତାବ ଅନୁମାନ କରୁଥାଏଁ।

ହଠାତ୍ ମୋତି ଭୋ ଭୋ ଭୁକି ଉଠିଲା। ଚମକିପଡ଼ି ଦେଖିଲି କାନ୍ଧରେ କୁରାଢ଼ୀ ପକାଇ ଗୋଟାଏ ଦରବୁଢ଼ା କାଠ ଚିରାଳି ସଡ଼କରୁ ମୋ' ଆଡ଼କୁ ଢ଼ଳି ଆସୁଛି। ସିଧା ସାମନାକୁ ଆସି ସେ ପଚାରିଲା, "କାଠ କାଟିବୁ ବାବୁ?"

ମନେ ମନେ ଭାବିଲି ବର୍ଷ ବର୍ଷ ଧରି କୋଟି କୋଟି ଟଙ୍କା ଖର୍ଚ୍ଚ କରି ଏମାନଙ୍କୁ ଆମେ ସମକକ୍ଷ କରିବାର ଚେଷ୍ଟା କଲୁଁ ସିନା, ଲାଭ କିଛି ହେଲାନି, ଭାଷା ଟିକକ ବି ଶିଖାଇ ପାରିଲୁନି। କହୁଛି କ'ଣ ନା "କାଠ କାଟିବୁ ବାବୁ?" କି କ୍ରିୟା! କି କର୍ତ୍ତା!

ଖତେଇ ହୋଇ ତା'ରି ଗଳା ସର ଅନୁକରଣ କରି କହିଲି "ହଁ ହଁ, କାଟିବି, କାଟିବି, କେତେ ନବୁ?"

ସେ କାଠ ଆଡ଼କୁ ଚାହିଁଲା। କହିଲା, "ଦୁଇ କୁଇଣ୍ଟାଲ ହବ। ଗୁଦାମରେ ତ ବାବୁ ଆମକୁ ଦୁଇଟଙ୍କା କରିଦଉଛି କୁଇଣ୍ଟାଲ। ଏଇ ବଜାରଟାରେ ଗୁଟେ ଦର ନା ଦୁଇଟା? ତୁ ଚାରି ଟଙ୍କା ଦବୁ, ଆର୍ କେତେ?"

"ନାହିଁ, ନାହିଁ, ଚାରିଟଙ୍କା ହବନି, ମୋତେ ବହୁତ ପଡ଼ିଯାଉଛି। ସାଢ଼େ ତିନି ଦେବି, କାଠବାଲା ନେଲା ଚବିଶି, ଠେଲାବାଲା ଚାରି, ତୁ ନବୁ ଚାରି, ବତିଶି ଟଙ୍କା ପଡ଼ିଗଲା। ଗ୍ୟାସ୍ ଚୁଲୀ ତ ବରଂ ଶସ୍ତା ହବ। ତିନି ଟଙ୍କା ଆଠଣାରେ କାଟିବୁ ତ କାଟ୍, ନ ହେଲେ ଚାଲିଯା।"

ସେ କଅଁଳ ଗଳାରେ କହିଲା, "ତୁ ବି ବାବୁ ଏମିତି କାଠୁଆ ହବୁ ତ ଆମର ଗୁରିବ୍ ନୁକ ବଞ୍ଚିବ କିମିତି? ଚାରଣା ଆଠଣା ନାଗି ଆମର ସାଙ୍ଗରେ ଝଗଡ଼ା କରିବୁ? ତତେ ଭଗବାନ୍ ବଡ଼ ନୁକ୍ କରିଛି। କେତେ ପଇସା ତର କେଁଆଡ଼େ ଚାଲିଯାଉଛି। ଆମର ଗରିବ ନୁକ୍‌ର ପେଟରୁ କାଟିଲେ ତର ପେଟ ପୂରିବ? ଗୁଦାମବାଲା ଗୁଦାମରେ ଚାବି ଦେଇ କରି ପାହାଡ଼କୁ ଗେଲା ବୁଲି ତର ଏଠାକୁ ଆସିଛି, ନ ହେଲେ ..."

Digitized by srujanika@gmail.com

କଲେଜ ପଢୁଆ ପୁଅ (ଯେ ଜୀବନରେ ପଇସାଟିଏ ବି ରୋଜଗାର କରିନାହିଁ) ଦରଜା ପାଖରେ ଛିଡ଼ାହୋଇ ଶୁଣୁଥିଲା । ହଠାତ୍ ତରଳିଯାଇ କହି ପକାଇଲା, "ହେଲା, ହେଲା, ଚୁପ୍‌କର, ଆଉ ଚାରିଅଣା ନବୁ ।"

ପୁଅ ଆଡ଼କୁ କଟ୍‌ମଟ୍ ଚାହିଁ ଇଂରାଜୀରେ କହିଲି, "ପଇସା ତତେ ଶସ୍ତା ହୋଇଛି । ଦେଖିଥାନ୍ତୁ ସେ ସେତିକିରେ କାଟିଥାନ୍ତା କି ନାହିଁ ।" କାଠ କଟାଳିକୁ କହିଲି, "ଯା ଯା ଏଥର କାଟ୍ । ପୁଅ ତ କହିଦେଲାଣି ।"

ଦୁଇ ପରସ୍ତ କରି ଘୋଡ଼ିଥିବା ଅଳପ ଓସାର ନାଲି ଧଡ଼ିର ଶାଢ଼ୀଟାକୁ ସେ ଦେହରୁ କାଢ଼ି ପାଖ ବେଗୁନିଆଁ ଗଛ ଡ଼ାଳରେ ଲଟକାଇ ଦେଲା । କାନିର ଗଣ୍ଠି ଫିଟାଇ ଦୋକତା ଚୂନ ବାହାର କରି କଳରେ ଜାକି କୁରାଢ଼ୀ ଧଇଲା ।

ବୟସ ଓ ଚେହେରାରୁ ତା'ର ପାରିବାର ପଣିଆଁରେ ମୋର ଘୋର ସନ୍ଦେହ ହେଲା । ଭାବିଲି, ଲୋଭରେ କାମ ଧରିଛି ସିନା, ଦି' ଦିନ ଲାଗିବ କାଟିବାକୁ ।

ଗୋଟିଏ ଗଡ଼ ଉପରେ ଲମ୍ବେ ଲମ୍ବ ଆଉ ଗୋଟାଏ ଗଣ୍ଡି ରଖି ମାରିଲା ପ୍ରଥମ ଚୋଟ । ପ୍ରାୟ ଦୁଇ ଇଞ୍ଚ ଭିତରକୁ କୁରାଢ଼ୀଟା ଭେଦିଗଲା । ଟାଣି ବାହାର କରିବାକୁ କଷ୍ଟ ହେଲା ତାକୁ ।

ପଚାରିଲି : କାଠ କିମିତି ଦେଖୁଛୁ ? ଭଲ ଜଳିବ ନା ?

ସେ କହିଲା, "କାଠ ଭଲ୍ ଯେ ବାବୁ ! ହେଲେ ତର ନାଭ, ମର ନୁକସାନ୍ । ଦେଖିନା କାଠ କିମିତି ବାଙ୍ଗୁଆ, ଗଣ୍ଠିଆ । ଯେତିକି ଚେମଡ଼ ତେତିକି ଟାଣ । ଧଅ କାଠ ବାବୁ ! କୁରାଢ଼ୀ ବାଙ୍କିଯିବ । ଆମର ଗୁଦାମରେ ତ ଏଗା ଦୁଇ ବରଷ ପଡ଼ିଥିଲା । କେହି ନେଲା ନାହିଁ, କେହି କାଟିତେ ଖୁଜେ ନାହିଁ, ଭଲ ଜଳିବ । ହେଲେ ଯିଏ କାଟିବ ତା'ର ହାତ ଫୁଟୁକା ହେଇଯିବ, ଚମଡ଼ା ଛାଡ଼ିଯିବ ।"

ଆଉ ପାହାରେ ଦେଲା । ଠିକ୍ ଜାଗାରେ ମାଡ଼ ବସିଲା । ପୁଣି ପାହାରେ । ଫାଳିଏ କାଠ ଖଣ୍ଡେ ଦୂରରେ ଛିଟିକି ପଡ଼ିଲା ଘୂରିଘୂରି ।

ମୁହୂର୍ତ୍ତେ ଅପେକ୍ଷା ନ କରି କହିଲି, "ଏତେ ବଡ଼ ଫାଳକରିବୁ ନାହିଁ । ଆମର ଚୁଲ୍ଲୀ ସାନ । ଆହୁରି ଛୋଟ, ପତଳା କରିଦେ ।"

ତାଚ୍ଛଲ୍ୟରେ ମୋ ଆଡ଼କୁ ଚାହିଁ ସେ କହିଲା, "ଏ ବାବୁ ! ତୁ ଚୁପ୍‌କରି ବସିଥା ନା । ଦେଖି, ମୁଁ ଠିକ୍ ସାଇଜ୍ କରି ଦଉଛି କି ନାଇଁ । ଏତେ ବରଷ ଆମର ବଜାରକୁ ଆସିଲା, ତର କାଠ କି ରକମ ଦରକାର ଜାଣେ ନାଇଁ ଭାବିଛୁ ?"

କୌତୁହଳୀ ହୋଇ ପଚାରିଲି, "କେତେ ବରଷ ହେଲା ବଜାରକୁ ଆସିଲୁ ? କେଉଁଠୁ ଆସିଲୁ ?"

"ମୟୁରଭଞ୍ଜରେ ମର ଘର ବାବୁ ! ବେତନଟୀ ପାଖରେ । ଯୁଦ୍ଧ ନାଗିଲା ବରଷ ଆମର ରେମୁଣାକୁ ପଳେଇ ଆସିଲା । ମୟୁରଭଞ୍ଜରେ ଦେଢ଼େ ଡ଼ାହାଣୀ ଦେବତା, କଷ୍ଟ

Digitized by srujanika@gmail.com

ଖାଇଦେବେ। ମର ଡ଼ଗର ଡ଼ାଗର ପୁଅ ଦୁଇଟା ଆଉ ଆଗ ତିର୍ଲାଟା ଏକା ଦିନରେ ମରିଗଲେ। ଜମିଜାଇଗା ଖୋଳିତାଡ଼ି ଯାହା କରିଥିଲା ସବୁ ତୁମର ହାଟୁଆମାନେ ନେଇଗଲା।"

"ସରକାରଠୁଁ ଜମି ନେଲୁଣି? ସରକାର ଘର, ଜମି ସବୁ ଦଉଛି, ତୋର ତ ଜମିଜାଇଗା ଘରଦ୍ୱାର କିଛି ନାହିଁ।"

"ଦେନା ବାବୁ ଘରଦୁଆର ଜମିଜାଇଗା କରେଇ ଦେ। ଦେଖେଁ କେଡ଼େ ଅଣ୍ଡିରା ଦେଖେଇ ହେଇଛୁ। ଆମର ଯେତେ ନୂକର ଘର, ଜମି ନାଇଁ ସମସ୍ତଙ୍କୁ ଦେଲେ ତୁମର ମାନେ କି କରିବ, କାହିଁ ରହିବ?"

"ଛୁଆମାନଙ୍କୁ ପାଠ ପଢ଼ଉଛୁ?"

"ଏ ବାବୁ! ପାଠ ଶାଠ୍ ତାକୁ ପଢ଼େଇଲେ ତର ସଡ଼ପ କାମ କରିବ କିଏ? ଜମି ଚଷିଦେବ କିଏ?"

ପରିବାର କଲ୍ୟାଣ ବିଷୟରେ ପଚାରିଲାରୁ ସେ କହିଲା, "ତୁମମାନଙ୍କର ସିନା ବାବୁ ବେଶି ଛୁଆ। ଆମର ଜାତିରେ ଜଣକା ଗୁଟେ ନ ହେଲେ ଦୁଇଟା। ତର ତିରିଲା ଛୁଆପିଲା ତ କାମଦାମ କିଛି କରେନି, ସେଇନାଗି ତ ହଇରାଣ ହଉଛୁ, କଟେଇ ହଉଛୁ।"

ଏଥର ସେ ମୋତେ ପଚାରିଲା, "ହେଁ ବାବୁ! ଆମ୍ଭର ମୟୁରଭଞ୍ଜର ମହାରାଜା ଗେଲାଠୁଁ ଆଉ୍ ତ ରଜା ନାଇଁ। ଖାଲି ମନ୍ତ୍ରୀ ଆସୁଛନ୍ ଯାଉଛନ୍। ନାଇଁ?"

ଭାବିଲି ଏ ଏକବାଗିଆ ମୂର୍ଖକୁ ହିତକଥା ପଚାରି ବା ଶୁଣାଇ କିଛି ଲାଭ ନାହିଁ। ବରଂ ମୋ କାମ ଧିମେଇ ଯାଉଛି। ତେଣୁ ତା କାଠକଟା ଚାତୁରୀ ଦେଖିବାକୁ ଲାଗିଲି।

ପୋଖତ ସମାଲୋଚକ ଯିମିତି ଡ଼େଇଁପଡ଼ି ଆଧୁନିକ କ୍ଲିଷ୍ଟ, ଅବୋଧ କବିତାକୁ ତନ୍ନତନ୍ନ ବିଶ୍ଳେଷଣ କରି ଅନ୍ତର୍ନିହିତ ସାରତତ୍ତ୍ୱ ପ୍ରକଟ କରନ୍ତି, ଏ କାଠୁରିଆ ବି ସିମିତି ଅତୀବ ଆଗ୍ରହରେ ଗ୍ରନ୍ଥିଳ ଶିରାଳ କାଠକୁ ଛିନ୍ନଭିନ୍ନ କରି ମଞ୍ଜ ବାହାର କରିଦେଉଛି। ଭଗବାନ ତାର ଶିରାପ୍ରଶିରା ରକ୍ତମାଂସରୁ ଏମିତି ନୈସର୍ଗିକ ଶକ୍ତି ଦେଇ ଗଢ଼ିଛନ୍ତି, ଯିମିତି ଜୀବନସାରା ଏଇ ବୃକ୍ଷରାକ୍ଷସଗୁଡ଼ାକୁ ସେ ଖଣ୍ଡ ଖଣ୍ଡ କରି କାଟି ଆନନ୍ଦ ପାଉଥିବ।

ଦେଖୁଁ ଦେଖୁଁ ସେ ଘଣ୍ଟାଏ ଦେଢ଼ଘଣ୍ଟା ଭିତରେ ଅଧାଅଧି କାଠ ଚିରିଦେଲା। ଗତଥର ତାରି ଜାତିର ଲୋକଟା କାଠସବୁ ମୋଟା ଲମ୍ବା ଲମ୍ବା କରି ଚିରି ଥିଲା। ମାସେ ଜାଗାରେ ଅଠାଇଶ ଦିନ ଗଲା। ଏଥର କାମ ଆଦାୟ କରିବାପାଇଁ ନିଜେ ମୁଁ ଜଗି ବସିଛି। ଯିବ କୁଆଡ଼େ?

ତା' ପାଖକୁ ଯାଇ କେତୁଟା ଫାଳ ଅଲଗା କରି ଦେଇ କହିଲି "ଏଗୁଡ଼ାକ ପତଳା କରିଦେବୁ।" ଯଦିଓ ସେଗୁଡ଼ାକ ଛୋଟ ଛୋଟ ଥିଲା।

Digitized by srujanika@gmail.com

ଲୋକଟା କ୍ରମେ କ୍ରମେ ଥକି ହାଲିଆ ହୋଇଗଲାଣି ବୋଲି ମୋର ଭୟ ଥିଲା । ପ୍ରତିଥର ଚୋଟ ସାଙ୍ଗକୁ ତା ପାଟିରୁ ଏଁଃ ଏଁଃ ଶବ୍ଦ ବାହାରୁଥାଏ ।

କୌତୂହଳବଶତଃ ତା ହାତରୁ କୁରାଢ଼ୀଟା ନେଇ ଉଠାଇଲି । ବାବା ! କେଡ଼େ ଭାରି ! ଥରେ କାଠଗଣ୍ଡିରେ ଚୋଟେ ପକାଇଲି । ଲକ୍ଷ୍ୟସ୍ଥଳର ଆଠ ଆଙ୍ଗୁଳି ଦୂରରେ ଠିକିରି ପଡ଼ିଲା କୁରାଢ଼ୀଟା । ପଚାରିଲି "କେତେ ଓଜନ ଅଛି ?"

ଢିମା ପଥର ଗୋଟାକରେ କୁରାଢ଼ୀ ମୁନ ପଜାଉ ପଜାଉ ସେ କହିଲା, "ଦୁଇ କିଲ ନୁହାରେ କରିଛି ବାବୁ! ଗୁଦାମରଟା ଦୁଇ କିଲ ଆଉ ଅଧେ ।"

ପଚାରିଲି 'ବାର ବାଜିବ । ଆଜି ସାରିପାରିବୁ ତ ?'

'ତୁ ତ ବାବୁ ଖାଲି ବକର ବକର ହେଉଛୁ, ତର କାମ ତୁ କର । ତର କାଠ କେଡ଼େ ଟାଣ ଦେଖିଲୁ ଯେ ।'

ଦେଖିଲି, ତା'ର ପେଟ ପିଠି ଏକାଠି ଲାଗି ଯାଇଛି । ମୋ ପେଟରେ ଯେତେ ଚର୍ବି ତାର ଶହେ ଭାଗରୁ ଭାଗେ ଭଲା ତା'ର ଥାଆନ୍ତା । ଭୁଲରେ ପାଟିରୁ ବାହାରି ପଡ଼ିଲା 'ସକାଳୁ କି ଖାଇ କରି ଆସିଛୁ ?'

ଗରିବ ନୁକର ଘରେ କି ଅଛି ଯେ ସକାଳୁ ଉଠି ବସି କରି ଖାଇବ ? ଖାଲି ତୋରାଣି କଂସାଏ ପିଇ କରି ଆସିଛି । ତିଲା ଆଉ ଛୁଆ ଦୁଇଟା ପଖାଳ ମୁଠାଏ ମୁଠାଏ ଖାଇ କରି ସଡ଼ପ୍ କାମକୁ ଗଲା ।

ରୋଷେଇ ଘର ଆଡୁ ଆସୁଥିବା ମହକ ଶୁଙ୍ଘି ମୁଢ଼ି ଆଉ କଷା ମାଉଁସ ଖାଇବି ବୋଲି ଘର ଭିତରକୁ ଗଲି । ଚାକର ପିଲା ଚୈତନ କହିଲା, 'ବାପା ! ତାକୁ ରୁଟି ଦୁଇଟା ଦେବା ? ବଳିଛି ।'

'କୁକୁରକୁ ଦେଲୁନି ? ଏତେ ରୁଟି କରୁଛୁ କାହିଁକି ? ରୁଟି ଦିଖଣର ଦାମ ଚାରଣା । ସେ ସେଇ ଚାରଣା ଛାଡୁନାହିଁ ପରା ।'

'କାଲି ସକାଳର ରୁଟି ବାପା ! ଅସରପା ବୁଲି ଯାଉଛନ୍ତି । କୁକୁର ବି ଛୁଇଁଲା ନାହିଁ ।'

ବାହାରକୁ ଆସି ମୁଢ଼ି, କଷା ମାଉଁସ ପାଟିରେ ପକାଇ ପକାଇ ଶରଧାରେ ପଚାରିଲି, 'ରୁଟି ଖାଇବୁ କିରେ ?'

'ଦବୁ ତ ଦେ ବାବୁ! ତର ଛୁଆପିଲାର ପେଟରୁ ବଳୁଛି ଯଦି' ।

ରୁଟି ଓ ଏଲୁମିନିୟମ ପାଇଖାନା ଲୋଟାରେ ପାଣି, ଚୈତନ ଥୋଇଦେଇ ଗଲା । ପାମ୍ପଡ଼ ଚୋବାଇଲା ପରି ରୁଟି ଦୁଇଟା କଡ଼ କଡ଼ ଚୋବାଇ ଢକ ଢକ କରି ପାଣିଲୋଟାକ ପିଇଗଲା ସେ ଏବଂ ଲୋଟାକୁ ପାଉଁଶରେ ମାଜି ସଫା କରିଦେଲା, ଏବଂ ପୁଣି ଚୂନ ଦୋକତା ପାଟିକୁ ପକାଇ ଶେଷ ପ୍ରସ୍ତ କାମ ଧଇଲା ।

କହିଲି, ଦେଖ୍, ମୁଁ ଭାତ ଖାଇବାକୁ ଯାଉଛି । କାଠ ସବୁ ଘର ଭିତରକୁ ବୋହିଦବୁ, ଯଦିଓ କାଠ ବୋହିବା କାମ ତା'ର ନୁହେଁ, ମୋର ।

Digitized by srujanika@gmail.com

ସେ କିନ୍ତୁ ତଢଣେ କହିଲା, 'ଏ ବାବୁ! ମୁଁ କାଟିବି, ତୁ ବୋହିବୁ ? କୁକୁରଟା ବାନ୍ଧିଦେ। କାଠ ଘରଟା ଦେଖା।' ଚୈତନ କୁକୁର ବାନ୍ଧି କାଠ ଘର ଦେଖାଇଦେଲା।

ଗାଧୋଇ ପାଧୋଇ ରବିବାରିଆ ଗରିଷ୍ଠ ଭୋଜନ ପରେ ସିଗାରେଟ୍ ଲଗାଇ ଅଗଣାକୁ ଯାଇ ଦେଖିଲି କାଠ ସବୁ ବଢ଼ିଆ ସଜାହୋଇ ସାଇତା ହୋଇଛି। ବାହାରକୁ ଯାଇ ଦେଖିଲି ଇଞ୍ଚେ ଦି'ଇଞ୍ଚିଆ ଚୁକୁରା କାଠସବୁ ଭିଣି ହୋଇ ପଡ଼ିଛି। ଗୋଟାଇ ଆଣିଲେ ପ୍ରାୟ ଆଠଣାର କାଠ ବାହାରିବ। ବିନା କିରୋସିନୀରେ ଚୁଲୀ ଧରାଇ ହେବ। ନିଜେ ଝୁଡ଼ି ଓ ଖରକା ଆଣି ତା ହାତକୁ ବଢ଼ାଇ ଦେଇ କହିଲି, "ଚେନାଚୋପରା ସବୁ ଭଲ କରି ଖରକି ଗୋଟାଇ ଦେ। କୁକୁର ପାଦରେ ଫୁଟିଯିବ। ସେ ଏଇଠି ଖେଳେ।"

ବିନା ଓବର ଆପତ୍ତିରେ ସେ କାମ ବି ସେ କଲା ଏବଂ ବେଗୁନିଆ ଗଛରୁ ଓଢ଼ଣୀ ଆଣି କୁରାଢ଼ୀ କାନ୍ଧରେ ପକାଇ ଛିଡ଼ା ହେଲା ପାଉଣା ଆଶାରେ।

ଦି'ଖଣ୍ଡି ଦି'ଟଙ୍କିଆ ନୋଟ୍ ତା ହାତକୁ ବଢ଼ାଇ ଦେଇ କହିଲି "ଦେ ଚାରଣା ପଇସା।"

ଅସହାୟ ଚକ୍ଷୁରେ ଚାହିଁ ସେ କହିଲା, "ମର୍ ପାଖରେ ପଇସା କାଇଁ ବାବୁ! ଖାଲି ହାତଟାରେ ତ ସଖାଳୁ ଘରୁ ଆସିଲା।"

ମୋ ଘରେ ଖୁଚୁରା ଯେ ନ ଥିଲା ତା ନୁହେଁ କିନ୍ତୁ ପଞ୍ଚସ୍ତରି ପଇସା ଦେଉଛି କିଏ ? କହିଲି, "ଗୋଟାଏ ନୋଟ୍ ନେଇ ବଜାରରୁ ଭଙ୍ଗେଇ ଆଣ।"

"ଆଜ ରଇବାର ପରା ବାବୁ! ଦୁକାନବଜାର ସବୁ ବନ୍ଦ ଯେ। ଚାରଣା ପଇସା ଥାଉ ମର ଉପରେ। ଆର ମାସକୁ କଟେଇ ନବୁ।"

"ନା ନା, ସେ କଥା ହବ ନାହିଁ। ତୁ ଆସିବୁ ନ ଆସିବୁ କି ବିଶ୍ୱାସ!"

ହାଣ୍ଡିଆ ଖାଇଲେ ଆଖି ଯିମିତି ଲାଲି ହୁଏ ସେମିତି ଆଖିରେ ମୋ ଆଡ଼କୁ ଚାହିଁ ଯୁଗ ଯୁଗର ସଞ୍ଚିତ ଚାପା କ୍ରୋଧ ବିସ୍ଫୋରଣକରି ସେ କହିଗଲା, "କି କହିଲୁ ବାବୁ! କି ବିଶ୍ୱାସ! ଏତେବେଳ ଯାଏଁ ମତେ ଟେକାଟେକି କରି ଭୁଲେଇ ଚୁକେଇ ତର ସବୁ କାମ ଆଦାୟ କରି ନେଲୁ। ମର ଜମିଜାଇଗା ବି ସବୁ ତୁମରମାନେ ନେଲା, ମର ନ କରିବା କାମ ବି କରିଦେଲି। ଦୁଇଟା ଶୁଖିଲା ରୁଟି ଦେଲୁ ଯେ ଭାବିଛୁ ଢେର ଦେଲୁ। କହୁଛୁ 'କି ବିଶ୍ୱାସ!' ଆମର କି ମଣିଷ ନାଇଁ ବଣର ଭାଲୁ ହୋଇଛି ? ପଇସାରେ ବଡ଼ ନୁଜି ଦେଖେଇ ହେଇଛୁ। ମୁଁ ତର ଚାଲାକି ସବୁ ବୁଝୁଛି। ନେ ତର ପଇସା।"

ନୋଟ୍ ଦୁଇଟା ମୋ ଆଡ଼କୁ ଫଡ୍‌ଫାଡ୍ ଫୋପାଡ଼ି ଦେଇ ମୁହଁ ଥମ ଥମ କରି ଏକମୁହାଁ ଫାଟକ ପାରିହୋଇ ସଡ଼କ ଧଇଲା।

ତା'ର ରୁଦ୍ରମୂର୍ତ୍ତି ଦେଖି ସେଇ ମୁହୂର୍ତ୍ତରେ ମୁଁ ଉପଲବ୍ଧ କଲି ଏ ଲୋକଟାକୁ ସଜାଗ ସଚେତନ କରି ଚାଳି ଉସୁକାଇ ମୁଁ ବଡ଼ ଭୁଲ୍ କରିଛି। ଯଦି ସେ ବୁଝିପାରିବ ଏ ଯାବତ୍ ତା ପ୍ରତି ମୋର ଆଚରଣ ଓ ବ୍ୟବହାରରେ ଆତ୍ମୀୟତା ବା ଆନ୍ତରିକତା ନ ଥାଇ, ଥିଲା ଖାଲି ସ୍ୱାର୍ଥ ଓ ପ୍ରତାରଣା, ତେବେ ସେ ହୁଏତ ଉତ୍ତ୍ୟକ୍ତ ଓ ଉତ୍‌କ୍ଷିପ୍ତ ହୋଇ ବୁଲି ପଡ଼ିବ।

Digitized by srujanika@gmail.com

ଆଉ ଗୋଟାଏ ଧଅ କାଠଗଡ଼ ରହିଗଲା ଭାବି ଦୁଇକେଜିଆ କୁରାଢ଼ୀରେ ହୁଏତ ମୋର ଛାତି ମୁଣ୍ଡକୁ ଚିରି ଦୁଇଫାଳ କରିଦବ । ଏ ଭୟାବହ ପରିଣତିର କଳ୍ପନାରେ ଆତଙ୍କିତ ହୋଇ ତତ୍‌କ୍ଷଣାତ୍ ଚୈତନ ହାତରେ ନୋଟ୍ ଦୁଇଟା ତାକୁ ଦେବାପାଇଁ ପଠାଇଦେଲି ଏବଂ ଘର ଭିତରକୁ ତରବରରେ ପଶି ଆସି ଧଡ଼୍‌କରି କବାଟ ବନ୍ଦକରି ଦେଲି । ସର୍ବାଙ୍ଗ ଝାଳରେ ବୁଡ଼ି ଯାଇଥାଏ ।

# ଗରିବୀ ହଟାଅ

"ଏୟ୍, ତୁ ସେଇ ଲୋକ ନା ସେଦିନ ସଞ୍ଜବେଳେ ଏଇଠି ବସି ମୋତେ ଡ଼ରାଇଥିଲୁ ?" ବାଡ଼ି ପଛପଟ ଗଡ଼ିଆ ଘାଟର ସିମେଣ୍ଟ ବେଞ୍ଚରେ ବସୁଁ ବସୁଁ ତାକୁ ପଚାରିଲି ।

କିଛି ଉତ୍ତର ଦେଲା ନାହିଁ ସେ । ଟର୍ଚ୍ଚ ଆଲୁଅ ସେଦିନ ସଞ୍ଜରେ ତା' ମୁହଁରେ ଯେଉଁ ମାୟା ରଚିଥିଲା ଆଜି ସକାଳ ନଅଟା ବେଳର ତୀବ୍ର ସୂର୍ଯ୍ୟାଲୋକରେ ତାହା ଅପସରି ଯାଇଥିଲା । ତେଣୁ ଦେହମୁହଁର ସର୍ବମୟ କୁତ୍ସିତତା ଅତ୍ୟନ୍ତ ସ୍ପଷ୍ଟ ହେଉଥିଲା । ଦଣ୍ଡେ ପରେ ଭଲକରି ନିରିଖି ଜାଣିଲି ଏ ନିଶ୍ଚୟ ସେଇ ଲୋକ ।

ଆଖି ଦୁଇଟାରେ ପ୍ରଜ୍ଵଳିତ ବୁଭୁକ୍ଷା ଓ ପିପାସା ସାଙ୍ଗକୁ ଥିଲା ନିର୍ନିମେଷ ଭୟ ଓ ଆତୁରତା । ଜେଲ ଭେନ୍‌ର କଏଦୀଗୁଡ଼ାକ ଯିମିତି ଚିଡ଼ିଆଖାନାର ଅସହାୟ ହିଂସ୍ର ଜାନୁଆରଙ୍କ ପରି ଜୁଳୁଜୁଳୁ ବାହାର ଦୁନିଆଁଟାକୁ (ଯେଉଁ ଦୁନିଆଁଟା ତାଙ୍କୁ ଅପରାଧୀ ବା କ୍ରିଡ଼ାନକ ବୋଲି ବିବେଚନା କରିଛି) ଚାହିଁଥାନ୍ତି ଠିକ୍ ସେମିତି ଆଖିରେ ସେ ମୋ ଆଡ଼କୁ ଚାହିଁଲା, ଚାପା କ୍ରୋଧରେ ମୋ ପ୍ରଶ୍ନର ଜବାବ୍ ନଦେଇ । ଓଠର ଦି' ଚାରିଗଣ୍ଡା ଦାଢ଼ି ଥର ଥର ହେଲା, ମୁଣ୍ଡର ଚୂଳଗୁଡ଼ାକ ଠିଆ ଠିଆ ବେବାଗିଆ ହେଲା । ଚେହେରା ସହିତ ମେଳ ଥିବା ଅପରଛନିଆଁ ଜାଗାଟା ତାକୁ ଅଳିଆଗଦାର ଏକ ଅଂଶ ବା ଏକ ଅପାର୍ଥିବ ପାପଜୀବରେ ପରିଣତ କରିଥିଲା ।

ଦଣ୍ଡେ ପରେ ସାମାନ୍ୟ ମୁଣ୍ଡ ଟେକି ମୋ ଆଡ଼କୁ କଣେଇ ଚାହିଁଲା ଓ ପୁଣି ମୁଣ୍ଡ ତଳକୁ କରି ତା' କାମରେ ଲାଗିଗଲା । ଦାଆଟାଏ ଧରି ଠୁକୁରୁ ଠୁକୁରୁ ପାଉଁଶ-ଅଳିଆ ଗଦାକୁ ସେ ଚିରିଭିଣି ପକାଉଥାଏ, ଯିମିତି ଘୁଷୁରି ବା କୁକୁଡ଼ା ଖାଦ୍ୟପାଇଁ ନିର୍ମମଭାବରେ ଭୂଇଁକୁ ବିଦାରି ଦିଅନ୍ତି । ଟୁକୁରା କାଚଖଣ୍ଡେ ପାଇଗଲେ ତା' ଆଖିରେ ନୂତନ ମୂଲ୍ୟବାନ୍

ଝଙ୍କାର, ୨୪ଶ ବର୍ଷ, ୪ର୍ଥ ସଂଖ୍ୟା, କର୍କଟ ୧୩୭୯, ଜୁଲାଇ ୧୯୭୨ ।

Digitized by srujanika@gmail.com

ପଦାର୍ଥ ପ୍ରାପ୍ତିରେ ଆବିଷ୍କାରକଙ୍କ ଆଖିର ଆଭା ଓ ଜ୍ୟୋତି ଉକୁଟି ଉଠେ। ନବାବିଷ୍କୃତ ସମ୍ପଦକୁ ଆଦରରେ ଗୋଟାଇ ନେଇ ଛିଣ୍ଡା ଅଖାଟାରେ ସେ ପୂରାଇ ଦିଏ। କି ନିଷ୍ଠା, କି ଅଭିନିବେଶ! କି ଅମୂଲ୍ୟ ଦ୍ରବ୍ୟ!

ଦିନେ ମୁହଁସଞ୍ଜରେ ଘରେ ମୁଁ ଏକା ଥାଏ। ପିଲାଝିଲାଏ ମୋତେ ବାରମ୍ବାର କହିଥାନ୍ତି ଘରେ କେହି ନଥିଲେ କିଏ ଗୋଟାଏ ଛାୟାମୂର୍ତ୍ତି ପରି ଘର ଭିତରେ ଘୂରାଫେରା କରେ, ଏ କୋଠରୀରୁ ସେ କୋଠରୀକି ଯାଏ। ପରଦାତଳକୁ ତା' ନଳୀ ଗୋଡ଼ଟା ସ୍ପଷ୍ଟ ଦିଶେ। ଭୂତ, ପ୍ରେତ, ଅଶରୀରିଙ୍କି, ଭୟ କଣ, ବିଶ୍ୱାସ ନଥିଲେ ବି, ଏକୁଟିଆ ଥିଲାବେଳେ ବାଡ଼ି ଦୁଆର ପରଦାଟା ଧୀର ପବନରେ ଦୋହଲିଲେ ମୋତେ ବି ଜଣା ପଡୁଥିଲା ଯିମିତି କିଏ ପ୍ରକୃତରେ ଯା ଆସ କରୁଛି। ବେଳେବେଳେ ଛନକା ବି ପଶୁଥିଲା। ଜଲି ବୋଲି କୁତୀଟା ଗୋଡ଼ ପାଖରେ ଶୋଇଥିବାରୁ ମୋତେ ସେତେ ଏକୁଟିଆ ଲାଗୁ ନଥାଏ। ଟିକିଏ ଅହେତୁକୀ ଭୟ ପଶିଲେ ତା' ସହିତ କଥାବାର୍ତ୍ତା ଆରମ୍ଭ କରି ପଚାରେ "କିରେ ଜଲି। ମଶା କାମୁଡୁଛନ୍ତି ?"

ଗୋଟାଏ ଗଳ୍ପ ଉଭାରୁଥାଏଁ। ହଠାତ୍ ଭୋ ଭୋ କରି ଜଲି ଭୁକି ଉଠିଲା। ଦଡ଼ାମ୍ ଚମକି ପଡ଼ିଲି। ଦେଖିଲି ସେ ସିଧା ଅଗଣା ଦୁଆରକୁ ଗଲା ଏବଂ ତୁହାକୁ ତୁହା ଭୁକିଲା। ପ୍ରଥମେ ଭାବିଲି ବିରାଡ଼ି ବା କଟାଶର ଗନ୍ଧ ବାରିଥିବ। ଉଠିଲି ନାହିଁ। ମୁଁ ନ ଗଲାରୁ ସେ ଫେରି ଆସିଲା ଏବଂ ପୁଣି ଦୁଆରକୁ ଯାଇ ପୁଣି ଭୁକିଲା। ମୁଁ ଭାବିଲି ବୋଧହୁଏ ସେ ମୋତେ ଠାରୁଛି ବାଡ଼ି କବାଟ ଫିଟାଇବା ପାଇଁ ବା ବାହାରକୁ ଯାଇ ଦେଖିବା ପାଇଁ । କୁତୀଟା ବୋଲି ଘରର ସମସ୍ତେ ଛିଛାକର କଲାରୁ ତାକୁ ବିଦାୟ ଦେଇ ତା ପୁଅ ଜୀମ୍‌କୁ ରଖିଛି। ଏବେ କିନ୍ତୁ ଦେଖୁଛି ତା ମାଆ ଯଦି ବାହାର ଲୋକଙ୍କୁ ଦେଖି ଭୁକୁଥିଲା ପୁଅ ମୋତେ ଓ ଘରଲୋକଙ୍କୁ ଭୁକୁଛି।

ଅଗଣାର ଆଲୁଅ ଜାଳି ଟର୍ଚ୍ଚ ଧରି ଜଲି ସାଙ୍ଗରେ ଦୁଆର ପର୍ଯ୍ୟନ୍ତ ଯାଇ ଧୀରେ କବାଟ ଫିଟାଇଲି। ଜଲି ଭିଡ଼ିଗଲା ନଡ଼ିଆଗଛ ଆଡ଼କୁ । ଛାତି ଧପ୍ ଧପ୍ କରୁଥିଲେ ବି ଜଲି ଉପରେ ନିର୍ଭର କରି ଟର୍ଚ୍ଚଟା ଫୁଟାଇଲି । ଦେଖିଲି ପାଚିରୀ କାନ୍ଥକୁ ଲାଗି କଳା ଜୀବଟାଏ । ହାଉଳି ଖାଇବା ଗଳାରେ ଭୟ ଓ ମିଥ୍ୟା ସାହସ ସୂଚାଇ ଚିତ୍କାର କରି ଉଠିଲି "କିଏ ସେ ?" ଭାବିଲି ଚୋରଟିଏ ଧରିଛି, କିନ୍ତୁ ଟର୍ଚ୍ଚ ଆଲୁଅରେ ପର ମୁହୂର୍ତ୍ତରେ ଦେଖିପାରିଲି ଲୋକଟା ଭଙ୍ଗାକାଚ ହାତରେ ଅନୁଭବ କରି କରି ଗୋଟାଇବାରେ ଲାଗିଛି । ସୁନା ଖଣିରେ ଠିକାରେ ଓଭରଟାଇମ୍ ଅଧିକା ମଜୁରି ନେଇ ବି ଏତେ ଆଗ୍ରହ ଓ କର୍ତ୍ତବ୍ୟନିଷ୍ଠା ଦେଖାଇ ଏତେ ସମୟଯାଏ କେହି କାମ କରିବ ନାହିଁ । ଫେର୍ ଖୋଜିବା ଚିଜ କଣ ନା ଭଙ୍ଗା କାଚ! ଯେଉଁଗୁଡ଼ାକୁ ଅତି ସତର୍କ ଓ ସାବଧାନ ହୋଇ ଆମେ ଚଲା ରାସ୍ତାରୁ ଦୂରକୁ ଅନ୍ତର କରିଦେଉଁ, କାଳେ ମାଡ଼ିଦେଲେ ଦୁରାରୋଗ୍ୟ ଧନୁଷ୍ଟଙ୍କାର ବ୍ୟାଧି ଜୀବନକୁ ବିପନ୍ନ କରିଦେବ ।

Digitized by srujanika@gmail.com

ବଢ଼େ ଗାଳି ଦେଲି ଲୋକଟାକୁ । କହିଲି, "ଖବରଦାର! କେବେ ଆଉ ଏମିତି ଅନ୍ଧାରରେ, ଏଠି କ'ଣ କାହା ବାରିପଟେ ବସି ଏ ବେପାର କରିବୁ ନାହିଁ । ଲୋକେ ଭୂତ ପ୍ରେତ ବୋଲି ଚମକି ମରିବେ ନହେଲେ ଚୋର ଭାବି ଥାନାରେ ପୁରାଇବେ। ବୁଝିଲୁ ? ଯାଆ, ପଳା !"

ଆଜି ଫେର ସେଇ ଲୋକ ସେଇଠି । କିନ୍ତୁ ସକାଳେ ଆସିଛି ନଡ଼ିଆଗଛ ମୂଳ ଅଳିଆ ପାଉଁଶଗଦା ଉପରେ ବସି ଏକ ଧ୍ୟାନ ଏକ ମନରେ ଖୋଳାବଛା କାମ କରି ଚାଲିଛି । ମନେ ମନେ ଭାବିଛି ଅଳିଆଗଦାଟା ଭଙ୍ଗାକାଚର ଅସରନ୍ତି ଖଣି । ଲୋକଟା ଖାଣ୍ଟି ବେକାର ନ ହେଲେ ବୃଦ୍ଧ ଅଳସୁଆ କାମଧନ୍ଦା ନ ଥିବାକୁ ଏଇ ଅପରଛନିଆ ଜାଗାଟାରେ ସକାଳ ସନ୍ଧ୍ୟା ବସି ଠୁକ୍‌ଠାକ୍ କରି ଚାଲିଛି । ତା'ର ସମୟର ମୂଲ୍ୟ ନାହିଁ କି କାମର ବି ମୂଲ୍ୟ ନାହିଁ । କୌତୁହଳ ହେଲା ତା ବିଷୟରେ କିଛି ଜାଣିବା ପାଇଁ ।

ବହୁଦିନ କ୍ରମାଗତ ବର୍ଷା ପରେ ଆଜି ରବିବାର ସକାଳଟାରେ ଗାଡ଼ିଆକୂଳର କାଶତଣ୍ଡୀ ଫୁଲର ମେଳାରୁ ଶରତ୍‌କାଳର ଆଗମ ଜଣାପଡୁଥାଏ । କାଳୀମନ୍ଦିର ସାମ୍ନା ତାଳଗଛରେ ବସା ବାନ୍ଧିଥିବା ବାଇଚଢ଼େଇଗୁଡ଼ାକ ଥରକୁ ଥର ଉଡ଼ି ଆସି କାଶ ଫୁଲର ଅଗଗୁଡ଼ାକ ଚୁଙ୍କି ଥଣ୍ଟରେ ଧରି ବ୍ୟସ୍ତରେ ଉଡ଼ିଯାଉଛନ୍ତି, ଛୁଆଙ୍କ ପାଇଁ ନରମ କୁଶନ ଶେଜ କରିବେ ଏବଂ ଛୁଆଙ୍କୁ ଝୁଲାଇ ଝୁଲାଇ ଶୁଆଇବେ, "ବାୟାର କି ଯାଏ ବାଆ କଲେ ବସା ଦୋହଲୁଥାଏ" ଗୀତ ଗାଇ ।

ଅପରପାର୍ଶ୍ୱ ଘାଟରେ ଲୁଗାପଟା ସଫାକରି ଆରାମରେ ନିର୍ମଳ ଜଳରେ ସ୍ନାନ ପରେ ଲୋକେ ମନ୍ଦିରମୁହାଁ ହେଲେଣି । ସର୍ବତ୍ର ସଫେଦ୍ ପ୍ରତି ଶ୍ରଦ୍ଧା ଥିଲେ ବି ମୋ ଆଖି ସାମ୍ନାର ଲୋକଟାର ସେଥିପ୍ରତି ଆଗ୍ରହ ଭ୍ରୂକ୍ଷେପ ନାହିଁ । ଏକେ ତ କଳା ଦୁଜେ ଧୂଳିମଳି ପାଉଁଶ ପ୍ରଲେପ ବୋଳା । ଦାଆ ଖଣ୍ଡିକରେ ଅଇଁଠାପତ୍ର, ପୋଡ଼ା କୋଇଲା, ପାଉଁଶ, ଭଜା ହାଣ୍ଡିଖପରା, ପିଲାପିଲିଙ୍କ ଗୁହଲେଣ୍ଡଆ ଏପାଖ ସେପାଖ ଖେଳାଇ ଚାଲିଛି । କେତେବେଳେ କିମିତି ଭଙ୍ଗା ଆଇନାଟିଏ, ଗିଲାସ ଟୁକୁରାଟିଏ, କେଉଁ ସଦ୍ୟବିଧବାର ଭଙ୍ଗାଚୁଡ଼ି ଖଣ୍ଡେ ମିଳିଯାଉଛି ତ ଅଖା ଭିତରକୁ ସେ ପୂରାଇ ଦେଉଛି । କଳ ପରି ତା ହାତ । କେତେବେଳେ ଚୋର ପରି, କେତେବେଳେ ବୋକା ପରି ଆଉ କେତେବେଳେ ପାଗଳ ପରି ଦିଶୁଛି ।

ପଚାରିଲି, "ସେ ଦିନ ତ ଅଣ୍ଡାଳି ଦରାଣ୍ଡି ସବୁତକ ନେଇଯାଇଛୁ । ପାଞ୍ଚ ସାତ ଦିନରେ ଏତେ କାଚ କାହା ଘରେ ଭାଙ୍ଗିବ ଯେ ତୁ ପୁଣି ଖୋଳାଖୋଳି ଆରମ୍ଭ କରି ଦେଇଛୁ ? ଏଇଟା କ'ଣ କାଚଭଙ୍ଗା ବୋତଲର ଖଣି ? ଆହୁରି ଅଛି ଭାବିଛୁ ?"

ଖୁବ୍ କ୍ଷୀଣ ସ୍ୱରରେ କିନ୍ତୁ ଆତ୍ମପ୍ରତ୍ୟୟ ସହିତ କହିଲା "ଅଛି" । ପ୍ରମାଣ ଦେବା ପାଇଁ ବୋତଲର ମୁହଁ ଖଣ୍ଡିଏ ଉଠାଇ ଠଣ୍ଠାଣ୍ କରି ବୋରା ଭିତରକୁ ଫୋପାଡ଼ି ଦେଲା ।

Digitized by srujanika@gmail.com

"ଏସବୁ ନେଇ କ'ଣ କରୁ ?"

"ବଜାରରେ ବିକେ ।"

"କିଏ କିଣେ ?"

"ମହାଜନ ଅଛି ।"

"କିମିତି ଦାମ୍, ଦର ।"

"କିଲ ଦର । କେଉଁଦିନ କିମିତି । ପାଞ୍ଚପଇସା, ଛଅ ପଇସା, ଜିନିଷ ଦେଖି ଦାମ ।"

"ଦିନକରେ କେତେ ପାଉ ?"

"ଟଙ୍କାଏ ଦେଢ଼ ଟଙ୍କା ।"

କାମ ବନ୍ଦ କରେ ନାହିଁ । ଠୁକ୍ ଠୁକ୍ ଶବ୍ଦର ଅନ୍ତବର୍ତ୍ତୀ କାଳରେ ସେ ପ୍ରଶ୍ନଟା ଶୁଣେ, ପରେ ଅନ୍ତବର୍ତ୍ତୀ ମୁହୂର୍ତ୍ତଗୁଡ଼ାକରେ ତା'ର ଉତ୍ତର ଦିଏ । ଜଣାପଡୁଥାଏ ଯିମିତି ମୋ ପ୍ରଶ୍ନଗୁଡ଼ାକ ତା' ପକ୍ଷରେ ଅବାନ୍ତର, ଅଯଥା ତା' କାର୍ଯ୍ୟରେ ବାଧା ବ୍ୟାଘାତ ସୃଷ୍ଟି କରୁଛି । ତା' ଛଡ଼ା ତା' ବ୍ୟକ୍ତିଗତ ଜୀବନ ଜୀବିକା ଓ ସ୍ୱାଧୀନତା ଭିତରେ ଅପରର ଅନୁପ୍ରବେଶ ବୋଧହୁଏ ସେ ଆଦୌ ପସନ୍ଦ କରୁନଥାଏ । ଗରିବଙ୍କ ଜୀବନକାହାଣୀ ପ୍ରତି ଧନୀଲୋକଗୁଡ଼ାକର କୌତୂହଳ ସେମାନଙ୍କ ଆତ୍ମଶ୍ଲାଘା ଓ ଆତ୍ମତୁଷ୍ଟିର ପରିବୃଦ୍ଧି ନିମନ୍ତେ । ତଥାପି ଯେଣୁ ସେ ମୋ ଅଳିଆଗଦାରୁ ଧନ ବା ଦାନାପାଣି ସଂଗ୍ରହ କରୁଛି, ମୋ ପ୍ରତି କୃତଜ୍ଞତା ଜଣାଇବାରେ ସେ ତ୍ରୁଟି କରିବା ଅପରାଧ ବୋଲି ମୁଁ ବିବେଚନା କରୁଥାଏ ।

ଦେଖିଲି, କାଚଖଣ୍ଡଗୁଡ଼ାକୁ ଗଣ୍ଠି ଓ ତାଳିଦିଆ ଅଖା ଭିତରକୁ ଫୋପାଡ଼ିବା ସଂଗେ ସଂଗେ ଖଣ୍ଡେଖଣ୍ଡେ ଦରପୋଡ଼ା କୋଇଲା ମଧ ପାଉଁଶ ଅଳିଆ ଭିତରୁ ମିଳିଲେ ଉଠାଇ ନେଉଛି, ମାତ୍ର ନିଜେ ସେଗୁଡ଼ାକ ନ ରଖି ଝାଡ଼ିଝୁଡ଼ି ଦେଇ ନଡ଼ିଆଗଛ ଆଡ଼କୁ ଫୋପାଡ଼ି ଦେଉଛି । ପ୍ରଶ୍ନୋତ୍ତର ଜରିଆରେ କର୍ମଚାରୀମାନେ ଯିମିତି ପରିବାରର ଇତିହାସ ସଂଗ୍ରହ କରନ୍ତି ସେଇ ରୀତି ଅନୁସରଣ କରି ପରବର୍ତ୍ତୀ ପ୍ରଶ୍ନ ପଚାରିଲି "ଘରେ କେତେ ପ୍ରାଣୀ, କୁଟୁମ୍ବ ?"

ବୋକାଙ୍କ ପରି ଚାହିଁଲା ମୋ ଆଡ଼କୁ । ପ୍ରଶ୍ନଟା କଷ୍ଟ ହେଲା ବୋଧହୁଏ । ସହଜ କରି ଦେଇ ପଚାରିଲି, "ଘରେ ଖାଇବାକୁ କେତେ ଜଣ ?"

ଉତ୍ତର ଦେଲା, "ଇଏ, ମାଆ ଆଉ ଭଉଣୀ ।"

ଏତେବେଳଯାଏ ଜାଣିନଥିଲି ତା' ସାଙ୍ଗରେ ଆଉ ଜଣେ କେହି ଅଛି ବୋଲି । ବେଞ୍ଚରେ ପଛପଟକୁ ଆଉଜି ବେକ ଲମ୍ବାଇ ନଡ଼ିଆ ଗଛ ଆରପାଖକୁ ଚାହିଁଲି । ପାଉଁଶ ଗଦା ଓ ନଡ଼ିଆଗଛ ଗଣ୍ଡିର ସମାନ ରଙ୍ଗର ଲୁଗା ପିନ୍ଧି ସେ ଇମିତି ନିସ୍ତବ୍ଧ ନିଶ୍ଚଳ ହୋଇ ବସିଥିଲା ଯେ, ଜଣା ଯାଉଥିଲା ଯିମିତି ସେ ବି ଧରିତ୍ରୀର ଏକ ପ୍ରାକୃତିକ ଅଙ୍ଗ ।

Digitized by srujanika@gmail.com

'ଇୟେ' ଶବ୍ଦଟା ଶୁଣି ସେ ସାମାନ୍ୟ ଚଳପ୍ରଚଳ ହେଲାରୁ ମୁଁ ଜାଣିଲି ସେ ବି ଗୋଟାଏ ଜୀବ ।

ଦରପୋଡ଼ା କୋଇଲାଖଣ୍ଡ ସବୁ ଗଛର ଅନ୍ୟ ପାଖ ପାଉଁଶଗଦାରୁ ସଂଗ୍ରହ କରୁଥିଲା 'ଇୟେ' ଏବଂ 'ସିଏ' କାଚ ସାଙ୍ଗକୁ ମିଳୁଥିବା ଦରପୋଡ଼ା କୋଇଲାଗୁଡ଼ାକ 'ଇୟେ' ଆଡ଼କୁ ଫୋପାଡ଼ି ଦେଉଥିଲା । ଦରଭଙ୍ଗା ଆମ୍ବଝୁଡ଼ି ଗୋଟାକରେ ସେସବୁ ସଂଗ୍ରହ କରୁଥିଲା 'ଇୟେ' ।

ଅନାବନା ଡ଼ାହାଣୀ ଲଟିକୁ ଲାଗି ସେ ବସିଥିଲା । କୋଇଲା ପାଉଁଶ ବୋଳି ହୋଇଥିବାରୁ ତା' ଦେହରେ ସ୍ୱାଭାବିକ ରଙ୍ଗ ବାରିହେଉନଥିଲା । 'ଇୟେ' ପିନ୍ଧିଥିଲା ମୋଟା ମସିଆ ଧୋତିଟାଏ ଯାହାର ଧଡ଼ିର ନାଲି ଗାରଟା ଅନବରତ ବ୍ୟବହାରରେ ଫିକ୍‌କା ପଡ଼ି ଯାଇଥିଲା । ଜଣାପଡୁଥିଲା 'ସିଏ' ଯିମିତି ଅଳିଆ ଗଦାରୁ ଟୁକୁରାଏ କନା ଅକସ୍ମାତ୍ ପାଇ ନିଜେ ପିନ୍ଧି ଦେଇଛି ଏବଂ ନିଜେ ପିନ୍ଧିଥିବା ଛ'ଗଜୀ ଧୋତିଟାକୁ ପାଲଟି 'ଇୟେ'କୁ ପିନ୍ଧିବାକୁ ଦେଇଛି ।

ମୁଁ ତାକୁ ଦେଖିବାକୁ ଯେତେ ଆଗ୍ରହୀ ଓ କୌତୂହଳୀ ନଥିଲି 'ଇୟେ' ମୋତେ ଦେଖିବାକୁ ତା'ଠାରୁ ବହୁତ ବେଶୀ ଉତ୍‌ସୁକ ଥିଲା । ମୋତେ ଭଲକରି ଦେଖିବାପାଇଁ ସେ ଛିଡ଼ାହେଲା । ମୋ ପେଟର ତ୍ରିବଳି, ସ୍ତନଦ୍ୱୟର ଅସ୍ୱାଭାବିକ ଅଭିବୃଦ୍ଧି ଓ ଦେହର ପାଚିଲା ଆମ୍ବ ପରି ରଙ୍ଗ ସାଙ୍ଗକୁ ବ୍ରିଲକ୍ରୀମ୍ ଦିଆ ଚହଟଚିକ୍କଣ ଚୂଳ ତା' ଆଖିର ବିସ୍ମୟ ସୃଷ୍ଟି କଲାପରି ସ୍ପଷ୍ଟ ଜଣାପଡୁଥିଲା । ଚିଡ଼ିଆଖାନାର ମଖମଲଦେହୀ ବାଘଗୁଡ଼ାକୁ କେହି ଦର୍ଶକ ଏତେ ନିର୍ନିମେଷ ନୟନରେ ଅନାଇ ନ ଥିବେ ।

କ'ଣ ଭାବିଲା କେଜାଣି ଧୀରେ ଧୀରେ ବୁଲି ଆସି ଗାଧୁଆ ଘାଟର ପାହାଚ ଡ଼େଇଁ ଗଡ଼ିଆ ପାଣିରେ ଗୋଡ଼ ହାତ ଭଲକରି ଧୋଇଲା ଏବଂ ମୋ ସାମ୍ନା ବେଞ୍ଚରେ ମୁହାଁମୁହିଁ ନିର୍ବିକାର ବସିଗଲା । ମୋ ପାଦ ଦୁଇଟା ଆରାମରେ ବାଟା ଚପଲରେ ରହିଥିଲା ବେଳେ ତା ଛୋଟ ଗୋଡ଼ଦୁଇଟା ବେଞ୍ଚର ଅଧା ଅଧିରେ ଝୁଲୁଥାଏ, ଭୂଇଁ ପହୁଞ୍ଚିବାକୁ ପ୍ରାୟ ଛଅଇଞ୍ଚ ଥାଏ । ବେଞ୍ଚକୁ ଉଠିବା କଷ୍ଟସାଧ ହେବାରୁ ସେ ହାତରେ ଭରା ଦେଇ ଛୁଆଙ୍କ ପରି ହାମୁଡ଼େଇ ଉଠିଥିଲା । ଦେଖିଲି ତା' ହାତରେ ଦାଆ କଟୁରୀ କିଛିନାହିଁ, ଆଙ୍ଗୁଳିରେ ବା କାଠ ଖଣ୍ଡିକରେ ସେ କୋଇଲାଖଣ୍ଡ ବାଛୁଥିଲା ।

ତା'ର ଚୂଳ ଓ ଆଖିରୁ ଅନୁମାନ କଲି 'ଇୟେ' ଝିଅ, ପୁଅ ନୁହେଁ । ବୟସ ଦଶ କିଏଗାର ହୋଇପାରେ ଆକର ପ୍ରକାର ଅନୁସାରେ । ଗାଲ ଦୁଇଟା ଫୁଲ୍‌କା ଫୁଲ୍‌କା, ରକ୍ତକଣିକା ବା ଚର୍ବିର ପ୍ରାଚୁର୍ଯ୍ୟରୁ ନୁହେଁ ପୁଷ୍ଟିହୀନତା ଓ ଶୋଥଯୋଗୁଁ, ଦେହରେ ଜଳକଣିକାର ଆଧିକ୍ୟ ଯୋଗୁଁ । ହୁଏତ ଚିପିଦେଲେ ଆଙ୍ଗୁଳି ପଶିଯିବ । ଦେହଯାକରେ ସୁନ୍ଦର ବୋଉ ଥିଲା ଆଖିଯୋଡ଼ିକ । ଗୋଲଗାଲ, ଛୋଟ ଜୁଳୁଜୁଳୁ । ଇରାନୀ ଝିଅର ଆଖି ପରି ନୀଳ । ମୁହଁ ହସିଲା ପରି ନୁହେଁ କି କାନ୍ଦିଲା ପରି ନୁହେଁ । ଛୋଟ ଛୁଆଟି

Digitized by srujanika@gmail.com

ପରି ବସି ନିପଲକ ଆଖିରେ ଚାହିଁଥାଏ ମୋ'ରିଆଡ଼େ । ଜଣାପଡୁଥାଏ ଯିମିତି ସେ ଚାହେଁ କେହି ତାକୁ ଟିକିଏ ଶରଧା କରୁ, ପଦେ ମଧୁର କଥା କହୁ । ତେଣେ କାଚ ଗୋଟାଉଥିବା ଲୋକଟା ତା'ର ଏ ଆଚରଣକୁ କେଉଁ ଆଖିରେ ଦେଖିବ ସେ କଥା ସେ ଆଦୌ ଭାବୁନଥିଲା ପରି ଜଣାପଡୁଥିଲା ।

ବହୁତ ଗବେଷଣା ପରେ ଏତକ ଜାଣିଲି ଯେ 'ଇୟେ' ପୁଅ ନୁହେଁ ଝିଅ । ତେବେ ଲୋକଟା ସହିତ ତାର ସମ୍ପର୍କ କ'ଣ ? ସାନ ଭଉଣୀ ? କିନ୍ତୁ ଚେହେରା, ରଙ୍ଗ କାହିଁରେ କୌଣସି ସୌସାଦୃଶ୍ୟ ନ ରହିବ କିମିତି ? ଭାବିଲି କିଏ ଦୂରସମ୍ପର୍କିତା ଭଉଣୀ, କି ଶାଳୀ, କି ଭାଣିଜୀ ହୋଇପାରେ । ତା ବିଷୟରେ ମୋର କୌତୂହଳର ତୁରନ୍ତ ଅବସାନ ପାଇଁ ମୁଁ ଅନୁଚ୍ଚ ଗଳାରେ ପଚାରିଲି, "ସିଏ ତୋର କ'ଣ ହୁଏ ?" ଆଦୌ ସମୟ ନ ନେଇ ଲାଜ ଲାଜ ଭାବ ନ ଦେଖାଇ କହିଲା, "ସିଏ ମୋତେ ବାହା ହୋଇଛି ।" ମୋର ପରବର୍ତ୍ତୀ ପ୍ରଶ୍ନ ହେଲା 'ତୁମ ଜାତିରେ କ'ଣ ଏତେ ସାନବେଳୁ ବାହାଘର ହୁଏ ?" ସେ ଏ ପ୍ରଶ୍ନର କିଛି ଉତ୍ତର ଦେଲାନାହିଁ । ପାଖରେ ପଡ଼ିଥିବା ଚାରିପାଞ୍ଚଟା ମଲା ଗେଣ୍ଡା ଖୋଳପାରୁ ଏକାଠି କରି ଛୋଟ ଛୋଟ ଝିଅମାନେ ଯିମିତି ପାପୁଲି ଏପଟ ସେପଟ କରି ଗୋଡ଼ି ଖେଳନ୍ତି ସିମିତି ତା ଟିକି ଟିକି ହାତରେ ଫୋପଡ଼ା ଫୋପଡ଼ି କରି ଖେଳ ଆରମ୍ଭ କରିଦେଲା ଯିମିତିକି ଦୁନିଆରେ ତା'ର ଦାୟିତ୍ୱ ବୋଲି କିଛି ନଥିଲା ।

ପଚାରିଲି, "ଦରପୋଡ଼ା କୋଇଲା ସବୁ କ'ଣ କର ?" ପ୍ରଶ୍ନର ଉତ୍ତର ଜଣାଇଥିଲେ ବି ପଚାରିଲି ।

"ସିଏ ବଜାରରେ ନେଇ ବିକିଦିଏ, ବେଶୀ ହେଲେ ।" ଗେଣ୍ଡାଖୋଳପା ଖେଳ ଚାଲିଥାଏ, ସେ ମୋ ପ୍ରଶ୍ନର ଉତ୍ତର ଦେଉଥାଏ । ଦୈବାତ୍ ବଡ଼ ଖୋଳପାଟିଏ ଛୋଟ ହାତପାପୁଲି ପିଠିରେ ନ ରହି ତଳକୁ ଗଡ଼ିଗଲା । ବେଞ୍ଚରୁ କଷ୍ଟେମଷ୍ଟେ ଓହ୍ଲାଇ ନଇଁପଡ଼ି ଗୋଟାଇବାକୁ ଯିମିତି ସେ ହାତ ବଢ଼ାଇଛି ସିମିତି ମୋଟ ବହଳ ଧୋତିଟା ତା' ଉପର ଦେହରୁ ତଳକୁ ଗୋଟିକଯାକ ଖସିଗଲା ।

କି ଆଶ୍ଚର୍ଯ୍ୟ ! ସୁସ୍ଥ ବିବାହିତ ଯୁବତୀର ପଦ୍ମକୋଷରେ ଅଭିଲୀନ ଭ୍ରମରର ଭ୍ରମ ସଞ୍ଚାର କରୁଥିବା ପଦ୍ମଯୋଡ଼ିକ ଗଲା କୁଆଡ଼େ ? କେବଳ ବଡ଼ ବଡ଼ ଭ୍ରମର ପରି ଯୋଡ଼ିଏ ଚୁଚୁକାଗ୍ର । କାଳିଦାସଙ୍କ ପୁରାଣପ୍ରସିଦ୍ଧା ରୋମାଣ୍ଟିକ୍ ନାୟିକାର ପଙ୍କଜ ବନରେ ବଡ଼ଜେନାଙ୍କ ମାର୍ଜାରମୁଖୀର ଦିଓଟି ଗୁବାକ ବା 'ଇୟେ' ଖେଳୁଥିବା ଯୋଡ଼ାଏ ଗେଣ୍ଡା ଆସିଲା କେମିତି ? ତରୁଣୀ ନାରୀ ପ୍ରତି ଭଗବାନଙ୍କର ଏ କି ବିଦ୍ରୂପ ! ଯେତିକି ବିଭତ୍ସ ସେତିକି କରୁଣ । ଏତେ କମ୍ ବୟସ ଅଥଚ ବିଚିତ୍ର ଦେଶ ଆମର । 'ସୋନା' ସାଗରେ କେଉଁଠି ଛୋଟ ଛୋଟ କଲମୀ ଗଛରେ ବଡ଼ ବଡ଼ ଆମ୍ବ ଆଉ କେଉଁଠି ନଡ଼ିଆ ସ୍ଥାନରେ ଗୁବାକ, କି ବିଡ଼ମ୍ବନା ।

"କେତେ ବର୍ଷ ହେଲା ତୁମେ ବାହା ହୋଇଛ ?" ପଚାରିଲି ।

Digitized by srujanika@gmail.com

"ଚାରି"

ଆଉ ଗବେଷଣା ଅନୁସନ୍ଧାନ କରିବାକୁ ଇଚ୍ଛାହେଲା ନାହିଁ । ଏତିକି ହୃଦ୍‌ବୋଧ ହେଲା ନାନା ବିପ୍ଳବ ବିକ୍ଷୋଭ ପରେ ମାନବଜାତି ଯେତେ ଯେତେ 'ବାଦ' ପ୍ରତିଷ୍ଠା କରିଛି ବା ପ୍ରଭୂତ ଅଧବସାୟ ଓ ତ୍ୟାଗ କରି ଯେତେ ଯେତେ ବୈଜ୍ଞାନିକ ଆବିଷ୍କାର ଓ ଉଦ୍ଭାବନ କରିଛି ତା'ର ସୁଫଳ ମାନବଜାତିର ଅନେକ ଭାଗ ଲୋକ ପାଇନାହାନ୍ତି । ଗାନ୍ଧୀ, କାର୍ଲମାର୍କସ୍, ମାଓ, ସବୁଜ ବିପ୍ଳବ ବା 'ହରମୋନ' ଆମର ଅସହାୟ ଅବସ୍ଥାକୁ ଦୂର କରିନାହାନ୍ତି ।

ଭାବିଲି ଏ ଦୁଇଟାକୁ କୌଣସିମତେ କିଛି ସାହାଯ୍ୟ ଦେଇପଠାଇ ଦେଲେ ଦୁଶ୍ଚିନ୍ତା ଯାଆନ୍ତା, କରୁଣ ଦୃଶ୍ୟ ମର୍ମଭେଦୀ ହୁଅନ୍ତା ନାହିଁ । କିଛି ଖାଦ୍ୟ ପଦାର୍ଥ ବା କିଛି ପଇସା ଦେଇ ବିଦା କରିଦେଲେ ତ ହୁଅନ୍ତା । ନା, ନା, ଦେଶରେ ଆଳସ୍ୟ ବଢ଼ିବ, ଭିକ୍ଷାବୃତ୍ତି ଉତ୍ସାହିତ ହେବ, ପରମୂହୂର୍ତ୍ତରେ ଭାବିଲି ।

ହଠାତ୍ ମନେପଡ଼ିଲା ମୁଁ ତ ଜଣେ ପୁଞ୍ଜିପତି, ଅନ୍ତତଃ ବୋତଲରେ; ଫମ୍ପା ବୋତଲର ମୁଁ ଜଣେ ବେଙ୍କର । ଧାର ଉଧାର ଦାନଦକ୍ଷିଣା ଯେତେ ଦେଲେ ବି ମୋ ପୁଞ୍ଜି ଅସରନ୍ତି । ଖୋଜିବସିଲେ ଶହ ଶହ ଅଦରକାରୀ ବିଭିନ୍ନ କିସମର ଶିଶି ବୋତଲ ବାହାରି ପଡ଼ିବ ।

ଭଙ୍ଗା ଟୁକୁରା କାଚ ଅପେକ୍ଷା ଗୋଟା କାଚ ବୋତଲ ଦାମ୍ ହୁଏତ ବେଶୀ ହୋଇପାରେ।

ଚୈତନକୁ ଡ଼ାକିଲି। ବଡ଼ ବଡ଼ ଲୋକଙ୍କ ଜୀବନ ଚରିତରେ ଯିମିତି କୁହାଯାଇଥାଏ "ସେ ଏକାଧାରରେ କବି, ଚିତ୍ରକାର, ସଙ୍ଗୀତଜ୍ଞ ଓ ଯୋଦ୍ଧା ଥିଲେ" ସିମିତି ଚୈତନ ସମ୍ପର୍କରେ କହିଲେ କୁହାଯିବ "ସେ ଏକାଧାରରେ ପୂଜାରୀ ଚାକର, ଗାଈଦୁହାଁଳି, ସାଥୀ ଓ ପୁତ୍ର ଆଦି।" ସେ ବଜାରରୁ ଫେରି ରବିବାରିଆ ମାଂସ କଷିବାକୁ ଆରମ୍ଭ କରିଦେଇଥିବାର ଜାଣିପାରିଲି, ମହକରୁ।

'ଇୟେ'କୁ ପଚାରିଲି, "ଗୋଟା ଶିଶି ବୋତଲ ନବ।"

'ଇୟେ' 'ସିଏ'କୁ ପଚାରିଲା ମୋ ପ୍ରଶ୍ନଟାକୁ ତା'ଠାର ବା ଭାଷାରେ ରୂପାନ୍ତରିତ କରି ଏବଂ ସଙ୍ଗେ ସଙ୍ଗେ ଉତ୍ତରଟା 'ରିଲେ' କରିଦେଲା। "ହଁ ନବା। ପଇସା ଆଣିନି। ବଜାରରେ ବିକି ପଇସା ଦେଇଦେବା।"

ପଚାରିଲି, "ବୋତଲ ଗୋଟା ଦରରେ ନବ ବା ଓଜନ ଦରରେ।"

ପୁଣି 'ଇୟେ' 'ସିଏ'କୁ ପଚାରିଲା। ଉତ୍ତର ମିଳିଲା "ଓଜନରେ, କିଲ ପାଞ୍ଚପଇସା।"

ଟିଣ ଡ଼ବା ଆଉ ଶିଶି ବୋତଲଗୁଡ଼ାକ କାଳକ୍ରମେ ଗୃହସ୍ଥଙ୍କୁ ବୋଝ ହୋଇପଡ଼ିଛନ୍ତି। ଏ ସବୁ ରଖିବାପାଇଁ ଜାଗା ଦରକାର। ଫୋପାଡ଼ି ଦେବା ସମ୍ଭବ ହୁଏ ନାହିଁ। କାରଣ ଫମ୍ପା ହେଲେ ବି ଦେଖିବାକୁ ସୁନ୍ଦର। ଠିକ୍ ସମୟରେ ଗରାଖ ମିଳନ୍ତି ନାହିଁ। ମିଳିଲେ

Digitized by srujanika@gmail.com

ବା ଯାଚିକରି ବିକ୍ରି କଲେ ଏତେ କମ ଦାମ୍ ମିଳେ ଯେ ବିକିବାକୁ ଇଚ୍ଛା ହୁଏ ନାହିଁ। ଟଙ୍କାଏ ଟିଣକୁ ପଚିଶି ପଇସାରେ, ଆଠଣା ଶିଶିକୁ ଦଶପଇସାରେ କିଏ ବିକିବ ? ବରଂ ଘରେ ପଡ଼ିଥାଉ।

ମାଂସରେ ପାଣି ଢ଼ାଳି ଡେକ୍‌ଚିରେ ଢ଼ାଙ୍କୁଣି ଦେବାର ଶବ୍ଦ ଶୁଭିଲା। ଧୂଆଁରେ ଆଖି ଲାଲ ଛଳ ଛଳ କରି ଚୈତନ ଆସି ଠିଆହେଲା ଆଦେଶ ଅପେକ୍ଷାରେ। ସତର ଅଠର ବର୍ଷର ଟୋକା। ନିଶ ଗାରେ ସ୍ପଷ୍ଟ। ଯାତ୍ରା ଥିଏଟର୍ ସିନେମା ଦେଖେ। ସିସିରି ଫୁଙ୍କି ସିନେମା ଗୀତର ସ୍ୱର ଦିଏ। ମୋର ଅଠରଇଞ୍ଚିଆ ଢ଼ିଲା ପେଣ୍ଟକୁ କଟାକଟି କରି ନଅଇଞ୍ଚିଆ ନଳି କରି ପିନ୍ଧେ। ସ୍ତ୍ରୀଲିଙ୍ଗ ଦେଖିଲେ ତା' ଛାତି ଧଡ଼ପଡ଼ ହେବା ସ୍ୱାଭାବିକ୍, ମାତ୍ର ଦେଖିଲେ 'ଇୟେ'କୁ ଦେଖି ତା'ର କୌଣସି ସ୍ନାୟବିକ ପ୍ରତିକ୍ରିୟା ହେଲା ନାହିଁ। ଥରେ ଚାହିଁ ଅଦରକାରୀ ଚିଜ ବୋଲି ମୁହଁ ଫେରାଇ ମୋ ଆଡ଼କୁ ଚାହିଁଲା। ସେ ଭାବିଥିଲା ମୁଁ କଫି ବା ହରଲିକ୍‌ସ ବରାଦ କରିବି ଏବଂ ପ୍ରତିଦିନ ପରି ଗଡ଼ିଆ ଘାଟରେ ପାନୀୟ ଉପଭୋଗ କରିବି।

ପଚାରିଲି, "ଚୈତନ! କାଚ ବୋତଲ ସବୁ ବଜାରକୁ ନେଇ ବିକିବାକୁ କହିଥିଲି। ବିକି ଦେଇଛୁ ନା ଅଛି ?"

ଦୋଷୀ ଅପରାଧୀର ଗଳାରେ ସେ କହିଲା "ଅଛି ?"

ମୁଁ ବୁଝିଗଲି। ସେ ବିକିବାକୁ ନେବ ନାହିଁ। କାରଣ ଚପଲ ଲଗାଇ, ନଳୀପେଣ୍ଟ ପିନ୍ଧି, ମଫସଲ ହାଟରେ କିଣା ଗୋ-ଗୋ ଗ୍ଲାସ୍ ଆଖିରେ ଦେଇ ଶିଶି ବୋତଲଭରା ଅଖାଟାଏ କାନ୍ଧରେ ପକାଇ ବଜାରକୁ ଗଲେ ତା'ର ମାନସମ୍ମାନ ଉପରେ ଆଞ୍ଚ ଆସିବ। ବଜାରରେ ତା'ର କେତେ ସାଙ୍ଗସାଥୀ ଚିହ୍ନା ପରିଚୟ ଚପରାଶି ଅଛନ୍ତି। କିଏ ସଙ୍ଗାତ ତ କିଏ ମଇତ୍ର। କାହା ବାବୁ କାହା ସାଇବ କେତେ ବଡ଼ ସେ ବିଷୟରେ ସେମାନଙ୍କ ପ୍ରତିଯୋଗିତା ଚାଲେ। ବାବୁ ବଡ଼ ତ ଚପରାଶି ଚାକର ବଡ଼। ପୁଣି ଚତୁର୍ଥ ପାହିୟା କର୍ମଚାରୀ ଘରକାମ କରୁଛି ଦେଖିଲେ ସଂଘର ସଭାପତି ବିଗିଡ଼ିଯିବେ। ବୋତଲବିକା ପଇସାରେ ମୋର ଲୋଭ ନଥିଲା। ସେଇ ପଇସାରେ ହୁଏତ ପୂଜାକୁ ତା' ପାଇଁ ହାଫ୍‌ପେଣ୍ଟଟାଏ କରି ଦେଇଥାନ୍ତି।

କହିଲି, "ତୁ ଛେଳା ବୋହି ବଜାରକୁ ଯିବୁ ନାହିଁ, ଏଇ ତ ? ବେଶ୍। କେଉଁଠି ଅଛି ସବୁ ଆଣି ଜମା କର।"

ଚୈତନ କହିଲା, "ଏଇଠି ସବୁ ଅଛି, ମୁଁ ଜମାକରି ରଖିଛି। ପାଚିରୀ କଣର କାଠବାକ୍‌ସଟାରେ ଆଉ ପୁରୁଣା ଫଟା ବଡ଼ ପାଣିଟବ୍ ଭିତରେ।"

ମୁଁ 'ଇୟେ'କୁ କହିଲି, "ଆ ବୋତଲ ନବୁ ପରା। ଡ଼ାକ୍ ତାକୁ।"

'ଇୟେ' 'ସିଏ'କୁ ଡ଼ାକିଲା। ଅଗଣାକୁ ଯାଇ କଣରେ ଥିବା ଆବର୍ଜନାକୁ ହାତ ବଢ଼ାଇ କହିଲି "ନିଅ, କେତେ ନେଉଛ ନିଅ। ଚୈତନ । ବଡ଼ ବୋରାଟାଏ ଦେ ତ।"

Digitized by srujanika@gmail.com

ଚୈତନ ବଡ଼ ବୋରାଟାଏ ତାଙ୍କ ଆଡ଼କୁ ଫୋପାଡ଼ି ଦେଲା । 'ସିଏ' ଗୋଟାକୁ ଗୋଟା ଶିଶି ବୋତଲ ବାହାର କରି 'ଇଏ୍ଏ' ହାତକୁ ବଢ଼ାଇ ଦେଉଥାଏ । ପ୍ରତିଟି ଅଖାଭିତରେ ପୂରାଇବା ପୂର୍ବରୁ 'ଇଏ୍ଏ' ଠିପି ଖୋଲି କେଉଁଟାରେ କଣ ଥିଲା ତାହା ଶୁଙ୍ଘି ପୁଣି ଠିପି ବନ୍ଦକରି ଅଖାରେ ପୂରାଉଥାଏ । ଜିନ୍, ବିଅର ବୋତଲଗୁଡ଼ାକ ସଙ୍ଗେ ସଙ୍ଗେ ଅଖାକୁ ଫୋପାଡ଼ି ଦିଏ, କିନ୍ତୁ ବ୍ରିଲ୍‌କ୍ରିମ୍ ବା କୋଲଗେଟ୍ ବୋତଲରୁ ଟୋପାଏ ଦୁଇଟୋପା ତେଲ ମିଳିଗଲେ ଜୀବନରେ କେବେ ତେଲ ଲାଗିନଥିବା ଚୁଳରେ ବୋଳିଦିଏ । ସସ୍ ବା ଜେଲି ବା ଜାମ୍ ବା ସିରାପ୍ ବୋତଲରୁ ଯାହା ମିଳେ ତାକୁ ଆଙ୍ଗୁଳିରେ ପୋଛିନେଇ ଜିଭରେ ଚାଟିଦିଏ । ସିଏ, ମନେ ମନେ ବୋତଲ ସଂଖ୍ୟା ଗଣୁଥିଲା, ମୋ'ରି ତରଫରୁ ହୁଏତ ମୁଁ କହିଲି, "ଗଣିବା ଦରକାର ନାହିଁ ।"

ଦଣ୍ଡେ ଛିଡ଼ା ହୋଇ ଚୈତନ ଦେଖିଲା କିମିତି ମାନସମ୍ମାନ ଜଗିବାକୁ ଯାଇ ଯାହା ସେ ହରାଇଲା ତାହା ଅନ୍ୟ ଜଣକ (ଦୁଇତିନି ଜଣଙ୍କ)ର ପେଟ ପୋଷିବାକୁ ଯାଉଛି । ତା'ପରେ ନିଜକୁ ଧିକ୍‌କାର ଓ ସେ ଦିହିଁଙ୍କ ଈର୍ଷା କରି ରାଗରେ ଗର୍ ଗର୍ ହୋଇ ମାଂସରେ ନୈନିତାଳ ଆଳୁ ପକାଇବାକୁ ବାହାରିଗଲା ।

'ସିଏ' ଅଖା ଉଠାଇ କାନ୍ଧରେ ପକାଇ ଆଗେ ଆଗେ ଚାଲିଲା ବାଡ଼ିଦୁଆର ଦେଇ ବଜାରମୁହାଁ । 'ଇଏ୍ଏ' ଯିମିତି ତା' ପଛେ ପଛେ ଯିବାକୁ ଉପକ୍ରମ କଲା ମୁଁ ଭାବିଲି ଦୁହେଁଯାକ ଯଦି ଆଗପଛ ହୋଇ ଚାଲିଯିବେ ତେବେ ମୁଁ ସବୁ ହରାଇ ବସିବି ସିନା । ମୁଁ ପଚାରିବାକୁ ଯାଉଥିଲି "କଅଣ । ତୁ ବି ଯିବୁ ତା' ସାଙ୍ଗରେ ? ନା, ନା, ସେ ଚଳାକି ପଟିବ ନାହିଁ ।" 'ଇଏ୍ଏ' ବୁଲିପଡ଼ି ପୁଣି ସେଇ ସିମେଣ୍ଟ ବେଞ୍ଚ ଉପରକୁ ଉଠିଗଲା ଏବଂ ଗେଣ୍ଡା ଖୋଳପା ଖେଳ ଆରମ୍ଭ କରିଦେଲା । ମୋ ଆଡ଼କୁ ଏମିତି ଚାହାଁଣି ଦେଲା ଯହିଁରୁ ମୁଁ ବୁଝିଲି, "ଡ଼ରିବୁ ନାଇଁ ବାବୁ । ମୁଁ ଏଇଠି ବସିଛି 'ସିଏ' ଫେରିବା ଯାଏ, ବନ୍ଧା ପଡ଼ିଛି ତୋ ପାଖରେ ।" ଛୋଟଲୋକିରୁ ରକ୍ଷା ପାଇଗଲି ଭାବି ମନେ ମନେ ତାକୁ ଧନ୍ୟବାଦ ଦେଲି ।

ଦଣ୍ଡେଯାଏ ଦୁହେଁ ମୁହାଁମୁହିଁ ଚୁପ୍‌ଚାପ ବସିବା ପରେ ଆରମ୍ଭ କଲି "ଘର କେଉଁଠି ?"

ଗୋଟାଏ ଦିଗକୁ ହାତ ବଢ଼ାଇ 'ଇଏ୍ଏ' କହିଲା, "ସେଇ ଯେ ସରକାର ବାବୁର ବସା ଦେଖୁଛୁ ତା'ରି ବାଡ଼ି କୁଣରେ ଆମର ଘର କରିଛି ।"

"ନିଜ ଘର ନା ସରକାର ବାବୁର ?"

ପ୍ରଶ୍ନଟା ବୁଝିଲା ନାହିଁ । କହିଲା ଆମର ତିଆରି କରିଛି ଝାଟିମାଟିରେ । ତା'ର ବାଗାନ୍ ଜଗିବା ବୋଲି ଜାଗାଟା ଦେଇଛି ସରକାର ବୁଢ଼ା ।"

"ଘରେ ଆଉ କିଏ ଅଛି ?"

"ଏ ବାବୁ! ତୁ କେଡ଼େ ଚଟ୍ ଭୁଲି ଯାଉଛୁ ।" ସିଏ କହିଲା "ତତେ ଟିକେ ଆଗରୁ ଆଉ ଭଉଣୀ ଅଛି ବୋଲି କହିଥିଲି ଯେ ।"

Digitized by srujanika@gmail.com

ଟିକିଏ ଘନିଷ୍ଠତା ଦେଖାଇ ପଚାରିଲି, "ତୋତେ ସିଏ ଭଲ ପାଏ ?"

"ନାଇଁ, ତା'ର ମାଆ ଭଉଣୀ କଥାରେ ଚାଲେ।"

ଗେଣ୍ଡାଖୋଳ ଦେଖୁଁ ଦେଖୁଁ ମନେପଡ଼ିଲା ଆଉ ଗୋଟାଏ ପ୍ରଶ୍ନ। ଟିକିଏ ଅଭଦ୍ରାମି ଓ ଅସଭ୍ୟତାର ପରିଚୟ ଦେଲେ ବି ପ୍ରଶ୍ନଟାର ଉତ୍ତର 'ଇୟେ' ଦେବାକୁ କୁଣ୍ଠାବୋଧ କରିବନି ବା ଗାଳି ଗୁଲଜ କରିବନି ଭାବି ପଚାରିଦେଲି "ତୋର ଛୁଆପିଲା ହେଇନି ?"

"ହେଇଥିଲା ଗୁଟେ, ଗଲା ଖରାଦିନରେ ମରିଗଲା, ପୁଅଟା, ଦୁଧ ଦେଲେ ସିନା ବଞ୍ଚିବ। ଖାଇତେ ପେଜ ବି ମିଳିଲା ନି। ଦୁଧ ଶୁଖିଗଲା। ପାଣିରେ କେତେଦିନ ବଞ୍ଚିବ ? ରଥଯାତରା ଦିନ ମରିଗଲା !"

କଥାଗୁଡ଼ାକ କହିଲାବେଳେ ତା' ଆଖିରେ ଆର୍ଦ୍ରତା ନଥିଲା ବା କୌଣସି ଶୋକର ଚିହ୍ନ ପ୍ରକାଶ ନଥିଲା। ମାତୃତ୍ୱ ତା' ହୃଦୟରୁ ଶୁଖି ଯାଇଥିଲା। ସ୍ତନ୍ୟପାନ କରୁଥିବା ଶିଶୁର ଟହଟହ ମୁଖ ତା'ର ମନେପଡୁନଥିଲା। ସଭ୍ୟ ଅଭିଜାତ ଦୁନିଆଁର ଭାବପ୍ରବଣତାର ଲେଶ ନଥିଲା ସେତେବେଳେ ତା' ପାଖରେ।

ପ୍ରଶ୍ନଟା ନ ପଚାରିବା ଉଚିତ୍ ଥିଲା ଭାବିଲି। ଅପରର ଜୀବନ ସମ୍ବନ୍ଧରେ ଅତି ବେଶୀ ଅନୁସନ୍ଧିତ୍ସାର କୁଫଳ ମିଳିଗଲା ମୋତେ। ବନ୍ଧା ପଡ଼ିଥିବା 'ଇୟେ'କୁ ଜଗିବା ଦ୍ୱାରା ମୁଁ ଯେ ସେମାନଙ୍କ ପାଖରେ ବନ୍ଧା ପଡ଼ିଛି ଏ ଭାବ ମନରେ ଉଦିତ ହେଲାମାତ୍ରେ ମୁଁ ଉଠିଆସିଲି ଘର ଭିତରକୁ। ବରଂ 'ଇୟେ' ଆଉ ସିଏ ବୋତଲଦାମ ନେଇ ଖସି ଯାଆନ୍ତୁ।

ଖବରକାଗଜର ରବିବାସରୀୟ ମେଗାଜିନ୍ ବିଭାଗରୁ ବ୍ରିଜ୍ ଟିପ୍‌ପଣୀ ପଢ଼ିସାରି ଗାଧୁଆପାଧୁଆ କରିବାକୁ ଯାଉଛି ବାରିପଟୁ ଠକ୍ ଠକ୍ ଶବ୍ଦ ଶୁଭିଲା। ମନେପଡ଼ିଲା 'ଇୟେ' ଆଉ 'ସିଏ' ସହିତ ଶିଶିବୋତଲ ବିକା-କିଣା କରିବାର କାରବାର। ବାହାରକୁ ଯାଇ ଦେଖିଲି 'ଇୟେ' ସିମେଣ୍ଟ ବେଞ୍ଚରେ ଯେଉଁଠି ବସିଥିଲା ସେଇଠି କାଠପୁତୁଳି ପରି ବସିଛି। ନଡ଼ିଆଗଛ ମୂଳ ଅଳିଆଗଦାରେ 'ସିଏ' ବସି ଯିମିତି କାଚ ବାଛୁଥିଲା ସିମିତି ଖୋଳାତଡ଼ାରେ କଳପରି ଲାଗିଯାଇଛି। ଏତେ କାଚ ଦେଲି, ସନ୍ତୋଷ ନାହିଁ। ଭରତଙ୍କ ଅଭିଶାପ !

ପାଖକୁ ଯାଇ ଦେଖିଲି ବାଆଁ ପାପୁଲିଟି ବେଞ୍ଚରେ ପାତି 'ଇଏ' ବସିଛି। ପାପୁଲିର ଛୋଟ ଛୋଟ ରେଖାକୁ କିୟଦଂଶ ଢ଼ଙ୍କାଇ ପଡ଼ିଛି ଗୋଟିଏ ନେହେରୁ ମାର୍କା ପଚିଶ ପଇସି, ପାଖକୁ ଲାଗି, କଳ୍ପିତ ରାମରାଜ୍ୟର ଧାନଶୀଷାଁ ଥିବା ପଚିଶ ପଇସିଟିଏ। ଠିକ୍ ଯେମିତି 'ସିଏ' ଆଉ 'ଇୟେ' ଲଗାଲଗି ହୋଇ ବସିଥିଲେ ଦିଶିଥାନ୍ତେ। ପାଉଁଶ ଅଙ୍ଗାରରେ କାଳିଝିଆ ପାପୁଲିଟା ଉପରେ ଅଶୋକଚକ୍ର ଧାନକେଣ୍ଡା ଚିହ୍ନିତ ମୁଦ୍ରା ସୁନ୍ଦର ଦିଶୁଥାନ୍ତି। ମୋର ଅନୁମାନ ହେଲା 'ଇୟେ' ସେଇଠି ସେଇ ଭଙ୍ଗୀରେ ଘଣ୍ଟା ଘଣ୍ଟା ବସିଲାଣି, ସିମିତି ଅନନ୍ତକାଳ ପର୍ଯ୍ୟନ୍ତ ବସିଥିବ ହୁଏତ।

Digitized by srujanika@gmail.com

ମୁଁ ପାପୁଲି ଆଡ଼କୁ ଚାହିଁ ତା ମୁହଁକୁ ଅନାଇଲି । ସେଠି ଚିନ୍ତା ଭାବନା ବା ଅନୁଭୂତିର କିଛି ପ୍ରକାଶ ଦେଖିଲି ନାହିଁ । ନିଷ୍ପଳ ଡ଼ୋଳାଦୁଇଟାକୁ ଥରେ ମାତ୍ର ମୋ ଆଡ଼କୁ ବୁଲାଇ ପୁଣି ପାପୁଲି ଆଡ଼କୁ ଫେରାଇନେଲା । ଯହିଁରୁ ମୁଁ ବୁଝିଲି "ତୁ ଯେଉଁ ଶିଶିବୋତଲ ଆମକୁ ବିକିବାକୁ ଦେଇଥିଲୁ, ସେଥିରୁ ଏତିକି ମିଳିଛି, କେତେ ନବୁ ନେ, କେତେ ଦବୁ ଦେ ।"

ଏତେ କମ୍ ଦାମରେ ପ୍ରାୟ କୋଡ଼ିଏ କିଲୋ ନିଶୁନ ଅଭଙ୍ଗା କାଚ ବିକ୍ରି ହେବ ଏ ଧାରଣା ମୋର ନଥିଲା । ଯିମିତି ଭାବରେ ପାପୁଲିରେ ଆଠଣି ଚାରଣିକୁ 'ଇୟେ' ସଜାଇ ରଖିଥିଲା ସେଥିରୁ ମୋତେ ସ୍ପଷ୍ଟ ଇଙ୍ଗିତ ମିଳୁଥିଲା ଯିମିତି ମୁଁ ଆଠଣିଟା ନେଇ ତାଙ୍କୁ ପରିଶ୍ରମ ବାବଦ୍ ଚାରଣିଟା ଦେବି । ବଡ଼ ଅଡୁଆ ପରିସ୍ଥିତିରେ ପଡ଼ିଲି ।

ପାଞ୍ଚଦଶ କିଲୋ ଓଜନର ସାମାନ୍ୟ ବୋଝଟାଏ ପ୍ଲାଟଫର୍ମରୁ ରିକ୍ସା ଷ୍ଟାଣ୍ଡ ପାଖକୁ ଏମିତିକି ୱେଟିଂ ରୁମ୍‌ର ବାହାରକୁ ନେଲେ ଦୁଇତିନିମିନିଟ୍‌ରେ କଟକର ରେଳବାଇ କୁଲି ଚାଳିଶ ପଇସା ପାଏ । ୟାଙ୍କୁ ଚାରିଅଣା ଦେବି କିମିତି ?

ମୁଁ ଯେତେବେଳେ କ'ଣ ଦେବି କ'ଣ ନେବି ଦ୍ୱନ୍ଦ୍ୱ ଦେଇ ଗତି କରୁଛି, 'ଇଏ' ସ୍ଥାଣୁ ନିର୍ବିକାର ହୋଇ ପାପୁଲି ପାତି ଏକା ଧ୍ୟାନରେ ମୋ ଆଡ଼କୁ ଚାହିଁ ନିଷ୍ପତ୍ତିର ଅପେକ୍ଷା କରୁଥାଏ । ଭାବିଲି ତା' ମୁଦ୍ରା ତା' ହାତରେ ଥାଉ । ଆଠଣି ଚାରଣିଟାଏ କେତେଥର ହୁଏତ ପକେଟ୍‌ରୁ ରୁମାଲ କାଢ଼ିଲା ବେଳେ ଗଳି ପଡ଼ିଥିବ ବାଟଘାଟରେ । ମୁଦ୍ରା ଦୁଇଟା ପୁଣି ଏତେକମ୍ ଦାମର ଯେ ଫାଣ୍ଟା ବୋତଲରେ ପିଇଲେ କୋକାକୋଲାକୁ ନିଅଣ୍ଟ ହେବ । ଘର ଭିତରକୁ ପଶି ଆସିଲି ।

ଅଗଣାରେ ଦଣ୍ଡେ ବୁଲାବୁଲି କଲି । କୁକୁଡ଼ାପଲ୍ଲଙ୍କ ଆଡ଼େ ଚାହିଁଲି, କାଳେ କିଛି ନିଷ୍ପତ୍ତି ଚିର ବୁଭୁକ୍ଷୁ ଗୁଡ଼ାକ ଦେଇପାରିବେ କି ନା କାହିଁ କିଛି ସୂଚନା ପାଇଲିନାହିଁ । ଏକତରଫା ନିଷ୍ପତ୍ତି ନେଲି ସେମାନଙ୍କୁ ଚାରିଣିଟା ଦେବି କାରଣ 'ସିଏ' ନିଶ୍ଚୟ ବୋତଲ ବିକା ପଇସାରୁ ବେଶ୍ କିଛିଭାଗ ମାରି ନେଇଥିବ । ଏତେଗୁଡ଼ାଏ ଶିଶି ବୋତଲର ଦାମ୍ କ'ଣ ମାତ୍ର ପଞ୍ଚସ୍ତରି ପଇସା ! ଲୋକଟାର ଚେହେରା ସୁବିଧା ନୁହେଁ, ସାଧୁତା ସଚ୍ଚରିତ୍ରତା ବା କୃତଜ୍ଞତାର କାହିଁ କିଛି ଲକ୍ଷଣ ନାହିଁ । ତା'ଛଡ଼ା 'ଇୟେ'କୁ ସେ ଭଲପାଏ ନାହିଁ, ଯନ୍ତ୍ରଣା ଦେଉଥିବ ବୋଧହୁଏ ।

ବାହାରକୁ ଗଲି । 'ଇୟେ' ସିମିତି ବସିଛି । ସେଇ ଏକା ଭଙ୍ଗୀ । ଆଠଣି ବା ଚାରିଣିରୁ ଗୋଟାଏ କିଛି ନ ନେଲାଯାଏ ସେ ହାତ ପାପୁଲି ବନ୍ଦ ହେବ ନାହିଁ ଦେଖୁଛି । ହାତବଢ଼ାଇ ଆଠଣିଟା ଉଠାଇବାକୁ ଯାଉଥିଲି ଆଙ୍ଗୁଳି ଦୁଇଟା ଆପେ ଆପେ ପଚିଶି ପଇସିଟାକୁ ଉଠାଇ ନେଲେ । 'ଇୟେ'ର ପାପୁଲି ବନ୍ଦ ହୋଇଗଲା, ଛୁଇଁଲା ମାତ୍ରେ ଲାଜକୁଳିର ମେଲା ପତର ବନ୍ଦ ହେଲା ପରି ବା ଫଳ ମିଳିଲେ ଗର୍ଭାଶୟରେ ମୁହଁ ଆପେ ବନ୍ଦହେଲା ପରି ମୋ ଆଡ଼କୁ ଚାହିଁ ତୃପ୍ତି ଓ କୃତଜ୍ଞତାର ଚାହାଣି 'ଇୟେ' ଦେବ ଭାବି ତା' ଆଖି

Digitized by srujanika@gmail.com

ଆଡ଼କୁ ଚାହିଁଲି । କିଛି ସୂଚନା ପାଇଲି ନାହିଁ । ବରଂ ଭୟ ଓ ଆଶଙ୍କାର ଅସ୍ପଷ୍ଟ ରେଖା ମୁହଁରେ ଖେଳୁଥିବାର ଲକ୍ଷ୍ୟ କଲି ।

ଟିକିଏ ଆଶ୍ୱସ୍ତି ଲଭି ଭିତରକୁ ଆସିଲି । ଲେଖା ଟେବୁଲର ସବୁଜ କଭର ଉପରେ ପଚିସି ପଇସିକୁ ଥୋଇ ଦେଲି । ବାକ୍ସ ଭିତରର ପାଣ୍ଠି ସହିତ ମିଶାଇବାକୁ ମନ ବଳିଲା ନାହିଁ, ହାତ ଗଲା ନାହିଁ । ଗାଧୋଇବା ପୂର୍ବରୁ ଓ ପରେ ଖାଇବା ପୂର୍ବରୁ ଯେତେବେଳେ କୋଠରୀ ଭିତରକୁ ପଶିଲି ଦେଖିଲି 'ଇୟେ'ର ଛୋଟ ଆଖିଭଳି ଚାରଣିଟି ମୋ ଆଡ଼େ ଚାହିଁ ଯେମିତି କହୁଛି କ'ଣ କରିବୁ କର, ଏଠି ସର୍ବସାଧାରଣ ଜାଗାରେ ମୋତେ ଲଙ୍ଗଳା ଫୁଙ୍ଗୁଳା କରି ଶୁଆଇ ରଖିଛୁ କାହିଁକି ? ଚୈତନ ହାତକୁ ବଢ଼ାଇଦେଲେ ସବୁକଥା ଶେଷ ହୁଅନ୍ତା, ମାତ୍ର ବାରମ୍ବାର କହିବା ସତ୍ତ୍ୱେ ସେ ଶିଶିବୋତଲ ସବୁ ବଜାରକୁ ବିକିବାକୁ ନେଇ ନାହିଁ । ଅନ୍ୟର ପରିଶ୍ରମଲବ୍ଧ ଧନ ତାକୁ ସମର୍ପିବି କାହିଁକି ? ଦୋଦୋମନା ହୋଇ ଇତସ୍ତତଃ ହେଉଥାଏ । ଚୈତନକୁ ଦେଖିଦେଲି ସାଇକେଲ ବାହାର କରୁଛି । ତା' ଆଡ଼କୁ ଲକ୍ଷ୍ୟକରି ଚାରଣିଟାକୁ ଜୋରରେ ଫୋପାଡ଼ି ଦେଲି । ସେ ଦାନ୍ତ ନିକୁଟି ଆନନ୍ଦରେ ଉଠାଇନେଲା । ଯଥାଲାଭ ।

ପରଦିନ ସକାଳେ ବାଡ଼ି ଦୁଆରକୁ ଯାଇ ଦେଖେଁ 'ସିଏ' ତା' କାମ ଆରମ୍ଭ କରିଦେଇଛି 'ଇୟେ' ନଡ଼ିଆମୂଳ ଅଳିଆଗଦାର ଆସ୍ଥାନକୁ ନ ଯାଇ ସିମେଣ୍ଟ ବେଞ୍ଚରେ କାଲି ଯେଉଁଠି ବସିଥିଲା ସେଇଠି ବସିଛି । ପାଖକୁ ଯାଇ ଦେଖିଲି ଗୋଟାଏ ରାତି ଭିତରେ ତା'ର ଚେହେରାର ଅଭାବନୀୟ ଦୁର୍ଗତି ଘଟିଛି । ନୁଖୁରା ଚୂଳଗୁଡ଼ାକ ଅତି ମାତ୍ରାରେ ଅବିନ୍ୟସ୍ତ ବିପର୍ଯ୍ୟସ୍ତ, ବିମଳିନ ଗାଲ ଦୁଇଟାରେ ଗୁଡ଼ାଏ ନଖ ବା ଦାନ୍ତ ବା ଆଙ୍ଗୁଳିର ଦାଗ । ଆଖି ଦୁଇଟା ପେଜୁଆ ।

ଶୁଭିବା ନ ଶୁଭିବା ସ୍ୱରରେ ପଚାରିଲା "ବାବୁ, ଆଉ ବୁତଲ ଅଛି ?" ମୁଁ କହିଲି 'ଥିବ' । ପଚାରିଲି, "ଚେହେରା ଏମିତି ହେଲା କାହିଁକି ? ରାତିରେ ଖାଇ ନାହୁଁ କିଛି ? ପଇସା ନେଇଥିଲ ଯେ!" ଖୁବ୍ ବିକଳ କଣ୍ଠରେ ଉତ୍ତର ଦେଲା "ନାଇଁ ବାବୁ! ଢ଼େର ପଇସା ତତେ ଠକେଇ କରିଥିଲା । ରାତିରେ ମଦ ଖାଇ ସବୁ ଉଡ଼ାଇ ଦେଲା, ମତେ ବହୁତ ମାରିଛି । ଏଇ ଦେଖ ।" କହି ଗାଲ ଦୁଇଟାକୁ ଆଙ୍ଗୁଳିରେ ଦେଖାଇ ଛାତିର ସେଇ ମୋଟା ମସିଆ ଦାଗ ଦାଗ ଲୁଗାଟାକୁ ଖୋଲିଦେଇ କହିଲା, "ଏଇ ଦେଖ, ଏଇ ଦେଖ ବାବୁ!"

"ଥାଉ ଥାଉ, ଆଉ ଦେଖିବା ଦରକାର ନାହିଁ" କହି କହି ପଛକୁ ଘୁଞ୍ଚି ଯାଉ ଯାଉ ଦେଖିଲି 'ଇୟେ'ର ଖେଳିବା ଗେଣ୍ଡା ଖୋଳପା ଦୁଇଟା ମାଡ଼ି ମକଚି ହୋଇଯାଇଛି । ରକ୍ତର ଦାଗ ବି ...

ଅଫିସ୍ ବେଳ ହୋଇଯାଇଛି ଭାବି ତରବର ହୋଇ ଘରକୁ ଯାଉଁ ଯାଉଁ 'ଇୟେ'କୁ ପଚାରିଦେଲି, "କାଲି ଏତେ ମାଡ଼ ଖାଇଲୁ ଆଜି ଫେର୍ ଆସିଲୁ ଯେ!"

Digitized by srujanika@gmail.com

ଚୁପେ ଚୁପେ ବିଶ୍ୱାସରେ ସେ କହିଲା, "ବାବୁ! ମୋତେ ସାଙ୍ଗରେ ଆଣିଛି ଆହୁରି କାଚବୋତଲ ତୋ ପାଖରୁ ମାଗେଇ ଦେବି ବୋଲି।" ତଦ୍ଦଣ୍ଡେ ଯୋଡ଼ିଲା, "ଏ ବାବୁ! ତତେ ଜୁହାର ହେଉଛି ଆଉ ତାକୁ ଶିଶିବୋତଲ ଦବୁ ନାହିଁ। ଫେର ପିଇବ, ମାରିବ, ମରିଯିବି।"

ଯନ୍ତ୍ରଣାରେ ଛଟପଟ ହେଉଥାଏଁ। ସେତିକିବେଳେ ଚୈତନକୁ ସାମନାରେ ଦେଖିଲି। ଦୁଃଖ ଅନୁଶୋଚନା ଏଡ଼ାଇବାକୁ ଯାଇ ଖାମଖିଆଲ ପ୍ରଶ୍ନଟାଏ ତାକୁ ପଚାରି ଦେଲି "କିରେ! କାଲି ରାତି ସିନେମା ଯାଇଥିଲୁ ପରା ? କି ଛବି ଦେଖିଲୁ ? କେମିତି ଲାଗିଲା ?" ଲମ୍ବା ଚଉଡ଼ା ହସ ମୁହଁରେ ଖେଳାଇ ଚୈତନ କହିଲା "ବଢ଼ିଆଁ ହେଲା ବାପା! ମେରେ ନାମ ଜୋକର। ଖୁବ୍ ଭିଡ଼। ସେହି ବୋତଲବିକା ଚାରିଅଣିଟା ଅଧିକ ଦେଇ ବ୍ଲାକ୍‌ରେ ଟିକଟଟା ପାଇଗଲି। ବଢ଼ିଆ ଫିଲିମ। ହସି ହସି ପେଟ ବଥା କରିଗଲା।"

'ଇୟେ'ର ଖେଳନା ସେଇ ଗେଣ୍ଡାଖୋଳପା ଦୁଇଟା ଅଜାଣତରେ ଭାଙ୍ଗି ଦେଇଥିବାରୁ ଆଉ ରାତାରାତି ଚୈତନର ଚାରିଛଅଟା ଡ୍ରେଗନ୍ ଦାନ୍ତ ଗଜୁରାଇବାରେ ସାହାଯ୍ୟ କରିଥିବାରୁ ଦିନଯାକ ମନଟା କିମିତି କିମିତି ଲାଗିଲା। ସେଇଦିନ ରାତି ବୋତଲ-ବେଙ୍କରେ ଲାଲବତୀ ଜଳୁଥିଲା।

# ଓଇ ଛେଲେଟା

"କି ଗୋ! ଓଇ ଛେଲେଟା ଆସ୍‌ବେ ତ ? ଏତ ବଡ଼ ବିୟେର ବାଡ଼ି।" ଶ୍ରୀମତୀ ସରକାର ପଚାରିଲେ।

ଓଡ଼ିଆ ସେ ବେଶ୍, ସ୍ପଷ୍ଟ ଭଲ କହନ୍ତି। ବଙ୍ଗାଳୀ ସାହିର ଆଉ ଆଉ ମାଉସିନିଆଁଙ୍କ ପରି ସେ 'ଣ'କୁ 'ନ', 'ଳ'କୁ 'ଲ' ବା 'ଋ' କୁ 'ରି' ଉଚ୍ଚାରଣ କରନ୍ତି ନାହିଁ। ତାଙ୍କ ପାଟିରୁ ଓଡ଼ିଆ ଶୁଣିବାକୁ ଖୁବ୍ ଭଲ ଲାଗେ, ଲତା ମଙ୍ଗେସକର ଗଳାରେ ବଙ୍ଗଳା-ସଙ୍ଗୀତ ଭଳି। ଗଳାଟା ତାଙ୍କର ଖୁବ୍ ମିଠା, ଦରଦଭରା ତାଙ୍କ କଥାଗୁଡ଼ାକ। କେତେବେଳେ କିମିତି ସ୍ୱାଭାବିକ୍ ଆବେଗରେ ପଦେ ଅଧେ ବଙ୍ଗଳା ସେ କହିଲେ ବି ଆମକୁ ଖରାପ ଲାଗେ ନାହିଁ। ଆପତ୍ତି ବି ନ ଥାଏ, କିନ୍ତୁ ତାଙ୍କ ସ୍ୱାମୀ ଏ ଦେଶର ପାଣି ପବନ, ପିମ୍ପୁଡ଼ିବାସ ଚାଉଳ, ଆଉ ଇଲିସି ମାଛରେ ତିନି ପୁରୁଷ ଧରି ରହିଲେ ବି ଓଡ଼ିଆ କହନ୍ତି ନାହିଁ। କହି ଯେ ନ ପାରିବେ ତାହା ନୁହେଁ, କହନ୍ତିନାହିଁ, କେବେ ଚେଷ୍ଟା ବି

ଝଙ୍କାର ୨୪ଶ ବର୍ଷ, ବିଷୁବ ସଂଖ୍ୟା, ମେଷ ୧୩୭୯, ଅପ୍ରେଲ ୧୯୭୨ ।

Digitized by srujanika@gmail.com

କରନ୍ତି ନାହିଁ। ପ୍ରତ୍ୟେକ ବଙ୍ଗଳା ଛବି ଦେଖନ୍ତି। ଗୋଟିଏ ହେଲେ ଓଡ଼ିଆ ଛବି ଦେଖିନାହାନ୍ତି। କଟକ ଷ୍ଟେସନ୍ କେତେ ମିଟରରେ ଧରେ ଜାଣନ୍ତି ନାହିଁ। କଲିକତା ତାଙ୍କର ମେକ୍କା। ହୁଏତ ସେ ଆଡ଼କୁ ମୁହଁକରି ପ୍ରାର୍ଥନା କରୁଥିବେ, "ଏମନ ଦେଶଟି କୋଥାୟ ଖୋଜେ ପାବେ ନା ଗୋ ତୁମି।"

"କି ଗୋ। ଶୁନ୍‌ଛ? ଓଇ ଛେଲେଟା ଆସ୍‌ବେ ତ?" ପୁଣି ସେଇ ପ୍ରଶ୍ନ। ବିବାହ ପ୍ରସଙ୍ଗ, ପ୍ରସ୍ତାବ, ନିର୍ବନ୍ଧ ଆଦି ପ୍ରତ୍ୟେକ ସ୍ତର ଓ ଅବସରରେ ତିନିବର୍ଷ ଧରି ତାଙ୍କର ସେଇ ପ୍ରଶ୍ନ, 'ଓଇ ଛେଲେଟା ଆସବେ ତ?'

"ଆସ୍‌ବେ, ଆସ୍‌ବେ, ଜରୁର ଆସ୍‌ବେ।" ମୁଁ ଜୋର ଦେଇ ପାଟିକରି (ସେ ଟିକିଏ ବଡ଼ଶୁଣା) ଉତ୍ତର ଦେଲି ତାଙ୍କୁ ଶୁଣାଇବା ପାଇଁ, ତାଙ୍କ ମନରେ ପ୍ରତ୍ୟୟ ଆଣିବା ପାଇଁ। ତା'ଛଡ଼ା ମୋର ଅନ୍ୟ ଉପାୟ ବା ଉତ୍ତର ନଥିଲା।

ଶ୍ରୀମତୀ ସରକାରଙ୍କ ସହିତ କଥାବାର୍ତ୍ତା କଲାବେଳେ ମୁଁ ମଝିରେ ପଦେଅଧେ ବଙ୍ଗଳା କହିଦିଏ। ହୀନମନ୍ୟତାର ଲକ୍ଷଣ ହେଲେ ବି ମୁଁ ଯେ ତାଙ୍କ ଭାଷା ଜାଣେ, ଭଲ କହିପାରେ ତା'ର ପ୍ରମାଣ ସ୍ୱରୂପ। ସେ ଆମ ଭାଷା କହୁଥିବାରୁ ତାରି ପ୍ରତିଦାନ ସ୍ୱରୂପ। ସଂହତି ତଥା ଭାବ ବିନିମୟର ଏହା ଗୋଟାଏ ମୌଳିକ ସୂତ୍ର। ଜଣେଅଧେ କଲିକତୀ ଓଡ଼ିଆ ଭାଇ ଖଡ଼ଗପୁର ପର୍ଯ୍ୟନ୍ତ ବଙ୍ଗଳାରେ କଥାଭାଷା ହୋଇ ଦାନ୍ତୁଣି ପହୁଞ୍ଚିଲେ, ଯିମିତି ଘରୋଇ ଭାଷା ଆରମ୍ଭ କରି ବା ସ୍ୱରୂପ ପ୍ରକାଶ କରି କହନ୍ତି, 'ହଇରେ ରାମା ଭାଇ! ଦାନ୍ତୁଣି ପହୁଞ୍ଚିଲା ବା! ଏଥର ବାହାର କର ଦାନ୍ତକାଠି, ଆକବରୀ, ସିମିତି ମୁଁ ବି ସମ୍ପ୍ରୀତିସୂଚକ ପଦେ ଅଧେ ଖଣ୍ଡିଏ ଦଣ୍ଡିଆ ବଙ୍ଗଳା କହି ଓଡ଼ିଆ ଚଲାଏଁ।

ଶ୍ରୀମତୀ ସରକାର ନଛୋଡ଼ବନ୍ଧା। ପୁଣି ପ୍ରଶ୍ନର ଖିଅଧରି ମନ୍ତବ୍ୟ ଦେଲେ "ଆଉ କେବେ ଆସିବ? ଆଜି ବାହାଘର। ବର ପହୁଞ୍ଚିବା ଉପରେ ବନ୍ଧୁବାସ ତ ସମସ୍ତେ ଆସି ଗଲେଣି। ସେ କାହିଁ?"

"ଆସିବ।" ବହୁକଷ୍ଟରେ ଏ ସାମାନ୍ୟ ପଦଟି ମୋ ମୁହଁରୁ ଆପେ ଆପେ ଫୁଟିଲା।

"ସିମିତି 'ଆସିବ ଆସିବ' ବୋଲି ସମସ୍ତେ ତିନିବରଷ ହେଲା କହୁଛ। କାହିଁ ତା'ର ଦେଖାନାହିଁ। ଝିଆରୀ ବାହାଘରକୁ ଆସିବ, ଆସିବ, କହିଲ ଆସିଲା ନାହିଁ। ବଡ଼ ଭାଇମାନଙ୍କର ପଇତା ପଡ଼ିଲା, ଆସିଲା ନାହିଁ। ଆଉ କେବେ ଆସିବ? ମୁଁ ତାକୁ ଦେଖିବି ଦେଖିବି ହୋଇ ମରିଯାଉଛି। ତୁମର ତା' କଥା ବିଲ୍‌କୁଲ ମନେ ପଡୁନାହିଁ ଦେଖୁଛି।"

"ପଡ଼େ। ପଡ଼ିଛି। ବହୁତ ପଡୁଛି।" ରହି ରହି ଅଧମିନିଟ୍‌ରେ ଏଇ ତିନିପଦ କଥା କହିଲି। ହୃଦୟ ଖୁବ୍ ଭାରାକ୍ରାନ୍ତ ଜଣାଯାଉଥିଲା।

"ଆଜକୁ କେତେ ବଡ଼ ହୋଇଯାଇଥିବ। ନୁହେଁ? ତିନିବର୍ଷ ହେଲାଣି ଯେ, ଆଜି ଆସିଲେ ଚିହ୍ନିହବନି ସହଜେ ତାକୁ।"

"ହଁ।"

Digitized by srujanika@gmail.com

"ଆଚ୍ଛା ! ସେ ଅଛି କେଉଁଠି ? ରାଉରକେଲାରେ ତ ନାହିଁ। ତା' ନାନୀ ତ ଆସିଗଲାଣି। ଭାଇଜାଗ୍‌ରେ ତ ନାହିଁ ତା' ଭାଇଭାଉଜ ଆସିଗଲେଣି। ଡିଗିଂରେ ବି ତ ନାହିଁ। ତା' ଜକାଖୁଡ଼ିଙ୍କି ପଚାରିଲି, ସେମାନେ କହିଲେ ସେଠି ତାଙ୍କ ପାଖରେ ସେ ନ ଥାଏ। ଯେଉଁଠି ଥାଉ, କୁହ ସେ ଆସିବେ ତ ?"

ଗମ୍ଭୀର ହୋଇ ପୁଣି କହିବାକୁ ବାଧହେଲି "ଆସିବ।"

ସ୍ୱଳ୍ପ ବିରକ୍ତି ଭାବ ଦେଖାଇ ଶ୍ରୀମତୀ ସରକାର କହିଲେ, "ମୁଁ ଦେଖୁଛି ତୁମେ ସବୁ ମେଣ୍ଟବାନ୍ଧି ମୋତେ ଠକାଉଛ। କାଳେ ମୁଁ ଦୁଃଖ କରିବି ସେଥିପାଇଁ ସତ କଥା ଲୁଚାଉଛ। ତାକୁ ନିଶ୍ଚୟ ଆମେରିକା ପଠାଇଦେଇଛ, ତା'ର ମଝିଆଁ ଭଉଣୀ ସାଙ୍ଗରେ।"

ମୁଁ ଉଁ, ଚୁଁ କିଛି ନ କହିଲାରୁ ସେ ଧରିନେଲେ ଯେ, ତାଙ୍କ ଅନୁମାନ ସତ, ତେଣୁ ସେ ତାଙ୍କ ଭାବନା କଳ୍ପନାକୁ ଆଉ ଟିକିଏ ଆଗେଇ ନେଲେ। ପଚାରିଲେ, "ଆଚ୍ଛା ! ସେଠି ପଢ଼ାଶୁଣା କରୁଥିବ ତ ? ଓଡ଼ିଆ ଭୁଲିଯାଇ ଖାଲି ଇଂରାଜୀ କହୁଥିବ। ନୁହେଁ ? ତୁମର ଯେତେ ଯେତେ ଝିଅପୁଅ ସମସ୍ତଙ୍କ ଅପେକ୍ଷା ସେ ପିଲାଟି ଅଧିକ ସୁନ୍ଦର। ସେ ବର୍ଷ ଯେତେବେଳେ ଏଇ ପୋଖରୀଟାରେ ପହଁରା ଶିଖାଉଥିଲ ପାଣି ଭିତରେ ତା'ର ଲଙ୍ଗଳା ଫୁଙ୍ଗୁଳା ଦିହଟା ଦେବତା ଛୁଆପରି ଦିଶୁଥିଲା। କି ସୁନ୍ଦର ତା'ର ଚୋଖ ଦୁଟୋ। କି ସୁନ୍ଦର ତାର ଚୁଲ୍। ଛବିର ମତ ପୁତୁଲେର ମତ, ଚେହେରା ଖାନି।"

ଉତ୍ତରଦେଲି ନାହିଁ। ମନେ ମନେ ଭାବୁଥାଏଁ "ପୂରା ପହଁରା ବା ଶିଖାଇ ପାରିଲି କାହିଁ ?" ସେ ମଧ୍ୟଉତ୍ତର ଚାହୁଁ ନଥିଲେ। ତାଙ୍କ କଥାରେ କିନ୍ତୁ ଅତିରଞ୍ଜନ ନ ଥିଲା।

ପିଲାଟାର ଯେମିତି ରୂପରେଖ ସେ ଆଙ୍କିଲେ ସେଥିରେ ଲିଭି ଲିଭି ଯାଇଥିବା ଛବିଟା ପୁଣି ସ୍ୱଷ୍ଟ ଓ ଜୀବନ୍ତ ହୋଇ ଉଠିଲା। ମୁଁ ନିଜକୁ ଧିକ୍‌କାର କଲି, ସେ ପିଲାଟାକୁ ବାଦ୍‌ଦେଇ ଏ ଉତ୍ସବଟାକୁ ଏତେ ଆଡ଼ମ୍ବରମୟ କଲି କାହିଁକି ?

ମୋ ଉପରେ ବାସୁକୀର ଭାର। ଏକୁଟିଆ ଲୋକ, ସାହାସାହସ ବଡ଼ କମ୍। ପିଲାଙ୍କ ପକ୍ଷରେ, ବାପା କହିଲେ ମୁଁ, ମାଆ କହିଲେ ମୁଁ। ପୁଣି ନିଜର ନା ତାତ ନା ମାତା। ବାହାଘର କଥା। କାହାରି କାହିଁରେ ଉଣା ହବ ନାହିଁ। ଭାଇଭଉଣୀ ବନ୍ଧୁବାନ୍ଧବ ସମସ୍ତେ ଚାକି ରହିଛନ୍ତି ଯେଝା ପାଉଣାକୁ। ସାଇପଡ଼ିଶା ପିଠା ଖାଇବାକୁ, ବିନ୍ଧ ଗଣିବାକୁ। ବରଯାତ୍ରୀ ତ ସହଜେ ବଜାତ୍। ଏତେ କାର୍ଯ୍ୟବ୍ୟସ୍ତ, ଏତେ ମୁଣ୍ଡଭାରି ଯେ ଏଠି ଦଣ୍ଡେ ଠିଆ ହେଲେ କେଜାଣି ଟିକିଏ ଭଲ ଲାଗନ୍ତା; କିନ୍ତୁ ମୁଁ ଯେ ସର୍ବମୟ କର୍ତ୍ତା। ଏଠି ଠିଆ ହେଲେ ସିଆଡ଼େ ସବୁ ଅଟକିଯିବ। ନାନ୍ଦୀମୁଖୀ ଶ୍ରାଦ୍ଧ ସାରି ଧୂଆଁ ଓ କୋଳାହଳରୁ ଖସିଆସି ଟିକିଏ ବାରିପଛପଟ ପୋଖରୀ କୂଳର ନିରୋଳତା ଓ ନିର୍ମଳତା ଉପଭୋଗ କରୁଥିଲି, ମୋଡ଼ି ଭାଙ୍ଗି ହେଉଥିଲି ଏବଂ ପରବର୍ତ୍ତୀ କଠୋର ସଂଗ୍ରାମ ଓ ସାଧନା ପାଇଁ ଟିକିଏ ଦମ୍ ସଂଗ୍ରହ କରୁଥିଲି, କିନ୍ତୁ ଶ୍ରୀମତୀ ସରକାର ମୋର ସମସ୍ତ ଫୁରୁସତ୍ ସମୟତକ ଖାଇଗଲେ।

Digitized by srujanika@gmail.com

ମୁଁ ଯେତେ ଅନ୍ୟମନସ୍କ ହେଲେ ବି ସେ ମୋତେ ତାଙ୍କ କଥା ଓ ପ୍ରଶ୍ନ ଆଡ଼କୁ ଟାଣି ନେଉଥିଲେ। ତାଙ୍କୁ ହଠାତ୍ ଛାଡ଼ି ଏଡ଼ାଇ ଯିବା ମୋ ପକ୍ଷରେ ଭଦ୍ରାମି ହେବ ନାହିଁ, ସମ୍ଭବ ନୁହେଁ ମଧ, ତାଙ୍କ ସହିତ ମୋର ସମ୍ବନ୍ଧ ଦୃଷ୍ଟିରୁ। ବଡ଼ ଦରଦୀ, ସ୍ନେହୀ ସ୍ତ୍ରୀ ଲୋକଟି। ଆଖି ଦୁଇଟା ଏମିତି ଯେ ସର୍ଗରେ ସବୁ ଦୟା, ଅନୁକମ୍ପା ଯିମିତି ସେଥିରୁ ଝରି ପଡୁଛି। ପୁଣି ମୁହଁରେ ଗୁଡ଼ାଏ ଅମୃତ। ତା'ଛଡ଼ା ମୁଁ ଜାଣିଥିଲି, ସେ ବି ମୋ ପରି ଦୁଃଖୀ, ହୀନକପାଳୀ। ଦୁହିଁଙ୍କ ଦୁର୍ଦ୍ଦଶା ଦୁର୍ବିପାକ ସମାନ ଧରଣର। ତେଣୁ ଆମେ ଏତେ ଆତ୍ମୀୟ ଅନ୍ତରଙ୍ଗ।

"ବାପା! ଆଉ କେତେବେଳଯାଏ ତା' ସାଙ୍ଗରେ ଛିଡ଼ାହୋଇ ଗପୁଥିବ? ପାଟି ଥକି ଯିବ ଯେ। ଘରଭିତରକୁ ଆସ। ପିଉସା (ପୁରୋହିତ) ଡ଼ାକୁଛନ୍ତି। ବାଟବରଣ ସରଞ୍ଜାମ ନେଇ ଫାଟକ ପାଖକୁ ଯାଅ।" ଶ୍ରୀମତୀ ସରକାର ସାମାନ୍ୟ କାଲ, ତେଣୁ ଟିକିଏ ଜୋରରେ କଥା କହିବାକୁ ପଡ଼େ। ଝିଅ ସେଇ କଥାକୁ ଲକ୍ଷ୍ୟକରି "ପାଟି ଥକିଯିବ" କହିଲା।

ମୋ ଛୁଆପିଲାଏ ବା ବନ୍ଧୁବାନ୍ଧବ ଶ୍ରୀମତୀ ସରକାର ବା ତାଙ୍କ ବଂଶ ପ୍ରାଣୀଙ୍କି ଭଲ ଆଖିରେ ଦେଖନ୍ତି ନାହିଁ। ଯୁଗ ଯୁଗ ଧରି ଓଡ଼ିଆ ବଙ୍ଗାଳୀ ବିଦ୍ୱେଷ ଯିମିତି ଅସ୍ଥିମଜ୍ଜାଗତ ହୋଇଯାଇଛି ସେମାନଙ୍କର। ମୁରବୀ ସ୍ତରରେ କେତେକ ସ୍ଥଳରେ ସହୃଦୟତା ଓ ଆତ୍ମୀୟତା ଯଥେଷ୍ଟ ମାତ୍ରାରେ ଥିଲେ ବି ତାଙ୍କ ପିଲାଝିଲାଏ ଓ ମୋ ପିଲାଏ ଏକାଠି ହେଲେ ଓଡ଼ିଆ-ବଙ୍ଗାଳୀ କଳି ଆରମ୍ଭ ହୋଇଯାଏ। ତାଙ୍କ ଛୁଆଏ ମୋ ଛୁଆଙ୍କୁ ଗାଳି ଦେବାର ଆରମ୍ଭ କରନ୍ତି, 'ଉଡ଼େ' କହି ଅର୍ଥାତ୍ ଉଡ଼ନ୍ତା ଚଢ଼େଇ। "ସେମାନେ କଲିକତା ପାଣି କଳରେ କୁଲି କାମ କରନ୍ତି, ଜାହାଜ ରଙ୍ଗ କରନ୍ତି।" ଶେଷକୁ 'ଭୋକେ ଓଡ଼ିଆ ନିଦଯାଏ, ଭୋକେ ବାଙ୍ଗାଲୀ ଗୀତ ଗାଏ' ପର୍ଯ୍ୟନ୍ତ ତାଙ୍କ ପୂର୍ବପୁରୁଷେ ତାଙ୍କୁ ଯାହା ଲେଖି କହି ଶିଖାଇଛନ୍ତି। ଆମ ପିଲେ ବି ନଛୋଡ଼ବନ୍ଧା। 'ଦାଗୁନ୍ ଫୁଟାନିଆ'ରୁ ଆରମ୍ଭ କରି 'ବଙ୍ଗାଳୀ ଟଙ୍ଗଟଙ୍ଗାଳି ଟେଙ୍ଗରା ମାଛ ଖାୟ' ପର୍ଯ୍ୟନ୍ତ ଏବଂ ଶେଷରେ ନାନା ଅଶ୍ଳୀଳ ପ୍ରତିବଚନ ପ୍ରୟୋଗ କରନ୍ତି। ପରସ୍ପରକୁ ଟାହୁଲିଟାପରା, ଚିଡ଼ାଚିଡ଼ି କରୁକରୁ ଗାଳିଗୁଲଜ, ଝଗଡ଼ା, ମାରପିଟ ପର୍ଯ୍ୟନ୍ତ ଯାଏ। ଅବଶେଷରେ ବଡ଼ବଡ଼ିଆଏ ଭର୍ତ୍ସନା କରି ଯେଝା ସନ୍ତାନ ସନ୍ତତିଙ୍କି ଘର ଭିତରକୁ ନେଇଯାଆନ୍ତି। ବଙ୍ଗାଳୀ ସାହିରେ ଘରଭଡ଼ା ନେଇଛି। ପୁଣି ବଙ୍ଗାଳୀ ଘରେ ଥାଏ ତଳ ମହଲାରେ। ଏଣୁ ଖଣ୍ଡାଧାରରେ ମୋତେ ଚାଲିବାକୁ ପଡ଼େ। କେତେବେଳେ କେଉଁ କଥା! ଶିଷ୍ଟାଚାର, ପ୍ରତିବେଶୀତ୍ୱ, ମନୁଷ୍ୟତା, ଶିଷ୍ଟତା ବୋଲି ତ କଥାଗୁଡ଼ାଏ ଅଛି।

ମୋ ପିଲାଏ ଶ୍ରୀମତୀ ସରକାରଙ୍କୁ ଭଲ ପାଆନ୍ତି, ଏ କଥା ମୁଁ କହିପାରୁନି। ମୋର କିନ୍ତୁ ତାଙ୍କ ପ୍ରତି ଅଗାଧ ସ୍ନେହ ଓ କୃତଜ୍ଞତା ମୋ ସହିତ କଥାବାର୍ତ୍ତା କଲାବେଳେ ସେ ଟିକିଏ ହାକିମାତି ବି କରିଥାନ୍ତି। ତାଙ୍କର ମୃଦୁ ଭର୍ତ୍ସନା ମୋତେ ମିଠା ଲାଗେ। ପରିବାରର

Digitized by srujanika@gmail.com

ଅନ୍ୟାନ୍ୟ ସଭ୍ୟମାନଙ୍କ ଭିତରେ ନାନା ବାଦବିସମ୍ବାଦ ହୁଏ । ହିଂସା, କ୍ରୋଧ, ଦ୍ୱେଷ, ଘୃଣା ଆଦି ନାନା ଦୁର୍ଗୁଣ ପ୍ରକାଶ ପାଇଥାଏ ସେମାନଙ୍କ ଚାଲିଚଳନ, ଆଚର ବ୍ୟବହାରରେ । କିନ୍ତୁ ଶ୍ରୀମତୀ ସରକାର ଏ ସବୁର ଊର୍ଦ୍ଧ୍ୱରେ । ସେ ବୁଝନ୍ତି କେବଳ ଗୋଟାଏ ସମ୍ପର୍କ । ମା ଓ ପିଲାର ସମ୍ପର୍କ କଥା । ସ୍ନେହ, ଶ୍ରଦ୍ଧା, ବାତ୍ସଲ୍ୟ ଛଡ଼ା ଦୁନିଆରେ ନାରୀ ହୃଦୟରେ ଆଉ କିଛିନାହିଁ ଯିମିତି । ଏଇ ଆଦରହିଁ ମାଆଦୁଧ ଆକାରରେ ଝରି ଶିଶୁକୁ ପରିପୁଷ୍ଟ କରି ମଣିଷଜାତି ଗଢ଼େ । ମାଆ ନ ଥିବା 'ଓଇ ଛେଲେଟା' ପ୍ରତି ତାଙ୍କର ସମସ୍ତ ସ୍ନେହଶ୍ରଦ୍ଧା ସେ ଅଜାଡ଼ି ଦେଇଥିଲେ ସେଇଥିପାଇଁ ବୋଧହୁଏ । ତାକୁ ସେ ହଳଦୀ ତେଲ କରିଛନ୍ତି, ଜାକିମାଡ଼ି ବା ସୁତୁରାଇ ଦୁଧ ଖୁଆଇଛନ୍ତି, ବଙ୍ଗଳାଗୀତ ଓ ଗପକୁ ଓଡ଼ିଆ କରି ଶୁଣାଇଛନ୍ତି । ତିନିବର୍ଷ ଧରି ସେ ପାଳିଥିଲେ ତାକୁ । ମାଆ ଛେଉଣ୍ଡର ଆକସ୍ମିକ ଅନ୍ତର୍ଦ୍ଧାନରେ ସେ ମୂହ୍ୟମାନ ହୋଇଯାଇଥିଲେ ଏବଂ ଆମର ସେଇ, "ଆସବେ, ଆସବେ, ଜରୁର ଆସବେ" କଥା ପଦକ ତାଙ୍କୁ ଆଶା ଓ ଆଶ୍ୱାସ ଦେଇଥିଲା ।

ଦୁଇତିନିଟା ବଡ଼ବଡ଼ ପାରିବାରିକ ମିଳନ ଉତ୍ସବରେ ମଧ 'ଓଇ ଛେଲେଟା'କୁ ଦେଖିବାକୁ ନ ପାଇ ତାଙ୍କର ନୈରାଶ୍ୟ ଅଭିମାନ ଟିକିଏ ବଢ଼ିଯାଇଛି । ଖୁବ୍ ରାଗିଯାଇ ସେ ବକ୍ତୃତା କଲେ, "ତୁମେ ସବୁ ପୁରୁଷ ଲୋକ ଛୁଆପିଲା ଜନ୍ମକରି ଜାଣ, କିନ୍ତୁ ତାଙ୍କ କଥା କିଛି ବୁଝନାହିଁ । ତୁମେ ତା'ର ବାପ, ମା'ଛେଉଣ୍ଡ ପିଲାଟା କେଉଁଠି ରହୁଛି, କି ଖାଉଛି ନ ଖାଉଛି କିଛି ନ ବୁଝି କିମିତି ନିଶ୍ଚିନ୍ତ ରହିଛ ? ତା'ଛଡ଼ା ଏତେ ବଡ଼ ଗୋଟାଏ ବାହାଘର । ତା'ମାଆ ବଞ୍ଚିଥିଲେ କାନ ନାକ ରଗଡ଼ି ସେ ପିଲାକୁ ଅଣାଇଥାନ୍ତା ।"

ବୋକାଙ୍କ ପରି ଦୁଇଥର 'ଆସିବ' 'ଆସିବ' କହି ଘର ଭିତରକୁ ପଶି ଆସୁଥିଲି । ସେ ମୋ ପଛେ ପଛେ କହି କହି ଆସିଲେ, "ତୁମେ ସବୁ ମାଛ, ମାଂସ, ପଲାଉ, ପାନତୁଆ, ରସଗୋଲା ଖାଇବ । ସେ ତ କିଛି ଖାଇପାରିଲା ନାହିଁ, ତୁମେ ଭାବିଛ ସେ ସବୁ ମୋତେ ରୁଚିବ ? ପିଲାଟା ଯଦି ଆସିଥାନ୍ତା ମୁଢ଼ି, କାକୁଡ଼ି, ଲଙ୍କା, ସୋରିଷ ତେଲ ଖାଇଥିଲେ ବି ଇଲିଶି ପରି ଲାଗିଥାନ୍ତା । ଯାହା କହିବ କର, କିନ୍ତୁ ତାକୁ ଆଗ ଅଣାଅ, ନହେଲେ ତୁମର ଏ ବାହାଘରର କିଛି ମୂଲ୍ୟ ରହିବ ନାହିଁ ।" ଏ ଛୋଟ ବକ୍ତୃତାଟି ଏକା ନିଃଶ୍ୱାସରେ ଦେଇ ସିଧା ଦାଣ୍ଡ ପିଣ୍ଡାକୁ ବାହାରିଗଲେ ଯେଉଁଠି ଚାନ୍ଦୁଆ ତଳେ ପିଲାପିଲିଙ୍କ କୋଳାହଳ ଶୁଭୁଥାଏ ।

'ଓଇ ଛେଲେଟାକେ' ପାଇବାର, ଦେଖିବାର ଆଗ୍ରହ ଯେ ମୋର ଊଣା ଥିଲା ତାହା ନୁହେଁ । ସେ ଆଗ୍ରହକୁ ପରିସ୍ଥିତି ଦୃଷ୍ଟିରୁ ନାନା ଚାପ ଦେଇ ମୁଁ ଘୋଡ଼ାଇ ରଖିଥିଲି ଯିମିତି ଅନ୍ତତଃ ଏ ମଧୁମୟ ମଙ୍ଗଳୋତ୍ସବରେ ନ ବାହାରେ । ଶ୍ରୀମତୀ ସରକାର ତ ତାକୁ ଦେଖିବାକୁ ପାଇଲେ ନାହିଁ, ମୁଁ କାହିଁକି, ଘରର ସମସ୍ତେ ତା'ର ସୁମଧୁର ସାନ୍ନିଧ୍ୟରୁ ବଞ୍ଚିତ ହେଲେ । ମାତ୍ର ଶ୍ରୀମତୀ ସରକାରଙ୍କର ଜିଜ୍ଞାସା, ଅନୁସନ୍ଧିତ୍ସା ମୋର ଅବଚେତନାରୁ ତା'ର ସ୍ମୃତିକୁ ଏମିତି ଭାବରେ ଓଟାରି ଆଣିଲା ଯେ, ତାକୁ ମସ୍ତିଷ୍କର

Digitized by srujanika@gmail.com

ଅନ୍ତଃତମ ପ୍ରଦେଶକୁ ପୁଣି ଫେରାଇଦେବା ଅସମ୍ଭବ ହେଲା, ବରଂ ତାହା କଲାବେଳକୁ ଦ୍ୱିଗୁଣ ପରାକ୍ରମରେ ତାହା ମୁହୁର୍ମୁହୁ ପ୍ରଚଣ୍ଡ ଆକ୍ରମଣ ଓ ତୀବ୍ର ଦଂଶନ ହେଲା । ତଦ୍ଧିତ ଅବସ୍ଥାରେ ଘୁରା ଫେରା କଲା ପରି ମୋତେ ଲାଗିଲା ଏବଂ ସବୁକଥା ଓ କାର୍ଯ୍ୟରେ ମୁଁ ସେଇ ପିଲାଟିରେ ସାନ୍ନିଧ ଅନୁଭବ କଲି, ଏପରି କି ଦେଖିପାରିଲି ।

ଗୁଡୁମ୍, ଗୁଡୁମ୍, ଗୁଡୁମ । ବୋମା ଫୁଟିଲା । ବର ଆସୁଛି । ଅସଂଖ୍ୟ ବୋମା । ପ୍ରତି ବୋମାର ଶବ୍ଦ ଅସଂଖ୍ୟ ହୃଦୟରେ ବିଭିନ୍ନ ପ୍ରତିକ୍ରିୟା ସୃଷ୍ଟିକରି ସ୍ପନ୍ଦନକୁ ବଢ଼ାଇଦେଲା । 'ଏଇଟା ଆଣ' 'ସେଇଟା ଦିଅ' 'ଏଠି ରଖ' ସେଠାକୁ ନିଅ, 'ଶୀଘ୍ର କର' 'ଦେରି ହୋଇଯାଉଛି' 'ଆସି ଗଲେ ଯେ' ଚିତ୍କାର କ୍ରମେ କ୍ରମେ ବେଶି ହେଲା ଓ ପୁରୁଷଙ୍କ ଧାଁ ଧପଡ଼ ବଢ଼ିଯିବା ସଂଗେ ସଂଗେ ନାରୀ ମହଲରେ ଅଚାନକ ତତ୍ପରତା ଦେଖାଗଲା ଓ ରୂପସଜାର ପ୍ରତିଯୋଗୀତା ତ୍ୱରାନ୍ୱିତ ହେଲା । ଶଙ୍ଖ ହୁଳହୁଳି ପାଇଁ ଫାଟକ ପର୍ଯ୍ୟନ୍ତ ଯିବାକୁ ପଡ଼ିବ, ପୁଣି ଅତିଥି ଅଭ୍ୟାଗତ ଆଗନ୍ତୁକଙ୍କ ପ୍ରଶଂସାମାନ ବା ସମାଲୋଚନାପ୍ରବଣ ଚକ୍ଷୁ ସମକ୍ଷରେ ଆଲୋକ ଉଦ୍ଭାସିତ ରାଜଦାଣ୍ଡରେ ଛିଡ଼ା ହେବାକୁ ପଡ଼ିବ । ଗହଣାଗାଣ୍ଠିର ରୁଣୁଝୁଣୁ ସାଙ୍ଗକୁ ଶାଢ଼ୀର ରଣସଣ ଶବ୍ଦ ଏବଂ ଅତର ସ୍ନୋ ପାଉଡ଼ରର ତୀବ୍ର ମହକ ସହିତ ପଲାଉ ପାୟସର ସୁଗନ୍ଧ ଏପରିକି ବାଟଗଲା ଦେଖଣାହାରୀଙ୍କ ପର୍ଯ୍ୟନ୍ତ ଚାଲିଗଲା ।

ରୂପ, ବିଭବ, ଆନନ୍ଦ ଓ ଆଲୋକର ବିପୁଳ ସମ୍ଭାର ଓ ମନୋଜ୍ଞ ପରିବେଶ ଭିତରେ ଦୁର୍ବାକ୍ଷତଗୁଡ଼ାକ ନେଇ ବାଟବରଣକୁ ବାହାରିଲି, କିନ୍ତୁ ମୋତେ ଜଣାଗଲା ସର୍ବମୟ ଆନନ୍ଦ କୋଳାହଳରେ ସୁବିସ୍ତୃତ ସ୍ରୋତରେ ମୋତେ ଉଜାଣି ଉଠିବାକୁ ପଡୁଛି । ହେଞ୍ଜେଡ଼ାଙ୍କ 'ଜୀବନ-ଯମୁନାରେ ଜୁଆର ଆସେରେ; ଗୀତ ତଥା ଉନ୍ମାଦ ନୃତ୍ୟର ତାଳରେ ନାଚୁଥିବା ଶିଶୁବାଳକଙ୍କ ମଧ୍ୟରେ ମୋ ଆଖି ଖୋଜି ବୁଲିଲା ସେଇ ପିଲାଟାକୁ । ବର୍ଣ୍ଣାଢ଼୍ୟ ରୋଷଣୀ ଓ ରଙ୍ଗବେରଙ୍ଗ ବୈଦ୍ୟୁତିକ ଆଲୋକରେ ରୂପାନ୍ତରିତ ଅଗଣିତ ବାଳକ ବାଳିକାଙ୍କ ଭିତରେ ଆଖି ଖୋଜି ବୁଲୁଥିଲା ସେଇ ପିଲାଟାକୁ, ବେଣ୍ଡ୍‌ର ତାଳେ ତାଳେ ନୃତ୍ୟରସ ଶିଶୁଙ୍କ ଭିତରେ ସେଇ  ପିଲାର ନୃତ୍ୟଚପଳ ପାଦ ଦୁଇଟିକୁ । ସୁପ୍ତଜାଗ୍ରତ ଅବସ୍ଥାରେ ବାଟବରଣ ସରିଲା । ଆଗନ୍ତୁକମାନେ ମୋର ବିଷର୍ଣ୍ଣ ମୁଖ ଓ ବିଚିତ୍ର ଆଚରଣର କାରଣସ୍ୱରୂପ ବୋଧହୁଏ ଭାବିଥିବେ ଆସନ୍ତା କନ୍ୟା ବିଦାୟକୁ ।

ବୁଢ଼ା ଆଙ୍ଗୁଳି ଧରି ବରକୁ ବେଦୀକୁ ନେଲାବେଳେ ଶଙ୍ଖ ହୁଳହୁଳି ଦେଉଥିବା ନାରୀ ଓ କନ୍ୟାମେଳରେ ଶ୍ରୀମତୀ ସରକାର ନଥିଲେ । ବେଦୀରେ ବରକୁ ବସାଇ ଦେଇ କାର୍ଯ୍ୟାନ୍ତରରେ ଘର ଭିତରକୁ ଯାଇଛି, ଭେଟିଲି ଶ୍ରୀମତୀ ସରକାରଙ୍କୁ । ସେ ବାଟବରଣକୁ ଯାଇନାହାନ୍ତି । ମୁଁ ଦେଇଥିବା ଓସାର ନାଲି ଧଡ଼ିର ଶାଢ଼ୀଟି କାନ୍ଧ ଉପରେ ପକାଇ ସେ ଦ୍ୱିତୀୟ ଦୁଆରରେ ଛିଡ଼ାହୋଇ କାହାକୁ ଖୋଜୁଥାନ୍ତି । ମୋ ଆଡ଼କୁ ଅଶ୍ଳୀଳଚାହାଣୀ ଦେଇ କହିଲେ 'କୋଇ ଛେଲେଟା ତ ଏଖନ ଓ ଆସେନି ?' ମୁଁ ହଠାତ୍

Digitized by srujanika@gmail.com

ଚିଡ଼ିଯାଇ କହିଲି "କ'ଣ ଆପଣ, ଓଇ ଛେଲେଟା ଓଇ ଛେଲେଟା' ଭଜି ଭଜି ବୁଲୁଛନ୍ତି । ଶାଢ଼ୀଟା ପିନ୍ଧି ଦିଆଶୁଆ କାମ ତଦାରଖ କରନ୍ତୁ । ଶୁଭ କାମଟାକୁ ଏମିତି ନଷ୍ଟ କରନ୍ତୁ ନାହିଁ ।" ମୋ କଥା ବୁଝିଲା ପରି ଭଙ୍ଗୀ ଦେଖାଇ 'ଆଚ୍ଛା କହି ଚାଲିଗଲେ ସେ ଅନ୍ତଃପୁରକୁ ।'

ବାହାଘରର ଧୂମ୍‌ଧାମ୍, ପୂଜାମନ୍ତ୍ର ଉଚ୍ଚାରଣ, ବାଜା ମହୁରୀର ନିନାଦ ବେଣ୍ଡ୍ ବାଜାରେ ସିନେମା ସଙ୍ଗୀତର ପରିବେଷଣ, ଗୋଟିପୁଅ ନାଚ, ଡ଼ାକବାଜି ଯନ୍ତ୍ରର କର୍ଣ୍ଣକଟୁ ଶବ୍ଦ ସାଙ୍ଗକୁ ଭୂପୃଷ୍ଠର ଅପୂର୍ବ ଆଲୋକସଜ୍ଜା ସହିତ ବୈଶାଖୀ ଆକାଶରେ ତାଳ ଦେଉଥିବା କଟକୀ ଉଷ୍ଣାନଗୋଲା ଓ ହାବେଳିର ହରରଙ୍ଗୀ ନକ୍ଷତ୍ରମାଳା ଉଭୟ ବରକନ୍ୟା ପକ୍ଷର ସ୍ପର୍ଦ୍ଧିତ ଉଲ୍ଲାସ ଓ ଆଡ଼ମ୍ବର ଦର୍ଶକବର୍ଗଙ୍କୁ ଚକିତ ଅଭିଭୂତ କରୁଥିଲା ବେଳେ ଘରଭିତରେ ଛାୟାମୂର୍ତ୍ତି ପରି ଇତସ୍ତତଃ ଏ ଘର ସେ ଘର ଘୂରି ବୁଲୁଥିବା ଶ୍ରୀମତୀ ସରକାରଙ୍କ ପ୍ରହେଳିକାମୟ ଆଚରଣ ନାରୀମହଲରେ ବିସ୍ମୟ ସୃଷ୍ଟି କରୁଥିଲା ।

ଯେଉଁଠି ଦଳେ ପିଲା ଭୂରିଭୋଜନରତ ସେଇଠି ଶ୍ରୀମତୀ ସରକାର ଖୋଜି ବୁଲିଲେ 'ଓଇ ଛେଲେଟା'କୁ । ଲବଣଚାମରୀ, ହାତଗଣ୍ଠି, ଖଇପୋଡ଼ା ଆଦି ପ୍ରତ୍ୟେକ କର୍ମାଙ୍ଗ ବେଳକୁ ପିଲାଝିଲାଙ୍କ ମେଳା ଆରମ୍ଭ ହେଲାମାତ୍ରେ ଶ୍ରୀମତୀ ସରକାର ପହୁଞ୍ଚାଇ ଖୋଜି ବୁଲିଲେ 'ଓଇ ଛେଲେଟା'କୁ' ସର୍ବତ୍ର ପରିଷ୍କାର ପରିଚ୍ଛନ୍ନତା ଓ ବର୍ଣ୍ଣ ବୈଭବର ଲୀଳାଖେଳା ଭିତରେ ସେ ଏକାକିନୀ ପୁରୁଣା ଲୁଗାଟାକୁ ପିନ୍ଧି ଆଲୁଳାୟିତ କୁନ୍ତଳ ହୋଇ ପାଗଳୀ ପରି ଏଣେ ତେଣେ କ'ଣ ଯେ ଖୋଜି ବୁଲୁଥାନ୍ତି ତାହା ତାଙ୍କୁ ଜଣା, ଆଉ ଜଣା ମୋତେ ।

ଅବଶେଷରେ ଯାଇ ପହୁଞ୍ଚିଲେ ପୁଷ୍ପମାଳା ବିଭୂଷିତକଣ୍ଠ ହୋଇ ଉପଦେଶନ କରିଥିବା ବର ପାଖରେ । ଆଠ ନଅବର୍ଷର ସୁନ୍ଦର ଗୁଲଗୁଲିଆ ମାର୍କଣ୍ଡିଆ ପିଲାକୁ ଦେଖି ତା' ପାଖକୁ ଯାଇ କାନ ପାଖରେ ସ୍ନେହ ବିଗଳିତ କଣ୍ଠରେ ପଚାରିଲେ "ତୋର ନାଆଁ କ'ଣ ?" ସେ ଭାବିଥିଲେ 'ଓଇ ଛେଲେଟା' ହୁଏତ ବରଧରା ଯାଇଥିବ, କିନ୍ତୁ ତାଙ୍କର ସମସ୍ତ ସ୍ନେହାର୍ଦ୍ର ସମ୍ଭାଷଣ ପ୍ରତ୍ୟାଖ୍ୟାନ କରି ପିଲାଟି ରୁକ୍ଷ କର୍କଶ ଗଳାରେ ଯିମିତି 'ଗୌତମ' ବୋଲି କହିଲା ସେ ନିରାଶ ହୋଇ ଫେରିଗଲେ ।

'ଓଇ ଛେଲେଟା ଆସେ ନି ?' 'ଓଇ ଛେଲେଟା କୋଥାୟ ?' ଇରୁମୁରୁ ହୋଇ ଏମିତି ପ୍ରଶ୍ନ ପଚାରି ଘରଭିତରେ ବ୍ୟତିବ୍ୟସ୍ତ ହୋଇ ଯା'ଆସ କରୁଥିଲାବେଳେ ଯଦି କେହି ଆଗନ୍ତୁକା ପଚାରେ 'ଇଏ କାହାକୁ ଖୋଜୁଛନ୍ତି ?' ମୋ ଲୋକଙ୍କ ଭିତରୁ କେହି କାନପାଖରେ ଅନୁରୂପ ମୁଖଭଙ୍ଗୀ ସହିତ କହନ୍ତି, "କାହିଁକି ତା' କଥା ପଚାରୁଛ ? ପାଗଲୀ ଛିଟା ତା'ର ରହିଯାଇଛି । କେତେବର୍ଷ ତଳେ ସେ ଏକାବେଳେ ପାଗଳୀ ହୋଇ ଦାଣ୍ଡଘାଟରେ ଲଙ୍ଗଳା ହୋଇ ଏଣେତେଣେ ବୁଲୁଥିଲା । ରେଳତଳେ ଥରେ ଡେଇଁ ପଡ଼ିଥିଲା । ସେ ବହୁତ କଥା । ପରେ ଜାଣିବ ।"

Digitized by srujanika@gmail.com

ରାତି ପ୍ରାୟ ଦୁଇଟା । ବାହାଘର ସରିଯାଇଛି । ମୁର୍ଦ୍ଦାର ପରି ସମସ୍ତେ ଶୋଇଯାଇଛନ୍ତି କର୍ମକ୍ଳାନ୍ତ, ଆନନ୍ଦକ୍ଳାନ୍ତ ଅଥବା ଭୋଜନକ୍ଳାନ୍ତ ହୋଇ । ଲମ୍ବତମ୍ବ ହୋଇ ପଡ଼ି ଯାଇଛନ୍ତି ଏ ଘରେ, ସେ ଘରେ, ଗଳିରେ, ବାରଣ୍ଡାରେ, ଚାନ୍ଦୁଆତଳେ, ବେଦୀ ଉପରେ । ଆଲୁଅଗୁଡ଼ାକ ସଂଯମୀ ପରି ଚାହିଁ ରହିଛନ୍ତି । ଯେତେବେଳେ ଭୂତମାନଙ୍କର ଘୋର ନିଶାକାଳ । ସର୍ବତ୍ର ଶୁନଶାନ୍ । ପଙ୍ଖାଗୁଡ଼ାକ ଜାଗ୍ରତ ପ୍ରହରୀ ପରି ହ୍ୟାତ୍ ହ୍ୟାତ୍ କରି ମଶାଗୁଡ଼ାକୁ ଘଉଡ଼ାଇବାରେ ଲାଗିଛନ୍ତି । ଯେଉଁ ଲୋକ ଦୁଇଟା ଅଧିକା ମଜୁରିରେ ଚେୟାର ଜଗିବା କାମରେ ଥିଲେ ସେମାନେ ବି ଶୋଇ ଗଲେଣି । ଭରତଙ୍କ ଅଭିଶପ୍ତ ମଣିଷଙ୍କ ପରି ଯେଉଁ ଲୋଭୀ ଅସନ୍ତୁଷ୍ଟ କୁକୁରଗୁଡ଼ାକ ଘାଉ ଘାଉ ହୋଇ ରାତିକୁ ବିକଟତର କରୁଥିଲେ ସେମାନେ ବି ଶୋଇ ଅଇଁଠା ପତରର ସ୍ୱପ୍ନ ଦେଖୁଛନ୍ତି ।

ଏକା ଶ୍ରୀମତୀ ସରକାର ଜାଗ୍ରତ । ପୁତ୍ରଶୋକବିଧୁରା । ସୁଭଦ୍ରା ବି ବୀରଶିଶୁ ଅଭିମନ୍ୟୁକୁ କୁରୁକ୍ଷେତ୍ର ରଣପ୍ରାଙ୍ଗଣରେ ଏକାକିନୀ ସତର୍କ ପଦକ୍ଷେପରେ ଲୁଚିଛପି ଏମିତି ଅନୁସନ୍ଧାନ କରି ନଥିବେ, ଯିମିତି ଶ୍ରୀମତୀ ସରକାର ସୁଷୁପ୍ତ ଶିଶୁମାନଙ୍କ ଭିତରେ 'ଓଇ ଛେଲେଟା'କୁ ନିରିଖି ନିରଖି ଖୋଜି ବୁଲୁଥିଲେ । ହେଲେ 'ଓଇ ଛେଲେଟା'ର ପ୍ରତିଛବିର କୌଣସି ସନ୍ଧାନ କାହା ମୁହଁରେ ପାଇଲେ ନାହିଁ । ଗତ ରାତ୍ରିଯାକ ଏଇ କାମରେ ସେ ଅନିଦ୍ରା ଖୋଜି ବୁଲୁଥିଲେ ଆଜି ବି ନିରବଚ୍ଛିନ୍ନ ସାଧନା ଓ ଅନୁସନ୍ଧାନ ଚାଲୁ ରହିଛି ।

ଷ୍ଟୋର ରୁମ୍‌ର ଗୋଟାଏ କଣରେ ମୋ ଭଉଣୀ ତା'ର ଦଶବର୍ଷର ପୁଅକୁ ଧରି ଶୋଇଥିଲା । ସିଏ ଆସିବା କଥା କିଏ ଜାଣିଛି, କିଏ ଜାଣିନି । ବାହାଘର ଅଧାଅଧି ହେଲାବେଳକୁ ଆସି ପହୁଞ୍ଚିଲା, ଟେକ୍‌ସି ବା ଯାନବାହନର ଅସୁବିଧା ହେତୁ । ତା ସହିତ କଥାବାର୍ତ୍ତା କରିବା ପାଇଁ ମୁଁ ବି ଫୁରୁସତ୍ ପାଇନଥିଲି । ମଫସଲରେ ତା' ଘର । ଛଅ ସାତ ବର୍ଷ ପରେ ସେ ଆସିଛି ।

ଚାରିଆଡୁ ନିରାଶ ହୋଇ ଶ୍ରୀମତୀ ସରକାର ତା' ପାଖରେ ଯାଇ ପହୁଞ୍ଚିଲା । ଶୋଇଥିବା ଭଣଜାଟିକି ଭଲକରି ଦେଖି ଆନନ୍ଦାଶ୍ରୁପ୍ଳୁତ ନୟନରେ କହିଲେ, "ଏଇ ଯେ । ଏଥର ପାଇଛି । ବହୁତ ଡେରିରେ ଆସି ପହଞ୍ଚିଲା ।" ନିଦ୍ରିତ ଭଣଜା ପିଲାଟିକି ଚୁମ ଦେଇ ଚେତା କରିଦେଲେ । ଭଉଣୀ ଧଡ଼୍ ଧଡ଼୍ ହୋଇ ଉଠିବସି ନିଦ୍ରାଳୁ ଆଖିରେ ଯିମିତି ଦେଖିଦେଇଛି ତାକୁ ଡ଼ାଆଣୀ ଭ୍ରମ ହେଲା ବୋଧହୁଏ । ପଚାରିଲା, "ଏ କ'ଣ କରୁଛ ? ନିଦେଇଲା ଛୁଆକୁ ଚୁମ ଦିଅନ୍ତି ?" ଶ୍ରୀମତୀ ସରକାର କହିଲେ, "ଓଇ ଛେଲେଟାକୁ କେତେ ଖୋଜିଲାଣି । ଏଥର ପାଇଛି । ଯାକୁ ଏଠି ଲୁଚାଇଛ ? ମୋ ମନ କଥା କେହି ବୁଝିବେ ନାହିଁ ।" ଭଉଣୀ କହିଲା, "କାହାକୁ ଖୋଜୁଛ ? ଏ ପରା ମୋର ସାନପୁଅ କୁନୁ ।"

"କ'ଣ କହିଲ ? କୁନୁ ! ମୁନୁ ନୁହେଁ ?"

Digitized by srujanika@gmail.com

"କେଉଁ ମୁନୁକୁ ଖୋଜୁଛ ।"

"କାହିଁକି ? ଶତପଥୀ ବାବୁର ମୁନୁ । ମୋର ମୁନୁ । ତା' ବାପା, ଭାଇ, ଭଉଣୀ ସମସ୍ତେ କହିଛନ୍ତି ସେ ଆସିବ ବୋଲି । ଏଇ ତ ମନୁ । ଅବିକଳ ତା'ରି ପରି । କୁଞ୍ଚକୁଞ୍ଚକା ଚୂଳ, ଉଁଚା କପାଳ, ଖଣ୍ଡାଧାର ପରି ନାକ ।"

ବିରକ୍ତିସୂଚକ ଗଳାରେ ପାଟିକରି ଭଉଣୀ କହିଲା, "ପାଗଲୀ ନା କ'ଣ ? ମୁନୁକୁ ଖୋଜୁଛ ? ସେ ପରା ତିନିବରଷ ହେଲା ବାଡ଼ିପଛ ପୋଖରୀରେ ବୁଡ଼ି ମରିଯାଇଛି ।"

ଯନ୍ତ୍ରଚାଳିତ ପରି ସେ ଭଉଣୀର କଥାଗୁଡ଼ାକ ପୁନରାବୃତ୍ତି କରି କହିଲେ, "ତିନି ବରଷ ହେଲା ବାଡ଼ିପଛ ପୋଖରୀରେ ବୁଡ଼ି ମରିଯାଇଛି । ଶତପଥୀ ବାବୁର ମୁନୁ ପାଣିର ବୁଡ଼ି ମରିଯାଇଛି ।"

"ହଁ, ହଁ, ମୁନୁ ବୁଡ଼ିଯାଇଛି ।" ଜୋର ଦେଇ ପାଟି କରି ଭଉଣୀ ଯିମିତି କହିଛି ଶ୍ରୀମତୀ ସରକାର ଠାଏଁ ଢଳିପଡ଼ିଲେ । ଉତ୍ସବର ଲକ୍ଷ ଲକ୍ଷଆଲୁଅ ଲିଭିଗଲା ମୁହୂର୍ତ୍ତକେ । ମିଠାଇ ହାଣ୍ଡିଟାଏ ଭାଙ୍ଗି ଚୂର୍‌ମାର ହୋଇଗଲା ।

କିଂ କର୍ତ୍ତବ୍ୟବିମୂଢ଼ା ହୋଇ ଭଉଣୀଟି ମୋ ପାଖକୁ ସିଧା ଧାଇଁଆସିଲା । କହିଲା, "ନନା ! ଆସ ଦେଖିବ କିଏ ଜଣେ ସ୍ତ୍ରୀଲୋକ ସେ ଘରେ ମୂର୍ଚ୍ଛା ହୋଇ ପଡ଼ିଛି । ସେ ମୁନୁକୁ ଖୋଜୁଥିଲା । ଆମ କୁନୁକୁ ମୁନୁ ଭାବି ଚୁମା ଦେଉଥିଲା । ପାଗଲୀ ନା ଡ଼ାଆଣୀ । ମୋତେ ଡ଼ର ମାଡ଼ିଲା, ମୁଁ ଯିମିତି କହିଦେଇଛି ମୁନୁ ତିନି ବରଷ ହେଲା ପୋଖରୀରେ ବୁଡ଼ି ଚାଲିଗଲାଣି, ସେ ଦୁଲଦାଲ ହୋଇ ତଳେ କଚାଡ଼ି ପଡ଼ିଗଲା । ଡ଼ାକିଲେ, ହଲେଇଲେ ହଲଚଲ ନାହିଁ ।"

ମୁଁ କ୍ଷଣେ ଜାଣିପାରିଲି ସର୍ବନାଶ ହୋଇଛି । ନିର୍ମମ ସତ୍ୟକୁ ଲୁଚାଇବାର ଆମର ଯାବତୀୟ ପ୍ରୟାସ ପଣ୍ଡ ହୋଇଛି । ଦିନେ ନା ଦିନେ ଏମିତି ହୋଇଥାନ୍ତା. କିନ୍ତୁ ଆଜି ଦିନଟାରେ ଅନ୍ତତଃ...

ତରବର ହୋଇ ଉଠିଗଲି ଶ୍ରୀମତୀ ସରକାରଙ୍କ ପାଖକୁ । କାହାକୁ ଡ଼ାକିଲି ନାହିଁ । ମୁହଁରେ ପାଣି ଦେଇ ଟେବୁଲ ପଙ୍ଖାଟାକୁ ଖଣ୍ଡେ ଯାଏ ତାଙ୍କ ଆଡ଼କୁ ବୁଲାଇଦେଲି । ଆଖି ଫିଟାଇଲେ ସେ। ସେ ଆଖି ! ସଦ୍ୟ ପୁତ୍ରସନ୍ତାନ ହରାଇଥିବା ପୁତ୍ରସନ୍ତାନ ହରାଇଥିବା ବତ୍ସଳା ଜନନୀ ପରି, ଆତଙ୍କ ଭୟ ମିଶ୍ରିତ ଶୋକାର୍ତ୍ତ ଚକ୍ଷୁ । ମୋତେ ବି ଭୟ ଲାଗିଲା । ଯିମିତି ମୋ ପାଟିରୁ ବାହାରିଛି "କ'ଣ ହେଲା ?" ସେ ଧଡ଼ପଡ଼ ହୋଇ ଉଠିବସି ଏମିତି ବୁକୁଫଟା ଆର୍ତ୍ତନାଦ ଚିତ୍କାରଟାଏ କଲେ ଯେ ଯେତେ ଯେତେ ମୁର୍ଦ୍ଦାର ଇଲାକାରେ ଥିଲେ ପ୍ରଳୟକାଳୀନ ତୁରୀନାଦ ଶ୍ରବଣରେ ଥରି ଥରି ଉଠି ବସିଲେ ଯିମିତି ।

"ଓଇ ଛେଲେଟା କୋଇ ? କାହିଁ ଓଇ ଛେଲେଟା ? ଆମାର ଛେଲେ କୋଇ ? ତୋମାର ଛେଲେ କୋଇ ? ମୁନୁ କୋଇ ? ନନୀ ଗୋପାଲ କୋଇ ? ସମସ୍ତେ ମିଳିମିଶି

Digitized by srujanika@gmail.com

ମୁନୁକୁ, ନନୀକୁ, ମୋ ଛୁଆକୁ ତୁମ ଛୁଆକୁ ବୁଡ଼ାଇ ମାରିଛନ୍ତି, ଖାଇଛନ୍ତି ।" ସରୂପା, ସୌମ୍ୟା, ସ୍ନିଗ୍ଧା, ଦେବୀ ସରୂପା, ମାତୃମୂର୍ତ୍ତିର ଏ କି ବିରୂପଦଂଷ୍ଟ୍ରା କରାଳ, ବିକଟ ଛବି ।

ଦଶବର୍ଷ ପୂର୍ବେ ଶ୍ରୀମତୀ ସରକାରଙ୍କ ଏଇ ରୂପ ସାଇ ପଡ଼ିଶା ଦେଖିଥିଲେ ତାଙ୍କର ଏଇ ନୂଆ ଘରକୁ ଆସିବା ବେଳେ । ସରକାର ପରିବାର ଥିଲେ ସୁଦୂର ମଫସଲର ବିଲବଣ ଘେରା ସମୁଦ୍ରକୂଳିଆ ଗାଁରେ । ସେଇଠି ଅତର୍କିତରେ ତାଙ୍କର ପାଞ୍ଚ ବର୍ଷର ପୁଅ ନନୀଗୋପାଳ ବାଡ଼ି ପଛପଟ ପୋଖରୀରେ ଜଳସମାଧି ଲାଭ କରିଥିଲା । ପୁତ୍ରବିଧୁରା ଶ୍ରୀମତୀ ସରକାର ପାଗଳୀ ହୋଇ ଏଣେ ତେଣେ ଧାଇଁ ବୁଲୁଥିଲେ ଏବଂ ଆତ୍ମହତ୍ୟାର ନାନା ପନ୍ଥା ଖୋଜୁଥିଲେ । ସେଇ ଅବସ୍ଥାରେ ସରକାର ପରିବାର ଏଇ ଘରକୁ ଆସିଥିଲେ, ସ୍ଥାନ ପରିବର୍ତ୍ତନ କଲେ ମନ ପରିବର୍ତ୍ତନ ହୋଇପାରେ ଭାବି । ତାଙ୍କ ସ୍ୱାମୀ ସେଠାକାର ସମ୍ପତ୍ତି ବିକିଦେଇ ସହରର ଏଇ ଘରଟି କିଣି ଉଠି ଆସିଥିଲେ ।

ଆମେ ଆସିଲାବେଳକୁ ମଧ୍ୟ ଶ୍ରୀମତୀ ସରକାରଙ୍କ ମାନସିକ ବିକୃତି ଥିଲା । ସର୍ବଦା ନୀରବ ରହି କେତେବେଳେ ଅର୍ଥହୀନ କେତେବେଳେ ସ୍ନେହାନ୍ୱିତ ଦୃଷ୍ଟିରେ କାହାକୁ ଖୋଜି ବୁଲୁଥିଲେ । କିନ୍ତୁ କି ଆଶ୍ଚର୍ଯ୍ୟ କଥା, ମୁଁ ଆସି ତାଙ୍କ ଘରେ ଭଡ଼ାଟିଆ ହୋଇ ରହିବାର କେତୁଟା ଦିନରେ ତାଙ୍କ ଅବସ୍ଥାରେ ଅଭାବନୀୟ ପରିବର୍ତ୍ତନ ଘଟିଲା । ମୋର ଦେଢ଼ବର୍ଷର ମାତୃହରା ଶିଶୁପୁତ୍ରର ଆକସ୍ମିକ ଆର୍ବିଭାବ ତାଙ୍କୁ ନିଜ ସନ୍ତାନ ଫେରି ପାଇବାର ଭ୍ରମ ଦେଇଥିଲା ବୋଧହୁଏ । ପ୍ରଥମେ ପ୍ରଥମେ ମୁଁ ଡ଼ରୁଥିଲି ମୋ ଶିଶୁ ପୁତ୍ରକୁ ମାଆ ହରାଇ ନୂଆ ମାଆ ପାଇଲା ପରି ଆଉ ଜଣେ ମାଆ ପୁତ୍ର ହରାଇ ନୂଆ ପୁତ୍ର ପାଇବାର ଆନନ୍ଦ ପାଇଲା; ମାତ୍ର ସେଇ ବିଧିର କି ଅଘଟଣ, ଭାଗ୍ୟର କି ବିଡ଼ମ୍ବନା ! ମୋର ଶିଶୁପୁତ୍ର ବି ତିନି ବରଷ ତଳେ ଶ୍ରୀମତୀ ସରକାରଙ୍କ ପୁତ୍ର ପରି ସଲୀଳ ସମାଧି ଲାଭ କଲା ।

କାଳେ ଶ୍ରୀମତୀ ସରକାର 'ମୁନୁ'ର ତିରୋଧାନ ସମ୍ବାଦରେ ବିହ୍ୱଳା ହେବେ ଏବଂ ପୁଣି ତାଙ୍କର ମସ୍ତିଷ୍କ ବିକୃତି ଦେଖା ଦେବ, ସେଇ ଭୟରେ ଆମେ ସମସ୍ତେ ତାଙ୍କ ପ୍ରଶ୍ନର ଉତ୍ତର ଏମିତି ଦେଉଁ ଯିମିତି ସେ ଜାଣିବେ ମୁନୁ ଅନ୍ୟତ୍ର ରହୁଛି, ବଢୁଛି, ଏପରିକି ପଢୁଛି । ନବାଗତ ନବାଗତାଙ୍କୁ ଆମେ ବାରମ୍ବାର ସତର୍କ କରିଦେଇଥାଉଁ ଯିମିତି ସେମାନେ କଦାପି ଭୁଲରେ ବି 'ମୁନୁ'ର ମୃତ୍ୟୁ କଥା ଶ୍ରୀମତୀ ସରକାରଙ୍କ ଆଗରେ ପ୍ରକାଶ ନ କରନ୍ତି । ଆଗନ୍ତୁକା ଭଉଣୀଟିକି କେହି ଏ ବିଷୟରେ କିଛି କହିବାକୁ ସୁଯୋଗ ବା ବେଳ ପାଇନଥିଲେ । ଭଉଣୀଟି ସତ କଥାଟି କହିଦେଇଛି ଏବଂ ଯେଉଁ ଭ୍ରାନ୍ତି ମଧ୍ୟରେ ଥାଇ ଶ୍ରୀମତୀ ସରକାର ସୁସ୍ଥ ଥିଲେ ତାହା ଦୂରୀଭୂତ ହୋଇ ଯାଆନ୍ତେ, ନଗ୍ନ ବାସ୍ତବତା ପୁନଶ୍ଚ ତାଙ୍କୁ ଟାଣିନେଇଛି ସେଇ ରାଜ୍ୟକୁ ଯେଉଁଠି ବାସ୍ତବତା ଭ୍ରାନ୍ତି ଓ ଭ୍ରାନ୍ତି ବାସ୍ତବ ବୋଲି ପ୍ରତୀୟମାନ ହୁଏ ବା ଭ୍ରାନ୍ତି ଓ ବାସ୍ତବତାର ବ୍ୟବଧାନ ଓ ସୀମାରେଖା ପ୍ରାୟ ନଥାଏ ।

Digitized by srujanika@gmail.com

ଭୋର ହେଲା । ନୂଆ ସମୁଦ୍ଦିଙ୍କ ତେଣେ ଚିତ୍କାର ଶୁଭିଲା, "ବାରିକ ! ଯା, ଯା, ଭିତରେ କହିବୁ ଶୀଘ୍ର ବରକନ୍ୟା ବିଦାୟ ବ୍ୟବସ୍ଥା କରିବେ ।" ତାଙ୍କ ଆଖିରେ ନିଦ ନାହିଁ, ପୁତ୍ର ପୁତ୍ରବଧୂ ନେଇ ସଗୌରବେ ବିଜୟୋଲ୍ଲାସରେ ସ୍ୱଦେଶକୁ ଫେରିବେ । ମୋର ବି ନିଦ ନାହିଁ । ରାତି ପାହିଲେ ଗୁରୁବାର । ଜିନିଷପତ୍ର ସବୁ ସଜାସଜି ସରିଛି । ବରଯାତ୍ରୀ ଦାନ୍ତପତ୍ର ଘଷିବେ, ଚା ଖାଇବେ, ବରକନ୍ୟା କଉଡ଼ି ଖେଳିବେ । ସୂର୍ଯ୍ୟ ନ ଉଠୁଣୁ ବାହାରିଯିବେ । ଜିନିଷପତ୍ର ଫେରାଇବା କାମ ଉପରବେଳା କଥା ।

ସବୁଠାରୁ ବଡ଼ ବୋଝ, ଭାରି ଦାୟିତ୍ୱ ହେଲେ ଶ୍ରୀମତୀ ସରକାର । ବରଯାତ୍ରୀ, ଅତିଥି, ଅଭ୍ୟାଗତଙ୍କ ଆଗରେ ପାଗଳିନୀ ହୋଇ ଯଦି ନାଚକୁଦ ଧାଁ ଧପଡ଼ ଆରମ୍ଭ କରି ଦିଅନ୍ତି ତେବେ ନିହାତି କରୁଣ ପରିସମାପ୍ତି ହେବ ଏ ମହୋତ୍ସବର । ତେଣୁ ବଡ଼ଝିଅକୁ ପଠାଇ ତାଙ୍କ ସ୍ୱାମୀଙ୍କି ଉପର ମହଲାରୁ ଡ଼କାଇଲି ଓ ତାଙ୍କୁ ଚୁମ୍ବକରେ ସବୁକଥା କହିଦେଲି ।

ସରକାର ବାବୁ ଓ ତାଙ୍କ ବଡ଼ପୁଅ ଧରାଧରି ଟଣାଟଣି କରି ଶ୍ରୀମତୀ ସରକାରଙ୍କୁ ଉପର ମହଲାକୁ ନେଉଥିଲାବେଳେ ସେ କେତେବେଳେ ମୃଦୁ ସ୍ୱରରେ କେତେବେଳେ ଅବା ବଡ଼ ପାଟିରେ କହୁଥାନ୍ତି, "ଓଇ ଛେଲେଟା", କେଉଁଠି ପିଲାଟିଏ ଶୋଇଛି ଦେଖିଲେ କହନ୍ତି 'ଏଇତ' ନହେଲେ 'ଓଇଯେ' । ସେ ଚାଲିଯିବା ପରେ ଆମ ବନ୍ଧୁବାସ କୁଟୁମ୍ବ ମହଲରେ ଘଟଣା ପ୍ରସାରିତ, ଆଲୋଚିତ ହେଲା । କିଏ ଟ୍ରେଜେଡ଼ି କିଏ ବା କମେଡ଼ି ଆକାରରେ ଘଟଣାକୁ ଦେଖିଲା ।

ମୁଁ ଅପରାଧୀ ଭଳି ଛିଡ଼ା ହୋଇଥାଏ । କେତେବେଳେ ବା ଆତ୍ମସ୍ଥ ହୋଇ ଭାବୁଥାଏ କେତେଦୂର ମୁଁ ଦାୟୀ ଏ ଦୁର୍ବିପାକ ପାଇଁ, ଶ୍ରୀମତୀ ସରକାରଙ୍କ ମାନସିକ ବିପର୍ଯ୍ୟୟ ପାଇଁ ।

ବଡ଼ ବଡ଼ ଭାରି ଜିନିଷ ଟ୍ରେନ୍‌ରେ ଆଗରୁ ପିଠା ସରିଥାଏ । ସାମାନ୍ୟ ହାଲୁକା ଜିନିଷପତ୍ର, ବାକ୍ସ ଓ ମିଠେଇ ହାଣ୍ଡି ଅଳ୍ପକେ କାର୍ ଓ ଟେକ୍‌ସିରେ ପୂରାଇ ଦିଆଗଲା । ଯେଉଁ ଝିଅ କେବେ ଓଢ଼ଣା ନ ଟାଣି ଲମ୍ବା ସାପ ବେଣୀଟାଏ ଛାଡ଼ି ମୁଣ୍ଡ ଉଚ୍ଚକରି ହରିଣୀ ପରି ନିଃସଂକୋଚରେ ସାଇରେ ଡ଼େଇଁ ବୁଲୁଥିଲା ସେ ଯେତେବେଳେ ଜୁଡ଼ା ବାନ୍ଧି, ନାନା ଅଳଙ୍କାରଭୂଷିତା ହୋଇ ସିନ୍ଦୁର କଜ୍ଜଳ ହଳଦୀ ସିନ୍ଦୁ ଲଗାଇ ବରବଧୂ ରୂପରେ ମୋ ପାଦତଳେ ମୁଣ୍ଡ ଥୋଇ ସାଶ୍ରୁଳ ବିଦାୟ ନେଲା (କେଉଁ ବାପ ସେ ଛବି ଭୁଲି ପାରିବ ?) ସେତିକିବେଳେ ମୁଁ ଶୁଣିପାରିଲି ଉପର ମହଲାରୁ ଶ୍ରୀମତୀ ସରକାରଙ୍କ 'ଓଇ ଛେଲେଟା କୋଥାୟ' 'ଓ ତ ଏଲୋନା' ଚିତ୍କାର । ମୋତେ ଜଣାଗଲା ଯିମିତି ସ୍ୱର୍ଗରେ ଥାଇ ମୋର ସ୍ୱର୍ଗତା ପତ୍ନୀ କହୁଛି, "କାହିଁ, ମୋର ମୁନୁ କାହିଁ ?" "ତାକୁ ଦେଇ ଆସିଥିଲି, ବଞ୍ଚାଇ ରଖିପାରିଲ ନାହିଁ !" ବରକନ୍ୟା ଗାଡ଼ିରେ ବସିଲାବେଳକୁ ଯେତେ ଯେତେ ନାରୀ ଅଶ୍ରୁ ବିସର୍ଜନ କରୁଥିଲେ ତାଙ୍କୁ ଦେଖି ଭାବିଲି ଦୁନିଆଯାକର ସନ୍ତାନହରା ମାତା ଭ୍ରାତୃହରା ଭଗିନୀ ଯିମିତି କାନ୍ଦି କାନ୍ଦି ଖୋଜୁଛନ୍ତି ମୁଁ ଓ ଶ୍ରୀମତୀ ସରକାର

Digitized by srujanika@gmail.com

ହରାଇଥିବା, ମୋ ଛୁଆପିଲାଏ ହରାଇଥିବା ସେଇ ପିଲାଟିକୁ, ଶ୍ରୀମତୀ ସରକାର ହରାଇଥିବା 'ଓଇ ଛେଲେଟା'କୁ।

ବର ପକ୍ଷ ଭାବିଲେ ତାଙ୍କ ବଧୂଟିକୁ ତା' ବାପା, ଆତ୍ମୀୟସ୍ୱଜନ ସାଇ ପଡ଼ିଶା ଭାରି ଭଲ ପାଉଥିଲେ, ନହେଲେ ଏତେ ଅଶ୍ରୁ କାହିଁକି ଝରୁଛି ? ବରକନ୍ୟାଙ୍କ ଗାଡ଼ିଟା ଅପସରି ଯାଆନ୍ତେ ଦେଖିଲି ବଡ଼ ବଡ଼ ଅକ୍ଷରରେ ଶିଶୁମାନଙ୍କ ଦ୍ୱାରା ଅଭିନୀତ ଥିଏଟର ବିଜ୍ଞାପନଟା 'ଶେଷ ଅଶ୍ରୁ'।

ଜବାକୁସୁମ ସଙ୍କାଶ ଧ୍ୱାନ୍ତାରିଙ୍କ ଅରୁଣ ଆଭା ପ୍ରକଟିତ ହେଲା। ସେଇ ଅରୁଣାଲୋକ ସହିତ ଶୀତଳ ପବନରେ ଉପରୁ ଭାସି ଆସୁଥିଲା ସେଇ ମର୍ମନ୍ତୁଦ ଚିତ୍କାର 'ଓଇ ଛେଲେଟା', 'ଓଇ ଛେଲେଟା'।

# ଗଙ୍ଗା ଓ ଗାଙ୍ଗୀ

"ଦେ ଦେ, ତୁ ଆଗ ମଶିଣାଟା ପାରି ଦେ ତ।" ଧଇଁସଇଁ ହୋଇ ଅନୁଚ୍ଚ ପିଣ୍ଡା ଉପରକୁ ଉଠିଲା ମାତ୍ରେ ଗଙ୍ଗା କହିଲା।

ଅନ୍ଧାରୁଆ ଝାଟିମାଟିର ପଲାଘର ଭିତରେ ବସି ଶିବୁ ବୁଢ଼ା ଢୁଳାଉଥିଲା ଅଫିମିଆଙ୍କ ପରି । କେତେବେଳେ କିମିତି ମଶାଟାଏ ଯଦି ବୁଢ଼ା ଚମଡ଼ା ଭିତରକୁ ଇଞ୍ଜେକସନ୍ ଛୁଞ୍ଚଟା ପୂରାଇଦେଇ ପାରିଲା ସେତିକିବେଳେ ଠାଏ ଠାଏ କରି ସେ ଅନ୍ଦାଜରେ ଏଠି ସେଠି ଜାଗା ଅଜାଗାରେ ବାଡ଼େଇ ହେଉଥିଲା । ଗଙ୍ଗାର ଗଳା ଶୁଣି ଟିକିଏ ଧଡ଼ପଡ଼େଇ ଉଠି ବସିଲା ଶିବୁ, ଗଙ୍ଗାକୁ ସ୍ୱାଗତ ଜଣେଇବା ପାଇଁ ।

ଡ଼ାହାଣୀ ଚିରଗୁଣୀ କି ପିତାଶୁଣୀ ପରି ଚେହେରା କରି ଗଙ୍ଗା ଘର ଭିତରକୁ ପାଦଦେଇଛି କି ନାହିଁ ବୁଢ଼ା ତରବରରେ ବାଆଁ ହାତ ବଢ଼ାଇ ତାଟିକଣରୁ ଛିଣ୍ଡା ସଉପକୁ ଓଟାରି ଆଣି ସେଇଠି ହାତ ପାଖରେ ତଳେ ପାରିଦେଲା । ଆଦୌ ବୋତାମ ନଥିବା ରଙ୍ଗଛଡ଼ା, ମାଗିଅଣା ବ୍ଲାଉସ୍‌ର ଆଗପଟୁ ସେଫ୍‌ଟିପିନ୍‌ଟା ଗଙ୍ଗା ତରବରରେ ବାହାର କରି ବାଁ ହାତର କେତୁଟା ରେଶମୀ କାଚରେ ଲଟକାଇ ଦେଲା । ଝାଲୁଆ ବ୍ଲାଉସ୍‌ଟାକୁ ଫୋପାଡ଼ିଦେଇ ଅଧା କଞ୍ଚା ଅଧା ପାକଲା ଚୂଳଗୁଡ଼ାକୁ କେରାକେରା କରି ଖେଳାଇ ପେଟେଇ ପଡ଼ିଗଲା, ଅଣ୍ଟାତଳକୁ ମସିଆ ଶାଢ଼ୀଟାକୁ ପେଲିଦେଇ, ଝାମ୍ପୁଡ଼ା ମୁଣ୍ଡଟାକୁ

ଝଙ୍କାର, ୨୪ଶ ବର୍ଷ, ଶାରଦୀୟ ବିଶେଷାଙ୍କ, ତୁଳ ୧୩୮୦, ଅକ୍ଟୋବର ୧୯୭୨ ।

Digitized by srujanika@gmail.com

ଅସ୍ଥିଚର୍ମସାର ବାହୁର ତକିଆ ଉପରେ ଥୋଇ । ଦଶ ବାର ବର୍ଷର ଝିଅ ଚେମିଟି ବସିପଡ଼ିଲା ମାଆ ଗୋଡ଼କୁ ଲାଗି ।

"ଦେ ଦେ ଅଣ୍ଟା କମରଟା ଆଗ ଖୁବ୍ ଜୋରରେ ଚିପି ମାଡ଼ି ଦେ ତ । ବଡ଼ ଖେଞ୍ଚୁଛି । ମୁଣ୍ଡଟା ବି ଚିପି ଦେ, ବାବା ! କି କଷ୍ଟ ।"

ଆଜ୍ଞାକାରୀ ଭୃତ୍ୟ ପରି ବୁଢ଼ୀ ଲାଗିପଡ଼ିଲା, ଗଙ୍ଗାର ଅଣ୍ଟାମୁଣ୍ଡ ଚିପାମଡ଼ା ଚିପାଚିପି କରିବା ପାଇଁ । କାହିଁକି ଅଣ୍ଟାମୁଣ୍ଡ ଦିହହାତ ଘୋଳାବିନ୍ଧା କରୁଛି ସେ ବିଷୟ ସେ ପଚାରିଲା ନାହିଁ । ଅନେକ ଦିନ ସଞ୍ଜରେ ସେ ସିମିତି ଫେରେ, ସିମିତି ଅବସ୍ଥାରେ ବି । ଘରେ ନୁହେଁ ଦି ଘର ନୁହେଁ, ଚାରି ଚାରି ଘରେ ସେ କାମୁତୁଣୀ କାମ କରେ । ହାଡ଼ଭଙ୍ଗା ଖଟଣି ସକାଳୁ ସଞ୍ଜଯାଏ । ଆଜିକାଲି ଯେଉଁ ଯୁଗ ପଡ଼ିଲାଣି କିଏ ଭଲା ପଇସା ଦେଇ କଷିକରି କାମ ଆଦାୟ ନ କରି ଛାଡ଼ିଦବ ? ଦୟାଧର୍ମ କଥା ଆଗକାଳିକା କଥା । ଅବଶ୍ୟ କେଉଁଦିନ କାହାଘରେ ବଳି ପଡ଼ିଲେ ବାସି ଅଇଁଠା ମିଶାମିଶି କରି ମୁଠେଅଧେ ଦିଅନ୍ତି ସିନା, କିନ୍ତୁ ହଜମ ହେଲାଯାଏ କାମ ଉପରେ କାମ ବରାଦ କରିବାକୁ ଛାଡ଼ନ୍ତି ନାହିଁ । ସେମାନେ ପୁଣି ବିଦେଶୀ । କିଏ ବଙ୍ଗାଳୀ ତ କିଏ ବିହାରୀ ତ କିଏ ପଞ୍ଜାବୀ। ଉପରବାଲୀ ଦେଶୀ । ଆମ ଏଠିକା ଲୋକ ହେଲେ ବି ଦୟାମାୟା ନ ଦେଖାଇ ହାଣ୍ଡି ହାଣ୍ଡି ଧାନ ଉଷୁଁଇବାକୁ ଦିଏ । ତଳବାଲୀ ମୁଖରା, ବାଲ୍‌ଟି ବାଲ୍‌ଟି ଲୁଗା କାଚିବାକୁ ଦିଏ ଯିମିତି ଗଙ୍ଗା କାମୁତୁଣୀ ନୁହେଁ, ଧୋବଣୀ । ପାଖବାଲୀର ଦିଅର ଟୋକାଟା ବାତୁଆ କେମ୍ପା, ସାପ, କୋଚିଲାଖାଇ, ଝିଟିପିଟି, କଚିମ, ଅସରପା, କଙ୍କଡ଼ାବିଛା ଆଦି ନାନା ଜୀବଜନ୍ତୁର ଆଲକାତରା ରଙ୍ଗର ଗନ୍ଧିଆ ଅପରଛନିଆ ଚେଲରେ ଦିନକୁ ଦିନ ତିନିଥର ମାଲିସ୍ କଲେ ବି କ୍ଷଣେ ତା'ର 'ଗଙ୍ଗା ଗଙ୍ଗା' ଡ଼ାକ ବନ୍ଦ ହୁଏନାହିଁ । ଝୁଡ଼ି ଝୁଡ଼ି ବାସନକୁସନ ସାଙ୍ଗକୁ ହଣ୍ଡା କରେଇ ଡ଼େକ୍‌ଚି ମାଜିବା କାମ ତ ନିତିଦିନିଆ ପ୍ରତି ଘରର । ପଚା ଗାଡ଼ିଆ ପାଣିରେ ସଦାବେଳେ ଘାଣ୍ଟିଚକଟି ହୋଇ ହାତଗୋଡ଼ର ଅଙ୍ଗୁଳିସନ୍ଧିରୁ ବର୍ଷକଯାକ ପାଣିଖିଆ ଦାଗ ଲିଭିବାକୁ ନାହିଁ, ନ ଜାଣିଲା ଲୋକେ ବଡ଼ରୋଗ ବୋଲି କହିବେ । ଗଙ୍ଗାର କ'ଣ ଆଉ ବୟସ ଅଛି ? ଚାଳିଶ ଛୁଇଁବ ଆଜି କି କାଲି । ଏ ବର୍ଷର ଯେଉଁ ଅସରନ୍ତି ବର୍ଷା ସେଥିରେ ଭିଜିତିନ୍ତି ଆଜି ଶର୍ଦ୍ଦି ତ କାଲି ଭାଲୁଜର । ଅଣ୍ଟାବିନ୍ଧା ତ ସ୍ତ୍ରୀଲୋକ ମାତ୍ରେ ଭୋଗନ୍ତି । କାହାର ଅଣ୍ଟାପିଚା ମୋଟା ମାଉଁସିଆ ବୋଲି ଘୋଳା ବିନ୍ଧା ତ କାହାର ଖାଲି ହାଡ଼ଚମ ବୋଲି ଅଳ୍ପ ପରିଶ୍ରମରେ ଭାଙ୍ଗି ଭାଙ୍ଗି ପଡ଼େ ।

"ଚିପୁଛୁ ନା ଆଉଁଷୁଛୁ । ହାତର ବଳ ସବୁ ଗଲା କୁଆଡ଼େ ?" ଗଙ୍ଗା ସେ ହାତର ବଳ କଷିଛି । ଦିନ ଥିଲା ସେଇ ହାତ ଗଙ୍ଗାକୁ ଜାବୁଡ଼ି ଧଇଲେ ହାଡ଼ ବାଙ୍କି ଯାଏ, ପଞ୍ଜରାହାଡ଼ କଡ଼ମଡ଼ କରେ । ଗଙ୍ଗା ଅତିଷ୍ଠ ହୁଏ 'ଓଃ ଆଃ ଛାଡ଼ ଛାଡ଼' ଚିତ୍କାର କରେ ।

Digitized by srujanika@gmail.com

ଦିନ ଥିଲା ଗୋଟାଏ ହାତରେ ଗଙ୍ଗାର ଅଣ୍ଟାକୁ ଧରି ଶିବୁ ତାକୁ ଚକପରି ବୁଲାଉଥିଲା । ଏକା ଓଲିକେ ଶଗଡ଼େ ଦି' ଶଗଡ଼ କାଠ ଚିରି ପାରୁଥିଲା ସେଇ ହାତ । ଥରେ ମାରଣା ଜୁଆନ ଷଣଟାର ଶିଙ୍ଗକୁ ଧରି ପେଲି ପେଲି ନେଇ ଗୋଟାଏ ଖାତରେ ପକାଇ ଦେଇଥିଲା ଏଇ ଶିବୁ ।

ଆଜି ସେ ସତୁରି ବର୍ଷର ବୁଢ଼ା । ପ୍ରଥମ ଭାରିଜା ଗୋଟାଏ ପୁଅକୁ ଛାଡ଼ି ଚାଲିଯିବାର ବହୁବର୍ଷ ପରେ ସେ ଗଙ୍ଗାକୁ ଦ୍ୱିତୀୟ କରିଛି । ତାକୁ ପାଇବା ପଛରେ ବି ରୋମାନ୍ସ ଥିଲା, କିନ୍ତୁ ଭାଗ୍ୟର ବିଡ଼ମ୍ବନା । ଶିବୁ ବେମାରିଆ ହୋଇଗଲା । ସେ ଗତରକୁଢ଼ୀ ନୁହେଁ । ଟିକିଏ ଭଲ ଲାଗିଲେ ତା ହାତଗୋଡ଼ କଥା କହନ୍ତି । ବିଲ କାମ ଲାଗିଲେ ସେ ରହିପାରେ ନାହିଁ । ରୋଜଗାରକୁ ବାହାରିପଡ଼େ । ହେଲେ, ଗଙ୍ଗାର ଧନ୍ଦା, ପରିଶ୍ରମ ଓ ବୁଦ୍ଧିରେ ତା ସଂସାର ଚଳେ । ଏବେ ଘର ଜଗିବା ଛଡ଼ା ବୁଢ଼ାର ଅନ୍ୟ କାମ ନାହିଁ ।

ଘର କହିଲେ ଆଠ ହାତରେ ଆଠହାତ, ସନ୍ତସନ୍ତିଆ ମାଟିଚାଳ କୋଠରୀଟା । ହାତିକିଆ ପିଣ୍ଡା ଚାଖଣ୍ଡେ ଉଚ୍ଚ । ପଦାକୁ ଯିବ ବୋଲି ଯେଉଁ ଜାଗା ତାହା ଖୋଲା ସର୍ବସାଧାରଣ ରାସ୍ତା । ବହୁ କଷ୍ଟରେ ପୁଣି ଏ ପଲାଖଣ୍ଡି ମିଳିଛି । ଭାଗବତ ବାବୁ ଓକିଲଙ୍କ ପିଣ୍ଡାରେ ଛ'ମାସ କଟିଲା । ଦୈବାତ୍ ଟୋକୀ କାମୁଡୁଣୀଟା ନୂଆ ଏସ୍.ଡ଼ି.ଓ.ଙ୍କ ଆଉଟ୍ ହାଉସ୍‌କୁ ଚାଲିଗଲା ବୋଲି ଏ ଘରଟା ମାସକୁ ଆଠଟଙ୍କାରେ ଦେଇଯାଇଛି । ଘରେ ସମ୍ପତ୍ତି ବୋଇଲେ କଳା ହାଣ୍ଡିଟାଏ, ମଙ୍ଗଭଙ୍ଗା କଳସି ଗୋଟେ, ମୁଣ୍ଡି ଛାଞ୍ଚୁଣି, ଛିଣ୍ଡା ମଶିଣାଟି ଆଉ କେତୁଟା ଗୋବରଟିକିଆ, ଚୁଲ୍ଲୀ କେଉଁଦିନ ଜଳେ, କେଉଁଦିନ ନାହିଁ । ଏ ବର୍ଷ ଯେଉଁ ଝଡ଼ିବର୍ଷା । ଚୁଲ୍ଲୀରେ ନିଆଁ ଧରାଇବା ବି କାଠିକର ପାଠ । ରାତିରେ ଯଦି ସଡ଼କର ବିଜୁଳିବତି ନ ଜଳେ ତେବେ ଘର ଅନ୍ଧାର । ପହିଲା ବଜାରରେ କିରାସିନୀ ଟୋପାଏ ଅଧେ ଯେବେ ଭଙ୍ଗା ବୋତଲରେ ଥାଏ ତ ତେବେ ଘଡ଼ିଏ ଅଧେ ଡ଼ିବିରି ଜଳେ । ତା' ନହେଲେ ବାଁ ହାତରେ ଜଳନ୍ତା ଟିକିଆ ବା ନିଆଁଖୁଣ୍ଟାଟା ହଲାଇ ହଲାଇ ଓଳିକିଆ ପଖାଳ ପେଜ ତୋରିଣିଖିଆ ସାରିଦିଅନ୍ତି ।

ବୁଢ଼ା ଆଣ୍ଠେଇ ଗଙ୍ଗାର ପିଠି ପିଟା ଘଷି ସାରିଲାବେଳକୁ ଚେମଟୀ ନିଘୋଡ଼ ନିଦରେ ଶୋଇ ଯାଇଥିଲା, ମାଆର ନଳୀଗୋଡ଼କୁ ତକିଆ କରି । ଗଙ୍ଗାର ଗୋଡ଼ ଦୁଇଟାକୁ ଘଷିଦବ ଭାବି ଶିବୁ ଝିଅର ମୁଣ୍ଡକୁ ତଳକୁ ଦେଲାବେଳେ ଶଙ୍କାକୁଳ ସ୍ୱରରେ ପଚାରିଲା "ଚେମଟୀ ଖାଇଛିନା ?" ଗଙ୍ଗା କେବଳ କଡ଼ ଲେଉଟେଇ ଚିତ୍ ହୋଇ ଶୋଇଲା ହାତପାପୁଲି ଛନ୍ଦି ମୁଣ୍ଡ ତା' ଉପରେ ଦେଇ । କିଛି ଉତ୍ତର ଦେଲା ନାହିଁ । ବୁଢ଼ା ବୁଝିଗଲା, ତା' ମନ ବେଶୀ ଶଙ୍କେଇଲା କାଳେ ଆହୁରି ବେଶୀ ଦୁଃସମ୍ବାଦ ମିଳିବ ବୋଲି ।

ଦଶ ଏଗାର ବର୍ଷ ହେଲେ ବି ଚେମଟୀ ମାଆ ପଣତ ଛାଡ଼ିବାକୁ ନାହିଁ । ବଡ଼ଘର ଝିଅ ହୋଇଥିଲେ ଆଜିକୁ ଗାଲ ମୁହଁ ଲାଲଲାଲ ଫୁଲକା ଫୁଲୁକା ଦିଶୁଥାନ୍ତା । ଫ୍ରକ୍‌ର ଡ଼ିଜାଇନ୍ ବଦଳିଥାନ୍ତା । ସ୍କୁଲ ପିଲାଏ ଚକ୍‌କର ମାରି ହୁଇସିଲ୍ ବଜାଇ 'ଆଓ ପ୍ୟାର

Digitized by srujanika@gmail.com

କରେ' ଗୀତ ଆରମ୍ଭ କରିଦେଇଥାନ୍ତେ, କିନ୍ତୁ ଚେମଟୀର ଚେହେରା ଆକୃତି ଦେଖିଲେ ଲୋକେ ତା ବୟସ ଛଅ ବୋଲି କହିବେ । ପାଞ୍ଚବର୍ଷ ହେଲା ସ୍କୁଲରେ ପଢୁଛି ଯେ ଦୁଇରୁ ତିନି କ୍ଲାସ୍ ଯାଇ ନାହିଁ । ଉକୁଣୀମୁଣ୍ଡୀ, ଚୋରଣୀ ବୋଲି ତାର ବଦନାଆଁ, ସ୍କୁଲରେ ବି ସେ ନଥାଏ । ମାଆ ପାଖକୁ ଫେରିଆସେ । ବାସନକୁସନ ମଜାମଜି, ଘରଦ୍ୱାର ଖରକାଖରକିରେ ସେ ତାକୁ ସାହାଯ୍ୟ କରେ । ଗଛରେ ଚଢ଼ି କଷି ପିଜୁଳି ଚୋବାଇ ଭୋକମାରେ, ତରକାରୀ ପାଇଁ ଗାଡ଼ିଆରୁ ଗେଣ୍ଡା କଙ୍କଡ଼ା ଧରେ, ସୁନସୁନି ଶାଗ ସାଉଁଟେ । ମୁଢ଼ି ମୁଠେ ବା ଚଣାଭଜା ପାଞ୍ଚପଇସାର ପାଇଁ ମାଆ ପାଖରେ ଅଳି କରେ, ହଟ ଲଗାଏ, ନ ମିଳିଲେ ଗାଳିଗୁଲଜ, କଳି କରେ । ହେଲେ ବାପାମାଆଙ୍କ ଗେଲବସର ଝିଅଟି ।

ଚେମଟୀ କିଛି ଖାଇଛି କି ନାହିଁ, ଏ ପ୍ରଶ୍ନଟି ବୁଢ଼ା ପଚାରିବାରେ ଯଥେଷ୍ଟ ତାତ୍ପର୍ଯ୍ୟ ଥିଲା । ଆଜି ସକାଳେ କାହା ପେଟକୁ ଦାନାପାଣି ଯାଇନଥିଲା । ଛକରେ ବାୟା ଯେଉଁ ପାନ, ଚା, ଦୋକାନ କରିଛି ବୁଢ଼ା ସେଇଠି ବସାବସି କରେ, ଚା' କପପ୍ଲେଟ୍ ଧୁଆଧୋଇ କରେ, ଦୋକାନରୁ ମାଗି ଅଣା ଚା' ସିଠାକୁ ପୁଣି ଫୁଟାଇ ଜମାଟବନ୍ଧା ଗନ୍ଧିଆ ଗୁଣ୍ଡଦୁଧରୁ ଚକଟିଏ ଦେଇ ଟୋପାଏ ଅଧେ ଗୁଡ଼ ମିଶାଇ ତିନିହେଁ ଚା' ଖାଇ ଯେଝା କାମକୁ ଯାଇଥିଲେ । ପାଞ୍ଚ ପଇସାର ମତିହାରି ଧୂଆଁପତ୍ରକୁ ଅଧାଅଧା କରି ଶିବୁ ଓ ଗଙ୍ଗା ଲୁଗାକାନିରେ ଗଣ୍ଠେଇ ସୂର୍ଯ୍ୟଦେବଙ୍କୁ ସ୍ୱାଗତ କରିବା ସଂଗେ ସଂଗେ ପରସ୍ପରକୁ ବିଦାୟ ଦେଇଥିଲେ । ତା'ପରେ ଦିନଯାକ ଅନ୍ଧାର । ରାସ୍ତାର ଆଲୁଅରେ ବର୍ତ୍ତମାନ ସାମ୍ନାଟା ଖୁବ୍ ଆଲୋକିତ ହେଲେ ବି କୋଠରୀ ଭିତରର ଅନ୍ଧାରୁଆ ପରିବେଶରେ ମଶାଣି ସରଞ୍ଜାମ ଲଗାଲଗି ହୋଇ ରହିଥିବା ତିନିଟା ଜୀବକୁ ଦେଖିଲେ ହରିଶ୍ଚନ୍ଦ୍ର ନାଟକର ଶ୍ମଶାନ ଦୃଶ୍ୟର ସେଟ୍ ପରି ଜଣାଯିବ ।

ପ୍ରାୟ ଘଡ଼ିଏ ଯାଏ ବୁଢ଼ା ହାତର ଚିପାମୋଡ଼ାଘଷା ଖାଇ ଗଙ୍ଗା ଟିକିଏ ତାଜା ହୋଇ ଉଠିବସିଲା । କହିଲା, "ବୁଢ଼ାରେ ବେଶ୍ ଚଞ୍ଚଳ ଲାଗିଲା । ହେଲେ ତଣ୍ଟିଟା ଶୁଖି ଶୁଖି ଯାଉଛି । ଏତିକିବେଳେ ଯଦି ତୋରାଣି ପାଣି ବେଲାଏ ଦେଇ ଦିଅନ୍ତୁ ତ ଦେଖନ୍ତୁ କାଲି ସକାଳୁ କିମିତି ଫେର କାମକୁ ବାହାରି ଯାଆନ୍ତି । ରନ୍ଧାରନ୍ଧି କରିଛୁ ନା ?" ଗୋରୁଗାଈ ଗନ୍ଧ ବାରି ଘାସ ପାଣିର ସନ୍ଧାନ ପାଆନ୍ତି । ଗଙ୍ଗା ଶୋଇ ଶୋଇ ପ୍ରାୟ ଜାଣିସାରିଥିଲା ଯେ, ରାତିଟା ଖାଡ଼ା ଓପାସ ।

ବୁଢ଼ା ବି ବେଶ୍ ଜାଣିଥିଲା ଯେ ଗଙ୍ଗା ଆସି ପହୁଞ୍ଚିଲାମାତ୍ରେ ଖାଇବାକୁ ମାଗିବ, କିନ୍ତୁ ପରିସ୍ଥିତି କିମିତି ସମ୍ଭାଳିବ ସେ ପାଇଁ ତା'ର ଭିନ୍ନ ଚିନ୍ତା ଓ ପରିକଳ୍ପନା ଥିଲା । ନିମ୍ନ ମଧ୍ୟବିତ୍ତ ଏପରିକି ମଧ୍ୟବିତ୍ତ ପରିବାରର ସ୍ୱାମୀ ସ୍ତ୍ରୀ କଠୋର କର୍ମମୟ ଦିବାବସାନରେ ଏ ନିର୍ମମ ଅବସ୍ଥାର ଯେବେ ମୁହାଁମୁହିଁ ହୁଅନ୍ତେ ତେବେ କଳିତକରାଳ, ରୁଷାରୁଷି ଏପରି କି ମାରପିଟ୍ ହତ୍ୟା ପର୍ଯ୍ୟନ୍ତ ଯାଇଥାନ୍ତା ପରସ୍ପରକୁ ଦୋଷୀ ଆକ୍ଷେପ

Digitized by srujanika@gmail.com

କରି । କେଉଁଠି ହୁଏତ ଆତ୍ମହତ୍ୟା ବ୍ୟବସ୍ଥା ଉଭୟେ ବା ଜଣେ କରିଥାନ୍ତେ, କିନ୍ତୁ ଅସହିଷ୍ଣୁତା ଭାବପ୍ରବଣତା ବା ପରସ୍ପର ଦୋଷଦର୍ଶିତାର ଉର୍ଦ୍ଧ୍ୱରେ ଥିଲେ ଏ ଦୁଇପ୍ରାଣୀ । ଶ୍ରେଣୀ-ସଂଘର୍ଷ, ସମାଜବାଦ ବା ବିଦ୍ରୋହୀ ମନୋବୃତ୍ତି ନେଇ ସମାଜ ବଦଳ କରିବା ମନ୍ତ୍ରଦୀକ୍ଷା ସେମାନେ ହର୍ତ୍ତା କର୍ତ୍ତା ବିଧାତାଙ୍କଠାରୁ ପାଇନାହାନ୍ତି (ଯାହା ତାଙ୍କ ପରବର୍ତ୍ତୀ ବଂଶଧର ପାଇବେ) । ଜୀବନସ୍ରୋତରେ ସେମାନଙ୍କର ଆଉ ଫେଣ ନାହିଁ । ଅଛି ଗୋଟାଏ ପ୍ରକାର ମୂକ ଗ୍ରହଣଶୀଳତା, ଅଧୀର ନିଶ୍ଚଳତା ଓ ହୃଦ୍ୟ ବୈଚିତ୍ର୍ୟହୀନତା ।

ବୁଢ଼ା ଗଙ୍ଗାର ରନ୍ଧାରନ୍ଧି ପ୍ରଶ୍ନର ଉତ୍ତର ଦେଇ କହିଲା, "ମଲା ! ମୁଁ ତତେ ଚାହିଁକରି ବସିଛି କ'ଣ ଆଣିଥିବୁ ବୋଲି । ଦିନଯାକ ମୋର ଉପାସ । ପେଟକୁ ପାଣି ବି ଯାଇନି, ସେଇ ଯାହା ଗୁହାଟିକକ ସକାଳୁ ଦେଇଥିଲୁ ।"

"କି ! ଆଜି ବି କାମଦାମ କିଛି ପାଇଲୁ ନାହିଁ ? ମିଲ୍ ବାଲା ଘରକୁ ଯାଇଥିଲୁ ପରା ।"

"ଯାଇଥିଲି । ହେଲେ ସେଠି ତ କାମ କରିବାକୁ ଲୋକ ଖୁନ୍ଦାଖୁନ୍ଦି । ଏ ବର୍ଷ ପାଣିପାଗରେ ସବୁ ଏକମୁଣ୍ଡିଆ କାମ । ଗୁଆ ସରିଲା ତ ବଛା ନାହିଁ । ବନ୍ୟାରେ ଅଧେ ବିଲ ଭରପୂର । ଏ ଟୋକା ମିଲ୍‌ବାଲାଟା ଧାଙ୍ଗଡ଼ି ଧାଙ୍ଗଡ଼ି ଦେଖି କେତେଜଣ ସାନ୍ତାଳୁଣୀ ମୂଲିଆଣୀ ରଖିଲା, ମୋତେ ଫେରାଇ ଦେଇ କହିଲା, 'ତୁ ଆଉ ଆସିବୁ ନାହିଁ, ବହୁତ ବୁଢ଼ା ହେଲୁ । ଦୁର୍ଭିକ୍ଷ ବଜାରରେ ବିନା କାମରେ ବସି ଉଠି ପେଟ ପୋଷିବାକୁ ତୋତେ କିଏ ଦବ ? ଆମର ତ ମିଲ୍ ଦଶମାସ ବନ୍ଦ ।' ତା ବୁଢ଼ାବାପ ଥିଲେ ମୋତେ ଅଲବତ୍ ରଖିଥାନ୍ତା, ନହେଲେ ମୁଠାଏ ଖୁଦ ହେଲେ ଦେଇଥାନ୍ତା । ତା'ର ଦୟା-ମାୟା ଥିଲା । ସେଇଠୁ ଫେରିଆସି ଘରେ ବସିଛି ।" ଦଣ୍ଡେ ରହି ଫେର୍ କହିଲା "ବାୟାଠୁଁ କଲେ ଅଧେ ଆଣିଥାନ୍ତି ହେଲେ ତା'ର ପିଛିଲା ଉଧାର ତ ଶୁଝୁନି, ମାଗିଲି ନି, ଭାବିଥିଲି ତୁ ଆସିଲେ...."

"ଦେ ନା ତୁ ପଇସା ଦେ, ମୁଁ ସାଙ୍ଗେ ସାଙ୍ଗେ ଯାଇ ଚାଉଳ ନେଇ ଆସିବି । ଘଷି ତ ଅଛି, କାଠିକୁଟା ଗୋଟେଇ ରଖିଛି, ଦିଆସିଲି କାଠି ଦୁଇଟା ବି ମାଗି ଆଣିଛି । ଘଡ଼ିକୁ ସବୁ ହୋଇଯିବ ।'

"ତୁ ଆଗ ଦୋକତାଚୁନ ଟିକେ ବାହାର କର ତ ।" ଗଙ୍ଗା ଜାଣିଗଲା ରାତିର ବ୍ୟବସ୍ଥା । ବୁଢ଼ା ଗଣ୍ଠି ଫିଟାଇ ଯେଉଁ ଚିମୁଟାଏ ରାତି ଖାଇବା ପରେ ପାଟିରେ ପକାଇ ଆସିଲା ମାରିଥାନ୍ତା ତାକୁ ଗଙ୍ଗାର ପାପୁଲିରେ ସାବଧାନରେ ଥୋଇ ଦେଲା । ତଥାପି ତା'ର ଆଶା ଗଙ୍ଗା ଯା'ହେଉ କୋଡ଼ିଏ ପଚିଶ ପଇସା ହେଲେ ଅଭାବକୁ ବାହାର କରିବ ।

ଗଙ୍ଗା ବୁଢ଼ାର ସବୁ ଆଶାକୁ ଏକାବେଳକେ ଚୁରମାର କରିବା ଗଳାରେ କହିଲା, "ମୋ ପାଖରେ ଫଟା ପଇସାଟାଏ ବି ନାହିଁ । ତୋ ରାଣ ।"

"ତିନି ଘରୁ କେହି ଘରେ ହେଲେ ବି ଭଲା ଟଙ୍କାଏମସାଏ ଆଗତୁରା ଦେଇଥାନ୍ତେ ।"

Digitized by srujanika@gmail.com

"ଦେଇଥାନ୍ତେ, ନ ଦେଇଥାନ୍ତେ ଅଲଗା କଥା । ମୁଁ କି ବିଆସି ଯେ ଜାଣିଥାନ୍ତି ତୋତେ କାମ ମିଳିନି । ତା'ଛଡ଼ା ସବୁ ଦରମା ଟଙ୍କା ତ ଆଗତୁରା ଆଣି ଖାଇସାରିଛି । ଉପରବାଲୀ ଦେଇଛି ବାର, ବାକୀ ତିନି, ତଳବାଲୀ ପାଖରୁ ଆଣିଛି ଦଶ ବାକୀ ଦୁଇ, ଆଉ ସେ କେମ୍ପାର ଭାଉଜପାଖରୁ ଆଠରୁ ସାତ । ବାକୀ ଦରମା ସବୁ ମିଶିଲେ ବି ଘରଭଡ଼ା ଆଠଟଙ୍କାକୁ ନିଅଣ୍ଟ । ପୁଲିସ ନିଶ୍ଚେ ଲଗେଇବ ସେ ଘରବାଲୀ ଖାନକୀ ମାଇକୀନାଟା ଏଥର ।"

"କରଜ ଶୁଝି ନଥିଲେ ଏମାସ ଦୁଃଖକଷ୍ଟେ ଚଳିଯାଇ ଥା'ନ୍ତା ଓଳିଏ ଅଧେ ଉପାସ ରହି ।"

"କରଜ ଶୁଝିଲା ନା ସୁଧ ଗଣିଲୁ? ମୂଳ ଆଉ ଶୁଝି ହବନି, ଗହଣାଗାଣ୍ଠି ବେଲାବାସନ ମହାଜନ ଘରେ ପଡ଼ିଥାଉ । ତାକୁଇ ଦେଇ ଋଣ ସୁଧମୂଳ ଦେଇଦବା । ପୁଅକୁ ଏଡ଼େ ଆଡ଼ମ୍ବର କରି ବାହା କରାଇଥିଲି ଯେ, ସେ ଘରଜୋଇଁଆ ହେଲା ସମ୍ପତ୍ତି ଲୋଭରେ, ରିକ୍ସାଟଣା ଛାଡ଼ି । ଆମକୁ ପଚାରିଲା ନାହିଁ ।"

"ଥାଉ ଥାଉ, ରାତି ଅଧରେ ତାକୁ ଗାଳିଦେଇ କି ଲାଭ ? ଆମ କପାଳ ଆମକୁ ସିମିତି କରାଉଛି ।"

"ଆଚ୍ଛା ବୁଢ଼ା! ସତ କହନି କାହିଁକି ତୁ ମୋତେ ଟାକି ବସିଥିଲୁ? ଏତେ ଏତେ ଟଙ୍କା ଆଗତୁରା ଆଣି ମାସ ଚଳାଇଲି ତେବେ ବି ତୁ କିମିତି ଭାବିଲୁ ଯେ ମୁଁ ଯାହାହେଉ କିଛି ହାତରେ ଧରି ଫେରୁଛି । ଫେର୍ କାଠିକୁଟା ଦିଆସିଲିକାଠି ପର୍ଯ୍ୟନ୍ତ ଯୋଗାଡ଼ କରି ବସିଛୁ ।"

"ବେଳବୁଡ଼ତକ କିଛି ଭାବି ନଥିଲି । ସଞ୍ଜ ଟିକିଏ ବେଶୀ ଗଡ଼ିଲାରୁ ଭାବିଲି ତୁ ନିଶ୍ଚେ ଖାଲି ହାତରେ ଫେରିବୁ ନାହିଁ । ମୋ ମନ କଥା ସଫା ସଫା କହିଦେଲି, ରାଗିବୁ ନାହିଁ ।"

ବୁଢ଼ାର ଇଙ୍ଗିତ ବୁଝିପାରି ଗଙ୍ଗା 'ହୁଁ' କଲା । ସାମାନ୍ୟ ଚିଡ଼ି ଯାଇଥିଲା ବୋଧହୁଏ । "କିଛି ରୋଜଗାର କରି ଫେରିଥିବି ଭାବିଥିଲୁ ?"

ନିଜ କଥାର ଖିଅଧରି ବୁଢ଼ା କହିଗଲା "ଆଜି ଏ ନୂଆ କଥା ନୁହେଁ । ନିତିଦିନିଆ ନ ହେଲେ ବି ଅଭାବକୁ କେବେ କିମିତି ଟଙ୍କାଏ ମସାଏ ଆଣିଥାଉ । ଯେବେ ଆଣିଥାଉ ସେଦିନ ଏମିତି ଟିକିଏ ଡେ଼ରିକରି ଆସୁ । ଅଣ୍ଟାପିଠି ଦରଜ ଭାଙ୍ଗିଦିଏ । ସତରେ ଆଜି ମୁଁ ବଡ଼ ଦମ୍ଭ ବାନ୍ଧି ବସିଥିଲି ତୁ କିଛି ନହେଲେ ଆଠଣିଟାଏ ଆଣିବୁ ଯିମିତି ହେଲେ ଯୋଗାଡ଼ଯନ୍ତ୍ର କରି । ଧାଇଁଯାଇ ବାୟା ଦୋକାନରୁ ଚାଉଳ ପାଏ ଅଧେ ଆଣିଥାନ୍ତି, ଦଣ୍ଡକୁ ମୁଠାଏ ଫୁଟାଇ ଦେଇଥାନ୍ତି ଯେ..."

Digitized by srujanika@gmail.com

"ତୁ ଆଉ ମୁଁ ପେଟେ ପେଟେ ଖାଇ ଆରାମରେ ନମ୍ପତମ୍ପ ପଡ଼ିଯାଆନ୍ତେ । ବୁଢ଼ାରେ! ଚିଲିକା ଚିଙ୍ଗୁଡ଼ିକି ଆକାଶ କଯାଁ କଥା ହେଲା ।"

"ତୋର ସେଇ ଚିହ୍ନା ବୁଢ଼ାଟା ପାଖରୁ ଦଶ କୋଡ଼ିଏ ପଇସା ବି ମାଗି ଆଣି ପାରିଲୁନାହିଁ । ତାକୁ ପରା ତୁ ଗପ କହୁ । ତୋ ଗପକୁ ସେ ତାରିଫ୍ କରେ ଆଉ ଲେଖେ । ସେ ପରା ତୋର ସବୁଦିନିଆ ଗରାଖ ।

"ମଲା ମଲା ଯିଏ ମୋ ସାଙ୍ଗରେ ଗପ କଲା ସିଏ ମୋର ଗରାଖ । ଫେରେ ସବୁଦିନିଆ । ତୋ ମୁଣ୍ଡ ବିଗିଡ଼ିଗଲା ଏଥର ଦେଖୁଛି ।"

ଗଙ୍ଗା ଦେଖିଲା ବୁଢ଼ାକୁ ବାଇ ଲାଗିଛି, ବୁଢ଼ା ଭାବିଛି ମଶାଣିକି ଗଲାଯାଏ ତା' ଦିହର ଦାମ ଥିବ । କ୍ରୋଧ ଛଡ଼ା ଅନ୍ୟ ପ୍ରତିକ୍ରିୟା ତା' ମନକୁ ନ ଆସିବା କଥା, କିନ୍ତୁ ଗଙ୍ଗା ଜୀବନଯାକ ରସିକା, ଦରଦୀ, ସେ ହସି ଜାଣେ । ଅନ୍ୟକୁ ଖୁସି କରିପାରେ ଯିମିତି ବିଦ୍ରୂପ ବା ଉପହାସ କରିପାରେ, ନିଜକୁ ସେମିତି, ଏପରିକି ଦୁର୍ଭାଗ୍ୟ ସହିତ । ଗଙ୍ଗାରେ କେତେ ପାଣି ବରଂ ମାପିହବ, ଗଙ୍ଗାର ମନର ଗଭୀରତା ଜାଣି ହବନି । ଯେଉଁମାନେ ସେ ଖୁବ୍ ହସେ ସେ ଦିନ ତାର ହୁଏତ ଖୁବ୍ ଦୁଃଖ । ତା' ମନରେ ଦୁଃଖ ଅଛି ଏକଥା କାହାରିକି ଏମିତି କି ବୁଢ଼ାକୁ ବି ଜାଣିବାକୁ ଦିଏନି ।

ହାହତୋଽସ୍ମି ଅବସ୍ଥାରେ ବି ମଣିଷ ଥରେ ଥରେ ମିଛୁଟାରେ ନିଜକୁ ଥଟ୍ଟା କରି ଠୋ ଠୋ କରି ହସି ମନର ଦ୍ୱନ୍ଦ୍ୱ ଓ ବିମର୍ଷକୁ ଉଡ଼ାଇ ଦେବାକୁ ଚେଷ୍ଟା କରେ । ଗଙ୍ଗା ସେଇଯା କରିବାକୁ ଚେଷ୍ଟା କଲା ।

ଉଠିଯାଇ ବଙ୍କାଟଙ୍କା ଚେପାମୋଡ଼ା ଏଲୁମିନିୟମ୍ ବାଟିରେ ମଙ୍ଗଭଙ୍ଗା କଳସୀରୁ ପାଣି ଗଡ଼ାଇ ଢ଼କଢ଼କ କରି ପିଇଗଲା । ଲୁଗାକାନି ଫିଟାଇ ଶେଷ ସମ୍ବଳ ଦୋକତାଟିକକ ବାହାରକରି ପାପୁଲିରେ ରଖିଲା । ମାଟିସରାରୁ ଚୂନଟିକିଏ ଆଣି ଦଳି ଠୋ ଠୋ କରି ଦୁଇଥର ଝାଡ଼ିଦେଇ ଦି'ଆଙ୍ଗୁଳିଆ ଚିମୁଟାଏ ବୁଢ଼ାକୁ ଦେଲା । ଜିଭଟା ବାହାର କରି ଗହ୍ୱର ପରି ପାଟିରେ ବାକୀଟିକେ ଥୋଇଦେଲା ।

କହିଲା, "ବୁଢ଼ାରେ । ଗପ ଶୁଣିବୁ ତ କହ କହିବି, କାହିଁକି ମୋର ଆଜି ଏତେ ଡେରି ହେଲା ।"

ବୁଢ଼ା କହିଲା, "କହ ଯାହା କହିବୁ, ରାତି ତ ଉପାସ, ନିଦ ହବ ନି, କହ କ'ଣ କହୁଛୁ । ଏତେ ଉପକରମ କାହିଁକି ? ତୁ ତ ମୋତେ କେଉଁ କଥା ଲୁଚାଉନି । ନଅ ଦଶ ବରଷ ହେଲା ମୁଁ ତ କେବେ ତୋତେ କିଛି କହିନି । ମୁଁ ତ ବୁଢ଼ା ଅଥର୍ବ । ତୋତେ ପରା ଛାଡ଼ପତ୍ର ଦେଇଦେଇଛି । ତୁ ଯାହା କଲେ ବି ମୋର କିଛି ନାହିଁ । ତୁ ମତେ ପାଳୁଛୁ ନା ମୁଁ ତତେ ପାଳୁଛି ? ଦଣ୍ଡେ ପାଖରେ ବସିଲେ ପଦେ ଅଧେ ଦୁଃଖସୁଖ ହେଲେ ତ ମୋର ଢେର । ମୁଁ ନିଜେ ତ ତତେ ନ କରିବା କାମ କରିବାକୁ କହିଛି । ତୁ ତ ନିଜ କଥା କହିବୁ, କହ, ଏ କାନ ସବୁ ଶୁଣିଛି, ଶୁଣିବ ।"

Digitized by srujanika@gmail.com

ଯେଉଁ କଥା ଶୁଣିଲେ ହୁଏତ ଅନ୍ୟ କେହି ସ୍ୱାମୀ ପାଖ ପନଖିଟାକୁ ଉଠାଇ ସ୍ତ୍ରୀର ବେକ ଛେଦି ହୁଅନ୍ତା ସିମିତି କଥା ନିର୍ବିକାର ହୋଇ ଶୁଣିବାକୁ ଶିବୁ ପ୍ରସ୍ତୁତ ହେଲା । ଅପ୍ରତ୍ୟାଶିତ ବା ଅପ୍ରିୟ କଥା ଗୁଡ଼ାକ ବି ତା' ପକ୍ଷରେ ନିତିଦିନିଆ, ପ୍ରେୟ ଏପରିକି ଶ୍ରେୟ ମଧ୍ୟ । ଯିଏ ନିଜେ ଶିବ ତା'ର ମଙ୍ଗଳ ଅମଙ୍ଗଳ କ'ଣ ।

ଗଙ୍ଗା ଚେମଟୀ ଆଡ଼କୁ ଚାହିଁଲା । ଭୋକର ନିଦ ଏମିତି ଯେ, ମଲା ବଞ୍ଚିଲା ବାରି ହବନି । ଗଙ୍ଗା କାହିଁକି କେଜାଣି ହାତଟା ବୁଲାଇ ଆଣିଲା ଝିଅ ଦେହରେ । ଉଷୁମ ଅଛି ।

ଦୋକତାଚୂନର ବୋଳ ପାଟିରେ ପୂରାଇ ଗେଲେଇ ହୋଇ ଗଙ୍ଗା ଆରମ୍ଭ କଲା, "ବୁଢ଼ାରେ । ଢେର ଢେର ବଡ଼ ବଡ଼ ଗରାଖ ଲାଗିଥିଲେ । ହେଲେ ବିଗିଡ଼ିଗଲା । ତୋରି ଯୋଗୁଁ, ଏଇ ଛୁଆଟା ପାଇଁ । ନହେଲେ..."

"ମୋରି ପାଇଁ ।"

"ହଁ ହଁ ତୋରି ପାଇଁ, ଚେମଟୀ ପାଇଁ । ସହଳ ସହଳ କାମ ସାରି ମନ ହେଲା ଚାଲିଗଲି ବାପଘରକୁ ଚେମଟୀ ଛାଡ଼ି ଦେଇ ।"

"ବାପ ଘର ଗାଁରେ ବଡ଼ ଗରାଖ ।"

"ହଁ ହଁ ବାପ ଘର ଗାଁରେ, ଶୁଣ । ଆଗ ମୁଠାଏ ପାଟିରେ ପକା ।" ଲୁଗାକାନିର ଗଣ୍ଠି ଫିଟାଇ ମୁଠେ ମୁଢ଼ି ବୁଢ଼ା ପାଟିରେ ଦେଲା । ନିଜେ ବି ମୁଠିଏ ଖାଇଲା । ଦିହେଁ ପାଣି ଢ଼କ ଢ଼କ କରି ପିଇଲେ ଓ ଯେଝା ସ୍ଥାନ ଦଖଲ କଲେ ।

ଗଙ୍ଗା କହିଲା, "ପ୍ରଥମେ ଜୁଟିଲା ସେଇ ପଧାନ ଘର ଟୋକା । ପାନ ଯାଚିଲା, ଶାଢ଼ୀ ଯାଚିଲା, ମକରକୁ । ମୁଁ ମନାକଲି,ଗାଳି ଦେଲି ।"

"କାହା କଥା କହୁଛୁ । ସେ ପଧାନ ଘର ଟୋକା ପରା ରୋଗରେ ଅକାଳରେ ମଲା । ସେ ଫେର୍ ଜୁଟିଲା କିମିତି ?"

"ଶୁଣି ଯା । ତା' ପରେ ଜୁଟିଲା କାନତରାଟି । କାମ ଦବ କହିଲା । ତା'ପାଖରେ ରହିଲେ ଘର କରିଦେବ, ଜମି ଦବ ବୋଲି କହିଲା । ତାକୁ ବି ବେଶ୍ କଡ଼ା କରି ଶୁଣାଇ ଦେଲି । ତା'ପରେ .."

"ଏସବୁ ପଚା ପୁରୁଣା କଥା । ଚଷୁ କୁଟୁଛୁ ।"

"ମୁଁ ଆଉ ନୂଆ କଥା କେଉଁଠୁ ପାଇବି ? ଶୁଣିଯା, ତା' ପରେ ସେଇ ସରପଞ୍ଚ ବୁଢ଼ା । ପେଞ୍ଚପାଞ୍ଚ କରି ମଙ୍ଗେଇବାକୁ ଚେଷ୍ଟାକଲା, ପାରିଲା ନାହିଁ । ମାଡ଼ ଦିଆଇଲା ବିନା ଦୋଷରେ । ବଳତ୍କାର କଲା, ନାତ ଖାଇଲା ଥରେ ଦି'ଥର ।"

"ଗଙ୍ଗା ! ଏସବୁ ଗାଁ କଥା, ବାପ ଘର କଥା । ଏବକା କଥା ନୁହେଁ । ଆଜି ପରା ଗରାଖ ଜୁଟିଥିଲେ ?"

Digitized by srujanika@gmail.com

ଗଙ୍ଗା ଟିକିଏ ସଳଖି କହିଲା "ବୁଢ଼ାରେ । ପୁରୁଣା କଥା ନ କହି ନୂଆ କଥା କେଉଁଠୁ କହିବି ? ତୋରିପାଇଁ ରସ ଛାଡ଼ିଛି, ଲୋଭ ଛାଡ଼ିଛି, ମାଡ଼ ଖାଇଛି । ଫେର୍ ତୋରି ପାଇଁ ବୁଢ଼ୀ କାଳକୁ ଦିହ ବିକିଛି । ହେଲେ ତୁ କିମିତି ଭାବୁଛୁ ଆହୁରି ବାଦିରି ପରି ଝୁଲୁଥିବା ଛାତିର ଏଇ ମଲା ଚମ ଦି ଖଣ୍ଡକୁ ଲୋକେ ଲୋଭାଇ ମତେ ଚାରଣା ଆଠଣା ଦେଉଥିବେ ମଲାଯାକେ ! ଗଲା ମାସ କେବେ କିମିତି ଦଶପଇସା କୋଡ଼ିଏ ପଇସା ଆଣୁଥିଲି ଜାଣୁ ?"

"କିମିତି ?"

"ଦିହ ବିକି ନୁହେଁ । ଗପ ବିକି । ଗୋଟାଏ ବୁଢ଼ାକୁ । ସିଏ ଗପ ଲେଖେ, ଛାପେ, ପଇସା ପାଏ । ମୋଠୁ ଗପ ଶୁଣେ ସଞ୍ଜରେ ।"

"ସି, ତ ଢ଼େର ଢ଼େର ପଇସା ପାଇଥିବ । ତୋତେ ଏତେ କମ୍ ଦିଏ ?"

"ଆଗ ଆଗ ପାଉଥିଲା, ତୋର ମୋର ରସରସିଆ କଥା ଲେଖି, ପଧାନପୁଅ, କାନତରାଟି ସରପଞ୍ଚର କଥା ଲେଖି ।"

"ଏସବୁ ଗପରେ ପଇସା ମିଳେ । ତୋର ମୋର ସେଇ ଝଡ଼ା କଥାରେ ?"

"ହଁ । ସେ ବୁଢ଼ାଟା ବି ଏବେ ମୋରିପରି ବିକଳ ହେଉଛି । ସେ ଦିନେ ଭଲ ପ୍ରେମ ଗପ ଲେଖୁଥିଲା । ତା'ର ବହୁତ ଗରାଖ ଥିଲେ । ଏବେ ତା' ଲେଖାରେ ରସ ନାହିଁ । ଟୋକା ଟୋକୀଙ୍କ ପ୍ରେମ ନାହିଁ । ତାକୁ ଭୋକ ଉପାସରେ ଦିନ କାଟିବାକୁ ପଡୁଛି ।"

"ଆଜି ତେବେ ତା'ରି ପାଖରେ ଥିଲୁ ? ବୁଢ଼ା କିଛି ଦେଲାନି ?"

"ଆଜି ଯେଉଁକଥା କହିଲି ସେଥିରେ ରସ ନଥିଲା । ଆମ ହୀନିମାନିଆ ଜୀବନ କଥା କହୁଥିଲି । ବୁଢ଼ା କାନ୍ଦିଲା, କହିଲା, 'ଗଙ୍ଗାରେ ! ତୋର ଅଧେ ଜୀବନ ଗଲା ପ୍ରେମ ଦେଇ, ଆଉ ଅଧେ ଗଲା ରକ୍ତମାଉଁସ ବିକି, ଏବେ ମୋତେ ଗପ ବିକୁଛୁ ।' ବୁଢ଼ାଟା ସତରେ ମୋତେ ବହୁତ ଭଲପାଏ ।"

"ଆଉଁଷା-ଆଉଁଷି କରୁଥିବ, ନହେଲେ ..."

"ତୁ ପୋଡ଼ାମୁହାଁ ଅଲାଜୁକ ବୋଲି ଏ କଥା କହୁଛୁ ସିନା ଆଉ କେହି ଗିରସ୍ତ ଏ କଥା କହନ୍ତା ନାହିଁ ।"

"ହଉ ଥାଉ । କେତେ ଦେଲା ଆଜିର ଗପ ପାଇଁ ?"

"ସେମିତି ଗପ, ସିମିତି ମୂଲ । ମୁଢ଼ି ଦିମୁଠା ଦେଇଛି । ଖାଇଲୁ ଯେ ।"

"ଅଭିଶାପ ଦେଲି ତା' ଗପ ବି ସିମିତି କାଗଜ ଠୁଙ୍ଗା ହବ ।"

"ରାତି ଅଧରେ କାହିଁକି ଅଭିଶାପ ଦଉଛୁ ? ଧାରଉଧାର ଦେଇ ସେ ଢ଼େର ଦିନ ବଞ୍ଚାଇଛି । ହେଲେ ସେ ବୁଢ଼ାଟା ଗପ ବିକି ବଞ୍ଚିବ ବୋଲି ଯିମିତି କାଇବାଇ ହେଉଛି ତୁ ବି ସିମିତି ମତେ ଆଉ ବିକାବିକି କରି ବଞ୍ଚିବା ଆଶା ଛାଡ଼ । ସେ ଗଙ୍ଗା ଆଉ ନାହିଁ ।"

Digitized by srujanika@gmail.com

"ସତ କଥା । ଗଙ୍ଗା ଏବେ ଗାଙ୍ଗୀ ହୋଇଯାଇଛି । ମୁଁ ତ ତତେ ଗାଙ୍ଗୀ କରି ଦେଇଛି ।" ବୁଢ଼ା ଆତ୍ମସମର୍ପଣ କରି କହିଲା । ତା'ର ସ୍ୱର କ୍ଷୀଣ ।

"ବୁଢ଼ା ! ତୁ ମତେ ଗାଙ୍ଗୀ କହିଲୁ ? ଭାଗବତ ବାବୁ ଘରେ ଭାରତ ପଢ଼ା ହେଉଥିଲା ମନେ ଅଛି ? ଗଙ୍ଗା ଥିଲା ଯେ ସେ ତା' ଗିରସ୍ତକୁ ବାହା ହବା ଆଗରୁ କବୁଲ କରାଇଥିଲା ଗଙ୍ଗା ବୋଇଲେ ଅଛି, ଗାଙ୍ଗୀ ବୋଇଲେ ନାହିଁ । ତୁ ମତେ ଗଙ୍ଗା କହ ଗାଙ୍ଗୀ କହ ମୁଁ ତୋ' ପାଖରେ ମରିବାଯାଏ ଥିବି । ତୋରି ଛାତି ଉପରେ ମରିବି । ତୋରି ଗୋଡ଼ତଳେ ମରିବି ।"

"ଗୋଡ଼ତଳେ ? କିମିତି ? ଶାସ୍ତ୍ର ପଢ଼ିଛୁ ପରା ? ଗଙ୍ଗା ଶିବୁର ମୁଣ୍ଡରେ । କାଳୀମେଢ଼ରେ ଦେଖିନୁ ମହାଦେବଙ୍କ ମୁଣ୍ଡରୁ କିମିତି ଗଙ୍ଗା ଝର୍‌ଝର୍ ହୋଇ ବହୁଥାଏ ?"

ଦୁହେଁ ଚୁପ୍‌ଚାପ୍ ହୋଇ କଡ଼ ଲେଉଟାଇ ମୁହାଁମୁହିଁ ଶୋଇଲେ । ନିଃଶ୍ୱାସରେ ଯିମିତି କଥାଭାଷା ଚାଲିଥାଏ । ଦୁହିଁଙ୍କ ଛାତିର ସ୍ପନ୍ଦନ କେବଳ ଶୁଣାଯାଉଥାଏ । ମୁଢ଼ିମୁଠାଏ, ପାଣି ଢୋକେ ସାଙ୍ଗକୁ ଦୁଃଖ ସୁଖ ଗପ ଚାଖଣ୍ଡେ । ଦୁହିଁଙ୍କୁ ପାସୋରା ରାଜ୍ୟ ଆଡ଼କୁ ଟାଣି ଟାଣି ନେଲାଭଳି ସେମାନଙ୍କୁ ଜଣାଯାଉଥାଏ ।

ଗଙ୍ଗାର ପିଠିପଟେ ଚେମିଟୀ, ପେଟପାଖକୁ ଲାଗି ଶିବୁ । ଛାଇ ଛାଇ ନିଦ ମାଡ଼ିଆସୁଛି, ରାସ୍ତାରେ ସେଇ ପୁରୁଣା ବୁଢ଼ା ଷଣ୍ଢଟା ହୁଙ୍କାରି ଦେଲା । ଆକୁଳ ବ୍ୟାକୁଳ ସ୍ୱରରେ ।

ତନ୍ଦ୍ରାନ୍ୱିତ ଅବସ୍ଥାରେ ଶିବୁକୁ ଜଣାଗଲା ଯିମିତି ବୁଢ଼ା ଷଣ୍ଢଟା ଜୀବନଯାକ ଏ ବିଲରୁ ସେ ବିଲକୁ ତଡ଼ା ଖାଇ ମାଡ଼ ସହି ଚାହୁଁଛି ପୁଣି କିମିତି ବାଛୁରୀ ହୋଇ ମାଆ ପହ୍ନାରେ ମୁହଁ ଲଗାଇ ଚଁ ଚ କରି ଦୁଧ ପିଇଯାଆନ୍ତା ମୁଣ୍ଡେଇ ମୁଣ୍ଡେଇ ମାଆ ତଳିପେଟକୁ ।

ତନ୍ଦ୍ରା ଅବସ୍ଥାରେ ଗଙ୍ଗା କାହିଁକି କେଜାଣି ଭାବିଲା, ଯିଏ ପାଖକୁ ଲାଗି ମୋଡ଼ିମାଡ଼ି ହୋଇ ଶାନ୍ତ ଶିଶୁ ପରି ଶୋଇଯାଇଛି ସେ ତା'ର ବୁଢ଼ା ନା ପୁଅ ।

ହାତ ବୁଲାଇ ଥରେ ଦେଖି ନେଲା ।

Digitized by srujanika@gmail.com

# ଅନପଢ଼୍

ମଧୁଶଯ୍ୟା ରାତ୍ରି ଆଜକୁ ଚାରିଦିନ ହେଲା ଗଲାଣି । ବନ୍ଧୁବାସ ଜଣେ ଅଧେକୁ ଛାଡ଼ି ଆଉ ସମସ୍ତେ ଚାଲିଗଲେଣି । ବାପାମାଆଙ୍କ ଇଚ୍ଛା ପୁଅବୋହୂ ବାହାରକୁ ଆସି ଖୁଡ଼ୀ, ପିଉସୀ, ମାମୁଁ ଆଦିଙ୍କ ଦଳଙ୍କୁ ଜୁହାର ହୋଇ ବିଦାୟ ଦିଅନ୍ତୁ, କିନ୍ତୁ ବାସର ଘର କବାଟ ଖୋଲିବାକୁ ନାହିଁ । କଣ ଯେ ସେମାନେ ଭାବୁଥିବେ ...

ଦିନ କି ରାତି ସେଇ ଘର ଭିତରେ । ଚପଲ ଲଗେଇ ବାଥରୁମ୍‌କୁ ଗଲାବେଳେ କେତେବେଳେ ଚଟିର ଫଟ୍ ଫଟ୍ ଶବ୍ଦ ନହେଲେ ଗହଣାର ଝମ୍ ଝମ୍ ଦୁଇମିନିଟ୍ ପାଇଁ, ପୁଣି କବାଟ ବନ୍ଦ । ସକାଳ ଚା'ଠାରୁ ଆରମ୍ଭ କରି ରାତିର ଦୁଧ ପର୍ଯ୍ୟନ୍ତ ସବୁ ସେଇ ଘରେ । ଚକ୍ରା ଖାଇବା ପିଇବା ଜିନିଷ ଧରି ଠକ୍ ଠକ୍ କଲେ କବାଟ ଟିକେ ଖୋଲେ । କୌତୁକ ସୂତ୍ର ବନ୍ଧା ପୁରୁଷ ବା ସ୍ତ୍ରୀ ହାତଟିଏ କବାଟ ଫାଙ୍କଦେଇ ସେ ସବୁ ନେଇଯାଏ । ଏଇ ଅବସରରେ କଡ଼ା ଧୂପକାଠିର ଗନ୍ଧ ହାବୁକାଏ ବା ରେଡ଼ିଓ ନହେଲେ ଟେପ୍ ରେକର୍ଡ଼ରରୁ ମିଠା ରସରସିଆ ସିନେମାଗୀତ କଳିଏ ବାହାରି ଆସେ । ପୁଣି କବାଟ ବନ୍ଦ, ସବୁ ପୁଣି ଧୀରସ୍ଥିର । କିନ୍ତୁ ସ୍ୱାଇଲାଇଟ୍ ବା କବାଟ ପଟାଇ ସୂକ୍ଷ୍ମ ଫାଙ୍କରୁ ଭୁଟୁରୁ ଭୁଟୁରୁ ଶବ୍ଦ ସବୁବେଳେ ଶୁଭୁଥାଏ । ପ୍ରକୃତରେ ନ ଶୁଭିଲେ ବି ଶୁଭିଲା ପରି ଜଣାଯାଉଥାଏ ।

ଲୋକେ ବା ବାପାମାଆ ଯାହା ଭାବନ୍ତୁ, ଭିତରେ ଯେ ଗୋଟାଏ ଜୀବନମରଣ ସମସ୍ୟାର ସମାଧାନ ଚାଲିଛି ଏ କଥା ପୁଅବୋହୂ ବେଶ୍ ଜାଣନ୍ତି । ଲୋକାଚାର ବା ଲୋକାପବାଦର ବାହାରେ ସେମାନେ । ଜୀବନଟା ଷାଠିଏ ସତୁରୀ ବର୍ଷ ନୁହେଁ । କେତୁଟା ଦିନର ବୁଝାମଣା କେତେଟା ଦିନ ଖାପ୍‌ଖୁଆଇ ପାରିବାରେ ହିଁ ସାରାଜୀବନର ସୁଖ ନିର୍ଭର କରୁଛି ।

ତା ଛଡ଼ା ଏ ବିବାହ ପ୍ରେମ ବିବାହ ନୁହେଁ । ପ୍ରଶାନ୍ତର ଇଚ୍ଛା ଥିଲା ମହିଳା ଛାତ୍ରୀ ନିବାସରୁ ସେଇ ଦୁଇ ତିନିଟା ଭିତରୁ ଜଣକୁ ସଂଗ୍ରହ କରିବ । ପାଣି, ପାଠ, ପ୍ରେମ ଓ ପଇସା ପାଇଁତ ସମସ୍ତେ ସେଠାକୁ ଯାଇଥାଆନ୍ତି । କିଏ ଚାରିଟାଯାକ ପାଏ ଆଉ କିଏ ବା ପ୍ରଥମଟି ପାଇ ଫେରେ ।

ଖୁବ୍ ସାହସ କରି ପ୍ରଶାନ୍ତ ବାପାଙ୍କ ପାଖରେ ମାଆ ଜରିଆରେ ପ୍ରସ୍ତାବଟି ପେଶ୍ କରିଥିଲା । କିନ୍ତୁ ବାପା ଅସବର୍ଣ୍ଣ ବିବାହ, ସମବୟସ୍କଙ୍କ ବିବାହ, ଏପରିକି ପାଠପଢୁଆ ଝିଅକୁ ବୋହୂ କରିବାର ଘୋର ବିରୋଧୀ ଥିବାରୁ ପୁଅର ଅଭିଳାଷ ପୂରଣ ହେଲା ନାହିଁ । ପନ୍ଦର ବର୍ଷ ବୟସର ସୁନ୍ଦର ସ୍ୱାସ୍ଥ୍ୟବତୀ ମଫସଲ ଝିଅଟିଏ ଠିକଣା କରି ପୁଅକୁ ଯେତେବେଳେ ପଚାରିଲେ 'କନିଆଁ ଦେଖିବୁ ?' ପିତୃଭକ୍ତିର ପରାକାଷ୍ଠା ଦେଖାଇବ ବା ଚିଡ଼ିଯାଇ ପ୍ରଶାନ୍ତ ସଜୋରେ 'ନା' କରି କହିଥିଲା "ବାପା ମାଆ ଯାହାକୁ ଠିକ୍

Digitized by srujanika@gmail.com

କରିବେ ତାକୁଇ ବାହା ହେବି ।" ସେଇ କଥାଇ ହେଲା । ଏତେବେଳେ କେବଳ ଏଡ଼ଜଷ୍ଟମେଣ୍ଟ ଦରକାର । ଆଙ୍ଗିକ ସୌଷ୍ଠବରେ ପ୍ରଶାନ୍ତ ସନ୍ତୁଷ୍ଟ ମାତ୍ର ଆତ୍ମିକ ସୌନ୍ଦର୍ଯ୍ୟ ? ଛାତ୍ରୀନିବାସରେ ଦୈହିକ ବା ଆଙ୍ଗିକ ମହିମା ନଥିଲେ ବି ଆତ୍ମିକ ବା ବୌଦ୍ଧିକ ସୌନ୍ଦର୍ଯ୍ୟ ପ୍ରଚଣ୍ଡ ମାତ୍ରାରେ ଥାଏ । ପ୍ରଶାନ୍ତର ଜୀବନର ଟ୍ରେଜେଡ଼ି ଯେ, ସେ ଅଶିକ୍ଷିତକୁ ବାହା ହୋଇଛି ଏବଂ ତାର ଜୀବନାଦର୍ଶ କ୍ଷୁର୍ଣ୍ଣ ହୋଇଛି । ତେଣୁ ସେ ଚେଷ୍ଟା କରୁଛି ସର୍ବୋତୋଭାବେ ଦୁଇଟି ତ୍ରିଭୁଜକୁ କିପରି ସମାନ କରି ପାରିବ ।

ପ୍ରଥମ ମିଳନ ପାଖରୁ ସେଇ କଥାବାର୍ତ୍ତା ଭୁଟୁରୁ ଭୁଟୁରୁର ଜନ୍ମ । ପ୍ରଶାନ୍ତ ଜାଣେ ଝିଅର ଅନୁଭୂତି ନାହିଁ, ଅଭିଜ୍ଞତା ନାହିଁ ଏବଂ ସେ କୌଣସି କାମରେ ଆଗେଇବ ନାହିଁ । ଗୁମ୍ଫା ଭିତରୁ ତାକୁ ଟାଣି ଆଣିବା ପାଇଁ ନାନା କଥା, ଉପାଖ୍ୟାନ କହି ଚାଲିଛି । ସବୁ ସେଇ ଛାତ୍ରୀନିବାସର ନାୟିକାମାନଙ୍କୁ କେନ୍ଦ୍ରକରି । କିଏ କେଉଁ ହୋଟେଲକୁ ଯାଏ, କିଏ କାହା ଗାଡ଼ିରେ ଯାଏ, ଏବଂ କିଏ କାହାକୁ ଅବଶେଷରେ ପିତାମାତାଙ୍କୁ ବିରୋଧ କରି ବାହାହେଲା, ଏମିତି କେତେ ଗପ । ନିଜେ ଯେଉଁ ଗପର ନାୟକ ସେ ଗପର ପରିଣତି ହୁଏ ନାୟକର ଅସାଫଲ୍ୟ ଓ ପ୍ରେମ ବିପର୍ଯ୍ୟୟରେ । ମାନିନୀ ନବ ବଧୂଟି ଖୁବ୍ ଖୁସି ହୁଏ ଯେ, ତାର ସ୍ୱାମୀ ଅନ୍ୟ ସଙ୍ଗମ ପତି ନୁହେଁ ।

ପ୍ରଶାନ୍ତର ଗଳ୍ପର ଷ୍ଟକ୍ ସରି ଆସିଲା । ଚାରିଦିନ ପୂର୍ବରୁ ଯେଉଁ ଝିଅ ମୁହଁ କଣ ଗୋଡ଼ ହାତର ଆଙ୍ଗୁଳି ଲୁଚାଉଥିଲା, 'ହୁଁ', 'ନା' ପଦକରୁ ପଡ଼ିଯିବା ଭୟରେ ଆଗଉ ନଥିଲା ସେ ଆଜି କେତେଦୂର ଆଗେଇ ଗଲାଣି ପ୍ରଶାନ୍ତ କଳ୍ପନା କରିପାରୁନଥିଲା । ଖୁବ୍ ପ୍ରଗଳ୍ଭା ହୋଇ ତା ସହିତ ଟକ୍‌କର ଦେଲାଣି ପ୍ରତି କଥାରେ, ହୁକୁମ କରିବା ଅବସ୍ଥାକୁ ବି ଆସିଗଲାଣି ।

"ଏଥର ତୁମ ଜୀବନର ଅନୁଭୂତି ଅଭିଜ୍ଞତା କୁହ ମୋଠୁ ଏତେ ଶୁଣିଲ ।"

"ତୁମର ସିନା ଅନୁଭୂତି ଅଭିଜ୍ଞତା ଅଛି, ସହର ବଜାରରେ ବୁଲୁଛ, କେତେ କଣ ଦେଖୁଛ ଜାଣୁଛ, ପଢ଼ାପଢ଼ି କରିଥିଲେ ବା କିଛି ଜାଣିଥଅନ୍ତି । କପାଳକୁ ତା'ତ ହେଲା ନାହିଁ ।"

"ମୁଁ ଶୁଣିଥିଲି ତୁମେ ପଢୁଥିଲ । ଅଧାରୁ ବନ୍ଦ କରିଦେଲ କାହିଁକି ? ଛାଡ଼, ତୁମର ସବୁ ଭଲ କିନ୍ତୁ ଏଇ ପାଠ ନ ପଢ଼ିବାଟା... ଛାଡ଼, ଏଥର କୁହ ଗୋଟାଏ ଅଧେ ଅଭିଜ୍ଞତା ....

"ନାହିଁ କହୁଛି, ତୁମେ ବାଧ କରୁଛ, କହିବି, କିନ୍ତୁ କହିବି ଗୋଟାଏ ସର୍ତ୍ତରେ । ତୁମେ ବଡ଼ ଛଟପଟ ହେଉଛ ସବୁବେଳେ । ରାଣ ପକାଅ ପନ୍ଦର ମିନିଟ୍ ମୋତେ ଡ଼ିଷ୍ଟର୍ବ କରିବ ନାହିଁ । କିନ୍ତୁ ପ୍ରଶ୍ନ ପଚାରିବ ନାହିଁ ପନ୍ଦର ମିନିଟ୍ । ରାଣ ଭାଙ୍ଗିଲେ ତୁମର ପାପ ତ ହବ, ମୋର ଗପ ବି ଖଣ୍ଡିଆ ରହିବ ।"

Digitized by srujanika@gmail.com

"ରାଣ ପକାଇଲି । କୁହ । ଆଲୁଅଟା କମାଇ ଦେବି ?"

"ନା, ନା ଥାଉ । ଆରମ୍ଭ କରୁଛି । ଶୁଣ ଧୀରସ୍ଥିର ହେଇ ।"

ପ୍ରତିଦିନ ତୁରୁଡ଼ା ଛକରୁ ସେ ଉଠେ । ଝିଅଟି ....

"ବଡ଼ ଝିଅ ନା ସାନ ?"

ନିୟମ ଭାଙ୍ଗିଲ । ଗପ ବନ୍ଦ । ବଡ଼ଝିଅ ସବୁ ଏକା ଏକା ତୁମ ଛାତ୍ରୀ ନିବାସରୁ ସିନା ବସ୍‌ରେ ଉଠୁଥିବବେ । ମୁଁ ସାନ ଝିଅଙ୍କ କଥା କହିବି ସିନା । ଜୀବନରେ ଢେର ପ୍ରେମ ଗପ ଶୁଣିଲଣି । ପ୍ରେମ ନଥିବା ଗୋଟିଏ ଗପ ଶୁଣ ।

"ଯାହା କଥା କହୁଛ ସେ ତୁମେ ନୁହେଁ ତ ?"

"ଶେଷଥର ପାଇଁ କହିଲି ଚୁପ୍ କର ନହେଲେ ଆଉ ଗପ ଶୁଣିବା ଆଶା ଛାଡ଼ ।"

"ପନ୍ଦର ମିନିଟ୍! ବାବା କେତେ ସମୟ ।"

"କି ସ୍ୱାର୍ଥପର। ନିଜେ ଘଣ୍ଟା ଘଣ୍ଟା ଧରି ଗପିବ । ମୋର ପନ୍ଦର ମିନିଟ୍ ବେଳକୁ ଧୈର୍ଯ୍ୟ ନାହିଁ । ଶୁଣ ଫେର ଆରମ୍ଭ କରୁଛି ।"

ପ୍ରତିଦିନ ତୁରୁଡ଼ା ଛକରୁ ସେ ଉଠେ । ଝିଅଟି । ରବିବାର ଆଉ ସ୍କୁଲ ଛୁଟିଦିନ ଛାଡ଼ି । ସାଢ଼େ ଆଠଟା ବସ୍‌ରେ । ଖରାବର୍ଷା ଶୀତ କାକର କିଛି ନମାନି ଠିକ୍ ସମୟରେ ଠିକଣା ଜାଗାରେ ସେ ନିଶ୍ଚୟ ଠିଆ ହୋଇଥିବ । ଜାଗାଟା ନିଛାଟିଆ ଝଙ୍କା ବରଗଛ ସାଙ୍ଗକୁ ଆଉ ଗଛ ମିଶି ସେଠି ଗୋଟାଏ ଛୋଟ ଜଙ୍ଗଲ କରିଛନ୍ତି । ଠାକୁରାଣୀ ଶାଳଟା । ଅପୂଜା ଭଙ୍ଗାରୁଜା ଗୁଡ଼ାଏ ହାତୀଘୋଡ଼ା ଉଇହୁଙ୍କା ଭିତରେ ଅଧେ ପୋତି ହୋଇଗଲାଣି । ଜାଗାଟାକୁ ଭୟ ଲାଗେ ।

ଛକ ପହଞ୍ଚିବାକୁ କିଲୋମିଟର ଥିବ ଗାଡ଼ିର ଗତି ଧିମାଏ । ପୋଲ ଉପରକୁ ରାକ୍ଷସ ପରି ବସ୍‌ଟା ଯେତେବେଳେ ଚଢ଼ି ଆସେ ସେତେବେଳେ ଝିଅଟା ତ ସାଜସରଞ୍ଜାମ ଧରି ପ୍ରସ୍ତୁତ ହୋଇଯାଏ । ଗାଡ଼ି ପୁରାପୁରୀ ଛିଡ଼ାହୁଏ । ହେଲ୍‌ପର କବାଟ ଖୋଲି ଶରଧାରେ ଡ଼ାକେ "ଆ, ବୁଢ଼ୀ ଆ" । ଝିଅଟା ଉଠିବା ମାତ୍ରେ ଡ୍ରାଇଭର ଚିତ୍କାର କରି କୁହେ, "ହେଇଯେ ହାମର ବୁଢ଼ୀ ଆସିଗଲା, ବୁଢ଼ୀ ହାମର ସବୁଦିନ ଠିକ୍ ବେଳେ ଆସି ଠିଆ ହୋଇଥିବ ।" ଝିଅଟି ନିଦକ ହୋଇ କୁଦିପଡ଼େ । ଟିକିଏ ଟାଣହୋଇ ଛିଡ଼ା ହେଲାମାତ୍ରେ ଟିଂ ଟିଂ ।

ବସ୍ ଯାତ୍ରୀମାନେ ନୂଆ ଛୋଟିଆ ଯାତ୍ରୀଟିକି ଦେଖନ୍ତି । ଉପରେ ସଫେଦ୍ ଜାମା, ଅଳ୍ପ ଦିଶୁଥିବା ନୀଳ ପେଣ୍ଟ । ସହରବଜାରର ମାଆମାନେ ମିସନ ସ୍କୁଲକୁ ଯାଉଥିବା ଝିଅଙ୍କୁ ଯିମିତି ପରିପାଟୀରେ ସଜାନ୍ତି ତାକୁଇ ଅନୁକରଣ କରି ସହର ପାଖ ଗାଁର ମାଆଟି ତା ଝିଅକୁ ସଜାଇଛି । ହେଲେ ମଫସଲର ମଳିଧୂଳି ପୁରାପୁରି ପୋଛି ପାରିନି । ଝିଅଟିର ଗାଲ ଦୁଇଟା ଫୁଲୁକା ଫୁଲୁକା, ସାମାନ୍ୟ ନାଲି । ତେଲ ଜରଜର ଚୂଳ ଉପରେ ପଞ୍ଚମୁଖୀ

Digitized by srujanika@gmail.com

ମନ୍ଦାର ପରି ନାଲି ରିବନ ଫୁଲଟି ସୁନ୍ଦର ଦିଶେ । ନଜର ବାଜର ଏଡ଼ିବା ପାଇଁ କଳା ଟୀକାଟିଏ ।

ସକାଳୁ ଗାଧୁଆ ପାଧୁଆ ଖିଆ ପିଆ ସାରି ଆସିଥିବାରୁ ଝିଅଟି ତୋଫା ଦିଶେ । ବଡ଼ କାମଟାଏ କରି ପାରିଥିବାର ତା ମନରେ ଗର୍ବ । ନାକରେ ବିନ୍ଦୁ ବିନ୍ଦୁ ଝାଳ ।

ସିଟ୍ ଧରିଲା ମାତ୍ରେ ଖାତାପତ୍ର ବହି ଯନ୍ତ୍ରବାକ୍ସ ବୋଝ ସାଇତି ସମ୍ଭାଳି ନିଏ । ସତରେ ତା ଆକୃତିକୁ ଚାହିଁ ପାଠବୋଝଟା ଟିକିଏ ବେଶୀ ଜଣାପଡ଼େ । ଏକାଦଶ ଶ୍ରେଣୀର ମୋଟି ଝିଅଟା ଛାତିରେ ଜାକି ଯେଉଁ ବୋଝଟା ନେବାକୁ ଶଙ୍କି ଯାଆନ୍ତା ବା ଲାଜ କରନ୍ତା ଯାକୁ ସେତିକି ନେବାକୁ ପଡୁଛି । ସାଇତି ସମ୍ଭାଳି ହୋଇ ବି ଗଲେ ସାଏଁ କରି ଝିଅଟି ନିଶ୍ୱାସଟିଏ ଛାଡ଼େ ହରିଣୀ ଛୁଆଟି ପରି । (ମଝିରେ ମଝିରେ ଭାଷାକବିତା ନ ଦେଲେ ତୁମକୁ ଗପ ଭଲ ଲାଗିବ ନାହିଁ) ମାଆ ପାଖରେ ନଥିବା ହରିଣୀ ଛୁଆଟି ପରି କନକନ ହୋଇ ବସ୍ ଭିତରେ ଆଗପଛ ସିଟ୍‌ଗୁଡ଼ାକର ଯାତ୍ରୀଙ୍କ ଉପରେ ଆଖି ପକାଇଯାଏ । ମାଆ ବାପ ଯେଉଁ ଗାଁଟାରେ ଅଛନ୍ତି ସେଇ ଆଡ଼କୁ ଚାହୁଁ ଚାହୁଁ ଗଛପତ୍ର ଉହାଡ଼ରେ ଗାଁ ଉଭେଇ ଯାଏ, ଦୂରେଇଯାଏ । ଝିଅଟା ସତରେ ଅସହାୟ ବିମର୍ଷ ହେଉଥାନ୍ତା ଯଦି ଡ୍ରାଇଭର, କଣ୍ଡାକ୍ଟର, ହେଲପର୍ ଠାରୁ ଆରମ୍ଭ କରି ବୁଢ଼ା ଟୋକା ସମସ୍ତେ ତାକୁ ଆଦର ଯତ୍ନ କରୁନଥାନ୍ତେ ।

ଚେକିଂ ହେବାର ଯେଉଁଦିନ ଭୟ ଥାଏ, କେବଳ ସେଇ ଦିନ ଝିଅ ହାତକୁ ଟିକଟ ଖଣ୍ଡିକ ବଢ଼ାଇଦେଇ (କଣ୍ଡକ୍ଟର ବୋଧହୁଏ ହାତରୁ ପଇସା ଦିଏ । ହେଲପର ପଚାରେ "ବୁଢ଼ୀ ଆଜି କି ଖାଇ କରି ଆସିଛୁ ?"

"ପଖାଳ"

"ଆଉ ତରକାରୀ ?"

"ଆଳୁ ପୋସ୍ତ ଚଡ଼ଚଡ଼ି, ଚୁଙ୍ଗୁଡ଼ି ପତୁଆ ।"

ଯେଉଁଦିନ ଭିଡ଼ ବେଶୀ, ତିଳାର୍ଦ୍ଧେ ଜାଗା ନଥାଏ ସେ ଦିନ ଝିଅଟି କଣ୍ଡକ୍ଟର ପାଖରେ ବସେ । ପଇସା ଗଣୁ ଗଣୁ ବା ଟିକଟ ତନଖି କରୁ କରୁ କଣ୍ଡକ୍ଟର ପଚାରେ,

"ବୁଢ଼ୀ, କାଲି କେଉଁ ବସ୍‌ରେ ଫେରିଲୁ ? ଆମେ ଆସିବାକୁ ଢେର ଡେରି ହୋଇଗଲା ।"

"ସେଇ ଧତଡ଼ା 'ଭଡ଼ାଗାଡ଼ିଟାରେ"

"କେତେ ପଇସା ନେଲା ?"

"ପଚିଶ ପଇସା ।"

Digitized by srujanika@gmail.com

କେତେବେଳେ ସୁବିଧା ପାଇଲେ ଡ୍ରାଇଭର ବି ବେକ ଭାଙ୍ଗି ପଛକୁ ଅନାଏ, କୁହେ "ଅଭି ମନେପକେଇ ଦବୁତ ବୁଢ଼ୀ ପାଇଁ କଲେଜ ଛକରୁ ଶହେ ଅଧେ ହାଇଦରାବାଦ ଅଙ୍ଗୁର ଆଣିବା ।"

ଝିଅଟି ବିରକ୍ତ ହୁଏନାହିଁ ସତ କିନ୍ତୁ ବେଶୀ କଥାବାର୍ତ୍ତା କରିବାକୁ ଇଚ୍ଛାନଥାଏ । କିନ୍ତୁ ବେଶୀଦିନ ଧରି ପୁରୁଷଯାତ୍ରୀଙ୍କ ସହ ଯିବା ଆସିବା କରି ଡ଼ର ଭାଙ୍ଗିଯାଇଛି । ପ୍ରଶ୍ନର ଉତ୍ତର ଟାଏଁ ଟାଏଁ ଦେଇଦିଏ । ପ୍ରଶ୍ନର ଉତ୍ତର ଦେଲେ ଲୋକେ ଶରଧା କରୁଛନ୍ତି ଉତ୍ତର ନଦେଲେ ମୁହଁ ହାଣ୍ଡି କରୁଛନ୍ତି । ତାର ଅନ୍ତରାତ୍ମା ଚାହେଁ ଯିମିତି ତା ଛୋଟ ଦୁନିଆଁ ଭିତରେ ଏ ବଡ଼ ବଡ଼ ଲୋକଗୁଡ଼ାକ ନ ପଶନ୍ତୁ । ସେ କେତେବେଳେ ତା ସ୍କୁଲ ପଢ଼ାପଢ଼ି କଥା ବା ବାପମାଆ କଥା ଭାବୁଥିବ ହଠାତ୍ ତାକୁ ଚମକାଇ ଦେଇ ଗୋଟାଏ ବୁଢ଼ା ଅଯଥାରେ ପଚାରିବ, 'ଏ ଝିଅ, ତୋ ନାଁ କଣ ?' ଥରେ ଯଦି ଉତ୍ତର ଦେଇଛ ତେବେ ଆଗକୁ ଆଗକୁ ।

ଲୋକଙ୍କ ମୁହଁକୁ ସେ କମ ଚାହେଁ । ହେଲେ ଲୋକଗୁଡ଼ାକ ତା ପିଲାଳିଆ ମୁହଁକୁ ଚାହାନ୍ତି, ତା କଥା କହିବା ଭଙ୍ଗୀକୁ ନଜର ଦିଅନ୍ତି, ତା କଥାଗୁଡ଼ାକ ପିଇଯାଆନ୍ତି ।

ମୋଟର ଷ୍ଟାଫ୍ ଆତ୍ମୀୟ ସ୍ୱଜନଙ୍କ ପରି ତା ସାଙ୍ଗରେ କଥାବାର୍ତ୍ତା କରୁଛନ୍ତି ଦେଖି, ଯାତ୍ରୀମାନେ ବି ନାନା କଥା ପଚାରନ୍ତି । ସେଇ "ତୋ ନାଆଁ କଅଣ"ରୁ ଆରମ୍ଭ ।

"ବାପା କ'ଣ କରନ୍ତି ?"

"କିଛି କରନ୍ତି ନାହିଁ ଘରେ ଥାଆନ୍ତି, ଚାଷ କରନ୍ତି"

"ଜମି ଜାଇଗା କେତେ"

ଏତେ ବଡ଼ ପ୍ରଶ୍ନର ଉତ୍ତର ଦେଇପାରେନା, କୁହେ ଜାଣେନି । ସେ ବା କାହିଁକି ଝିଅକୁ ଶରଧା ନ କରିବ ଭାବି ପାଖ ଯାତ୍ରୀ ଉତ୍ସାହ ପାଇ ଖିଅ ଧରି ଚାଲେ ।

"ତୁମେ କେତେ ଭାଇଭଉଣୀ ।"

"ଦୁଇ ଭାଇ, ଭଉଣୀ ମୁଁ ଏକା"

"ଭାଇମାନେ ବଡ଼ ?

"ନା ମୁଁ ବଡ଼ ।"

ପଛ ସିଟ୍‌ରୁ ଥାଇ ଟାଉଟରିଆ ଯାତ୍ରୀଟି ଯେ 'ଆମେ' ଛଡ଼ା କଥା କହେ ନାହିଁ, ପଚାରେ

"ତୁ କଣ ପ୍ରତିଦିନ ଆମ ବାସ୍‌ରେ ଯାଉ ?"

"ହୁଁ"

"ଗାଁ ପାଖରେ କଣ ସ୍କୁଲ ନାହିଁ ?"

"ଆମେ ଇନ୍ସପେକ୍ଟରକୁ କହି ଏ ଇଲାକାରେ ସ୍କୁଲ ତ କରିଦେଇଛୁ । ଘର ଘରକେ ସ୍କୁଲ ନ ବସାଇଲେ ଆମେ ଛାଡ଼ିବୁ ନାହିଁ । ଆମ ପାର୍ଟି ନିଷ୍ପତ୍ତି ନେଇଛି ।"

Digitized by srujanika@gmail.com

"ଗାଁ ଚାଟଶାଳୀ ଅଛି । ପାଖ ଗାଁରେ ମାଇନର ସ୍କୁଲ ।"

"ଆମ କଥା ତେବେ ଠିକ୍ ହେଲା ତ ! ଆମର ସେଠି ପଢ଼ିଲୁ ନାହିଁ, ବାସ୍‌ରେ ଆମର ତେବେ ଯାଇ ଆସି ପଢ଼ନ୍ତୁ ?"

"ମଝିରେ ନଈ । ବାପ ମାଆ ଛାଡ଼ିବେ ନାହିଁ । ମୋର କୁମ୍ଭୀରକୁ ଭାରି ଡ଼ର ।"

ପୁଣି ଆଉ ଜଣେ ପଚାରେ, "କେଉଁ ସ୍କୁଲରେ ପଢ଼ୁ!"

"ଆଗରେ ଅଛି ।"

"କେତେ ଭଡ଼ା ?"

"ଯିବାକୁ ସତେଇଶି ଫେରିବାକୁ ସତେଇଶି ।"

"ବାବା ! ଏତେ ପଇସା ସାରି ପଢୁଛୁ । ଚାଖଣ୍ଡେ ଝିଅ । ବାପ ମାଆର କି ସଉକ । ପାଠ ନ ପଢ଼ିଲେ ଝିଅ ଯିମିତି ଘର ଯୋଗ୍ୟ ହୁଅନ୍ତା ନି ।"

ଆଶ୍ଚର୍ଯ୍ୟ ହୁଏ । କିନ୍ତୁ ଶରଧା କରେ । ସମସ୍ତଙ୍କ ନଜର ସେଇ ଝିଅଟି ଉପରେ । ସମସ୍ତେ ଶରଧା କରନ୍ତି ତାକୁ । କିଏ ଖୁସି ହୁଏ, କିଏ ଆଶ୍ଚର୍ଯ୍ୟ ହୁଏ, କିଏ ତା ସାହସର ତାରିଫ୍ କରେ, କିଏ ତା ପଢ଼ାପଢ଼ିର ଆଗ୍ରହକୁ ପସନ୍ଦ କରେ, କିନ୍ତୁ ଦିନେ ଦିନେ ମଝିରେ ଚଉଦ ବର୍ଷିଆ ହାଇସ୍କୁଲ ପିଲାଟା ବାସ୍‌ରେ ଯଦି ଚଢ଼େ ତା ସାଙ୍ଗରେ ସେ ଆତ୍ମୀୟତା କରିପାରେନାହିଁ । ଝିଅକୁ ଲାଜ ବିରକ୍ତ ଲାଗେ । ପିଲାଟା ଚୋରଟି ପରି ଚୁପ୍‌ଚାପ୍ ବସିଥାଏ । ତା ଆଡ଼କୁ କଣେଇ କଣେଇ ଚାହେଁ । ପିଲାଟାର ବି ଭିତରେ ଭିତରେ ଶରଧା ଉଚ୍ଛୁଳୁଥାଏ ।

ଅଳ୍ପ ରାସ୍ତା । ଦଶମିନିଟ୍‌କୁ ସରିଯାଏ । ବାସ୍ ଅଟକେ । ଯିମିତି ବହିପତ୍ର ବୋଝ ଧରି ଉଠିଥିଲା ସିମିତି ଝିଅଟି ଓହ୍ଲେଇ ଯାଏ । ସେ ଓହ୍ଲେଇ ଯିବା ପରେ ପରେ ପୁଣି ମାଲି ମକଦ୍ଦମା, ନିର୍ବାଚନ, ମନ୍ତ୍ରୀମଣ୍ଡଳ, ଚାଷବାସ, ପାଣିପାଗ କଥାରେ ବସ୍ କୋଳାହଳମୟ ହୋଇ ଉଠେ ।

(ଶୁଣ, ତୁମେ ଶୋଇ ପଡ଼ୁଛ ବୋଧହୁଏ, ମୋ କଥା ତୁମକୁ ଭଲ ଲାଗୁନି । ଦଶମିନିଟ୍ ଗଲା, ଘଡ଼ି କଣ ଦେଖୁଛ ? ମୋତେ ଗପ କହିବାକୁ କହିଲ ଅଥଚ ଶୁଣୁନ, ଭଦ୍ରାମି ନୁହେଁ, ତା ଛଡ଼ା ତୁମେ ମଝିରେ ମଝିରେ କୁତୁକୁତୁ ସଲ ସଲ କରି ମୋର ମନକୁ ଯାଡ଼େ ସିଆଡ଼େ କରୁଛ । ରାଣ ଅଛି, ଆଉ ଦଣ୍ଡେ ଥୟ ଧରି ଶୁଣ ।)

ସାଢ଼େ ଚାରିଟା ବେଳକୁ ବାସ୍ ଫେରେ । ପୁଣି ସେଇକଥା ଓ ଘଟଣାର ପୁନରାବୃତ୍ତି । ଝିଅଟି ସିମିତି ବହିପତ୍ର ଜାକି ଠିଆ ହୋଇଥାଏ । "ହେଇଁ ଯେ ହାମର ବୁଢ଼ୀ ଠିଆ ହୋଇଛି" ଠାରୁ ପୁଣି ଆରମ୍ଭ । ସେ ଉଠିଲାମାତ୍ରେ ତେଲଲୁଣ ଦୁନିଆଁ ବାସ୍ ଷ୍ଟାଫ୍ ଭୁଲିଯାଆନ୍ତି, ଯାତ୍ରୀମାନେ ସିମିତି ମାନ ଅପମାନ ଜଞ୍ଜାଳ ଭୁଲିଯାଆନ୍ତି । କିଏ ଘରେ ନାତୁଣୀ ଛାଡ଼ି ଆସିଛି, କିଏ ଝିଅ ଝିଆରୀ, କିଏ ଶାଳୀ କିଏ ବା ଭଉଣୀ ଛାଡ଼ି

Digitized by srujanika@gmail.com

ଆସିଛି କିଏ ବା ସିମିତି ଗୋଟିଏ ସବୁଦିନ ପାଇଁ ହରାଇଛି । ଏଇ ଝିଅଟି ଭିତରେ ସମସ୍ତେ ନିଜ ନିଜ ବୁଢ଼ୀକି ଦେଖିପାରନ୍ତି ।

ଝିଅଟି ବସିଗଲା ମାତ୍ରେ ପ୍ରଶ୍ନ ଆରମ୍ଭ ହୁଏ 'କେଉଁଟା' ତୁମ ସ୍କୁଲ ? ଟିଣ ଛପର ଥିବା ଲମ୍ବା ଘରଆଡ଼କୁ ହାତ ବଢ଼ାଇ ଝିଅଟି କହେ ସେଇ ଘରଟା ।'

"ଖାଲି ଝିଅ ପଢ଼ନ୍ତି ନା ଝିଅପୁଅ ମିଶାମିଶି ?"

"କେତେଜଣ ପଢ଼ନ୍ତି ?" ଆଉ ଜଣେ ପଚାରେ ।

"ସବୁ ମିଶି ଶହେବାର ଜଣ, ଝିଅ ପୁଅ ସବୁ ।"

"ତୋରି ପରି ସବୁ ସାନ ସାନ ?"

"ମୋଠୁ ବି ଢେର ବଡ଼ ଅଛନ୍ତି ।"

"ତୁ କେଉଁ କ୍ଲାସ୍‌ରେ ପଢୁ ?"

ଡ୍ରାଇଭର ପ୍ରଶ୍ନଟା ଶୁଣିପାରି କହିଲା, "ହାମର ବୁଢ଼ୀ କି ସାନ ଭାବିଛି । ସାତ କି ଆଠ କିଲାସ ପଢ଼ିଲାଣି । ବଢ଼ିଆ ପଢ଼େ । ଫାଷ୍ଟ ହୁଏ କ୍ଲାସ୍‌ରେ ।"

"ତୁମ ସ୍କୁଲରେ ହେଡ଼ମାଷ୍ଟର ନା ହେଡ଼ମିଷ୍ଟ୍ରେସ୍ ?" ବୁଢ଼ାଟିଏ ପଚାରିଲା ।

"ଏ କାନ ଫୁଲ ଦୁଇଟାରେ ଦାମ୍ କେତେ ?" ନାରୀଯାତ୍ରୀଟି ଚାପା ଗଳାରେ ପଚାରେ । ସ୍ତ୍ରୀ ଲୋକମାନଙ୍କର ପ୍ରଶ୍ନର ଉତ୍ତର ଦେବା ଝିଅଟି ପକ୍ଷରେ କଷ୍ଟ ହୁଏ ।

ତୁରୁଡ଼ା ଛକ ପହଞ୍ଚିବାକୁ ଏକ କିଲୋମିଟର ରାସ୍ତା ଥାଏ ଝିଅଟି ଉଠି ଛିଡ଼ାହୁଏ । ଡ୍ରାଇଭର କୁହେ "ଏତେ ତରତର କାହିଁକି ବୁଢ଼ୀ, ଛକ ପହଞ୍ଚୁ ବାସ୍ ଛିଡ଼ା ହବ, ହାମେ ଜଣା ତୋତେ ନେଇ କରି ଚାଲିଯିବୁ ?" ଶୀତ ଦିନରେ ହିମାଳ ପବନ କହିଲେ କିଏ ଯାତ୍ରୀ ତା ଚାଦରରେ ତାକୁ ଘୋଡ଼ାଇ ଦିଏ । ବର୍ଷା ହେଉଥିଲେ କଣ୍ଡକ୍ଟର ନିଜ ଦାୟିତ୍ୱରେ ଛତା ମଗାଇ ଦିଏ ।

ଦିନେ ଝିଅଟା ଓହ୍ଲେଇଲାବେଳେ ତରବରରେ ଜ୍ୟାମିତି ବାକ୍ସଟା ଖସିପଡ଼ିଲା ଝଣଝାଣ ଶବ୍ଦରେ । ସାଙ୍ଗେ ସାଙ୍ଗେ ଇଞ୍ଜିନ ବନ୍ଦ । ଆଲୁଅ ଜଳି ଉଠିଲା । କଣ୍ଡକ୍ଟର ହେଲ୍‌ପର ଯାତ୍ରୀ ଜଣେ ଦୁଇଜଣ ଖୋଜାଖୋଜି କରି ରବର, ତ୍ରିଭୁଜ, ଚକ୍ ଖଡ଼ି, କେତୁଟା ପାଞ୍ଚପଇସି, ପେନ୍‌ସିଲ, ସେପ୍‌ଟିପିନ୍ ଆଉ କେତେ ଚିଜ ଉଦ୍ଧାର କରି ବାକ୍ସ ସାଜି ବୁଜିଦେଲେ । ଗାଡ଼ି ପାଞ୍ଚ ମିନିଟ୍ ଛିଡ଼ା ହେଲା । କାହାରି ଆପତ୍ତି ନାହିଁ ।

ଆଉ ଦିନକର କଥା । ତୁରୁଡ଼ା ଛକରେ ବାସ୍ ପହଁଞ୍ଚିଲା ବେଳକୁ ସଞ୍ଜ ଗଡ଼ି ଯାଇଥାଏ । ଝଙ୍କା ବରଗଛର ଓହଳ ଗୁଡ଼ାକ ଅସୁରୁଣୀ ଗୋଡ଼ ପରି ଦିଶୁଥାନ୍ତି । ଅନ୍ଧାର ଗୁଡ଼ାକ ଧୀରେ ଧୀରେ ତରଳି ପୁଳାପୁଳା ହୋଇ ତଳକୁ ଖସୁଥାନ୍ତି ବାଦିରିଗୁଡ଼ାକର ଡ଼େଣାରୁ । ଜୁଳୁଜୁଳିଆ ପୋକ ଗୁଡ଼ାକ ଜଣାଇ ଦେଉଥାନ୍ତି ବର୍ଷା ଆଉ ଦେରି ନାହିଁ । ଝିଅଟି ଓହ୍ଲାଇ ପଡ଼ି ଦେଖିଦେଲା କେହି ଆସିନାହାନ୍ତି ତାକୁ ନେବାପାଇଁ, ମାଆ ଦିହ

Digitized by srujanika@gmail.com

ବେଶୀ ଖରାପ ହେଲା ବୋଧହୁଏ । ବୁଢ଼ୀର ଅସହାୟ ଅବସ୍ଥା ଡ୍ରାଇଭରକୁ ଜଣାଇ ଅଭି ପାଟିକରି କହିଲା "ବୁଢ଼ୀକି ନେବାକୁ କେହି ଆସିନାହାନ୍ତି ।"

ଇଞ୍ଜିନ ବନ୍ଦ, କଣ୍ଡକ୍ଟର କହିଲା, "ଅଭି, ଯା, ଛାଡ଼ି ଦେଇଆସିବୁ ।" ଅଭି ଓହ୍ଲାଇ ଆସିଲା । ଝିଅର ଗାଁ ଦୁଇଶହ ଗଜ ଦୂରରେ । ଆଜି ଗାଡ଼ି ଦେରି ହୋଇଛି ଯାତ୍ରୀ ଓ କଣ୍ଡକ୍ଟରଙ୍କ ମଧ୍ୟରେ ବଚସା କଳି ତକରାଳ ପାଇଁ । କାରଣ ଜଣେ ଯାତ୍ରୀଙ୍କ ବାପାଙ୍କ ପାଇଁ ବାସ୍‌ଟା ପାଞ୍ଚ ମିନିଟ୍ ଅପେକ୍ଷା କଲା ନାହିଁ । ବାଟରେ ସେ ବିଷୟରେ ଯାତ୍ରୀମାନେ କଥାବାର୍ତ୍ତା ହେଉଥିଲେ । ପ୍ରାୟ ପନ୍ଦର କୋଡ଼ିଏ ମିନିଟ୍ ଧରି ବାସ୍ ଛିଡ଼ାହେଲା, କେହି ଯାତ୍ରୀ ଉଁ ଚୁଁ କଲେ ନାହିଁ । ଏତେ ଶରଧା ବୁଢ଼ୀ ଉପରେ ।

ରବିବାର ଦିନ ଝିଅ ଆସେ ନାହିଁ । ଯାତ୍ରୀମାନେ ସମସ୍ତେ ତା କଥା ମନେ ପକାନ୍ତି । "ଆଜି ବୁଢ଼ୀ ଆସିବନି" କାହା ମୁହଁରୁ ଅଜାଣତରେ ବାହାରି ପଡ଼େ ।

ଏମିତି ଶରଧାରେ ବୁଢ଼ୀ ବର୍ଷେ ଦେଢ଼ବର୍ଷ ବଢ଼ିଲା । ଯାତ୍ରୀ, ବାସ୍ ଷ୍ଟାଫ୍ ସମସ୍ତେ ତାକୁ ଶରଧା ତ କଲେ, ତାର ପ୍ରମାଣ ସ୍ୱରୂପ ଟଫି, ଚକୋଲେଟ୍, ଅଙ୍ଗୁର, କଦଳୀ ନାହିଁ ନଥିଲା ଚିଜ ତାକୁ ଦେଲେ । ଶରଧା ଚିଜ, ବୁଢ଼ୀ ନିଏ 'ନା' କରି ପାରେନା ।

କିନ୍ତୁ ଆଶ୍ଚର୍ଯ୍ୟ କଥା ଏତେ ଶରଧା ପାଇ ବି ବୁଢ଼ୀ କ୍ରମେ କ୍ରମେ ମ୍ରିୟମାଣ ହେଲା । ସମସ୍ତେ ନଜର କଲେ ଝିଅଟିର ସରସତା ଉଭେଇ ଯାଇଛି । ପତଳାରୁ ଅଧିକ ପତଳା ହେଉଛି । ଆଖି ମୁହଁ ସବୁଠି ଦୁଃଖର ଛାଇ । ଗାଡ଼ିରେ ଚଢ଼େ, ବସେ, ଓହ୍ଲାଏ, କାହିଁରେ ଯିମିତି ଆଗ୍ରହ ନାହିଁ । ଜୀବ ନୁହେଁ ସେ ଯନ୍ତ୍ର ପାଲଟି ଯାଇଛି । ବର୍ଷେ ଦେଢ଼ବର୍ଷ ଆଗରୁ ଯେଉଁ ପ୍ରଶ୍ନ ପଚାରୁଥିଲେ ଆଜିବି ସେଇ ପଚା ପୁରୁଣା ପ୍ରଶ୍ନ । ଉତ୍ତର ଦେବାରେ ବୁଢ଼ୀର ଆଗ୍ରହ ନାହିଁ । ବିରକ୍ତିଭାବ, ଖିଟିମିଟିଆ ମିଜାସ । ଯେଉଁ ଲୋକଗୁଡ଼ାକୁ ଦେଖିଲେ ତାକୁ ଭଲ ଲାଗୁଥିଲା ସେଇମାନେ ତାକୁ ଖାଇଯିବେ ବୋଲି ଏବେ ତାର ଧାରଣା ହେଲାଣି ।

"ବୁଢ଼ୀ ତୋର କଣ ହେଇଛି ? ଚୁପ୍‌ଚାପ୍ ହୋଇଯାଉଛୁ ? ମାଆ ଦେହ ଭଲ ହେଲାଣି ?"

"ହୁଁ"

"ମୁହଁ ଶୁଖି ଯାଇଛି, ସାନ ହୋଇ ଯାଇଛି ଗାରେ ଲୁହ ବି ଶୁଖିଲା ଭଳି ଦିଶୁଛି । ଆଖି ତଳ କଳା କଳା । ମାଷ୍ଟରମାନେ କଣ ଗାଳିଗୁଲଜ କଲେ ! ପରୀକ୍ଷାରେ ଖରାପ କଲ ?"

'ନା' ସେଇ ଏକାକ୍ଷରୀ ଉତ୍ତର ।

ସମସ୍ତେ ଅନୁଭବ କଲେ ବୁଢ଼ୀର କ'ଣ ଗୋଟାଏ ବଡ଼ ଅଭାବ ଅସୁବିଧା ହୋଇଛି ନ ହେଲେ ଏତେ ସ୍ନେହ ଶରଧା ପାଇ ଫୁଲିଯିବା ପରିବର୍ତ୍ତେ ହାଲି ଯାଇଛି କାହିଁକି ।

Digitized by srujanika@gmail.com

ସେମାନେ ବା କିମିତି ଜାଣିବେ ବୁଢ଼ୀ ସ୍କୁଲରେ କିମିତି ରହିଛି, କଣ କରୁଛି । ଝିଅଟିକି ବାସ୍‌ରେ ଯେମିତି ଶରଧା ମିଳୁଥିଲା ତା'ଠାରୁ ବହୁତ ବେଶୀ ତାକୁ ସ୍କୁଲ୍‌ରେ ମିଳୁଚି । ଶରଧା ଦବାପାଇଁ ମାଷ୍ଟର ମାଷ୍ଟରଙ୍କ ଭିତରେ କଳିତକରାଳ ମରାମରି । ବୁଢ଼ୀ ଭଲ ପଢ଼େ । ଅଙ୍କ, ଇଂରାଜୀ, ସାହିତ୍ୟ ମାଷ୍ଟର ସମସ୍ତେ ତାକୁ ସାହାଯ୍ୟ କରିବା ପାଇଁ ତାର ସନ୍ଦେହ ମୋଚନ ପାଇଁ ଆଗ୍ରହୀ । ଝିଅଟିର ଗାଲ, ପାଟ, ଚଳ, ଆଖି କେଡ଼େ ସୁନ୍ଦର । କିଏ କେତେ ପ୍ରକାର ତାକୁ ଆଦର ସ୍ନେହ କରନ୍ତି । ଅନ୍ୟାନ୍ୟ ଝିଅମାନେ ବୁଢ଼ୀକି ହିଂସା କରନ୍ତି । ବୁଢ଼ୀ କଣ ସ୍ନେହ ଶରଧା ମାଗି ବୁଲୁଛି ? ତାକୁ ତ ସମସ୍ତେ ଯାଚି କରି ଦେଉଛନ୍ତି । ପରୀକ୍ଷାରେ ବରାବର କ୍ଲାସ୍‌ରେ ସେ ଫାଷ୍ଟ ହେଲା । ସାଙ୍ଗସାଥୀ ସମସ୍ତେ କହିଲେ ସାର୍ ମାନେ (ଦିଦିମାନେ ବଡ଼ ହିଂସକୁଡ଼ୀ) ସବୁ କହି ଦେଇଛନ୍ତି ବୁଢ଼ୀକୁ । ନ ହେଲେ .... ବୁଢ଼ୀର ନିଜ ପରିଶ୍ରମ ଗଲା କୁଆଡ଼େ । ଶରଧା ଯୋଗୁଁ ସେ ଫାଷ୍ଟ !

ଝିଅ ଆଉ ବାସ୍‌ରେ ଯାଆସ କରେ ନାହିଁ । ଯେଉଁ ଝିଅ ଅନ୍ତତଃ କେତେଟା କିଲୋମିଟର ଲୋକଙ୍କୁ ଆନନ୍ଦ ଦେଉଥିଲା ତାର ଛୋଟ ସ୍ମୃତି ଲିଭିଲିଭି ଯାଇ ନିଶ୍ଚିହ୍ନ ହୋଇଗଲା । ଝିଅ ପଢ଼ା ଛାଡ଼ିଦେଲା ?

ଦିନେ ହେଡ୍‌ମାଷ୍ଟର ବୁଢ଼ୀର ବାପାକୁ ଡ଼ାକି କହିଲେ ବୁଢ଼ୀ ଆଉ ଆସୁନି, କଣ ହେଲା ? ଭଲ ପଢୁଥିଲା ସମସ୍ତେ ତାକୁ ଆଦର ଶରଧା କରୁଥିଲେ, ତାକୁ ପଠାନ୍ତୁ ଗୋଟାଏ ଦେଢ଼ଟା ବର୍ଷ ପଢ଼ିଦେଲେ ମାଟ୍ରିକ୍ ପାଶ୍ କରିଯିବ ଫାଷ୍ଟ ଡ଼ିଭିଜନରେ । ଷ୍ଟେଣ୍ଡ୍ ବି କରିପାରେ ।

ବାପା କହିଲେ, ମୁଁ ଝିଅକୁ ବହୁତ ବୁଝାଇଲି ଆଜ୍ଞା, ସେ ଏକା ଜିଦ ଧରିଛି ପଢ଼ିବ ନାହିଁ । ବେଶୀ ବୁଝାଇଲାବେଳକୁ ଅନର୍ଗଳ କାନ୍ଦିଲା । ତା ଛଡ଼ା ଝିଅର ଦେହ ମନ ବି ଭଲ ରହୁନାହିଁ । ମୁଁ ଭାବିଲି ନ ପଢୁ । ପାଠ ସର୍ଗକୁ ନବ ? କେଉଁଠି ଦେଖି ବାହା କରିଦେଲେ ଯେତିକି ପଢ଼ିଲାଣି ସେତିକିରେ ଘର କରିପାରିବ ।

ଝିଅ 'ଅନପଢ଼୍' ରହିଗଲା, ଆଠଦିନ ହେଲା ସେ ବାହା ହୋଇଗଲା ।

"ପ୍ରଶାନ୍ତ ବାବୁକୁ ! ଏଇ ତୁମର ପନ୍ଦର ମିନିଟିଆ ଗପ ! ମୁଁ କେତେବେଳୁ ଜାଣିଲିଣି ବୁଢ଼ୀଟି କିଏ । ହେଲେ ତୁମ ଆତ୍ମ ଚରିତ କହୁଛି ବୋଲି ଧୀରସ୍ଥିର ଚୁପ୍‌ଚାପ୍ ରହିଲି, ନହେଲେ କିଏ ଏତେ ସମୟ ନଷ୍ଟ କରନ୍ତା ।"

"କାହିଁକି ଏ ଗପ କହିଲି ବୁଝିପାରିଲ ?"

"ମୁଁ କହୁନଥିଲି ତୁମେ ପଢ଼ିଥିଲେ ମୁଁ ତୁମକୁ ଆହୁରି ଅଧିକ ଶରଧା କରିଥାନ୍ତି ।"

"ଫେର୍ ଶରଧା କଥା କହୁଛ । ଏଇ ଶରଧା ପାଇଁତ ମୋ ପାଠପଢ଼ା ଅଧାରେ ରହିଲା । ତୁମ ଗୋଡ଼ ବୋଇଲେ ହାତ ଓଠ ବୋଇଲେ ପାଟି, ଯିମିତି ସବୁବେଳେ ଖଲବଲ ହେଉଛି ମୋର ଭୟ ହେଲାଣି ଏ ଯେଉଁ ନୂଆ ପାଠ ପଢ଼ାଉଛ ତା ବି ଅଧାରେ ରହିଯିବ ।"

Digitized by srujanika@gmail.com

"ତୁମେ ଖଣ୍ଡେ ଗୁରୁ ଅଛ ଦେଖୁଛି" କହି ପ୍ରଶାନ୍ତ କହିଲା ଏଥର ବାରଲାଇଟ୍‌ଟା ଲିଭାଇ ବେଡ୍ ଲେମ୍ପଟା ଜାଳ ।"

# ଚା

ଆଉ କୋଡ଼ିଏ ପଚିଶ କଦମ ଯାଇଥିଲେ ଆମେ ହୁଏତ ଷ୍ଟେସନ୍ ପ୍ଲାଟଫର୍ମ ଧରି ପାରିଥାନ୍ତୁ । କିନ୍ତୁ ମେଘ ସମୟ ଦେଲା ନାହିଁ । ନିର୍ଦ୍ଦୟ ଭାବରେ ଝଡ଼୍ ଝଡ଼୍ କରି ଅଜାଡ଼ି ଦେଲା ତାର ବାକୀ ଷ୍ଟକ୍‌ତକ ଆମରି ଉପରେ । ସେତେବେଳକୁ ଆମେ ଦୁହେଁ ଗୋଟାଏ ଛତା ତଳେ ଦେଢ଼ କିଲୋମିଟର ବାଟ ଆସି ସାରିଥାଉଁ । ଛୋଟ ଛୋଟ ଦୁଇତିନିଟା ଅସରା ବି ବାଟରେ ପାଇଥିଲୁ । ଜଙ୍ଘଯାକେ ଓଦା ସରସର । ଚାଲିବାରେ କଷ୍ଟ ହେଉଥାଏ କାରଣ ଆମର ପେଣ୍ଟଗୁଡ଼ାକ ଏଠି ସେଠି ଚିପି ମୋଡ଼ି ଭିଡ଼ି ଗୁଡ଼ାଇ ହୋଇ ଯାଉଥିଲା ।

ଆସିଲାବେଳେ ବି ଏମିତି ଭିଜିଥିଲା । ଆଠ ଘଣ୍ଟା କାଳ ପଙ୍ଖା ପବନରେ ଆଉ ଦିହ ତାତିରେ ଯାହା କିଛି ଶୁଖିଥିଲା ତାହା ଫେରିଲା ବେଳକୁ ପୁଣି ଭିଜିତିନ୍ତି ଗଲା । ଦିନଯାକ କୋହଲା ପାଗ, ତୁହାକୁ ତୁହା ବର୍ଷା, ପୁଣି ପଞ୍ଚାବନ କିଲୋମିଟର ବେଗରେ ପବନ । ଜୁଲାଇ ମାସରେ ଡ଼ିସେମ୍ବରର ଶୀତ ଅନୁଭବ କରୁଥାଉଁ । ଏଇ ଶେଷ ଅସରାଟା ଆମକୁ ପୁରା ଚିତ୍ କରିଦେଲା । ଭାବିଥିଲୁ କୌଣସିମତେ ଷ୍ଟେସନ୍ ପହୁଞ୍ଚି ପାରିଥିଲେ ଚାଳିଶ ପଚାଶ ମିନିଟ୍ ପରେ ଘରେ ପହୁଞ୍ଚିଥାନ୍ତୁ, ଯେଉଁଠା ଘରେ ଗରମ ଚା' କପେ କପେ ଖାଇ ସାଷ୍ଟମ ହୋଇଥାନ୍ତୁ । ସାତୁଟା କୋଡ଼ିଏରେ ଟ୍ରେନ୍ । ଘଡ଼ିଟା ବି ଅନ୍ଧାରରେ ଦିଶୁନି, ପାଣି ପିଇ ପିଇ ତା' ପେଟରେ କଳକବଜା ବି ଫୁଲିଯାଇଥିବ ।

ଆଗପଛ କିଛି ନ ବିଚାରି ଜୀବନ ବିକଳରେ ଦରଆଉଜା ଟିଣ କବାଟକୁ ଉଠାଇ ପ୍ରଦୀପ ଛତାତଳୁ ଖସିଗଲା ଏବଂ ଭିତର ଅନ୍ଧାର ଭିତରକୁ ପଶିଯିବାର କ୍ଷଣକ ପରେ କହିଲା, ଆସନ୍ତୁ ସାର୍ । ଛତା ବନ୍ଦକରି ପଶୁ ପଶୁ ଆଉ ହାବୁକାଏ ପାଣିପବନ ପିଇଗଲି । ଚୂଳ ଚଷମାରେ ବି ପାଣିଗୁଡ଼ାଏ ଜମା ହୋଇଗଲା, ନାକ ଅଗ ଦେଇ କିଛି ବହିଗଲା ମଧ । ରାସ୍ତାଯାକ କାହିଁ ଆଶ୍ରା ନବାର ଯୁ ନଥିଲା । ରାସ୍ତାଯାକ ଆଲୁଅ ନଥିଲା, ଦୋକାନ ବଜାର ବନ୍ଦ । ଇଲେକ୍ଟ୍ରି କରେଣ୍ଟ କାହିଁକି, ଦୁନିଆର ସବୁଭଲ ଜିନିଷ ଏଠି ଫେଲ୍ ମାରନ୍ତି । ଏଇ ସୁମୂର୍ଷୁ ଛୋଟ ସହର ତଳି ଅଞ୍ଚଳରେ ପବିତ୍ର ସାର୍ବଭୌମ ଅନ୍ଧାରର ରାଜତ୍ୱ ।

Digitized by srujanika@gmail.com

କେଉଁଠି ଆସି ପହଞ୍ଚିଲୁ ? ଛତାଟାକୁ ବନ୍ଦକରି କେଉଁଠି ରଖିବି ଠିକ୍ କରୁ କରୁ ପ୍ରଦୀପକୁ ପଚାରିଲି । ସେ କିଛି ଉତ୍ତର ଦେଲାନି । ଛତାଟାକୁ ବନ୍ଦ କରି ଝାଟିମାଟି କାନ୍ଥକୁ ଡ଼େରି ରଖିଦେଲି । ଓଦା ଚଟାଣରେ ସର ସର ହୋଇ ଛୋଟ ସୁଅଟିଏ ବଡ଼ ଜିଆ ପରି ଚାଲିଲା ।

ଏଠି ଉଷ୍ମ ମିଳିବା ଆଶା କ୍ଷୀଣ, ପଲକରେ ଜାଣିହେଲା । ଯେଉଁ ହଲହଲିଆ ବେଞ୍ଚଟା ଆଡ଼ ବାଗରେ ପଡ଼ିଥିଲା ତାର କିରାସିନୀ ପଟାଗୁଡ଼ାକ ଓଦା ହୋଇ ଫୁଲି ଫୁଲି ଭିଜା କାର୍ଡ଼ବୋର୍ଡ଼ ପରି ଦିଶୁଥିଲା । ଗୋଟାଏ ପଟା ନଥିବା ଚେୟାର ନାମକ ବସିବା ଜିନିଷଟି ମଧ ବଡ଼ ଦୟନୀୟ ଅବସ୍ଥାରେ ଥିଲା । ଭିତର ଜଣକୁ ମିଞ୍ଜି ମିଞ୍ଜି ହୋଇ ଯେଉଁ ଦୁଆଡରେ ଡିଆରି ଡ଼ିବିରିଟା ଜଳୁଥିଲା ସେଥିରେ ସ୍ଥାନଟିର ସ୍ୱରୂପ, ଦୈନ୍ୟ ଏବଂ ଆସବାବ୍‌ପତ୍ର ଯୁଗପତ୍ ଦୃଶ୍ୟ ହେଉଥାଏ ।

ବସିବା ସ୍ଥାନ ଅଭାବରେ ଛିଡ଼ା ହୋଇଥାଉଁ, ମୁଣ୍ଡ ପ୍ରାୟ ଉପର ଛପରରେ ବାଜୁଥାଏ । ଭର୍ତ୍ସନା ବା ସମ୍ବର୍ଦ୍ଧନା ପାଇଁ ଛିଡ଼ା ହେଲାବେଳେ ଓଦା ଋମାଲ ବାହାର କରି ଚଷମା ସଫା କରୁଥାଉଁ, କାରଣ, ପାଣି ଟୋପା ଜମିଥିବା କାଚ ଦେଇ ଏକ ଦେଖିଲେ ଦୁଇ ଦିଶୁଥିଲା ।

ଦଣ୍ଡେଯାକେ, କେହି କୁଆଡ଼ୁ ଆସି ନମସ୍କାର, ଆସନ୍ତୁ ବସନ୍ତୁ, ହେଇ ଆପଣ ଯେ' ବୋଲି କହିଲେ ନାହିଁ ବା କିଏ ସେ ? ଯାଅ ଯାଅ, ଏଠି କିଛି ମିଳିବ ନାହିଁ, ଘରେ କେହି ନାହାନ୍ତି, ବୋଲି ବି ଶୁଣିଲୁ ନାହିଁ । ଭାବିଲୁ ଆଉ କେଉଁ ଅଗନାଅଗନି ବନସ୍ତର କୁଡ଼ିଆ ବା ଗୁମ୍ଫାରେ ପଶିଛୁ ଯେଉଁଠି ଡ଼ାଆଣୀ ବୁଢ଼ୀ ରହେ ଏବଂ ଫୁଲ ଶୁଙ୍ଘାଇ ବା ଚେରମୂଳ ଖୁଆଇ ମଣିଷକୁ ମେଣ୍ଢା କରିଦିଏ ।

କୁଡ଼ିଆର କେଉଁଠି ସାମାନ୍ୟ ଜୀବନ ସଞ୍ଚାର ହେଲା ପରି ଜଣାଗଲାରୁ ଆମେ ପାଖ କୋଠରୀର ସେଇଟି ଏକମାତ୍ର କୋଠରୀ ସେ ଘରର, ଯାହା ଶୋଇବା ଘର, ଷ୍ଟୋର ଘର, ଛୁଆ ଜନ୍ମ କରିବା ଘର ମଧ, ଆମେ ଯେଉଁଠି ଛିଡ଼ା ହୋଇଥିଲୁ ତାକୁ ଭାଷାରେ 'ମେଲା' ବୋଲି କୁହାଯାଇ ପାରେ ଟାଟିଲଗା ଦରଜା ଆଡ଼କୁ ଚାହିଁ ରହିଲୁ ।

ନୁହେଁ ଧୋତି ନୁହେଁ ଶାଢ଼ୀ ଏମିତି ଲାଲି ଧଡ଼ିର ଲୁଗାଟିଏ ମୁଣ୍ଡ ଅଧରେ ରଖି କାନିକି ଓଠରେ ଗୋଟାଏ କଣରେ ଚାପି ନାରୀ ମୂର୍ତ୍ତିଟିଏ ଜୁଳୁଜୁଳୁ ଆଖିରେ ଆମ ଦୁହିଁଙ୍କି ବାରେ ଦେଖିଦେଲା ଏବଂ ତତ୍‌କ୍ଷଣାତ୍ ଆଶ୍ରୟପ୍ରାର୍ଥୀ ବୋଲି ଧରିନେଇ ଗୋଟିକଯାକ ଦିହ ପଦାକୁ ବାହାର କରି ଆଣିଲା ନିଃସଂକୋଚରେ ଏବଂ ସଙ୍ଗେ ସଙ୍ଗେ ସ୍ଥାନ ଓ ପରିସ୍ଥିତିର ସର୍ବମୟ କର୍ତ୍ତ୍ରୀ ରୂପ ଧଇଲା । ବ୍ରା ବ୍ଲାଉସ୍ ନଥିବା ପାଚିଲା ଆମ୍ବ ପରି ଗୋରା ଦିହଟି ବାତୁଆ ଡ଼ିବିରି ଆଲୁଅରେ କେତେବେଳେ କିମିତି ଏଠିସେଠି ଦିଶୀ ନଦିଶି ଦିଶୁଥାଏ । ସମ୍ପୂର୍ଣ୍ଣ ନିରାଭରଣା ।

Digitized by srujanika@gmail.com

ଆମକୁ ଦେଖିଦେଲା । ମାତ୍ରେ ସେ କିମିତି କିମିତି ଅଧୀର ଚଞ୍ଚଳ ଓ ଅସ୍ତବ୍ୟସ୍ତ ହେଲା, ଉଦ୍‌ବିଗ୍ନ ପରି ଲାଗିଲା ମଧ । ଜଣାଗଲା ଯିମିତି ସିଏ ଚାହୁଁଛି ଆମେ ଶୀଘ୍ର ପୋଛିପାଛି ହେଉଁ, ସାଷ୍ଟାମ ହେଉଁ । ନିଜର ଲୁଗା ପଣନ୍ତଟିକୁ ଏମିତି ଭାବରେ ଚାହିଁଲା, ଧଇଲା, ଯହିଁରୁ ମୁଁ ଭାବିଲି ସିଏ କହୁଛି ଯଦି ଆମେ ଅନୁମତି ଦିଅନ୍ତୁ ତେବେ ସେ ନିଜେ ସେ କାମ କରିଦିଅନ୍ତା, ଭିଜିତିନ୍ତି ଆସିଥିବା ଶିଶୁ ବା ସାମୀଙ୍କ ମାଆ ବା ସ୍ତ୍ରୀମାନେ ସିମିତି ପ୍ରାଥମିକ ଚିକିତ୍ସା ଦେଇଥାନ୍ତି । ଦିଖଣ୍ଡ ଛିଣ୍ଡା ବୋରା ଆଣି ଚାରିପ୍ରସ୍ତ କରି ଚଉତି ସେଇ ଫୁଲା ଫୁଲା ଓଦା ବେଞ୍ଚ ଉପରେ ଆମର ଆସ୍ଥାନ କରିଦେଲା ।

ଆମକୁ ଏଇମତେ ଅଭ୍ୟର୍ଥନା କରୁଥିଲା ବେଳେ ଦେଖିଲୁ ଦୁଆର ମୁହଁ କଣରେ କୁକୁଡ଼ାଟିଏ ଡେଣା ଫୁଲାଇ ତା ଛୁଆଗୁଡ଼ାକୁ ଉଷୁମ ଦେଉଛି । ଧଳା ଧଳା ଦୁଇଟା ଚିଆଁ ଗହମ ଭଳି ଥଣ୍ଟ ଆଉ ଡ଼ାଲୁଆ ମୁଷାର ଗୋଲ ଗୋଲ ଆଖି ଦେଖାଇ ମାଆ ଦିହର ତାତି ଉଷୁମ ଭିତରୁ ଦୁଇତିନି ଦିନର ପୁରୁଣା ତାଙ୍କର ଏଇ ଦୁନିଆଟାକୁ ଦେଖୁଛନ୍ତି । ଥଣ୍ଡା ଲାଗିଲାବେଳକୁ ପୁଣି ଉଷୁମ ଦୁନିଆଁ ଭିତରକୁ ମୁଣ୍ଡ ଟାଣି ନେଉଛନ୍ତି । ମାଆ ପେଟତଳେ ରହିବାକୁ ସୁଖ ନାହିଁ । କି ଗର୍ବ ସେ ଛୁଆଦିଟାରେ !

ଦିଆ ଯାଇଥିବା ଆସନରେ ବସି ପଡ଼ି ଯେତିକି ସମ୍ଭବ ବାହୁ ହାତ ଦେଇ ଦିହ ମୁଣ୍ଡ ନାମକୁ ମାତ୍ର ପୋଛାପୋଛି କରୁଛୁ ସେ କୋଠରୀ ଭିତରକୁ ପଶିଯାଇ ଖଣ୍ଡିଆ କୋଡ଼ିଏ ପଇସିଆ ମହମ ବତୀଟାଏ ଆଣିଲା ଏବଂ ଡ଼ିବିରି ଆଲୁଅରେ ଧରାଇ ଅଣ୍ଟାଏ ଉଚ୍ଚ ଚୁଲି ଉପରେ ଟୋପାଏ ମହମ ନିଗାଡ଼ି ସଳଖ ଥୋଇଦେଲା । କିରାସିନୀ ଗନ୍ଧ ସହିତ ମହମବତୀର ବାସନା ମିଶି ଏକପ୍ରକାର କଡ଼ାମିଠା ବାଷ୍ପ ଘର ଭିତରେ ଜମାଟ ବାନ୍ଧିଲା । ବାହାରେ ଅବିରଳ ବାରିଧାରା ।

ଡ଼ବଲ ଆଲୁଅରେ ଆମେ ନିଜକୁ ପରସ୍ପରକୁ ଏବଂ ତାକୁ ନୂଆ ଆଖିରେ ଦେଖି ପାରିଲୁ । ମୁଁ କୌଣସି ଏକ ଖ୍ୟାତନାମା ଶିଳ୍ପୀଙ୍କ 'ଅବଗୁଣ୍ଠନବତୀ' ଚିତ୍ର ମନେ ପକାଇଲି । ପ୍ରଦୀପ କୁଆଡ଼େ ଦିଲ୍ଲୀରେ ଗୋଟାଏ ଲୁଗା ଦୋକାନରେ ଏମିତି ଏକ ଇଂରାଜୀ ରମଣୀ ଦେଖିଥିଲା ଯେ, କି ମସିଆ ବୁର୍ଖା ଟେକି ଲୁଗା ଦୋକାନରେ ଉପରଥାକ ଦେଖୁଥିଲା ବେଳେ ତା ନୀଳ ଆଖିରୁ ଅପରୂପ ସୌନ୍ଦର୍ଯ୍ୟ ବିକୀରିତ ହେଉଥିଲା । (ବିବାହ କୁଆଡ଼େ ସ୍ୱର୍ଗରେ ଅନୁଷ୍ଠିତ ହୁଏ ମାତ୍ର ପୃଥିବୀରେ ଥଇଥାନ ବେଳେ ଭଗବାନ ଯୋଗ୍ୟ ସ୍ଥାନ ଯୋଗାଇ ପାରନ୍ତି ନାହିଁ । ଏ ସ୍ତ୍ରୀ ଲୋକଟି କଣ ଏଇଠି ରହିବା କଥା ?)

ଆମର ଧାରଣା ଥିଲା ସେଇ ସ୍ତ୍ରୀ ଲୋକଟି କୁଡ଼ିଆର ଏକମାତ୍ର ଅଧିଷ୍ଠାତ୍ରୀ । ମାତ୍ର ତାହା ଅଚିରେ ଦୂର ହେଲା । ଦେଖିଲୁ ଦୁଇଟି ଛୋଟ ପିଲା ଆଖି ମଳିମଳି ସେମାନେ ବି ଚିଆଁଙ୍କ ଭଳି ଉଷୁମ ଦୁନିଆଁ ଭିତରେ ଥିଲେ ବୋଧହୁଏ ଏବେ ଆମ ଦୁନିଆଁକୁ ଦେଖୁଛନ୍ତି - ପଦାକୁ ବାହାରି ଆସିଲେ । ହାଫ୍-ଶାର୍ଟ ଅଣ୍ଟା ଉପରକୁ ଥିଲା, ପେଣ୍ଟ ନଥିଲା । ଦୁଇ ପୁଅ ।

Digitized by srujanika@gmail.com

ଇଏ ତେବେ ମାଆ ବି.... ମେଡୋନା ! ନୂଆ ଆଖିରେ ଦେଖିଲୁଁ । ଏଥର ଆମେ ଜାଣିଲୁ ଆମେ ରୋମାନ୍ସ ଭିତରେ ନାହୁଁ, ଏଇଟା ଡାଆଣୀ ଗୁମ୍ଫା ନୁହେଁ, ଗୋଟାଏ ଛୋଟ ଚା' ଦୋକାନ । ଗୋଟି ଗୋଟି କରି ସରଞ୍ଜାମ ଦେଖିଗଲୁ, ଦୁଇ ଚାରିଟା ଅଧା ଗ୍ଲାସ୍, ଛୋଟ ଚା' ପାଣି ଫୁଟାଇବା ଏଲୁମିନିୟମ ପାତ୍ର, ଛାଙ୍କୁଣୀରୁ ଲମ୍ବ ହୋଇ ଝୁଲୁଥିବା କନାରେ ସିଠା ଚା । ଦି'ହାତ ଖଣ୍ଡେ ଛାଡ଼ି ପାନ ଜାଳି, ପାଖକୁ ପାଖକୁ କେତୁଟା ପୁରୁଣା ସିଗାରେଟ ଡ଼ବା । ଏକ କଥାରେ ଆମେ ଏ ମୁହୂର୍ତ୍ତରେ ଯାହା ଚାହୁଁଥିଲୁଁ ।

ଟ୍ରେନ୍ ଧରିବା କଥା ଭୁଲି ଯାଇଥିଲୁ । ଯଦି ବା ଆସିବ ତେବେ ଭିଜି ତ ସାରିଛୁଁ ପୁଣି ଧାଁ ଧପଡ଼ କରି ଚଢ଼ିଯିବା ।

"ଚା ଦୁଇ କପ୍ ହୋଇପାରିବ ?" ଭଗ୍ନ ଦୁରବସ୍ଥାମୟ ଦୁନିଆଁରେ ହଁ ଉତ୍ତର ମିଳିବାର ଆଶା ନରଖି ପଚାରିଲି ।

"ଦେଖେଁ କଣ ଅଛି ।" ଖୁବ୍ ମାଲିକାଣୀ ଗଳାରେ ଉତ୍ତର ଦେଇ କହି ଚାଲିଲା, "କେତେବେଳୁ ବଜାରକୁ ଗଲେଣି, ସବୁ ଜିନିଷ ସରିଯାଇଛି, ଆସିଲେ ଯାଇ ସବୁ କଥା । ଏ ବର୍ଷାରେ କେଉଁଠି ଅଟକି ଯାଇଥିବେ ତୁମରି ପରି । ଛିଣ୍ଡା ଛତାଟା ନେଇଥିଲେ ବି କିଛି କାମ ହୁଅନ୍ତା ନାହିଁ ।" ନଇଁପଡ଼ି ଝରଝର ପାଣି ଧାର ଭିତର ଦେଇ ବାହାର ଅନ୍ଧାରକୁ ଚାହିଁ ନିରାଶାର ଆଖି ଯୋଡ଼ିକ ଫେରାଇ ଚା' ସରଞ୍ଜାମ ଆଡ଼କୁ ଆଖି ପକାଇଲା ।

ସେତେବେଳକୁ ତା ଛୁଆ ଦୁହେଁ (ମା ମୁହଁ ନେଇଥିବା ଛୁଆ ଧନ୍ୟ!) ଆମ ପାଖକୁ ନିର୍ଭୟରେ ଆସି ଆମର ପୋଷାକ ପରିଚ୍ଛଦ ଅଙ୍ଗ ପ୍ରତ୍ୟଙ୍ଗ ଦେଖିବାରେ ଲାଗିଥାନ୍ତି ଯିମିତି କି ଆମେ ଚିଡ଼ିଆଖାନାର ଦୁଇଟି ନିରୀହ ଜୀବ । କ୍ରମେ ଆମକୁ ତାଙ୍କର ବହୁ ଦିନର ପୁରୁଣା ଆତ୍ମୀୟ (ଯେମିତି କି ବାପ ଭାଇନା) ଭାବି ଆମ ଧାଡ଼ିରେ ସେଇ ଓଦା ବେଞ୍ଚରେ ବସିଗଲେ, ଗୋଡ଼ ହଲାଇ ହଲାଇ ତାଙ୍କ ମାଆ ଶିଖାଇ ଥିବା ପ୍ରାର୍ଥନାର ଶେଷ କଳିଟି ଗୁଣୁ ଗୁଣୁ ହୋଇ ତାଳ ଦେଇ ଗାଇଲେ ଏକା ସ୍ୱରରେ "ମୋର ଧନ ଜନ ଲୋଡ଼ା ନାହିଁ ହେ ।" ଆମର ବି ଗାଇବାକୁ ଇଚ୍ଛା ହେଉଥିଲା ତାଙ୍କରି ସାଙ୍ଗରେ । ତାଙ୍କ ମାଆ ବୋଧହୁଏ ଭାବୁଥିଲା ଦୁଇ ନୁହେଁ ଚାରିଜଣ ସଙ୍ଗ ପ୍ରାର୍ଥନା କରୁଛନ୍ତି । ଆମର ଧନ ଜନ ଲୋଡ଼ା ନଥିଲା ସତରେ । ଲୋଡ଼ା ଥିଲା ଗରମ ଗରମ ଏକ କପ୍ ଚା । ଯାହାହେଉ, ପରିବେଶ ଓ ପରିସ୍ଥିତିରେ ସାମାନ୍ୟ ସୁସ୍ଥ ଓ ଉଷୁମ ହେଲୁଁ ।

ପ୍ରଥମେ ଚିନି ଡ଼ବାର ଢ଼ାଙ୍କୁଣୀ ଖୋଲି ମୁହଁରେ ସାମାନ୍ୟ ଆନନ୍ଦ ଖେଳାଇ ସେ ଅନୁଚ୍ଚସ୍ୱରରେ କହିଲା, "ଅଛି, ଦୁଇ କପ୍‌କୁ ଢ଼େର ।" ଆମେ ପ୍ରସ୍ତୁତ ଥିଲୁ ବିନା ଚିନିରେ ଚା' ଖାଇବାକୁ, ଯିମିତି କେତେ ଆମେରିକାନ ଟୁରିଷ୍ଟ ରଥ ଟି ପସନ୍ଦ କରିଥାନ୍ତି ।

Digitized by srujanika@gmail.com

ଚା' ଗୁଣ୍ଡ ଡ଼ବାଟି ଖୋଲି ଦେଖିଲା । ବୋଧହୁଏ ଶୂନ୍ୟ । ରାଗରେ ଓଲଟାରେ ଝାଡ଼ିଝୁଡ଼ି ଦେଇ ଢ଼ପ୍ କରି ଜୋରରେ ଢ଼ାଙ୍କୁଣୀ ବନ୍ଦ କରିଦେଲା । ଆମର ସମସ୍ତ ଆଶା ଓ ସ୍ୱପ୍ନର ଏଇଠି ମୃତ୍ୟୁ ହେଲା । ଚା ବିନା ଚା ହେମଲେଟ୍ ବିନା ହେମଲେଟ୍ ପରି ।

ଆଦୌ ବିବ୍ରତ ନହୋଇ ସେ କଠୋରୀ ଭିତରକୁ ପଶିଗଲା ଏବଂ ଚିପିଚାପି ମୋଡ଼ିମାଡ଼ି ହୋଇ ରହିଥିବା ଗୁବି ଡ଼ଷ୍ଟ (ବୋଧହୁଏ ବିଶିଷ୍ଟ ଗରାଖ ଓ ଅତିଥିଙ୍କ ପାଇଁ ଉଦ୍ଦିଷ୍ଟ) ପେକେଟ୍‌କୁ ସତର୍କତା ସହିତ ଖୋଲି ଯିମିତି ଦେଖିଦେଲା ଅଛି ଆନନ୍ଦରେ ଆମକୁ ଶୁଣାଇ ଶୁଣାଇ କହିଲା, 'ଢ଼େର ହେବ ।'

ଏଥର ତିନିଗୁଣ ଉତ୍ସାହିତ ହୋଇ ପଚାରିଲି, 'ଦୁଧ ଅଛି ?'

କ୍ଷଣେ ଅପ୍ରତିର ହୋଇ କହିଲା, "ଦେଖେ, ଯଦି ଥିବ । ଛୁଆ ଦିହେଁ ତ ଯେତେବେଳେ ପାଇ ଯାଉଛନ୍ତି ଖାଇ ଦଉଛନ୍ତି, କେତେ ଲୁଚାଇବି ?" ମାଆ କି ଛୁଆଙ୍କୁ ମନାକରି ପାରିବ ? କେତେ ବା ଢ଼ଙ୍କାଇ ଲୁଚାଇ ରଖିପାରିବ, ଭାବିଲି ।

ପୁଣି ଘର ଭିତରକୁ ଯାଇ ଷ୍ଟକ୍ ଦେଖିଦେଲା ଏବଂ ଦୁଧ ଡ଼େକ୍‌ଚି ଧରି, ବାହାରି ଆସିଲା, କହିଲା, "ଅଛି ଟିକେ, ଦୁଇକପ୍ ପାଇଁ ଢ଼େର ହବ ।"

ବଙ୍କାଟଙ୍କା ହାତେ ଉଚ୍ଚ ଧୂଆଁର କୁଣ୍ଡଳୀ ଉଠାଉଥିବା ସୁନା ରଙ୍ଗର ଚା' କପ୍‌ର ଛବି ଏଥର ଆଖି ଆଗରେ ନାଚିଲା । କଳ୍ପନାରୁ ବି କିଛି ଉଷୁମ ମିଳିଗଲା ।

ଏଥର ପଚାରିଲି, "ଟ୍ରେନ୍ ଆସିବା ପୂର୍ବରୁ ଚା' ହବ ତ ?"

ଠଙ୍ ଠଙ୍ ଠଙ୍, କରି ବେଲ୍ ବାଜିଲା ଷ୍ଟେସନ୍‌ରେ ।

ସେ ବି ସଙ୍ଗେ ସଙ୍ଗେ କହିଲା, "ଏଇତ ଫାଷ୍ଟ ବେଲ୍ । ଟିକିଏ ସରସତା ଫୁଟାଇ କହିଲା, "ଏ ଯେଉଁ ବର୍ଷା, ଇଞ୍ଜିନ ବି ଥଣ୍ଡା ହୋଇ ଯାଇଥିବ ।"

ଚା' ଚେନି, ସର୍ବୋପରି ଦୁଧ ।

ଏଥର ସେ ଚୁଲି ପାଉଁଶକୁ ଖଣ୍ଡିଆ ଲୁହା ଛଡ଼ରେ ଆମ୍ପୁଡ଼ି ଜାବୁଡ଼ି ପକାଇଲା । ବୋଧହୁଏ ସକାଳେ ଯାହା ଚୁଲି ଜଳିଥିଲା । ଗରାଖ ତ ନାହିଁ, ଜିନିଷ ବି ନଥିଲା । ପଇସା ଥିଲେ ତ ଚିଜ । ରାତିରେ ବୋଧହୁଏ ରୋଷେଇ ହେଙ୍ଗାମ ନକରି ଛୁଆଙ୍କୁ କଳେ କଳେ ଦୁଧ ଦେଇ ଶୁଆଇ ଦେଇଥାନ୍ତା ଆଉ ନିଜେ ନିଜେ ମୁଠାଏ ମୁଠାଏ ମୁଢ଼ି ଆଉ ପାଖ ନଳକୂଅରୁ ପାଣି ମୁନ୍ଦାଏ ପିଇ ଶୋଇ ଯାଇଥାନ୍ତେ । କିନ୍ତୁ ଆମେ ଆସିଗଲୁ ।

ନିଆଁ ପ୍ରାୟ ନିଭି ଯାଇଥିଲା । କିଛି ପାଣି ଛିଟା ବି ଖାଇଥିବ ଚୁଲି । ବେତେଗୁଡ଼ାଏ ଝୁଲକୁ ଏକାଠି କରି ଉପରକୁ କେତେଗୁଡ଼ିଏ ଛୋଟ ଛୋଟ ଦରପୋଡ଼ା କୋଇଲା ଠୁଳାଇ ଦେଲା ଏବଂ ଆଉକିଛି ନପାଇ କାଗଜ ଠୁଙ୍ଗା ଗୋଟାକରେ ବିଞ୍ଚାବିଞ୍ଚି ଆରମ୍ଭ କଲା । ଗୁଡ଼ାଏ ପାଉଁଶ ଏଣେ ତେଣେ ଉଠ ଆମ ଚୁଲ ମୁହଁରେ ପଡ଼ି ଆମ ଚେହେରାକୁ ଭୌତିକ

Digitized by srujanika@gmail.com

କରିଦେଲା, ନହେଲେ ଆମର ଛୋଟ ସାଙ୍ଗ ଦୁଇଜଣ ପରସ୍ପରକୁ ଆଖି ଠାରି ଏମିତି ମୁରୁକି ମୁରୁକି ହସନ୍ତେ କାହିଁକି ?

ଚୁପ୍‌ଚାପ୍ ହୋଇ ଚା' ପ୍ରସ୍ତୁତ କ୍ରିୟା ଅନୁଧାନ କରୁଥାଉଁ । ଚା ପାଇଁ ନିଆଁ, ଆମ ପାଇଁ ଚା, ନିଆଁ ନାହିଁ ତ ଚା ନାହିଁ, ଚା ନାହିଁ ତ ଆମେ ନାହୁଁ । ଗୋଟାକ ପରେ ଗୋଟିଏ ହାଇ ଆସୁଥାଏ । ଯାହା ଜଣାଗଲା ନିଆଁ ଜଳିବ ନାହିଁ, ଚା ହବ ନାହିଁ ଗାଡ଼ି ଆସିଯିବ । ସବୁ ଜିନିଷ ଥାଇ ବି ନିଆଁ ଅଭାବରେ ସବୁ ପଣ୍ଡ ପଙ୍ଗୁ ସିନା ।

ଦଣ୍ଡେ ଅପେକ୍ଷା କରି ଦେଖିଲି ବିଶେଷ କିଛି ଉନ୍ନତି ହଉନି । ମୁଁ ରାଗ ଅଭିମାନ ମିଶା ସ୍ୱରରେ କହିଦେଲି, "ଥାଉ, ନିଆଁ ଜଳିବ ନାହିଁ, ଚା ହବ ନାହିଁ, ଗାଡ଼ି ଆସିଯିବ ।" ମା ଛୁଆଙ୍କୁ ସ୍ତ୍ରୀ ସ୍ୱାମୀଙ୍କୁ ଆଶ୍ୱାସନା ଦବା କଣ୍ଠରେ କହିଲା, "କାହିଁକି ବ୍ୟସ୍ତ ହେଉଛ, ଦେଖନା ମୁଁ ଠିକ୍ ସମୟରେ ଚା କରି ଦଉଛି କି ନାହିଁ, ତୁମେ ଅଧୈର୍ଯ୍ୟ ହେଉଛ କାହିଁକି ? ରେଳ ଆସିବା ପୂର୍ବରୁ ତୁମେ ଚା ଖାଇଲେ ତ ହେଲା ।" ଏତକ କହୁଁ କହୁଁ ଡ଼ିବିରିରୁ କିରାସିନୀତକ ଢ଼ାଳି ଦେଇ ଦିଆସିଲି କାଠି ମାରି ଦେଲା । ହୁତୁହୁତୁ ହୋଇ ନିଆଁ ଜଳିବା ମାତ୍ରେ ଘର ଭିତରଟା କିରାସିନୀ, କିରାସିନୀ ଧୂଆଁ ଓ ମହମବତୀର ବାସନା ମିଶି ଗୋଟାଏ କଡ଼ା ମିଠା ଗନ୍ଧ ଘୋଟିଗଲା । ନିଆଁର ତରାସରେ ଘରଯାକ ଉଜ୍ଜ୍ୱଳ ଦିଶିଲା ।

ଭଲକରି ନିଆଁ ଧରିଲା ଜାଣି ସେ ସଅଶ୍‌ପେନ୍‌କୁ ଭଲ କରି ଧୋଇ ପଖାଳି ପାଣି ବସାଇଲା । ଆମେ ଦେଖୁଥାଉଁ କିମିତି ହାତ ମାରିଲା ମାତ୍ରେ ସବୁ ଜିନିଷ ଉଜ୍ଜ୍ୱଳ ହୋଇଯାଉଛି ଯିମିତି ତା ହାତରୁ ଭିମ୍ ବା ସର୍ଫ ବାହାରୁଛି । ଆମେ ଟିକିଏ ଅତିଷ୍ଠ ହେବାର ଅନୁମାନ କରି ପଚାରିଲା, "ପାନ ଖାଆନ୍ତି ? ଭାଙ୍ଗି ଦେବି ? ସାଦା ନା କଡ଼ା ?"

"ବିଡ଼ିଆ । ଚା ପରେ ଧୂଆଁ ତାପରେ ପାନ ।"

ଗୁଆ ଭାଙ୍ଗି ସାରିଲା ବେଳକୁ ପାଣି ସିଁ ସିଁ କଲା । ପାନଭଙ୍ଗା ସେତିକିରୁ ବନ୍ଦକରି ଗରମ ପାଣିରେ ଗ୍ଳାସ ଦୁଇଟାକୁ ଧୋଇ ରଖିଦେଲା ଏବଂ ସଅଶ୍‌ପେନରେ ଚା ପକାଇ ଚା କରିବାକୁ ଆରମ୍ଭ କଲା । ଏଥର ପୁରା ଆଶା ହେଲା ଚା ମିଳିବ। ସୁଗନ୍ଧଶୃଙ୍ଗାର ଅଗରବତୀରେ ଘରଭିତର ସୁବାସିତ ହେଲା ପରି ଚା' ବାସନାରେ କୁକୁଡ଼ା, କୋଇଲା, ପୋଡ଼ାମହମ ଯାହା କିଛି ଦୁର୍ଗନ୍ଧ ଦୂର ହୋଇଗଲା । ଗୋଟାଏ ଚା' ର ଦୁନିଆରେ ଆମର ଅବସ୍ଥିତି ଭାବିନେଲୁଁ ।

ଏତିକିବେଳେ ପ୍ରଦୀପ ଏତେ ଜୋରରେ ଗୋଟାକୁ ଗୋଟା ଛିଙ୍କିଲା ଯେ, ଆମ ପାଖ ପିଲା ଦିଟା ଇମିତି କି କୁକୁଡ଼ା ବି ଚମକି ପଡ଼ିଲେ । ଆଉଥରେ ଦି'ଥର ସେ ଛିଙ୍କ ଆସିଲେ ତାର ହାର୍ଟଫେଲ୍ ହେବାର ବି ମୋର ଆଶଙ୍କା ହେଲା । ମୋର ତଣ୍ଟିଟା ବି ଖୁବ୍ ଗରଗର ସରସର ହେଉଥାଏ । ମୋର ବି ଛିଙ୍କ ଆଗତ ପ୍ରାୟ ।

ଦୁଇଜଣ ଯାକ ଏକାବେଳେ କହି ପକାଇଲୁଁ 'ଅଦା ଥିବ ?' ଏ ପାଗକୁ ଏ ଥଣ୍ଡାକୁ ଅଦାଦିଆ ଚା' ବଢ଼ିଆ ହୁଅନ୍ତା । ଅଛି ? ଶର୍ଦ୍ଦି ଭାବଟା ଏକାବେଳେ କଟି ଯାଆନ୍ତା ।'

Digitized by srujanika@gmail.com

ପୁଣି ସେଇ ଅନିଶ୍ଚିତ 'ଦେଖେଁ' ଶବ୍ଦ କହି ଜାଳି, ପାଛିଆ, ଡ଼ବା ଡ଼ାଲା ଖୋଜାଖୋଜି କଲା । ତରବରରେ ଗୋଡ଼ି ସାରୁଖଣ୍ଡିକୁ ଅଦା ବୋଲି ଠଉରାଇ ମୁହୂର୍ତ୍ତେ ଖୁସୀ ହୋଇଥିଲା । 'ଅଛି ଟିକିଏ'- ଏତିକି ଉତ୍ତର ଏଥର ଆସିଲା ନାହିଁ ।

ଜୀବନ ସଞ୍ଚାରୀ ଔଷଧଟିଏ ବଜାରରେ ନ ମିଳିଲେ ଆତ୍ମୀୟ ସ୍ୱଜନ ଯେପରି ବିମର୍ଷ ଓ ବ୍ୟଥିତ ହୁଅନ୍ତି ସାମାନ୍ୟ ଅଦା ଟିକକ ନ ପାଇ ସେ ସେହିପରି ମର୍ମାହତ ହେଲା । ତାର ଆତ୍ମା କାନ୍ଦି ଉଠିଲା । ସବୁଦିନ ଥାଏ, ଆଜି ନାହିଁ । ସେ ନିଶ୍ଚୟ ଆଣିବେ । ହେଲେ ଦରକାର ବେଳ ଗଡ଼ିଗଲେ ଶଗଡ଼ ଶଗଡ଼ ଅଦାରେ ବା କି କାମ । କି କପାଳ ! ସାମାନ୍ୟ ଟିକିଏ ଅଦା ।

"ଟୁନା କୁନା ! ଧାଇଁଯାଅ ତ ମଉସା ଘରୁ ଟିକେ ଅଦା ମାଗିଅଣା ।" ଆମେ ମନା କରୁଛୁ, ବିନା ଅଦାରେ ଚା' ଖାଇହବ କହୁଛୁ । ଛୁଆ ମାଆ କେହି ଶୁଣିଲେ ନାହିଁ । ବର୍ଷାରେ ଭିଜି ତିନି ଦିହେଁ ଫେରିଆସିଲେ କହିଲେ, ଦୋକାନ ବନ୍ଦ, ଯେତେ ଡ଼ାକିଲେ ଧଡ଼ ଧଡ଼ କଲେ ବି କେହି ଶୁଣିଲେ ନାହିଁ । ଛିଣ୍ଡା ଛତାଟା ଦେଇ ବଡ଼ ଛୁଆକୁ ଷ୍ଟେସନ୍ ଷ୍ଟଲ୍‌କୁ ପଠାଇଲା । ସେଠି ବି ଅଦା ନାହିଁ ।

"ଥାଉ ଥାଉ ନ ହେଲା ନାହିଁ, ଆଉ ବ୍ୟସ୍ତ ହୁଅନି ଆମ ପାଇଁ । ବିନା ଅଦାରେ କ'ଣ..."

ମୋ କଥାକୁ ପୂରଣ କରି ସେ କହିଲା "ଠିକ୍ କଥା କହିଛ । ଅଦା ନହେଲେ କଣ ଭଲ ଚା' ହବ ନାହିଁ ? ତୁମେ ଆଗ ଚା' ଚାଖ, ଖାଅ, ତା'ପରେ କହିବ । ସବୁ ଚିଜ ତ ନାହିଁ, ନହେଲେ ଦେଖିଥାନ୍ତ ବିନା ଅଦାରେ ବି କିମିତି ଶର୍ଦ୍ଦି କୁଆଡ଼େ ଉଡ଼ି ଯାଇଥାନ୍ତା ।"

ଗିଲାସ ସଫା କରିବା, ଚା ପକାଇବା, ହଲାଇ ହଲାଇ ଚା ଉତୁରାଇବା, ଚା ଢ଼ାଳିବା ସବୁ କାମରେ ଥିଲା ତାର ଆଗ୍ରହ, ନିଷ୍ଠା, ଆନ୍ତରିକତା, ଧୈର୍ଯ୍ୟ ଓ ସର୍ବୋପରି ପରିଷ୍କାର ପରିଚ୍ଛନ୍ନତା ଏକ କଥାରେ କବିତା ।

ହେଇ ଦେଖ, ଚା ହୋଇଗଲା । କହୁ କହୁ ସେ ଦୁଇଟା ଗ୍ଲାସରେ (ହଳଦିଆ ହାତର ଲମ୍ବା ଲମ୍ବା ଆଙ୍ଗୁଳି ସ୍ୱର୍ଶ କାଉଁରୀ କାଠି ପରି କାମ କରି ସଫେତ୍ କରି ଦେଇଥିଲା) ଢ଼ାଳିଲା । ଦୁଧ ଉଷୁମ କରି ନେଇଥାଏ । ଚିନି ପକାଇବା ପୂର୍ବରୁ ପଚାରିଲା ବେଶୀ ମିଠା ନା କମ୍ ? ଆମ ଉତ୍ତରକୁ ଅପେକ୍ଷା ନ କରି ଛୋଟ ଚାମଚରେ ଖଟ୍ ଖଟ୍ କରି ଚାଳିଲା । ଓସ୍ତାଦକୁ ଠୁଂରି ପରି ସେ ଶବ୍ଦ ଆମକୁ ଶ୍ରୁତିପ୍ରିୟ ହେଉଥାଏ ।

ସେକେଣ୍ଡ ବେଲ୍ ହେଲା । ଠଙ୍ଗ୍ ଠଙ୍ଗ୍ ।

"ତୁମେ ଡ଼ରନି । ଦୁଇଟା ଟେସନ ଆଗରେ ରେଳ ଅଛି । ତୁମେ ତିନି ତିନି ଗ୍ଲାସ ଖାଇଲେ ବି ରେଳ ଆସିବନି । ତର ତର ହୁଅନି, ଆରାମରେ ଖାଅ ।" କଣ ଭାବିଲା କେଜାଣି, ପୁଣି କହିଲା, "ମୁଢ଼ି ମୁଠେ ଦେବି, କାଲି ଭାଜିଥିଲି ।"

Digitized by srujanika@gmail.com

"ମନ୍ଦ ହବନି ।" କହିସାରିଛୁ ନ ସାରିଛୁ ମୁଠାଏ ମୁଢ଼ି ମୋ ମୁହଁ ଆଗରେ ଧଇଲା । ଆପେ ଆପେ ପାଟି ଯିମିତି ଆଁ ହୋଇଛି ଅଧ ମୁଠିଏ ମୁଢ଼ି ମୋ ପାଟିରେ ପୁରାଇ ବାକି ଅଧିକ ପ୍ରଦୀପର ଆଁ ମୁହଁରେ ଭରି ଦେଲା । ବଣି ଚଢ଼େଇ ଏମିତି ବାଣ୍ଟିକୁଣ୍ଟି ତାର ଦୁଇ ଭୋକୀ ଛୁଆଙ୍କୁ ଅଧାର ଦିଏ ।

ଚା' ପିଇ ଚାଲିଛୁଁ, ସମୁଦ୍ର ମନ୍ଥନ ପରେ ଦୁଇ ଦେବତା ପଥରରେ ବସି ଅମୃତ ପିଉଥିଲା ପରି । ଧୀରେ ଧୀରେ ଦିହ ଉଷୁମ ହେଉଛି । ସରିଯିବ ବୋଲି ଚୁମୁକେ ଚୁମୁକେ ପିଉଛୁ । ପ୍ରତିଥର "ଓଃ ! କି ବଢ଼ିଆ ! କି ବାସନା ! କି ଆରାମ !" କହୁଥାଉଁ ।

'ତୁମେ ଆଉ ପ୍ରଶଂସା କରନି । ମୋର ଆଗରେ ମୋର ପ୍ରଂଶସା !'

ଚା' ଖିଆ ସରିଲା । ଚା' ଗୁଣ୍ଡ ବା ଚିନିଦାନା ଆଦୌ ନଥିଲା ଶେଷକୁ। ଶେଷ ଟୋପା (ତଳି, ମହାବଳୀ) ଶୋଷିନେବା ପରେ ଗ୍ଲାସଟାକୁ ଛାଡ଼ିବାକୁ ଜମା ଇଚ୍ଛା ହେଲାନି । ଥନ ବେଣ୍ଟିଟାକୁ ମାଆ ମୁହଁରୁ ଟାଣିନେଲେ ଦୁଧ ଖାଉଥିବା ଛୁଆ ଯିମିତି ବେଣ୍ଟିଟାକୁ ଜୋରରେ ମାଢ଼ିରେ ଜାବୁଡ଼ି ଧରେ ଆମର ବି ସିମିତି ଇଚ୍ଛା ହେଉଥାଏ । ଗିଲାସ ଗୁଡ଼ାକ ଆମ ହାତରୁ ସେ ନେଇଗଲା ବେଳେ କଅଁଳା ପିଲା ପରି ଭେଁ ଭେଁ କରିବାକୁ ଇଚ୍ଛା ହେଉଥାଏ । ପାନଖିଲି ଦୁଇଟାରେ କେଉଁଠି ଖୋଜାଖୋଜି କରି ଦୁଇଟା ଲବଙ୍ଗ ଆଣି ମାରିଦେଲା ଏବଂ ଆମ ହାତରେ ଗୁଞ୍ଜିଦେଇ ଆମ ଆଡ଼କୁ ଚାହିଁ ରହିଲା । ଖୁବ୍ କରୁଣ ସ୍ୱରରେ କହିଲା, "ଅଦା ଟିକେ ଦେଇପାରିଲି ନାହିଁ, ଅବଶୋଷ ରହିଗଲା । ଦେଖିଥାନ୍ତେ କିମିତି ଅଲଗା ଟେସ୍ ଆସିଥାନ୍ତା । ଗଲେ ତ ଆସିଲେ ନାହିଁ, କଣ କରିବି ? ଆଉ ଦିନେ ଆସିବ, ଅଦା ଦିଆ ଚା ଦେବି ।"

ମୁଁ ପଚାରିଲି, 'କେତେ ପଇସା ?' କେଡ଼େ ଖରାପ ପ୍ରଶ୍ନ । ମୁଁ ଜାଣୁଛି ପଇସା ଦେଇ ଏମିତି ଚା କିଣି ହୁଏନି ବା ମା ବା ସ୍ତ୍ରୀର ଋଣ କେଉଁ ପୁଅ ବା ସ୍ୱାମୀ ଶୁଝିପାରନ୍ତି ନାହିଁ । ତଥାପି ପଚାରିଲି । ନ ପଚାରିଲେ କଥା ଅନ୍ୟ ଆଡ଼େ ଯିବ ।

ସିଧା ମୋ ଆଖିକୁ ଚାହିଁ ସେ କହିଲା, "ପନ୍ଦର ପଇସା ।"

ମୁଁ ଟଙ୍କାଟିଏ ଦେଇ କହିଲା, "ନିଅ ତୁମର ଚା' ଆଉ ପାନର ପଇସା ।"

"ଏତେ ପଇସା ମୁଁ କାହିଁକି ନେବି ? ଚାଲୁ ଚା' ଦେଇଛି । (ତିରିଶ ପଇସା। ପାନ ପଇସା ଛାଡ଼ । ଆମ ଘରକୁ ବୁଲି ଆସିଥିଲେ କଣ ... ଇସ୍‌ପେଶାଲ ଚା' ଦେଇଥିଲେ ଅଲଗା କଥା । ତୁମକୁ ପଇସା ଦବା ସହଜ, ମୋତେ ନବାକୁ କଷ୍ଟ ।"

ସେ ଭିତରକୁ ଗଲା । କେଉଁ ଅଦୃଶ୍ୟମାନ ଭଙ୍ଗା ବାକ୍ସରୁ ଖୁଚୁରା ପଇସା ସ୍ତିମିତ ଆଲୋକରେ ଗଣା ଗୁନ୍ଥା କରି ସେ ମୋତେ ଦେବାର ଅନ୍ତର୍ବର୍ତ୍ତୀ କାଳରେ ମୁଁ କହିଲି, "ପ୍ରଦୀପ ! ମୁଁ ସବୁଠାରୁ ଦାମିକା ପତ୍ର ଚା ଖାଏଁ, ଖାଣ୍ଟି ଘରୁଆ ଦୁଧରେ, ମୋର କପ୍ ପ୍ଲେଟ୍ ବି ଖୁବ୍ ଦାମିକା, ଧାର ଗୁଡ଼ାକ ସୁନେଲି ରଙ୍ଗର । ସୁନା ଚୁଡ଼ି ପିନ୍ଧା ହାତରେ ମୋ ସ୍ତ୍ରୀ ସେଇ ଚା' ମୋତେ ଦିଏ । ତାହା ବି ଏତେ ବଢ଼ିଆ ଲାଗୁନଥିଲା । ଅଦା ନ

Digitized by srujanika@gmail.com

ଦେଇ କଣ ଦେଇଥିଲା କେଜାଣି ମୋ କାଣ କଫ ତଣ୍ଟି ସବୁ ସରଳ ତରଳ ହୋଇଗଲା । "ପ୍ରଦୀପ କହିଲା" 'ମୋ ମାଆ ବି ସାଇପଡ଼ିଶାଙ୍କ ଭିତରେ ଅଦ୍ୱିତୀୟା ଥିଲେ ଚା କରିବାରେ। ହେଲେ ସେ ବି ଏମିତି ଚା' କେବେ ମୋତେ ଦେଇନଥିଲେ । ମୋର ଶର୍ଦ୍ଦି ଏକାବେଳକେ ଉଭେଇ ଗଲା । ସତରେ ସାର୍ ସେ କ'ଣ ଦେଇଥିଲା ଚା'ରେ!"

ଥାର୍ଡ୍ ବେଲ୍ କେତେବେଳେ ବାଜିଲା ଜାଣିପାରିଲୁ ନାହିଁ । ଗାଡ଼ିର କାନଫଟା ଶବ୍ଦ ଶୁଣି ପ୍ରସ୍ତୁତ ହେଲୁ କୁଡ଼ିଆରୁ ବାହାରିବାକୁ କେତେ ପଇସା ସେ ହାତରେ ଗୁଞ୍ଜି ଦେଇଥିଲା କେବେ ଜାଣିବାର ଚେଷ୍ଟା କରିନାହିଁ ।

ଭୋକିଲା ଦରମଲା ପିଲା ପେଟେ ପେଟେ ଉଷୁମ ଦୁଧ ମାଆଠୁଁ ପିଇ ନୂଆ ଜୀବନ ପାଇ ଯିମିତି ଡ଼େଇଁ ଡ଼େଇଁ ଖେଳିବାକୁ ବାହାରି ଯାଏ ଆମେ ଦୁହେଁ ସିମିତି ଦଉଡ଼ି ଦଉଡ଼ି କୁଦା ମାରି ଟ୍ରେନ୍‌ରେ ଚଢ଼ିଲୁ । ଆମର ଦିହ ଉଷୁମ । ବର୍ଷା ବତାସିର ଯନ୍ତ୍ରଣା କୁଆଡ଼େ ଉଭେଇ ଯାଇଥାଏ ।

# ଭଡ଼ା

ସିକ୍ସ ଅପ୍ ହାଓଡ଼ା-ପୁରୀ ପାସେଞ୍ଜରରୁ ସକାଳ ସାତଟା ପନ୍ଦରରେ ଓହ୍ଲାଇ ଦେଖିଲି ରିକ୍ସା ନାହିଁ କହିଲେ ଚଳେ । ଯେଉଁ ଦୁଇ ଚାରିଟା ଥିଲା ସେଗୁଡ଼ାକ ଭଙ୍ଗା ଦଦରା, ସିଟ୍‌ଗୁଡ଼ାକରୁ ଚୋପା ଛାଡ଼ି ନଡ଼ିଆକତା ବାହାରି ରହିଛି, ଟାରପଲିନ୍ ଛିଡ଼ି ଉପର ଛାତ ଗୋରୁ କଙ୍କାଳ ପରି ଦିଶୁଛି । ପୁଣି ବରଫ ଦିଆ ସମୁଦ୍ର ମାଛ ଟାଣୁଥିବାରୁ ଉତ୍କଟ ଗନ୍ଧ ବାହାରୁଛି ।

ଏ ଷ୍ଟେସନ୍‌ରେ କୁଲି ନ ଥାନ୍ତି । ରିକ୍ସାବାଲାଏ ଯାତ୍ରୀଙ୍କ ସାମାନ୍ ନବାଆଣିବା କରନ୍ତି । ବୋଝଟା ପାଇଗଲା ମାତ୍ରେ ବୋଝର ମାଲିକ ବି ଆୟତ୍ତକୁ ଆସିଗଲା । ଅଧିକାଂଶ ମଫସଲ ପାସେଞ୍ଜର । ବୋଝ ସହିତ ପିଲାକବିଲା ପାଞ୍ଚ ଛଅ ଜଣ ଏକାବେଳକେ ବସିଯାଆନ୍ତି । ଓଜର ଆପତ୍ତି ନାହିଁ ବରଂ ଗର୍ବିତ ଯେ ରିକ୍ସା ଚଢ଼ିଛନ୍ତି । ବେଶୀ ପଇସା ବି ଦିଅନ୍ତି । ମୋତେ କିଏ ଚାହିଁବ ? ମୋର ତ ସାମାନ୍ - ପାନଝୁଡ଼ି, ଖୁଖୁଆ ବା କଲିକତୀ ଟ୍ରଙ୍କ୍, ଚୁନାଚାଲୁଣି ନାହିଁ, ମୁଁ ଏକୁଟିଆ ପୁଣି ଚାକିରୀଆ ।

ପୁଣି ଏତେ ସକାଳେ କିଏ ବା ରେଲଗାଡ଼ିକି ଅନାଇ ଷ୍ଟେସନରେ ବସିଥିବ ଯାତ୍ରୀ ଆଶାରେ ? ପୁଣି ନୂଆକରି ଥଣ୍ଡା ପଡ଼ିଛି, ଏକାବେଳକେ ପୁରା ପାଓ୍ୱାରରେ । ଦିହହାତ ଓଠ ଥରାଇ ଦେଉଛି ।

Digitized by srujanika@gmail.com

ଫର୍ଲଂ ଦୂରରେ ବାସ୍ ଷ୍ଟାଣ୍ଡ୍ । ସେଠି ବା ମିଳିପାରେ । ଚା ଦୋକାନ ଆଗରେ ରିକ୍ସା ଉପରେ ସକାଳିଆ ଖରାରେ ରଜା ପରି ବସି ରିକ୍ସାବାଲାଏ ଚା' ଖାଇ ଉଷୁମ ଟାଣୁଥିବେ । ରେଲ ହୁଇସିଲ୍ ବାଜୁ, ଯିବା ଭାବୁଥିବେ । ହେଲେ ଚା' କପ୍ ସରିଛି କି ନାହିଁ ଏକାବେଳକେ ରେଳ, ସକାଳିଆ ରାଜଧାନୀ ବାସ୍ ଆସିଗଲେ । ତେଣୁ ଷ୍ଟେସନ୍‌ରେ ଯିମିତି ରିକ୍ସା ଅଭାବ, ଏଠି ଷ୍ଟାଣ୍ଡରେ ବି ସିମିତି । ଅଗତ୍ୟା ଚାଲିବାକୁ ଆରମ୍ଭ କଲି ଜାତୀୟ ରାଜପଥ ଆଡ଼କୁ । ଖଣ୍ଡେ ଦୂରଯାଇଛି କି ନାହିଁ ଦେଖିଲି ଦୂରରେ ରିକ୍ସାଟାଏ ଆସୁଛି । ଆଣ୍ଠୁ ତଳକୁ ଛାଡ଼ି ବାକୀ ଦେହ ଆବୃତ । ମୁଣ୍ଡଟାକୁ ଚାଦର ଦେଇ ଢାଙ୍କିଛି । ରିକ୍ସା ଓ ରିକ୍ସାବାଲା ଦେଖିଦେଲା ମାତ୍ରେ ଜାଣିପାରିଲା ଉଭୟେ ସମକାଳୀନ ।

"ଯିବୁ ନା ? କଲେଜକୁ ?"

"କଲେଜ୍ ? ଯିବା ।"

ଚଢ଼ିଗଲି । କାଳେ ପରେ କଲେଜ୍ ଭିତରେ ପିଲାପିଲିଙ୍କ ସାମନାରେ ଝଗଡ଼ାଝାଟି ବାକ୍‌ବିତଣ୍ଡା ହେବ ସେଥିପାଇଁ ଭଡ଼ାଟା ଠିକ୍ କରି ନେବା ଉଦ୍ଦେଶ୍ୟରେ ରୋକ୍‌ଠୋକ୍ କହିଲି, "ବାରଣା ଦେବି" (ପଞ୍ଚସ୍ତରି ପଇସା ଯୁଗର ସେ ନୁହେଁ କି ମୁଁ ନୁହେଁ ।)

"ନା ସାହେବ ଟଙ୍କା ଏ ରେଟ୍ ।"

"ଟଙ୍କାଏ ରେଟ୍ ? କିଏ ବାନ୍ଧିଛି ? ମୁଁ ତ ତିନିମାସ ହେଲାଣି ବାରଣା ଦେଉଛି, ପଇସାଟିଏ ବେଶୀ ନୁହେଁ । ତୋ ପାଇଁ କ'ଣ ନୂଆ ରେଟ୍ ?"

କିଛି ଆଉ ସେ କହିଲା ନାହିଁ । ପାଟିରୁ ଧୂଆଁ ସହିତ କେତୁଟା କଥା ବାହାରିବାର ଦେଖିଲି । ଶୁଣିଲି, "ନସିବ୍ ମାଲିକ, ଖୋଦା ବଡ଼ଲୋକ, ଆମେ ଗରିବ ।"

କେବଳ ଗୋଟିଏ ତିରିଶ ୱାଟ ବଲ୍‌ବଟିଏ ଜଳୁଥିଲେ ଆମ ଘରର ଇଲେକ୍ଟ୍ରିକ୍ ମିଟର ଯିମିତି ଧିରେ ଚାଲେ ସେମିତି ଗତିରେ ରିକ୍ସା ଚକ ଦୁଇଟା ଚାଲୁଥାଏ । ଚୁପ୍‌ଚାପ୍, କଥାବାର୍ତ୍ତା ନାହିଁ । ମୁଣ୍ଡର ଓଢ଼ଣାକୁ ଟାଣିଟୁଣି କାନଦୁଇଟା ବନ୍ଦ କରୁଥାଏ ସେ ଥରକୁ ଥର ମଝିରେ ମଝିରେ ଦୁଇ ଆଙ୍ଗୁଳିରେ ନାକରୁ ପାଣି ପୋଛି ସାବଧାନରେ ଛିଟିକେଇ ଦେଉଥାଏ ।

କହିଲି, "ସାଢ଼ୁଟା ପଚାଶରେ କ୍ଲାସ । ଟିକିଏ ଶୀଘ୍ର ଚାଲ୍ ।"

ଜବାବ୍ ନାହିଁ । ତିରିଶ ୱାଟ୍ ବଲ୍‌ବ ସ୍ଥାନରେ ଚାଳିଶ ୱାଟ୍ ଖଞ୍ଜା ହେଲା ବୋଧହୁଏ ।

ସାମନାରେ ପାଞ୍ଚ ନମ୍ବର ରାଜପଥ । ଉଠାଣି । ଚା' ନ ଖାଇଥିଲେ ଜୁଆଣ ସାନ୍ତାଳ ରିକ୍ସାବାଲା ବି ପେଡ଼ଲ କରି ଉଠିପାରନ୍ତି ନାହିଁ ସଡ଼କକୁ । ମୋ ରିକ୍ସାବାଲା ବୁଢ଼ା, ପ୍ରାୟ ଅଥର୍ବ । ଆଶ୍ଚର୍ଯ୍ୟ, ଧଡଡ଼ା ରିକ୍ସାଟାକୁ ମୋ ସହିତ ଅକ୍ଳେଶରେ ଉଠାଇ ନେଲା । ବୁଲିପଡ଼ି ସିଧା କଲେଜ ମୁହାଁ ପିଚୁ ରାସ୍ତା ଧଇଲା ।

Digitized by srujanika@gmail.com

ନୀଳଗିରିର ସର୍ଣ୍ଣଚନ୍ଦ୍ରି ପାହାଡ଼ ପଟୁ ପଛୁଆ ପବନ ସାଇଁ ସାଇଁ ହୋଇ ଖୋଲା କାକରଭିଜା ବନପ୍ରାନ୍ତରରୁ ବହୁଥାଏ । ଗୋଡ଼ରୁ ମୁଣ୍ଡଯାକେ ପଶମର ମୂଲ୍ୟବାନ ପରିଚ୍ଛଦ ପିନ୍ଧିଥିଲେ ବି ମୋ ଛାତିଟା ହାଉଲ ମାଉଲ ହେଉଥାଏ ।

ରିକ୍ସାବାଲା ପିନ୍ଧିଛି ତାଳିପକା କନା ପଞ୍ଜାବୀ, ଉପରେ ଛିଣ୍ଡା ଜବାହର ଫତୁଆଟି କେତେବେଳେ କିମିତି ଦିଶୁଛି, ବୋତାମ ନାହିଁ । ପଞ୍ଜାବୀ ତଳକୁ ଲୁଗା ପେଣ୍ଟ ଅଛି କି ନାହିଁ ଜାଣି ହଉନି । ମୁହଁଟା କେତେବେଳେ କେତେବେଳେ ମୌଲାନା ଭାସାନିଙ୍କ ମୁହଁ ପରି ନହେଲେ ବିନୋବାଜୀଙ୍କ ମୁହଁ ପରି ଦିଶୁଛି ।

ବାରଣା ପଇସା । ବୁଢ଼ା ରିକ୍ସାବାଲା ଚାଲିଛି କଲେଜ ଆଡ଼କୁ ଦୁଇ ଫର୍ଲଂ ରାସ୍ତା । ସାତୁଟା ପଚାଶରେ କ୍ଲାସ ।

ବୁଢ଼ା ଗଳାରୁ ସକାଳୁ ସକାଳୁ କଥାଗୁଡ଼ାକ ଓଲଟା ପବନରେ ଅନ୍ୟ ଆଡ଼କୁ ଭାସି ଯାଉଥିଲେ ବି ମୁଁ ଶୁଣିଲି ବୁଢ଼ା ଆପେ ଆପେ କହି ଚାଲିଛି ଡ଼ବଲ କୁକୁଡ଼ା ଅଣ୍ଡାର ଆମଲେଟ୍, ଚିକେନ୍ କରି, ବାସନା ଭୋଗ (ବାଦଶା ଭୋଗ ?) ଚାଉଳର ପଲାଉ, ଗାଓ୍ୱାଘିଅର ପରେଟା-

"ଏ ଗୁଡ଼ା କ'ଣ ? ଖାଇବାକୁ ଇଚ୍ଛା ହେଉଛି ?" ପଚାରଲି ।

ମୋ କଥାରେ ଉତ୍ତର ନ ଦେଇ ସେ କହି ଚାଲିଲା "ଏଇ ଚିଜ ଖାଇବ ବୋଲି ଥଣ୍ଡା ଖୋଜୁଥିଲୁ ପରା ! ଏଥର ତ ହାଡ଼ ଭଙ୍ଗା ଶୀତ ପଡ଼ିଲା, ଖାଆ କେତେ ଖାଇବୁ ! ପେଟକୁ ଉଷୁମ ଖୋଜୁଥିଲୁ ପରା ?"

କେଉଁ କାଳ୍ପନିକ ଅଦୃଶ୍ୟମାନ ଜୀବକୁ ଲକ୍ଷ୍ୟ କରି ସେ ଏହି ସମ୍ବୋଧନ କରୁଥିଲା କେଜାଣି ମୁଁ ଖାଲି ଏତକ ବୁଝିଲି ସେ ହଠାତ୍ ପଡ଼ିଥିବା ଟାଣୁଆ ଶୀତକୁ ସେ ଭଲ ଆଖିରେ ଦେଖୁନାହିଁ ।

ପଚାରିଲି, "ସବୁ କିଏ ଖାଇବ ? ଥଣ୍ଡା କିଏ ଖୋଜୁଥିଲା କାହିଁକି ଏ ସବୁ ଖାଇବା ଜିନିଷ କଥା କହୁଛୁ ?"

"ଆପ୍, ସମଜଦାର ଆଦ୍‌ମି । ମୁଁ ସାର୍ ଆପଣଙ୍କୁ ଏ ସବୁ ବୁଝେଇପାରିବି ? ବଡ଼ ବଡ଼ ଲୋକଙ୍କ କଥା, ବଡ଼ା ଆଦ୍‌ମିଙ୍କ କଥା କହୁଥିଲି ।

ନିଜକୁ ଅଭିଯୁକ୍ତ ଆସାମୀ ଭାବି ସଫେଇ ଦେଇ କହିଲି "ରିକ୍ସାବାଲା, ମୁଁ ଏ ସବୁ ଚିଜ ଖାଏ ନାହିଁ, ଏସବୁ ମୋ ଦିହରେ ଯାଏ ନାହିଁ, ମୁଁ ପପେୟା ପାଳୁଅ ଖାଇ ବଞ୍ଚେ । ମୋ ଦିହକୁ କିଏ ଉଷୁମ ଚିଜ ଆଉ ଆଣିପାରିବ ନାହିଁ ।

"ସାବ୍ ଏ ଗୋଟିଏ କିସମର ବଡ଼ଲୋକ । ଆହୁରି ଦଳେ ବଡ଼ଲୋକ ଅଛନ୍ତି ଯେଉଁମାନଙ୍କ ସାଙ୍ଗରେ ବସିବ, ତାଙ୍କ କଥା ଶୁଣିବା ତାଙ୍କ ସାଙ୍ଗରେ କଥାବାର୍ତ୍ତା କରିବ । ମୁଁ ସେଇମାନଙ୍କୁ ବଡ଼ ଲୋକ କୁହେଁ, ପଲାଉଖିଆଙ୍କୁ ନୁହେଁ ।"

Digitized by srujanika@gmail.com

କଥାଟା ଟିକିଏ ଲଘୁ କରିଦେବା ପାଇଁ ପଚାରିଲି, "ଏ ସବୁ ଜିନିଷ ତିଆରି କରି ଆସେ ?"

ସେ କହିଲା, "ସବୁ ଆସେ ! ମୁଁ କଲିକତାରେ ସାହେବର ବାବର୍ଚ୍ଚି ଥିଲି । ଜବାନ କାଳଟା ମୋର କଲ୍‌କତାରେ କଟିଛି, ମେଜାଜ ତ ମେଜାଜ୍ ବଡ଼ଲୋକର ମେଜାଜ୍ । ନସିବ୍ ଥିବା ଦରକାର "ସାହେବ ଖୁସି ହେଲା ତ ପକେଟ୍‌ରୁ ଯାହା ବାହାରିଲା ଫୋପାଡ଼ି ଦେବ ।"

ତୁମର ନସିବ ନାହିଁ ତ କିଛିପାଇବ ନାହିଁ । ଦେଶୀ ସାହାବ ବିଦେଶୀ ସାହାବର ଜମିନ୍ ଆସ୍ମାନ୍ ଫରକ୍ ।"

ରିକ୍ସାବାଲା ପ୍ରତି ଶ୍ରଦ୍ଧା ଚାଲିଯାଇ କ୍ରମେ ଭକ୍ତି ଆସିଲା । ତାର ବୟସ ଓ କଥାର ମର୍ମ ବୁଝି ମନେ ମନେ ସ୍ଥିର କଲି ବାରଣା ଜାଗାରେ ଟଙ୍କାଏ ଦେଇଦେବି । ବଡ଼ ଇଣ୍ଟାରେଷ୍ଟିଂ ଲୋକଟା ।

ପୁଣି ଦଣ୍ଡେ ଯାଇଛି ମୁରୁମୁରୁ ହୋଇ ଅସଂଲଗ୍ନ କଥା ଆରମ୍ଭ କଲା ଭାଇ ମୋର, ଦେଶ ମୋର, ରାଜ୍ୟ ମୋର, ଭାଇ ମୋର, ଦେଖନ୍ତୁ, ଭାଇ ମୋର ରାଜା ହେଲା ।

ମୁଁ କିଛି ବୁଝିଲି ନାହିଁ ।

ଖଣ୍ଡେଦୂର ଯାଇଛି ପଚାରିଛି, "ସାର୍, ଆପଣ ଭୋଟ ଦେଇଛ ?"

ମୁଁ 'ନା' କହିଲି ଏବଂ ଯୋଡ଼ିଲି "ମୁଁ ଭୋଟ ଦିଏଁ ନାହିଁ କି ଦେବିନାହିଁ ।"

"ଭଲ କରିଛନ୍ତି ସାର୍ । ମୁଁ କିନ୍ତୁ ଭୋଟ ଦେଇଥିଲି । ମୋରି ଭାଇକି ।"

"କଣ ହେଲା ?"

"ଦେଖନ୍ତୁ ସାର୍, ମୋରି ଦେଶ, ମୋରି ରାଜ୍ୟ, ମୋରି ଭାଇ । ମୋରି ଭାଇକି ଭୋଟ ଦେଲି । ରାଜା ହେଲା । ମୋରି ଭାଇ ରଜା ହେଲା ।"

"କଣ ହେଲା ?"

"କ'ଣ ହବ ସାର୍ । ଭାଇ ରଜା ହେଲା । ମୋରି ଭାଇ, ମୋରି ଦେଶରେ, ମୋରି ରାଜ୍ୟରେ । କ'ଣ ହେଲା, କହୁଛନ୍ତି ସାର୍, ମୁଁ ଆପଣଙ୍କ ପରି ବଡ଼ଲୋକଙ୍କୁ ବସାଇଛି କ'ଣ ନା କ'ଣ ପାଟିରୁ ବାହାରି ଆସୁଛି ।"

"ବାହାରୁ ଯାହା ବାହାରୁଛି । ମୁଁ ସେତେ ବଡ଼ ଲୋକ ନୁହେଁ । କହିଯାଅ ।"

"କଣ କହିବି ସାର୍ ! ମୋରି ଭାଇ ରଜା ହେଲା, ମୋରି ଭୋଟରେ ରଜା ହେଲା । ମୋତେ ଦିଅନ୍ତା କ'ଣ ଓଲଟା ଲୁଗାକାଢ଼ି.. କ'ଣ କହନ୍ତି ସାର୍ !"

"କହିବା ଦରକାର ନାହିଁ । ବୁଝିଗଲି ।"

Digitized by srujanika@gmail.com

"ଏଇ ମୋର ଭାଇ ସାର୍! ଏ ମୋର ଭାଇ!" ଭାଇକି ଖୁବ୍ ଚିଡ଼ି ଖାଇଥିଲା ଲୋକଟା । ଆଉଥରେ ଯଦି କେହି ଭୋଟ ଦେବାକୁ କହନ୍ତା ତେବେ ବଂଶପ୍ରାଣୀ ସହିତେ ଭାଇକୁ ଶେଷକରି ଦିଅନ୍ତା ।

କ୍ରୋଧ ଓ ଭାବପ୍ରବଣତାରେ ତଣ୍ଟି ନାକ ତାର ସଡ଼ସଡ଼ ହେଲା ।

ଆଉ ଖଣ୍ଡେ ଦୂରଯାଇଛି ତାର ନଜର ପଡ଼ିଲା ସଡ଼କ ଦୁଇ ପାଖରେ ଧାନଖେତ ଆଡ଼କୁ । ମନ୍ତବ୍ୟ କଲା, "ଏଇ ଦେଖନ୍ତୁ ବାବୁ! ଏଇ ଜମିରେ ମାଣପିଛା ଛଅଛେଲା ଧାନ ଫଳିବାର ଏଇ ଆଖି ଦେଖିଛି । ଏବେ ଫଳୁଛି ତିନିଛେଲା । କାହିଁକି କହି ପାରିବେ ?"

ମୁଁ ଛେଲା ଫେଲା ମାପଓଜନ ବୁଝେ ନାହିଁ, କିଛି ଉତ୍ତର ଦେଲିନାହିଁ । ଭାବିଲି, ଟଲଷ୍ଟୟଙ୍କ ''A grain as big as hen's egg' ଗପ ପଢ଼ାଇବାକୁ ଯାଉଛି । ପୁଞ୍ଜିବାଦ, ସମାଜବାଦ, ରାଜନୀତି ବିଜ୍ଞାନ ପଢ଼ାଇସାରି କୃଷିବିଜ୍ଞାନ ବା କୃଷିତତ୍ତ୍ୱ ପଢ଼ାଇବ ।

ଆପେ ଆପେ ମୁହଁରୁ ମୋର ବାହାରିଲା, "କାହିଁକି ବେଶୀ ଫଳୁନାହିଁ ?"

"ଆପଣ କହନ୍ତୁ ବାବୁ! ଭାବିକରି କହନ୍ତୁ ।"

"ମୁଁ ତ ଭାବୁଛି ବେଶୀ ଫଳନ ହେଉଛ । ସାର ପାଣି ଯନ୍ତ୍ରପାତି ବିହନ ସବୁ ମିଳୁଛି, ପ୍ରୟୋଗ ହେଉଛି, ଫଳନ ବେଶୀ ହେବାର କଥା ।"

"ସବୁ ମିଳିଲେ ବି ସାର୍ ଛଛେଲାରୁ ବେଶୀ ହେଉନି, ହେଲେ ବି ଖରଚ ଉଠୁନି । ଏ ଜିଲ୍ଲାରେ ଚାରିଟା ଚକ ଅଛି ଯେଉଁଠି ଧାନଗଛ ଏତେ ଲମ୍ବା ହୁଏ ଯେ ମୋଭଳି ବାଙ୍ଗରା ଲୋକ କାନ୍ଧରେ ବୋହିଲେ ଶୀଷା ଭୂଇଁରେ ଘୁଷୁରିବ । ଧାନ ହେଉଥିଲା ଆଗେ, ବଢ଼ୁଥିଲା, ଫଳୁଥିଲା । ଲୋକେ କଥା କମ୍ କାମ ବେଶୀ କରୁଥିଲେ । ଦେଖନ୍ତୁ ବାବୁ, ଯେତେ ବେଶୀ ସାର, ବିହନ, ଔଷଧ ମିଳିଲେ ବି କାମରେ ନିଷ୍ଠା ଆଗ୍ରହ ନଥିଲେ ଠକାମିରେ ଫଳ କେଉଁଠୁ ଆସିବ ? ମେହେନତ କାହିଁ ।"

କଥା ବହୁତ ଗୁରୁଗମ୍ଭୀର ହେଲା, ମୋ ମୁଣ୍ଡ ଧରିଲା ପରି ଲାଗିଲା । ପଚାରିଲି, "ଏ ରିକ୍ସା ତୋର ନିଜର!"

'ନା ସା'ବ୍ ମାଲିକର ।'

'କେତେ ନିଏ ?'

'ଅଢ଼େଇ ।'

'କେତେ ପାଉ ?'

'ହାରାହାରି ଛଅଟଙ୍କା ।'

'ବାକୀ ସାଢ଼େ ତିନିରେ ବଂଶପ୍ରାଣୀ ପୋଷୁ ?'

Digitized by srujanika@gmail.com

'ମୁଁ ଏକା ।'

'ପୁଅ ?'

'ଅଲଗା ।'

'ସ୍ତ୍ରୀ ?'

'ପୁଅ ପାଖରେ । ନାତି ନାତୁଣୀ ଖେଳାଉଛି ବୁଢ଼ୀ ।'

'ବୁଢ଼ାକୁ ଦେଖିବ କିଏ ।'

"ବୁଝନ୍ତୁ ସାର୍ ଦୁନିଆକୁ । କୋଠାବାଡ଼ି ଟଙ୍କା ଯାହାର ତାର ସିନା ପୁଅ । ମୋର କଣ ଅଛି ଯେ ପୁଅକୁ ପୁଅ ବୋଲି କହିବି । ପୁଅ ବାପାକୁ ଖୋଜିବ ଦେଖିବ କାହିଁକି କୁହନ୍ତୁ ସାର୍ ।" ମୋତେ ଯୁକ୍ତିରେ ଜିଣିଗଲା ପରି ଚେହେରା କଲା । ରାଜନୀତି ବିଜ୍ଞାନ ପରେ ଗାର୍ହସ୍ଥ୍ୟ ବିଜ୍ଞାନ ପଢ଼ିଲି ।

କଲେଜ ଦିଶିଲା । ପିଲାଗୁଡ଼ାକ ଏଣେ ତେଣେ ହେଉଛନ୍ତି । କ୍ଲାସ ଭାଙ୍ଗିଲା ବୋଧହୁଏ । ସେମାନଙ୍କୁ ଦେଖି ରିକ୍ସାବାଲା ମନ୍ତବ୍ୟ କଲା, "ବୁଝିଲେନା ସାର୍, ଆପଣଙ୍କ ଏଇ ପିଲାମାନେ ଯାହା କରିବା କାମ କରନ୍ତି ନାହିଁ, ନ କରିବା କାମ କରନ୍ତି । ଯଦି କରିବା କାମ କରୁଥାନ୍ତେ ତେବେ କଲେଜ ସ୍ୱର୍ଗ ହୋଇଯାନ୍ତା ।" ନଜର କଲି ଲାଇନ୍ ଟ୍ରକ୍ ଗୁଡ଼ାକ ଆଗପଟୁ ପଛପଟୁ ଆସୁଥିବାର ସେ ସହଜାତ ବୁଦ୍ଧିରୁ ଜାଣିପାରୁଥିଲା । କଥା କହୁଁ କହୁଁ ସେ ଧୀରେ ଗୋଟାଏ କରକୁ ଆଡ଼ ହୋଇଯାଏ । ମୋତେ ତାକୁ ସତର୍କ କରିବାକୁ ଆଦୌ ପଡ଼େନା "ମାଡ଼ିଗଲେ ଆମେ ଦୁହେଁଯାକ ମରିଯିବା ।" କହିବାକୁ ପଡୁନଥିଲା ।

"ଆଉ ଟିକିଏ ଶୀଘ୍ର ପେଲିଦେ, ଘଣ୍ଟା ବାଜିଗଲାଣି ।"

"ଆଉ ଦମ୍ ଅଛି ସାର୍ ? ଯେଉଁ କପେ ଚା' ଖାଇଥିଲି ତାର ବା କେତେ ଦମ୍ ? ହାତଗୋଡ଼ ଥଣ୍ଡା ହୋଇଯାଉଛି । ବଧିରା ହୋଇ ଯାଉଛି ।"

'ଓ୍ୱମର କେତେ ହେଲା ।'

'ତିନି କୋଡ଼ି ଦଶ ହବ ।'

'କଣ ଖାଉ ? ରାତିରେ ରୋଟି ?'

'ନା ସାର ରାତି ଭାତ ଖାଏଁ, ହୋଟେଲରେ । ରୋଷେଇ କରେନି ।'

'ଦିନବେଳେ ?'

'ଏଠି ସେଠି ଜଳଖିଆ ଖାଏଁ । ବରା ଗୁଲୁଗୁଲା, ଭୁଗୁନି, ମୁଢ଼ି ଯେତେବେଳେ ଯାହା ମିଳିଲା, ଯାହା ଇଚ୍ଛା ।'

ପିଉ ନାହିଁ ? ସାହାସ କରି ପଚାରି ଦେଲି ।

କହିଲା ଯେ ଚା' ପିଏଁ ଆଠ ଦଶ କପ୍ ।

Digitized by srujanika@gmail.com

"ଆଉ କିଛି ?"

ଚମକିପଡ଼ି ସେ କହିଲା 'ନା ବାପା ! ନିଶାପାଣି, ଧୂଆଁ ପାଖକୁ ଯାଏନାହିଁ । ତୁମଭଳି କେତେ ବଡ଼ ବଡ଼ ଲୋକଙ୍କୁ ପେସେଞ୍ଜର କରୁଛି । ମୋ ପାଟିର ଗନ୍ଧ ତାଙ୍କୁ ବାଧିବ ।'

ଦଣ୍ଡେ ପରେ ଗଳାସ୍ୱର ନରମ କରି ଲାଜ ଲାଜ ହୋଇ କହିଲା ଅଳ୍ପ ଟିକେ ପାପଚିଜ ଖାଏଁ । ଟା ସାଙ୍ଗକୁ ବିରି ସାଇଜର, ଦୁଇ ତିନି ଥର ।

ଏଇଟି ତା ଜୀବନର ସବୁଠାରୁ ଗୋପନୀୟ କଥା, ଗୁପ୍ତ ଜ୍ଞାନ ।

'କିଛି ଦୋଷ ନାହିଁ ସେଥିରେ, ମୁଁ କହିଲି । ଭାବିଲି, ଅନ୍ୟତମ ଶ୍ରେଷ୍ଠ କବି କୋଲରିଜ ଟେଳା ଟେଳା ଖାଇ ଦେଉଥିଲେ ।'

'ନାଇଁ ସାର୍ ଦୋଷ ଅଛି ଯେ, ପୁରୁଣା ଅଭ୍ୟାସ । ସୁଖ ଦୁଃଖରେ ପଡ଼ି ଖାଇ ଦେଇଛି । ଏ ବୟସରେ ଅଭ୍ୟାସ ବଦଳାଇ ପାରିବି ନାହିଁ ।'

ମୁଁ କହିଥାନ୍ତି 'ତୁ କୋଳି ପ୍ରମାଣ, ବେଲ ପ୍ରମାଣ ଖାଆ ମୋର ଆପତ୍ତି ନାହିଁ, କହିଲି ନାହିଁ ।

କିମିତି ପଚିଶ ତିରିଶ ମିନିଟ୍‌ରେ ଲୋକଟା ମୋତେ ଆତ୍ମୀୟ କରିନେଲା, ଆଶ୍ଚର୍ଯ୍ୟ ଲାଗିଲା । ପୁରାପୁରି ଅପରିଚିତ ଅପରିଚ୍ଛନ୍ନ, ଏପରିକି ନାନା ଦିଗରୁ ଘୃଣ୍ୟ, ସେ କିମିତି ମୋର ଗୁରୁ ସ୍ଥାନ ଦଖଲ କଲା ମୋତେ ଭାବିବାକୁ ପଡ଼ିଲା ।

କଲେଜରୁ ଦୁଇ ବ୍ଲକ୍ ମଝିରେ ରିକ୍ସା ଛିଡ଼ା କରିବା ମତଲବରେ ଫାଟକ ଭିତର ଦେଇ ଗାଡ଼ି ଚଳାଇଲା । ଅତି ସନ୍ତର୍ପଣରେ ଦୁଇ ପାଖରେ ଚାଲିଥିବା ଛାତ୍ରଛାତ୍ରୀଙ୍କି ସମ୍ମାନ ଦେଖାଇ ଧୀରେ ଧୀରେ ବ୍ରେକ୍ ଦେଇ ଦେଇ ଯାଉଥାଏ ।

କଲେଜ ହତା ଭିତରେ ଯାଉଥିଲା ବେଳେ ମୁଁ ଭାବୁଥିଲି, ଏଇ କଲେଜରେ ମୁଁ କି ଆଜେବାଜେ ଆବର୍ଜନା ପଢ଼ାଏଁ ଯେ, ଲୋକେ ମୋତେ ହଜାରେ ଟଙ୍କା ଦିଅନ୍ତି । ଯାହାଙ୍କୁ ପଢ଼ାଏଁ ସେ ପୁଣି କ'ଣ ବୁଝନ୍ତି କେତେ ମନେରଖନ୍ତି ପୁଣି କେତେ କାମରେ ଲଗାନ୍ତି ତାହା ଜଣାନାହିଁ ମୋତେ । ତା' ତୁଳନାରେ ନିଜକୁ ସାନ ଭାବିଲି ।

ଓହ୍ଲାଇ ପଡ଼ିଲି ଦର୍ପିତ ପଦକ୍ଷେପରେ ଏଥର ପୁରାପୁରି ତା ମୁହଁଟା ଭିନ୍ନ ରୂପରେ ଦେଖିଲି । ଆଚାର୍ଯ୍ୟ ବାଭେ, ସେଣ୍ଟ ପଲ, ଖ୍ରୀଷ୍ଟ, ବୁଦ୍ଧଦେବ, କାର୍ଲମାର୍କସ, ଗାନ୍ଧୀଜୀ ଆଦି କେତେ ଲୋକଙ୍କ ଚେହେରା କୁହୁଡ଼ିଭିଜା ତା ମୁହଁରେ ଦେଖିପାରିଲି କ୍ଷଣକ ମଧ୍ୟରେ ।

ପକେଟ୍‌ରୁ ଟଙ୍କାକିଆ ନୋଟ୍‌ଟା ବାହାର କରି ବଢ଼ାଇ ଦେଲି । ସେ ବିନମ୍ର ହୋଇ ନୋଟ୍‌ଟି ନେଇ ମୁଣ୍ଡରେ ଛୁଆଁଇଲା, ବଇନି କଲା ନା ମୋତେ କୃତଜ୍ଞତା ଦେଖାଇଲା ପ୍ରଥମ ପାସେଞ୍ଜର ବୋଲି ? ମୋର ରେଟ୍ ବାରଣା ତାର ରେଟ୍ ଟଙ୍କାଟିକୁ ମୁଁ ଅସ୍ୱୀକାର କରିଛି । ସେ ବୋଧହୁଏ ଏ ଭିତରେ ତା ଲୁଗାକାନି, ପଞ୍ଜାବୀ ପକେଟ୍‌ରେ ଅଣ୍ଡାଳୁଥିଲା

Digitized by srujanika@gmail.com

ସୁକି ଗୋଟାକୁ ମୋତେ ଫେରାଇ ଦବ ବୋଲି । ମୁଁ କିନ୍ତୁ ଗର୍ବ କରୁଥିଲି ତାକୁ ଟଙ୍କାଏ ଭଡ଼ାଦେଲି ବୋଲି, ବାରଣ୍ଡା ଜାଗାରେ ।

ଷ୍ଟାଫ୍ କମନ୍‌ରୁମରେ ଏ ଘଟଣାରୁ ଯେତେବେଳେ ମୁଁ ବର୍ଣ୍ଣନା କରୁଥିଲି, ସେତେବେଳେ ନାନା କଥା ସହିତ ମିଳାଇ ଅନୁଶୋଚନା କରୁଥିଲି, ମୁଁ କାହିଁକି ତାକୁ 'ବାପା' ବୋଲି ଥରେ ହେଲେ ସମ୍ବୋଧନ କରିପାରିଲି ନାହିଁ । ଯଦିଓ ସେ ମୋତେ ସାର୍, ସାହେବ୍, ବାବୁ ବୋଲି ବାରମ୍ବାର ସମ୍ବୋଧନ କରୁଥିଲା ଏବଂ ମୋତେ ପୁଅ ବା ଛାତ୍ର ଭାବି କେତେ କଥା ପଢ଼ାଇ ପଢ଼ାଇ ପଚିଶ ତିରିଶ ମିନିଟ୍‌ର ବାଟରେ ଲମ୍ବା ଲମ୍ବି ଜୀବନ ରାସ୍ତାକୁ ସୁଖମୟ ନିରାପଦମୟ କରିବାର ବାଟ ବତାଇ ଦେଲା । ବାପାଙ୍କ ପରି ତା ମୁହଁଟା କ'ଣ ଦିଶୁନଥିଲା ?

# ବେଲା

"ଠାକୁରାନ୍ (ଣୀ) ଗୋ, ଏ ଗିରିହାନ୍ (ଣୀ, ଗୃହିଣୀ), ଦୁଆରଟା ଟିକେ ଫିଟାଅ ନା !"

ସ୍ତ୍ରୀ ଲୋକଟାର ଏ ଚିତ୍କାର, ଆର୍ତ୍ତନାଦ ଶୁଣୁ ଶୁଣୁ ସାଇକେଲରୁ ଓହ୍ଲାଇ ବଗିଚା ରାସ୍ତା ଦେଇ ଘର ଦରଜା ଆଡ଼କୁ ଯାଉଛି, ଭିତରୁ ଉତ୍ତର ଆସିଲା, "ରହରେ ଟିକେ, ଦୁଧ ଉତୁରି ଯିବ, ଯାଉଛି, ଯାଉଛି, ତୁ ଡ଼ାକୁଛୁ ତ ଡ଼ାକୁଛୁ, ଦଣ୍ଡେ ତର ରହୁନି ।"

ସାଇକେଲଟାକୁ ଛିଡ଼ା କରାଇ ବାରଣ୍ଡାକୁ ଉଠିବା ପୂର୍ବରୁ ସେ ସ୍ତ୍ରୀ ଲୋକଟା ମୋତେ ଦେଖି ସନ୍ତର୍ପଣରେ ତରବରରେ ତଳକୁ ଓହ୍ଲାଇ ଆସି ସିମେଣ୍ଟ ପାହାଚ ତଳେ ଆଡ଼ ହୋଇ ଛିଡ଼ା ହେଲା । ମୁହଁ ତଳକୁ ପୋତି ଆଖିପତା ଉପରକୁ ଉଠାଇ ସିମିତି ମୋତେ ଦେଖି ଦେଇଛି, ତା' ମନଟା କିମିତି ଖଟାଳିଆ ହୋଇଗଲା । ସହର ବଜାରର ବଡ଼ ବଡ଼ ଘରର ଝିଅ ବୋହୂ ସକାଳୁ ଉଠି ଟେଲିଫୋନ୍ ତାରରେ ଗୋଟିଏ ବଣି ଦେଖି ଦେଲେ ଯିମିତି ମନେ ମନେ one for sorrow କହି କାନ୍ଦ କାନ୍ଦ ହୁଅନ୍ତି, ଏ ସିମିତି ହେଲା । ମୋତେ ଏକ ଅନିଷ୍ଟ ଅଶୁଭର ଚିହ୍ନ ଭାବିଲା ନିଶ୍ଚୟ । ମୋ' ପ୍ରତି ତା'ର ଭୟର ଲକ୍ଷଣ ବି କିଛି ଥିଲା ତା'ର ଚାହାଁଣୀରେ । ଫେରିଯିବ ବୋଲି ବୋଧହୁଏ ମୁହୂର୍ତ୍ତେ ଭାବୁଥିଲା ଗଲା ନାହିଁ ।

---

ଝଙ୍କାର, ୩୬ଶ ବର୍ଷ, ଶାରଦୀୟ ସଂଖ୍ୟା, ତୁଳ ୧୩୯୨, ଅକ୍ଟୋବର ୧୯୮୪ ।

Digitized by srujanika@gmail.com

ଦୁଇ ଚାରି ମୁହୂର୍ତ୍ତ ଛିଡ଼ାହୋଇ ମୁଁ ତା'ର ଚିକାର ବିକାର ଦେଖି ଭାବିଲି ସେ ଏକ ଭିଖାରୁଣୀ, ହୁଏତ କ'ଣ ମାଗିବାକୁ ଆସିଛି । କେବେ କିମିତି ଦେଖିଛି ପାଖ ଡ଼ୋମ, କୁରଙ୍ଗୀ (ଏବେ ହରିଜନ) ସାହିର ଜଣେ ଅଧେ ଲୋକ ପଖାଳ ତୋରାଣି ବେଳରେ ଡ଼ାଳେ ଦି'ଡ଼ାଳ ସଜନା ଶାଗର ଆଶାୟୀ ହୋଇ ମୋ' ସ୍ତ୍ରୀଙ୍କ ପାଖରେ ପ୍ରାର୍ଥୀ ହୁଅନ୍ତି । ପିଲାପିଲିଙ୍କ ପିହୁରା, ତଡ଼କା ବାତ ଆଦି ରୋଗର ଜଡ଼ିବୁଟି ଟୁଟକା ଫୁଙ୍କାଫୁଙ୍କି ଚିକିତ୍ସା ସେ ବିନା ପଇସାରେ ବି କରୁଥିବାର ମୁଁ ଜାଣେ । ରୋଗ ଭଲ ହୁଏ କି ନାହିଁ ଜାଣେନି । କିନ୍ତୁ ବିଶ୍ୱାସରେ ଲୋକେ ରାତି ଅଧରେ ବି ଆସିଥାନ୍ତି ।

ବର୍ଷାରେ ତିନ୍ତି ଯାଇଥିବାରୁ ଦିହର ଆଇଁଷିଆ ଗନ୍ଧ ଚାରି ଫୁଟ ଦୂରରୁ ବାରିପାରୁଛି । କୁଞ୍ଚୁକୁଞ୍ଚୁକା ଟାଉଁଶିଆ ଚୂଳଗୁଡ଼ାକରେ ପୋଷେ ହେବ ବର୍ଷାବିନ୍ଦୁ ଅଟକି ଯାଇଛି । କାଦୁଆ ରଙ୍ଗର ଯେଉଁ ଶାଢ଼ୀ (ଧୋତିର ଅପଭ୍ରଂଶ ମାତ୍ର) ପିନ୍ଧିଛି, ତାହା ଏତେ ପୁରୁଣା ଓ ପତଳା ଯେ ଅନ୍ତର୍ବାସ ବିହୀନ ତା' ଦିହର ରେଖା ଓ ଗୋଲେଇ ଜଳ ଜଳ ଦିଶିଯାଉଛି । ବକ୍ଷ ପ୍ରଦେଶରେ ସ୍ୱଭାବତଃ ମୋର ପ୍ରଥମ ନଜର ପଡ଼ିଲା । 'ଲୁଚିଛି, ଗୋଡ଼ ଦୁଇଟା ଦିଶୁଛି' ମୂଳମନ୍ତ୍ରରେ ସବୁ କଳା ପ୍ରତିଷ୍ଠିତ ହେଲା ପରି ନିରାଟ ସତ୍ୟଟା ମୋତେ ଆପେ ଆପେ କ୍ଷଣକେ ଦିଶିଗଲା । ଆଶ୍ଚର୍ଯ୍ୟ ହେଲି, ସ୍ତ୍ରୀ ଲୋକଟାର ତିନି ଚାରିଟା ସ୍ତନ । ବର୍ତ୍ତୁଳ, ଦୁଧ ଉତୁରାଇବା ଆଟିକା ପରି । ବହୁ କଷ୍ଟରେ ସେ ଯୋଡ଼ାଏ ହାତରେ ଚାରିଟା ଚିଜ ଢ଼ଙ୍କାଇବାର ଚେଷ୍ଟା କରୁଛି । ଗୋଟାଏ ଶିଶୁମୁଣ୍ଡ ବୋଲି ଠଉରାଇ ନେଲି ସହଜେ, ବହଳ କଳା ଚୂଳ ଯୋଗୁଁ । ପଞ୍ଜରା କଡ଼କୁ କାଖତଳରେ ମୋ' ଦୃଷ୍ଟିର ଆଢୁଆଳରେ ଜାକି ହୋଇଥିବା ଧଳା ଚିଜଟାକୁ ଗୋଟାଏ ବଡ଼ ବେଲା ବୋଲି ଜାଣିଲି, ଯାହା ତା'ର ଦିହର ଅଂଶବିଶେଷ ନୁହେଁ । ଚାରୋଟି ଚିଜକୁ ଢ଼ାଙ୍କିବା ପାଇଁ ଲୁଗାକାନି ପର୍ଯ୍ୟାପ୍ତ ନ ଥିବାରୁ ସେ ଅସ୍ୱସ୍ତି ଅନୁଭବ କରୁଛି, ଅସ୍ତବ୍ୟସ୍ତ ହେଉଛି । ଛାତି ଢ଼ାଙ୍କିବାକୁ ଗଲେ ପିଠି ଦିଶିଯାଉଛି । ଲକ୍ଷ ଲକ୍ଷ ମଶାକାମୁଡ଼ା ଚିହ୍ନ ମିଳିମିଳା ପରି ଦିଶୁଛି ।

କେବେ ଏ ସ୍ତ୍ରୀଲୋକଟାକୁ କେଉଁଠି ଦେଖିଛ ! ହଁ ତ, ଆମ ଏଇ ଘରର ନିଆଁ ଖୋଳିଲା ବେଳେ ଯେଉଁ ଜୁଆଣ ଝିଅଟା ଧୂର୍ମୂଷ କରୁଥିଲା, ଏ ସେଇ ନୁହେଁ ତ । ତା ନାଆଁ ଚମ୍ପା । କାଲିର ଝିଅ ଆଜିର ମାଆ । ମାଆଟି ଭିତରୁ ପୁଣି ଝିଅଟିକୁ ଖୋଜିପାଇବା ମୁସ୍କିଲ ହୁଏ । ବୈପ୍ଳବିକ ପରିବର୍ତ୍ତନ ।

ଘର ଭିତରକୁ ପଶୁଛି ଦୁଧ ଡ଼ଙ୍କି ହାତରେ ଧରି ଭିଡ଼ି ଆସୁଛନ୍ତି ସ୍ତ୍ରୀ ମୋ' ଆଡ଼କୁ ।

ପଚାରିଲି, "ଏ ସ୍ତ୍ରୀ ଲୋକଟା କୁରଙ୍ଗୀ ସାଇର ଚମ୍ପା ନା ? ତା' ଦିହ ଯିମିତି ଥିଲା ସିମିତି ଅଛି, ଛୁଆପିଲାର ମାଆ ହେଲେ ବି ଦିହ ଭାଙ୍ଗିନି । ଇଏ କାହିଁକି ବର୍ଷାରେ ଭିଜିତିନ୍ତି ସଞ୍ଜବେଳଟାରେ ଠାକୁରାନ୍ ଗିରିହାନ୍ ଚିତ୍କାର କରୁଥିଲା ?"

"କାହା ନାଁ, ମଲ୍ଲୀ, କାହା ନାଆଁ ଚମ୍ପା ତୁମ ଚିପାଖାତାରେ ଥିବ । କାହାର ନାଆଁ କଣ, ମନେରଖିବା କାମ ମୋର ନୁହେଁ । କାହା ଦିହ କିମିତି ଥିଲା, କିମିତି ଅଛି, ତା'ର

Digitized by srujanika@gmail.com

ହିସାବ ତୁମେ ରଖ। ଦୁଇଟା ଟଙ୍କା ନବ ବୋଲି ସକାଳୁ ଆସିଥିଲା । ଭଙ୍ଗାଣି ଟଙ୍କା ଭିଖା ଦୋକାନରେ ନ ଥିଲା । ଏ ବେଳାକୁ ଆସିବାକୁ କହିଥିଲି । ବେଲାଟା ବନ୍ଧାଦେଇ ଟଙ୍କା ନବ ।"

"ବନ୍ଧା ଦେଇ ଟଙ୍କା ନବ! ଦୁଇଟା ଟଙ୍କା ନବ ବୋଲି ଏଡ଼େ ବଡ଼ ବେଲାଟା ବନ୍ଧା ନବ ନା? ପଖାଳ ତୋରାଣି ବରିପ୍ରାଣୀ ଖାଇବେ କିପରି? ଏମିତି ଦେଇ ଦେଉନ ଦି'ଟା ଟଙ୍କା, ବିଶ୍ୱାସରେ । ବେଲା ବନ୍ଧା ଦେଇ ଟଙ୍କା ନବ!"

"ତା' ଦିଅନ୍ତା ନି! ଲୋକେ ଗହଣାଗାଣ୍ଠି ବେଲାବାସନ କରିଥାନ୍ତି ବିପଦ ଆପଦକୁ ବନ୍ଧାଛନ୍ଦା ପକାଇ ବର୍ତ୍ତିଯିବେ ବୋଲି । ଆଜି ଆମର ଦରକାର ପଡ଼ିଲେ ମୋ ଗହଣାଗାଣ୍ଠି ଦିହରୁ କାଢ଼ି ରାମ ଶର୍ମା ପାଖକୁ ନହେଲେ ବେଙ୍କକୁ ଧାଇଁବ ତ? ମଫସଲରେ ଅଳ୍ପଟଙ୍କା ପାଇଁ କେଉଁଠି କିଏ ବିନା ବନ୍ଧାଛନ୍ଦାରେ ଟଙ୍କାର ବ୍ୟବସ୍ଥା କରିପାରିଛି?"

"ସୁଧ ତୁମେ କେତେ ନଉଛ ଶୁଣେ?"

"ଦୁନିଆଁରେ ଯାହା ଚାଲିଛି । ମତେ କିଏ ଅଧିକା ଦବ? ଟଙ୍କାରେ ଚାରଣା।"

"ଯଦି ସେ ନେଇ ନ ପାରିଲା?"

"ଫେରାଇ ନେଇ ନ ପାରିବ ତ ବନ୍ଧା ଦେଉଥିଲା କାହିଁକି? ମୁଁ ତ ଲୋକ ପଠାଇ ତାକୁ ଡ଼ାକିନି ।"

"କ'ଣ ଲାଭ ହବ ଆମର ଏ ଟଙ୍କାଏ ମଣ୍ଡାଏ ବେପାରରେ? ମୁଁ କହୁଛି ଆଜିଠୁଁ ତୁମେ ଏ ବନ୍ଧାଛନ୍ଦା ରଖିବା କାମ ଛାଡ଼ିଦିଅ । ବଡ଼ ଜଘନ୍ୟ ବେଉସା । ଗରିବଙ୍କ ତଣ୍ଟିଚିପା ପଇସାରେ ଯେଉଁ ଘର କରିବ, ତାହା ଦିନେ ଭୁଷୁଡ଼ି ପଡ଼ିବ । ଭଦ୍ରଲୋକ ଘରର ଝିଅବୋହୂ ଏ ବେଉସା କରନ୍ତି ନି?"

"ମୋ ବାପା କ'ଣ ତୁମ ଆଖିରେ ଭଦ୍ର ନୁହନ୍ତି? ମୋ କକା ତ ଜଣେ ପୋଲିସ୍ ଇନ୍‌ସପେକ୍ଟର । ତାଙ୍କ ଢ଼ାବୁଆ ଘର ଛାତକୁ ଚଢ଼ିଯାଇ ଗଣିତ କେତେ ଗଣ୍ଡା ଗରା, ହଣ୍ଡା, ଗଡ୍ଡୁଛି, କୁଢ଼କୁଢ଼ ହୋଇ କେତେ କେତେ ବେଲାବାସନ ଥାକ ଥାକ ହୋଇ ଥୁଆ ହୋଇଛି ।"

"ସେ ସବୁ କ'ଣ କେହି ସୁଧମୂଳ ଦେଇ ଓ୍ୱାପସ ନିଅନ୍ତି ନି? କ'ଣ କେବେ ହବ ସେସବୁ ଚିଜରେ?"

"କ'ଣ ହବ? ବିକି ଦେବେ । କଂସାରି ଦୋକାନକୁ ଯିବ ବେଲାବାସନ ହଣ୍ଡା ଗରିଆ, ସୁନାରୀ ଦୋକାନକୁ ଯିବ ଗହଣାଗାଣ୍ଠି । ସେ ସବୁ କ'ଣ ସଢ଼ିଯିବ ଯେ ତାଙ୍କ ପଇସା ବୁଡ଼ିଯିବ ।"

"ତୁମେ ଏ ଧନ୍ଦା କେବେଠୁଁ ଧଇଲଣି? ମତେ କେବେ କହିନ?"

Digitized by srujanika@gmail.com

"ଓହୋ ! କେତେ କେତେ ଟଙ୍କା ଗହଣାଗାଣ୍ଠି ଆଣି ମତେ ଧରାଇ ଦେଇଛ, ଦିହରେ ଝୁଲାଇ ଦେଇଛ ଯେ ମହାଜନୀ ସେରସ୍ତା ଖୋଲି ଏଇଠି ବସିଥିବି ? ଦଶ କୋଡ଼ିଏ ଟଙ୍କା ମାସକୁ ବଳାଇ ପାରିଲେ ଢେର ।"

"ଯା ହେଉ, ତୁମେ ଏ ବେଉସା ବନ୍ଦ କର । ମୋତେ କାନ୍ଦ ମାଡୁଛି । ବିଚାରୀକୁ ଯୋଡ଼ାଏ ଟଙ୍କା ଦେଇଦିଅ । ନେଇ, ବିଦା ହୋଇଯାଉ । ମୁଁ ତା' ମୁହଁକୁ ଚାହିଁ ପାରିବି ନାହିଁ ।"

"ଏଥର ସାଇପଡ଼ିଶାଙ୍କୁ ଡ଼ାକିବି । 'ଆସ' କଳିଯୁଗର ଦାତାକର୍ଣ୍ଣ କିଏ ଦେଖିବ । ସତରେ ତୁମେ କହୁଛ କ'ଣ ? ଏମିତି ଏମିତି ତାକୁ ଦାନ ଦେଇଦେବି ଦୁଇଟଙ୍କା । ଦୁଇଟଙ୍କାରେ ଅତି କମ୍‌ରେ ୫୦ ସେର ଚାଉଳ ମିଳିବ । ଆମର ମାସକର ଚାଉଳ । ତୁମେ ଯିମିତି ଦାନୀପଣିଆଁ ଦେଖାଇବାକୁ ଆରମ୍ଭ କଲଣି ହୁଏତ କରତ ଦୁଇପଟେ ଦୁହେଁ ଧରି ପୁଅମୁଣ୍ଡ କାଟିବା ନହେଲେ, ମତେ ଛାଡ଼ି ତୁମେ କାହାର ଦାସ ହୋଇ ମଶାଣିରେ ଚାଲୁଥିବ । ଚାଲ, ଜଳଖିଆ ଖାଇବ ।"

ଲମ୍ବା ବକ୍ତୃତାରେ ମୁଁ ଚୁପ୍ ହୋଇଗଲି । ମନେ ମନେ କହିଲି, "ଯାହା କରୁଛ କର । ଭବିଷ୍ୟତକୁ ଅନୁତାପ କରିବ ।"

"ଲୁଗାପଟା ବଦଳାଅ, ଲୁଙ୍ଗିଟା ମଶାରି ବାଡ଼ରେ ଅଛି । ଚା'ପାଣି ବସାଇ ଦେଇଛି ଚୁଲିରେ । ମୁଁ ଆଗ ତାକୁ ବିଦା କରିଦିଏ । ସକାଳ ପହରୁ କିଛି ବିଚାରୀର ପେଟକୁ ଯାଇନି । କ୍ଷୀର ଶୁଖିଯିବ । କୋହିଲା ପାଗରେ ଭିଜିତିନ୍ତି ଥରୁଛି । ଦୁଧଖିଆ ଝିଅଟାକୁ ଶରଦ ଧରିଯିବ ।"

ତା'କୁ ଅପେକ୍ଷା କରି ଖବରକାଗଜଟା ଓଲଟାଉ ଥାଏ । ପଣତକାନିରୁ ଚାବିପେନ୍ଥା (ଯୋଡ଼ାଏ ତିନିଟା କାଠି କାମିକା, ଅନ୍ୟସବୁ ଅଳଙ୍କାର ଝମ୍‌ଝମ୍ ଶବ୍ଦ ବାହାର କରିବା ପାଇଁ) ବାହାର କରି ବାପଘରୁ ଆଣିଥିବା ଟିଣବାକ୍ସ ଫିଟାଇ ଗୋଟାଏ ଛୋଟ ଲୋଟାରୁ ଗୁଡ଼ା ତମ୍ବା ପଇସା ବାହାର କରି ଚାରିଅଣିଆ ଥାକ କରି ପୁଣି ଗଣିଲେ ଏବଂ ଗୁଡ଼ାଏ ପଇସା ଧରି ବାହାରକୁ ଚାଲିଗଲେ ।

ଖଣ୍ଡେ ଦୂରରୁ ଛୋଟ କାନିଟାରେ ପଇସାଗୁଡ଼ାକ ଝମ୍‌ଝାମ୍ କରି ପକାଇଦେଇ କହିଲେ, "ଏଇ ନେ । ତର ବିପଦବେଳେ ଏ ଟଙ୍କା ଦଉଛି । ତୁ ମତେ ଯେତେ ଶୀଘ୍ରପାରିବୁ ସୁଧମୂଳ ଦେଇ ତର୍ ଜିନିଷ ନେଇଯିବୁ । ଦୁଇଟଙ୍କାକୁ ମାସକୁ ଆଠଣା ସୁଧ । ପନ୍ଦର ଦିନରେ ଶୁଝିଦେଲେ ବି ମାସରେ ସୁଧ ପଡ଼ିବ, ଜାଣିଥା ।"

"ଏ ଠାକୁରାନ୍ ! ମରଦ୍‌ଟା ଆଜ ସକାଳେନି ଖଡ଼୍‌ଗପୁର ଯାଇଛି, ସାଇର ଆଉମାନଙ୍କ ସାଙ୍ଗ୍‌ରେ । କଡ଼କଡ଼ିଆ ଭାରେ ପାଛିଆ, ଟୁବୁଲି, ବିଞ୍ଚଣା, କୁଲା ଝୁମକା ନେଇଛି । ବେଜାଏଁ ଦୂରିଆ ଯେ, ଗିରିହାନ୍, ସକାଳେ ଗେଲେ ସଞ୍ଜରେ ପହୁଞ୍ଚିବ । ବିକିବ, ଭାଙ୍ଗିବ, ହାଟବାଟ କରିବ । ତିନ୍ ଦିନକୁ ଫେରିବ ଘର୍ । ମଣିଷଟା ଫେରିଲେନି ମୁଁ ତୁମର

Digitized by srujanika@gmail.com

ସୁଦମୂଳ କରି ଶୁଝିଦେବି । ଘରେ ଆଉ କିଛି ସାନ ସାନ ଚିଜ ନାଇଁଥିଲା । ଏଡ଼େବଡ଼ ବେଲାଟା ଦୁଇ ସେର ଆର ଅଧେ ଥିଲା ସିମଳା ଶିବରାତ୍ରିର ହାଟରେ ବାପା କିଣି ଦେଇଥିଲା ବନ୍ଧା ପକାଇଥାନ୍ତି । ଆମର ଆଉ ସେଇ ଗୋଟାଏ ନି ବାସନ୍ ଗୋଗିହାନ୍, ବାପା କହିଛି ସେଟାକୁ କେବେ ହାତଛାଡ଼ କରିବି ନାଇଁ ବୋଲି ମରଦ୍‌ଟା ସେଇଟାରେ ନ ହେଲେ ଆଉ କାହିଁରେ ପଖାଳ ତୁରାଣି ନାଇଁ ଖାଏ ।"

ତୁଳସୀ ପତର ପାଣି ପକାଇ ବେଲାଟାକୁ ଧରି ସ୍ତ୍ରୀ ମୋ ପାଖ ଦେଇ ଦୁମଦାମ୍ ଚାଲିଯାଇଥାନ୍ତି । ପଚାରିଲି, "ଏମିତି କେତେ କେତେ ବେଲାବାସନ ରଖିବଣି; କେମିତି ଭଲା ଚିହ୍ନିବ କେଉଁଟା କାହାର ବୋଲି ?"

"ମତେ ଏତେ ବୁକା ମୂର୍ଖ ପାଇଲ ! ଖୁଡ଼ୀ ତ ଅ ଆ ମୁହଁ ଚାହିଁନି, ସିଏ ତ ଏମିତି ବନ୍ଧାଛନ୍ଦା ରଖି ପାକା ପିଟିଦେଲା । କାହାର ତ କେବେ ଗୋଳମାଳ କରିନି ସେ । ବେଲାବାସନରେ ମାଲିକର ନାଆଁ ଖୋଦେଇ ହୋଇଥାଏ ଜାଣନି ? ଯଦି ନାଆଁ ଗାଆଁ ଲେଖାନାହିଁ, ତେବେ ଖଣ୍ଡେ କାଗଜରେ ଲେଖି ରଖିଦେଲେ ହେଲା ।"

ମୁଁ ମନେ ମନେ ଭାବିଲି, ଗୋଳମାଳ ହବ କିମିତି ? ଯିଏ ଏତେ କମ୍ ଟଙ୍କାରେ ଏତେ ଦାମିକା ଚିଜ ବନ୍ଧା ପକାଇଛି, ସେ ସହଜରେ ତାକୁ ଫେରାଇବାକୁ ଭୁଲିବ ?

ସ୍ତ୍ରୀ ସେତିକିବେଳେ ବେଲାଟାକୁ ମୋ ମୁହଁ ସାମନାରେ ଟେକିଧରି କହିଲେ, ପଢ଼ କାହା ନାଆଁ । ପଢ଼ିଲି ଖୋଦେଇ ଅକ୍ଷର ଗୋଟି ଗୋଟି କରି ନାଲ ମହନ ଗୁଛେଇତ ।

ସେ କାଳରେ ଦ୍ୱିତୀୟ ମହାଯୁଦ୍ଧ ପ୍ରାରମ୍ଭରେ, ଯିଏ ଯେତେ ବେଶୀ ଜମିଦାରିଆ ବାସନକୁସନ ଗହଣାଗାଣ୍ଠି ବନ୍ଧା ରଖିପାରିଲା ସେ ସେତିକି ଖାନ୍‌ଦାନ୍ ବଡ଼ଲୋକ ବୋଲି ଭାବୁଥିଲେ ଏବଂ ସମାଜରେ ତାଙ୍କର ସମ୍ମାନ ଓ ପ୍ରତିପତ୍ତି ଅତି ମାତ୍ରାରେ ଥିଲା । ଜଣେ କେହି ଲୁଚାଛପାରେ ଜିନିଷପତ୍ର ବନ୍ଧା ରଖିଲା ମାତ୍ରେ ତାହା ସାଇସାରା କ୍ଷଣକେ ପ୍ରଘଟ ହୋଇଯାଉଥିଲା ଏବଂ ପୋଖରୀ ଘାଟରେ ଫୁସୁରୁଫାସରୁ କଥା ଶୁଭୁଥିଲା, "ବାବା ! ସେମାନେ କେତେ ବଡ଼ଲୋକ, ବନ୍ଧାଛନ୍ଦ ରଖିଲେଣି । ତାଙ୍କର ସମସ୍ତଙ୍କ ଡ଼ାହାଣିଆଁ ପଇସା ଅଛି ।"

ଦିନ ଗଡ଼ିଚାଲିଲା । ଦିନ ପରେ ଦିନ ହପ୍ତା ପରେ ହପ୍ତା, ମାସ ପରେ ମାସ, ଏପରିକି ବର୍ଷ ପରେ ବର୍ଷ । ମୋର ଯାହା ଆଶଙ୍କା ଭୟ ଥିଲା, ତାହାହିଁ ଘଟିଲା । ଚମ୍ପା କି ତା'ର ଗେରସ୍ତ କେହି ବେଲାଟା ମୁକୁଳେଇବା ପାଇଁ ଆସିଲେ ନାହିଁ । ଏଣେ ସ୍ତ୍ରୀ ହିସାବ କରି ଦେଖିଲେ ଯେ ସର୍ତ୍ତ ମୋଦୀ ହୋଇଯାଇଛି ଏବଂ ପଞ୍ଚମ ଶ୍ରେଣୀରେ ପାଠବଳରେ ଜାଣିଲେ ଯେ ଦୁଇଟଙ୍କାର ସୁଧମୂଳ ଯାହା ହେବ ସେଥିରେ ତିନିଚାରିଟା ନୂଆ ବେଲା କିଣିହେବ ।

ଏ ଭିତରେ ବଡ଼ ଝିଅର ବୟସ ଆଠ କି ଦଶ ହେଲାଣି । ତା' ମାଆ କେତେ ବନ୍ଧାଛନ୍ଦା ଏ ଭିତରେ ରଖିଲେଣି, ତାହା ଡ଼ାବୁଆ ଘରର ଅନ୍ଧାରୁଆ ଆଟୁତଳ ଜାଣିଥିବ ।

Digitized by srujanika@gmail.com

ମୁଁ ସେ ବିଷୟ ଗବେଷଣା କରିନାହିଁ । ଅନେକ କଥାକୁ ଆଖି ବୁଜିଦେଲେ ଅଯଥା ଦୁଃଖର ସହଜ ବିନାଶ ଘଟେ ।

ମୁଁ ଜୀବନସାରା ଟିକିଏ ରୋଗା ପେଟବେମାରିଆ ଲୋକ । ପଖାଳ ବା ଭାତ ପେଟରେ କ୍ଲାସରେ ବକର ବକର ହେଲେ ଡିସ୍‌ପେପ୍‌ସିଆ ବା ଅଗ୍ନିମାନ୍ଦ୍ୟ ଧରେ । ଖିଆପିଆରେ ମୋର ଆଗ୍ରହ ନାହିଁ । ଭୋକ ତ ଲାଗେନି, ଅନ୍ୟ କେହି ଗରିଷ୍ଠ ଭୋଜନ କରିବାର ମୁଁ ଦେଖି ସହି ପାରେନି ।

ମୋ ସ୍ତ୍ରୀ ସେ କଥାରେ ମୋର ବିପରୀତ । ବହୁତ ଖାଆନ୍ତି । ଏତେ ବଡ଼ ଦିହଟାକୁ ସମ୍ଭାଳିବେ କିମିତି । ତା' ଛଡ଼ା ତାଙ୍କର ଅପର୍ଯ୍ୟାପ୍ତ କାମ । ବାସନକୁସନ ମାଜନ୍ତି, ଗାଈ ପାଳନ୍ତି । ବାଡ଼ିର ଘାସ ମଧ କାଟନ୍ତି ।

ସେ ଭାରି ମୁଢ଼ିପ୍ରିୟା । ମୟୂରଭଞ୍ଜର ଲୋକ । ବାରିପଦାର ଗରମ ମୁଢ଼ି ପ୍ରବାଦ ପ୍ରସିଦ୍ଧ । ସେ ନିଜେ ଧାନ ଉଷାନ୍ତି, ଶୁଖାନ୍ତି, ଢ଼ିଙ୍କିରେ କୁଟନ୍ତି । ଠିକ୍ ବତର ଦେଖି ଭାଜନ୍ତି । ନାକରୁ ଗମ୍ ଗମ୍ ହୋଇ ବାହାରୁଥିବା ବିନ୍ଦୁବିନ୍ଦୁ ଝାଳ ପଣତରେ ପୋଛୁଥିବେ, ମୁଢ଼ି ଭାଜୁଥିବେ । ବିରୁଡ଼ି ପୋକ ପରି ବଡ଼ ବଡ଼ ମୁଢ଼ି ଚଡ଼୍ ମଡ଼୍ ହୋଇ ଖୁଲାରୁ ଆପେ ଆପେ ବାହାରି ଆସୁଥିବ । ପୁଣି ମୁଠାଏ ଚାଉଳ ପକାଉଥିବେ । ବାଜୁର ଦଣ୍ଡୀ ହଲୁଥିବ । ମୁଠାଏ ଚାଉଳରୁ ଆଠମୁଠା ମୁଢ଼ି ବାହାରୁଥିବ । ଛିଡ଼ାହୋଇ ଦେଖିବାର କଥା । କଞ୍ଚୁ ବିଡ଼ାକ ଚମ୍ପା ବରାବର ଯୋଗାଇ ଅଣ୍ଟିଏ ମୁଢ଼ି ବା ସଜନା ଶାଗ ନିଏ । ପଇସା ନିଏ ନାହିଁ ।

ୟା'ଠୁ ଚିତ୍ତାକର୍ଷକ ତାଙ୍କ ଭୋଜନ କର୍ମ । ଧର୍ମକର୍ମର ଅନୁଷ୍ଠାନ କ୍ରିୟାକର୍ମ ପରି । ଭାତ ପ୍ରତି ସେ ସଦା ବିମୁଖ । ରୁଟିର ମୁହଁ ସେ ଚାହାନ୍ତି ନାହିଁ । ମୁଢ଼ି ତାଙ୍କର ଜୀବନ । ଯେଉଁଠି ମୁଢ଼ି ନ ମିଳିବ, ସେଠାକୁ ସେ ଯିବେ ନାହିଁ କି ସେଠାରେ ରହିବେ ନାହିଁ । ଅମୃତ ମିଳିଲେ ବି ସେ ଓପାସେ ରହିଯିବେ । କଟକ ବା ପୁରୀ ଦୈବାତ୍ ଯିବାର ହେଲେ ମୁଢ଼ିଟିଣ ସାଙ୍ଗରେ ଧରିଥାନ୍ତି ।

ଖାଇବା ବେଳେ ତାଙ୍କର କୌଣସି ବାଧାବିଘ୍ନ ହେବନି । ସବୁ ପାଇଟି ସାରି ଗାଧୋଇ ପାଧୋଇ ପୂଜାଅର୍ଘ୍ୟ ସାରି ଚୁଲୀ ପାଖରେ ଚକାମାରି ପିଢ଼ା ଉପରେ ବସିଯିବେ । ବାଁ ଜାନୁ ଜଳପୂର୍ଣ୍ଣ ନୋଟା ଉପରେ ଥିବ । ମୁଢ଼ିଟିଣ ହାତ ପହୁଞ୍ଚରେ ବାଁ ପାଖରେ । ଚୁଲୀର ଜଳନ୍ତା ଅଙ୍ଗାରରେ ଡ଼ଙ୍କାଟିଏ ବସିବ, ହେଲାଯାକେ ଭଜାଯିବ । ଦହିମୁହାଁ ହୋଇ ସଦ୍ୟ ଲହୁଣୀମରା ଘିଅ ମୁଢ଼ିରେ ପଡ଼ିବ । ସାନ ପିଆଜ ଦୁଇମୁଠା ହାତ ପାଖରେ ଥୁଆ ହେବ । କେହି ପିଲାଝିଲା ପାଖରେ ନ ଥିବେ । ଏକନିଷ୍ଠ ହୋଇ ଯଜ୍ଞ ଆରମ୍ଭ ହେବ । ସମିଧ ସରିଗଲେ ଟିଣରୁ ଡ଼ବାକୁ ଡ଼ବା ଆସୁଥିବ, ଜଠରାଗ୍ନି ବାରମ୍ବାର ପ୍ରଜ୍ୱଳିତ ଓ ଶାନ୍ତ ହେଉଥିବେ । ଯାହାକୁ କହନ୍ତି ଝାଳନାଳ ବ୍ୟାପାର ।

Digitized by srujanika@gmail.com

ବାପଘରୁ ସେ ଯେଉଁ ବେଲାଟା ଆଣିଥିଲେ, ସେଇଟା ଏବେ ସାନ ପଡ଼ିଯାଇଛି । ଦି'ତିନିଥର ପାଗ କରିବାକୁ ପଡୁଛି । ପ୍ରଥମ ପାଗ ପରି ଦ୍ୱିତୀୟ ଉତୁରେ ନାହିଁ । ବଡ଼ ବେଲାଟାଏ କିଣିବା ପାଇଁ ଇଚ୍ଛା କଲେଣି, ଯିମିତି ଏକାଥରକେ କାମ ସରିଯିବ ।

ଆଜି ରବିବାର । ତାଙ୍କରି ବରାଦ୍ ମୁତାବକ ସେରେ ମାଂସ ଟଙ୍କାଏ ଦେଇ ଆଣିଛି । ଉଦୁଳା କପିପଦା ଆଡ଼ର ଛେଳି । ମହୁଲିଆ ଖାସି । ଶୁଖିଲା ମାଂସ, ପାଣିଦିଆ ନୁହେଁ, କପାଫୁଲ ପରି ଚର୍ବି । ମୁଢ଼ି, କଷା ମାଂସ ଆଜିର ପ୍ରୋଗ୍ରାମ । ଏବେ ଝିଅ ତାଙ୍କ ସାଙ୍ଗରେ ଯୋଗ ଦେଇଛି । ଛୁଟିଦିନ ସ୍କୁଲ ଯିବ ନାହିଁ । ବେଲାଟା ଯାହା ଛୋଟ ଥିଲା, ଆଜି ତା'ଠୁ ଛୋଟ ପଡ଼ିବ ।

ମନ ଥିଲେ ଉପାୟ ବଳେ ଆସେ । ଧାଇଁଯାଇ କେଉଁଠୁ ଆଠ ନଅବର୍ଷ ତଳେ ବନ୍ଧା ପଡ଼ିଥିବା ବେଲାଟା ପ୍ରତ୍ୟୁତ୍ପନ୍ନମତି ମାଆ ଘେନି ଆସିଲେ । ନଡ଼ିଆକତା ପାଉଁଶ ଦେଇ କଳା କଳା ଦାଗ ସଫା କରିଦେଲେ । ଚାନ୍ଦି ରୁପାର ବେଲା ପରି ଚକ୍ ଚକ୍ ଦିଶିଲା ଚମ୍ପା ଦେଇଥିବା ବେଲାଟି, ନାଲମହନ ଗୁଛାଇତର ନାଆଁ ଥିବା ବେଲାଟି ।

ଝାମ୍ପିପଡ଼ିଲେ ମାଆ ଝିଅ ମଢ଼ ଉପରେ ବାଘୁଣୀ ଆଉ ତା' ଛୁଆ ପରି । ଘରଣୀଙ୍କ (ଠାକୁରାନ୍, ଗିରିହାନ୍) ପାଟି ଓଠ ଅଧର ମାଂସ ଚର୍ବିରେ ନୂଆ ରୂପ ନେଇଥାଏ । ଦରହସ ମୁହଁରେ କହିଲି, "ଏବେ ! ତୁମେ ନାଲମହଲ ଗୁଛାଇତର ବେଲାରେ ଖାଉଛ । ଜାତିଗଲା, ପ୍ରାୟଶ୍ଚିତ କରିବାକୁ ପଡ଼ିବ ତୁମକୁ, ତୁମ ସାଙ୍ଗରେ ମତେ ବି । ଝିଅ ବାହାଘରେ ସୁବର୍ଣ୍ଣ ଦାନ କରିବାକୁ ପଡ଼ିବ, ତୁମର ଏଇ କଂସା ବେଲାଟା ପାଇଁ ।" ଶାସ୍ତ୍ରଜ୍ଞ ପରି ସେ ଉତ୍ତର ଦେଲେ, "ପାଉଁଶରେ ମାଜିଦେଲେ ସବୁ ବାସନ ଶୁଦ୍ଧ ।" ମଜଗୁଲ ଅବସ୍ଥାରେ ଥାଇ ସ୍ତ୍ରୀ ରଙ୍ଗରସରେ ମୁଖ୍ୟ ମୁଢ଼ି ଧରି କହିଲେ, "ନିଅ, କଳେ ନିଅ, ଲୋଭ ହେଉଛି ?" ଝିଅ କହିଲା, "ବାପାକୁ ଅଇଁଠା ଖୁଆଉଛୁ ?"

ମାଆ ତତକ୍ଷଣେ କହିଲେ, "ରାମାୟଣ ପଢ଼ିଲେ ଜାଣିବୁ, କିମିତି ରାମଚନ୍ଦ୍ର ମହାପ୍ରଭୁ ଶବରୀର ଅଇଁଠା ଫଳ ଖାଇଥିଲେ ।"

ଅତି ଶରଧାର ମୁହୂର୍ତ୍ତରେ ମୁଁ ଆଁ କଲି । କଳେ ମାଉଁସକଷା ଓ ମୁଢ଼ି ଶବରୀ / ଆଦି-ମାନବୀ ଇଭ୍ ହାତରୁ ଖାଇଲି । ସେଇ ରବିବାର ଦିନ ବେଲା ଉଦ୍‌ଘାଟନ ଉତ୍ସବ ସମାହିତ । ପରଦିନଠାରୁ ପ୍ରତିଦିନ ସ୍ତ୍ରୀ ସେଇ ବେଲାରେ ମୁଢ଼ିଯଜ୍ଞର ଅନୁଷ୍ଠାନ କଲେ ।

ଘରଣୀ ସରଳ ବା ଚକ୍ରବୃଦ୍ଧ ସୁଧ ନିଅନ୍ତି ମତେ ଜଣାନାହିଁ । ତେବେ ଶୋଇ ଶୋଇ ଦିନେ ଖିଆଲରେ ହିସାବକରି ଯେ ଦୈନିକ ପାହୁଲାଏ ଭଡ଼ା ହେଲେ ଘରଣୀ ଯେତେଦିନ ସେଇ ବେଲା ବ୍ୟବହାର କଲେଣି ସେଥିରେ ବେଲାର ବନ୍ଧକୀ ମୂଲ୍ୟ ଉଠିଗଲାଣି । ଯା'ପରେ ଘରଣୀଙ୍କଠାରୁ ଚମ୍ପା ଦୈନିକ ପାହୁଲାଏ ଛଦାମେ ଯାହାହେଉ ପାଇବାର କଥା ।

Digitized by srujanika@gmail.com

ପୁଣି ଦିନକାଳ ଗଡ଼ିଲା । ସରକାର ପରେ ସରକାର ଆସିଲେ । କେତେ କେତେ ନୂଆ ନୂଆ ନିୟମକାନୁନ ହେଲା । ଆଦିମକାଳରୁ ଚଳିଆସୁଥିବା ଯଉତୁକ ପ୍ରଥା ଉଠିଗଲା । କେହି କିଛି ବାହାଘର ବେଳେ ମାଗିପାରିବ ନାହିଁ । କେହି କିଛି ଦେଇପାରିବେ ନାହିଁ ଝିଅ ଜୋଇଁକି । ବାହାଘର ଆଗରୁ ବା ପରେ ଦେଣନେଣରେ ଆପତ୍ତି ନାହିଁ ବା ଚଢ଼ିବା ପାଇଁ ଝିଅକୁ ଗାଡ଼ି, ଶୋଇବା ପାଇଁ ଘର, ଚଳିବା ପାଇଁ ଚେକ୍ ଦେବାରେ କିଛି ଆପତ୍ତି ନାହିଁ ।

ନୂଆ ନୂଆ ନିୟମର ମାଡ଼ଟା ପଡ଼ିଲା ଘରଣୀଙ୍କ ଉପରେ । ପ୍ରସଙ୍ଗକ୍ରମେ ଭଲ ବେଳକାଳ ଦେଖି ସ୍ତ୍ରୀଙ୍କି କହିଲି, ନୂଆ ସରକାର ଆଇନ କରିଦେଇଛି, କେହି ବିନା ଲାଇସେନ୍ସରେ ବନ୍ଧାଛନ୍ଦା ରଖିପାରିବେ ନାହିଁ । ତନାଘନା ତଦନ୍ତ ଚାଲିଲାଣି, ଯାହାଘରେ ବନ୍ଧାଚିଜ ବାହାରିବ ତାକୁ ଜେଲ୍ ଭୋଗିବାକୁ ପଡ଼ିବ । ମୋର ଚାକିରି ଯିବ । ଗାଁ ସାଇଲୋକେ ତ ଆମକୁ ଯେଉଁ ଭଲପାଆନ୍ତି ! ଧରାଇଦେବେ ଦିନେ ।

ସେଇଦିନ ସନ୍ଧ୍ୟାରେ ଘରେ ଥିବା ବନ୍ଧକୀ ଚିଜ ରିକ୍ସାରେ ବୋଝେଇ ହେଇ କେଉଁ କଂସାରି ଦୋକାନକୁ ଚାଲିଗଲା, ଯତ୍‌ସାମାନ୍ୟ ଗହଣାଗାଣ୍ଠି ବି ଚୋରା କାରବାରି ବଣିଆଁ ହାତକୁ ଚାଲିଗଲା ।

ହେଲେ ଇଭ୍‌ର ପ୍ରରୋଚନାରେ ଆଦାମ୍ ଯେଉଁ ଫଳ ଖାଇଥିଲା, ତା'ରି କୁଫଳରେ ଦୁନିଆଁକୁ ଜରାମୃତ୍ୟୁ ଆସିଲା ପରି ମୋର ଆସିଲା ଜରା, ମୋ ସ୍ତ୍ରୀଙ୍କର ହେଲା ମୃତ୍ୟୁ ।

ବିଶୃଙ୍ଖଳାରୁ ଶୃଙ୍ଖଳା ଆଣିବା ପାଇଁ ଚେଷ୍ଟା କରୁଁ କରୁଁ ଦିନେ ପାଇଲି ନାଲମହଲ ଗୁଛାଇତର ନାଆଁ ଖୋଦେଇଥିବା ବେଲାଟି । ଘରେ କିନ୍ତୁ ବିରୁଡ଼ିପୋକ ସାଇଜ୍‌ର ମୁଢ଼ି ନାହିଁ କି ମୁଢ଼ିଯଜ୍ଞର ଅନୁଷ୍ଠାନକାରିଣୀ ନାହାନ୍ତି । ସିଧା ବେଲାଟି ଧରି କୁରଙ୍ଗାସାହିକୁ ଗଲି । ଚମ୍ପା ବା ତା'ରି ସ୍ୱାମୀ ବା ନାଲମହନ ଗୁଛାଇତର ଖୋଜଖବର ନେଲି । ସେମାନଙ୍କ ନାଆଁ ସମସ୍ତେ ଜାଣନ୍ତି, ଦେଖି ନାହାନ୍ତି । ଡ଼ିହ ଉପରେ ଭଙ୍ଗା କାନ୍ଥଟିଏ ମାତ୍ର ଦେଖିଲି । ଫେରିଲି ନାଲମହନ ଗୁଛାଇତର ବେଲା ଥଳିରେ ଧରି ।

ସମସ୍ୟା ହେଲା ବେଲାଟା କୋଉଠି ଥୋଇବି । ଯେଉଁଠି ରଖିଲେ ମୋ ଆଖିକୁ ଦିଶିଲା ଏବଂ ଦିଶିଲା ଚମ୍ପା, ତା'ର ମରଦ, ତା'ର ବାପ ନାଲମହନ ଗୁଛାଏତ, ମୋ ଘରଣୀ ଓ ଝିଅ ସମସ୍ତଙ୍କ ମୁହଁ । ସମସ୍ତେ ଯିମିତି ଏକାଠି ମୁହଁଗୁଞ୍ଜି ସେଇ ବେଲାଟାକୁ ମୁଢ଼ି ପଖାଳ ତୋରାଣିପାଣି ଆଶାରେ ଚାହିଁଛନ୍ତି ତୃଷାର୍ତ୍ତ ଆଗ୍ରହରେ । ବିଶେଷତଃ ସ୍ତ୍ରୀଙ୍କ କଷା ମାଂସ ଓ ମୁଢ଼ି ଖାଇଥିବା ବେଳର ତେଲିଆ ଝାଲୁଆ ମୁହଁଟା । ମତେ ଡ଼ର ମାଡ଼ିଲା, ଯେତେବେଳେ ଘରେ ଏକୁଟିଆ ରହିଲି ଏବଂ ଅକସ୍ମାତ୍ ବେଲାଟା ଉପରେ ଆଖି ପଡ଼ିଗଲା । ନାଲମହନ ଗୁଛାଇତର ଝିଅ ଚମ୍ପା ବେଲା ମୋ ସ୍ତ୍ରୀଙ୍କଠି ବନ୍ଧାଦେଇ ଦୁଇଟଙ୍କା ନେଲା । ମତେ ଚକ୍ରବୃଦ୍ଧିରେ ସୁଧ ଦେବାକୁ ପଡୁଛି ।

Digitized by srujanika@gmail.com

ଦିନେ ରାତିରେ ଏକୁଟିଆ ଶୋଇଥାଏଁ, ଥାକ ଉପରେ ବେଲାକୁ ଚାହିଁ । ପୁଣି ସେଇ ମୁହଁସବୁ ଆସିଗଲେ । ବେଲାଟାକୁ ଶିଳରେ କଚାଡ଼ି ଭାଙ୍ଗି ଟୁକୁରା ଟୁକୁରା କରିବି ଭାବିଲି । ପର ମୁହୂର୍ତ୍ତରେ ଅନ୍ୟ ନିଷ୍ପତ୍ତି ନେଲି ।

ସ୍ୱାଙ୍କ ଗଙ୍ଗାସ୍ଥି କରିବା କଥା ସମ୍ଭବହୋଇ ନଥିଲା ନାନା କାରଣରୁ । ଭାବପ୍ରବଣତାର ବଶବର୍ତ୍ତୀ ହୋଇ କେତେଖଣ୍ଡ ଅସ୍ଥି ଓ କିଛି ଭସ୍ମ ଶ୍ମଶାନରୁ ଆଣି ବାକ୍ସ ଭିତରେ ରଖିଥିଲି, କେବେ ଦିନେ ସୁବିଧାସୁଯୋଗ ପାଇଲେ ତ୍ରିବେଣୀରେ ବିସର୍ଜନ ଦେବି ବୋଲି । କ'ଣ ମନକୁ ଆସିଲା ହଠାତ୍ ବାକ୍ସ ଚାବି ଖୋଲି ଭସ୍ମ ପୁଟୁଳାଟା ନାଲମହନ ଗୁଛାଇତର ବେଲାରେ ଥୋଇ କଳାକନା ଖଣ୍ଡିକରେ ଢ଼ଙ୍କାଇ ଧଡ଼୍‌କିନା ବାକ୍ସ ବନ୍ଦ କରିଦେଲି । ମୁହଁଗୁଡ଼ାକ ଆଉ ଦିଶିଲା ନାହିଁ । କି ଚମ୍ପାର ଠାକୁରାନ୍ ଠାକୁରାନ୍ ଡ଼ାକ ଶୁଭିଲା ନାହିଁ ।

# କୁଳି ଗାଁର ଶ୍ରୀମତୀ ସରୋଜିନୀ ମାହାନ୍ତି କେଆର୍ ଅଫ୍ ସୁଦାମ ମାହାନ୍ତି

ଗଳ୍ପର ଲମ୍ବାଚୌଡ଼ା ଗୁରୁଗମ୍ଭୀର ଶୀର୍ଷକ ଦେଖି ଯଦି ପାଠକଙ୍କର ନାୟିକାକୁ ଦେଖିବାର ଆଗ୍ରହ ଓ ଔତ୍ସୁକ୍ୟ ଅସମ୍ଭାଳ ହେଉଛି, ତେବେ ମୁଁ ପ୍ରଥମରୁ କହିଦେଉଛି ସେ ତରୁଣୀ ନୁହେଁ, କିଶୋରୀ ନୁହେଁ, ସାମାନ୍ୟ ଗାଉଁଲି ଝିଅ ବକଟେ । ଯାହା ଦିହରୁ ଲାଇନ୍, କର୍ଭ, ବାଲ୍‌କ କିଛି ମୁଁ ଖୋଜି ପାଉନି ଚିହ୍ନରା ରସିକଙ୍କୁ ଅର୍ପଣ କରିବା ପାଇଁ । ପିଲାଦିନେ ଜ୍ୟାମିତିକ ସଂଜ୍ଞା ପ୍ରକରଣ ବୋଲି ଦୁଇଅଣିଆ ବହିରୁ ମନେରଖିଛି "ବିନ୍ଦୁର ଅବସ୍ଥିତି ଅଛି, କିନ୍ତୁ ଦୈର୍ଘ୍ୟ, ପ୍ରସ୍ଥ ବା ବେଧ ନାହିଁ ।" ଏ ଝିଅଟିର ସିମିତି ସବୁର ଅବସ୍ଥିତି ଅଛି, ମାତ୍ର ସବୁ ଚିଜ କାଳ୍ପନିକ, ଆନୁମାନିକ ବା ଜ୍ୟାମିତିକ ।

ସେ ମୋର ସମ୍ପୂର୍ଣ୍ଣ ଅଜ୍ଞାତ, ଅଜଣା ଅଶୁଣା । କେଉଁଠି କେଉଁ ପରିସ୍ଥିତିରେ ତା ସହିତ ମୋର ଅକସ୍ମାତ୍ ଦେଖାହେଲା ତାହା କହିବା ଦରକାର ପଡୁଛି ।

---

ଝଙ୍କାର, ୩୭ଶ ବର୍ଷ, ଶାରଦୀୟ ସଂଖ୍ୟା, ତୁଳ ୧୩୯୩, ଅକ୍‌ଟୋବର ୧୯୮୫ ।

Digitized by srujanika@gmail.com

ବିଶ୍ୱବିଖ୍ୟାତ ପୁରୀଧାମରୁ ଅଶନଶୋଳଯାକେ ଜଗନ୍ନାଥଙ୍କ ଛିଣ୍ଡାଡ଼ୋର ବା ଧଣ୍ଡାମାଳ ପରି ଯେଉଁ ଯାତ୍ରୀବାହୀ ଟ୍ରେନ୍‌ଟିଏ ଶତାବ୍ଦୀ ଧରି ଯାତାୟତ କରି ଯୁଗପତ୍ ଚୈତନ୍ୟ ଓ ଜଗନ୍ନାଥଙ୍କ ନାମ ସଂକୀର୍ତ୍ତନ କରିଚାଲିଛି ବିଚିତ୍ର ତା'ର ଗତିପ୍ରକୃତି, ଅଦ୍ଭୁତ ତା'ର ମହିମା । କେଉଁଦିନ ଚିତ୍ତରଞ୍ଜନ, କେଉଁଦିନ ଅବା କେନେଡ଼ିଆନ ଇଞ୍ଜିନ୍‌ଚାଳିତ ହୋଇ ଯାତ୍ରା କରେ । ରାତି ତିନିଟାରେ ପୁରୀଧାମ ଛାଡୁଥିବାରୁ ଯାଯାବର, କୁଷ୍ଠରୋଗୀ, ବିକଳାଙ୍ଗ ନରନାରୀ ଏପରିକି ଚୋର ଖଣ୍ଟ ଡ଼କାଏତ, ଯେଉଁମାନେ ନିରାପଦରେ ଆରାମରେ ଡ଼ବାଗୁଡ଼ିକ ଭିତରେ ଅଚେତ ଅବସ୍ଥାରେ ଶୋଇଥାନ୍ତି, ସେମାନେ ଟାଣି ହୋଇ ଆସନ୍ତି, ସହରରୁ ସହରକୁ, ଗ୍ରାମରୁ ଗ୍ରାମାନ୍ତରକୁ, ଟିକେଟ୍ ଲାଗେନି ଯାତ୍ରା ପାଇଁ । ଚେକ୍‌ରମାନେ ଗରିବଙ୍କ ବନ୍ଧୁ । ଟଙ୍କାଏ ମଥାଏ ନେଇ ସମସ୍ତଙ୍କୁ ଛାଡ଼ିଦିଅନ୍ତି । ଜଣେ ଆଦିବାସୀ ଝିଅକୁ ନିଶୁଆ ଟିକେଟ ଚେକର୍ କହିବାର ଶୁଣିଛି, "ତୁ ଦାନ୍ତକାଠି ବିକୁଛୁ ଦଶଟା ପଇସା ତୋ' ପାଖରେ ନାହିଁ ମତେ ଦେବାକୁ ? ଲୁଗା କାନି ଅଣ୍ଡାଳିରେ କେତେ କ'ଣ ମିଳିଯିବ ।" ଟ୍ରେନ୍‌ଟିର ଯିବାଆସିବା ରହଣିସ୍ଥାନର ଠିକଣା ନ ଥିବାରୁ ଏବଂ ଯାତ୍ରୀମାନଙ୍କର ସମୟର ମୂଲ୍ୟ ଜ୍ଞାନ ନ ଥିବାରୁ ସମସ୍ତଙ୍କ ପକ୍ଷରେ ହିତକାରୀ । ଦେଶର ଭୋଟର ଯିମିତି ତାଙ୍କ ସରକାର ସିମିତି । ଦିନକର ଅଇଲାରେ ଦଶଟା କମ୍ପୋଷ୍ଟ ଖାତ ପୂରିଯିବ; ପ୍ରତିଦିନ ଛାରପୋକମାନେ ଯେତେ ରକ୍ତ ଚୋଷନ୍ତି ସେଥିରେ ଗୋଟାଏ ବ୍ଲଡ଼୍ ବେଙ୍କ୍ ଭର୍ତ୍ତି ହୋଇଯିବ । ଏବେ କଲେଜଗୁଡ଼ାକ ଷ୍ଟେସନକୁ ଷ୍ଟେସନ ହେଲାରୁ ଗୁଡ଼ାଏ ପୁଅଝିଅ ଠେଲିପେଲି ପଶନ୍ତି ଏବଂ ଧୂଳିମଳି ଭୟରେ ଛିଡ଼ାହୋଇ ଏକାଠି ଜାକିଜୁକି ହୋଇଯାଆନ୍ତି । ମାଲଡ଼ବା ଓ ଯାତ୍ରୀଡ଼ବାର ଏକତ୍ର ସମାବେଶ ଫଳରେ ଇଞ୍ଜିନ ଟାଣିପାରେନି, ଧକେଇ ସକେଇ ତାଳଦେଇ ଗତି କରେ, କେତେବେଳେ ପିଷ୍ଟନ୍ ଭାଙ୍ଗି ଦିଖଣ୍ଡ ହୋଇ ଭୂଇଁରେ ପଶିଯାଏ । ଷ୍ଟେସନମାଷ୍ଟରଙ୍କୁ ଯଦି ପଚାରିବେ କେତେ ଡ଼େରି ? ଉତ୍ତର ଆସିବ 'ଅଧ ଘଣ୍ଟେ', ଯେତେ ଥର ପଚାରିବେ ସେତେ ଅଧଘଣ୍ଟା ବଢୁଥିବ ଏବଂ ଶେଷରେ ଗୋଟିଏ ଶବ୍ଦରେ ଉତ୍ତର ପାଇବେ କେନସେଲଡ଼୍ । ଦିନେ ଦିନେ ଭଲକରି ନଜର କଲେ ଜାଣିବେ ଗାଡ଼ି ପଛରେ ଛିଣ୍ଡା ଅଖାରେ ବନ୍ଧାହୋଇ ଦି'ଟା ଗୋଡ଼ ଦିଶୁଥିବା ଗୋଟାଏ ମୁର୍ଦ୍ଦାର । ମେଲ୍ ଏକ୍ସପ୍ରେସ୍ ଗାଡ଼ିରେ କଟିଯାଇଥିବା ଲାଶଟା ଆଣିବା ଦାୟିତ୍ୱ ଏଇ ମୁକ୍ତିଧାମରୁ ଆସୁଥିବା ଗାଡ଼ି ଉପରେ । ଜିନ୍ଦାବାଦ୍ ।

ଦିନେ ଦିନେ ଅକସ୍ମାତ୍ ଏ ଗାଡ଼ି ଜଗନ୍ନାଥଙ୍କ ଦୟାରୁ ଅଧଘଣ୍ଟାଏ ଆଗରୁ ପହଞ୍ଚିଯାଇପାରେ ଯିମିତି ସେ ଦିନ ହେଲା । ଭାତଖିଆ ପେଟରେ ଧାଇଁ ଧାଇଁ ଚାଲିବାକୁ ଆରମ୍ଭ କରିଥିବା ଡ଼ବାରେ ଡ଼େଇଁ ଚଢ଼ିଗଲି । ଅବ୍ୟବହିତ ପୂର୍ବରୁ ଗୋଟାଏ ଦ୍ରୁତଗାମୀ ଗାଡ଼ି ଯାଇଥିବାରୁ ଏ ଗାଡ଼ି ଫାଙ୍କା । ସିଟ୍‌ରେ ବସିବା ପୂର୍ବରୁ ଧୂଳିସବୁ ଝାଡ଼ିବି ବୋଲି ରୁମାଲ ବାହାର କରୁଛି ଠଣ୍ କରି ଆଠଣିଟାଏ ତଳେ ପଡ଼ିଗଲା, ତାକୁ ଉଠାଇବାକୁ ଯାଉଛି ମୋ କହୁଣୀ କାହା ଦିହରେ ବାଜି ପୁଣି ତଳେ ପଡ଼ିଲା । ତାକୁ

Digitized by srujanika@gmail.com

ଉଠାଇ ପକେଟ୍‌ରୁ ଆଉ ଯାହା ରେଜା ଥିଲା ବାହାର କରି ପାପୁଲିରେ ରଖି ଗଣୁଛି, ଦେଖିଲି ଛିଟ ଫ୍ରକ୍ ପିନ୍ଧିଥିବା ଝିଅଟିଏ ମୁଦ୍ରାଗୁଡ଼ିକ ଉପରେ ନଜର ରଖି କହିଚାଲିଛି ପଚାଶ, ପଚିଶ, କୋଡ଼ିଏ, ଦଶ, ପାଞ୍ଚ, ଆହୁରି ଦଶ, ଆହୁରି କୋଡ଼ିଏ, ଏମିତି ।

ପ୍ରଥମେ ଭାବିଲି ଏ ଝିଅଟା ବୋଧହୁଏ କେଉଁ ଏକ ଅନ୍ଧୁଣୀକି ବାଟ କଢ଼ାଇ ଯାତ୍ରୀ ପରେ ଯାତ୍ରୀ ପାଖକୁ ନେଉଥିବ । କାରଣ କେତେଦିନ ଆଗରୁ ସେମିତି ଝିଅଟିଏ ଅତୀବ ସ୍ୱାସ୍ଥ୍ୟବତୀ ଯୁବତୀ ଭିଖାରୁଣୀର ଚକ୍ଷୁମତୀ ସହକାରିଣୀ ରୂପେ ଖଟୁଥିଲା, ଯେଉଁ ଅନ୍ଧୁଣୀଟି ଅତିକମ୍‌ରେ ଆଠଦଶ ଏକର ଜମି କିଣି ପିଲାଝିଲାର ମାଆ ହୋଇ ବସତି ବାନ୍ଧିଗଲାଣି । ମୋର ଏ ଧାରଣା ଅଚିରେ ଦୂର ହେଲା । କାରଣ ଝିଅଟି ଏକେଲା, ସାଙ୍ଗରେ କେହି ନାହିଁ । ଛାରପୋକର ଦୌରାତ୍ମ୍ୟରୁ ରକ୍ଷା ପାଇବା ପାଇଁ ଚମଡ଼ା ଫାଇଲ୍‌ବେଗ୍ ଥୋଇ ତାରି ଉପରେ ବସିଗଲି, ସାଇଡ୍ ସିଟ୍‌ରେ । ବେଗ୍‌ରୁ ଯେଉଁ ଯୋଡ଼ାଏ ଦୈନିକ ଖବରକାଗଜ ବାହାର କରିଥିଲି ତାକୁଇ ପଢ଼ି ପଢ଼ି ବିରକ୍ତି ଓ ଆଜେବାଜେ ଚିନ୍ତା ଦୂର କରିବା ଚେଷ୍ଟାକଲି । ଦେଖିଲି ଝିଅଟା ମୋ ଆଡ଼କୁ ଘୁଞ୍ଚି ଘୁଞ୍ଚି ଆସି ମୋ' ଦିହରେ ପ୍ରାୟ ଲାଗି ଛିଡ଼ାହେଲା ଏବଂ ମୁରୁ ମୁରୁ ହୋଇ ପଢ଼ିବାକୁ ଲାଗିଲା ଗୋଟି ଗୋଟି ଅକ୍ଷର "ଜାନକୀ ପଟ୍ଟନାୟକ ଦିଲ୍ଲୀରୁ ଫେରିଲେ ।" ପଢ଼ିଲାବେଳେ ପାଖରେ କେହି ଛଡ଼ାହେଲେ ମତେ ଅଡୁଆ ଲାଗେ । ମୁରୁ ମୁରୁ ହୋଇ ପଢ଼ିଲେ ଥକ୍‌କଡ଼ ଚଜାଇବାକୁ ମନ ହୁଏ ।

ଗୁରୁ ଗମ୍ଭୀର ସ୍ୱରରେ ତା' ଆଡ଼କୁ ନ ଚାହିଁ କହିଲି, "ଆଗ ସିଟ୍‌ଟା ଖାଲି ଅଛି, ବସୁନୁ ।"

ସେ ବସିଲା ଏବଂ ଗୋଡ଼ ଦୁଇଟା ଝୁଲାଇବାକୁ ଲାଗିଲା । କେଡ଼େ ଚଳଚଞ୍ଚଳ, କେଡ଼େ ବେପରୱା ।

ମୁଁ ତା' ଆଡ଼କୁ ସିଧାସଳଖ ଚାହିଁଲି । ଛୋଟିଆ ତନୁପାତଳୀ ଝିଅଟା । ଫ୍ରକ୍ ପିନ୍ଧଛି, ଛିଟ ଫ୍ରକ୍ । ଆଠ ନଅବର୍ଷ ହୋଇଥିବ । ନୂଆ ଫ୍ରକ୍‌ଟା ଏକାଦିକ୍ରମେ ଚାରି ଛଅ ଦିନ ପିନ୍ଧିବାରୁ ମଳିଆ, କୁଞ୍ଚୁକୁଞ୍ଚୁଆ ହୋଇଯାଇଛି । ଆଖି ଦୁଇଟା ଚିଲା ନୁହେଁ, ଈଷତ୍ ନୀଳ, ଇରାନୀ କିଶୋରୀର ଆଖି ପରି, ନାକରେ ସୋରିଷଠୁଁ ସାମାନ୍ୟ ବଡ଼ ଗୁଣା, ନକଲି ପିତଳର । କାନରେ ଚାରିଅଣିଆ ଝୁରିଲଗା ଫୁଲ । ବବ୍‌କଟିଙ୍ଗ ଚୁଳ । ଥରକୁଥର କପାଳରେ ପଡୁଛି । ଆଙ୍ଗୁଳି ନ ଲଗାଇ ମୁଣ୍ଡହଲାଇ ଥରକୁ ଥର ଛାଟି ନେଉଛି । ତାଳୁରୁ ତଳିପା ଦୁଇ ତିନି ଥର ଦେଖି ଏବଂ ତା'ର ନିରୀହ ସରଳ ଛୁଆ ହରିଣୀର ଆଖିଯୋଡ଼ିକୁ ନଜର କରି ଧାରଣା କଲି, ଏ ଟିକିଝିଅ କଦାପି ଚୋରଣୀ ବା ଭିଖାରୁଣୀ ଛୁଆ ହୋଇନପାରେ । ମୋ ଧନ ସମ୍ପଦ ଯା ପାଖରେ ନିରାପଦ । ଭୟ ନାହିଁ । ଖବରକାଗଜ ପଢ଼ିବାକୁ ଆରମ୍ଭକଲି ପୁଣି ।

Digitized by srujanika@gmail.com

"ଆପଣ କେଉଁଠାକୁ ଯିବେ ?" ସନ୍ତୁଷ୍ଟ ଆଗ୍ରହାନ୍ୱିତ ଚାହାଁଣୀରେ ତା'ର ପ୍ରଥମ ପ୍ରଶ୍ନ ।

"ଅମରଦା ରୋଡ୍ ।" କ୍ରିୟା କର୍ତ୍ତା ଲଗାଇ ପୂରା ବାକ୍ୟରେ ଉତ୍ତର ଦେଲି ନାହିଁ । ବିଲୋ ଷ୍ଟାଣ୍ଡାର୍ଡ଼ ।

"ମୋଠୁ ଗୋଟାଏ ଷ୍ଟେସନ୍ ଆଗ । ମୁଁ ବସ୍ତା ଯିବି ।" ତୋତେ କିଏ ପଚାରୁଛି ଯେ ତୁ ଆପେ ଆପେ ଚିହ୍ନେଇ ହେଉଛୁ ? ପ୍ରଶ୍ନଟି ମୋ ମନରେ ଉଦୟ ହେଲା; କିନ୍ତୁ ମୁଁ ନିର୍ବାକ୍, ଗମ୍ଭୀର ।

"ତୁ କେଉଁଠୁ ଆସିଲୁ ?" ପ୍ରଶ୍ନର ସେ ଅପେକ୍ଷା କରିଥିଲା । ମାତ୍ର ସେ ପ୍ରଶ୍ନ ନ ଆସିଲାରୁ ସେ ଏକତରଫା ଉତ୍ତର ଦେଲା, "ମୁଁ ଖନ୍ତାପଡ଼ା ଷ୍ଟେସନରୁ ଆସିଲି ।"

ଖୁସିଲାଗିଲା ଯେ ଭଲ ସାଙ୍ଗଟିଏ ପାଇଲି । ହେଲେ ଆଗେଇବାକୁ ଇଚ୍ଛା କଲିନାହିଁ । କାଗଜ ପୁଣି ଓଲଟାଇଲି ।

"କେତେ ବାଜିଲା ଆପଣଙ୍କ ଘଡ଼ିଲେ ? ଟ୍ରେନ୍ କେତେବେଳେ ଛାଡ଼ିବ ?" ନୀରବତା ଭାଙ୍ଗି ସେ ପଚାରିଲା ।

"ଦଶଟା ବତିଶ, ଦଶଟା ବାଇଶରେ ଛାଡ଼ିବା କଥା ।"

"ବହୁତ ସମୟ ଛିଡ଼ା ହେଲାଣି ।"

"ବ୍ୟସ୍ତ ହେଉଛୁ କାହିଁକି ? ଘରେ ଛୁଆ ଛାଡ଼ିଆସିଛୁ ନା କ'ଣ ? ଶେଷ କଥାଟି ପାଟିରୁ ବାହାରିପଡ଼ିଲାରୁ ଅଳ୍ପ ଲାଜୁଆ ହସ ହସିଲି, ନିଜର ସଂଯମ ଅଭାବରୁ ।

ସେ ସିଧାସିଧି କହିଲା, ମୋ କଥା ନ ଶୁଣିଲା ପରି ଭାବ ଦେଖାଇ, "ଭାରି ଭୋଖ ଲାଗିଲାଣି ।" ମୁଁ ଶୁଣିବି ନ ଶୁଣିବି ଗଳାରେ ।

ମୁହୂର୍ତ୍ତେ ଆଗରୁ ତା' ବିଷୟରେ ଯେଉଁ ଭଲ ଧାରଣାର ଉଦୟ ହୋଇଥିଲା ତାହା ଶିଶିରବିନ୍ଦୁ ପରି ଖରାରେ କ୍ଷଣକେ ଉଭାଇଗଲା । ଭାବିଲି, 'ଏ ଝିଅଟାର ମୋର ପଇସା ଉପରେ ଆଖି ରହିଛି, ଯେତେ ସରଳ ଜଣାଯାଉଥିଲା ତା' ନୁହେଁ । ମାଗିଯାଚି ଖାଇବା କୌଶଳ ତାକୁ ପୂରାମାତ୍ରାରେ ଜଣାଅଛି । ଅଭ୍ୟାସ ଛାଡ଼ିବ କେମନ୍ତେ ?'

ଆଉଥରେ ତା' ଆଖି ମୁହଁକୁ ଚାହିଁଲି, ଭାବୁଥାଏଁ ଟିକି ଝିଅଟା ନିଶ୍ଚୟ ଗରିବ । ବଡ଼ିଭୋର ନିଶ୍ଚୟ ଘରୁ ବାହାରିଥିବ, ଖାଇନଥିବ, ଭୋଖ କରୁଥିବ ।

"କିଛି ଖାଇବୁ ? ଏଠି କ'ଣ ଅଛି ଯେ, କେହି ବିକାଳୀ ୟାଡ଼କୁ ଆସୁନାହାନ୍ତି । ଆଚ୍ଛା, ତୁ ଯାଇ ପ୍ଲାଟଫର୍ମରେ କେଉଁଠି କ'ଣ ଥିବ ଆଣିପାରିବୁ ?" ଚେଲେଞ୍ଜ୍ ଗ୍ରହଣସୂଚକ 'ହଁ' ଶବ୍ଦଟା ଜୋରେ ବାହାରିଲା ତା' ଟିକି ମୁହଁରୁ । "ନେ ଆଠଣିଟା, ଶୀଘ୍ର ଓହ୍ଲାଇ ଯା, ଶୀଘ୍ର ଫେରିବୁ, ଗାଡ଼ି ଛାଡ଼ିଦେବ ।" ମଳିଆ ପୁରୁଣା କନା ଥଳିଟା କାନ୍ଧରେ ଝୁଲାଇ

Digitized by srujanika@gmail.com

ବାହାରିଯିବାକୁ ଉଦ୍ୟତ ହୁଅନ୍ତେ କହିଲି 'ଥଳିଟା କାନ୍ଧରେ ସଦାବେଳେ ଲଟକାଇଛୁ କାହିଁକି ? ମୁଁ ଚୋରି କରିବି ନାହିଁ, ଏଇଠି ଥଳି ରଖିଦେଇ ଯା ।"

ନିର୍ଭର ହୋଇ ଦମ୍ଭ ସହିତ ତଳକୁ ଓହ୍ଲାଇ ଯିବାର ଦେଖିଲି, ଦଣ୍ଡେ ପରେ ସେ ଫେରିଲା । ଆଶ୍ୱସ୍ତ ହେଲି ।

ଗାଡ଼ି ଛାଡ଼ିବାର ନାମଗନ୍ଧ ନାହିଁ, ସସ୍ଥାନରେ ପୁଣି ରଜାଝିଅ ପରି ନିଦକରେ ବସି କୋଳରୁ ଫ୍ରକ୍ ଭିତରୁ ତିନୋଟି ବଡ଼ ବଡ଼ ପାଣିଫଳ (ସିଙ୍ଗଡ଼ା) ବାହାର କରି ଚେୟାରରେ ଥୋଇଲା । ଗୋଟାକର ଚୋପା ଛଡ଼ାଇବାକୁ ଆରମ୍ଭ କରି ମୋ ଆଡ଼କୁ ସରସ ମୁହଁରେ ହସ ଖେଳାଇ ପଚାରିଲା 'ନବ ?' ଛଡ଼ା ସିଙ୍ଗଡ଼ାକୁ ମୋ ଆଡ଼କୁ ଦେଖାଇଲା, ମୋତେ ପ୍ରଲୁବ୍ଧ କରିବା ପାଇଁ ।

ମୋ ପେଟ ପୂରିଗଲା । ତା' କଥା ପଦକରେ, ଶିଷ୍ଟାଚାର ଜ୍ଞାନରେ । ଛୋଟ ଝିଅଟି ଏତେ ଶୀଘ୍ର କେମିତି ପାକଳ ହୋଇଯାଇଛି, ଓଳିଆରୁ ଗଜା ! ତୁ ଖାଆ, ମୁଁ ଏବେ ଘରୁ ଚା' ଖାଇ ଆସିଛି । ସେ ଗୋଟିକି ଗୋଟି ତିନୋଟିଯାକ ଛଡ଼ାଇ ବଳରାମ ସୁଭଦ୍ରା ଜଗନ୍ନାଥ କହି କହି ଧାଡ଼ିରେ ରଖିଲା ଏବଂ ଖାଇବାକୁ ଆରମ୍ଭ କଲା କଚ୍ କଚ୍ କରି, ଦେଖିଲି ତା' ଡ଼ାହାଣହାତ ବିଶିଆଙ୍ଗୁଳିରେ କାଳି ଲାଗିଛି । ତା'ର ଦୃଷ୍ଟି ଆକର୍ଷଣ କରି ପଚାରିଲି, "ଏଠି କାଳି କିମିତି ଲାଗିଲା ?" ସେ କହିଲା, "କାଳିଦୁଆତ ପଡ଼ି ଭାଙ୍ଗିଗଲା, ବହିଖାତା ସବୁ ନଷ୍ଟ ହୋଇଗଲା ।"

ଭାବିଲି, "ଭୋକ ମାରିବା ପରେ କାଳିଦୁଆତ ବହି ଖାତାପତ୍ରର ଅଭାବ ମୋ ଦେଇ ଦୂର କରିବାର ଏ ଆଉ ଏକ ଫିକର । କିନ୍ତୁ 'ସେ ଯାହା ନବ ନଉ' ଅବସ୍ଥାକୁ ମୋର ମନ ଆସିଗଲାଣି । କାଳିଦୁଆତ ବା ଅନ୍ୟକିଛି ତାକୁ ଦାନପ୍ରବଣ ହୋଇ ଦେବା ପୂର୍ବରୁ ତା' ବିଷୟରେ ଆଉ କିଛି ଜାଣିବା ଉଚିତ୍ ହେବ ବୋଲି ଭାବିଲି ।

"ତୋ ଘରଟା ଠିକ୍ କେଉଁ ଜାଗାରେ ? ରେଳଷ୍ଟେସନ୍ ପାଖ ଗାଁରେ ? ଯେଉଁଠି ଅନୁ ପାଣିଗ୍ରାହୀଙ୍କ ଘର ?"

"ନା, ନା, ଷ୍ଟେସନରୁ ଦୂର ହବ ।"

"ଗାଁଟାର ନାଆଁ ?"

"କୁଳିଗା"

"ତୋ ନାଆଁ କ'ଣ ?"

"ଶ୍ରୀମତୀ ସରୋଜିନୀ ମାହାନ୍ତି ?"

"ବାପା ନାଆଁ ?"

"ଶ୍ରୀଯୁକ୍ତ ସୁଦାମା ମାହାନ୍ତି ।" ମୋର ପୁରା ଠିକଣା ହେଲା ଶ୍ରୀମତୀ ସରୋଜିନୀ ମାହାନ୍ତି କେଆର୍ ଅଫ୍ ସୁଦାମ ମାହାନ୍ତି, ଗାଁ କୁଳିଗାଁ, ପୋଷ୍ଟ ଅଫିସ୍ ଖନ୍ତାପଡ଼ା, ଡ଼ିଷ୍ଟ୍ରିକ୍ଟ ବାଲେଶ୍ୱର ।" ଏକା ନିଃଶ୍ୱାସକେ ସଦର୍ପେ କହିଗଲା ।

Digitized by srujanika@gmail.com

"ବାପା କ'ଣ କରନ୍ତି ।"

"ଘରେ ନ ଥାନ୍ତି । କୁଆଡ଼େ ଚାଲିଯାଇଛନ୍ତି । ମାଆ କୁହେ ସେ କୁଆଡ଼େ ପାଗଳ ।"

"ଘରେ କିଏ କିଏ ଅଛନ୍ତି ?"

ବସେଇ ବସେଇ କହିଲା, "ମୁଁ, ମୋ ମାଆ, ମୋ ସାନଭଉଣୀ, ତା' ନାଁ ବିନୋଦିନୀ ମାହାନ୍ତି, ବଡ଼ଭାଇ, ଆଉ ବୁଢ଼ୀ ଗୋଟାଏ ।"

"ତୁ କେଉଁ କ୍ଲାସ୍‌ରେ ପଢୁ ?"

"ପଞ୍ଚମରେ" ଖୁବ୍ ଗର୍ବ, ଢେର ପଢ଼ିଲାଣି ବୋଲି । କହିଗଲା "ଭାଇ ହାଇସ୍କୁଲରେ, ଅଷ୍ଟମରେ ପଢ଼େ ।"

"ଜମିଜାଇଗା ଅଛି ?"

"ଅଧେ ଅଛି, ଅଧେ ବାପା ବିକିଦେଲା । ବଡ଼ନାନୀର ବାହାଘର ତିମାଣ ହଜାରେ, ସାନନାନୀ ବେଳକୁ ଦି'ହଜାର । ଦିମାଣ ଗଲା, ଆଉ ମାଣେ ଦିମାଣ ଥିବ ।"

"ହାତରେ ଚାଷ କର ?"

"ନା, ବଖରା ।"

କୁଉ.....ଉ.....ଉ......ଉ.... ଲମ୍ବା ହୁଇସ୍ଲ ପରେ ଛୋଟିଆ 'କୁଉ' ।

"ହେଇ ଗାଡ଼ି ଛାଡ଼ିଲା । ଅଜା, କେତେ ବାଜିଛି ? ପଢୁଥିଲା ବେଳକୁ ଭାତଖିଆବେଳ ପାର ହୋଇଯାଇଥିବ । ବଡ଼ ଭୋଖ କଲାଣି, ତିନିଟା ପାଣିଫଳ, ଖାଲି ପାଣି, ଭୋଖ ମରିବ ? ୟା' ପରେ ହଳଦୀପଦା ଷ୍ଟେସନ୍, ସେଇଠି ଯାହାହଉ ଚାରଣାର କିଣିବି ।" କହି ଯୋଡ଼ି ଦଶପଇଶି ଗୋଟାଏ ପାଞ୍ଚପଇସି ହାତ ପାପୁଲିରେ ଖେଳାଇଲା । ପାଣିଫଳ କିଣିବା ପରେ ସେତିକି ବଳିଥିଲା ବୋଧହୁଏ ।

ସବୁବେଳେ ଗୋଡ଼ ବୋଇଲେ ହାତ ଖଲବଲ କରୁଥାଏ । କଥା କହୁଥାଏ । ଆଖିରେ ଲଜ୍ଜରା ନାହିଁ, ମୁହଁରେ ଗରଳ ଦାଗ ନାହିଁ । ମୁଣ୍ଡ ବାହାର କରି ଖନ୍ତାପଡ଼ା ଷ୍ଟେସନ କେତେଦୂର ଅଛି ଦେଖୁଥାଏ । ଗୋଡ଼ ଦୁଇଟା ସେମିତି ହଲାଉଥାଏ, ଦେଖୁଥାଏ ପାଚିଲା ଧାନଖେତ, ଆଉ ଦୂରର ନୀଳ ସର୍ଣ୍ଣଚୂଡ଼ ପାହାଡ଼ ସେ ବି ପ୍ରକୃତିର ଖଣ୍ଡେ ଅଂଶ ଯିମିତି ।

ଖବରକାଗଜ ପଢ଼ା ବନ୍ଦ କରିଦେଲି ଏବଂ ବ୍ରିଫ୍‌କେଶ୍‌ରେ ରଖିଦେଲି ଫୋଲ୍ଡ କରି, ଝିଅଟା ବେଶୀ ଆକର୍ଷଣୀୟ ହେଲା । ଯେତେ ଦୂରେଇ ଯିବାକୁ ଚେଷ୍ଟାକରୁଛି ସେତେ ତା' ଆଡ଼କୁ ଟାଣିହୋଇଯାଉଛି ପରି ଲାଗୁଥାଏ ।

ନୂଆକରି କଥାର ଖିଅଧରି ପଚାରିଲି, "ବସ୍ତା କାହା ଘରକୁ ଯାଉଛୁ ?"

"ନାନୀ ଘରକୁ ।" 'କାହିଁକି' ନ ପଚାରୁଣୁ ପ୍ରଗଲ୍‌ଭା ନାୟିକା ପରି କହିଗଲା "ପଢୁଆଁ ମନାଇବି, କାଲି ପରା ପ୍ରଥମାଷ୍ଟମୀ, ନାନୀକି ନୁହେଁ ତା'ରି କଟି ଝିଅକୁ ଗଲାବର୍ଷ ଏଇ ପ୍ରଥମାଷ୍ଟମୀ ଦିନ ତା'ର ଜନ୍ମପରା ।"

Digitized by srujanika@gmail.com

ମୁଁ କାବ୍‌ବା । ଆରେ, ମୁଁ ବି ପଢୁଆଁ । ମୋର ମନେ ନଥିଲା କାଲି ଅଷ୍ଟମୀ ବୋଲି, ଏତିକି ଟିକେ ଝିଅ, ଯାକୁ କିଏ ପଢୁଆଁ ମନାନ୍ତା ନା ଇଏ ଯାଉଛି ଆଉ କାହାକୁ ପଢୁଆଁ ମନାଇବ । କଉତୁକ କରି କହିଲି, "ହଇରେ ଝିଅ ! ମୋର କେହି ନାହିଁ ମତେ ପଢୁଆଁ ମନାଇବାକୁ । ତୁ ମତେ ଏ ବର୍ଷ ପଢୁଆଁ ମନାଇବୁ ?"

"ତୁମ ମାଆ, ବାପା, ଚିର୍ଲା, ଝିଅବୋହୂ କେହି ନାହାନ୍ତି ?" କରୁଣ 'ନା' ଶବ୍ଦଟିଏ ମୁହଁରୁ ବାହାରିଲା ।

"ତୁମେ ନୂଆଲୁଗା ହେଉ ବା ଜାମା ହେଉ ତୁମ ପାଇଁ କିଣି ରଖିଥିବ । ଫେରିବା ବାଟରେ ତୁମ ସାଥିରେ ଓହ୍ଲାଇ ତୁମ ଘରକୁ ଯିବି । ଗଲା ଦୁଇବର୍ଷ ନାନୀକି ମନାଇଥିଲି ଏଥର ତା'ରି କୁନି ଛୁଆକୁ ମନାଇଥାନ୍ତି ନ ହେଲେ ତୁମକୁ ମୋର ବୁଢ଼ା ଅଜାକୁ ମନାଇବି । ଏଇ ଦେଖ କୁନିଛୁଆ ପାଇଁ କ'ଣ ଆଣିଛି ।"

କାନ୍ଧରେ ଝୁଲୁଥିବା ଥଳି ମେଲାକରି ତହିଁରୁ ଛୋଟ ଫ୍ରକ୍ ପେଣ୍ଟ୍, ରବର ରିଂ ଫିଟାଇ ଦେଖାଇଲା । "ଏଇଟା ମାଆ କିଣି ଦେଇଚି ।" କହି ଶାଳପତ୍ର ଠୁଙ୍ଗାରୁ ଦଶ ପଇସାର ମିଠେଇଟିଏ ଦେଖାଇଲା । ଥଳି ଭିତରେ ଆଉ କ'ଣ ଥିବ କୌତୁହଳୀ ହୋଇ ଉହୁଙ୍କି ଚାହିଁଲି । ପାଞ୍ଚ ଛଅଟା କଇଁଥ ବେଲ । ତା' ମାଆ ଜାଣେନି ଆମ ପଟର ଗୀତଟା "କୋଳି କଇଁଥ କରମଙ୍ଗା, ଏ ତିନିହେଁ ଅନୁକୂଳ ଭଙ୍ଗା ।" ଅଶୁଭ ହେବ ନିଶ୍ଚୟ ।

ଆଦ୍ୟ ମଗୁଶିର ପହିଲା ଉତ୍ତରା ସହିତ କାରୁଣ୍ୟର ସ୍ପର୍ଶ ବାରମ୍ବାର ଅନୁଭବ କରୁଥାଏଁ । କହିଲି "ଝିଅରେ, କାହିଁକି କେଜାଣି ତୋତେ ମୋରି ଭାରି ଶରଧା ହେଉଛି, ତୁ ମୋର ନାତୁଣୀ ପରି ଦିଶୁଛୁ, ଠିକ୍ ଗୋପା ପରି, ତୋଠୁଁ ସେ ଟିକିଏ ଡେଙ୍ଗୀ ଗୋରୀ, ତୋ'ରି ବୟସ ହବ ।"

"ମୁଁ ବି ତ ତମକୁ ଅଜା କରିଛି । ଗୋପା କେଉଁ କ୍ଲାସରେ ପଢୁଛି ?"

"ଅଷ୍ଟମରେ ।"

"ତେବେ ସେ ମୋଠୁଁ ଢେର ବଡ଼, ନହେଲେ ଅଷ୍ଟମରେ ପଢ଼ନ୍ତା ନାହିଁ, ଅଜା, ଏଇ ହଳଦୀପଦା ଆସିଲା । 'ଚାଆ' 'ଚାଆ' ଡ଼ାକି ଡ଼ାକି ଲୋକଟା ଆସିବ । ଠିକ୍ ଚା'ବାଲାର ସ୍ୱର ଅନୁକରଣ କରି 'ଚାଆ' 'ଚାଆ' କହିଥିଲା । ମୁହୂର୍ତ୍ତକେ ଚା' ବାଲା କିରାସିନୀ ଗନ୍ଧ ଓ କ୍ଷୋଭର ଉଷ୍ମତା ନେଇ ଆସିଗଲା ।

"ଏ ଚା'ବାଲା, ପଚିଶ ପଇସାରେ କପେ ଚା' ଏ ଝିଅକୁ ଦବୁ ।" ସରୋଜିନୀ ତରଫ ନେଇ ପଚାରିଲି । ଚା'ବାଲା କାହିଁକି ବା ରୋମାଣ୍ଟିକ୍ ହେବ ? ଅନ୍ୟଆଡ଼େ ଚାଲିଗଲା, "ଏତେ ସାନବେଳୁ ତ ଶସ୍ତାଖିଆ ହେଲାଣି, ପଛକୁ କ'ଣ ନ ହବ ?" କହି କହି ଚା' ବାଲା ଢ଼ାଳିଥିବା ଚା' କପ୍‌କୁ କେଟିଲିରେ ଢ଼ାଳିଦେଇ ଅନ୍ୟତ୍ର ଚାଲିଗଲା ।

ଝିଅଟା କହିଲା, "ରୂପ୍‌ସା ଷ୍ଟେଲ୍‌ରେ ଜଳଖିଆ ମିଳିବ, ଚା' ବି ମିଳିବ । ଶସ୍ତାରେ । ନ ଦେଉ ।"

Digitized by srujanika@gmail.com

ମୋର ବୟସ ସତୁରୀ, ଇଂରାଜୀ ଏମ୍.ଏ., ଦୁଇ ଦୁଇଟା ମହାସମର ଦେଖିଲିଣି । କଲେଜରେ ପାଠ ପଢ଼େଇ, ପ୍ରିନ୍ସିପାଲ ହୋଇ ଜୀବନ କଟିଲା, କିନ୍ତୁ ସରୋଜିନୀର ଜ୍ଞାନ ଓ ଅଭିଜ୍ଞତା ମୋଠୁ ବେଶି ପରି ମତେ ଲାଗୁଥାଏ ।

ଖିଆଲରେ ପଚାରିଲି "ସରୋଜିନୀ, ତୁ ମୋ' ଘରେ ରହିବୁ ? ଖାଇବୁ, ପିନ୍ଧିବୁ, ପଢ଼ିବୁ, ତୋର ସବୁ ଖର୍ଚ୍ଚ ମୋର । ତୁମେ ତ ଫେର ଦୁଇ ଭଉଣୀ ଅଛ ବାହା ହବାକୁ । ଡ଼ିମାଣ୍ଡରେ ବାକୀ ଦିମାଣ ଜମି ଚାଲିଯିବ । ରହିବୁ ?"

"ରହନ୍ତି ଯେ, ମାଆ ମନା କରିବ । ଗରିବ ହେଲେ ବି ମାଆ ଆମକୁ ଖଟିନୁଟି ଖାଇବାକୁ ପର ଘରକୁ ଛାଡ଼ିବ ନାହିଁ । ମତେ ନେବ ବୋଲି ଜଣେ ଧନୀ ମହାଜନ ମାଆକୁ ଢ଼େର ଲୋଭ ଦେଖାଇଲା । ମାଆ ମନାକଲା । ମୋ ତଳ ଭଉଣୀକି ଦେଇ ଦେବ ।"

"କାହିଁକି ?"

"ସେ ଭାରି ଚଗଲା, ଦୁଷ୍ଟ, ମାଙ୍କଡ଼ୀ, କଥା ମାନେ ନାହିଁ, ପଢ଼େ ବି ନାହିଁ । ମାଆ ତାକୁ ଭାରି ଚିଢ଼େ ।"

"ମୁଁ ତାକୁ ଆଣିବି; ତା' କପ୍ ପ୍ଲେଟ୍ ନିଆଅଣା, ବାସନକୁସନ ଧୁଆପୋଛା, ଘର ଖରକାଖରକି ପାରିବନି ?"

"ବେଶ୍ ପାରିବ ।"

ରୂପ୍‌ସା ଷ୍ଟେସନ । ଏଠାରୁ ଗାଡ଼ି ଯିମିତି ଆଉ ଯିବ ନାହିଁ ସେମିତି ଲାଗିଲା । ଚାରିଚାରିଟା ମାଲଗାଡ଼ି ଅତିକ୍ରମ କରି ଯାଉଥାନ୍ତି, ଆମ ଗାଡ଼ି ଠିଆ ହୋଇଥାଏ । ଜନମଙ୍ଗଳ ରାଷ୍ଟ୍ରର ଅର୍ଥନୀତିରେ ମାଲ ମଣିଷ ଅପେକ୍ଷା ବେଶି ମୂଲ୍ୟବାନ ଏଣୁ ମାଲବାହୀ ଗାଡ଼ିର ଅଗ୍ରାଧିକାର ।

ଶ୍ରୀମତୀ ସରୋଜିନୀରେ ପଚିଶ ପଇସା ବଳିଛି । କ'ଣ ଖାଇବ ? କେଣ୍ଟିନ୍‌ରୁ ବାସି ପଚା ଖାଦ୍ୟ ଖାଇବ ନାହିଁ । ସରୋଜିନୀ ଚାରିଟା ସେଥିରୁ କିଣିଲା, ଏତିକିବେଳେ କାଠବାକ୍ସରେ ପୂରା ଭର୍ତ୍ତିକରି ବିକାଳୀଟିଏ ଦେଶୀକାଠୁଆ ବିସ୍କୁଟ୍ ଆଣିଲା । ମୁଁ ଆଉ ଗୋଟେ କୁହାବୋଲା କରି ମଗାଇ ଦେଲି, କଚ୍ କଚ୍ କଡ଼ କଡ଼ କରି ମାତ୍ର ମିନିଟ୍‌ରେ ସବୁ ଶେଷ କରିଦେଲା । ମୋର ପାକୁଆ ପାଟି ଆଁ କରି ତା'ର ଚୋବାଇବା ଭଙ୍ଗୀକି ଚାହିଁ ରହିଥାଏ ।

ନୂଆଗାଁ ହଲ୍‌ଟରେ କାଚ ଜାର୍‌ରେ ଆସିଲା ଲଜେନ୍ସ । "ଖଟାମିଠା ଲେମ୍ବୁ ନାରଙ୍ଗ, ଗୋଟି ଦଶ ପଇସା ତିନିଟା ପଚିଶ ।" ସେଥିରୁ ତିନିଟା କିଣିଦେଲି । ଝିଅଟା ଏତେ ଲାଳ ଝରାଇ ଚଟାଚଟି କରି ଖାଇଲା ଯେ ହାତମୁହଁ ଅଠା ହୋଇଗଲା । "ତୁ ଅପରଛନିଆଟା" କହିଲି । ହାତଟାକୁ ମୁଣ୍ଡରେ ପୋଛିଦେଇ ଦାନ୍ତନିକୁଟି ହସିଦେଲା ।

Digitized by srujanika@gmail.com

ବସ୍ତାରେ ଅନ୍ତତଃ ଅଧାଘଣ୍ଟାଏ ଛିଡ଼ାହବ ଆମ ଟ୍ରେନ୍ । ଅନ୍ତତଃ ଶହେ ବୋରା ପାନଝୁଡ଼ି ଲୋଡ଼ିଂ ହବ । ସରୋଜିନୀ ଓହ୍ଲାଇଲା, ମୁଁ ବି ଓହ୍ଲାଇଲି ତା' ସହିତ, ଟ୍ରେନ୍ କେତେ ସମୟ ଛିଡ଼ାହେବ ସେ ଭିତରେ ଆମେ ପ୍ରଥମାଷ୍ଟମୀ ବିଷୟରେ ନିଷ୍ପତ୍ତି ଗ୍ରହଣ କରିବା ।

ପ୍ଲାଟଫର୍ମର ନିଦ୍ରାବତୀ ଗଛମୂଳରେ ଛିଡ଼ାହୋଇ ଶହେବୋଝ ପାନ ଲୋଡ଼ିଂ ସମୟତକ ଭିତରେ ପ୍ରୋଗ୍ରାମ ଠିକଣା କଲୁ । ମୋ କାମ ସାରି ଫେରନ୍ତା ଅଶନଶୋଲ ଗାଡ଼ିରେ ମୁଁ ଆସିବି । ସେ ନାନୀ ଘରେ ରାତି ରହିବା କେନସେଲ କଲା । କହିଲା, "ନାନୀ ତା' ଛୁଆକୁ ପଢ଼ୁଆଁ ମନେଇଦବ, ମୁଁ ଜିନିଷସବୁ ତାକୁ ଦେଇ ଫେରିଯିବି, ତୁମକୁ ପଢ଼ୁଆଁ ମନେଇବାକୁ ତୁମର କେହି ନାହିଁ । ତୁମ ଘରେ ରାତି ରହିବି । କାଲି ଭଦ୍ରଖ ଲୋକାଲରେ ଘରକୁ ଫେରିବି ତୁମକୁ ପଢ଼ୁଆଁ ମନେଇସାରି । ତେବେ ତୁମେ ତୁମ ଧୋତି, ଜାମା, ମିଠାଇ ଅମରଦା ରୋଡ଼ରୁ ସାଙ୍ଗରେ ଧରି ଫେରିବ । ହେଲା ତ ?"

"ହେଲା ତୋରି କଥା । ତୁ ଆରପଟ ପ୍ଲାଟ୍‌ଫର୍ମରେ ଯେଉଁଠି ସେଇ ସିମେଣ୍ଟ ବେଞ୍ଚ ଅଛି ତାରି ପାଖରେ ଛିଡ଼ା ହୋଇଥିବୁ । ଗାଡ଼ି ଫେରିଲାବେଳେ ମିନିଟ୍ଏ ରହିବ ଜାଣିଥା । ମୁଁ ପଢ଼ୁଆଁ ମାନିବାର ସବୁଚିଜ ସାଙ୍ଗରେ ଆଣିବି ମୋ ପାଇଁ, ତୋ ପାଇଁ ଫ୍ରକ୍ ନ ହେଲେ ଛିଟକନା ଆଣିଥିବି ।"

ଆନନ୍ଦାତିଶଯ୍ୟରେ ସରୋଜିନୀ କହିଗଲା, "ଅଜା, ମତେ ଭାରି ଖୁସି ଲାଗୁଛି । ତୁମକୁ ଜଞ୍ଚା ହଳଦୀ ମଖାଇବି, ସିନ୍ଦୁର ଚନ୍ଦନ ଦେବି, ମନ୍ଦିରକୁ ଯିବା, ଭୋଗ ଲଗାଇବା । କୁଞ୍ଚଛାଡ଼ି ନୂଆଲୁଗା ପିନ୍ଧି ନୂଆଜାମା ଯୋଡ଼ି ତୁମେ ଯେତେବେଳେ ଚାଲିଥିବ କେତେ ସୁନ୍ଦର ନ ଦିଶିବ। ମୁଁ ଶଙ୍ଖ ହୁଳହୁଳି ଦେଉଥିବି ।"

"ଆହୁରି ଭଲ ଦିଶନ୍ତା । କନିଆଁଟିଏ ମୋ' ଆଗରେ ଚାଲିଥିଲେ ।"

ଖିଲିଖିଲି ହୋଇ ହସି ସରୋଜିନୀ କିହଲା "ଅଜା, ତୁମେ ଖୁବ୍ ରସିକ ଅଛ । ସତ କହୁଛି ଅଜା, ତୁମକୁ ଏମିତି ପଢ଼ୁଆଁ ମନାଇବି ତୁମ ମାଆ, ସ୍ତିରୀ, ତୁମ ଝିଅ ବୋହୂ କେବେ ସେମିତି ପାରିନଥିବେ ।"

ଗାଡ଼ି ଖଣ୍ଡେଦୂର ଯାଇ ତା' ଦୃଷ୍ଟିରୁ ଅନ୍ତର୍ଦ୍ଧାନ ହେଲାଯାଏ ସେ ତା' ଟିକି ହାତ ହଲାଉଥାଏ । ଦିନଯାକ ମୋର ଭାରି ଖୁସିରେ କଟିଲା । ସେ ଝିଅ ପୁଣି ମୋ ସାଙ୍ଗରେ ବାଲେଶ୍ୱର ଯିବ, ମୋ ଘରେ ରାତି କଟାଇବ, ସକାଳେ ପଢ଼ୁଆଁ ମନେଇବ । କି ଆନନ୍ଦ! ରାତିରେ ମୋର ନିଦ ହବନି ।

ବରାଦି ପୂଜା ସରଞ୍ଜାମ କିଣି ମୁଁ ଆସି ଆନନ୍ଦ ଉତ୍ସୁକରେ ଫେରନ୍ତା ଅଶନଶୋଲ ଧରିବା ପାଇଁ ଷ୍ଟେସନରେ ହାଜର ।

Digitized by srujanika@gmail.com

"ଅଶନଶୋଲ ଟ୍ରେନ୍‌ର ଖବର କି, ମାଷ୍ଟରବାବୁ ?" ଏ ପ୍ରଶ୍ନର ଉତ୍ତର ଏଇପରି । ରାଇଟ୍ ଟାଇମ୍, ଅଧଘଣ୍ଟେ ଲେଟ୍, ମାଲଗାଡ଼ି ଗଲାପରେ ଆସିବ ଘଣ୍ଟାଏ ଲେଟ୍ । ଦୁଇଘଣ୍ଟା ଲେଟ୍ । ସବାଶେଷରେ 'ଅଶନଶୋଲ କେନ୍‌ଶେଲଡ୍ ଏଣେ ଷ୍ଟେସନ୍ ପ୍ଲାଟଫର୍ମଯାତ୍ରୀ ସମାଗମରେ ସାଁ ସାଁ କରୁଛି । କାଲି ପ୍ରଥମାଷ୍ଟମୀ ଛୁଟି, ଅପ୍‌ଶନାଲ ଛୁଟି । ତା' ପରଦିନ ସେକେଣ୍ଡ ସଟରଡ଼େ, ରବିବାର । ସମସ୍ତେ ଉତ୍ସୁକ, ଉଦ୍‌ଗ୍ରୀବ । ବାସ୍ ସବୁ ଓଭାରଲୋଡ଼େଡ୍ ।

ଐତିହାସିକ ଅଗଷ୍ଟ ନଅରୁ ପୂରା ଛାତ୍ର ସମାଜ ଦେଶର ବିପତ୍ତି ବେଳେ କିପରି ଆଗେଇ ଆସିଛି । ସିଗ୍‌ନାଲ କେବିନକୁ ଆକ୍ରମଣ କରି ପରବର୍ତ୍ତୀ ଏକ୍ସପ୍ରେସ୍‌କୁ ଛିଡ଼ା କରାଯାଇପାରେ । ଲିଡ଼ରମାନେ ଲାଗିପଡ଼ିଲେ । ଇଷ୍ଟକୋଷ୍ଟ ଛିଡ଼ାହେଲା । କେତେଜଣ ଛାତ୍ର ମୋତେ ପଛପଟୁ ଠେକି ଟ୍ରେନ୍‌ର ପ୍ରବେଶ ଦ୍ୱାରରେ କୌଣସିମତେ ଛିଡ଼ା କରାଇଲେ, ଦି' ଡ଼ର୍ଜନ ପାଚେଲା କଦଳୀରୁ ଗୋଟିଏ ମଧ ମିଳିଲା ନାହିଁ । ଅନ୍ୟ କେତେଜଣ ପିଲା କାନ୍ଥଟିଏ ରଚନା କରି ମୋତେ ପଡ଼ିଯିବାରୁ ରକ୍ଷା କରୁଥାନ୍ତି ।

ବସ୍ତାରେ ବି ଏକ୍ସପ୍ରେସ୍ ଛିଡ଼ାହେଲା । ସରୋଜିନୀ ସିମେଣ୍ଟ ବେଞ୍ଚ ପାଖରେ ପ୍ରତିଶୃତି ପାଳିଛି କି ନାହିଁ ଜାଣିବାର ଉପାୟ ନାହିଁ । ହାତ ଗୋଡ଼ ହଲଚଲ ହବାର ଜୁ ନାହିଁ ।

ବାଲେଶ୍ୱର ଷ୍ଟେସନରେ ଚାରି ଛଅ ଥର ଅଟକିବା ପରେ ଗାଡ଼ି ଛିଡ଼ାହେଲା । ଛାତିଫଟାଇ ଲୋକଲଜ୍ଜା ନ ମାନି ପ୍ଲାଟଫର୍ମରେ "ସରୋଜିନୀ, ସରୋଜିନୀ" ଚିତ୍କାର କରି ଏପଟ ସେପଟ ଧାଁଧପଡ଼ କଲି । କଦଳୀ ବାଦ୍ ଫେଣାର ଡ଼େମ୍ଫଟି ରଶିରେ ଝୁଲୁଥାଏ ମାତ୍ର ।

ତା'ପରେ ରାତି ପାସେଞ୍ଜର, ପରଦିନ ସକାଳଗାଡ଼ି, ଦଶଟାବେଳର ଉଦ୍‌ଖ ଲୋକାଲ ପ୍ରତ୍ୟେକ ଗାଡ଼ିରେ ତଦାରଖ କରିଛି, 'ସରୋଜିନୀ, ସରୋଜିନୀ' ଡ଼ାକରେ ପ୍ଲାଟଫର୍ମ କମ୍ପାଇ ପ୍ରତିଧ୍ୱନି ସୃଷ୍ଟି କରିଛି । ତାକୁ ପାଇନାହିଁ । ପ୍ରଥମାଷ୍ଟମୀ ମାନିପାରି ନାହିଁ ।

ପୁଣି ପ୍ରଥମାଷ୍ଟମୀ ଆସୁଛି । ପ୍ରଥମାଷ୍ଟମୀ ମାନିବାର ଆଉ ଚେଷ୍ଟା କରିଚି କି ନାହିଁ ସେକଥା ପଛକୁ ଥାଉ; କିନ୍ତୁ ଜୀବନର ଶେଷଯାକେ ବର୍ଷକୁ ବର୍ଷ ଯେତେଦିନ ପ୍ରଥମାଷ୍ଟମୀ ଆସୁଥିବ, ପ୍ରଥମ କରି ଯେଉଁ ବାପମାଆ ମୋତେ ଏ ଦୁନିଆଁକୁ ଆଣିଥିଲେ, ତାଙ୍କୁ ମନେପକାଏ ନ ପକାଏଁ ନିଶ୍ଚୟ ମନେକରୁଥିବି କୁଳିଗାଁର ସେଇ ଟିକିଝିଅ ଶ୍ରୀମତୀ ସରୋଜିନୀ ମାହାନ୍ତି କେଅର ଅଫ୍ ସୁଦାମ ମାହାନ୍ତି ପୋ:ଅ: ଖନ୍ତାପଡ଼ା, ଜିଲ୍ଲା ବାଲେଶ୍ୱରକୁ । ଆଉ ସେଇ ଜଗନ୍ନାଥଙ୍କୁ ଚୈତନ୍ୟଦେବ ସହିତ ଯୋଡୁଥିବା ଟ୍ରେନ୍‌ଟିକୁ ଯେ, ଆମ ଦୁଇଙ୍କୁ ଏକାଠି କରି ପୁଣି ଅଲଗା କରିଦେଲା ।

Digitized by srujanika@gmail.com

# ଅବଶୋଷ

ପଚାରିବ ନ ପଚାରିବ ତର୍କଣା କରି ଅବଶେଷରେ ଦିନେ ପଚାରିଦେଲି, "ବାପା ! ତୁମ ଜୀବନରେ କ'ଣ ଅବଶୋଷ ରହିଗଲା ?" ମୋ'ରି ମୁଡ୍ ନେଇ ବାପା ଉତ୍ତର ଦେଲେ, "ମୁଁ କ'ଣ ଫାଶିକାଠକୁ ଯାଇଛି ଯେ ତୁ ମୋର ଶେଷ ଇଚ୍ଛା, ଅଭିଳାଷ ଜାଣିବାକୁ ଚାହୁଁଛୁ ?"

"ଫାଶିକାଠ କହୁନି ବାପା ! ତ୍ରିଗୁଣ ରଜ୍ଜୁଧରି ଯିଏ ଆମକୁ କଣେଇ ନାଚ ନଚାଉଛି, ସେ କେତେବେଳେ କାହାକୁ ଉପରକୁ ଉଠେଇ ନେବ, କିଏ କହିପାରିବ ? ତୁମର ଚଉରାଶି ଚାଲିଲା ପରା ଆଜି ପାଖରୁ, ଜାନୁଆରୀ ପହିଲାଠୁ । ସତରେ କୁହନା ତୁମ ଜୀବନରେ କ'ଣ ଅବଶୋଷ ରହିଗଲା । ଚେଷ୍ଟାକରିବି ହୁଏତ ତାକୁ ପୂରଣ କରିବା ପାଇଁ ।"

ଉତ୍ତର ଦେବା ପାଇଁ ବାପା ଦଣ୍ଡେ ସିରିଅସ୍ ହୋଇଗଲେ । ମୁଁ ବି ତାଙ୍କ ମୁହଁରୁ ଉତ୍ତର ସ୍ଫୁରିବାକୁ ନଜର କରୁଁ କରୁଁ ଭାବିଗଲି ତାଙ୍କୁ ମୋର ଅଦେୟ କାଳେ କ'ଣ ରହିଯାଇଛି ।

ସେ ଥିଲେ ଏକ ଦୀନ ଦରିଦ୍ର ଭିଖାରୀ ବ୍ରାହ୍ମଣ । ମାଗିଯାଚି କାଖେଇ କାନ୍ଧେଇ, ରକ୍ତ ଦେଇ, ରୋଗ ଶଯ୍ୟାରୁ ବାରମ୍ବାର ବଞ୍ଚାଇ ପାଠଶାଠ ପଢ଼େଇଥିଲେ ଏବଂ ଅପର୍ଯ୍ୟାପ୍ତ ସ୍ନେହ, ସେବା, ତ୍ୟାଗ ବିନିମୟରେ ମୋତେ ମଣିଷ କରିଥିଲେ । କୃତଜ୍ଞ ପୁତ୍ର ଆକାରରେ ମୁଁ ବି ସିମିତି ତାଙ୍କ ମନଜାଣି ସବୁ ଦେବାର ଚେଷ୍ଟା ଜୀବନଯାକ କରିଆସିଛି, ଯିମିତି କି ପ୍ରୀତି, ତୃପ୍ତି ସେ ପାଆନ୍ତି ତାଙ୍କ ବଡ଼ପୁଅ ପାଖରୁ ଏବଂ ତାଙ୍କ ଅନ୍ତେ ତାଙ୍କ ଅତୃପ୍ତ ଆତ୍ମାଟା ଯେପରି ମୋତେ ସପ୍ନରେ ସୁଦ୍ଧା ଆସି ନ କୁହେ, "ବାପା ମୋତେ ଏଇଟା ଦେଲୁନି, ସେଇଟା ଦେଲୁନି ।"

ପୁଷମାସିଆ ଶୀତ ସକାଳେ ସେ ଦିନେ ଧୁନି ପାଖରେ ବାଡ଼ିପଟ ଖଳାରେ ଆତଗଛ ମୂଳେରେ ବସି ମୋଟା ମୋଟା ବୁଢ଼ା ଗଣ୍ଠିଆ ହାତ ଆଙ୍ଗୁଳିଗୁଡ଼ାକୁ ଏପଟ ସେପଟ କରି ଉଷୁମ କରୁଥାନ୍ତି ଏବଂ ମଝିରେ ଖଣ୍ଡିଏ ଖଣ୍ଡିଏ ଛୋଟ କାଠି ନିଆଁରେ ପକାଉଥାନ୍ତି । ମୁଁ ପାଖରେ ବସି ଏଇ ପ୍ରଶ୍ନଟି ପଚାରିଲି । ଦଣ୍ଡେଯାଏଁ ସେ ଭାବୁଥାନ୍ତି । ମୋ ପ୍ରଶ୍ନର ଉତ୍ତର ଖୋଜୁଥାନ୍ତି କି ମାଆ ମାଉସୀ କଥା ଭାବୁଥାନ୍ତି ଜାଣି ହେଉନଥାଏ । ମାତ୍ର ବର୍ଷେ ହେଲା ଆମେ ମାଆକୁ ହରାଉଛୁଁ । "ମାଆ କହିଲେ, ମୁଁ ରମା ଉମା ଆଦି ସରଗର ନାରୀମାନଙ୍କ କଥା ଭାବେନି । ମୁଁ ଭାବେ ମୋତେ ଜନ୍ମଦେଇ କ୍ଷୀର (ରକ୍ତ) ଦେଇ ଯେ ବାରବ୍ରତ ପୂଜା ଉପାସ କରି ମୋତେ ବଢ଼ାଇ ବଞ୍ଚାଇ ପାଳିଥିଲା, ସେଇ ମାଆ ରୁକ୍ମିଣୀ କଥା । ଯାହାର ଡ଼ାକ ନାଆଁ ଜେଜେବାପା ଦେଇଥିଲେ କାନ୍ଦୁରୀ । ଛଅବର୍ଷଠୁ ସେ ବାପଘର

ଝଙ୍କାର, ୩୮ ଶ ବର୍ଷ, ୭ମ ସଂଖ୍ୟା, ତୁଳ ୧୩୯୪, ଅକ୍ଟୋବର ୧୯୮୭ ।

Digitized by srujanika@gmail.com

ଛାଡ଼ି ଆମ ଘରେ ତା' ମା'ବାପାଙ୍କୁ ମନେପକାଇ ଲୁହଝରାଇ ଭୋକ ଉପାସରେ କାନ୍ଦୁଥିଲା ଏବଂ ପରେ ଆମକୁ ଚାହିଁ ଅନନ୍ତ ଆଗ୍ରହରେ ବଞ୍ଚୁଥିଲା ଏଇ ବାପା ପାଇଁ, ଯେ ମୋରି ପାଖରେ ବର୍ତ୍ତମାନ ବସିଛନ୍ତି।

ଅବଶେଷରେ ଶେତା ଆଖିରେ କିଛି ଜ୍ୟୋତି ଫୁଟାଇ ବାପା କହିଲେ "ପ୍ରଶାନ୍ତରେ! ମତେ ଖୁବ୍ ଆଶ୍ଚର୍ଯ୍ୟ ଲାଗୁଛି, ତୁ ଭୋର ସକାଳଟାରେ ଅନ୍ୟସବୁ କଥା ଛାଡ଼ି ଏଇ ମରମ କଥାଟି କିମିତି କାହିଁକି ପଚାରିଲୁ। ତୋ' ମାଆ ଚାଲିଗଲା ପରେ ଖିଆପିଆ ଦିହପାଆ ଜମିଜାଇଗା, ଧନସମ୍ପତ୍ତି କିଛି ଚିନ୍ତା ନାହିଁ। ମୋର ଅଭାବ ଅସୁବିଧା ବି କିଛି ନାହିଁ। ଅବଶୋଷ କଥା ପଚାରୁଛ ? ତୁମେସବୁ ପୁଅ ଝିଅ ମିଳିମିଶି ଅବଶୋଷ, ଓରମାନ ବୋଲି କିଛି ରଖି ଦେଇନ। ସବୁ ଖାଇଛି, ସବୁ ଜାଗା ବୁଲିଛି, ସବୁ ଦେଖିଛି। ବଡ଼କଥା ହେଲା ତୋରି ଚେଷ୍ଟାରେ ମୁଁ ସଂସ୍କୃତ, ଇଂରାଜୀ, ବଙ୍ଗଳା ଅକ୍ଷର ପାଠଶିଖି ପଢ଼ାପଢ଼ି କରି ଆନନ୍ଦ ପାଉଛି। ତା'ଛଡ଼ା ତୋ ମାଆ ତ ମତେ ରଜା କରି ଦେଇଥିଲା, ଗରିବ ଦୁଃଖୀ ବୋଲି ମୁଁ କେବେ ନିଜକୁ ଭାବି ପାରିନଥିଲି। ସେ ଯାହା ବାକି ରଖିଥିଲା ତୁମେ ସବୁ କରିଦେଲ। ଅବଶୋଷ କ'ଣ ? ନା ନା, ମୋର କିଛି ଅବଶୋଷ ରହିଛି ବୋଲି ତୋର ଭାବିବା ଉଚିତ୍ ନୁହେଁ।"

ଏତିକିବେଳେ ମୋ' ସ୍ତ୍ରୀ ଦୁଇ ହାତରେ ଦୁଇ କପ୍ ଚା' ଧରି ପହୁଞ୍ଚିଗଲେ ଏବଂ ଚା' ବଢ଼ାଇ ଦେଇ ଚକ୍ରଧରପୁରିଆ ଗୋଲାପ ସୁନ୍ଦରୀ ବିଡ଼ିକଠା ଓ ଦିଆସିଲି ଥୋଇଦେଲେ ବାପାଙ୍କ ଆଗରେ। ବାପାଙ୍କ ଏକମାତ୍ର ପୁରୁଣା ବଦ୍‌ଅଭ୍ୟାସ ଏଇ ବିଡ଼ି। ଦିଆସିଲି ଫେରାଇଦେଇ ଧୂନି ନିଆଁରେ ବିଡ଼ି ଧରାଇଲେ। ଏଇଟି ତାଙ୍କର ଦିବ୍ୟ ମୁହୂର୍ତ୍ତ। ମାଆ ବର୍ଷ ବର୍ଷ ଧରି ଏଇ କାମ କରୁଥିଲା। ଚୁଲ୍ଲୀ ପାଖରେ ଆମ ଅଜ୍ଞାତସାରରେ ବାପା ମାଆ ଏମିତି ବସି ଧୂଆଁର ଉଷ୍ମତା ଟାଣିବା ସଙ୍ଗେ ସଙ୍ଗେ ବୁଢ଼ା ଚିଙ୍ଗୁଡ଼ିମାଛ ଟିପାଟିପି କଥା ମନେ ପକାଉଥାନ୍ତି।

ପୁଣି ଆରମ୍ଭ କଲି, "କୁହନା ବାପା! ଜାଣିବାକୁ ମୋରି ଭାରି ଇଚ୍ଛା ହେଉଛି କାଳେ କିଛି ନା କିଛି ଅବଶୋଷ ନିଶ୍ଚୟ ରହିଯାଇଥିବ। ସବୁ ଇଚ୍ଛା ଅଭିଳାଷ ଯଦି ମର୍ତ୍ତ୍ୟରେ ମେଣ୍ଟିଯାଇଥାନ୍ତା, ପୂରଣ ହେଉଥାନ୍ତା, ତେବେ ମଣିଷ ସ୍ୱର୍ଗ ଖୋଜନ୍ତା କାହିଁକି, ସ୍ୱର୍ଗ ବୋଲି ଗୋଟାଏ ସ୍ଥାନର କଳ୍ପନା କରାଯାଇଥାନ୍ତା କାହିଁକି। କୁହ ଯେତେ ଗୋପନ କଥା ହେଲେ ବି କୁହ। ଯେତେ ଅମେଳ ଚିଜ ହେଲେ ବି କୁହ। ମୁଁ ତ ଆଉ ପିଲା ନୁହେଁ, ଷାଠିଏ ପାଖାପାଖି ହେଲିଣି, ପଞ୍ଚାବନରେ ରିଟାୟାର କଲି ପରା।

ବାପା ଆଉ ଖଣ୍ଡିଏ କାଠି ଧୂନିକି ଫୋପାଡ଼ି କହିଲେ, "କ'ଣ ଭାବିବୁ କେଜାଣି! ତୋତେ ମୁଁ କୌଣସି କଥା ଲୁଚାଇ ପାରେନାହିଁ। ଯଦି ନିହାତି ମନକଥା ଜାଣିବାକୁ ଚାହୁଁଛି, ତେବେ କହୁଛି। ମୋର ଜୀବନରେ ଗୋଟିଏ ଅବଶୋଷ। ସେଇଟି ମୋ ଭାଗ୍ୟରେ ବି ନାହିଁ। ସେଇଟି ହେଉଛି ତୋ ମାଆ ସମ୍ପର୍କରେ। ରୂପରଙ୍ଗ ଗୁଣରେ ତୋ ମାଆର ସମକକ୍ଷ କେହି ଆମ ଗାଁ କି ଖଣ୍ଡମଣ୍ଡଳରେ ନଥିଲେ। ସେ ଦିଗରେ ସେ ଏକ

Digitized by srujanika@gmail.com

ଦେବୀ । ତୁମ ସମସ୍ତଙ୍କ ପରି ସର୍ବଗୁଣସମ୍ପନ୍ନ ପିଲାଝିଲା ସେ ଦେଇଯାଇଛି ତାକୁ କ'ଣ କହନ୍ତି । ହେଲେ ମୋ କପାଳ ହୀନ । ତୁ ଜନ୍ମ ହେବା ପରେ ପରେ କ'ଣ ହେଲା କେଜାଣି ତୋର ମାଆର ଦିହ ଏକାବେଳେ ଭାଙ୍ଗିଗଲା । ସେ ଖାଲି ଅସ୍ଥିଚର୍ମ ହୋଇଗଲା । ଯେତେ ଯାହା ଭସ୍ମ, ସାଲସା, ପାଞ୍ଚନ, ତୈଳ ଜଡ଼ିବୁଟି ଦେଲେ ମନ୍ତ୍ରଯନ୍ତ୍ର ଗୁଣିଗାରିଡ଼ି କଲେ ବି ଜୀବନଯାକ କଙ୍କାଳସାର ହୋଇ ରହିଲା । ଗୋଟାଏ ଚଢ଼େଇ ଦିହରେ ଯେତେ ମାଂସ ଥାଏ ତା' ଦିହରେ ସେତିକି ବି ରହିଲା ନାହିଁ । କିଏ ଡ଼ାହାଣୀରଙ୍କୁଣୀ ତା'ର ସବୁ ଶୋଷି ନେଇଗଲା । ଭଗବାନ ଏତେ ଅଲଭ୍ୟ ଚିଜ ତାକୁ ଦେଲା, ଉଭୟ ନାରୀ ପୁରୁଷ ପକ୍ଷରେ ଲୋଡ଼ା ପୁଳାଏ ବିପୁଳା ମାଂସ ଦବାରେ କାର୍ପଣ୍ୟ କଲା । ମୋର ଏଇ ଏକମାତ୍ର ଅବଶୋଷ । ତୁ ହୁଏତ ହସିବୁ ମୋର ଏ ପିଲାଳିଆ କଥାରେ ।" ବାପାଙ୍କର ଆଖିପତା ଧୂଆଁରେ ହେଉ ବା ଦୁଃଖରେ ହଉ ବା ମାଆ ମୁମୂର୍ଷୁ କଙ୍କାଳସାର ଚେହେରା ମନେପକାଇ ଜକେଇଗଲା ।

ଆଉ କିଛି ପଚାରିବାରୁ ମୁଁ କ୍ଷାନ୍ତ ହେଲି । ଭୟ ହେଲା, ବାପା ଯେଉଁ ଅବସ୍ଥାରେ ଅଛନ୍ତି ସେଥିରେ ସେ ଗୋପନରୁ ଗହନକୁ ଚାଲିଯିବେ । ମୁଁ ହୁଏତ ଖୁବ୍ ଅଡୁଆ ଅବସ୍ଥାରେ ପଡ଼ିଯିବି । ଯିମିତି ପ୍ରସିଦ୍ଧ ଟୀକାକାର ମଲ୍ଲୀନାଥ କୁମାରସମ୍ଭବରେ ପଡ଼ିଯାଇଥିଲେ । ହର-ପାର୍ବତୀଙ୍କ ବିବାହ ପରେ ଯେତେବେଳେ ଜଗତ୍‌ପିତା-ମାତାଙ୍କ ରତିକ୍ରିୟା ସର୍ଗମାନ ଆସିଲା ସେ ଆଉ ଅଗ୍ରସର ହେଲେନି । କାରଣ, ବାପା ମାଆଙ୍କ ପ୍ରେମଲୀଳା ଦେଖିବା, ଶୁଣିବା ବା ବର୍ଣ୍ଣନା କରିବା ପୁଅ ପକ୍ଷରେ ଅନୁଚିତ୍ ।

ତା' ଛଡ଼ା ଠିକ୍ ସେତିକିବେଳେ ମାଉସୀ କପ୍‌ଗୁଡ଼ାକ ନେବା ପାଇଁ ଗୁହାଳ ଘରୁ ଆସି ଆମ ପାଖରେ ଛିଡ଼ା ହୋଇଗଲା । ଆମ ପରି ଦିବ୍ୟ ମଣିଷଙ୍କ ଭିତରେ ଏ ଅଦିବ୍ୟ ନାରୀଟିର ଆକସ୍ମିକ ଉପସ୍ଥିତି ଆମକୁ ଅଲଗା କଲା ନା ଏକାଠି ଯୋଡ଼ିଲା ତାହା ଜାଣିବା କଥା ।

ଆମ ସୃଷ୍ଟି ପ୍ରାକ୍‌କାଳରୁ ଏଇ ମାଉସୀ ନାମକ ଜୀବଟି ଆମ ଘରେ ଏକ ପ୍ରକାର ରହସ୍ୟମୟ ପରିସ୍ଥିତିରେ ରହିଛି । ଆମକୁ, ମୋତେ ବିଶେଷତଃ, ଜଣାପଡ଼େ ଯେମିତି ସେ ମାଆର ଲେଡ଼ି କମ୍ପେନିଅନ୍ ହୋଇ ତା' ବାପଘରୁ ଆସିଥିଲା । ଭାଇଭଉଣୀଙ୍କ ମଧ୍ୟରୁ କେବଳ ମୁଁ ଏକା ଜାଣିଛି ଯେ, ତା'ର ସ୍ୱାମୀ ଥିଲା, ତା'ର ପୁଅ ବି ଥିଲା ଯାହାର ନାଆଁ ହରି । ସ୍ୱାମୀର ନାଆଁ ମନେପଡୁନି ।

ଆମ ଘର ବାଡ଼ିପଟେ ଯେଉଁ ବଗାଳ ସାହି ସେଇଠି ତା'ର ଘର । ଜାତି ହିସାବରେ ବଗାଳମାନେ ଗଉଡ଼ଙ୍କ ସହିତ ସମାନ, ପାଣିଚଳ । ଘରଟି କୁଡ଼ିଆ, ଚାଳରେ ମୁଣ୍ଡ ବାଜେ; ପଶିଲାବେଳେ ସାବଧାନ ନ ହେଲେ । ଯେବେ ମୁଁ ପାଖ ମାଇନର ସ୍କୁଲରେ ପଢୁଥିଲି, ତେବେ ମୁଁ ଆଉ ମାଉସୀର ପୁଅ ହରି ସଙ୍ଗାତ ବସିଥିଲୁଁ । ଦିନେ ସକାଳେ ପ୍ରାୟ ନଅଟାବେଳେ ଆମ ଦୁହିଁଙ୍କ ବାପମାଆ ଅଗଣାରେ ପୂଜାପଣା କରି ନୂଆଲୁଗା

Digitized by srujanika@gmail.com

ପିନ୍ଧାଇ ସଙ୍ଗାତ ବସାଇଥିଲେ। ସେଇଦିନୁ ଆମେ ଦୁଇ ପରିବାର ଏକ ହେଲା ପରି ଜଣାଗଲା।

ସେ କାଳରେ ଆମ ଗାଁରେ ଶୁଣ୍ଢି, ଡ଼ୋମ, ଭୂମିଜ, ଭୂୟାଁ ଜାତିର ଲୋକେ ଗୋଟିଏ ଗୋଟିଏ ସାହିରେ ରହୁଥିଲେ, ବ୍ରାହ୍ମଣ ଲୋକଙ୍କ ଆଶ୍ରିତ ହୋଇ। ଆମ ଘରମାନଙ୍କରେ ଖଟିନୁଟି, ଜମିଜାଗା ସଞ୍ଜା ବଖରା ନେଇ, କାମଦାମ କରି ସେମାନେ ଚଳୁଥିଲେ। ଜାତିଭେଦ ଥିଲେ ମଧ୍ୟ ମଣିଷ ଆକାରରେ ସମାନ ଥାଇ ପରସ୍ପରକୁ କକା, ଅଜା, ମାମୁଁ, ମାଇଁ, ଭାଇଭଉଣୀ ଡ଼କାଡ଼କି ହୋଇ ପରିବାର ପରି ରହୁଥିଲେ। ଏପରିକି ପରସ୍ପରଠାରୁ ଯେତିକି ଦୂରତା ରଖିବା କଥା ତା' ମଧ୍ୟ ରଖୁ ନଥିଲେ। ସଙ୍ଗାତ ମଇତ୍ର ବସିବା ରୀତି ବହୁଳ ପ୍ରଚଳନ ଥିଲା ସେଥିପାଇଁ।

ଆମ ବାଡ଼ିପଛ କୁଡ଼ିଆଘରେ ସଙ୍ଗାତ, ସଙ୍ଗାତ ବାପା ଓ ମାଉସୀ ରହୁଥିବାର ପ୍ରାୟ ସବୁବେଳେ ସେମାନେ ଆମ ଘରେ ଥାଆନ୍ତି କାମଦାମ କରନ୍ତି, ଖାଆନ୍ତି। ସଙ୍ଗାତ ବସିବାର ଦୁଇତିନି ବର୍ଷ ପରେ ମାଉସୀ ମୁଣ୍ଡରେ ଚଡ଼କି ପଡ଼ିଲା। ତା' ପୁଅ ହରି, ମୋ ସଙ୍ଗାତକୁ କାଶ ରୋଗ ଧଇଲା ଏବଂ କେତେ ମାସ ଭିତରେ କାଶି କାଶି ରକ୍ତ ବାନ୍ତି କରି ସେ ମରିଗଲା। ଦୁଇବର୍ଷ ପରେ ଯେତେବେଳେ ମୁଁ ଦଶମ ଶ୍ରେଣୀରେ ପଢୁଥାଏ ଆଉ ଏକ ଦୁର୍ବିପାକ ତାକୁ ପଡ଼ିଲା। ସଙ୍ଗାତ ବାପା ବି ମାରା ପଡ଼ିଲେ ସେଇ ରୋଗରେ। ପୁଅ, ସ୍ୱାମୀ ଚାଲିଯିବା ପରେ କୁଡ଼ିଆରେ ରହିଲା ଏକା ମାଉସୀ ଓ ତା'ର ନାଲି ରଙ୍ଗର ଦେଶୀ କୁକୁର, ଯିଏ ମାଉସୀ ଆମ ଘରେ ଥିଲା ବେଳେ ଟୁଙ୍ଗୀ ଜଗିଥାଏ।

ଜମିଜାଗା ମାଣେ ଅଧେ ମାଉସୀର ଥିଲା। ଘରଡ଼ିହଟା ବି ମାଣେ ଅଧେ ହବ। ସେଥିରେ ମାଉସୀ ମକା ସାରୁ ଲଗାଏ, ଗୋବର ଖାତଟାରେ ବର୍ଷାଦିନେ କଳମଶାଗ, ଶୀତଦିନେ କୋଶଳାଶାଗ କରେ। ଚାଳରେ ପୋଇ କଖାରୁ ଲତା ଆଦି ମଡ଼ାଏ। ବାଡ଼ି ମୁଣ୍ଡକୁ ବାଉଁଶ ବୁଦାଏ ଓ ଖଣ୍ଡେ ଜାଗାରେ ବୋବାଇ ଘାସ। ଭଲ ଅବସ୍ଥାରେ ଗୋରୁଗାଈ, କୁକୁଡ଼ା, ମାଙ୍କଡ଼, ଛେଳି ମେଣ୍ଢା ବି ସେମାନଙ୍କର ଥିଲା। ସେ ସବୁ ମାଉସୀର କି ଆମର ଜଣା ପଡୁନଥିଲା। ମୋର ବେଶ୍ ମନେଅଛି ମାଉସୀ ଲଉଟାଏ, କଖାରୁଟାଏ, ଶାଗ ଜାଳିଏ ବୋବେଇ ବିଡ଼େ ଦି'ବିଡ଼ା ବରାବର ଆମ ଘରକୁ ଆଣିଦିଏ; ନହେଲେ ମାଆ ଯାଇ ନେଇ ଆସନ୍ତି। ମୁଁ ଖାଇବାକୁ ଭଲ ପାଏ ବୋଲି ପୂଜାଛୁଟିରେ କଳମଡ଼ଙ୍କ ଆମ ଘରକୁ ଆସେ। ଆମ ଘର ମାଉସୀ ଘର ଏପରିକି ମାଆ ଓ ମାଉସୀ ଆମ ପକ୍ଷରେ ଅଭେଦ କଳ୍ପନା।

ଆଜି ମାଉସୀ ପୂର୍ବସ୍ୱାସ୍ଥ୍ୟ ଚେହେରା ଜ୍ୟୋତି ନାହିଁ। ମୋ ସାନ ଭାଇ ଭଉଣୀମାନେ ତାକୁ ସଧବା ଆକାରରେ ଦେଖିନାହାନ୍ତି। ଆଜି ତା'ରି ନାଲିଧଡ଼ିର ମୋଟା ପାଣବୁଣା ଶାଢ଼ୀ ନାହିଁ, କି କାନରେ କାପ, ବାହୁରେ ବାଜୁ, ହାତରେ ବଟଫଳ ନାହିଁ। ନାକରେ ଗୁଣା ନାହିଁ, ଗୋଡ଼ରେ କଂସା ଖାଡୁଆ ନାହିଁ। ଏବର ପରିଧାନ ସୂତାଖିଅ ପରି କଳା

Digitized by srujanika@gmail.com

ଧଡ଼ିଥିବା ନଳିଗୋଡ଼ରେ ପଡ଼ୁଥିବା ଧୋତି। ସିନ୍ଦୁର ବିନ୍ଦୁ ଜାଗାରେ ଛୋଟ ନୀଳ ଫୁଲଟି ଯାହା ଛୁଞ୍ଚରେ କୁଟାହୋଇଛି ବାହୁରେ ସେଇ ନୀଳରଙ୍ଗରେ 'ହରେକୃଷ୍ଣ' ଛୁଞ୍ଚକୁଟା ସହିତ ମେଳରଖି। ଯେଉଁ ଦିହ ପୁରୀ କୋଣାର୍କ ମନ୍ଦିରର ମୁଗୁନିପଥର ମୂର୍ତ୍ତିପରି ଦିନେ ଦିଶୁଥିଲା, ଏବେ ଅନେକ ଝଡ଼ିଯାଇଛି। ତଥା ଦିହରେ ଯେତିକି ମାଂସ ଅଛି, ତା'ର ଚାରିଭାଗରୁ ଭାଗେ ଯଦି ମୋ ମାଆ ଦିହରେ ଥା'ନ୍ତା, ତେବେ ବାପାଙ୍କ ମାଂସ ଅବାଶୋଷ ବୋଧହୁଏ ରହିନଥାନ୍ତା।

ଜଣଜଣ ହୋଇ ଆମେ ଭାଇଭଉଣୀ ଘର ଛାଡ଼ି ଚାଲିଆସିଲୁଁ, ଉଡ଼ିଆସି ବସାରୁ ଡ଼େଣାଲଗା ଚଢ଼େଇ ପରି, କିନ୍ତୁ ମାଉସୀ ସେଇଠି ରହିଛି ଘରକୁ (କାହାଘର ?) ଜଗି, ମାଆକୁ ଜଗି, ବାପାଙ୍କୁ ଜଗି। ଯଦିଓ ସେ ଘରର ମାଲିକାଣୀ ନୁହେଁ କି ବାପା ତା' ଘରମଣିଷ ନୁହନ୍ତି।

ଆମେ କେବେ ତା' ଜୀବନ ଜୀବିକା ବିଷୟରେ କୁତୂହଳୀ ହୋଇନାହୁଁ । ଧାରଣା, ଭଗବାନ ଆମର ସେବାଶୁଶ୍ରୂଷା ପାଇଁ ଆମ ଘରକୁ ମାଉସୀଟିକି ପଠାଇଛନ୍ତି। ତା'ର ପେଟ ନାହିଁ, ପିଠି ନାହିଁ, ଭୋକ ନାହିଁ, ଶୋଷ ନାହିଁ, ଖାଲି ଆମରି ସେବା, ସେବା, ସେବା। କୂଅରୁ ପାଣି କାଢ଼ିବ, ଧାନ ଉଷେଇଁବ, ଶୁଖେଇବ, କୁଟିବ, ଗାଈଗୋରୁଙ୍କୁ ବାନ୍ଧିବ, ଗୋବର ପକେଇବ, ଖୁଆଇବ, ଗୁହାଳ ସଫା କରିବ, ଘରଦ୍ୱାର ଖରକିବ, ଛୁଞ୍ଚଦବ, ସାନ ସାନଙ୍କୁ ହଳଦୀତେଲ କରିବ ଏପରିକି କ୍ଷୀର (ତା ନିଜର!) ଖୁଆଇବ। ଚକ ଲାଗିଥିବା ବାପାଙ୍କ ତିଆରି ଛୋଟ ଶଗଡ଼ରେ ବସାଇ ମୋ ସାନ ଭଉଣୀଟି ଗାଁମୁଣ୍ଡ ପଡ଼ିଆରୁ ପୋଖରୀ ତୁଠ ପର୍ଯ୍ୟନ୍ତ ଘଡ଼ଘଡ଼ କରି ବୁଲାଇ ଆଣିବ; ବିରି ଭାଙ୍ଗିବ, ବତୁରାଇବ, ବାଟିବ, ପିଠା କରିବାରେ ମାଆକୁ ଯିମିତି କିଛି ଅସୁବିଧା ନରହେ। ଦିନେ କେବେ ଗୋଡ଼ହାତ ବଥା କରୁଛି, ମୁଣ୍ଡ ବଥାଉଛି ବୋଲି ଶୋଇରହିବ ନାହିଁ, ବରଂ ଦରକାର ନଥିଲେ ବି ଆମ ଗୋଡ଼ମୁଣ୍ଡ ଘଷିଦବ।

ବଡ଼ିଭୋରୁ ଆସି କାମ ପାଇଟି ଆରମ୍ଭ କରେ। କେବଳ ଗାଧୋଇବା ଲୁଗା ବଦଳାଇବା ପାଇଁ ଘରକୁ ଯାଏ। ପୁଅ ସ୍ୱାମୀ ଥିଲାବେଳେ ସାମାନ୍ୟ ବେଶୀ ସମୟ ରହୁଥିଲା ଘରେ ସେମାନଙ୍କ ପରିଚର୍ଯ୍ୟା ପାଇଁ। ଏବେ ଚବିଶଘଣ୍ଟିଆ ନ ହେଲେ ବି Whole time servant, ମାଆ ରନ୍ଧାବଢ଼ା କଲାବେଳେ ଟହଲିଆ କାମ ମାଉସୀ କରେ। ପରିବା କାଟେ, କାଠ ଯୋଗାଇଦିଏ। ଖଲିଦନା ସିଏଁ। ମାଛ ବାଛେ, କାଟେ। ମସଲା ବାଟେ। କଥାବାର୍ତ୍ତା ଖୁବ୍ କମ୍। କାମର ଦୁନିଆଁ। କେବଳ ଆଣ, ନିଅ, ଦିଅ, ରଖ, ଢାଳ ଆଦି ଶବ୍ଦର ବ୍ୟବହାର ବିନିମୟ।

ମାଆ ଯେ ମାଉସୀକୁ କି ଆଖିରେ ଦେଖୁଥିଲା, ହିଂସା ଦ୍ୱେଷ, ଈର୍ଷା ବା ସନ୍ଦେହ ଆଦି ତା' ହୃଦୟରେ ଥିଲା କି ନାହିଁ। ପାକଳ ବୟସରେ ବି ଜାଣିପାରିଲି ନାହିଁ। ସେହିପରି ପ୍ରାୟ ଅଜଣା ରହିଲା ବାପା ସହିତ ମାଉସୀର ସମ୍ପର୍କ ଅର୍ଥାତ୍ ସେ ଦୁହେଁ ପରସ୍ପରକୁ

Digitized by srujanika@gmail.com

କେଉଁ ଦୃଷ୍ଟିରେ ଦେଖୁଥିଲେ। ବାପା, ମାଆ ଓ ମାଉସୀକି ନେଇ ଏ ଯେଉଁ ତ୍ରିଭୁଜ, ତା'ର ରୂପରେଖ ଯିମିତି ରହସ୍ୟମୟ, ସିମିତି ବିସ୍ମୟକର ତଥା କୁତୂହଳପ୍ରଦ। ସେମାନେ ଏକାନ୍ତରେ ଖୁସିଗପ ଥଟ୍ଟାତାମସା ହେବାର ଆମେ ଶୁଣିନାହୁଁ ବା ଠରାଠୁରି ବା ହସାହସି ହେବାର ଆମେ ଦେଖିନାହୁଁ। ସ୍ନେହ ପ୍ରୀତି ମମତା ଭାଷା ବିନା ଭାବଭଙ୍ଗୀରେ ବ୍ୟକ୍ତ ହୋଇପାରେ ବା ଅବ୍ୟକ୍ତ ବ୍ୟକ୍ତ ପ୍ରକାଶିତ ହୋଇପାରେ। ଏଇ କଥାକୁ ମନେରଖି ବାପା ଓ ମାଉସୀଙ୍କ ସମ୍ପର୍କର ବ୍ୟବଚ୍ଛେଦ କରାଯାଇପାରେ ମାତ୍ର।

ମାଉସୀର ଯେଣୁ ମାଂସ ଥିଲା, ଭୋକଶୋଷ ମଧ ଥିଲା ଧରିନେବାକୁ ହେବ। ବଗାଳ ସାହିରେ କେତେଜଣ ତା'ରି ଜାତିଭାଇ ଥିଲେ, ଯେଉଁମାନେ ପ୍ରସ୍ତୁତ ଥିଲେ ତାକୁ ନେଇ ଘରକରି ପାରିଥା'ନ୍ତେ ଆଗ୍ରହରେ। ମାଉସୀ ମଧ ସେମାନଙ୍କୁ ପାଳିପୋଷି ତା'ରି ନିଜ ଘରେ ସୁଖ ସ୍ୱାଚ୍ଛନ୍ଦ୍ୟରେ ରହି ନୂଆସଂସାର ଗଢ଼ି ପାରିଥା'ନ୍ତା; ନିର୍ବିଘ୍ନରେ, ନିର୍ବିରୋଧରେ। ଯାହାହେଉ ତା'ର ଚଳିବା ପାଇଁ ଥିଲା, ସୁଆଙ୍ଗ ମଧ ଯଥେଷ୍ଟ ଥିଲା। ତା' ସମାଜରେ ସଙ୍ଘା ପଦ୍ଧତିର ପ୍ରଚଳନ ଥିଲା, ଯାହା ବିବାହର ଅନ୍ୟ ଏକ ସମାଜସ୍ୱୀକୃତ, ଆଇନସମ୍ମତ ପ୍ରଥା ଓ ପନ୍ଥା। କିନ୍ତୁ ମାଉସୀ ସିଆଡ଼କୁ ଗଲା ନାହିଁ, କାହିଁକିର ଉତ୍ତର ସେ ଦେବ। ବୋଧହୁଏ ଭାବିଲା, ଯାହାର କପାଳରେ କେବଳ ଦୁଃଖ, ସେ ଭଙ୍ଗାଘରକୁ ପୁଣି ସଜାଡ଼ିବାକୁ ଯିବ କାହିଁକି ? ବରଂ Statusquo ବା ଉପସ୍ଥିତ ସ୍ଥିତି ଭଲ। ବାପାଙ୍କୁ ପଚାରିଥିଲେ ସେ ବୋଧହୁଏ ଇଙ୍ଗିତ ଦେଇଥାଆନ୍ତେ। କେହି କାହାକୁ ପଚାରିବାର ଆବଶ୍ୟକତା ଦେଖି ନଥିଲେ ବୋଧହୁଏ।

"ଦୁଃଖେ ଯାଦେର ଗଢ଼ା।" ଆମ ଘର ମଧ ମାଉସୀ ଘର ପରି ଭାଙ୍ଗିଗଲା ପରି ଲାଗିଲା। ଧୂମକେତୁ ଉଇଁଲେ ବା ଗ୍ରହ ଚକ୍ରର ଫେର ହେଲେ ଯିମିତି ଯାହା ହୁଏ, ତାହା ହଠାତ୍ ସଂଘଟିତ ହେଲା। ପ୍ରଥମେ ପ୍ରଥମେ ଏକ ଅହେତୁକ ପାପ, ଆଶଙ୍କା ଆମ ପ୍ରତ୍ୟେକଙ୍କ ମନକୁ ଛୁଇଁଲା, ବଢ଼ି ବଢ଼ି ଆମ ଆକାଶକୁ ଆଚ୍ଛନ୍ନ କରିଗଲା। ସର୍ବତ୍ର ଖାଲି ଭାରି ଭାରି ଭାବର ଉଦୟ ଯିମିତି କି ବଜ୍ର, ବିଦ୍ୟୁତ କୁଆପଥର ତଥା ତୋଫାନରେ ଭରପୂର ହୋଇ ଆମ ମୁଣ୍ଡ ଉପରେ ଦୁର୍ଦ୍ଦୈବ ରାଗିମାଗି କଟମଟ ଚାହିଁଛି। ଅନ୍ତଦାମିଆ ନାଟକ, ମେଲୋଡ୍ରାମା, ଅପେରା, ଯାତ୍ରା ସୁଆଙ୍ଗରେ ବା ଶସ୍ତା ଗଳ୍ପ ଉପନ୍ୟାସରେ ଜୋର ଜବରଦସ୍ତ କରୁଣ ପରିଣତି ଆସିଗଲା ପରି ଆମର ସ୍ରଷ୍ଟା ବା କୁଶଳୀ କଳାକାର ମାଆ ମାଉସୀଙ୍କ ଦୁନିଆଁରେ ସମଧର୍ମୀ ଟ୍ରେଜେଡ଼ି ଆଣି ଦେଲେ। ଯାହା ବିଶ୍ୱାସ କରିହୁଏନି; କିନ୍ତୁ ପ୍ରତ୍ୟୟବିହୀନ ଅବିଶ୍ୱାସୀ ଘଟଣାବଳୀ ଘଟେ ସଂସାରରେ ଯାହାର ଦୃଶ୍ୟ ବା ଛବି ଆମେ ସବୁ ଅଦେଖିଲା ପଇସା ଦେଇ ଦେଖୁଁ ନ ହେଲେ ଶୁଣୁଁ।

ପ୍ରଥମେ ଗଲା ମୋ ସ୍ତ୍ରୀ ଚବିଶ ବର୍ଷର ମମତା ତୁଟାଇ। ହଠାତ୍ ତା' ମଥା ବିଗିଡ଼ିଗଲା ମୋରି ସହଜ ସାମାନ୍ୟ ବ୍ୟାଧିକୁ ଦୁରାରୋଗ୍ୟ କରି। କେତେବେଳେ କିମିତି ସୁସ୍ଥ ଥିଲାବେଳେ ମାଉସୀକି ଡ଼ାକି କୁହେ, "ମାଉସୀ ୟା'ଙ୍କ କଥା ବୁଝିବ।" ମାଉସୀ କୁଆଡ଼େ

Digitized by srujanika@gmail.com

ମୋ କଥା ବୁଝିବ ! ତା' ନିଜ ଦୁଃଖ ସହିବ ନା ବାପାଙ୍କ ଅଳି ଦଳି ଭାରା ସହିବ ନା ମୋ ପରି ଅଥର୍ବ କଥା ବୁଝିବ !

ମାଆର ପ୍ରୟାସ ଖୁବ୍ କରୁଣ । ପେଟ ରୋଗରେ ଦିନରାତି ଛଟପଟ ହୋଇ ବହୁଦିନ କଷ୍ଟ ପାଇଲା । ସବୁବେଳେ ବାପାଙ୍କୁ ଖୋଜୁଥାଏ ପାଇଲେ କୁହେ, "ମୋ ପାଖରେ ବସିଥାଅ, ଉଠିବନି ଜମା, ମୋ ହାତଟା ଧରି, କପାଳରେ ରଖିଥାଅ ତୁମ ହାତ, ପେଟରେ ଭାରି କଷ୍ଟ, ଟିକେ ତଳିପେଟରେ ହାତଟା ବୁଲାଉଥାଅ ।" ପେଟରେ ନିଦାରୁଣ ଯନ୍ତ୍ରଣା ଦିନେ ନ ଥିଲାବେଳେ ମାଆ ବାପାଙ୍କୁ ନରମ ଗଳାରେ କହିବାର ଶୁଣିଛି "ତୁମର କିଛି କହିପାରିଲନି, ଜୀବନରେ ଅବାଶୋଷ ରହିଗଲା; ସବୁଦିନ ତ ରୋଗିଣୀ, ଗଣ୍ଡା ଗଣ୍ଡା ପୁଅଝିଅ ତୁମକୁ ଦେଲି ସିନା, ତୁମକୁ ଜୀବନରେ ସୁଖଦେଇ ପାରିଲିନି; ଖାଲି ହଇରାଣ ହରକତ କଲି ଯାହା ।"

ମରିବାର ପୂର୍ବଦିନ ଘଟଣା । ଗରମ ପାଣି ବୋତଲଟା ମାଉସୀ ମାଆ ତଳିପେଟରେ ରଖି ସେକ ଦେଉଥାଏ ଚୁପ୍‌ଚାପ୍ ବସି ମାଆ ମୁହଁରେ କରୁଣ ଦୃଷ୍ଟି ପକାଇ । ବାପା ମାଆର କପାଳରେ ବେଳେବେଳେ ତାତି ପରୀକ୍ଷା କରିବା ପାଇଁ ହାତ ରଖୁଥାନ୍ତି; ଆଉ କେତେବେଳେ ବାଙ୍କି ଯାଉଥିବା ଅସ୍ଥିଚର୍ମସାର ଆଙ୍ଗୁଳିଗୁଡ଼ାକୁ ସଳଖ ରଖିବାର ଚେଷ୍ଟା କରୁଥାଆନ୍ତି । ମାଆ ମାଉସୀ କି ଚାହିଁ କହିଲା, "ମୋ ପାଇଁ, ପ୍ରଶାନ୍ତର ବାପା ପାଇଁ, ଛୁଆପିଲାଙ୍କ ପାଇଁ ଜୀବନଯାକ ଢ଼େର କରିଛ ! ମୁଁ ପୋଡ଼ାମୁହିଁ ନାଆଁକୁ ମାତ୍ର ସ୍ତ୍ରୀ, କାମକୁ କିଛି ନାହିଁ । ତାଙ୍କ କଥା ତତେ ଲାଗିଲା ।" ବାପାଙ୍କ ଆଖିରୁ ଲୁହ ଟୋପାଏ ମାଆର ଗାଲରେ ପଡ଼ିବାର ଦେଖିଛି ।

ତହିଁ ପରଦିନ ମାଆ ଚାଲିଗଲା ବାପାଙ୍କ ଦାୟିତ୍ୱ ଏହିମତେ ମାଉସୀକି ଅର୍ପଣ କରି । ମାଆ ଯିବା ପରେ ତିନୋଟି ବର୍ଷ ବେଶ୍ ଆରାମରେ ବାପା କଟାଇଲେ, ମାଆର ଅଭାବ ସିମିତି କିଛି ଅନୁଭବ କରିପାରିଲେନି । ମାଆ ମାଉସୀ ଦୁହେଁ ଲକ୍ଷ୍ମୀ ସରସ୍ୱତୀ ପରି ନାରାୟଣଙ୍କ ସେବାରେ ଏକତ୍ର ବହୁ ବର୍ଷ କଟାଇଥିବାରୁ ମାଆ ମାଉସୀରୁ ଜଣକର ଅଭାବ ଘଟିଲେ ବାପାଙ୍କୁ ବିଶେଷ ବାଧୁନଥିଲା । ସୁତରାଂ ବୁଢ଼ା ବୟସରେ ପତ୍ନୀ ବିୟୋଗ କଷ୍ଟରେ ସେ ଭାଙ୍ଗିପଡ଼ିଲେ ନାହିଁ, ବରଂ ଉଭୟ ମା'କୁ ଓ ମାଉସୀକୁ ଭଲ ଭାବରେ ସେଇ ଗୋଟିଏ ବିଧବା ନାରୀ ଭିତରେ ପାଇପାରିଲେ ।

ବୁଢ଼ାମାନେ ସାଧାରଣତଃ ଯିମିତି ପାଚିଲା ପତ୍ରପରି ଅଳ୍ପ ପବନରେ କେହି ଦେଖୁନଥିବା ବେଳେ ଝଡ଼ିପଡ଼ନ୍ତି, ବାପାଙ୍କର ସିମିତି ହେଲା ନାହିଁ । ସେ ଢ଼େର ଦିନ କଷ୍ଟ ଭୋଗିଲେ । ତାଙ୍କ ଦିହଯାକ ଏକଜିମା ପରି ଘାଆ ଛଉ ହୋଇଗଲା । ସେ ଘାଆର କେତେବେଳେ କ୍ରୁଦ୍ଧରୂପ ଆଉ କେତେବେଳେ କାନ୍ଦୁରାରୂପ କେତେବେଳେ ପୁଣି ଶୁଷ୍କ ରୂପ । ଖୁବ୍ କଦର୍ଯ୍ୟ କିସମର ଘାଆ । ପୂଜପାଣି ଝରିବାକୁ ଆରମ୍ଭ କଲେ ବନ୍ଦହୁଏନି । ଘରଯାକ ପୂତିଗନ୍ଧମୟ । କ୍ରମେ ଏମିତି ଅବସ୍ଥା ହେଲା ଯେ, ସେ ଠାଏଁ ପଡ଼ିରହିଲେ ।

Digitized by srujanika@gmail.com

ଏମିତି ଅବସ୍ଥା ଚେହେରା ତାଙ୍କର ହେଲା ଯେ, ସାଇପଡ଼ିଶା ବନ୍ଧୁବାସ କେହି ଦେଖିବାକୁ ଆସିଲେ ନାହିଁ। ଚାରିଆଡ଼େ ହୁରିହେଲା ବାପାଙ୍କୁ ବଡ଼ରୋଗ ହୋଇଗଲା। ମୁଁ ବଡ଼ପୁଅ; ସଂକଳ୍ପବଦ୍ଧ ଯେ ବାପାଙ୍କ କିଛି ଅବଶୋଷ ଯିମିତି ନ ରୁହେ। ତଥାପି ତାଙ୍କ ଫୁଲାମୁହଁ ଗୋଡ଼ ହାତର ଘାଆ ଦେଖିବାକୁ ପାଖକୁ ଯିବା କଥା ଛାଡ଼, ମୋର ବି ଭୟ ଘୃଣା ହେଲା।

ମାଉସୀ ଘରକୁ ଯାଏ ନାହିଁ। ଦିନରାତି ବାପାଙ୍କ ପାଖରେ, ବାପାଙ୍କ ସେବାରେ, ଗୁହମୂତ ପୂଜରକ୍ତରେ ଘାଣ୍ଟିଚକଟି ହୋଇ ବାପାଙ୍କୁ ସଫାସୁତୁରା ରଖିଥାଏ। ଏତେ ସେବା, ଏତେ ଧ୍ୟାନ, ନିଷ୍ଠା ଛାର କାମୁତୁଣୀଟାଏ; ନୀଚ ଶ୍ରେଣୀର ଅଥଚ ତା'ର ଅନ୍ୟ ଏକ ରୁଗ୍ଣ ପୁରୁଷ ପ୍ରତି ଏତେ ଶ୍ରଦ୍ଧା, ଏତେ ମମତା। ମୋ ବାପାଙ୍କୁ ମାଉସୀ ତା'ର ମୃତ ପୁତ୍ରର ସ୍ୱର୍ଗତ ପିତା ବୋଲି ଭାବିଛି ନା କ'ଣ ଏବଂ ନିଜ ସ୍ୱାମୀଙ୍କି ଯେଉଁ ସେବା ଦେଇପାରିନି ସେ ମୋ ମାଆର ସ୍ୱାମୀଙ୍କି ଡ଼ବଲ ଡ଼ୋଜ୍‌ରେ ବୋଧହୁଏ ଦେଉଛି।

ରାତିଯାକ ବାପାଙ୍କୁ ନିଦ ହୁଏନି। ଔଷଧ ବି ଦଣ୍ଡେ ପରେ ଅନିଦ୍ରା କରାଏ । ଯେଉଁ ମାଉସୀ କେବେ ଦିନେ ରାତିରେ ଆମ ଘରେ ଶୋଇନଥିଲେ ସେ ବାପାଙ୍କ କୋଠରୀରେ ଛିଣ୍ଡା ସଅପଟାଏ ପାରି ଖଟତଳେ ଶୋଇଥାଏ। ରାତିଯାକ କଅଣ ଭୁଟୁରୁ ଭୁଟୁରୁ ଦୁହେଁ ହେଉଥାନ୍ତି। ମାଉସୀକି ଦିନେ କହିଲି "ମାଉସୀ! ତୁମ ଦୁହିଁଙ୍କୁ ରାତିରେ ନିଦ ହୁଏନି କି ? କ'ଣ ଏତେ କଥାବାର୍ତ୍ତା ରାତିଯାକ ହେଉଥାଅ ?" ମାଉସୀ କହିଲା, "ଆଉ କିସ୍ କଥା ହବାରେ ବାପା ! ସେଇ ତର୍ ମାଆର କଥା। ସେଇ ଗୁଟିଏନି କଥା ଆମର। ତର ମାଆର କଥା।"

ଆମେ ବେଶ୍ ଜାଣିଲୁଣି ବାପା ପଚିସଢ଼ି ମହାପ୍ରୟାଣ କରିବେ। କେନ୍‌ସର ଯା' ଅପେକ୍ଷା ଭଲ ରୋଗ। ତା'ର ସୀମା ଅଛି। ଏ ନିଉଛୁଣା ରୋଗର ଶେଷ ନାହିଁ ଯିମିତି। ମାଉସୀ କିନ୍ତୁ ଆଶାବାଦୀ; ଗଭୀର ଈଶ୍ୱର ବିଶ୍ୱାସ ତା'ର। ପ୍ରଶାନ୍ତର ବାପାର କିଛି ହବନି। ଥରେ ସିନା ମଣିଷ ବିଧବା ହୁଏ, ଦି'ଥର ସେ ବିଧବା ହବନି। କିନ୍ତୁ ମାଉସୀର ସକଳ ଈଶ୍ୱର ବିଶ୍ୱାସ, ସେବା, ନିଷ୍ଠା, ଆଶାବାଦ ଅର୍ଥହୀନ ହେଲା। ବାପାଙ୍କର ଦିହର ମାଂସ ଯିମିତି ଗଳିବାକୁ ଆରମ୍ଭ କଲା, ମାଉସୀର ମାଂସ ବି ସିମିତି ଉଭେଇବାକୁ ଆରମ୍ଭ କଲା ଏବଂ ଅଳ୍ପ ଦିନରେ ସେ ବି ଅସ୍ଥିଚର୍ମ ହୋଇଗଲା ପ୍ରଶାନ୍ତର ମାଆ ପରି।

ବାପାଙ୍କର ପ୍ରଳାପ ଆରମ୍ଭ ହେଲା। କ୍ଷୀଣ ଗଳାରେ ସେ କହୁଥାନ୍ତି, "ମାଂସ ମାଂସ। ମାଂସ କାହିଁ ମିଳିବନି ? ମାଂସ, ମାଂସ, ମାଛ ନୁହେଁ।" ମୁଁ ପାଟିକରି କାନ ପାଖରେ କହିଲି, "ବାପା ! ହରି ହରି କୁହ। ରାମ ରାମ କୁହ।" ତାଙ୍କ ପାଟିକୁ ମରା ମରା ବି ଆସିଲା ନାହିଁ।

ଦିନେ ମୋର ସବା ସାନପୁଅ (ସେ ବି କାଳବେଳ ଅଭିନୟ ସାରି ଜଳବୁଡ଼ିରେ ଦଶବର୍ଷ ବୟସରେ ଚାଲିଗଲା; ଅଭିଶପ୍ତ ବଂଶ ନା କ'ଣ!) ଭୁଲ୍‌ରେ ତାଙ୍କ କୋଠରୀକି

Digitized by srujanika@gmail.com

ପଶିଗଲା । ବାପା ଖୁବ୍ ଶରଧାରେ ଡ଼ାକି କହିଲେ, "ବାବୁରେ ! ଟିକେ ମାଂସ ଆଣିପାରିବୁ ?" ସିଏ କହିଲା, "ମୁଁ କେଉଁଠୁ ମାଂସ ପାଇବି ?" ବାପା ତାକୁ ବୁଦ୍ଧି ଦେଇ କହିଲେ, "ଆରେ ବୋକା ! ଦେଖିବୁ, ବିଲରେ ପଡ଼ିଆରେ ପଲପଲ ଛେଳି ଚରୁଥିବେ । ତୁ ଖିଲିକାତିଟା ଧରି ଯାଆ । ମାଂସ ନ ପାଇଲେ ଚପ୍ କରି ଛେଳିକୁ ଧରି ତା' ଲାଞ୍ଜରୁ ଟିକିଏ କାଟିଆଣି ଧାଇଁଆସିବୁ । ଖାଇବା ପେଟେ ପେଟେ ।"

ପୁଅ ଭୀତତ୍ରସ୍ତ ହୋଇ ଆସି ମୋତେ ସବୁକଥା କହିଲା ଏବଂ ଯୋଡ଼ିଲା ଜେଜେଙ୍କ ମୁଣ୍ଡ ଖରାପ; "କଞ୍ଚା ଛେଳିମାଂସ, ଛେଳି ଲାଞ୍ଜ ଖାଇବେ କହୁଛନ୍ତି ।"

ମୁଁ ନିଶ୍ଚିତ ରୂପେ ଜାଣିଗଲି ବାପାଙ୍କର ମାଂସର ଅବଶୋଷ ରହିଯାଇଛି । ସେ ଅବଶୋଷ ମାଆ କି ମାଉସୀ ଦୂର କରିପାରି ନାହାନ୍ତି ସେମାନଙ୍କ ଜୀବଦ୍ଦଶାରେ । ମାଂସ ପ୍ରତି ମଣିଷର ଏତେ ଲୋଭ ! ମଣିଷ ନା ରାକ୍ଷସ ! ଫେର୍ କଞ୍ଚା ମାଉଁସ !

ଡ଼ାକ୍ତରମାନଙ୍କ ଭାଷାରେ ଯାହାକୁ 'କମା' କୁହାଯାଏ ବାପାଙ୍କର ସେଇ ଅବସ୍ଥା ଆସିଲା । ଦିନେ ସକାଳେ ଶେଷ ହାକୁଟି ଆସିଲା । ପାଟି ଆଁ କରି ଚିତ୍‌ହୋଇ ପଡ଼ିଥାନ୍ତି । କିଏ କହିଲା "ପାଣି ମାଗୁଛନ୍ତି ।" ବଡ଼ପୁଅ ହିସାବରେ ରୁପା ଶାମୁକାରେ ଠାକୁର ଗାଧୁଆ ପାଣି ପାଟିରେ ଦେଲି । ପାଣି ତଣ୍ଟିରେ ସିଧା ପେଟକୁ ଚାଲିଗଲା । ହାକୁଟି ବନ୍ଦ ହେଲା ନାହିଁ । ମାଉସୀ ଦେଖିଲା ଏବଂ ସାଙ୍ଗେ ସାଙ୍ଗେ ଖଟତଳୁ ଶିଶିଟାଏ ଆଣି ସେଥିରୁ ଦି'ଟୋପା ବାପାଙ୍କ ପାଟିରେ ଢ଼ାଳିଦେଲା । ଶୋଷ ଅବଶୋଷ ସେଇ ଦି'ଟୋପାରେ ମେଣ୍ଟିଗଲା ଯିମିତି । କେତେବର୍ଷ ତଳେ ମାଉସୀ ତା'ର ସ୍ୱାମୀକୁ ଏଇ ବୋତଲରୁ ଗଙ୍ଗାଜଳ ଦେଇଥିଲା । ବାପାଙ୍କ ହାକୁଟି ବନ୍ଦ, ପାଟି ବନ୍ଦ ଏବଂ ଆଖିଯୋଡ଼ିକ ମଧ ବନ୍ଦ ।

ବାପାଙ୍କ ମୁର୍ଦ୍ଦାର ଉଠିଯିବାର କେତେ ସମୟ ପରେ ମାଉସୀ ଆମ ଘରୁ ଅନ୍ତର୍ଦ୍ଧାନ ହୋଇଗଲା ଆମେ କେହି ଜାଣିପାରିଲୁଁ ନାହିଁ । ତା'ର ରହିବାର ବୋଧହୁଏ ଆଉ ଆବଶ୍ୟକତା ନଥିଲା । ଆମେ ବ୍ୟସ୍ତ ରହିଲୁଁ ଶୋକପାଳନ ଓ ଶୌଚକ୍ରିୟାରେ ।

ଦିନେ ଦି'ଦିନ ପରେ ଶୁଣିଲି ମାଉସୀର ଦିହ ଖୁବ୍ ଖରାପ । ସେ କାତରା ଘୋଡ଼ିଘାଡ଼ି ହୋଇ ଛିଣ୍ଡା ପଟିଆରେ ପଡ଼ିଛି । ଦିହରେ ଖୁବ୍ ତାତି । ଉଠିବାର ବସିବାର ଶକ୍ତି ନାହିଁ । ପାଣି ମୁନ୍ଦେ ଦେବାକୁ ପାଖରେ କେହି ନାହିଁ ।

ଅଶୌଚ ଅବସ୍ଥାରେ ବି ମୁଁ ଛଅଦିନ ଦିନ ଜୀବନରେ ପ୍ରଥମ ଥର ମାଉସୀର କୁଡ଼ିଆକୁ ଗଲି । ଦେଖିଲି, ମାଉସୀ ଭୂଇଁ ସାଙ୍ଗରେ ମିଶିଯାଉଛି । ଯେପରି କି ତା'ର ରକ୍ତମାଂସକୁ କିଏ ଡ଼ାହାଣୀ ଛିଣ୍ଡାଇ ଶୋଷି ଖାଇଦେଇଛି । ମୋତେ ଦେଖି ସେ ବହେ କାନ୍ଦିଲା, କୋହ ଉଠିଲା, ସାରା ଦିହ ଥରାଇ । ରହି ରହି ଧୀରେ ଧୀରେ କହିଗଲା, "ଆର ନାଇଁ ବଞ୍ଚିବିରେ ବାପା ପରଶାନ୍ତ ! ଆଉ ମର ବୋଲି କିଏ ଅଛି ଯେ, ବଞ୍ଚିବି ? ତର ବାପା ତ ଚାଲିଗଲେ; ଏ ବାପା ପରଶାନ୍ତ ! ଗୁଟେ କଥା କରିବୁ । ତର୍ ବାପା ଜୀବନ୍

Digitized by srujanika@gmail.com

ସାରା ଆର ଗଲାବେଳକୁ ବେଢ଼େ ମାଆଁସ ମାଆଁସ ହେଉଥିଲେ। ବାରଦିନରେ ବ୍ରାହ୍ମଣମାନକେ ବେଜାଏ ବେଜାଏ ବଢ଼ିଆ କଳା ଖାସିର ମାଆଁସ ଦବୁ। ଆର୍ ବଡ଼ା ଦନା ଗୁଟାକରେ ଭରତି ଦନାଏ ମାଆଁସ ଖଲାବାଡ଼ିରେ ରଖିଦବୁ ଯେ, କୁଆମାନେ ଥୁଣ୍ଟରେ ଧରି ନେଇଯିବେ ତର୍ ବାପା ପାଖକୁ। ତାଙ୍କର ଅବଶୁଷ ମେଣ୍ଟିଯିଆକ୍।"

ଦ୍ୱାଦଶାହ। ବନ୍ଧୁମିଳନ। ଛାଡ଼ଖାଇ। ମାଛ, ମାଂସ ଭୋଜିଭାତର ଦିନ। ଗୋଟାଏ ବଡ଼ କଳା ତେଲିଆ ଛେଳି କିଣାଗଲା। ଓସ୍ତାଦ୍ ରୋଷେୟା ହାତରେ ମାଂସର ମହକ ଘରବାଡ଼ି ଚାରିଆଡ଼େ ଖେଳି ବୁଲୁଥାଏ। ପୁଣି ଖିଆଲ୍ ପଶିଲା। କହିଲି, "ମାଂସହଣ୍ଡା ଚୁଲ୍ଲୀରୁ ଓହ୍ଲେଇ ବାପା ଯେଉଁଠି ଶୋଉଥିଲେ ସେଇଠି ରଖିଦିଅ। କଳକଳ ଡ଼ବଡ଼ବ ହୋଇ ଫୁଟୁଥାଉ। କବାଟ ବନ୍ଦକରି ରଖିଦିଅ ଦଣ୍ଡେ। ବାପାଙ୍କ ଅତୃପ୍ତ ମାଂସାଶୀ ଆତ୍ମା ଯଥେଚ୍ଛା ଆଘ୍ରାଣ କରି ପରିତୃପ୍ତ ହେଉ। ତାହା ହିଁ ହେଲା। ମାଂସରେ କାହାରି ଅବଶୋଷ ରହିଲା ନାହିଁ।

ମାଉସୀର ଦୂର ସମ୍ପର୍କୀୟ ଲେଖାଯୋଖା ଭାଇଟିଏ ଆମ ଘରେ ହଳିଆ ଥିଲା। କହିଲି, "ଯାହା ଯାହା ଖାଇବାର ହୋଇଛି ସବୁଥିରୁ କିଛି କିଛି ମିଶାଇ ଦନାଏଁ ଝୋଳ ସହିତ ପତରେ ଦେଇଆସ ତ।" ନେଇଗଲା ସେ ଏବଂ ଦଶ ମିନିଟ୍ ପରେ ଫେରିଆସି କହିଲା, "ଏ ବାବୁ! ତୁମେ ଯେ ରକମ କହିଥିଲ ସବୁ ନେଇ ତା'ର ମୁହଁ ପାଖରେ ବାଢ଼ିଦେଲି। ଯେତେ ଡ଼ାକିଲି ଶୁଣିଲି ନାହିଁ ବେଳକୁ ତା'ର ମେଲା ପାଟିରେ ଝୋଳ କେତେ ଠୋପା ପକେଇ ଦେଲି। ଏ ବାପା! ସେତିକିକୁ ଯେମିତି ତା'ର ଆଶା ଥିଲା। ସାଙ୍ଗେ ସାଙ୍ଗେ ଘଡ଼ର ଘଡ଼ର ବନ୍ଦ, ପାଟି ବନ୍ଦ। ସବୁ ଅବଶୋଷ ମେଣ୍ଟିଗଲା ତା'ର ଯିମିତି।"

ମାଉସୀର ଟୁଙ୍ଗିକି ଗଲି। ମା'ର ଆତ୍ମାର ସଦ୍‌ଗତି ପାଇଁ ଯେମିତି ପ୍ରାର୍ଥନା କରିଥିଲି, ମାଉସୀ ପାଇଁ ବି ଠିକ୍ ସେମିତି କଲି। ତା'ର ମାଟିଆ ରଙ୍ଗର ଦେଖା କୁକୁରଟା ତା' ଦିହକୁ ଲାଗି ଉଷୁମ ଖୋଜୁଥାଏ। ମାଆ ମାଉସୀ ଆଉ ମୋ' ନିଜ ମାକୁ ଏକାଠି ଦେଖିବାର ଅବଶୋଷ ମୋର ମେଣ୍ଟିଗଲା।

Digitized by srujanika@gmail.com

# ପୁଅ ହେଉ ବା ଝିଅ ହେଉ

ଦାଣ୍ଡ ଦରଜା ସେମିତି ମେଲା ଥିଲା । ସିଧା ଚାଲିଗଲି ଶୋଇବା ଘରକୁ, ମୁନୁ, ପିଙ୍କି, ରାନୁଙ୍କୁ ଦେଖିବା ପାଇଁ ।

ପଶିଯାଉଛି, ଦେଖିଲି ସେମାନଙ୍କ ମାଆକୁ । ମାଆ ନା ମାଆର ଭୂତ ? ଯିମିତି ମତେ ଦେଖିଦେଇଛି ସେ କି ଚମକିପଡ଼ି ଦିପାଦ ଘୁଞ୍ଚିଯାଇ ଖଟ ପାଖରେ ଛିଡ଼ାହେଲା ପିଲାମାନଙ୍କୁ ଜଗି, କାଳେ ମୁଁ ସେମାନଙ୍କୁ ଡ଼ରେଇବି । ସେ ବି ମୋତେ ବୋଧହୁଏ ଭୂତ ବୋଲି ଭାବିଥିଲା । କାରଣ ଆମେ ଦୁହେଁ ଅଧଘଣ୍ଟାଏ ଆଗରୁ ପ୍ରତିଯୋଗିତା କରିଥିଲୁ କିଏ ଆଗ ଆତ୍ମହତ୍ୟା କରିବ ।

ମୁନୁ, ପିଙ୍କି, ରାନୁଙ୍କୁ ଖୁଆଇ ପିଆଇ ଶୁଆଇ ସେ ଆଗ ବାହାରିଗଲା, ମୋ ଆଡ଼କୁ ନଚାହିଁ । ରାତି ସେତେବେଳକୁ ପ୍ରାୟ ସାଢ଼େ ଅଠୁଟା ହେବ । ସିଏ ତ ଚାଲିଗଲା ମୁଁ ବା ବଞ୍ଚି ରହି ଲାଭ କ'ଣ ? ଏ ଝିଅ ତିନିଟା ମତେ ପାଳିବେ ? ତା ଛଡ଼ା ମୁଁ ବି ରାଣ ନିୟମ ପକାଇ ସଂକଳ୍ପ କରିଛି ଆତ୍ମହତ୍ୟାର । ସିଏ ଯଦି କୌଣସି କାରଣରୁ ଆତ୍ମହତ୍ୟା କରି ନପାରି ଘରକୁ ଫେରିଆସେ ଏବଂ ମତେ ବଞ୍ଚିଥିବାର ଦେଖେ, ତେବେ ତୁଚ୍ଛ ତାଚ୍ଛଲ୍ୟରେ ହସି ମତେ ଶୂନ୍ୟକୁ ଉଡ଼ାଇ ଦେବ । ମୁଁ ବି ତେଣୁ ବାହାରି ପଡ଼ିଲି । ମୁନୁ, ପିଙ୍କି, ରାନୁ ତ ଶୋଇଛନ୍ତି । ଭୟ କ'ଣ ? ସଞ୍ଜବେଳଟାଯାକ କାହିଁକି, ସାରାଦିନ ଯେତେ କଳି ଲାଗିଛି ତାର ଏକାବେଳକେ ଗୋଟାଏ ନିଷ୍ପତ୍ତି ହୋଇଯିବ; ଏମିତି ବିରାଡ଼ି କୁକୁର ପରି କଳି ଝଗଡ଼ା ଏପରିକି ଧସ୍ତାଧସ୍ତି ମାରପିଟ୍ ପର୍ଯ୍ୟନ୍ତ ଯାଇ କେତେଦିନ ଆମେ ବଞ୍ଚିବୁ । ସାଇପଡ଼ିଶାଙ୍କ ଆଗରେ ମୁହଁ ଦେଖାଇବାକୁ କେମିତି ?

ଅଥଚ ଆମର କେଉଁଥିରେ ଅଭାବ ନାହିଁ । ଯୌବନ ଅଛି, ଧନ ସମ୍ପତ୍ତି ପ୍ରଭୁତ୍ୱ ଅଛି । ଆଉ କଣ ଦରକାର ବଞ୍ଚିବା ପାଇଁ ? ସସମ୍ମାନ ସମାଜରେ ବନ୍ଧୁବାନ୍ଧବ ମେଳରେ ବଞ୍ଚିରହିବା ପାଇଁ ? ପୁଣି ଆମ ଦୁହିଁଙ୍କ ରାଜଯୋଟକ । ଏକା ରାଶି, ଏକା ନକ୍ଷତ୍ରରେ, ଏକା ଗୁରୁବାରରେ, ଏକା ମୀନ ଲଗ୍ନରେ ଆମ ଦୁହିଁଙ୍କ ଜନ୍ମ । (ବଇଦା ଗଣକ ବାହାଘର ବେଳେ ବାପାଙ୍କଠୁଁ ପଇସା ନେଇ ଗଣଗୁଣ୍ଟା କରିଥିଲା ! ମଲା ବି ନିଜେ ସିମିତି; ତା ନିଜ ପୁଅ ତାକୁ କୁରାଢ଼ିରେ ମାଆ ସାଙ୍ଗରେ ମିଶି ଛେଚି ମାରିଦେଲା ପରା ! ଠିକ୍ ହୋଇଛି, ନିଜ ଜାତକଟା ଠିକ୍ ଦେଖିଥିଲେ ଏମିତି ଅପମୃତ୍ୟୁ ହୋଇଥାନ୍ତା !)

ପ୍ରକୃତରେ ବିବାହ ପରେ ଚାରି ପାଞ୍ଚ ବରଷ ଆମେ ଏକ ଆତ୍ମାରେ ହସଖୁସି କେତେ ଆନନ୍ଦ ଉତ୍ସବରେ କାଳ ନ କଟାଇଛୁ ? ଏ ଆତ୍ମହତ୍ୟା ରୋଗଟା ଏବେ ଦୁହିଁଙ୍କି ଗ୍ରାସିଛି ରାଜୁର ଜନ୍ମ ପରେ ପରେ । ମୁନୁ ଜନ୍ମପରେ ଆମେ ଦୁହେଁ ଖୁବ୍ ବେଶୀ ଖୁସି ନଥିଲେ

ସହକାର, ଶାରଦୀୟ ବିଶେଷାଙ୍କ, ୧୯୮୪ ।

Digitized by srujanika@gmail.com

ବି ସୁଖୀ ଥିଲୁ। ଦୁହିଁଙ୍କ ମତ ସମାନ, ପ୍ରଥମ ପିଲାଟି ଝିଅ ହେଲେ ଭଲ। ପିଙ୍କୁ ଜନ୍ମ ହେଲାବେଳକୁ ଏକୋଇଶିଆ, ଅନ୍ନପ୍ରାଶନ୍ନ ଆଦି କର୍ମ ଆଡ଼କୁ ମୋଟେ ମନ ଗଲାନାହିଁ। ଦୁର୍ଯୋଗକୁ ଆମ ସାଙ୍ଗସାଥୀଙ୍କ ଗୋଟାକ ପରେ ଗୋଟେ ପୁଅ ହେବାର ଦୁଃସମ୍ବାଦ ଆମ କାନକୁ କ୍ରମାଗତ ଆସୁଥାଏ। ଆମେ ଆଉ ନିମନ୍ତ୍ରଣ ରକ୍ଷା କରୁନଥାଉଁ, ମନକଷ୍ଟ ଏଡ଼ିବା ପାଇଁ ସମସ୍ତଙ୍କ ପୁଅ ପରେ ପୁଅ!

ପିଲାଝିଲା ପାଇବାର ଓରମାନ ମେଣ୍ଟି ଆସୁଥାଏ। ସ୍ତ୍ରୀ କହିବାକୁ ଆରମ୍ଭ କରିଥାନ୍ତି, "ବୋଝ ବୋଝ ଝିଅ ଜନ୍ମ ହୋଇ କ'ଣ ଆମ ବଂଶ ଉଦ୍ଧାର କରିବେ ?" ଝିଅ ଦୁଇଟା କିନ୍ତୁ କେତେ ସୁନ୍ଦର, ଦୁଇଟିଯାକ ଅବିକଳ ତାଙ୍କ ମାଆ ପରି। କେଡ଼େ ସୁନ୍ଦର ସୁନ୍ଦର ଆଖି, ନାକ, ଚୂଳ, ରଙ୍ଗ। ଗୁଲୁଗୁଲିଆ, କେତେକେତେ ଗୁଣର ହେବେ ବୋଲି ତୁଳସୀ ପରି ଦୁଇପତ୍ରରୁ ଜଣାପଡ଼ିଲାଣି। ଦି'ଟା ତ! ଆମର କ'ଣ ଅଭାବ ଅଛି ଯେ। ଦି'ଟାକୁ ଦି'ଲକ୍ଷ ତ, ଆଉ କେତେ ଫିକ୍ସଡ୍ ଡ଼ିପୋଜିଟ୍‌ରେ ଟଙ୍କା ରଖିଦେଲେ ତ ହେଲା। ତା'ଛଡ଼ା ପୁଅ ଆଜି ହେଇନି, କାଲିକୁ ତ ହେବ। ମାଡ଼ିଚାଲ ଏବଂ ମାଡ଼ିଚାଲିଲୁଁ। ବିଜ୍ଞାନୀ, ଡ଼ାକ୍ତରମାନେ ଏତେକଥା କଲେ, ପେଟ ଭିତର ଝିଅଟାକୁ ପୁଅ ପାଲଟିଯିବାର ବ୍ୟବସ୍ଥା ଆମର ସବୁ ସମ୍ପଦ ନେଇକରି ପାରିଲେନି! ଏବଂ ଆମର ସମସ୍ତ ଆଶଙ୍କାକୁ ଫଳବତୀ କରି ଜନ୍ମହେଲା ରାନୁ। ତଣ୍ଟିଚିପି ତା ମାଆ ମାରିପାରିବନି କହିଲା, ମାରିଦବ କହିଥିଲେ ବି ମୁଁ ନା' କରିଥାନ୍ତି ଏବଂ କୁନିଝିଅର ତଣ୍ଟିରୁ ତା'ର ଲମ୍ବା ଲମ୍ବା ଆଙ୍ଗୁଳିଗୁଡ଼ାକୁ ଫିଟାଇ ଆଣିଥାନ୍ତି।

ହେଲେ କାଳକ୍ରମେ ମୋର ବି ମାନସିକ ବିକାର ଆସିଲା; ନିଜକୁ ଧିକ୍‌କାର କଲି, ତାକୁ ପୁଅ ଦେଇପାରିଲି ନାହିଁ; ତାକୁ ଧିକ୍‌କାର କଲି ସେ ମୋ ପୂର୍ବପୁରୁଷଙ୍କ ପିଣ୍ଡ ବୁଡ଼ାଇଦେଲା ବୋଲି, ଭଲା ଘୋଡ଼ାମୁହାଁ ପୁଅଟାଏ ଜନ୍ମ କରିଥାନ୍ତା। ବିଧାତାକୁ ଅକଥା ଭାଷାରେ ଗାଳିଦେଲି; ଏତେ ପୂଜାଅର୍ଘ୍ୟ ସତ୍ତ୍ୱେ ସାମାନ୍ୟ ଲିଙ୍ଗ ପରିବର୍ତ୍ତନ କାମଟା ତାଙ୍କ ଦେଇ ହେଲାନି; ଏଡ଼େ କାଠୁଆ ଠାକୁରଟା!

ସ୍ତ୍ରୀ ତେଣେ ଭାବିଚାଲିଲେ ପୁଅ ଜନ୍ମ ନ କରିବା ଯାହା ଆଣ୍ଟୁକୁଡ଼ୀ ହବା ତାହା। ତଳସାହିରେ ଭୀମା, ଦୁଃଖା, ରାମା, ପେଟା, ହୁଣ୍ଡୁରୁ ସମସ୍ତଙ୍କ ଗୋଟାକୁ ଗୋଟା ବର୍ଷକୁ ବର୍ଷ ପୁଅ ଲମ୍ବା ଧାଡ଼ି ଧରି ଆସୁଛନ୍ତି, ଅଥଚ ଆମର ...। ସାଇ ପଡ଼ିଶା କହିଲେ, "ସବୁ ଅଛି, ପୁଅ ନାହିଁ।"

ଲୋକଙ୍କୁ, ଠାକୁରଙ୍କୁ କାହିଁକି ଦୋଷ ଦେବା ? ଆମ ନିଜର ଅକ୍ଷମତା। ଆମେ ଦୁହେଁ ଭାବିନେଲୁ। ସବୁବେଳେ ଚିଡ଼ଚିଡ଼ ଭାବ; ସେଇ ଆଖି, ସେଇ ନାକ, ସେଇ ଅବିକଳ ଇନ୍ଦ୍ରିୟରାଶି ରହିଛି, ଅଥଚ କିଏ ଯେମିତି ଗୁଣି ଗାରିଡ଼ି କରିଦେଲା। ଆମେ ଦୁହେଁ ଭିଡ଼ଫାଟ୍ ଧରିବାକୁ ଆରମ୍ଭ କଲୁ। ଏକ ଶଯ୍ୟା ପରିବର୍ତ୍ତେ ପୃଥକ୍ ଶଯ୍ୟା କେବଳ ନୁହେଁ ପୃଥକ୍ କୋଠରୀର ବ୍ୟବସ୍ଥା ହେଲା। ମୋ ଘରେ ମୁନୁ, ପିଙ୍କୁ ସେ ଦୟାକରି

Digitized by srujanika@gmail.com

(ବାଧହୋଇ) ରାନୁକୁ ନେଲେ। ଏଇ ସନ୍ତାନ ଶରଣ ନେଇ ବୈକୁଣ୍ଠ ନରକରେ ପରିଣତ ହେଲାପରି ଲାଗିଲା।

ଗୋଟିଏ କାରଣ ଶହେ କାରଣରେ ପରିଣତ ହେଲା ମନୋମାଳିନ୍ୟ କ୍ଷେତ୍ରରେ, ସେ ଶହେ ପୁଣି ଶାଖା ପ୍ରଶାଖା ମେଲିଲା। ଏତେଦୂର ଗଲା ଯେ, ଯେଉଁ ଚା' କପଟି ପାଇଁ ମୁଁ ସକାଳେ ଏତେ ଆକୁଳ ଓ ଆତୁର ଆଗ୍ରହରେ ଚାହିଁଥାଏ ତାହା ପିତା ଲୁଣିଆ ଗନ୍ଧିଆ ହେଲା ଏବଂ ମୁଁ ଘରକୁ ଫେରିଲାବେଳେ ମୁଣ୍ଡରେ ଓଢ଼ଣାଟାଣି ଜକା କବାଟ ବା ଝରକା ଫାଙ୍କର ଟିକି ମୁହଁଟି ଦେଖିବା ଦୁର୍ଲ୍ଲଭ ହେଲା।

ଦୁହେଁ ଦୁହିଁଙ୍କ କ୍ରୋଧର ଉପଶମ ପାଇଁ ଆମେ ତିନୋଟି ସନ୍ତାନଙ୍କ ପିଠି ଓ ଗାଲ ଉପରେ ସବୁବେଳେ ନଜର ରଖିଲୁ ଏବଂ ବିଧା ଚାପୁଡ଼ା (ଯଦିଓ ନିଜେ ନିଜକୁ ବା ପରସ୍ପରକୁ ଜଣାନଥିଲା) ମରାମରି ହେଲୁଁ। ଘର ଭିତରେ ଚେଁ ଚାଁ, ଭେଁ ଭାଁ ଧାଁ-ଦଉଡ଼ ସବୁବେଳେ ଲାଗି ରହିଲା, ଆମରି ଦୌରାତ୍ମ୍ୟରେ ପଡ଼ୋଶୀଟିଏ ଅନ୍ୟ ଭଡ଼ାଘରକୁ କେତେଦିନ ହେଲା  ଚାଲିଗଲେଣି। ମୁନୁ, ପିଙ୍କି, ରାନୁ କ୍ରମେ ତତ୍ତ୍ୱଯତ୍ନ ଅଭାବରେ ଶ୍ରୀହୀନା ହୋଇଗଲେ ଏବଂ ଛେଉଣ୍ଡ ପରି ଦିଶିଲେ। ଆମଦୁହିଁଙ୍କ ମୁହଁ ଦେବ ଦେବୀର ରୂପ ହରାଇ ରାକ୍ଷସ ରାକ୍ଷସୀ ରୂପ ନେଲା।

ଏମିତି ଦହଗଞ୍ଜିଆ ହୀନିମାନିଆ ଜୀବନକୁ ଶେଷ କରିବାର ଏକମାତ୍ର ଉପାୟ ଆତ୍ମହତ୍ୟା। ସୁଇସାଇଡ୍ ସ୍କ୍ୱାଡ଼ ନ ଗଢ଼ି ଆମେ ଅଲଗା ଅଲଗା ନିଷ୍ପତ୍ତି କଲୁଁ ସେଇ କୁକର୍ମ, ଅପକର୍ମ ପାଇଁ, ଯେଉଁଥିପାଇଁ ଲୋଡ଼ା ଦୁଇ ତିନିଟା ପାଖର ମୁହୂର୍ତ୍ତ। ମରିବା ପାଇଁ ବା ମାରିବା ପାଇଁ ଗୋଟାଏ ମୁଡ଼୍ ଆସିଲେ ତ ହେଲା।

ଦିନଯାକର (ଦୁଇ) ଘଟଣାବଳୀରେ ପରିସମାପ୍ତି ଘଟାଇ ଯେତେବେଳେ କୁଆଡୁ ଖଣ୍ଡିଆ ଭୂତପରି ମାଡ଼ିଆସି ସ୍ତ୍ରୀରତ୍ନ ରେଡ଼ିଓଟାକୁ ଟେବୁଲ୍ ତଳକୁ ଫୋପାଡ଼ି ଦେଲେ ଏବଂ ମୋ ଚଷମାକୁ ନାକରୁ କାଢ଼ିନେଇ ତଳେ ବାଡ଼େଇ ଦଲେ (ମନ ଭୁଲାଇବା ପାଇଁ ରେଡ଼ିଓ ଶୁଣିବା ବା ଖବରକାଗଜ ପଢ଼ିବା କେତେ ଦରକାର ସତେ।) ମୋର ସେଇ ଯୋଡ଼ାଏ ପାଗଳ ମୁହୂର୍ତ୍ତ ଆସିଗଲା ଏବଂ ଅପମୃତ୍ୟୁ ଉଦ୍ଦେଶ୍ୟରେ ମୁଁ ଘରୁ ବାହାରିଗଲି ଗେଞ୍ଜି ଲୁଙ୍ଗି ପିନ୍ଧି ଅନ୍ଧାରୁଆ ଜଗତକୁ। ମୋର ଚେତା ନଥିଲା। ବହିର୍ଜଗତ ଅଛି ଏକଥା ଭୁଲି ଯାଇଥିଲି।

ମୁଁ ଦିନେ ଦି'ଦିନ ହେବ ସେଇ ଆତ୍ମହତ୍ୟା କଥାଭାବି ଉପାୟ ଓ ସ୍ଥାନ ମନେ ମନେ ନିରୂପଣ କରିସାରିଥିଲି, କାଳେ ରାଗ ବା ଦୁଃଖର ଚୋଟରେ ବିଚାରଶକ୍ତିହୀନ ହୋଇ ବାଜେ ଭାବରେ ନିଜକୁ ଶେଷ କରି ବସିବି ଏବଂ ଜନେ ହସିବେ। ଆତ୍ମହତ୍ୟାର ବି ତ ଗୋଟାଏ ଡ଼ିସେଣ୍ଟ ଓଏ ଅଛି।

ନିଦବଟିକା ମୁଠାଏ ଖାଇଦେବି । ବଢ଼ିଆ ଉପାୟ; କିନ୍ତୁ ଭେଜାଲ ବା ମାତ୍ରାଜ୍ଞାନର ଅଭାବରେ ଇପ୍‌ସିତ ଫଳ ନ ମିଳିପାରେ, ଡ଼ାକ୍ତର ହୁଏତ ବଞ୍ଚାଇଦବ। ଛାଡ଼! ପିସ୍ତଲ

Digitized by srujanika@gmail.com

ତ ନାହିଁ। ଛୁରା ଛାତିରେ ଭୁଷିବି, ମୁଠାରେ ବଳ ନପାଇପାରେ। ଖାଲି ଘାଉଲା ହବା ସାର। ଛାଡ଼!

ସେଦିନ ଭିତ୍ତିପ୍ରସ୍ତର ପାଖରେ ଛିଡ଼ାହୋଇ ଅଢ଼େଇ କୋଟି ବ୍ୟୟରେ ନିର୍ମିତ "ଫ୍ଲାଇଓଭରର ବିବରଣୀ ଯାହା ରେଳଲାଇନ୍ ଉପରେ ପଢୁଥିଲି। ସେଥିରେ ଉଚ୍ଚତା ଲେଖାଥିଲା ପନ୍ଦର ମିଟର। ମରିବା ପାଇଁ ପ୍ରଶସ୍ତ, ଯଥେଷ୍ଟ ଉଚ୍ଚ। ଭଲ ହୋଇଛି ଏ ଯାକେ ଅନ୍ଧାର ଅଛି କିଲୋମିଟର ଯାକ। ମ୍ୟୁନିସିପାଲିଟି ନିର୍ବାଚନ ସରିବ, ଉଜ୍ଜ୍ୱଳ ଆଲୋକ ଆସିବ, ବର୍ତ୍ତମାନ କେବଳ ଆଲୋକିତ ଅନ୍ଧାର। ରାତି ଦଶଟା ପରେ ଟୋକା ଟୋକିଏ ସନ୍ଧ୍ୟା ସୋ' ସିନେମା ପରେ ଡ୍ରଗ, ଦେଶୀ/ପରବନ୍, ଗଞ୍ଜା (ସବୁ ପୋଲତଳେ ଅଛି) ଖାଇପିଇ ଟାଣି ଏଇଠି ଆରମ୍ଭ କରନ୍ତି ଆତ୍ମହତ୍ୟାର ଅଭିନୟ। ଡ଼େଇଁପଡ଼ିବ ଆଖିବୁଜି ନିଃଶ୍ୱାସ ବନ୍ଦକରି, ସବୁ ଅନ୍ଧକାର। ଏଇତ ଟ୍ରେଜିକ୍ ହିରୋ।

କିନ୍ତୁ ସଂକଳ୍ପ କ୍ରମେ ନରମ ହୋଇଆସୁଛି କାହିଁକି ? ଜୀବନଯାକ ବଞ୍ଚିବାରେ ଯେତେ କଷ୍ଟ ଆୟାସ ନଥିଲା ମରିବା ତା'ଠାରୁ ଅଧିକ କଷ୍ଟକର ଜଣାପଡୁଛି। ଆତ୍ମହତ୍ୟା ପାଇଁ ସବୁ ଗବେଷଣା ନୀତିଶାସ୍ତ୍ର ପଢ଼ିସାରିବା ପରେ ଦୁର୍ବଳତା ମନକୁ ଛୁଉଁଛି କିପରି ? ଆରେ ଡ଼େରି ହୋଇଯାଇଛି। ବାଘୁଣୀ ଯଦି ଏଇଲାଗେ ଆସେ ଦେଖିବ ଯେ ମୁଁ ଆତ୍ମହତ୍ୟା ଏ ଯାକେ କରିପାରିନି ତେବେ ସେ ମୋତେ ଜିଣିଯିବ। ନା, ହେଇ ଡ଼େଇଁଲି। ପଚାଶ ଫୁଟ ଯଥେଷ୍ଟ, କାଲି ସକାଳୁ ସେ ଆସି ଦେଖିବ ଶସଟି ଉଭେଇ ଯାଇଛି, ଖାଲି ଚୋପାଟି ଖୋଳପାଟି ପଡ଼ିଛି। ତଳକୁ ଚାହିଁଲି, ଅନ୍ଧକାର। ସେଇ ଅନ୍ଧାର ଭିତରେ ମୁନୁ, ପିଙ୍କୁ, ରାନୁଙ୍କ, ମୁହଁମାନ କ୍ଷଣିକ ପାଇଁ ଦିଶିଗଲା। ମୁଁ ନଇଁପଡ଼ି ଏକ ଦୁଇ ତିନି କହି ଡ଼େଇଁପଡ଼ିଲି; ଆଗକୁ ନୁହେଁ ପଛକୁ। ଯେଉଁଠି ଛିଡ଼ା ହୋଇଥିଲି ସେଇଠି ପଡ଼ିଲି। ପିଚାକୁ ଟିକେ କାଟିଲାପରି ଲାଗିଲା ।

କେଉଁ ଏକ ଅଦେଖା ହାତ ମତେ ତେବେ ଏ ଆତ୍ମୋତ୍ସର୍ଗରୁ ବାଧା ନିବୃତ୍ତି ଦେଲା! ସେ ଚାହେଁ ନାହିଁ ମୋର ମରଣ; ମୁନୁ, ପିଙ୍କୁ, ରାନୁ, ବି ବୋଧହୁଏ ଚାହାନ୍ତି ନାହିଁ। କେବଳ ମୋ ସ୍ତ୍ରୀ ଚାହୁଁଥିବ!

ଏତିକିବେଳେ ଗୋଲେଇଆଡୁ ଆସୁଥିବ ଗୋଟାଏ ଟ୍ରକର ଆଲୁଅ କ୍ଷଣକ ପାଇଁ ମୋ ଉପରେ ପଡ଼ିଲା। ସ୍ୱଳ୍ପ ଅପ୍ରଶସ୍ତ ପୋଷାକ ପାଇଁ ମୁଁ ଲଜ୍ଜିତ ହେଲି। ତା'ପରେ ମୋର ପୂରା ଚେତା ଆସିଲାରୁ ଉପଲବ୍ଧ କଲି ଯେ ଆତ୍ମହତ୍ୟା ମୋ ଦେଇ ହେଲାନାହିଁ। ଏଥର ଆଇନକାନୁନ କଥା ଭାବିଲି। କେହି ଦେଖିନାହିଁ ତ ? ଆତ୍ମହତ୍ୟା କରିପାରିଲେ ତ ଭଲ ନ କରି ପାରିଲେ ଆତ୍ମହତ୍ୟାର ପ୍ରଚେଷ୍ଟା ଯୋଗୁଁ ମୋତେ ଥାନାବାଲାଏଁ... ଧୀରେ ଧୀରେ ଚୋରଙ୍କ ପରି ପୋଲ ତଳକୁ ଖସିଯିବାର ଚେଷ୍ଟା କଲି। ମନେ ପଡ଼ିଲେ ମୁନୁ, ପିଙ୍କୁ, ରାନୁ। କି ଆଶ୍ଚର୍ଯ୍ୟ! ସେମାନଙ୍କଠାରୁ ବିଦାୟ ନ ନେଇ ଶେଷଦେଖା ନ ଦେଇ ମୁଁ କେମିତି ଆସିପାରିଲି ? ତାଙ୍କ ମାଆ ମୋରି ପଛେ ପଛେ ଆସି ଯଦି

Digitized by srujanika@gmail.com

ଆତ୍ମହତ୍ୟାରେ କୃତକାର୍ଯ୍ୟ ହୋଇ ପୋଲତଳେ ପଡ଼ିଥିବ ତେବେ କିଏ ଚିହ୍ନଟ କରିବ। ପୋଲତଳ ଛୁଇଁ ପ୍ରାୟ ଦଉଡ଼ିବାକୁ ଆରମ୍ଭ କଲି। ପୋଲତଳ ଅଣଓସାରିଆ ରାସ୍ତାର ଏପାଖ ସେପାଖ ନାରୀମୂର୍ତ୍ତି କେଉଁଠି ପଡ଼ିଥିବ ବୋଲି ଚାହିଁଲି। ପୋଲ ଶେଷ ପହୁଞ୍ଚିବା ଉପରେ; କାହିଁ ? ସେ ତେବେ ଅନ୍ୟ ଉପାୟରେ ଆତ୍ମାହୁତି ଦେଲା ? କି ପେଥେଟିକ୍!

ଢଳେଇ ପୋଲ ଫ୍ଲାଇଓଭର ଯେଉଁଠି ସରିଛି ଏବଂ ରାସ୍ତାର ମାଟିକାମ ଆରମ୍ଭ ହୋଇଛି, ସେଇଠି କ୍ଷଣକ ନିଃଶ୍ୱାସ ମାରୁଥାଏ। ଆମ କୋଠାଟା ସେଠାରୁ ପ୍ରାୟ ତିନିଶହ ଗଜ ହେବ; ଆଲୁଅ ସବୁ ଜଳୁଛି, ଆତ୍ମହତ୍ୟାକୁ ବାହାରି ଆସିଥିଲା ବେଳେ ଯିମିତି ଜଳୁଥିଲା। ଦେଖିପାରୁଛି କବାଟ ଝରକା ସବୁ ଭାଁ ଭାଁ ହୋଇ ମେଲା ରହିଛି। ମୁନୁ, ପିଙ୍କି, ରାନୁ, ହାୟ! ହାୟ! ନିରାଶ୍ରୟ ଭିଖାରୀଛୁଆ ପରି ପଡ଼ିଥିବେ, ଯଦି ତାଙ୍କ ମାଆ ବି ବାହାରି ଆସିଥାଏ ଆତ୍ମହତ୍ୟାକୁ। ସକ୍ ସକ୍ ହୋଇ କାନ୍ଦିଲି; ଟୋପାଏ ଦି'ଟୋପା ଲୁହ ବି ଗଡ଼ିଆସିଲା ଗାଲ ଦେଇ।

ପୋଲତଳ ସେଇ ଗୁମ୍ଫା ପରି ଅନୁଚ (ଛିଡ଼ା ହେଲେ ମୁଣ୍ଡ ବାଜିବ) ସ୍ଥାନ ଆଡ଼କୁ ଅନାଇଲି। ପରିବ୍ୟାପ୍ତ ଅନ୍ଧାର ଭିତରେ ଭିଡ଼ିଓ ଛବିପରି ଦୃଶ୍ୟଟାଏ ମୋତେ ଦିଶିଗଲା। ପାଖ ଦୋତଲା ରେଲିଂ ପରଦାବିହୀନ ଝରକା ଦେଇ ବାରଲାଇଟ୍ ଆଲୁଅ ଗୁମ୍ଫାଟି ଚତୁଷ୍କୋଣାକାର ଛବିପରି ଆଲୋକିତ ହୋଇଛି। ଯିମିତି ରୂପେଲୀ ପରଦାରେ ଛବିସବୁ ଦଣ୍ଡେ ପରେ ପଡ଼ିବ।

ସମ୍ମୁଖରେ ଦେଖିଲି ଅପୂର୍ବ ଦୃଶ୍ୟ। ବିଶ୍ୱବିଖ୍ୟାତ ବ୍ଲୁ ଲେଗୁନ ଫିଲ୍ମର ବହୁ ପ୍ରଚାରିତ ବିଜ୍ଞାପନୀ ଛବିରେ ନାୟକ ନାୟିକା ଛିଡ଼ା ନ ହୋଇ ପାଖେ ପାଖେ ଲଗାଲଗି ହୋଇ ବାଲି ଶେଯରେ ଶୋଇଥିଲେ ଯିମିତି ଦିଶନ୍ତେ ସେମିତି ପ୍ରକୃତ ଜୀବନ କ୍ଷେତ୍ରରେ ଶୋଇଛନ୍ତି କଳାକଳା ପୁରୁଷ ଓ ସ୍ତ୍ରୀ, ଉଭୟଙ୍କ ପରିଧାନ ପ୍ରାୟ ନାହିଁ । ସ୍ତ୍ରୀ ଲୋକଟିର ଛାତିରେ କଅଁଳା ପିଲାଟାଏ ପେଟେଇ ଶୋଇ ଗୋଟାଏ ସ୍ତନକୁ ଚଁ ଚଁ କରି ପିଇଚାଲିଛି, ଅନ୍ୟଟିର ବେଣ୍ଟିକୁ ବାଁ ହାତରେ ଧରି ମୋଡୁଛି । ଆଉ ମଧ ଦି'ଟା ଝିଅ ସେମାନଙ୍କ ଚାରିପଟେ ଘୂରି ଘୂରି ତାଙ୍କ ଭାଷାରେ କ'ଣ ଗୁଡ଼ାଏ ଗୀତଗାଇ ନାଚୁଛନ୍ତି, କେତେବେଳେ ବଜାରିଆଙ୍କ ଠାରୁ ଶିଖିଥିବା ଡ଼ିସ୍କୋ ନାଚ ବି ବାପ ମା'ଙ୍କୁ ଦେଖାଉଛନ୍ତି । ମାଟିଆ ରଙ୍ଗର ରୋଗା କୁତାଟାଏ ପୁରୁଷର ଗୋଡ଼କୁ ଲାଗି ଶୋଇଛି ଏବଂ ଲାଞ୍ଜ ଭୂଇଁରେ ପିଟି ପିଟି ତାଳ ଦେଉଛି ସେମାନଙ୍କ ସହିତ । ପୁରୁଷର ମୁଣ୍ଡଆଡ଼କୁ କଳା ପାଣିମାଠିଆ, ହାତେ ଦୂରରେ ବାଉଁଶିଆ ଯାହା ଭିତରେ ପଖାଳ ହାଣ୍ଡି, ବଡ଼ କଂସା ବେଲାଟାଏ, ମୁଣ୍ଡି ଛାଞ୍ଚୁଣି ଓ ଲାଉ ତୁମ୍ବିଟାଏ । ଟୁକୁରା ପଟିଆ ଛିଣ୍ଡାକନା ଏଣେତେଣେ ପଡ଼ିଥିବାରୁ ମଶାଣିର ଦୃଶ୍ୟଟିଏ ଦେଖିବାକୁ ମିଳୁଛି । ଯେଉଁ ତିନୋଟି ସନ୍ତାନ ସନ୍ତତି ଦେଖିଲି; ଛଅ ଚାରି ଦୁଇ ବୟସର, ଆମରି ମୁନୁ, ପିଙ୍କୁ, ରାନୁ ସାଇଜର ।

Digitized by srujanika@gmail.com

ଏମାନେ କିନ୍ତୁ ଆଲକାତରା ପରି କଳା । ସ୍ତିମିତ ସୀମିତ ଆଲୋକରେ ମଧ୍ୟ ସ୍ପଷ୍ଟ ଜାଣିହେଉଥିଲା ସମସ୍ତେ ଝିଅ ।

କୌତୁହଳୀ ହୋଇ ଦଣ୍ଡେ ଛିଡ଼ା ରହି ପଚାରିଦେଲି, "ଏତେ ରାତି ହେଲାଣି, ଶୋଇନ ତୁମେ ସବୁ। ପିଲା ଝିଲାଏଁ କ'ଣ ରାତିଯାକ ଏମିତି ଉଜାଗରରେ କଟେଇବ ?"

ପୁରୁଷଟା କହିଲା, "ନିଦ ମାଡ଼ିଲେ ଶୁଇବେ । ଅଖଣି ଖେଳୁଛନ୍ । ଆମର ତ କଡ଼େ ନିଦ ହେଇ ଗଲାନି । ଆଲ ନା ଦୀପ, ଆମର ତ ଏଠେ କିଛି ନାଇଁ । ବେଳଠୁଁ ପଖାଳପାଣି ଖାଇଦେଇ ଶୁଇଗଲେ ହେଲା । ଆମରି ଦିନ ଯାହା ରାତି ବି ତାହା ।"

"ଏ ତିନିଟିଯାକ ଝିଅ ? ଗୋଟେ ବି ପୁଅ ନାହିଁ ?"

"ଝିଅ କିଏ ପୁଅ କିଏ ପଚାରୁଛି କିଏ ? ଦେଖୁଛି କିଏ ? ଆମର ହାତରେ କି ଝିଅ ପୁଅ ଅଛି ? ପୁଅ ହେଲେ ବି ମର ଛୁଆ, ଝିଅ ହେଲେ ବି ମର । ତୁମର ବଡ଼ ନୁକ ଯେତେ ଝିଅ ପୁଅ ବାଛ, ଆମର ସବୁ ସମାନ । ଝିଅ ହେଲେ ବି ଖଟିନୁଟି ଖାଇବ, ପୁଅ ହେଲେ ବି ଖଟିବ ଖାଇବ । କାମ ଦାମ ନ କରି ଦୁନିଆଁ କିଏ ବଞ୍ଚୁଛି ? ପୁଅ ହେଲା ବୁଲି ପାଳିବି, ଝିଅ ହେଲେ ପକେଇଦେବି ! କି ଯେ କହୁ !"

"କିମିତି ଏତେ ପ୍ରାଣୀ ବଞ୍ଚୁଛି ଜଣକର ମଜୁରୀ ଉପାର୍ଜନରେ ?"

"କହିଲି ଯେ ଖଟୁଛି, ଖାଉଛି, ଆମର ଦୁଇଜଣ ଯେ । ଷୋଳ ଟଙ୍କାରେ ଦିନକର ହବନି ? ଆଉ କେତେଦିନ ଗଲେ ବଡ଼ଟା ଛେଳି ଜୁଗିବ, ଖତ କୁଢ଼େଇବ ?"

"ହେଲା ତର କଥା । ଖୁଏଇ ପିଏଇ ବଡ଼ କଲୁ । ବାହାଥୁରା ଦବୁ ତିନିତିନିଟା ଝିଅକୁ କିମିତି ?"

"ବାହା କେମିତି ଦେବି ! କଂସା ଖଣ୍ଡେ କି ବେଲାବାସନ ଖଣ୍ଡେ ଆଉ କନାକପଟା ହାତେ ହେଲେ ତ ବାହାଘର ହେଲା । ମର ଝିଅଟାର କି ଦାମ ନାହିଁ ଯେ, ଆହୁରି ଟଙ୍କା ପଇସା ଜିନିଷପତ୍ର ଦେବି ? ଓଲଟା ପଣ ଦେଇ ତ ବର ମର ଝିଅକୁ ନବ । ତୁମର ଜାତିର ମିତି ଆମର ଝିଅକୁ ସୁନା ଗହଣା ଦେଇନି । ତୁମର ବଡ଼ନୁକ ପୋଲ ଉପରେ ଯାଅ, ଆମର ତଳେ । ଆମର ଏଇଠି ପଡ଼ିଛି ଖରା ହେଲା ଭଲ, ବର୍ଷା ହେଲା ଭଲ ।"

"ତୁମେ ମରିଗଲେ ତୁମର ଯାହା ଅଛି କିଏ ଖାଇବ, କାହାକୁ ଦେଇଯିବ ?"

"ତୁ ନବୁ, ତୁ ଖାଇବୁ । ତୁ ଏତେ ବୋକା ! ତର ଗୁଳାଏ ଅଛି, ଘର ଦୁଆର ଅଛି ବୁଲି ଏକଥା ପଚାରୁଛୁ ! ଆମର ପି.ଇ. (ପ୍ରଜେକ୍ଟ ଇଞ୍ଜିନିଅର) ରକମ ହେଉଛୁ ।"

ଭାଗ୍ୟ ଭଲ ସେ ମୋତେ ଚିହ୍ନିନି । ସବୁ ଦେଖୁଥାଏ, ଶୁଣୁଥାଏ ଭାବୁଥାଏଁ । ଭାବୁଥାଏ ସିଏ ଯଦି ୟାର ଏ ଜ୍ଞାନ କଥାଗୁଡ଼ାକ ଶୁଣିଥାନ୍ତା, ତେବେ ଆତ୍ମହତ୍ୟା ଆଡ଼କୁ ଆଗେଇଥାନ୍ତା ! ମୁଁ ତ ମୂର୍ଖ, ସେ ମହା ମୂର୍ଖ । ଆମରି କୋଠା ପାଖରେ ଏ ମହର୍ଷି ପଡ଼ିଛି ଅଥଚ ଆମେ ଦି'ଟା ହସ୍ୟାସ୍ପଦ ହେଉଛୁ !

Digitized by srujanika@gmail.com

ମନଟା ଆଉଟୁ ପାଉଟୁ ହେଉଥାଏ ଘରକୁ ଫେରିବା ପାଇଁ ମୁନୁ, ପିଙ୍କୁ, ରାନୁଙ୍କୁ ଦେଖିବା ପାଇଁ । ଆଉ ପଦେ ଦି'ପଦ କଥା କହି ବୁଝିଲି ସେମାନେ କେତେ ବର୍ଷ ପୂର୍ବେ ସିମିଳିପାଳ ଅଞ୍ଚଳରୁ ଏଠାକୁ ଆସି ପୋଲ କାମ କରୁଥିଲେ । ତାଙ୍କ ନିଜ ପାଇଁ ସହରାଞ୍ଚଳରେ ସ୍ଥାନ ନ ପାଇ ପୋଲତକ ଗୁମ୍ଫାରେ ରହି ଯାଇଛନ୍ତି । ଦୁଇଟି ପ୍ରାଣୀ ପାଖାପାଖି ଅନେକ ଦିନ କାମ କରୁଁ କରୁଁ ଦିହ ଘଷାଘଷି ହେଉଁ ହେଉଁ ପ୍ରେମରେ ଆବିଳତା ଆସିବା ପୂର୍ବରୁ (ଆଦିବାସୀ ଝିଅ ଉପରେ ଛାଟିଆ ବାବୁ ଠାରୁ ଛତ୍ରପତ ପି.ଇ. ଯାକେ ଆଖିରଖନ୍ତି) ସେମାନେ ବି ଆମ ପରି ମେଡ୍ ଫର ଇଚ ଅଦର ହୋଇଗଲେ ବିନା ଯାତକ ଟିପଣାରେ । ସେମାନଙ୍କ ପରିବେଶ ଓ ଜୀବନଯାପନ ପ୍ରଣାଳୀ ଓ ଜୀବନ ଦର୍ଶନରୁ ଭାବିଲି ଗୌତମ ରାଜବାଟୀରୁ ବାହାରି ଦିନେ ଯଦି ଏମାନଙ୍କୁ ଦେଖି କଥାବାର୍ତ୍ତା କରିଥାନ୍ତେ ତେବେ ନିର୍ବାଣ ଖୋଜିବା ଆଗରୁ ୟାଙ୍କୁ ଘରଦ୍ୱାର ପୋଷାକପତ୍ର ଯୋଗାଇବା କଥା ଆଗ ଭାବିଥାନ୍ତେ; ପ୍ରାସାଦ ଛାଡ଼ି ପଳାଇ ନଥାନ୍ତେ ବଣ ଜଙ୍ଗଲକୁ ନିର୍ବାଣର ଅନୁସନ୍ଧାନରେ ।

ଏକମୁହାଁ ଘର ଭିତରକୁ ପଶିଯାଇ ପରସ୍ପରର ଭୂତ ଦେଖିଲୁଁ । ଭାବିଲି ଆତ୍ମହତ୍ୟା କରିବା ପାଇଁ ଯେମିତି ନୈତିକ ଓ ମାନସିକ ସାହସ ଦରକାର ସ୍ତ୍ରୀ ତାହା ମୋରି ପରି ସଂଗ୍ରହ କରି ପାରିନାହାନ୍ତି । ମୃତ୍ୟୁ ତାଙ୍କୁ ବି ହୁଏତ ରିଜେକ୍ଟ କରି ଦେଇଛି । କ୍ଷଣେ ଚାହାଁଣୀ ପକାଇ ଦେଖିଲି ବେଡ୍‌ରୁମ୍‌ରେ ମୁନୁ, ପିଙ୍କୁ, ରାନୁ ପରସ୍ପର ଦିହରେ ହାତ ପକାଇ (ମନେ ମନେ ବାପା ମାଆଙ୍କୁ କୁଣ୍ଢେଇ ଶୋଇଛନ୍ତି) ଶୋଇଯାଇଛନ୍ତି । ତାଙ୍କ ଆଡ଼େ ନ ଚାହିଁ ଆଡ଼ମୁହଁ ହୋଇ ଅତିଥିଙ୍କ ପାଇଁ ଉଦ୍ଦିଷ୍ଟ ବାହାର କୋଠରୀକି ପଶି କବାଟ ବନ୍ଦକରି ଶୋଇଗଲି ।

ସକାଳେ ଠକ୍ ଠକ୍ ଆୱାଜ୍ ଶୁଣି ଉଠିପଡ଼ି କବାଟ ଫିଟାଇଲି । ଗୋଟାଏ ପୁରା ରାତିର ପାକଳ ନିଦ ଉତ୍ତପ୍ତ ମସ୍ତିଷ୍କକୁ କେତେ ଶୀତଳତା ଓ ପ୍ରଶାନ୍ତ ଆଣି ନଦିଏ । ପରଦା ଉଠାଇ ଦେଖିଲି ସେଇ ସ୍ୱର୍ଗୀୟ ଦୃଶ୍ୟ ଯାହା ଜୀବନଯାକ ନିତି ପ୍ରତି ସକାଳେ ଦେଖି ଅପାର ସୁଖ ଓ ଶାନ୍ତିରେ ଦିନଟି କଟାଇବାକୁ ମୁଁ ଭଲ ପାଇଛି ।

ଦି'ଦିପଟ ସୁନାଚୁଡ଼ି ପିନ୍ଧା ଗୋରା ଗୋରା ହାତରେ ଧୂଆଁ ବାହାରୁଥିବା ଚାଇନା କପଟି ଧରି ଆଖିରେ ନାନା ମେଜିକ୍/ଭେଲିକି ଦେଖାଇ ଯଦି ଛିଡ଼ାହୋଇ ସ୍ୱର୍ଗ ମାଗନ୍ତି ମୁଁ ତ ଖଣ୍ଡେ ତାଙ୍କୁ ଦେଇଦେବି । ମୁଁ ସବୁ ଭୁଲି କଥା କେଉଁଠୁ ଆରମ୍ଭ କରିବି ଠିକ୍ କରିପାରିଲିନି । ଚା' ଚୁମୁକେ ଚମୁକେ ପିଉଥାଏଁ ତାଙ୍କ ମୁହଁକୁ ଚାହୁଁଥାଏ । କପ୍ ଥୋଇଲାମାତ୍ରେ ସେ ମୋ ହାତକୁ ନେଇ କପାଳରେ ଥୋଇଲେ, କହିଲେ ତାତିଛି ନ ? କାଲି ରାତି କି କାଳରାତ୍ରି ! ଗୋଟିଏ ପିଶାଚୀ ଆଶ୍ରା କରିଥିଲା ମତେ । ତୁମକୁ ବି ଭୂତ ଜାବୁଡ଼ିଥିବ । ଜଗନ୍ନାଥଙ୍କ ଦୟାରୁ ଦୁହେଁ ବର୍ତ୍ତିଗଲୁଁ, ମନୁ, ପିଙ୍କୁ, ରାନୁ ବି ବର୍ତ୍ତିଗଲେ । ଦୁହେଁ ଚାଲିଯାଇଥିଲେ ସେମାନଙ୍କ କଥା କିଏ ବୁଝିଥାନ୍ତା ? ସେମାନେ କ'ଣ

Digitized by srujanika@gmail.com

ଚଢ଼େଇଚଟା ଗୋଗୁଛେଳି ହୋଇଛନ୍ତି ଯେ ମା' ବାପ ଛାଡ଼ିଗଲେ ଚରିବୁଲି ଖାଇବେ। ଦେଖଣା ଲାଗିନି ବିଚାରାଙ୍କର । ତଥାପି ମୁଁ ଗଲି ଆତ୍ମହତ୍ୟା ପାଇଁ କି ତୁମକୁ ଫେରାଇ ଆଣିବା ପାଇଁ ମନେପଡୁନି । ପୋଲ ଉପରଟା ଖୁବ୍ ଅନ୍ଧାର, ଡ଼ର ମାଡ଼ିଲା, ଗୋଟାଏ ଜାଗାରେ ତଳକୁ ଚାହିଁଲି । ଡ଼ର ମାଡ଼ିଲା ପୋଲ ତଳେ ତଳେ ଚାଲିଲି; କାଳେ ତୁମେ କେଉଁଠି ପଡ଼ିଯାଇଥିବ, ପାଖରେ କେହି ନଥିବେ । ତୁମକୁ ନପାଇ ଗୋଟାଏ ଅଦ୍ଭୁତ ଜାଗାକୁ ଚାଲିଗଲି । ସେ ଜାଗାଟାକୁ ତୁମକୁ ଦେଖାଇବି ଆସ, ମୁନୁ, ପିଙ୍କୁ ଗାନୁ ଉଠିନାହାନ୍ତି । ଏଇଠି ପାଖରେ, ଆସ ଯିବା ତୁମେ କଦାପି ଭାବିବ ନାହିଁ ଯେ, ମୁଁ ଆତ୍ମହତ୍ୟା କରିବାକୁ ଡ଼ରିଲି । ଅସଲ କଥାହେଲା ରାଗଚୋଟରେ ଭୁଲିଗଲି ତୁମକୁ ପଚାରିବାକୁ କିମିତି ଆତ୍ମହତ୍ୟା କରିବାକୁ ହୁଏ । ସ୍ୱାମୀକୁ ନ ପଚାରି ମୁଁ କ'ଣ କିଛି କରେନା କରିପାରେଁ ।"

"ମୋର ବି ସେଇ ଅବସ୍ଥା । ତୁମକୁ ନ ପଚାରି ମୁଁ ବି ଫେଲ୍, ମାରିଛି, ଥରେ ଡେ଼ଇଁଥିଲି ଯେ ଆଗକୁ ନ ଡେ଼ଇଁ, ପଛକୁ ଡେ଼ଇଁଲି ।"

ଦୁହେଁ ଚାଲିଲୁଁ । ସେଇ ଜାଗାକୁ ଯେଉଁଠି ଗୁମ୍ଫାର ବାସିନ୍ଦାଙ୍କୁ ରାତିରେ ଭେଟିଥିଲି । ଏ ସ୍ଥାନଟା ଗୁମ୍ଫାର ଅପରପାର୍ଶ୍ୱ ବାଉଁଶଟାଟି ଚାଞ୍ଚଡ଼ାର ବ୍ୟବଧାନ ମାତ୍ର । 'ଦେଖ' କହି ସେ ମୋ ପାଖରେ ଛିଡ଼ା ହୋଇଗଲେ । 'କାଲି ଏଇଠୁ ଘରକୁ ଫେରିଲି ।'

ଦେଖିଲି, ବୁଢ଼ାଟାଏ ବାଡ଼ି ଖଣ୍ଡିଏ ଧରି ଇଟା ଦୁଇଟା ଉପରେ ବସିଛି । କାଲି ରାତି ଆର ପାଖରେ ତିନିଝିଅ ଓ ବାପ ମାଆକୁ ଯଦି ଦେଖିଥିଲି ଏଠି ଦେଖିଲି ବୁଢ଼ା ସାତଝିଅଙ୍କୁ ବେବି ସିଟିଂ କରୁଛି । ବାପ ମାଆମାନେ କାମକୁ ବାହାରି ଯାଇଛନ୍ତି ଭୋର ସକାଳୁ ପଖାଳତୋରାଣି, ଚୂନ ଦୋକତା ଧରି । ଦଣ୍ଡେ ଛିଡ଼ା ହୋଇ ସେମାନଙ୍କ ଡ଼ିଆଁ ଧାପଡ଼ା, ଖେଳ କଉତୁକ କଳିଗୋଳ ଦେଖିଲୁଁ । ମାରପିଟ୍ ପର୍ଯ୍ୟନ୍ତ ଯାଇ କାନ୍ଦକଟା କଲାବେଳକୁ ବୁଢ଼ା ଖୁଖୁର୍ଯ୍ୟା କାଶ ସହିତ କହିଲା, "ଦେଖ ଦେଖ ଏଇ ରେଲ୍ ଯାଇଛି। ହେଇ ପୋଲ ଉପରେ ମଟର, ଏଇ ରେକ୍‌ସା, ହେଇ ବାବୁ ବାବୁଆଣୀ।"

ସେମାନଙ୍କୁ ଦଣ୍ଡେ ନିର୍ବିଶେଷରେ ଚାହିଁ ପଦେ ଅଧେ କଥା ପଚାରିଛି ବୁଢ଼ାଟା ଗର୍ଜିଉଠି କହିଲା, "କିଏ ହୋ ତୁ ବାବୁ କାଲି ରାତି ଡର ଗଲା ଶୁଣିଥିଲି, ଆଜ୍ ଫେର ଏ ପାଖକୁ ଆସି କଟମଟ କରି ଚାହୁଁଛୁ ଆମକୁ, ଛୁଆ ଡ଼ରି କାନ୍ଦିଲେନି ତୁମମାନଙ୍କୁ ଦେଖି। ପଳାଅ ଯାଅ ନହେଲେ କୁକୁରଟା କାମୁଡ଼ିଦବ। ସେ ପାଖର କୁକୁର ଏ ପାଖକୁ ଆସିଯାଇଛି। ତତେ ମନ୍ତର ଯନ୍ତର ଗୁଣିଗାରିଡ଼ି ଆସେ ନା କି ?"

ସର୍ବମୟ କର୍ତ୍ତା ହୋଇଥିବାରୁ କାହାରି କଡ଼ାଗଳା ମଫସଲ ସହରରେ ଏତେଦିନ ଶୁଣିନଥିଲି। ବୁଢ଼ା ଯିମିତି କହିଲା; "ତୁ କିଏ ହୋ ?" ମୁଁ ହାକିମାତି ଗଳାରେ କହିଲି ମୁଁ ପି.ଇ., ଏତେଦିନ ତୁ ମତେ ଜାଣିନ। ମୁଁ ଏ ପୋଲର ମାଲିକ, ତୁ ଏହାରି ତଳେ ବେଆଇନ

Digitized by srujanika@gmail.com

ରହିଛୁ । ଉଠିଯାଅ ସମସ୍ତେ । ଏଇଲାଗେ, ନହେଲେ... ସ୍ତ୍ରୀ ମୋତେ ପଛପଟୁ ଥାପୁଡ଼ାଇ ଦେଲେ ।

ବୁଢ଼ା କହିଲା, ତୁ ପି.ଇ. । ଢ଼େର ଦିନ ହେଲା ତତେ ଖୁଜୁଥିଲି, ଆଜ୍ ପାଇଛି । ଶୁଣିଲି ତୁମର ପରା ଦୁଇଜଣ କେତେ କଳିଗୋଳ ମାରପିଟ୍ ନାଗୁଛି, ଖାଲି ଝିଅମା ଜନ୍ମିଲେ ବୋଲି । କି କହନ୍ତି, କି ପାଠପଢ଼ିଛୁ । ତତେ ଜୁହାର କରିତେ ଇଚ୍ଛା ନାହିଁ । ପୁଅ ଝିଅ କି ତର ହାତରେ ନା ତିର ତିର୍ଲାର ହାତରେ । ଏଇ ଦେଖ ସେପାଖରେ ତିନିଟା ଏପାଖରେ ସାତଟା । କେତେଟା ହେଲେ ତର ହିସାବରେ । କାମ ଯିଏ କରିଲା ସିଏ ମରଦ, ପୁଅ ହେଉ  ଝିଅ ହେଉ । କାମ ଯିଏ ନ କରିଲା ସାଜିବାଜି ହୋଇ ବସି ଗୋଡ଼ ହଲେଇଲା ସେ ତିର୍ଲା ନାଇଁ, ମରଦ ନାହିଁ, ମଣିଷ ନାହିଁ । ଆମର କାନ୍ଦୁଛି ନା କଳିଗୋଳ ନାଗୁଛି, ପୁଅଛୁଆ ନାଇଁ ବୋଲି, ତର ଏ ପୋଲରେ ଯେତେ ନୁକ ନାଗିଥିଲେ ହିସାବ କର । ଦଶଜଣରେ ସାତ ଜଣ ଝିଅ । ଯା ଯା ଘରକୁ ଯାଆ । ଆମର ପାଖକୁ ଆସିବୁ ନାହିଁ । ତର ମୁହଁ ଚାହିବାର କଥା ନାହିଁ ।

ବଡ଼ କଡ଼ା ହେଲା ବୁଢ଼ାର କଥାଗୁଡ଼ାକ । ଆତ୍ମହତ୍ୟାର କଷ୍ଟରୁ ବଳି । ଘରମୁହାଁ ଚାଲିଲୁଁ ।

ବାଟରେ ସ୍ତ୍ରୀ ପଚାରିଲେ, "ତିନିରୁ ଚାରି ହେବେ ନି ! କିନ୍ତୁ ସମ୍ପତ୍ତିବାଡ଼ି କିଏ ଖାଇବ ସେଇ ମୋର ଚିନ୍ତା ।" ମୁଁ କହିଲି, "ମୋର ତ ଗୋଷ୍ପଦେ ଜମି ନଥିଲା, ଚାକିରି କରି ଠକି ଭଣ୍ଡି ଏତକ କରିଛି । ଶୂନରୁ ଶୂନକୁ ଫେରିଯିବି, ଯଦି ଝିଅମାନେ ସମ୍ପତ୍ତି ଖାଇନପାରିବେ ।"

"ପିଣ୍ଡ କଥା ? ପିତୃ ପୁରୁଷ ପିଣ୍ଡ ପାଇବେନି ।"

"ମାର ଗୁଳି, ପିତୃ ପୁରୁଷଙ୍କୁ । ବାପା କେବେ ମଲେ ତା'ର ତାରିଖ ମନେନାହିଁ । ଜେଜେବାପା, ଜେଜେମାଆ, ଅଜାଆଈଙ୍କ ନାମ ଜଣାନାହିଁ ମତେ । ପିଣ୍ଡ ଦେବି କାହାକୁ ? ଝିଅମାନେ ଭଲ ପିଣ୍ଡ ଦେଇପାରନ୍ତି । ସୀତା ଠାକୁରାଣୀ ଆଞ୍ଜୁଳାଏ ବାଲି ଦେଇଥିଲେ ଯେ ଶଶୁର ଦଶରଥ ସଶରୀରେ ଠିଆହୋଇ ପିଣ୍ଡ ଗ୍ରହଣ କରିଥିଲେ । ରାମଚନ୍ଦ୍ର ତା' ପାରି ନଥିଲେ ।"

ଘର ପହୁଞ୍ଚ ଦେଖିଲୁଁ ମୁନୁ, ପିଙ୍କୁ, ରାନୁ, ଘରଦ୍ୱାର, ବାଡ଼ିବଗିଚା ଖୋଜି ଦରାଣ୍ଡି ଆମକୁ ନପାଇ ଏମିତି କାନ୍ଦୁଛନ୍ତି ଯିମିତି ତାଙ୍କ ବାପମାଆ ମରିଯାଇଛନ୍ତି । ସେମାନେ ଛେଉଣ୍ଡ ହୋଇଯାଇଛନ୍ତି ।

Digitized by srujanika@gmail.com

# ସେବା ଓ ସାଥୀ

"ସୁଟରଟା ବାହାରେ ରଖିଦେଇ ମୁଁ ସାଙ୍ଗେ ସାଙ୍ଗେ ଆସୁଛି, ତୁମେ ଏଇଠି ମୋତେ ଅପେକ୍ଷା କରିଥିବ।" ପୁଅ କହିଲା।

ମୋର କିନ୍ତୁ ଅପେକ୍ଷା କରିବାର ବେଳ ବା ଅବକାଶ ନଥିଲା। ଉତ୍କଳ କଳିଙ୍ଗ ଏକ୍ସପ୍ରେସ୍। ରାତି ଠିକ୍ ବାରଟା ପାଞ୍ଚମିନିଟ୍‌ରେ। ବିକୃତ ଓଡ଼ିଆ ଉଚ୍ଚାରଣରେ ତେଲୁଗୁ ବା ବଙ୍ଗାଳୀ ଘୋଷକ କଣ୍ଠରେ ଚିତ୍କାର ଶୁଭୁଛି ତିନିନମ୍ବର ପ୍ଲାଟଫର୍ମରେ ଗାଡ଼ି ଆସିବ। ଆସିବ କ'ଣ ଆସୁଛି ହେଇ ତ ଆସିଗଲା। ପୁଅ କାହିଁ ? କି ଦାୟିତ୍ୱହୀନ ! ଗାଡ଼ି ଇନ୍‌କଲା। ଗାଡ଼ିର ଶବ୍ଦରେ ଥାର୍ଡ଼ବେଲ୍ ଶବ୍ଦ, ହକରଙ୍କ ଚିତ୍କାର, ପାସେଞ୍ଜରଙ୍କ କୋଳାହଳ ବୁଡ଼ିଗଲା। ମୁଷ୍ଟିମେୟ କେତେଜଣ ଓଡ଼ିଆଯାତ୍ରୀ ପିଲାକବିଲା ଧରି ଚାହିଁ ରହିଥାନ୍ତି ସେଇ ଗୋଟିଏ ଡ଼ବାକୁ E ଡ଼ବାକୁ । ବାଲେଶ୍ୱରରୁ ରାଉରକେଲା ଯାଉଥିବା ଯାତ୍ରୀଙ୍କୁ ଏଇ ରିଜର୍ଭ ଡ଼ବାରେ ଖଡ଼ଗପୁର ଟାଟା ପାସେଞ୍ଜରଙ୍କୁ ସହିତ ବାର୍ଥ ମିଳେ।

ସତରେ କେଡ଼େ ବିଚାର ବିବେକବିହୀନ ପୁଅଟା। ବାସ୍ତରି ବର୍ଷର ଅଥର୍ବ ଅର୍ଦ୍ଧମୃତ (ଡ଼ାକ୍ତରୀ ଭାଷାରେ moribund) ବୁଢ଼ାଟାକୁ ଶେଷ ମୁହୂର୍ତ୍ତରେ ଘରୁ ସ୍କୁଟର ପଛରେ ବିଛଣା ବ୍ରିଫ୍‌କେଶ୍ ସହିତ ବୋଝେଇ କରି ଯଦି ବା କଷ୍ଟେ ମଷ୍ଟେ ପ୍ଲାଟ୍‌ଫର୍ମରେ ପହୁଞ୍ଚାଇଲା ଅସଲବେଳରେ ପାଖରେ ନାହିଁ। ବିଛଣାପଟା ଧରାଧରି କରି ଗୁରୁଣ୍ଡି ଗୁରୁଣ୍ଡି ଯେଉଁଠି ଅଧାବସା ଅଧାଠିଆ ଭଙ୍ଗୀରେ ଛିଡ଼ା ହୋଇଥିଲି, ସେଇଠୁ ମୋ ଡ଼ବାଆଡ଼କୁ ମୁହାଁଇଲି। ଭାଗ୍ୟକୁ ମୋ ଡ଼ବାଟି ମୋ ପାଖରେ ତ କେବଳ ଲାଗିଲା ନାହିଁ ମୋ ଆଡ଼କୁ ପ୍ରବେଶ ଦ୍ୱାର ଦେଖାଇ ଛିଡ଼ା ହେଲା। ଆହୁରି ଭାଗ୍ୟ ପୁଅ ସେଇ ମୁହୂର୍ତ୍ତରେ ଧଇଁସଇଁ ହୋଇ ଆସିଲା ଏବଂ ହାତେ ଦୁଇ ହାତ ସ୍ଥାନ ତା'ର ଆଜ୍ଞା ନ ମାନି ପରିବର୍ତ୍ତନ କରିଥିବାରୁ ମୃଦୁଭର୍ତ୍ସନା କରୁଁ କରୁଁ ମୋତେ ଓ ଜିନିଷପତ୍ରକୁ ଏକ ବିବେଚନା କରି ଶୂନ୍ୟରେ ଟେକି ନେଇ ଅଠଶଠି ନମ୍ବର ବାର୍ଥରେ ଥୋଇଦେଲା। "ଆହେ ଦୟାମୟ ବିଶ୍ୱବିହାରୀ !............. ରୋଗା ବାପାଙ୍କର ସେବା କାରଣେ, ବଳ ଦିଅ ତା'ର କର ଚରଣେ।"

ଚାଦରଟା ତଳ ବାର୍ଥରେ ପାରିଦେଇ ପତଳା ତକିଆକୁ ପଶ୍ଚିମ ଝରକା କରକୁ ଥୋଇ ପୁଅ କହିଲା, "ଏଥର ଡ଼ାହାଣକୁ କଡ଼ ମାଡ଼ି ଶୋଇଯାଅ। ଏ ରୋଗକୁ ଔଷଧ ଅପେକ୍ଷା ବିଶ୍ରାମ ଯାହାକୁ କହନ୍ତି ବେଡ଼୍‌ରେଷ୍ଟ ବେଶୀ ଦରକାର। ବ୍ରିଫ୍‌କେଶକୁ ପିଠିକୁ ଲଗାଇ ରଖି ଦେଉଛି, ଜୋତା ହଳକ ତକିଆ ତଳେ ଚାଦର ଢ଼ାଙ୍କି ଦେଇଛି।" ଏଦେଶରେ ଛିଣ୍ଡା ଜୋତା ବି ଚୋରି ହୁଏ।

Digitized by srujanika@gmail.com

ସେତେବେଳକୁ ସର୍ବାଙ୍ଗରେ ବଥା ଘାରି ଯାଇଥାଏ। ସବୁ ଶିରା ମାଂସପେଶୀ ପ୍ରାୟ ଅଚଳ। ସବୁ ଚଳ ପ୍ରଚଳ କରି ଏଡ଼୍‌ଜଷ୍ଟ କରିବାର ଚେଷ୍ଟା କଲାମାତ୍ରେ ଓଃ! ଆଃ! ଉଁ ଆଁ! ଶବ୍ଦ ସ୍ୱତଃ ଛାତି ଭିତରୁ ବାହାରି ଆସୁଥାଏ। ଯାତ୍ରୀମାନଙ୍କ ବିରକ୍ତି କ୍ରୋଧ କଥା ଛାଡ଼ନ୍ତୁ। ନିଜକୁ ଧିକ୍‌କାର କରୁଥାଏଁ, ମରିବାକୁ ଚାହୁଁଥାଏଁ।

ଆଉ ଅଧିକ କାଳ ପୁଅ ମୋର ଯମଯନ୍ତ୍ରଣା ଦେଖି ଶୁଣି ସହି ନପାରି କମ୍ବଳଟା ଘୋଡ଼ାଇ ଦେଇ କହିଲା "ବାପା ମୁଁ ଏଥର ଯାଉଛି। ତୁମ ସାଙ୍ଗରେ ବି ଚାଲିଯାଉଥାନ୍ତି। ଛୁଟି ନାହିଁ, କାଲିଠାରୁ ସକାଳୁ ଡ଼ିଉଟି। ଯଦି ବଡ଼ଭାଇ ଗାଡ଼ି ନେଇ ଷ୍ଟେସନକୁ ଆସିନଥିବେ ତେବେ ଟେମ୍ପୋଟିଏ ଧରି ସିଧା ଆମ୍ବବାଗାନ ଦେଇ ଆଠ ନମ୍ବର ସେକ୍ଟରକୁ ଚାଲିଯିବ। କମ୍ୟୁନିଟି ସେଣ୍ଟର କଣକୁ ଲାଗି A/21 ନମ୍ବର ଘରକୁ।" ଦେଖିଲି, ପୁଅର ଆଖି ଜକେଇ ଆସିଲା। ତା'ର କରୁଣ ଚାହାଁଣୀରୁ ବୁଝିଲି ବୁଢ଼ା ଆଉ ଫେରିବ କି ନାହିଁ ସେଥିରେ ସେ ସନ୍ଦିହାନ। ସେ ଓହ୍ଲେଇଗଲା।

ଏକାଲ ଚଲୋ ରେ। ନ ତାତୋ, ନ ମାତା, ନ ବନ୍ଧୁ, ନ ଭ୍ରାତା, ନ ଭଗିନୀ, ନ ପତ୍ନୀ। ବୁଢ଼ା ଅବସ୍ଥାରେ ବାର୍ଦ୍ଧକ୍ୟ, ରୋଗାବସ୍ଥାରେ ରୋଗ, ମଣିଷକୁ ଯେତେ ପୀଡ଼ା ନ ଦିଏ ତାଠୁ ବେଶୀ ଯନ୍ତ୍ରଣା ଦିଏ ନିଃସଙ୍ଗତା ତା ଅସହାୟତା ଉପଲବ୍ଧି। ବୁଢ଼ୀଟି ଯେବେ ବଞ୍ଚିଯାଆନ୍ତା ତେବେ ମୋ ପାଖରେ ବସି ଜାଗ୍ରତ ରହି ସାରା ରାତି କହୁଥାନ୍ତା, "ଏଇଟା ନିଅ, ସେଇଟା ନିଅ"; ପଚାରୁଥାନ୍ତା "ଏଇଟା ଦେବି ? କହୁଥାନ୍ତା "କିଛି ହବନି, ତୁମେ ଡ଼ରନି।" ଉଭୟ ରେଳଯାତ୍ରା ଓ ଦିହମନ ପୀଡ଼ାହୀନ ହୁଅନ୍ତା।

କିନ୍ତୁ ପର ମୁହୂର୍ତ୍ତରେ ମୁଁ ଅନୁଭବ କଲି ମୁଁ ମୋଟେ ଏକୁଟିଆ ନୁହେଁ। ସାରା ପ୍ଲାଟଫର୍ମର ଯାତ୍ରୀ ଯିମିତି ମୋ ଡ଼ବାକୁ ମାଡ଼ିଆସିଲେ। ମୁଁ ନିଃସଙ୍ଗ ନୁହେଁ, ବହୁସଙ୍ଗ। ମୋରି ଜାତିଭାଇ ଓ ମୋରି ଭାଷାଭାଷୀକୁ ନେଇ ଦଣ୍ଡକେ ସବୁ ବାର୍ଥ ଫୁଲ୍। ବଡ଼ ବଡ଼ ଚମଡ଼ା ବାକ୍ସ ଭିଆଇପି ବ୍ରିଫ୍‌କେଶ୍ ସୁଟ୍‌କେଶ୍, ଯୋଡ଼ାଏ ଲେଡ଼ିଜ୍ ଝୁଡ଼ି ଚାଉଳବୋରା, ମୁଢ଼ିଟିଣ ଏପରିକି ଯୋଡ଼ାଏ ସୁରେଇରେ ଗୋଟାଏ ଗୋଦାମ ସୃଷ୍ଟି ହୋଇଗଲା। ପଚିଶ ବର୍ଷ ବେସ୍ୱାଦ ଅବସ୍ଥାରେ ରହିଥିବାରୁ ସ୍ତ୍ରୀ ଲୋକଙ୍କ ସନ୍ନିଧି ବିଶେଷତଃ ସେମାନଙ୍କ ଦିହଗନ୍ଧ ମହକ ମୁଁ ସହିପାରେନା; ପିଲାଝିଲାଙ୍କ ଦିହର ଦୁଧବାସନା ଏଲର୍ଜି ସୃଷ୍ଟି କରେ। ପ୍ରାୟ ପନ୍ଦର ମିନିଟ୍ ପର୍ଯ୍ୟନ୍ତଚାଲିଲା ଧଡ଼ଧାଡ଼୍ ଖଡ଼୍‌ଖଡ଼୍ ଶବ୍ଦ। "ମେନେଜ କରିନେବା", "ଏଡ଼୍‌ଜଷ୍ଟ କରିନେବା" ଶବ୍ଦ ପ୍ରାୟ ଦଳର ସମସ୍ତଙ୍କ ମୁହଁରୁ କ୍ରମାଗତ ବାହାରୁଥାଏ ଏବଂ ବୁଗୁଚା ବାକ୍ସପତ୍ର ଉଠାଉଠି ଚାଲିଥାଏ।

ମୁଁ ବି ତାଙ୍କ ଦେଖାଶିଖା ଏଡ଼୍‌ଜଷ୍ଟ କରିବାକୁ ପ୍ରସ୍ତୁତ ହେଲି। ଆଠୋଟି ଘଣ୍ଟା ସମୟ ଲାଗିବ ପହୁଞ୍ଚିବାକୁ। ମୋତେ ହୁଏତ ଯୁଗେ। ମୁଁ ବା ଏଡ଼୍‌ଜଷ୍ଟ କ'ଣ କରିବି ? ମୁର୍ଦ୍ଦାର ବା ମୁମୂର୍ଷ ଯେଉଁଠି ପଡ଼ିଛି ସେଇଠି ତ ପଡ଼ିଥିବ। ଥରେ ନିଦ ହୋଇଗଲେ ରାତିଟା କଟିଯିବ। କାଳେ ଯାତ୍ରୀମାନେ ମୋର ଯନ୍ତ୍ରଣା ଚିତ୍କାର ପ୍ରତି ବିରାଗ ହୋଇ ଅଭିଶାପ

Digitized by srujanika@gmail.com

ଦେବେ ସେଥିପାଇଁ କାନ୍ଦ କୋହ ସମ୍ଭାଳି ନେଇ ଅପେକ୍ଷା କରୁଥାଏଁ ନିଦ୍ରାଦେବୀଙ୍କି! Sleep! Blessed from pole to pole, the balm of troubled minds. କିନ୍ତୁ ଯିମିତି Macbeth doth murder sleep, sleep no more." ଶବ୍ଦରେ ରାଜପ୍ରାସାଦ ପ୍ରକମ୍ପିତ ହେଉଥିଲା ଏଠି Sleeper Coach ସିମିତି ହେଉଛି ଯେ! ଯାତ୍ରୀମାନେ ମୋ ପାଖରେ ନିଦକୁ ହତ୍ୟା କରିବାରେ ଲାଗିପଡ଼ିଛନ୍ତି। ମୁଁ ଶୋଇବି କେମିତି ? ଥଣ୍ଡା ସମିତି ନାହିଁ ତଥାପି ଝରକା କବାଟ ସବୁ ବନ୍ଦ। କାଳେ ବୁଢ଼ାଙ୍କୁ ପିଲାଝିଲାଙ୍କୁ ଥଣ୍ଡା ଲାଗିଯିବ! ଗରମ ସେଟର ମାଙ୍କଡ଼ ଟୋପି ଭେଦି ଯାଇ!

ସେମାନଙ୍କର ଏଡ୍‌ଜଷ୍ଟମେଣ୍ଟ୍ ମେନେଜ୍‌ମେଣ୍ଟ ଦେଖି ଦେଖି ଯନ୍ତ୍ରଣା ଲଘୁ କରୁଥାଏ। ପ୍ରଥମ ବଡ଼ ଏଡ୍‌ଜଷ୍ଟମେଣ୍ଟ୍ ହେଲା ଗୋଟିଏ ମୋରିପରି ବୁଢ଼ାକୁ ଥଇଥାନ କରିବା। ଅଣିହୋଇ ଦେଖିଲି କଣ୍ଡକ୍ଟରର ଗୋଟିକିଆ ସିଟ୍‌ରେ ଯେଉଁ ବୁଢ଼ାଟି ଥିଲା ତାକୁ ଦି'ଜଣ ଭେଣ୍ଡିଆ ଧରାଧରି ଟେକାଟେକି କରି ଆଣି ପହୁଞ୍ଚାଇଲେ ମୋରି ପାଖ ସମାନ୍ତର ତଳ ବାର୍ଥରେ ଏବଂ ବେଶ୍ ନରମ ଶେଯ ତକିଆ ଆଦି ଦେଇ ଦୁଇ ସ୍ତ୍ରୀଲୋକ ପ୍ରସ୍ତୁତ କରିଥିବା ଶଯ୍ୟାରେ ଠାକୁରପରି ବସାଇଲେ। ତୁଳନା ବୈପରୀତ୍ୟରେ ମୁଁ ନିଜକୁ ହୀନ ମନେକରି ବ୍ୟଥିତ ହେଲି। ଅନୁମାନ କଲି ବୁଢ଼ାଟିର ବି ମୋରି ରୋଗ। ଅଣ୍ଟାବଥା, ସାୟାଟିକା; ମାରିବ ନାହିଁ ମଲାପରି କରିଦେବ।

ଚାରିଆଡ଼େ ଆଖିପକାଇ ଦେଖିନେଲି। ଦୁଇବୁଢ଼ା ପାଖାପାଖି ଦୁଇ ବାର୍ଥରେ। ଉପର ବାର୍ଥରେ କିଏ ଦୁହେଁ ଅଛନ୍ତି ଜଣାପଡୁନାହାନ୍ତି। ଘୁଙ୍ଗୁଡ଼ି ଶବ୍ଦ ତଳକୁ ବେଶ୍ ଶୁଭୁଛି। ଆମର ଗୋଡ଼ତଳେ ଦୁଇବାର୍ଥରେ ଗୋଟିଏ ପେଆର ଓ ତାଙ୍କ ପିଲାପିଲି। ସମସ୍ତଙ୍କ ଗଳା ମୋଟା; ସ୍ୱାସ୍ଥ୍ୟ ପ୍ରଚଣ୍ଡ ଧନସମ୍ପଦର ଔଦ୍ଧତ୍ୟ ପୂର୍ଣ୍ଣମାତ୍ରାରେ। ଗରିବ ଥିଲେ। ଏବେ ଏବେ ରାଜନୀତି କରି ବା କଣ୍ଟ୍ରାକ୍ଟରୀରେ ଅମାପ ଟଙ୍କା ପାଇ ପରାକ୍ରମ ଦେଖାଉଛନ୍ତି।

ଦୁଇ ଭେଣ୍ଡିଆ କର୍ମତତ୍ପର ହୋଇ ବଡ଼ବଡ଼ ବାକ୍ସ ଓ ବୋରାକୁ ସିଟ୍‌ତଳେ ଜାକିଜୁକି ପୂରାଇଲେ। ଦୁଇଜଣ ସ୍ତ୍ରୀ ଯେଝା ଝୁଡ଼ି ଓ ପିଲାଝିଲା ନେଇ ମୋ ଗୋଡ଼ତଳେ ବାର୍ଥରେ ଆସ୍ଥାନ ଜମେଇଲେ ଅଳ୍ପ ସମୟ ପାଇଁ। ଉଦ୍ଦେଶ୍ୟ ଦୁଇ ମାଙ୍କଡ଼ମୁହାଁ ପିଲାଙ୍କୁ ଖୁଆଇପିଆଇ ଶୋଇବା ପାଇଁ ପ୍ରସ୍ତୁତ କରିବେ ଦୁଇ ସାମୀ ମଧ ସେମାନଙ୍କ ସହିତ ଯୋଗଦେଲେ। ଅମୂଲସ୍ପ୍ରେ ଡ଼ବା, ଗରମପାଣି, ଫିଡ଼ିଂ ବଟଲ, ଚାମଚ, ତଉଲିଆ ଖୋଜାଖୋଜି କରି ଯୋଗାଇଲେ ଏକ୍ସପାର୍ଟ ଭଳି। ଧନୀଘରର ସ୍ତ୍ରୀ ଲୋକେ ପିଲାଝିଲା ଜନ୍ମ କରିବେ; କିନ୍ତୁ ସେମାନଙ୍କ ସେବା କରିବେ ସାମୀମାନେ। ବାନ୍ତିକରିବା ପର୍ଯ୍ୟନ୍ତ ଦୁଇ ଛୁଆଙ୍କୁ ସେମାନେ ଖୁଆଇଲେ ଏବଂ ଅଧଘଣ୍ଟାଏ ଯାକେ ପିଠି ପିଟାରେ ଥାପୁଡ଼ାଇ ଶୁଆଇଦେଲେ। ସେମାନଙ୍କ ଆଚରଣ, ବ୍ୟବହାର, ଭାବଭଙ୍ଗୀ, କଥାବାର୍ତ୍ତାରୁ ବୁଝିଲି

Digitized by srujanika@gmail.com

ସେମାନଙ୍କ ପରସ୍ପର ସମ୍ପର୍କ। ବୁଢ଼ା ମୋରି ପରି ବେସ୍ଵୀକ। ତା' ସାଙ୍ଗରେ ଅଛନ୍ତି, ପୁଅ ବୋହୂ ଓ ନାତୁଣୀ ଝିଅ ଜୋଇଁ ଓ ନାତି। ମୋ ପୁଅ ବୋହୂ ଝିଅ ଜୋଇଁ ବି ଅଛନ୍ତି ରାଉରକେଲାରେ ଯେଉଁଠାକୁ ଆମେ ସମସ୍ତେ ଯାଉଛୁଁ। ହେଲେ, ମୁଁ ଏଠି ଏକେଲା, ସହାୟହୀନ।

ପିଲାପିଲି ଦି'ଟା ଶୋଇଯିବା ପରେ ଭାବିଲି ସେବାପର୍ବ ଶେଷହେଲା। ମାତ୍ର ଏ ଆରମ୍ଭ ମାତ୍ର। ଦୁଃଖକଷ୍ଟ, ବିରକ୍ତି ଏବଂ ଉପାୟ ଶକ୍ତି ସାମର୍ଥ୍ୟହୀନତାରେ ମୋରି ଆଖି ମୁଦିହୋଇ ଆସୁଥିଲା। ପାଖ ବାର୍ଥର ସଙ୍ଗାତଟି ମଧ ମୋରି ପରି ଆଚରଣ କରୁଥିଲେ। ମାତ୍ର ହଠାତ୍ ଆମେଦୁହେଁ ଆଖି ଫିଟାଇ ପରସ୍ପରକୁ ଚାହିଁଲୁ। ନୂତନ ସେବାପର୍ବ ଆରମ୍ଭ ହେଲା। ପିଲାଝିଲାଙ୍କୁ ବାଥ୍‌ରୁମ୍‌ରୁ ଫେରାଇଆଣି ବାକ୍ସପଟା ଧଡ଼ଧାଡ଼୍ ଫିଟାଇ ନିଜ ପାଇଁ ପୂରା ସେଟର, ଶାଲ୍, ସ୍କାର୍ଫ ଗୋଟାକୁ ଗୋଟା ବାହାର କରି ଘୋଡ଼ିବାକୁ ଆରମ୍ଭ କଲେ ଏବଂ ସ୍ଵାମୀମାନଙ୍କ ଆଡ଼କୁ ପୋଷାକପତ୍ର ଘୋଡ଼ଣି ଗୋଟାକୁ ଗୋଟା ଷ୍ଟାଇଲରେ ଫୋପାଡ଼ିବାକୁ ଲାଗିଲେ। "ବାପାଙ୍କୁ ଯଦି ନିଦ ହୋଇଯାଏ ବେଶ୍ ଆରାମରେ ପହୁଞ୍ଚିଯିବା।" ପ୍ରତ୍ୟେକଙ୍କ ମୁହଁରେ ସେଇ କଥା। ସ୍ଵାମୀଦିହେଁ କହିଲେ, "ତୁମେ ଦିହେଁ ଦଣ୍ଡେ ଗଡ଼ିଯାଅ, ଆମେ ଚାହିଁଛୁ; ବାପାଙ୍କର ଯିମିତି କିଛି ଅସୁବିଧା କଷ୍ଟ ନ ହୁଏ। ଆମେ ଜଗିଛୁଁ; ଘଡ଼ିଏ ତୁମର ନିଦ ହୋଇଗଲେ ଡ଼ାକିଦେବୁଁ, ପାଳିକରି ଜଗିଲେ କେହି ଉଜାଗର ରହିବା ପ୍ରଶ୍ନ ଉଠିବ ନାହିଁ। ବାପା ବି ନିରାଲମ୍ବ ଶୋଇଯିବେ।" ପାଉଁଜିରେ ଚକଚକ୍ କରୁଥିବା ପାଦ ଯୋଡ଼ାକ କମ୍ବଳ ଭିତରକୁ ଟାଣିନେଇ ପିଲାଝିଲାଙ୍କୁ ଛାତିରେ ଜାକି ମହିଳା ଦି'ଜଣ ଶୋଇଗଲେ। ଆମ ଇଲାକାଟି ଦଣ୍ଡେ ପାଇଁ ଶାନ୍ତ। ନିସ୍ତବ୍ଧ।

ତା'ପରେ ଚାଲିଲା ପିତୃସେବା। ଶଳାଭିଣୋଇ କୁହାକୁହି ହେଲେ, "ବାସ୍ତବିକ୍! ସେବା ହିଁ ରୋଗୀକି ଆରୋଗ୍ୟ କିରଥାଏ। ସେବାର ଅଭାବରେ ରୋଗୀ ଯନ୍ତଣା ପାଏ। ଔଷଧ ସିମିତି କିଛି ନୁହେଁ। ସାଥୀ ଅଭାବରେ ମାନସିକ ପୀଡ଼ା ବୃଦ୍ଧିହୁଏ।"

"ବାପା!" ପୁଅ ଆରମ୍ଭ କଲେ "ଶୋଇପଡ଼େ।" ତକିଆ ଫୁଲାଇ ବାପାଙ୍କ ମୁଣ୍ଡତଳେ ଦେଇ ଚାଦର ଢ଼ଙ୍କାଇ ଦେଲେ। ଜୋଇଁ ଖୁଅ ଧଇଲେ। "ବାପା! ଝରକା ଖୋଲା କରିଦେବି? ନା ବନ୍ଦଥିବ?" ବାପାଙ୍କର କୌଣସି ପ୍ରଶ୍ନର ଉତ୍ତର ନାହିଁ। ସେମାନଙ୍କ ପ୍ରତିଟି ଶରଧା ପ୍ରଶ୍ନ ତାଙ୍କ ଛାତି କରତି ଦେଉଛି ପରି ମତେ ଲାଗୁଥାଏ। ଜଣେ ପରେ ଜଣେ ବୁଢ଼ାକୁ ଆରାମ ଶାନ୍ତି ଦେବା ପାଇଁ ପଚାରୁଥାନ୍ତି, "ମଫ୍ଲର ବାନ୍ଧିବ?" "ପାଣି ପିଇବ?" "ଶୋଇପଡ଼ିବ?" "ଝରକାପଟେ ମୁଣ୍ଡ କରିବ?" "ବାଥ୍‌ରୁମ ଯିବ?" ମୋତେ ଯଦି ମୋ ପୁଅ ଜୋଇଁ ଏସବୁ ପ୍ରଶ୍ନମାନ ପଚାରିଥାନ୍ତେ ତେବେ ମୁଁ କହିଥାନ୍ତି, "ତୁମେ ଶୋଇପଡ଼, ମୋର କିଛି ଲୋଡ଼ା ନାହିଁ ନିଦ ଛଡ଼ା।" "ଭଲଲାଗୁଛି ତ ଟିକିଏ?" ପୁଅ ପଚାରନ୍ତେ ଜୋଇଁ ପଚାରିଲେ, "ନିଦ ଟେବଲେଟ୍ ଗୋଟାଏ ଦେବି?"

Digitized by srujanika@gmail.com

ସେବାଭାବରେ ଦୁହେଁ ଯିମିତି ପ୍ରତିଯୋଗିତା କଲେ ମୁଁ ବେଶ୍ ଜାଣିପାରିଲି ବୁଢ଼ାର ଗୁଡ଼ାଏ ଜମିଜାଇଗା ଓ ପ୍ରଚୁର ଟଙ୍କା ପଇସା ଅଛି ଯାହା ଉପରେ ଆଖି ରଖିଛନ୍ତି ଦୁହେଁ ବୋଧହୁଏ। ମୁଁ ବେଶ୍ ଜାଣିଲିଣି ଆଜି ରାତିଟା ବିନା ନିଦରେ କଟିବ, କାଲି ସକାଳକୁ ହାତଗୋଡ଼ stiff ହୋଇ ଯାଇଥିବ ବା ପଡ଼ିଯାଇଥିବ ପେରାଲାଇସିସ୍‌ରେ। ଲୋକ ବାର୍ଥ ରିଜର୍ଭ କରିଥାଏ ଶୋଇବା ପାଇଁ ସିନା! ବାରଟଙ୍କା ମୋର ଅକାରଣ ଖର୍ଚ୍ଚ ହେଲା। ପୁଅ ଜୋଇଁ କିଛି ଦେଲେନାହିଁ କି ବାପା କିଛି ନେଲେ ନାହିଁ। ସବୁଥିରେ 'ନା'। ଦୁହେଁ ବିରକ୍ତ ହୋଇ ଲୁଚାଇ ଲୁଚାଇ ସିଗାରେଟ୍ ଟାଣିଲେ ଏବଂ ଇଂରାଜୀ ଶବ୍ଦ ରଖି କଥାବାର୍ତ୍ତା କଲେ ଏମିତି "Obstinate old man କୁ କିଏ cure କରିପାରିବ।" ସେବାରେ ହାରମାନି ସ୍ତ୍ରୀମାନଙ୍କୁ ଉଠାଇଲେ। ସେମାନେ ସ୍ୱାମୀମାନଙ୍କ ଉପରେ ଦାୟିତ୍ୱ ଦେଇ ବେଶ୍ ଆରାମରେ ଶୋଇପାରନ୍ତି। ଓଃ ଆଃ ଉଁ ଆଁ ଶବ୍ଦ ସହିତ ଦୁହେଁ ଅଳସ ଭାଙ୍ଗି, ହାଇମାରି ଉଠିଲେ ଏବଂ ଆରମ୍ଭ ହେଲା ସେବା ।

ଖଡ଼ଗପୁର ଷ୍ଟେସନ୍ ପହୁଞ୍ଚିବାର ମୁଁ ଅନ୍ଦାଜରେ ଜାଣିପାରିଲି। ଦୁଇଘଣ୍ଟା କଟିଗଲାଣି ଦୁଇସଙ୍ଗାତଙ୍କ ବିନା ନିଦ୍ରାରେ। ସେବାଧର୍ମ ପାଳନ କରିବାରେ ଝିଅ ବୋହୂ ପଛକୁ ପଡ଼ିବେ କେମିତି ? ପୁଅ ଜୋଇଁଙ୍କ ବୁଢ଼ାର ସମ୍ପଦ ଉପରେ ଆଖି ବୋଲି ଝିଅବୋହୂ କାହିଁକି ସେମିତି ନ କହିବେ ? ବାପା ଓ ଶଶୁରଙ୍କୁ ପ୍ରୀତ କରିପାରିଲେ ସବୁ ଦେବତା ପ୍ରୀତିଲାଭ କରନ୍ତି। ପୁରୁଷମାନେ କେବେ ସେବା କରିପାରନ୍ତି ? ତେଣୁ ଏ ଦୁହେଁ ପ୍ରତିଯୋଗିତାରେ ଅବତୀର୍ଣ୍ଣ ହେଲେ।

"ବାପା, ଡ଼ାବ ଗୋଟାଏ ଆଣିବା ?" "କୋଲ୍ଡଡ୍ରିଙ୍କ୍ ଗୋଟାଏ ଖାଆନ୍ତୁ। ପେଟକୁ ଗୁଣ କରିବ।" "ଆରେ! ବାପାଙ୍କୁ ରାତି ଔଷଧ ସେମାନେ ଦେଇଛନ୍ତି କି ନାହିଁ?" "ବାପା! ଗୋଟେ କାମ୍ପୋଜ ଟେବଲେଟ୍ ଖାଇ ଶୋଇଯାଆନ୍ତୁ।" "ଗୋଡ଼ହାତ ଘଷିଦେବି ?" "ଏପଲ ଗୋଟାଏ କାଟିଦିଏ ?" ଏମାନେ ଯେଉଁସବୁ ଉପଚାର ବ୍ୟବସ୍ଥା କଲେ ସେଥିରେ ବୁଢ଼ାଭାଇର କିଛି ଉପକାର ହେଉ ନ ହେଉ ମନେ ମନେ ମୁଁ ସେଇସବୁ ଖାଇପିଇ ପରିତୃପ୍ତ ହେଲାପରି ଭାବିଲି ଏବଂ ମୋ ଆଖିପତା କଅଁଳ ଗଳାର ନରମକଥା ନିଦ ଗୀତ ପରି କାମ ଦେଉଛି ପରି ଲାଗିଲା।

ଗାଡ଼ି ଖଡ଼ଗପୁର କେତେବେଳେ ଛାଡ଼ିଲା ମୁଁ ଜାଣିପାରିଲି ନାହିଁ। ସଙ୍ଗାତଟି ମୋର କେଡ଼େ ଭାଗ୍ୟବାନ୍ ମୁଁ କେତେ ହୀନିମାନ ସେଇକଥା ଭାବିଲେ ବି, ତାଙ୍କ ମେଲା ହୋଇଥିବା ଆଖି ଦି'ଟାକୁ ନିର୍ନିମେଷ ନୟନରେ ଚାହୁଁ ଚାହୁଁ ମୋର ଆଖି ବନ୍ଦ ହୋଇଗଲା। ସେବାର ପାଳି ତା'ପରେ କାହାର ପଡ଼ିଲା ମୁଁ ଜାଣିପାରିଲି ନାହିଁ।

ମନୋହରପୁର ଷ୍ଟେସନ୍ ପାର ହେଲାବେଳକୁ ନିଘୋଡ଼ ନିଦରୁ ମୁକ୍ତି ପାଇ ଆଖି ମେଲାଇଲି। ଦେଖିଲି ଯିମିତି ଭଙ୍ଗୀରେ ସଙ୍ଗାତଟି ବସିଥିଲେ ସେମିତି ଜଗନ୍ନାଥ ପରି ବସିଛନ୍ତି। ଆଖିଡ଼ିମା ବେଶୀ ବିସ୍ଫାରିତ, ଗାଲ ଆହୁରି ଠକେରା, ମୁହଁ ଏକାବେଳକେ

Digitized by srujanika@gmail.com

ଶୁଖିଲା । ମୁଁ ଏକାଦିକ୍ରମେ ତାଙ୍କୁ ଦଣ୍ଡେ ଚାହିଁଲା ପରେ ସେ ଦୟନୀୟ କଣ୍ଠକୁ ସଫା କରି କ୍ଷୀଣ ଭଙ୍ଗା ଭଙ୍ଗା ଗଳାରେ କହିଲେ, "ଆପଣଙ୍କର ବେଶ୍ କଡ଼େ ନିଦ ହୋଇଗଲା, କେଡ଼େ ଜୋର ଆପଣ ଘୁଙ୍ଗୁଡ଼ି ମାରୁଥିଲେ । ମୁଁ ଶୋଇବା ପାଇଁ ଯେତେ ଯେତେ ଚେଷ୍ଟାକଲେ ବି ମୋଟେ ଶୋଇପାରିଲେ ନାହିଁ । ଆପଣଙ୍କୁ ଥରେ ଦି'ଥର ଡ଼ାକିଥିଲି । ବାଥ୍‌ରୁମ୍‌କୁ ଯିବା ପାଇଁ ସାହାଯ୍ୟ ଟିକିଏ ଯଦି କରିଥାଆନ୍ତେ ।"

"ମୁଁ ସାହାଯ୍ୟ କରିଥାନ୍ତି ! ମୁଁ ଯେ ଏକାବେଳକେ ଅଥର୍ବ । ସାନପୁଅ ମୋତେ ଏଇଠି ଶୁଆଇ ଦେଇଯାଇଛି, ମୁଁ ଅପେକ୍ଷା କରିଛି ଷ୍ଟେସନ ପହୁଞ୍ଚିଲେ ବଡ଼ ପୁଅ ବୋହୂ, ଝିଅ ଜୋଇଁ ଯଦି ଆସିଥିବେ ତେବେ ମୋତେ ଧରାଧରି ଉଠାଉଠି କରି ଘରକୁ ବା ଡ଼ାକ୍ତରଖାନାକୁ ନେଇଯିବେ । ମୋର ବାତରୋଗ, ଅଣ୍ଟାବଥା ରୋଗ । ମାରିବ ନାହିଁ ପଙ୍ଗୁ କରିଦବ । ବିଶ୍ରାମ ଯାହାକୁ ବେଡ଼୍ ରେଷ୍ଟ କହନ୍ତି ଏ ରୋଗରେ ଏକାନ୍ତ ଲୋଡ଼ା ।"

ସଙ୍ଗାତ ଉତ୍ତର ଦେଲେ, "ଆପଣ କେଡ଼େ ଭାଗ୍ୟବାନ୍ ! ପୁଅ ବୋହୂ, ଝିଅ ଜୋଇଁ କେହି ପାଖରେ ନାହାନ୍ତି । ସେମାନେ ଥିଲେ ବା କ'ଣ କରିପାରି ଥାଆନ୍ତେ । ଆଠଘଣ୍ଟା ସମୟ କୌଣସି ମତେ ଆପଣ କଟାଇ ଦେଲେ । ଦୁଇ ତିନି ଘଣ୍ଟା ଆରାମରେ ଘୁଙ୍ଗୁଡ଼ିମାରି ଶୋଇଗଲେ । ମୋର ଯନ୍ତ୍ରଣାର ସୀମା ନାହିଁ । ନିଦ ଔଷଧରେ ବି ନିଦ ହେଲାନି । ଯାହା ବା ହୋଇଥାନ୍ତା ମୋ ନିଜ ଲୋକ ଆତ୍ମୀୟସ୍ୱଜନଙ୍କ ପାଇଁ ତାହା ହୋଇପାରିଲା ନାହିଁ । କେତେବେଳେ ଟିକିଏ ଯଦି ଆଖି ବୁଜିଆସିଲା ତ 'ବାପା' 'ବାପା' ଡ଼ାକ । ପୁଅ ନହେଲେ ଝିଅ, ଜୋଇଁ ନହେଲେ ବୋହୂ ତାହାକୁ ତୁହା ଡ଼ାକଛାଡ଼ି ନିଦ ଭାଙ୍ଗି ଦେବାକୁ ଲାଗିଲେ । ଜୀବନଯାକ ଏତେଥର ବାପା ବାପା ଡ଼ାକ ଶୁଣିନଥିବି । ମୋର ଅଭାବ ଅସୁବିଧା କଥା ଏତେ ଲୋକ ଏତେଥର ବୁଝାବୁଝି କରିବାକୁ ବା ମୋର ସେବା ସୁଶ୍ରୁଷା କରିବାକୁ ପ୍ରତିଯୋଗିତା କରିନଥିବେ । ଯେତେବେଳେ ସେମାନେ ଥକିଯାଆନ୍ତି ସେମାନଙ୍କର ଦୁଇ ପିଲାଝିଲା କନ୍ଦାକଟା ବା ଚିତ୍କାର କରି ତାଙ୍କ ସ୍ଥାନ ପୂରଣ କରନ୍ତି । ମୁଁ ଯାହା ବୁଝିଲି ବୁଢ଼ାଲୋକର ବା ରୋଗୀର କେହି ସହାୟ ନାହିଁ । ମାନୁଛି ସେମାନଙ୍କର ସେବା ସାଥି ଦରକାର, କିନ୍ତୁ ଏତେମାତ୍ରାରେ ଦରଦ ସହାନୁଭୂତି ଓଲଟା ଫଳ ଦିଏ । ମୁଁ ଯଦି ସେମାନଙ୍କୁ ରୋକଠୋକ କହିଦିଏ ମୋର ସେବା ସୁଶ୍ରୁଷା ଦରକାର ନାହିଁ ତେବେ ସେମାନେ ରାଗିଯିବେ ଏବଂ ଇଂରାଜୀରେ କଥାବାର୍ତ୍ତା ହେବେ ମୋର ଏକଜିଦିଆ ଅବୁଝା ଗୁଣ ବିଷୟରେ । ମୋଟ ଉପରେ ସେବାଧର୍ମ ପାଳନରେ ଯିମିତି ତାଙ୍କର ବାଧା ବ୍ୟତିକ୍ରମ ନ ଉପୁଜେ ।"

ଅବଶେଷରେ ରାଇଟ୍ ଟାଇମ୍‌ରେ ଟ୍ରେନ୍ ରାଉରକେଲା ଷ୍ଟେସନ୍ ଧଇଲା । ବାକ୍ସ ବୁକୁଚାପତ୍ର ପିଲାଝିଲାରେ ପ୍ଲାଟଫର୍ମକୁ ବାହାରିବା ରାସ୍ତା ପ୍ରାୟ ରୁଦ୍ଧ ହୋଇଗଲା । ସ୍ତ୍ରୀ ଲୋକ ଦୁହେଁ ଇମିତି ସ୍ଥାନରେ ଛିଡ଼ାହୋଇ ରହିଲେ ଯେ, ତାଙ୍କୁ ଅତିକ୍ରମ କରି କୌଣସି

Digitized by srujanika@gmail.com

ଭଦ୍ରଲୋକ ବାହାରିଯିବାର ଉପାୟ ରହିଲା ନାହିଁ। ମୁଁ ମୋ ପିଲାଝିଲାଙ୍କୁ ଦେଖୁଛି, କିନ୍ତୁ ସେମାନେ ମୋ ପାଖ ପହୁଞ୍ଚ ପାରୁନାହାନ୍ତି କି ମୁଁ ତାଙ୍କ ପାଖକୁ ପହୁଞ୍ଚ ପାରୁନାହିଁ। ଅନ୍ୟ ରାସ୍ତା ମୋତେ ଖୋଜିବାକୁ ପଡ଼ିଲା। ଗୁରୁଣ୍ଡି ଗୁରୁଣ୍ଡି ଦରଠିଆ ହୋଇ ଯାତ୍ରୀମାନଙ୍କ ପାଖରୁ ଗାଲିଭର୍ତ୍ସନା ଶୁଣି ଅପର ଦରିଜା ପହୁଞ୍ଚଲି ଏବଂ ବସି କରି ପ୍ଲାଟଫର୍ମକୁ ଧଇଲି।

ପୁଅ ବୋହୂ ଝିଅ ଜୋଇଁ (କାହାରି ଶିଶୁ ପୁତ୍ର ବା କନ୍ୟା ନଥିଲେ) ମୋତେ ପାଛୋଟି ନେବାକୁ ଧାଇଁଆସିଲେ। ଗାଡ଼ି ବାହାରେ ଥିଲା । ମୋର ଅବସ୍ଥା ଦେଖି କାନ୍ଦ କାନ୍ଦ ହୋଇ ଛଳଛଳ ଆଖିରେ ଧରାଧରି କରି ଗାଡ଼ି ପର୍ଯ୍ୟନ୍ତ ନେଇଗଲେ।

ଆଶ୍ୱାସନା ଦେବା ଛଳରେ ଡ଼ାକ୍ତର ପୁଅ କହିଲା, "ଏ ରୋଗ କିଛି ନୁହେଁ, ନିଦ୍ରା ଓ ବିଶ୍ରାମ। ଜୀବନଯାକ ଧାଁଧପଡ଼ କରି ରେଳ ବସ୍‌ରେ ସାଇକେଲରେ ଦିନରାତି ଚଢ଼ାଚଢ଼ି କରି ଏ ବେମାର ବାହାରିଛି। ବୁଢ଼ାକାଳରେ ଏ ରୋଗ ସାଧାରଣତଃ ବାହାରିଥାଏ। ଔଷଧ କିଛି ନୁହେଁ, ସେବା ଓ ସାଙ୍ଗ ଅସଲ ଦରକାର ଯିମିତି ରୋଗୀ କେତେବେଳେ ନ ଭାବେ ସେ ଏକୁଟିଆ ବା **unwanted** ଅଦରକାରୀ ଜୀବ ବୋଲି। ଟୁନୁ ତା ବୋହୂ ଯଦି ସାଙ୍ଗରେ ଆସିଥାନ୍ତେ ବା ଆମେ ସମସ୍ତେ ଯାଇ ବାପାଙ୍କୁ ଆଣିଥାନ୍ତୁ।"

"ଯାଇନ ବା ଟୁନୁ ଓ ବୋହୂ ସାଙ୍ଗରେ ସେବା ସାଙ୍ଗ ପାଇଁ ଆସିନାହାନ୍ତି, ଭଲ ହୋଇଛି।" କହିଲି। ଅଦୂରରେ ରିକ୍ସା ଅପେକ୍ଷାରେ ଛିଡ଼ା ହୋଇଥିବା ଦଳବଳକୁ ଦେଖାଇ କହିଲି, "ବାପା! ବେଡ଼ିଂକୁ ଆଉଜି ଉପରକୁ ମୁହଁକରି ଚିତ୍‌ପଟାଙ୍ଗ ହୋଇଥିବା ମୋ ସଙ୍ଗାତ ବୁଢ଼ାକୁ ତା କେସ୍ ସର୍ବତୋଭାବେ ସମାନ ପଚାରିଲେ ସେ କହିବ କିମିତି ଆରାମରେ ପୂର୍ଣ୍ଣ ବିଶ୍ରାମ ସହିତ ମୋ ସାଙ୍ଗରେ ଆସିଛି ପୁଅ ବୋହୂ ଝିଅ ଜୋଇଁ ନାତିନାତୁଣୀଙ୍କ ଗହଣରେ ସମସ୍ତଙ୍କ ସେବା ଓ ସାନ୍ନିଧ ଲାଭକରି। ତା'ର ମୋର ଏତିକି ଫରକ ଯେ, ତା'ର ଦେବା ପାଇଁ ଅଜସ୍ର ଧନ ଦଉଲତ ଯାହା ଉପରେ ଦାୟାଦମାନେ ଆଖି ରଖିପାରିବେ। ସେବାଧର୍ମକୁ ଉତ୍ସାହିତ କରିବା ପାଇଁ ମୋର ଫିକ୍‌ସଡ଼୍ ଡ଼ିପୋଜିଟ୍ ନାହିଁ। ତେଣୁ ମୋର 'ଏକେଲା ଚଲୋ ରେ' ଗୀତ ଗାଇବାକୁ ପଡ଼ିବ। ହାତରେ ଥିବ ବଡ଼ ଏକ ଦଣ୍ଡା ଯାହାକୁ ଆଶ୍ରା ବା ଅବଲମ୍ବ କରି ଚାଲିବି ବା ପାରିଲେ ଭଣ୍ଡ ସେବାଧର୍ମୀଙ୍କ ମୁଣ୍ଡ ଫଟାଇବି।"

Digitized by srujanika@gmail.com

# ସୋଽହମ୍

ସକାଳର ନିତ୍ୟକର୍ମ (ଯଥା ଦାନ୍ତପତ୍ର ଘଷି ଗିଲାସେ ବାସିପାଣି ପିଇବା, ଯୋଡ଼ିଏ ଅନ୍ତଦାମିକା ବିସ୍କୁଟ ଚୋବାଇ କପେ ଚା' ପିଇବା, ଦାଢ଼ି କାଟିବା, ପାଇଖାନାଯିବା, ଗାଧୁଆପାଧୁଆ ପରେ ମୁଣ୍ଡ କୁଣ୍ଡାଇ ତୁଳାରେ କାନଭିତରୁ ପାଣି ବାହାର କରିବା) ପରି ମୋର ପୂଜାପଦ୍ଧତି। ସରଳ, ବିଚାରବୁଦ୍ଧି ସମ୍ମତ। ସର୍ବୋପରି ସମୟାନୁସାରୀ, ସମୟାନୁରୂପ। ମୋଟାମୋଟି ଏକ ଗୌଣକର୍ମ। କମ୍ ସମୟ ନିଏ। ମୋତେ ସକାଳ ଟ୍ରେନ୍ ଧରି କର୍ମକ୍ଷେତ୍ରକୁ ଯିବାକୁ ପଡ଼େ। କିନ୍ତୁ ସକାଳର ପ୍ରଥମ କାମଟି ହେଲା ଫୁଲ ସଂଗ୍ରହ କରିବା, ନିଜ ବାଡ଼ିରୁ ନୁହେଁ ପଡ଼ୋଶୀଙ୍କ ବଗିଚାରୁ।

ବାପା ମାଆ ଜେଜେ ଜିଜିଙ୍କ ପରି ଆମେ ଦୁହେଁ ଶିବଭକ୍ତ। ଲିଙ୍ଗ ରୂପରେ ପାଷାଣ ବା ମାର୍ବଲ ମୂର୍ତ୍ତିରୂପରେ ବା ଅର୍ଦ୍ଧନାରୀଶ୍ୱର ମୂର୍ତ୍ତିର ଫଟୋରୂପରେ ଖୁବ୍ ନିଷ୍ଠା ଓ ବିଶ୍ୱାସରେ ନିର୍ଜଳା ଉପବାସ କରି ଛେପ ନ ଢୋକି ମହାଦେବଙ୍କ ପୂଜାଉପାସନା କରୁଥିଲୁଁ। ଆମେ ପୁରୁଷାନୁକ୍ରମିକ ଲକ୍ଷ୍ମୀଛଡ଼ା। ତେଣୁ ଏଇ ଦରିଦ୍ର, ଲଙ୍ଗଳା ଫୁଙ୍ଗୁଳା, ସାପ ଷଣ୍ଢ ଗଞ୍ଜେଇ ଦୁଦୁରା ପ୍ରିୟ ଠାକୁରଙ୍କୁ ଆପଣାର ମୂର୍ତ୍ତିଭାବି ପୂଜା କରୁଥିଲୁ। ତା'ର ତାଣ୍ଡବ ନାଚ ଏପରି କି ତା'ର ସ୍ତୋତ୍ର "ଜଟାକଟାହରମ୍ଭ୍ରମ...ଧଗଧଗ ଧଗୋଜ୍ଜ୍ୱଳ..." ଆମକୁ ମତୁଆଲା କରୁଥିଲା। କିନ୍ତୁ ଅକାଳରେ ଏକ ଶିବରାତ୍ରିରେ ଅର୍ଦ୍ଧାଙ୍ଗିନୀର ଏବଂ ପରେ ପରେ ଅନ୍ୟ ଏକ ଶିବରାତ୍ରିରେ ପୁତ୍ରସନ୍ତାନର ବିୟୋଗ ହେବାରୁ ମୁଁ ଶିବୁଙ୍କୁ ଶବ ଜ୍ଞାନକଲି। ପିଲାଦିନରେ ପାଦ୍ରୀ ପ୍ରଚାରକ ମୁହଁରୁ ଶୁଣିଥିବା "ଶିବ ପଥର ଜଗା କାଠ, ଆଉ ଦେବତା ମାଠମାଠ" ପଂକ୍ତି ବାରମ୍ବାର ଗାଇଲି। ନିଜେ ନିରୀଶ୍ୱରବାଦୀ ହେଲି, ଅନ୍ୟକୁ ନାନା ଯୁକ୍ତି ବାଢ଼ି ଈଶ୍ୱରଛଡ଼ା କରିବାକୁ ଚେଷ୍ଟାକଲି, ଏପରିକି ଈଶ୍ୱରଭକ୍ତଙ୍କୁ ଧିକ୍କାର ଗାଳିଗୁଲଜ କଲି। ଲୋକେ ମୋତେ ପାଗଳ ଭାବିଲେ, ଏପରିକି ମୋ ସାଙ୍ଗ ଛାଡ଼ିବାକୁ ଲାଗିଲେ।

ଦିନେ ମୋର ହିତାକାଂକ୍ଷୀ ପରମବନ୍ଧୁ ରାଜେନ୍ଦ୍ର ବାବୁ ମୋ ଘରେ ଆସି ପହଞ୍ଚିଲେ। ଘରେ ପଶିଆସି ଚମକିପଡ଼ି ପଚାରିଲେ, "ଏ କାନ୍ଥରୁ ମହାଦେବଙ୍କ ଫଟୋ ଗଲା କୁଆଡ଼େ ?" ତତ୍‌କ୍ଷଣେ ମୁହଁରୁ ଉତ୍ତର ବାହାରିଲା, "ବାଡ଼ି ଗାଡ଼ିଆରେ।" ଗୁରୁ ଗୁରୁ ହୋଇ କହି ଚାଲିଲି, "ସେ ଠାକୁର ପୂଜାରେ କି ଲାଭ ? ଯେଉଁ ଠାକୁର ତୁମର ସବୁଠାରୁ ପ୍ରିୟ ଚିଜକୁ ତୁମପାଖରୁ ଛଡ଼ାଇ ନିଏ ? ଚବିଶ ବର୍ଷର ନିର୍ଜଳା ଚତୁର୍ଦ୍ଦଶୀର ଏଇ ପରିଣତି ! ଶିବ କ'ଣ ଆଉ କୌଣସି ଠାକୁରର ଏ ଘରେ ପ୍ରବେଶ ନାହିଁ।" ବନ୍ଧୁ ଶାନ୍ତଶିଷ୍ଟ ଗଳାରେ କହିଲେ, "ବନ୍ଧୁ! ଠାକୁରଙ୍କୁ ଏତେ ରାଗୁଛ କାହିଁକି ? ସେ ତ ତୁମକୁ ଚିଡ଼ନ୍ତି ନାହିଁ!" ଖୁବ୍ ବର୍ଜାତ୍ ଏ ଠାକୁରଟା। ନିଜ ତିରିଲାକୁ ଦିହରେ ରଖି ଦୁନିଆଁ ଘୁରୁଛି, ପୋଡୁଛି,

Digitized by srujanika@gmail.com

ହିଂସାରେ ମୋର ପାର୍ବତୀଟିକୁ ମୋ ପାଖରୁ ଛଡ଼ାଇ ନେଲା କାହିଁକି ? Beware of the man whose God is in the skies." ନାନା ଯୁକ୍ତିତର୍କ, ବାଦ ବିସମ୍ବାଦ ପରେ ବନ୍ଧୁବର କହିଗଲେ, "ଆପଣଙ୍କ ଶିବ ବଡ଼ ମାରାତ୍ମକ ଦେବତା, କଠୋର ତା'ର ପରୀକ୍ଷା, ତ୍ୟାଗର ସେ ଏକ ମୂର୍ତ୍ତିମନ୍ତ ପ୍ରତୀକ, ଭକ୍ତ ପାଖରୁ ସେ ଚୂଡ଼ାନ୍ତ ତ୍ୟାଗ ଚାହେଁ ।" କେତେ ଦିନ, ମାସ, ବର୍ଷଧରି ବନ୍ଧୁଙ୍କ ପ୍ରରୋଚନାରେ ମୁଁ ନାସ୍ତିକବାଦୀ ସ୍ତରରୁ 'ଆମେ କିଛି ଜାଣୁନା' ସ୍ତରକୁ (Agnostic) ଉଠିଲି । ବାସ୍ ସେତିକି ।

ମନୁଷ୍ୟର ଔଦ୍ଧତ୍ୟ, ଜିଦ୍, ଦମ୍ଭ ବେଶିଦିନ ରହେନାହିଁ । ମୁଁ ସିନା କମ୍ବଳ ଛାଡ଼ିଲି କମ୍ବଳ ମୋତେ ଛାଡୁନି ବରଂ ଜୋରେ ଜାବୁଡ଼ି ଧରୁଛି ପରି ଦିନକୁ ଦିନ ଲାଗିଲା । ମଣିଷ ଜୀବନରେ ଏତେ ଦୁଃଖ, ଏତେ ଦୈନ୍ୟ, ଏତେ ବୈଫଲ୍ୟ, ନୈରାଶ୍ୟ ହାହାକାର ଯେ ଢେଉପରେ ଢେଉ ଆସି ପହଁରି ଜାଣିନଥିବା ମଣିଷକୁ ସମୁଦ୍ର ଯେପରି ଚିତ୍ ଦିଏ ମୋତେ ବି ସିମିତି ଆକୁପାକୁ କରିଦେଲା । ଆଶ୍ରା କାହିଁ ? ତାତୋ, ନ ମାତା, ନ ବନ୍ଧୁ, ନ ଭ୍ରାତା । ଗତି କାହିଁ ? quo vadis ? ସ୍ୱାହରା ଲୋକ କ'ଣ ଏତେ ନିରାଶ୍ରୟ !

ଗତିସ୍ତ୍ୱଂ ଗତିସ୍ତ୍ୱଂ ମମେକା ଭବାନି ! ନା, ନା ଭବାନୀ ନୁହେଁ । ଆଉ ଯିଏ ହେଉ ପଛେ । ଗୀତା, ଭଗବତ, ଶାସ୍ତ୍ରପୁରାଣ ଧଇଲି । ଖାଲି ସୁର, ଗୀତ, କବିତା, ଫମ୍ପା ଶୁଭିଲା ଲାଗିଲା । କିନ୍ତୁ ଅବଶେଷରେ ଏତିକି ଲାଭହେଲା ଯେ ଶିବ ଛଡ଼ା ଅନ୍ୟ ଠାକୁରମାନଙ୍କୁ ମୁଦ୍ରା ଯାଞ୍ଚ କଲାପରି ଗୋଟିକି ଗୋଟି ବଜାର ପରୀକ୍ଷାନିରୀକ୍ଷା କଲି । କେହି ମୋ ଆଗରେ ଛିଡ଼ା ହୋଇପାରିଲେନି । ଆହୁରି ଦୁଃଖର କଥା ରକ୍ତମାଂସର ମଣିଷଙ୍କୁ ବା ବଞ୍ଚିଥିବା ଲୋକଙ୍କୁ କୌଣସି ମତେ ଈଶ୍ୱରଙ୍କ ଆସନ ଦେଇପାରିଲି ନାହିଁ କାରଣ ସେମାନେ ପରିପୂର୍ଣ୍ଣ ନୁହନ୍ତି, ଭକ୍ତିର ଉଦ୍ରେକ କରିପାରନ୍ତି ନାହିଁ ।

ଅଲୌକିକ ଘଟଣା ଘଟିଲା ପରି ଅଥଳ ସମୁଦ୍ରରେ ବୁଡ଼ିଯାଇଥିବା ମଣିଷଟିଏ ଭାସି ଆସୁଥିବା ଜ୍ୟୋତିଷ୍ମାନ୍ ଦାରୁଟିଏ ପାଇଲା । ପୁରୀରେ ସେ ଦାରୁଦେବତାକୁ ପାଇଲି । ଅରୂପ ଅରେଖ ନୁହେଁ, ବରଂ କୁରୂପ, ଅଦ୍ଭୁତ ଉଦ୍‌ଭଟ ମୂର୍ତ୍ତି । ଆଖିଦୁଇଟା ଅଜଗର ସାପର ଆଖିପରି ଶୀକାରକୁ ମୋହ Mesmerise କଲାପରି ମୋତେ ଟାଣିନେଲା । ନା ନା ମୁଁ ଆପେ ଆପେ ଟାଣି ହୋଇଗଲି । ପୁଣି ସସ୍ଥାନକୁ ଆସିଲି । ପୁଣି ବିଦ୍ୟୁଳିତା ଆସିଲା, କାନ୍ଥବାଡ଼ ପ୍ଲେଟ୍‌କପ୍ ବିଡ଼ି ଦିଆସିଲି ମଟର ସାଇକେଲ ସର୍ବତ୍ର ଝୁଲାଇଲି ତା'ର ଛବି । ଆଖି ଦିଟା ଯଥେଷ୍ଟ ।

କେଉଁ ଏକ ବ୍ୟବସାୟ ପ୍ରତିଷ୍ଠାନର କେଲେଣ୍ଡରରେ ଯେଉଁ ମୂର୍ତ୍ତି ଛାପିଥିଲା ତାକୁ ତିନିଟଙ୍କାରେ ବନ୍ଧାଇ ଆଣି ଥୋଇଲି ଏବଂ ରଖିଲି ସେଇ ସ୍ଥାନରେ କିଛିବର୍ଷ ପୂର୍ବେ ଯେଉଁଠି ଶିବଲିଙ୍ଗ ଥାପିଥିଲି । ଏଥର ସୁରଧରି ଗାଇଲି, "ମୁଦାଭିରୀ ନାରୀ ବଦନ କମଳାସ୍ୱାଦ ମଧୁପ ।"

Digitized by srujanika@gmail.com

ପୂଜା ପଦ୍ଧତି ସିମିତି ସହଜ ସରଳ ଚୁମ୍ବକ। ଫୁଲଧରି ଛିଡ଼ାହୁଏଁ, ଦଣ୍ଡେ ଚାହେଁ ମୂର୍ତ୍ତିକି, ତା'ର ଦୁଇ ଆଖି ମୋ ନାକ ଆଗରେ ମିଶିଲାମାତ୍ରେ ମୋର ପୂଜା ଶେଷ । ଆଠଦଶ ସେକେଣ୍ଡର କଥା। ବଳରାମ ସୁଭଦ୍ରା ଆଡ଼କୁ ଚାହିଁବାକୁ ବେଳ ନାହିଁ। ତାଛଡ଼ା ମୁଁ ବୁଝିପାରେନାହିଁ ଏ ଦୁହେଁ କାହିଁକି ଏଡ଼େ ବଡ଼ ଲୋକପାଖରେ ବସିଛନ୍ତି। ମନ୍ଦିରରେ ଦେଖିଛି ଜଗା ଦଶଟଙ୍କା ପାଇଲେ, ବଳରାମ ଦୁଇଟଙ୍କା, ସୁଭଦ୍ରା ଟଙ୍କାଏ ମଷାଏ ମାତ୍ର। ସେମାନଙ୍କ ଆଡ଼କୁ ହାତ ଯାଏନି।

ଏମନ୍ତେ କେତେଦିନ ଗଲା। ଆତ୍ମାର ତୃପ୍ତି କି ଆତ୍ମତୃପ୍ତି ନାହିଁ। ପ୍ରତିଦିନ ସେଇ ଏକା କଥା: ଜୀବନ୍ତ କିଛି ସମ୍ପର୍କ ନାହିଁ। ଗାଡ଼ିଆକୁ ଫୋପାଡ଼ି ପାରିଲି ନାହିଁ ଯିମିତି ଆଗରୁ ଶିବଙ୍କ ଫଟୋକୁ ବିସର୍ଜନ ଦେଇଥିଲି।

ପିଲାଦିନରେ ପଢ଼ିଥିବା କଥାଗୁଡ଼ାକ ଜୀବନସାରା ମନେରହେ, କାମକୁ ମଧ୍ୟ ଆସେ। ପିତା ଧର୍ମ ପିତା ସ୍ୱର୍ଗ, ପିତାମାତା ପରି ଆଉ କେ ଅଛି ସଂସାରେ, ପିତରି ପ୍ରୀତିମାପନ୍ନେ ପ୍ରିୟନ୍ତେ ସର୍ବ ଦେବତା, ବାପା ମାଆଙ୍କୁ ଅନେକ ଦିନ ଧରି ହୃଦୟାସନରୁ ତଡ଼ି ଦେଇଥିଲି। ଜଗନ୍ନାଥଙ୍କ ପ୍ରତି ଅନାସ୍ଥାଭାବ ଆସନ୍ତେ ପୁଣି ହୃଦୟରେ ଯେଉଁ ଭେକ୍ୟୁମ୍ ସୃଷ୍ଟିହେଲା ତାକୁ ପୂରଣ କରିବା ପାଇଁ ବାପା ମାଆଙ୍କ ଫଟୋ ଯୋଗାଡ଼ କଲି। ବଞ୍ଚିଥିବା ଅବସ୍ଥାରେ ବାପା ମାଆ ଏକାଠି ବସୁନଥିଲେ, ଏକତ୍ର ଯୋଡ଼ାଯୋଡ଼ି ହୋଇ କାହିଁ ବାହାରକୁ ଯାଇନଥିଲେ । ଲାଜ ଲାଗୁଥିଲା ପରସ୍ପରକୁ। ଫଟୋରେ ମଧ୍ୟ ଏକାଠି ଯୋଡ଼ିହୋଇ ବସୁନଥିଲେ। ଛିଃ, ଲୋକେ କ'ଣ କହିବେ ? ପୁରୁଣା ଫଟୋରୁ ପୃଥକ୍ ପୃଥକ୍ ଥିବା ବାପାମାଆଙ୍କ ଛବି କାଟି ଦୁହିଁଙ୍କି ଏକାଠି କରି ବଡ଼ ଫଟୋଟିଏ ବନ୍ଧାଇଲି। କ୍ଷୀଣକାୟ, କ୍ଷୀଣକାୟା ଦୁଇପ୍ରାଣୀ ମଳିନ ବସନ ପରିହତ ଯୋଡ଼ିଏ ଜୀବ। ତଥାପି ସେମାନେ ଜନ୍ମଦାତା, ଅନ୍ନଦାତା, ଭୟତ୍ରାତା ଆଦି ପଞ୍ଚପିତର ଏକାଧାରରେ । କେତେ ଦୁଃଖକଷ୍ଟ ନ ସହିଛନ୍ତି ଦୁହେଁ, କେଡ଼େ ନିଃସ୍ୱାର୍ଥ! ଯୋଡ଼ିଏ ପାରାଙ୍କ ଜୀବନ ଲକ୍ଷ୍ୟ କଚନ୍ଥୁ। ଦିନଯାକ ପ୍ରତି ମୁହୂର୍ତ୍ତରେ ବାପା ନ ହେଲେ ମାଆ ଲୋଭୀ ସନ୍ତାନ ଦୁହିଁଙ୍କି ଖୁଆଉଛନ୍ତି। ନିଜେ ନ ଖାଇ କେତେ କେତେ ବିପଦ ବରଣ କରି ଏବଂ ସନ୍ଧ୍ୟାରେ ଦସାକୁ ଆସିବାରୁ ଅଝଟ ଅମାନିଆ ପିଲା ଦିହେଁ ପୁଣି ମୁଖ୍ୟବ୍ୟାଦାନ କରି ମାଗନ୍ତି ଯେତେବେଳେ ସେମାନେ ନିଜ ତଣ୍ଟିରୁ ବାହାର କରି ଖୁଆଇଛନ୍ତି ଓ ରାତିଯାକ ଓପାସରେ ଶୁଅନ୍ତି। ବାପା ମାଆଙ୍କୁ ଦେଖିଲେ ମତେ କାନ୍ଦ ମାଡ଼େ। ଅଶ୍ରୁଧାରା ଝରେ।

ଜଗନ୍ନାଥଙ୍କ ଫଟୋ ତଳଥାକରେ ରଖିଲି ବାପା ମାଆଙ୍କ ଫଟୋକୁ। ଜଗନ୍ନାଥଙ୍କୁ ଫୁଲଟିଏ ଦେଇ ଦଣ୍ଡେ ଧ୍ୟାନକରି ହାତଯୋଡ଼ି ନମସ୍କାର କଲାପରି ବାପା ମାଆଙ୍କୁ ଫୁଲଟିଏ ସହିତ ଅଞ୍ଜଳି ନମସ୍କାର ଜଣାଏ ଏବଂ ଖୁସିଲାଗେ ଯେ ପୁତ୍ରର କର୍ତ୍ତବ୍ୟ ସମ୍ପାଦନ କରୁଛି।

Digitized by srujanika@gmail.com

ଖୁବ୍ ଗର୍ବ ଅନୁଭବ କରେ ଯେ ମୋର ସମସ୍ତ ଅଙ୍ଗପ୍ରତ୍ୟଙ୍ଗର ପ୍ରତିଫଳନ ବାପାଙ୍କ ଚେହେରାରେ ଏବଂ ମାଆର ମୁହଁ ଓ ଚୂଳରେ ଅବିକଳ ମୋର ମୁହଁ ଓ ଚୂଳ ଦେଖି। ଭଗବାନ ମୋର ସ୍ରଷ୍ଟା, କିନ୍ତୁ ଏ ଦୁହେଁ ମୋର ସ୍ଥିତି ହେତୁ ତେଣୁ ନମସ୍କାର ବାରମ୍ବାର।

ଦିନେ ବାପା ମାଆଙ୍କୁ ଫୁଲଟିଏ ଦେଇସାରି ହାତଯୋଡ଼ି ଜୁହାର କରୁଛି କିଏ ଯିମିତି ମତେ କହିଲା, "ତୁମେ କିମିତି ଲୋକ ଭଲା! ତୁମର ପଚିଶ ବର୍ଷଯାଏ ସେମାନେ ତୁମକୁ ପାଳିଥିଲେ, ତା'ପରେ ଆଉ ପଚିଶ ବର୍ଷ ତୁମକୁ କିଏ ପାଳିଥିଲା, ବଞ୍ଚାଇଥିଲା, ଘରଦ୍ୱାର ଗଢ଼ିଥିଲା, ଛୁଆପିଲା ଦେଇ ବଂଶ ରକ୍ଷା କରିଥିଲା ? କିଏ ତୁମର କାୟା ପାଖରେ ଛାଇ ହୋଇ ରହିଥିଲା ?" ମୋର ଚେତା ପଶିଲା। ବଙ୍କାସୁନ୍ଥା ଥିବା ୟାଙ୍କ ସ୍ତ୍ରୀଙ୍କ ସୁନ୍ଦର ଫଟୋଟିଏ ତୁରନ୍ତ ବନ୍ଧାଇ ଆଣି ବାପା ମାଆଙ୍କ ଫଟୋ ଥିବା ଥାକ ତଳକୁ ରଖିଦେଲି ଏବଂ ଜଗନ୍ନାଥଙ୍କ ପରେ ବାପା ମାଆଙ୍କୁ ଓ ତାପରେ ନିଜ ସ୍ୱର୍ଗତା ସ୍ତ୍ରୀଙ୍କୁ କ୍ରମାନ୍ୱୟରେ ଫୁଲଦେଇ ନମସ୍କାର କରୁଛି ରହିଗଲି ଏବଂ ନିଜକୁ ପଚାରିଲି, 'ନିଜ ସ୍ତ୍ରୀକୁ ଫୁଲ ଚନ୍ଦନ ଦେଉଛି କେଉଁ ନ୍ୟାୟରେ ?' ମନେପଡ଼ିଲା ଅଜା ଶ୍ୱଶୁରଙ୍କ କଥା। ଦିନେ ସେ ମତେ ପଚାରିଲେ "ତୁମେ କେତେଥର ଜନ୍ମିଲଣି ?" ମୁଁ କହିଲି, "ମଣିଷ କେତେଥର ଜନ୍ମନ୍ତି କି ? ମୁଁ ଥରେ ଜନ୍ମିଛି। ସେ ମୁଣ୍ଡ ହଲାଇ ପୁଣି ପଚାରିଲେ, "ତୁମର ପିଲାଝିଲା କେତୋଟି ?" ମୁଁ କହିଲି, "ଚାରୋଟି"। ସେ ଅଳ୍ପ ହସି କହିଲେ, "ତୁମେ ଚାରିଥର ଜନ୍ମିଲଣି, ତୁମ ଜାୟା ଗର୍ଭରେ।" ତାହେଲେ ମୋ ସ୍ତ୍ରୀ ମୋର ମାଆ ! ରାମକୃଷ୍ଣ ସାରଦାଙ୍କ ପଦତଳେ ପଡ଼ିଥିଲେ ତେବେ ଏହି ନ୍ୟାୟରେ। ଏକାଧାରାରେ ମୋର ଛୁଆମାନଙ୍କ ମାଆ ଏବଂ ମୋର ମାଆ ରୂପରେ ତାଙ୍କରି ଫଟୋ ପ୍ରତିଦିନ ଜଗନ୍ନାଥ, ବାପା ମାଆଙ୍କ ସହିତ ଫୁଲ ଓ ନମସ୍କାରର ଭାଗୀଦାର ହେଲା।

ପୂଜା କରିବା ପାଇଁ ମଣିଷ ଏଡ଼େ ବ୍ୟଗ୍ର ଆଗ୍ରହୀ ହୁଏ କାହିଁକି, ଯେତେ ପୂଜାକଲେ ତା' ମନ ମାନେ ନାହିଁ କାହିଁକି ଏବଂ ନୂଆ ନୂଆ ଠାକୁର ଖୋଜେ କାହିଁକି ? କାହିଁକି କେଜାଣି କାଠପଥର ମଲା ମଣିଷକୁ ଛାଡ଼ି (ଛାଡ଼ି କହିଲେ ଠିକ୍ ହେବନି ମନ ମାନିଲା ନାହିଁ କହିବା ଭଲ) ଆଉ ଏକ ଠାକୁର ଥାପିଲି। ଭଗବାନଙ୍କ ମୁଖନିଃସୃତ ବାଣୀ ବୋଲି ବାଇବେଲ, ଭଗବତ୍ ଗୀତା ଥିଲା। ସେ ଦୁଇଗ୍ରନ୍ଥର ସାଙ୍ଗକୁ ମୋର ଯେତେ ଯେତେ ଛାପା ଗଳ୍ପବହି ଥିଲା ତାକୁ ଥାକକରି ସ୍ତ୍ରୀଙ୍କ ଫଟୋ ପାଖକୁ ଥୋଇଲି ଏବଂ ସେଇ ନିଜ ଲେଖା ବହିକୁ ପୂଜାକଲି, ସେଗୁଡ଼ିକରେ ମୋରି ଆଲେଖ୍ୟ ଦେଖିଲି। ପ୍ରତିଥର ବହିଟିଏ ଛପାହେଲେ ଜଗନ୍ନାଥ ମନ୍ଦିରକୁ ଯାଏ ଅଙ୍ଗଲାଗି କରାଏ, ଧାଡ଼ିଏ ଦିଧାଡ଼ି ପୁରୋହିତ ସେଥିରୁ ପଢ଼ି ଠାକୁରଙ୍କୁ ଶୁଣାନ୍ତି। ତୁଳସୀ ଧଣ୍ଡାମାଳ ବହି ଭିତରେ ଥୋଇ ଘରକୁ ଆଣେ। ମୋର ନିଜବାଣୀ ଠାକୁରଙ୍କର ଭାଗବତ ବାଣୀରେ ପରିଣତ ହୁଏ। ବହି ଉପରେ ଲେଖିଦିଏଁ, "ଏ ବହି ଜଗନ୍ନାଥଙ୍କ ଅଙ୍ଗ ଛୁଇଁଛି ଯେ ଏ ବହି ଛୁଇଁବ ସେ ଠାକୁରଙ୍କୁ ଛୁଇଁବ।" ଜେଜେବାପାଙ୍କ ଭାଗବତ ଗାଦି ପରି ମୋ ବହିର ଗଦା।

Digitized by srujanika@gmail.com

ଦିନେ ଏକ ଆଶ୍ଚର୍ଯ୍ୟ ଘଟଣା ଘଟିଲା । ପାଞ୍ଚୋଟି ଫୁଲ ଆଣି ପୂଜା ଆରମ୍ଭ କରି ପ୍ରଥମଟି ଜଗନ୍ନାଥ ବଳଭଦ୍ର ସୁଭଦ୍ରାଙ୍କ ଫଟୋରେ ଦ୍ୱିତୀୟଟି ବାପା ମାଆଙ୍କ ଫଟୋରେ, ତୃତୀୟଟି ସ୍ତ୍ରୀଙ୍କ ଫଟୋରେ ଏବଂ ଚତୁର୍ଥଟି ମୋ ନିଜକୃତ ବହିଥାକରେ ଥୋଇ ଜଣଜଣ କରି ଚାରିଥର ଜୁହାର କଲି । ବାକି ଫୁଲଟି କାହାକୁ ଦେବି ନିଷ୍ପତ୍ତି କରିନପାରି ଚାହିଁଲି ସେଇ ଚାରିଙ୍କି । ଜଣାଗଲା ସେମାନେ ପ୍ରତ୍ୟେକେ ଲୋଭୀପରି ମାଗୁଛନ୍ତି ସେ ଫୁଲଟିକି । କାଳେ କାହାରି ଦୋରେହା ହେବି, ଅଭିଶାପ ପାଇବି, ସେଇ ଭୟରେ ସେମାନଙ୍କୁ ସମସ୍ତଙ୍କୁ ସ୍ମରଣ କରି ଆଖିବୁଜି ହନୁମାନ ପ୍ରଶ୍ନ ବହିରେ ଅଙ୍ଗୁଳି ଦେଲାପରି ହାତ ଚଳାଇଲି ଯାହାକୁ ପାଇବି ତାକୁ ଦେବି । ଶେଷରେ ହାତ ଗୋଟାଏ ଫଟୋ ଉପରେ ରହିଲା । ତାଙ୍କୁଇ ଫୁଲଟି ଦେଇ ଜୁହାର ହେଉଛି ଆଖି ଫିଟାଇଲି, ଇଏ କ'ଣ ? ଇଏ କାହା ଫଟୋ ? ଠାକୁରଙ୍କ ଥାକକୁ ଲାଗି କାନ୍ଥଟାରେ କେବେ କିଏ ବଢ଼ିଆ ଫଟୋଟିଏ ଆଣି ଟାଙ୍ଗି ଦେଇଛି । ଛଅ ହଜାର ଟଙ୍କା ମୂଲ୍ୟର ଜାପାନୀ କ୍ୟାମେରାରେ ନିଆଯାଇଥିବା ରଙ୍ଗୀନ ଫଟୋ । ବଡ଼ପୁଅ କେବେ ତାକୁ ଏନ୍‌ଲାର୍ଜ କିର ବିଦେଶୀ ବାଇଣ୍ଡିଙ୍ଗ୍‌ରେ ଝୁଲାଇ ଦେଇଛି ମୋର ବିଛଣା ପାଖରେ । ଯେମିତି ଶୋଇଲେ ମୋରି ରୂପ ମୁଁ ଦେଖିପାରିବି । ଅପୂର୍ବ ଚେହେରା, ନାକ, କପାଳ, ଚଷମା ଏବଂ କୋର୍ଟ । ସମସ୍ତଙ୍କ ଫଟୋ ବା ରୂପକୁ ବଳି ମୋର ରୂପ ପୋଟ୍ରେଟ୍ । ମସ୍ତକ ନଇଁଯିବ । ବାଃ । ହାତରେ ଥିବା ବାକି ଫୁଲଟାର ଯାରି ପ୍ରାପ୍ୟ । ନିଜ ପ୍ରତିମୂର୍ତ୍ତି ପୂଜାକରିବା ବା ନିଜ ବନ୍ଦନା ପଢ଼ିବାଠୁଁ ପରମ ତୃପ୍ତିକର ଆଉ କ'ଣ ଥାଇପାରେ ! ଫୁଲଟି ତାରି ଉପରେ ଥୋଇ ନିଜକୁ ନିଜେ ଜୁହାର ହେଲି । ବିଶ୍ୱରୂପ ଦିଶିଗଲା । ଯାରି ଭିତରେ ମୁଁ ହରପାର୍ବତୀଙ୍କ ଅର୍ଦ୍ଧନାରୀଶ୍ୱର ମୂର୍ତ୍ତି, ଜଗାବଳିଆ, ସୁଭଦ୍ରାଙ୍କ ମୂର୍ତ୍ତି, ବାପା ମାଆଙ୍କ ଯୁଗଳ ମୂର୍ତ୍ତି, ମୋରି ସ୍ତ୍ରୀଙ୍କ ଏକକ ମୂର୍ତ୍ତି ଏବଂ ନିଜ ମାନସ ସନ୍ତାନ ସନ୍ତତିଙ୍କ ଛବି ଓତଃପ୍ରୋତ ହୋଇ ରହିଥିବାର ଦେଖିଲି । କି ବିଚିତ୍ର ! ଆତ୍ମାର ତୃପ୍ତ ହେଉ ନ ହେଉ ଆତ୍ମତୃପ୍ତି ହେଲା ।

ସକଳ ତୀର୍ଥ ତୋ ଚରଣେ, ବଦ୍ରିକା ଯିବୁ କି କାରଣେ । ପରଦିନ ଜଗନ୍ନାଥଙ୍କ ଫଟୋ, ବାପା ମାଆଙ୍କ ଫଟୋ, ସ୍ତ୍ରୀଙ୍କ ଫଟୋ ଏପରିକି ଭାଗବତଗାଦୀକୁ ସେଠାରୁ ଉଠାଇ ନେଇ ଅନ୍ୟତ୍ର ରଖିଦେଲି । ମନେ ମନେ ଖୁସି ଯେ ଏତେଗୁଡ଼ିଏ ଦିଅଁ ଦେବତାଙ୍କୁ ପୂଜା କରିବା ହେଙ୍ଗାମରୁ ବର୍ତ୍ତିଗଲି । କେବଳ ଜଣେ ହିଁ ରହିଲେ । ଏକମେବା ଦ୍ୱିତୀୟ ନାସ୍ତି ।

ମୋର ଭକ୍ତି ଆତ୍ମାବାଦର ପରିଣତ ତନଖି କରିବା ପାଇଁ ବହୁଦିନ ପରେ ରାଜେନ୍ଦ୍ର ବାବୁ ମୋର ଦ୍ୱାରସ୍ଥ ହେଲେ । ବେଡ୍‌ରୁମ୍ ତଥା ଠାକୁର ଘର ଭିତରେ ଅଭାବନୀୟ ପରିବର୍ତ୍ତନ ପଲକମାତ୍ରେ ଲକ୍ଷ୍ୟକରି ପ୍ରଶ୍ନିଳ ଚକ୍ଷୁରେ ମୋ ଆଡ଼କୁ ଚାହିଁଲେ, ଯେମିତି ସେ ଜାଣିବାକୁ ଚାହୁଁଛନ୍ତି ଫଟୋମାନଙ୍କ ବିଚିତ୍ର ସମାବେଶ ପରିବର୍ତ୍ତେ ଏ କ'ଣ

Digitized by srujanika@gmail.com

ହୋଇଛି । ଚୁମ୍ବକରେ ତାଙ୍କୁ ବୁଝାଇ ଦେଲି କିପରି ମୋର ସିଦ୍ଧି ଓ ଦିବ୍ୟ ଜୀବନଲାଭ ହୋଇଛି ବାରବର୍ଷରେ ପୂଜା ତପସ୍ୟାରେ । ମୋର ରଙ୍ଗୀନ ଫଟୋ ତଳେ ବଡ଼ ବଡ଼ ଅକ୍ଷରରେ ଲେଖା ହୋଇଥିବା ସୋଽହମ୍ ଅକ୍ଷର ତିନୋଟିକୁ ତାଙ୍କୁ ଦେଖାଇ କହିଲି, "ଯାର ଅର୍ଥ ମୁଁ ସେଇ, ସେଇ ମୁଁ । ତେଣୁ ମୁଁ ତେତିଶ କୋଟି ଦେବଦେବୀ ଓ କୋଟି କୋଟି ପରମାରାଧ ମହାପୁରୁଷଙ୍କ ପୂଜା ପରିତ୍ୟାଗ କରି ନୂତନ ସିଦ୍ଧି ପାଇଁ ନିଜକୁ ପୂଜା କରୁଛି । କୁହନ୍ତୁ, ପାଟିକରି ବଜ୍ର ନିର୍ଘୋଷରେ କୁହନ୍ତୁ, "ସୋଽହମ୍, ସୋଽହମ୍, ସୋଽହମ୍" । ବୋଲ ଭାଇ 'ହରିବୋଲ' ।

Digitized by srujanika@gmail.com

# ଲେଖକଙ୍କ ଗ୍ରନ୍ଥପଞ୍ଜି

| ପ୍ରକାଶନ କାଳ | ବହିର ନାମ | ମନ୍ତବ୍ୟ |
|---|---|---|
| ୧୯୬୦ | Sir Roger at Test Cricket (Illustrated) | Sir Roger De Coverly Papers ଅନୁସରଣରେ |
| ୧୯୭୦ | ନବନାଟିକା | କେତୋଟି ଶ୍ରେଷ୍ଠ ଇଂରାଜୀ ଏକାଙ୍କିକାର ସାବଲୀଳ ଅନୁବାଦ |
| ୧୯୬୭ | ଏଣ୍ଟି ରୋମାଣ୍ଟିକ୍ | ୧୯୬୮ରେ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ |
| ୧୯୭୦ | ଚମ୍ପା | ଫକୀର ମୋହନ ସେନାପତିଙ୍କ 'ଛ' ମାଣ ଆଠଗୁଣ୍ଠ'ର ନାଟ୍ୟରୂପ |
| ୧୯୭୦ | ଦୁଇଟି ଭ୍ରମଣ କାହାଣୀ | ଇଉଲିସେସ୍‌ଙ୍କ ଭ୍ରମଣ କାହାଣୀ, ମାନ୍‌ଚ୍ୟୁସେନ୍‌ଙ୍କ ଭ୍ରମଣ କାହାଣୀ (ଶିଶୁ ସାହିତ୍ୟ)ର ଅନୁବାଦ |
| ୧୯୭୪ | ସଞ୍ଚୟନ | ପୁରାଣଯୁଗରୁ ସାଂପ୍ରତିକ ଯୁଗ ପର୍ଯ୍ୟନ୍ତ ଓଡ଼ିଆ କବିତାର ସଙ୍କଳନ (କେନ୍ଦ୍ରୀୟ ସାହିତ୍ୟ ଏକାଡେମୀ) |
| ୧୯୭୭ | ଲେମ୍ବଙ୍କ ସେକ୍ସପିଅର କାହାଣୀମାଳା | ଭାରତୀୟ ଭାଷାରେ ପ୍ରଥମେ ପ୍ରକାଶିତ (ଅନୁବାଦ) |
| ୧୯୭୯ | ରାଜା (ରବୀନ୍ଦ୍ର ନାଥ ଠାକୁର) | ପଞ୍ଚନାଟକ, ରବୀନ୍ଦ୍ର ନାଥ ଠାକୁର (ଅନୁବାଦ) |
| ୧୯୮୧ | ଗଙ୍ଗା ଓ ଗାଙ୍ଗୀ | ଗଳ୍ପ ସଙ୍କଳନ ୧୨ଟି ଗଳ୍ପର |
| ୧୯୮୨ | ହାଇଦ୍ରାବାଦ ଅଙ୍ଗୁର | ଗଳ୍ପ ସଙ୍କଳନ ୧୪ଟି ଗଳ୍ପର |
| ୧୯୮୨ | ମାଂସାଶୀମାନଙ୍କ ଉଦ୍ଦେଶ୍ୟରେ | ଗଳ୍ପ ସଙ୍କଳନ ୧୨ଟି ଗଳ୍ପର |
| ୧୯୮୨ | ଗୋଟାଏ ଆଳୁ | ଗଳ୍ପ ସଙ୍କଳନ ୧୪ଟି ଗଳ୍ପର |
| ୧୯୮୩ | ନୀଡ଼ାଶ୍ରୟୀ | ଗଳ୍ପ ସଙ୍କଳନ ୧୨ଟି ଗଳ୍ପର |
| ୧୯୮୩ | ଆକାଶୀ ଫୁଲ | ଗଳ୍ପ ସଙ୍କଳନ ୧୩ଟି ଗଳ୍ପର |
| ୧୯୮୩ | ଅଜାଘା ଘାଆ | ଗଳ୍ପ ସଙ୍କଳନ ୧୨ଟି ଗଳ୍ପର |
| ୧୯୮୪ | Phakir Mohan: His life and literature | Essay on Phakir Mohan and retranslation of six stories |

Digitized by srujanika@gmail.com

| | | |
|---|---|---|
| ୧୯୯୧ | ମେଜର ଅପାରେଶନ | ଗଳ୍ପ ସଙ୍କଳନ ୧୫ଟି ଗଳ୍ପର |
| ୨୦୦୦ | ପୁଅ ପାଇଁ ଝିଅ | ଗଳ୍ପ ସଙ୍କଳନ ୨୧ଟି ଗଳ୍ପର |

***Articles in Indian Literature***
***(Central Sahitya Academy Journal)***

1969-
1970

1. Nil Shaila
2. One or Two Outstanding Books
3. Neither Boms nor Whimper
4. Much Paper More Poverty

ଅପ୍ରକାଶିତ:

| | |
|---|---|
| ବାସନ୍ତୀ ରମ୍ୟରଚନାମାଳା-୧ ଅକାଳେ ସକାଳେ | ମୁକ୍ତ ଅନୁବାଦ (ଲଳିତନିବନ୍ଧ) Statesmanର Now and Again ସମ୍ଭରୁ |
| ବାସନ୍ତୀ ରମ୍ୟରଚନାମାଳା-୨ ବୁଢ଼ାବାବୁ ଓ ଅନ୍ୟାନ୍ୟ | ଅନାଧାରିତ ରମ୍ୟରଚନା |
| ବାସନ୍ତୀ ରମ୍ୟରଚନାମାଳା-୩ ଆଜ୍ଞା ଟିକିଏ ଦୟାକରି ଓ ଅନ୍ୟାନ୍ୟ | ଆଧାରିତ ରମ୍ୟରଚନା |

* ଏତଦ୍‌ବ୍ୟତୀତ ଗାଳ୍ପିକଙ୍କର ଅନେକଗୁଡ଼ିଏ ଗଳ୍ପ, ଇଂରାଜୀ, ହିନ୍ଦୀ ଓ ତେଲୁଗୁରେ ଅନୁଦିତ ହୋଇ ସେହି ଭାଷାର ପତ୍ରିକାରେ ସ୍ଥାନିତ ।

Digitized by srujanika@gmail.com

ଅଗ୍ରଦୂତ, କଟକ-୨

ମୂଲ୍ୟ: ଟ.୩୫୦.୦୦

Digitized by srujanika@gmail.com

ଅଗ୍ରଦୂତ, କଟକ-୨

ମୂଲ୍ୟ: ଟ.୩୫୦.୦୦

Digitized by srujanika@gmail.com